ଆନନ୍ଦାତ୍ ହି ଖଲୁ ଇମାନି ଭୂୟନ୍ତେ—

ତୃତୀୟ ବର୍ଷ—୧ମ ସଂଖ୍ୟା



ଗାନ୍ଧୀ କେଳା ଓ ସୁଭାଷ

odia.org



ଅଚ୍ଛା ବାଗେ ନାଚୁଥିଲ ଅଗେ ଧିନକଟି,
ଏବେ କାହିଁ କଣ୍ଢେଇଟା ହୁଏ ଛଟିପିଟି ।

Digitized by srujanika@gmail.com




Digitized by srujanika@gmail.com

ଡଗର
ଜ୍ୟେଷ୍ଠ ପ୍ରଥମାର୍ଦ୍ଧ
୫ବର୍ଷ ୧ମ ସଂଖ୍ୟା
ଅଗ୍ରିମ
୧।୬।୩୯



ଡଗର
ଖଣ୍ଡ—୫୦/
ବାର୍ଷିକ(ସଡାକ)୨୧୯
ଛାତ୍ରମାନଙ୍କ ପାଇଁ ୧୯
ରାଜସଂସ୍କରଣ -୫୬୯

ଆଗ କାଳର ରଜା ରାଣୀ ଓ ବାଦଶା ଜଣକ ଅପରାଧୀ ପୁଅଙ୍କୁ ମଧ୍ୟ ଦଣ୍ଡ ଦେଉଥିଲେ । ରାଜଦଣ୍ଡ ବା ନ୍ୟାୟଦଣ୍ଡ ଯେ ଧରୁଥାଏ ତାର ପର ଆପଣା ଭେଦ କରିବା ଉଚିତ ନୁହେଁ । ଏବ କାଳରେ କେଉଁ ରାଜା ମାଛ ଖାଇବା ଅପରାଧରେ ଲୁଥରେ ତାଙ୍କ ବାଳେଇଙ୍କୁ ଜେଲ ଦେଉଥିଲେ । ଯାହାହେଉ ଏ ସବୁ ଉପରେ ଶୁଣା କଥା । ଏଣିକି ଆଖିରେ ଯାହା ଦେଖାଗଲା, ତାହା ମଧ୍ୟ ସେହିପରି ଚମତ୍କାରଅ ।

ସୀମାନ୍ତ ପ୍ରଦେଶର ପ୍ରଧାନ ମନ୍ତ୍ରୀ ଡ. ଖାଁ ସାହେବଙ୍କ ପୁଅ କୌଣସି ସୂତ୍ରେ ସରକାରୀ କାମରେ ବାଧା ବା ପ୍ରତିରୋଧ କରି ଥିବାରୁ, ଖାଁ ସାହେବ ତାଙ୍କୁ ଗିରଫ କରି ଛଅ ମାସ ଜେଲ ଦଣ୍ଡ ଦେଇଅଛନ୍ତି । କଂଗ୍ରେସ ଶାସନରେ ନ୍ୟାୟବିଚାର ଉପରେ ଗୁରୁତ୍ୱ ଦିଆଯାଉଛି, ଏହା ତାହାର ଜଳଜଳା ଉଦାହରଣ ଏକା । ଖାଁ ସାହେବ ମହାତ୍ମାଜୀଙ୍କର ସଚ୍ଚା ଶାଗିରଦ ! × ×

ତୁରସ୍କର ସୁଲତାନ ମୁସଲମାନମାନଙ୍କର ଖଲିଫା ଥିଲେ । ସେ ବିତାଡିତ ହେଲା ପରଠୁଁ ଖଲିଫା ବୋଲି କେହି ନାହାଁନ୍ତି । ଭୂତଳରେ ଧର୍ମର ମୁଣ୍ଡିଆଳ ହୋଇ ମୁସଲମାନଙ୍କର ଜଣେ କେହି ଦରକାର ପଡନ୍ତି । ସେଥିପାଇଁ ଏବେ କାହାକୁ ସେ ପଦ ଦିଆଯିବ, ତାହା ନେଇ ଚର୍ଚ୍ଚା ବହୁତ ବଢ଼ିବ ଗୁଣିଛି । ମିଶରର ନୂଆ ଯୁବକ ରାଜା ଫାରୁକଙ୍କୁ ଏହି ପଦ ଦେବା ଅନେକଙ୍କର ମତ । ତେବେ ସେ କଥା ହେବା ଦେଖି ଯିବାକୁ ଭାରତର ମୁସଲମାନ ଉଦ୍‌ଗ୍ରୀବ ଏପରି ନ୍ୟାୟ ଧର୍ମ ଶାସନକର୍ତ୍ତା ଡା: ଖାଁ ସାହେବଙ୍କୁ ଖଲିଫା କ ବନେଇ ଛାଡ଼ିଲା ପରେ ଜଣା ଯାଉନାହିଁ । ଯଦି ଛାଡ଼ନ୍ତି ତେବେ ବିଲ୍‌କୁଲ୍ ବେକୁଫ !

\+ + +

ସବୁ କଥାରେ ଦଳ ଗଢ଼ା ହୋଇ ବାଦଅ ପିଠା ହେବା ଆମ ଦେଶର ଓ ଜାତିର ପ୍ରଧାନ ଗୁଣ ହୋଇ ପଡ଼ିଛି । ବଡ଼ ବଡ଼ ନେତା ଓ ରାଜନୈତିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ମତରେ, ଏହାହିଁ ଭୂଅରେ 'ଜୀବନର ସ୍ପନ୍ଦନ' । ଏ ସ୍ପନ୍ଦନ ଯେଉଁଠି ଯେତେ ବେଶି ଜୀବନୀ ଶକ୍ତି ସେଇଠି ସେତେ ଅଧିକ । ନିର୍ଜୀବ ଜାତି ଗଢ଼ ଯେ, ସେ ସେନା ଜଡ଼ୀଭୂତ ହୋଇ ରହିଥାଏ ।

> **ନିବେଦନ**
>
> ନୂଆ ବର୍ଷଠାରୁ ଡଗରର ସର୍ବାଙ୍ଗୀନ ଉନ୍ନତି କରିବା ଅଭିପ୍ରାୟରେ ନୂଆ ପ୍ରେସ ଓ ସାଜସରଞ୍ଜାମର ଅପେକ୍ଷାରେ ର[illegible] ଏହି ସଂଖ୍ୟା ପ୍ରକାଶରେ ବିଳମ୍ବ ହୋଇ[illegible]ଛି ।
>
> ଏ ତ୍ରୁଟି ଯଥାଶୀଘ୍ର ପୂରଣ କରିଦେବୁ । ସହୃଦୟ ପାଠକେ କ୍ଷମା କରନ୍ତୁ ।
>
> —ସମ୍ପାଦକ—

ପ୍ରାଣରେ ଅମର ନବଜାଗରଣ ଅଙ୍କୁର ଯେ ଫୁଟିଛି ଓ ନବ ମୁକ୍ତିର ଆକାଂକ୍ଷା ଯେ ଜାଗୁଛି, ଏହିଟା ହେଉଛି ତାର ନୂତନତା ବା ଲକ୍ଷଣ ।

ଏହି ମାପ କାଠିରେ ବିଚାର କଲେ ଆମ ଓଡ଼ିଶା ଦେଶରେ ଏହି ଦଳା- ଦଳିର ଛଳଛଟା ଯେମିତି ଦ୍ରୁତ ଏପରି ଆଉ କେଉଁଠି ନୁହେଁ । ଏଥିରୁ ଜଣାଯାଏ ଆମ ନେତା ଜାତିଟା ଏବେ ଯେତେ ତେଜରେ ବଢ଼ି ଉଠିଛି, ସେପରି ଆଉ କେହି ନୁହେଁ ।

\+ + +

କଟକରେ କୋଡ଼ିଏ ଯୁବକ ସମ୍ମିଳନୀ ହେବାର ହେଲା ଯେଣି, ଯୋଡ଼ାଏ ସ୍ୱତନ୍ତ୍ର ଦଳ ଆଉ ଛାତ୍ର ଭିଡ଼ ଉଠି ହୈ-ହୈ-ରୈ-ରୈ ଲଗାଇ ଦେଲେଣି । ଯାହା ଦେଶରେ ବୁଢ଼ା ବୁଢ଼ାଙ୍କ ଭିତରେ ଏତେ ଦଳାଦଳି, ସେଠି ଟୋକା ଟୋକୀଙ୍କ ଭିତରେ ଯେ ଦୁଇଁ ଦଳ ହେବ, ଏଥିରେ ଆଶ୍ଚର୍ଯ୍ୟତା ନାହିଁ । ଆମର ଏହି ସଭାରେ ବା ଯୁବଯାନ ଯୋଡ଼କରି ଆପଣା ଆପଣା ଭିତରେ ଯୁଦ୍ଧର ଅଭ୍ୟାସ କରି ନେଉ, ପରେ ବାହାର ଶତ୍ରୁ ସାଙ୍ଗରେ ଲଢ଼ିବାକୁ ଯିବେ ସିନା ! ଆପଣାର ଗୁହାଳର ହଳୁଟାରୁ ବଡ଼ ବଳଦେଇ ସେ ! ଅତଏବ ବାବୁମାନେ; Cheer up !

\+ + +

ଆମ ଅଫିସ ମନ୍ତ୍ରୀ ମାନ୍ୟବର ଦୁବେ ସାହେବ ଭଦ୍ରକ ଗସ୍ତରେ ଆସି ମାଉଣ୍ଟରେ କିଛି ଦଣ୍ଡ ମାର ଦେଇଗଲେ । ଭଦ୍ରକର 'ସାଧାରଣ' ତରଫରୁ ତାଙ୍କୁ ଗୁହାରି ନେଇ ଦେବାର ସ୍ଥିର ହୋଇଥିଲା । ଗରମ ଦିନ ଥିବାରୁ ରାସ୍ତାରେ ମିଶାଇବା ପାଇଁ କଟକୁ ବରଫ ଓ ସ୍ୱତ: ନାନାନ୍ତ୍ରେ ଜେନାରଲ ଆମଦାନି ହୋଇଥିଲା । ଏହା ପରେ ଫଳ, ମିଷ୍ଟାନ୍ନ, ବିସ୍କୁଟ ପ୍ରଭୃତି ତ ଥିଲା । କେବେଳ 'ଅ-ସାଧାରଣ' ବ୍ୟକ୍ତିଙ୍କ ଭିତରୁ ଜଣେ ଚନ୍ଦାଦାର ଦେଖାଗଲା ନାହିଁ । ଇତିମଧ୍ୟେ ଦୁବେ ସାହେବ ହଠାତ୍ ଅନ୍ତର୍ଦ୍ଧାନ ହେଲେ । ଯୁବକଂ ଭକ୍ତ ଦର୍ଶ୍ୟ, ଶ୍ରେଷ୍ଠ ପଦାର୍ଥ ବୁଢ଼ିକୁ କାଶୀରୁ ଲାଭ ଡାକ୍ତରଖାନା ନଡ଼ୁ, ଇସ୍କୁଲ ଗିଲ୍ଡ ଓ ଅନାଥାଶ୍ରମ ବାର୍ଷିକ ପାଳିରେ ବସିଥିଲେ । ଏହି ଘଟଣା ପୁନ୍ୟଃ. ତାଙ୍କୁ ଦାବି କରି ବସିଛନ୍ତି ନେ ଏକ (Party) । ଜୁଥଦେଶ

କଲ୍ପୀ ତୁବେ ନଟକ, ତୁଟକ ସ୍ୱଭ୍ରକ 'ସାଧାରଣ' ଓ ବେଗରେ ବଦ୍‌ଳ "ଅ-ସାଧାରଣ"। ଏ ପୁଣ୍ୟରେ କାହାର କେତେ ଭାଗ ପଡ଼ିବ ତାହା ଭଗବାନ ଧର୍ମରାଜ ପାଖରେ ପାଟିକା ଫଇସଲ କରନ୍ତୁ।

\+ \+ \+

ମୁକୁଳ ପଚର କମିଟା ଫାଇ ସୁଭାଷ ବାବୁ ନକଃରେ କଟକ ଅଟିବେ ବୋଲି ଶୁଣା ଯାଉଛି। ସୁଭାଷ ଆଜିକାଲି 'ଡାହାଣ' ବା କଂଗ୍ରେସର ଡାହାଣ ଦଳ ଚକ୍ଷୁରେ ଗ୍ରାମେ ଗ୍ରାମେ, ନଗରେ ନଗରେ ବୁଲି ଯେଉଁ ଲୁହ ଝୁରୁଛନ୍ତି ତାହା କାହାକୁ ଅଜଣା ନାହିଁ। (ନୋଟ—'ଡାହାଣ' ବୋଇଲେ ମାଛ ଓ ରୋଟି fishes and loaves ଖାଇବାକୁ ଯାହାଙ୍କ ତୁଣ୍ଡରୁ ଲାଳ ଗଳେ, ସେ ଡାହାଣ ବୋଲି କେହି ଯେପରି ଭ୍ରମରେ ନ ବୁଝନ୍ତି— ଏଠି ଡାହାଣର ଅର୍ଥ "ଦକ୍ଷିଣ" ଅର୍ଥାତ୍ right.)

ଏବେ ଆମ ଓଡ଼ିଶା ଭଳି ନରେଲ ଗାଈଆ ରାଜ୍ୟରେ ସେ ଅସି କାହେ ଗୋଳ ଲଗାଇ ଦେବେ ବୋଲି କେତେକ ମଧ୍ୟର ଭାବ ଭକ୍ତଙ୍କର ଆଶଙ୍କା। ବିଶେଷତଃ ସୁଭାଷ କଟକରେ ଅଟକିବେ ନୁହନ୍ତି। ଏଥିପାଇଁ ଏବେ ଛୋଟ ଭଳି ନେତାଙ୍କ ବନ୍ଧୁ ଶାନ୍ତି ଶୃଙ୍ଖଳା (Peace and order) ଭଙ୍ଗକାରୀ କେହି ନାଗର (Undesirable) ଭିତରେ ପକାଇ ତାଙ୍କ ବାଟରେ କଣ୍ଟା ପକାଇ ଦେଲେ ତ ବଡ ସୁବିଧାରେ କାମ ହାସଲ ହୋଇ ଯାଆନ୍ତା। × ×

ଭଦ୍ର ଗାନ ଭର କହୁତ ଗଡ଼ଜାତ ରାଜା ମହାରାଜାଙ୍କ ବୋମ୍ବେଠାରେ ଏକ ସଭା ହୋଇ ଯାଇଛି। ଯେଉଁ ସଭାପତି ମହାଶୟ ଜୋର କଣ୍ଠରେ ଘୋଷଣା କଲେ କି "ଆମେ ରାଜାମାନେ ପ୍ରଜାଙ୍କର ଦଣ୍ଡ ମୁଣ୍ଡର ଅଧିକାରୀ, ହର୍ତ୍ତା, କର୍ତ୍ତା, ପିତା, ମାତା, ଭଗ୍ନ ବିଧାତା— ଅତଏବ ଆମ ପ୍ରଜାଙ୍କର ମଙ୍ଗଳ ପାଇଁ ଆମେ ଯାହା ବୁଝିବୁ, ତାହା କରିବୁ। ସେଥିରେ ବାହାରର କାହାକୁ କୌଣସି ଅଧିକାର ଯେ ସେ କଥା କହିବ! ଏହା ଆମେ ସହି ନ ପାରୁ।

ଏ ଭଳିଆ ସିଧା ସଳଖ କଥା ପାଇଁ ରାଜାମାନଙ୍କୁ ଧନ୍ୟବାଦ। ଏ କଥା କାହିଁ ଆଗରୁ ଏତେ ତେଜରେ କେହି କହି ନ ଥିଲେ ତ!

ଏବେ ବାଃ ଦେଖାଉଛନ୍ତି ଏହା ଗାନ୍ଧୀ ବୁଢ଼ା! ହା ଅଷ୍ଟ!—ଧନ୍ୟରେ ରାଜଦ୍ରୋହ— ଧନ୍ୟରେ ଶାରଙ୍ଗ୍ୟାଙ୍ଗ। + + +

ସରକାର ଗୋଟିଏ କମିଟି ଦ୍ୱାରା ତାହାର କର ବାଲେଶ୍ୱର ଜିଲ୍ଲାରେ ଜଗନ୍ନାଥ କାର୍ଯ୍ୟର ତଦନ୍ତ ହୋଇଛନ୍ତି। ସେଥିରୁ ଜଣା ଯାଉଛି ଯେ ଏ ଜିଲ୍ଲାର ପ୍ରାୟ ସମସ୍ତ ଅମଲୀ ଲୋକେ ହାଜଲ କରି ସରକାରଙ୍କ ଭରତକୁ ଆସି ଗଲେଣି। ତାଙ୍କ ତକ ପ୍ରାୟ ଅଫିମ ଛାଡ଼ି ଦେଲେଣି। ହାକିମଙ୍କ ମତରେ ଲୋକେ କେବଳ ରୋଗ ବାଧକରେ ପଡ଼ି ଅଫିମ ଖାଆନ୍ତି। ତେଣୁ ଡାକ୍ତର ବଇଦ ଔଷଧ ଦେଇଲେ କ୍ରମେ ଅଫିମ ଅମଳ ଏଠୁ ଚବାକେ ଉଠିଯିବ। କିନ୍ତୁ ଆମ ଦେଶରେ ଯେ ଅଧି-କାଂଶ ଲୋକ ପେଟକୁ ମୁଠାଏ ନ ପାଇ ନଷ୍ଟ ହୋଇ ଯାଆନ୍ତି ଓ ଅରଜନ କରିବା ପାଇଁ ବଳ ନ ପାଉଥିବାରୁ, ପର ବଳ ଆଣିବା ପାଇଁ ଅଫିମ ଖାଆନ୍ତି ସେ କଥା ସରକାର ବୁଝୁଛନ୍ତି କି? ଏ ଲୋକଙ୍କର ପେଟ ପୂରିବ ନାହାର କଷ୍ଟଲେଶ ନ କରି ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ କହିବେ ପାଇବାରେ ସରକାର ଉତ୍ସାହ ଦୌଡ଼ାଦୌଡ଼ି କରିବାରେ ଲାଗିଛନ୍ତି। ଜୀବନଟା ପେଟେ ଥିଲେ ତ ସ୍ୱାସ୍ଥ୍ୟ! ତା ପାଇଁ ବ୍ୟବସ୍ଥା କଣ? × × ×

ମହାତ୍ମା ଗାନ୍ଧୀ କହୁଛନ୍ତି 'ମୁଁ ଯାହା କହୁଛି ସେ ସବୁ ପ୍ରେରଣା ଜୋରରେ, ଅତଏବ ମୋ କଥା ମାନ ଗଲ—ତମର ଐହିକ, ପାରଲୌକିକ ଉଭୟ ମୁକ୍ତି ହେବ।"

ତାପରେ ସୁଭାଷ; ସେ କହିଲେ 'ଯେ ସବୁ ପୁରୁଣା କାଳିଆ ଦଳପତି ଗାନ୍ଧୀରେ ଭୁଲ ନାହିଁ—ମୋ ପଛେ ପଛେ ଗୋଡ଼େଇ ଆସିଲ, ଆଉ ପଟେଲ ଏଣ୍ଡ କୋଂଙ୍କୁ ଜବତ୍ କର। ମୁଁ ତମକୁ ସ୍ୱର୍ଗକୁ ନେଇ ଯିବି।

ଏମ୍ ଏନ୍ ରାୟ ବେଶ ସ୍ୱତନ୍ତ୍ର ଭାବିଥିଲେ ଯେ ଭାରତରେ ପାଦ ଦେଲାକ୍ଷଣି ସୁନା କଳସ ତାଙ୍କର ମୁଣ୍ଡରେ ଢାଳ ହୋଇ ଯିବ ବୋଲି, ବର୍ତ୍ତମାନ ତାର କୌଣସି ସମ୍ଭାବନା ନ ଦେଖି ହତାଶ ହୋଇ ପଡ଼ିଲେଣି। ସେ କହନ୍ତି "ଭାଇମାନେ, ଏ ସବୁ କଂଗ୍ରେସ ଗୁଡ଼ାକ କଣ ଅଛନ୍ତି କଣ ଜାଣନ୍ତି? ଯେ ସବୁ ଅସ, ମୋ କଥା ଶୁଣ ତା' ରେ କାଟ, ଦାଉରେ ପିଟ ସବୁ ଦୂର ମର କର। ତେବେ ଯାଇ ମୁକ୍ତି।"

ଜବାହରଲାଲ୍ ସେଣେ ଅଣ୍ଟାଳି ହେଉଛନ୍ତି କଣ କେଉଁଟା କହିବେ ବୋଲି, ମାତ୍ର ଅନେକ କଥାଟା ତାଙ୍କପାଏ ଅଟି ପାରୁନାହିଁ; ବାଟରୁ ଭାଙ୍ଗି ଚାଲୁ କରୁଛନ୍ତି ଅଟକେଇ।

ତେଣେ ସତ୍ୟମୂର୍ତ୍ତି ଆଉ ହୁର ପଡ ଭଉଛନ୍ତି 'ହେ ଭାରତବାସୀ, ମୁଁ ଫେଡ଼େରେସନ ଏସେମ୍ବ୍ଲି-ରେ ମନ୍ତ୍ରୀ ହେଲେ ତୁମକୁ ସ୍ୱରାଜ ଆଣିଦେବି।'

\+ \+ ×

ଏହାଙ୍କ ଛଡ଼ା ହିନ୍ଦୁମହାସଭାର ସେନାପତି ବୀର ସାଭାରକର ବଜ୍ର ନିର୍ଘୋଷରେ ଗର୍ଜନ କରୁଛନ୍ତି 'ଏ ଭାରତ, ଏ ହିନ୍ଦୁସ୍ଥାନ, ପୁଣି ହିନ୍ଦୁର। ଅନ୍ୟ ଯେ ରହିବ ରହୁ, କିନ୍ତୁ; କଣ୍ଟିଆ ଭାବରେ; ହିନ୍ଦୁ ଗୃହସ୍ୱାମୀର ଅନୁଗ୍ରହ ମାନ।'

ମୁସଲମାନ ନେତା ଜିନ୍ନା ତାର ସ୍ୱରରେ ହାଙ୍କୁଛନ୍ତି, "ହିନ୍ଦୁସ୍ଥାନ ଆମ୍ଭର ଜାତୀୟ ରାଜ୍ୟ— ଏଠି ରାଜୁତି କରିବାର ଦାବି ମୁସଲମାନର। ନହାତ ନହେଲେ କଣ୍ଟିଆରା ଭଗବାନ।"

ଏତକ ଭାଗ୍ୟ ଯେ ଅସବର୍ଣ୍ଣ ଓ ଅଭଣ୍ୟ ମାନଙ୍କର ଦେଶରେ ରଜାଦର ଆଣିବାକୁ ଲୋକ କେହି ଏ ଯାଏ ବାହାରି ନାହାନ୍ତି। ନୋହିଲେ ଛଡ଼ା ଭଡ଼ଃ ଅଦ୍ଭୁତ ଜମିଯାଆନ୍ତା, ମଜେଦାର!

ଏହାବାଦ ତ ଅଛନ୍ତି ଶିଖ, ପାର୍ସି, କ୍ରିସ୍ଚାନ, —ରଜା, ଜମିଦାର, ଗଡ଼ଜାତ—ମୁସଲମାନ, ଓଡ଼ିଆ— ବଙ୍ଗାଳୀ, ତେଲଙ୍ଗି—ମରହଟ୍ଟି ଇତ୍ୟାଦି ଇତ୍ୟାଦି, ଶେଷ ପରେ ପର୍ ଟାଉନ ବାଜି ହେଲେ, ବାଜିବ ଘଣ୍ଟା—୧୦, ୧୦,—୦, ୦! × + +

Digitized by srujanika@gmail.com



ହଠାତ୍, ଡିଟେକ୍‌ଟିଭ୍ ନଭେଲ ପଢ଼ି ପଢ଼ି ସଞ୍ଜୀବ ତାର କୁକୁରଟାକୁ ନେଇ ବାହାରି ପଡ଼ିଲା । ସେ ନିଜକୁ ରବର୍ଟ ବ୍ଲେକ ବା ସାର୍ଲକ ହୋମସ୍‌ଠାରୁ କେଉଁ ଗୁଣରେ ଶ୍ରେଷ୍ଠ ବୋଲି ଭାବେ ନାହିଁ । ତାଙ୍କର ତ ଦୁଇଗୋଡ଼ ଦୁଇହାତ ଦୁଇକାନ ଦୁଇଆଖି ଥିଲା, ସଞ୍ଜୀବର କେଉଁଥିରେ କମ ନାହିଁ ତ ହେଉ ? କିମ୍ବା ସଞ୍ଜୀବର ଯାହା ଅଛି ତାଠୁଁ ତାଙ୍କର କୌଣସି ଅଂଶ ବେଶୀ ନଥିଲା ତ ।

ତାର ଗୁଲି ଚଳନ, ତାର କଥାବାର୍ତ୍ତା ସବୁ ଗୋଟାଏ ଖାଣ୍ଟି ଡିଟେକ୍‌ଟିଭ୍ ଧରଣର । ଦିନରାତି ବସି ଡିଟେକ୍‌ଟିଭ୍ ନଭେଲ ପଢ଼ୁଥାଏ । ସ୍କୁଲର ବୁକ୍ ଷ୍ଟଲରେ ଯେଉଁ ଡିଟେକ୍‌ଟିଭ୍ ବହି ଆସିବ ସେଥିରୁ ଖଣ୍ଡିଏ ତା'ପାଇଁ ନିଶ୍ଚୟ ରହିବ । ମରିସ ଲେବଲେଙ୍କ, ଡ଼କ୍‌ଡ-ନୋବନ, କୋନନ ଡାଏଲ, ଏଡ଼ଗାର-ଏଲନପୋ, ଗେବୋରିଓଙ୍କ ବହିଠୁ ଆରମ୍ଭ କରି ଶ୍ରେଷ୍ଠ ବଡ଼ [illegible] ତା ଆଲମାରିରୁ ବାହାରିବ କୌଣସି ଭଲ ଲାଇବ୍ରେରିର ପିକ-ଷନ ଢଙ୍ଗରୁ ତାର ଅଧ୍ୟୟନ ମଧ୍ୟ କଷ୍ଟ-ଭଣ । ଡିଟେକ୍‌ଟିଭ୍ ନଭେଲଟା ତାର ନିଶା କହିଲେ ଚଳେ ।

ନଭେଲ ପଢ଼ି ପଢ଼ି ଡିଟେକ୍‌ଟିଭ୍ ନଜର ତାର ଏମିତି ହୋଇ ଯାଇଛି ଯେ ବସ୍ତୁଣ୍ଡ ଛଠଣ୍ଡ କରୁଚେଲେ ସେ କେବଳ ନିଜକୁ ଜଣେ ବଡ଼େକ୍ସ ଡିଟେକ୍‌ଟିଭ୍ ମନେ କରେ ।

ସେ ବୁଲି ବାହାରିଲା । ତଠ [illegible] ତାର ମତନ ଚଢ଼ିଲା କାଳେ କିଛି ଗାନ୍ଦେ ଦରକାର ପଡ଼ିବ; ସେଥିପାଇଁ ପିସ୍ତଲ ଅଲବେ ଯେଉଁ ଛୁରିଖଣ୍ଡ ଥିଲା ସେଟାକୁ ପକେଟରେ ନାଇବାଲା । ତା'ପରେ ରବର୍ଟ ବ୍ଲେକ୍ ଅଜ କ'ଣ କଲେ—ଆଜ କ'ଣ କଲେ ଭାବି ଭାବି ତାର ବଡ଼ ମନେ ପଡ଼ିବାରୁ ଫେଣ୍ଟେ ବହି ଖୋଲି ଦେଖିଲା । ଗୋଟାଏ ବୋତାମ, ଖଣ୍ଡେ କୋଟ ଦମରୁ ଉଡ଼ି ଯାଇଥିବା କନା, ଏମିତି ଗୋଟାଏ ବାଳ ହେଲେ ମଧ୍ୟ ତାର ଚଳିଯାଆନ୍ତା । ଏଇ ସାମାନ୍ୟ ଟିକିଏ ଟିକିଏ ଜିନିଷ ପାଇ ରବର୍ଟ ବ୍ଲେକ, କେତେ ବଡ଼ ବଡ଼ ଖୁନି ମାମଲା ଧରିଛି । ସେ କୌଣସି ଗୋଟାଏ ଯେଉଁଭଳି ସଙ୍କେତ ନପାଇଲେ ଖାଲି ହାତରେ ବାହାରିବାକୁ ଯିବ କେମିତି । ଖୋଜି ଖୋଜି ସେ ଗୋଟାଏ ବହି ଭିତରୁ ଖଣ୍ଡେ

## ଡିଟେକ୍‌ଟିଭ୍

ଲେଖକ:—ନ: ମ:

କାଗଜ ପାଇଲା । କଥା ମିଳିଲା ପରି ମହା ଆନନ୍ଦରେ ସେ ଖଣ୍ଡ ପାକିଟରେ ପକାଇ ସେ ବାହାରିଲା । ସେଠି ତା'ର ବନ୍ଧୁର ପୁଅ ଟୁନୁ ବସି କେଳୁଥିଲା । ତା ସାମନାରେ ସେ କାଗଜକୁ ପରୀକ୍ଷା କରିବା ଠିକ ନୁହେଁ ଭାବି ବାହାରିକୁ ଚାଲିଲା । ରାସ୍ତା ଉପରେ କେଳକଣ୍ଡ ଲୋକ ବୁଲୁଥିଲେ । ସେଠା ମଧ୍ୟ ସୁବିଧା ଜାଗା ନୁହେଁ । ତେଣୁ ସେ ସବୁଠାରୁ ନିରାପଦ ଜାଗା ପାଇଖାନା ଭିତରକୁ ପଶିଗଲା । ପାଇଖାନା ତଳେ ଗୋଟାଏ ମାଛି ଭଣ ଭଣ କରୁଥିଲା । ଡିଟେକ୍‌ଟିଭର କାନ ତାକୁ ଅତି ସହଜରେ ବାରି ନେଲା । ଟିକିଏ ଅପେକ୍ଷା ସେ ଖଣ୍ଡଟଣ୍ଡା ରଙ୍ଗ ଦେବାପରେ ସେ କାଗଜଖଣ୍ଡଟା ବାହାର କରି ଶୁଙ୍ଘିଲା । ତାର ଅଫିସ ଗନ୍ଧ ସେ କାଗଜଠାରୁ ବାହାରିବାର ଜଣାଗଲା । ଠିକ୍ ଲଗେଟ ଲାଲ ଦେଖିଲା—ପ୍ରକୃତରେ ସେଟା ତା ଅଫିସ କାଗଜ । ଆନନ୍ଦରେ ତା ଛାତି ନାଚି ଉଠିଲା । ଖାଣ୍ଟି ଡିଟେକ୍‌ଟିଭ୍ ସେ । ତାପରେ ସେ ଦେଖିଲା—ସେଟା ଖାଲି କାଗଜ ନୁହେଁ—ଗୋଟାଏ ଚିଠି । ଚିଠିଟା ଗୋଟାଏ ମାର୍ଜିତ ହାତର ଲେଖା । ସେ ମାଇକେଲଅର ସମ୍ବନ୍ଧ ଯେମିତି ତା'ଆଗରେ ଅଛି । କାରଣ ତା 'ର' ଭଳି 'ର' ଲେଖିଛି—ତା' 'ଭ' ଭଳି 'ଭ' । ପଢ଼ିଲା—ଦେଖିବେ ଲେଖାଥିଲା—

ହୃଦୟେଶ୍ୱର ହେ—

ଏତେ ନିଷ୍ଠୁର ତମେ । ତମେ ଯିବାଦିନରୁ ଖଣ୍ଡେ ଚିଠି ବି ଦେଲ ନାହିଁ । କହି ଯାଇଥିଲ ଦୁଇମାସ ଭିତରେ ଆସିବ ବୋଲି । ଦୁଇ ମାସ ଯାଇ ତିନିମାସ ପୂରିବାକୁ ବସିଲା—ନାହିଁ ? ତୁମ୍ଭ ଦୁହିଁଙ୍କ ଆଖି ପାଣି ଆଖିରେ ମଲାଣି । ଆଉ କେବେ ଆସିବ ? ଏତେ ନିଷ୍ଠୁର ତମେ । ଜାଣିଥାଅ, ଏ ଚିଠି ପାଇଲା କ୍ଷଣି ନ ଆସିଲେ ମୁଁ ବିଷଖାଇ ଦେବି । ଟୁନୁ ଦେହ ଭଲ ନଥିଲା—ଟିକିଏ ସୁସ୍ଥ ହେଲାଣି—

ଏତିକିରେ ଚିଠିଟା ସରିଯାଇଛି । ସିଏ ଲେଖିଛନ୍ତି, କାହା ପାଖକୁ ଲେଖିଛି ତାର ଚିହ୍ନ ପ୍ରମାଣ କିଛି ନାହିଁ । ଏଥିରେ କେସ୍‌ଟା ଭଲ ଚେକ୍‌ଲା ପରି ଲାଗୁ ନାହିଁ । ତେବେ ସାର୍ଲକ୍‌ ହୋମସ୍‌ଙ୍କ ଏଲିମେଣ୍ଟ ମେଥେଡ୍ ଅଛି । ନିଶ୍ଚୟ ସେ ତାର ବେଧୀ ଗାଁ ନିଜୀ ସ୍ତ୍ରୀ—ଯାହାକୁ ସେ ଏତେ ଭଲ ପାଏ, ଯାହାକୁ ସେ କଳିଯୁଗର ସୀତା ସାବିତ୍ରୀ ବୋଲି ମନେ କରେ—ସେଇ ତାର ଗୁପ୍ତ ପ୍ରେମିକ ପାଖକୁ ଚିଠି ଲେଖିଛି । ଅଛ ସେ ତାଙ୍କୁ ଛିଡ଼ି ପକ ଦେଇ ଦେବ ।

ପୁଣି ପଲକ ମୁହୂର୍ତ୍ତରେ ଭାବିଲା—ନା—ନା—ଡିଟେକ୍‌ଟିଭର ଏମିତି ହଠାତ କୌଣସି କଥା ବିଶ୍ୱାସ କରିବା ଉଚିତ ନୁହେଁ । ସେ ଭଲେ ସେରେଇ ଡିଟେକ୍‌ଟିଭ୍ ବୋଲି ତାର ନାମ ଅଛି । ତା ଅଫିସରେ ତାକୁ ସମସ୍ତେ ଡିଟେକ୍‌

Digitized by srujanika@gmail.com

ହବ୍ ବୋଲି ଡାକନ୍ତି । ସେ ଏତେ ଅଳ୍ପରେ ବିଶ୍ୱାସ କଲେ ଚଳିବ କେମିତି ।

ଟନ୍ରୁ କାଗଜଟା ତା' ଅଫିସର । ତା ଅଫିସ କାଗଜ ଯେ ବେଳେ ବେଳେ ଘରକୁ ଆଣେ । ଆଉ ସବୁ ସେ କାଗଜ ପାଇବ । ସେଥିରେ ଟୁନୁ ନାମ ବି ରହିଛି ।

ହଠାତ୍ ତା' ମନରେ ଗୋଟାଏ ବୁଦ୍ଧି ପଶି-ଗଲା । 'ଢ ଅଇଡ଼ିଆ' ବୋଲି ତୁଡ଼ି ଟାଏ ମାରି ସେ ଟୁନା ପାଖରେ ଯାଇ ପହଞ୍ଚିଲା । ଟୁନାକୁ କହିଲା, 'ଦେଖ୍ ଟୁନା, ତୁ ଗୋଟେ କାମ କଲେ ତୋତେ ୨ ଗଣ୍ଡା ଚକୋଲେଟ ଆଉ ପଇସାଟା ଲେମନଚୁସ୍ ଦେବି । ତୁ ଯା ତୋ ବଡ଼ିକୁ କହିବୁ ଏ କାଗଜରେ ତୋ ନାଆଁଟା ଲେଖିଦେବ—ଟନା ବୁଝିଲୁ ? ଲେଖି-ଦେଲେ ସଙ୍ଗେ ୨ ମୋ ପାଖକୁ ନେଇ ଆସିବୁ ।

ଟୁନା ଚକୋଲେଟ ଲୋଭରେ ସଙ୍ଗେ ସଙ୍ଗେ କାମ ହାସଲ କରି ନେଇ ଆସିଲା । ରାଜୀବ ସେ ଚିଠିରେ ଯେଉଁଠି ଟୁନା ଲେଖା ଯାଇଥିଲା ତା ସହିତ ଏ ଟୁନା ଲେଖାକୁ ମିଳାଇ ଦେଖିଲା ଏକଦମ୍ ମିଳି ଯାଉଛି । ଆଉ ଏଥିରେ ସନ୍ଦେହ କିଛି ନାହିଁ । ତାକୁ ନିଶ୍ଚୟ ଏ ଚୋର ଧରିବାକୁ ହେବ ।

ରାଜୀବ ବରାବର ସତର୍କରେ ରହିଲା । ଦିନେ ପଦ୍ମା (ତାର ସ୍ତ୍ରୀ) ଛାତ ଉପରେ ବୁଲୁଛି, ସେ ଦେଖିଲା ବାହାରୁ ସଡ଼କ ଉପରୁ କିଏ ତା ଆଡ଼କୁ ବଲ ବଲ କରି ଚାହୁଁଛି । ପଦ୍ମା ଯେମିତି ସଡ଼କ ଉପରକୁ ଚାହୁଁଛି ସେ ଏକାବେଳେ ଗୁଇନ୍ଦାଗିରି ପାଶୋରି ଯାଇ ପଦ୍ମାକୁ ଯାଇ ଏତେ ପାଟି କରି କହିଲା—ସେଠି କଣ କରୁଛ ? ମନେ ମନେ ମୁଁ କିଛି ଜାଣେ ନାହିଁ ନା ? ସେ ନଷ୍ଟ ଲୋକର କିଏ ? ଅହାହା ସେଟା ପଳାଇ ଗଲାଯେ । ଅଚ୍ଛା ରାଜୀବ ଡ଼ିଟେକ୍ଟିଭ୍ ହାତରୁ ଖସିଯିବ ? ଦେଖିବା ଭଲା—ମୁଁ ତ ଆଉ ଚନ୍ଦସେଣା ନୁହେଁ ; ମୁଁ ନଭେଦ୍ ଅଛି — ଅଚ୍ଛା ଦେଖିଲେଗେ —କହି ରହିଗଲା ।

ସେଇଦିନ ରାତିରେ । ଜହ୍ନ ପଡ଼ିଛି ରଣିପୁଣ ପର । ପଦ୍ମାର ଶୋଇବା ଘର ଝିଥାରେକି ସଡ଼କ ଉପରେ ଜଣେ କିଏ ଯୋବଯୋବଳଥ ବାବୁ ନଷ୍ଟର ପଟର ହେବାର ରାଜୀବ ଦେଖି-ପାରିଲା । ପଦ୍ମା ସେସେଇ କରୁଥିଲା । ପଦ୍ମା ସନ୍ଧ୍ୟାବେଳେ ଯେଉଁ ଶାଢ଼ୀ ଖଣ୍ଡ ପିନ୍ଧି ଛାତ ଉପରକୁ ଯାଇଥିଲା ଶୋଇବାକୁ ଗଲାବେଳେ ସେ ଖଣ୍ଡ ସେ ପାଲଟି ପକାଇଥିଲା । ରାଜୀବ ସେ ଶାଢ଼ୀ ଖଣ୍ଡକ ପିନ୍ଧି ଅବିକଳ ଗୋଟିଏ ମାଇକିନା ସାଜି ସେଇ ଝିଡ଼ିକି ପାଖରେ ଯାଇଁ ଏପରି ଭାବରେ ଠିଆ ହେଲାଯେ ବାହାରକୁ ତାର ଶାଢ଼ୀ ଦେହ ଯେମିତି ଜହ୍ନ ଆଲୁଅରେ ଭଲ ଦିଶିବ କିନ୍ତୁ ମୁହଁଟା ଢାଙ୍କିହେବ ନାହିଁ । ସେ ଠିଆ ହୋଇ ଦେଖିଲା ବାବୁଟି ବାରମ୍ବାର ତା ଆଡ଼କୁ ଚାହୁଁଛି । ତା'ଦେଖି ସେ ବଡ଼ ଉତ୍ସାହିତ ହୋଇ ଝିଡ଼ିକି ସେପାରିକୁ ଠାରି ପାଖକୁ ଡାକିଲା ।

ଭଦ୍ର ଲୋକଟି ପାଖକୁ ଆସି ହଠାତ୍ ଡାକିଲା—କିଏ—ପଦ୍ମା ?

ଆଉ ରାଜୀବର ଆନନ୍ଦ ନ ଧରେ ? ଠିକ ଚୋର ସେ ଧରିଛି—ଖାଣ୍ଟି ଡ଼ିଟେକ୍ଟିଭ୍ ସେ । ସ୍ତ୍ରୀ ଲୋକ ପରି ଗଳା କରି କହିଲା, ହଁ, ଟିକିଏ ରୁହ ମୁଁ ଯାଉଛି ।

ଘର ଭିତରକୁ ଯାଇ ସେ ଖଣ୍ଡେ ଶକ୍ତ ଠେଙ୍ଗା ଧରି ବାହାରକୁ ଗଲା—ଯେମିତି ଯାଇ ତା ପାଖରେ ପହଞ୍ଚିଛି—ସେ ପାଟି କରି କହିଲା—ଚୋର ତମେ ସବୁ ଏଠି——

ଏତିକି କହିଲା ଷଣି ତା'ଉପରେ ଧଡ଼ାସ ଧଡ଼ାସ ଦୁଇପାହାର ବସିଗଲା । 'ବାପଲୋ, ମଲିଲୋ' କହି ସେ ତଳେ ପଡ଼ିଲା । ଶବ୍ଦ ଶୁଣି ପଦ୍ମା ଦଉଡ଼ି ଆସିଲା । ଆଖପାଖର ଲୋକ ଦୁଇ ତିନିଜଣ ଦୌଡ଼ିଆସି ଦେଖିଲେ ଡିଟେକ୍-ଟିଭ୍ ରାଜୀବ ନାରୀ ବେଶରେ, ଆଉ ଜଣେ ଭଦ୍ରଲୋକ ଆହତ ।

ପଦ୍ମା ହଠାତ୍ କହି ଉଠିଲା—ଆରେ ଏ ଯେ ଉପେନ୍ଦ୍ର—ଉପେନ୍ଦ୍ର ତମେ ଏଠି ?

ଭଦ୍ରଲୋକ କହିଲେ— ପଦ୍ମା, ପରୀକ୍ଷା ଦେଇ ମୁଁ ଏଠିକି ବୁଲି ଆସିଥିଲି । ତମେ ସବୁ ଏଠି ଅଛ ବୋଲି ମୁଁ ଶୁଣିଥିଲି । କିନ୍ତୁ କେଉଁଠି ଅଛ ଜାଣି ନଥିଲି । ଆଜି ସନ୍ଧ୍ୟାବେଳେ ଦୂରରୁ ତୋତେ ଦେଖି ହୋ ହୋ ଚିହ୍ନା ହେଲି । ତା' ପରେ— ଭାବିଲି ଏ ଘର ଆଉ କାହାର ହୋଇଥିବ, ସେଥିପାଇଁ ଏଠି ଆସି ପଚାରିବି କି ନପଚାରିବି ଭାବୁଁ ଭାବୁଁ, ଏଠି ବୁଲୁଥିଲି ତୁ ମୋତେ ଡାକିଲା ପରି ଲାଗିଲା । ମୁଁ ଝିଡ଼ିକି ପାଖକୁ ଆସି କହିଲି—ପଦ୍ମା ? ଆଉ ଗୋଟାଏ କା' କଣ୍ଠ ଶୁଭିଲା । ମୁଁ ଆଶ୍ଚର୍ଯ୍ୟ ହୋଇ ଏଠି ଠିଆ ହୋଇଛି ତା'ପରେ ଏ ଦଶା ।

ଡ଼ିଟେକ୍ଟିଭ୍ ରାଜୀବ ହାତେ ଲମ୍ବ ଜିଭ କାଢ଼ି କାଠ ପରି ଠିଆ ହୋଇ ଗଲେ । ଭଦ୍ରଲୋକ ପଦ୍ମାର ମାମୁ ପୁଅ ଭାଇ ଉପେନ୍ଦ୍ର କିଶୋର ।

(ଅନ୍ତର ଅଛି)

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

(ସାପ୍ତାହିକ) 'ବର୍ମା ଓଡ଼ିଆ ପତ୍ରିକା' (ରୟେଲ ୧୬ ପୃଷ୍ଠା)

ଏହା ଲକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀ-ମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ଜ୍ଞାନ ଲାଭ କରିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ଟ ୨, ଷାଣ୍ମାସିକ ଟ ୧।, ଭାରତବର୍ଷ ସଡ଼ାକେ ଦେୟ ଟ ୪ । ଠିକଣା—ନ ୧୪୭୩୨ ମୁର ଗଡ଼ ରେଙ୍ଗୁନ (ବର୍ମା)

Digitized by srujanika@gmail.com



## ନାରୀର ବୁଦ୍ଧି

ଲେଖିକା—ଶ୍ରୀମତୀ କଣ୍ଟ୍ରୁବ୍ରତା ଦେଈ

ଅମ୍ବରାଧୀଶ ରାଜା ମାନସିଂହଙ୍କ କଥା ସମସ୍ତେ ଜାଣନ୍ତି । ତାଙ୍କର ସମ୍ବନ୍ଧରେ ଗୋଟିଏ କୌତୁକାବହ କାହାଣୀ ଆଜ ପାଠକବର୍ଗଙ୍କୁ ଉପହାର ଦେଉଛୁ ।

ମାନସିଂହଙ୍କ ଅନ୍ତଃପୁରରେ ଅନେକଗୁଡ଼ିଏ ରାଣୀ ଥିଲେ; ପ୍ରାୟ ସମସ୍ତେ ରାଜକନ୍ୟା । କେବଳ ଜଣେମାତ୍ର, ଯାହାଙ୍କ ନାମ ଅମ୍ବାଲିକା, ସେ ଥିଲେ ଜଣେ ସାମାନ୍ୟ ସର୍ଦାର ଦୁହିତା । ସେ ରୂପବତୀ ଓ ଗୁଣବତୀ ଥିବାରୁ ରାଜା ତାଙ୍କର ପାଣିଗ୍ରହଣ କରିଥିଲେ ।

ସମସ୍ତ ରାଣୀ ଅନ୍ତଃପୁର ମଧ୍ୟରେ ବଡ଼ କାଇଦା କଟକଣାର ଅଧୀନ ହୋଇ ରହୁଥିଲେ । ରାଜାଙ୍କ ବିନା ଅନୁମତିରେ ସେମାନଙ୍କର କିଛି କରିବାର ଅଧିକାର ନ ଥିଲା ।

ଏକଦା ରାଜା ମାନସିଂ ବାଦସା ଅକବରଙ୍କ ହୁକୁମରେ କୌଣସି ଯୁଦ୍ଧରେ ବ୍ୟାପୃତ ଥାଇ ବହୁ ଦିବସ ରାଜଧାନୀରେ ଅନୁପସ୍ଥିତ ରହିଗଲେ । ଏତିକି ବେଳେ ଅମ୍ବାଲିକା ଶୁଣିଲେ ଯେ ତାଙ୍କର ବୃଦ୍ଧ ପିତା ରୋଗରେ ଶଯ୍ୟାଶାୟୀ—ରୋଗ ମଧ୍ୟ ସାଂଘାତିକ । ଏହା ଶୁଣି ସେ ପିତାଙ୍କୁ ଶେଷ ଦେଖା ଦେଖିବା ପାଇଁ ବ୍ୟଗ୍ର ହୋଇ ପଡ଼ିଲେ ।

ଯେତେହେଲେ ସେ ବର୍ତ୍ତମାନ ଅମ୍ବରର ରାଣୀ, ପିତାଳୟକୁ ଯିବା ବଡ଼ ସମ୍ମାନ ହାନିକର । ତଥାପି ସ୍ୱୟଂ ରାଜା ଥିଲେ ବା ତାଙ୍କର ବିଶେଷ ଅନୁମତି ନେଇ ଯାହା କରିଯାଇ ପାରନ୍ତା । ଏପରି ସେ ଅନୁମତି ଦେବ କିଏ

ଶେଷରେ ଅମ୍ବାଲିକା ପାଟମହାଦେଈଙ୍କ ଠାରେ ବହୁତ କାକୁତି ମିନତି କରି ତାଙ୍କର ଅନୁମତି ପାଇଲେ ଓ ମାତ୍ର ଗୋଟିଏ ଦିନ ମଧ୍ୟରେ ବାପ ଘରକୁ ଯାଇ ମୁମୂର୍ଷୁ ପିତାଙ୍କୁ ଦେଖି ଆସିଲେ ।

× × ×

କିଛିକାଳ ଅନ୍ତେ ରାଜା ନଅରକୁ ଫେରିଲେ । ଅମ୍ବାଲିକାଙ୍କ ବାପଘର ଯାଇଥିବା କଥା କାଳକ୍ରମେ ତାଙ୍କ କାନରେ ପଡ଼ିଲା । ଏହା ଶୁଣିଲାକ୍ଷଣି ସେ ନିଜକୁ ଅପମାନିତ ଜ୍ଞାନକଲେ ଓ ଅତ୍ୟନ୍ତ କ୍ରୋଧାନ୍ୱିତ ହେଲେ । ବିଶେଷତଃ ନିଜ ଅନ୍ତଃପୁର ମଧ୍ୟରେ ଏପରି ନିୟମ ଲଂଘନ ତାଙ୍କଭଳି ଦାମ୍ଭିକ ଓ ତେଜସ୍ୱୀ ଶାସକ ପକ୍ଷରେ ଅସହନୀୟ ଥିଲା ।

ରାଣୀ ଅମ୍ବାଲିକାଙ୍କୁ ଉଚିତ ଶିକ୍ଷା ଦେବା କାମନାରେ ମନସ୍ଥକରି ସେ ଦିନେ ତାଙ୍କ ମହଲକୁ ବିଜେକଲେ । ସେଦିନ ଅମ୍ବାଲିକାଙ୍କ ମହଲରେ ମହାସମାରୋହ । ବହୁ ଭାଗ୍ୟରେ ସ୍ୱୟଂ ମହାରାଜା ବିଜେ କରୁଛନ୍ତି । ସାନ୍ଧ୍ୟ ସଜ୍ଜା ଲାଗିଲା; ବାଦ୍ୟବାଜା ବାଜିଲା । ଦାସୀ ପରିଚାରିକା ସମସ୍ତେ ତତ୍ପର, ଫରମାସ ଦେବାକୁ ଲାଗିଲେ । ଅମ୍ବାଲିକା ମନୋହର ବେଶଭୂଷାରେ ସୁସଜ୍ଜିତା ହୋଇ ରାଜାଙ୍କୁ ଅପେକ୍ଷା କରିବାକୁ ଲାଗିଲେ ।

ମାନସିଂ ଆସି ମହଲରେ ପହଞ୍ଚିଲେ । ଅନ୍ତଃପୁରବାସୀମାନେ ସୁପର ସ୍ୱାଗତ କରିବାକୁ ଲାଗିଲେ । ଅତର ଗୋଲାପ ଚନ୍ଦନ ସୁଗନ୍ଧି ପଦାର୍ଥର ସମାବେଶରେ ପୁରୀ ମହକି ଉଠିଲା । ବଂଶୀ ମୃଦଙ୍ଗ ମୃଦୁ ବାଦନାଧ୍ୱନିରେ ରାଜାଙ୍କର ସମ୍ବର୍ଦ୍ଧନା କଲେ । ନୃତ୍ୟ ଗୀତାଦି ଚାଲିଲା ।

ଶେଷକୁ ରାଜା ଅମ୍ବାଲିକାଙ୍କୁ ପାଖରେ ବସାଇ ଗମ୍ଭୀର ସ୍ୱରରେ କହିଲେ, "ଶୁଣିଛି ତୁମେ ପିତାଳୟ ଯାଇଥିଲ ।

ଅମ୍ବା—ଆଜ୍ଞା ।

ମାନସିଂ—ଅମ୍ବର ରାଜବଂଶରେ ଏହା ଅନିୟମ ତାହା ଜାଣ ?

ଅମ୍ବା—ଜାଣିଛି, ସ୍ୱାମୀ ।

ମାନସିଂ—ତେବେ ଜାଣିଶୁଣି ବିନାନୁମତିରେ ଏହା କଲ କିପରି ?

ଅମ୍ବା—ସ୍ୱାମୀ ତ ଏଠି ନଥିଲେ; ଅଥଚ, ପିତା ମୃତ୍ୟୁଶଯ୍ୟାରେ ପଡ଼ିଥିବା ବେଳରେ ସ୍ୱାମୀଙ୍କର ଅନୁମତି ଆଣାଇ ସେଠାକୁ ଯାଇ ତାଙ୍କୁ ଦେଖିପାରିବା ଅସମ୍ଭବ ଜାଣି ମୁଁ ନିରୁପାୟ ହୋଇ ଏହା କରି ପକାଇଲି ।

ମାନସିଂ ପାଟମହାଦେଈ ତ ଥିଲେ ।

ଅମ୍ବା—ତାଙ୍କ ଅନୁମତି ନେଇଛି ।

ଏହିକଥା ଶୁଣି ମାନସିଂ ଦେଖିଲେ ଯେ ଅତ ଅମ୍ବାଲିକାଙ୍କର ଦୋଷ ଧରି ହେବ ନାହିଁ । କାରଣ ରାଜାଙ୍କ ଅବର୍ତ୍ତମାନରେ ପାଟରାଣୀଙ୍କ କ୍ଷମତା ପ୍ରବଳ ।

ତହୁଁ ସେ ଏକ କୌଶଳ ଅବଲମ୍ବନ କଲେ । ପ୍ରକାରାନ୍ତରରେ ତାଙ୍କୁ ଅପମାନିତ ଓ ଲଜ୍ଜିତ କରିବା ଉଦ୍ଦେଶ୍ୟରେ ଈଷତ୍ ହସି କହିଲେ, "ଅଚ୍ଛା, ଅଚ୍ଛା ଭଲ କରିଛ । ମାତ୍ର ଆଜିକାଲି ଦେଶେ ଅକାଳ ଓ ଅନାଟନ ପଡ଼ୁଛି ତାହା ତ ଜାଣି; କହିଥିଲେ ଏଠାରୁ ବେଶି ଚାଉଳ ଭଳି ଅଟା, ଗୁଡ଼ୁଲ, ଡାଲି, ଲୁଣ ପ୍ରଭୃତି ଖୋରାକ ସାମଗ୍ରୀ ତୁମ୍ଭ ପିତା ଓ ତାଙ୍କ ପରିବାରଙ୍କ ପାଇଁ ପଠା ହୋଇ ପାରିଥାନ୍ତା ।"

ଅମ୍ବାଲିକା ଯେତେ ହେଲେ ରାଜପୁତ କନ୍ୟା । ରାଜପୁତ ନାରୀମାନଙ୍କ ପକ୍ଷରେ



Digitized by srujanika@gmail.com

ଚାପେଟରର ନିନ୍ଦା ବଡ଼ ଅସହ୍ୟ । କଥାଟା ତାଙ୍କ କଲିଜାରେ ଛୁରୀ ଚଳାଇ ଦେଲା । ଝଟକରେ, ଅଭିମାନରେ ସେ ନିଜକୁ ପାଶୋର ପକାଇଲେ । ଉଚ୍ଚ ନଚନ୍ଦ୍ରର ରାଜାଙ୍କ ମୁହଁରେ ତତ୍କ୍ଷଣାତ୍ ଜବାବ ଦେଲେ—"ଛାମୁ ଯାହା କହୁଲେ ତାହା ଠିକ୍ । ମୋ ପିତାମାତାଙ୍କ ପ୍ରତି ଛାମୁଙ୍କର ବିଶେଷ ଅନୁଗ୍ରହ ଥିଲା । ମାତ୍ର, ମୋ ପିତା ଦରିଦ୍ର ହେଲେ ମଧ୍ୟ, ନିଜର ପିଅସୀ, ଭଉଣୀଙ୍କୁ ଯବନ ଅଗରେ ଭେଟିଦେଇ ଅପକାର ଏକତ୍ର ବଢ଼ାନ୍ତି ନାହିଁ ।"

କଥାଟା ବର୍ଚ୍ଛା ମୁନପରି ମାନସିଂହଙ୍କ ମର୍ମରେ ଭେଦିଗଲା । ସେ ସ୍ତମ୍ଭିତ ହୋଇ ପଡ଼ିଏ ରହିଗଲେ ।

ମୁସଲମାନ ଘରେ ଝିଅ ଦେଇ ବୈବାହିକ ସମ୍ବନ୍ଧ କରିଥିବା ହେତୁ ହିନ୍ଦୁ ସମାଜ ମାନସିଂହଙ୍କୁ ଘୃଣା କରୁଥିଲେ । ଏକଥା ମାନସିଂ ନିଜେ ବି ବୁଝୁଥିଲେ ଏବଂ ସେଥିପାଇଁ ନିଜକୁ ଲଜ୍ଜିତ ଓ ସଙ୍କୁଚିତ ମନେକରୁଥିଲେ । କିନ୍ତୁ ସେ ନିଜେ ଜଣେ ପ୍ରବଳ ପ୍ରତାପଶାଳୀ ବ୍ୟକ୍ତି ଓ ସମ୍ରାଟଙ୍କ ସମ୍ପର୍କରେ ଅନ୍ତର ପଞ୍ଚହଜାରୀ ପୁରୁଷ ଥିବାରୁ ଏଭଳି କଥା ପ୍ରକାଶ୍ୟରେ ତାଙ୍କୁ କେହି ସାହସ କରୁ ନଥିଲେ ।

ଆଜି ଏହି ସାମାନ୍ୟ ସର୍ଦ୍ଦାରର ଝିଅଟା ଏତେ କଥା ତାଙ୍କ ମୁହଁ ଉପରେ କହିଦେଲା !

ରାଜା ତତ୍କ୍ଷଣାତ୍ ସେଠାରୁ ଉଠି ବାହାରକୁ ଗୁଚ୍ଛିଗଲେ ।

ସେହିଦିନ ରାଜାଜ୍ଞା ହେଲା ଯେ ରାଣୀ ଅମ୍ବାଳିକାଙ୍କର ଅନ୍ତଃପୁର ପ୍ରାସାଦରେ ଆଉ ସ୍ଥାନ ନାହିଁ । ତିନିଦିନ ମଧ୍ୟରେ ସେ ଅନ୍ତଃପୁର ତ୍ୟାଗ କରିଯିବେ ।

କଥାଟା କହିଦେଇ ଅମ୍ବାଳିକା ସନ୍ତାପି ହେଲେ । ମାତ୍ର ହୃଡ଼ରେ କହି ତ ଦେଇଛନ୍ତି । ଫେରାଇବାର ଉପାୟ ନାହିଁ, ବଦଳାଇବାର ବାଟ ନାହିଁ । ନିଜର କପାଳ ଠୁକି ବସିଲେ ଓ ଉପାୟରେ କେବଳ କାନ୍ଦିବାକୁ ଲାଗିଲେ । ରାଜାଜ୍ଞା ଲେଉଟିବାର ନୁହେଁ ।

ମାନସିଂହଙ୍କର ଆଉ ଜଣେ ରାଣୀ ଥିଲେ; ସେ ଖୁବ ଅଳ୍ପ ବୟସ୍କା, ସୁନ୍ଦରୀ ଓ ବୁଦ୍ଧିମତୀ । ଏକଥା ଶୁଣି ତାଙ୍କ ମନରେ ଭାରି କଷ୍ଟହେଲା ।

ରାଜ କୋପରେ ଯେ ପଡ଼ିଛନ୍ତି ତାଙ୍କ ପାଇଁ କିଏବା ସାହସ କରି ଆସୁଛି । ମାତ୍ର ନୂଆରାଣୀ ସେଥିକୁ ଭୃକ୍ଷେପ ନକରି ଅମ୍ବାଳିକାଙ୍କ ଠାକୁ ନିଜେ ଆସିଲେ ।

ଆସି ସେ କହିଲେ, "ଭଉଣୀ ତୁମ୍ଭେ କାନ୍ଦନା; ଏହାର କିଛି ଉପାୟ କରିବା ।"

ଅମ୍ବା—ଉପାୟ ଆଉ କଣ ଥାଇପାରେ ?
ପଦେ କଥାରେ ମୋର ଜୀବନଟା ବ୍ୟର୍ଥ ହୋଇଗଲା ।

ନୂଆରାଣୀ କହିଲେ, "ଅଚ୍ଛା ତୁମେ ଜାଣ, ରାଜା ମୋତେ ଭଲ ପାଆନ୍ତି—ବୁଢ଼ା ସ୍ୱାମୀର ଯୁବତୀ ସ୍ତ୍ରୀ ପ୍ରତି ଯାହା ହୋଇଥାଏ ! ସେ ଯେତେବେଳେ ମୋ ପୁରରେ ଥିବେ, ତୁମେ ଏକ ଦରଖାସ୍ତ ଯେତେବେଳେ ଦେବ । ମୁଁ ଚେଷ୍ଟା କରି ଦେଖିବି ।"

ଅମ୍ବାଳିକା କିଞ୍ଚିତ ଆଶ୍ୱସ୍ତା ହେଲେ ।

ସେହିଦିନ ନୂଆରାଣୀ ନିଜେ ଦରଖାସ୍ତ ଚଳାଇ ଦେଲେ । ଅମ୍ବାଳିକା ଲେଖି ଦସ୍ତଖତ କଲେ ।

\+ + +

ତହିଁଆର ଦିନ ରାଜା ମାନସିଂ ନୂଆ ରାଣୀ ପୁରରେ ବସିଛନ୍ତି, ଜଣେ ଦାସୀ ଆଣି ଦରଖାସ୍ତ ଟେକିଦେଲା । ମାନସିଂ କହିଲେ "କିଏ ଦେଇଛି" ? ଦାସୀ କହିଲା "ରାଣୀ ଅମ୍ବାଳିକା ।"

ଅମ୍ବାଳିକାର ନାମ ଶୁଣିଲା ମାତ୍ରକେ ରାଜା ନିଆଁ ବାଣ ହୋଇଗଲେ । କହିଲେ 'ଅମ୍ବାଳିକ ସହିତ ମୋର କୌଣସି ସମ୍ପର୍କ ନାହିଁ । ଯା—' ଏହା କହି ଦରଖାସ୍ତ ଫୋପାଡ଼ ଦେଲେ ।

ତହୁଁ ନୂଆ ରାଣୀ ବାହାରି ପଡ଼ି କହିଲେ "ଏଇ ଅଦ୍ଭୁତ କଥା ! ଯେ ରାଜା, ସେ ସବୁର ହାରି ଗୁହାରି ଶୁଣେ । ଅମ୍ବାଳିକା ଆପଣଙ୍କର ପରିତ୍ୟକ୍ତା ସ୍ତ୍ରୀ ହୋଇପାରେ, ମାତ୍ର ସେ ଅମ୍ବରର ଜଣେ ସାଧାରଣ ପ୍ରଜା ତ । ତାର ଦରଖାସ୍ତ ଗ୍ରହଣ କରିବା ଉଚିତ ।" ନବୀନା ରାଣୀଙ୍କ କଥା କାଟି ଦେବାର ଶକ୍ତି ତାଙ୍କର ନଥିଲା । ସେ ଦରଖାସ୍ତ ନେଇ ପାଠ କଲେ ।

ନୂଆ ରାଣୀ ପଚାରିଲେ, 'କଣ ଦରଖାସ୍ତରେ ଲେଖିଛନ୍ତି ଅମ୍ବାଳିକା ?'

ରାଜା କହିଲେ, 'ସେ ଦୋଷ ସ୍ୱୀକାର କରି କ୍ଷମା ଭିକ୍ଷା କରିଛନ୍ତି । କିନ୍ତୁ ଏଭଳି କଥାରେ କ୍ଷମା ଅସମ୍ଭବ । ତାପରେ ମାନସିଂହର ଆଜ୍ଞା—ଜାଣିଛ ତ !'

ନୂଆ ରାଣୀ କହିଲେ, 'ଠିକ୍ କହିଛନ୍ତି ଛାମୁ' ଆପଣଙ୍କ ହୁକୁମ ରଦ୍ ହୋଇ ନପାରେ; ଅମ୍ବାଳିକା ନିଶ୍ଚୟ ନଅରରୁ ବାହାରି ଯିବେ ।'

ରାଣୀଙ୍କ କଥା ଶୁଣି ମାନସିଂ ଖୁସି ହେଲେ । ପୁଣି ରାଣୀ କହିଲେ "ଆଉ ସେ କଣ ଲେଖିଛନ୍ତି ?"

ରାଜା—ଯଦି ମୋ ମତ ମିଳେ ତେବେ ରାଜାଙ୍କ ଏଠାରେ ଯାହାକିଛି ଆଦରର ପ୍ରିୟ ବସ୍ତୁ ଅଛି ସେ ସବୁ ସେ ସଙ୍ଗରେ ନେଇ ଯିବାର ଅନୁମତି ଚାହାନ୍ତି—ଏହାଛଡ଼ା ମୋ ସହିତ ଥରେ ଶେଷ ଦେଖା ମଧ୍ୟ ।

ନୂଆରାଣୀ—ଉଚିତ କଥା । ଆପଣ ନିଜେ ଯାହା ଯାହା ତାଙ୍କୁ ଦେଇଛନ୍ତି ଓ ଯାହା ଯାହାକୁ ସେ ସ୍ନେହ କରନ୍ତି, ସେ ସବୁ ଚିଜ ତାଙ୍କର ନେଇଯିବା ଉଚିତ । କାରଣ ତାଙ୍କର ସବୁ ତ ଗଲା ? ଏତିକି ଅନୁଗ୍ରହ ଆଜ୍ଞା ହେଉ !

ଆଉ ପୁଣି, ଥରେ ମାତ୍ର ଶେଷ ଦେଖା । ଏତ ନାରୀର ସ୍ୱଭାବ । ପରିତ୍ୟକ୍ତା ହୋଇ ସେ ଏ ଜନ୍ମ ପାଇଁ ସ୍ୱାମୀ ସଙ୍ଗରୁ ବଞ୍ଚିତା ହେଲେ । ଯିବା ବେଳେ ଥରେ ମାତ୍ର ଦେଖା କଣ ହେବ ନାହିଁ ? ଛାମୁ କଣ ଏତେ ନିଷ୍ଠୁର !

ରାଜା ତରଳି ଗଲେ । ତତ୍କ୍ଷଣାତ୍ ହୁକୁମ ଦେଲେ କି ଅମ୍ବାଳିକା ତାଙ୍କର ଏଠାରେ ଯାହା କିଛି ପ୍ରିୟ ପଦାର୍ଥ, ସବୁ ସଙ୍ଗରେ ନେଇ ପାରିବେ । ଆଉ କାଲି ଶେଷ ଦେଖା ଦେବା ପାଇଁ ସେ ନିଜେ ତାଙ୍କ ପୁରକୁ ଅଧଘଣ୍ଟା ସକାଶେ ବିଜେ କରିବେ ।

ରାଜାଙ୍କ ଠାରୁ ଏ ଆଜ୍ଞା ପତ୍ରିକା ଲେଖାଇ ନେଇ ନୂଆ ରାଣୀ ଦାସୀ ହାତରେ ଦେଇ ବିଦାୟ କରି ଦେଲେ ।

\+ × +

ନୂଆ ରାଣୀ ଅଧ ରାତିରେ ପୁଣି ଥରେ ଅମ୍ବାଳିକାଙ୍କ ଠାକୁ ଯାଇ କାନରେ କଣ ଫୁସ୍ ଫାସ୍ କରି କହି ଦେଇ ଆସିଲେ, ଆଉ ନିଜର ବାପାଙ୍କଠାକୁ ଜରୁରି ପତ୍ର ଲେଖି ପଠାଇଲେ କି

Digitized by srujanika@gmail.com

ପତ୍ନୀଙ୍କ ଜଣେ ଭର୍ତ୍ତି ଓ ଦୁର୍ଦ୍ଦାନ୍ତ ଶିବିକା ଅତି ଜରୁର ଦୋଇଛେ।

ତହିଁ ଆର ଦିନ ରାଜା ଟେଳେ କରିବେ ବୋଲି ଅମ୍ବାଳିକା ପୁରରେ ପୁଣି ନୈଶ ଭୋଜ ହେଲା। ରାଜସଭା ବସିଲା। କିନ୍ତୁ ଏଥିରେ ଯେପରି ପ୍ରାଣ ନାହିଁ। ଉତ୍ସବ ନିଷ୍ପ୍ରଭ।

ଯଥାବେଳ ଯଥା ଶୟନଗୃହରେ ରାଜା ଉପଗତ ହେଲେ। ପଲଙ୍କରେ ଶରୀର ଢାଳି ବସିଲେ। ଅମ୍ବାଳିକା ପୁଷ୍ପ ଚନ୍ଦନ ଦେଇ ପାଦ ପୂଜା କଲେ। କଥା ବାର୍ତ୍ତା କେହି କହୁ ନାହାନ୍ତି। ଶେଷରେ ଅମ୍ବାଳିକା କହିଲେ, "ମୋର ପତି ସେବା ଆଜ ଠାରୁ ସରି ଯାଉଛି—ମୋ ହାତରୁ ପ୍ରଭୁ ଅନ୍ତିମ ଶେଷ ମଣୋହି କରନ୍ତୁ। ଏତିକି ଭିକ୍ଷା।

ରାଜାଙ୍କର ରାଗ ଯାଇ ନାହିଁ। ସେ ମିଥ୍ୟା ନାସ୍ତି କଲେ। ଅମ୍ବାଳିକା ପାଦ ଧରି କାନ୍ଦିବାକୁ ଲାଗିଲେ। ଅତି କଷ୍ଟରେ ମାନସିଂ କହିଲେ "ଆଚ୍ଛା ଏକ ଗ୍ଲାସ ସରବତ ଦେଇ ପାର।"

ଅମ୍ବାଳିକା ଆନନ୍ଦିତା ହୋଇ ସରବତ ତିଆରି କରି ଆଣିଲେ। ରାଜା ସେତକ ପାନ କରି ପାନ ଖଣ୍ଡିଏ ଖାଇଲେ। ଦୁଇ ମିନିଟ ମଧ୍ୟରେ ରାଜାଙ୍କ ନିଦ ଝାଙ୍କିଲା। ସେ ଅଚେତ ହୋଇ ସେଇଠି ଶୋଇ ପଡ଼ିଲେ।

ଏଣେ ନୂଆ ରାଣୀଙ୍କ ବାପ ଘରୁ ଆସିଥିବା ସୈନିକମାନେ ଶିବିକାସହ ପ୍ରସ୍ତୁତ ଥିଲେ। ଅନୁଚରମାନେ ଶିବିକାରେ ନିଦ୍ରିତ ରାଜାଙ୍କୁ ଶୁଆଇ ଦ୍ରୁତ ବେଗରେ ବାହାରି ଗଲେ। ଅନ୍ୟ ଶିବିକାରେ ଅମ୍ବାଳିକା ପଛେ ପଛେ ଚାଲିଲେ।

\+ + +

ରାଣୀ ଅମ୍ବାଳିକାଙ୍କ ବାପ ଘର। ରାଜା ମାନସିଂ ପଲଙ୍କରେ ଅଚେତ ନିଦ୍ରିତ। ଅମ୍ବାଳିକା ପାଦ ସେବାରେ ନିରତା।

ଦୁଇଦିନ ଗତ ହେଲା। ତୃତୀୟ ଦିନ ରାଜାଙ୍କର ନିଦ ଭାଙ୍ଗିଲା। ସେ ଆଖି ବଡ଼ ବଡ଼ କରି ଘର ଆଡ଼କୁ ଚାହିଁଲେ। ଏ କାହା ଘର—ଏ କେଉଁ ସ୍ଥାନ! ମନେ ପଡ଼ିଲା ତାଙ୍କର, ସେ ଅମ୍ବାଳିକା ପୁରରେ ଶୋଇ ପଡ଼ିଥିଲେ। ଏଠାକୁ ତାଙ୍କୁ କିଏ ଆଣିଲା!

ବ୍ୟସ୍ତ ହୋଇ ସେ ଉଠି ବସିଲେ। କହିଲେ "ଏସବୁ କି ଆଶ୍ଚର୍ଯ୍ୟ କଥା ଅମ୍ବାଳିକା?"

ଅମ୍ବା—ଆଶ୍ଚର୍ଯ୍ୟତ କିଛି ନାହିଁ ପ୍ରଭୁ।

ରାଜା—ଏ କାହା ଘର?

ଅମ୍ବା—ଏ ଘର ମୋ ବାପ ଘର! ପ୍ରଭୁଙ୍କ ଆଜ୍ଞାରେ ମୁଁ ଅମରପୁରୁ ନିର୍ବାସିତା ହୋଇ ଏଠାକୁ ଆସିଛି।

ରାଜା—ତେବେ ମୁଁ ଏଠାକୁ କାହିଁକି ଆସିଲି?

ଅମ୍ବା—ମୁଁ ଆଣିଛି।

ରାଜା—ତୁମ୍ଭେ! ବିଶ୍ୱାସ ଘାତକ! ଘୋର ରାଜ ଦ୍ରୋହ! ଏହାର ସମୁଚିତ ଦଣ୍ଡ…

ଅମ୍ବା—ପ୍ରଭୁ, ଏ ଦାସୀ ଅପରାଧିନୀ ନୁହେଁ। ଆଜ୍ଞାକୁ ଶିରୋଧାର୍ଯ୍ୟ କରି ମୁଁ ଏହା କରିଛି ମାତ୍ର।

ରାଜା—ମାୟାବିନି, ପୁଣି ମୋ ଦେହେ ଚଳିବି! କି ପ୍ରମାଣ ଅଛି ଶୀଘ୍ର କହ—

ଅମ୍ବା—ମୁଁ ମିଥ୍ୟା କହୁନାହିଁ ପ୍ରଭୁ। ଏହି ଦେଖନ୍ତୁ, ପ୍ରଭୁଙ୍କର ସ୍ୱହସ୍ତ ଲେଖା।

ଏହା କହି ସେ ତାଙ୍କ ଦରଖାସ୍ତ ଉପରେ ଥିବା ରାଜାଙ୍କର ହୁକୁମ ଦେଖାଇଲେ।

ରାଜା ପଢ଼ି କହିଲେ, "ଏଥିରେ କଣ ହେଲା—ମୁଁ କିଛି ବୁଝି ପାରୁନାହିଁ।"

ଅମ୍ବାଳିକା କହିଲେ, "ଆଜ୍ଞା ହେଲେ ଦାସୀ ବୁଝାଇ ଦେବ। ପ୍ରଭୁ ଅନୁମତି ଦେଇଛନ୍ତି କି ଅମର ପ୍ରାସାଦରେ ଥିବା ଯାହା ମୋର ପ୍ରିୟ ଦ୍ରବ୍ୟ ମୁଁ ତାହା ଆଣି ପାରିବି।

ରାଜା—ଠିକ୍ ତ।

ଅମ୍ବା—ପ୍ରଭୁ ବିଚାର କରନ୍ତୁ. ନାରୀର ସବୁଠାରୁ ପ୍ରିୟ ପଦାର୍ଥ କଣ କଣ? ସ୍ୱାମୀ-ଦେବତା ନୁହନ୍ତି କି? ସେ ମୋର ସବୁଠାରୁ ପ୍ରିୟ ବସ୍ତୁଟି ମୁଁ ସଙ୍ଗରେ ନେଇ ଆସିଲି, ଏହାହିଁତ ରାଜାଜ୍ଞା!

ରାଜା ମାନସିଂ ନିରୁତ୍ତର।

ନାରୀମାନଙ୍କ ବୁଦ୍ଧିରେ ସେ ଆଜି ପରାସ୍ତ ହୋଇ ଅପାର ଆନନ୍ଦ ଅନୁଭବ କଲେ ଓ ସେମାନଙ୍କ ବୁଦ୍ଧିକୁ ଭୂରି ଭୂରି ପ୍ରଶଂସା କଲେ।




# ଅସଲି ପଞ୍ଚଗୁଣା ତେଲ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଣ୍ଟିଧରା, କାନ ଟଣା, ମୁଣ୍ଡବଥା, ଭୁଣ୍ଡିଆ, ବାତ, ମଚକା, ପୋଡ଼ା ଘା, ଛଉ ଦରଜ, ଅଣ୍ଡାବଢିଲା ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ। ପରୀକ୍ଷା ପ୍ରାର୍ଥନୀୟ।
ଠିକଣା:—ଅସଲି ପଞ୍ଚଗୁଣା ତେଲ ଅଫିସ୍—କଟକ।

# ମମିରା ସୁରୁମା

ଏହାକୁ ପ୍ରତିଦିନ ଆଖିରେ ଲଗାଇଲେ ଆଖିରେ ପାଣି ଦେଉଥିବା ଆଖି ଧରୁଥିବା, ଆଖିର କଣା ପ୍ରଭୃତି ରୋଗକୁ ଭଲ କରି ଆଖିକୁ ନିର୍ମଳ କରି ଦିଏ। ମୂଲ୍ୟ—ପ୍ରତି ଶିଶି—୫୦। ଗ୍ରୋସ ଶିଶି—୫୦।୵

ପ୍ରକାଶ ଥାଉଛି ଆଖିରେ ମୋତିଆବିନ୍ଦୁ ଆଖିରେ ପରଦା ପଡ଼ିଥିଲେ ତାହା ପରିଷ୍କାର କରିବା ପାଇଁ ବଢିଆ ସୁରମାର ଦାମ ୧ଶିଶି—୫୧।

ଠିକଣା:—ଅସଲି ପଞ୍ଚଗୁଣା ତେଲ ଅଫିସ, କଟକ।




Digitized by srujanika@gmail.com

# ଡଗର ପଞ୍ଚଦଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ୨୫ଙ୍କା ପୁରସ୍କାର !    'ଡଗର' ପାଠକମାନେ ପାଇ ପାରିବେ ।    ଟ୨୫ଙ୍କା ପୁରସ୍କାର

ଦୁଇଅଣାର ପଇସିକିଆ ଡାକଟିକଟ ଦେଇ    ପ୍ରଥମଟି ସହ ଏକଅଣାର ପଇସିକିଆ ଡାକଟିକଟ ଦେଇ    ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free



ନାମ_____    ଠିକଣା ______________________    କେତୋଟି ଉତ୍ତର _______

## ପଥା ଭାବରେ ।

୧ । ଶତ୍ରୁତା ଭେଦ କରିବାକୁ ଯେ ସୁଖ ନ ପାଏ ସେ ଏହା ହୋଇ ନପାରେ ।

୩ । ପ୍ରତିଯୋଗିତାରେ ଅମ ଟ୍ରାଙ୍କ ଆଇ- ବାକୁ କାହାର ଏହା ନ ଥାଏ ?

୫ । ଏହା କରିବା ପାଇଁ ନିପୁଣ ରଙ୍ଗମଞ୍ଚ, ନେତାରୂପୀ ଅଭିନେତାମାନଙ୍କୁ ବଡ ସୁଯୋଗ ଦେଇଥିଲା ।

୭ । ରମଣୀର ଯୌବନ ଏପରି ଥିବାବେଳେ ପୁରୁଷର ଶତ୍ରୁ ସହଜରେ ବିଚଳିତ କରେ ।

୮ । ମାଲି ମକଦ୍ଦମାରେ ଶତ୍ରୁକୁ କବଳ କରିବା ପାଇଁ ଏହାର ବଳ ଅଧିକାଂଶ ସମୟରେ ଦରକାର ।

୯ । ପାଦାତିରେ ଏହା ଅଢ଼ିଲେ ବାଟ ଚାଲିବା କଷ୍ଟକର ।

୧୦ । ମନ୍ତ୍ରୀପ ମିଳେ ଏମାନେ ସାଧାରଣତଃ ଖୁସି ହୋଇଥାନ୍ତି ।

୧୫ । ଅଳିକାଳି ଏହା ଦେଖାଇଲେ ଲୋକେ ବନ୍ଧା ଗିଳି ଦେବେ ।

୧୬ । ଯେଉଁମାନେ କାମରେ ଆଗୁଆ ହୋଇ ବାହାଦୁରି ପ୍ରାପ୍ତ ସେମାନେ ଏହା ବୋଲି ଅନେକେ ବୁଝିଥାନ୍ତି ।

## ଉପରୁ ତଳ ଭାବରେ ।

୧ । ବାକ୍‌ଦେବୀ ସଦୟ ହେଲେ ମୂକ କବିର ଯେଉଁ ଶକ୍ତି ଖରି ହୁଏ ।

୨ । ଏହିଳି କଥା ସହ ହୁଏ ନାହିଁ—ମର୍ମିର ଦାହ ହୁଏ ।

୩ । ଅଳି କାଳି ଏ ଫଳ ମିଳେ ।

୪ । ରୋଷାଏ — ଅନେକ ଅଲଗୁଆଙ୍କ ସମୟ ସମୟରେ ଚଞ୍ଚଳ କରିବା ପାଇଁ ଯଥେଷ୍ଟ ।

୬ । ଲୁଙ୍କ ନାକଟରେ ଦୌନାଂ ଥିବା କାଶ କରିବା ପାଇଁ କେତେକ ଭକ୍ତ ଯଥା- ସମୟରେ ଏହାର ବ୍ୟବହାର କରି- ଥାନ୍ତି ।

୯ । ଅଗରୁ ଏ ଦେଶର ଭୂସ୍ୱାମୀମାନେ ପରସ୍ପର ମଧ୍ୟରେ ବିବାଦ ବେଳେ ଏମାନଙ୍କର ସାହାଯ୍ୟ ନେଉଥିଲେ

୧୧ । ଗ୍ରାମ୍ୟଜନମାନଙ୍କର ଏହାଦ୍ୱାରା ଅନେକ ସମୟରେ ସୁବସୁଲଭ ଅବିବେକିତାର ବିଷମୟ ପରିଣାମରୁ ଉଦ୍ଧାର ମିଳିଥାଏ ।

୧୨ । ଗଡ଼ଜାତ ଲୋକେ ବାହାର ନେତାଙ୍କ କଥାରେ ଏହା ଧରୁଛନ୍ତି ।

୧୩ । ଅତିରିକ୍ତ କାର୍ଯ୍ୟ ବ୍ୟସ୍ତ ରହିଲେ ଅନେକ ସମୟରେ ଲୋକ ଏହା ଭୁଲି- ଯାଇ ଥାଏ ।

**ନିୟମ—ପ୍ରତ୍ୟେକ ଫିସ୍ ପ୍ରଥମ ଖଣ୍ଡକୁ ୪୦/ ଓ ଅଧିକ ପ୍ରତିଖଣ୍ଡକୁ ୫୦/ ଲେଖାଏ (ଶେଷ ତା ୧୦-୭-୩୯)**

**ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ପଥା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିପାରୁ ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଖୁବ ମିଳୁଛି ତାହା ବାଛି ବସାଇବା ଉଚିତ ।**

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳି ଯିବ ସେ ପ୍ରଥମ ପୁରସ୍କାର ଟ୧୨୲ ପାଇବେ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ଟ୨୲ ପାଇବେ

ସବୁଠାରୁ କମ୍ ସଂଖ୍ୟକ ଭୁଲ ଦେଇଥିବା ବ୍ୟକ୍ତି ଟ୩୲ ଦ୍ୱିତୀୟ ପୁରସ୍କାର ପାଇବେ ।

ଏହା ବ୍ୟତୀତ ଅଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ମଧ୍ୟରେ ଆନୁପାତିକ ବାକି ଟ୪୲ ବାଣ୍ଟି ଦିଆଯିବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଶେଷ ପୃଷ୍ଠାରେ ଉତ୍ତରପତ୍ର କୁପନ ଦିଆ ଯାଇଛି । ଯେ କୌଣସି ଉତ୍ତର ଦେବାକୁ ଇଚ୍ଛା କରିବେ ଉପରେ ଲେଖାଥିବା ସାଦା କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକାସଙ୍ଗରେ ମନିଅର୍ଡରରେ ଓ ନହେଲେ ସଙ୍ଗେ ଦୁଇ ଅଣାର ପୋଷ୍ଟେଜ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ଟ୦/୧ ଓ ୨ୟ ଟି ପାଇଁ ଟ୦/୧ ପଇସାର ଡାକଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯଦି କୌଣସି ଏକ ବ୍ୟକ୍ତି ଏହିପରିକି ତିନୋଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛା କରିଲେ ଉତ୍ତର ଛପା କୁପନ ଅଥବା ସାଦା କାଗଜରେ ଏହିପରି ଘର କାଟି ଆଉ ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ ) ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ— ଅର୍ଥାତ ଦୁଇଅଣା ଟିକେଟ ଦେଇ ଅଥବା ଦୁଇଟି ଉତ୍ତର ଦେଲେ ଗୋଟିଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ଜୁଲାଇ ୧୦ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଉତ୍ତର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର ।

---

## ଶବ୍ଦଧନ୍ଦା ବିଜ୍ଞାପନ

ଗ୍ରୀଷ୍ମ ଅବକାଶ ହେତୁ ହାଇସ୍କୁଲ ଏବଂ କଲେଜର ଛାତ୍ର ପ୍ରତିଯୋଗୀମାନେ ଯୋଗ ଦେଇ ନ ପାରି ଅନେକ କଷ୍ଟ ପାଉଥିବାରୁ କେବଳ ଏହି ଶବ୍ଦଧନ୍ଦା ନମ୍ବରରେ ଉତ୍ତର ପଠାଇବାର ଶେଷ ତାରିଖ ୨୫।୬।୩୯ ତାରିଖରୁ ୧୦।୭।୩୯ ତାରିଖ କରି ଦିଆଗଲା । ଆଶାକରୁଁ ପ୍ରତିଯୋଗୀମାନେ ଏହି ସୁଯୋଗର ସଦ୍‌ବ୍ୟବହାର କରିବେ ।

---


# ଜନୈକ ସାଧୁଙ୍କ ପ୍ରଦତ୍ତ ମହୌଷଧ

## କାୟକଳ୍ପ ରସାୟନ

ଏହା ବ୍ୟବହାର କଲେ ସ୍ତ୍ରୀମାନଙ୍କର ପ୍ରଦର ରୋଗ ଅତିଶୀଘ୍ର ପ୍ରଶମିତ ହେବ । ବନ୍ଧ୍ୟା ସ୍ତ୍ରୀମାନେ ଆଶ୍ଚର୍ଯ୍ୟରୂପେ ପୁତ୍ରବତୀ ହୁଅନ୍ତି ଏବଂ ସନ୍ତାନ ସନ୍ତତିର ଶୁଭାଗମନ ହୁଏ । ବହୁ ସନ୍ତାନ ପ୍ରସବିନୀ ଓ ଦୁର୍ବଳା ସ୍ତ୍ରୀମାନଙ୍କ ସ୍ୱାସ୍ଥ୍ୟୋନ୍ନତି ପକ୍ଷେ ଏହା ଚମତ୍କାର ଭାବେ କାର୍ଯ୍ୟକରେ ଓ ନବଯୌବନ ମଧ୍ୟ ଫେରାଇ ଆଣେ । ସିଦ୍ଧ ଋଷିବାକ୍ୟ କଦାପି ମିଥ୍ୟା ହେବାର ନୁହେଁ । ପରୀକ୍ଷା କରି ଏହାର ଫଳାଫଳ ଉପଲବ୍ଧି କରନ୍ତୁ ।

**କଣ କର୍ତ୍ତବ୍ୟ ?**— ୧ । ଉତ୍କଳ ମାତାର ଗୌରବ ବଢ଼ାଇବାର ଇଚ୍ଛା ଥିଲେ——
୨ । ନିଜ ଘରର ଓ ପଡ଼ୋଶୀ ସ୍ତ୍ରୀ ମାନଙ୍କର ମଙ୍ଗଳ କାମନା କରିବାକୁ ହେଲେ——
୩ । ଆୟୁର୍ବେଦର ପ୍ରଚାର କରିବାକୁ ହେଲେ——
୪ । ସ୍ୱର୍ଗ ଜୀବନ ଲାଭ କରିବାକୁ ହେଲେ——

ଏହାର ଏଜେଣ୍ଟ ହୁଅନ୍ତୁ ! ଦେଖିବେ, କମିଶନ ପାଇବେ ଓ ଘରେ ବସି ମଧ୍ୟ ଅକର୍ମା ସମସ୍ୟା ଦୂର କରି ପାରିବେ ।
ଏଜେଣ୍ଟ ହେବାର ଇଚ୍ଛା ଥିଲେ ଅଣେ ଅଧ ଡାକ ଟିକଟ ସହ ପତ୍ର ଲେଖନ୍ତୁ ।

କାୟକଳ୍ପ ରସାୟନ ୧୫ ଦିନ ସେବନ ଉପଯୋଗୀ ଶିଶିର ମୂଲ୍ୟ ଟ୨୲ ମାସୁଲ ଟ୦।୵ ।
୨ ଶିଶିର ମୂଲ୍ୟ ଟ୪୲ ,, ଟ୧୵

ଦୁଇ ଶିଶିରୁ ଅଧିକ ନେଲେ ମାସୁଲ ଲାଗିବ ନାହିଁ । ତିନି ଶିଶିରୁ ଅଧିକ ନେଲେ ଏକଚତୁର୍ଥାଂଶ ମୂଲ୍ୟ ପଠାଇବାକୁ ହେବ ।

ପ୍ରାପ୍ତିସ୍ଥାନ:—

**କାୟକଳ୍ପ ଔଷଧାଳୟ**
କବିରାଜ—**ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ
ଅଲମଚାନ୍ଦ ବଜାର, କଟକ ।

କବିରାଜ—**ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ
। ଗ୍ରା । ନଅପଡ଼ା ।
ପୋ: ଅ: ବୁଢ଼ନ୍ତଚୌକ, କଟକ ।


Digitized by srujanika@gmail.com




## ନବଭାରତ-ପଞ୍ଚମ ସଂଖ୍ୟା-ଜ୍ୟେଷ୍ଠ

ଓଡ଼ିଶାରେ ମୌଳିକ ସାହିତ୍ୟ ସୃଷ୍ଟିର ସମ୍ଭାବନା ସମ୍ବନ୍ଧ ପଦେ—ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ।

ଏ ସମ୍ବନ୍ଧରେ .. ଧାରଣା ପତ୍ରିକାର ସମ୍ପାଦକଙ୍କ ମତ ପ୍ରତିବାଦ କରିଛନ୍ତି। ଶାସ୍ତ୍ରି ନଥିଲେ ଯେ ଜାହାର ଜାହାର ଦେହ ଯିବ ନାହିଁ, ଏ ପ୍ରତିବାଦଟି ତାହାର ପ୍ରମାଣ। ଯନ୍ତ୍ର-ସାହିତ୍ୟ ବା ଶବ୍ଦ-ଯନ୍ତ୍ର ସାହିତ୍ୟ ଛଡ଼ା ଓଡ଼ିଶା ଦେଶରେ ଅନ୍ୟ କିଛି ଯଦି ନ ମିଳେ, ତେବେ ସାହିତ୍ୟ ସମାଜର ଆଦର୍ଶ ଓ ଭବିଷ୍ୟତକୁ ଧନ୍ୟବାଦ। ଦୁଃଖ କରିବାର କିଛି ନାହିଁ।

ପଣ୍ଡିତ ସୂର୍ଯ୍ୟନାରାୟଣଙ୍କ ସଙ୍କଳନ ସୁଖପାଠ୍ୟ।

ଅଶ୍ରୁ – କବିତା—ଶ୍ରୀ ନନ୍ଦକିଶୋର ଦାସ। ଏଥିରେ ବହୁତ କଷ୍ଟେ ଅଳ୍ପ ପଦ ଜଣାଯାଏ। ଭାଷା ମଧ୍ୟ ସେହିପରି। ନମୁନା ଯଥା—

ଫୁଲ ଫଗୁଣରେ ଭ୍ରମର ପାଞ୍ଚୁ ଡ଼ାରେ
ମଳୟ-ଅନିଳ ଜାଣେ।

ଏହିପରି ଅନେକ ମନ ମତାଣିଆ ପଦମାନ ରହିଛି, ଯାହା ଠିକ ବୁଝି ନ ପାରିଲେ ମଧ୍ୟ ପାଠକକୁ 'ମହାପ୍ରଭୁଙ୍କ ଖେଳ' ଜଣାଇ ଦିଏ।

'ଭଲ ପାଇବାର ଶେଷ କଥା'—ଶ୍ରୀ ରାଜକିଶୋର ପଟ୍ଟନାୟକ। ଅନେକ ପ୍ରେମିକ ଭଲ ପାଇବାର ଶେଷ କଥା ଲେଖି ଲେଖି ଥକିଲେଣି। ଏବେ ରାଜକିଶୋର ବାବୁ ବିଷୟଟିକୁ ଏକ ନୂଆ angleରୁ ଦେଖିଛନ୍ତି। ଏ ଦୃଷ୍ଟି ବଡ଼ practical ଭଳି ଲାଗିଲା। ସମାଲୋଚନାର ଦୋଷ ବା ସଫେଇ ନ ଦେଖାଇ ବଡ଼ ଲୋକର ଦୋହାଇ ଦେଇ, ଭୁଲ୍‌ hush hush କରିବାରେ କି ଫଳ!

ବନ୍ଦିତା—ପଦ୍ୟ—ଶ୍ରୀ ଚନ୍ଦ୍ରଚୂଡ଼ ଦାସ ବର୍ମା। କବିତାଟି ଉଦ୍ଭଟ ଭାବ୍ୟ।

ଚକ୍ଷୁଦାନ—ଶ୍ରୀ ନନ୍ଦକିଶୋର ଦାସ। ଲେଖକଙ୍କର ବେଶ୍ Metaphysics ଓ Thosophy

ଗାଁରା ?—ପଦ୍ୟ—ଶ୍ରୀ କୁବେର ଦଳାଇ। ଶାନ୍ତି ଜନକ। ଯଥେଷ୍ଟ ପ୍ରସାଦଗୁଣ ବିଦ୍ୟମାନ। ନବୀନ କବିଙ୍କୁ ଶତ ଧନ୍ୟବାଦ।

ପଦ୍ମବନ୍ଧନ – ଶ୍ରୀ ଅନିରୁଦ୍ଧ ମହାନ୍ତି। କ୍ଷୁଦ୍ର ଚେଲେଲେହିଁ ଅତି ସୁନ୍ଦର ଓ ହୃଦୟସ୍ପର୍ଶୀ ମୁକ୍ତଏମ ଆଲେଖ୍ୟ।

ଅଳଅମୂର୍ତ୍ତି—ଶ୍ରୀ ଅନନ୍ତ କୁମାର ଦାସ। ଅଳଅ ନୁହେଁ ତ, ଶାଣ୍ଟି କଥା। କିନ୍ତୁ ଏ ଫଗୁଣଆ, ବାହାପିଆ ଯୁଗରେ ଶୁଣିବ କିଏ! ତଥାପି କହି ରଖିବା ଉଚିତ।

ମୋହନ—ଶ୍ରୀ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ। ମହାତ୍ମା ଗାନ୍ଧୀଙ୍କୁ ଭୂତନାଥ, ସଦାଶିବ ମହାଦେବଙ୍କ ଅବତାର ସଜାଇ ଏକ ପ୍ରବନ୍ଧ ଲେଖିଛନ୍ତି। ଏହା ଗଦ୍ୟରେ ନ ହୋଇ ପଦ୍ୟରେ ହୋଇଥିଲେ ଅଷ୍ଟାଦଶ ପୁରାଣ ସାଙ୍ଗରେ ଉପନବିଂଶ ପୁରାଣ ହୋଇ ପାରିଥାନ୍ତା ଏବଂ ଲେଖକଙ୍କ ନାମ ମଧ୍ୟ ଚିରକାଳକୁ ରହିଯାଇ ଥାଆନ୍ତା।

ଲେଖକ ମହାଶୟ ଦୁଃଖ କରି କହିଛନ୍ତି କି ତାଙ୍କୁ (ଗାନ୍ଧିଙ୍କୁ) ଆଉ କେହି ଚିହ୍ନି ପାରିଲେ ନାହିଁ—ଚିହ୍ନିଲେ କେବଳ "କଂଗ୍ରେସବାଲାମାନେ", ଓହୋ! ମହାଦେବଙ୍କର ଏମାନେ 'ଭୂତଗଣ' ପରା! ଲେଖକ ନିଜେ ଚିହ୍ନିଛନ୍ତି ଯାହାହେଉ!

## ଉତ୍କଳପ୍ରଦୀପ-ଚୈତ୍ର-ତୃତୀୟ-ସଂଖ୍ୟା

ବାରିପଦା ସାହିତ୍ୟ ସମ୍ମିଳନୀର ସଭାପତିରୂପେ ଅଧ୍ୟାପକ ଗିରିଜାଙ୍କର ଯେଉଁ ଅଭିଭାଷଣ ଦେଇଥିଲେ ତାହା ଏ ସଂଖ୍ୟାର ପ୍ରଥମ ସ୍ଥାନ ଅଧିକାର କରିଛି। ଅଧ୍ୟାପକ ମହାଶୟ ଓଡ଼ିଆ ଭାଷାର ଯେଉଁ ଭଳି ମୌଳିକ ଆଲୋଚନା କରୁଅଛନ୍ତି, ସେଥିରେ ତାଙ୍କର ପାଣ୍ଡିତ୍ୟ ଯଥେଷ୍ଟ ପ୍ରକାଶ ପାଉଛି ଓ ଉତ୍କଳ ସାହିତ୍ୟ କ୍ଷେତ୍ରରେ ତାଙ୍କର ଗୋଟିଏ ଅବିସମ୍ବାଦି ଆସନ ନିର୍ଦ୍ଦିଷ୍ଟ ହୋଇ ସାରିଲାଣି।

ଆଲୋଚ୍ୟ ଅଭିଭାଷଣରେ ସେ ତେଜର ଭଙ୍ଗୀର ଜ୍ଞାନ ଓ ସ୍ୱାଧୀନ ଚିନ୍ତାର ପରିଚୟ ଦେଇ ଅଛନ୍ତି, ଭାଷା ମଧ୍ୟ ତଦନୁରୂପ ନିର୍ମଳ ଓ ଜୋରଦାର। ତାଙ୍କ ମତରେ ଉଦୀୟମାନ ନବୀନ ଛାତ୍ରମାନଙ୍କ ଆମଦାନି ଦ୍ୱାରା ଓଡ଼ିଆ ଭାଷାର ପୁଷ୍ଟି କରିବା ଉଚିତ। ଏହାଦ୍ୱାରା ଭାଷା ଶୁଙ୍ଗ ନ ହୋଇ ବରଂ ସତେଜ ହେବ।

ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଗତି ଓ ଭାବଧାରା ଉପରେ ଗିରିଜାବାବୁ କଠୋର ମନ୍ତବ୍ୟ ଦେଇ ସାହିତ୍ୟରେ ଉଚ୍ଛୃଙ୍ଖଳତା, ବ୍ୟଭିଚାର, ଅଭଦ୍ରତା ପ୍ରଭୃତିର ଘୋର ନିନ୍ଦାବାଦ କରିଅଛନ୍ତି।

ଏ ଗୁଡ଼ିକ ଯେ ବିଦେଶୀ ଦା' ନାରୁଡ ପର ଆମ ସାହିତ୍ୟକୁ ଜର୍ଜର କରି ଦେଉଛି ଏଥିରେ ସନ୍ଦେହ ନାହିଁ। ଓଡ଼ିଆ ସାହିତ୍ୟ ଦିନକୁ ଦିନ ଅଧୋଗତିରେ ଅଗ୍ରସର ହେଉଛି ବୋଲି ଆମର ବିଶ୍ୱାସ। ଅଧ୍ୟାପକଙ୍କ ଉପଦେଶରେ ଯଦି ସାହିତ୍ୟିକ ଦୃଷ୍ଟି କୋଣ ବଦଳେ, ତେବେ ଆନନ୍ଦର କଥା; ଶଙ୍କର ତତ୍ତ୍ୱ ଯଥା ଚିକିତ୍ସା ପ୍ରଭୃତି ଯେଉଁ ଜାତିର ପ୍ରଧାନ ସାହିତ୍ୟରୂପେ ବିବେଚିତ ହୁଏ ତାର ସାହିତ୍ୟ କେଉଁ ସ୍ତରରେ ପହଞ୍ଚିଲାଣି, ସେ ବିଷୟରେ ସନ୍ଦେହ ନାହିଁ।

ଶ୍ରୀଧର ଗୁପ୍ତଙ୍କର ଧାରାବାହିକ "କାବ୍ୟ ବିଶ୍ଳେଷଣ" ପୂର୍ବବତ୍ ଉପଭୋଗ୍ୟ। ଏହା ଯଦି ବନ୍ଦ ନ ହୁଏ, ତେବେ ଆମ ସାହିତ୍ୟରେ ଗୋଟିଏ ବହି ହୋଇ ରହିବ।

ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶଙ୍କ ପ୍ରବନ୍ଧ "କବି ଓ କାବ୍ୟ" ନିରସ ନୁହେଁ। ତେବେ ବଡ଼ ସଂକ୍ଷିପ୍ତ।

ଶ୍ରୀ ବୈକୁଣ୍ଠ ନାଥ ଦାସଙ୍କ ସନେଟ୍ 'ମାଟିର ଉପହାର'; ପ୍ରକୃତ ମାଟି ନୁହେଁ କି ପ୍ରକୃତ ଉପହାର ବି ନୁହେଁ—ମଝିମଝିଆ।

ସନ୍ଧ୍ୟା-ମାୟା—(କବିତା) ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ। କବିଙ୍କ ଆଉ ବେଶ୍।

Digitized by srujanika@gmail.com

# ଚିଠିପତ୍ର

## ବନ୍ଧୁବର୍ଗୀ ନେତା ।

ସମ୍ପାଦକେ,

ବହୁତ ଦିନ ହେଲା ଆପଣଙ୍କଠାରୁ କୌଣସି ପ୍ରକାର ସମ୍ବାଦ ନ ପାଇ ବଡ଼ ବ୍ୟାକୁଳ ଅଛି । ଆପଣ ନ ଜାଣନ୍ତି ଆଜିକାଲି ଏହି ଜଙ୍ଗଲର ନବାବ ଶରେ କେତେ ନବ ନବୀନା ନବ ନବ ରୂପ ଧରି ନଜର ମନ ଉପର ହରଣ କରୁଛନ୍ତି । କଥା, ଗଞ୍ଜତରେ ଏକ, ଗଜପତିରେ ଦୁଇ, ତାଙ୍କ ପଟ୍ଟନାୟକ ଓ ପଣ୍ଡାଏତ ତାହା ନାମ ଧରିବ । ତାହାଙ୍କ ନ ଧରିବ । ଏମାନେ ନିତ୍ୟ ପ୍ରବୃତ୍ତି ବର୍ତ୍ତମାନ । ଯେତେବେଳେ ଯେଉଁଠି ଏମାନଙ୍କୁ ଖୋଜିବେ ସେତେବେଳେ ସେଇଠି ଏମାନେ ସଶରୀରେ ବିରାଜମାନ କରି ଆପଣଙ୍କ ମନବାଞ୍ଛା ପୂର୍ଣ୍ଣ କରିବେ । ଏହି ନବଯୁବକ ସଂଖ୍ୟା ଦେଉଛନ୍ତି ଖାଲି । ନେଉଁଥିରେ ପଦାଅ ସେଥିରେ ଭଲ ମେଣ୍ଟ ଧରିବ ।

ଏମାନଙ୍କ ଯୁବକପ୍ରାଣ ଦେଶର କୃଷକମାନଙ୍କ ଉପରେ ଜମିଦାର ପାଶବିକ ଅତ୍ୟାଚାର କରିବା ଦେଖି ସହି ନ ପାରି କୃଷକ ଆନ୍ଦୋଳନ ନାମରେ କଣ୍ଟହୀନ ଜମିଦାରଙ୍କୁ ଶୋଧିବାରେ ଏମାନେ ମନ ଅଭିମାନ ମେଣ୍ଟାଇଲେ । ରଥଙ୍କ ଦାଉରେ 'ସଙ୍ଗଠ' ତ ଫାଙ୍କିଥିଲା ଖାଲି ଅଳ୍ପକେ ରକ୍ଷା ହୋଇଗଲା ।

ତାପରେ ଆସିଗଲା ଗଡ଼ଜାତ ଆନ୍ଦୋଳନ, ଆଜି ବି ଏମାନେ ସମୂଳ ପଡ଼ନ୍ତି । ବିପ୍ଲବୀ ରାଉତରାଙ୍କ କଲମ ମୁନରୁ ଯେଉଁ ତରଳ ଗରଳ ବୋହିଲା ସେଥିରେ ଓଡ଼ିଶାର ବନ୍ଧୁ ବଂଶୀଦ୍ଧୃମାନେ ଏକାବେଳେ ଜର୍ଜରିତ ହୋଇ ଯେଉଁ ଫୁଙ୍କ ଛାଡ଼ିଲେ ସେ ଫୁଙ୍କ ଦାଉ ସମ୍ଭାଳିବାକୁ ରାଉତରା ବନ୍ଧୁ ଭାଇ ପଟ୍ଟନାୟକ ଓ ଭାଇ ରଥ ନାକେଦମ୍ । ଢେଙ୍କାନାଳ ଅଞ୍ଚଳ ଭାଇ ପଟ୍ଟନାୟକଙ୍କୁ ଶତ୍ରୁ ହସ୍ତରେ ନିକ୍ଷେପ କରି ଭାଇ ରଥ ଅନ୍ଧାରରେ ଯେପରି, "ନିଜ ସଲାମତ ସ ଜୀବନ" ଉପାୟ କଲେ ସେ ଗୁଣ ଭାଇ ପଟ୍ଟନାୟକ ନଗାର ପାରନ୍ତି କିନ୍ତୁ ବନ୍ଧୁମାନେ ସ୍ପଷ୍ଟରେ କାହିଁକି ? ଖାଲି ସେତିକି ନୁହେଁ ବନ୍ଧୁ 'ସ୍ୱରାଜ୍' ଶତ୍ରୁ ହସ୍ତରୁ ଜବରଦସ୍ତି ଛଡ଼ାଇ ଆଣିବା ପାଇଁ ଭାଇ ରଥ ଫେରନ୍ତା ତାକରେ ଶତାଧିକ ଟେଲିଗ୍ରାମ୍ ଧରି ଗାନ୍ଧି ଅଧରେ ଉପାସବନ୍ଦ କ୍ଷେତ୍ର ଶେଷ ହେବାକୁ କହିଥିଲେ । ଅବଶ୍ୟ ଫଳକାମନା ତାଙ୍କର ନ ଥିଲା ସେଥିପାଇଁ ବିଫଳ ହୋଇ ତାଙ୍କର କିଛି ଦୁଃଖ ହୋଇ ନଥିବ । ଭାଇ ପଣ୍ଡାଏତଙ୍କ କଥା ତ ସ୍ପଷ୍ଟ । ଭୋଳପୁର ରାଜଣୀ ଛାଡ଼ି ସେ କ୍ଷେତ୍ରରେ ଅଧିକାଂଶ ସମସ୍ତ ଗୁରୁ ଗୃହିଣୀ ଟେଲାର ଚଳାଉ ନଙ୍ଗିରେ ଧାଇଁ ତରୁଣ କୃଷକ ସଭାର ନାୟକ ହେବାକୁ ଭୁଲି ନାହାନ୍ତି । ଏମିତି ଏମିତି ହୋଇ ଗଡ଼ଜାତ ପାଲା ବଢ଼ିଲା ।

ସେଉଁଠୁ ଲାଗିଲା ଛାତ୍ର ଲୀଳା । ଏଠି ତ ବାରୁ ଘୋଡ଼ା ହଙ୍କିତ । ନେତୃତ୍ୱ ଲଗାମ କିଏ ଧରିବ — ଭଗ୍ନେ କ ଦାଣେ ? ବୁଦ୍ଧି ପାଇଁ ଚୌଧୁରୀ ବାବୁଙ୍କୁ ମହାତାପ ଭଳେ ଯାଏ, ହଉଛନ୍ତି ହଙ୍କିତ ସେ କିଅଣ ଛାତ୍ର କମ କରିଛନ୍ତି ନା କଟକ ଓଡ଼ିକର ପେଠ କିଛି କମ ଉଠାଉଛନ୍ତି ! ହେଲା କିଅଣ ? ହେଉ ତାପଦବେଳେ 'ଇଣ୍ଡିପେଣ୍ଡେଣ୍ଟ ଫ୍ରଣ୍ଟ'ରେ ସମସ୍ତେ ଜୁଟିଗଲେ । ଭାଇ ନାଳ ମାନ୍ଦା ମହତାବଙ୍କୁ ଛାଡ଼ି ଧାଇଁଲେ ସାଇ ସାମ୍ୟବାଦ ନବଙ୍କୁ । ସେ ବି ଲୁଅଡ଼େ ତାଙ୍କୁ ୧୯ ସେଣ୍ଟିଗ୍ରେଡ୍‌ରେ ରଖି ପାରିଲେ ନାହିଁ । ସେଠୁ ଛାଡ଼ି ଭାଇ ମାନେ ଧାଇଁଲେ ସାଇ କଟକର ଅତି ଜବରଦସ୍ତ ଗୋଷ୍ଠୀ ସାହେବ ଓ ରାୟ ବାହାଦୁର ଏସ୍. କୋଙ୍କୁ । କଂଗ୍ରେସ ମନ୍ତ୍ରୀଙ୍କ ସ ଦ୍ୱିଜଙ୍କବର ସୁବିଧା ନେଇ ଛାତ୍ର ଭାଇମାନେ ରାସ୍ତା ଘାଟରେ ଖାଲି କଂଗ୍ରେସ ମନ୍ତ୍ରୀଙ୍କ ସହିତ କେତେ ପ୍ରକାର ଘଟେଇ ସମ୍ପର୍କ ଜୋଡ଼ ଶୁଦ୍ଧ ସବସ୍ତ୍ରେ ଭୁଷ୍ଣ ଗଲୁ ମାଇଲେ । ଶେଷରେ ସମ୍ମାନ ହେଉ ବା ଅପମାନ ହେଉ, ନେତା ପିତାଙ୍କ ହିସ ଗୋଟେ ପ୍ରକାର କହୁତି ହେଲ ବିରୁ ଟିକେ କେଁ ରହି ଯାଇଛି କୁଅଡ଼େ ।

ଯାହାହେଉ ଏହି ମୁଦ୍ରକ ଭାଇମାନେ 'କୃଷକଦେବ', 'ଗଡ଼ଜାତ ଦେବ' ଓ 'ଛାତ୍ର ଦେବ' ଏହିପରି ଜାତିଦେଶଙ୍କ ହୋଇ ସାଙ୍ଗକେଶି । ଏବେ ବାକି ରହିଯିବା ଅଭ୍ୟାସ ପାଇଁ ପଡ଼ିଲେ ଗୁନ୍ଦି । ଏହି ନୂତନ ଦେବର ନାମ ହେଉଛି "ସୁବାଦେବ" । ସୁବାବନ୍ଧୁରେ କୃଷକ, ଗଡ଼ଜାତ ଓ ଛାତ୍ର ନେତୃତ୍ୱ ଅସ୍ଥାୟୀ ଆନ୍ଦୋଳନରେ ସମସ୍ତ ଗଲା କିନ୍ତୁ ଏବେ ବୟସ ଗଡ଼ିଲା, ବାର୍ଦ୍ଧକ୍ୟ ଆସିଲା ଏତେବେଳେ ଆଉ ସେମିତି ବାଳ ଚପଳତା ଶୋଭା ପାଏ ନାହିଁ । ଅତଏବ ବୁଢ଼ା ନ ହେଲେ ମଧ୍ୟ ଏହି ପ୍ରୌଢ଼ାବସ୍ଥାରେ ଏକ ସ୍ଥାୟୀ ମୁଦ୍ରକ ହଉ ଗଢ଼ି ସେଥିରେ ଜୀବନର ବାକି ସମସ୍ତ ପାଇଁ ସ୍ଥାୟୀ ମେମ୍ବର ହୋଇ ପାରିଲେ ଆଉ କିଛି ଅସୁବିଧା ହେବ ନାହିଁ । ଉପାୟ ମନ୍ଦ ନୁହେଁ । ଏହି ମୁଦ୍ରକ ସଭର ମେମ୍ବରମାନଙ୍କ ବୟସର ସୀମା ଯେତେ ଧାର୍ଯ୍ୟ ହେଉ ପଛେ ଅନ୍ତତଃ ଉଦ୍ୟୋକ୍ତାମାନଙ୍କ ପକ୍ଷରେ ସେ ନିୟମ ଖଟିବ ନାହିଁ । ଯାହା ହେଉ ଏହି ଦେଶ ଭାଇମାନେ ହବୁ ଅଳ୍ପ ଗୁଣି ଗୁଣି ଦେଇ ବୁଦ୍ଧି (ଦୁର୍ବୁଦ୍ଧି ହେଉ ବା ସୁବୁଦ୍ଧି ହେଉ) —ଅର୍ଜନ କରିଛନ୍ତି ତାହା ଏଥିରେ ଖଟେଇ ଦେଶର ସୃଷ୍ଟି ପ୍ରଥ ଅଣ୍ଡା କଂଗ୍ରେସକୁ ଠିକ ବାଟରେ ଚଳେଇବେ ବୋଲି ଆଶା କରୁଛନ୍ତି । ଏତେଦିନ ସ୍ୱାଧୀନତା ଓଳି ହୋଇ ହାତ ପତେଇ ଦାନ୍ତ ନିକୁଟି ମାଗି ଖାଉଥିଲେ ଅଛି ପୁଣି ଏ ଛଣ ରଖି କଂଗ୍ରେସବାଲାଙ୍କ କିଛି ଛାଡ଼ିବାର ନାମ ନାହିଁ । ମିନିସିପାଲିଟି, ଜିଲ୍ଲାବୋର୍ଡ ଓ ଲୋକାଲବୋର୍ଡଠାରୁ ଆରମ୍ଭ କରି ଲାଟଙ୍କ ଓ ମନ୍ତ୍ରୀଙ୍କୁ ହବୁ ନାଡ଼ି ବସିଚନ୍ତି । ନିଜେ ଦରମା କମ ନେଲେ ବା ପଇସା ନ ଖାଇଲେ ତା ବୋଲି ଅନ୍ୟ କେହି ଶୋଷି ଦେଇ ପାରିବେ ଜିନିଷ ଦୁ'ପଇସା ଖାଉଥିଲେ ତାଙ୍କୁ ମ ନଜର କରିବାକୁ ପଣି ପିଇ ଲାଗିଚନ୍ତି ଏଥିରେ ଭଲ ଭାବ ଏ କଂଗ୍ରେସବାଲାଙ୍କୁ କିଏ କହିବ ? ଯାହାହେଉ ଏତେଦିନେ ଟିକେ ନିଶ୍ୱାସ ପକାଇବାର ବାଟ

(ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ମଜା କବିତା

## ଗୋପୀ ବିଳାପ *

ଲେଖକ—ଶ୍ରୀ ଭଦ୍ର - ମିଶ୍ର

ଏ ନହେଲା କାନନ ମଝି, କଦମ୍ବ ପାସି ଫଣୀଲ୍,
ଏଠି ପ୍ରେମ ଜେନି ତେଜି କାହ୍ନୁ ଭୁଲିଲ୍ !

ଆସ କହ୍ନୁ ଚାହିଁ ନାମ ଶୁଣାଇ ଦେଲେ ଯା ନାମ
ମନ୍ତ୍ରୀଙ୍କୁ ଦେଖିଲି ଧାଇଁ, ହାୟ ମନ ମୋର ନେଲ । ୧ ।
ଯେ ସଖି ଶରନ-କାଳି, ମନୋହାର ମୂର୍ତ୍ତି ଓଁ୍‌ଆଳି,
କି ହାର ଗଳର ପାଇ ଚନ୍ଦ୍ରାବଳୀ କୁଞ୍ଜେ ଗଲ । ୨ ।
ସେ ଠେ, ଲମ୍ପଟ, ନଟ ଲଗାଇ ଦେଲ କି କଟ,
ଛଟ ପଟ ହୃଦ ଯାହା ମଠରେ ଚିମ୍ପଟ ଦେଲ । ୩ ।
ଏ ଦେଶ ନିଧନ ଗାଁ, କେଉଁ ବାହାନାରେ ପଶି
ଅସାନ୍ ସୋଲ ରଥେ ବସି ହଁଟଇ ଗାନ୍ଧୀ ଙ୍ଗ୍ କଲ । ୪ ।
କୋଥା ଶକ୍ତି ନାହିଁ ତାର ନାପଟା ବହୁଛୁ ସାର,
ଏବେ ହେତୁ ଦଗାଦାର, ସେ କେତ୍ରା ଛାଡ଼ିଅ ଭଲ ! । ୫ ।
ଆସିବ ଯେବେ ସେ ଫେର ସବେ ହୋଇ ଢେର୍ ମେର
Anti Propaganda ଭର ଲଗାଇ ଦେବା ଗୋ ପାଲ । ୬
ଉଡ଼ାଇ କଳା ପତାକା ଦେଖଣ ଧକମ୍ ଧକ୍କା ,
go back go back ହାକି, ପଛନ୍ତୁ ମାରିବା ଢେଲ । ୭ ।
କଲିକତାର ଅଛ ସଖି, ଗ୍ରାମନ'ରେ ଦୋକାନ ଧନ୍ଦ
ଅଣିଥିଲ୍ ଚପଟେ'ଲ୍ଲା', ମାଲ୍ଲିଭ ମନଫେଣି ମେଲ । ୮ ।
କାପଟେଲ୍ ସଙ୍ଗେ ଅଳପ ଗରମ ଗ୍ରୁ ଟ୍ରୁ—ଟ୍ରୁ ପାଇପ୍
ଟି-ପାର୍ଟି ହୁଅନ୍ତା । ନାଇସ୍ (nice) ଅସ୍ନ୍, କଟ୍ ମୋଟଲେ । ୯
ଅଟିଥିଲ୍ ଭେଟଭ କଲି ଛାପାଗା ହେବତ୍ ନଲୀ
ପ୍ରେସଠାରୁ କୋଲା ଟେକ ଲ ପ୍ରେମ ମୂର୍ତ୍ତି ନେବି ଠେଲି । ୧୦ ।
ସକଳ ହଜିଲ ଚାପି ନା ଅଇଲ କାଲି ଶଣୀ
କି ହେବ ଲୋ ବୃଥା ବସି, ସବୁଢ଼ରେ ମାର ଢାଲ । ୧୧ ।
ମାଳବୀର ବାଳ ଗର୍ବେ ବୁଡ଼ିବା ଗୁଲଗୋ ସବେ,
ଦେଶୀଟା କେଟା କି ଭର୍‌ବେ, ଆମରି ଯେ ଗୋଟ ଚାଲ । ୧୨
ଅଟା ଯବ ମଣି ମିଳି କୁଞ୍ଜଦ୍ୱାର ଦେଇ କିଳି
ମନ ଦୁଃଖେ ବସି ଗିଳି ନାଶିବା ବିରହ ଜ୍ୱାଳା । ୧୩ ।
ବଢ଼ିଲି ଧାନେର ଚିଥା ଫୁଲେର ମାଳ ଗେଲ କୋଥା ?
—ଅମି ହୋଲେଇ ତୋମାର ଗଲେ,
ମୋ ଗଳାରେ ତୁମେ ଝୁଲ । ୧୪ ।

* ନାନାବର ମନ୍ତ୍ରୀ ବୋଧରାମ ଦୁବେଙ୍କ ଓଡ଼ିଶା ପରିଭ୍ରମଣ ଉପଲକ୍ଷେ ।

## ପଲ୍ଲି-ପୂଜା ।

ଶ୍ରୀ ଗୁଣାକର ଦଳାଇ

ହେ ମତ ହେ ମୋର ରଜା
ଧାଇଁଛି ମୋର ହାତ ଅସମ୍ଭାଳ କରିବାକୁ ତବ ପୂଜା ।
ତମେ ତ ଦିନ୍ତ ନବଯୌବନା ପଲ୍ଲୀ ପ୍ରସ୍ତୁତି ସ୍ୱର୍ଣ୍ଣ ମୂଠା,
ଭଣ୍ଡାରର ଚାଳ କାହା ପାଖେ ଅଛି ତମ ଗାଳ ତାକୁ ଫଟା ।
ଧାଡ଼ି ଫାଳକ ଯୋ ଦ ଫାଳ ହୋଇନ ସିଏଁ ହେ ଉଅଛୁ ଓଠ,
ତମ ପାଖେ ସିନା ତାଙ୍କ ଭରସାର ତବ ପାଖେ ତାଙ୍କ ନାଟ ।
ଦାନ୍ତଅ ଗଉରୁ ଦାନ୍ତ ପଡ଼ିଲାଣି ତମ ଟାଣ ଗୁହିଁ ଗୁହିଁ,
ଅଲେଖଅ ହୋଇ ପଡ଼ିଛନ୍ତି ତାଙ୍କ ଦଦରେ ଜୀବନ ନାହିଁ ।
ଗୃହ ଅସରଅ ଦୋ ଅସତ୍ୟ ଭୃତ୍ୟ ପଶୋର ଗଲାଣି ଅଧେ,
ଏବେ ଚାଲ କଲ ପ୍ରବାସ; ନଭ୍ରାଟ ମୋତେ ଏଠା ବଡ ବାଧେ ।
ତମ ଗଲ ଦିନୁ ଅସ୍ଥା ପିଠିରେ ମୋ ରପା ବାନ୍ଧିଛନ୍ତି ଚାଉ,
ତମ ଅଭାବରେ ମହା ଅଳପୁଅ ହୋଇ ଉଠିଛନ୍ତି ହାଉ ।
ଅନେକ ଦିନରୁ କଲ୍ୟାଣ ଭରନ' ମନ ଲାଗେ ଢେଣ୍ଟ ଗନ୍ଧ,
ସାତ ପଉଣାଙ୍କ ନିଦ ଭଙ୍ଗ ନାହିଁ ତମେ ଘରେ ନଥିବାରୁ ।
ଦାନ୍ତ ନଖ ମୁଖ ଲୁଣ୍ଠି ମୁଠାରେ କରିବି ମଧୁର ପୂଜା,
ଆସ ମୋର ପଢ ରଜା ।

( ଶେଷାଂଶ ପୂର୍ବପୃଷ୍ଠା ପରଠାରୁ )

ଖୋଳିବ । ବସ୍ତୁ ଦେଶୀବଳଙ୍କ ନେତୃତ୍ୱରେ ସେହି କଂଗ୍ରେସବାଲାଙ୍କ ଭିତରୁ ଦଳେ ବାହାରିଛନ୍ତି ସେମାନେ କେବୁ ଏସବୁ କଥା କହି ନିର୍ମମ ଭଲ ପାଆନ୍ତି ନାହିଁ । ଏତେଦିନ ପରେ ବୁଝି ଦେଖା ଦେଲେ । ଫରୱାର୍ଡ ବ୍ଲକ୍ ଓ ବେଙ୍ଗଲ କଂଗ୍ରେସ ଲିଗ କେମିତି ଭଲ କରି ଚଳିବ ସେଥିପାଇଁ ଉଦ୍ୟମ ହେବା ଦରକାର ।

ସେହିଯୋଗୁଁ ଯୁବକ ସମ୍ମିଳନୀ ଡକା ଯାଉଛି । ସବୁଆଡ଼େ ଗୋଳମାଳ ଲଗାଇ ଠିକ୍ ଠାକ କରି ଅଛିରନ୍ତି ଅଜ ବାଜ କହିବ ଏହି କଂଗ୍ରେସ । ଏହାକୁ ଗୋଳମାଳ କରି ଛାଡ଼ି ଦେଲେ କାମ ସରିବ । ଦେଶରେ ଶାନ୍ତି ବଜାୟ । ତୁଛାଟାରେ ଗୋଳମାଳ ଲଗାଇ ଏହି କଂଗ୍ରେସବାଲା ଇଂରେଜ ସ୍ୱାର୍ଥ, ବଜାରଙ୍କ ସ୍ୱାର୍ଥ, ମହାଜନ ସ୍ୱାର୍ଥ, ମହନ୍ତଙ୍କ ସ୍ୱାର୍ଥ ଏବଂ ଭଦ୍ରର ବାବୁରେ ଦ ପଇସା ପାଉଥିବା ବର୍ଗର । ଅମଲା ଫାଇଲ ପ୍ରଭୃତି ସମସ୍ତଙ୍କ ସ୍ୱାର୍ଥରେ ବାଧା ଦେଉଛନ୍ତି । ଅତଏବ ସମ୍ପାଦକ ମହାଶୟ ବୁଝ ଯେବେ ଆପଣଙ୍କ ସ୍ୱାର୍ଥରେ ସେମାନେ ବାଧା ଦେଉଥିବେ ତେବେ ଏଡ଼ିବେ ନାହିଁ ପଡ଼ନ୍ତୁ । ଦେଖନ୍ତୁ ଏହି ନିସ୍ୱାର୍ଥ କଂଗ୍ରେସବାଲା ବ୍ୟର୍ଥ ହେଲେ ଆମ ସମସ୍ତଙ୍କ ସ୍ୱାର୍ଥ ବଜାୟ ରହିବ । ସେଇ ଲାଗି କଥାରେ ଅଛି, "ମୁଁ ମାରିଲେ ସିଂହ ସଇ, ଦେବଙ୍କ ସଙ୍ଗେ ଖଂଗା କଲ ।"

ଆପଣଙ୍କର ବଶମ୍ବଦ — ଖୁରୁଅ

Digitized by srujanika@gmail.com

# 'ଅର୍ଦ୍ଧଚନ୍ଦ୍ର' ଭାଷାକୋଷ

(ପ୍ରବଗଙ୍କ ଅପଣଙ୍କ ପୂର୍ଣ୍ଣଚନ୍ଦ୍ର ଭାଷା କୋଷ ପରେ ଏହି ଅଭିଧାନ ରଧାନ ଓଡ଼ିଆ ସାହିତ୍ୟକୁ ଲେଖକଙ୍କର ଏକ ଅଭିନବ ଅବଦାନ)

ଅକ୍ତିଅର—ପୁରୁଷ ଉପରେ ସ୍ତ୍ରୀର ଅତ୍ୟାଚାର ।
ଅକର୍ମୀ—ଧର୍ମଘଟକାରୀ ।
ଅକ୍ଷିଅ—ଅନାଦାୟୀ ମାଜିଷ୍ଟ୍ରେଟ ଓ ସେକ୍ରେଟାରୀ ।
ଅଗଣା—ଦୁପାଟି ଲମ୍ବେ ସ୍ଵନିର୍ମିତ ସ୍ଥାନ ।
ଅଗାଡ଼—ଯେଉଁ କଂଗ୍ରେସବାଲା ଡାକିନ୍ତିଲ ଯାଇ ନ ପାରିଲେ ।
ଅଗାଧ—କଂଗ୍ରେସ ନେତାଙ୍କ ପେଟ ।
ଅଗ୍ରଣୀ—ଶ୍ରୀମତୀ—ଦେବୀ ।
ଅଙ୍ଗାର—ଗାନ୍ଧି ଯେତେ ଧୋଇଲେ ଯାହାଙ୍କ କଳା ନ ଛାଡ଼େ ।
ଅଚଳ—ମହନ୍ତ ଓ ମଠାଧୀଶ ।
ଅଛବ—କଂଗ୍ରେସ ସରକାରଙ୍କ କର୍ମଚାରୀ ।
ଅଜବ—ଛାତ୍ରଙ୍କ ଧର୍ମଘଟ ।
ଅଟଳ—ନାଗର ବାନ୍ଧପାଣ ।
ଅଟେଲ—ଉଡ଼ିଶାର ଜେଲଖାନା ।
ଅଠାଗାଠି—କଂଗ୍ରେସ ମନ୍ତ୍ରୀତ୍ୱ ।
ଅଡ଼ର—ଗଭର୍ଣ୍ଣରଙ୍କଠୁ ମନ୍ତ୍ରୀଙ୍କ ପାଖକୁ ଆସେ ।
ଅଡ଼ା—ଅସେମ୍ବ୍ଲି ସଭ୍ୟଙ୍କ ରଜତ ।
ଅଣ୍ଡା—ଘୋଡ଼ାର ଉଚ୍ଚାରଣ ।
ଅଣ୍ଡିଅ—ସଭ୍ରନେତ୍ରୀ ।
ଅତକ୍ତ—ମନ୍ତ୍ରୀଙ୍କ ଗତ୍ରୁଚର୍ଚ୍ଚା ।
ଅଥଙ୍ଗ—ଏସେମ୍ବ୍ଲି ସଭ୍ରପତ ।
ଅଦଣ୍ଡନୀୟ—ଗୋଟା ଅଫିସର ।
ଅଦମ୍ୟ—ଛାତ୍ର ଆନ୍ଦୋଳନ ।
ଅଦାଲତ—ନ୍ୟାୟର କବର ସ୍ଥାନ ।
ଅଦ୍ୱିତୀୟ—ଦା ଓ ଦାରୁଣ୍ଡୀ ।
ଅଦୃଷ୍ଟ—କଂଗ୍ରେସ ସଭ୍ୟଙ୍କ ଦରମା ।
ଅଧିକାର—ନ୍ୟୁଥିଏଟରର ଫିଲମ୍ ।
ଅଧ୍ୟାତ୍ମ—ସିନେମା ସମ୍ବନ୍ଧୀ ଜ୍ଞାନ ।
ଅଧ୍ୟାପକ—କାମଶାସ୍ତ୍ର ଶିକ୍ଷାଦାତା ।
ଅନଶନ—ନପାରିଲା ମାଇପର ଅବଲମ୍ବନ ।
ଅନାଦ୍ର—ଫେସନ ।
ଅନିଶ୍ଚିନ୍ତ—ଇଂରେଜଙ୍କ ଅବସ୍ଥା ।
ଅନାସ୍ଥା—ମନ୍ତ୍ରୀଙ୍କ ପ୍ରତି ମନ୍ତ୍ରୀ ନ ହୋଇପାରିବା ଲୋକଙ୍କ ସ୍ୱର ।
ଅନୁକରଣ—ଓଡ଼ିଆ ଲେଖକଙ୍କ କାର୍ଯ୍ୟ ।
ଅନୁକୂଳ—ମନ୍ତ୍ରୀତ୍ୱ ଗ୍ରହଣ ।
ଅନୁଗ୍ରହ—ରଜାଙ୍କ ଖିତାବ୍ ।
ଅନୁତପ୍ତ—ଠାଇଁ ନପାଇବା କଂଗ୍ରେସବାଲା ।
ଅନୁମତ—ସ୍ତ୍ରୀ ନିକଟରୁ ସ୍ୱାମୀର ପ୍ରାର୍ଥ୍ୟ ।
ଅନୁମୋଦନ—ମନ୍ତ୍ରୀ ପ୍ରସାଦାଶାଙ୍କ୍ଷୀ ସଭ୍ୟଙ୍କ କୃତିତ୍ୱ ।
ଅନୁଗାମୀ—କୁକୁର ।
ଅନୁରକ୍ତ—ନେହରୁଙ୍କ ପ୍ରତି ସାଧାରଣ ।
ଅନୁସ୍ଥା—କାନନବାଲା ।
ଅନୁରୋଧ—ବକ୍ତାଙ୍କ ଭାଷଣ ।
ଅନୁବାଦ—ସାମ୍ୟବାଦ ।
ଅନୁଶାସନ—କଂଗ୍ରେସ ଦଫା ।
ଅନୁଶୀଳନ—ବଜେଟ ଏଷ୍ଟିମେଟ୍ ।
ଅନୁସନ୍ଧାନ—ସରକାରଙ୍କ ବର୍ତ୍ତମାନ କାଳରେ କାର୍ଯ୍ୟ ।
ଅନ୍ତର୍ଯାମୀ—ସି. ଆଇ. ଡ଼ି, କର୍ମଚାରୀ ।
ଅନ୍ଧକାର—୧୯୩୫ ମସିହା ଶାସନ ସଂସ୍କାର ।
ଅନ୍ଧକାର—ପାଠକଙ୍କ ଭବିଷ୍ୟତ ।
ଅନ୍ୟାୟ—ମୁସ୍ଲିମ ଲିଗ୍ କୁ ଏକମାତ୍ର ମୁସଲମାନ ସଂସ୍ଥା ବୋଲି ନ ମାନିବା ।
ଅନ୍ୱେଷଣ—କାଠଯୋଡ଼ୀ କୂଳେ ଭ୍ରମଣ ।
ଅପକର୍ମ—ସ୍ୱାଧୀନତା ଦାବୀ କରିବା ।
ଅପବ୍ୟୟ—ଦେଶ କାମରେ ଖର୍ଚ୍ଚ ।
ଅପମାନ—ଗ୍ରୀନହେଲିଡର ନେ ହକମୀ ଔଷଧ ।
ଅପାର—ନେତା ମହିମା ।
ଅନନ୍ତ—ବ୍ରାହ୍ମଣଙ୍କୁ ଦାନ ।
ଅନର୍ଥକ—ସମାଜରେ ଚନ୍ଦା ଦେବା ।
ଅନଧ୍ୟାୟ—ଗ୍ରୀଷ୍ମ ଛୁଟି ।
ଅନାଡ଼ି—ମୂର୍ଖ କବି ।
ଅବର୍ଯ୍ୟା—କଂଗ୍ରେସ ଭିତରେ ଦାନ୍ଧି ।
ଅଭିମାନ—ଦେହ ଘର୍ଷଣର ମୁଦାଙ୍କ ।
ଅଭିଯୋଗ—ମାନ୍ୟବର ଜୟାଥ୍ ସଙ୍ଗେ ହଙ୍ଗେ ମନ୍ତ୍ରୀଙ୍କ ସହ ସାକ୍ଷାତ ଯୋଗ ହୁଏ ।
ଅଭିସାର—ନଜିତ୍ରି ହୁକମ ଧାର୍ଯ୍ୟ ଭିତରେ ଯାହା ହୁଏ ।
ଅଭେଦ୍ୟା—କଂଗ୍ରେସ କର୍ମୀ ।
ଅଭ୍ୟାଗତ—ମନ୍ତ୍ରୀମାନେ ପର୍ଯ୍ୟବେକ୍ଷଣରେ ମଫସଲ ଗସ୍ତକୁ ଆସିଲେ ।
ଅଭ୍ୟାସ—ଜ ହଜୁର ।
ଅମଙ୍ଗଳ—ବିଚାର ।
ଅବତାର—ମହାତ୍ମା ଜୀ ।
ଅବଧାନ—ସଚିବ ।
ଅମରଗ୍ରନ୍ଥ—ସାହିତ୍ୟର ଉପାଧି ।
ଅଭ୍ୟର୍ଥନା—ସେକ୍ରେଟେରୀ ।
ଅସମର୍ଥ—କଂଗ୍ରେସ ସଭା ସାଥୀ ।


## ଆଠଗଡ଼ୀ ମୋଦକ

ମଳବନ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଧ୍ୟରୁ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଆଗରୁ ଏହି ମୋଦକ ଦୈନିକ ରାତ୍ର ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରି ସକାଳେ ଭଲ ଭାବରେ ଗୋଟିଏ ପୋଖରୀ ହୋଇଯିବ ଟଏଲ ହେବ ନାହିଁ । ଏହି ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ, ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଦେହକୁ ସାଧାରଣ ଧାରାରେ ଚଳାଇ ଦିଏ । ଏହାର ଔଷଧ ସେବନ ନକଲେ ବୃଦ୍ଧାବସ୍ଥାରେ ଛାଡ଼ା ହୋଇଥାଏ । ମୂଲ୍ୟ ୧୬ମାତ୍ରାକୁ ୫୧୯ ( ଏକଟଙ୍କା ) ୩୦ ମାତ୍ରାକୁ ୫୧୪ ମାତ୍ର ।

ଠିକଣା:—ଶ୍ରୀଧର ଗଡ଼ନାୟକ, ଭଗଗାରୁଣ୍ଡୀ, ଭୁବନେଶ୍ୱର—ପୁରୀ


Digitized by srujanika@gmail.com



ସ୍ନେହର ନାଗ ନାଗୁଣିମାନେ,

ନାଗଙ୍କ ପ୍ରବେଶିକା ଫି ସମ୍ବନ୍ଧରେ ବଡ଼ ଗୋଳମାଳ ଲାଗିଛି । କେତେକ ନାଗ କହୁଛନ୍ତି ଯେ ୫୦/ ବହୁତ ଯେ ପହିଲୁ ପ୍ରବେଶିକା ଫି ନିଆଗଲା ସେଇଟା ଅଳ୍ପ ଓ ଶେଷ ବୋଲି ସେମାନେ ଧରିନେଇ ଥିଲେ । ବର୍ଷକୁ ବର୍ଷ ପୁଣି କାହିଁ ଦେବାକୁ ହେବ ? ପୁଣି ୫୦୲ ଦେଇ ଆଜୀବନ ସଭ୍ୟ ହେବା କଥା ମୂଳରୁ ନଥିଲା । ତାହାମୁଁ କାହାରିକୁ ନକହି ନାଗଗୁରୁ ମନକୁ କରିଦେଇଛୁ । ଏ ସ୍ୱାଧୀନତା ଯୁଗର ମରହଟ୍ଟୀ ଚୂଡ଼ାଟାର ସେଇଟା ଗୋଟେ ଅପରାଧ ଏଟା । କିନ୍ତୁ ତମେ ସବୁ ଜାଣିଥିବ ଅନ୍ୟାନ୍ୟ ପତ୍ରିକାରେ ଏହି ଭଳି ବା ସାଳଙ୍କ ପାଇଁ ଯଉଁ ସବୁ ସଭ ଥାଏ ତାହାର ସଭ୍ୟ ଫିସ ସାଧାରଣତଃ ବାର୍ଷିକ ୫୦୲ରୁ କମ ନଥାଏ । ଆମ ଗରିବ ଦେଶରେ ମୁଁ ସେଥିପାଇଁ ୫୦/ କରିଥିଲି । ପ୍ରତିବର୍ଷ ଅଣାଏ ପଇସା ଦବା ବଡ଼ କଥାଟାଏ ନୁହେଁ । ଏହା ମୂଳରେ ସମସ୍ତଙ୍କଠୁଁ ପଇସା ଆଦାୟ କରି ଗର୍ଭସ୍ୱାହା କରିବା ମତ ନାହିଁ । ପ୍ରତ୍ୟେକ ସଭ୍ୟ ୯ ଙ୍ଗ ସହିତ ଘନିଷ୍ଠ ସମ୍ବନ୍ଧ ରଖିବାର ଉପାୟ ଏ ଗୋଟେ । ଥରେ ଅଣାଏ ପଇସା ପଠାଇ ଦେଇ କଗର ନାଗବଗୁ କଲମରେ ନାମଟା ବାହାରିଗଲେ କାମସରିଗଲା ବୋଲି ଅଧିକାଂଶ ନାଗ ନାଗୁଣୀମାନେ ଭାବୁଛନ୍ତି । ପ୍ରତିବର୍ଷ ଥରେ ଲେଖି ନାଗଙ୍କ ପ୍ରତିଜ୍ଞାକୁ ସଚେଳ କରିବା ଲାଗି ଏ ଫିକର କାଢ଼ିଥିଲି । ସଙ୍ଗେ ସଙ୍ଗେ ଦକ୍ଷିଣା ୫୦/ । ଏପରି ସ୍ନେହରେ ସମସ୍ତେ ଯାହା ଭଲ ମନେ କରିବ ମୁଁ ତା କରିବି । ମୁଁ ଏ ସମ୍ବନ୍ଧରେ ନାଗ ନାଗୁଣୀଙ୍କ ମତ ଲୋଡ଼େଁ । ସମସ୍ତେ ଯଦି କହ ଯେ ଏକ ଅଣାରେ ଆଜୀବନ ସଭ୍ୟ ହେବା ଉଚିତ ମୁଁ ତା କରିବି । କିନ୍ତୁ ମନ ଫାଇଁ କେତେ ନାଗ ନାଗୁଣୀଙ୍କ ଅନୁରୋଧରେ ସେହିମାନଙ୍କ ନାମ ନାଗବଗୁ ଙ୍ଗରୁ କାଟିଯାଇଥିଲି ତାଙ୍କୁ ପୁଣି ନାଗବଗୁ କରିବାର ଅଧିକାର ଦେଲି । ଶୀଘ୍ର ମୋତେ ଯେତେ ନାଗ ପାର ପଠେଇ ଦିଅ ।

ତମର—ଅଜା

## ନାଗବଗୁଙ୍କ କଲମରୁ
### (ସକ୍ରାଟିସ୍)

ଇଉରୋପ ମହାଦେଶରେ ଗ୍ରୀସ ବୋଲି ଗୋଟିଏ ଦେଶ ଅଛି । ସେହି ଦେଶର ଏଥେନ୍ସ ନାମକ ଗୋଟିଏ ସହରରେ ମହାତ୍ମା ସକ୍ରାଟିସ ଜନ୍ମ ହୋଇଥିଲେ । ତମ ଜନ୍ମ ଦିନ ହେଲେ କେତେ ପ୍ରକାର ପିଠା, କ୍ଷୀରି ଖେଚୁଡ଼ି ହୁଏ କିନ୍ତୁ ତାଙ୍କ ଜନ୍ମ ବେଳକୁ ଏ ସବୁ ହୋଇ ନ ଥିଲା । ରେଲଗାଡ଼ୀ ବାଡ଼ାକି ଗାଡ଼ିଙ୍କ ବାଜା ବାଜି ନଥିଲା । ତାଙ୍କ ଦେଶ କଳା ବିଦ୍ୟାରେ ଶ୍ରେଷ୍ଠ ; ଆମ ଓଡ଼ିଶାପରି । ତାଙ୍କ ଜନ୍ମ ବେଳକୁ ପୃଥିବୀ ଅଜ୍ଞାନ ଅନ୍ଧକାରରେ ବୁଡ଼ିଥିଲା । ସେ ଏହି ଅନ୍ଧାରରେ ଆଲୁଅ ଆଣିବେ ବୋଲି ଭଗବାନ ଲେଖିଥିଲେ ।

ତମେମାନେ ଭାବୁଥିବ ସେ ଯୁଗରେ ତ କମାଣ, ଗୁଳି କି ବନ୍ଧୁକ ନଥିଲା, ସେ ଯୁଦ୍ଧ କଲେ କିପରି ? ହଁ ତାଙ୍କର ଏ ସବୁ ହତିଆର ନଥିଲା କିନ୍ତୁ ଥିଲା ସାହାସ, ଦମ୍ଭ, ବୁଦ୍ଧି । ଏ ସବୁ କମାଣ ଗୁଳି ବନ୍ଧୁକ ଠାରୁ ଶକ୍ତ । ତାଙ୍କର ଉଦ୍ଦେଶ୍ୟ ଥିଲା ଲୋକଙ୍କ ହୃଦୟରୁ ଅନ୍ଧକାର ଦୂର କରିବା ଓ ତାଙ୍କୁ ଦୂର କରାଇବାକୁ ଶିଖେଇବା ।

ଆମ ଭିତରେ କୁଆଁ କୁଇଁ ଭାବ ଖୁବ୍ ଅଛି । ପାଣିକୁ ଦେଖିଲେ କୁଇଁକୁ କୁଇଁକୁ କହି ଡାଡେଇଁ କିନ୍ତୁ ସେ ସମସ୍ତଙ୍କୁ ସମାନ ଆଖିରେ ଦେଖି ଅନ୍ୟକୁ ଦେଖି ବାକୁ ଶିଖାଉଥିଲେ । ତାଙ୍କର ପୋଷାକରେ ଆଡ଼ମ୍ବର ନଥିଲା । ସେ ସୁଟ, ହ୍ୟାଟ ଲଗାଉ ନଥିଲେ । ସେ ନବ ବସନ୍ତର ଅନ୍ଧାନରେ ନୂଆ ଲୁଗା ପିନ୍ଧୁ ନ ଥିଲେ କି ଶୀତର ପ୍ରକୋପ ତାଙ୍କୁ ଡରେଇ ପାରୁ ନଥିଲା । ସେ ଗାଁଗାଁ ଦେଶ ଦେଶ ବୁଲି ଲୋକଙ୍କର ଭୁଲ ଗୁଡ଼ାକ ବାଛି ଦେଉଥିଲେ ।

ଅନ୍ଧାରରେ ବେଶୀ ଆଲୁଅ ପଡ଼ିଲେ ଯେପରି ଲୋକ ଜଲକା ହୋଇ ଯାଆନ୍ତି ସେହିପରି ତାଙ୍କର ଆଲୁଅରେ ଲୋକେ ଜଲକାହୋଇ ଯାଉଥିଲେ । ତାଙ୍କର ଜ୍ଞାନର ମର୍ମ ନପାଇ ଲୋକେ ବଡ଼ ଅନିଷ୍ଟ କରି ବସିଲେ । ତାଙ୍କର ଶେଷ ଜୀବନ ବଡ଼ କରୁଣ । ସତ କହିବା ଅପରାଧରେ ତାଙ୍କୁ ରାଜଦ୍ୱାରରେ ଦଣ୍ଡିତ ହେବାକୁ ହେଲା । ବିଷ ଦେଇ ତାଙ୍କୁ ମାରିଦିଆ ଗଲା । ସତ୍ୟ ସେବା ଓ ଦେଶପାଇଁ ତାଙ୍କର ଜୀବନ ବଳି ଦିଆ ହେଲା । ସେ ସତ ପାଇଁ ମରଣକୁ ଡ଼ର ନଥିଲେ । ସେ ଆଜି ନାହାନ୍ତି, ତାଙ୍କର ଯଶ ଓ ଗୁଣ ରହିଛି । ଏହି ଯଶ ଓ ଗୁଣ ଯୋଗୁଁ ମଲା ମଣିଷ ଜୀଇ ରହିଥାଏ । ଗ୍ରୀସ ଗୋଟିଏ ସଭ୍ୟ ଦେଶ ( Civilized country ) ବୋଲି ଯେ ଇତିହାସରୁ ପଢ଼ୁଁ ସେ କେବଳ ଏହି ମହାତ୍ମାଙ୍କ ଯୋଗୁଁ । ସକ୍ରାଟିସଙ୍କ ପରି ଦେଶ ସେବକ ଆଜି ପୃଥିବୀରେ ବିରଳ । ତାଙ୍କପରି ହେବାକୁ ଆମେ ଚେଷ୍ଟା କରିବା ଉଚିତ ।

ଶ୍ରୀ ଶକଳ ଚରଣ ମହାନ୍ତି
୧୬୪ ନାଗ

—*—

## ମୋ ଦେଶ ଲାଗି

ମୋ ଦେଶର ଲାଗି ମୁହିଁ
ଦେଇପାରେ ପ୍ରାଣବଳୀ,
ସ୍ୱାଧୀନତାପାଇଁ ମୁହିଁ
ଖାଇପାରେ ମୁହିଁ ଗୁଳି ।
ଯେବେ ଦେଶ ଶାନ୍ତି ହେବ
ମୋହର ରକତ ପାଇ,
ଆପତ୍ତି ନାହିଁଟି ମୋର
ଛାର ଏହି ଦେହ ପାଇଁ ।
ଜୀବନକୁ ଭୟ ନାହିଁ
ମୋହର ମୋ ଦେଶ ଲାଗି,
ଦେଶର ପ୍ରହରୀ ହୋଇ
ଅବିରତ ଥିବି ଜାଗି ।
ଜନ୍ମଭୂମି ଜନନୀ ମୋ,
ଆନନ୍ଦରେ ଦେବି ପ୍ରାଣ,
ତା ପାଇଁ ମୋ ଭଗବାନ
ଦିଅ ହୋଇ ଅଛି ଶାଣ ।
ପଡ଼ନ୍ତି ଦୁର୍ଦ୍ଦଶା ଆଜି
ଜାଗ ଜାଗ ଦେଶ ବାସୀ,
ମୋ ଦେଶର ଲାଗି ମୁହିଁ
ପ୍ରସ୍ତୁତ ହେ ଦବା ଫାଶି ।

ଶ୍ରୀ ନରେନ୍ଦ୍ର ନାଥ ଦାସ
୨୦୬ ନଂ ନାଗବଗୁ

Digitized by srujanika@gmail.com

## ଅଜାଙ୍କ ଜବାବ

ଶଚୀକାନ୍ତ—(୧) ପୃଥିବୀର ଅର୍ଥ ଭାବର ବୈଷମ୍ୟ, ପଇସା ବା କନଷ୍ଟ ପଇ ନେବା ଦେବା ପାଇଁ ବାଧା ସ୍ୱରୂପ ଯେଉଁ କନକ ବଂବସ୍ଥାର ହେଉଛି ସେଥିକୁ ସମାନ ଭାବରେ ଶତକଣ କରିବା। ସମଗ୍ର ପୃଥିବୀରେ ସମ୍ୟବାଦୀ ଶାସନ ପ୍ରତିଷ୍ଠା ନ ହେଲେ ଏହା ଅସମ୍ଭବ।

(୨) ସନ୍ତାନ ମାତୃକାଙ୍କୁ ମାତୃ ଚକ୍ଷୁରେ ଦେଖିବା ପାଇଁ ସାଧନା କଲେ କ୍ରମେ ମାତୃ ଶୋକ ଭୁଲି ହୋଇ ପାରିବ।

(୩) ଛାତ୍ର ଛାତ୍ରୀମାନେ ସେଇପରି ସିନେମା ଦେଖିବା ଉଚିତ ଯାହାକୁ ଦେଖିବାରେ ଆପତ୍ତି ନାହିଁ ବୋଲି ବୟୋଧିକ ବା ଗୁରୁଜନମାନେ ସୁପାରିସ କରିବେ।

(୪) ଆମ ନାଗବଗୁମାନେ ଯେପରି ଏହି ନାଗବଗୁ ବିଭାଗ ବିଷୟରେ ଅମନୋଯୋଗୀ ସେଥିରେ ନାଗବଗୁଙ୍କ ପାଇଁ ଆଉ ଅଧିକା ପୃଷ୍ଠା ବ୍ୟୟ କରିବା ପାଇଁ ସମ୍ପାଦକଙ୍କୁ ଅନୁରୋଧ କରାଯାଇ ନପାରେ।

(୫) ଜଗର କେବଳ ବାଳକ ବାଳିକାମାନଙ୍କ ପାଇଁ ଜନ୍ମ ହୋଇ ନାହିଁ। ସମସ୍ତଙ୍କ ପ୍ରାଣରେ ସରସତା ସଞ୍ଚାର କରିବା ପାଇଁ ତାର ସୃଷ୍ଟି। ଉଗରରେ ଅଳ୍ପ ବୟସ୍କ ବାଳକ ବାଳିକା ମାନଙ୍କ ପକ୍ଷରେ ପଢ଼ିବା ଦୋଷାବହ ହୋଇଥିବ ଏପରି ଗଳ୍ପ ଥିଲେ ତାହା ନ ଛାଡ଼ିବା ଉଚିତ। ଛାତ୍ରମାନେ ଯେତେ ଅଳ୍ପ ଗଳ୍ପ ଉପନ୍ୟାସ ପଢ଼ିବେ ସେତେ ଭଲ। ଛାତ୍ରମାନଙ୍କ ପାଇଁ ନାଗବଗୁ ବିଭାଗ ପ୍ରଶସ୍ତ। ତା ଛଡ଼ା ଜଗରର ଅନ୍ୟ ବିଷୟ ପଢ଼ିବାରେ ଟିକିଏ ସାବଧାନ ହେଲେ ଭଲ ହେବ।

(୬) ସନ୍ଧ୍ୟାରେ ଜଣେ ପ୍ରଥମେ ଘଣ୍ଟାକ ପାଇଁ ତାପରେ ୨ ଘଣ୍ଟା ଏପରି ବଢ଼ାଇ ବଢ଼ାଇ ଦିନେ ପର୍ଯ୍ୟନ୍ତ ମୌନ ରହିବାକୁ ଚେଷ୍ଟା କଲେ ବାଚାଳତା ହ୍ରାସ ପାଇବା ସମ୍ଭବ ହୋଇପାରେ।

(୭) ନାଗବଗୁ ସମ୍ମିଳନୀ ସମ୍ବନ୍ଧରେ ମୁଁ ଯଥା ସମୟରେ ନାଗମାନଙ୍କର ମତ ନେଇ କାର୍ଯ୍ୟ କରିବି।

ବସନ୍ତ—(୩୩) ନାଗବଗୁ ହେବା ପୂର୍ବରୁ ଅଭିଭାବକଙ୍କଠାରୁ ଅନୁମତି ନେବା ନ ନେବାରେ ଆମର ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ।

ଉଗରରେ ଏଣିକି କେବଳ ନାଗଙ୍କ ନାମ ଓ ବସନ୍ତିଙ୍କର ନାମ ବାହାରିବ ବୋଲି ମୁଁ ଆଗରୁ ଠିକ୍ କରିଛି। କାରଣ ଏ ପ୍ରକାର ଦୋଷ ମୋ ଆଖିରେ ପଡ଼ୁଛି।

ଯେଉଁ ନାଗମାନେ ମୋ ଜରିଆରେ ଚିଠି ନ ଦେଇ ସିଧା ସଳଖ ଅନ୍ୟ ନାଗଙ୍କ ସହିତ ଚିଠି ପତ୍ର କାରବାର କରିବେ, ତାହା ମୋର ନଜରକୁ ଆସିବା ମାତ୍ରେ ତାଙ୍କ ନାମ ନାଗବଗୁ ଦଳରୁ କାଟି ଦିଆଯିବ।

କମଳ—(୧୫୪) ଲକ୍ଷ୍ମୀନାରାୟଣ ସାହୁଙ୍କ ବହି ତାଙ୍କଠାରେ ମିଳିବ।

ହାତ ଲେଖା 'ଅରୁଣ'ର ସମ୍ପାଦକ ହୋଇଥିବାରୁ ମୁଁ ଅଭିବାଦନ କରୁଛି। ଗାଁରେ ପୁସ୍ତକାଳୟ ବସାଇବା ମହତ କାର୍ଯ୍ୟ—ଏବଂ ଲୋକଙ୍କୁ ସାକ୍ଷର କରିବା ମହତ୍ତର କାର୍ଯ୍ୟ। ଅନ୍ୟାନ୍ୟ ନାଗ ନାଗୁଣୀ ତାହା କଲେ ଅଧିକ ସୁଖୀ ହେବି।

ସିଂହଭୂମିର ପୂର ପଲ୍ଲୀ ଭ୍ରମଣ କରି ବିଶେଷ ଲାଭ ନାହିଁ—ସିଂହଭୂମିର ଗୋଟିଏ ପଲ୍ଲୀରେ ଓଡ଼ିଆ ବାର୍ତ୍ତା ପ୍ରଚାର କଲେ ଯଥେଷ୍ଟ ଲାଭ ହେବ।

ବେଙ୍ଗଲ ନାଗପୁର ରେଲୱେ ଟିକେଟ ଚେକରଙ୍କ ଖବର ଖବର କରିବା ମୋ ହାତରେ ନାହିଁ।

ଓଡ଼ିଆଟା ଅଶାନ୍ତ ବା ବିପ୍ଳବ ଶୀଳ କଥା। ସେଥିା ଶାନ୍ତ ନିକେତନରେ ସ୍ଥାନ ପାଇବ କାହିଁ? ଶାନ୍ତ ନିକେତନରେ କେବଳ ଶାନ୍ତ ପ୍ରେମ ପ୍ରସ୍ରବଣ ପାଇବ। ଓଡ଼ିଆ ପାଇବ ଦୁର୍ଦ୍ଦଶା।

ଲକ୍ଷ୍ମୀନାରାୟଣ (୨୩) ତମ ଚିଠିର ଉତ୍ତର ମୋର ଆଗ ଲେଖାରେ ପ୍ରାୟ ପାଇ ଯାଇବ।

ବସନ୍ତ କୁମାର ମହାନ୍ତି—ତମେ ତମର କର୍ତ୍ତବ୍ୟ କାର୍ଯ୍ୟ କରିଛ ଏଥିପାଇଁ ମୁଁ କାହିଁ ଆନନ୍ଦିତ। ଧନ୍ୟବାଦ ଦେବା ନାହିଁ। କାରଣ ପରି ଲୋକ ସାହାଯ୍ୟ କଲେ ସ୍ୱଚ୍ଛନ୍ଦତା ଆନ୍ଥରରେ ଧନ୍ୟବାଦ ଦିଆଯାଏ। ତମେ ଯେ ମୋର ନିଜର। ଅଧିକ ଉଗରର ଗ୍ରାହକ କରି ଦିଅ। ଅଧିକ ନାଗବଗୁ ସୃଷ୍ଟି କର।

ନାଗବଗୁ ସମ୍ମିଳନୀ ସମ୍ବନ୍ଧରେ ଯୋଜନା ନିକଟରେ ହେବ।

ଅଜା ଅଜାଙ୍କର ସେବକ ହେବାକୁ ନାରାଜ। ତମେ ଆସିଲେ କୁହାଯାଇ ସୁହାଇ ଦେଲେ ବା କିଛି ପରିବର୍ତ୍ତନ ହୋଇପାରେ।

—*—

### ନୂଆ ନାଗବଗୁଙ୍କ ନାମ

୧୪୬—ଉଦୟ ନାଥ ମିଶ୍ର। Class IX D. Mrs. K. M. P. M. H. E. School. ପୋ: କାମଦେବପୁର। ୧୪୭—ପରମା ନନ୍ଦ ନନ୍ଦ ଭବାନୀ ପାଟନା H. E. School. ପୋ: ଭବାନୀପାଟନା। କଳାହାଣ୍ଡୀଅ ଷ୍ଟେଟ୍। ୧୪୮—ନବକିଶୋର ଦାସ—ଭବାନୀ ପାଟନା କଳାହାଣ୍ଡି ଷ୍ଟେଟ୍। ୧୪୯—ଶ୍ରୀମତୀ ସମ୍ପିକା ସୁଦର୍ଶ ଦେବୀ ପୋ: ଧୋବାଣୀ। ପାଟନା ଷ୍ଟେଟ୍ ୧୫୦—ଶ୍ରୀମତୀ ଚନ୍ଦ୍ରକଳା ମହାନ୍ତି C/o N. H. Mohanty Esq. Officer in charge Rairangpur Police station. ପୋ: ରାଇରଙ୍ଗପୁର। ୧୫୧—ଚିତ୍ତ ରଞ୍ଜନ ଦତ୍ତ C/o S. N. Dutt. Rairangpur M. E. School. ପୋ: ରାଇରଙ୍ଗପୁର। ୧୫୨—ଜାନକୀ ବଲ୍ଲଭ ମହାନ୍ତି C/o ଶ୍ରୀଯୁକ୍ତ ରଘୁନାଥ ମହାନ୍ତି—ମୁକ୍ତାର ପୋ: ଖୋର୍ଦ୍ଧା।


# ତିନୋଟି ପରୀକ୍ଷିତ ମୋଦକ।

ଏକ—ଅପମ ଧାତୁଦୌର୍ବଲ୍ୟରେ "ଶଶାଙ୍କ କିରଣମୋଦକ" ବ୍ୟବହାର କରନ୍ତୁ। ମୂଲ୍ୟ—ଗୋ୧୬ଟାକୁ ଏକଟଙ୍କା ମାତ୍ର

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଭବତୀ ପ୍ରସ୍ତୁତ "ରତିବଲ୍ଲଭମୋଦକ" ବ୍ୟବହାର କରନ୍ତୁ

ମୂଲ୍ୟ—୧୨ ଟାକୁ ଏକଟଙ୍କା ମାତ୍ର।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସଠାରୁ "ଦୈବକରୁଣିକ"ବ୍ୟବହାର କରନ୍ତୁ। ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଶର୍ମା ବଟୁ ଭିଷଗାଚାର୍ଯ୍ୟ। ଆୟୁର୍ବେଦୀୟ ଔଷଧ ଭୁବନେଶ୍ୱର—ପୁରୀ।


Digitized by srujanika@gmail.com



# ଖବର ଅନ୍ତର

—ଏବେ ସିହଳ ଦେଶରୁ ଭାର-ତୀୟ ମାନଙ୍କୁ ତଡ଼ ଦେବାର ବ୍ୟବସ୍ଥା କରାଯାଉଛି ।

···ସ୍ୱର୍ଣ୍ଣଲଙ୍କାର ସୌନ୍ଦର୍ଯ୍ୟରେ !

—ଇଂଲେଣ୍ଡର ଗୋଟିଏ ବୁଡ଼ା ଜାହାଜ ସମୁଦ୍ରକୂଳରୁ ବୁଡ଼ି ରହିଥିବାବେଳେ ମାଷ୍ଟରେ ନଗ ଅଚଳ ହୋଇ ଭୁଷ୍ଟି ଯାଇଛି । ୬° ଜଣ ନାବିକ ତାହା ଭିତରେ ଅଟକ ପାଇ ମରି ଛନ୍ତି ।

···ପରକୁ ମାରିବାର ଫଳ ଫଳେ···

—ଗୋଟିଏ ଡାକ ବୋଝ ଉଡ଼ାଜାହାଜ କଲିକତା ନିକଟରେ ପାଣିରେ ପଡ଼ି ବୁଡ଼ି ଯାଇଛି । ଏ ଜାହାଜ ପାଣିରେ ବି ଚାଲି-ପାରେ ।

···ଦୈବ ଯୋଗକୁ ଟଳ କାହାର !

—ଶ୍ରୀଯୁକ୍ତ ସୁଭାଷ ବୋଷ ଯୁଲାଇ ମାସରେ ଉତ୍କଳ ଅଭିଯାନ ପ୍ରସ୍ତାବ ଦେଇଛନ୍ତି । ପୁରୀ ଓ ବରହମପୁର ଗସ୍ତ ବି କରିବେ ।

···Forward block କୁ ଦେଖି Back ward ବାଲା ଡରୁ ଥାଆନ୍ତି !

—ଭାରତୀୟ ଦେଶୀୟ ରାଜାମାନଙ୍କ ସଭା ରାଷ୍ଟ୍ରସଂଘରେ ଯୋଗ ଦେବେ ନାହିଁ ବୋଲି ସାଫ ସାଫ ନାହିଁ କରି ଦେଇଛନ୍ତି ।

···ବାଘ ବହଲ କିଏ ? କାହାକୁ କେଉଁ ଫଳ ହେବ ?

—ଶୁଣା ଯାଉଛି ଖୁବ୍ ଅଳ୍ପ ଦିନ ଭିତରେ ହିଟଲର ପୁଣି ଏକ ଦେଶ ଅଧିକାର କରିବେ । ଏଥର ପାଳି ଚେକୋସ୍ଲୋଭାକିଆର ।

···ତା' ପରେ କାହାର ପାଳି ? ଡାନଜିଗ ?

—ରୁଷ ଓ ବ୍ରିଟେନ ମଧ୍ୟରେ ଯେଉଁ ବୋଝା କୋଣ ସନ୍ଧିରେ କଥା ବାର୍ତ୍ତା ଚାଲିଛି, ତାହା ଦିନକୁ ଦିନ ଫୁଲି ଫୁଟି ଫୁଟି ଯାଉଛି ।

···ସେହି ଛିଡ଼ା ପଙ୍ଖାରେ ସେହିପରି ଅଛନ୍ତି !

—ବଙ୍ଗ ସରକାର ଏକ କାନୁନ ଜାରି କରି-ଛନ୍ତି ଯେ ଏଣିକି ସରକାରୀ ଚାକିରିରେ ଶତକଡ଼ା ୫୦ ମୁସଲମାନ ଓ ଶତକଡ଼ା ୧୫ ହରିଜନ ଆଗେ ନିଆ ହୋଇ ବାକି ଚାକିରି ଯାହା ରହିବ ସେତିକି ଅନ୍ୟ ଧର୍ମ୍ମାବଲମ୍ବୀର ଭାଗରେ ପଡ଼ିବ ।

···ଶୋଇଲା ପୁଅ ହିନ୍ଦୁ ଭାଗରେ ହେଲା କେତେ ?

—ଜାପାନୀଙ୍କୁ ଖୁନ କରି କେତେକ ଚିନା ଇଂରେଜ ଅଧିକୃତ ଟିଏନସିନରେ ଲୁଚିଥିଲେ, ତାଙ୍କୁ ଧରି ଇଂରେଜ ମାନେ ଜାପାନୀଙ୍କ ହାତରେ ନ ଦେବାରୁ ଜାପାନୀମାନେ ସେଠା ଇଂରେଜଙ୍କୁ ନାନାପ୍ରକାର ହଇରାଣ କରୁଛନ୍ତି ।

···ଜବର ଘର ବାଡ଼ା !

—ଆସାମରେ ଗୋଟିଏ ସ୍ତ୍ରୀର ସ୍ୱାମୀ କୁଆଡ଼େ ଅଦୃଶ୍ୟ ହୋଇଗଲା । ବାର ବର୍ଷ କାଳ ଗୃହକୁ ସେ ନ ଫେରିବାରୁ ହିନ୍ଦୁ ଶାସ୍ତ୍ରାନୁସାରେ ସ୍ତ୍ରୀକୁ ବିଧବା କରାହେଲା, ତାପରେ ସେହି ସ୍ତ୍ରୀ ଅନ୍ୟ ଏକ ପୁରୁଷକୁ ବିଧବା ବିବାହ କରି ରହିଲା । ଏବେ ହଠାତ ଆଗ ସ୍ୱାମୀ ଫେରିଛି ।

···ପାଠକେ ବିଚାର କରନ୍ତୁ 'ହକ୍' କାହାର?

—ଏଣିକି କୋ-ଅପରେଟିଭ ସୋସାଇଟିର ସେଣ୍ଟ୍ରାଲ ବେଙ୍କ ସବୁକୁ ଓଡ଼ିଶା ସରକାର ନିଜେ ପରିଚାଳନା କରିବେ ବୋଲି ଇସ୍ତାହାର ପ୍ରକାଶ କରିଛନ୍ତି ।

···ବିଷମ କୁଳର ରକ୍ଷକ ହେଲେ ।

—ପାଟନା ଜିଲ୍ଲାରେ ଧର୍ମ୍ମଘଟ ଫଳରେ ପ୍ରାୟ ୧୫୦ ଜଣ ଶ୍ରମିକ ଓ 'ଜନତା' କାଗଜର ସମ୍ପାଦକ ଗିରଫ ହୋଇଛନ୍ତି ।

···ଇନ୍‌କ୍ଲାବ ଜିନ୍ଦାବାଦ !

—ପୂର୍ବ ଗଡ଼ଜାତ ଏଜେନ୍‌ସିର ରାଜା-ମାନଙ୍କର ଗୋଟିଏ ବୈଠକ କଲିକତାରେ ଏବେ ବସିଥିଲା । ଓଡ଼ିଶାରୁ ମଧ୍ୟ ଅନେକ ରାଜା ଏଥିରେ ଯୋଗ ଦେଇଥିଲେ ।

...ସମଦୁଃଖୀ ସମ୍ମେଳନ !

—କଟକରେ ନିଖିଳ ଉତ୍କଳ ଯୁବକ ସମ୍ମିଳନୀ ହେବାର ଯୋଗାଡ଼ ଚାଲିଛି । ସୁଭାଷ ବୋଷ ସଭାପତି ହେବେ ବୋଲି ସମ୍ମତ ହୋଇଛନ୍ତି ।

···ଫରୱାର୍ଡ଼ ବ୍ଲକ୍ ?

—ଓଡ଼ିଶାରେ ଲୁଣ ମରା ଶିଳ୍ପର ପୁନ-ରୁଦ୍ଧାର ଓ ପ୍ରସାର ପାଇଁ ସରକାର ଲାଗି ପଡ଼ିଛନ୍ତି ବୋଲି ଶୁଣାଯାଏ ।

···ଅଲୁଣା ଓଡ଼ିଆ ଜାତିର ଭାଗ୍ୟ !

—ବଙ୍ଗଳା ମନ୍ତ୍ରୀମଣ୍ଡଳୀଙ୍କ ବିରୁଦ୍ଧରେ ହିନ୍ଦୁ-ମାନେ ସେଠା ଲାଟଙ୍କୁ ଗୋଟିଏ ଡେପୁଟେସନ ଦେଇ ଗୁହାରି କରିଛନ୍ତି ।

···ଅରଣ୍ୟ ରୋଦନ !

—ହକ୍ ସାହେବ ହିନ୍ଦୁଙ୍କର ମିତ୍ର ବୋଲାଇ ନିଜ ପକ୍ଷରେ ଆଶ୍ରୟ ନେବା ପାଇଁ ଆହ୍ୱାନ କରିଛନ୍ତି ।

···ଦୁଧ ଦେବେଟିକି ?

—ଶୁଣାଯାଏ ଯେ ବଡ଼ଲାଟ ସାହେବ ଜୁଲାଇ ମାସ ଶେଷ ଅଡ଼କୁ ଓଡ଼ିଶା ଆସିବେ । ଆସିବାର ଉଦ୍ଦେଶ୍ୟ କୁଆଡ଼େ ଗଡ଼ଜାତ ସମସ୍ୟାର ଅନୁସନ୍ଧାନ ।

···ଉଭୟ ପକ୍ଷ ଜାଗ୍ରତଥିବ !

—କଲିକତାର ଟେଙ୍ଗରପୁର ଡେକରେ ବୋମା ବିସ୍ଫୋରଣ ଫଳରେ ୩ ଜଣ ଆହତ ଓ ଜଣେ ମୃତ ହୋଇଛନ୍ତି ।

···ଅହିଂସା ବୋମା ନୁହେଁତ !

—ଲକ୍ଷ୍ନୋରେ ଶିଆ ଓ ସୁନ୍ନି ମୁସଲମାନ-ମାନଙ୍କ ମଧ୍ୟରେ ମାଡ଼ଗୋଳ ଫଳରେ ଅନେକ ଆହତ ହୋଇଛନ୍ତି ଓ ଜଣେ ପ୍ରାଣ ହରାଇଛି ।

···ଭାଇ-ଭାଇ ମିଳନ !

—ଗୋଟିଏ ଫରାସୀ ବୁଡ଼ା ଜାହାଜ ଜଳ ସମାଧି ଲଭିବାରୁ ୭୦ ଜଣ ସହିତ ନାବିକ ପଞ୍ଚତ୍ୱ ପାଇଛନ୍ତି ।

···ଇଂରାଜ ଓ ଫରାସୀଙ୍କୁ ଏକା ବିପଦ ପଡ଼ିଛି ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର୍



ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।





୫ ୨୦୯ କା ପୁରସ୍କାର ! ୫ ୨୦୯ କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫର୍ମାସି ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରର ଜେହାରୀ ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରୁଅଛୁଁ । ଅମ୍ଭମାନଙ୍କ ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରଣାଳୀ ଚଳାଇବାକୁ ଉଦ୍ୟତ ... ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରୁଥାଉଁ ତାହାର ଗ୍ରାହକଙ୍କରେ ଅମ୍ଭେମାନେ ତାହାଙ୍କୁ ଠକାଇ ଦେବାକୁ ଇଚ୍ଛାନାହିଁ । ପ୍ରତ୍ୟେକ ପଦାର୍ଥକୁ ତନ୍ନ ତନ୍ନ ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ବାହାର କରି ଧରିପାରିଲେ ଅମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ

ବାଲୁବଜାର, ପୋ:—କଟକ ।





...ର୍ଣ୍ଣ ଓ ସ୍ତ୍ରୀ ... **ସନ୍ନ୍ୟାସୀଦତ୍ତ** ...

**ଅର୍ଶନାଶାଇଁ—ଅର୍ଶବଟି ଏବଂ ସ୍ୱପ୍ନଦୋଷ ପାଇଁ ମଧୁସଞ୍ଜୀବନୀ**

ଇମାସ କାଳମଧ୍ୟରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ

ସ୍ତାହର ମଧ୍ୟରେ ଫଳାଫଳ ଜଣା ପଡ଼ିବ । ...

...ଭୀଷ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବିଦ୍ୟାଶିରୋମଣି, ... ଶ୍ରୀ ଜଗନ୍ନାଥ ମିଶ୍ର B.A.M.S. ...

ଠିକଣା— ଶାରଦା ଔଷଧାଳୟ ... ପୁରୀ ...

**ଆପଣଙ୍କର ଫଟୋ**

ଇଟାଲିକ, କ୍ରେୟନ ଉପରେ

ବ୍ଳକନ୍ତ ଓ କାବନ୍ତ

...

...—ଦେ ଇଅଭ୍ରା

... ବଜାର ...


ସମ୍ପାଦକ— ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

Digitized by srujanika@gmail.com

# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତ୍ୟଧିକ ରକ୍ତସ୍ରାବ, ଗର୍ଭସ୍ରାବ ଓ ଅଣ୍ଡା ଚକଡ଼ାଣି, ମସ୍ତକ ଘୋଳିଲା, ମୂର୍ଚ୍ଛା, ହାତିରିଅ, ମୂତ୍ରରୋଗ, କଷ୍ଟ ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗ ଦ୍ରୁତ ପ୍ରଶମନ କରେ ଏହା ଅଦ୍ୱିତୀୟ। ମୂଲ୍ୟ—ଶିଶି ପ୍ରତି ୪।୦ (ଏକଟଙ୍କା ମାତ୍ର)

## —(ଶିଶୁ ସୁଧା)—

ନବଜାତ ଶିଶୁଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସେବନ କରାଯାଇ ପାରେ। ଏହାକୁ ନିୟମିତ ବ୍ୟବହାର କଲେ, ଅନ୍ୟ କାଳ ଗୁଣ୍ଡି (ଘୋର ଔଷଧ) ଦେବା ଅନାବଶ୍ୟକ। ଶିଶୁମାନଙ୍କର ଅଜୀର୍ଣ୍ଣ, ପେଟଫମ୍ପା, ଦୁଧ ବାନ୍ତି, ହଗା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ। ମୂଲ୍ୟ—ଶିଶି ପ୍ରତି ୫୦।୵ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ।

—ଠିକଣା—

କବିରାଜ ଶ୍ରୀଧର ଗର୍ଗବଡ଼୍ ଆୟୁର୍ବେଦାଚାର୍ଯ୍ୟ
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଭ
## ହେଡଅଫିସ—ହିନ୍ଦୁସ୍ଥାନ ବିଲଡିଂସ୍, କଲିକତା।
ସେ

ନ
ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସଦ୍‌ବୃତ୍ତ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ
ସ୍ମା

ସ୍
ହିନ୍ଦୁସ୍ଥାନ କ୍ରମେ ପ୍ରସାର ଲାଭ କରି ପାରିଛି।
ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ।
ରେ

ରେ
ସରକାରୀ କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି।
ଗତ ୫ ବର୍ଷରେ ଦ୍ୱୟଂ ପ୍ରାପ୍ତି ବୀମାରେ ହଜାର ପ୍ରତି ୫୯୦ ଓ ଆଜୀବନ ବୀମାରେ ୫ ୭୫୧ ଲାଭ ଦିଆ ହୋଇଛି।
ଟି

ନ
ବୀମା କରିବା ପାଇଁ କିମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ।
ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି।
ଲି ୪

ଓଡ଼ିଶା ଅଫିସ:—କାଳିଗଳି, କଟକ। ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ।


Printed & published at the Gopinath Press, Bhadrak by N. Mahapatra & issued from Dagaro office, Bhadrak,

Digitized by srujanika@gmail.com

ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ
୩ୟ ବର୍ଷ
୨ୟ ସଂଖ୍ୟା

The Dagaro
ORISSA'S MOST POPULAR FORTNIGHTLY
OF
LIGHT, LEAD & LAUGHT
16th JUNE, 1939

ବାର୍ଷିକ ମୂଲ୍ୟ ୪ ୧୯
ଛାତ୍ର— ୪ ୧ ୨
ଶ୍ରେଣୀ— ୪ ୨ ୨



# ଏ ସଂଖ୍ୟାର ମସଲା

ଅର୍ଦ୍ଧଚନ୍ଦ୍ର ଭାଷାକୋଷ

## 'ଆ'

ଦେଖନ୍ତୁ



# ଗୁରୁ ଓ ଚେଲା



ଗୁରୁ ଲିନ୍‌ଲିଥଗୋ—

ବାବାଜୀ, ଲୁଚିଥାଅ ! ବଜେଟ୍ ବେଳା ଭୁଲି ଗଲଣି ତ—
ଚଟକ ପାଣିରେ ପୁଣି ହାତ ଭୁଡ଼ାଇବାକୁ ମନ କରୁଛ !

Digitized by srujanika@gmail.com


GOVERNMENT PRODUCTS.
ଆଉ ଚିନ୍ତା କଣ?
ମେଲେରିଆର
ଧନ୍ୱନ୍ତରି ତ ମିଳିଗଲା
ବଙ୍ଗ ସରକାରଙ୍କ
ନିଜ କାରଖାନାରେ ତିଆରି
କୁଇନାଇନ
ବିଶୁଦ୍ଧ, ଟଟକା, ସୁଲଭ
ଓଡ଼ିଶାର ସହର ମଫସଲ
ସବୁଠାରେ
ମିଳେ
GOVERNMENT OF BENGAL
TABLETS
QUININE SULPHATE
B.P.
100 TABLETS
5 GRAINS EACH
ଏଜେଣ୍ଟସ:-
ଗୈଥ୍ରୋଗା ଏଣ୍ଡ କୋଂ ନଂ ୪ ବାଙ୍କସାଲ ଷ୍ଟ୍ରିଟ୍
ସାଓଁଥଲେଣ୍ଡ୍ ଏଣ୍ଡ କୋଂ ପୋଃ ବକ୍ସ ନ୭୦ମ୍ବର
କଲିକତା



ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ ସ୍ୱର୍ଗରେ ଯାଉଥିଲେ । କେତେକ ଅଜ୍ଞ ଧର୍ମଧ୍ୱଜୀ ମଧ୍ୟ ଜଗନ୍ନାଥ ଦର୍ଶନ କରି ପାପ ପଙ୍କରୁ ତ୍ରାଣ ପାଇବା ଆଶାରେ ତାଙ୍କ ପିଚ୍ଛା ଧରି ଚାଲିଲେ । ଏକଥା ଯମଙ୍କ କାନରେ ପଡ଼ିଲା । କଳି ଯୁଗରେ ଯମ ଦଣ୍ଡରୁ ମୁକ୍ତି ପାଇବା ପାଇଁ ଏମାନେ ବଦ୍ଧୋଦ୍ୟମ ହୋଇଛନ୍ତି ଦେଖି ଯମରାଜ ଚିତ୍ରଗୁପ୍ତଙ୍କ ପରାମର୍ଶ ନେଲେ । ଫଳରେ ଯାତ୍ରୀମାନେ ବେଢ଼ା ଭିତରକୁ ଯାଇଛନ୍ତି କି ନାହିଁ ଝାଡ଼ା-ବାନ୍ତି ଆରମ୍ଭ ହେଲା ଏବଂ କେତୋଟି ଘଣ୍ଟା ପରେ ଯମଦୂତମାନେ ସମସ୍ତଙ୍କୁ ଯମଙ୍କ ଛାମୁରେ ନେଇ ହାଜର କଲେ । ସେମାନଙ୍କର ଦୋଷ ହେଲା ଯେ ସେମାନେ ବେଢ଼ା ଭିତରେ ବୁଲୁ ବୁଲୁ ମନ୍ଦିର କାନ୍ଥରେ ଥିବା କେତେକ ଅସଭ୍ୟ ଚିତ୍ର ଆଖିରେ ପଡ଼ିବାବେଳେ ସେମାନଙ୍କ ମନରେ କିଛିଏ ଖରାପ ଭାବ ଆସିଥିଲା । ତେଣୁ ସେମାନଙ୍କୁ ୫ ବର୍ଷ ଠାରୁ ଆରମ୍ଭ କରି ଅନନ୍ତ ନର୍କଭୋଗ ଆଜ୍ଞା ହେଲା । କିନ୍ତୁ ଅସଲ ବଦ୍ଧୋଖି ପଣ୍ଡିତଙ୍କ ବକ୍ଷରେ ଚିତ୍ରଗୁପ୍ତ କୌଣସି ଅପରାଧ ପାଞ୍ଜି ଖୋଜି ପାଇଲେ ନାହିଁ । ଅଥଚ ସେ ହେଉଛନ୍ତି ଏ ସମସ୍ତଙ୍କର ମୂଳ—ring leader । ସେ ଯଦି ତୀର୍ଥ କରି ବାହାରି ନଥାନ୍ତେ, ତୀର୍ଥ ମହିମା ଗାଇ ନଥାନ୍ତେ ଏମାନେ କେହି କରି ନ ଥାନ୍ତେ । ଶେଷରେ ନ୍ୟାୟଦଣ୍ଡଧାରୀ ଯମ ରାଜାଙ୍କ ମସ୍ତିଷ୍କରେ ଏକ ବୁଦ୍ଧି ପଶିଲା । ସେ କହିଲେ ଏଥିପାଇଁ ହିଁ ସମସ୍ତଙ୍କ ଠାରୁ ବଡ଼ ଦୋଷୀ ପଣ୍ଡିତ । କାରଣ ସେ ତାଙ୍କ ଭିତରେ ଏକମାତ୍ର ଜାଣିବା ଶୁଣିବା ଲୋକ । ସେ ଇଚ୍ଛା କରିଥିଲେ ଅପରାଧୀମାନଙ୍କୁ ଏଭଳି ପାପ ଚିନ୍ତା କରିବାକୁ ମନା କରି ପାରିଥାନ୍ତେ ବା ନିବର୍ତ୍ତିତ କରି ପାରିଥାନ୍ତେ । ତାହା ନ କରିବା ଫଳରେ ଗୁରୁତର ଅନ୍ୟାୟ କାର୍ଯ୍ୟକୁ ପ୍ରଶ୍ରୟ ଦେଇଛନ୍ତି । ତେଣୁ ତାଙ୍କୁ ୭ ମାସ ଫାଶି କୁଣ୍ଡରେ ଥାଇ ଦେବାର ଆଜ୍ଞା ହେଲା ।

ଏପ୍ରକାର ନ୍ୟାୟ ବିଚାର ଆମ୍ଭେମାନେ ଅପ୍ରକାଶ୍ୟ କୌଣସି ଗ୍ରନ୍ଥରେ ପଢ଼ିଥିଲୁଁ ।

ଏହା ପରେ ଆଉ ଗୋଟିଏ ବିଚାର ଏବେ ଆମ୍ଭମାନଙ୍କ ଦୃଷ୍ଟିକୁ ଆସିଛି । ଜଣେ ସାହେବ ଜଜ୍ ଜଣେ ସାହେବୀ ହତ୍ୟାକାଣ୍ଡରେ ନେଳିଙ୍କୁ ଫାସି ଆଜ୍ଞା ଦେଇଛନ୍ତି । ଏ ଉଚ୍ଚଶିକ୍ଷିତ ଲୋକ ହୋଇ ଗୌରଙ୍ଗ ଅଙ୍ଗ ସ୍ପର୍ଶରୁ କ୍ଷୁବ୍ଧ ଜନତାକୁ ନିବର୍ତ୍ତାଇବାରେ ଅକ୍ଷମତାହିଁ ଏମାନଙ୍କର ପ୍ରଧାନ ଅନ୍ୟାୟ ବୋଲି ଜଜ୍ଙ୍କ ରାୟ ପଢ଼ି କେତେକ ଲୋକ ଏପରି ଭାବୁଛନ୍ତି । ଆମେ କେବଳ ଯମଙ୍କ ରାୟ ଓ ଜଜ୍ଙ୍କ ରାୟକୁ ତୁଳନା କରିବାର ଭାର ପାଠକଙ୍କ ଉପରେ ଦେଲୁଁ । ଏଥିରେ ଯିଏ ଯେତେ ଅସାମଞ୍ଜସ୍ୟ ଦେଖାଇ ପାରିବ ସେ ସେତେ ପୁରସ୍କାର ପାଇବ ।

× × ×

କଂଗ୍ରେସ ଭିତରୁ ଅନ୍ୟାୟ, ଅନୀତି, ବ୍ୟଭିଚାର, ଅପବ୍ୟବହାର ନିକାଲ ( Purge) କରିବା ପାଇଁ ଗାନ୍ଧୀଜୀଙ୍କର ଖବୁଠାରୁ ବଡ଼ । ଏହା କଲେ କଂଗ୍ରେସ ରସାତଳକୁ ଚାଲି ଯିବ । ସେଥିପାଇଁ ଏଥର ଓ୍ୱାର୍କିଂ କମିଟିରେ କେତେ ଗୁଡ଼ିଏ କଡ଼ାକଡ଼ି ପାଶ ହୋଇଛି । କିନ୍ତୁ ଏହା ଯେ ଜଡ଼ାତେଲ (castor oil) ର କାମ ନୁହେଁ—ଜଣା କଥା କିନ୍ତୁ ଲୋକ! ତାପରେ ଦର୍ଦ୍ଦନା ଝଟେଇ ଯାହାଙ୍କ ହାତରେ ଡଆଁ ଯିବ, ସେମାନେ ଯଦି ନିଜେ ଶାଳଗ୍ରାମ ଯୋଗ ହୁଅନ୍ତି, ତେବେ—? ଗାନ୍ଧୀଜୀ ଏଥର ଖାଇଁଖାଇଁ ହୁଏତ ଚରଖା ଦାଉ ଭୂତେଇ ହୋଇଯିବେ କି!

\+ ×

ଭିତ ମଧ୍ୟରେ ସୁରେଶବାବୁ ଯାହା ଦେଇ ବାମ ଭଳିଆ ବାମଠାଏ ଦାଖଲ କରି ନେଇଛନ୍ତି । ଆମ ଦେଶରେ ଭାରତ ଜନ୍ମ ଦେଇଁ ଅଂଗ୍ରେଜ ଇଣ୍ଡିଅନ ଗଣ ଅଛନ୍ତି, ଯାହାଙ୍କୁ ହେଁଶ୍ ଫିରଙ୍ଗି ବୋଲି କୁହାଯାଏ, ସେମାନେ ନିଜକୁ ଗୋରା ଇଂଲଣ୍ଡ ବୋଲି ମନେ ମନେ ମଣୁଥିଲେ, ଇଲାତକୁ Home ବା Mother land ବୋଲି କହୁଥିଲେ ଓ ଭାରତବାସୀଙ୍କୁ Native ଆଖ୍ୟା ଦେଉଥିଲେ ଯଦ୍ୟପି ତାଙ୍କର ବାପଭୁଇଁରେ ୟୁରୋପ ହେଉ ନାହାଁନ୍ତି ବା ସେଠି କୌଣସି ୟୁରୋପୀୟ ଦେଶରେ ତାହାର ସରହଦ୍ଦ ନାହିଁ । କାଳର ଗତି ଦେଖି ସେମାନେ ଏବେ ଭାରତକୁ ସ୍ୱଦେଶ ବୋଲି କହିବାର ସ୍ଥିର କଲେଣି ଓ କଂଗ୍ରେସରେ ମିଶି ସ୍ୱଦେଶର ଉଦ୍ଧାର କରିବାକୁ ମଧ୍ୟ ମଙ୍ଗିଲେଣି । ତେବେ ସେହି ଭକ୍ତିଅ ଭକ୍ତିଅ କଂଗ୍ରେସରେ ମିଶିବାକୁ ତାଙ୍କର ବେଦସହା ପନ୍ଥ ନଥିଲା; ସେତେବେଳେ ସେ'ସ ଚମଡ଼ା ତ! ( ଅଲବତସ ପର ହେଉ ପଛକେ ) । ଏଇକ୍ଷଣି ସେମାନେ ଲଙ୍ଗଳା ଫକିର ( Naked Fakir ) ଙ୍କୁ ଛାଡ଼ି, ଚର୍ଚ୍ଚିଲ ଫୈଜଲ ସଭ୍ୟ ମୁଣ୍ଡଙ୍କ ଅନୁଗ ଦଳ ଭୁକ୍ତ ହୋଇ କଂଗ୍ରେସରେ ମିଶିବାର ଦାବି କରୁଛନ୍ତି ।

ଡ'କ୍ଟର ଏମ୍ ଏନ୍ ରାୟ ଯଦି ମୁସଲମାନଙ୍କୁ ଓ ଯଉରବହାର ହରିଜନଙ୍କୁ ଏହିପରି ମିଶାଇ ନେଇ ପାରନ୍ତି, ତେବେ ତ କାମ ଫତେ । ବାକି ଯେ ବହୁଗଲେ ସେ ଆପେ ଆସିବେ । ଏହା ହେଉଛିଲାଣି ଇଂରେଜ ତମ୍ବୁ ଖୋଲଣି ବାନ୍ଧିବ ! ହାୟରେ ହାୟ—ଏଠି ଦରିଦ୍ର ହେବା ହେବ ହାୟ !

\+ × +

Digitized by srujanika@gmail.com

ମହାତ୍ମା ଗାନ୍ଧୀ ଯାହା ଯେତେବେଳେ ଉଚିତ ବା କରନ୍ତି, ଅପଣା ମନକୁ କରନ୍ତି ନାହିଁ । ଦେବଶ୍ଚ ( ? ) ଙ୍କ ଠାଏ ପ୍ରେରଣା ଡାକ, ବାଣୀ ବା ଇଙ୍ଗିତ ଉପରେ ସାର ନେଇ କରନ୍ତି । ଏ କଥା ସେ ନିଜେ ମଧ୍ୟ କହିଥାଆନ୍ତି । ଏହିପରି କଣ ବାଣୀ ( Inner voice ) ଶୁଣି ସେ ରାଜକୋଟ ସମସ୍ୟା ସମାଧାନରେ ଏବରୁ ଲାଗି ପଡ଼ିଲେ ଯେ ତ୍ରିପୁରୀ କଂଗ୍ରେସକୁ ଯିବା ସମ୍ଭବ ହେଲେ ନାହିଁ । ଅଧିକନ୍ତୁ ସେଥିପାଇଁ ଉପାସ ରହି ପ୍ରାଣ ଛାଡ଼ିବାର ପଣ ବି କରି-ବସିଲେ ।

ଯାହାହେଉ ସେ ବାଣୀଟା ଭୁଲ ପଡ଼ିଯିବାରୁ ଏବେ ମହାତ୍ମା ଙ୍କ ଅନ୍ତ ବାଣୀରେ ବିଶ୍ୱାସ ନ ରଖି "ଅଲୋକ" ଉପରେ ନିର୍ଭର କଲେଣି । ଗାନ୍ଧିଜୀ କଥାରେ ସେ 'ନୂତନ ଅଲୋକ' ପାଇ ସ୍ପଷ୍ଟ କହୁଛନ୍ତି ଯେ ଗଡ଼ଜାତରେ ଅତି ଜବର-ଦସ୍ତି ଆନ୍ଦୋଳନମାନ ଲଗାଇବା ଉଚିତ ନୁହେଁ; ଯାହା ଦରକାର ରାଜାମାନଙ୍କଠାରୁ ଅପୋଷରେ ଅଳ୍ପ ଅଳ୍ପ କରି ମାଗିନିଅ ।"

ଏଇ ମାଗି ନେବା କଥାଟା ଢେର ଦିନ ଆଗରୁ ଦେଶୀ ଲୋକ ବାହାର କରିଥିଲେ । ତାଙ୍କୁ ଅମେ ନାନା ଦୋଷ ଦେଇ ଅଛର କରି-ଦେଇଛୁ । ଏବେ ଅମେ ନିଜକୁ କଣ' କହିବୁ ତୋ ଗାନ୍ଧୀଜୀ ଜବାବ ଦିଅ ! ଲୋକେ ଶେଷେ ଗୃହାଗତ କୋଳି ନ କହନ୍ତୁ ଯେମିତି ।

\+ × ×

ବୋଧହୁଏ ଏହି ନୂଆ ଅଲୋକର କାରଣରେ ହିଁ ଆମ ନେତା ମହତାବ ମହୋଦୟ ତାଳ-ଚେର ସମସ୍ୟା ସମାଧାନରେ ପୁଣି ଲାଗି ପଡ଼ି-ଛନ୍ତି । ସମାଧାନ ଯେ ଏଥର ହୋଇଯିବ ଏଥିରେ ସନ୍ଦେହ ବି ନ ହେବାର କଥା । ରାଜକୋଟ ଅଦର୍ଶରେ ସମାଧାନ କରିବାକୁ ହେଲେ ତହିଁରେ ବାଧା ପଡ଼ିବାର ବାଟ ନାହିଁତ । ଅର୍ଥାତ, ଅମୁକ ଅମୁକ ଦେଲେ, ଅମେ ଯାଇ ଅପଣା ଅପଣା ଘରକୁ ଫେରୁ— ଏହି ଅଭିଯାନର ସ୍ୱାଦ ସବୁ ଚାଲିଣି । ଏଣିକି ଅନୁଦାନ ବାଅ ତ ନିବେଦନ ଫଳରେ ଯାହା ହେବ । ଆମେ ସେଥିପାଇଁ 'ସବୁଦିନେ କହୁଁ —ସେହିପରି ତ କରନ୍ତି ଇଚ୍ଛାରେ ବସ୍ତ୍ର ଗଢ଼େଇ ଦିଅନ୍ତି କାହିଁକି !

\+ +

ଧୀରପାଣି ପଥର କାଟେ ବୋଲି ବଡ଼ ବଡ଼ଆ ମାନେ କହି ଯାଇଛନ୍ତି । ମହାତ୍ମାଜୀ ଗଡ଼ଜାତ ପ୍ରଜା ଆନ୍ଦୋଳନ ବିଷୟରେ ଏବେ ଧୀର ନୀତି ଅବଲମ୍ବନ କରିବା ଉପଦେଶ ଦେଇଛନ୍ତି, ନୀତିଟି ଗଜଗମନ ଧରିଲେ ରଜାମାନେ ବଡ଼ ଖୁସୀ ହେବେ । ଟିକିଏ ନିଶ୍ୱାସ ମାରିବାକୁ ବେଳ ପାଇବେ । କିନ୍ତୁ ଆମର ସନ୍ଦେହ ହୁଏ ରଜା ମାନଙ୍କ ଯେମିତି ଯୁକ୍ତି ଲୋକ କଏ ଲୁଆଡ଼େ ଯଦି ଶେଷ ଇସଡ଼େ ତେବେ ଗାନ୍ଧୀଙ୍କ ଧୀରତାଟା ସ୍ଥିର ହୋଇ ରହିଯିବ ।

\+ +

ଓଡ଼ିଶାରେ ସମବାୟ ଋଣ ସମିତିମାନ ଗରିବ ପ୍ରଜାଙ୍କର କି ସର୍ବନାଶ କରିଗଲା ଓ ତାହା ସାଙ୍ଗରେ କଟକ ଡିପୋଜିଟର ଗଣଙ୍କର କପାଳ ଭେକାଳ ବୁଡ଼ାଇଦେଲା ତାହା କଏ ନଜାଣେ । ଏଥିରୁ ରକ୍ଷା ପାଇବାର କିଛି ଉପାୟ ଅଛି କି ନାହିଁ ତାହା ଜାଣିବା ନିମନ୍ତେ ଆମ କଂଗ୍ରେସ ସରକାର ଯେଉଁ ସୁଧାଲଅବ କମିଟି ବସାଇଥିଲେ ତାର ରିପୋର୍ଟ ଅନେକ ଦିନରୁ ବାହାର ଯାଇଥିଲା । ସରକାର ଏବେ ତାର ବିଚାର ଧ୍ୟାନ କରିବେ ତାକୁ ଲୋକେ ଗୃହିଁ ବସିଥିଲେ । ଏତେଦିନ ପରେ ସରକାରଙ୍କ ରିପୋର୍ଟ ବାହାରିଛି । ସେଥିରୁ ଯାହା ବୁଝା ଯାଉଛି, ସବୁ କେନ୍ଦ୍ର ବ୍ୟାଙ୍କ ଗୁଡିକ ସରକାର ପୃଷ୍ଠପୋଷ ନିଜ ହାତକୁ ନେଇ ପରିଚାଳନା କରିବେ । ଖାତକ ମାନଙ୍କୁ ସୁଧ ଛାଡ଼ ଓ ସୁଧ କମାଇବାର ବ୍ୟବସ୍ଥା ବି ଅଛି । କିନ୍ତୁ ଡିପୋ-ଜିଟରଙ୍କ ହକ ଟଙ୍କା ବିଷୟରେ ଏପରି କିଛି କରିଯିବ ନାହିଁ । ତାର କାରଣ ବୋଧହୁଏ ଯେ ସେମାନେ ବଡ଼ଲୋକ । ବଡଲୋକ ନ ହେଲେ କେହି ଟଙ୍କା ଜମା ରଖେ କି ? ଏପରି ଲୋକଙ୍କ ଟଙ୍କା ଜଡ଼ାଇ ଦେଇ ଯଦି କେତେକ ଗରିବ କର୍ମଚାରୀ ଓ ବଦାନ୍ତ ଗରିବ ଖାତକଙ୍କ ଦାନା ଯୋଗାଇ ପାରିଲା ତେବେ ହିତୋପଦେଶ କଥାନୁସାରେ ଠିକ କାର୍ଯ୍ୟହେବ—

ଧନୀଙ୍କୁ ନଦିଅ ଧନ ଦରିଦ୍ରେ ଭରତ
ଔଷଧ ରୋଗୀର ଲୋଡ଼ା ନୁହେଁ ନିରୋଗର +

କଂଗ୍ରେସର କାନୁନ ମୁତାବକ କୌଣସିଠାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ସେଠା ପ୍ରାଦେଶିକ କଂଗ୍ରେସ ସଭାର ପରାମର୍ଶ ନେଇ ସବୁ କାମ କରିବାର କଥା । ଆମ ଏଠା ପ୍ରାଦେଶିକ ସଭାପତି ପଣ୍ଡିତ ନୀଳକଣ୍ଠ ବା ତା ପୂର୍ବତନ ସଭାପତିଙ୍କ କଥା ଆମ ପ୍ରଧାନ ମନ୍ତ୍ରୀ ମାନି ଚଳୁ ନାହାନ୍ତି ବୋଲି ନୀଳକଣ୍ଠ ବାବୁ ଏକ ଇସ୍ତାହାରରେ ପ୍ରକାଶ କରିଛନ୍ତି ।

କଥାଟା ଉଠିଛି ମାନ୍ଦ୍ରାଜ ଜମି ଆଇନ ନେଇ । ସେ ଆଇନଟା ଆମ ଆସେମ୍ବ୍ଲିରେ ପାଶ ହୋଇଥିଲେ ମଧ୍ୟ ଲାଟ ତାହା ମଞ୍ଜୁର କରୁ ନାହାନ୍ତି । ଯଦି ମଞ୍ଜୁର ନ କରନ୍ତି ତେବେ ମନ୍ତ୍ରୀମଣ୍ଡଳର ଇସ୍ତଫା ଦେବାର କଥା । ଏତେ ବଡ଼ ପଦକୁ ଏଡ଼େଇବା ପାଇଁ ମନ୍ତ୍ରୀଗଣ ଜମିଦାରମାନଙ୍କ ସହିତ ଏକ ରଫା କରିବାରେ ଲାଗିଛନ୍ତି । ରଫାଟା ହୋଇଗଲେ ତାଙ୍କ ମୁଣ୍ଡ ରହିଯିବ । କିନ୍ତୁ ଦୋଷଟା ନିଜେ ମୁଣ୍ଡେଇବାର ଇଚ୍ଛା ତାଙ୍କର ନଥିବାରୁ ପ୍ରଧାନମନ୍ତ୍ରୀ ମହୋଦୟ ଏତେବେଳେ ପ୍ରାଦେଶିକ ସଭାପତି ପଣ୍ଡିତ ନୀଳକଣ୍ଠଙ୍କୁ ତାଙ୍କ ଦୋଷଟା ମୁଣ୍ଡାଇ ନବାକୁ ଲଗାଇଛନ୍ତି । ଯେ ମୁଣ୍ଡାଇବ, ପ୍ରଜାଙ୍କର ସେ ଅପ୍ରିୟ ହେବ ଓ ଭବିଷ୍ୟତ ଭୋଟ ପାଇବାରେ ତାର ବ୍ୟାଘାତ ଘଟିବ । ଏଥିପାଇଁ ନୀଳକଣ୍ଠ ବି ପଛେଇଛନ୍ତି ଓ କହୁଛନ୍ତି କି 'ଆମକୁ ତ ଆଗରୁ ପଚାରୁ ନଥିଲ — ଏବେ ଆମେ କାହିଁ ପଶିବୁ ?'

ହାୟ, ଦୁର୍ଦ୍ଦଶା ! କି ନିଦାରୁଣ ତୁମେ ! ଏତେବେଳକୁ କଣ ଦାଉ ସାଧିବାକୁ ଥିଲ ! ଆଗ କଲ ଭୁଲ ଯାଅ । ଅଳ୍ପଦିନ ତଳେ ଖାସ ତୁମକୁ କାହିଁ ନେଇବା ପାଇଁ କଲେଜରେ 'ଭୂଷଣ' ସୃଷ୍ଟି ହୋଇଥିଲା, ସେଲାମକର ସ୍ୱାଦ କଣ ଏତେ ଶୀଘ୍ର ଭୁଲିଗଲ ! ପ୍ରଶଂସାରେ ଅବଶ୍ୟ ତୁମକୁ କେହି ପଚାରୁ ନ ଥାନ୍ତି ! ନାଏ ହେ ଭୂତନାଥ, ନୀଳକଣ୍ଠ, ତୁମେ କଣ ସେ କଥା ଧରି ବସିବ ! ଯେତେ ହେଲେ ତୁମେ ପଣ୍ଡିତ । ଅହିବତ ସର୍ବଭୂତେଷୁ । ଅତଏବ ତୁମର ଏ ଭୂତଗଣଙ୍କୁ ଏ ଆଲୋକରୁ ରକ୍ଷାକର ।

Digitized by srujanika@gmail.com



କିନ୍ତୁ ରଜୀବ ମନରୁ ଅଜ ସନ୍ଦେହ ଦୂର ହେଲା ନାହିଁ । ଏଠି ରହିଛି ।—ପଦ୍ମାର ହାତ ଅକ୍ଷର ରହିଛି—ହିନ୍ଦୁର ନାମ ରହିଛି—ଏ ସବୁ କ'ଣ ମିଛ ହୋଇ ପାରେ । ନିଶ୍ଚୟ ପଦ୍ମା କୋଉଠି ପର ପୁରୁଷ ପାଲରେ ପଡ଼ିଛି । ଯେମିତି ହେଉ ସେ ତାକୁ ଧରିବ । ଯେମିତି ହେଉ ସେ ସମସ୍ତଙ୍କ ଆଗରେ ତାର ଡିଟେକ୍‌ଟିଭ୍ ବୁଦ୍ଧିଟାକୁ ପ୍ରମାଣ କରିଦେବ । ପଦ୍ମା ଦେଖିବ—ଯେ ରଜୀବ ତାର ସ୍ୱାମୀ ଥିବାଯାକେ ସେ କଦାପି ତା' ଆଖିରେ ଧୂଳି ଦେଇ ପର ପୁରୁଷ କରି ପାରିବ ନାହିଁ । ପଦ୍ମାକୁ ସେ ଉଚିତ ଶିକ୍ଷା ଦେବ ।—ପଦ୍ମାକୁ ସେ ଜେଲ ବ୍ୟବସ୍ଥା କରିବ—ଜେଲ ଦେବ—ଫାଶି ଦେବ—······ ଇତ୍ୟାଦି ଚିନ୍ତା ସବୁବେଳେ ତା ମନ ଭିତରେ ଖେଳୁଥାଏ ।

ପଦ୍ମା ତାକୁ ଗାଳିଦିଏ—ଗୁଣ୍ଡା, ଖଣ୍ଡ, ଚୋର । କିନ୍ତୁ ଏ ସବୁ ଗାଳିକୁ ହଜମ କରିବାର ଏକମାତ୍ର ଔଷଧ ସେ ଦେଖେ ଚୁପ୍ ହୋଇ ଅଖି ବୁଜି ଖଟ ଉପରେ ଶୋଇ ପଡ଼ିବାର ଅଭିନୟ କରିବା । ପଦ୍ମାର ମାମୁଁପୁଅ ଭାଇ ଉପେନ୍ଦ୍ର କଲେଜରୁ ଛୁଟିରେ ପଦ୍ମାର ପ୍ରେମିକ ବୋଲି ମାନି ନେବା ପର ଦିନଠୁଁ ପଦ୍ମାର ଘଟଣା ଯେମିତି ବଢ଼ି ଚାଲିଛି ସେଇଟାକୁ ଧରିଦେଇ ନ ଦେଲେ ସେଇଟା ଯେ ଦିନେ ଯାଇଁ କେଉଁଠି ଠିଆ ହେବ ତାର ଠିକ ଠିକଣା ନାହିଁ । ସେଥିପାଇଁ ରଜୀବକୁ ଯେମିତି ହେଉ ପଦ୍ମାର ଜଣେ ପ୍ରେମିକ ବାହାର କରିବାକୁ ହେବ । ଏଠି ତ ରହିଛି । ପ୍ରମାଣ ହାତେ ହାତେ । କେବଳ ଲୋକଟା ।

ଦିନେ ଅଧରାତିରେ ତା'ର ନିଦ ଭାଙ୍ଗିଗଲା । ପଦ୍ମା ତକିଆ ଉପରେ ହାତ ପଡ଼ିଗଲା ହଠାତ୍ । ସେଠି ପଦ୍ମାର ମୁଣ୍ଡ ନଥିଲା । କେହି ଅଜଣା ଲୋକର ମୁଣ୍ଡଟା କାଟି ନେଇ ଯାଇ ନାହିଁ ତ ? ଡିଟେକ୍‌ଟିଭ୍ ଘରେ ଏଭଳି ଡକାଏତି ? ରଜୀବ ବଡ଼ ଲଜ୍ଜିତ ହେଲା, ଦୁଃଖ ହେଲା । ତା ତକିଆ ତଳୁ ସେଇ ଟର୍ଚ୍ଚଟା କାଢ଼ି ପକାଇ ଦେଖିଲା, ଖାଲି ମୁଣ୍ଡଟା ନୁହେଁ, ପଦ୍ମା ଗୋଟାପଣେ ଅଦୃଶ୍ୟ । ସେ ଟର୍ଚ୍ଚ ପକାଇ ଏ ଘର ସେ ଘର ଖୋଜି କେଉଁଠି ଅଜ ପଦ୍ମାକୁ ପାଇଲା ନାହିଁ । ଦାଣ୍ଡଦୁଆର ପାଖକୁ ଯାଇ ଦେଖିଲା—ବାହାରୁ କବାଟ ଦିଆ ଯାଇଛି । ଏଥର ତାର ଡିଟେକ୍‌ଟିଭ୍ ମଥା ଠିକ୍ କରି ନେଲା ଯେ ଏ କେବେହେଲେ ଚୋର ବା ଡାକୁର କାମ ନୁହେଁ । ଡକାଏତ ହୋଇଥିଲେ ସେ କେବେହେଲେ ବାହାରୁ କବାଟ ଦେବାଟା ଦରକାର ମନେ କରି ନ ଥାନ୍ତା । ନିଶ୍ଚୟ ପଦ୍ମା ତାର ପର ପୁରୁଷ ସାଙ୍ଗରେ

## ଡିଟେକ୍‌ଟିଭ୍
(୨ୟ ସ୍ତର)
ଲେଖକ:—ନି: ମ:

ଚମ୍ପଟ ଦେଇଛି । ତାର ନିଦ ଭାଙ୍ଗିଗଲେ କାଳେ ସେ ତା ପଛେ ପଛେ ଗୋଡ଼ାଇବ, ସେଥିପାଇଁ ସେ ଦାଣ୍ଡରୁ କବାଟ କିଳି ନେଇଛି । ରଜୀବର ଦେହ ବଇଶାଖ ମାସର ଫୁଟିମାଟି ପରି ଚଡ଼ ଚଡ଼ ହୋଇ ଫାଟିପଡ଼ିଲା ଯିମିତି ।

ଗୋଟାଏ ନାଲି ବାଟରେ ଗଳି ସେ ବାହାରକୁ ବାହାରି ପଡ଼ିଲା । ସଡ଼କ ଉପରେ ଯାଇଁ ଯାହା ଦେଖିଲା ତାର କିଛି ଆଗରେ ଜଣେ ପୁରୁଷ ଅଜ ତା' ପଛେ ପଛେ ଜଣେ ସ୍ତ୍ରୀ ଲୋକ ଯାଉଛି । ସେ ଟିକିଏ ଜୋରେ ଚାଲିଲା । ତାଙ୍କ ପାଖ ହେଇ ଅଟିକା ହେଲାକୁ ସେ ଶୁଣି ପାରିଲା, ସେ ସ୍ତ୍ରୀ ଲୋକଟି ଫନ୍ ଫନ୍ କରି କହୁଛି—ଚାଲ୍ ଚାଲ୍, ସକାଳ ହୋଇଗଲାଣି ।

'ପଦ୍ମା' ବୋଲି କହି ସେ ସ୍ତ୍ରୀ ଲୋକଟିକୁ ଯାଇଁ କୁଣ୍ଢାଇ ପକାଇଲା—'ଏଥର ଯିବୁ କୁଆଡ଼େ' ।

ସ୍ତ୍ରୀ ଲୋକଟି ଅଳ୍ପ ବାପରେ ବୋଲି ଚିତ୍କାର କଲାମାତ୍ରେ ତା' ଆଗେ ଆଗେ ଯାଉଥିବା ପୁରୁଷଟି ଅଧି ଦୁଇବିଧା ଦୁଇଗୁପୁଚା ପକାଇବାକୁ ରଜୀବର ଜ୍ଞାନ ହେଲା । ସେ ବୁଝିଲା ଯେ ରାସ୍ତାରେ ଚାଲୁଥିବା ଯେ କୌଣସି ସ୍ତ୍ରୀଲୋକ ତାର ସ୍ତ୍ରୀ ହେବା ଅସମ୍ଭବ ।

ଏ ଗୋଳମାଳ ଶୁଣି ପାଖରେ ଯେଉଁ ଥାନା ସିପାହୀ ବୁଲୁଥିଲା, ସେଠିକି ଚାଲିଆସିଲା । ତା' ଦେଖି ଉକ୍ତ ଭଦ୍ର ଲୋକଟି ସିପାହୀକି କହିଲା ଘଟଣାଟା । ସେ କିପରି କହିବାକୁ ଆରମ୍ଭ କରିଛି, ରଜୀବ ଧରା ପଡ଼ିଗଲା ବୋଲି ଚିହ୍ନିଅ ହୋଇ ଦେଲା ଛୁ—ଅଉ ତାକୁ ପାଏ କିଏ । ତାର ମନେ ହେଲା—ସେ ସ୍ଥଳରେ ପଳାୟନ ଠାରୁ ରକ୍ଷା ପାଇବାର ଅନ୍ୟ ଉପାୟ ନାହିଁ ।

ପୁଲିସ ସିପାହୀ ତା' ଦେଖି ରଜୀବର ପଛେ ପଛେ ଦଉଡ଼ିବାକୁ ଲାଗିଲା । ରଜୀବ ସେତେବେଳେ ବୁଝିପାରିଲା ଯେ ତା' ଦେହରେ କୁସ୍ତି ତାର ବର୍ତ୍ତୁଳ ବପୁଠାରୁ ବେଶୀ ଅସୁବିଧା କରୁଛି ଏବଂ ଅଉ ବେଶୀ ଦୂର ଦଉଡ଼ିଲେ ସିପାହୀ ତାକୁ ଧରି ନେବାର ଖୁବ୍ ସମ୍ଭାବନା । ସେତିକିବେଳେ ଭଗବାନଙ୍କ ଦୟାରୁ ସେ ଦେଖିଲା ଗୋଟାଏ ମାତାଲ୍ ମଦ ଖାଇ ଟଳ ଟଳ ହୋଇ କହୁଛି - ଭାଇ, ପଡ଼ିଯିବୁରେ ଅପେ—ଅସ୍ତେ । ସେ ସେଇ ମାତାଲ୍ ପାଖରେ ଠିଆ ହୋଇ ଯାଇ ଆଗକୁ ଲକ୍ଷ୍ୟ କରି କହିଲା —ଚୋର—



Digitized by srujanika@gmail.com

ଦେଇଛି ଏଇ ଭଲ—ଓ—ମୁଁ ଅଉ ବଞ୍ଚିବି ପାରୁନାହିଁ ।'

"ଏଁ କେବେ ? ସାନ, ଚାହିଁ ଉଠେଇ" ବୋଲି କହି ପାଚାଲ୍ ବଙ୍କେଇଲା । ସିପାହୀ ଦେଖିଲା ଅସି ରଜ୍ଜବ ହାତରେ ପଡ଼ିଛି— ରଜ୍ଜବ ହାତ ଠାରି କହିଲା—'ଦେଇଛି ଦେଇ ହିନ୍ଦୁ ସାହେବ—ଯାଉଛି ଘର—ଘର ।'

ସିପାହୀ ସେ ମାତାଲ୍ ପଡ଼ିଲା ? ଚାଉଁଠିଲା । ନିଜ ବୁଦ୍ଧିକୁ ସେ ନିଜେ ପ୍ରଶଂସା କଲା ।

ପୁଲିସ ସିପାହୀ ହାତରୁ ଖସି ଯାଇ ସେଇ ଅନ୍ଧାରେ ଅନ୍ଧାରେ ଅସି ସେ ଘରେ ପହଞ୍ଚିଲା । ଦେଖିଲା ସେତେବେଳ ଯାଏଁ ବି ଦରଜା ବନ୍ଦ ।

ଝୋଟାଏ ଅଣ୍ଡା ଛୁଆ ନେଇ ବଳାକ ପୁଣି ସେଇ ନାଚୁଣୀ ଉପରେ ଯାଉ ଏକାକା—ନିତାନ୍ତ ଏକାକୀ, ବନ୍ଦ ଦ୍ୱାର ଉପରେ ଦନ୍ତ ଘନ୍ତ ହୋଇ ଭିତୋଡ଼ ହଦରେ ଶୋଇପଡ଼ିଲା ।

(ସମାପ୍ତ)


## ନିଖିଳ ଉତ୍କଳ ମୂକ ବଧିର ବିଦ୍ୟାଳୟର

# ନୋଟିସ

### ନିଃସ୍ୱ ପରିବାରଙ୍କ ଆଶାର ବାଣୀ

କଟକ ସହରରେ **ବିପିନ ବିହାରୀ ଚୌଧୁରୀଙ୍କ** ଦ୍ୱାରା ଗୋଟିଏ ମୂକ ବଧିର ବିଦ୍ୟାଳୟ ସ୍ଥାପିତ ହୋଇ ନିୟମିତ ଶ୍ରେଣୀ ଖୋଲା ଯାଇଅଛି । ସେଠାରେ ପିଲାମାନେ ସନ୍ତୋଷଜନକ ଶିକ୍ଷା ପାଉଅଛନ୍ତି ଏବଂ ରହିବା ପାଇଁ ସ୍କୁଲ ସଂଲଗ୍ନ ଗୋଟିଏ ଛାତ୍ରାବାସର ମଧ୍ୟ ସୁବ୍ୟବସ୍ଥା ଅଛି । ଏ ସମ୍ବାଦ, ପ୍ରତି ମୂକ ବଧିର ସନ୍ତାନର ପିତାମାତାଙ୍କର ନିରାଶ ହୃଦୟରେ ନିଶ୍ଚୟ ଆଶାର ସଞ୍ଚାର କରିବ ।

କାଳ ବିଳମ୍ବ ନକରି ଉକ୍ତ ବିଦ୍ୟାଳୟର ପ୍ରିନ୍ସିପାଲ ଓ ସେକ୍ରେଟେରୀ ଶ୍ରୀଯୁକ୍ତ **ବିପିନ ବିହାରୀ ଚୌଧୁରୀ** ଏ. ଆର. ସି. ଏ. (ଲଣ୍ଡନ) ଙ୍କ ଠାରୁ ଗଣେଶଘାଟ, ପୋଃ ଚାନ୍ଦନୀ ଚୌକ, କଟକ, ଠିକଣାରେ ବ୍ୟବସ୍ଥାପତ୍ର ଲେଖି ଆବଶ୍ୟକୀୟ ସମସ୍ତ ତଥ୍ୟ ସଂଗ୍ରହ କରନ୍ତୁ । ବ୍ୟବସ୍ଥାପତ୍ର ବା କୌଣସି ଚିଠିର ଉତ୍ତର ପାଇବା କାରଣ ଅଣାଏ ଷ୍ଟାମ୍ପ ପଠାଇବେ । ସାତ ଆଠ ବର୍ଷର ପିଲାଙ୍କୁ କାଳ ବିଳମ୍ବ ନକରି ଶିକ୍ଷା ଦେବା ଆବଶ୍ୟକ । କାରଣ ସେହି ଶିଶୁ ଅବସ୍ଥାରେହିଁ ସେମାନଙ୍କର ସମସ୍ତ ପ୍ରକାର ଇନ୍ଦ୍ରିୟଗତ ତ୍ରୁଟି ସଂଶୋଧିତ ହୋଇପାରେ ।

୧୫ ଅଥବା ୧୬ ବର୍ଷର ବାଳକମାନେ ମଧ୍ୟ ଚେଷ୍ଟା କଲେ ଅନେକ ଉନ୍ନତ କରି ପାରନ୍ତି ।

## ଅଭିମତ

**ମହାତ୍ମା ଗାନ୍ଧି**—ଆପଣଙ୍କର ବିଦ୍ୟାଳୟ ମୂକ ଓ ବଧିର ମାନଙ୍କ ପ୍ରତିରେ ଆଶୀଷ ବର୍ଷଣ କରୁ । ୧୦ । ୧ । ୩୮

**ମହାତ୍ମାଜି ଓ କସ୍ତୁରୀବା**—ଆପଣଙ୍କର ସେବା-ଅଭିଳାଷ ପୂର୍ଣ୍ଣ ହେଉ । ୨୧ । ୩ । ୩୮

**କାକା କାଲେଲକର**—× + ବର୍ତ୍ତମାନ ସେ (ବିପିନ ବାବୁ) ତାଙ୍କର ସମଦୁଃଖୀ (ମୂକ ବଧିର) ମାନଙ୍କର ଦୁଃଖମୋଚନ କରିବାକୁ ଚାହାନ୍ତି । ତାଙ୍କୁ ସାହାଯ୍ୟ କରିବା ଉଚିତ । ୨୮ । ୮ । ୩୮

**ଶ୍ରୀମତୀ ସରୋଜିନୀ ନାଇଡୁ**—+ + ମୂକ ବଧିର ବାଳକ ବାଳିକା ମାନଙ୍କୁ କଥିତ ବାକ୍‌ଶକ୍ତି ଦାନ କରିବା ପାଇଁ ଆପଣ ସାହସର ସହିତ ଯେଉଁ ଯତ୍ନ କରୁଛନ୍ତି ତାହା ଦେଖି ମୁଁ ଅତ୍ୟନ୍ତ ପ୍ରୀତ ହେଲି । ୧୮ । ୧୧ । ୩୮

**ଶ୍ରୀ ବିଶ୍ୱନାଥ ଦାସ**—ମୁଁ ଶ୍ରୀଯୁକ୍ତ ବିପିନ ବିହାରୀ ଚୌଧୁରୀଙ୍କ ଜୀବନର ମଙ୍ଗଳ ଏବଂ ଉନ୍ନତି କାମନା କରେ । ୨୯ । ୮ । ୩୭

### ଠିକଣା

ALL-ORISSA DEAF & DUMB SCHOOL

Ganeshghat, P. O. Chandniobauk, Cuttack.


Digitized by srujanika@gmail.com



ଇତିହାସର ଯିନିଷ ଗୋଟାଏ ସଜୀବ ସ୍ତମ୍ଭ !

ଯୁଗ ଯୁଗର ବିରାଟ ବ୍ୟବଧାନ ତାର ଛିନ୍ନ କରି ପାରିଲା ନାହିଁ । ସଂସାରର କେତେ ଆବର୍ତ୍ତନ ବିବର୍ତ୍ତନ ଗଲା, କେତେ ଆକସ୍ମିକ ବାତ୍ୟାପାତ କେତେ ଐତିହାସିକ ଓ ଭୌଗଳିକ ପରିବର୍ତ୍ତନ ସଙ୍ଘଟିତ ହେଲା—ତଥାପି ସବୁ-କାଳର ସବୁଦିନର ଗ୍ରୀଷ୍ମ ବର୍ଷା ଝଡ଼ ବତାସର ଦାଉରେ ସେ ପୂର୍ବପରି ଯେମିତ ମଜବୁତ ରହିଛି । ଆଜି ସୁଦ୍ଧା ଖିଲ୍‌ଣ ଖିଲ୍‌ଣରେ, ପଥର ଫଳକରେ ଇତିହାସ ଯୁଗର ଅଧମ ଶିଳ୍ପୀର ମନୋହର କଳ୍ପନା କଥା କହିଉଠେ ଇତିହାସର କେତେ ଅକୁହା ଛବି ତେଣେ ମନ ଭିତରେ ଆଖଡ଼ା ଜମାଇ ନିଏ—

ମନେହୁଏ ଯାହା—ଅସମ୍ଭବ କହି ହେବନାହିଁ— । 'ତାଜ' ତିଆରି ବେଳ । ଚତୁର ଶିଳ୍ପୀ ଜଣେ ବାଦଶାହାଙ୍କର ମନର ଦମ୍ଭ ମାପିବା ପାଇଁ ଇଟା ଖଣ୍ଡ ଭଳି ସୁନା ମୁଣ୍ଡା ଗୁଡ଼ାକ ଯମୁନା ସୁଅରେ ଭସାଇ ଚାଲିଛି । ଉନ୍ମତ୍ତ ପାଗଳ କି ? ଜାହାଁପନା, ବୁଝୁଛନ୍ତି କଣ ? ପୃଥିବୀର ସର୍ବଶ୍ରେଷ୍ଠ କଳା ଅବଦାନର କର୍ମ ଯୋଜନା ଯେଉଁଠି, ସେଠି ବିମୋଘ ଖଣ୍ଡ ? ସୁନା ଅପରଜୀ ପାଣି ସୁଅରେ ଭସାଇ ଦେବାକୁ ପଡ଼ିବ । ଏତେ ଗୁଡ଼ିଏ ଦମ୍ଭ ଅଛି ମଣିମାଙ୍କର ? ସତ କଥା ! !—......

ସେଇ ଇତିହାସ !! ଠାକୁରଙ୍କ ବଡ଼-ଦେଉଳର ପଥର ଚୋରୁ ମଣିଷ କରିତ ପରି ଲୁଚା ହୋଇଛି । କେଡ଼େ ଧୈର୍ଯ୍ୟ ! କେଡ଼େ ନିଷ୍ଠା !! କି ଗୋଟାଏ ପ୍ରତିଭାର ମୋହରେ ଅନ୍ଧପରି ଯୁଗ ଯୁଗ ଧାଇଁ ଧାଇଁ ପାହାଡ଼ ପରି ଗୋଟାଏ ବିରାଟ ଜାତି କୂର୍ମ ପରି ଲୁଚି, ପଙ୍ଗୁ ଓ ଅକର୍ମଣ୍ୟ ହୋଇ ଯାଇଛି !! ସବୁତ ଦେଲା—ଧନ ଦୌଲତ, ଶକ୍ତି ସାମର୍ଥ୍ୟ, ବୁଦ୍ଧି ବିବେକ, ଏସବୁ ତାଙ୍କ ନିଜର ରକ୍ତର ପ୍ରତିକଣା ନିଃଶେଷ କରି ରାଖିଲା—ଦେବତା ନାଁରେ ପଥର ସ୍ତୂପ ଉପରେ— । ତାର ଜୀବନ୍ତ ବିଶ୍ୱାସ ଅଟଳ ରହିଲା । ମାତ୍ର ପରିଣାମ ? ପରିଣାମରେ ଅଛି ପଥର ତଳର କଙ୍କାଳ ଗଦା ! ମଣିଷର ଚମ ମାଂସ ଶୁଖା ହାଡ଼ ଗଦା ଉପରେ ଉଡ଼ିଲା ଦେବତାର ବିଜୟ ନିଶାଣ !! ଆଜି କୋଣାର୍କର ପଥର ଗଦା ଖେଳାଇଲେ ତାହାହିଁ ଦେଖିବ—ବଡ଼ ଦେବତାର ମଣ୍ଡପ ତଳେ ଲୁଚି ମାନବ ଶିଶୁର କରୁଣ ହାହାକାର !!!

'ପଦ୍ମାବତୀ' ଲକ୍ଷ୍ମୀ ମନ୍ଦିର ଗଢ଼ା ହେଲା ଦରଦଗଞ୍ଜ ବ୍ୟାପୀ ଏକ ଶୂନ୍ୟ ବାଲିଚରର ଏକମାତ୍ର ଶିଶୁ ବୃକ୍ଷମୂଳରେ ସେଇଦିନୁ ପଡ଼ିଥାଏ ଠାବ ପୁଷ୍ଟି ଫେରିଛି—ଗୌରବ ବଢିଛି ।

## "ମନ୍ଦିର" ଓ "ମସ୍‌ଜିଦ"

ଲେଖକ—ଶ୍ରୀ ରଜନୀକାନ୍ତ ଦାସ

କିମ୍ବଦନ୍ତୀରୁ ମିଳେ ମନ୍ଦିର ଗଠନର ପରିସମାପ୍ତିର ଠିକ୍ ପରେ ତତ୍କାଳୀନ ମୁସଲମାନ ଶାସକ ଜଣେ ଖାସ୍ ସନାତନୀ ଅନୁଷ୍ଠାନଟିର ଅବମାନନା ପାଇଁ ମନ୍ଦିର ସମ୍ମୁଖରେ 'ଫିରୋଜା ମସଜିଦ୍' ତୋଳାଇ ରଖିଲେ—

ଜଣେ ହିନ୍ଦୁ ପୂଜାରୀ ଓ ଗୋଟାଏ ମୁସଲମାନ କୁଡ଼ିଆରୁ ଆଜି ବିରାଟ ମଦନପୁର ବସ୍ତି ନଗର ଧୂପଳ ମନ୍ଦିରମାନେ ମସ୍‌ଜିଦ୍ । ଯୁଗ ବଦଳିଲା; ହିନ୍ଦୁର ନୈଷ୍ଠିକ ଅନୁଷ୍ଠାନିକତାର ଜଡ଼କୁ ଧ୍ୱଂସ କରି ଦେବାକୁ ମୁସଲମାନ ଯୁଗର ଯେ ପ୍ରାଣାନ୍ତକ ଚେଷ୍ଟା ତାହା କ୍ରମେ ଶିଥିଳ ହୋଇ ବିରୋଧ ଭାବ - ବୈର ପ୍ରକୃତ ଭ୍ରାତୃଭାବରେ ପର୍ଯ୍ୟବସିତ ହେଲା । ବିରାଟ ଗାଁର ଉଭୟ ମୁସଲମାନ ଓ ହିନ୍ଦୁ ସଂଖ୍ୟା ସବୁକାଳେ ପାଖାପାଖି । ପୂର୍ବ ବୈରିଭାବ ମନରୁ ପୋଛି, ହୃଦୟେ ଶାନ୍ତି ସ୍ନେହ ଓ ଶୃଙ୍ଖଳାରେ ଥାଇ ଚାଲିଲେ ଯିମିତ ଗୋଟାଏ ଘରର ଜ୍ୟେଷ୍ଠ କନିଷ୍ଠ ନୁହେଁ, ସମାନ ଭାଇ ଭାଇ !!......

ହିନ୍ଦୁମନ୍ଦିରରେ ଘଣ୍ଟା ମାଦଳ ବାଜିଲେ, ପଠାଣ ମସଜିଦର ମର୍ମର ପାହାଚ ଉପରେ ତେଣେ ଜାତିଆଣମାନେ ପବିତ୍ର ମନରେ ବସି ଶାନ୍ତ ଚିତ୍ତରେ, ମୁଗ୍ଧଜନ ଅଭିବୃତ୍ତି କରନ୍ତି ! ହିନ୍ଦୁ ପୂଜାରୀର ଏକାକୀ କଣ୍ଠଗାନ ମୁସଲମାନ ଗୋଷ୍ଠୀର ସମବେତ କଣ୍ଠର 'ପ୍ରାର୍ଥନା' ଆବାଜ ସହିତ ମିଶି ଉଠିଯାଏ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ—ଭାସିଯାଏ କେଉଁ ଅଜ୍ଞାତ ସିଂହାସନ ଉଦ୍ଦେଶ୍ୟରେ ମହାଶୂନ୍ୟ ମଧ୍ୟଦେଇ— । ହିନ୍ଦୁ ଦେବତାର ଭୋଗ ଲାଗିବା ସ୍ନେହଶୀଳ ମୁସଲମାନ ପରିବାର ଭିତରେ ଜଣେ ଅଧ 'ବୁଢ଼ା ପୀର'ଙ୍କ 'ଶିରିଣୀ' ପାଇବା ପାଇଁ ହିନ୍ଦୁର କୁଳାଙ୍ଗନା ମହାପ୍ରସାଦ ପରି ହାତ ପତାଇ ନିଏ ।

ଦିନ, ମାସ, ବର୍ଷ ଅନ୍ତରାଳରେ ମାଳ ମାଳ ହୋଇ ଗଡ଼ିଗଲେ । ସେଦିନ ସନ୍ଧ୍ୟାରେ ଲକ୍ଷ୍ମୀ-ମନ୍ଦିରର ଅଗୁରୁ ଧୂପ ଉଠିଲେ, ସାମନାର ମୁକ୍ତ ମସଜିଦ କାନ୍ଥର ମର୍ମର ଫଳକ ଆଲୋକରେ ପ୍ରତିବିମ୍ବିତ ହୋଇ ଉଠେ । ହିନ୍ଦୁ ଗବାକ୍ଷର କର୍ପୂର ସୌରଭରେ ମୁସଲମାନ ପୂଜକର ତନ୍ମୟତା ମହକି ଯାଏ । ଏତ ମାମୁଲି କଥା । ଘଣ୍ଟା ମର୍ଦ୍ଦଳରେ ମୁସଲମାନ ମସଜିଦ ପ୍ରତିଧ୍ୱନିତ ହୁଏ । ସାଧାରଣ କାହାର ଅଛି ପ୍ରତିବାଦର କାରଣ ନଥାଏ କି ଇସଲାମ ଧର୍ମଯାଜକର "ଅଲ୍ଲାହୋ ଅକବର"ର ବିରାଟ ଚିତ୍କାରରେ ହିନ୍ଦୁ ଧର୍ମ କେବେ ଲୁଚିଅ ଛାଡ଼ି ପଳାନ୍ତି ନାହିଁ । ବାଧା ଅପେକ୍ଷା—ବ୍ୟବଧାନ ଅପେକ୍ଷା, ଦୂରାତ ଦୂରର କଥା ହିନ୍ଦୁ ଓ ମୁସଲମାନ ଯୁବକ ବସି ଏକ ପାତ୍ରରେ ଭୋଜନ କରନ୍ତି । ମୁସଲମାନ ଫଖ୍ରୁତ—ଇସଲାମ୍ ଅବକାଶରେ ହିନ୍ଦୁଘରେ ପଶି ତାର ଅବାହାଜଅକୁ ନିଜ ଦୁଆରକୁ ଆମନ୍ତ୍ରଣ କରିନିଏ । ହିନ୍ଦୁ ବାପମା ଶ୍ରଦ୍ଧାରେ ଆପଣା ପୁଅ ଝିଅଙ୍କୁ ମୁସଲମାନ ନାଁରେ

Digitized by srujanika@gmail.com

ଥାଆନ୍ତି, ଅଭି ମୁସଲମାନ ବୃଦ୍ଧମାନଙ୍କର ମଧ୍ୟ ଅନେକ ଯାଗାରେ ହିନ୍ଦୁ ନାଁ ଓ ଇସଲାମୀ ପଦ[illegible] ରହିଥିବା ଦେଖାଯାଏ—

\+ + +

ଦେଶରେ ଯୁଦ୍ଧ କାହିଁକି ହୁଏ ?

ଶାସନ ନାଁରେ—ରାଜନୀତି ନାଁରେ—ଗଣତନ୍ତ୍ରବାଦର ମଙ୍ଗଳ ନାଁରେ ବେଳେ ୨ ହୁଅନ୍ତି ଯେଉଁ ପ୍ରଳୟର ନାଚ ଝଳଝଳରେ ସେ ସବୁ ଧନୀକ କ୍ଷମତାବନ୍ତର କାରସାଦ । ବଳବାନ କ୍ଷମତାବାନ ଆପଣର ସ୍ୱାର୍ଥପାଇଁ, ବ୍ୟକ୍ତିଗତ ସୁଖସମ୍ପଦ ମାନ କ୍ଷମତା ଓ ଯଶ ସମ୍ମାନପାଇଁ ଅଥଚ ଦେଶର ଶହ ଶହ ନିରୀହ ନାଗରିକଙ୍କର ହାତର ହସ୍ତରେ ଫସାଇଦେଇ ଥରେ ଥରେ ରକ୍ତର ମହାନଦୀ ବୁହାଇ ଦିଅନ୍ତି । ଅଥଚ ସେଥିରେ ଜନ୍ମଲାଭ ପାଇ ସେହିମାନଙ୍କର ପ୍ରାଣ ପର୍ଯ୍ୟନ୍ତ ଟଳ ଟଳ କରି ଅହୃତ ହୁଅଯାଏ, ସେଥିରେ ସେମାନଙ୍କର ନିଜର ତଥା ଦେଶର ଭବିଷ୍ୟତ୍ ବଂଶଧରର କଲ୍ୟାଣ ମାପରେ ହେଲେ ଲଭନାହିଁ । ଶାସନ କ୍ଷେତ୍ରର ଉଚ୍ଚପଦସ୍ଥ ଲୋକମାନେ ଆପଣାର ଅଭୀଷ୍ଟ ସିଦ୍ଧି ଆପଣାର ପାରଦର୍ଶିତା ଓ ବଡ଼ାଇ ପାଇଁ, ବଡଲୋକୀ ପୌରୁଷ ପାଇଁ 'ଦେଶହିତ'ର ଛଦ୍ମ ନାଁରେ ଯେଉଁ ଉଦ୍ୟମ କରନ୍ତି ତାହା କୋଟି ୨ ପ୍ରାଣୀର ଜୀବନର ମୂଲ୍ୟରେ ହିଁ ପ୍ରାପ୍ତ ହୁଏ । ବାଦସାହି ଗୌରବ ପାଇଁ ସ୍ୱାର୍ଥ ପାଇଁ ଦେଶରେ ଯେ ନିଅଁ ଜଳ ଲକ୍ଷ ୨ ନିରୀହ ନିଷ୍ପାପ ପ୍ରାଣକୁ ଇନ୍ଧନ-ତର ଜଳାଇଦିଏ, ସେଥିର ପୁରୋହିତ ସେହି ଧନବାନ୍ ମାନେ ! ସେଥିରେ ତା'ର ସର୍ବସ୍ୱ ବଳିହୁଏ—ମାନ ସାଧାରଣ ବିଚ୍ଛେଦେଲେ ଲଭ-ନାହିଁ—

ଏକା ବସ୍ତିରେ ରହି ଦୁଇଭାଇ ଭିତରେ ହାଣାମାର କଟାକଟି ହୁଏ । ଆପଣା ପରିବାର ପାଖରେ ଲୋକେ ପଶୁଠାରୁ ହିଂସ୍ର ଆଚରଣ କରନ୍ତି । ଏହାର କାରଣ କଣ ? ମାନେ କଣ ? ରକ୍ତ ବସ୍ତି [illegible]ରେ ତରୁଆଳ କଡ଼ାକଡ଼ି ହେବାର [illegible] କଣ ? କାରଣ କଣ ନୋହେ ଏ ଲୋଭ ଦେଖିଲେ ଟିକିଏ ଲଗିଯାଏ ଖାଲି ତୃଷ୍ଣା ଜୀବନ ହେଉନ ହି ! ! ଦୁଇ ସନ୍ଧିର ଲଢ଼େଇରେ ତୃଷ୍ଣାର ସ୍ୱାର୍ଥର ଫନ୍ଦ—ଏସବୁ ତୃଷ୍ଣାର ବ୍ୟକ୍ତିର କାରସାଦ ! !—ଦେଖିବେ ପାଣିପରି ଏକାକାର ତରଳ ଜନସ ମଧ୍ୟ ମଝିରୁ ଫାଟ ଉଠାଇ ହୋଇଯାଏ । × ×

କାଙ୍ଗାଳ ଖାଁ ହିନ୍ଦୁ ଓ ମୁସଲମାନ ଉଭୟ ପରିବାରର ପୁରୋଧା ମୁଖିଆ ଲୋକ । ସେ କହିଲା—"ଗୋଟାଏ ଗଛରେ ଦୁଇଟା ବାହୁ—ଗୋଟାଏ ଦେହରେ ଦୁଇଟା ଆଖି, ସେଥିରୁ ଗୋଟାଏ ନେଇ ତରବର ଲୋପ ପାଇ-ଯିବା ବରଂ ଭଲ, କିନ୍ତୁ ଭାଇ ଭାଇ ଭିତରେ ସ୍ନେହ ମମତା ଭିତରେ ଛୁରୀ ଚଳାଚଳ ସମ୍ଭବ ନୁହେଁ—ସତ୍ୟ, ସତ୍ୟ ତିନିବାର ସତ୍ୟ— ଜାହାପନା ! କାଙ୍ଗାଳ ଖାଁ ବୃଦ୍ଧର ଶୁଷ୍କ ଶିରରେ ବହୁଏ ରକ୍ତ ଆଉ ନାସାପୁଟରେ ସୁସ୍ଥ ପବନ ଟିକେ ଯା'ଆସ କରୁଥିବା ଯାଏଁ, ସେକଥା ହୋଇ ପାରିବ ନାହିଁ—

ସମଗ୍ର ମୁସଲମାନ ଜନତା ବିଦ୍ରୂପ ସ୍ୱରରେ ଚିତ୍କାର କରିଉଠିଲେ—"ହୋଇ ପାରିବ ନାହିଁ ହଜୁରଙ୍କ କୁଟବୁଦ୍ଧି ଫଳପାଇବ ନାହିଁ—

ନିଜର ଶେଷ ବିଫଳତାରେ ଉତ୍ୟକ୍ତ ହୋଇ ରାଜାସାହେବ ବ୍ୟାଘ୍ରପରି ଗର୍ଜି ଉଠିଲେ "କେମିତି ହେବ ? ତମ ମୁସଲମାନ ଗୋଷ୍ଠୀର ଧର୍ମନାହିଁ—ତମର ସାମାଜିକତା ଜାତୀୟତା ସାମାନ୍ୟ ଜାରଜ ଠାରୁ ମଧ୍ୟ ହୀନ । କିନ୍ତୁ ତମେ ଦୁର୍ବଳ ଦମନ, ନିଜର ବଂଶ, ଧର୍ମ ଓ ମୌଳିକ ସାମାଜିକତାକୁ ଅନ୍ୟ ଗୋଟାଏ ବିଧର୍ମୀର ତାହୁଲ୍ୟ ଚଳେ ନିରପଦରେ ରଖି ସ୍ୱପ୍ନରେ ଧ୍ୱଂସ ମାଗୁଛ । ତମେ କାଫେର ହାତର ଖେଳନା । ବିଧର୍ମୀ ବିଜାତୀୟଙ୍କୁ ଧନ ଲୋଭରେ ନିଜର କୁଳାଙ୍ଗନାମାନଙ୍କୁ ମଧ୍ୟ ସମର୍ପଣ କରି-ଦେବାକୁ ପଶ୍ଚାଦପଦ ହେବନାହିଁ । ହେ ପବିତ୍ର ଇସଲାମର ଦୂତ ମହମ୍ମଦ, ଦେଖ ତମର ବଂଶଧରଗଣଙ୍କ ହାତରେ ତମ ପ୍ରଚାରିତ ସତ୍ୟର କି ଘୋରତର ଲାଞ୍ଛନା । ହେ ପୁଣ୍ୟଶ୍ଳୋକ ଧର୍ମଧ୍ୱଜ ଆଉରଙ୍ଗଜିବ ! ଦେଖ ଆଜି ତମର ପ୍ରିୟ ତ୍ରାଣ କୋରାନର ମର୍ଯ୍ୟାଦା କାଫେର ହାତରେ··· ···।

ରଜା ସାହେବ ଆଉ କହିପାରିଲେ ନାହିଁ । ଘୋରତର ଦୁଃଖରେ ମିୟମାଣ ହୋଇ ପଡିଲେ । ଅସମ୍ଭାଳ ଅଶ୍ରୁର ଧାର ତାଙ୍କର ଗଣ୍ଡମଣ୍ଡଳକୁ ଆର୍ଦ୍ର କରିଦେଲା ।

ଘୋରତର ଅପମାନନା ଘୃଣା ଓ ଲଜ୍ଜାରେ ସାରା ମୁସଲମାନ ଗୋଷ୍ଠୀ ଥରି ଉଠିଲା ଯୁଗ ଯୁଗ ବ୍ୟାପୀ ଶୀତଳତା ଭିତରେ ଜଡ଼ତା ମଧ୍ୟରେ ଯେ ଜାଗରଣ ଆସିଲା କେଉଁଠୁ କିଏ ନୋହେ ତାହା । ବର୍ ଗଜ ପଥରେ ଗୋଟାଏ ସାମାନ୍ୟ କାଫେରର ଆପଣା ଧର୍ମ ଉପରେ—ଛେପ ପିଙ୍ଗି ଯାଇଛି ନାଃ, ସହ୍ୟ-ତାହା—ଯୁକ୍ତିଯୁକ୍ତ ମଧ୍ୟ । ବାସ୍ତବରେ ଆଜ ଇସଲାମ୍ ବିପନ୍ନ—ମୁସଲମାନ ପରିବ···

କାହାର ପାଟିରେ ଆଉ ସ୍ପନ୍ଦନ ଆସିନାହିଁ । ନୀରବତା !! ରଜାସାହେବ ପାଟିକରି ଉଠିଲେ-- "ଯା-ଯା, ଘୃଣିତ କୁକୁରପଲ—ଦୁର୍ବଳ ପରି ଆପଣାର ସର୍ବସ୍ୱକୁ ପରଘରେ ପୂରାଇ ଚଣ୍ଡାଳ ପରି ଉଚ୍ଛିଷ୍ଟ ଲେହନ କରିବ— । ମୁଁ ଆଉ ତମର ମୁହଁ ଗୁଡ଼ାକୁ ସହ୍ୟକରି ପାରେନା—

\+ + +

ଦୁଇଦିନ ହେଲା ମଦନ ପୁର ଗାଁର ଦୁଇ ବିଶିଷ୍ଟ ଗୋଷ୍ଠୀ ଭିତର ପ୍ରତ୍ୟେକ ପରିବାର ବଡ଼ପୁଅଙ୍କ ମୁକ୍ତୀ ଠାରୁ ଆରମ୍ଭ କରି ସାମାନ୍ୟ ଚରିତ ଛୁଆଃ । ପର୍ଯ୍ୟନ୍ତ ଯେଉଁ ଅହରହ ଝଗଡ଼ାରେ ବ୍ୟସ୍ତ ଥିଲେ ଆଜି ତାର ଅବ-ଶ୍ୟମ୍ଭାବୀ ପରିଣାମ ଫଳବତୀ ହେଲା । ମନ୍ଦିର ପଡ଼ିଆଟା ଲହୁ ଲୁହାଣ । ଯୁଗ ଯୁଗର ନିର୍ମାଣ ମଣିଷ ଲହୁରେ ଶୁଖିଲା ବାଲିଗୁଡ଼ାକ ସିକ୍ତ ପୁଷ୍ଟ । ଲୁଠି ତରୁଆଲ ତେଲ ପଥର, ମନ୍ଦିର ଅଗଣ, ମସଜିଦ ପାହାଚ ଗୃହ ଆଡ଼େ ରକ୍ତର ଛିଟା । ହୋଲିର ରଙ୍ଗିନ ମହୋତ୍ସବ ମଣିଷ ବୁକର ଲାଲ ରକ୍ତ ପିଚକାରେ ପର୍ଯ୍ୟବେଶିତ । ନିଅଁର ତଡ କାହାରିକୁ ଛାଡ଼ ନାହିଁ; ଲମିଦେ କାଙ୍ଗାଳଖାଁ, ମାଗି ନାଏକ, ଶତ୍ରୁ ମିଶ୍ର, ଇସ-ମାଇଲ ପ୍ରଭୃତି ଉଭୟ ଗୋଷ୍ଠୀର ମୁଖିଆ ୨ ବୁଢ଼ା ଆହତ । ଗଫୁର, ହମିଦ, ନରେନ୍ଦ୍ର, ବିଶ୍ୱନାଥଙ୍କ ଭଳି ମରୁଆଲ ଯୁଆନଙ୍କ କଥା କିଏ ପଚାରେ ? ରିପୋର୍ଟ ପରେ ରିପୋର୍ଟ ଗଲା । ଶୁଣିଲା ଲୋକେ ବିସ୍ମିତ ହେଲେ, ଦେଖିଲା ଲୋକେ ଅବିଶ୍ୱାସ କଲେ । ଏକ

(୭ମ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com




## ଚୋରର ବୁଦ୍ଧି

କଲିକତାରୁ ଗୋଟିଏ ବଡ଼ ଚଳିଗି ଖବର ଆସିଛି । ଜଣେ ସାହେବ 'ଗୋଟାଏ ହୋଟେଲ ଆଗରେ ତାଙ୍କ ମଟରକାର ଥୋଇ ଭିତରକୁ ଯାଇ ଥିଲେ । ସେହି ସମୟରେ ଜଣେ ଲୋକ ଆସି ସେହି ମଟର ନେଇ ପଳାଇଲା । ତହୁଁ, ସେ ଯାଇ ଗୋଟାଏ ଗ୍ରାମଫୋନ ଦୋକାନରେ ପହଁଞ୍ଚି କହିଲା, "ମୋର ଭଉଣୀ ଗୋଟାଏ ଗ୍ରାମଫୋନ ଦେଖି କିଣିବେ । ଏହା କହି ସେ ଗୋଟାଏ ଗ୍ରାମଫୋନ ଓ ଗୁଡ଼ାଏ ରେକର୍ଡ଼ ନେଲା ଓ ସେ କୋମ୍ପାନୀର ଜଣେ କର୍ମଚାରୀଙ୍କୁ ସାଙ୍ଗରେ ନେଇ ଚାଲିଲା । ଗ୍ରାମଫୋନ ପସନ୍ଦ ହେଲେ, କର୍ମଚାରୀ ଦାମ ନେଇ ଆସିବ । ଗୋଟାଏ ସରୁ ଗଳି ମୁଣ୍ଡରେ ମଟର ଥୋଇ ଓ ମଟରରେ କର୍ମଚାରୀଙ୍କୁ ବସାଇ ସେ ଲୋକ ଗ୍ରାମଫୋନ ନେଇ ଗଳି ଭିତରେ ପଶିଲା ।

ଘଣ୍ଟା ଘଣ୍ଟା ବିତିଗଲା; ସେ ନ ଫେରିବାରୁ କର୍ମଚାରୀ ବଡ଼ ବ୍ୟସ୍ତ ହେଲା । ମଟରଟା ଯେତେବେଳେ ଅଛି, ସେ ନିଶ୍ଚୟ ଆସିବ । ମାତ୍ର ପୁଲିସ ଆସି, ଚୋରା ମଟର ବୋଲି ତାକୁ ଧରିଲା । ସରୁକଥ ଜଣା ପଡ଼ିବାରୁ ଏଇଷଣି ଅସଲ ଚୋରକୁ ଖୋଜା ଲଗିଛି ।

## ବିଧାତାର ଭୁଲ୍

ଦକ୍ଷିଣଆଫ୍ରିକାର ଜୋହାନ୍ସବର୍ଗରେ ଗୋଟିଏ ବାଳକାର ଆଖିରେ ସବୁ ପଦାର୍ଥ ଓଲଟା ଦେଖା ଯାଉଛି । ଆଖି ଭିତରେ ଯେ ଲେନ୍ସ (lens) ଥାଏ ତାହା ତାର ଜନ୍ମରୁ ବିଧାତା ଓଲଟା କରି ବସାଇ ଦେଇଛନ୍ତି । ଅପରେସନ ଦ୍ୱାରା ତାହା ସିଧା କରି ହେବ କି ନାହିଁ, ତାହା ଡାକ୍ତରମାନେ ବିଚାର କରୁଛନ୍ତି ।

## ପାଞ୍ଚବର୍ଷ ଝିଅର ଛୁଆ

ପେରୁ ରାଜ୍ୟର ଲୀମା ସହରରେ ଗୋଟିଏ ପଞ୍ଚମ ବର୍ଷୀୟା କନ୍ୟାର ସନ୍ତାନ ଜାତ ହୋଇଛି । ଝିଅଟିର ଜନ୍ମ ତା: ୧୮ ଖ ଡିସେମ୍ବର ୧୯୩୪ ମସିହା । ଛୁଆଟି ପିଲାଟି ହୋଇଛି, ତା'ର ଓଜନ ସେରେ । ପିଲାଟି ସୁସ୍ଥ ଓ ଜୀବିତ ଅଛି । ପ୍ରସବ କାଳରେ କେତେଜଣ ଡାକ୍ତର ଉପସ୍ଥିତ ଥାଇ ଅପେରେସନ ଦ୍ୱାରା ପିଲା ଜନ୍ମ କରାଇଲେ । ମା' ବି ଭଲ ଅଛି । ଏତେ ଛୋଟ ଝିଅଠାରୁ ସନ୍ତାନ ହେବାର ଏପରି କେ ଦେଖା, ଶୁଣା ନ ଥିଲା । ଏହି ଅଦ୍ଭୁତ ଘଟନା ବିଜ୍ଞାନ ଜଗତରେ ଆନ୍ଦୋଳନ ଆଣି ଦେଇଛି ।

## କୃତ୍ରିମ ଉପାୟରେ ଛୁଆ ଜନ୍ମ

ବିଜ୍ଞାନ ଓ ବୁଦ୍ଧି ବଳରେ ଏବେ ଆମେରିକା ଦେଶରେ ସ୍ତ୍ରୀ—ପୁରୁଷର ବିନା ସଙ୍ଗମରେ ପିଲା ଜନ୍ମ କରା ହେଉଛି । ଏ ପାଇଁ ଡାକ୍ତର ଦୋକାନ ଖୋଲି ହେଲଣି । ଡାକ୍ତର ସାହେବ ସବଳ, ସୁସ୍ଥ, ସୁପୁରୁଷ ଖୋଜି, ତାକୁ ମୂଲ୍ୟ ଦେଇ, ତା'ର ବୀର୍ଯ୍ୟ ଧରି ରଖିଥାନ୍ତି । ସେ ବୀର୍ଯ୍ୟକୁ ଏପରି ସାବଧାନରେ ରଖା ହୁଏ ଯେପରି ତାର ବୀଜାଣୁ ମରି ନ ଯାନ୍ତି ।

ଏପରି ସ୍ତ୍ରୀଲୋକ ଅନେକ ଅଛନ୍ତି, ଯେଉଁମାନେ, ବିବାହ ହେବାର ଦାୟିତ୍ୱ ମୁଣ୍ଡାଇବାକୁ ରାଜି ନୁହନ୍ତି କିମ୍ବା ଯାହାର ସ୍ୱାମୀ ନପୁଂସକ ବା ବ୍ୟାଧିଗ୍ରସ୍ତ ଅଥଚ ସନ୍ତାନର ମା ହେବାକୁ ଚାହାନ୍ତି । ସେହିପରି ସ୍ତ୍ରୀ ସେ ଦୋକାନକୁ ଆସି ଇନଜେକସନ୍ ନେଉଛନ୍ତି । ତଦ୍ୱାରା ଗର୍ଭରେ ସନ୍ତାନର ଉତ୍ପତ୍ତି ହୁଏ ।

ଏହିପରି ଉପାୟରେ ଜାତ ସନ୍ତାନର ବାପ ନାମ ଜାଣିବାର ଉପାୟ ନାହିଁ, କିମ୍ବା ମା ମଧ୍ୟ କହି ପାରେନା । ତେବେ ଏ ସନ୍ତାନକୁ ବୈଧ ସନ୍ତାନ ବୋଲି କୁହାଯିବକି ଜାରଜ ବୋଲି କୁହାଯିବ, ତୁମେ ପାଠକେ ବିଚାର କରନ୍ତୁ ।

ମନୁଷ୍ୟ ଅରଣ୍ୟ ଏକ ଶିଙ୍ଗିଆ ମଇଁଷି ପଲକୁ ଶୀକାରୀ ବାଘ ଅଜ ଏତେ ଧନେ ହଟାଇ ପାରୁଛି !!

ରାଜାସାହେବ ହସି ଅମଲା ମାନଙ୍କୁ କହିଲେ "ସବୁ ସାବାଡ଼ ।" କେବଳ ମଦନ ପୁରଅଙ୍କ ମଗଜ ଅଣ୍ଡା—ଅକଲ ଗୁଡ଼ୁମ । ଅଣ୍ଡା—ଅଣ୍ଡା, ଖରା ବେଳର ବାଲିପଡ଼ ଅଣ୍ଡା ବି ଅଣ୍ଡା !! ଗତବର୍ଷ ଏଇମାନେ ମା' ସାହେବଙ୍କ ଗଅଁ-ଯାଉଥିବାବେଳେ 'ଛ'ଅଣି' ବନ୍ଦ କରିଥିଲେ ଆଉ ବଙ୍ଗଳା ଉପର କୋଠୀ ବନ୍ଦ କରି ସରକାର ନାଁରେ ଷଡ଼ଯନ୍ତ୍ର କରିଥିଲେ—।

ପ୍ରାଇଭେଟ ଶୀକାରୀଙ୍କ ବୁଦ୍ଧି ସାବାସ କଲେ— + +

ଉପରୁ ରାଜାସାହେବଙ୍କ ମନୋନୟନରେ ଅର୍ଡ଼ର ଆସିଲା,—'ଗାଁ ଜମିଦାର ପ୍ରଚାର କରନ୍ତୁ ।

କାହିଁ କା ନଜରଣ୍ଣ ଆପଣା ପଇଜ ପେନ ଜମିଦାର ସାହେବ ହାଜର । ମନ୍ଦିର ପରିଚାଳନାରେ ଅପାରଗତା ବିଶୃଙ୍ଖଳା ଦେଖାଇ ପ୍ରାଚୀନ ହିନ୍ଦୁ ସଂସ୍କୃତି ଓ ଅନୁଷ୍ଠାନର ସଂରକ୍ଷଣ ସାମିଲ କରାଗଲା । ଆଜିଠାରୁ ଖୋଦଙ୍କ ତରଫରୁ ମେନେଜର ଆସି ଧୂପ ପୂଜା ଠାରୁ ବାସନ ମଜା ପର୍ଯ୍ୟନ୍ତ ସବୁକାମ ପରିଚାଳନା କରିବ ।

କାହାର ଏଥିରେ କୌଣସି ନ୍ୟାୟସଙ୍ଗତ ଆପତ୍ତି ରହିବ ନାହିଁ । ମୁସଲମାନ ମାନେ ମଧ୍ୟ ପାଟିଗୋଳ କରି ପାରିବେ ନାହିଁ । ପରମେଶ୍ୱର ଯିମିତି ମନ୍ଦିର ଓ ମସଜିଦ ଉଭୟ ସାମନାର ଇଜମାଇଲ ବାଟରେ ଦୋଳ ବିମାନ ହେବିକା ନାନାପ୍ରକାର ଅନୁଷ୍ଠାନ ଗୀତ ନାଚ ଚଳେ ତାହା କଦାପି ନ ବାଳେ ପରିବର୍ତ୍ତିତ ହୋଇ ପାରେନା । ଅପରିସ୍ଥଳେ ଅଭିଯୋଗକାରୀ ଅନ୍ୟାୟ ଦେଖିବେ ।

ସବୁଠାରୁ ବଡ଼ କଥା ହେଲା, ଏହି ଯେଉଁ ଅଁସଯତ ଗଣ୍ଡଗୋଳରେ ମନ୍ଦିରର ପ୍ରାଚୀନ କାରୁକଳାର କେତେକାଂଶ ନଷ୍ଟ ହୋଇଗଲା, ସେଥିର ମରାମତି ପାଇଁ ଗ୍ରାମବାସୀ ପ୍ରତ୍ୟେକଙ୍କ ଠାରୁ ଏକ ବାଧ୍ୟତାମୂଳକ କ୍ଷତିପୂରଣ ଅଦାୟ କରାଯିବ ।



Digitized by srujanika@gmail.com

# ଡଗର ପଞ୍ଚଦଶ ଶବ୍ଦଧନ୍ଦା ପ୍ରତିଯୋଗିତା

୮୨୫ଙ୍କା ପୁରସ୍କାର ! 'ଡଗର' ପାଠକମାନେ ପାଇ ପାରିବେ । ୮୨୫ଙ୍କା ପୁରସ୍କାର ।

ଦୁଇଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକଅ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free

| | | | | | | |
|---|---|---|---|---|---|---|
| ୧ ର | (ସି) | ୨ କ | ■ | ୩ ଥ | | ୪ ହ |
| | ■ | | ■ | | ■ | |
| ୫ ନା | | ■ | ୬ ଗୃ | ■ | ୭ | ସ |
| ■ | ■ | ୮ କ | | ର | ■ | ■ |
| ୯ ବା | | ■ | ର | ■ | ୧୦ | ୧୧ ବା |
| | ■ | ୧୨ | ■ | ୧୩ | ■ | ର |
| ୧୪ ଅ | | ଳ | ■ | ୧୫ କ | ର | |


| | | | | | | |
|---|---|---|---|---|---|---|
| ୧ ର | (ସି) | ୨ କ | ■ | ୩ ଥ | | ୪ ହ |
| | ■ | | ■ | | ■ | |
| ୫ ନା | | ■ | ୬ ଗୃ | ■ | ୭ | ସ |
| ■ | ■ | ୮ କ | | ର | ■ | ■ |
| ୯ ବା | | ■ | ର | ■ | ୧୦ | ୧୧ ବା |
| | ■ | ୧୨ | ■ | ୧୩ | ■ | ର |
| ୧୪ ଅ | | ଳ | ■ | ୧୫ କ | ର | |

| | | | | | | |
|---|---|---|---|---|---|---|
| ୧ ର | (ସି) | ୨ କ | ■ | ୩ ଥ | | ୪ ହ |
| | ■ | | ■ | | ■ | |
| ୫ ନା | | ■ | ୬ ଗୃ | ■ | ୭ | ସ |
| ■ | ■ | ୮ କ | | ର | ■ | ■ |
| ୯ ବା | | ■ | ର | ■ | ୧୦ | ୧୧ ବା |
| | ■ | ୧୨ | ■ | ୧୩ | ■ | ର |
| ୧୪ ଅ | | ଳ | ■ | ୧୫ କ | ର | |


ନାମ ________________ ଠିକଣା ____________________ କେତୋଟି ଉତ୍ତର ________

## ପଧା ଭାବରେ ।

୧ । ବେଦବେଦା ଭେଦ କରିବାକୁ ଯେ ସୁଖ ନ ପାଏ ସେ ଏହା ହୋଇ ନପାରେ ।

୩ । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇବାକୁ କାହାର ଏହା ନ ଥାଏ ?

୫ । ଏହା କରିବା ପାଇଁ ନିମ୍ନସ୍ଥ ରଙ୍ଗମଞ୍ଚ, ନେତାରୂପୀ ଅଭିନେତାମାନଙ୍କୁ ବଡ ସୁଯୋଗ ଦେଇଥିଲା ।

୬ । ରମଣୀର ଯୌବନ ଏପରି ଥିବାବେଳେ ପୁରୁଷର ଚିତ୍ତ ସହଜରେ ବିଚଳିତ କରେ ।

୮ । ମାଲି ମକଦ୍ଦମାରେ ଶତ୍ରୁକୁ ଜବଦ କରିବା ପାଇଁ ଏହାର ବଳ ଅଧିକାଂଶ ସମୟରେ ଦରକାର ।

୯ । ପାଦରେ ଏହା ପଶିଲେ ବାଟ ଚାଲିବା କଷ୍ଟକର ।

୧୦ । ମଣିଷ ମଲେ ଏମାନେ ସାଧାରଣତଃ ଖୁସି ହୋଇଥାନ୍ତି ।

୧୪ । ଆଜିକାଲି ଏହା ଦେଖାଇଲେ ଲୋକେ ବାନ୍ଧା ଗିଳି ଦେବେ ।

୧୫ । ଯେଉଁମାନେ କାମରେ ଅଗୁଆ ହୋଇ ବାହାରନ୍ତି ପ୍ରାୟ ସେମାନେ ଏହା ବୋଲି ଅନେକେ ବୁଝିଥାନ୍ତି ।

## ଉପର ତଳ ଭାବରେ ।

୧ । ବାକ୍‌ଦେବୀ ପ୍ରସନ୍ନା ହେଲେ ମୂକ କିପରି ଯେଉଁ ଶକ୍ତି ପ୍ରଖର ହୁଏ ।

୨ । ଏହିଳି କଥା ସହ ହୁଏ ନାହିଁ—ମଣିଷ ଦହ ହୁଏ ।

୩ । ଅଳ କାଳି ଏ ଫଳ ମିଳେ ।

୪ । ଗୋଟାଏ — ଅନେକ ଅଳବୁଆଙ୍କ ସମୟ ସମୟରେ ଚଞ୍ଚଳ କରିବା ପାଇଁ ଯଥେଷ୍ଟ ।

୬ । ପ୍ରଭୁଙ୍କ ନିକଟରେ ଦୈନ୍ୟଭାବ ପ୍ରକାଶ କରିବା ପାଇଁ କେତେକ ଭକ୍ତ ଯଥା- ସମୟରେ ଏହାର ବ୍ୟବହାର କରନ୍ତି ।

୯ । ଆଗରୁ ଏ ଦେଶର ଭୂମ୍ୟଧିକାରୀମାନେ ପରସ୍ପର ମଧ୍ୟରେ ବିବାଦ କଲେ ଏମାନଙ୍କର ସାହାଯ୍ୟ ନେଉଥିଲେ

୧୧ । ଗୁରୁଜନମାନଙ୍କର ଏହାଦ୍ୱାରା ଅନେକ ସମୟରେ ଯୁବସୁଲଭ ଅବିବେକିତାର ବିଷମୟ ପରିଣାମରୁ ଉଦ୍ଧାର ମିଳିଥାଏ ।

୧୨ । ଗଡ଼ଜାତ ଲୋକେ ବାହାର ନେତାଙ୍କ କଥାରେ ଏହା ଧରୁଛନ୍ତି ।

୧୩ । ଅତିରିକ୍ତ କାର୍ଯ୍ୟ ବ୍ୟସ୍ତ ରହିଲେ ଅନେକ ସମୟରେ ଲୋକ ଏହା ଭୁଲି- ଯାଇ ଥାଏ ।

**ନିୟମ**—ପ୍ରତିବନ୍ଦିତା ଫିସ୍ ପ୍ରଥମ ଖଣ୍ଡକୁ ୦/୨ ଓ ଦୈଣିକ ପ୍ରତିଖଣ୍ଡକୁ ୦/୧ ଲେଖାଏ (ଶେଷ ତା ୧୦-୬ ୩୯) ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପର ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରହିଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୲ ପାଇବେ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ୫୨୲ ପାଇବେ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୲ ବିଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକି ୫୪୲ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହୋଇଥିଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗ ଦେଇ ପାରନ୍ତି । ପାର୍ଶ୍ୱରେ ତିନିଗୋଟି କୁପନ ଦିଆଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ଚିହ୍ନିତ ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତାହିଁ ସଙ୍ଗେ ଦୁଇ ଅଣାର ପଇସିଥିବା ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୮ ଓ ୨ୟଟି ପାଇଁ ୫୦/୬ ପଇସିଥିବା ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଆଉଥରେ ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟେ — ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ଜୁଲାଇ ୧୦ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପିଠି ପଟରେ ଗୋଟିଏ ଗୁଣନ ( ✕ ) ଚିହ୍ନ ଓ ୧୫ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ଇତ୍ୟାଦି) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ବନ୍ଧ ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

---

# ଜନୈକ ସାଧୁଙ୍କ ପ୍ରଦତ୍ତ ମହୌଷଧ

## କାୟକଳ୍ପ ରସାୟନ

ଏହା ବ୍ୟବହାର କଲେ ସ୍ତ୍ରୀମାନଙ୍କର ପ୍ରଦର ରୋଗ ଅତିଶୀଘ୍ର ପ୍ରଶମିତ ହେବ । ବନ୍ଧ୍ୟା ସ୍ତ୍ରୀମାନେ ଅତ୍ୟାଶ୍ଚର୍ଯ୍ୟରୂପେ ପୁତ୍ରବତୀ ହୁଅନ୍ତି ଏବଂ ସନ୍ତାନ ସନ୍ତତିର ଶୁଭଗମନ ହୁଏ । ବହୁ ସନ୍ତାନ ପ୍ରସବିନୀ ଓ ଦୁର୍ବଳା ସ୍ତ୍ରୀମାନଙ୍କ ସ୍ୱାସ୍ଥ୍ୟୋନ୍ନତି ପକ୍ଷେ ଏହା ଚମତ୍କାର ଭାବେ କାର୍ଯ୍ୟକରେ ଓ ନବଯୌବନ ମଧ୍ୟ ଫେରାଇ ଆଣେ । ସିଦ୍ଧ ଋଷିବାକ୍ୟ କଦାପି ମିଥ୍ୟା ହେବାର ନୁହେଁ । ପରୀକ୍ଷା କରି ଏହାର ଫଳାଫଳ ଉପଭୋଗ କରନ୍ତୁ ।

**କଣ କର୍ତ୍ତବ୍ୟ ?—** ୧ । ଉତ୍କଳ ମାତାର ଗୌରବ ବଢ଼ାଇବାର ଇଚ୍ଛା ଥିଲେ——
୨ । ନିଜ ଘରର ଓ ପଡ଼ୋଶୀ ସ୍ତ୍ରୀ ମାନଙ୍କର ମଙ୍ଗଳ କାମନା କରିବାକୁ ହେଲେ——
୩ । ଆୟୁର୍ବେଦର ପ୍ରଚାର କରିବାକୁ ହେଲେ——
୪ । ସ୍ୱର୍ଗ ଜୀବନ ଲାଭ କରିବାକୁ ହେଲେ——

ଏହାର ଏଜେଣ୍ଟ ହୁଅନ୍ତୁ ! ଦେଖିବେ, କିପରି କମିଶନ ପାଇବେ ଓ ଘରେ ବସି ମଧ୍ୟ ଅର୍ଥାଭାବ ସମସ୍ୟା ଦୂର କରି ପାରିବେ । ଏଜେଣ୍ଟ ହେବାର ଇଚ୍ଛା ଥିଲେ ଅଣ ଏକ ଡାକ ଟିକଟ ସହ ପତ୍ର ଲେଖନ୍ତୁ ।

କାୟକଳ୍ପ ରସାୟନ ୧୫ ଦିନ ସେବନ ଉପଯୋଗୀ ଶିଶିର ମୂଲ୍ୟ ୫୨୲ ମାସୁଲ ୫୦।୮ । ୨ ଶିଶିର ମୂଲ୍ୟ ୫୪୲ ମାସୁଲ ୫୧/ ଦୁଇ ଶିଶିରୁ ଅଧିକ ନେଲେ ମାସୁଲ ପଡ଼ିବ ନାହିଁ । ତିନ ଶିଶିରୁ ଅଧିକ ନେଲେ ଏକଚତୁର୍ଥାଂଶ ମୂଲ୍ୟ ପଠାଇବାକୁ ହେବ ।

ପ୍ରାପ୍ତିସ୍ଥାନ:—

**କାୟକଳ୍ପ ଔଷଧାଳୟ**
ତତ୍ତ୍ୱାବଧାନ - **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ
ଅଲମଚାନ୍ଦ ବଜାର, କଟକ ।

ତତ୍ତ୍ୱାବଧାନ — **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ
। ମୁ । ନାୟାବଜାର ।
ପୋ: ଅ: ଚୌଦ୍ୱାର, କଟକ ।

Digitized by srujanika@gmail.com




ଜଣେ ମେମ ଦୋକାନରେ ଯାଇ ତାର ସ୍ୱାମୀ ହଳାଏ ଗୋଟାଏ କଲର ମାଗିଲା । ଦୋକାନୀ କହିଲା "ଗଳାର ମାପ କେତେ ?"

ମେମ କହିଲା, 'ଜାଣେ ନାହିଁ ।'

ଦୋକାନୀ କହିଲା, 'ତେବେ କେଉଁ ମାପରେ ଦେବି ?' ମେମ ଟିକେ ଚିନ୍ତା କରି କହିଲା, "ଅଚ୍ଛା, ମୋ ଦି ହାତର ବେଢ଼ା ଯେତେ ତା ବେକଟା ସେତିକି । ଏବେ ଦିଅ ।" + +

ରାତିରେ ଗୋଟାଏ ମୁଦି ଦୋକାନରେ ଚୋର ପଶିଲା । ଖୁଡ଼ୁ ଖାଡ଼ୁ ଶୁଣି ତା ଭାରିଯା ହଲାଇ ଦେଇ କହିଲା, "ଉଠ, ଉଠ, ଚୋର ପଶିଛି ।"

ମୁଦି ନିଦରୁ ଉଠି କହିଲା, "ଚୁପ୍, ଚୁପ୍ କିଛି କହନା—ଯେ ଯଉଁଠି ଅଛି ସେଇଠି ଥାଉ—କାଲି ସକାଳେ ତା ଠଉଁ ରାତିକର ଘର-ଜଗା ଅଦାୟ କରିବି ।" × ×

ଦଳେ ଲୋକ ଗୋଟାଏ ଗିର୍ଜା ପାଖରେ ଟେଣ୍ଟ ପକାଇଥିଲେ । ତାଙ୍କର ଗୋଟାଏ ଗଧ ଥିବାରୁ, ଲମ୍ବଟା ସେଇଠି ପକେଇ ଦେଇ ସେମାନେ ପଳେଇଲେ । ସକାଳୁ ଉଠି ପାଦ୍ରୀ ସାହେବ ମଲା ଗଧକୁ ଦେଖି ମ୍ୟୁନିସିପାଲିଟି ଚେୟାରମେନଙ୍କୁ ଲେଖିଲେ କି "ଗିର୍ଜା ଦୁଆରେ ମଲା ଗଧଟାଏ ପଡ଼ିଛି—ଶୀଘ୍ର ପରିଷ୍କାର କରାଯାଉ ।' ଚେୟାରମେନ ଜଣେ ରସିକ ଲୋକ । ସେ ଉତ୍ତର ଦେଇ ପଠାଇଲେ କି, ମୁରଦାର ପୋତିବା ତ ପାଦ୍ରୀର କାମ ।"

ପାଦ୍ରୀ ବି ଉଣା ନୁହନ୍ତି । ସେ ତତ୍‌କ୍ଷଣାତ୍ ଉତ୍ତର ଦେଲେ 'ହଁ, ମୁରଦାର ପୋତିବା ଆମର କାମ, ମାତ୍ର ମୁରଦାରର ଜ୍ଞାତି, କୁଟୁମ୍ବଙ୍କୁ ଖବର ଦେବା ତ ଆମର କାମ ।'

ଚେୟାରମେନ ଥଣ୍ଡା । × ×

କଲିକତାର ଗୋଟାଏ ବଡ଼ ହୋଟେଲରେ ଜଣେ ଭଦ୍ର ଲୋକ ପହଞ୍ଚି ମେନେଜରଙ୍କୁ କହିଲେ, 'ମହାଶୟ, ଆପଣ ବିଜ୍ଞାପନରେ ଲେଖିଛନ୍ତି କି ଷ୍ଟେସନରୁ ଏ ହୋଟେଲ ପାଞ୍ଚ ମିନିଟର ବାଟ—କିନ୍ତୁ ଷ୍ଟେସନରୁ ଏଠାକୁ ଆସିବାକୁ ମୋତେ ଘଣ୍ଟାଏ ଲାଗିଲା ।"

ମେନେଜର ଉତ୍ତର ଦେଲେ, "ଠିକ୍ ତ ! ମାତ୍ର ଆମ ହୋଟେଲକୁ ଯେ ପାଇଦଳରେ ଚାଲିବା ଲୋକ ଆସିବେ ଏହା ତ ଆମକୁ ଜଣା ନ ଥିଲା ।" + +

'କି ହୋ ଚନ୍ଦ୍ର, ବାହା ହୋଇ ସାରିଲଣି କି ?'

'ନାହିଁ ତ—କାହିଁକି ?'

'ଏଇ ଯେ—ଆଗପରି ଆଉ ଖୁସ୍ ଦେଖାଯାଉ ନ ତ ।' × ×

'ଚାଲ ଭାଇ ଚିଡ଼ିଆଖାନା ଦେଖି ଯିବା ।'

'ନା, ଭାଇ—ମୋ ନିଜ ଘରଟା ତ ଗୋଟାଏ ବଡ଼ ଚିଡ଼ିଆଖାନା । ମୋ ବଡ଼ ଝିଅଟା କଣାକୁ ପରି ଗୁଲେ, ସାନ ଝିଅ ଟିଆ ପରି ବୋଲେ, ପୁଅ ମାଙ୍କଡ଼ ପରି ଖେଳେଇ ହୁଏ, ପୂଜାରୀ ଭାଲୁ ପରି, ଚାକର ଗଧ ପରି, ଆଉ ଘରଣୀ ଯେ, ବାଜ ପରି ମୋ ଉପରେ ନଜର ରଖେ, ଚିଲ ପରି ଝାମ୍ପ ମାରେ । ପୁଣି ଯଉଁ ଶାଶୁ ଠାକୁରାଣୀ ଅଛନ୍ତି, ସେ ତ ମୋତେ ସବୁବେଳେ କହନ୍ତି—ଗଧଟା ! ଆଉ ସେଠିକି କାହିଁକି ଯିବା !

+ + +

ଅଧୁନିକ ପାଠୋଇ ଝିଅ ସିନେମା ଦେଖି ଯାଇଥିଲା । ରାତି ବାରଟାରେ ଲେଉଟିବାରୁ ମା ପଚାରିଲେ,—'ଫିଲମ ଭଲ ଥିଲା ?'

'ହଁ, ମା, ଭାରି ବଢ଼ିଆ ମୁଁ ତ ଏକଦମ୍ ମଜ୍ଜିଗଲି ।'

'ଫିଲମଟାର ନାଁ କଣ କି ?'

'…ମନେ ପଡ଼ୁ ନାହିଁ ତ… ମୁଁ ଆମ କ୍ଲାସର ଛାତ୍ର ମି. ସନ୍ତୁଙ୍କ ସାଙ୍ଗରେ ଯାଇଥିଲି ଯେ…"

'ଓଃ…ବୁଝିଲି ।' + +

ମାଷ୍ଟ୍ର—କହିଲୁ ବିଧୁ, କବିତା ଆଉ ଗଦ୍ୟ ଭିତରେ ପ୍ରଭେଦ କଣ ?

ବିଧୁ—ଉଦାହରଣ ଦେଇ ବୁଝେଇ ଦେଉଛି ମାଷ୍ଟ୍ର । ଏଇ ଯେ ଆପଣ ଯେତେବେଳେ ମାଡ଼ିକି ବସି କହନ୍ତି, ଆଉ ସେ ତାହା ମାନେ ନାହିଁ—ସେ ହେଲା ଗଦ୍ୟ । ପୁଣି ଆପଣ ଯାହା କହିଲେ ତାହା ସେ ନମାନିବାରୁ ଆପଣ ଯେତେବେଳେ ତାକୁ ମାରନ୍ତି, ଆଉ ସେ କାନ୍ଦେ, ସେ ହେଇଗଲା—କବିତା ।

ମାଷ୍ଟ୍ର—ଖାର ରସ ଆଉ କରୁଣ ରସର ତଫାତ୍ କଣ କହିଲୁ ?

ରମଣୀ—ମାଇଁ ଯେତେବେଳେ ଆପଣଙ୍କୁ ନୂଆ ଗହଣା ଓ ଶାଢ଼ୀ ମାଗେ । ସେ ହେଲା କରୁଣ । ଆପଣ ଆଣି ନଦେଲେ ଯଉଁ ଫଳ ହୁଏ, ସେଇଟା ଖାର ।

ମାଷ୍ଟ୍ର—ସାବାସ୍ ! × ×

ମାଷ୍ଟ୍ର—କିରେ ମୋହନ, ଏତେ ଡେରିରେ ତୁ ସ୍କୁଲକୁ ଆସିଲୁ କାହିଁକି ?

ମୋହନ—ସାର୍, ମୁଁ ଏତେ ଜୋରରେ ସ୍କୁଲକୁ ଦୌଡ଼ିଛି ଯେ 'ଡେରି ହବ' ଏକଥା ଭାବିବାକୁ ବାଟରେ ମୋତେ ଅବସର ଟିକିଏ ମିଳି ନାହିଁ ।

+ + +

ପତି—ପ୍ରାୟ ମୂର୍ଖ ଲୋକ ସୁନ୍ଦର ପତ୍ନୀ ପାଆନ୍ତି ।

ପତ୍ନୀ—ମୋର ଏତେ ପ୍ରଶଂସା କର ନାହିଁ ।

(ଲକ୍ଷ୍ମଣ)

Digitized by srujanika@gmail.com

# ମଜା କବିତା

## ମଣିଷ ମାଉଁସ

ଶ୍ରୀ କୁବେର ଦଳାଇ

ଖାଇ ଖାଇ ନିତ ଲଡ଼ୁ, ରସାବଳୀ, ଖିରି, ପୁରି, ଛେନା, ପିଠା,
ଚିଣ୍ଟା ନାଟିବାରୁ ମଣିଷ ଖୋଜିଲା ଆଉ କିଛି ଅଛି ମିଠା ।

କୁକୁଡ଼ା ଅଣ୍ଡାରୁ ଘୁଞ୍ଚିଗଲା ମନ, ମାଛ ଝୋଳ ହେଲା ପିତା,
ସୁଆଦ ସରିଲା ଖାସି ଚଢ଼େଇରୁ ଲାଭ ମାରେ ତାକୁ ଜୋତା ।

ଭୁଲିଲା ନୟନ କେତେ ବନ ଗିରି ସବୁ ଦେଶ ଫେରି ଶେଷେ,
ଦେଖିଲା ଅଛନ୍ତି ତାହାର ପରିକା ଜୀବ କେତେ ଚଉପାଶେ ।

ସବୁ ସନ୍ତୁ ସାର ଖାଇ ଯେ ପାରଇ ତାହାର ମାଉଁସ ଲୋଡ଼ା,
ଶିକାରକୁ ତେଣୁ ବାହାରି ପଡ଼ିଲା ଅଟେସ୍ ମଟର-ଘୋଡ଼ା ।

ବନ୍ଧୁକ ଚୋଟରେ ଧମନୀ ଛିଣ୍ଡାଇ ବୁହାଇ ରକତ ଧାର,
ଛଳବଳ କରି ଜଣକୁ ଅପର ପିଇଲା ତା ବୁକୁ-ସାର ।

ବାୟୋନେଟ୍ ମୂନେ ହାତ ଗୋଡ଼ ମୁଣ୍ଡ ପେଣ୍ଡୁରୁ ଅଲଗା କରି,
ନ ପୂରିଲେ ପେଟ ସେଥିରେ, ତାହାର ଜୀବନ ନେଉଛି ସାରି ।

ଚାଲିଛି ଏପରି ମଣିଷ ଶିକାର ବେଳୁ ବେଳ ହୋଇ ଘନ,
ଜଣଙ୍କର ଭୋକ ମାରିବାକୁ, ବଳି ପଡ଼ିଲେଣି ଅଗଣନ ।

ମଣିଷ ମାଉଁସ ସୁଆଦର ଟିକେ ମଣିଷ ପାରୁନି ଛାଡ଼ି,
ସେଥିପାଇଁ ଆଜି ଦେଶେ ୨ ଶୁଭେ ତୋଳା କମାଣର ରଡ଼ି ।

## ନୂତନ-ଯୁଗ

ଶ୍ରୀମାନ୍ ହରେକୃଷ୍ଣ ମହାପାତ୍ର

ଭାଇ ! ଶୁଣିଛକି ନୂଆ କଥା !
ମାର୍କସ ଏଥର ପ୍ରଫେସର ହେଲେ, ପିନ୍ଧିଲେଣି ମେକ୍ସକୋଟା ।
ବଢ଼ିତ ତାଙ୍କର ଶିଷ୍ୟ ପାଲଟିଲେ ମୂଷା ହେଲେ ଦପତରୀ,
କ ସିନ କାମକୁ କୁଟିଛନ୍ତି ଅଠ ଶିଅଣିଅ ତୋଳଶ୍ୟାଳୀ ।
ଚନ୍ଦ୍ରନ୍ଦ୍ରା ଏଥର ସାମ୍ୟବାଦୀ ହୋଇ 'ଇନ୍‌କ୍ଲିଲବ୍' ଧେଉଟେ,
'ଜାଦାବାଦ' ବୋଲି ପାଲି ଧରିବାକୁ ହିଟିପିଟି ଅରପଟେ ।
ଜାହରଲାଲ୍ କୋଟ କୁକୁର ପିନ୍ଧଇ ଯମ୍ ଜଦେ ମୁଁ ଲଡ଼ାଇ,
ମାନ ବା ନ ମାନ ଭେଟ ଦେଇ ତାର ମାଡକୁ କରିବ ସାଇ ।
ପିମ୍ପୁଡ଼ି ଯେତେକ ଜମିଦାର ଥିଲେ ବନ୍ଦିଲେଣି ସେ ସୁଗ୍ ଅନ୍ତ୍ରୀ,
ହିଣ୍ଡିକା କିଷାଣ ଅନ୍ଦୋଳନ କରି ଉଚ୍ଛାରେ ଉଠାଏ ଝଣ୍ଡା ।
ଗଣ ଅନ୍ଦୋଳନେ ପଶିଲେଣି ଏବେ ଗେ ଦ୍ରମ ନାମ ଭକ୍ତ,
କାପଡ଼ା ଏଥର ନିଶ୍ଚିତ ପାଇଲା ଅହିଂସା ସମର ଚକ୍ର ।
ବାଘ ତ ଏଥର ଦାନ୍ତ ନଖ ଭାଙ୍ଗି ଅହିଂସାର ଅବତାର,
ପଥିକ ଦେଖିଲେ ଔଷଧ ବାଣ୍ଟଇ ଅହିଂସା ପ୍ରଚୁର ପାର ।
ଟିକିଏ ମ ତର ଯାହା ହିଂସା ଥିଲା ବିପ୍ଲବୀ କଂଗ୍ରେସଙ୍କ,
ଅହିଂସା କବଚ ଅଣି ଫୋପିଡ଼ିଲା ହିଂସା ଛାଡ଼ିଗଲା ମନ ।
ଯୁଗ ଅନୁଛୁଟରେ ଭାଇ !
ଅନଶନ କରି ବୋଇବ ସମସ୍ତେ ଅହିଂସା ମୁଠିଏ ଖାଇ ।




ଅସଲ ପଞ୍ଚଗୁଣା ତେଲ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅର୍ଦ୍ଧଧରା, କାନ ଟଣା ମୁଣ୍ଡବିନ୍ଧା ଝୁଣ୍ଟିଆ, କାଛୁ, ମଚକା, ପୋଡ଼ା ଘା, ଛଉ ଦରଜ, ଅଣ୍ଡାଦବକ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ । ପରୀକ୍ଷା ପ୍ରାର୍ଥନୀୟ ।
ଠିକଣା:—ଅସଲ ପଞ୍ଚଗୁଣା ତେଲ ଅଫିସ୍—କଟକ ।

## ନୟନ ସୁରମା

ଏହାକୁ ପ୍ରତିଦିନ ଆଖିରେ ଲଗାଇଲେ ଆଖିରୁ ପାଣି ଦେଉଥିବା ଆଖି ଧରିଥିବା, ଅନ୍ଧାର ଦଶା ପ୍ରଭୃତି ରୋଗକୁ ଭଲ କରି ଆଖିକୁ ନିର୍ମଳ କରି ଦିଏ । ମୂଲ୍ୟ—ଛୋଟ ଶିଶି—୫୦ । ବଡ଼ ଶିଶି—୧୦ ।
ପ୍ରଧାନ ଥାଉକି ଆଖିରେ ମୋତିଆବିନ୍ଦୁ ଆଖିରେ ପରଦା ପଡ଼ିଥିଲେ ତାହା ପରିଷ୍କାର କରିବା ପାଇଁ ବଶିଷ୍ଟ ସୁରମାର ଦାମ ୧ଶିଶି—୫୧ ।
ଠିକଣା:—ଅସଲ ପଞ୍ଚଗୁଣା ତେଲ ଅଫିସ, କଟକ ।


Digitized by srujanika@gmail.com

# ଅର୍ଦ୍ଧଚନ୍ଦ୍ର ଭାଷାକୋଷ

## 'ଅ'

ଅ—ପ୍ରେମର ଅହ୍ୱାନ
ଅ !—କ୍ରେଟରେ ହାରୁବାର ନାରିକାଧ୍ୱନି ।
ଅଃ—ଜମିଦାର-ମହନ୍ତଙ୍କ ଲାଟଙ୍କ ଉତ୍ତର ।
ଅଚଳ—ସବଦାରଙ୍କ ହୁକୁମ ।
ଅଚିନ୍ତ—ପଶ୍ଚିମବାସୀଙ୍କ ଅପ୍ରକାଶ୍ୟ ଖାଦ୍ୟ ।
ଅଜ୍ଞ—ଓଟର ଅଜାଙ୍କ ସରଣୀ ।
ଅଞ୍ଜିବା—ଭୋଟ ପ୍ରାର୍ଥନା ବେଳେ ଯାହା କରଯାଏ ।
ଅଟ୍ଟ—ପୋଲରେ ପାଇଲେ ଯାହା ମତ ହୁଏ ।
ଅତିକାଳ—ନେତାମାନେ ଯହିଁରେ ଅଭ୍ୟସ୍ତ ।
ଅତୀତ—ଅଧଜକା ନାଟର ରୋମାଂସ ।
ଅତୃପ୍ତ—ତୋଷାମଦକୁ ଯେପରି ପାନ କରାଯାଏ ।
ଅନାଦି—ମନ୍ତ୍ରୀ ।
ଅଦର୍ଶନ—ଛୁଟ-ଗ୍ରହୀଙ୍କ ମଧ୍ୟସ୍ଥ ଶକ୍ତି ।
ଅଦାତ୍ରି—ନେତାଙ୍କ ପ୍ରଧାନ ଗୁଣ ।
ଅଧାର—ମନ୍ତ୍ରୀଙ୍କ ଗୁପ୍ତ ଲୁଚିବାର ସ୍ଥାନ ।
ଅଧାରକୁଷ୍ଠାନ—ସ୍ୱରାଜର କଳ୍ପନା ।
ଅକାଶବାଣୀ—ମହାତ୍ମାମାନେ ଯାହା ଶୁଣନ୍ତି ।
ଅନାସ୍ଥି—ବେଙ୍ଗ ପେଟରେ ଦିଅ ।
ଅନୁକୂଳ—ପାଠୁଆ ଯୁବକ ।
ଅନୁମତି—ନେତା ନେତାଙ୍କ ଭିତରେ ଦୋସ୍ତି ।
ଅନ୍ଧା—ଦେଶ କାମରେ ସାଧୁତା ।
ଅନୈକ୍ୟ—ରଜା ପ୍ରଜାଙ୍କ ସମ୍ବନ୍ଧ ।
ଅନୈତ—ଗାନ୍ଧିଙ୍କ ପାଟକୋଟ ପ୍ରଚେଷ୍ଟା ।
ଅନ୍ତେହୀ—କଂଗ୍ରେସ ମିଟିଂ ।
ଅଂଶର—ଲେଖକର ଯାହା ନାହିଁ ।
ଅପକ୍ଷ—ଇଂରେଜଙ୍କ ଥାଇ ଯାହା ନ ଥାଏ ।
ଅପ୍ୟାନ—ଅଳ୍ପ ଜୀବନ ।
ଅପାଳ—ଜିଦର ଘୋଷଣା ।

ଅଗତ—ଗସ୍ତରେ ଥିବା ସଜ କର୍ମଗୁଣ ।
ଅଭ୍ରମ—ହୁଟଲରଙ୍କ ଅସ୍ଥ ଜୀବନ ।
ଅଗ୍ରଜ—ସାମ୍ୟବାଦୀ କୃଷକ ଓ ମଜଦୁର ।
ଅଗଭୀର—ଶିକ୍ଷିତା ମହିଳା ।
ଅଗ୍ରହ—'ସତ୍ୟର ବ୍ୟଭିଚାର ।
ଅଘାତ—ଘର ପିଠିରେ ଖଅଯାଏ ।
ଅଘ୍ରାଣ—ମାହାର୍ଦ୍ଧି ସେବା ।
ଅକୁଣ—ଠୋକା ଠୋକାଙ୍କ ଠ.ରେ ଜଥାଏ ।
ଅଗୁର—ହୋଟେଲରେ ଭୋଜନ ।
ଅଚୂର୍ଣ୍ଣ—ପ୍ରଫୁଲ୍ଲ, ଫିଗାଲୀ, ନରେନ୍ଦ୍ର ହରିହର ।
ଅଛାଦନ—ଗାନ୍ଧିଟୋପି ।
ଅଜ୍ଞା—ସ୍ତ୍ରୀର ପରମାଣ ।
ଅଣ୍ଟ—ନେତା ଯାହା ଲଗିବା ଗୃହାନ୍ତ ନାହିଁ ।
ଅଣ୍ଡୁଳା—ପାଦ ପୂଜାର pose ।
ଅଟିକା—ମନ୍ତ୍ରୀଙ୍କ ଗୃହା ଭେକ ।
ଅଡ୍ଡା—ଅସେମ୍ବ୍ଲି ବୈଠକ ।
ଅଡ୍ଡୁଅଳ—ନେତାଙ୍କ ରହିବା ସ୍ଥାନ ।
ଅଣ୍ଡ—ପଚ୍ଚୀର ପତଉପରେ ଭାଳିବା ପଦାର୍ଥ ।
ଅତଙ୍କ—ବ୍ରାହ୍ମଣ ପିହର ଯାହା ହେଉଛି ।
ଅତୁର—ପ୍ରତ୍ୟାଖ୍ୟାତ ପ୍ରେମିକ ।
ଅମ୍ବଘାତ—ମହନ୍ତ ରଜା, ଜମିଦାର, ମହାଜନ ।
ଅତ୍ମପ୍ରସାଦ—ସାରବାଲିଙ୍କ ମନୋଭାବ ।
ଅତ୍ମବତ୍—ପଣ୍ଡିତ ନନ୍ଦିଷ୍ଣୁ ଯେପରି ଦେଖନ୍ତି ।
ଅଦର—ଧନୀର ପ୍ରାପ୍ୟ ।
ଅଦର୍ଶ—ଉଦଲୁବଲାଭ ।
ଅଦାନ୍ତ—ଜୁଲମର ଫଳ ।
ଅଧିପତ୍ୟ—ସଙ୍ଗପ୍ରାଣରେ ବଦ୍ୟମାନ ।
ଅଧୁନିକ—କଲେଜ ସ୍କୁଲ ପିଲା ।
ଅନନ୍ଦ—ଫିଲ୍ମଷ୍ଟାରଙ୍କ ଫଟୋ ।

ଅନନ୍ତ—ସିନେମା ଦେଖା ।
ଅପଟଣ—୯ଟଗାପବନ୍ଧୁ ଦାଶେ ।
ଅପଦ—ଗଡ଼ଜାତ ରଜା ।
ଅପ୍ତ— କଳର ଅମୃତ ।
ଅପେ—ବାପର ନାମ ନାହିଁ ଉଦେ ।
ଅବାନି—ନେତାଙ୍କ ବକ୍ତୃତା ।
ଅଭରଣ—ଫାଉଣ୍ଟେନ ପେନ, ରିଷ୍ଟୱାଚ ।
ଅମନ୍ତ୍ରଣ—ଗାର୍ଡନ ପାର୍ଟି ।
ଅମଲ୍ଲ—ଖାମିଦ ।
ଅମିଷ—ବଲଫ୍ ଲଗା ।
ଅମୋଦ—ପ୍ରେମ କରିବା ।
ଅମ୍ଳିକ—ହମାଲୋଚନା ।
ଅରମ—ଅସେମ୍ବ୍ଲି ପ୍ରେସିଡେଣ୍ଟ ପଦ ।
ଅରଣି—ମନ୍ତ୍ରୀମାନେ ଯାହା ଦେଖନ୍ତି ନାହିଁ ।
ଅଳ—ସତ୍ୟ, ଟଙ୍କା, ଅହିଂସା,
ଅଲୁ—ଓଡ଼ିଆ ମନ୍ତ୍ରୀଙ୍କ ଦାନ ।
ଅଳାପ—ଗାନ୍ଧି, ବଡ଼ଲାଟ ଭେଟ ।
ଅଲ୍ଲଅ—ନବ୍ୟ ସଭ୍ୟତା ।
ଅଲେଖ୍ୟ—ପ୍ରେମକାର୍ଡ ।
ଅବରଣ—ମୁହଁ କଥା ।
ଅବର୍ତ୍ତ—ଇଂରେଜ ରଜ ମାଡ଼ ।
ଅଶା—ବୈତରଣୀ ନଦୀ ।
ଅଶିଷ—ଖବର କାଗଜକୁ subsidy ।
ଅଶ୍ଚର୍ଯ୍ୟ—ଦୁନିଆରେ ଅଃଇ ଅପ୍ରାପ୍ୟ ।
ଅସନ—ଜିଲାବୋର୍ଡ ମେମ୍ବର ପଦ ।
ଅସ୍ଥା—ସଜନୀତରେ ବରଜ ।
ଅହବ—ଓଡ଼ିଆ ଜାତର ସ୍ୱଭାବ ଗୁଣ ।
ଅହୃତ—ସ୍ୱଭାବ ଦୋଷ ।
ଅହ୍ଲାଦ—ନଇକୂଳରେ ଭେଟ ।
ଅହ୍ୱାନ—ଖବର କାଗଜର ଡାକ ।


# ତିନୋଟି ପରୀକ୍ଷିତ ମୋଦକ ।

ଏକ—ଅଫିମ ଛାଡ଼ିବାକୁ "ଶଶାଙ୍କ କିରଣମୋଦକ" ବ୍ୟବହାର କରନ୍ତୁ । ମୂଲ୍ୟ—ଗୋ ୧୬ଟାକୁ ଏକଟଙ୍କା ମାତ୍ର
ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ ମୂଲ୍ୟ—୧୨ ଟାକୁ ଏକଟଙ୍କା ମାତ୍ର ।
ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ "ଦୈବବୃଷ୍ଟିକ" ବ୍ୟବହାର କରନ୍ତୁ । ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର
ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ ଆୟୁର୍ବେଦିକ ଫାର୍ମାସୀ ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com

# ବହିପତ୍ର



## ସହକାର-ପ୍ରଥମ ସଂଖ୍ୟା, ବୈଶାଖ

ସହକାରକୁ ଚଉଦ ବର୍ଷ ପଶିଲା। ଅଭିନନ୍ଦନରେ ଆମ୍ଭେମାନେ ସହଯୋଗୀକୁ ଅଭିନନ୍ଦନ ଜଣାଉଛୁ। ସୁଖ୍ୟାତ ଶିଳ୍ପୀ ମହାରଥିଙ୍କ କୃତ ପ୍ରଚ୍ଛଦପଟର ନୂଆ ଚିତ୍ରଟି ମନୋହର ଓ ଭାବବ୍ୟଞ୍ଜକ ହୋଇଛି।

କଳାପାହାଡ଼ - ଗଳ୍ପ ନା ଇତିହାସ ନା ଗବେଷଣା—କଣ ଏଇଟା ? ଇସ୍କୁଲ ପିଲାଙ୍କ ଡିବେଟିଂ କ୍ଲବର ପ୍ରବନ୍ଧ ପରି ଲାଗିଲା।

ଗୀର୍ବାଣୀ—ଶ୍ରୀ ସୂରୀ ସୁଜତଭୂଷଙ୍କ ସ୍ୱରଚି-ନୈତିକ ଭାବଧାରା ପ୍ରବନ୍ଧ। ବ୍ୟଙ୍ଗ ଚିତ୍ର ଥିବାରୁ ସୁଖପାଠ୍ୟ ହୋଇଛି।

ପ୍ରାଚୀନ ଭାରତ ଇତିହାସର ଏକପୃଷ୍ଠା—ଏକପୃଷ୍ଠା ନୁହେ ତ—ଦୁଇ ପୃଷ୍ଠାରୁ ଯେ କିଅଦା !

ସୂର୍ଯ୍ୟ ଓ କବି ରବୀନ୍ଦ୍ରନାଥ—ଶ୍ରୀ ନନ୍ଦ-କିଶୋର ଦାସ। ବିଶ୍ୱକବିଙ୍କ ସୁଖ୍ୟାତ ବଙ୍ଗଳା କାବ୍ୟର ପ୍ରଶସ୍ତି। ଗୁଣୀଙ୍କ ଗୁଣୀ ଚିହ୍ନେ, ମୂର୍ଖଙ୍କ ମୂର୍ଖ ଚିହ୍ନେ। ଇତର ଲୋକେ ଏଥିରୁ କଣ ପାଇବେ ?

ପଟ୍ଟନାୟକେ, ପଇସାଟିଏ—( ଗଳ୍ପ ) ଶ୍ରୀ ଗୋଦାବରୀଶ ମହାପାତ୍ର। ଏପରି ସୁନ୍ଦର ଗଳ୍ପ ଲେଖିବାର କ୍ଷମତା କେବଳ ଲେଖକ ମହାଶୟଙ୍କର ଅଛି। ପଢ଼ିଲେ ଚିତ୍ତରେ ଆଲୋଡ଼ନ ଆସେ।

ଦରଦୀ—( କବିତା ) ଶ୍ରୀ ବୀରେନ୍ଦ୍ର, ମୋହନ ପଟ୍ଟନାୟକ। ଖାଣ୍ଟି କବିତ୍ୱ ବିଦ୍ୟ-ମାନ। ଭାବଟି ପୂରିଛି ବି ସୁନ୍ଦର।

ଗ୍ରାମ୍ୟ ଜୀବନରେ କରୁଣ ରସ—ଚନ୍ଦ୍ରଧର ବାବୁ ଓଡ଼ିଆ ସାହିତ୍ୟର ବଡ଼ କାମଟିଏ କରିଛନ୍ତି, ଗ୍ରାମ୍ୟ ଗୀତ ସଂଗ୍ରହ କରି। ଦୁଃଖର କଥା ଏ ବହିଟି ଛପାଇବା କଥା କାହାରି ମନକୁ ପଡୁନାହିଁ। ବ୍ୟବସାୟୀ ପ୍ରକାଶକମାନେ, ଯେଉଁମାନେ ଲାଭ ପାଇଁ ପାଠ୍ୟ ପୁସ୍ତକରେ ହଜାର, ବ୍ୟୟ କରୁଛନ୍ତି, ମାତୃଭାଷା ପାଇଁ କିଛି ସାହସ କରି ପାରନ୍ତେ ନାହିଁକି ? ଥାଉ, ସାହିତ୍ୟ-ସମାଜ କଥା ଛାଡ଼। ଏ ତ ଯନ୍ତ୍ରା-ସାହିତ୍ୟ ବା ଝାଡ଼ାବାନ୍ତି ସାହିତ୍ୟ ନୁହେଁ।

ପ୍ରଦୀପର ଶିଖା— ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା। ଲେଖକଙ୍କ ରୁଚି ଓ ସାହିତ୍ୟ ସାଧନାକୁ ଧନ୍ୟବାଦ। ଗୁଜୁରି କରି ସାହିତ୍ୟ ପରି କାଳେ କାମରେ ମନ ଦେବା ଲୋକ ଆମ ଦେଶରେ ବିରଳ। 'କିମ୍ବଦନ୍ତୀ ମୂଳକ ଗଳ୍ପଟି ଭଲ ହୋଇଛି।

ଲତା—( କବିତା )—ଶ୍ରୀ ଗୁରୁ ପ୍ରସାଦ ମହାନ୍ତି। କବିତା ହିସାବରେ ଓ ଭାଷା ହିସାବରେ ଭଲ। କବି "ତାହାର ଫୁଲ କଢ଼ ବା ବାଡ଼ୁଅ ଝିଅ"ଙ୍କୁ ଦେଖି ଭାବ ଗଦଗଦ ହୋଇ ପଡ଼ିଛନ୍ତି। ପଢ଼ ବହୁ, ଝିଅ ଖାଟରେ ଘାଟରେ ଯାହାଙ୍କୁ ଗୃହ ଗୃହିଣୀ ଓ ମଧୁର ହସ ଦେଉନ୍ତି, ସେ କବି ଯେ ଖୁବ୍ ସ୍ୱମ୍ପକ୍ତ ବା ସୂକ୍ଷ୍ମ ଏହା ନିଶ୍ଚୟ। ତେବେ "ଗାଧୁଆ ଘାଟରୁ ଓଦା ଟଡ଼ଜଡ଼ ହୋଇ ଫେରୁଥିବା ବେଳେ ସେ ପାନ ଖାଇ ଆସିଲା କାହୁଁ ?—ଚକାବରୁ ?

ଓଢ଼ଣା ଭିତରେ କବି ତା' ଦେଖିଲେ କିମିତି ?

ଓଁ—କବି ଅଗ୍ନି ପରୀ, ପୂର୍ବଭେଦୀ।

ସ୍ଲଭ—(ଗଳ୍ପ) ଶ୍ରୀ ରାଜକିଶୋର ପଟ୍ଟ-ନାୟକ। ଗୁଡ଼ କୋଣର ସଜୀବ ଚିତ୍ର ?

ତୁମକୁ ମୁଁ ପିଇବା ଭୁଲ—( କବିତା ) ଶ୍ରୀ ଗୁଣନିଧି ପଣ୍ଡା। କବିତାଟିରେ ଯେପରି ସରସତା ସେହିପରି ଗମ୍ଭୀରତା ବିଦ୍ୟମାନ।

ଦୁଇଟି ଦିନ—ଶ୍ରୀ ଗୋଦାବରୀଶ ମହା-ପାତ୍ର। ଯେପରି ନିଖୁଣ ସେହିପରି କରୁଣ।

ପକ୍ଷୀ ଜଗତର ୫ମ ସ୍ତର 'ଭରଦ୍ୱାଜ'—କବିତା। ଶ୍ରୀ କୁବେର ଦଳାଇଙ୍କର ପକ୍ଷୀ କବିତା ଗୁଡ଼ିକ ନିପୁଣତା ସହକାରେ ଲେଖା ହେଉଛି। କବିଙ୍କର ଆଗି ପୋଥିର ଗାଣ୍ଠି, କଲମ ସେହିପରି ଦିଶେ।

—✱—

## ଉତ୍କଳ ସାହିତ୍ୟ ଚୈତ୍ର-୧୨ସଂଖ୍ୟା

କବି ନନ୍ଦକିଶୋରଙ୍କ କବିତା 'ଅସ୍ପୃଶ୍ୟ' ନେଲ୍ଷୁଲ୍ ଅସ୍ପୃଶ୍ୟ ନହେଲେ ମଧ୍ୟ ସବର୍ଣ୍ଣ ସାହିତ୍ୟଙ୍କ ରୂପ ଗାଢ଼ ଅଲିଙ୍ଗନ ବା ଡୋଳାଡେଲି କରିବାକୁ ମଙ୍ଗିବେ କି ?

ପେଃ ପୋଷ ନାହିଁ ଦେଶ—( ଗଳ୍ପ ) ଶ୍ରୀ ଅନନ୍ଦ ଚନ୍ଦ୍ର ମିଶ୍ର। ଗଳ୍ପଟିର ମୂଳ ଭଲ ଆଦର୍ଶ, ଜଭ କିନ୍ତୁ ଅର୍ଥର ଅଭାବ।

ଅନ୍ତର ଡାକର—( କବିତା ) ଶ୍ରୀ ବୃନ୍ଦାବନ ମହାନ୍ତି। କବିତାରେ କାବ୍ୟ ରସ ଠାରୁ, ଅଛି ବେଶି ଦର୍ଶନ ତତ୍ତ୍ୱ। ସେ ଯାହାହେଉ ହଠାତ୍ 'ବକୁଳ ବନଟା' କୁଆଡ଼ୁ ଅଇଲା। ପୁଣି ଘାନତା "ହାରି-ମାନେ" କିଏ ?

ଚନ୍ଦ୍ରଦିନ ପରେ—( କବିତା ) ପଣ୍ଡିତ ସିଦ୍ଧେଶ୍ୱର ହୋତା—ଏଥିରେ ପାଣ୍ଡିତ୍ୟ ଠାରୁ କବିତ୍ୱ ମାତ୍ରା ଅଧିକ ଥିବା ପରି ଜଣାଯାଏ। କାରଣ କବି 'ମଦିରା ବର୍ଷୀ' 'ସରଳ ପରଶ'ରେ ସୁଖ, ଚାନ୍ଦି ନେଉଛନ୍ତି। ଓ "ଜୀବନ ଡୋରେ" "ନବନବ ଶିଖା, ନବ ନବ ଆଶା" ଭିଡ଼ି ବାନ୍ଧିବାକୁ(?) ମାଗୁଛନ୍ତି।

ବନ୍ଧୁର ଭାବନା—କୁମାରୀ ଶୈଳବାଳା। କ୍ଷୁଦ୍ର ଗଳ୍ପଟି ସୁନ୍ଦର, ସରଳ ଓ ସୁଖପାଠ୍ୟ।

ଜୀବନ ଅନୁଭବ (ଶ୍ରୀ ରାଧାମୋହନ ଗଡ଼-ନାୟକ) ଆସଣାର ମାନ, ବଳ ପ୍ରକୃତି ବଢ଼ାଇବା ଓ ଦୁଃଖ, ତାପ ଦୂର କରିବା ପାଇଁ ଭଗବାନଙ୍କୁ ଗୀତରେ ଜଣାଣ କରିଛନ୍ତି। ଭଗବାନ ତାଙ୍କ ଗୁହାରି ଶୁଣନ୍ତୁ ଏତିକି ପ୍ରାର୍ଥନା।

Digitized by srujanika@gmail.com




ପ୍ରିୟ ନାଗ ନାଗୁଣି,

ଆଜି ଆସିଛୁ ଘନ ଘୋର ବରଷା—ଦାଗ ଦୁନ୍ଦୁକାଇ, ଛଟା ଚମକାଇ ଝମ, ଝପ, ଝପ ଝପ, ଦୁମୁ ଦୁମୁ ସଙ୍ଗୀତ ତାନ ବଜାଇ ଆମର ଗୃହ ପଟେ ଇନ୍ଦ୍ରାଣୀ ନାଚ ନାଚ ଯାଉଛି । ଦୁଇ ତିନି ମାସ ଭଲ ଖରପୁଟା, ଚମକିଥା, ନିଆଁ ହୁଡ଼ୁକା ଜଳିଆ ଗ୍ରୀଷ୍ମ ଋତୁ ତାଣ୍ଡ ପରେ, ଏଇ ସ୍ନିଗ୍ଧ, ଶୀତଳ, କଅଁଳିଆ ବର୍ଷାର ନୂପୁର ନାଚ କି ଆନନ୍ଦର ! ମୋ ମନ ହଉଚି ଡୁମୁରୁ ବଜାଇ ମୁଁ ପଦାରେ ବସି ଯାଆନ୍ତି; ଆଉ ତମେ ସବୁ ମୋ ନାଗଗଣୁ ପଦ୍ମତୋଳା ଘୁଣି, ମୋ ଗୃହପଟେ ଭୁଣ୍ଡ ହୋଇ ଧାଡ଼ି ଧାଡ଼ି ନାଚନ୍ତ, ସେଇ ମେଘ ମଲ୍ଲାରର ମଧୁଆଳ ତାନରେ ତାଳ ଦେଇ ।

କିଏ ନାଚ ପାରେ ଜାଣ କି ମୋ ନାଗ ନାଗୁଣିଏ ? ଯାହା ବକ୍ଷରେ ପ୍ରାଣ ଅଛି, ଯାହା ପ୍ରାଣରେ ଆନନ୍ଦ ଅଛି, ଯାହା ଆନନ୍ଦରେ ଝଙ୍କାର ଅଛି, ସେହି । ଅତଏବ ଯଦି ନାଚିବ ତ ତୁମେଇ ନାଚିବ । ଆଉ ଏ ବୁଢ଼ା, ହାଡ଼ା, ଥୋବଡ଼ା, କଡ଼ା, ମାଇପେ, ମିଣିପେ, ଗୁଡ଼ାକ ନାଚ ପାରିବେ କି ! ତାଙ୍କର ତେଜ କାହିଁ, ତାଙ୍କର ସରସତା କାହିଁ, ତାଙ୍କର ସ୍ଫୂର୍ତ୍ତି କାହିଁ ? ତାଙ୍କର ଦିନ କାଳ ସରି ଗଲଣି ! ବୟସ ନ ହେଲେ ବି ମନ ତାଙ୍କର ବୁଢ଼ା ହୋଇ ଗଲଣି । ତାଙ୍କ ଦେଇ କାମ ନାହିଁ କିଛି ଆମର । ଆମର କାହିଁକି, କାହାରି ନୋହିଲେ । ସେ ଖାଲି ମରି ମରି ବଞ୍ଚି-ଛନ୍ତି ବା ଜାଇ କରି ମରି ରହିଛନ୍ତି ।

କିନ୍ତୁ ତମେ କଣ ସେଇମ୍ପା ? ତମେ କଣ କାଉଳୁଣୀ, କଙ୍କିଡିଆ, କାନ୍ଦଣିଆ ? ନାହିଁ ମ, ତମେ ମୋର ସବୁ ଆଶା ଭରସା; ତୁମେ ଯେ ଦେବଙ୍କ କାଢ଼ର ଖଇଫୁଟ—ଅନ୍ଧାର ଘରର ଉଜ୍ଜ୍ୱଳ ଦୀପଶିଖା ! ତମେ ଯେ ଏ ଜଗତକୁ ଆନନ୍ଦମୟ କରିବ, ଆଲୋକମୟ କରିବ, ପ୍ରେମମୟ କରିବ । ତମେ ଯେ ଏ ମରୁମୟ ସଂସାରକୁ ନନ୍ଦନ କାନନରେ ପରିଣତ କରିବ । ମର୍ତ୍ତ୍ୟକୁ ସ୍ୱର୍ଗର ପାରିଜାତ ଘେନି ଆସିବ, ଅମୃତ ଲୋଟି ଆଣିବ ।

ତେବେ ନାଚ, ନାଚ, ନାଚ ମୋର ପ୍ରିୟ ନାଗ ଶିଶୁଗଣ । ସେହିପରି ଉଦ୍ଦାମ, ଉନ୍ମାଦ, ଉଦ୍ଦଣ୍ଡ ନୃତ୍ୟରେ ପୃଥ୍ୱୀ କମ୍ପାଇ ଦିଅ । ସେ ନୃତ୍ୟ ଦେଖି ବୈଶ୍ୱ ଥରି ଉଠୁ, ଚନ୍ଦ୍ର ହସି ଉଠୁ, ଗଗନ କମ୍ପି ଉଠୁ ।

ଆସ ଆଜି ସମସ୍ତେ ଏକା ସଙ୍ଗରେ ହାତ ଧରାଧରି ହୋଇ, ଗଡ଼ାଗଡ଼ି ଦେଇ ମେଘ ଧାରର ଅମୃତ ବର୍ଷଣ ସାଙ୍ଗରେ ତାଳ ପକାଇ, ତାନ ମିଶାଇ କରିବା—ତାଣ୍ଡବ ନୃତ୍ୟ ।

ତମର—ଅଜା ।

## ପଦକ ପୁରସ୍କାର

(ନାଗବନ୍ଧୁ ଓ ବନ୍ଧମାନଙ୍କୁ ସାଦରେ ଆହ୍ୱାନ କରୁଛି କି ସେମାନେ ନିଜର ଶକ୍ତି ଅନୁସାରେ 'ବର୍ଷା ମଙ୍ଗଳ' ବିଷୟରେ ଗୋଟିଏ ଲେଖାଏ କବିତା ଲେଖି ମୋ ଠାକୁ ପଠାନ୍ତୁ । ୧୪ରୁ ୨୦ ଧାଡ଼ି ଭିତରେ ହେବ । ଯାହାର କବିତା ସବୁଠାରୁ ଭଲ ହୋଇଥିବ ସେ ଗୋଟିଏ **ରୌପ୍ୟ ପଦକ** ପୁରସ୍କାର ପାଇବ । ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ବନ୍ଧୁଙ୍କୁ ଭଲ ବହି ପୁରସ୍କାର ଦିଆଯିବ । ମନୋନୀତ କବିତା ଡଗରରେ ବାହାରିବ ।)

## ନାଗବନ୍ଧୁଙ୍କ କଲମରୁ

### ମଲ୍ଲ ଯୋଦ୍ଧା

ଇମାମ ବକସ୍ ବର୍ତ୍ତମାନ ଭାରତର ସର୍ବଶ୍ରେଷ୍ଠ ମଲ୍ଲଯୋଦ୍ଧା । ମଲ୍ଲମାନଙ୍କର ଖାଦ୍ୟ ସାଧାରଣ ଲୋକ ପରି ନୁହେଁ । ସେମାନେ ଆମ ପରି କୌଣସି ହୋଟେଲକୁ ଯାଇ ସେମାନଙ୍କର କ୍ଷୁଧା ନିବାରଣ କରନ୍ତି ନାହିଁ । ସେମାନେ ଜଣେ ସାଧାରଣ ଲୋକ ଅପେକ୍ଷା ଯଥେଷ୍ଟ ପରିମାଣରେ ଅଧିକ ଆହାର କରନ୍ତି । ମଲ୍ଲ-ମାନଙ୍କର ଖାଦ୍ୟ ଓ କୁସ୍ତି କସରତ ଏହି ଦୁଇଟି ପ୍ରଧାନ ଜିନିଷ । ମଲ୍ଲମାନେ କେବଳ ଖୁବ୍ ଭଲ ଖିଆପିଆ ଉପରେ ନିର୍ଭର କରନ୍ତି । ସେମାନଙ୍କର ଖାଇବାରେ ବହୁତ ଅର୍ଥ ବ୍ୟୟିତ ହୁଏ । ଉଦାହରଣ ସ୍ୱରୂପ ପ୍ରଥମ ପ୍ରସିଦ୍ଧ ମଲ୍ଲ ଯୋଦ୍ଧା ଗାମାଙ୍କର ବର୍ତ୍ତମାନ ବୟସ ଛପନ (୫୬) । ତାଙ୍କୁ ଦିନକୁ ତିରିଶ ଟଙ୍କା ଖାଇବା ଖରଚ ଦିଆଯାଏ ।

ଗାମା ଯେ ଏହି ତିରିଶ ଟଙ୍କାକୁ ଦିନକର ଖାଦ୍ୟରେ ଖରଚ କରି ଦିଅନ୍ତି ତାହା ନୁହେଁ । ସେ ଯେତେବେଳେ ଅନ୍ୟ ଜଣେ ବଡ଼ ମଲ୍ଲ ସହିତ ଲଢ଼େଇ କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଥାନ୍ତି, ସେତେବେଳେ ସେ ସମସ୍ତ ଟଙ୍କା ଦିନକର ଖାଦ୍ୟରେ ବ୍ୟୟ କରନ୍ତି; କିନ୍ତୁ ଯେଉଁସମୟରେ ଲଢ଼େଇ ନ ଥାଏ ସେତେ-ବେଳେ ସେ ଦିନକର ଖାଦ୍ୟରେ ପ୍ରାୟ ଛଅ ଟଙ୍କା ଖରଚ କରନ୍ତି । ଗାମାଙ୍କ ପରି ଅନ୍ୟ ବଡ଼ ଯୋଦ୍ଧାମାନେ ମଧ୍ୟ ଠିକ୍ ଏହିପରି କରି ଥାଆନ୍ତି ।

ସାଧାରଣ ଖାଦ୍ୟ ବ୍ୟତୀତ ମଲ୍ଲମାନଙ୍କର ଭିନ୍ନ ଭିନ୍ନ ଧରଣର ଖାଦ୍ୟ ଓ ପାନୀୟ ଲୋଡ଼ା ହୋଇଥାଏ । ସେମାନେ ପ୍ରତିଦିନ ମାଂସ ଓ ଦୁଗ୍ଧ ପ୍ରଚୁର ପରିମାଣରେ ଉଦରସାତ୍ କରନ୍ତି । ଲଢ଼ାଇ ପାଇଁ ଆଗରୁ ପ୍ରସ୍ତୁତ ହେଉଥିବା କାଳରେ ସେମାନେ ସ୍ୱର୍ଣ୍ଣ ଓ ରୌପ୍ୟ ଭସ୍ମ ଖାଆନ୍ତି । ଲଢ଼ାଇ ଆରମ୍ଭ ହେବାର କିଛିକ୍ଷଣ ପୂର୍ବରୁ ମଲ୍ଲଯୋଦ୍ଧାମାନେ ଏକ ପ୍ରକାର ପାନୀୟ ପାନ କରନ୍ତି । ତାହା ସେମାନଙ୍କର ହୃତପିଣ୍ଡର ଅବସାଦ ଭାବକୁ ଦୂର କରିଥାଏ ।

ମଲ୍ଲମାନେ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରନ୍ତି । ଦୈନନ୍ଦିନେ ସେମାନେ ଭୋର ଚାରିଟା ସମୟରେ ନିଦରୁ ଉଠନ୍ତି । କେତେ ଶହ ଦଣ୍ଡ ବୈଠକ ଦେଇ ପରେ କୁସ୍ତି କସରତ କରନ୍ତି । ମଧ୍ୟାହ୍ନରେ

Digitized by srujanika@gmail.com

ସେମାନେ କଦାଚିତ୍ । ମୁଁ ତ ନୈଶ ସମୟରେ ଘଣ୍ଟେ ଦୁଇ ଘଣ୍ଟା ହଜାରେ ଦଣ୍ଡ ଓ ଶହେ ପାଞ୍ଚ ହଜାର ବୈଠକ କରେ । ଶୀଘ୍ର ଦେଲେ ଠିକ୍ ଏଥିର ଉଲ୍ଲେଖ କରିଥାନ୍ତି ।

ବୀର ଶ୍ରୀ ବସନ୍ତ କୁମାର ବେହେରା (୩୩)

## ମୋ ଜନମ ଭୂଇଁ

ଏଇ ଦେଶରେ ଜନମ ମୋର,
ଏ ଦେଶ ମାଟି ଚିର ଅମର ।
ସେଇ ମାଆ ମୋ ଜନମ ଭୂଇଁ,
ପାଳେ ସେ ମୋତେ (ତା) ଜୀବନ ଦେଇ
ଅଛିଛି ମୁହିଁ ହୃଦୟେ ଧରି,
ମାତାର ଶକ୍ତି ଅନ୍ତରେ ଭରି ।
ରକ୍ତେ ମୋ ଉଠେ ହୋଇଣ ତାଜା,
ବୁକୁରେ ବାଜି ଉଠଇ ବାଜା ।
ଯାହାର ରକ୍ତେ ଗଢ଼ା ମୋ ଦେହ,
ବଢ଼ାଇ ଅଛି ଯାହାର ସ୍ନେହ ।
ସେଇ ମୋ ମାଆ ସେଇ ମୋ ମାଆ
ତାହାର ପାଇଁ ଦେବି ମୋ ସାହା ।
ଅଟୁରେ ସେତେ ମାତୃ ଦ୍ରୋହୀ,
ସୁପ୍ତ ହୃଦେ ମୁଁ ନପାରେ ସହି ।
ପାଷାଣ ହୃଦେଁ ଅମର ବୁକ,
ହେଜବୁଁ ନାହିଁ ମାଆର ଦୁଃଖ ।
ଛାର ଜୀବନେ ନାହିଁରେ ଡର,
ପେଣ୍ଡରେ ଅଟେ କରମ ବୀର ।
ଜଡ଼ିଛି ହୃଦେ ସେକାଳ କଥା,
ପୁର୍ବ ପୁରୁଷ ଜୀବନ ଗାଥା ।
ନାହାନ୍ତି ଅଜ ସେ କିରେ ଏଥି,
ଯା କର୍ମ ଅମ ଜୀବନେ ସାଥୀ ।
ଜନମ ଭୂଇଁ ଚିରମୁକତା,
ସେଇ ଯେ ମୋର ପ୍ରାଣ ଦେବତା ।
ସ୍ୱପନେ ସ୍ୱପ୍ନେ ତାହାରି ଧ୍ୟାନ,
ତାହାରି ପାଇଁ ଯାଉ ଜୀବନ ।

ବୀର ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକ
(୨ନଂ ନାଗବଗ)

## ଅଜାଙ୍କ ଉତ୍ତର

ନଂ ୧୮୯ ଶ୍ରୀ ବ୍ରଜ କିଶୋର—(୧) ନିଜର ଦେଖିଥିବା ସେତେବେଳେ ନିଜେ ବୁଝିଲଣି—ଅତ ତାହା ରହିବ ନାହିଁ । ଖାଲି ଏତିକି ଯେ, ସବୁବେଳେ ମନେ ରଖିଥିବ । ତଥାପି ଯଦି ନଷ୍ଟ ହେଉଛି ତମ Bossଙ୍କୁ କହିବ ସେ ଲଙ୍ଗୁଳ ମେଡ଼ିକାଲ ଦେଇଥିବେ ।

୨ । ବୋଧହୁଏ ତମ ଭାବ ଏପରି ହାବୁକା ମାରେ ଯେ, ତମେ ସମ୍ଭାଳି ନପାରି ଗୋଟାଏ ଦରଖାସ୍ତ କରି ଅଉ ଗୋଟାଏ ଲେଖିବସ । ଜିଦ୍ କରି ଗୋଟାକୁ ଲେଖି ନ ସାରିବା ଯାଏ ଅଉ ଗୋଟାକରେ ହାତ ଦବ ନାହିଁ ।

୩ । ଡଗରରେ ନିର୍ବାଚିତ କବିତା ଗ୍ରହଣ କରଯାଏ । ତେବେ ନାଗବଗଙ୍କ ଠାରୁ ଶ୍ରେଷ୍ଠ ଭଲ କବିତା ନେଇଥାଉଁ । ଅବଶ୍ୟ ପ୍ରେମ କବିତା ନୁହେଁ ।

ଶ୍ରୀମତୀ ନିରୁପମା ତ୍ରିପାଠି—(୮୨) ଓ ଶ୍ରୀମାନ ଚନ୍ଦ୍ର ତମେ ଭୁଲ ବୁଝିଛ । ନାଗବଗଙ୍କ ପାଇଁ ଦେଢ଼ଟଙ୍କା । ଗତବର୍ଷ ପ୍ରଥମ ମାସକ ଭିତରେ ଗ୍ରାହକ ହେଲେ ନାଗବଗ ମାନଙ୍କୁ ଟ୧୯ ପଡ଼ିବ ବୋଲି ବିଶେଷ ନୋଟିସ ଦିଆ-ଯାଇ ଥିଲା । ଏବର୍ଷ ତାହା ହୋଇନାହିଁ । କାରଣ ଗତବର୍ଷ ଏ ସୁବିଧା ପାଇ ମଧ ମୋଟେ ୩ ଜଣ ଗ୍ରାହକ ହୋଇଥିଲେ ।

ଶ୍ରୀ ବୈରାଗୀ ମହାନ୍ତି (୨୫୪) ଅଉ ରସ-ଗୋଲା ସୁଖ ପାଅନ୍ତି ନାହିଁ । ଇଲିଶି ଶୁଖୁଆ କିଣି ଦେଇଛି । ତାକୁ ପାଇ ଭାରି ଖୁସି । ତମକୁ ଅଶୀର୍ବାଦ କରୁଛନ୍ତି ।

ହରେକୃଷ୍ଣ—(୧୨୩) ପାଶ କରିବା ଖବର ପାଇ ଖୁସି ହେଲି । ପାଶ କଲା ପରେ କଣ ମନ ବୋଧ ହେଇଗଲା—ନା ଅଉ କିଛି ସଂଗଠନରେ ଲାଗିଗଲ ? ଏତିକିରେ ଉଚ୍ଚା-କାଂକ୍ଷା ଛାଡ଼ ନାହିଁ ।

ନାଗଦଳ ଛାଡ଼ିବାର ବେଳ ତ ହୋଇନାହିଁ—କାହିଁକି ଛାଡ଼ିବ । ମନ କୁହୁଆ ( young ) ରଖିଲେ ବୁଢ଼ା ହବ ନାହିଁ କେବେ ।

ବର୍ଷକୁ ବର୍ଷ ନୂଆ କରି ଚାନ୍ଦା ଦବାକୁ ହୁଏ, ଏକାଠି ଟ୦୫ ଦେଲେ Permanent Settlement.

କୁମୁଦିନୀ—(୧୦୨) ଅଉ ତମ ବଡ଼ ପୁରୁଣା କାଳିଆ । ପର୍ଦା ଟେକିବାକୁ ବଳବଳି ନାସିକା । ତେବେ ମୁଁ ଲାଗିଛି—ଦେଖାଯାଉ ।

ଅଣନାତୁଣୀଟିକି ଅଶୀର୍ବାଦ କରୁଛି । ଏବେ ବୋଉଣୀଅକୁ ମିଠେଇ ଅସିବ ବୋଲି ଅଉ ଟିକି ବସିଛନ୍ତି ।

'କଳଙ୍କକୁମାରୀ' ନାଅଟି ମୋର ପସନ୍ଦ । (ଶୈଳବାଳାଙ୍କ ସହିତ ଲେଖା ସାଙ୍ଗ ହେବାକୁ ଚାହାନ୍ତି ।)

କୁମାରୀ ବିନୋଦିନୀ (୩୦)

୧ । ସ୍ୱରାଜ୍ୟ ମିଳିବ ଘର ଭିତରେ ।

୨ । କଂଗ୍ରେସକୁ ମାନେଁ । ଏଥିରେ ଅନେକ ପରିବର୍ତ୍ତନ ଦରକାର । କିନ୍ତୁ ସେ ବିଷୟରେ ନାନା ମୁନିର ନାନା ମତ । ସୁତରାଂ ଗାନ୍ଧିଙ୍କ ମୁହଁକୁ ଚାହିଁ ବସିଛୁଁ ।

୩ । Socialism କଣ ତାହା ବୁଝାଇବା ଭାଟିକର ପାଠ । ସେ ପାଇଁ ବହି ପଢ଼ିପାର । ତେବେ ଏତିକି ମୋଟାମୋଟି ଜାଣି ରଖ ଯେ ସମାଜରେ ଅର୍ଥଗତ ବା ମର୍ଯ୍ୟାଦାଗତ ଭେଦ ଦୂର କରି ସମସ୍ତେ ସୁଖରେ ସହଯୋଗ କରି ରହିବା ଏହାର ଉଦ୍ଦେଶ୍ୟ । ଆମ ଏଠି ରୁଷିଆର ସାମ୍ୟବାଦ ଉଧାର କରି ଅଣିଲେ ଚଳିବ ନାହିଁ । ସ୍ଥାନୀୟ ଅବସ୍ଥାକୁ ଚାହିଁ କରିବା ଦରକାର । ରୁଷିଆ ଭିତରେ ପରି ଠିକ୍ ନଥିଲା । ଥିଲା ଅଉ ପ୍ରକାର ।

୪ । ଜଟିଳ ରାଜନୀତି ନାଗବଗ ପୃଷ୍ଠାରେ ରହିବା ଦରକାର ମନେ କରୁଁ ନାହିଁ । ତେବେ ଜାତୀୟତା ଶିକ୍ଷା ଦେବା ଆମର ଲକ୍ଷ ।

ଅର୍ଶ ଓ ସ୍ୱପ୍ନ ଦୋଷର ସନ୍ନ୍ୟାସୀଦତ୍ତ ଅମୋଘ ମହୌଷଧ ।

**ଅର୍ଶପାଇଁ—ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ ମଧୁସଞ୍ଜୀବନୀ**

ଏକମାସ ଚିକିତ୍ସାରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ । ହିମାଳୟ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି, କବିରାଜ **ଶ୍ରୀଜଗନ୍ନାଥ ମିଶ୍ର** B.A.M.S. ସାହିତ୍ୟ ଉପାଧ୍ୟାୟ

ଠିକଣା:—ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ ।

ଆପଣଙ୍କର ଫଟୋ

ଇଲେକ୍ଟ୍ରିକ ଷ୍ଟୁଡିଓରେ
ଜୀବନ୍ତ ଓ ଜୀବନ୍ତ
ହୋଇ ଉଠିବ
ଶିଳ୍ପୀ—ଏସ୍ କଅରଜୀ
ଫଟୋ ହାଉସ, ଚୌଧୁରୀ ବଜାର—କଟକ
[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆ ଯାଇ ପାରେ

Digitized by srujanika@gmail.com



—ବମ୍ବେ ଠାରେ ନିଖିଳ ଭାରତ କଂଗ୍ରେସ କମିଟି ଯେପି କଂଗ୍ରେସ ଭିତରୁ ଅଳିଅ ସଫା କରିବା ଉପାୟ ଧାର୍ଯ୍ୟ କରିଛନ୍ତି ।

…ସଫା କରୁ କରୁ ଦଫା ରଫା ନହେଲେ ରକ୍ଷା ।

—କମିଟିରେ ସୁଭାଷଙ୍କୁ ନେତୃ ଆସନରେ ବସିବା ପାଇଁ ରାଷ୍ଟ୍ରପତି ରାଜେନ୍ଦ୍ର ଆହ୍ୱାନ କଲାରୁ ବୋଷଜୀ ଇନ୍‌କାର କରି ଚାଲେ ଯାଇଥିଲେ ।

…ଗୈରିକରୁ ମାନଭର—

—କମିଟିରେ ନାରିମାନ ସଂଶୋଧନୀ ପ୍ରସ୍ତାବ କରିଥିଲେ ଯେ, "କର୍ପ କମାଣ୍ଡ଼ରେ କଂଗ୍ରେସ ମେମ୍ବର ନଥାଇ ଯଦି କେହି ମନ୍ତ୍ରୀ ହୋଇଥାନ୍ତି ତେବେ ସେ 'କ୍ଷମତାନଂ ଗଚ୍ଛ' କରିବେ । ପ୍ରସ୍ତାବ ନାମଞ୍ଜୁର ହୋଇଗଲା ।

…ମନ୍ତ୍ରୀମାନେ ବାପୁଜୀଙ୍କୁ ଛେନା-ପଣା ମନାସିଥିବେ ।

—ଜୟପୁରର ମୁସଲମାନମାନଙ୍କ ଦାବି ପୂରଣ ନକଲେ ଦରବାରକୁ ସେମାନେ ଦେଖିନେବେ ବୋଲି ଧମକ ଦେଇଛନ୍ତି ।

…ଦେଖିବା ପାଇଁ ଖୋଦା ନୂର ଦିଅନ୍ତୁ ।

—ବମ୍ବେର ଜଣେ ଦେହରେ ନାନା-ନାରାୟଣ ପ୍ରବୃତ୍ତିରେ ରଜି ମରିଯାଇ ବନ୍ଦୀ ହେଉଛି ।

…ସ୍ତ୍ରୀଲୋକଙ୍କ ପାଇଁ ପଞ୍ଜାବଖିଲାରେ କେବେ ମସ୍ତ ହେବ ?

—ଲକ୍ଷ୍ନୌ ସିଆପୁନୀ ଗଣ୍ଡଗୋଳରେ ମୌଲାନା ଅଜାଦ୍ ମଧ୍ୟସ୍ଥ ହେବେ ।

…ଦୁଇଅଡ଼ୁ ଟଣାହେଲେ—?

—ଶ୍ରୀଯୁକ୍ତ ସୁଭାଷ ସୀମାନ୍ତରେ ବୁଲି ଫରୱାର୍ଡ ବ୍ଲକ ଗଠନ କରି ଆସିଲେ ।

…ତାପରେ କ'ଣ ବେକ୍‌ୱାର୍ଡ ମାର୍ଚ୍ଚ କରିବେ ?

—ସରକାର ତୁରନ୍ତ ଡେପୁଟି ଅହେଦ୍ ତଦନ୍ତ କରି ଗଞ୍ଜାମ ଜିଲାବୋର୍ଡ଼ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଗୁରୁ ଅଭିଯୋଗ ଆଣିଥିବାର ପ୍ରକାଶ ।

…ନବପାପଦର ମହାଦେବଙ୍କ ନୀଳକଣ୍ଠ ନାମ ନଜଳ୍ ଏଣିକି ବାବା ବିଶ୍ୱନାଥ ଭଜନ କର ।

—ରାଜକୋଟ ପ୍ରଜା ପରିଷଦ ନେତାଙ୍କର ଖାଣ୍ଡ୍ରେ ଜମି ଜବତ କରିବା ପାଇଁ ରାଜା ନୋଟିସ ଦେଇଛନ୍ତି ।

‥ ଅହିଂସାର କାଟଣି ।

—ଦେଶୀୟ ରାଜ୍ୟର ରାଜାମାନେ ଯୋଗ ନଦେଲେ ମଧ୍ୟ ୧୯୪୧ରେ ଯୁକ୍ତରାଷ୍ଟ୍ର ହେବ ବୋଲି ଇଂରାଜ ଶାସକ ଭରସା କରୁଛନ୍ତି ।

…ସୀତା ବିହୁନେ ରାମାୟଣ ଅଭିନୟ ହେବତ ?

—ଜାପାନୀମାନେ ଚୀନନାସ୍ଥ ଇଂରାଜୀ ଉପନିବେଶ ଘେରାଉକରି ଇଂରାଜୀମାନଙ୍କୁ ଲଙ୍ଗଳା ତଲାସ ନେଉଛନ୍ତି । ଇଂରାଜମାନେ ଚୀନକାଳୁ ପରୋକ୍ଷରେ ସାହାଯ୍ୟ ନକରିବେ ବୋଲି ଜବାବ୍‌ଦେଲେ ଏ ଅବରୋଧ ସ୍ଥଗିତ ରହିବ ବୋଲି ସେମାନେ କହୁଛନ୍ତି ।

…ବ୍ରିଟିଶ ଜନ୍ମ ଆଖିବୁଜି ଶୋଇଛି ।

—ବମ୍ବେଠାରେ ନିଖିଳ ଭାରତ କଂଗ୍ରେସ କମିଟି ଧାର୍ଯ୍ୟ କରିଛନ୍ତି ଯେ ମନ୍ତ୍ରୀଙ୍କ ଉପରେ ପ୍ରାଦେଶିକ କମିଟିର ଆଉ କିଛି ହାତ ରହିବ ନାହିଁ ।

…ଅଜ୍ କପାଁର ହେବ ଗୋଲ,
ପଣ୍ଡିତ-ମହାତାପୀ ଖେଳ !

---


# ଆଗ୍ନେୟ ମୋଦକ

ମଳବନ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ପେଟରୁ ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କ ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଲ୍ୟରୁ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଅଗ୍ନିର ଏହି ମୋଦକ ଦୈନିକ ରାତ୍ରି ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରି ସକାଳେ ଭଲ ଭାବରେ ଗୋଟିଏ ପୋଖରୀ ହୋଇଯିବ ତରଳ ହେବ ନାହିଁ । ଅଜ ମଧ୍ୟ ନିୟମିତ ଅନ୍ୟାନ୍ୟ ଭବ ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ ପେଟର ଦାଉ ପ୍ରଭୃତି ସମସ୍ତ ପ୍ରକାର ରୋଗ ଅରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ପକାଇ ଦିଏ । ପରେ ଔଷଧ ସେବନ ନକଲେ ପୂର୍ବାବସ୍ଥା ପ୍ରାପ୍ତ ହୋଇଥାଏ । ମୂଲ୍ୟ ୧୬ମାତ୍ରାକୁ ଟ୧୯ ( ଏକଟଙ୍କା ) ୩୦ ମାତ୍ରାକୁ ଟ୧୮ ମାତ୍ର ।

ଠିକଣା:—ଶ୍ରୀଧର ରଥବର୍ମା, ଭିଷଗାଚାର୍ଯ୍ୟ, ଭୁବନେଶ୍ୱରପୁରୀ


Digitized by srujanika@gmail.com



# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର



ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।

ଟ ୨୦୯ କା ପୁରସ୍କାର !    ଟ ୨୦୯ କା ପୁରସ୍କାର !

ଜଦ୍‌ବଂଶ୍ରୁମାନଙ୍କର ଫରମାସ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ନେହାତି ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଗ୍ରାହକ ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟରେ ନୂତନ ପ୍ରଣାଳୀ ... ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କୁ ଅମ୍ଭେମାନେ କାହାରିକୁ ଠକିବା ଦେଇନାହୁଁ । ପ୍ରତ୍ୟେକ ପଦାର୍ଥକୁ ଉତ୍ତମ ରୂପେ ପରୀକ୍ଷା କରିବାର ସୁବିଧା ଅଛି ଦେଇ ଥାଉଁ । ଯେବେ କୌଣସି ପ୍ରକାର ଦୋଷ ଖାଦ ଧରିପାରିଲେ ଅମ୍ଭମାନେ ଟ୨୦୦ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ... —

ନିବେଦକ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ

ବାଲୁବଜାର, ପୋ:—କଟକ ।





ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

(ସାପ୍ତାହିକ)    **'ବର୍ମା ଓଡ଼ିଆ ପତ୍ରିକା'**    (ରୟେଲ ୧୬ ପୃଷ୍ଠା)

ଏହାହିଁ ଏକମାତ୍ର ପ୍ରବାସୀ ଓଡ଼ିଆଙ୍କ ପ୍ରଧାନ ମୁଖପତ୍ର । ... ବର୍ମାରେ ... ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାର ... ଓ ... ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧରେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ... ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଓ ୨ୟ ବର୍ଷ ।

ମୂଲ୍ୟ ଟ ୬, ... ୧୪୯ ।    ଠିକଣା— ... ରେଙ୍ଗୁନ (ବର୍ମା)

ସମ୍ପାଦକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

Digitized by srujanika@gmail.com

REG. NO. P-441 THE DAGARC— 16-6-39.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତ୍ୟଧିକ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ହସ୍ତପଦରେ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୁଣ୍ଡବୁଲା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ବ୍ୟାଧି ପ୍ରଶମନରେ ଏହା ଅଦ୍ୱିତୀୟ ।

ମୂଲ୍ୟ—ଶିଶିକେ ୧୲୦ ( ଏକଟଙ୍କା ମାତ୍ର )

## →ଶିଶୁ ସୁହୃଦ←

ପ୍ରସବକାଳ ଦିନଠାରୁ ଅଳ୍ପ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅଲ୍ପ କାଳ ମଧ୍ୟରେ ( ଯୋଡ଼ ଉଠିବା ) ବେଳେ ଅନାୟାସରେ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ପ୍ରକାର ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ।

ମୂଲ୍ୟ—ଶିଶିକେ ୲୦୬ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଗଣ୍ଡବଡ଼୍, ଭିଷଗାଚାର୍ଯ୍ୟ

ଆୟୁର୍ବେଦିକ ଫାର୍ମାସୀ

ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇ ନ ସି ଓ ରେ ନ୍ସ — ସୋ ସା ଇ ଟି ଲି:

## ହେଡଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ଦକ୍ଷ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ଦିନୁ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାର କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ପ୍ରତ୍ୟେକ ହାଜାର ବୀମାରେ ହଜାର ପ୍ରତି ୪୨୦ ଓ ଆଜୀବନ ବୀମାରେ ୪ ୨୲୦ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କମ୍ପାନୀ ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ—ଚାନ୍ଦିଚଉକ, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।


Printed & published at the Jagannath Press, Bhadrak by N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ଆଷାଢ଼ ପ୍ରଥମାର୍ଦ୍ଧ
୩ୟ ବର୍ଷ
୭ମ ସଂଖ୍ୟା

# The Dagaro

ORISSA S MOST POPULAR FORTNIGHTLY OF LIGHT, LEAD & LAUGHTER

1st JULY, 1939

ବାର୍ଷିକ ମୂଲ୍ୟ ୪ ୧୯
ଅଧି— ୪ ୧ ୨
ତ୍ରୈ— ୪ ୨ ।



ଏ ସଂଖ୍ୟାର ଗରଜାଗରଟ ଅଙ୍ଗଦ ପଦ।

ଅର୍ଦ୍ଧଚନ୍ଦ୍ର ବଡ଼ିଆ ଭାଷାକୋଷ

'ଛ'

ଦେଖନ୍ତୁ



1 ANNA




Printed & published at the ... Press, ...

Digitized by srujanika@gmail.com



ଗାନ୍ଧି ମହାତ୍ମା ଆମକୁ ଯେଉଁ ଅହିଂସା ଧର୍ମ ବା ଚିଠିପତ୍ରା ନୀତି ଶିଖେଇଥିଲେ, ତାର ଅସ୍ତ୍ର (ସ୍ତମ୍ଭ) ଯାଇ ବାଲିତରେ ପଡ଼ିଲଣି । ବୋଧହୁଏ ଏହିପରି କାରବାର କରି କରି ସଙ୍ଗଦୋଷରୁ ଗୋରାଙ୍କର ବି ଏଇଟା ଅଭ୍ୟାସରେ ପଡ଼ିଗଲା । କାହିଁକନା, ଗୋଟାକ ପରେ ଗୋଟାଏ କରି ଗଲା ଦୁଇ ତିନି ବର୍ଷ ଭିତରେ କେତେ ଯେ ଅଖିକଢ଼ା, କାନଚେପା, ଗାଲଗୁଡ଼ା ପିଠି ସାଥିମାନଙ୍କ ଉପରେ ଚଢ଼ିଗଲାଣି ତାର ଠିକଣା କିଏ କରିବ ! ଅନ୍ତନକଟରେ ଚୀନରେ ଜାପାନମାନେ ଯାହା ଯାହା କରିଗଲେ ତାହାତ ସମସ୍ତେ ଜାଣିଛନ୍ତି । କିନ୍ତୁ ତଥାପି ଆମେ କହୁଁ "ଯେ ମହତ ଯେ ଉଦାର, ଯେ ଉଚ୍ଚ ସେ ଏକା କହିପାଏ ।" ପଟଡଙ୍କୁ ଠେଙ୍ଗା ମାରିଲେ ବୋହିଯିବ ନା ସମୁଦ୍ରରେ ନିଆଁ ଚୁଲ୍ଲୀ ଲଗାଇଲେ ପୋଡ଼ିଯିବ ! ଏହିପରି ନିରୁପଦ୍ରବ ପ୍ରତିରୋଧ ତରବାଳ କରୁଥିଲେ, ଯେବେହେଲେ ତାଙ୍କର ଦୟା ଆସିବ । ସତ୍ୟଟା ସେଇଥିକି ହେଲେ ଫଳିବ ତ ! × ×

ହାତ୍ ମାଜିଁସ ଶଗ୍ଡ ଆଉ କେତେ ସହିବ ! "ନାହିଁ—ଆଉ ପାରିବା ନାହିଁ ।" ବୋଲିତ ନେତା ଚର୍ଚ୍ଚିଲ ସାହେବ ଏଥର ରଥୀ ଇ ଉଠି ରଙ୍ଗ ଛାଡ଼ିଛନ୍ତି । ସେ କହୁଛନ୍ତି ଆମ ଇଂରେଜ ଜାତିଙ୍କୁ ଅକର୍ମା, ଅଣପୁଞ୍ଜୁଆ କଦର୍ଯ୍ୟ ଜର୍ମାନ, ଜାପାନ, ଇଟାଲି ମୂଷାମାନେ ଆମ ଉପରେ ଜୁଲମ କରି ଯାଉଛନ୍ତି । ଆମେ ଟିକିଏ ଅଳସ ଲାଗି ହାଇ ମାରୁଥିଲୁଁ । ଏବେ ଆମେ ଚେଇଁ ଗଲୁଣି—ଦେଖିବା ଏଥର ।"

ଏତ ଖାଲି ଭଣ୍ଡ ଭିରୁତାର ଯୁଗ । ଦେଖିବା ଜବରଦସ୍ତ ସ୍ତୂପ ଫିହର ଏ ବଡ଼ ଗୁଣୀ ହିଟଲର କେତେ କହମ ସଲେଇ ଯାଉଛନ୍ତି !

× × ×

ଇଂରେଜ ସରକାର ବି ଯାହା ଗୁନ ବହି କାଇଁଲା କଥାଁଳ କରି ଦିନ ଗୁଜାରୁଥିଲେ । ଏବେ ହଠାତ୍ ଆଖି ଭାଙ୍ଗି ଗଲଗାଣ ଉଠିଲେଣି । କହୁଛନ୍ତି କି, "ଡ଼ାନଜିଗ୍ ରେ ଯେ ହାତ ଦେବ, ଆମେ ତାର ଠିକ୍ ଠିକଣା ରଖିବୁଁ ନାହିଁ ।" ଏଣେ କିନ୍ତୁ ଡ଼ାନଜିଗ୍ କୁ ଜର୍ମାନୀ ସାମିଲ କରିବା ପାଇଁ ହିଟଲର ନିଷ୍ପମ କରି ବସିଛନ୍ତି । କଉଁ ଦିନ ଯେ ଜର୍ମାନ ଛତ୍ରିଣ ସୈନ୍ୟ ମାରି ଡ଼ାନଜିଗ୍ କୁ ମାଡି ବସିବ ତାର ଠିକଣା ନାହିଁ । ଇଂରେଜ ଦଦା 'ହାଁ ହାଁ' କହିଲା ବେଳକୁ ଡାନଜିଗ୍ ରେ ଜର୍ମାନର ସ୍ୱସ୍ତିକ ପତାକା ଉଡ଼ି ସାରିଥିବ । ତେଣିକି 'ତୋବା', ତୋବା' କହି ନାକ କାନ ଅଉଁସି କହିବେ ଚିନ୍ତା । ତେବେ, ଦେଖା ଯାଉ ସଣ୍ଢ ଧମକାଣିର କି ଫଳ ! + + ×

ଅଗ କାଳକା ଯୁଗରେ, ଉଣେଇଶି ବି ଯେ ଯାଥିଲା, ତାଙ୍କର କେବଳ ପ୍ରାଣର ଭୟ ଥାଏ—ଘରେ ବସିଲା ବାଲା ବନ୍ଧୁ ପ୍ରାପ୍ୟ ନିବନ୍ଧରେ; କିନ୍ତୁ ଯୁଦ୍ଧର ଗତି ଯେଉଁ ପରି ବଦଳି ଗଲଣି ଏଣିକି ବଡ଼ ଲଢ଼େଇ ଲାଗିଲା ମାତ୍ରେ ସଲ୍‌ଟଣରେ ନାଆଁ ନ ଲେଖାଇ ଘରେ ବସି ଜଡ଼ସଡ଼ ହୋଇ ରହିଲେ ବି ମରିବାର ଯଥେଷ୍ଟ ସୁବିଧା ରହିଛି—ବରଂ ପଲଟଣିଆଙ୍କ ଠାରୁ ଜ୍ୟାଦା ସୁବିଧା । ଏଣୁ ଯୁଦ୍ଧ ଲାଗିଲେ ତ୍ରାସ ପ୍ରତ୍ୟେକ ଦେଶବାସୀଙ୍କ ହୋଇ କେହି ରହି ପାରିବ ନାହିଁ । ମାରିବ, ନହେଲେ ମରିବ । ମାରି ନପାରିଲେ ଚାଠପଣ ଆଖି ବୁଜି ମରିବ । ମାଇଲ ମାଇଲ ଦୂରରୁ ଗୋଟାଏ ଗୁଳା (Shell) ହୁଏତ 'ହବୋଡ଼ ଯିବଟି ଅଚମ୍ବିତେ ଅଟି'—କିବା ଅଦୃଶ୍ୟ ଅକାଶ ହୃଦୟରୁ ଖସି ପଡ଼ିବ ଅକାଳ ଚଡ଼କ (Bomb) । ସେତେବେଳେ କଳମ ଠୁକି ମରିବା ଛଡ଼ା ଅଉ ଉପାୟ ନାହିଁ । + +

ତେବେ ଗୋଟାଏ ଭରସା ଅଛି । ବଗୋପ ସାଗରର ମା ୯୦ । ୬୦ ମାଇଲ ଦୂରରୁ ଯେତେବେଳେ ଆମ ଉପରେ ଗୋଲାବୃଷ୍ଟି ବା ମେଘ ଅନ୍ତରାଳରୁ ମୁଣ୍ଡ ଉପରେ ବୋମାଗୋଳି ଖସିବ, ଯେତେବେଳେ ଆମର ॰ ଅମୋଘ, ଅକାଟ୍ୟ ଅସ୍ତ୍ର ସତ୍ୟାଗ୍ରହ ଓ ନିଷ୍କ୍ରିୟ ପ୍ରତିରୋଧ ଚଳାଇ ଦବା ଘରେ ବସି—ମନେ ମନେ ।

+ + +

ଖାସ ଗାନ୍ଧିଅଙ୍କ ଚକ୍ଷୁବରେ, ସୁ—ବାସ ସୁଭାଷ ଚନ୍ଦ୍ର ଜବର ଅଭିଯାନ ଆରମ୍ଭ କରି ଗୁରୁଅଟେ ଦଳ ଗଢ଼ୁଛନ୍ତି । ସେ କହୁଛନ୍ତି କି ଅଗକାଳିଆ 'ଫେସଦଅ' କଂଗ୍ରେସବାଲାଙ୍କ ଠାରୁ ଏକାଳିଆ 'ଡାହାଣ' କଂଗ୍ରେସିଆ ମାନେ କୌଣସି ଅଂଶରେ ଉଣା ତ ନୁହନ୍ତି, ବରଂ ଅଧିକ ଜୀ-ହଜୁରିଆ ହୋଇ ପଡ଼ିଲେଣି । ସ୍ବାଙ୍କୁ ଟପି କଂଗ୍ରେସରେ ନୂଆ ପ୍ରାଣ ପ୍ରତିଷ୍ଠା ନ କଲେ ଦେଶ ଉଦ୍ଧାର ହେବ କିପରି ? ଆଜି ଏକେ ବେଳେ ଇଂରେଜ ଶାସନରେ ସ୍ବୀକାର ନକେଇ ତାଙ୍କ ସହିତ ଲଢ଼େଇ କର । ଏ ପାଦ ଛାଡ଼ିଲେ ଆଉ ମିଳିବ ନାହିଁ ।

+ × +

ଏବେ କଂଗ୍ରେସରେ ଦୁଇ ଡଳଦଳ ଯୁବକ ନିଜକୁ ଯୁବକ ବୋଲି କହି, ଅନ୍ୟ ଦଳକୁ ବୁଢ଼ା ଆଖ୍ୟା ଦେଇ ନାଚିବାରେ ଲାଗିଛନ୍ତି । ଅଜକାଲି ଫସ ଯୁଗରେ ଏ ଯୁବକ ଶକ୍ତି ଜାଗ୍ରତ ଦେଖି ଆମ୍ଭେମାନେ ଖୁସି । ଏବଂ ଛାତ୍ରସଙ୍ଘ, ଶ୍ରମଜୀବୀସଙ୍ଘ ପ୍ରଭୃତିଙ୍କୁ ଯେପରି ଆମ୍ଭେମାନେ ସ୍ୱାଗତ କରିଥିଲୁଁ ସେହି ମତରେ ଏହି ଯୁବକ ସଙ୍ଘ ଗୁଡ଼ିକୁ ମଧ୍ୟ ସ୍ୱାଗତ କରୁଛୁଁ ଏବଂ ଅଶା ପୋଷଣ କରୁଛୁଁ ଯେ ଏମାନଙ୍କର ପ୍ରେରଣା ବଳରେ ପ୍ରେରିତ, ପେଲିତ ହୋଇ ଠେଲିତ ହୋଇ ଏଦେଶରେ ବୃଦ୍ଧଦଳ, ବୁଢ଼ା-

Digitized by srujanika@gmail.com

ସଂଘ ପୁରୋହିତ, ଭର୍ତ୍ତାହିତ, ସ୍ୱାମୀହିତ ମାନ ଗଜାଇ ଉଠି ଦେଶରୁ ଲୋପ ପାଉନ୍ତୁ । ତେବେ ଯଦି ଏଭଳି ଏକୁଳ ଏକାଧିକ ସମ୍ବୋଧ ପରସ୍ପର ବାଦ ପ୍ରତିବାଦ କରନ୍ତି ଏବଂ ଦଳେ ସ୍ତ୍ରୀ କହନ୍ତି ଯେ ଏଡେଶର ଆମ୍ଭେମାନେହିଁ ପ୍ରକୃତ ଭାର୍ଯ୍ୟା ଅନ୍ୟ ବାଳ ନୁହନ୍ତି ଏବଂ ଦଳେ ପୁରୁଷ କହନ୍ତି ଆମ୍ଭେମାନେହିଁ ଏଦେଶ ନାରୀଙ୍କର ଅଭିନବ ସ୍ୱାମୀ ଅନ୍ୟମାନେ ନୁହନ୍ତି, ତେବେ ସରକାର କାହାକୁ ପ୍ରକୃତ ସ୍ତ୍ରୀ ବା କାହାକୁ ପ୍ରକୃତ ସ୍ୱାମୀ ବୋଲି ସ୍ଥିର କରିବେ ? ବର୍ତ୍ତମାନ ଓଡ଼ିଶାରେ ଏହି ଅବଦମାନ ଯୁବକ ଦଳଙ୍କ ଭିତରୁ କଏ ପ୍ରକୃତ ଯୁବକ କଏ ବା ବୃଦ୍ଧ ତା ଏଦେଶର ଯୁବତୀମାନେ ସାର୍ଟିଫିକେଟ ନଦେବାଯାଏଁ ସରକାର ସିଦ୍ଧାନ୍ତରେ ପହଞ୍ଚିବେ କିପରି ? + +

ମଜା କଥାଟା ଏଇଯେ ବୁଢ଼ାଦଳ ସ.କ ସ୍ୱରୂପ ବୋଷଙ୍କୁ ପତିରୂପେ ବରଣ କରି ଉଠାଇଲେ । ଏବେ ସୁଭାଷ ଶ୍ରୀମତୀଙ୍କୁ ପର କରି ଚନ୍ଦ୍ରାବତୀ କୁଞ୍ଜକୁ ବଳେ କରିବେ ବୋଲି ସଙ୍କେତ ଦେଉଛନ୍ତି । ଶ୍ରୀମତୀଙ୍କ ପ୍ରଧାନ ସଖୀ ଲଳିତା ତେଣୁ ସ୍ୱରରେ ଜୟ ପ୍ରକାଶ ନାରାୟଣଙ୍କୁ ଫୁଲମାଳ ଦେଲେଣି । ବୁଝିବି ଦୁହେଁ ତ ଫରଓ୍ୱାଡ଼—ବ୍ୟାକଓ୍ୱାଡ଼ରେ କଏ ଅଛନ୍ତି ଦେଖାଯାଉ । + +

ଲାଇସେନ୍ସ, ଲାଇସେନ୍ସ, License !— ଯୁଗଟା ଲାଇସେନ୍ସର ଯୁଗ । କଂଗ୍ରେସ ଭିତରେ ଏଇଟା ସବୁଠୁଁ ବେଶି ପଶିଛି ବୋଲି ଗାନ୍ଧିଜୀଙ୍କୁ ଜଣା ନାହିଁ । ସେଥିପାଇଁ ସେ ଭବେ କଂଗ୍ରେସ ସଭ୍ୟ ଏଥର ଗୁଡ଼ାଏ କଟକଣା କରି ଦେଲେଣି । କିନ୍ତୁ ଆମ କଂଗ୍ରେସ ସରକାର ଏହି ଲାଇସେନ୍ସ ଦ୍ୱାରା ଲାଇସେନ୍ସ ବନ୍ଦ କରିବାରେ ଲାଗିଛନ୍ତି— ଯଥା କଣ୍ଟକ ଦ୍ୱାରା କଣ୍ଟକ ଉଦ୍ଧାର । ମଦଭାଟିକୁ ଲାଇସେନ୍ସ କରିବାକୁ ପଡ଼େ, ବେଶ୍ୟାଙ୍କୁ କରିବାକୁ ପଡ଼େ, ଓକିଲଙ୍କୁ ପଡ଼େ—ଆଉପୁଣି ପଡ଼େ ଅଫିମ ଖୋରଙ୍କୁ । ଏବେ ଯାହା ନୂଆ ମହାଜନୀ ଆକ୍ଟ ପାସ ହୋଇ ଲାଟ ମଞ୍ଜୁର ପାଇଗଲା, ସେଥିରେ ପୁଣି ମହାଜନଙ୍କୁ ବି ଲାଇସେନ୍ସ କରିବାକୁ ହେବ । ଅଫିମା, ମଦଭାଟି, ବେଶ୍ୟାଙ୍କ ପାଙ୍ଗରେ ମହାଜନଙ୍କୁ ବି ଏକା ସ୍ଥାନରେ ଯୋଗ୍ୟ ଦଣ୍ଡ ଗଲା । ଯାହା ହେଉ ଆମେ ବଡ଼ ଖୁସି । କଥା ହେଉଛି ଆମ ପାଃ ମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଦୁହେଁ କେବେ କରୁଛନ୍ତି ?

× + +

ଜନ ମାନଙ୍କ ମଧ୍ୟରେ ମହତ୍ତ୍ୱ ବୋଲି ଧନୀ ଲୋକଙ୍କୁ ମହାଜନ କୁହା ହେଉଥିଲା । ଏବେ ସେମାନଙ୍କୁ ଗୋଟାଏ ଦାଗୀ ଭାବରେ ଗଣା ଯିବାର ବିଧାନ ହୋଇ ଗଲା । ଲାଭ ଭିତରେ ତାଙ୍କ ଭଳିଆ ଯେ ମାଗିଥିବେ, ସେମାନେ ତଳଘାଟିରେ ଗୋଡ଼ ଧୋଇବାକୁ ଯିବେ କଅଁ ? ଏଥିରେ ଗ୍ରାମ୍ୟ ଋଣ ( rural credit ) ନଷ୍ଟ ହୋଇଯିବ ଓ କୃଷିକୁଳ ହାତ ଗୋଡ଼ କୁଣ୍ଢାଇ ବସିଯିବେ । ସେତେବେଳକୁ ଉପାୟ—ବେଲ ବାସନ, ଗଛ ପତ୍ର, ଜମି ବାଡ଼ି ବିକି । ଗ୍ରାମ୍ୟ ବନ୍ଧକୀ ବେଙ୍କ ( Village Mortgage Bank ) ତ ଆକାଶ କୁସୁମ । ଏକା, ଗରିବ କୃଷିକୁଳ ମରନ୍ତୁ ପଛକେ, ଋଣୀ ହୋଇ ମରି ଅଧା ନରକରୁ ଯାହା ହେଉ ଉଦ୍ଧାର ପାଇଗଲେ ।...

ସରକାର ! ଏଥିକୁ ଦୃଷ୍ଟି ଦିଅ ! × ×

ଜଣେ ପତ୍ର ପ୍ରେରକ ଲେଖିଛନ୍ତି କି ବଣାଇ ରାଜ୍ୟରେ କେତେକ ବଡ଼ ବଡ଼ ବଙ୍ଗାଳୀ ଅଫିସର ରହିବା ଫଳରେ କ୍ରମେ ସରକାରୀ ଚାକିରୀରେ ବଙ୍ଗାଳୀ ଙ୍କର ଅଧିକ ଆମଦାନି ହେଉଛି ଓ ଏଥିଯୋଗୁଁ ଓଡ଼ିଆଙ୍କ ସ୍ୱାର୍ଥରେ ବାଧା ପଡ଼ୁଛି ।

ପତ୍ର ପ୍ରେରକଙ୍କର ଏପରି ସଙ୍କୀର୍ଣ୍ଣତା ଦେଖି ଆମ୍ଭେମାନେ ଦୁଃଖିତ; ବିଶେଷତଃ ସେଣୁ ଓଡ଼ିଆ । ଆଜିକାଲି ବିଶ୍ୱପ୍ରେମ ଅମଳରେ ପ୍ରାଦେଶିକତାଟା ଦୂଷଣୀୟ ହୋଇ ପଡ଼ିଛି । କିନ୍ତୁ ଆମ ଓଡ଼ିଆ ଜାତିଟା ଯେ ଚିରଦିନ ଉଦାରତା ଓ ବିଶ୍ୱଜନୀନତା ହେତୁ ପ୍ରସିଦ୍ଧ । ପରାର୍ଥେ ସ୍ୱାର୍ଥଂ ଉତ୍ସର୍ଗ କରି କରି ସର୍ବସ୍ୱାନ୍ତତାର ଗୌରବ ମଣ୍ଡିହୋଇଛନ୍ତି । ଦେଖୁନା, ଅମର ପ୍ରଭୁ ଜଗନ୍ନାଥ! ଅଣ୍ଡିରେ ଦେଖୁନା, ଆମ କଂଗ୍ରେସ ମନ୍ତ୍ରୀଙ୍କୁ ! ତେବେ ତ ତମର ଆଖି ଫିଟୁନାହିଁ ! ହାୟରେ କରମ ! ଯିବୁ କୁଆଡ଼ିକି!

+ + ×

ବଙ୍ଗଳାର କୁରିଗ୍ରାମ ନାମକ ସ୍ଥାନରେ ରୂପେନବାବୁ ନାମକ ଜଣେ ଓକିଲ ଅଛନ୍ତି । ତାଙ୍କର ବୟସ ୭୫ । ଆଗରୁ ତାଙ୍କର ରୋଜଗାର ଖୁବ ଭଲ ଥିଲା । ସେ ସମୟରେ ଯେ କିଛି ଟଙ୍କା ବ୍ୟାଙ୍କରେ ଜମା କରିଥିଲେ । ଏବେ ସେଣି କାଳଯୋଗୁଁ ମାଲି ମୋକଦ୍ଦମା ନାହିଁ । ସୁତରାଂ ତାଙ୍କ ରୋଜଗାର ଏକାଠି କମି ଯାଇଛି । ଏଣେ ବେଙ୍କରେ ଯେଉଁ ଟଙ୍କା ଥିଲା, ତାହାର ମିଳିବାକୁ ନାହିଁ । ଏସବୁ ଦେଖି ବୁଢ଼ା ଉପାୟ ସବୁ ହରାଇ ବସିଲେ ବୋଲି ୨୫ ଦିନ ଖାଇ ଉପବାସରେ ପଡ଼ିଛନ୍ତି । କାହାର କଥା ଶୁଣୁ ନାହାନ୍ତି । କହୁଛନ୍ତି ଯେ "ମୋ ଆଗରେ ପିଲାଛୁଆ ନଖାଇ ମରିବେ— ମୁଁ ଏହା ଦେଖି ପାରିବି ନାହିଁ ।"

ଏ ଦଶା ଏକା ତାଙ୍କର ନାହିଁ, ଆମ ଦେଶର ଅନେକ ଓକିଲଙ୍କର ହେଲାଣି । ଯଦି ଏମାନଙ୍କ ଭିତରୁ କେତେକ ଭଲଣିଥର କରି ରୂପେନ ବାବୁଙ୍କ ବାଟ ଧରନ୍ତେ, ତେବେ ଆପେ ତ ପାର ପାଇ ଯାଆନ୍ତେ; ଅଧିକନ୍ତୁ ସାଙ୍ଗ ସାଥି ମାନଙ୍କୁ ବଞ୍ଚାଇ ଅକ୍ଷୟ ପୁଣ୍ୟ ମେଣ୍ଟାଏ ମେଣ୍ଟାଏ ସାଙ୍ଗରେ ସଦା ଖବର (T. A.) ନେଇ ଯାଇ ପାରନ୍ତେ ।

Fastingର ଉପାୟ ଜାଣି ନଥିଲେ ଆମର ପରାମର୍ଶ ନିଅନ୍ତୁ । + ×

କାମାଖ୍ୟା ସାହେବ I, C, S, ଙ୍କର ଗୁଡ଼ ଯେ କଂଗ୍ରେସରେ ମିଶିଥିଲେ—ସେଠି ମଧ୍ୟ ସେଇ ଅବସ୍ଥା ! ସୁଭାଷଙ୍କ ଫରଓ୍ୱାଡ଼ ଦଳରେ ମିଶିବା ଅପରାଧରୁ ତାଙ୍କୁ ଜାତୀୟ ଯୁଦ୍ଧର କମିଟିର ସମ୍ପାଦକ ପଦ ଇସ୍ତଫା ଦବାକୁ ପଡ଼ିଲା । କଂଗ୍ରେସ ଯେ ଏଇଷିଣି ଡ଼ିସିପ୍ଲିନ୍ ନାଁରେ ବ୍ୟକ୍ତିଗତ ସ୍ୱାଧୀନତା କାହାର ରଖିବାକୁ ଚାହେଁନା, ଏକଥା ସଫା ଜଣା ପଡ଼ୁଛି । ମଜାଟା ଏଇଠି ଯେ, ଯେତେବେଳେ ନିପାଲିକା ପ୍ରକୃତ ପ୍ରେସିଡେଣ୍ଟ ବୋଷଙ୍କ ବିରୁଦ୍ଧରେ ଲାଗିଲେ, ଏକା ସେତେବେଳେ ଏ ଡ଼ିସିପ୍ଲିନ୍ ଅଭାବ ହେଉନଥିଲା ଦେଇ ବହିଗଲା । ଏଥିପାଇଁ କଣ ପନ୍ଥ ପଂଡିତଙ୍କ ପ୍ରଭୃତି ମାନଙ୍କ ଶାସ୍ତି ହେଲେ ଦୋଷ ନାହିଁ ?

Digitized by srujanika@gmail.com



କିନ୍ତୁ ନିଦ୍ରା ଦେବୀଙ୍କର ଦେଖାନାହିଁ । ହଠାତ୍ କୋଠାଏ ଶବ୍ଦ ଶୁଣି ତା ନିଦ ଭାଙ୍ଗିଗଲା । ସେ ଉଠି ଖଟ ଉପରେ ବସିଲା ।

କେତେକ୍ଷଣ ପରେ ପଦ୍ମା କବାଟ ଖୋଲି ଘର ଭିତରେ ପଶିଲା ।

'କାହା କୁଞ୍ଜରେ ଥିଲ କିଶୋରୀ ?' ସଞ୍ଜୀବ ରାଗ ଓ ଅଭିମାନ ମିଶା, ଯଥା—ଲଙ୍କା ଓ ଲେମ୍ବୁ ମିଶା ସ୍ୱରରେ କହିଲା ।

'ମୋତେ ସେମିତି କଥା କହିବ ନାହିଁ ।' ପଦ୍ମା କହିଲା ।

'କହିବ ନାହିଁ ? ଅଧରାତିରେ କୁଆଡ଼େ ଯାଇଥିଲ ?'

'ମହାନଦୀକୁ ଗାଧୋଇ ଯାଇଥିଲି ।'

ରାତି ଅଧରେ ?

'ହିଁ । ରାତିଅଧରେ । କାଲି ଚନ୍ଦ୍ର ଗ୍ରହଣ ଥିଲା—ଗାଧୋଇ ଗଲି କଣ ପାପ ହେଲା !'

'ଏକୁଟିଆ ଗଲ କାହିଁକି ?'

"ଏକା କାହିଁ ଯିବି ? ଘନଶ୍ୟାମ ବାବୁଙ୍କ ଭାରିଯା ମୋ ସାଙ୍ଗରେ ଯାଇଥିଲେ ଯେ ।"

'ମୋତେ ନକହି ଗଲ କାହିଁ ?'

'ତମେ କାଲି ଢେର ରାତିରେ ସିନେମାରୁ ଫେରିଲ । ମୁଁ ସେତେବେଳକୁ ଶୋଇ ପଡ଼ିଥିଲି । ରାତିରୁ ଉଠି ଗଲା ବେଳକୁ ତମେ ଘଙ୍ଘଡ଼ା ମାରୁଥାଅ । ଡାକିଥିଲେ ରାଗିଥାନ୍ତ—'

"ହୁଁ, ବାହାରୁ କବାଟ ଦେଲ କାହିଁକି ?"

'କୁକୁର ବିଲୁଆ ଘରକୁ ପଶିଯାଇ ଥାନ୍ତେ, ସେଥିପାଇଁ ଦେଇଗଲି । ତମେ ଉଠିବା ଆଗରୁ ତ ମୁଁ ଫେରିବି ବୋଲି ଭାବିଥିଲି । ତମେ ଏବେ କେଉଁଦିନ ଏତେ ସକାଳ ଉଠ କି ?'

କିନ୍ତୁ ତଥାପି ସଞ୍ଜୀବ ମନମୂଳରେ ଟିକିଏ ସନ୍ଦେହ ରହିଗଲା ।

ଦିନେ ଅଫିସରୁ ଫେରିବାକୁ ତାର ଟିକିଏ ରାତି ହୋଇଗଲା । ଅନ୍ଧାର ରାତି । ମେଘ ଘୋଟିଥାଏ । ସେ ଆସି ଘର ପାଖରେ ହୋଇଛି, ତା ଘର କଡ଼କୁ ଯେଉଁ ଘନଶ୍ୟାମ ବାବୁ ବସା କରି ରହିଛନ୍ତି, ତାଙ୍କ କଣ୍ଠ ଶୁଭିଲା—'ପଦ୍ମା—ଟୁନୁ ମୋତେ ବାପା ବୋଲି ଡାକୁ ନାହିଁ । ସେ ତେବେ କା' ପୁଅ ?'

ସଞ୍ଜୀବ ଚମକି ପଡ଼ିଲା । ଏଇ ଘନଶ୍ୟାମ ବାବୁ ତେବେ ତା ସ୍ତ୍ରୀ ପଦ୍ମାର ପ୍ରେମିକ ? ସେ ଦିନ ରାତିରେ ତେବେ ଯାର ପାଖକୁ ପଦ୍ମା ଆସିଥିଲା । ଏମିତି ହୁଏତ କେତେ ରାତି ଯାଇ ଥିବ । ସେ ଦିନ ଦିନା ହଠାତ୍ ତା' ନଜରରେ ପଡ଼ିଗଲା । ଏହି ଘନଶ୍ୟାମ ପାଖକୁ ତେବେ ସେ ଚିଠି ଲେଖିଥିଲା ! ଘନଶ୍ୟାମ ଏକା ଅନେକଦିନ ଏଠି ନଥିଲା । ଠିକ୍ ଠିକ୍ ସେ ନଥିବା ବେଳରେ କି ଏ ଚିଠି ଏକା ଲେଟ ହୋଇଥିଲା । ଟୁନୁକୁ ସେ ଏତେ ଭଲ ପାଉଛି ତେବେ ଏଇଥିପାଇଁ । ଟୁନୁ କ'ଣ ସଞ୍ଜୀବର ପୁଅ ନୁହେଁ ?

## ଡିଟେକ୍‌ଟିଭ୍

(ଗଳ୍ପ ସ୍ତର)

ଲେଖକ:—ନି: ମ:

ବହୁତ ସମୟ ଭାବିଚିନ୍ତି ଡିଟେକ୍ଟିଭ୍ ସଞ୍ଜୀବ ତାର ସ୍ତ୍ରୀ ଓ ସ୍ତ୍ରୀର ପ୍ରେମିକ ଘନଶ୍ୟାମକୁ ଉଚିତ ଶିକ୍ଷା ଦେବାର ଉପାୟ ଠିକ୍ କରି ସିଧା ସିଧା ଥାନାକୁ ଗଲା ।

ଥାନାରେ ଯାଇ ଏତଲା ଦେଲା ଯେ ତାର ପଦ୍ମା ନାମକ ସ୍ତ୍ରୀ ଓ ଟୁନୁ ନାମ୍ନୀ ପୁତ୍ର ଅପହୃତ ବା Kidnapped. ତାର ସନ୍ଦେହ, ତାର ପଡ଼ୋଶୀ ଘନଶ୍ୟାମ ଦେବ ଦ୍ୱାରା ଏପରି ହୋଇଛି । ଏବଂ ହୁଏତ ତତ୍କାଳ ଅନୁସନ୍ଧାନ କଲେ ତାଙ୍କ ସ୍ତ୍ରୀ ପୁତ୍ର ମିଳି ପାରନ୍ତି । ନଚେତ୍ ଉଭୟଙ୍କୁ ଗାୟବ କରିଦେବାର ଖୁବ୍ ସମ୍ଭାବନା ।

ସଙ୍ଗେ ସଙ୍ଗେ ପୁଲିସ ଫୌଜ ବାହାରିଲେ । ସଞ୍ଜୀବ ଡିଟେକ୍ଟିଭ୍ ବିଜୟ ଉନ୍ମାଦରେ ନାଚି ଉଠିଲା ।

ମାତ୍ର ହାୟ, ଏ କ'ଣ ! ଘରେ ଆସି ଦେଖିବା ବେଳକୁ ତାର ସ୍ତ୍ରୀ ପଦ୍ମା ଟୁନୁକୁ ଖେଳାଉଛନ୍ତି । ଇତି ମଧ୍ୟରେ ପୁଲିସ ଘନଶ୍ୟାମ ବାବୁ ଘର ସୁରୁପଟେ ଘେରାଉ କରି ସାରି-ଲେଣି । ସଞ୍ଜୀବ ଦୌଡ଼ି ଯାଇ ପୁଲିସ ସବ୍-ଇନସ୍‌ପେକ୍ଟରଙ୍କୁ କହିଲା—"ମହାଶୟ, ମୁଁ ଥାନାକୁ ଯିବାର ଜାଣି ବଦମାସ୍ ମୋ ସ୍ତ୍ରୀ ଓ ପୁଅକୁ ମୋ ଘରେ ଛାଡ଼ି ଦେଇ ଗଲାଣି ।"

ପୁଲିସ ସବ୍‌ଇନସ୍‌ପେକ୍ଟର 'ହୋ ହୋ' କରି ହସି ଉଠିଲେ ।

ସଞ୍ଜୀବ କହିଲା—'ମୁଁ କଣ ମିଛ କହୁଛି ? ଆସନ୍ତୁ ଦେଖିବେ ।'

'ଦେଖିବାର ଦରକାର ନାହିଁ । ଏଣିକି ଟିକିଏ ସାବଧାନରେ ସ୍ତ୍ରୀ ବାଳକଙ୍କୁ ରଖିବେ । ବାହାରକୁ ଗଲେ ପେଟରେ ଗୁଡ଼ ପକାଇ ଦେଇ ଯିବେ" । କହି ପୁଲିସ ସବ୍‌ଇନସ୍‌ପେକ୍ଟର ମୃଦୁ ହସ ହସି ଫଉଜ ସଙ୍ଗରେ ଘେନି ଫେରିଲେ ।

ସଞ୍ଜୀବ ଘରକୁ ଆସି ପଦ୍ମାକୁ କହିଲା—"ତେବେ ତ ମନସାଧ ମେଣ୍ଟିଲା ନାହିଁ । ଦୁନିଆ ଯାକ ସମସ୍ତେ ଜାଣିଲେ ଯେ ସଞ୍ଜୀବ ମାଇପକୁ ଘନଶ୍ୟାମ ନେଇ ପଳାଇଛି । ପୁଲିସ ପର୍ଯ୍ୟନ୍ତ ଜାଣିଲା । ମୁଁ ଆଉ କାହା ଆଗରେ ମୁହଁ ଦେଖାଇବି ? ତଥାପି ତୋର ଅଭିମାନ ମେଣ୍ଟିଲା ନାହିଁ । ତୁ ପୁଣି ସେଇ ଖଳ ଘରକୁ ଦଉଡ଼ୁଛୁ ।"

ପଦ୍ମା—ମୋତେ ସେମିତି କଥା କହିବ ନାହିଁ ।

Digitized by srujanika@gmail.com

ଯତୀନ—ମୁଁ ମିଛ କହୁଛି ! ଏ ଚିଠି କାହା ? ଏ ଚିଠି ଘନ ପାଖକୁ କିଏ ଲେଖି-ଥିଲା ?

ଏହା କହି ସଞ୍ଜୀବ ଯେଉଁ ଚିଠି ପାଇଥିଲା ତାହା ପତ୍ନୀ ପାଖକୁ ପକାଇ ଦେଲା ।

ପତ୍ନୀ ଚିଠିଟି ଦେଖି କହିଲା—ତମେ ଏ ଚିଠି ନେଇ ଲୁଚେଇଛ । ମୁଁ ଖୋଜି ଖୋଜି ଥକିଲିଣି । ତ ପାଇଁକରୁ ଅଜ୍ଞ ଖଣ୍ଡେ ଲେଖି ଦେଲି । ଘନ ବାବୁଙ୍କ ସ୍ତ୍ରୀ ପତ୍ନୀ ଲେଖି ପଢ଼ି ଜାଣେ ନାହିଁ । ଘନବାବୁ ସବୁ ନ ଥିଲା ବେଳେ ସେ ମୋତେ ଏମିତି ଖଣ୍ଡେ ଚିଠି ଲେଖିବାକୁ କହିଥିଲା ।

ସଞ୍ଜୀବ—ହିଁ, ମୋତେ ତମେ ଏତେ ବୋକା ଭାବ ମନେ କରିଛ, ନାହିଁ ? ଘନ ବାବୁ ପୁଅ ନା ବ କଣ ହେବନି ?

ପତ୍ନୀ—ହିଁ ତମେ ସ୍ତ୍ରୀ ଅଣ ... ବ ଜଣା ନାହିଁ ନା ? ଏତେଦିନ ତାଙ୍କ ଘର ପାଖରେ ଘର କରି ରହିଲ, ସ୍ତ୍ରୀ ବ ଜାଣ ନାହିଁ ? ଲୋକେ ଶୁଣିଲେ ତ ହସିବେ । ଘନବାବୁ ସ୍ତ୍ରୀ ମାଁ ଯା ମେ । ମାଁ ସେଇଦିନ—ଅଜ ଅମ ଛୁଟି ନା ତାଙ୍କ ପୁଅ ନାମ ସମାନ ।

ସଞ୍ଜୀବ ପଚାରିଲା—ଅଜ ଦଶଟ ଅଗରୁ ତମେ ଅଜ ଛୁଟି ଘରେ ଥିବ ?

ପତ୍ନୀ କହିଲା—'ଅଜ କୁଆଡ଼େ ଯାଆନ୍ତୁ ?'

ସଞ୍ଜୀବ ପତ୍ନୀ ମୁହଁକୁ କାଠ ପର ମାଠହୋଇ ଅନାଇ ରହିଲା । ତା ଅଜାଣତରେ ତା ମୁହଁରୁ ବାହାରିଗଲା—'କି ଭୁଲଟା କଲିରେ—!'




# ଅସଲ ପଞ୍ଚଗୁଣା ତେଲ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଣ୍ଟିଧରା, କାନ ଟଣା, ମୁଣ୍ଡବଥା, ଭୁଣ୍ଡିଆ, କାଛୁ, ମଉଳା, ପୋଡା ଘା, ଛିଡ଼ ଦରଜ, ଅଣ୍ଡାଦଡଜ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ । ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ଅସଲ ପଞ୍ଚଗୁଣା ତେଲ ଅଫିସ୍ କଟକ ।

# ମମିରା ସୁରୁମା

ଏହାକୁ ପ୍ରତିଦିନ ଆଖିରେ ଲଗାଇଲେ ଆଖିରେ ପାଣି ବୋହୁଥିବା ଆଖି ଧରୁଥିବା, ଅନ୍ଧାର ଦିଶା ପ୍ରଭୃତି ରୋଗକୁ ଭଲ କରି ଆଖିକୁ ନିର୍ମଳ କରି ଦିଏ । ମୂଲ୍ୟ—ପ୍ରତି ଶିଶି—ଟ୦୷ । ଛୋଟ ଶିଶି—ଟ୦।୵

ପ୍ରଚାଣ ଥାଉକି ଆଖିରେ ମୋତିଆବିନ୍ଦୁ ଆଖିରେ ପରଦା ପଡ଼ିଥିଲେ ତାହା ପରିଷ୍କାର କରିବା ପାଇଁ ବିଶିଷ୍ଟ ସୁରମାର ଦାମ ୧ଶିଶି—ଟ୧ ।

ଠିକଣା——ଅସଲ ପଞ୍ଚଗୁଣା ତେଲ ଅଫିସ, କଟକ ।

# ଆମେ ଚାହୁଁ--

ସ୍ୱାଧୀନ ମାତୃଭୂମି, ବୀର ପ୍ରସବିନୀ ମାତୃଜାତି; ବଳିଷ୍ଠ ସର୍ବାଙ୍ଗ ଗଠନ ଏବଂ ପରିଶ୍ରମର ଅନ୍ନ ।

ସବୁ ସମସ୍ୟା ଦୂର କରିବ—ଜଣେ ସାଧୁଙ୍କ ପ୍ରଦତ୍ତ ମହୌଷଧ

## କାୟକଳ୍ପ ରସାୟନ ।

ଏହା ବ୍ୟବହାର କଲେ ସ୍ତ୍ରୀମାନଙ୍କର ପ୍ରଦର ରୋଗ ଅତିଶୀଘ୍ର ପ୍ରଶମିତ ହେବ । ବନ୍ଧ୍ୟା ସ୍ତ୍ରୀମାନେ ଅତ୍ୟାଶ୍ଚର୍ଯ୍ୟରୂପେ ପୁଷ୍ପବତୀ ହୁଅନ୍ତି ଏବଂ ସନ୍ତାନ ସନ୍ତତିର ଶୁଭାଗମନ ହୁଏ । ବହୁ ସନ୍ତାନ ପ୍ରସବିନୀ ଓ ଦୁର୍ବଳା ସ୍ତ୍ରୀମାନଙ୍କ ସ୍ୱାସ୍ଥ୍ୟୋନ୍ନତି ପକ୍ଷେ ଏହା ଚମତ୍କାର ଭାବେ କାର୍ଯ୍ୟ କରେ ଓ ନବଯୌବନ ମଧ୍ୟ ଫେରାଇ ଆଣେ । ସିଦ୍ଧ ଋଷିବାକ୍ୟ କଦାପି ମିଥ୍ୟା ହେବାର ନୁହେଁ । ପରୀକ୍ଷା କରି ଏହାର ଫଳାଫଳ ଉପଭୋଗ କରନ୍ତୁ ।

କାୟକଳ୍ପ—୧୫ ଦିନ ପାଇଁ ଶିଶି—ଟ ୬ ( ମାସୁଲ ଟ୦ ୷ ।

୩୦ ଦିନ ପାଇଁ ଶିଶି—ଟ ୨ ( ,, ଟ୧ ।

ଦୁଇ ଶିଶିରୁ ଅଧିକ ନେଲେ ମାସୁଲ ପଡ଼ିବ ନାହିଁ । ଶୀଘ୍ର ଏହାର ଏଜେଣ୍ଟ ହୋଇ ଦେଶର ମଙ୍ଗଳ କରନ୍ତୁ ଓ ଜାତିର ମଙ୍ଗଳ କରନ୍ତୁ ।

ପ୍ରଚୁର କମିଶନ ମିଳେ ।

ପ୍ରାପ୍ତିସ୍ଥାନ:—

କାୟକଳ୍ପ ଔଷଧାଳୟ

କବିରାଜ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ । ବା ମୁଃ ନାୟାସଡ଼କ । ପୋ: ଅ: ଗୁଡ଼ମାରୌଲ, କଟକ ।

# ତିନୋଟି ପରୀକ୍ଷିତ ମୋଦକ ।

ଏକ—ଅଫିମ ଛାଡ଼ିବାକୁ "ଶଶାଙ୍କ କିରଣମୋଦକ" ବ୍ୟବହାର କରନ୍ତୁ । ମୂଲ୍ୟ—ଗୋ ୧୬ଟାକୁ ଏକଟଙ୍କା ମାତ୍ର

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ ମୂଲ୍ୟ—୮ ଟାକୁ ଏକଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ "ଦୈବବର୍ଦ୍ଧକ"ବ୍ୟବହାର କରନ୍ତୁ । ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ ଆୟୁର୍ବେଦିକ ଫାର୍ମାସୀ ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com



'ମା, ତୁ କାହିଁକି ପିଠା ପିନ୍ଧିବା ଅଇଲୁ — କହୁ, କୁଆଡେ ଗଲୁ ?

"କେମିତି ଏଲୋ ମା—ତାଙ୍କ କଥା ମୋର·····"

ଏତକ କହି ଦରଥମା ବୁଢ଼ୀ ବଂଶୀ ଝଟ୍କିକ ଥୋଇଦେଲା ଦରଥ ପାଖରେ ।

ଦରଥ ସେତେବେଳେ ନହାଜନ ଘର କଳନା ବାଡରେ କଳତା କାଟୁଥିଲା । ଅଜର ପାଞ୍ଚ ସାତ ଜଣ ମୁନିଅ ବି ଲାଗିଥିଲେ । ସମସ୍ତେ ଯେଝା ପାଇଁ ଯାଉ କଳନା କାଟୁ ଥାଆନ୍ତି । ଝଞ୍ଜ ଝଞ୍ଜ ଭରି ଗହଳରେ କେହି କାହାରିକୁ ଦେଖାଯାଉ ନାହାନ୍ତି ।

ହିଁ—ହସି ମାରି ଦରଥ ଦାଆ ଓ କଟୁରି ଥୋଇ ଦେଇ ପିଠା ଖାଇ ବସିଲା ।

'ଏହୁ କଣ କହୁଛୁ କି, ମା'

'ଭାଗ୍ୟ କଣରେ ପୁତ, ଅଧିକାରୀମାନେ ଧୋକାବାଜ କଣ ପଣିଷ୍ଟ ଦାଖିଲ କରିବାକୁ ମନ ଅଛନ୍ତି । ଖାଲି ଟେଣ୍ଡର ବାଛେଇବା, ମୁଣ୍ଡ କୁଣ୍ଡାଇବା, ହେଁ, ହେଁ, ଫେଁ- ଫେଁ ; ଏ କାଣ ଲୋ ମା ! ଅମେ କଣ ଦେହୁ ଭୂଆସୁଣୀ ହୋଇ ନଥିଲୁ — ଅମର କଣ ବଅସ ଥାଇ ନଥିଲା — ଅମେ କଣ କେଉଁ ପଣ ଜାଣି ନ ଥିଲୁ — ତା ବୋଲି······'

'କଣ କହୁ କହୁଁ ଭଲ କଥା', ଦରଥ ଖାଉଁ ଖାଉଁ କହିଲା ।

"ମୁଁ ଯେତେ କହିଲି, ପୁଅ ଖେଳିବାକୁ, ପିଠା ନେଇଯା ବୋଲି— ସେ ଖାଲି ହିଁ କଲେ, ହିଁ ଶନି ଚରି ମଙ୍ଗଳ ଭଲ ଯାଇଁ, ମୁଁ କଣ କହିବ ଅପେ ପିନ୍ଧି ଆସିଲି । ମା ଦେଖିବ, ଯେ ଯେଉଁ କଥା ବୁଝିବ !"

'କଣ କହୁଥିଲା ସିଏ ?'

'କହିବ ଅଉ କଣ — ସେଇ ମହାଜନ ପୁଅ ବାହାରି ଅଇଲେ ଯେ······ବୁଢ଼ୀ ରହିଗଲା ।'

"ଓଃ, ବଳଦ ବାଲୁ ?-ମୋତେ ଡାକିବାକୁ ଆସିଥିବେ ।"

'ହୁଁ' ··· ।ଗମ୍ଭୀରଭାବ ହୁଁ ହସିଏ ମାରି ବୁଢ଼ୀ ମୁହଁଟା ବୁଲେଇ ଦେଲା । ଦରଥ ତା ଦେଖିଲା । କହିଲା, 'ଥଉ କଣ ?'

'ଦନ୍ ଦନ୍ କଣ ତତେଇ ଡାକିବାକୁ ଅଦିର—ଅଉ କଣ କାମ ନାହିଁ ସବୁ ତାର ! ବାଳଙ୍କୁ କ ବଳନା ପଡ଼ିଲଯାଉଛି—ଅଉ ପୁଣି କଣ ?'

'ହେଲେ···ଧାମଟା ଯେ ଡାକିବ, ଦେଖିବେ ନାହିଁ ।'

## ଅଧିକାର ।

ଲେଖକ— ଲ: ପ:

'କଣ, ତୁ ନଥିଲୁ ବେଳରେ ଅମର ଘରକୁ ଅହିବାର ତାର ଖାଲି ସବୁଜ ପଡୁଥାଏ, ନାହିଁ ! ······ଅଉ ସେ ଅଟିଲା ଝଣି, କି ଦେଖିବ ମୁକଳ ଚଉ ଚଉ, ଫଉ ଫଉ ! ସିନେତ ହୋଟନଖି ମିଳେଇଲା । ଆପଣା ଘରବାକୁ ଦେଲେ ମୁଁ'ର କାଣିରୁ ଏ ମୁଆଗ······,"

'ତୁ କଣ କହୁଚୁ, ମା, ମୁଁ ବୁଝିପାରୁ ନ— ହେଁ। ହେଁ। କହୁନି ।'

'କହିଲେତ କୁଳ କୁଟୁମ୍ବକୁ ଲାଜ—ନ କହିଲେ କୁଳ ଖସି ଯାଉଛି—ତୁ ଦିନା କାନ-କେ ଦୂରା ଦେଇବସିଛୁ—ସଉଜ ପାଚ ଯେ ଦୁମୁରୁ ଫାପର ଲାଗିଛି,—ହଡ଼ ମାର୍ଜିଏ ଶସ୍ତ ସହିବ କେତେବେ ?'

'କଉଁ କଥାରେ ଫୁଲିବ ଫାଉଳୁ ମ ?'

'ଅଉ କଉଁ କଥା, ଏଇ କଥା । ତେଣୁ ଅସିଲ ତ, ଡାକିଟା ମାରିଦେବ ଦରଥ, ଦରଥ, ବୋଲି । ସେଇଟା ଠାବ । ତେଣୁ ବଡ଼ ଅସିବ ଯାଇଁ । ଏ ଖୁସି, ଦିଏ । ମତେ ଏ ଗୁଡ଼ାକ ଭଲ ଲାଗେ ନାହିଁ ପୁଅ । ଅମେ ଯେତେହେଲେ ନେଣ ଲୋକ—ଖେ ହେଲା ଜାତଥ, ବଡ଼ ଘର ପୁଅ । ଏତେ ତେଲ୍କ ନାହିଁ ଭଣ ତା ସଙ୍ଗରେ !'

'ହୁଁ' ଦରଥ ପାଟିରେ ପିଠା ଝଟ୍କିକ ଅଟକି ଯାଇଥିଲା ।

ତା ତୁଣ୍ଡରୁ ଟୋପେ ଶୁଖି ଅଇଲା । ସେ ଅଉ ଗ୍ରେବେଇ ପାରୁ ନ ଥିଲା ଯେପରି ।

ବୁଢ଼ୀ ପୁଣି କହିଲା, 'ହେଲେଇବା, ତୁ ମୁନସି ହେଲୁ, ଗୋସ୍ତ ହେଲୁ, ସବୁଜ ଅଯଶସ୍ତ ହେଲୁ, ଅଉ କଣ ହେବୁ ନ-ଥିଲେ !'

ଦରଥ ବଳ ବାଳ କରି ରହିଁ ଥାଏ ।

'ଖାଇଦେଲେ ଖାଇଦେ, କେତେ ତା ପିଠା ।'

'ଛଉଡି', କହି ଦରଥ ପାଲୁଳବାକୁ ଟେକ୍ସା କଲା ।

ବୁଢ଼ୀ ବସି ବସି କହିଲା, 'ଏତେ, ତେ. ଛାଡ଼ । ଭଲରେ ମନରେ ମତେ କେତେ ମାରୁ ନ-ଥିଲା । ଦିନେ କଉଁ ଗୋଟାଏ କଟାରେ ଗ୍ରମିତ ନଡ଼ ମାଇଲା ଯେ, ମୋ ଅଣ୍ଟରେ ଅଜଗେ ଦରଜ ହେଉଛି ।'

'ଓଃ ତୁ, କହୁଚୁ, ମୁଁ ତାକୁ ମାରୁ ଅଣ୍ଟା ଦରଜ କରେଇ ଦେଁ ?' ଦରଥ ଏତିକ କହି ଶୁଣିଲା ଦରଟାଏ ହସିଲା ।

'ନାହିଁ, ତା କହୁନାହିଁ ଯେ—ତେବେ ଥରେ ଅଯେ ତେଜ ନରକଟ, ଖାପନା ନ ଥିଲେ, ମାଇପି ଜାତ, ମାନବେ ନା ? ତୁଚ ହେଲୁ ନହାତ ମୁଧାର । କଥାରେ କହନ୍ତି 'ମୁଧାର ଗାଁର ବାଳୁଅ ନରେ । ଶରଧା କର, ତେଣୁ କର, ମୁଥର କଉ, ଜଏ ମନା କରୁଛି । ତାହା ବୋଲି ମୁଣ୍ଡଉପରେ······ ।'

'ହଉ, ବଳଦ କଣ ଏଇଟିଣି ଅମରଠେଇ···'

'ମୁଁ ଅଧିଆ ହେଲେ ତ ଥିଲା । ସେଥିରୁ ଯାଇ ତାକଟ ମାରିଲା କିଣି, ସେ ସେଅଟୁ ଅଇଲା



Digitized by srujanika@gmail.com

ଘୋଡ଼ାଗାଡ଼ିର ଧାଡ଼ି । ଭଏ କହିଲା 'ହରିଅ କାହିଁ ?' ସିଏ ହସି ହସି କହିଲା 'କାମକୁ ଗଲେଣି' । ତାପରେ ଭଏ କହିଲା 'ଓଃ କି ଖରାପ ହେଉଛି, ଝିଅଏ ବସିଯାଏ ।' ଭଅ କହି ବସିଲା । ସିଏ ତାକୁ ଠେଲିସ ପାଉଦେଇ ତାଅର ପାଖରେ ବସି – ଲାଗିଗଲା ଖୁସି ଗପ । ମୁଁ ଅଲେ ଗୁଲି ବାଘ । ମତେ ଏଗୁଡ଼ାକ ······ତୁ ଖାଇଲୁ ନାହିଁ ଯେ!'

'ନା, ଅଜି ଖାଇବ ନାହିଁ, ଦେଇଯା ।' ଏହା କହି ହରିଅ ତାଳରୁ ଡ଼ଳ ଚଳ କରି ଚାଲେ ବାଣି ଠେକେଇଦେଲା । ବୁଢ଼ୀ କୋଠା ଓ ବାଂଧା ନେଇଗୁଲିଗଲା । ହରିଅ ପୁଣି ତା କାମରେ ଗଲା ଲାଗି ।

ଘର୍, ଘର୍, ଘର୍ । ଦାନ୍ତ ତାର ଗୁଳିବାକୁ ଲାଗିଲା ଚେଲ ଗଡ଼ି ପଡ଼ । ସେ ଯେତେବେ ମହୁ- ଆଳ ହେଇ କଳତା ଗଛ ଗୁଡ଼ାକ କାଟି ଗୁଲିଲା ସୀମ ପରିଶ୍ରମରେ । ତାର ଦାନ୍ତ ଓଷାରରେ ଗୋଟାଏ ନାଲୀ ସେ କାଠର ଭିତରେ ଲମ୍ବି ଯିବାକୁ ଲାଗିଲା । ପ୍ରତି ମିନିଟରେ ତାହା ଅଗକୁ ଅଗକୁ ବଢ଼ି ଯାଉଥାଏ । ଅଉ ତା ଆଗେ ଆଗେ ହରିଅ ଅଟେଇ ଗୁଲିଥାଏ କାଟି କାଟି ଘର ଘର୍ ।

ଅଉ ଜଣେ ମୂଲିଅ କହିଲା 'ବାଃ, ହରିଅତ ଭଲ କାମ କରୁଛି । ଅଜରେ ଏକା ସବୁ ସାରି ଦବୁ ନା କଣ ?'

ହରିଅ ଶୁଣି ନ ଶୁଣିଲା ପରି କାମରେ ଲାଗି ଗୁଲିଲା । ଅଉ ଜଣେ କହିଲା, "ଗୁହଁ- ଲୁଣି, ବଛନ୍ଦ ବାବୁ ଅସୁଛ ।"

'ସିଏ ପୁଣି କିଏ ମ ତା ଆଗରେ !—···'

'···ଓଃ, ହରିଅର ବଡ଼ ଗଉରୀ ।'

ହରିଅ ଟେଶିକି ଗୁହିଁ ଦେଲା । ଅଟେ ? ଗୁଲିଛି ଗଉରୀ ଅଉ ତା ପଛରେ ବଛନ୍ଦ ।

ସେ ପୁଣି ତା କାମରେ ଲାଗିଲା ।

ଗଉରୀ ତା ପାଖରେ ଅଧେ ଛିଡ଼ା ହେଲା । ସେ ତାକୁ ଗୁହିଁଲା ନାହିଁ । ଦଣ୍ଡେ ଛିଡ଼ା ହୋଇ ଗଉରୀ କହିଲା "ଅଜି ପିଠା ଖାଇଲ ନାହିଁ ?"

'ଭୋକ ନ ଥିଲା ।'

'କେତେ ଖରାପ ଅଛ ?'

··'ନା—ତୁ ଲୁଅଟେ ଅଇଲୁ ?'

'ମୁଁ ଅଇଲି ତାପରେ ନବା ପାଇଁ ।'

'ମା ନେଇ ଗଲାଣି ।'

'ଜାଣେ ।'

'ତୁ କାହିଁକି ନ ଅଇଲୁ ?'

'ଓଃ, ସେଇଥି ପାଇଁ ପିଠା ଖାଇ ନାହିଁ ପରି ?'

କହି ଗଉରୀ ହଠାଏ ମଧୁର ହସ ହସିଦେଲା । ହରିଅ ସେଇପରି ମୁହଁଟାକୁ ହାଣ୍ଡି କରି ରହି- ଥାଏ ।

ଗୌରୀ କହିଲା, "ଜାଣକି, ମୁଁ ଅସୁଥିଲି ଯେ, ଦେଣୁ ବଛ ବାବୁ ଅସି ପହଞ୍ଚି ଗଲେ । କସି ପଚା·· ଡିଁ ତାକୁ ଝିଅଏ ଦୋକତା ପଡ଼ର ଦେଲି, ନଅଁ ଦେଲି—ସେ ପିକା ଖାଇବାକୁ ମାଟିଲେ ପରି । ପୁଣି ପିକା ତାକୁ ଭଲ ମୋଡ଼ ଅସେ ନା । କହିଲେ ଯେ, ମୁଁ ମେଡ଼ଦେଲି । ଏ ଭିତରେ ମା ତାଙ୍କର ଚୋଠା ଘେନି ଗୁଲି ଅସିଲେ ।"

'ହଉ, ଭଲ କଲୁ ।' କଳତା କାଠୁ କାଠୁ ହରିଅ କହିଲା ।

ଏହି ସମୟରେ ବଛନ୍ଦ ଅସି ସେଇଠି ପହଞ୍ଚି ଗଲା । 'କଟେ ହରିଅ, ବାଃ, ତୋ ପାହାଡ଼ ଅଗେ ଗୁଲିଛି ! ମୁଁ ଜାଣେ ପରି, ତୋ ପରି କାମିକା ଏ ଗୁଡ଼ାକ କେହି ନୁହନ୍ତି । ସେଇଥି- ପାଇଁ ୧ଥର ତୋତେ ଅମ ଲଗ ମୁଣ୍ଡିଆ କରିବା କଥା ଠିକ୍ କରିଛି ନା ।'

'କଥା କିଛି ନାହିଁ ବାବୁ, କଥା କହିଲେ କାମ ଢିଲା ହୁଏ ।'

'ହିଁ, ହିଁ, ତାହା ଏକା ଠିକ୍—ଏଇ କାମ ପାଇଁ, ଏଇ ଇଞ୍ଜିନିୟରଙ୍କ କାମ ପ୍ରଶଂସା ତତେ ମୁଁ ଜାଣେ ନାହିଁ ।···ଆଉ···ହିଁ, ସେ ବାର ମାସିଆ ହବା କଥା ତୋର କଣ ହେଲା ଯେ ?'

'ତମରି ଦାନାକୁଢ଼ ଆଶା ବାବୁ, ସବୁ ହବେ ।'

ହିଁ, ମୁଁ ଜାଣେ ପରି ତୋ କଥା, ଦେଖୁଥି···'

"ହଉ ତମେ ଯା ମୋ କାମ ଢେଳା ହେଉ ଯାଉଛି", ହରିଅ କହିଲା । ହସିଦେଇ ବଛନ୍ଦ କହିଲା, "ସତ, ସତ, ···ମୁଁ ଯାଏଁ—ମୁଁ ସେ ଗଛ ମୂଳରେ ବସୁଛି । ତୋ କଥା ଠିକ ନିଅଥ୍ବା—ଅଉ ଏ ମୂଲିଅଙ୍କ ଉପରେ ଅଖି ନ ରଖିଲେ କଣ କାମ କରିବେ !"

ଏହା କହି ସେ ପାଗ୍ରଦ ପାହୁଲା ଗୁଲିଗଲା । ତାପରେ ହଠାତ୍ ବୁଲିପଡ଼ି କହିଲା, 'ଏ ଗଉରୀ, ଅଉ ଗୋଟାଏ ପିକା ମୋଡ଼ି ଦେଲୁ । ବୁଝିଲୁନା ହରିଅ, ତୋ ଗଉରୀର ଭାରି ମଜାରେ ପିକା ମୋଡ଼ ଅସେ ଏକା ।"

ବଛନ୍ଦ ଗୁଲିଗଲା । ଗଉରୀ ସେଇଠି ଛିଡ଼ା ହୋଇ ରହିଲା । ହରିଅ କହିଲା, "ବାବୁ ଡ଼ାକିଗଲା, ଯାଉନୁ ?"

ପିକା ମୋଡ଼ିବାକୁ କଣ ଅଉ କେହି ନାହାନ୍ତି ଯେ···।"

"ସେଥିରେ କଣ ହେଲା, ମୁନିବ ଯେ, ଖୁସିହେବ..."

ହରିଅ ଅଉ କହି ପାରିଲା ନାହିଁ; କୁଅଡ଼କୁ ନ ଗୁହିଁ ତା କାମରେ ଲାଗିଲା ।

କିଛିକ୍ଷଣ ପରେ ପଛକୁ ଗୁହିଁଦେଲା ବେଳକୁ ଗଉରୀ ଗୁଲିଗଲାଣି । କଳତା ଝାଡ଼ର ଉହା- ଡରେ ସେ ଅଉ ଦିଶିଲା ନାହିଁ । ପୁଣି ସେ କାଟି ଲାଗିଲା । କିନ୍ତୁ କାଟିବାରେ ସତେକି ତାର ହାତ ଚଳିଲା ନାହିଁ । ସେ ଠିଆହୋଇ ପଡ଼ିଲା । ଦେଖିଲା ଷେତ କାଅରର ମୁଣ୍ଡରେ ଗୋଟାଏ ଅମ୍ବଗଛ ତଳେ ବଛନ୍ଦ ବସିଛି, ଗଛକୁ ଅଉଜି—ଅଉ ଗଉରୀ କାଅରର ବାହାରେ ବାହାରେ ବୁଲିଯାଇ ପ୍ରାୟ ତା ପାଖ ହୋଇ ଗଲାଣି । ହରିଅର ବୁଝିବାକୁ ବାକି ରହିଲା ନାହିଁ ଯେ ଗଉରୀ ବଛନ୍ଦ ପାଖକୁ ଯାଉଛି । ସେ ତତ୍‌କ୍ଷଣାତ୍ କପିପଡ଼ି ପୁଣି କାଟି ଗୁଲିଲା ବେଗମ୍ ।

ଏହି ସମୟରେ ତାର ଜଣେ ସାଙ୍ଗ ମୂଲିଅର ଭୃଣ୍ଡ ଶୁଭିଲା । ସେ ହୁଏତ ହରିଅଦାଳ ଦୂରରେ କାଟୁଥିଲା, କିନ୍ତୁ ତାକୁ ଦିଶୁନଥିଲା । ସେ ଧୀରେ ଧୀରେ କହୁଛି "ଶଳା ବଛନ୍ଦା ଭାରି ପାଜି; ଛଅ ଶ ପର ଚେଠି ଗଛମୂଳରେ ଜଗି ବସିଛି, କାଲେ କିଏ କଛି ଗଫଲତି କରିବ ।"

ଏତିକି ବେଳେ ବଛନ୍ଦ ସେଠୁ ଥାଇ

[୭ମ ପୃଷ୍ଠା ଶେଷ ଦେଖନ୍ତୁ]

Digitized by srujanika@gmail.com



ବାପା—'ମନ୍ଦ ଲୋକ ବି ବେଳେ ବେଳେ ବଡ଼ କାମରେ ଆସେ' ଏହାର ଗୋଟାଏ ଉଦାହରଣ ଦେଲୁ ଲଳିତା।

ସାନ ଝିଅ—ବଡ଼ କଳହୁଡ଼ି ବୋଲି ତାଙ୍କୁ ତମେ ଦେଖିବେଳେ 'ମନ୍ଦ' ବୋଲି ତ କହ। ଆଜି ସକାଳେ ଯେତେବେଳେ ଧୋବା ଆସି ଖାଲି ତାର ପଇସା ମାଗିଲା, ବଡ଼ ଚେଉଣ ବେଳେ ତମ ସଙ୍ଗରେ କଳି କଲୁ, ସେ ଯେ କିଛି ନ କହି ଫେରିଗଲା।

ବାପା—ସାବାସ୍ ଝିଅ। + +

ସାନପୁଅ—ବାପା, 'ଦକ୍ଷତା' କାହାକୁ କହନ୍ତି?

ବାପା—ମୁଁ ଯେତେବେଳେ ନେହୁର ବେଳେ ଯାଏଁ ଶୋଇ ପଡ଼ିଥାଏଁ, ତୋ ବୋଉର ପାଷ୍ଟ ଯେ ତରବରରେ ଉଠି କାମରେ ଲାଗିଯାଏ ସେଇଟା ଦକ୍ଷତା।

ପୁଅ—କାହାର?

ବାପା—ତୋ ବୋଉର। × ×

ମାଷ୍ଟର—ଚତୁର ଲୋକ ବଡ଼ କି ପରିଶ୍ରମୀ ଲୋକ ବଡ଼?

ଶ୍ୟାମ—ପରିଶ୍ରମୀ।

ରାମ—ଚତୁର।

ମାଷ୍ଟର—ଅଚ୍ଛା, ଶ୍ୟାମ, ତୋ କଥାର ସମର୍ଥନ କରି ଗୋଟିଏ ଉଦାହରଣ ଦେଲୁ।

ଶ୍ୟାମ—ବୀରେନ୍ଦ୍ର ଓ ଧୀରେନ୍ଦ୍ର ଦୁଇ ଭାଇ ଥିଲେ। ବୀରେନ୍ଦ୍ର ଖୁବ୍ ଚତୁର ଆଉ ଧୀରେନ୍ଦ୍ର ପରିଶ୍ରମୀ। ବୀରେନ୍ଦ୍ର ଜୀବନଟା ଯାକ ଫୂର୍ତ୍ତି କରି, ଭୁଲିଲା ଓ ଯାହା ରୋଜଗାର କଲା ସବୁ ଉଡ଼େଇ ଦେଲା। ଆଉ ଧୀରେନ୍ଦ୍ର ପରିଶ୍ରମ କରି ବହୁତ ଧନ ଅର୍ଜିଲା ଓ ମଲା ବେଳକୁ କୋଡ଼ିଏ ହଜାର ଟଙ୍କା ତା ସ୍ତ୍ରୀପାଇଁ ବ୍ୟାଙ୍କରେ ରଖିଗଲା।

ମାଷ୍ଟର—ଅଚ୍ଛା, ତୁ କହିଲୁ ରାମ ତୋ କଥା।

ରାମ—ଆଜ୍ଞା, କହୁଛି।…ଧୀରେନ୍ଦ୍ରର ମୃତ୍ୟୁରେ ବୀରେନ୍ଦ୍ରର ବଡ଼ ଦୁଃଖ ହେଲା; ତହୁଁ ସେ ଭାଇର ସ୍ତ୍ରୀକୁ ବିଧବା ବିବାହ କଲା। ×

କାହାଣୀ, ପୂର୍ବ ପୃଷ୍ଠା ଉପରୁ।

ଡାକ ମାରିଲା "ହଁ, ଜଲଦ, ଜଲଦ—ଫୂର୍ତ୍ତି କର।"

ଅଉ ଜଣେ କହିଲା, "ଦେଖୁଛନା—ତେଜୁଆ ଦେହପରି।"

ଦ୍ୱିତୀୟ କହିଲା, "ମିଷ୍ଟାନ୍ନଟା ଖୁସି ଅଛି ଭଜା।"

ପ୍ରଥମ କହିଲା, "କାହିଁକି ମ?"

ଦ୍ୱିତୀୟ—ବୁଝି ପାରୁନୁ—ଭଉଣୀ ଦେବୀ ପାଖକୁ ଗଲାଣି ପରା!

ପ୍ରଥମ—ଭଏ, ଦରଥ ମାଇପ ନା?

ଦ୍ୱିତୀୟ—ଅରେ ହଁ।

ପ୍ର—ଏଃ ଦରଥ ଶୁଣିବନ୍ତ।

ଦ୍ୱି—ହଃ, ହାତ ମଣ୍ଡ କୁଲ୍ଲ ଚାଟୁଡ଼ ପଡ଼ିଛି।

ଏତକ କଥା ଦରଥ କାନରେ ଟୁକ ଟୁକ ହୋଇ ବାଜିଲା। ଦେହ ଯାକ ଲହୁ ଛମ ଛମ କରି ଉଠିଲା। ମୁଣ୍ଡଟା ତାର ସତେକି ବନ୍ ବନ୍ କରି ଘୂରିବାକୁ ଲାଗିଲା। ସେ ତବକ ତେଜରେ ନଳିତା କାଣ୍ଡ ଖୁନ୍ଦା କର୍ କର୍। ସେ ଯେପରି ବେଗରେ କାଟିବାକୁ ଲାଗିଲା, ସେପରି କାଟି ଚାଲିଲେ ଘଣ୍ଟାକ କାମ ଦଶ ମିନିଟରେ ହୋଇଯିବ।

ସ୍ୱଳ୍ପ ସ୍ୱଳ୍ପ କରି ଦରଥ ପାହୁଟା ଦୂ ଦୂ କରି ବଢ଼ି ଚାଲିଲା! ସବୁଦିନର ଜ୍ଞାନ ଶୂନ୍ୟ ହୋଇ କାଟୁଛି, ଯେପରି ତାକୁ ଭୂତ ଲାଗିଛି।

ଅଉ ମୁଲିଆ ମାନେ ବହୁତ ପଛରେ ପଡ଼ିଗଲେ। ସେ କେତେ ଆଗେଇ ଗଲାଣି ତାକୁ ମାଲୁମ ନାହିଁ। ହଠାତ୍ ତାକୁ କାହାର କଥା ଶୁଭିଲା। ସେ ହଠାଏ ହାତ ବନ୍ଦ କରି କାନ ପାରିଲା।

ଭଉଣୀର ସ୍ୱର। ଭଉଣୀ ରୂପ ରୂପ ହୋଇ କହୁଛି—ଏଁ—ଏଏ ଦେଖି ପକାଇବ ଯେ।

ରଜନ କହୁଛି—ହୁଁ—ଦେଖି ପକେଇବ ଟାଳ। ନଳିତା ଆଡ଼ରେ କାହାକୁ କିଏ ଦେଖୁଛି। ଅଜ୍ ଲୋକେ କାମରେ ତ ଯେତେ ଲାଗିଛନ୍ତି। କାହାର କାମ ନାହିଁ ଯେ ...... ମୁଁ ଏଠି ଅଛି ଯେ.........

ଏତକ କହି ପୁଣି ଗୋଟାଏ ଡାକ ଛାଡ଼ିଲା, "ଫୂର୍ତ୍ତି କର ଫୂର୍ତ୍ତି; ବସିଲ କଏ।"

ପୁଣି ଭଉଣୀ କହିଲା, "ଛି ଜେଜ ଭଲ ନାହିଁ ନା! ଏଇଠି ସବୁ ....."

"ଆ—ମ, ଢଙ୍ଗକୁ ଗୁହାଳ।"

ଦରଥ ଆଉ ସମ୍ଭାଳି ପାରିଲା ନାହିଁ। ତା ମୁଣ୍ଡ ଉପରେ ଯାଇ କରି ରକ୍ତ ଝଲକା ଉଠିଲା। ଆଖି ଆଗରେ ସବୁ ଅନ୍ଧାର ହୋଇଗଲା। ଦାନ୍ତରେ ଦାନ୍ତ ତାର ଲାଗି କଡ଼ କଡ଼ ହୋଇ ବାଜି ଉଠିଲା। ସେ କଣ୍ଠର ବେଣ୍ଟଟା ଜଡ଼ିଧରି ମୁଠା ଭିତରେ ଚିପି ଧରିଲା।

ଏଡ଼ା କୁଦାରେ ଯାଇ ପଡ଼ିଲା ଅଙ୍କ ଗଛ ମୂଳରେ। ସେତେବେଳେ ରଜନ ଭଉଣୀ ବେକରେ ହାତ ପକାଇ ଅଡ଼ୁଆଇ ଅଣ୍ଟା। ଏ ହେବ ମୁଣ୍ଡ ଥାପି ଲଗାଇ ହେଉ ଯିବା ଉପରେ।

ଦରଥ କାଟୁରୀଟା ଥରେ ଡାହାଣରୁ ବାଆଁକୁ ପୁଣି ଥରେ ବାଆଁରୁ ଡାହାଣକୁ ଧାଁ କରି ଚଳାଇଲା।

ଦୁଇଟା ମଣିଷ ମୁଣ୍ଡ ଅଣ୍ଟା ପାଖରୁ ତଳେ ଖସି ଲୋଟି ପଡ଼ିଲା।



Digitized by srujanika@gmail.com

# ଡଗର ଷୋଡ଼ଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ ୨୫ଙ୍କା ପୁରସ୍କାର ! | 'ଡଗର' ପାଠକମାନେ ପାଇ ପାରିବେ । | ଟ ୨୫ଙ୍କା ପୁରସ୍କାର ।

ଦୁଇଅଣାର ପଇସିକିଆ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପଇସିକିଆ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free)



ନାମ ____________ ଠିକଣା ____________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । ଡଗର-ଶବ୍ଦଧନ୍ଦା, ପାଠକମାନଙ୍କୁ ଏହାର କରିବା କେଉଁଠି ଅସ୍ୱାଭାବିକ ନୁହେଁ ।

୩ । ଅନେକ ଚତୁର ଲୋକ ଏହା ଦେଖାଇ କାମ ହାସଲ କରି ନେଇଥାନ୍ତି ।

୫ । ନାଗର ଚରିତ୍ର —ମଧୁ ଅଟେ ।

୮ । ଏହା ନ ଥିଲେ କାବ୍ୟ କାବ୍ୟ ନୁହେଁ ।

୧୦ । ଆଜିକାଲି ଗାଁ ଗାଁରେ ଏହା ବଢ଼ୁଛି ।

୧୧ । ଅନେକ ବୁଝିବା ଶୁଝିବା ଲୋକ ବଡ଼ ଲୋକଙ୍କ ସାଙ୍ଗରେ ଏହା ପକାଇବାକୁ ଚେଷ୍ଟା କରନ୍ତି ।

୧୨ । ଯେତେ ଗୁରପଟେ ଏହା ନ ଦେଲେ ଏ ଦେଶରେ ଭଲ ଗୃହ ହେବ ନାହିଁ ।

୧୩ । ଏଥିରେ ପଡ଼ିଗଲେ ଉଠିବା ସହଜ ନୁହେଁ ।

୧୫ ! ଏହା ଗୃହ ହଲେ ଦେଶର ଦାରିଦ୍ର୍ୟ ଦୂର ହେବ ବୋଲି ଗାନ୍ଧିଜୀ କହନ୍ତି ।

୧୭ । ଏହାକୁ ଦେଖିଲେ ମନୁଷ୍ୟ ମନରେ ବେଳେ ବେଳେ ମୃତ୍ୟୁର ଆତଙ୍କ ଜାତ ହୋଇଥାଏ ।

୧୮ । କେତେକ କ୍ଷୁଦ୍ର କୀଟ ଏହା ବାନ୍ଧି ରହନ୍ତି ।

୨୦ । ଲେଉଟାଇ ପଢ଼ିଲେ ଏହା କରି ରାବଣ ନାଶ ଗଲା ।

## ଉପର ତଳ ଭାବରେ ।

୨ । ଏହା ପ୍ରତି ଅଧିକ ଆକର୍ଷଣ ନାରୀ ଚରିତ୍ରରେ ବିରଳ ନୁହେଁ ।

୩ । ବୃନ୍ଦାବନ ଅଭିନେତ୍ରୀର ଏହା ଅନେକଙ୍କ ପକ୍ଷରେ ରଙ୍ଗମଞ୍ଚର ସର୍ବ ପ୍ରଧାନ ଆକର୍ଷଣ ।

୪ । କେତେକ ଭାବ ପ୍ରବଣ ଲୋକ — କଥାରେ ବିଚଳିତ ହୁଅନ୍ତି ।

୬ । ନଈନାଗରା ବଡ଼ ବାଟରେ —ନାହିଁ ତୁ କରନା !

୭ । ବଧୂର ଚନ୍ଦ୍ରମା ଏହାଦ୍ୱାରା ଅନେକ ନାୟିକା ଅଧୀର ହୋଇଥାନ୍ତି ।

୯ । ପୂର୍ବରୁ ପୃଥିବୀର ଅଦ୍ଭୁତ ପଦାର୍ଥ (wonders) ମାନଙ୍କର ସଂଖ୍ୟା କେତେ ଥିଲା ?

୧୦ । ଘରୁର ଘରୁର ଲୋକେ ଏଥିରେ ପୁରି ବାରାଣସି ଚାଲି ଯାଉଛନ୍ତି ।

୧୩ । ଏହା ଚାଲିଥିବାବେଳେ ଏହା ପାଖକୁ ଯିବା ସବୁବେଳେ ନିରାପଦ ନୁହେଁ ।

୧୪ । ସବୁଦିନେ ଏହା ଏକ ଅବସ୍ଥାରେ ରହି ନ ଥାଏ ।

୧୬ । ଏହା ନଥାଇ କେହି କେହି ବିଦେଶକୁ ରୋଜଗାର କରି ଯାଇ ସାଧାରଣତଃ ହଇରାଣ ହୋଇଥାନ୍ତି ।

୧୭ । ରସିକ ଲୋକ ନହେଲେ ଏହାର ମଠା ବୁଝି ପାରିବ ନାହିଁ ।

୧୮ । ଯ ହାର ରଡ଼ ଏବେ ଗୃହଆଡେ ପଡୁଛି

**ନିୟମ**—ପ୍ରବେଶିକା ଫିସ୍ ପ୍ରଥମ ଖଣ୍ଡକୁ ୫୦/ ଓ ପ୍ରତ୍ୟେକ ପ୍ରତିଖଣ୍ଡକୁ ୫୦/ ଲେଖାଏ (ଶେଷ ତା ୧୦-୮-୩୯)

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଭାବରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟାରୀଙ୍କ ଠାରେ ରକ୍ଷିତଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳି ଯିବ ସେ ପ୍ରଥମ ପୁରସ୍କାର ୫୧୬ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଲୋକଙ୍କ **ସାମନ୍ତ ପୁରସ୍କାର** ୫୬ ପାଇବ

<u>ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩ ବିଶିଷ୍ଟ ପୁରସ୍କାର ପାଇବେ ।</u>

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକୀ ୫୯ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ପରପୃଷ୍ଠାରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ଚିହ୍ନିତ ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହା ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଦିଆ ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୦।୮ ଓ ୨ୟ ଟି ପାଇଁ ୦।୨ର ପଇସିଦିଆ ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯେକୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ଘର କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା, ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ— ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏଁ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ଅଗଷ୍ଟ ୧୦ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ପଛ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୫ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଙ୍ଗଣୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଘର ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାକୁ ଧନ୍ଦା ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗ୍ରହଣ ହେବ ନାହିଁ ।

---

# ଧନ୍ଦା ଭେଦୀଙ୍କ ପାଇଁ ଅପୂର୍ବ ସୁଯୋଗ ।

କେତେ ଡ଼ଗର ପାଠକ ଧନ୍ଦା ଭେଦର ବାଟ ପାଉ ନାହାନ୍ତି । କେହି ପାଇ ମଧ୍ୟ ଭେଦ ପାରୁନାହାଁନ୍ତି । ଏ ସବୁ ଲଜ୍ଜ କଥା ଆମ କାନକୁ ଆସିଛି । ସେଥିପାଇଁ ଆମ୍ଭେମାନେ ଏଥର ଭେଦ ବାଟ ପଢାଇ ଦେଉଁଛୁ । ଯେଉଁଠି ଗୋଟାଏରୁ ବେଶୀ ବାଟ ଥିବ ସେଠି ଭେଦୀମାନେ ଦିଆ ପାଉଥିବା ଇସାରା ବା ଅର୍ଥରୁ ଖୋଜି କାଢ଼ି ନିଜେ ନିଜେ ବାଟ ଠିକ୍ କରି ନେବେ । ଆମେ ଯେତିକି ବାଟ ଦେଖାଇ ଦେଉଛୁ ତା ଛଡ଼ା ଆଉ ବାଟ ନାହିଁ ବୋଲି କେହି ଯେପରି ମନେ ନ କରନ୍ତି ।—— ଧନ୍ଦା ସମ୍ପାଦକ

## କି କି ଶବ୍ଦ ହୋଇ ପାରେ

### ସିଧା ଭାବରେ

୧ । ତାଙ୍କ, ତାପ ।

୩ । ହାତ, ଲତ, ଅତ ।

୫ । ରହସ୍ୟ ।

୮ । ରସ ।

୧୦ । ସଭା ।

୧୧ । ପ୍ରଦ, ପଟ, ପଣ ।

୧୨ । ବାଢ଼, ହାଡ଼ ।

୧୩ । ଗାତ, ବାତ ।

୧୫ । ରୂପା ।

୧୬ । କବର ।

୧୯ । ଭେଳା, ମେଳା, ଠେଲା, ମଳା ।

### ଉପର ତଳ ଭାବରେ ।

୨ । ତାର, ପର ।

୩ । ହାସ୍ୟ, ଲାସ୍ୟ, ଅସ୍ୟ ।

୪ । ପର, ବାର, ଛର, ଘର ।

୬ । ହଟ ।

୭ । ଅଶ୍ୱ, ବିଶ୍ୱ, ପଶ୍ୱ, ଶୋଷ ।

୯ । ସପତ ।

୧୦ । ଭେଡ଼ା ।

୧୩ । ଗଉ, ବାଢ଼ ।

୧୪ । ଶବ, ଭବ, ଶିବ, ନବ, ଧବ, ରବ ପ୍ରଭୃତି ।

୧୬ । ପାସ୍ (Pass—ଛାଡ଼ ଓ ଛଗ୍ଗୀ), ପାନ୍ (Plan) ପାଣ୍ଡି, ପାଣ୍ଡୁ (money)

୧୭ । ଶଳା, କଳା ।

୧୮ । ବଣ ।

Digitized by srujanika@gmail.com




ବୋହାନ୍ସ ବର୍ଗରେ ଗୋଟିଏ ବାଳକର ଥରେ ପିଆନୋ ବଜାଇ ବସିବା ବେଳେ ହଠାତ୍ ତାର ଡାହାଣ ଆଖିରେ ବଣ୍ଟା ଭୁଟିଲା ପରି ଲାଗିଲା ଓ ଆଖିର ଭଲ ଦିଶିଲା ନାହିଁ । ପରେ ପରୀକ୍ଷା କରି ଦେଖାଗଲା ଯେ ସେ ଆଖିଟାରେ ତାକୁ ସବୁ ଓଲଟା ଦେଖା ଯାଉଛି । ଗଛ ଗୁଡ଼ାକର ମୂଳ୍ଣ୍ଡ ତଳକୁ ଓ ଗଣ୍ଡି ଉପରକୁ ଦେଖା ଯାଉଛି । ଡାହାଣ ଆଖି ବନ୍ଦ କରି-ଦେଲେ ସେ ବାଁ ଆଖିରେ ଭଲ ଦେଖି ପାରୁଛି ।

— ✿ —

ଏଲେବର ନମ୍ବର ପଣ୍ଡୀ ଗ୍ରାମରେ ହେଲ୍ମା ନାମକ ଗୋଟିଏ ହରିଜନ ମହିଳା ଏକ ସମ-ସମୟରେ ଷୋଳଟି ସନ୍ତାନ ଜନ୍ମ କରିଛି । ସନ୍ତାନ ଗୁଡ଼ିକ ସୁସ୍ଥ ଅଛନ୍ତି ।

— ✿ —

ଅଜକାଲି ଟେଲିଭିଜନ ଭିତରେ ରେଡ଼ିଓ ସେଟ ବସାଇବାର ନୂଆ ବ୍ୟବସ୍ଥା ହେଲାଣି । ରୋଗୀ ଶୋଇଥିବା ସମୟରେ ଏ ରେଡ଼ିଓ ଦ୍ୱାରା ସେ ସମସ୍ତ ପୃଥିବୀର ସମ୍ବାଦ ଓ ସଙ୍ଗୀତ ଶୁଣି ଆନନ୍ଦ ଲାଭ କରି ପାରିବ । ତଦ୍ୱାରା ଶୀଘ୍ର ରୋଗ ଆରାମ ହୁଏ ବୋଲି ଡାକ୍ତରମାନେ କହୁ ଅଛନ୍ତି ।

— ✿ —

ପୋଲେଣ୍ଡର ରାଜଧାନୀ ବାରସାରେ ଗୋଟିଏ ରମଣୀର ପେଟ ଅପରେଶନ କରିବା ବେଳେ ପେଟରୁ ଏଗାର ଆଉନ୍ସ ଓଜନର ହେୟାର ପିନ ବାହାରିଛି । ସେ ସ୍ତ୍ରୀ ଲୋକଟି କହେ ଯେ ୧୮ ବର୍ଷ ଆଗେ ସେ ହେୟାର ପିନ ଖିଅ ଅଭ୍ୟସ୍ତ ହୋଇଥିଲା । ମଝିରେ ୨ ଥର ଅପରେସନ ହୋଇଛି । ଏହା ମଧ୍ୟରେ ଗୋଟିଏ ସନ୍ତାନ ମଧ୍ୟ ହୋଇଛି ।

—✝—

ଗାଇବା, ବଜାଇବା, ନାଚିବା, ଲେଖିବା, ଚିତ୍ର କରିବା ପରି ଆଜି କାଲି ପାଶ୍ଚାତ୍ୟ ଦେଶରେ ପ୍ରେମ କରିବାକୁ ଗୋଟାଏ କଳା ବୋଲି ଧରିଲେଣି । ଏ କଳାକୁ ଫୁଟାଇବା ପାଇଁ ଚୁମ୍ବନକୁ ପ୍ରଧାନ ଉପକରଣ ଧରି ନେଇ ଛନ୍ତି । ବର୍ତ୍ତମାନ ବହୁ ପ୍ରକାର ଚୁମ୍ବନ ଭିତରୁ ଦୁଇ ପ୍ରକାର ଚୁମ୍ବନକୁ ଶ୍ରେଷ୍ଠ ଧରି ନିଆ ଯାଇଛି—ଗୋଟିଏ ହଲିଉଡ଼ (ଅଭିନେତା ଓ ନେତ୍ରୀଙ୍କ ବାସ ଉଦ୍ୟାନ)ର ଷ୍ଟାଇଲ ଓ ଅନ୍ୟଟି ଥିଏଟର ଷ୍ଟାଇଲ । ଯେଉଁ ପ୍ରେମିକ ଯେତେ ନିବିଡ଼ ଚୁମ୍ବନ ଦେଇପାରେ ତାର ପ୍ରେମ କଳାର ଉତ୍କର୍ଷ ସେତେ ବେଶୀ ଜଣାଯାଏ । ଏଥିପାଇଁ ପ୍ୟାରିସ (ଫ୍ରାନ୍ସ)ର କୌଣସି ନୃତ୍ୟ ଶାଳାରେ ଚୁମ୍ବନ ପ୍ରତିଯୋଗିତା ମଧ୍ୟ ହୋଇଥିଲା ।

— ✿ —

ଘଡ଼ ଉପରେ ଶୀତ ଓ ଗ୍ରୀଷ୍ମର ପ୍ରଭାବ ପଡ଼ିବା କଥା ସମସ୍ତେ ଜାଣନ୍ତି କିନ୍ତୁ ଘଡ଼ ଧରିଥିବା ମନୁଷ୍ୟର ସ୍ୱାସ୍ଥ୍ୟ ମଧ୍ୟ ଘଡ଼ ଉପରେ ପ୍ରଭାବ ପକାଏ ଏକଥା ଏବେ ଜଣେ ଡାକ୍ତର ନିଜର ଅନୁଭୂତିରୁ କହିଛନ୍ତି । ଲଣ୍ଡନରେ ଜଣେ ଘଡ଼ି ମିସ୍ତ୍ରୀଙ୍କ ନିକଟ ଖରାପ ଘଡ଼ି ତଯ୍ୟାର କଲା-ବେଳେ ଘଡ଼ି ମାଲିକମାନଙ୍କୁ ପଚାରି ବୁଝିଲେ ଯେ ସେମାନଙ୍କୁ ଇନ୍‌ଫ୍ଲୁଏନ୍‌ଜା ହେବା ପରେ ପରେ ଘଡ଼ି ଖରାପ ହୋଇଛି । ଅର୍ଥାତ ସେ କହୁଚ ଘଡ଼ିକୁ ଇନ୍‌ଫ୍ଲୁଏନଜା ହେବାର ବୁଝିଲେ । ନାଡ଼ିର ଗତି ଘଡ଼ି ଉପରେ ମଧ୍ୟ ପ୍ରଭାବ ବିସ୍ତାର କରେ ।

—✝—

ନରୱାର୍ଡର ହେମିଲ୍‌ଟନ୍ କଲେଜର ଜଣେ ପ୍ରଫେସର ନୃତ୍ୟମାନଙ୍କର ବାଳ ବଢ଼ା-ଇବା ସମ୍ବନ୍ଧରେ କେତେକ ସଫଳ ପ୍ରୟୋଗର ଆଧାର ଉପରେ ସେ କହନ୍ତି ଯେ ବାଳବଢ଼ାଇବାକୁ ହେଲେ— ଚିନ୍ତା କରିବା ଅନୁଚିତ, ଅଧିକ ଖାଇବା ଉଚିତ, ଅଧିକ ଆରାମ କରିବା ଉଚିତ, କାମରେ ଶକ୍ତି କମ ଖର୍ଚ୍ଚ କରିବା ଉଚିତ ।

—✝—

ପୁରୁଷ ସ୍ତ୍ରୀ ଠାରୁ କ'ଣ ଆଶାକରେ ଏ କଥା ବୁଝିବା ପାଇଁ ଜଣେ ଫରାସୀ ମହିଳା କେତେକ ପ୍ରଶ୍ନାବଳି କରି ଯେଉଁ ଉତ୍ତର ପାଇଥିଲେ ସେହି ଆଧାର ଉପରେ ସେ ଲେଖିଛନ୍ତି ଯେ ପୁରୁଷ ସ୍ତ୍ରୀ ଠାରୁ ସ୍ତ୍ରୀର ଷୋଳ ବର୍ଷ ବୟସରୁ ଶତକଡ଼ା ୮୦ ସୌନ୍ଦର୍ଯ୍ୟ ଓ ୨୦ ମାନସିକ ଚପଳତା; ୩୦ ବର୍ଷ ଅବସ୍ଥାରେ ଶତକଡ଼ା ୫୦ ସୌନ୍ଦର୍ଯ୍ୟ, ୧୫ ମାନସିକ ଚପଳତା ଓ ୧୫ ବୁଦ୍ଧିମତ୍ତା ୧୦ ଉଦାରତା ଓ ୧୦ ଲଜ୍ଜା; ୪୦ ବର୍ଷରେ ଶତକଡ଼ା ୪୦ ଉଦାରତା, ୫୦ ବୁଦ୍ଧିମତା, ୧୦ ସୌନ୍ଦର୍ଯ୍ୟ ଓ ୧୦ ଲଜ୍ଜା ଆଶାକରେ ।

— ✿ —

କେକ୍ ଦ୍ୱୀପରେ ବିନା ଜମିରେ ଫସଲ ଉତ୍ପାଦନ ପ୍ରୟୋଗ ସଫଳ ହୋଇଛି । ଲୁହା ପାତ୍ରରେ ପାଣି ଓ କେତେକ ରସାୟନିକ ବସ୍ତୁ ଦେଇ ୧୦ ଦିନ ମଧ୍ୟରେ ଗାଜରବୁଜ ପ୍ରସ୍ତୁତ ହେଉଛି । ମାଟିରେ ହୋଇଥିବା ତରକାରୀ ସ୍ୱାଦୁ ଓ ତାର ସ୍ୱାଦୁ ଭିତରେ କିଛି ପାର୍ଥକ୍ୟ ଦେଖା ଯାଉ ନାହିଁ । ବର୍ତ୍ତମାନ ସେଠାରେ ଯୋଗଶାଳରେ ଏହିପରି ତରକାରୀ ଲଗା ଯାଉଛି । ଏହା ସଫଳ ହେଲେ ଏଣିକି ପେଟ୍ରିଶରେ ଶାକ ସବୁଜ ହେବ ।



ପଣ୍ଡିତ, ନୀଳକଣ୍ଠ ଦାଶ

ଭୂ: ପ୍ର: କ: କଂ ର ଗୀ ଷ୍ଟି ସଭାପତି

ପ୍ରିୟ ଦ ତ୍ତ ଓ୍ୱାଲ୍, ମହାଶୟ

ଗାନ୍ଧି ସେବାସଂଘର ମନ୍ତ୍ରୀ ଓ୍ୱାଲ୍, ପୁରୀ ଧର୍ମ-ଶାଳାର ଦୁଧ୍ ଓ୍ୱାଲା, ଧନାଢ୍ୟ ଅଗ୍ରଓ୍ୱାଲ୍ ମନ୍ତ୍ରୀ ବୀରଓ୍ୱାଲ ପ୍ରଭୃତିଙ୍କର ଯାମ ଦାନ ଦଣ୍ଡ ନୀତ ଏକାଧାରରେ ଆପଣଙ୍କ'ଠାରେ ଦେଖି ଆପଣଙ୍କୁ ଅତ ଏହ ଦାତିଓ୍ୱାଲ୍ ସମ୍ବୋଧନ କଲି। ଆଶାକରେଁ ଆପଣ ଏ ନାମକୁ ସାର୍ଥକ କରିବେ।

— ତେନାଗୁଡ଼ ଅତି ପ୍ରଥମ ଆପଣଙ୍କଠାକୁ ପତ୍ର ଲେଖୁଛି—ଏ କନ୍‌ଗ୍ରାଚୁଲେସନ ସ୍ୱନ କାମ୍ନା କନ୍‌ଡ୍ରୋଲେନ୍ସ ନୁହେଁ—ଖାଣ୍ଟି, ନିରଟ ନବେଳା ସହାନୁଭୂତି।

ସମ୍ଭବତଃ ନିର୍ବାଚନ ବେଳା ଘନାଇ ଆସୁଛି। ଅଉ ମାତ୍ର କେଇଟା ମାସ। ମୁଁ ଶିକ୍ଷଏ ଜାଲ ଭୁଣ୍ଡି ଅ ନେକ; ଏଥର ସେ ଅଜନ ଅପଣଙ୍କ ପିଛାରେ ଲାଗି ନପ ରେ ଏହିସ୍ୱ ସବୁବେଳେ କାହିଁକି ମୋର ହେଉଛି।—ତେଣୁ ଏ ଦୁଃଖ —ଏ ସହାନୁଭୂତି।

ଅପଣ ଶୁଣିଏ ବାଇକୋଳ ମହାପାତ୍ରଙ୍କୁ ଚୋଷ୍ଟି ଦେଲାନି। କାହା ଦଶାଟା ବଡ଼। ପ୍ରଧାନ ମନ୍ତ୍ରୀ ହେଇ କ ଅପଣଙ୍କଭ।

ଏତକ ଖାଣ୍ଟି କଲି ବମ୍ବେର ନିଖିଳ ଭାରତ କଂଗ୍ରେସ କମିଟି। କୋରାପୁଟ ଓ କନ୍ଧମାଳର ଯେଉଁମାନେ ଆପଣଙ୍କୁ ସ୍ୱର୍ଗକୁ ଉଠାଇ ଥିଲେ ଅସନ୍ତା ଡେଲିଗେଟ ନିର୍ବାଚନ ପରେ ସେମାନଙ୍କୁ ଅଉ ଭଣ ସେଠରେ ପାଇବେ ନାହିଁ— ହାୟ ସିଧ୍ର କେତେ ବାମ ହେଲା।

ଶ୍ରୀଯୁକ୍ତ ପୁଣ୍ୟପ୍ର ବୋଷ କଃକ ଅଧୁଚନ୍ଦ୍ର ଶୁଣି-ଥିବେ। ତାଙ୍କ ଦଶା ଅପଣଙ୍କ ଦଶା ପ୍ରାୟ ସମାନ ହୋଇଯିବ। ଥଉ ସମା ସ୍ତ୍ରୀମା ଶ.ମାଙ୍କୁ କଲିକତା ସହରର ଡେଲିଗେଟ କରି ତାଙ୍କ ଉପରେ ସବାସ୍ୱ ଚଢ଼ବା କଥା ପଡ଼ିବ ନାହିଁ ଏକା ତାକର।

ଏଥିରେ ଜନୁ ବିଶ୍ୱନାଥ ଦାସଙ୍କର ଜଣ୍ଡ ଦେ ଓନାହିଁ। ଆଉ ତାଙ୍କ ଉପରେ ରଗି ଲାଭ କଣ। ଦାସ-ଦାସ ଏଥର ଜଦଳୀ ଯାଉ ପର ହୋଇ ଯାଅ। ଦେଶର ମଙ୍ଗଳ ହେବ— ନିଜର ମଙ୍ଗଳ ହେବ —

ଆପଣଙ୍କର

ମର୍ଚ୍ଚେରୁ ବାହାର ବନ୍ଧ୍ୟା ତେନ'ଡ଼ୁର

---

ପଣ୍ଡିତ ଗୋଦାବରୀଶ ମିଶ୍ର

ସଭ୍ୟବରେଷୁ

ମହାଶୟ,

ପାଙ୍ଗଣଙ୍କଠୁଁ ବରପାଇ କୌଣସି ଗୃଷୀର କୌଣସି ସ୍ଥାନରୁ ତାର ବିନା ଚରଣ ସରେ ବିନା ମନଯୋଗରେ 'ଜଏରେ—ଜଏରେ' ଧୂନି ବାହାରିବା ଫଳରେ ତା କ୍ଷେତକୁ ଗୋରୁ ଗାଈ ଛେଳ ମେଣ୍ଢା କମ୍ପା ବ୍ରେଞ୍ଚ ଠାକୁରଅ ପଶି ପାରୁ ନଥିଲେ। କିନ୍ତୁ ନିକେ ବଦେ ସ୍ତ୍ରୈର କରିବାକୁ ଗଲାବେଳେ ସେ ଶବ୍ଦଟା ଅଭୂଷ କରିବାରୁ ସେ ସେହି ସ୍ଥାନରେ ଗେଟିଏ ପାଳ ଖଣ୍ଡା ମାରି ଦେଇଲେ। ତେଣୁ 'ଜଏରେ ଜଏରେ' ଧୂନିଟି ଶିକ୍ଷଏ ବନ୍ଦଥିଲା। ମାତ୍ର ସୃହାଳ ଘରର ଗୋରୁ ଯେମିତ ଖଣ୍ଡାଟା ଟାଣି ନେଇଛି, ସେମିତ ପୁଣି 'ଜଏ-ରେ କଏରେ' ବୋଲ ହେଲା। ଘରର ଲୋକେ ଅବି ସ୍ତ୍ରୈରକୁ ଧରି ପକାଇଲେ!

କଟକ ସହରରେ ଆପଣ ସେହିପରି ବୋଧହୁଏ ଜଏରେ ଜଏରେ କହିବାକୁ ମନ୍ତ୍ରୀବର ପାର୍ଟିରେ (Party ରେ ?) ଖଣ୍ଡା ମାରି ଦେବାର ବ୍ୟବସ୍ଥା କରିଥିଲେ। ଏବେ ଶୁଣାଯାଏ ଆପଣ ଇସ୍ତଫା ଦେଇ ଖଣ୍ଡା ଖୋଲି ଦେବେ ଏବଂ ପୁନ ନିର୍ବାଚିତ ହୋଇ 'ଜଏରେ ଜଏରେ' କରିବେ।

ମାତ୍ର ସ୍ତ୍ରୈର ସୃହାଳ ବଡ଼ ସାବଧାନ। ସେ ଆପଣଙ୍କ 'ଜଏରେ' ର ଜୋର ଜମନ ବୁଝି-ନେଲେଣି। ତାଙ୍କୁ ସେତେ ମାଠିକୁ ମାଠ— ସେ ସେଇ ଦରଟୋଡ଼ା ଜାଠ୍। ତେବେ ଏତକ, ବସିବା ଠାରୁ ଜାଣିବା ଭଲ।

ଅପଣଙ୍କର—ଷଣ୍ଢା ତେନାଚୂର

---

ନିମ୍ନଲିଖିତ ଚିଠିଟି ଏ ଦେଶର ଜଣେ ନାଗରିକ ମନ୍ତ୍ରୀ କାନନଗୋଇଙ୍କ ଠାକୁ ପଠାଇ ଥିଲେ। ଚିଠିଖଣ୍ଡ ମହାଶୟଙ୍କ ହସ୍ତ-ଗତ ହୋଇଥିବାରୁ ଅମେ ନିଜକୁ ଧନ୍ୟବାଦ ଦେଉଛୁଁ।

ପତ୍ର ପ୍ରେରକଙ୍କ ଠିକଣା ନଥିବାରୁ କାନ-ଗୋଇ ମହାଶୟ ଉତ୍ତର ଦେଇପାରି ନାହାନ୍ତି ବୋଲି ତାଙ୍କର ଯୋଗୁଁ, ପ୍ରକାଶ କରୁଥିଲେ ବୋଲି ଶୁଣିଲୁଁ।

ବୁଧବାର—କଙ୍ଗପୁର

ମହାମହିମବରେଷୁ ପ୍ରିୟ ମହାଶୟ!

ଓଡ଼ିଶା ବନ୍ୟା ନିବାରଣ ଜନ୍ୟ ପ୍ରାଦେଶିକ ସମିତି ଅଜକୁ ୨୧ ବର୍ଷ ହେଲା ପ୍ରତିଷ୍ଠିତ ହୋଇ ବାରଂବାର ଦରଖାସ୍ତ ଦେଉଅଛି; ପ୍ରତି ନଦୀର ବାଲିଅ ସାଇ, ପୁନାସାଇ କୁସ-ଭଦ୍ରା ବନ୍ଧକୁ ଡିଷ୍ଟ୍ରିକ୍ଟବୋର୍ଡ଼ ଟଙ୍କା କାହିଁ ଅଣିବ? ଜଳି ଘାଇ ଜଗତ୍‌ପୁର ବଣାଜନା ତଳେବଲେ ସବୁ ଫଶସ୍ୱ ଘୂଷିବ। ଏହେତୁ କୃଷିଜୀବୀ ପ୍ରଜାଗଣର ଫସଲ ସେଠାର ନିସ୍ୱ-ପଦତା ପ୍ରତିପାଦନାର୍ଥେ ଜଣ୍ଡ ଟଙ୍କା ପୁଣିବାକୁ ଗୁଡ଼ା କରି କାର୍ଯ୍ୟ ହୋଇ ପରଲେ ଅପଣଙ୍କ ବାଲିକ ମିସ୍ତ୍ରୀଙ୍କ ଯଅସିବ ଏ ବିଷୟରେ ଗଡଣ୍ଡିରଙ୍କୁ ଜଣାଇ ଉପୁଚ ବ୍ୟକ୍ତି ସ୍ୱୟଂ ଅଡାହୃତେଥି ହେବେ ବନ୍ଧନ ଅପକୃତ ହୁଅନ୍ତି। କଂଗ୍ରେସୀ ସୈନ୍ୟ ଓ ବୃଟିଶ ପଲ୍ଟନ ୧ ହଜାର ଶୀଘ୍ର ପଠାଇବେ କି? ଅନ୍ୟାନ୍ୟ ବିଷୟ ଓଡ଼ିଶା ମନ୍ତ୍ରୀ ବିଶ୍ୱନାଥ ବାବୁଙ୍କ ପାଖକୁ ଯେତେ ଦେଇଛି ତହିଁରୁ ଅବଗତ ହୋଇ ଏ ସମ୍ଭର ଷଢ୍ୟ ହେବେ ଭବିଷ୍ୟତେ ଦୁଇ କୋଟି ସୈନ୍ୟ ଅପଣମାନଙ୍କ ଅଧୀନରେ ଥାଇଁ ନିଜ ଏପ୍ରିଥର ଦଶ ଲକ୍ଷ ମାଇଲ ଦଖଲ କରିବେ। ସମାଜ ଅଫିସରୁ କାଲ୍‌ନିକର କଳ୍ପନା ନାମକ ପତ୍ରରୁ ମୋର ଠିକଣା ବୁଝି ପ୍ରଜାଗଣର ଉନ୍ନତ ବାବଦରେ ପ୍ରାନ୍ତ ସମିତିର ପ୍ରାଣଦାନ ପୂର୍ବକ ଓଡ଼ିଶା ଗୌରବ ଉଦ୍ଧାର ସ୍ୱାଧୀନ କିରଣ ଛଟା ବିକାଶ କରନ୍ତୁ।

(ଲେଖକ—ପ୍ରାନ୍ତ ସମିତି ସମ୍ପାଦକ)

Digitized by srujanika@gmail.com

# ମଜା କବିତା

ଶ୍ରୀ କୁବେର ଦଳାଇ ।

## ରେଭେନ୍‌ସା କଲେଜ୍ ହଷ୍ଟଲ୍

ଦେଖିବ କିଏ ସେ ଅସ,
କଲେଜ ହଲରେ ଗୁଞ୍ଜିତ ଅମର ସଙ୍ଗୀତ-ଧ୍ୟାନ-ଗୃପ ।
ଝରଣା କଲ୍ପ — ଜଙ୍ଗଲ, ଦନକେ ଛ'ମାଣ ପାରଭ ଚଷି,
ଆଉ ଅଗ୍ନିଖଣ୍ଡେ ମାଡ଼ନ୍ତା, ଫାଳଟା ଲଙ୍ଗଳରୁ ପଡ଼େ ଖସି ।
ନେମ୍ବର ବାହରେ ନୂପୁର-ଜୁଅଳ ପକାଇ ଥାଣ୍ଡ୍ରେ ଉଡ଼େ,
ଅନ୍ତୁଳିଆ ହେତୁ ଦାନ୍ତୁଡ଼ି ଗୁଣ୍ଡଟା ଥର ଥର ଜୋର ଛୁଟେ ।
ଅମ ବିଶ୍ୱନୀତେ ପ୍ରହ୍ଲଟା, ପୋଲଟା ପ୍ରଭୁଣା ନପ୍ରଣ ଚପା,
ଲଙ୍ଗଳ ଧରିବେ କାଙ୍କୁଣ, କଦୋଷ ଔଢ଼ଣା-ଜାଣିତ ଦଶା ।

\+ \+ \+ \+

ମୁରୁବି ମୁରୁବି ହଟି,
ଅଖି ମୁଦ କେତେ ଯୋଗ ସାଧୁଛନ୍ତି ଚୂଳେଇ ଚୂଳେଇ ବସି ।
ମୁସ୍ତର୍ ଫାଉର୍ ଉଇଲଥା ଯାହାଁ ଘର ଜମି ବିଲ୍ କଣା,
ଝଅ ରାହାଘର ପୁଅ ବ୍ରତବଥା ଗାଏ ଢ଼ାହା କଣ୍ଟ-ବାଣା ।
କ୍ରିହକ କଲେ କେ ଧୂଆଁ ଡାନ୍ତ ଭରେ ବେଳେ ୨ ୫୦ ବାକି
ଟାଲିରେ ଭାହାର ଦ ଦେହେଅ ଅବୁ ବନାଇଶୀ ଖିଲ ଯାଇ ।
ପଟକେଟରେ ନାଇଁ କଡ଼ା ଭାଇ, କହି ପଡ଼େ'ଶୀ ମୁହଁକୁ ଗୁହେଁ,
ଥିଲେ ଖଣ୍ଡେ ଚିଟେ ମିଳବା ଅଶାରେ ବାକ୍ସରେ ଟାଉ
ରହେ ।

× × × ×

ଅଜାଡ଼ିଲ ସଭାଳେ ଭୂକ ଥିଲ ଯାହା ମନକୁ ଦେଇ କଥା ଯେବେ
ଚିଅ ହୋଇପଡ଼ି ପଣା-ସ୍ୱରେ ଗାର ଚୁଞ୍ଚିଇବ ଭାହା ଡେକେ ।
ଅତଏ କବିତା ମହାପାପ ଜାଣି ବୋଧା କଏ ରହେ ବସି,
ଯେ ବୋଝ ମୂଣ୍ଡାଇ ମୂଣ୍ଡ ନୋଇଁଛୁ ଦେ ଯାଇ ସେ ଉପଦେଷ୍ଟି ।
ହାତ ଟେକା ବେଳ ଅସିଲେ ପଳାଏ ଘୂମ ଭାହାଣୀଟା ବାଇ,
'ଅମୂକ' ମେ ପଟେ ଉଠାଇବ ହାତ ଦଅ ଡେଣେ ହାତ ଟେକି ।

ବସି ବସି ଖାଲି ହାଲିଆ ଲେଇରେ ପେଟ ଜଳି ମାରଗ ଲୁଟି,
ଜଳଖିଆ ବେଳ ହାତର ହୋଇଲେ ଘୂଳକୁ ମଲଇ ଛୁଟି ।
ଶୁନ ହୋଇଉଠେ ପୁର,
ଗଳ ଚଉ କର ଚଳନ୍ତି ସବଳେ ମାନ ଜଳଖିଆ ଠାର ।
'ମହନ୍ତ-କାହାଣୀ' 'ଡ଼େ ପେଃ ଦାଉ' ଅଧ୍ୟାପ୍ପ ପେଲାଇ ଦେସ,
ଗଞ୍ଜେଇ-ଅଫିମ ମଡ଼କ-ମାରଣେ କଥା କେବେ ପୁଟି ବାସେ ।
କେବେ ବାଜେ ଗାର 'ଥାଃ ହଜ'ଙ୍କର ଦେଶ ଚିହ୍ନଣିର ଡେଉ,
ହପା ଉଠେ କେବେ ହାଣି ବାହିଟାକୁ ଗୁଳିବ-ଦରମା-ଭାଉ ।
କେବେ ୨ ଉଠେ ମହାଦେବଙ୍କର ନାଲ ଅଖି ଭରେ କ୍ରୀଡ଼ା,
ଛୁଲି ବସ୍ତାର ପାଇଁ କେବେ ଅଟେ ମୁକୁନ୍ଦ ହୁଅନ୍ତି ଛୁଡ଼ା ।
ଦେଖିବାକୁ ଡ଼େ ମଜା,
ଅଖିକୁ ପୁରୁମା ମନକୁ ମୋଦକ ଜଭକୁ ଏ ଚିଠା ଖଜା ।

\+ \+ \+ \+

ରେଭେନ୍‌ସା କଲେଜ ହଲ,
ଦାହିଥିଲୁ ଏକା ଭୋଗିବାକୁ, ତୋର ଭାଗିଅଛି ବଡ଼ ଭଲ ।
ନେତାଙ୍କ ଘୋଡାରୁ ଧୂଳି ଝଡ଼ି ଯେବେ ଗୁରୁରେ ତୋହର
ଜମେ,
ନାସିକା—ଫୁଲରୁ ବାମ ବହି ଯେବେ କୋଳରେ ଯାଉ
ନମେ ।
ଅଳସ-ବପନ ଗାଳେ ଯେବେ ତୋର ଯୋଗାଉ ପବଣ ବାଜ,
ଫୁହର ଫାସର ବାଣୀ ଯେବେ ତୋର କାନକୁ ଯୋଗାଏ
ଭୋଜି ।
ଅନ୍ତର ଭିତରେ ଥୁଏ ଯେବେ ତୋର ଅସନ୍ତୋଷ ଜ୍ଞାନ ବାନ୍ତି,
ସେଥିର ତୋହର ଭାଗ୍ୟ, କେଉଁ, ମଜା, ମଜଲିସ୍, ସୁଖ ଶାନ୍ତି ।


## ଆରୋଗ୍ୟ ମୋଦକ

ପେଟରୋଗ ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ପେଟରୁ ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କ ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଲ୍ୟରୁ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଅନ୍ତତଃ ଏହି ମୋଦକ ଦୈନିକ ୨ଟି ଗୋଟିକା ଦଳରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରି ସକାଳେ ଭଲ ଭାବରେ ଗୋଟିଏ ପୋଙ୍ଗସ୍ତ ହୋଇଯିବ ତରଳ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରରେ ପକାଇ ଦଏ । ପରେ ଔଷଧ ସେବନ ନକଲେ ବୁଦ୍ଧାନିର୍ଦ୍ଦିଷ୍ଟ ଝାଡ଼ା ହୋଇଥାଏ । • ମୂଲ୍ୟ ୧୬ମାତ୍ରାକୁ ଟ୧୯ ( ଏକଟଙ୍କା ) ୩୦ ମାତ୍ରାକୁ ଟ୧।୮ ମାତ୍ର ।

ଠିକଣା:—ଶ୍ରୀଧର ରଥବର୍ମ୍ମ, ଭିଷଗାଚାର୍ଯ୍ୟ, ଭୁବନେଶ୍ୱରପୁରୀ


Digitized by srujanika@gmail.com

# ଅର୍ଦ୍ଧଚନ୍ଦ୍ର ଦେଶିଆ ଭାଷାକୋଷ

## 'ଇ'

ସଙ୍କଳକ—ଶ୍ରୀ କରପାଳ ଗ୍ରହରାଜ ।

ଇଃ—ଦୁଃଖୀରଙ୍କ ଶୋଧନ ।
ଇଁ—ମେମ୍ବରମାନଙ୍କ ସ୍ୱେଦନ ।
ଇଂରାଜ—ଇଷ୍ଟ ଦେବତା ।
ଇଂରେଜ—ଦେବ ଭାଷା ।
ଇଞ୍ଜେକସନ—ଅମୃତବଟୀ ।
ଇଷ୍ଟ—ପଟେଲଙ୍କ ଡଣ୍ଡା ।
ଇକବାଲ—ବ୍ରିଟିଶ ସିଂହର ଯମ ।
ଇଙ୍ଗିତ—ଛାତ୍ର-ଛାତ୍ରୀଙ୍କ ଭାଷା ।
ଇଙ୍ଗୁଳି—Lipstick
ଇଟିପିଟା—ଅନ୍ଧକାରରେ ପିଚ୍ଛପିଚ୍ଛି ।
ଇଚ୍ଛା—କଲେଜ ପଢ଼ା ବାବୁଙ୍କ ମନ ।
ଇଚ୍ଛାମୃତ୍ୟୁ—ମହାତ୍ମାଜୀ ।
ଇଜ୍ଜତ—ଓଡ଼ିଆଙ୍କର ଯାହା ନଥାଏ ।
ଇଣ୍ଡିଆ—ଇଂରେଜଙ୍କ ଭାରତ ରାଜ୍ୟ ।
ଇଜାରଦାର—ଗଲାକୋଟଙ୍କ ବନ୍ଧୁତା ।
ଇତ୍ୟାଦି—ମନ୍ତ୍ରୀଙ୍କୁ ଅଭିନନ୍ଦନ ।
ଇଣ୍ଡିଆନ—ପାଠୋଇ ସ୍ତ୍ରୀ ।
ଇଡ଼ା—ଓଡ଼ିଆ ଜାତି ।
Idiot—ବାପ ଓ ମାଂଷ୍ଟ ।
ଇଣ୍ଡର—ପ୍ର: ମନ୍ତ୍ରୀଙ୍କ ଖାଦ୍ୟ ।
ଇତର—ଜମିଦାର, ମହାଜନ ।
ଇତସ୍ତତ—ଇଂରେଜଙ୍କ ସ୍ୱଭାବ ।
ଇତି—ଭାରତର ସ୍ୱାଧୀନତା ।
ଇତିହାସ—ସିନେମା କାହାଣୀ ।
ଇନାମ—ସର୍ବଶ୍ରେଷ୍ଠ ଗୁଣର ।

ଇନ୍ସାଫ—ଉକିଲରୁ ଉଚାଟନ ଦେବା ।
ଇନ୍ଦୀବର—ପ୍ରେମସୀର ଆଖି ।
ଇନ୍ଦୁ—ମୁସଲମ ଲୀଗର ପତାକା ଚନ୍ଦ୍ର ।
ଇନ୍ଦ୍ର—ବଙ୍ଗଳାର ମନ୍ତ୍ରୀ ।
ଇନ୍ଦ୍ରରୂପ—ହିନ୍ଦୁଙ୍କୁ ଦାହନ ।
ଇନ୍ଦ୍ରଜିତ୍—ଜବାହାରଲାଲ ।
ଇନ୍ଦ୍ରଧନୁ—କଲିକତାର ଗର୍ଭଣରେ ସଦନ ଅଲଣ ।
ଇନ୍ଦ୍ରପ୍ରସ୍ଥ—ନୂଆଁ ଦିଲ୍ଲୀ ।
ଇନ୍ଦ୍ରାୟୁଧ—ହିଃଲର ହୁଙ୍କାର ।
ଇନ୍ଦ୍ରିୟ—ଇଂରେଜର ଯାହା କାଲିଅ ପଡ଼ିଛି ।
ଇନ୍ଧନ—କଂଗ୍ରେସ ସରକାରଙ୍କ ନୂଆ ଅଇନ ।
ଇଲ୍ଲ—ମଠ ମହନ୍ତ ।
ଇପ୍ସିତ—ସମଜାରେ ଯାହା ନ ଥାଏ ।
ଇମ୍ପୋର୍ଟ—ସୁଭାଷଙ୍କର ବକ୍ତୃତା ।
ଇରତ—କଂଗ୍ରେସରୁ ଯାହା ଧୂଆ ହେଉଛି ।
ଇଲକା—ଦେଶୀୟ ରାଜ୍ୟ ।
ଇଲଶୀ—ବାହା ହେବାର ମଉଜ ।
ଇସାଦ୍—ଅମେରିକା ।
ଇସାର—ଗଲା ଗଡ଼ାର ।
ଇଷି—ସମାଲୋଚନାର ଫଳ ।
ଇଷ୍ଟ—ଜାପାନର କହଣି ।
ଇଷ୍ଟ୍ର—ଗାନ୍ଧୀଜର ଶ୍ରୀଚରଣ ।
ଇଷ୍ଟଦେବତା—ଟଙ୍କା ।

ଇଟ୍—ସବୁମ ଗୁ ପାନ ଖାଇର ଛଦ ।
ଇସ୍ତଫା—ସୁଭାଷବୋଷଙ୍କ ଗୌରବ ।
ଇସ୍ତମୁବର—ନନ୍ଦୀଙ୍କ ଗ୍ରନ୍ଥ ।
ଇସ୍ତାହାର—ସମାଜର ଖୋଡ଼ପତ୍ର ।
ଇସ୍ତି—ଯାହା ଡାକର ଚଳିବାକୁ ଟଙ୍କଣ କରଯାଏ ।
ଇସ୍ଫାତ—ପାକିସ୍ଥାନ ।
ଇହକାଳ—ରାଜନୈତିକର କେବଳ ଯାହା ଥାଏ ।
ଇହଲୋକ—ଜଳବନ୍ଧ ହେବ ।

## ( ଈ )

ଈଃ—ଜାପାନର ବ୍ୟବହାରରେ ଇଂରେଜଙ୍କ ଉତ୍ତର ।
ଈକ୍ଷଣ—ଚଷମା ।
ଈପ୍ସା—ମ୍ୟୁନସିପାଲଟି ଚେୟାରମେନ ପଦ ।
ଈର୍ଷ୍ୟା—ନେତାଙ୍କ ଭିତରେ ବନ୍ଧୁତା ।
ଈଷା—ବଡ଼ଲାଟ ।
ଈଶ୍ୱର—ଯେ ବ୍ୟକ୍ତି ଦାଅ ହାଭୁଚ ଟ୍ରେନରେ ଏବେ ଖାଟରେ ପଡ଼ିଲେଣି ।
ଈସ—ସ୍ୱାମୀଠାରୁ ଲୁଗା ଗହଣା ଆଦାୟ କରିବା ନିମନ୍ତେ ସ୍ତ୍ରୀର ସମ୍ବୋଧନ । (ଯଥା, ପ୍ରାଣେଶ)
ଈଷତ୍—ପ୍ରେମିକାର ହସହସି, ହାସ୍ୟ ।
ଈଳକୁରଲବ—ଛାତ୍ର ଧର୍ମଘଟ ।

---


ଅର୍ଶ ଓ ସ୍ୱପ୍ନ ଦୋଷରେ **ସନ୍ନ୍ୟାସୀଦତ୍ତ** ଅମୋଘ ମହୌଷଧ ।

**ଅର୍ଶପାଇଁ—ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ ମଧୁସଞ୍ଜିବନୀ**

ଏକମାତ୍ର ଶକ୍ତିରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ । ହିମାଳୟ ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ ।

ବୈଦ୍ୟଶିରୋମଣି,କବିରାଜ **ଶ୍ରୀଜଗନ୍ନାଥ ମିଶ୍ର** B.A.M.S.ସାହିତ୍ୟ ଉପାଧ୍ୟାୟ

ଠିକଣା:- ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ ।

**ଆପଣଙ୍କର ଫଟୋ**

ଇଲେକ୍ଟ୍ରିକ ଷ୍ଟୁଡିଓରେ

ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ

ଶିଳ୍ପୀ—ଏସ୍ ଜଥଉଷ୍ଟା

ପତ୍ରୀ ଡାକ୍ତର, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆ ଯାଇ ପାରେ )


Digitized by srujanika@gmail.com




## ପଞ୍ଜାବ କେଶରୀ
## ରଣଜିତ୍ ସିଂହ ।

ଯେଉଁ ଜାତି ନିଜଦେଶର ବା ଜାତିର ମହା ପୁରୁଷମାନଙ୍କର ସ୍ମୃତି ତର୍ପଣ କରି ନ ଜାଣେ, ଯେଉଁ ଜାତି ସ୍ୱଜାତୀୟ ବୀରକୁ ଶ୍ରଦ୍ଧା, ସମ୍ମାନ ଦେଖାଇ ପୂଜା କରି ନପାରେ, ସେ ଜାତି ଅଧଃପତିତ, ପଙ୍ଗୁ, ଜୀବନହୀନ ।

ଭାରତର ନବ ଜାଗରଣ ସଙ୍ଗେ ସଙ୍ଗେ ଏହି ବୀର ପୂଜାର ଭାବ ଭାରତୀୟମାନଙ୍କଠାରେ ଦେଖା ଯାଉଛି, ଓ ଏହା ତାଙ୍କର ଜାତୀୟ ଜୀବନୋନ୍ମେଷର ସୂଚନା ଦେଉଛି । କ୍ରମେ ଭାରତୀୟ ତାର ଶିବାଜୀ, ତାର ରାଣା ପ୍ରତାପ ପ୍ରଭୃତିଙ୍କର ସ୍ମୃତି ପୂଜାରେ ମନ ବଳାଇ-ଲାଣି ଓ ନୌରଜୀ, ତିଲକ, ଗୋଖଲେ, ଚିତ୍ତରଞ୍ଜନ, ମଧୁସୂଦନ, ଗୋପବନ୍ଧୁ ପ୍ରଭୃତିଙ୍କର ସ୍ମୃତିତର୍ପଣ ନାନାପ୍ରକାରେ ଅନୁ-ଷ୍ଠିତ ହେଉଛି । କେବଳ ଏତିକି ନୁହେଁ, ଜୀବିତ ମହାତ୍ମା ଗାନ୍ଧୀ, ସୁଭାଷ ନାଥଙ୍କର ଜନ୍ମଦିନରେ ମଧ୍ୟ ଭାରତ ସେମାନଙ୍କୁ ସମ୍ମାନ ଦେଖାଉଛି ।

୧୯୩୯ମସିହାରେ ହେଉଛି ପଞ୍ଜାବ କେଶରୀ ରଣଜିତ ସିଂହଙ୍କର ଶତବାର୍ଷିକୀ ଶ୍ରାଦ୍ଧ ଦିବସ । ଏହି ରାଜର୍ଷିଙ୍କର ଶ୍ରାଦ୍ଧ ଯଥାଯୋଗ୍ୟ ସମା-ରୋହରେ ସମାହିତ ହେବାପାଇଁ ନୃତ୍ୟଅଭେ ଯୋଗାଡ଼ ଚାଲିଛି ।

ଏହି ମହାପୁରୁଷ ୧୭୮୦ ଖ୍ରୀଷ୍ଟାବ୍ଦରେ ପଞ୍ଜାବର ଏକ କ୍ଷୁଦ୍ର ଗ୍ରାମର ସାଧାରଣ ପରି-ବାରରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରେ ବସନ୍ତ ରୋଗରେ ପଡ଼ି ତାଙ୍କର ଗୋଟିଏ ଚକ୍ଷୁ ନଷ୍ଟ ହୋଇ ଯାଇଥିଲା । ଅଶ୍ଚର୍ଯ୍ୟ କଥା, ସେ ଜୀବନର ଆଉ ସୁଦ୍ଧା ଖ୍ରୀଷ୍ଟ ପ୍ରଭୃତି ବଳରେ ଗୋଟିଏ ବର୍ଷ କୁସ୍ତୁମରେ ସ୍ୱଦେଶୀ ଶାସନକର୍ତ୍ତା ନିଯୁକ୍ତ ହୋଇଥିଲେ ।

ସେ ସମୟରେ ଭାରତରେ ଘୋର ଅଶାନ୍ତି ଓ ଅବ୍ୟବସ୍ଥା । ମୋଗଲ ବାଦଶା ନାମ ମାତ୍ର ସମ୍ରାଟ୍ । ମରହଟ୍ଟା, ଇଂରେଜ ପ୍ରଭୃତି ଅନେକ ଶକ୍ତିଙ୍କ ମଧ୍ୟରେ ଘୋର ବିବାଦ ।

ପଞ୍ଜାବ ପରସ୍ପର ବିବଦମାନ ବହୁତ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଖଣ୍ଡରେ ବିଭକ୍ତ । ଏହି ସୁବିଧା ପାଇ ଅଫଗାନ ଓ ସୀମାନ୍ତ ବାସୀଗଣ ଅବିରତ ପଞ୍ଜାବ ତଥା ଭାରତରେ ଲୁଟ୍‌ପାଟ-ନିରତ ।

ରଣଜିତ୍ ଦେଖିଲେ ଯେ ଅନ୍ତତଃ ପଞ୍ଜାବ ଏକ ହୋଇ ନପାରିଲେ ଏହି ବାହାର ଶତ୍ରୁର ନିରୋଧ କରିବା ଅସମ୍ଭବ । ତହୁଁ ସେ ସ୍ୱକୀୟ କୌଶଳ ଓ ବୀରତ୍ୱ ଦ୍ୱାରା ଏହି ସମସ୍ତ ରାଜ୍ୟ-ମାନଙ୍କୁ ଏକ ଶାସନାଧୀନକୁ ଆଣି ସ୍ୱୟଂ ତାର ନେତୃତ୍ୱ ଗ୍ରହଣ କଲେ । ତାଙ୍କ ନେତୃତ୍ୱ ଓ ପରିଚାଳନାରେ ଏକ ନବ ଶକ୍ତି ଜାଗରୂକ ହୋଇ ଉଠିଲା ।

ରଣଜିତ୍ ନିଜେ ଶିଖ୍ ଧର୍ମାବଲମ୍ବୀ ଥିଲେ; ସୁତରାଂ ତାଙ୍କ ଶାସନକୁ ପ୍ରକୃତରେ ଶିଖରାଜ କୁହାଯିବ । ଛନ୍ଦଭଙ୍ଗ ଶିଖ ଯୋଦ୍ଧାମାନଙ୍କୁ ନେଇ ସେ ଏକ ଶକ୍ତିଶାଳୀ ସୈନ୍ୟସେନା ଗଠନ କଲେ । ସେ ଶିଖ୍ ଥିଲେ,ମଧ୍ୟ ହିନ୍ଦୁ, ମୁସଲମାନ ଏପରିକି ବିଦେଶୀୟ ଓ ୟୁରୋପୀୟ ଗୁଣୀ ଲୋକ ମାନଙ୍କୁ ପାଖରେ ରଖି ନିଜର ସେନା ଓ ଶାସନର ଉତ୍କର୍ଷ ସାଧନ କରିଥିଲେ ।

ଇଂରେଜମାନଙ୍କ ସହିତ ସେ ସନ୍ଧି ସୂତ୍ରରେ ଆବଦ୍ଧ ହୋଇ ଶେଷ ପର୍ଯ୍ୟନ୍ତ ଆପଣାର ପ୍ରତିଶ୍ରୁତି ରକ୍ଷା କରିଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ସେନାର ଉଚ୍ଛୃଙ୍ଖଳତା ଓ ନେତୃତ୍ୱର ଅଭାବ ହେତୁ ଇଂରେଜମାନଙ୍କ ସହିତ ଶିଖମାନଙ୍କର ବିରୋଧ ଘଟିଲା ଓ ତାହା ଫଳରେ ରଣଜିତଙ୍କ କେତେ ସାଧନାର ଫଳ ଶିଖ ରାଜ୍ୟ ଧ୍ୱଂସ ହୋଇଗଲା । ତାହା ଘଟି ନ ଥିଲେ, କିଏ କହିପାରେ, ହୁଏତ ଆଜି ତାଙ୍କର ବଂଶଧରମାନେ ପଞ୍ଜାବ ଶାସନ କରୁଥାଆନ୍ତେ; ଭବା ଭାରତର ମଧ୍ୟ ଭିନ୍ନପନ୍ଥା ହୋଇ ରହି ଥାଆନ୍ତେ । ମାତ୍ର ବିଧିର ନିର୍ଦ୍ଦେଶ ଅନୁରୂପ, ନିୟତିର ଗତି ଅଲଂଘନୀୟ ।

ରଣଜିତଙ୍କ ଜୀବନୀର କେତୋଟି ସାମାନ୍ୟ ଘଟନା ଉଲ୍ଲେଖ କରି ଏହି ନରଶ୍ରେଷ୍ଠଙ୍କ ବ୍ୟକ୍ତିର ମହତ୍ତ୍ୱ, ଉଦାରତା ଓ ଧର୍ମପ୍ରାଣତାର ପରିଚୟ ଦେବି ।

ତାଙ୍କର ଗୋଟିଏ ଆଖି ନଥିଲା । ସେଥିପାଇଁ କୌଣସି କଥାରେ ସେ ଗର୍ବ କରୁ ନଥିଲେ । ଏବଂ ଗର୍ବ କରିବାର କୌଣସି କାରଣ ଦେଖିଲା ମାତ୍ରକେ ଆପେ ଆପଣାକୁ ଅତି ମୂର୍ଖ, କଣା ବୋଲି କହି ଦୈନ୍ୟ ପ୍ରକାଶ କରୁଥିଲେ । ଏପରିକି ବାଟ ଘାଟରେ ଛୋଟ ପିଲାମାନଙ୍କୁ ମିଠେଇ ଓ ପଇସା ଦେଇ ତାଙ୍କୁ ଶିଖାଇ ଦେଉଥିଲେ ଯେ ସେମାନେ ତାଙ୍କୁ "କଣା, କଣା" ବୋଲି କହନ୍ତୁ । ଏଥିରେ ସେ ପ୍ରଭୂତ ଆନନ୍ଦ ଅନୁଭବ କରୁଥିଲେ ।

ଥରେ ଜଣେ ଦାକ୍ଷିଣାତ୍ୟ ସଉଦାଗର ଗୋଟିଏ ହୀରା, ନୀଳା, ମଣି, ମୁକ୍ତା, ଖଚିତ ବହୁମୂଲ୍ୟ ଚନ୍ଦ୍ରାତପ ବିକିବାକୁ ଆଣିଥିଲା । ଦୃଷ୍ଟିଆକୃଷ୍ଟ ପସନ୍ଦ ହେଲାରୁ ରଣଜିତ୍ ତାହା ଖରିଦ କରି ନିଜର ସ୍ୱର୍ଣ୍ଣ ସିଂହାସନ ଉପରେ ଟାଙ୍ଗିଲେ । ବସିଲାକ୍ଷଣି ସେ ଚନ୍ଦ୍ରାତପକୁ ଚାହିଁ ତାଙ୍କ ମନରେ କେଜାଣି କି ଗର୍ବର ଭାବ ଆସିଲା । ତହୁଁ ସେ ତତ୍‌କ୍ଷଣାତ୍ ସିଂହାସନରୁ ଓହ୍ଲାଇ ତଳେ ଭୂମି ମାଡ଼ି ବସି ପଡ଼ି ଗୁରୁ ସାହେବଙ୍କୁ କରଯୋଡ଼େ ପ୍ରାର୍ଥନା କରିବାକୁ ଲାଗିଲେ । ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବହିଗଲା । "ହେ ଗୁରୁ, ହେ ଭଗବାନ, ଏ କି ବିଡ଼ମ୍ବନା କଲ ! ଏ ଛାର ମୂର୍ଖ, କଣାଟା ମନରେ କାହିଁକି ଏ ଗର୍ବ ଆଣିଦେଲ ! କ୍ଷମା କର, କ୍ଷମା କର ପ୍ରଭୁ ! ମୁଁ ଆଉ ଏପରି ହେବ ନାହିଁ ।" ତାହା ପରେ ସେ ଚନ୍ଦ୍ରାତପକୁ ଖୋଲାଇ ଗୁରୁଦ୍ୱାରକୁ ପଠାଇ ଦେଲେ । ଆଜିଯାଏଁ ତାହା ସେଠାରେ ସୁରକ୍ଷିତ ହୋଇ ରହିଛି ।

ଆଉ ଥରେ ସେ ଗ୍ରନ୍ଥସାହେବ ଦର୍ଶନ ନିମନ୍ତେ ଗୁରୁଦ୍ୱାରକୁ ଯାଇଥିଲେ । ଏହା

Digitized by srujanika@gmail.com

ପୂର୍ବରୁ ସେ କୌଣସି ସାମାଜିକ ଅପକର୍ମ କରି ଥିବାରୁ ଶିଖ ଧର୍ମର ଅଲିଖନ ଅନୁଶାସନରେ ତାଙ୍କର ଜାତିଚ୍ୟୁତ ହେବାର ବା ପ୍ରାୟଶ୍ଚିତ୍ତ କରିବାର କଥା। ମାତ୍ର ସେ ନିଜେ ପ୍ରବଳ ପ୍ରତାପଶାଳୀ ମହାରାଜା, ତାଙ୍କୁ କହିବ ବା କିଏ! ମନ୍ଦିରରେ ସେ ପ୍ରବେଶ କରନ୍ତେ, ସମବେତ ଶିଖମାନେ ମୂକ ନୀରବ ହେବାକୁ ଲାଗିଲେ। ତହୁଁ ମେଠ ବାଳ କାଢ଼ ପୁରୋହିତ ଠିଆ ହୋଇ ଧମକାଇଲେ ସେ କଥା କହିଲେ। ରଣଜିତଙ୍କର ଯେଉଁ କ୍ଷମତା, ଇଚ୍ଛା କରି ଥିଲେ ପୁରୋହିତଙ୍କୁ ବନ୍ଦୀ କରି ତାଙ୍କର ଶିରଚ୍ଛେଦନ କରି ପାରି ଥାଆନ୍ତେ। ମାତ୍ର ଏହି ମହାନୁଭବ, ଧର୍ମଭୀରୁ ମହାବୀର ଛିଡ଼ା ହୋଇ କୃତାଞ୍ଜଳି ପୁଟରେ ଦୋଷ ସ୍ୱୀକାର କରି କ୍ଷମା ପ୍ରାର୍ଥନା କଲେ ଓ ପ୍ରାୟଶ୍ଚିତ୍ତ ସ୍ୱରୂପ ଦଣ୍ଡ ଗ୍ରହଣ କରିବାକୁ ରାଜି ହେଲେ। ପୁରୋହିତ କହିଲେ, "ତୁମ୍ଭେ ବନ୍ଧା ହୋଇ ଖାଲି ଦେହରେ ଏକଶତ କଠିନ ବେତ୍ରାଘାତ ଗ୍ରହଣ କଲେ ଖଲାସ ପାଇବ।" ତହୁଁ ମହାରାଜା ତାଙ୍କର ରାଜବେଶ ଖୋଲି ପକାଇ ଗୋଟିଏ ଗଛ ପାଖରେ ଛିଡ଼ା ହେଲେ ଏବଂ ଭୃତ୍ୟକୁ କହିଲେ, "ମୋତେ ଏଥିରେ ବାନ୍ଧ।" ତତ୍କ୍ଷଣରେ ରଣଜିତ୍ ଗଛ ସାଙ୍ଗରେ ବନ୍ଧା ହେଲେ। ଜଣେ ଲୋକ ଯୋଡ଼ିଏ ବେତ ଘେନି ଠିଆ ହେଲା। ଏତିକିବେଳେ ସମଗ୍ର ଜନତା ହାହାକାର କରି ଉଠିଲେ। ରଣଜିତଙ୍କୁ ସମସ୍ତେ ପିତା ତୁଲ୍ୟ ଭକ୍ତି ଶ୍ରଦ୍ଧା କରୁଥିଲେ। ପୁରୋହିତ ନିଜେ ଅସି ତାଙ୍କର ବନ୍ଧନ ମୁକୁଳାଇ ଦେଲେ ଓ ଦଣ୍ଡ ସ୍ୱରୂପ ବେତର ଅଗ୍ରଭାଗ ତାଙ୍କ ଦେହରେ ଛୁଆଁଇ ଦେଲେ। ଶିଖ ଜାତିର ରକ୍ଷାକର୍ତ୍ତାଙ୍କୁ ଏହିପରି ଭାବରେ ମୁକ୍ତ ଦିଆଗଲା।

ରଣଜିତଙ୍କ ଜୀବନରେ ଏହିପରି ଶତ ଶତ ଘଟଣାମାନ ଘଟିଛି।

ରଣଜିତ୍ ସିଂହ ଏତେବଡ଼ ଯୋଦ୍ଧା ଓ ନିରକ୍ଷର ଥାଇ ମଧ୍ୟ ତାଙ୍କ ହୃଦୟରେ ଦୟାର ଭଣ୍ଡାର ପୂର୍ଣ୍ଣ ଥିଲା। ସେ ତାଙ୍କ ଜୀବନରେ କେବେ ହେଲେ ଗୋଟିଏ ପ୍ରାଣ ବଧ କରି ନଥିଲେ। ମହାଶତ୍ରୁଙ୍କୁ ମଧ୍ୟ ସେ କ୍ଷମା ଦେଉଥିଲେ। ଯେଉଁ ବିଜିତ ଶତ୍ରୁଙ୍କୁ ଧରି ବିଜେତାମାନେ ମୃତ୍ୟୁ ଦଣ୍ଡ ଦିଅନ୍ତି, ସେପରି ଶତ୍ରୁକୁ ମଧ୍ୟ ସେ କ୍ଷମା କରି ଆପଣାର ବନ୍ଧୁ କରି ନେଉଥିଲେ।

ତାଙ୍କ ଶାସନରେ ପ୍ରାଣଦଣ୍ଡ ଦିଆ ହେଉ ନ ଥିଲା। ଯେତେ ବଡ଼ ଜଘନ୍ୟ ପାପୀ ବା ନରହତ୍ୟାକାରୀ ହେଉ ପଛକେ, ସେ ତାକୁ ଜେଲରେ ରଖାଇ ତାର ଚରିତ୍ର ସଂଶୋଧନ କରାଉଥିଲେ। ନିଜେ ମୂର୍ଖ ଥାଇ ସେ ବିଦ୍ୟାର ମର୍ଯ୍ୟାଦା ଅଧିକ ବୁଝୁଥିଲେ ଏବଂ ସେଥି କାରଣରୁ ରାଜ୍ୟଯାକ ପାଠଶାଳାମାନ ସରକାରୀ ବ୍ୟୟରେ ଖୋଲାଇ ଅବୈତନିକ ଶିକ୍ଷା ଦାନ କରାଉଥିଲେ।

ଆଜି ସେହି ମହାତ୍ମାଙ୍କର ଶତବାର୍ଷିକ ଦିବସରେ, ହେ ଅମୃତ ସନ୍ତାନ ଗଣ, ହେ ବୀର ଶିଶୁଗଣ, ଆସ ସମସ୍ତେ ତାଙ୍କର ପବିତ୍ର ସ୍ମୃତିର ତର୍ପଣ କରି ନିଜକୁ ଧନ୍ୟ କରିବା।

—ଅଜା—

——*——

## ଅଜାଙ୍କ ଜବାବ୍

ଦେବେନ୍ଦ୍ର—( ୨ )

୧। ତମେ ମୋ ପାଇଁ ଅଣ୍ଡା ଠିକ୍ କରିଛ। ସେ ମୋତେ ଦ୍ୱିତୀୟ ପକ୍ଷ କରିବେ। ମୋର ଦ୍ୱିତୀୟ ପକ୍ଷ ହେବାରେ ବିଶେଷ ଆପତ୍ତି ନ ଥିଲା—କିନ୍ତୁ ପ୍ରଥମ ପକ୍ଷ ଅଣ୍ଡାଟା ବାଟରେ କଣ୍ଢା ହେଇ ପଡ଼ିଛି। ସେ ନ ଛାଡ଼ିଲେ—

୨। ନାଗବର୍ଗ ଲଷ୍ଟ ଛପା ପାଇଁ ମୁଁ ପ୍ରେସକୁ ଅର୍ଡ଼ର ଦେଇଛି। କିନ୍ତୁ ପ୍ରେସ ବଡ଼ ବ୍ୟସ୍ତ ଥିବାରୁ ଛପି ନାହାନ୍ତି। ମୁଁ ଶୀଘ୍ର ସେ ବିଷୟରେ ତଦାରକ୍ କରିବି।

୩। କଡ଼ି ଷ୍ଟିକର୍ ମୁଁ ନାଗବର୍ଗ ହେବାର ବୟସ ୧୮ ରଖିଲି। ଅବଶ୍ୟ ଏଟା ସ୍ୱତନ୍ତ୍ର ଭାବରେ ମୁଁ କାହାରିକି ଜଣାଇ ନାହିଁ। ମୂଳ କଥା, ବେଶୀ ବୟସର ପିଲାମାନଙ୍କ ଭିତରୁ କେତେକ ଲୋକମାନଙ୍କୁ ସ୍କୁଲ ବାଟରେ ନେଉଥିବାର ଦେଖିଲି।

ବସନ୍ତ କୁମାର (ମହାନ୍ତି+ପାଳ)

ତମ Mayurbhanj Students' Cultural Front ଟାର ଉଦ୍ଦେଶ୍ୟ ନଜାଣି ମୁଁ କିଛି ମତ ଦେବି ନାହିଁ। କାଗଜ ଖଣ୍ଡେ ତା ତରଫରୁ ବାହାରୁଛି ଶୁଣି ଖସି ହେଲି। ତେବେ ସେଟା ପ୍ରତି ମାସ ବାହାର କରି ପାରିଲେ ଭଲ। ନ ହେଲେ ୩ମାସରେ ଥରେ ବାହାର କର।

ଜଗର ସମ୍ପାଦକଙ୍କୁ ତମର The Student Frontରେ ଲେଖିବା ପାଇଁ କହୁଛ। ସେ ସମୟ ହେଲେ ଲେଖି ପାରନ୍ତି। ମୁଁ ବୁଢ଼ା ହେଲଣି ହାତ ଥରୁଛି ଲେଖିବି କ'ଣ? ଥରେ ଅଧେ ତମର ଗଳ୍ପ—।

ଅଧେ ମୋର ସେବା କରିବାକୁ ନାରାଜ ନୁହନ୍ତି। ତେବେ ସେ ଗାଧୋଇ ସାରି କୋଠରୀ ଆଗରେ କ୍ଷୀର ଲଗାଇ ଯେଉଁ ସେବା କରନ୍ତି, ତା ଦେଖିଲେ ତାଙ୍କଠୁ କୌଣସି ସେବା ଆଶା କରିବାକୁ ମୋତେ ଡର ଲାଗେ।

ବିଜୟ—( ୧୫୪ ) ଧଳଭୂମିର Education Officer ପଦ ଏ ବିଷୟରେ ଉତ୍ତର ନ ଦିଅନ୍ତି ତେବେ ତମେ ଉତ୍କଳ ପ୍ରା: କଂ: କମିଟିଠାକୁ ଲେଖ।

ସିଂହଭୂମି ଉଦ୍ଧାର ପାଇଁ କେତେ ଜଣ ସିଆଣିଆ ନାଗଙ୍କୁ ନେଇ ପ୍ରଚାର ଉଦ୍ଦେଶ୍ୟରେ ବାହାରିବା ପାଇଁ ତମେ ଯେଉଁ କଥା ଲେଖିଛ ମୁଁ ସେ ବିଷୟରେ ଏକମତ। ମୁଁ ଏତଦ୍ୱାରା ସମସ୍ତ ନାଗବର୍ଗଙ୍କୁ ଅନୁରୋଧ କରୁଛି ଯେ ସେମାନଙ୍କ ମଧ୍ୟରୁ ଯେଉଁମାନେ ଛୁଟି ବା ଅବସର ସମୟରେ ସିଂହଭୂମି ଯାଇ କାର୍ଯ୍ୟ କରିବାକୁ ପ୍ରସ୍ତୁତ ସେମାନଙ୍କ ନାମ ମୋ ଠାକୁ ପଠାନ୍ତୁ।

ବିଶ୍ୱନାଥ—( ୧୧୨ ) କୌଣସି ଗୋଟିଏ ବଣିଆଜାତିଠାରୁ ମାତୃତ୍ୱର ଆଶା କରି ତମେ ବୋଧହୁଏ ବିଫଳ ମନୋରଥ ହୋଇଛ। ସେଥିପାଇଁ ନାରୀ ଜାତି ବା ନାରୀଜାତିକୁ ନିନ୍ଦା କରିବା ଠିକ୍ ନୁହେଁ। କେହି କେହି ଏପରି ନର ବା ନାରୀ ଥାନ୍ତି ଯେଉଁମାନଙ୍କ ହୃଦୟ ଟିକିଏ ବୁଝା—ସେମାନେ ସ୍ନେହର ମର୍ଯ୍ୟାଦା ବୁଝନ୍ତି ନାହିଁ—ଯଥା ତମର ଅଜୀ।

ମୁଁ ବୁଢ଼ା ହୋଇ ଝୋକାଟିଏ—ଢେଙ୍ଗା ହୋଇ ବାଘରଟିଏ—ମୋଟା ହୋଇ ପତଳଟିଏ। ଅତ୍ର ଅଛି—ବୁଢ଼ୀ—ଢେଙ୍ଗୀ—ମୋଟୀ।

## ନୂଆ ନାଗବର୍ଗଙ୍କ ନାମ।

। ୨୫୩। ଶ୍ରୀ ଦୋଳଗୋବିନ୍ଦ ଦାସ, ବଡ଼ଂହାଟ ତ୍ରିଲୋଚନପୁର। ୨୫୪। ଶ୍ରୀ ବୈଦ୍ୟନାଥ ମହାନ୍ତି, ଗୋପିନାଥପୁର। ୨୫୫। ବୀର ଶ୍ରୀ ଜଗନ୍ନାଥ ମହାପାତ୍ର, ବଣାଇଗଡ଼।

ଅଗ୍ରବନ ସଭ୍ୟ—ଶ୍ରୀ ବୈଦ୍ୟନାଥ ମହାନ୍ତି, ଗୋପିନାଥପୁର ଓ ଶ୍ରୀ କରଜ ସାହୁ—କାମଦେବପୁର।

Digitized by srujanika@gmail.com

# ଫେବର ଅନ୍ତର



—ଅମ ରଜା ଓ ରଣୀ କାନେଡା ଅନେକକାରେ ଗସ୍ତ କରି ଇଂଲଣ୍ଡକୁ ଫେରି ଅଛିନ୍ତି ।

···କେତେଜଣଙ୍କ ପିଠି ଅଗଁସି ଅସିଲେ ?

—ଇଂରେଜ ଓ ଫରସି, ବ୍ରିଟଲର— ମୁସୋଲିନ ଦାଙ୍କୁ ଅସ୍ୱକ୍ଷା ପାଇଁ ଚୁକ୍ତିଅର ଦୋସ୍ତି ଲୋଡୁଥିଲେ । ମାତ୍ର ସେ ପଟିଲ ନାହିଁ ।

···ଦୋ-ନାଗୁଣ୍ଡଅଙ୍କୁ ବିଶ୍ୱାସ ନାହିଁ ପରା !

—ଭାରତର ବରୁ କଂଗ୍ରେସ ପାଠ ମନ୍ତ୍ରୀଗଣ ବମ୍ବେଇରେ ଏକଜୁଟ୍ ହୋଇ ଇତରେଇ ପରାମର୍ଶ କଲେ ।

·· ଘରଣୀମାନଙ୍କ ସାଙ୍ଗରେ କର୍ତ୍ତା ଥିଲେ ତ ?

—ଡେ଼ଲ୍ଗଟ ଓଡ଼ଶା ଅସିବେ ବୋଲି ଶୁଣି କଟକକୁ ନିଦ ନାହିଁ— ଗଡ଼ଜାତ ରଜା, ଗଡ଼ଜାତ ନେତା, କଂଗ୍ରେସ ସରକାର, ଲଟଙ୍କ ପୁଲିସ । ସେଠେଁ ଦେଖା ମହଲିକରେ ଲାଗିଛନ୍ତି ।

···କିନ୍ତୁ ଯାହା କରିବେ ସାଇଁ,
ତା' ଭାବାର ମନରେ ନାହିଁ ।

—ଭଦ୍ରକକୁ ଗୋଟାଏ ସର୍କସ ଅସି ତାମସା ଦେଖାଉଛି ।

···ବସ୍ତେ ଅଇଲେ ପରା ।

—ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀର ସଭାପତି ରୂପେ ପଣ୍ଡିତ ଜହରଲାଲ ଇଷ୍ଟର୍ଣ୍ଣ ଷ୍ଟେଟ ଏଜେଣ୍ଟଙ୍କୁ ଅନୁମତି ମାଗିଥିଲେ ଯେ ତାଳଚେର ପ୍ରଜା କାଣ୍ଡର ବେସରକାରୀ ତଦାରଖ କରାଯାଉ । ଏଜେଣ୍ଟ ମହାଶୟ ତାହା ନାମଞ୍ଜୁର କରିଛନ୍ତି । ପୁଣି ତାହାର ଲୋକ ଜଣେ ତାଳଚେର ଭିତରୁ ଅଡ଼ିବାର ପଥ ନାସ୍ତି କରିଛନ୍ତି । ଜହରଲାଲ ଦୁଃଖ କରି କହୁଛନ୍ତି—'ଅପେ ନିରୁପାୟ ।'

···ପ୍ରଜାଙ୍କର ନମୁନା ।

—ଭୋଗପୁଟ ଜଳପ୍ରପାତରୁ ବିଦ୍ୟୁତ ଶକ୍ତି ଜନ୍ମାଇବାର ଗୋଟିଏ ପ୍ରବନ୍ଧ ଚାଲିଛି ।

···ସବୁ ଅନ୍ଧାର ହୋଇଯିବ ।

—ପଞ୍ଜାବ କେଶରୀ ରଣଜିତ୍ ସିଂହଙ୍କ ଶତବାର୍ଷିକ ଶ୍ରାଦ୍ଧ ଉତ୍ସବ ଗୁରୁଅଡ଼େ ପାଳିତ ହେଉଛି ।

·· ବୀର ଜାତିର ବୀର ପୂଜା ।

—ସୁଭାଷଙ୍କର ଅଗ୍ରଗାମୀ ଦଳରେ କାମାଥ ସାହେବ ଯୋଗ ଦେଇଛନ୍ତି ।

·· ଭାଇଅ ଅଇ, ସି, ଏସ୍ ପରା !

—ବୁଢ଼ା ନଈ ଉପରେ ପୋଲ୍ ଖୋଲା ହୋଇଗଲା । ସ୍ୱୟଂ ଲାଟ ହାତ ଦେଇ ଖୋଲିଲେ ।

···ଯାଜପୁର ଭାଗ୍ୟ !

—ଭଦ୍ରକ-ଚାନ୍ଦବାଲି ସଡ଼କ ଶୀଘ୍ର ହେବ ବୋଲି ଲାଟ କହୁଛନ୍ତି ।

···ଜୀଇଥିଲେ ଦେଖିବା ।

—ବାଲେଶ୍ୱରକୁ ବନ୍ଦର କରିବା ପାଇଁ ମାର୍କେଟ କଟକଣା ଲାଗିଥିବାର ଶୁଣାଯାଏ ।

···ବାଲେଶ୍ୱରର ଶନିଦଶା କଟିଲା କି !

—ଜାପାନୀମାନେ ମାଞ୍ଚୁକୁଓ ସୀମାନ୍ତରେ ପୁଣି ଖ ୧୪ ଣ୍ଡ ରୁଷ ଉଡ଼ାଜାହାଜ ଗୋଳା ମାରି ଖସେଇ ପକେଇଛନ୍ତି ।

···ଏଇଟା କିନ୍ତୁ ଯୁଦ୍ଧ ନୁହେଁ—ସ୍ଥାନୀୟ ଅଶାନ୍ତି ମାତ୍ର !

—ୟୁରୋପୀୟ ଲଢ଼େଇ ନିକଟରେ ଲାଗିଯିବ ବୋଲି ସମସ୍ତେ କହୁଛନ୍ତି ଓ ଉଭୟ ପକ୍ଷ ତିଆରି ହୋଇ ଗଲେଣି ।

···ଅମେ ତ ଯାତ୍ରାବାଲା !

—ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ମହାମହାଶୟ ଉତ୍କଳ ଗସ୍ତରେ ଅସି ତାଲପଦା ଓ ମୁକୁନ୍ଦପୁରରେ ସଭା କରି ଲେକଚର ଯାଇଛନ୍ତି ।

...ମହୁମାଛି ସୈନ୍ୟ ଓ ଡାକୁଡ଼ି ହତିଅର କେତେ ଅଣିଥିଲେ ?

—ଅଖୁଆପଦା ଠାରେ ଗୋଟିଏ ଗାନ୍ଧି ସେବାଶ୍ରମ ଖୋଲା ହୋଇଛି ।

···ଅଶ୍ରମର ବଡ଼ ମୁନି କିଏ ?

—ଗାନ୍ଧି ମତବାଦ ଠିକ୍ ଠିକ୍ ଭାବରେ ପ୍ରଚାର କରିବା ପାଇଁ ଗୋଟିଏ ନୂଆ ଓଡ଼ିଆ ପତ୍ରିକା ବାହାରିବାର କଥା ହେଉଛି ।

···'ସମାଜ' 'ଅବଶ୍ୟ—ଜନ୍ତୁ' ହୋଇ ଗଲେଣି କି ?

—କଲିକତାର ବିଖ୍ୟାତ I. F. A. ପ୍ରତିଯୋଗିତାରେ ଖେଳିବା ପାଇଁ ଏଥର ପହିଲେ ଓଡ଼ିଶାରୁ ଗୋଟାଏ ବଲ୍ଲ ଫୁଟବଲ୍ ଖେଳାଳୀ ଦଳ ଯିବାର କଟକଣା ହେଉଛି ।

···ଓଡ଼ିଆ ଏଥର ପଡ଼ରରେ ପଡ଼ିଲେ !

---


## 'ଟିକିଏ ଭୁଲ୍'

**ଆସନ୍ତା ସଂଖ୍ୟାରେ**

**ବାହାରୁଛି**

ଯଥା—ନୀଳକଣ୍ଠ—କାଳଘଣ୍ଟ


Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ [illegible]



ବାଲୁବଜାର, ପୋ. ଚୁଡ଼ଙ୍ଗୀଚୌକ—କଟକ ।




ଟ ୨୦୯ଙ୍କା ପୁରସ୍କାର ! ଟ ୨୦୯ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସୀ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରରେ ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକବର୍ଗରେ ଅମ୍ଭେମାନେ ତାହାଙ୍କୁ ସୁଲଭ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ଉତ୍ତମ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଅମ୍ଭେମାନେ ଟ ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ବାଲୁ ବଜାର, ପୋ:—କଟକ ।




ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

**(ସାପ୍ତାହିକ) 'ବର୍ମା ଓଡ଼ିଆ ପତ୍ରିକା' (ରୟେଲ ୧୬ ପୃଷ୍ଠା)**

ଏହାହିଁ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଉତ୍କଳୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତାମତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି [illegible] ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ସମ୍ବନ୍ଧୀୟ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟ [illegible] ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ [illegible] ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଓ ସମ୍ପାଦିତ ।

ମୂଲ୍ୟ ଟ୬୲, ପ୍ରାଗାମ୍ବ [illegible] ଭାରତବର୍ଷ [illegible] ଠିକଣା—ନଂ [illegible]

[illegible]

Digitized by srujanika@gmail.com

REG. NO. P-441 THE DAGARO—1-7-39.


# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, ଋତୁ ବନ୍ଧ, ଅତିରିକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ହାତଗୋଡ଼ ପୋଡ଼ିବା, ମୂର୍ଚ୍ଛା, ମୁଣ୍ଡବିନ୍ଧା, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗ ପ୍ରଶମନରେ ଏହା ଅଦ୍ୱିତୀୟ । ମୂଲ୍ୟ—ଟିଣିକୁ ୧୲ ( ଏକଟଙ୍କା ମାତ୍ର )

## —(ଶିଶୁ ସୁହୃଦ)—

ଜନ୍ମକାଳ ଦିନଠାରୁ ଅଠର ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ ଅଳ୍ପ କାଳେ ବୃଦ୍ଧି ( ଯୋର ଲିଭର ) ହେବା ଅସମ୍ଭବ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ରୋଗ ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । ମୂଲ୍ୟ—ଟିଣିକୁ ୲୦/୬ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଶର୍ମା ବଡ଼ୁ, ଭିଷଗାଚାର୍ଯ୍ୟ
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଓ ନା ସା ଈଉ ନ — ସୋ ସା ଇ ଟି ଲି ୪

## ହେଡଅଫିସ—ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ଭଲ ସର୍ତ୍ତରେ ଅଳ୍ପ ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ ।

ସରକାର କାଗଜାଦିରେ ୭୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମିଆଦି ହାରି ବୀମାରେ ହଜାର ପ୍ରତି ୪୧୦ ଓ ଆଜୀବନ ବୀମାରେ ୫ ୨୲ ଲାଭ ଦିଆ ହୋଇଛି ।

ବୀମା କରିବା ପାଇଁ କିମ୍ବା ଏଜେଣ୍ଟ ହେବା ପାଇଁ ଏ କମ୍ପାନୀ ଉପଯୁକ୍ତ ଅଟେ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ—କାଳିତଳା, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।


Printed & published at the Sopitsri Press, Bhadrak by N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ଆଷାଢ଼ ଦ୍ୱିତୀୟାର୍ଦ୍ଧ
୩ୟ ବର୍ଷ
୮ମ ସଂଖ୍ୟା

The Dagara
ORISSA'S MOST POPULAR FORTNIGHTLY
OF
LIGHT, LEAD & LAUGHTER
16th JULY, 1939

ଛାତ— ୫୧୨
ଭର୍ତ୍ତି— ୫୭୫




ଏ ସଂଖ୍ୟାର ତାଜାମାଲ୍

# 'ଟିକିଏ ଭୁଲ୍'

ଭୁଲ୍‌ରେ ଛାଡ଼ିଯିବେ ନାହିଁ ।

## କାପାଳିକ ଓ ରାଜକୁମାର



... ଏ ଅନୁଶାସନରୁ ଯଦି




Digitized by srujanika@gmail.com



ସୁଭାଷ ବାବୁ ଶରତ ବଙ୍ଗଳାର ପରେଶ ବଳରେ ଲଗିରହି ମହାଭାରତୀୟ ରାଜନୀତି କ୍ଷେତ୍ରରେ ନାମ ଜାହିର କରିବାକୁ ବାଟ ପାଉ ନ ଥିଲେ । ବାଟ କାଟିବା ବେଳକୁ ଏଣେ ହରିପୁରା, ଓ୍ୱାର୍ଧା ବା ଏଲାହାବାଦର କଣ୍ଢା ପଡ଼ି ଯାଉଥିଲା । ହଠାତ୍ ବେଳେ ଦେଖ ତା ବଦ-ନାମଟା ଘୁଞ୍ଚାଇବା ଇଚ୍ଛାରେ ଦେଶ ଭାଗ୍ୟ-ବିଧାତା ମହାତ୍ମା ଗାନ୍ଧୀ ଥରେ ଲାଗି ତାଙ୍କୁ କଂଗ୍ରେସ ପ୍ରେସିଡେଣ୍ଟ କରାଇ ଦେଲେ । କିନ୍ତୁ ନିଠାଟା ମୁହଁରେ ଯହୁଁ ଥରେ ଲାଗିଗଲା — ଆଉ କି ଛାଡ଼ିହୁଏ ! ଏଲକ୍ଷିଣି ଗାନ୍ଧିଙ୍କ ପତ୍ରାଙ୍କ ଥିଲେ ତ—ସବୁ ଗଛ ଲଗେଇବ ଏବା, ମଣିଷ ଗଛ ଲଗେଇବ ନାହିଁ । × ×

ଭଗଁଟା ଯାହାହେଉ ଲାଗିଗଲା ଏଥର ହାତ ଫାଙ୍କାରେ । ଏଟେଡ଼ଏନ ଯାଏଁ ଭିତରେ, କ୍ଷୁହିତ ଥିଲା ସିନା — ଅବ ଦପ୍ କରି ଜଳିଉଠିଛି ଜଳି । କେତେକ ବୃଦ୍ଧ କହୁଛନ୍ତି କି ଏଇଟା ପ୍ରଭାସରେ ଯଦୁବଂଶ ନାଶ ସୂଚନା । କେତେକ କହନ୍ତି ମହାତ୍ମାଙ୍କ ସ୍ୱର୍ଗର ଡାକରେ କୁଅଟେ ଏମ୍ବତା ପେଡ଼ ଭସ୍ମ ହୋଇଯିବେ ଅଚେତ ଏହ ଭିତରେ । ରହଁ ଯେତେବେଳେ ଜଳି-ଲାଣି, ଭସ୍ମଟା ଯେ ହେବ, ଏଥିରେ ସନ୍ଦେହ ତ ନାହିଁ; ତେବେ କଥା ହେଉଛି—କିଏ ହେବ—ଏକ ପକ୍ଷ କି ଉଭୟ ପକ୍ଷ । +

ତାହାଣ ଦଳଭିତରେ କିଛି ଗୋଳ ନାହିଁ, ଯେତେହେଲେ ଲାଙ୍ଗଳା ଫଳକ ତାର ସୁଖାନ ଧରିଛନ୍ତି । ତାଙ୍କୁ ଟପି ଅପେ ବଡ଼ ହୋଇବାକୁ କାହାରି ବଳ ନାହିଁ । ବିଶେଷତଃ ସେଥିରେ ଯେତେ ଦଳ ମୁଣ୍ଡ ଟେକିଛନ୍ତି, ସେ ସବୁ ମହାତ୍ମାଙ୍କ ହାତ ଗଢ଼ା କୁଣ୍ଢାଇ । ଅଡୁଆଟା ପଡ଼ିଛି ବାଗିଁଅ ଦଳ ଭିତରେ । ସୁଭାଷ ବାବୁ ଭାବିଥିଲେ କି ଏଇ ଗୋଟାଏ ଅଳ ଧରି ସେ ସବୁ ବାଗିଁଅଙ୍କୁ ଓ ତାହାଙ୍କରେ ବହାଲିଅଙ୍କୁ ଏକଜୋଟ କରିଦେବେ ଓ ନିଜେ ତାର କର୍ତ୍ତା ଧାଇ ହୋଇ ବସିବେ । ବଙ୍ଗଳାର ପୂର୍ବ ନେତୃତ୍ୱ ଗୌରବ ଫେରି ଆସିବ । କିନ୍ତୁ, ଏକଜୁ ଅନେକ କେତେକ ଶକ୍ତ ନୁହେଁ । ସମାଜବାଦୀ ଦଳ, ରାୟଦଳ, କୃଷକ ଶ୍ରମିକ ଦଳର ନେତାଙ୍କର ଯହୁଁ ଏକଥା ହେଜ ପଡ଼ିଗଲା, ଗୋଟି ଗୋଟି କରି ସମସ୍ତେ ପଛ ଘୁଞ୍ଚା ମାରି ବସିଲେ । ଯାହାଙ୍କର ହୃଦୟ ହେଲେ କୌଣସି ପ୍ରକାରେ ହାତଚଳଣ କରିବାର ଆଶାଟା ଅଛି ସେ କେବେ ସୁଭାଷଙ୍କ ପାଖ ପଶିବେ ନାହିଁ, ଚାଣ ଯେ ଅପେ ବଡ଼ ନିର୍ଣ୍ଣିପ ହେବାକୁ ମନ ଅଣ ଧରିଛନ୍ତି ସେ ସୁଭାଷଙ୍କୁ ନେତା ବୋଲି ସ୍ୱୀକାର କରିବେ ନାହିଁ । କେବଳ ରହିଯିବେ, ଯାହାଙ୍କର ଆଶା ଭରସା ଉବାକ୍ ସରିଛି —ଯଥା ଖାରେ, ନରିମାନ । + +

ଯେତେ କଳ ଯେତେ ଗୋଳ ତା ଭିତରେ ରହିଛି ସେଇ ଗୋଟାଏ କଥା— ନାମ ମାରିବା । ଗୋଟାଏ ବଡ଼ ରକମ ଗୋଳମାଳ ଲଗେଇ ଦେଇ ପୃଥିବୀ ଆଖିରେ ଜଗଲୁଲ ପାଶା କି ସନ୍ ୟାତ୍ ସେନ ବନିଯିବା । ଏ ମନଟା ଯେତେବୋଲି ଅନେକ ଥିବ—ମଣିଷ ମାନଙ୍କ ଥିବା ସ୍ୱାଭାବିକ—ସେତେବେଳ ଯାଏ ଏ ରୋଗ, ଏ ବାତଅ ବାଡ ଥଣ୍ଡା ପଡ଼ିବ ନାହିଁ । ମୋଟରେ ଆମ ଇଂରେଜ ମହାପ୍ରଭୁଙ୍କୁ ଗୋଟାଏ ପାହୁ ପଡ଼ିଗଲା ଏବା ! ବେଙ୍ଗ ମାଷ୍ଟର ଏଣିକି ତାଙ୍କ ଲମ୍ବ ଗୁରୁକ ବାହାର କରିବେ ଓ ବାଲବରଷର ତପ ଶୁଣ୍ଟୁଅ ପୋଡ଼ାରେ ଘରିବ । + + +

ଇଉରୋପୁକୁ ଗ୍ରହଅଡ଼େ ଉଠାଣି ପଡ଼ିଗଲା । ପରେ, ବାହାରେ । ବ୍ରିଟିଶ ସାମ୍ରାଜ୍ୟର ଉପନିବେଶମାନଙ୍କରେ ତ କାଳଅଦମିର ସ୍ଥାନ ନାହିଁ—ଯଥା ଦକ୍ଷିଣ ଆଫ୍ରିକା, କେନେଡ଼ା, ଅଷ୍ଟ୍ରେଲିଆ ପ୍ରଭୃତି—ଏବେ ପର ଯାଉଛି, ଯାହାଙ୍କୁ ଆମେ ଆପଣାର ଭାଇ ବୁଝିମ୍ବୁ ବୋଲି କହୁଥିଲେ, ସେଠ ବଲ୍ଡ଼ୱେନ, ସେହି ଚିରେନରୁ ଧୁଆ ଭାରତୀୟ . ଚିଲକୁନ ଚଟା ଖାଉଛନ୍ତି । ବ୍ରହ୍ମୀମାନେ ଭାରତୀୟଙ୍କ ଉପରେ ଏତେ ଖଡ଼ା ଯେ ସେଠି କେବେ କେପି ଛଠି ଯଦ ଶହ ଭାରତୀୟଙ୍କୁ ମାରି ପକାଇଲେ ଅଉ ହଜାର ହଜାରଙ୍କ ଘରଦ୍ୱାର ଲୋଟି ନେଲେ । ଏବେ ସିଲୋନ କେବେ ସେହିପରି ସେଠାରେ ଯେତେ ଭାର-ତୀୟ ଗୁଡ଼ିକ ବା ବେକାରୀ ଦ୍ୱାରା ଦାନା କରି ଖାଉଛନ୍ତି, ତାଙ୍କୁ ତଡ଼ିବାରେ ଲାଗିଲେଣି । ବ୍ରିଟିଶ ସରକାର ନାଟ ଦେଖୁଛନ୍ତି—ସାହିଁବା କିଛି କହିବେ । ଗୋଟାଏ ମେଣ୍ଟନାଣ କରିବା ପାଇଁ ପଂଡ଼ିତ ଜହରଲାଲ ଏରୋପ୍ଲେନ ଚଢ଼ି ସେଠାକୁ ଯାଇଛନ୍ତି । କିନ୍ତୁ ଫଳଟା ଯାହା ହେବ ଜଣା ପଡ଼ୁଛି । ଆପଣା ଘରେ ଯାହାର ବୋଇଁ କଳ ! × ×

ଏ ତ ଗଲା ବାହାର କଥା । ଏବେ ଘର କଥା ଦେଖାଯାଉ । ମାରୁଆଡ଼ି, ଗୁଜୁରାଟୀ, ତେଲଙ୍ଗା ଅଉ ଓଡ଼ିଆ ଭୁଲି ବଙ୍ଗ ଦେଶର ସବୁ ଲୋଟି ନେଇଯାଉଛନ୍ତି ବୋଲି ବଡ଼ ବଡ଼ ବଙ୍ଗାଳୀମାନେ ହପ୍ତା ଉଠାଉଛନ୍ତି । ତାହା ଫଳରେ—କାର ମାର ଉଣ୍ଡାଅଣ୍ଡା ମାର—ହୋଇ କଲିକତା କର୍ପୋରେସନରେ ଓଡ଼ିଆଙ୍କ ମୁଣ୍ଡରେ ମାଡ଼ଟା ଆସି କରି ଗଲା ପଡ଼ । କେତେ ବଡ଼ାବଡ଼ଲୋକେ ତାଙ୍କ ଦେଶରେ ବଙ୍ଗାଳୀ ନାଉଗଲେ ବୋଲି ଲଗେଇଦେଲେ ମହା ଗଣ୍ଡଗୋଳ । କିନ୍ତୁ ଆମର ଦଳିତ ବିଶ୍ୱ-ପ୍ରେମୀ ଜଗନ୍ନାଥର ଦେଶ, ଆମ ଦେଶରେ ବିଶ୍ୱନାଥ ଭଳା, ଆମ ବଡ଼ ଠାକୁରେ ସର୍ବଣ-

Digitized by srujanika@gmail.com

ଲକ୍ଷଣ ବାନା ଲଢ଼ାଉଛନ୍ତି । ଆମେ ଖାଲି ଏହି ସ୍ଲୋଗାନ କଥାରେ ଲାଗିବା ! ସାଧେ, ସାଧେ ! ଛିଃ……ନିଶ୍ଚୟ ତେଲ ଦେଖିଲା ପରି ଅମର ଅବାଞ୍ଛିତ ଦ୍ୱାର । + +

ଏଇଲିଖି ଯୁଗଟା ଯୁବକ ତରୁଣ, ନବୀନ, ସବୁଜ, ପଗଡ଼ ଅଧୁନାତନ ଦଳଙ୍କର ଯୁଗ । ସେଥିପାଇଁ ସବୁଠି ନିଜକୁ ଯୁବକ ବୋଲି ବୋଲାଉଛନ୍ତି । ଏଇ ଯୁଅଁଖ ପଡ଼ ଜାହିରକଲେ ଯୁବକ, ଏଇ ମୋହରେ ତଣ୍ଡି ନଂଗସ୍ତେଙ୍କ ସ୍ୱ ଯୁବକ । ଖାଲି ସ୍ୱେତବସ୍ତ୍ର ଯୁବକ ନୁହନ୍ତି— ସେଇ ଯୁବକ ବା ଯୁବକଙ୍କ ମସ୍ତକମଣି,— ତମାଳଶ୍ୟାମ, ନବ ଅଶୋକ ପଲ୍ଲବ । ଏହା ଦେଖି ତେଣେ ଘୋଡ଼ାଦଉଡ଼ି ପାକଲା ଦାଢ଼ି ଛାଡ଼ ହୋଇ ଦାନ୍ତ ଲଗାଇ ନବଯୌବନର ନବୀନ କଣୋଇ ପାଇବାକୁ ଭିତରେ ଭିତରେ ମନ କରୁଛନ୍ତି । ଏ ଭାଗ୍ୟକଳ୍ପ ଯୁଗରେ ଏଇଟା ଅସମ୍ଭବ ତ ନୁହେଁ । ତେବେ କଥା ହେଉଛି—"ଶ୍ୟାମ ନାଗର ହେ, ଏ ବେଶ ଦେଖିଲେ·· ଯୁବତୀ ବଞ୍ଚିବେ ନାହିଁ ।" + +

ଅଳସୁଆ ବଳଦର ଯେତେ ଲାଞ୍ଜ ମୋଡ଼ିଲେ ବି ସେ ହଳରେ ଶୁଏ । ତାହାର ଯେତେ ଗତେଇ ଚମ୍ପଟି, ଝୁମ୍ପି, ଭାମୁଡ଼ି ହଙ୍କାର, ଇଂରେଜ ନଉକା ସାଲ ପରି ଦେଇ କାନ୍ଥ ହୋଇ ନେଇ ଯାଉଛନ୍ତି । ତେଣେ ମୃଣ୍ମୋହିନୀ, ସ୍ୱରଲିପି ଓ ଲଣ୍ଡନ ଛାତ ଛାଡ଼ ଅଙ୍କେଲେଣି । ବ୍ୟାସ ସରୋବର ଅମୁହାଁ ଦେଉଳର ଦୁଆର ଫିଟିବାକୁ ନାହିଁ, କି ମାନଗୋବିନ୍ଦ ହଲିବାକୁ ନାହାନ୍ତି । ଲଢ଼େଇଟା ହବ ହବ ବୋଲି ଦେଖଣାହାରିଙ୍କ ଆଖିରୁ ଯେ ପାଣି ମଳି ଆସି ! ଏଇକ୍ଷିଣି ଏକମାତ୍ର ଭରସା—ଡାକ୍ତର । ହିଃକର ନଜା ଯଜ୍ଞିଦନ ଏହା ମାତ୍ର ବସିବେ ସେଇଦିନ କୁଆଡ଼େ ନଉକା କଡ଼ ଲେଉଟାଇବେ ବୋଲି ସପନ ଦେଖିଛନ୍ତି । କିନ୍ତୁ ହିଃକର ତନ୍ତ୍ର କଳ ଛୁଟିଥିବ ଅଛନ୍ତି । ଅପେ ହାତ ନ ଦେଇ କୌଶଳରେ ତାଙ୍କ କାମ ହାସଲ କରି ନେବେ—ଓ ନଉକାକୁ ବାହାନା ନିଜସ୍ୱ ଘାଟରେ ଲଗାଇ ନେଇଯିବା ପାଇଁ । × ×

ନାଲିପି କଥାରେ ଅଛି—"ଯେ ଯାହାକୁ ଦେଖି ନ ପାରେ, ସ୍ୱଭ ଅଧରେ ଭୁକୁଣୀ ନାରେ ।" ସୁଭାଷ ବାବୁ ଯେବେ କଂଗ୍ରେସ ପ୍ରେସିଡେଣ୍ଟ ଥିଲେ ତେବେ ନଗାଲବାରଣ କାମ ଅଦେ ତକ୍ଷଣ ଥିଲେ, ଏବେ ଅଲଗା ଦଳ ଗଢ଼ି ପୁଣି ସେହି ନିଧାନବାଳଣ କାମର ତୀବ୍ର ନିନ୍ଦାବାଦ କରୁଛନ୍ତି । ଏଥିରେ ଉଦ୍ଦେଶ୍ୟର ଧଳା ମନ ବେପାସ୍ୱାରଣ ଖୁବ ହେବେ ସନ୍ଦେହ ନାହିଁ ।

ବୋଷ ବାବୁ ଶନିବାରେ ୭ ଓଡ଼ିଶା ଆସିବେ । ସେତେବେଳେ ଏଠି ସେହିପରି ମଠ ଆଇନ ସମ୍ବନ୍ଧେ ହେଉପରିକା ଗୋଟାଏ ଇସ୍ତାହାର ବାଅନ୍ତେ ହେଲେ, ମହନ୍ତ ମହାରାଜମାନେ ଗୁରୁ ଚରଣ ଟେକି ନିତାଳପର୍ଯ୍ୟା କଲ୍ୟାଣ କରନ୍ତେ । + +

ପୁରୁଣା ହାକଅ ଖଟି ବଚନ ଡାକୁଛି— ମଦ ଛୁଟେ ଗଧ । କଥାଟା ଯେ ଖାଣ୍ଟି ସତ, ଏଥିରେ ଗଦା ଗଦା ପ୍ରମାଣ ଥିବା ସତ୍ତ୍ୱେ, ସତ୍ୟର ଅବତାର ମହାତ୍ମାଙ୍କ ଅନ୍ଧତ୍ୱ କୁହୁଡ଼ିରେ ବାଟ ବଣା ହୋଇ ଯାଉଛନ୍ତି । ଆମ ପୂର୍ବ କାଳର ମୁନି ଋଷିମାନେ ଯେ ବଡ଼ ବଡ଼ କାମ କରି ଯାଇଥିଲେ, ତାହା କେବଳ ସୋମରସ ପାନ କରି । ଆଉ ଆମ ବୀର ବୃନ୍ଦ ଯେ ପୃଥିବୀ ଜୟ କରିଥିଲେ, ତାହା ବାରୁଣୀ ପାନ ଦ୍ୱାରା ଶକ୍ତି ଲାଭ କରି । ଏବେ ବି ୟୁରୋପ ଯେ ସବୁ ବିଷୟରେ ଆଗରୁ ବଢ଼ି ତାର କାରଣ ଏହି ଦ୍ରାକ୍ଷାସବ । ଆମେରିକା ଏହି ଭୁଲ କରିଥିଲା ବୋଲି କେତେ ଅନୁତାପ କରିଛି ସେଦିନ । ଏତେ କଥା ଜାଣି ଶୁଣି ଯଦି ଆମ ଦେଶରୁ ମଦ ଉଠିଯାଏ, ତେବେ ଆମେ ଯଉଁ ଅଧା ଗଧ ହୋଇ ରହିଛୁ, ଏଣିକି ପୂରା ଗଧ ପାଲଟି ଯିବୁଁ, ଆଉ ଆମ ଉପରେ ଆନ ଜାତି ଲଗାମ କରି ଚଢ଼ିବା ଚଢ଼ୁଥିବେ । ସେତେବେଳେ ଗୋଦନ ଭଲେ ବୋଧନ ଦେବ କିଏ ! + +

ଭାରତର ରାଜନୈତିକ ହାଣ୍ଡିଅ ସିମିତିକା ବାଉଳା ହୋଇ ବହିବାକୁ ଆରମ୍ଭ କଲାଣି । ସେଥିରେ ଆମ ଏଠି ଗୋଟାଏ ପ୍ରଗ୍ରେସିଭ ଫ୍ୟାସିଷ୍ଟ ଦଳ ଗଢ଼ିବାର ବେଳ ଆସିଗଲା ପରି ଲାଗୁଛି । କଂଗ୍ରେସ ତାଙ୍କୁ ଉପେକ୍ଷା ହେଲେ ବି ତାହା ଯେ ଫାସିଷ୍ଟ ମନୋଭାବରେ ପ୍ରଭାବିତ ଏଥିରେ ସନ୍ଦେହ କରିବାର କିଛି ନାହିଁ । ମୁଣ୍ଡକାଟ କ୍ଷମତାଟା ହାତରେ ଥିଲେ,···ଅବଶ୍ୟ ଏ ପ୍ରକାର ହୋଇଥାଏ । ତାହାହିଁ ତ ଦେଖିଛି । ମାତ୍ରାରେ ରଳନ ରହି ଯାଉଛି ଏଣିକି ଯେ—କଥାଟା ଶୋଇଲେ ଲୁହା ଯାଇ ପାରୁ ନାହିଁ । ସେତିକି କଂଗ୍ରେସର ଦୋଷ ବା ଦୁର୍ବଳତା ।

ଏ ତ ଗଲା ବେଳ ସୁଯୋଗସନ୍ଧାନୀ ସୁଭାଷ ଯଦି ତାଙ୍କ ନୂଆ ଦଳର ନାମଟା ନର୍ଭୀକ ଭାବରେ ଫାସିଷ୍ଟ ବୋଲି କହି ଦିଅନ୍ତେ, ତେବେ ଅଳ୍ପ ସମୟେ ଆଦେ ଆସନ ହୋଇ ପଡ଼ନ୍ତେ Backward— ଏହା ହେଲେ ରଜା, ଜମିଦାର, ମହନ୍ତ; ମହାଜନ ଆଦି ସମସ୍ତେ ଆସି ଆସନ୍ତେ— ଅଳ୍ପ ସମାଜ ବାଘ ଯାଇ ନାରନ୍ତେ କୃଷକ, ମୂଲିଆଙ୍କୁ ନେଇ । ନହିଁରେ କଂଗ୍ରେସର ଅବସ୍ଥା କଦଳୀ ଭଣ୍ଡା !

ଏ ପାଇଁ ଗୁଳ ନାହିଁ ସୁଭାଷ । × ×

ଆମେ ଶୁଣିଥିଲୁ ଯେ ସମାଜଖବର କାଗଜ ଛାପାଖାନାରେ ଏତେ, କିନ୍ତୁ ଅବଶ୍ୟ, ସମ୍ଭବ ଅକ୍ଷର ଦରକାର ପଡ଼ିଲା ଯେ ଟାଇପ ପ୍ରସ୍ତୁତକାରକମାନେ ଅଗତ୍ୟାବରଣ ପାଇ ଅନ୍ୟ ଛାପାକଳ ବାଲାଙ୍କୁ ୨ ବର୍ଷ ଭିତରେ ସେ ସବୁ ଅକ୍ଷର ଯୋଗାଇ ପାରିବେ ନାହିଁ ବୋଲି ନୋଟିସ ଦେଇଥିଲେ । ଏବେ ଆଉ ଏକ କଥା ଆମ କାନେ ଆସି ଆମକୁ ବଡ଼ ଆନନ୍ଦ ଦେଉଛି । ଏଥିପାଇଁ ସମ୍ପାଦକଙ୍କୁ ଶତଧନ୍ୟବାଦ । ସମାଜ ସମ୍ପାଦକମଣ୍ଡଳୀଙ୍କୁ ଏବେ କୁଆଡ଼େ ଧନ୍ୟବାଦର ବର୍ଷା ଆସି ସ୍ୱପ୍ନରେ ନୂଆ ୨ ସମ୍ବାଦ ଦେଇ ପାଉଛନ୍ତି । ସେଥିପାଇଁ କୌଣସି ଘଟଣାର ୧୦।୧୨ ଦିନ ଆଗରୁ ସେମାନେ ସମ୍ବାଦ ପାଇ ଯାଉଛନ୍ତି । ଅବଶ୍ୟ ସେ ସମ୍ବାଦ ସତ ହେଉଛି କି ମିଛ ହେଉଛି ତା ପାଠକେ ଜାଣିଥିବେ । ଏବେ ଏହି ପରି ଗୋଟାଏ ସତ ସମ୍ବାଦ ପାଇଁ କଟକର କୃଷକ କାଗଜ ତାଙ୍କୁ ବଡ଼ ଟେକି ଧରିଛନ୍ତି । ଯାହାହେଉ ସମାଜ ସମ୍ପାଦକେ (ନୀରବ ଓ ସରବ ଉଭୟେ) ବଡ଼ ଭାଗ୍ୟବାନ । ସତ୍ୟବାଦୀ ବର୍ଷା ଲକ୍ଷ୍ମୀଙ୍କ ସନ୍ତାନ ତଳୁଳ ବଳରେ ଆଳାପ କରୁଥିବାର ଉମ୍ମେଦଲୀ ମିଳିଥିଲା ଏବେ ଯଦି କଟକର ପୂରା ନଳାଗଣ ସମାଜୀଙ୍କ ପ୍ରାସାଦରେ ପଶି ଆମ୍ଭମାନଙ୍କର ପର ପ୍ରବୃତ୍ତଙ୍କ ପାଇଁ ଗୋଟାଏ ଦେଇପର କିଛି ଲେଖିଦେଇ ଯାନ୍ତୁ ତେବେ ଓଡ଼ିଶା ଧନ୍ୟ ହେବ ।

Digitized by srujanika@gmail.com



ହରି ପିଲଟି ବାଳରୁ ଭାବୁକ । ବୟସ ସାଙ୍ଗେ ସାଙ୍ଗେ ତାର ସେ ଭାବୁକତା ବଢ଼ି, ତାକୁ ୧୬ । ୧୭ ଦେଲା କ୍ଷଣି ସେ ପାଲଟି ଗଲା ପୂରାପୂରି—କବି ।

ସେ କବିତା ପଢ଼େ, କବିତାରେ ଶୁଣେ, କବିତାରେ ବୁଝେ, କବିତାରେ ହସେ, କବିତାରେ ରସେ, କବିତାରେ ଖାଏ, କବିତାରେ ଶୁଏ । ତାର ପ୍ରତି ଶ୍ୱାସରେ, ପ୍ରତି କାମରେ କବିତା ଝରି ପଡ଼େ । ସେ ନୀରବ ରାତରେ ତାରାଟିକୁ ଚାହିଁ କଣ ଭାବେ; ଉଦ୍ୟାନରେ ଫୁଲଟିକୁ ଦେଖି କେତେ କଣ କଳ୍ପନା କରେ । ସେ ଖୋଜୁଥାଏ ସବୁଆଡ଼େ କବିତାର କଳଧ୍ୱନି, ସବୁଥିରେ ଛନ୍ଦର ଝଙ୍କାର !

କବିତାର ଦରଶ ଲଭିବାରେ ପଡ଼ି ହରି ଯେତେବେଳେ ଅକୁପାକୁ ହେଉଥାଏ, ସେ ଖୋଜୁଥାଏ ଗୋଟାଏ—କ'ଣ ! କିନ୍ତୁ ସେ କଣଟା ଠିକ ଜାଣେନା, ତାର ସ୍ୱରୂପ ତାର ସ୍ୱଭାବ କିପରି, ତାର ରୂପ ରେଖା କି ପ୍ରକାର ତାହା ସେ ଧରି ପାରେ ନାହିଁ । ସେ କେବଳ ବୁଝିପାରେ ଗୋଟାଏ କି ଅତୃପ୍ତି, ଗୋଟାଏ କି ପିପାସା, ଗୋଟାଏ କି ଅଭାବ । ତାର ପ୍ରାଣଟା ଖାଲି କରୁଥାଏ ହା-ହା !

ତେବେ ସେ ଦେଖିପକାଇଲା ସବିତାକୁ । ସବିତା ତାଙ୍କ ଗାଁର ଜନୈକ ନବ ବିବାହିତା ବଧୂ । ଧନୁ ହରିର ଲେଖାର ଭକ୍ତ, ଅତଏବ ସବିତା ବି କବିଭକ୍ତ । ଦେଖିଲା ମାତ୍ରେ ତାର ସବୁ କବିତା ଯାଇ ସବିତାର ଗୋଡ଼ ତଳେ ପଡ଼ିଲା ଲୋଟି । ତା'ର ସବୁ ଅଳୀକ କଳ୍ପନାର ସେ ଏତେଦିନେ ପାଇଗଲା ଗୋଟାଏ କୂଳ କିନାରା । ସେ ଯାହା ଏତେଦିନ ଧରି ଦେଖୁଥିଲା ତାହା—ଏହି—ଏଇଠି ସବୁ ଠୁଳ ସେଠାରେ ।

ସେଦିନ ରାତିରେ ହରିକୁ ନିଦ ହେଲା ନାହିଁ । କେତେ କଥା ଭାବିଗଲା; କେତେ କଳ୍ପନା କରି ଗଲା; କେତେ କବିତାର ଅସଂଖ୍ୟ ପଦ ତାର ଚିତ୍ତାକାଶରେ ଖେଳି ବୁଲିଲା । ଶେଷ କାଗଜ କଲମ ଧରି ବସିଗଲା ସେ କବିତା ଲେଖି । ପଦେ ଦ'ପଦ ଲେଖି ତେଣିକି କଳ୍ପନା ତେଜି ଉଠିଲା ମୂର୍ତ୍ତି ଅମାନ ମାରିଲା ଯେ, ସେ ବିଚରା ଥଳକୂଳ ନ ପାଇ ଟେବୁଲ ଉପରେ ମୁଣ୍ଡ ରଖି ଘୁମେଇ ପଡ଼ିଲା ।

× × ×

ତହିଁ ଆରଦିନ କବିତାଟିକୁ ଖଣ୍ଡିଏ ନାଲି ଲଫାପା ଭିତରେ ରଖି ରଖି ଯାଇ ସବିତାର

## ପ୍ରେମର ମୂଲ୍ୟ

ଲେଖକ:—ଲ: ମ:

ଝରକାରେ ଗଳେଇ ଦେଇ ଆସିଲା । ଛେଳକୁ ଛେଳ ଯାଇ ସେ ଭାବୁଥାଏ; ବେଳେ ଦେଖିଲା ସେଠି କଣ ଗୋଟାଏ ଝୁଲୁଛି । ସେଇଟା ଗୋଟାଏ ଉପାସ ବୋଲି ଜାଣି ସେ ସେଠିକି ଗଲା ଓ ଚିଠି ଖଣ୍ଡିକ ଘେନି ଆସିଲା । ସେଥିରେ ଥିଲା ତା ପ୍ରେମ ପତ୍ରର ଉତ୍ତର—ଅନୁରାଗିଣୀ ସେ ।

ଏହିପରି ଭାବରେ କିଛିଦିନ ଗଲା ଚିଠି ଚଳାଚଳ । ଚିଠି ମଧ୍ୟ ଦେଇ ଦୁଇଟି ପିପାସୀ ପ୍ରାଣର ଗୋପନ ଭାଷା ଦୁହେଁ ଜଣାଜଣି ହେଉ ଥାଆନ୍ତି ।

ଦୁହିଙ୍କ ମଧ୍ୟରେ ଜମୁଥିଲା ଗୋଟିଏ ପବିତ୍ର ପ୍ରଣୟ—କାମନା ଶୂନ୍ୟ, ବାସନା ହୀନ—ସ୍ୱର୍ଗୀୟ ପ୍ରେମ—ଯହିଁରେ ନ ଥିଲା ଦେହ ଲିପ୍ସା, ଯହିଁରେ ନ ଥିଲା ମିଳନର ଲାଳସା—ଯହିଁରେ ନ ଥିଲା ରକ୍ତ ମାଂସର ଲୋଲୁପତା ।

ତଥାପି ଆକର୍ଷଣଟା ଦିନକୁ ଦିନ ବଢ଼ିବାକୁ ଲାଗିଲା ଓ ଏକଦିନରେ ବାଡ଼ ପଛଆଡ଼ ଆମ୍ବ ତୋଟାର ଅନ୍ଧାର ଆବରଣ ତଳେ ଉଭୟ ପ୍ରେମିକର ହେଲା ଭେଟାଭେଟି ।

ମାମୁଲି ପ୍ରେମବାର୍ତ୍ତାର ଆଦାନ ପ୍ରଦାନ ଉତ୍ତାରୁ, ଯେତେବେଳେ ଦୁଇଟି ତରୁଣ ପ୍ରାଣ ବିଭୋର, ତନ୍ମୟ—ସେତେବେଳେ ସବିତା କହିଲା, "ଅୟି ପ୍ରିୟତମ, ପ୍ରେମ ପାଇଁ ତୁମେ କଣ କରି ପାରିବ କହିଲ ?"

ହରି କହିଲା, "କରି ନ ପାରେଁ କଣ, ବରଂ ପଚାର ।"

ସବିତା—ହଉ ସେଇଆ କୁହ ।

ହରି—କହିବା ।

ସବିତା—ତେବେ ସବୁ କରି ପାରିବ !

ହରି—ନିଶ୍ଚୟ ।

ସବିତା—ଯାହା କହିବି, ତେବେ ତାହା କରିବ ?

ହରି—କହିଲି ପ୍ରିୟେ, ପ୍ରେମ ପାଇଁ ସବୁ ବିସର୍ଜନ ଦେଇ ପାରେଁ ।

ସବିତା—ଜୀବନ ?

ହରି—ଜୀବନଟା କି ଛାର—ଆଉ କଣ ଥାଏ ତ କୁହ ।

ସବିତା—ନା ଆଉ କିଛି ନୁହେଁ—ମୁଁ ଜାଣିଥିଲି, କିନ୍ତୁ ପୁରୁଷ ଜାତିଟା ବଡ଼ ଅବିଶ୍ୱାସୀ: କଥା କହି ବଡ଼ ମନ ଭୁଲାଇ ଜାଣନ୍ତି ।

ହରି—ପରୀକ୍ଷା କର ।

ସବିତା—ବେଶ୍, ତୁମେ ଆମ ପ୍ରେମ ପଥର କଣ୍ଟକଟା ଦୂର କରି ପାରିବ ?

ହରି ଚମକି ପଡ଼ିଲା । ସେ ଅରୁଢ଼ ଆରୁଢ଼ ହୋଇ କହିଲା, "କଣ କହୁଛ ସବିତା ?"

Digitized by srujanika@gmail.com

ସବତା—ଯାହା କହିଲ, ସେଇଆ କରୁଛି।
ଖୁବ୍ ସିଧା, ସଫା କଥାଟା।

ହରି କିଛି ଉତ୍ତର ଦେଇ ପାରିଲା ନାହିଁ।

ତକ୍ଷଣ ସବତା କହିଲା, "ଏଇଟା ନିଅ—ବୀର ପରି, ପ୍ରେମିକ ପରି ସେ ବାଧାଟା ସାଫ କରି ଦିଅ ଏକାବେଳକେ।"

ଏହା କହି ସବତା ହରି ହାତକୁ କଣ୍ଟାଏ ବଢାଇ ଦେଲା। ଜହ୍ନରାତିଟା ଅନ୍ଧାର ଭିତରେ ଶାଣିତ ଛୁରୀଟା ଚକ୍‌ଚକ୍ କରି ଉଠିଲା।

ହରି ତାର ଶୁଖିଲା ଓଠକୁ ଜିଭରେ ଚାଟି କଣ କହିବାକୁ ମନ କଲା ମାତ୍ର ପାଟିରୁ ଭାଷା ଫୁଟିଲା ନାହିଁ। ପାଟି ଅଠା ମାରି ଦେଇଥିଲା। ସେ ବଲବଲ କରି ସବତାର ମୁହଁକୁ ଚାହିଁଲା। ଅନ୍ଧକାରର ଛାଇରେ ଅଖି ଯୋଡାକ ତାର ଜଳୁଥିଲା ଦୁଇଟା ଜଳନ୍ତା ଅଙ୍ଗାର ପରି। ସେ ତାକୁ ଚାହିଁ ନ ପାରି ତଳକୁ ମୁହଁ ପୋତିଲା। ସବତା କହିଲା, "ମୁଁ ବୀରର ପୂଜା କରେଁ, ମୁଁ ସୌନ୍ଦର୍ଯ୍ୟର, ତେଜର, ସାହସର ଅର୍ଚ୍ଚନା କରେଁ। ଭୀରୁ, କାପୁରୁଷକୁ କରେଁ—ଘୃଣା।

ଏତିକି କହି ସେ ଫେରି ପଡି ଦୁମ୍ ଦୁମ୍ ହୋଇ ଚାଲିଗଲା।

\+ + +

ପତ୍ରଏ ବୋଲାଙ୍କ ଭଳି ଛିଡା ହୋଇ ହରି ସେଠୁ ଚାଲି ଆସିଲା ସିଧା ପଦ୍ମର ଘରକୁ। ପଦ୍ମ ସେତେବେଳେ ଏକୁଟିଆ ଦାଣ୍ଡ ପିଣ୍ଡାରେ ବସି ଗୁଣୁଗୁଣୁ ହୋଇ ଗୀତ ବୋଲୁଥିଲା। ହରି ଧୀରେ ଧୀରେ ପଛଆଡୁ ଯାଇ ତା ପିଠିରେ ଦେଲା ଛୁରୀଟା ବସାଇ। ପଦ୍ମ ଚୋଟାଏ ଚିତ୍କାର କରି ଭୂଇଁରେ ପଡିଗଲା। ସେ ରକ୍ତ ଦେଖି ହରିର ସବୁ ଲହୁ ପାଣି ହୋଇଗଲା। ସେ ଫେରି ପଡିଲା ବେଳକୁ ଆଗରେ ଦେଖିଲା—ସବତା।

'ବେଶ୍ କରିଛ, ଠିକ୍ କରିଛ—ସାବାସ୍।'

କଥାଟା ଗୋଟାଏ ଭୀଷଣ ଅଟ୍ଟହାସ୍ୟ ହୋଇ ହରିର କାନରେ ବାଜିଲା। ତାର ହାତ ଗୋଡରୁ ଜୀଅ ଛାଡିଗଲା ପରି ହୋଇ ସେ ସେଇଠି ଥମ୍ କରି ବସିଗଲା।

ସବତା ପୁଣି କହିଲା, "ହେ ମୋର ତେଜସ୍ୱୀ ବୀର, ଉଠ—ପ୍ରେମର ଜୟମାଲ୍ୟ ଗ୍ରହଣ କର।" ମାତ୍ର ଏ କଥା ଶୁଣିବାକୁ ହରିର ଶକ୍ତି ନ ଥିଲା। କାନରେ ତାର ତାଲା ପଡି ଯାଇଥିଲା।

ଗୋଳମାଳ ଶୁଣି ଲୋକ ଜମା ହୋଇ ପଡିଲେ। ଲୋକ ଦେଖି ହରି ହାତ ଯୋଡି କହିଲା, "ସବତା ମୋତେ ବଞ୍ଚାଅ—ମୋତେ ଏଠୁ ଟେକି ନେଇ କେଉଁଠି ଲୁଚାଇ ଦିଅ। ନେହୁରା ହେଉଛି, ମୋର ଜୀବନ ରକ୍ଷା କର।"

ସବତା କିଛି ଶୁଣିଲା ନାହିଁ। ତାର ପଥର ଛାତି ଏତେ କାକୁତି ମିନତିରେ ଟିକେ ହେଲେ ଟଳିଲା ନାହିଁ।

ଗୁହୁଁ ଗୁହୁଁ, ପୁଲିସ ଆସିଗଲେ। ସବୁ କଥା ଶୁଣି ହରିକୁ ହାତକଡି ଲଗାଇ ଚାଲାଣ କରି ନେଇଗଲେ। ଯିବା'ବେଳେ ସେ ଯେତେବେଳେ କାତର ଦୃଷ୍ଟିରେ ତାର ପ୍ରେମିକା ଆଡକୁ ଚାହିଁଲା, ସବତା ତାକୁ ଏହି ଉଦାସ୍ତ ବାଣୀ ଶୁଣାଇ ଦେଲା—"ପ୍ରିୟତମ, ଦୁଃଖ କର ନାହିଁ, ଦମି ଯାଅ ନାହିଁ—ମୁଁ ତୁମକୁ ଜଗତ ଆଗରେ ପ୍ରେମ-ବୀର ବୋଲି ପ୍ରମାଣ କରାଇବି ଓ ପ୍ରେମର ମହତ୍ତ୍ୱ ଦେଖାଇବି।"

× × ×

ତାକୁ ମାଜିଷ୍ଟ୍ରେଟଙ୍କ ଇଜଲାସରେ ହାଜର କରାଗଲା। ସେଠି ଖୁଣ ପ୍ରମାଣ କରିବା ପାଇଁ ପୁଲିସ ପକ୍ଷରେ କିଛି ଅଡୁଆ ନଥିଲା। ନିଜେ ସବତା ଅଖି ଦେଖା ସାକ୍ଷୀ ହୋଇ ସାକ୍ଷୀ ଦେଲା। ମାଜିଷ୍ଟ୍ରେଟଙ୍କ ବିଚାରରେ ହରିର ଦଣ୍ଡ ହୁକୁମ ହେଲା—ଫାସି।

ଦଣ୍ଡଟା ଶୁଣି ହରିର କବିତା, ପ୍ରେମ, କଳ୍ପନା ଇତ୍ୟାଦି ଯେତେକିଛି ସବୁ ଗଲା ଧୂଆଁ ପରି ଉଡି ଏକାବେଳକେ। ସେ କାଠ ପିତୁଳାଟି ପରି ଫାସିକୁ ଅପେକ୍ଷା କରିବାକୁ ଲାଗିଲା।

ଫାସି କାଠ ପ୍ରସ୍ତୁତ ଥିଲା। ତା ଅଖିରେ ଅନ୍ଧ ପୁଟୁଳି ବାନ୍ଧି ସିପେଇମାନେ ଧରି ନେଇ ଫାସି କାଠ ଉପରେ ଛିଡା କରାଇଲେ। ଜଣେ ତା ଗଳାରେ ଫାଶଟାଏ ଗଳାଇ ଦେଲା। ଏ ବେଳରେ ପୁଣି ତାର ମନେ ହେଲା—ପ୍ରେମର ଜୟମାଲ୍ୟ ପରା! କିନ୍ତୁ ସେ ଅନୁଭବ କରି ପାରିଲା ନାହିଁ କିଛି। ସେତେବେଳକୁ ତାର ସେ ଶକ୍ତି ହଜିଯାଇଥିଲା।

ଅଖିରୁ ତାର ପଟି ଖୋଲି ଦିଆହେଲା। ମରିବା ପୂର୍ବରୁ ଏହି ସୁନ୍ଦର ପୃଥିବୀକୁ ଥରେ ଶେଷ ଦେଖା ଦେଖିନେବା ପାଇଁ।

ସେ ଅଖି ଖୋଲି ଦେଲା କ୍ଷଣି ତା ଆଗରେ ଦେଖିଲା ଛିଡା ହୋଇଛି—ସବତା ଗର୍ବ ଓ ଗୌରବର ଉଜ୍ଜ୍ୱଳ ପ୍ରତିମୂର୍ତ୍ତିରେ। ଦୁହିଁଙ୍କ ଦୃଷ୍ଟି ମିଳନ ହେଲାକ୍ଷଣି ସବତା ହାତ ଟେକି ଦେଇ ଚିତ୍କାର କରି କହିଲା, "ହେ ମୋର ପ୍ରେମର ରାଜା, ସ୍ୱର୍ଗ ରାଜ୍ୟରେ ଉନ୍ନତ ଶିରରେ, ଏହି ପ୍ରେମର ମୁକୁଟ ଧାରଣ କର।" କଥାଟା ଗୋଟାଏ ଭୌତିକ ଅଟ୍ଟହାସ୍ୟ ପରି ହରିର କାନରେ ବାଜି ଉଠିଲା।

ଗୋଡ ତଳ ପଟା ଖସିଗଲା ଓ ହରି ଅଖି ଚିରିତାକେ କେଉଁ ଘନ ଅନ୍ଧକାରର ଅତଳ, ଅନନ୍ତ ଗହ୍ୱର ଭିତରକୁ ଖସିଗଲା।

\+ + +

"ହରି, ହରି, ଉଠ, ଉଠ—ଏମିତି କାହିଁକି ହେଉଛୁ—ଏମିତି କାହିଁକି ହେଉଛୁ!"

ହରିର ନିଦ ଭାଙ୍ଗିଗଲା। ସେ ବାଲୁ ବାଲୁ ହୋଇ ଚାହିଁଲା ବେଳକୁ ତା ବଉ ପାଖରେ ଛିଡା ହୋଇ ତା ଛାତିରେ ହାତ ବୁଲାଉଛନ୍ତି।

Digitized by srujanika@gmail.com



ତିନି କନ୍ୟା ପରେ ମା ନନ୍ଦନୀ। ବାଳିକା ବିଦ୍ୟାଳୟରେ ପାଠ ପଢ଼ି ସେ ସୁଖୀ ହୋଇଥିଲା। ନିଜେ ପତ୍ରିକାମାନଙ୍କରେ ପ୍ରବନ୍ଧ ଓ କବିତା ଅନେକ ଲେଖିଛି। ନିଜେ କେତେ ନାରୀ ପତ୍ରିକାର ନାରୀ ସମ୍ପାଦିକା ମଧ୍ୟ ହୋଇଥିଲା। ହେଲା ବିଧବା। ତାର ତିନି ଗୋଟି ପିଲା। ବଡ଼ ପୁଅ ଯୋଡ଼ିଏ। କନ୍ୟା ଗୋଟିଏ। ମାତୃତ୍ୱର ଆକାଂକ୍ଷା ତଥାପି ଯାଇନି। ଅନ୍ତରରେ ତଥାପି ସୁପ୍ତ ହୋଇ ରହିଛି।

ବନମାଳୀ ବାବୁଙ୍କର ହେଲା ସ୍ତ୍ରୀ ବିୟୋଗ। ନନ୍ଦନୀ ଉକ୍ତ ସ୍ତ୍ରୀକୁ ବଞ୍ଚାଇବା ପାଇଁ ଅନେକ ସେବା କରିଥିଲା କିନ୍ତୁ, ବିଧାତାର ଇଚ୍ଛାରେ ସେ ବଞ୍ଚିଲା ନାହିଁ। ଅକାଳରେ କନ୍ୟା ଟିଏ ପ୍ରସବ କରି ଚାଲିଗଲା। ଅନନ୍ତ ଧାମକୁ।

କନ୍ୟାଟିକୁ ନନ୍ଦନୀ ଆଣି ପାଳିଲା। ମାତୃତ୍ୱର ଆକାଂକ୍ଷା। ବନମାଳୀ ବାବୁଙ୍କର ପତ୍ନୀ ଶୋକ ଅଳ୍ପେ ଅଳ୍ପେ ଲିଭିଗଲା। ଯୌବନର କୁସୁମ ସମ୍ଭାର ଯେଉଁ ନନ୍ଦନୀର କନ୍ୟା ପଦ୍ମିନୀ ଭଗ୍ନ। ବନମାଳୀ ବାବୁ ସେ ଦିଗକୁ ଆକୃଷ୍ଟ ହେବା ସ୍ୱାଭାବିକ। କିନ୍ତୁ ଘଟନା ଚକ୍ରରେ ପଦ୍ମିନୀ ବନମାଳୀର ଦୃଷ୍ଟିକୁ ପସନ୍ଦ କଲାନାହିଁ। ସୁତରାଂ ବନମାଳୀ ହେଲା ପରାସ୍ତ। କିନ୍ତୁ ପଡ଼ିଲା ନନ୍ଦନୀର ଆକର୍ଷଣରେ। ଏକା ବୟସ, ବିଧବା ବିପତ୍ନୀକ ଆଜି ଆକୃଷ୍ଟ। ସାଗର ଓ ଚନ୍ଦ୍ର; ଉଚ୍ଛ୍ୱାସକୁ କିଏ ନା ରୋକିବ? ଫଳ ହେଲା ନବ ଯୌବନର ଉଦୟ। ହୃଦୟର ବନ୍ଧ ପୂରି ଉଠିଲା। ବସନ୍ତରେ କୋକିଳ ଗାଏ। ଏମାନଙ୍କ ଜୀବନ କୁଞ୍ଜରେ ବସନ୍ତ ଆସିଲା, କୋକିଳ ଗାଇଲା। କିନ୍ତୁ ଜଗତ ଛି ଛି କଲା। ନନ୍ଦନୀର ପୁଅମାନେ ଛି ଛି କଲେ।

ନନ୍ଦନୀ ଗୃହ ତ୍ୟାଗିଲା। ଆଜି ସେ ଜଗତକୁ କହୁଛି। ଆଜି ସ୍ୱାମୀ ସ୍ତ୍ରୀ ହାତ ଧରାଧରି ହୋଇ ବାହାରି ପଡ଼ିଲେ ଦୂର ଦୂର ଦେଶକୁ। ଅନେକ ତାଡ଼ନା ସହ୍ୟକରି ସେମାନେ ବୁଲିଲେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ। ଏହା ଫଳରେ ହେଲା ସେମାନଙ୍କର ଦୁଃଖୀର ଜୀବନ। କିନ୍ତୁ ଦୁଃଖ ମଧ୍ୟ ଜୀବନର ଚିର ସ୍ଥାୟୀ ହେଲେ ଆଉ ତାହା ବାଧେ ନାହିଁ। ସୁତରାଂ ସେ ଦୁଃଖ ଆଉ ତାଙ୍କୁ କଷ୍ଟ କରି ପାରିଲା ନାହିଁ। ଏଥର ନନ୍ଦନୀ ଓ ବନମାଳୀ ହେଲେ ଜୟୀ। ଦୁଃଖ ତାଡ଼ନା ତାଙ୍କୁ ଆଉ କଷ୍ଟ ଦେଇ ପାରିଲା ନାହିଁ। ଶୀଘ୍ର କାଳର ନିଷ୍ପେଷଣରେ ଏମାନଙ୍କର ଶକ୍ତି ଆଉ କେତେ? ପ୍ରାଚୀନ ସାଙ୍ଗ ସୁଖରୁ ଯେଉଁ ଦୂର ଦୂର ଜଣ ରହିଲେ ସେହିମାନଙ୍କୁ ଯେପରି ସେମାନେ ଜୀବନ ପଥର ଦ୍ୱିତୀୟ ଅଧ୍ୟାୟ ଶେଷ କରୁଛନ୍ତି।

## ନନ୍ଦିନୀ

ଲେଖକ—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍. ଏ. ଭାରତ ସେବକ ସମିତି।

ବନମାଳୀ ଓ ନନ୍ଦନୀ [illegible]। କିନ୍ତୁ ଏକମାତ୍ର ସ୍ନେହର ଡୋରି ସେହି ବାଲ୍ୟକାଳର କନ୍ୟାଟି। ସଙ୍ଗ ଶୀତା ପରି ବଢ଼ିଛି—ମା ହୋଇଛି—ଆଜି ସେ ରହିବ ପାଖାଶ୍ରମରେ। ଏହି ପିତା ମାତା ତାର ଆଶ୍ରୟ। ତାର ସ୍ୱାମୀ ଅଛି ସତ। ସ୍ୱାମୀ ମଧ୍ୟ ଏହି ପିତା ମାତା ଉପରେ ଆଶ୍ରୟ କରି ରହିଛନ୍ତି। ଜୀବନର କେତେ କଥା ହୁଏ। ମାତୃତ୍ୱର ଆକାଂକ୍ଷା ମରେ ନାହିଁ। ଅଦୂରଦର୍ଶିତା ମେଘ ସହିତରେ ଜଡ଼ିତ ହୋଇ ରହିବା ପାଇଁ ସୃଷ୍ଟି ନୁହେଁ। ଲତା ବୃକ୍ଷ ଶାଳ ତରୁର ଆଶ୍ରୟ ଗ୍ରହଣ କରେ। ବର୍ଷାରେ କେତେ ଫୁଲ ଫୁଟେ। କେତେ ଆମୋଦ ଆସେ। ସେ ସବୁ ରହେ, ଝରେ, ପୁଣି ଜୀବନର କଠୋରତା ଆସେ। ଗ୍ରୀଷ୍ମ ଆସେ—ସବୁ ଶୁଖିଯାଏ। ନୀରସ, କର୍କଶ, କଠୋର ଜୀବନ ଜଣାଯାଏ। ଏହିପରି ସବୁ ମାନବର ଜୀବନ ପଥ। ଏହାକୁ ଏଡ଼ାଇବ କିଏ? ଅତି ଅଧିକ ସାଧୁ ସନ୍ଥ ବ୍ୟକ୍ତିର କଥା କହି ନ ପାରେଁ। କଠୋର, କର୍କଶ ମନୋଭାବ ବ୍ୟକ୍ତିର କଥା କହି ନ ପାରେ—

ଭକ୍ତ ମାନବର ଶରୀର ଯିବା କେବଳର କଥା ଏହିପରି। ଜୀବନରେ ଅନନ୍ତ କଥା ଭାବିଲେ ମନେ ହୁଏ—କେତେ ଶୋକ, ଉଚ୍ଛ୍ୱାସ, କେତେ ଆନନ୍ଦ, କେତେ ଆଶା ନିରାଶା, କେତେ ପତନ ଓ କେତେ ଉତ୍ଥାନ ଘଟିଛି। ଏହାର ଭିତର ଦେଇ ଜୀବନ ନଦୀ ଚାଲିଛି। କେତେ ଗିରି ଗୁହା, କେତେ ଗିରି ଶିଖର, କେତେ ପ୍ରସ୍ତର ଭିତର ଉପର ଦେଇ ଜୀବନ ନଦୀ ଚାଲିଛି। ଏହା ଶାଶ୍ୱତ, ପ୍ରକୃତ ପରି ଏହି ଗତି। ମାନବ ଅନେକ ସମୟରେ ଠିକ୍ ଏହାର ଗତି ପଥ ଧରି ପାରେ ନାହିଁ; ବୁଝିପାରେ ନାହିଁ। ସୁତରାଂ ସେ ଶଙ୍କିତ ହୋଇ କଳ୍ପିତ ପଥ ପ୍ରଦର୍ଶନ କରେ। କଳ୍ପିତ କିନ୍ତୁ ନୁହେଁ। ମନୁଷ୍ୟ ଅନବରତ ଉର୍ଦ୍ଧ୍ୱକୁ ଗତି କରୁଅଛି। ତାର ସକଳ ପ୍ରଚେଷ୍ଟା ଭିତରେ, ସକଳ ଦୁଃଖ ପରାଜୟ ଭିତରେ ସେ ଉପରକୁ ଉଠୁଛି। ଅନ୍ତିମ ଶେଷ ଲକ୍ଷ୍ୟ ମୁକ୍ତି। ସାଗର ସଙ୍ଗମ। ଭୟ ନାହିଁ,—କ୍ଷୁଦ୍ର ହେବା ନାହିଁ। ଦେଖ "ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ।"

ନନ୍ଦନୀ ଆଜି ବୁଢ଼ୀ। ବନମାଳୀ ବାବୁ ମଧ୍ୟ ଅତି ଶିଥିଳ, ଶୁଷ୍କ-ଚର୍ମ, ପକ୍ୱ-କେଶ। ଜୀବନର ପାପ ପୁଣ୍ୟର ଅନୁଭୂତିର ଅବଗାହ ଭିତର ଦେଇ ଏହିପରି ସେମାନଙ୍କର ଜୀବନ ଆଜି ଶେଷ ହେଉଛି।



Digitized by srujanika@gmail.com

—ଚାନ୍ଦାଣୀ

ସ୍ୱର ।

ଲେଖକ--ଶ୍ରୀ ଧୂର୍ଜଟୀ

ସାନ୍ତାଳ ଝିଅ ସୁନାଲି—ସତେ ଯେମିତ ତାହାର ସୌନ୍ଦର୍ଯ୍ୟର ଶେଷ ସୁନାଲି ଅଙ୍ଗ । ତାର ବଂଶୀ ଝଙ୍କାର—ସେତ ସାନ୍ତାଳ ଝିଅ । ନିର୍ଜ୍ଜନତାର ପ୍ରତୀକ । ସୁନାଲି ପ୍ରକୃତିର ରାଣୀ । ଏ ଜଗତର କଠିନ ବାସ୍ତବତାର ରାଜ୍ୟରୁ ସେ ସେମିତି ଦୂରରେ – ଅନେକ ଦୂରରେ । ସନ୍ଧ୍ୟାର ଅଧା ଅନ୍ଧାରରେ ଅତି ଦୂରରୁ ସାନ୍ତାଳ ଟୋକା ହୁଏ ତ ମନ ମଉଜରେ ବଂଶୀ ବଜାଇ ଚାଲି ଯାଏ, ଆଉ ତା ମନଟା ସେହି ସ୍ୱରର ପଛେ ପଛେ ନଦୀମୁଖୀ ନିର୍ଝରଣୀ ପରି ଛୁଟିଯାଏ ଅଜଣାର ଦେଶ ।

ଆଜି ରଙ୍ଗିଅର ବାହାଘର । ଅନେକ ଜଙ୍ଗଲି ଫୁଲ ଦେଇ ରଙ୍ଗିଅରକୁ ରାଣୀ ସଜେଇଲେ ସୁନାଲି । ମାଦଳ ବାଜି ଉଠିଲା । ଗୁହାଅଡ଼େ—ଜନ୍ନୁ ବର ଝୁମରୁ ଅପେକ୍ଷା—ସମସ୍ତେ ଦଉଡ଼ିଲେ ତାକୁ ଦେଖିବାକୁ—ସୁନାଲି ସମସ୍ତଙ୍କ ପଛରେ ।

ଅନ୍ଧାରରେ ବଅଢ଼ରା ଲୋକଟିଏ ପଥିକ କହି ଉଠିଲା—'ଅରେ, ରେ—ବଂଉଶି ବନ୍ଧୁ ଜଙ୍ଗଲେ ଅମ ମସ୍ତ ଭୁଲ ହୋଇ ଯାଉଛି, ଅଜ ଏଇ ଗାଁରେ ରହିଅ ଆଜରେ ମୋର ବାହାଘର । ସବୁ କଣ୍ଠା କହ ପାଇବୁ ।' 'ମଶାଲର ଅଲୁଅରେ ସୁନାଲିର ମୁହଁ ଦେଖି କହିଲା--'ଏଇତ ମୋର କନ୍ୟା—ନା ଏତ ନୁହେଁ—ଏଯେ ତାର ସହ ସୁନାଲି ।' ପୁଣି ବଂଶୀ ବାଜି ଉଠିଲା । ଯାହାର ଜଣେ ମାଦଳର ଶବ୍ଦ, ଝୁମରୁ ଅଉ ରଙ୍ଗିଅର ମିଳନର ସୁର—ଭରେ ବଂଶୀର ସୁର ସାଙ୍ଗରେ ।

ସେଇ ସୁର ଟାଣ ଶର ସ୍ୱର ସୁନାଲିକୁ ଟେଲି ଯାଇ ତାର ସ୍ୱରରେ । ସମସ୍ତେ ଓଠିଲେ ଅଇଲେ ଯାହାକୁ ତଳକୁ, ଶାଳ ସୁନାଲି ଛଡ଼ା । ଅନ୍ଧାରରେ ଭୁଲ ପଥରେ ଗୋଡ ପକେଇ ଗୋଟାଏ ଗାତରେ ପଡ଼ିଲା ସୁନାଲି—ଠିକ ଯେଉଁଠି ଉତ୍ସବର ଆୟୋଜନ । ବଂଶୀ ବନ୍ଦ ହୋଇଗଲା—ଚିତ୍କାର କରି ଝୁମରୁ କହିଲା—'ସୁନାଲି ସୁନାଲି !' ଶେଷ ଶ୍ୱାସ ଲଭିଯିବା ଆଗରୁ କ୍ଷୀଣ କଣ୍ଠରେ ଶାଳି କୁହି ଅଠିଲା—ନା ଗୋ ନା, କଥା ନୁହେଁ । କଥା ନୁହେଁ ବନ୍ଧୁ, ଶାଳି ବଜାଅ ବଜାଅ ତମର ବଂଶୀ ।—




## ଅସଲି ପଞ୍ଚଗୁଣା ତେଲ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ ପର୍ଯ୍ୟନ୍ତ ଅଧିଶିର, କାନ ଫଣା, ମୁଣ୍ଡବଥା, କୁଣ୍ଡିଆ, କାଛୁ, ମଉଳ, ପୋଡା ଘା, ଛଉ ଦରଜ, ଅଣ୍ଡାଦରେଜ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧଅଟେ । ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ଅସଲି ପଞ୍ଚଗୁଣା ତେଲ ଅଫିସ୍ କଟକ ।

## ମନୋରମା ସୁରମା

ଏହାକୁ ପ୍ରତିଦିନ ଆଖିରେ ଲଗାଇଲେ ଆଖିରେ ପାଣି ବୋହୁଥିବା ଆଖି ଫୁଲିଥିବା, ଆଖିର କଣା ପ୍ରଭୃତି ରୋଗକୁ ଭଲ କରି ଆଖିକୁ ନିର୍ମଳ କରି ଦିଏ । ମୂଲ୍ୟ—ପ୍ରତି ଶିଶି—୫୦ । ଛୋଟ ଶିଶି—୫୦/୦

ପଚାଶ ଆଉଜି ଅଖିରେ ମୋତିଆବିନ୍ଦୁ ଅଖିରେ ପରଦା ପଡ଼ିଥିଲେ ତାହା ପରିଷ୍କାର କରିବା ପାଇଁ କୌଷ୍ଟ ସୁରମାର ଦାମ ୧୫୦—୫୧ ।

ଠିକଣା——ଅସଲି ପଞ୍ଚଗୁଣା ତେଲ ଅଫିସ, କଟକ ।

## ଆମେ ଚାହୁଁ--

ସ୍ୱାଧୀନ ମାତୃଭୂମି, ବୀର ପ୍ରସବିନୀ ମାତୃଜାତି; ବଳିଷ୍ଠ ଦୀର୍ଘ ଜୀବନ ଏବଂ ରୋଗମୁକ୍ତ ଅଙ୍ଗ ।

ସବୁ ସମସ୍ୟା ଦୂର କରିବ—ନୈଷ୍ଠିକ ସାଧୁଙ୍କ ପ୍ରଦତ୍ତ ମହୌଷଧ

**କାୟକଳ୍ପ ରସାୟନ ।**

ଏହା ବ୍ୟବହାର କଲେ ସ୍ତ୍ରୀମାନଙ୍କର ପ୍ରଦର ରୋଗ ଅତିଶୀଘ୍ର ପ୍ରଶମିତ ହେବ । ବନ୍ଧ୍ୟା ସ୍ତ୍ରୀମାନେ ଆଶ୍ଚର୍ଯ୍ୟରୂପେ ପୁଷ୍ପବତୀ ହୁଅନ୍ତି ଏବଂ ସନ୍ତାନ ଜନ୍ମରେ ଶୁଦ୍ଧଚେତନ ହୁଏ । ବହୁ ସନ୍ତାନ ପ୍ରସବିନୀ ଓ ଦୁର୍ବଳା ସ୍ତ୍ରୀମାନଙ୍କ ସ୍ୱାସ୍ଥ୍ୟୋନ୍ନତି ପକ୍ଷେ ଏହା ଚମତ୍କାର ଭାବେ କାର୍ଯ୍ୟ କରେ ଓ ନବଯୌବନ ମଧ୍ୟ ଫେରାଇ ଆଣେ । ସିଦ୍ଧ ଋଷିବାକ୍ୟ କଦାପି ମିଥ୍ୟା ହେବାର ନୁହେଁ । ପରୀକ୍ଷା କରି ଏହାର ଫଳାଫଳ ଉପଲବ୍ଧି କରନ୍ତୁ ।

କାୟକଳ୍ପ—୧୫ ଦିନ ପାଇଁ ଶିଶି—୫୨ ମାସୁଲ ୫୦ ।୵ ।

୩୦ ଦିନ ପାଇଁ ଶିଶି—୫୨ ,, ୫୧ ।

ଦୁଇ ଶିଶିରୁ ଅଧିକ ନେଲେ ମାସୁଲ ଲାଗିବ ନାହିଁ । ଶୀଘ୍ର ଏହାର ଏଜେଣ୍ଟ ହୋଇ ଦେଶର ମଙ୍ଗଳ କରନ୍ତୁ ଓ ନିଜର ମଙ୍ଗଳ କରନ୍ତୁ ।

ଉଚିତ କମିଶନ ମିଳେ ।

ପ୍ରାପ୍ତିସ୍ଥାନ:—

**କାୟକଳ୍ପ ଔଷଧାଳୟ**

ପରିଚାଳକ— **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ;

ଅଲମଗୃହ ଜୋର, କଟକ । ବା ମୁଃ ନାୟାପଡ଼ା ।

ପୋ: ଅ: ଚାନ୍ଦନୀଚୌକ, କଟକ ।


Digitized by srujanika@gmail.com




# ସବୁଠାରୁ ବଡ଼

## ୧। ବଡ଼ ଜଳପ୍ରପାତ

ନାଏଗ୍ରା ଜଳପ୍ରପାତକୁ ସବୁଠାରୁ ବଡ଼ ଜଳପ୍ରପାତ ବୋଲି ଆଗେ କୁହା ଯାଉଥିଲା। କିନ୍ତୁ ଏବେ ଯୁକ୍ତ ରାଜ୍ୟ ଆମେରିକାସ୍ଥ ହର୍ଭର୍ଡ଼ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ଉଡ଼ାଜାହାଜରେ ଉଡ଼ୁଥିଲାବେଳେ ବ୍ରିଟିଶ ଗିନିର ଏକ ଘନ ଜଙ୍ଗଲ ଭିତରେ ତାହାଠାରୁ ବହୁତ ଉଚ୍ଚରୁ ପଡ଼ୁଥିବା ଗୋଟିଏ ଜଳପ୍ରପାତ ଆବିଷ୍କାର କରିଛନ୍ତି। ପ୍ରପାତଟିରେ ୮ ମାଇଲ ଉପରୁ ଜଳ ପଡ଼ୁଛି।

## ୨। ମୋଟି ସ୍ତ୍ରୀ ଓ ମୋଟା ପୁରୁଷ

ବର୍ତ୍ତମାନ ଭାରତର ଅମୃତସରରେ ବୋଧହୁଏ ସବୁଠାରୁ ମୋଟା ପୁରୁଷ ବାସ କରେ। ଏହାର ଓଜନ ୭ ମହଣ ୧୫ ସେର। ଏହା ପୂର୍ବରୁ ଜଣେ ବ୍ରିଟନର ଓଜନ ୯ ମହଣ ଥିଲା। ସେ ବର୍ତ୍ତମାନ ନାହିଁ। ଆମେରିକାରେ ଗୋଟିଏ ହବ୍‌ସୀ ନାରୀର ଓଜନ ୧୦ ମହଣ ଥିଲା। ତା ନାମ ମେଢକେଣ୍ଡ୍ର।

## ୩। ବଡ ରଙ୍ଗମଞ୍ଚ!

ପୃଥିବୀର ସବୁଠାରୁ ବଡ଼ ରଙ୍ଗମଞ୍ଚ ଫ୍ରାନ୍ସରେ ତିଆର ହୋଇଛି। ଫ୍ରାନ୍ସର ଷ୍ଟୋକେତରେ ଯାଦୁଘର ତଳେ ଖୋଲା ହୋଇ ଏ ରଙ୍ଗମଞ୍ଚ ତିଆର ହୋଇଛି। ଏହାର କାନ୍ଥ ଗୁଡ଼ିକ ସ୍ୱଚ୍ଛ ରଣଶୀଳ। ଏଥିରେ ୩୦୦୦ ଦର୍ଶକ ବସି ପାରନ୍ତି। ଏହିପରି ଅବସ୍ଥାରେ ତିନୋଟି କାମ ଏଠାରେ ହୋଇପାରେ। କେତେବେଳେ ସିନେମା, କେତେବେଳେ ଗୀତବାଦ୍ୟ, କେତେବେଳେ ବା ଥିଏଟର ହୁଏ।

## ୪। ମୂଲ୍ୟବାନ ଭେଟି!

ଜର୍ମାନର କାଉଣ୍ଟ ଅବେନ୍ସ ବର୍ମ ତତ୍କାଳୀନ ରାଜାଙ୍କୁ ୩୨ ପୁତ୍ର ଭେଟି ଦେଇଥିଲେ।

## ୫। ଥଣ୍ଡା ସହର।

ପୂର୍ବ ସାଇବେରିଆର ବରଖୋୟାନସ୍କ ନାମକ ସହର ଦୁନିଆରେ ସବୁଠୁଁ ଥଣ୍ଡା ବୋଲି କୁହା ଯାଉଥିଲା କିନ୍ତୁ ଏବେ ଓଇମେକନ ନାମକ ସହର ତା ସ୍ଥାନ ଅଧିକାର କରିଛି। ଏ ସ୍ଥାନର ତାପମାନ ୧୦୨ ଫାରେନହାଇଟରୁ କମ୍ ହୁଏ ନାହିଁ। ସେଠି ବାଲ୍‌ଟିଏ ଜଳ ଆଣି ରଖିଦେଲେ ବାଲ୍‌ଟି ତଳେ ପୋଇବା ପୂର୍ବରୁ ଜଳ ବରଫ ପାଲଟି ଯିବ। ସେଠାକାର ହାଓ୍ୱା ଶୁଖିଲା—ତେଣୁ ଅଧିବାସୀଙ୍କର ବିଶେଷ ଅସୁବିଧା ହୁଏ ନାହିଁ।

## ୬। ବଡ଼ ଟ୍ରେଜେରୀ

ଆମେରିକାର ଫୋର୍ଟ ନୋକ୍ସ ନାମକ ସ୍ଥାନରେ ପୃଥିବୀର ସବ ବୃହତ ଟ୍ରେଜେରୀ ଅବସ୍ଥିତ। ସେଠାରେ ଆମେରିକା ସରକାର ତାଙ୍କର ସବୁ ଯାକ ସୁନା ୬୪ ଫୁଟ୍ ଲମ୍ବା ଓ ୫୦ ଫୁଟ ଚଉଡ଼ା ସିନ୍ଦୁକରେ ବନ୍ଦ କରି ରଖିଛନ୍ତି। ସେ ସୁନାର ମୂଲ୍ୟ ୧୦ କୋଟି ଡଲାର ବା ୨୫ କୋଟି ଟଙ୍କା। ଏହି ଟ୍ରେଜେରୀ ରକ୍ଷା ପାଇଁ ଆଧୁନିକ ଯାବତୀୟ ବୈଜ୍ଞାନିକ ଉପଯୋଗର ବ୍ୟବସ୍ଥା ହୋଇଛି।

## ୭। ବଡ଼ ମୂଷା

ଲଣ୍ଡନ ଚିଡ଼ିଆଖାନାରେ ସବୁଠାରୁ ବଡ଼ ମୂଷା ୨ ଫୁଟ ଅଢ଼େଇ ଇଞ୍ଚ ଲମ୍ବା କିନ୍ତୁ ଏବେ ତାଠାରୁ ବଡ ମୂଷା ଓର୍ ନିକାରାଗୁଆର ଗୋଟିଏ ଜଙ୍ଗଲରେ ଅନେକ ଦେଖା ଯାଉଛନ୍ତି। ସାଧାରଣତଃ ଏ ମୂଷାଙ୍କର ଲମ୍ବ ୩ ଫୁଟ।

## ୮। ବଡ଼ ଘଣ୍ଟା

ରୁଷିଆର ରାଜଧାନୀ ମସ୍କୋରେ ପୃଥିବୀର ବୃହତ୍ତମ ଘଣ୍ଟା ଅଛି। ଏ ଘଣ୍ଟାର ଉଚ୍ଚତା ୨୧ ଫୁଟ, ବ୍ୟାସ, ୩୧ ଫୁଟ ଏବଂ ଓଜନ ୪୩୨୦୦୦ ପାଉଣ୍ଡ ବା ୫୪୦୦ ମହଣ। ୧୭୩୩ ଖ୍ରୀଷ୍ଟାବ୍ଦରେ ଏହା ତିଆର ହୋଇଥିଲା।

ଅର୍ଶ ଓ ସ୍ୱପ୍ନ ଦୋଷର **ସନ୍ନ୍ୟାସୀଦତ୍ତ** ଅମୋଘ ମହୌଷଧ।

**ଅର୍ଶପାଇଁ—ଅର୍ଶବଜ୍ର ଏବଂ ସ୍ୱପ୍ନଦୋଷ ପାଇଁ ମଧୁସଞ୍ଜିବନୀ**

ଏକମାସ ବ୍ୟବହାରରେ ରୋଗ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ ସପ୍ତାହକ ମଧ୍ୟରେ ଫଳାଫଳ ଜଣା ପଡ଼ିବ। ଉତ୍ତର ଅଞ୍ଚଳରେ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଠାରୁ ପ୍ରାପ୍ତ।

ବୈଦ୍ୟଶିରୋମଣି, ଛତ୍ରିକ ଶ୍ରୀ ଜଗନ୍ନାଥ ମିଶ୍ର B.A.M.S. ସାହିତ୍ୟ ଉପାଧ୍ୟାୟ

ଠିକଣା:—ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ।

**ଆପଣଙ୍କର ଫଟୋ**

ଇଲେକ୍ଟ୍ରିକ ଷ୍ଟୁଡିଓରେ
ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ
ଶିଳ୍ପୀ—ଏସ୍ କଥୁରିଆ
ଫଟୋ ହାଉସ, ଚୌଧୁରୀବଜାର—କଟକ
(ଓଡ଼ିଶାର ଯେ କୌଣସି ସ୍ଥାନରୁ ଯାଇ ଫଟୋ ନିଅ ଯାଇ ପାରେ)

Digitized by srujanika@gmail.com

# ଡଗର ଷୋଡ଼ଶ ଶବ୍ଦଧନ୍ଦା ପ୍ରତିଯୋଗିତା

ଟ୨୫ଙ୍କା ପୁରସ୍କାର ! 'ଡଗର' ପାଠକମାନେ ପାଇ ପାରିବେ ! ଟ୨୫ଙ୍କା ପୁରସ୍କାର !

ଦୁଇଅଣାର ପୋଷ୍ଟାଲ ଡାକଟିକଟ ଦେଇ | ପ୍ରଥମଟି ସହ ଏକଅଣାର ପୋଷ୍ଟାଲ ଡାକଟିକଟ ଦେଇ | ପ୍ରଥମ ଦୁଇଟି ସହ ବିନା ମୂଲ୍ୟରେ (Free)

| | | | | | | |
|---|---|---|---|---|---|---|
| ■ | ୧ ତା | ୨ | ■ | ୩ | ତ | ■ |
| ୪ | ■ | ୫ ର | ୬ | ସ୍ୟ | ■ | ୭ |
| ୮ ର | ୯ | ■ | ଚ | ■ | ୧୦ | ଭ |
| ■ | ୧୧ ପ | | ■ | ୧୨ | ଡ଼ | ■ |
| ୧୩ | ତ | ■ | ୧୪ | ■ | ୧୫ | ୧୬ ପା |
| ଡ଼ | ■ | ୧୭ | ବ | ୧୮ ର | ■ | |
| ■ | ୧୯ | ଲା | ■ | ୨୦ | ଟା | ■ |


| | | | | | | |
|---|---|---|---|---|---|---|
| ■ | ୧ ତା | ୨ | ■ | ୩ | ତ | ■ |
| ୪ | ■ | ୫ ର | ୬ | ସ୍ୟ | ■ | ୭ |
| ୮ ର | ୯ | ■ | ଚ | ■ | ୧୦ | ଭ |
| ■ | ୧୧ ପ | | ■ | ୧୨ | ଡ଼ | ■ |
| ୧୩ | ତ | ■ | ୧୪ | ■ | ୧୫ | ୧୬ ପା |
| ଡ଼ | ■ | ୧୭ | ବ | ୧୮ ର | ■ | |
| ■ | ୧୯ | ଲା | ■ | ୨୦ | ଟା | ■ |

| | | | | | | |
|---|---|---|---|---|---|---|
| ■ | ୧ ତା | ୨ | ■ | ୩ | ତ | ■ |
| ୪ | ■ | ୫ ର | ୬ | ସ୍ୟ | ■ | ୭ |
| ୮ ର | ୯ | ■ | ଚ | ■ | ୧୦ | ଭ |
| ■ | ୧୧ ପ | | ■ | ୧୨ | ଡ଼ | ■ |
| ୧୩ | ତ | ■ | ୧୪ | ■ | ୧୫ | ୧୬ ପା |
| ଡ଼ | ■ | ୧୭ | ବ | ୧୮ ର | ■ | |
| ■ | ୧୯ | ଲା | ■ | ୨୦ | ଟା | ■ |


ନାମ ________ ଠିକଣା ________ କେତୋଟି ଉତ୍ତର ________

## ସିଧା ଭାବରେ ।

୧ । ଡଗର-ଶବ୍ଦଧନ୍ଦା, ପାଠକମାନଙ୍କୁ ଏପରି କରିବା କେବେହେଁ ଅସ୍ୱାଭାବିକ ନୁହେଁ ।

୩ । ଅନେକ ଚତୁର ଲୋକ ଏହା ଦେଖାଇ କାମ ହାସଲ କରି ନେଇଥାନ୍ତି ।

୫ । ନାଗର ଚନ୍ଦନ —ମସ୍ତ ଅଟେ ।

୮ । ଏହା ନ ଥିଲେ କାବ୍ୟ କାବ୍ୟ ନୁହେଁ ।

୧୦ । ଆଜିକାଲି ଗାଁ ଗାଁରେ ଏହା ବଢୁଛି ।

୧୧ । ଅନେକ ବୁଝିବା ଶୁଝିବା ଲୋକ ବଡ଼ ଲୋକଙ୍କ ସାଙ୍ଗରେ ଏହା ପକାଇବାକୁ ଚେଷ୍ଟା କରନ୍ତି ।

୧୨ । ଛେଉ ବୃଦ୍ଧପତେ ଏହା ନ ଦେଲେ ଏ ଦେଶରେ ଭଲ ଗୃହ ହେବ ନାହିଁ ।

୧୩ । ଏଥିରେ ପଡ଼ିଗଲେ ଉଠିବା ସହଜ ନୁହେଁ ।

୧୫ । ଏହା ଗ୍ରହ କଲେ ଦେଶର ଦାରିଦ୍ର୍ୟ ଘୁଞ୍ଚିବ ବୋଲି ଗାନ୍ଧିଜୀ କହନ୍ତି ।

୧୭ । ଏହାକୁ ଦେଖିଲେ ମନୁଷ୍ୟ ମନରେ ବେଳେ ବେଳେ ମୃତ୍ୟୁର ଆତଙ୍କ ଜାତ ହୋଇଥାଏ ।

୧୯ । କେତେକ କ୍ଷୁଦ୍ର କୀଟ ଏହା ବାନ୍ଧି ରହନ୍ତି ।

୨୦ । ଲେଉଟାଇ ପଢ଼ିଲେ ଏହା କରି ରାବଣ ନାଶ ଗଲା ।

## ଉପରୁ ତଳ ଭାବରେ ।

୨ । ଏହା ପ୍ରତି ଅଧିକ ଆକର୍ଷଣ ରାସ୍ତା ଚଲିବାରେ ସରଳ ନୁହେଁ ।

୩ । ସୁନ୍ଦରୀ ଅଭିନେତ୍ରୀର ଏହା ଅନେକଙ୍କ ପକ୍ଷରେ ରଙ୍ଗମଞ୍ଚର ସବୁ ପ୍ରଧାନ ଆକର୍ଷଣ ।

୪ । କେତେକ ଭାବ ପ୍ରବଣ ଲୋକ — କଥାରେ ବିଚଳିତ ହୁଅନ୍ତି ।

୬ । ନଟନାଗର ବର ବାଟରେ —ନାଟ ରୁ କରଲା ।

୭ । ବଧୂର ଚଦର ଏହାଦ୍ୱାରା ଅନେକ ନାୟିକା ଅଧୀର ହୋଇଥାନ୍ତି ।

୯ । ପୂର୍ବରୁ ପୃଥିବୀର ଅଦ୍ଭୁତ ପଦାର୍ଥ ( wonders ) ମାନଙ୍କର ସଂଖ୍ୟା କେତେ ଥିଲା ?

୧୦ । ପରୁର ପରୁର ଲୋକେ ଏଥିରେ ପୁରି ବାରାଣସି ଗୃହ ଯାଉଛନ୍ତି ।

୧୩ । ଏହା ଗୃହଥିବାବେଳେ ଏହା ପାଖକୁ ଯିବା ସବୁବେଳେ ନିରାପଦ ନୁହେଁ ।

୧୪ । ସବୁଦିନେ ଏହା ଏକ ଅବସ୍ଥାରେ ରହି ନ ଥାଏ ।

୧୬ । ଏହା ନଥାଇ କେହି କେହି ବିଦେଶକୁ ରୋଜଗାର କରି ଯାଇ ସାଧାରଣତଃ ହଇରାଣ ହୋଇଥାନ୍ତି ।

୧୭ । ରସିକ ଲୋକ ନହେଲେ ଏହାର ମଠା ବୁଝି ପାରିବ ନାହିଁ ।

୧୮ । ଯାହାର ରଡ଼ି ଏବେ ଗୃହଅଟେ ପଡ଼ୁଛି

**ନିୟମ**—ପ୍ରତେକିଟା ଫିସ୍ ପ୍ରଥମ ଖଣ୍ଡକୁ ୦/୦ ଓ ଦ୍ୱିତୀୟ ପ୍ରତିଖଣ୍ଡକୁ ୦/ ଲେଖାଏ **(ଶେଷ ତା ୧୦-୮-୩୯)**

ଉପର ଛକରେ ଯେଉଁ ସବୁ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ପ୍ରତି ସୂତ୍ରକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ଠିକ୍ ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ପୂରା ମିଳୁଛି ତାହା ବାଛି ବସାଇବା ଉଚିତ ।

Digitized by srujanika@gmail.com

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଭଦ୍ରକ ସେଣ୍ଟ୍ରାଲ ବ୍ୟାଙ୍କ ସେକ୍ରେଟେରୀଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳି ଯିବ ସେ ପ୍ରଥମ ପୁରସ୍କାର ୫୧୨୧ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୨୧ ପାଇବ

ସବୁଠାରୁ ବେଶୀ ସଂଖ୍ୟକ ଉତ୍ତର ଦେଇଥିବା ବ୍ୟକ୍ତି ୫୩୧ ବଶିଷ୍ଟ ପୁରସ୍କାର ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକୀ ୫୮୧ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ, ଯୋଗଦେଇ ପାରନ୍ତି । ଶବ୍ଦପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ଉତ୍ତର ଦେବାକୁ ଚାହିଁବେ ଉପର ତଳୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କା ରଖି ତାହାଁ ଖଣ୍ଡ ଖଣ୍ଡ ନକରି ଏକସଙ୍ଗରେ ପଠାଇ ଦେବେ ଓ ତହିଁ ସଙ୍ଗେ ଦୁଇଅଣାର ପଇସିଏଥି ଡାକଟିକଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମଟି ପାଇଁ ୫୦/୦ ଓ ୨ୟ ଟି ପାଇଁ ୫୦/ର ପଇସିଏଥି ଡାକ ଟିକଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ଯଦି କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଉପର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଅଧିକା ପ୍ରଥମ ( ୪ର୍ଥ ) ଉତ୍ତର ପାଇଁ ଏକଅଣା ୨ୟ ଉତ୍ତର ( ୫ମ )ପାଇଁ ଏକଅଣା ଓ ତୃତୀୟ (୬ଷ୍ଠ) ଉତ୍ତରଟି ବିନାମୂଲ୍ୟ—ଏହିପରି ହିସାବରେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ= ଅର୍ଥାତ ଦୁଇଅଣା ଟିକଟ ସହ ଅଧିକା ଦୁଇଟି ଉତ୍ତର ଦେଲେ ଗୋଟିଏ ଲେଖାଏ ଫ୍ରି ପାଉଥିବେ । ସମସ୍ତ ଉତ୍ତର ୧୯୩୯ ମସିହା ଅଗଷ୍ଟ ୧୦ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ 'ଝଙ୍କାର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାଫା ପଛ ପଟରେ ଗୋଟିଏ ଗୁଣନ ( X ) ଚିହ୍ନ ଓ ୧୭ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଞ୍ଜନୀ) ମଧ୍ୟ ଦିଆଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଘର ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବ । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କ ଠାକୁ ଧନ୍ଦା ଉତ୍ତର ରହିଥିବା ଲଫାଫା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

| | | | | | | |
|---|---|---|---|---|---|---|
| ୧ ର | (ସ୍ବି) | ୨ ଭ | ■ | ୩ ଅ | ଗ୍ର | ୪ ହ |
| ଚ | ■ | ଠୁ | ■ | ସ୍ଥ | ■ | ବ |
| ୫ ନା | ଛ | ■ | ୬ ଗୃ | ■ | ୭ ବ | ସ |
| ■ | ■ | ଭ | ମ | ର | ■ | ■ |
| ୯ ବା | ଡ | ■ | ର | ■ | ୧୦ ଶି | ୧୧ ଗା |
| ଣୁ | ■ | ୧୨ ପା | ■ | ୧୩ ଶୋ | ■ | ର |
| ୧୪ ଅ | ଙ୍ଗୁ | ଳ | ■ | ୧୫ କ | ର | ଣ |

## ପଞ୍ଚଦଶ ଶବ୍ଦଧନ୍ଦା ପୁରସ୍କାର

**ଭେଦୀମାନେ କ୍ରମେ ଆଗେଇ ଚାଲିଲେ ।**

**ଗୋଟିଏ ମାତ୍ର ଭୁଲରେ ପ୍ରଥମ ପୁରସ୍କାର**

ଅଳ୍ପକେ ସମ୍ପାଦକ ରକ୍ଷା ପାଇଗଲେ !

ସାମନ୍ତ ପୁରସ୍କାର ଅଦ୍ୟାପି ଅଘ୍ରାଣ କୁସୁମ ।

**ଶବ୍ଦଧନ୍ଦା ଇତିହାସରେ ପ୍ରଥମ ।**

ପ୍ରଥମ ପୁରସ୍କାର—(ଗୋଟିଏ ଭୁଲ) ଶ୍ରୀ ଶ୍ରୀନାଥ ଦାସ ରାଜକାଲଗିଡ଼ି ମି: ଇ: ସ୍କୁଲ, ପୋ: ରାଜକାନିକା—୫ ୧୨ ୧ ।

୨ୟ ପୁରସ୍କାର—(୨ଟି ଭୁଲ) ୧ । ଶ୍ରୀ ଜୟଦେବ ଅଗ୍ରୱାଲ, ପୋ: ଜୁଗସାଲାଇ ପୁରୁଣା ବସ୍ତି—ଟାଟାନଗର । ୨ । ଶ୍ରୀ ଧୁରେନ୍ଦ୍ର ମୋହନ ପଣ୍ଡା, ବାରିପଦା ହାଇସ୍କୁଲ ନୂଆ ବୋର୍ଡିଂ, ବାରିପଦା ।୩। ଶ୍ରୀ କଳାକର ଭଞ୍ଜ, ବାବୁ ସାହି, ବାରିପଦା । ପ୍ରତ୍ୟେକ ୫୧୧୮ କରି (୫୦୫୮)

୩ୟ ପୁରସ୍କାର—(୩ଟି ଭୁଲ) ଶ୍ରୀ ସୀତାରାମ ମହାପାତ୍ର, ହେଡ ପଣ୍ଡିତ ସିଂହଡିଆ ଅ: ପ୍ରା: ସ୍କୁଲ ପୋ: ବଡ଼ସାହି ମୟୂରଭଞ୍ଜ । ୧ । ଶ୍ରୀ । ରଘୁନାଥ ପଟ୍ଟନାୟକ, ଗୁହାଳିଆ ସାହି, ପୋ: ସୋରୋ । ୩ । ଶ୍ରୀ ବଳରାମ ଦାସ, ପଞ୍ଚାବାଟି, ପୋ: ପୁରୀ । ୪ । ଶ୍ରୀମତୀ ସରୋଜିନୀ ଦେବୀ, ମୁନସଫ କୋଠି, ଭଦ୍ରକ । ( ପ୍ରତ୍ୟେକ ୫୦୫ କରି ୫ ୩ ୧ )

ଣ: ଦ୍ର:—ପ୍ରବେଶିକା ଦେୟ ପଠାଇ ନଥିବାରୁ ଅନ୍ନପୂର୍ଣ୍ଣାଙ୍କ ଉତ୍ତର ଅଗ୍ରାହ୍ୟ ହୋଇଛି । ତାଙ୍କର ୨ଟି ଭୁଲ ହୋଇଥିଲା ।

ସବୁଠାରୁ ଅଧିକ ଉତ୍ତର ( ୬୫ଟି ) ଦେଇଥିବା ଯୋଗୁଁ ଶ୍ରୀ ସୀତାରାମ ମହାପାତ୍ର (ସିଂହଡିଆ) ୫୩୧ ଅଧିକା ପୁରସ୍କାର ପାଇଲେ ।

**ଆପତ୍ତି**—ଯେଉଁମାନଙ୍କର ଆପତ୍ତି ଥିବ ସେମାନେ ୫ ୦ ୮ ଡାକଟିକଟ ସହ ଅଫିସକୁ ଲେଖି ପଠାଇଲେ **ଅମ୍ଭେମାନେ** ସେମାନଙ୍କର ସନ୍ଦେହ ଦୂର କରିଥାଉଁ ।

Digitized by srujanika@gmail.com




ପୁଲିସ ଇନ୍‌ସପେକ୍ଟର ତେଣୁ ସାଇକଲରେ ଆସୁଥିଲେ, ଏଣୁ ଜଣେ ସିପେଇ ବଡ଼ ହାଣି ହାଣି ଯାଉଥିଲା । ଦୁହିଁଙ୍କର ଭେଟ ହେଲା; ମାତ୍ର ସିପେଇ ତାଙ୍କୁ ସଲାମ ନ କରି ଚାଲି-ଗଲା । ଇନ୍‌ସପେକ୍ଟର ସାହେବ ସାଇକଲ ବନ୍ଦ କରି ସିପେଇକୁ ଡାକି ପଚାରିଲେ । ସେ ଅଣ୍ଟି ସଲାମ କଲରୁ ଇନ୍‌ସପେକ୍ଟର କହିଲେ, "ତୁମେ କାହିଁକି ପ୍ରଥମେ ସଲାମ ନ କରି ଚାଲିଗଲ ?"

ସିପେଇ—ଆଜ୍ଞା, ଯେତେବେଳେ ବଡ଼ ହାଉ-ଥିଲି ସେ—ଅମ ହାବିଲ୍‌ଦାର କହି-ଥିଲେ ବଡ଼ ଲୋକଙ୍କୁ ଖାଲି ବଡ଼ ଅଫି-ସରଙ୍କୁ ସଲାମ କରିବ ନାହିଁ ।

× × ×

ଶିକ୍ଷକ—'ପ୍ରତିଶବ୍ଦ' କାହାକୁ କୁହାଯାଏ ?

ଛାତ୍ର—କୌଣସି ଶବ୍ଦର ବନାନ ନ ଆସିଲେ ଲୋକ ବା ଲେଖକ ଯେଉଁ ଅନ୍ୟ ଶବ୍ଦ ବ୍ୟବହାର କରେ, ତାକୁ ପ୍ରତିଶବ୍ଦ କହନ୍ତି । + +

ଶିକ୍ଷକ—'ସଂଶୋଧନ' କଣ ଜାଣ ?

ଛାତ୍ର—ଆଜ୍ଞା, ମୋ ବାପାଙ୍କର ଛୁଞ୍ଚି କାଲି ଡାକ୍ତର ସଂଶୋଧନ କରିଥିଲେ । + +

ବାପା—ଅସମ୍ଭବ ଶବ୍ଦ ମୂର୍ଖଙ୍କ ଅଭିଧାନରେ ଥାଏ ।

ପୁଅ—ବାପା, ତମର ଅଭିଧାନରେ ତ ଅସମ୍ଭବ ଦେଖିଥିଲି । × ×

ସ୍ତ୍ରୀ—ପଶା ଛଡ଼ା ତମ ମନରେ ଆଉ କିଛି ତ ଶୁଣୁ ନାହିଁ । ଆମ ଦାଦାଙ୍କର କଥା ତ ତମ ମନେ ଥିବ ବା ନାହିଁ ସନ୍ଦେହ ।

ସ୍ୱାମୀ—ଓ—ଖୁବ୍ ମନେ ଅଛି । ସେଦିନ ସାହେବ୍ ସାଙ୍ଗରେ ଖେଳ କରିଥିଲି । ମୁଁ ତମକୁ ପଣ ରଖିଥିଲି ଆଜି ସେ—

\+ + +

ବିଚାରକ—ଏଠାରେ ଏପରି କୌଣସି ଭଦ୍ର-ବ୍ୟକ୍ତି ଅଛନ୍ତି କି ଯେ ତୁମର ଚରିତ୍ର ଭଲ ବୋଲି ଅଦାଲତରେ କହିବେ ।

ଅପରାଧୀ—ଆଜ୍ଞା, ହଁ ଏହି ଭଦ୍ରଲୋକ ମୋ ଚରିତ୍ର ସମ୍ବନ୍ଧରେ ଭଲ କହି ପାରିବେ ।

ଭଦ୍ରଲୋକ—(ଚମକିପଡ଼ି) ହଜୁର ମୁଁ ଏହାକୁ ଚିହ୍ନେ ବି ନାହିଁ ।

ଅପରାଧୀ—ଦେଖନ୍ତୁ—ମୁଁ ଏହି ଗାଁରେ ଦଶ ବର୍ଷ ରହିଲି । ମୁଁ ଏପରି ଚରିତ୍ରରେ ରହିଛି ଯେ ଏ ଭଦ୍ରଲୋକଙ୍କ ଘର ପାଖରେ ଘର ହେଲେ ବି ସେ ମୋତେ ଚିହ୍ନିବାର ଅବସର ପାଇ ନାହାନ୍ତି × × ×

**ପରିଶ୍ରମ**

କୌଣସି ନାରୀ ସମିତି ନିୟମ କଲେ ଯେ ପ୍ରତ୍ୟେକ ସଭ୍ୟା ନିଜ ପରିଶ୍ରମରୁ ଅର୍ଜ୍ଜନ କରି ସମିତିକୁ ଚାନ୍ଦା ଦେବାକୁ ବାଧ୍ୟ ।

ଚାନ୍ଦା ଦେବାବେଳେ ସଭ୍ୟା କେଉଁ ଉପାୟରେ ପରିଶ୍ରମ କରି ଉପାର୍ଜ୍ଜନ କରିଛି ତାହା ପଚାରିବାରୁ ଜଣେ କହିଲା—ସେ ତାର ସ୍ୱାମୀଠାରୁ ମାଗି ଅଣି ଦେଇଛି । ଅନ୍ୟ ଲୋକମାନେ କହିଲେ—ଏ ତ ଅପଣା ପରିଶ୍ରମର ଧନ ନୁହେଁ—

ସ୍ତ୍ରୀ—ମୋର ସ୍ୱାମୀଙ୍କଠାରୁ ପଇସାଟିଏ ମଧ୍ୟ ଅଣିବା କେତେ କଷ୍ଟ ତାହା ଜାଣିବ କିମିତି ? + +

**ଟୋଲା—**

ଯାତ୍ରୀ—ଅସ୍ପାଳୁ ଜଣେ ମଣିଷର ଭଡ଼ା କେତେ?

ଡ୍ରାଇଭର—ଟ ୦ ୫ ।

ଯାତ୍ରୀ—ବକ୍ସଣା ଓ ବାକ୍ସ ପାଇଁ ?

ଡ୍ରାଇଭର—ଖାଲି ନେଇଯିବି ।

ଯାତ୍ରୀ—ତେବେ ତମେ ମୋ ବକ୍ସଣା ଓ ବାକସ ନେଇଯା ମୁଁ ଚାଲି ଚାଲି ଅସ୍ପାଳ ଯିବି ।

## ଶବ୍ଦଧନ୍ଦା ବିଜ୍ଞାପନ

ନିମ୍ନଲିଖିତ ଖେଳିମାନଙ୍କର ସେମାନଙ୍କ ନାମ ସମ୍ମୁଖୀନ ପରିମାଣ ମତେ ପୁରସ୍କାର ଗଚ୍ଛିତ ଅଛି ।

ଶ୍ରୀ ଲୋକନାଥ ଦାସ ଟ ୦।/, ଶ୍ରୀମତୀ ସରୋଜିନୀ ଦେବୀ (ଭଦ୍ରକ) ଟ ୦।/, ଶ୍ରୀ ବନମାଳୀ ବେହେରା (ଭଦ୍ରକ) ଟ ୦।୵, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ, ରାଜକନିକା, ଟ ୦ ।/, ଶ୍ରୀ ଶ୍ରୀନାଥ ଦାସ ( ରାଇରଙ୍ଗପୁର ) ଟ ୦୵, ଶ୍ରୀ ଗୋପିନାଥ ପଣ୍ଡା ( କଟକ ) ଟ ୦ ।/, ଶ୍ରୀ ବାବୁ ଲାଲ ( ବାଲେଶ୍ୱର ) ଟ ୦ ୵, ଶ୍ରୀ ବସନ୍ତ କୁମାର ପାଳ (ବାରିପଦା) ଟ ୦ ।/, ଶ୍ରୀ ଅନିଲ କୁମାର ଘୋଷ (କଟକ) ଟ ୦ ।/, କୁମାର ଲକ୍ଷ୍ମୀନାରାୟଣ ମହାନ୍ତି, ଟ ୫ ।

ବିଶେଷ ଦ୍ରଷ୍ଟବ୍ୟ—ଖେଳିମାନେ ଯେ କୌଣସି ଶବ୍ଦଧନ୍ଦା ପ୍ରତିଯୋଗିତାରେ ଯୋଗ ଦେଇ ସେମାନଙ୍କର ପ୍ରାପ୍ୟ ମଞ୍ଜୁରୀ ନେଇ ପାରନ୍ତି । କାରଣ ଟ ୦୵ରୁ କମ୍ ପୁରସ୍କାର ମନିଅର୍ଡର ଦ୍ୱାରା ପଠାଇବାରେ ଅଯଥା ଖର୍ଚ୍ଚ ହେବ । ଏଣିକି ନିୟମିତରୂପେ କୃତକାର୍ଯ୍ୟ ଖେଳିମାନଙ୍କର ପ୍ରାପ୍ୟର ହିସାବ ଉପରରେ ପ୍ରକାଶ ପାଉଥିବ ।

—ଧନ୍ଦା ସମ୍ପାଦକ—

Digitized by srujanika@gmail.com

# ବହିପତ୍ର



## ନବଭାରତ—ମୀନ-ଦଶମ ସଂଖ୍ୟା

କଂଗ୍ରେସ ସରକାର ଓ କଂଗ୍ରେସ କମିଟି — ପଣ୍ଡିତ ନୀଳକଣ୍ଠ ଦାସ ।

ନିଖିଳ କଂଗ୍ରେସ କମିଟି ପ୍ରାଦେଶିକ କମିଟି ମାନଙ୍କ ଖାଉ ଉପରେ ହାଲ ଯେଉଁ ପ୍ରସ୍ତାବ ଗ୍ରହଣ କରିଛନ୍ତି, ତାହାର ଫଳରେ ଏ ଲେଖାଟି ବାହାରିଲା ପରି ଜଣାଯାଏ । ଯୁକ୍ତି ଗୁଡ଼ିକ ଠିକ୍; ଦେଲେ ଶୁଣିବ କିଏ ! କାଗଜରେ ନ ଲେଖି ସ୍ପଷ୍ଟ ଲୋକଙ୍କ ଆଶା ନେଲେ ବରଂ ପ୍ରତିକାର ହୋଇପାରେ ।

ଶ୍ରୀଯୁକ୍ତ ରାମକୃଷ୍ଣ ମିଶ୍ରଙ୍କର "ଚାଏ ଭୁଲେ" କବିତା ପାଠଯୋଗ୍ୟ ।

ଶ୍ରୀଯୁକ୍ତ ନବକିଶୋର ଦାସ ଏଥର ନବଭାରତରେ ତିନିମୂର୍ତ୍ତିରେ ଦେଖା ଦେଇଛନ୍ତି — "ତଶୋମୈତ୍ରେ" ଧର୍ମବେତ୍ତା ରୂପେ, 'ମୃତ୍ତିକାହସ୍ୟରେ' ଦାର୍ଶନିକ ରୂପେ ଓ 'ଅଜଣା ଅତିଥି'ରେ କବିରୂପେ । ସବୁଥିରେ ସେ ନାମ୍ କରିଦେଇଛନ୍ତି; ଅଥଚ ସ୍ପଷ୍ଟତ୍ୟାଗୀ କଣ ତାଙ୍କର ଜାଣିବାକୁ ଧନ୍ଦା ଲାଗିଯାଉଛି ।

ପଣ୍ଡିତ ମାୟାଧର ଦାଶ ପଢ଼ସଙ୍କେ ଅପଣଙ୍କର ସାହିତ୍ୟ ପ୍ରସଙ୍ଗ ସମ୍ମେଳନର ଉତ୍ସବ ଦେଇ ସ୍ପତାଏ ଭୂଲ ଦେଖାଇଛନ୍ତି । ଦାମ୍ଭିକତା ମାତ୍ର ସ୍ଥଳରେ ମଜ୍ଜା ମିଳେ ଏଥା ।

'ଛାଡ଼ିଯିବା ଗୃହ'ର କବି ଶ୍ରୀ ପୂର୍ଣ୍ଣଚନ୍ଦ୍ର ଚଣ୍ଡନାୟକ ଶ୍ରେଣୀ ପଛେ ଦେଇ ଛାଡ଼ି ଯାଇଛନ୍ତି ।

ଶ୍ରୀରାଧା ଚରଣ ପଣ୍ଡାଙ୍କର ପଢ଼ସଜ ମହାଶୟଙ୍କ ପ୍ରତ୍ୟୁତ୍ତର ସମୀଚୀନ ଲାଗିଲା । ସତ କଥାଟା ଲୁଚେଇ ଫଳ କି ? ପଢ଼ସଜେ ଭୁଲ ହେବା ଭଲ ।

ବୁଲାବାବା—(ଗଳ୍ପ) ଶ୍ରୀ ବୃନ୍ଦାବନ ଅଗ୍ରୱାଲ ।

ଏଭଳିଆ ଗଳ୍ପ ଲେଖକ ବା ସମ୍ପାଦକ କାହାରିକୁ ସମ୍ମାନିତ କରେ ନାହିଁ, ବରଂ ପାଠକ ଙ୍କର ଅକାରଣ ସମୟ ନଷ୍ଟ କରେ ଓ ଓଡ଼ିଆ ଚଳନ୍ତି ସାହିତ୍ୟର ଶିଶୁତା ପ୍ରକାଶ କରିଦିଏ ।

## ସହକାର—ଦ୍ୱିତୀୟ ସଂଖ୍ୟା ଜ୍ୟେଷ୍ଠ

ପ୍ରବୀଣ ସାହିତ୍ୟିକ ଶ୍ରୀଯୁକ୍ତ ଚନ୍ଦ୍ରଧର ଦେବଙ୍କ ପ୍ରବନ୍ଧ 'ଅଜ୍ଞାତ ଅନାଦି କାଳରୁ ଅଛନ୍ତି' ପାଣ୍ଡିତ୍ୟ ପୂର୍ଣ୍ଣ ।

ଯାତକୋଶ ଅରେ ପନ୍ଥ—( କବିତା ) ଶ୍ରୀଯୁକ୍ତ କୁଞ୍ଜବିହାରୀ ଦାଶ । କବିତାଟି ମନୋରମ ହୋଇଛି । ଭାଷା ମଧୁର ଓ ମାର୍ଜିତ ।

ଭକ୍ତ ନବକିଶୋର 'ଅନ୍ଧ'ରେ ଲୁଚିଛନ୍ତି ଓ ପାଠକଙ୍କୁ ଲୁଚାଉଛନ୍ତି ।

'କାର୍ଲ ମାର୍କସଙ୍କ ସମାଜ ତନ୍ତ୍ର ବାଦ' ପ୍ରବନ୍ଧ ସମୟୋପଯୋଗୀ ।

ଶ୍ରୀ ରାଧାମୋହନ ଗଡ଼ନାୟକଙ୍କ କବିତା 'ମୌସୁମୀ' ଛାତକୁ ଯତ୍ନ ସହ ଦେଇ ଲୁଚିଯାଏ ଲୁଅରେ - କିନ୍ତୁ ଲଭିଯାଏ ନାହିଁ କିଛି ପାଞ୍ଚୁଳୀ ହେବାପାଇଁ ।

ଦ୍ୱିଧାର - ଗଳ୍ପ - ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ।

ଅନନ୍ତ ବାବୁ ନିସ୍ୱାର୍ଥ ଭାବରେ ସାହିତ୍ୟ ସେବା କରୁଛନ୍ତି—ଯାହା ତାଙ୍କ ଡାକ୍ତରୀ ଲେଖ କରିବାକୁ ଅବକାଶ ପାଉନ୍ତି ନାହିଁ । ଏହି ଗଳ୍ପଟି ଖୁବ୍ ବଢ଼ିଆ ହୋଇଛି ବୋଲି କହିବାକୁ ହେବ । ସାଧାରଣ ଗାର୍ହସ୍ଥ୍ୟ ଜୀବନର ଘଟଣାଟି ଯେପରି ନିପୁଣ ଭାବରେ ସଜାଇ । ଲେଖକଙ୍କର ଅବେଗମୟ ପଦାନୁଭୂତି ହୃଦୟସ୍ପର୍ଶୀ ହୋଇଛି ।

ପଣ୍ଡିତ କୃଷ୍ଣଚନ୍ଦ୍ର ଅଗ୍ରୱାଲଙ୍କ ପ୍ରବନ୍ଧ 'ଓଡ଼ିଆ ଲିପି ବନାମ ଲିପି ହୋଇପାରେ' ପଢ଼ି ମନରେ ଯେତେ ଆନନ୍ଦ ଆସିଲା, ଦୁଃଖ ହେଲା ତହିଁ କାଳେ । ହାସ୍ୟରେ ହାସ୍ୟ, 'ଓଡ଼ିଆର ଦୃଷ୍ଟି ଏତେ ଉଦାସ ! ଏଭଳି ଲିପି ଧରି, ଖୋସାମତିଆ, ଅଧଃପତିତ ଜାତି, ସେ ଅନ୍ତହ୍ୟାନ ଟିକେ ବଡ଼ ମଣିଷ ହୋଇବା ପାଇଁ ବ୍ୟାକୁଳ—ସେ କେଉଁ ସାହସରେ ଏ କଥା କହୁଛ ! ଲୋକହସା କଥା କିନା ! ଓଡ଼ିଆ ଯେ ଗୋଟାଏ ଭାଷା, ଓଡ଼ିଆ ଯେ ଗୋଟାଏ ଜାତି, ଓଡ଼ିଆ ଯେ ଗୋଟାଏ ସାହିତ୍ୟ, ଏ କଥା କେତେ ଜଣ ମାନନ୍ତି । ଇଂରାଜୀରେ ଲେଖିଲେ ଛାପିବ ବା କିଏ ? ଅମ ଦେଶର ନେତା ବୋଲି ଯାହାଙ୍କୁ କହୁଁ, ସେ କେହି ଓଡ଼ିଆରୁ କାଢ଼ିବାକୁ ସାହସ କରିବେ କିପରି ? ଏଭଳିଆ କଥା ! ସେ ଜ୍ଞାନ, ସେ ତେଜ ଅନ୍ତଃସ୍ଥିତ ଅନ୍ତର । ଅତେ ଯେ ବୁଲୁଛୁ ବୁଦ୍ଧା—ହା-ଜି !

ଶ୍ରୀ ଗୁରୁ ଚରଣ ପଟ୍ଟନାୟକଙ୍କ କବିତା ଏଣ୍ଟିରୁପ ଭାବବ୍ୟଞ୍ଜକ, କିନ୍ତୁ ଛିଣ୍ଡ ଅଛି—

ବର୍ଣ୍ଣୀତଙ୍କ ଅନୁବାଦ "ପ୍ରାର୍ଥନା ଉତ୍ତର ଗୁପ୍ତ କଥା" କେବଳ ବୃଥାଶ୍ରମ ।

ଶ୍ରୀ ଗୁରୁ ଚରଣ ମହାନ୍ତିଙ୍କ କବିତା "ବେଦନା" ଏକ ପ୍ରକାର ।

ମଧୁପ—(ନାଟିକା) ଶ୍ରୀ ପ୍ରାଣବନ୍ଧୁ କର ।

ଏଭଳି ସର୍ବାଙ୍ଗ ସୁନ୍ଦର ଛୋଟ ଓଡ଼ିଆ ପଦ ପଢ଼ିବାବେଳେ ଅନେକ ଦିନ୍ ପଢ଼ିବାକୁ ମିଳି ନ ଥିଲା । ବିସ୍ମୟ (surprise) ଓ କରୁଣା (pathos)ର ସୁଗଠିତ ଅବଲେପନରେ ଚରିତ୍ର ଅଭିଭୂତ ହୋଇ ପଡ଼େ - ଅନ୍ତର ଶେଷରେ ଦେଇଯାଏ ସ୍ପନ୍ଦିତ ପ୍ରଲେପ । ନାଟିକାଟିରେ ଯଥାର୍ଥ art ରହିଛି । ଲେଖକଙ୍କ ଠାରୁ ଏହି ଧରଣର ଲେଖା ଦେଖିବାର ଆଶା ରହିଲା ।

**ବିଜୟ ବାର୍ତ୍ତା**—ଶ୍ରୀ ନୀଳକଣ୍ଠ ପଟ୍ଟନାୟକ ଏହା ଖଣ୍ଡିଏ ଅମିତ୍ରାକ୍ଷର ଛନ୍ଦରେ ଲେଖା ପୁରସ୍କାର କାବ୍ୟ । ଗଳ୍ପଟିର ଦେବତା ଶ୍ରୀ ଜଗନ୍ମୋହନ ପଟ୍ଟନାୟକଙ୍କ ନାମରେ ଉତ୍ସୃଷ୍ଟ । ମୂଲ୍ୟ ଲେଖା ନାହିଁ ।

ଧାଡ଼ି ଗୁଡ଼ିକ ଭଙ୍ଗା ଛପା ହୋଇଥିବାରୁ ପଢ଼ିବାର ଅସୁବିଧା ହୋଇଛି । ଭିତରର ଭାବକୁ ଅନ୍ତତଃ ଉତ୍କୃଷ୍ଟ ହୋଇଥିଲେ ଭଲହୋଇ ଥାଆନ୍ତା । ଅର୍ଥ ଭାରତର କବିଙ୍କୁ ତାହା ମାନୁନାହିଁ । ଛପା ପରିଷ୍କାର ।

ମହାଭାରତ କୁରୁକ୍ଷେତ୍ର ବଢ଼ୁଆ ଅଧ୍ୟାୟକୁ ଅବଲମ୍ବନ କରି କାବ୍ୟଟି ଲିଖିତ । ଏହିପରି ଧରଣର ବୀର ରସାତ୍ମକ କାବ୍ୟ ଏ ଯୁଗରୁ ଲୋଡ଼ା । ଭାବ ଗୁଡ଼ିକ ହୃଦୟସ୍ପର୍ଶୀ ଓ ଭାଷା ପ୍ରାଞ୍ଜଳ ଓ ସୋତକାନ୍ତ । କବିଙ୍କର ଉଦ୍ୟମଟି ପ୍ରଶଂସା ଯୋଗ୍ୟ ।

Digitized by srujanika@gmail.com

# ମଜା କବିତା

ଶ୍ରୀ କୁବେର ଦଳାଇ ।

## ବାବୁ

ବାବୁ ବାବୁ ବାବୁ
ବାବୁ ବର୍ଣ୍ଣନ କରିଛୁ ଏବେ
ଦେଖିବା ଯାକ ବାବୁ ।
ପିନ୍ଧନ୍ତି ପଟ ହାଟ ବଜାରେ
ବାବୁ ବୁଲନ୍ତି ଶଏ ହଜାରେ,
ଚିହ୍ନାଇ ନଥାଇ କଲମ ଛୁଆଁ
ପୋଷାକେ ଖାଲି ସାହେବ ଛୁଆ
ଦେଖିବା ହେଲେ ପଣସ ହେବରେ
ବାବୁ ଗୃହାଙ୍କ ଅବୁ ।
ବାବୁ ବାବୁ ବାବୁ । ୧ ।
ନ ଥାଉ ଖଡ଼ା ଘରେ,
ସାତ ଶତକ ଚହକ ପଣେ
ଡାମସ୍ ଭାଜ ମରେ ।
ଚୂଳରେ ଭୁଲ ତରଙ୍ଗ ଖେଳେ
ପାଦରେ ଡମ-ପାଦୁକା ହୁଳେ,
ବୁକୁରୁ କଳ କଳମ ଦୋଳେ
କଟଟି ଘଣ୍ଟା ଖଡ଼ୁରେ ଝୁଲେ
ଦୋଳାୟମାନ ରୁମାଲ ଖଣ୍ଡ
ଘୁଡରେ ଫରଫରେ ।
ଖଡ଼ା ନ ଥାଉ ଘରେ । ୨ ।
ପଢ଼ୁଥ ବାବୁ ଭଣା,
ପର ଚକ୍ଷୁର ଅନ୍ଧକ ହେଲେ
ଧନରେ ବାହ ଗଣା ।
ଦରବ ନ ଥାଉ ମାଉଁସ ପଚଳ
ନାଡ଼ି ଦାଗନ୍ତ୍ର ଚମଡ଼ା ଟୋଳେ
ଅଖି ଛପଉ ଚୋରଡ଼ ଉଳେ
କଙ୍କାଳୀ ରୂପ ପ୍ରେତକୁ ବଳେ
କଥା କହୁନେ ଭୁଲ ପଡ଼ଉ
କୋ ପାଠର ଘଣା ।
ପଢ଼ୁଥ ବାବୁ ଭଣା । ୩ ।
ଇସ୍କୁଲ ଶିକ୍ଷା ଭଳ,
ଘଣ୍ଟାକ ଘଣ୍ଟ ଝନମ ଭରେ
ବେଚାର ବାବୁ ଦଳ ।
ଗୋଲ୍ଲମୀ ପାଇଁ ଶଏ ଜୁହାର
ଦାନ୍ଦଡ଼ି ନିତ ପର ଦୁଆର
ବୁକୁରୁ ଉଠେ ଗର-ଜୁଆର
ଦବୁ ଉଠଇ ଚାଠ ପାହାର
ଗୃହେଶ୍ଵ ଦେବ ଚରଣ ଖୋଜ
ଗୋଡ଼ରୁ ଖସେ ବଳ ।
ଇସ୍କୁଲ ଶିକ୍ଷା ଭଳ । ୪ ।
ବାବୁ ଗୁଲନ୍ତି ଚଳ,
ଅଛର ଚାହ ଦେହରୁ ବନ୍ଧ
ପବନ ଦାଏ ଦଳ ।
ମଚର ମର୍ ସଙ୍ଗୀତ ଉଠେ
ଫସର ଫର ଲହସ୍ ଛୁଟେ
ଚଷମା କଣେ ବାଙ୍କ ଗୃହାଣୀ
ହଂସ ଗମନ କିଙ୍ଗ ଠାଣୀ
ମନରେ ଅଣ୍ଟ ସୁନ୍ଦର ପଣେ
ତାଙ୍କୁ କେ ନାହିଁ ବଳ ।
ବାବୁ ଗୁଲନ୍ତି ଚଳ । ୫ ।
ବାବୁଙ୍କ ମନ ଢେଙ୍ଗା,
କଥା ଟିକିକେ ଚଢ଼ି ଉଠନ୍ତି
ଟେକି ଧରନ୍ତି ଠେଙ୍ଗା ।
ଝଞ୍ଜ ଉଠିଲେ ନାଳ ଗଗନେ
ବାବୁ ଗୁଲନ୍ତି ପ୍ରିୟା-ସନ୍ଧାନେ
ଚୋଡଲ ସେବା, ଗୁଅସ ଖେଳ
ଦୁର୍ଦ୍ଦାନ୍ତ ବନ୍ଧୁ, ସଙ୍ଗିନୀ ମେଳ
ସ୍ଵତନ୍ତ୍ର ଅର୍ଥ ଶୋଷଇ, ନିଶା
ନୟନ କରେ ରଙ୍ଗା ।
ବାବୁଙ୍କ ମନ ଢେଙ୍ଗା । ୬ ।
ବାବୁଟି ମାନ ମଡ଼ା,
ପାଣି ତାଳଟା ଉଠାଇବାକୁ
ନଥାଏ ବଳ କଡ଼ା ।
ପହଞ୍ଚେ ବାଟ ଗୁଲିବା ପାଇଁ
ପାଦ ବୋଲଇ "ପାରିବ ନାହିଁ"
ଚପଡ଼ବାଲୁ ପାଲଟା ଲଗା
ପଛରେ ଘୋଡ଼ା ଗୁଡ଼ର ଲଗା ।
ପିଲ୍ଲଦନକୁ ପାଚନ ବାଲ
ଅକାଳେ ବାବୁ ବୁଢ଼ା ।
ବାବୁଟି ମାନ ମଡ଼ା । ୭ ।
ଭାର୍ଯ୍ୟା-ପୂଜା ବିଧି,
ଭଲ ପଡ଼ଇ ଦେବୀ ନିକଟେ
ଭକତ ସେବା ସିଦ୍ଧି ।
ସଜାଇ ତନୁ ସାତ ରତନେ
ମଜାଇ ମନ ମଧୁ ଯତନେ
ଚରଣ ଧୋଇ ପାଦୁକା ପିଇ
ଭଣନ୍ତି "ଏଥୁ ଅଧମ ନାହିଁ"
ଭାର୍ଯ୍ୟା ଦେବୀ ହାତମି ପାବଗ
ହକଲ ବାବୁ ବୁଦ୍ଧି ।
ଭାର୍ଯ୍ୟା ପୂଜା ବିଧି । ୮ ।
ଜିନିଷ ଗଡ଼ଲ କିଣି,
ଅଳପ ବେଳେ ସୁଖ ଉଠଇ
ଦୋକାନୀ ଟଙ୍କା ଛଣି ।
ଗୁଣକ ଅନେ ଦଗୁଣ ଦେଇ
ବ ବୁଅମାରେ ଜିନିଷ ନେଇ
ରେଲଗାଡ଼ିକୁ ପଡ଼ଇ ଚଳ
ଖରେଚ-ଦାଉ, ଡଉଜ ଜର
ଶନ୍ତାରେ କାଢ ଖୁଲଇ ତନୁ,
ନଫିଟେ ମୁହେଁ ବାଣୀ ।
ଜିନିଷ ଗଡ଼ଲ କିଣି । ୯ ।
ବାବୁଅନିଅ ବେଗ,
ଯାଦୁ ପରଶା ମାଡ଼ୁର ଦେଶେ
ପଡ଼ିଛୁ ତାଙ୍କ ଯୁଗ ।
ମଫସଲିଆ ମୂଳିଆ ଚଷା
ବାବୁ ଅଖିରେ 'ଚୂଟିଆ ମଶା'
ତାଙ୍କ ରୂପକୁ ଶହେ ଥାପର
କହ ନୁଅନ୍ତି କତ ଶ୍ଲେଷର
ପର ହାତରେ ଗୁଟି ଗୁଞ୍ଜିବା
ବାବୁଙ୍କ ସ୍ଵର୍ଗ-ଭୋଗ ।
ବାବୁ-ଅନିଅ ବେଗ । ୧୦ ।

Digitized by srujanika@gmail.com

# ଟିକିଏ ଭୁଲ୍ ।

ଶିକ୍ଷିତ ଲୋକେ ଏବେ ଗ୍ରନ୍ଥମାନେ ସାଧାରଣତଃ ଯେଉଁ ସବୁ ପଦକୁ ଲେଖିବାବେଳେ 'ଟିକିଏ ଭୁଲ୍' କରିଥାନ୍ତି ଅଥଚ ଭୁଲ କରିବା ସତ୍ତ୍ୱେ ବାକ୍ୟାର୍ଥର ବିଶେଷ ପାର୍ଥକ୍ୟ ପରିଦୃଷ୍ଟ ହୁଏ ନାହିଁ ସେହିପରି କେତେକ ପଦ ସେ ସବୁର ଭ୍ରାନ୍ତ ପଦ ସହ ନିମ୍ନରେ ଦିଆଗଲା ।

| ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ |
|---|---|---|---|---|---|
| ସରକାର— | ହରକାର | ଜିନ୍ନା— | ଚେଲ୍ଲା | ଭୋଟ ସଭା— | ନାଟ ସଭା, ନୋଟ ସଭା, କାଟସଭା, ଗୋଟା(ଟ୍) ସଭା, ପେଟ ସଭା ଖଟ ସଭା । |
| ଗଭର୍ଣ୍ଣର୍— | ଜବରନର | ମହତାବ— | ମହାତାପ | | |
| ମିନିଷ୍ଟର— | Spinister | ନୀଳକଣ୍ଠ— | କାଳଦଣ୍ଡ | | |
| ଭାଇସରୟ— | Nice boy | ମଙ୍ଗରାଜ— | ରଙ୍ଗରାଜ | ହାକିମ— | ହାକିବ । |
| କଂଗ୍ରେସ— | ରଙ୍ଗରସ | ବିଶ୍ୱନାଥ— | ନିଃଶ୍ୱନାଥ | ଅଞ୍ଚଳ— | ଭୁଞ୍ଚଳ, ଶୁଞ୍ଚଳ । |
| ସତ୍ୟାଗ୍ରହ— | ସତ୍ୟଗ୍ରହ | ବୋଧରାମ— | ( ? ) | ମକଦମା— | ମାକେଦମା । |
| ଜମିଦାର— | ଜମାଦାର | କାନଗୋର୍— | କାନକୁହ | ମୁଦେଇ— | ମରୁଦେଇ । |
| ମହାଜନ— | ମହାଧମ | ପାରଲା — | ପାରଲ | ମୁଦାଲା— | ମୁଢ଼ ଦେଲା । |
| ଗାହକ— | ଖାଦକ, ଗୃହକ, ଅତକ | ହୁବାକ୍— | ଅବାକ୍ | ଜଜ— | ଜେଜେ । |
| ମହନ୍ତ— | ମରନ୍ତ | ଗଲ୍‌କୋଟ— | ଜଳବେ'ଟ୍ । | ସୋସାଇଟି— | ସୋସେଟି । |
| ମଠାଧୀଶ— | ମୋଟାଧୂସ୍ | ବି. ଦାସ— | Be-Dash. | ପୁଲିସ— | Foolish |
| ପତ୍ରିକା— | ମରି-ଯା, ଚରିଯା, ଘରି-ଯା | ଲିଙ୍ଗରଥି— | ଥଗରଥୀ । | ପେସ୍କାର— | ବେସ୍ମାର । |
| ଲିଡର— | ladder loader louder | ସରଳା— | ସଳଳା । | ପିଅଦା— | ଜିଅଦା । |
| | | ବୀରକିଶୋର— | ଚରକିଶୋର । | ଡିପୋଟି— | ଦ' ପାଟ । |
| ନେତା— | ନେ'ତା | ଲତିକା— | ପତିକା । | ମୁନ୍‌ସବ୍— | ଶୁନ୍ ସବ୍ । । |
| କର୍ମୀ— | କ୍ରୁମି; ଗର୍ମି | ଭାଇ ନବ— | ଭାଇନବ । | ଡାକ୍ତର— | ଡାକୁ ଧର, ଡାକ ତର ତର । |
| ଗାନ୍ଧି— | ଗନ୍ଧି | ମାଳତୀ— | ମାରତି । | କମ୍ପାଉଣ୍ଡର— | କମ୍ପତର । |
| ସୁବାସବୋଷ— | ସାବାସ୍‌ବସ୍ ! | ଗୋପବନ୍ଧୁ— | ଗୁଡ଼ବନ୍ଧୁ । | ଔଷଧ— | ଉଡ଼ ଖାଅ । |
| ବଲ୍ଲଭ୍‌ଭାଇ— | ଭଲ୍ଲୁକର | ସମାଜ— | ନମାଜ । | ଇନ୍‌ଜେକ୍‌ସନ୍— | ଇଞ୍ଜିକଷଣ । |
| ଖାରେ— | ଖାଏ ରେ | କୃପାବୋଷ— | କୃଷ୍ଣାଘୋଷ, ଅଶାଟୋଷ ଖାସା ଶ୍ଲେଷ । | ଅପରେସନ୍— | ଅପରଛନ । |
| ଜବାହରଲାଲ— | ଜବର ନାଲ୍ | | | ବେଣ୍ଡେଜ— | ବାନ୍ଧି ଯା । |
| ମାନବେନ୍ଦ୍ର ରାୟ— | ଦାନବେନ୍ଦ୍ର ରାୟ | ଉତ୍କଳ— | ଓଲ୍‌କୁଳ । | ନର୍ସ— | Horse |
| କୃପାଲାନୀ— | କରାଳନୀ | ତୃଗର— | କଗଡ । | କାଗଜ— | ମାର ଯା' |
| ନରିମ୍ୟାନ— | ନାରୀମାନ | ସହକାର— | ସାହୁକାର । | [illegible]— | [illegible] । |
| ଜୟ ପ୍ରକାଶ— | ଭସ୍ମ ପ୍ରକାଶ | ଇଲେକସନ୍— | ଇଲେକଷଣ । | ସାଧାରଣ— | ଗଧାମଣ । |
| ବଜାଜ୍— | ବେଜାସ୍ତ | କେଣ୍ଡିଡେଟ— | ଗାଣ୍ଡିଟେକ୍ । | ପବ୍ଲିକ— | [illegible] । |
| ସୀମାନ୍ତ ଗାନ୍ଧି— | ସୀମନ୍ତ ବାନ୍ଧି | ଭୋଟ୍ ଦିଅ— | ନୋଟ୍ ନିଅ ଭେଟ୍ ନିଅ | ସହକାରୀ— | ସହକେଶୀ । |
| ହକ୍ ସାହେବ— | ହସ୍ ସାହେବ | ମେମ୍ବର— | ମେମ୍ ବର । | ମାସିକ ପତ୍ରିକା— | ପ୍ରୋଷିତ ଭର୍ତ୍ତୃକା । (କ୍ରମଶଃ) |


# ତିନୋଟି ପରୀକ୍ଷିତ ମୋଦକ ।

ଏକ—ଅଗ୍ନିମାନ୍ଦ୍ୟ ପାଇଁ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ । ମୂଲ୍ୟ—ଗୋଟାଏ ଡାବା ଏକ ଟଙ୍କା ମାତ୍ର

ଦୁଇ—ସ୍ତ୍ରୀ ସହବାସରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗଙ୍କ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ ମୂଲ୍ୟ—୧। ଡାବା ଏକ ଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତି ପାଇଁ ରଜଭୁର ୪ର୍ଥ ଦିବସରେ "ଦୈବଚୂର୍ଣ୍ଣକ" ବ୍ୟବହାର କରନ୍ତୁ । ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ ଆୟୁର୍ବେଦ ଫାର୍ମାସି ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com



## ନାଗବନ୍ଧୁଙ୍କ କଲମରୁ

### ଗୋପବନ୍ଧୁ !

ଗୋପବନ୍ଧୁ, ପୁରୀ ଜିଲ୍ଲାର ସତ୍ୟବାଦୀ ଥାନାର 'ସୁଆଣ୍ଡୋ' ଗ୍ରାମରେ ୧୮୭୭ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ଭାରି ଗରିବ । ଗରିବ ହେଲେ ମଣିଷ ଯେ ଖୁବ୍ ବଡ଼ କାମ କରି ପାରେ ସେ ତାହା ସ୍ପଷ୍ଟ ଦେଖାଇ ଦେଇ ଥିଲେ । ସେ ନିଜର ବୁଦ୍ଧି ବଳରେ, କାର୍ଯ୍ୟ ବଳରେ ଓ ପ୍ରଗାଢ଼ ସ୍ନେହ ବଳରେ ଲୋକ ମନକୁ କିଣି ପାରିଥିଲେ । ସେ ବଡ଼ ହେବା ସଙ୍ଗେ ସଙ୍ଗେ ତାଙ୍କର ହୃଦୟ ଦେଶ ଓ ଦେଶ ବାସୀଙ୍କ ପ୍ରତି କାନ୍ଦିଥିଲା ।

ସେ ଥିଲେ ଜଣେ ଦେଶ ଭକ୍ତ । ତାଙ୍କର ଦେଶପ୍ରୀତି ନିଃସ୍ୱାର୍ଥ ପ୍ରେମ, ଆଦର ଦେଶ ଓ ଦେଶଭାଇ ଭୁଲି ପାରିବେ ନାହିଁ । ଗରିବ ଲୋକଙ୍କର ଟିକିଏ ଦୁଃଖ କଷ୍ଟ ଦେଖିଲେ ତାଙ୍କର ହୃଦୟ ଏକାବେଳକେ ଟାଣି ହେଉଥିଲା । ସେଥି ନିମିତ୍ତ ସେ 'ଦେଶବନ୍ଧୁ' ଉପାଧି ପାଇଥିଲେ ।

ଦେଶପାଇଁ ସେ ଯାହା ଯାହା କରିଛନ୍ତି ତାହା ଦେଶବାସୀ ଭୁଲି ପାରିବେ ନାହିଁ । ଉତ୍କଳ ବନ୍ୟା ଗର୍ଭରେ ଦେଶର ଜନଗଣଙ୍କ ପାଇଁ ନିଜ ଜୀବନ ବଳି ଦେବାକୁ ପଛେଇ ନାହାନ୍ତି । ଆମଦେଶର କଂଗ୍ରେସ ଅନୁଷ୍ଠାନର ସୃଷ୍ଟି କର୍ତ୍ତା ହେଉଛନ୍ତି ସେ । ବିଚ୍ଛିନ୍ନ ଅଞ୍ଚଳ ମିଶ୍ରଣ ପାଇଁ ନିଜ ଜୀବନ ପର୍ଯ୍ୟନ୍ତ ଉତ୍ସର୍ଗ କରିବାକୁ ଆଗେଇ ପଡ଼ିଥିଲେ । ଏପରି ମହାତ୍ମାଙ୍କୁ ଦେଶର ମଣି କହିଲେ ଅତ୍ୟୁକ୍ତି ହେବନାହିଁ ।

ସେ ଆଜକୁ ଏଗାର ବର୍ଷ ହେବ, ଉତ୍କଳ ଭୂମିକୁ ଅନ୍ଧକାରରେ ବୁଡ଼େଇ ଦେଇ ଚାଲି-ଯାଇଛନ୍ତି । କିନ୍ତୁ ତାଙ୍କର ଦେଶ ପ୍ରତି ନିଃସ୍ୱାର୍ଥ ପ୍ରେମ ଓ କାର୍ଯ୍ୟାବଳୀ ତାଙ୍କୁ ବଞ୍ଚେଇ ରଖିଛି । ସେ ଏକାଧାରରେ କବି ଓ ରାଜନୀତିଜ୍ଞ ଥିଲେ । କବି ହିସାବରେ ସେ ଯେଉଁ ଦାନ କରିଛନ୍ତି ଉତ୍କଳ ଭାଷା ତାହା ଭୁଲିବ ନାହିଁ ।

ସେ ଆଜି ନାହାନ୍ତି ସତ, କିନ୍ତୁ ତାଙ୍କର ସ୍ମୃତି ପ୍ରତ୍ୟେକଙ୍କ ହୃଦୟରେ ଜାଗ୍ରତ ଅଛି । ସେହି ସ୍ମୃତିକୁ ଆଗରେ ରଖି କାର୍ଯ୍ୟ କଲେ, ପ୍ରତି ନାଗ ମଧ୍ୟ ଜଣେ ଜଣେ ଗୋପବନ୍ଧୁ ହୋଇ ପାରନ୍ତେ । ତାଙ୍କପରି ହେବାକୁ ହେଲେ ଦେଶ ପ୍ରତି ଓ ନିଜ ଜାତି ପ୍ରତି ଭକ୍ତି ଓ ପ୍ରେମ ଥିବା ଉଚିତ । ଶାନ୍ତିଃ ଶାନ୍ତିଃ ।

ଶ୍ରୀ ବକଳ ଚରଣ ମହାନ୍ତି
୧୫୦, ନାଗ

ବନ୍ଧୁଗଣ !

ସେତେବେଳକୁ ଡଗର ଜନ୍ମ ହେବାର ଛ'ମାସ ପୂରି ପାଇଥାଏ । ଅଜାଙ୍କ ନାଗବନ୍ଧୁଙ୍କର ଟାଣୁଆ ଗାରଡ଼ରେ ଓଡ଼ିଆ 'ଚନ୍ଦ୍ରବର୍ଣ୍ଣ' କେହି ଫେଣା ଟେକିବାର ଦେଖା ଯାଉ ନଥାନ୍ତି । ତାଙ୍କର ଭାଷାରେ 'ଓଡ଼ିଆ ଧେଣ୍ଡ୍ରୁଆ ଝିଅଙ୍କ ଅଙ୍ଗୁଳି ଖେଳା ଚାଲିଥାଏ ।' ର ଅବଶେଷ ! ଏତେ ବଡ଼ ଦେଶଟାରେ ଏତେ ଗୁଡ଼ାଏ ଦଳ ବାଦେ ମୋଟେ ମିଶାଇ ୧୧ଟି ବଚକାଙ୍କୁ ପେଡ଼ିରେ ପୁରାଇ ଅଜା ହତାଶରେ ଛାତିର କେଶ ଗଣୁଥାନ୍ତି । ଠିକ ଅଜାଙ୍କର ଏଇ ପରିସ୍ଥିତିର ଗୋଟାଏ ଉପରୁ ଠାଆରିଆ ଦୃଷ୍ଟି ନେଇ ତାଙ୍କର ସେ'କାଳର ମନ ଭାବ ବିଷୟରେ ହୁଏତ ଗୋଟାଏ ଠିକ ଧାରଣା ଅଣାଯାଇ ନପାରେ, ମାତ୍ର ସ୍ପଷ୍ଟ କରିବାକୁ ଗଲେ ଜଣାଯାଏ ଯେ ତାଙ୍କର ଏହି ନାଗବନ୍ଧୁ ଅନୁଷ୍ଠାନରେ ପ୍ରାକ୍-ଗଠନ କାଳୀନ ସମସ୍ତ କଳ୍ପନା ଜଳ୍ପନା, ସମସ୍ତ ଆଶା ଉତ୍ସାହ ଓ ଆନନ୍ଦ ଯେ ଓଡ଼ିଶାରେ ଏଇ ଶୀତଳ ପାଣିପାଗ ଭିତରେ ବରଫ ପରି ଜମି ଜମି ଆସୁଥାଏ, ଏକଥା ନିଃସନ୍ଦେହ—

ତେବେ ଯାହାହେଉ ତା'ର ଠିକ ପରେ ପରେ ଦଅଙ୍କ ସୁଦସ୍ୟାରୁ ଦଳ ବଢ଼ିଲା । ଅଜା ନୂଆନାତି ପାଇ ଯେତେ ଖୁସି ହେଲେ, ଆମେ ବି ସିମିତ ଆମର ଛୋଟ ଘେରକଟି ଭିତରେ ନୂଆ ନୂଆ ଅତିଥିଙ୍କୁ ପାଇ ଦିଲଖୁସ୍‌ରେ ଫାଟି ପଡ଼ିଲୁ ।

ନାଗବନ୍ଧୁ ଅନୁଷ୍ଠାନଟିର ସଗଠନ ନେଇ ଏତିକି କୁହାଯିବା ଯଥେଷ୍ଟ । ତାପରେ ପଡ଼ିଲା ତାର ଉଦ୍ଦେଶ୍ୟ—ତାର ଲକ୍ଷ୍ୟ କଥା—କାମ କରିବାର ପାଳି । ଅଜା ଯଦି ଖାଲି ତାଙ୍କ ଅଗଣାକୁ ଆମକୁ ତାମସା ଦେଖିବାକୁ ନେଇ ଥାନ୍ତେ ତେବେ କହିବାର କିଛି ନଥିଲା ।

ମାତ୍ର ତାଙ୍କର ଯେତେ ବେଳେ ଦୋସର ଲକ୍ଷ୍ୟ:— ଅର୍ଥାତ୍ ଆମକୁ ଶିଖାଇ, ତାଲିମ କରି, ନାଗବନ୍ଧୁଙ୍କର ଗାରେଡ଼ ସଙ୍କେତରେ ନଚେଇ କୁଦେଇ ଲକ୍ଷ୍ୟ ସାଧନ ଦିଗରେ ଆଗେଇ ନେବା, ଉଦ୍ଦେଶ୍ୟ ସେତେ ବେଳେ ଆମେ ଯେ ତାଙ୍କର ମନକୁ ଯେତିକି ଭଲ ଏ ପର୍ଯ୍ୟନ୍ତ ଗୋଟାଏ କିଛି କାମ କରିନାହୁଁ ଏକଥା କହିଲେ କାହାର ଅପଦସ୍ତ ବା ଅପମାନିତ ହେବାର କିଛି କାରଣ ନାହିଁ । ଅଜାଙ୍କର 'କାମକର' 'କାମକର' ଡାକ ପାଣି ଫାଟିଛି । ନାଗବନ୍ଧୁଙ୍କର ବିପୁଳ ଗର୍ଜନ ପାହାଡପରି ଏତେ ବଡ଼ ଗୋଟାଏ ବିରାଟ ଦେଶର ବୁକୁରେ ପ୍ରତି-ଧ୍ୱନି ଜଗାଇ ପାରିନାହିଁ । ତା'ର ଅନ୍ତରର ନିଖିଳ ବାର୍ତ୍ତା ବିଫଳ ହୋଇଛି— ଅବୁଝା ଅଶୁଣା ଯାଇଛି । କେତେ କେତେ ବାମ ହୋଇ ନଗଲା ? ନାଗଦଳର ସାତ ପଛରେ କେତେ କେତେ ସାନଭୁଆ ଜନ୍ମହୋଇ ନାଁ ଅର୍ଜି ନଗଲେ ? ଉଦାହରଣ ମାଗିଲେ ମୁଁ ଅବକାଶ ବାହାରି ନାଁ ଦେଇ ପାରେ । ମାତ୍ର ଅଜାଙ୍କ ପରି ଟାଣୁଆ ନେତୃତ୍ୱ ତଳେ ରହି ମଧ୍ୟ ଆମ ନାଗ ଭାଇ ଭଉଣୀଙ୍କର ସମବେତ ଫୁଁ ବାଡ଼ତଳ ବାଉଁଶ ବଣରୁ ସୁଦ୍ଧା ଶୁଭନାହିଁ—

ଏହା ଦ୍ୱାରା ମୁଁ କୌଣସି ଅନୁଷ୍ଠାନ ବିଶେଷକୁ ହିଂସା କଲି ବୋଲି କହି, ଯେପରି କେହି ଆପଣାର ଉଦାର ମନରେ କଳଙ୍କ ଲେପିବାକୁ ନଯାନ୍ତି ।

ଅଜାଙ୍କ ଗାଁ ବାଲେଶ୍ୱରରେ ଏତେ ବଡ଼ ନିଶା ନିବାରଣ ଆନ୍ଦୋଳନ ହେଲା । କାରଂ-ଶୀୟ କଂଗ୍ରେସ ସରକାର ନିଷେଧ ଅଫିମ

Digitized by srujanika@gmail.com

ଝିଅଙ୍କ ପଢ଼ା କାଟିଦେଲା । ଶତସ୍ର ମାନଙ୍କ ହୃଦୟକୁ ଶତାରକ କନ୍ଧା କଣ୍ଠରେ କାହାର ହୃଦୟ ନତରିଲେ ? ଅନଟନର ଅବ୍ୟୁଲ ଦର୍ଗ ଶ୍ରାଦ୍ଧରେ କଂଗ୍ରେସ ମନ୍ତ୍ରୀଙ୍କର ସମସ୍ତ ମୁନାଫ, ଦୁଃଖ ଅହିମ ରଙ୍ଗପର କୋଚକ୍ତା କଳା ଉଠିଯାଉ ! ସେତେବେଳକୁ ଅମ ନାଗବଗୁ ପକ୍ଷରୁ ଗୋଟାଏ ଅଦାୟ କରି ଅଜାଙ୍କ ଜିମ୍ମାରେ ତାଙ୍କ ପାଇଁର ଅନାହାରୀ କଣାଶୋରଙ୍କୁ ସହାନୁଭୂତି ଦେଖାଇ ଅଭିନନ୍ଦନ ଜଣାଇବାର କଥା ଗୋଟାଏ ବଡ ଆଦର୍ଶ ଭୁଲି ଗଲେ ନାହିଁକି ? ତାଳଚେରର ଛତ୍ରଶ ହଜାର ପ୍ରଜା ଗଡ଼ଜାତଅ ଜଙ୍ଗଲ ବାଘଙ୍କ ନଟକୁଣ ଢେଙ୍କା- ଶୂରର ଉପଦ୍ରବ ସହି ନପାରି ନିଜର ମୌରୁଷୀ ପ୍ରାସାଦ ଛାଡ଼ି ପଡ଼ଶା ରାଜ୍ୟ ଅନୁଗୁଳର ପଡ଼ିଆର ଛାଉଣୀରେ ଶୀତ ଝଡ଼ ବାଆ ବରଷା ସହି ଯାଉଛନ୍ତି ! ବଡ଼ାଡ଼ିତ ନରଲ ନବସ୍ତ୍ରଙ୍କ ନଗ୍ନ ନର୍ଯାତନାରେ ଅମ ମନ ଭଲିଲା ନାହିଁ । ନାଗାବଳୀଙ୍କୁ ଜାଅନ୍ତା ବୋଦା ଦେବା ଭଳି ରଣପ୍ରସ୍ଥ ପ୍ରକାଶ ଅମ ଦେଶର ଶୃଙ୍ଖଳା ଓ ଉପକାର ପାଇଁ ପୋଷା ହେଉଥିବା ଧଳାହାତୀ ଜଣଙ୍କ ଲହୁରେ ବଂଶ ଠେଙ୍ଗାର ଶୋଷ ମେଣ୍ଟାଇ ଦେଲେ…। ଗାଙ୍ଗପୁର୍ରୀ 'ମେଡ଼େସ୍କୁ' ଶାସନର ଗୁଳିଗୋଳା ଓ ସିପାହୀ ଫଉଜ ଝଡ଼ ପେଙ୍କ ପରି ଶହ ଶହ ଅଧିବାସୀଙ୍କର ଜୀବନ ଛଡ଼ାଇ ଛାଡ଼ିଦେଲା…। ଅମ ନାଗବଗୁ ଉଅ- ସରୁ ଏ ସବୁର "ତୀବ୍ର ନିନ୍ଦାବାଦ" କି ବୋହଲ ସମର୍ଥନ କିଛି ଗୋଟାଏ ହେଲନାହିଁ । ସୋନ- ପୁର ପ୍ରଜାମଣ୍ଡଳର ହିତାକାଂକ୍ଷୀ ସରକାର ଏବେ ଅଖିଖାଇ ପରି ଗୋଟାଏ ଯନ୍ତ୍ର ବସାଇ ସମସ୍ତଙ୍କ ନାଙ୍କରୁ ଦୋରୁଅ ଓଟାଉଛନ୍ତି । ଏସବୁ ଦଗରୁ ଅମେ ନାଗବଗୁ ଦଳ ଅଜ ପର୍ଯ୍ୟନ୍ତ ଅଭି- ବାଦନ ଜଣାଇ ନାହୁଁ—

ଗୋଟାଏ ବଡ଼ ଧରଣର ଜାକଜମକ— ଗୋଟାଏ ନବୀନ ମଣ୍ଡଳୀ ଗଢ଼ାହେଲା, ଯାହା କାମହେଲା How Amir Ali Killed the Tiger ଅର୍ଥାତ୍ ଶିକାର ଦେଖିଲେ ଶୋଇପଡ଼ ନିଶ୍ୱାସ ବନ୍ଦ କରିବାର ନ୍ୟାୟ—

ଏମିତି ନାନା ଦଗରୁ ବିଚାର କଲେ ନାଗବଗୁ ଅନ୍ଦୋଳନ ଯେ କିଛି କରିନାହିଁ, ଏହା ମଧ୍ୟ ସତ୍ୟର ଚୂଡ଼ାନ୍ତ ନୋହେ । ମୋଟାମୋଟି ଦେଖିଲେ ମନେହୁଏ ଅଜା ନିଜର ସ୍ୱତନ୍ତ୍ର ପନ୍ଥା ଓ ନୀତି ଧରି, କେଉଁଠି ଅଜ ଉଚ୍ଚକୁ ନେଇ ଉଚ୍ଚ ପାହାଚ ଉପରେ ବସିଥିଲବେଳେ, ଏଣେ ନାଗବଗୁ- ମାନେ ଅପଣାର ବ୍ୟକ୍ତିଗତ ନୀତି ଓ ପନ୍ଥା ଧରି ପ୍ରତ୍ୟେକ ନିଅବ ନିଅବ ଭାବରେ ଅମଣିଅ ଘୋଡ଼ାଙ୍କ ପରି ନାଚ କୁଦ କରୁଛନ୍ତି ।

ପ୍ରଶ୍ନହୁଏ ଏସବୁର ପରିବର୍ତ୍ତନ ଅଛି କି ନାହିଁ ? ନାଗବଗୁର ପ୍ରକୃତ ଲକ୍ଷ ପ୍ରକୃତ ପନ୍ଥା କ'ଣ ଏଇଅ ? କେଉଁଣି ଟୁଲି ମୁଣ୍ଡରେ କେଉଁଣି ହାଣ୍ଡିଙ୍ଗରେ ରହି ଖାଲି କାଗଜପତ୍ର ଜରିଅରେ 'ଫୋନ' ଚଳାଇଲେ ତ ପ୍ରକୃତ ଅବସ୍ଥା ନିର୍ଣ୍ଣୟ କାମ କରିହୁଏ ନାହିଁ କି ସିଦ୍ଧାନ୍ତ ଦେଇହୁଏ ନାହିଁ । ମୋ ମତରେ ଏସବୁ ବିଷୟ ନେଇ ଅମ ଅଜା ନାତି ସମସ୍ତେ ଖଟରେ ବସି ଖୁସି ମନରେ, ଅକପଟରେ ସମସ୍ତ କଥା ଖୋଲି ଖୋଲି ବୁଝାବୁଝି କରିନେବା । ଅପଣାର ମନ ଭିତରର ଗୁପଚୁପ ଭାବ ସମସ୍ତଙ୍କୁ ଉଦାର ଅଖିରେ ପରୀକ୍ଷା କରିବାକୁ ଦେଇ ସମସ୍ତଙ୍କ ସିଦ୍ଧାନ୍ତ ମିମିତ, ସିମିତ ଅଗ୍ରସର ହେବା । କାଗଜପତ୍ର ଜରିଅରେ ଅଜାଙ୍କର ଅଭିଜ୍ଞ ନେତୃତ୍ୱରୁ ଉଦ୍ଭାବିତ ଏପରି ବିଚାର ଓ ବୁଦ୍ଧି ପ୍ରକାଶିତ ହେବ, ଯେଉଁଥିରେ କି ଏଇ ପରିସ୍ଥିତି ଉପରେ କାମ କରିବାର ପନ୍ଥା ସରଳ ସୁଗମ ଓ ସହଜ ହେବ । ବୁଦ୍ଧିମାନ ନାଗ ଭଉଣୀ ଓ ଭାଇମାନଙ୍କର Suggestion ମଧ୍ୟ ଏକ୍ଷେତ୍ରରେ ଏକାନ୍ତ ଲୋଡ଼ା । ଇତି ।

ସାଦରେ ନମସ୍ତେ

ସମସ୍ତଙ୍କର ସ୍ନେହର—ଶ୍ରୀ ରଜନୀକାନ୍ତ ଦାସ
ନାଗବଗୁ ନଂ ୧୨

## ଅଜାଙ୍କ ବଚନ

ନାତି ନାତୁଣୀମାନେ—

ବର୍ଷାମଙ୍ଗଳ ବିଷୟରେ ଗୋଟିଏ କବିତା ଲେଖିବାକୁ କହିଥିଲି; ତାର ଗୋଟିଏ ଆଦର୍ଶ କବିତା ଲେଖି ତଳେ ଦେଲି—

ଚଉପାଖ ଦେଖି ଘନଘଟା,
ମନ ହେଉଅଛି ଚାଲୁଚାଲୁ ।
କବିତାର କେତେ ଭାବରାଶି
ନିଭକୁ ଭରେଇ ଅଲୁଥାଲୁ ।
କଲିକା ଭିତରେ କୁଣ୍ଡିପରି
ଫୋଡ଼ ହେଉଅଛି ଭାବଗୁଡ଼ା,
ବାହାରି ନ ପାରି ସେଇଠି ତ
ରହି ରହି ହୁଏ ଦଳବୁଡ଼ା ।
ବରଫ ସରିକି ଜମି ଜମି
ପଥର ପରିକି ଗଲା ରହି,
ଯେତେ ଉଡ଼ିଲେ କି ଧରି ଧରି
ଗୁଲି ଯାଉଥାଏ ଖସି ଖସି ।
ଏହାପରି ହୋଇ ହଇରାଣ
ହେଉଥିଲି ଯେବେ ଛଟପଟ,
ସେଥିଭେ ଶୁଭିଲା ଭଟ ଭଟ,—ପୁଣି
ଗୁଡ଼ୁଁ ଗୁଡ଼ୁଁ ଶବ୍ଦ ଫଟ ଫଟ ।
ଚକିତେ ଚମକି ଗୁହିଁ ଦେଲି—
(ବାବା !) ଅଣଙ୍କର କବା ରୂପରେଖା, !
ଅକାଶରୁ ସବୁ ମେଘପାଳ
ବିଜେ କଲେ ନିଜ ଚେହେରା ଧରି !
ମୁହଁଟା ତାଙ୍କର ମେଘଭୁଲେ
ହୋଇ ଅଛି ଘନ ଅନ୍ଧାରିଅ,
ବିଜୁଳି ଖେଳର ନୟନରେ,
ଅଖି ଆଗେ ହୋଇ ଗଲେ ଠିଅ ।
ମୁଖରୁ ବଉଲା ଘଡ଼ଘଡ଼ି
ଚଉଚିଲା ବାରି ଝମ ଝମ,
କବିତାଟା ମୋର ରୂପଧରି
ଛୁଟି ହୋଇ ଗଲା ଏକଦମ ।

---

ସମସ୍ତ କବିତା ଏଥି (ଜୁଲାଇ) ୩୧ ତାରିଖ ସୁଦ୍ଧା ପହଞ୍ଚିବା ଦରକାର । ସମସ୍ତଙ୍କ କବିତା ଛପିବ ଏଥର ଦେଇ ପାରିବି ନାହିଁ—ଅସନ୍ତା ଥର ପାଇବ ।

## ନାଗବଗୁ ଫିସ ସମ୍ବନ୍ଧରେ ମତ

ବସନ୍ତ କୁମାର ମହାନ୍ତି—ସବୁଦିନ ପାଇଁ ୫୦ ଓ ବର୍ଷକ ପାଇଁ ଦୁଇଅଣା ଫିସ ଧାର୍ଯ୍ୟ ହେବା ଉଚିତ ।

ବସନ୍ତ କୁମାର ପାଲ—ସମମତ ।

ବିରଜା ନନ୍ଦ ବିଶ୍ୱାଳ—ଅମ୍ଭମାନଙ୍କର ପଇସା ସତ୍ କାର୍ଯ୍ୟରେ ଲାଗେ—ଅଜଙ୍କ ଗହଣା ସେଥିରେ ହୁଏନାହିଁ ବୋଲି ଅଜା ଲେଖିଛନ୍ତି । ତେଣୁ ଅନ୍ୟାନ୍ୟ ପତ୍ରିକାରେ ସଘ ଫିସ ୫୦ ରୁ କମ ନଥିବା ସ୍ଥଳେ ଅଜା ଅମ ଗରିବ ଦେଶକୁ ଗୁହିଁ ଯେ ମୋଟେ ୫୦/ କରିଛନ୍ତି ତାହା କମ ହେବା ଉଚିତ ନୁହେଁ ।

ବିମଳ ଚରଣ ମହାନ୍ତି—ଅମେ ନାଗ- ବଗୁର ସଭ୍ୟ ହୋଇ ନିଜକୁ ଧନ୍ୟ ମନେ କରୁଛୁଁ: ଅମେ ସଘରୁ ଉପକାର ମଧ୍ୟ ପାଉଛୁଁ ସଘ ଯଦି ଚାହିଁବ ଦେଇ ୫୦ କରିଥାନ୍ତା ତେବେ ମଧ୍ୟ ଦେଇଥାନ୍ତୁ ।

Digitized by srujanika@gmail.com

# ଏଟର ଅନ୍ତର



—ଇରାନ (ପାରସ୍ୟ)ର ଶାହା ରେଜା ଖାଁ ସିଂହାସନ ଛାଡ଼ି ପୁଅ ହାତରେ ଦେବେ ବୋଲି ଶୁଣା ଯାଉଛି ।

...ଜାନ ପ୍ରସ୍ଥ !

—ଅକ୍ଷ ମହାଦେଶରୁ ସ୍ୱେଚ୍ଛାସେବୀଙ୍କୁ ଡାକି, ବିଶେଷତ ଇଂରେଜଙ୍କୁ ମୂଳପୋଛ କର ବୋଲି ଜାପାନରେ ଭାରି ଚହଳ ଲାଗିଛି ।

...ଅଗତ ଦଶା, ବିଡ଼ ଦଶା ।

—ଜାପାନ ବ୍ରହ୍ମଦେଶକୁ ଆକ୍ରମଣ କରି ପାରେ ଓ ଆସାମ ବାଟେ ଭାରତକୁ ବି ଚଢ଼ାଉ କରିପାରେ ବୋଲି ଇଂରେଜଙ୍କର ଛଲେଣି ପଡ଼ ଗଲାଣି ।

...ପଶ୍ଚିମରେ ରୁଷ ପୁଣି ପୂର୍ବରେ ଜାପାନ
ମାରତ ଭୁରଙ୍ଗ ହାତ ମଧ୍ୟେ ଗଲା ପ୍ରାଣ ।

—ଓଡ଼ିଶାର ଜଣେ ପଂଡ଼ିତ ବ୍ରାହ୍ମଣଙ୍କୁ ଛୁଇଁବେ କି ବାଉଁଶକୁ ବାନ୍ଧିବେ, ଏହା ସ୍ଥିର କରି ନ ପାରି ବଡ଼ ସଙ୍କଟରେ ପଡ଼ିଛନ୍ତି ।

...ଦୁଇ ନାବେ ଦେଲୁ ପା'...

—ଓଡ଼ିଆ ବନ୍ୟାପୀଡ଼ିତଙ୍କ ଉପକାର ପାଇଁ ସେ କର୍ତ୍ତୃପକ୍ଷଙ୍କଠାରୁ ମରଣ ଯାଏଁ ସବୁ ଦାଇ ହଜିହୁଡ଼ ସମସ୍ତ ସରକାର ଏକ ଅଙ୍କ ବାହାର କରୁଛନ୍ତି ।

...ଷ୍ଟେସନ ଇସ୍କୁଲ ବୋଲି ଦଉନୁ !

—ଅନ୍ୟାନ୍ୟ କଂଗ୍ରେସ ସରକାର ଗାଁ ଗହଳରେ ଲୋକଶିକ୍ଷା ପ୍ରଚଳନ କରୁଥିବା ବେଳେ ଓଡ଼ିଶା ସରକାର କିଛି କରି ନ ପାରି ହନ୍ତସନ୍ତ ହେଲେଣି ।

...ଅଜ୍ଞାନ ଅନ୍ଧକାର ନାଶିବାକୁ ବଜୁଳି ବତିର ବ୍ୟବସ୍ଥା କରନ୍ତୁ ।

—ହାଇଦ୍ରାବାଦ ସତ୍ୟାଗ୍ରହରେ ଜେଲ ଯାଇଥିବା ସତ୍ୟାଗ୍ରହୀଙ୍କ ଭିତରୁ ଏଥି ମଧ୍ୟରେ ଛ ୧୮ ଣ ସ୍ୱର୍ଗ ବାସ କଲେଣି ।

...ସ୍ୱର୍ଗକୁ ସିଡ଼ି ଲାଗିଛି ପରା ସେଠି !

—ଇଂରେଜ, ଫରାସି ଦଳରେ ମିଶିବାକୁ ରୁଷ ରାଜି ନ ହେବାରୁ ପୁଣି ଜଣେ ଫରାସି ରାଜପୁରୁଷ ମସ୍କୋ ଯାଉଛନ୍ତି ।

...କେତେ ତେଲ ଦେଲ ?

—ଲ୍ୟାକଟିସ୍ଙ୍କ ସାଙ୍ଗରେ ଲଙ୍କାବାସୀଙ୍କର ବିବାଦ ଲାଗିଥିବାରୁ ପଂଡ଼ିତ ଜବାହାରଲାଲ ପୁଷ୍ପକ ବିମାନ ଚଢ଼ି ଲଙ୍କା ଯାଉଛନ୍ତି ।

...ଅଞ୍ଜ ମର୍କଟ ସେନା ?

—ହାଇଦ୍ରାବାଦର ନିଜାମ ତାଙ୍କ ରାଜ୍ୟରେ ଶୀଘ୍ର ସ୍ୱରାଜ ଦେବେ । ନୂଆ ବ୍ୟବସ୍ଥା ସଭାକୁ ହିନ୍ଦୁ-ମୁସଲମାନ ମିଶ୍ରିତ ଭୋଟରେ ପ୍ରତିନିଧି ଯିବେ ।

...ଏ ତ ଏକ ଭୂଲ୍ !

—ଗାନ୍ଧିଜୀ ଉତ୍ତର ଦେଇଛନ୍ତି ଯେ ବର୍ତ୍ତମାନ ଦେଶୀୟ ରାଜ୍ୟର ରାଜାଙ୍କଠାରୁ ଅଳ୍ପ ଦାବି କରି ହେବ । ତାଙ୍କ ହାତ ଶକ୍ତ କରିବା ଦେଇ, ଲୋକଙ୍କର ନାଗରିକ ସ୍ୱାଧୀନତା ହେଉ ଓ ସ୍ୱାଧୀନ ରକ୍ଷକ ଦଣ୍ଡଦାତା ।

...ତାଙ୍କ ତଳ ପଡ଼ୁ ?

—ଏ ଯାଏଁ ସୀମାନ୍ତ ଅଧିବାସୀଙ୍କୁ ଜବତ କରିବା ପାଇଁ ସରକାର ବୋମା ଓ କମାଣ ଚଳାଉଥିଲେ । ଏଣିକି କୁଆଡ଼େ ବେତ ଓ ବେଡ଼ି ଛୁଇଁ ତାଙ୍କୁ ପାଠ ପଢ଼ାଇବେ । ଗାନ୍ଧିଜୀ ବି ତାରିଫ କରିଲେଣି ।

...ସୀମାନ୍ତବାସୀଙ୍କ କର୍ମ ଖୋଲିଲା ।

—ଶୁଣାଯାଏ ଜାପାନ ଶୀଘ୍ର ବ୍ରିଟିଶ ଅଧିକୃତ ହଂକଂ ଆକ୍ରମଣ କରିବ ।

...ଏତିକି ହେଲେ ନିଦ ଭାଙ୍ଗିବ ।

—କଲିକତାର ପ୍ରସିଦ୍ଧ ଶ୍ରୀଯୁକ୍ତ ରାମଦାସ ବାବାଜୀ ମହୋଦୟ ରଥ ବେଳେ ଶ୍ରୀ ଉତ୍କଳରେ ପଦାର୍ପଣ କରି ଏଠା ଲୋକମାନଙ୍କୁ ନାମାନନ୍ଦ ପ୍ରଦାନ କରିଥିଲେ । ତାଙ୍କର ଶିଷ୍ୟ ବାବାଜୀ ଗୌରାଙ୍ଗଦାସ ଭଦ୍ରକ ହାଇସ୍କୁଲ ହଲରେ ଧର୍ମ ସମ୍ବନ୍ଧୀୟ ବକ୍ତୃତା ଦେଇ ଶ୍ରୋତାମାନଙ୍କୁ ଆପ୍ୟାୟିତ କରିଥିଲେ ।

...ଏ ନାସ୍ତିକ ଯୁଗରେ ଏହା ଦରକାର ପରା !


## ଅଗ୍ନିବନ୍ଧୁ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କ ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଞ୍ଛିତ କୋଷ୍ଠ କାଠିନ୍ୟ ଭୋଗ କରୁଅଛନ୍ତି, ସେମାନେ ଆମ୍ଭର ଏହି ମୋଦକ ଦୈନିକ ରାତ୍ରି ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିଂବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରି ସକାଳେ ଭଲ ଭାବରେ ଗୋଟିଏ ପୋଖରୀ ହୋଇଯିବ ତରଳ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ଫେରାଇ ଦିଏ । ପରେ ଔଷଧ ସେବନ ନ କଲେ ବୁଝା ନିୟମିତ ଝାଡ଼ା ହୋଇଥାଏ । ମୂଲ୍ୟ ୧୬ ମାତ୍ରାକୁ ୫୧୯ ( ଏକଟଙ୍କା ) ୩୦ ମାତ୍ରାକୁ ୫୧୨୮ ମାତ୍ର ।

ଠିକଣା:— ଶ୍ରୀପତି ଗିରିବନ୍ଧୁ, ଭିଷଗାଚାର୍ଯ୍ୟ, ଭୁବନେଶ୍ୱର ପୁରୀ ।


Digitized by srujanika@gmail.com




# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର





ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ।




ଟ ୨୦୦ ଙ୍କା ପୁରସ୍କାର !  ଟ ୨୦୦ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ ସେହିପରି ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ। ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି। ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରଣାଳୀ କରିଥିବାରୁ ବଜାରର ଦର ଅପେକ୍ଷା ଅଳ୍ପ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ କାହାରିକୁ ଠକାଇ ଦେବାକୁ ଚାହୁଁନାହିଁ। ପ୍ରତ୍ୟେକ ପଦାର୍ଥକୁ ଉତ୍ତମ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇଥାଉଁ। ଯେବେ କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରାପଡ଼ିଲେ ଆମ୍ଭେମାନେ ଟ ୨୦୦ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଟୁଁ। ସାଧାରଣଙ୍କର ମହାନୁଭୂତି ପ୍ରାର୍ଥନୀୟ —

ସେବକ
ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ
ବାଲୁବଜାର, ପୋ:—କଟକ।





ବ୍ରହ୍ମଦେଶରେ ପ୍ରଥମ ପ୍ରକାଶିତ

(ସାପ୍ତାହିକ) 'ବର୍ମା ଓଡ଼ିଆ ପତ୍ରିକା' (ରୟେଲ ୧୬ ପୃଷ୍ଠା)

ଏହା ଏକାକ୍ରମେ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର। ଉତ୍କଳର ଶ୍ରମଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଉତ୍କଳୀୟଙ୍କର ବର୍ତ୍ତମାନ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି, ପ୍ରବାସୀ ଓଡ଼ିଆ ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧରେ ପ୍ରବନ୍ଧମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ। ବ୍ରହ୍ମଦେଶର ବ୍ୟବସାୟ [illegible] ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ। ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ।

ମୂଲ୍ୟ ଟ ୬।, ଷାଣ୍ମାସିକ ଟ ୩।, ଭାରତବର୍ଷ ବାହାରେ ଦେୟ ଟ ୮। ଠିକଣା—[illegible], [illegible] ରେଙ୍ଗୁନ (ବର୍ମା)

ସମ୍ପାଦକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର


Digitized by srujanika@gmail.com

# —ଜରାୟୁ—

## ସର୍ବବିଧ ଜଟିଳ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗର ମହୌଷଧ

ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅନିୟମିତ ଋତୁ, କଷ୍ଟ ରଜଃ, ଅତିରିକ୍ତ ରକ୍ତସ୍ରାବ, ତଳପେଟ ଓ ଅଣ୍ଟା ବେଦନା, ସ୍ନାୟବିକ ଦୌର୍ବଲ୍ୟ, ମୂର୍ଚ୍ଛା, ହିଷ୍ଟିରିଆ, ମୃତବତ୍ସା, ବନ୍ଧ୍ୟା ପ୍ରଭୃତି ଯାବତୀୟ କଠିନ ଓ ଦୁଃସାଧ୍ୟ ସ୍ତ୍ରୀ ରୋଗ ପ୍ରଶମନରେ ଏହା ଅଦ୍ୱିତୀୟ । ମୂଲ୍ୟ—ଶିଶି ପ୍ରତି ୧୲ ( ଏକଟଙ୍କା ମାତ୍ର )

## —ଶିଶୁ ସୁହୃଦ—

ଜନ୍ମକାଳ ଠାରୁ ଅନ୍ତତଃ ଦଶ ବାର ବର୍ଷ ପର୍ଯ୍ୟନ୍ତ ଏହା ବ୍ୟବହାର କରାଯାଇ ପାରେ । ଏହାକୁ ବ୍ୟବହାର କଲେ, ଅନ୍ୟ ବାଳ ଚୂର୍ଣ୍ଣ ( ଘୋରେ ଔଷଧ ) ଦେବା ଅନାବଶ୍ୟକ । ପିଲାମାନଙ୍କର ଅଜୀର୍ଣ୍ଣ, ପେଟ ଫମ୍ପା, ଦୁଧ ବାନ୍ତି, ଝାଡ଼ା, ଜ୍ୱର, କାଶ, ସର୍ଦ୍ଦି, ପ୍ରଭୃତି ସମସ୍ତ ରୋଗ ଶୀଘ୍ର ଦୂର ହୋଇ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । ମୂଲ୍ୟ—ଶିଶି ପ୍ରତି ୦।୶ (ଛଅଅଣା ମାତ୍ର)

ବିସ୍ତୃତ ମୂଲ୍ୟ ତାଲିକା ପାଇଁ ପତ୍ର ଦିଅନ୍ତୁ ।

—ଠିକଣା—

କବିରାଜ ଶ୍ରୀଧର ଗତ୍ରବଡ଼, ଭିଷଗାଚାର୍ଯ୍ୟ
ଆୟୁର୍ବେଦିକ ଫାର୍ମାସୀ
ଭୁବନେଶ୍ୱର—ପୁରୀ

---

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଓ ନ ସା ରେ ନ୍ସ — ସୋ ସା ଇ ଟି ଲି ୪

## ହେଡ୍ ଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।

ଉଚ୍ଚ ହାରରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ଦକ୍ଷ ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ହିନ୍ଦୁସ୍ଥାନ ଦିନୁ ଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮୦ ଲକ୍ଷର ଊର୍ଦ୍ଧ୍ୱ ।

ସରକାରୀ କାଗଜାଦିରେ ୬୩ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ନୂତନ ଟିକେଟ ଗୁଡ଼ିକରେ ହଜାର ପ୍ରତି ୫୦ ଓ ଅଜୀବନ ବୀମାରେ ୫ ୨୦ ଲକ୍ଷ ଦିଆ ହୋଇଛି ।

ବୀମା କରିବା ପାଇଁ କମ୍ବା ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲିଖନ୍ତୁ ।

ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି ।

ଓଡ଼ିଶା ଅଫିସ—କାଳିଗଳି, କଟକ । ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ ।

Printed & published at the Gopinath Press, Bhadrak by N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ଶ୍ରାବଣ ଦ୍ୱିତୀୟାର୍ଦ୍ଧ
୩ୟ ବର୍ଷ
୨୨ ସଂଖ୍ୟା

The Dagaro
ORISSA'S MOST POPULAR FORTNIGHTLY OF LIGHT, LEAD & LAUGHTER
16th AUGUST 1939

ତାରିଖ ... 
ଗ୍ରାମ— ୬ ୧ ୨
ଟେଲି— ୫ ୨ ୨



# ଆଲ୍ଲାଦିନ ଓ ପ୍ରଦୀପ



ବିଶ୍ୱନାଥ:—

ହେ ଯଦି ଦୈତ୍ୟ ହୋଇଥାଅ,

୧—ଏକ ମୁହୂର୍ତ୍ତରେ ଓଡ଼ିଶା ଗୋଟାଏ କରି ଦେଇପାର ।

୨—କଟକ ରାଜଧାନୀ କୁହ ପ୍ରାସାଦମାନଙ୍କରେ ପରିଶୋଭିତ ହେଉ ।

୩—ବନ୍ୟା ଅଦୃଶ୍ୟ ହୋଇ ମହାମାରୀ ଛାଡ଼ିଯାଉ ସୁଖି ରାଜ୍ୟକୁ ।

୪—ଓଡ଼ିଶାର ରଜାମାନେ ମୁକ୍ତ ବାହାରି ହୋଇ ଦେଖାନ୍ତ ମୋ ଶାସନ ଚଳାଉ ଥାନ୍ତୁ ।

Digitized by srujanika@gmail.com




Digitized by srujanika@gmail.com




ଖବର ମିଳିଛି ଯେ ଜର୍ମାନୀରେ ଏକ ପାଗଳା ଶିଆଳଙ୍କ ସଙ୍ଗ ବଢ଼ିଥିଲା । ମଣିଷ ଗୋରୁ ଗାଈ ଛେଳି ମେଣ୍ଢା ଯିଏ ଆଗରେ ପଡୁଥିଲା ତାର ଆଉ ସ୍ୱାଭ ମୃତ୍ୟୁରୁ ବଞ୍ଚିବା ଅଧିକାର ରହୁ ନଥିଲା । ... ...

ଶିଆଳ କାମୁଡ଼ା ଖାଇଁ ଖାଇଁ ସାପ ଗାତରେ ଥୋମଣି ପୂରାଇ ଯେତେବେଳେ ଦ୍ରେଷ୍ଟ ଖାଏ ସେତେବେଳେ ବଗାନ୍ଥା ହେବଯାଇ ତର ଯାଏ—ସେ ଜଣ ମଣିଷଙ୍କୁ ଛୁଇଁଲେ ସେ ପାଗଳ ହୁଏ ।

ଏ ପାଗଳା ଶିଆଳ ଗୁଡ଼ିକ ଯେମିତି, ଏକ ବଙ୍ଗ ଦେଶୀୟ ଜାଗାୟ୍ରା ସର୍ପର ଦଂଶନରେ ଏପରି ହୋଇଛନ୍ତି ବୋଲି ଆମେ ବିଶ୍ୱସ୍ତ ଖବର ପାଉଛୁଁ । ... ...

ସାପ କାମୁଡ଼ିଥିବା ମଣି ମଡ଼ ଖାଇଲେ କି ଶିଆଳ ପାଗଳା ହୁଅନ୍ତି । ଏ ଜର୍ମାନୀ ଶିଆଳମାନେ କେଉଁଠୁ ବଙ୍ଗାଳୀ ମଡ଼ ଖାଇଲେ ଆମେ ଜାଣୁନାହୁଁ ।

ବ୍ରିଟିଶ ସରକାର ଭାରତ ଶାସନ ଭୂଇଁରେ ୧୯୩୫ ମସିହାରେ ଏକ ମଡ଼ (ଶବ) ପକାଇ ଦେଇ ଯାଇଥିଲେ । ଅନେକ ଦିନ ଧରି ଏ ଶିଆଳମାନେ ସେ ମଡ଼କୁ ପଚୁ ଗନ୍ଧ ବୋଲି କହି ଛୁଇଁ ନଥିଲେ । ଅଜି କ'ଣ ଲୋଭରେ ପଡ଼ି ଖାଇବାରୁ ଏପରି ଅବସ୍ଥା ହେଲା କି ?

× × ×

ଶେଷରେ କଂଗ୍ରେସ ୱାର୍କିଂ କମିଟିର ରଥୀମାନେ ଶ୍ରୀଯୁକ୍ତ ବୋଷଙ୍କୁ କଂଗ୍ରେସର ସମସ୍ତ ନିର୍ବାଚନ ମୂଳକ ପଦମାନରୁ ବଡ଼ାହତ କରିଦେଲେ । ବଙ୍ଗଳା ପ୍ରାଦେଶିକ କଂଗ୍ରେସର ସଭାପତି ପଦରୁ ହଟାଇ ଦେଲେ । ବଙ୍ଗଳା କାର୍ଯ୍ୟକାରୀ କମିଟି ଓ ନିର୍ବାଚନ କମିଟିକୁ ବେଆଇନ କରି ଦେଲେ—ବଙ୍ଗୀ କାର୍ଯ୍ୟକାରୀ କମିଟିକୁ ଭାଙ୍ଗି ଦେଲେ—ଅର୍ଥାତ୍ ସୁଭାଷ ବୋଷଙ୍କ ଗନ୍ଧ ଯେଉଁଠି ବାଜିଛି ତାକୁ ମୂଳ ମୋଛ କରି ଦେଇଗଲେ । ସୁଭାଷ ଯେମିତି ଭାବରେ ଆମ ରଥୀମାନଙ୍କୁ ପାଉଡ଼ଗ୍ଧ କରିଛନ୍ତି ତା' କଣ ସେ ଜୀବନରେ ଭୁଲି ପାରିବେ ! ଯାହା ହେଉ ସତ୍ୟ ଅହିଂସାଟା ଏତେବେଳେ disinfectantର କାମ କରୁଥିବ ଏକା ।

+ + +

ଆମ ମତରେ କଂଗ୍ରେସ ହାଇକମାଣ୍ଡ ବା ବଡ଼ବଡ଼ିଆମାନେ ଜବତରେ ତ ଜଲି ସୁଭାଷଙ୍କ ପଡ଼ ଉଚିତ ବିଚାର କରିଛନ୍ତି । ସୁଭାଷବାବୁ ନିଜେ ନିଜେ ମୃତ୍ୟୁ ଦ୍ୱାରଶ୍ରି ଚତ୍ୱାର ମଧ୍ୟରେ ପ୍ରବେଶ କରିଛନ୍ତି । ବଡ଼ ବଡ଼ିଆ ବା ଗ୍ରୁପ୍ନେତାମାନଙ୍କ କଥା ନ ମାନି ସଭାପତି ପଦ ପାଇଁ ଠିଆ ହେବାରୁ ପ୍ରଥମରେ ଅନୁଚିତ କର୍ମାରମ୍ଭ କଲେ, ତା ପରେ ଫରୱାର୍ଡ ବ୍ଲକ ଗଢ଼ିବା ଦ୍ୱାରା ସ୍ୱଜନ ବିରୋଧ କଲେ । ତା ପରେ ପୁଣି ଏ ବଡ଼ବଡ଼ିଆଙ୍କ ସାଙ୍ଗରେ ଲଢ଼ିବା ପାଇଁ ଆଖି ବଣିବାରୁ ବଳୀୟସା ସ୍ପର୍ଦ୍ଧା ମଧ ହେଲା—କେବଳ ଯାହା ଅବକାଶ ଥିବାରୁ ପ୍ରମଦ ଜନ ବିଶ୍ୱାସ କର ନାହାନ୍ତି । ଏ ଭଳି ଲୋକଙ୍କର ମୃତ୍ୟୁ ନ ହେବ ତ ହେବ କାର ? ଶ୍ଲୋକ କହୁଛି—ଅନୁଚିତ କର୍ମାରମ୍ଭଃ ସ୍ୱଜନବିରୋଧ ବଲୀୟସା ସ୍ପର୍ଦ୍ଧା ପ୍ରମଦାଜନ ବିଶ୍ୱାସୋ ମୃତ୍ୟୋର୍ଦ୍ୱାରାଣି ଚତ୍ୱାରି ।

+ + +

ମାତ୍ର ଆମେ ପଚାରୁ—ବଳୀୟସୀ ବ୍ରିଟିଶ ସରକାରଙ୍କ ସଙ୍ଗରେ ଲଢ଼ିବାକୁ ଯେ ସ୍ପର୍ଦ୍ଧା କରୁଛନ୍ତି, ମାତା ବା ଯୋଦ୍ଧଲୁମ ଦଳର ସ୍ୱଜନମାନଙ୍କ ବିପକ୍ଷରେ ଯେ ଯାଉଛନ୍ତି—ଅଉ ନରନାରାୟଣ ସମ୍ରାଟଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବା ଦ୍ୱାରା ଅନୁଚିତ କର୍ମାରମ୍ଭ ମଧ ଯେ କରୁଛନ୍ତି ସବେଜନଙ୍କ ଭଳି ପ୍ରମଦାଜନଙ୍କ ଯେ ଜନ ଭଚରୁ ଜଣେ କରିଛନ୍ତି ତାଙ୍କର କି ଦଶା ହେବ ? × +

ଆମେ ଶୁଣିଲୁଁ, ଉତ୍କଳରେ ଭାରି ଗରମ ପଡ଼ୁଛି । ସେଠି କି ଯେଉଁମାନେ ଅକାଳ ଯାଉ ଛନ୍ତି ବା ସେଠି ରହୁଛନ୍ତି ମଥା ପିଟି ଯିବା ଭୟରେ ସେମାନେ ମସ୍ତକରୁ ବାଟରେ କେଉଁଠି ଉଣି ଗାଲି ଭୁଣ୍ଡାକୁ ନେଇ ଯାଉ-ଛନ୍ତି । ଆମର ଦୃଢ଼ ବିଶ୍ୱାସ କଂଗ୍ରେସ କାର୍ଯ୍ୟ-କାରୀ କମିଟିର ସଭ୍ୟଗଣ ଏପରି କେବେ କରି ନଥିବେ । + ×

ସୁଭାଷଙ୍କୁ ଏକୁଟିଆ ନିରସ୍ତ୍ର ଭାବରେ ହତ୍ୟା-କରି କମିଟିର ରଥୀମାନେ ମନେ ମନେ ବଡ଼ ଗର୍ବ ଅନୁଭବ କରୁଥିବେ—ଅସ୍ତ୍ର ପ୍ରସାଦ ଲାଭ କରୁଥିବେ ? ସେଟା ବୀରମାନଙ୍କ ଲକ୍ଷଣ ।

ଦୁନିଆରେ କେତେ ନୂଆ ଆଦର୍ଶ ପ୍ରତିଷ୍ଠା କରିଗଲେ । ନ୍ୟାୟ ପାଇଁ ଧର୍ମ ପାଇଁ । ସତ୍ୟ ପାଇଁ ପୁଣି ଅହିଂସା ପାଇଁ ଯେଉଁ ଭାରତର ଧାର୍ମିକ ପୁରୁଷମାନେ ପୁଅକୁ ବଳି ଦେଇ ପାରନ୍ତି—ପତ୍ନୀକୁ ବନବାସ ଦେଇ ପାରନ୍ତି ସେହି ଭାରତରେ ଆଜି ସେମାନେ ସତ୍ୟ ଓ ଅହିଂସାର ନିଜସ୍ୱ ଧ୍ୱଜା ଉଡ଼ାଇ ଦେଇଛନ୍ତି । ସାଧୁ—ସାଧୁ—ସାଧୁ । + +

ଯେବେ ଡର ହେଉଛି ଗୋଟାଏ କଥାକୁ । ଇଂରାଜ ସରକାର ଭାରି ପୂର୍ବ ଅମିତା ହେଲେକ୍ତ୍ରି ଶୁଭଅତେ କୃଷ୍ଣ ସ୍ୱପ୍ନ ଦେଖୁଥିବ । ରାବଣ ଶେଷ ଅବସ୍ଥାରେ ମଧ୍ୟ ସେଇପରି ରାମ ରାମ ହେଉଥିଲା—ହିରଣ୍ୟକଶ୍ୟପୁର ବଂଶ ଉଦ୍ଧାରଣ କରି ଦେଖା ଯାଇଥିଲା ହେ ତା ଭିତରୁ ନାରାୟଣ ନାରାୟଣ ଶବ୍ଦ ବାହାରୁଛି । ଆମ ଜାତୀୟ ନେତାମାନେ ଭାଙ୍ଗର ନେତୃତ୍ୱର ସମାପ୍ତି ସମୟକୁ ସେହି ପରି ସ୍ୱରୂପ ସୂଚକ ହେଉ ନ ଥିଲେ ରକ୍ଷା । × ×

Digitized by srujanika@gmail.com

ଅଗ୍ରଜ ସୁଭାଷଙ୍କ ଅଳଙ୍କୁ ଦେଶର ଟୋକାଟାକଳୀ ଗୁଡ଼ା ଟିକିଏ ଚଳ ପଡ଼ୁଛନ୍ତି ବୋଲି ବୋଧହୁଏ ଡାହାଣ ନେତାମାନଙ୍କର ଟିକିଏ ଭୟ ହେଉଛି । ସେଥିପାଇଁ ଏଥର ଠିକ୍ କରିଛନ୍ତି ଯେ ଭାରତ ବ୍ୟବସ୍ଥାପକ ସଭାକୁ କଂଗ୍ରେସ ସଭ୍ୟମାନେ ଯିବେ । ଅଉ ପ୍ରାଦେଶିକ କଂଗ୍ରେସ ମନ୍ତ୍ରୀମାନେ ଭାରତ ସରକାରଙ୍କ ଯୁଦ୍ଧ ଆୟୋଜନରେ ସାହାଯ୍ୟ କରିବେ ନାହିଁ, କିନ୍ତୁ ଏହି ସାହାଯ୍ୟ ନ କରିବା ଯୋଗୁଁ ଗଭର୍ଣ୍ଣର ପଛକେ ଯଦି ତାଙ୍କୁ ଗଭର୍ଣ୍ଣର ତଡ଼ି ଦିଅନ୍ତି ତେବେ ସେ ହସି ବାହାରି ଆସିବେ ବା ଇସ୍ତଫା ଦେଇ ଚାଲି ଆସିବେ । ଏପରି ନିଷ୍ପତ୍ତି କରିବା ଦ୍ୱାରା ଲୋକେ ଜାଣିବେ ଯେ ଡାହାଣ ଦଳ ବି ନେଇଛି ( left ) ଦଳ ପରି ଠାଣିଆ—ଅଗୁଆ । କିନ୍ତୁ ଆମର ମନେହୁଏ, ଭଗବାନ ଯେତେବେଳେ ପଣିତଙ୍କ ଭିତରେ ବୁଦ୍ଧି ବାଣ୍ଟୁଥିଲେ ସେତେବେଳେ ଟଙ୍କାରୁ ତେର ଅଣା ୧୧ ପାହି ପର୍ଯ୍ୟନ୍ତ ବୁଦ୍ଧି ଏହି ନେତାମାନଙ୍କୁ ଦେଇଥିଲେ ବୋଲି ନେତାମାନଙ୍କର ଭଳି ଅସ୍ୱ-ବିଶ୍ୱାସ ଅଛି । ସେଥିପାଇଁ ତାଙ୍କର ଏ ସାପ ନ ମରିବ ଓ ବାଡ଼ି ନ ଭାଙ୍ଗିବ ନୀତିଟାକୁ ଆମେ ଦୁଣ୍ଡା ଗୁଡ଼ାକ ଅଜ ଜମା ବୁଝି ପାରୁ ନାହୁଁ । ଭାରତ ସରକାରଙ୍କ ବ୍ୟବସ୍ଥାପକ ସଭାକୁ ନଗଲେ କଂଗ୍ରେସ ହାତରୁ ତ କିଛି କ୍ଷମତା ଚାଲି ଯାଉ ନାହିଁ—ଖାଲି ଭିତରେ ଯାହା କେତେକ କଂଗ୍ରେସ ସଭ୍ୟଙ୍କ T. A. ଟା ପଡ଼ି ଯିବ । ଅଉ ମନ୍ତ୍ରୀ ମାନେ ଯଦି ଯୁଦ୍ଧ ସଙ୍କଟରେ ପ୍ରତିବାଦ ଓ ପ୍ରତିରୋଧ ନକରି କେବଳ ଚୁପ୍ ଚାପ୍ ନପୁଂସକ ହୋଇ ବସିଥାନ୍ତି, ତାଙ୍କୁ କିଏ କାହିଁକି କଣ କହିବ—ନା, ସେ କାହିଁକି ତଡ଼ା ଖାଇବେ । ସୁତରାଂ, କଂଗ୍ରେସ ନେତାଙ୍କ କ୍ଷମତା ତଥାପି ଅକ୍ଷୁଣ୍ଣ ରହିବ । ଯାହା ହେଉ ନେତାମାନେ କମ୍ ବୁଦ୍ଧି ଖଟାଇ ଏ ପ୍ରସ୍ତାବ କରି ନାହାନ୍ତି । ଏଥର ଏମାନଙ୍କୁ ବୁଦ୍ଧି ଗୌରବ ଉପାଧି ଦେବା ପାଇଁ ହୁଗୁଲି କଂଗ୍ରେସ କମିଟି ପ୍ରସ୍ତାବ କଲାପରି ଲାଗୁଛି ।

\+ + ×

ନେତାମାନେ ଅଉ ଏକ ନୀରପେକ୍ଷତାର ପରିଚୟ ଦେଇଛନ୍ତି । ବଙ୍ଗଳାର ରାଜବନ୍ଦୀମାନେ ଅନଶନ କରି ନିଜର ମୁକ୍ତି ଦାବୀ କରିବାଟା ଅନ୍ୟାୟ; କାରଣ ଏହା ସରକାରୀ ଶୃଙ୍ଖଳାକୁ ନଷ୍ଟ କରିଦେବ । କିନ୍ତୁ ଗାନ୍ଧିଜୀ ଅନଶନ କରି ବ୍ରିଟିଶ ସରକାରଙ୍କ ଶୃଙ୍ଖଳା ଭାଙ୍ଗିବା ବେଳକୁ ସେଟା ନ୍ୟାୟ । ଆମର ଏ କାଣ୍ଡସବୁ ଦେଖି ଗୀତା ବଚନ ମନେ ପଡ଼େ......ସଙ୍ଗାତ୍ସଞ୍ଜାୟତେ କାମଃ

କାମାତ୍‌କ୍ରୋଧୋଽଭିଜାୟତେ
କ୍ରୋଧାଦ୍ଭବତି ସମ୍ମୋହ
ସମ୍ମୋହାତ୍ସ୍ମୃତି ବିଭ୍ରମଃ ।

ସୁଭାଷ ବୋଷ ଆମ ଓଡ଼ିଶା ଆସି ବୁଲି ଚାଲିଗଲେ । ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ନୀଳକଣ୍ଠମାର୍କା ଛଡ଼ା ବାକୀ ଯେଉଁମାନେ କଂଗ୍ରେସ ପ୍ରସାଦରୁ କୌଣସି ପଦ ବା ଗାଦି ମାଡ଼ି ବସିଛନ୍ତି ସେମାନେ ସୁଭାଷଙ୍କ ଛାଇ ମାଡ଼ିବାକୁ ବି ଡରିଲେ । ସେମାନେ କହନ୍ତି ଯେଉଁମାନଙ୍କ ଭାଗରେ କଂଗ୍ରେସ ଅମଲ୍ ପ୍ରସାଦରୁ କଣିକାଏ ନପଡ଼ିଛି ସେମାନେ ସୁଭାଷଙ୍କ ସହିତ ଦଳବାନ୍ଧି କଂଗ୍ରେସ ଅନୁଗୃହୀତମାନଙ୍କ ଉପରେ ଅଯଥା ଚଢ଼ାଉ କରୁଛନ୍ତି । ତେଣୁ ସୁଭାଷ ବର୍ଜନୀୟ । କଥାଟା ଯୁକ୍ତିଯୁକ୍ତ । ଏଥିରେ କିଛିଁ ସନ୍ଦେହ ନାହିଁ ବୋଲି ଆମେ କହୁନାହୁଁ । କିନ୍ତୁ ପଦସ୍ଥ ଲୋକଙ୍କ ଡର ଦେଖି ଆମର ମନେହୁଏ, ସେମାନେ କେବଳ ଗାଦି ଚାଲିଯିବା ଭୟରେ ସୁଭାଷଙ୍କୁ କୁଭାଷା କହିଗଲେ । ଆନ୍ଦୋଳନ ବେଳେ ସରକାରୀ ଚାକିରିଆମାନେ ଅନ୍ତତଃ ଭିତରେ ନ୍ୟାୟ ପକ୍ଷକୁ ସମର୍ଥନ କରୁଥିଲେ ଓ କଂଗ୍ରେସକୁ ପ୍ରଚ୍ଛନ୍ନ ଭାବରେ ସାହାଯ୍ୟ କରୁଥିଲେ । ମାତ୍ର ବର୍ତ୍ତମାନ କଂଗ୍ରେସ ସିଭିଲସର୍ଭିସର ଲୋକେ ନ୍ୟାୟ ଚିନ୍ତା କରିବାକୁ ବି ଡରୁଛନ୍ତି । ଦେଶଟା ଆମର ଯେ ସ୍ୱାଧୀନ ଅଟଇତ ଏଇଟା ତାର ପ୍ରମାଣ ।

× ×

ଶ୍ରେଷ୍ଠ ଲୋକ କ୍ଷମତା ଖାଇଲେ ଫୁଲି ପଡ଼ନ୍ତି । ତେବେ କଂଗ୍ରେସ ଫୁଲି ପଡ଼ିଲଣି ବୋଲି ଯେଉଁ ଶତ୍ରୁ ମାନେ କହୁଛନ୍ତି ସେମାନେ ଅସହଣିରେ ଭୁଲ୍ଲା ମିଛ କହୁଛନ୍ତି ବୋଲି ଆମର ମନେ ହୁଏ । କାରଣ କଂଗ୍ରେସର ତଳ ତଳିଆ ମାନେ ଶ୍ରେଷ୍ଠ ଲୋକ ( mass ) ହେଲେ ମଧ୍ୟ, ମୁଣ୍ଡିଆଳ ମାନେ ତ ତାହା ନୁହନ୍ତି । ସେମାନେ ପ୍ରାୟ ଧନୀ, ଜମିଦାର, ମହାଜନ, ସାହୁଆ ଲୋକ । ତାପରେ ଆମ ଆଖି ଆଗରେ ଦେଖୁଛୁଁ କଂଗ୍ରେସର ମୁଣ୍ଡ ମହାତ୍ମା ଗାନ୍ଧୀ—ନବେଲ ମହର୍ଷିଅ, କଂଗ୍ରେସର ସଭାପତି ରାଜେନ୍ଦ୍ର ପ୍ରସାଦ ନିଛକ ଭଉଡ଼ା ପଦ । ଅଉ ଆମ ଅପଣା ଘରେ ମନ୍ତ୍ରୀ ବିଶ୍ୱନାଥଙ୍କୁ ଛୁଇଁ—ନିପଟ ଚୂଡ଼ାଟିଏ !

\+ × +

ଖବର ଅସିଛି ଯେ ଭାରତୀୟ ବଡ଼ ଅସେମ୍ବ୍ଲିର ଅସୁ ପୁଣି ବରଷେ ବଢ଼ି ଗଲା । ଚିଫ-ଗ୍ରୁପଙ୍କ ଦୟା ହେଲେ କଣ ହୋଇନ ପାରେ । ତିନ ବର୍ଷିଆ ଅଇଷଟା ଅସି ଅମର ହେବାକୁ ବସିଲଣି । ତାହାର କାହାର କଳା ଦାଢ଼ି ଧଳା ହୋଇଗଲା, ତେବେ ବି ସରଲା ନାହିଁ । ଆମ ଓଡ଼ିଶାର ପଦ୍ମନିଧି ଦାସ ଏସୁ ବଡ଼ ଭାଗ୍ୟବାନ । ଏଥିପାଇଁ ଆମେ ତାଙ୍କୁ ବଧାଇ ଜଣାଉଛୁଁ ।

ତା ସାଙ୍ଗେ ସାଙ୍ଗେ ଅଉ ଗୋଟାଏ କଥା । ଅଗଳ ଅଠ ବାର ବର୍ଷ ଅପ୍ରତିହତ ଦଖଲ ହୋଇ ଗଲେ, ତହିଁରେ ଗୋଟାଏ ସ୍ୱତ୍ୱ ଉପୁଜି ଉଠେ । ମନେ ରଖି ଥାଆନ୍ତୁ, ଯଦି କେତେ-ବେଳେ ଦଖଲ ଉଚ୍ଛେଦର ନୋଟିସ ବାହାରେ, ଦେଓ୍ୱାନି ମକଦ୍ଦମା କରି ଏହି ଦଖଲ ପ୍ରବଳ ସତ୍ତ୍ୱଟା ସାବ୍ୟସ୍ତ କରାଇ ନେବାକୁ ଭୁଲିବଟ !

Digitized by srujanika@gmail.com



ବାଦଶାହୀ ଅମଳର କଥା । ହାଫିଜ ଥିଲା ଜଣେ ଇଲମ୍‌ଦାର୍ ଆଦମ୍ । ଆରବୀ, ପାରଶୀରେ ଅଗାଧ ପାଣ୍ଡିତ୍ୟ । କୁରାନ ଶରିଫ ତାର ଅକ୍ଷରକୁ କଣ୍ଠସ୍ଥ । କିନ୍ତୁ ବିଦ୍ୱାନ ବ୍ୟକ୍ତିର, ଗୁଣୀ ଲୋକର ଯେଉଁ ଦଶା ପ୍ରାୟ ହୋଇଥାଏ, ତାର ବି ସେଇଦଶା । ଅର୍ଥାତ୍ ସେ ବଡ଼ ଗରିବ ।

ଘରେ ତାର ସ୍ତ୍ରୀ, ଓ ଯୋଡ଼ାଏ ପିଲା ଖାଇବାପାଇଁ । କିନ୍ତୁ ସେ କାହାର ପେଟ ପୂରାଇ ପାରେ ନାହିଁ । ଛିଣ୍ଡା ନେଳୁଡ଼ି ପିନ୍ଧି, ଉପାସ ଭୋକେ ରହି ସେମାନେ ଦିନ ପାତ କରୁଥାଆନ୍ତି ।

ହାଫିଜ ପାଠ ପଢ଼ି ପଢ଼ି ଉମର କଟେଇ ଦେଇଛି । କାମ ପାଇଁ ସେ କ'ଣ ଶିଖିଛି ଯେ ମୂଲ ଲାଗି ରୋଜଗାର ଆଣି ପାରିବ ! କିଛି ନ ପାଇ ସେ ଭିକ ମାଗି ବାହାରିଲା । କିନ୍ତୁ ହାତ ଯୋଡ଼ି ଥାଇ ଭିକ ମାଗିବାଟା ଇସଲାମ ଧର୍ମରେ ମହାପାପ ଜାଣି, ସେ କାହାରିକୁ ମାଗି ପାରିଲା ନାହିଁ । ଏହିପରି ଖାଲି ହାତରେ ସେ ନିତି ଫେରିଆସେ । ଏଣେ ପିଲାଛୁଆ ଭୋକରେ ଅତିଷ୍ଠ ହୋଇ ମରୁଥାଆନ୍ତି ।

ଦିନେ ତାର ସ୍ତ୍ରୀ ସହି ନପାରି ବହୁତ ଝିଂଘାସିଲା । ସେତିକିବେଳେ ପିଲା ଯୋଡ଼ାକ ଆସି କାନ୍ଦି କହିଲେ, "ବାବା, ଭୋକ ହଉଛି" । ହାଫିଜର ମେଜାଜ ଭାରି ଖରାପ ହୋଇଗଲା । ସେ ଭାବିଲା "ଧର୍ମର ମୁଣ୍ଡକୁ ଗୁହିଁ ଖୁହିଁ ଏ ଦୁନିଆରେ ଆଉ ବଞ୍ଚି ହେବ ନାହିଁ; ଯେ କୌଣସି ଉପାୟରେ ଧନ ଅର୍ଜନ କରିବାକୁ ହେବ । ପେଟ ପୋଷ, ନାହିଁ ଦେଶ ।"

ସେ ତହୁଁ ଜଣ ଦାଢ଼ୀ ଖିଅର ହୋଇ ପଡ଼ିଲା । ମଥା ଚୈତନ କାଟି, ଏକ ପଇତା ପକାଇ ବାହାରି ପଡ଼ିଲା । ଯାଇ ପହଞ୍ଚିଲା କାଶୀ ସହରରେ । କାଶୀ ଲକ୍ଷ୍ମୀ ସହର; ସେଠି କଣ ତାର ପେଟ ଅଟକାଏ ରହିବ ।

ଗୋଟାଏ ଶିବ ମନ୍ଦିର ଦେଖି ତାହାର ଆଗରେ ଚକାମାଡ଼ି ବସିଗଲା ଧ୍ୟାନରେ । ଅନେକ ଲୋକ ଆସିଲେ; ସାଧୁ ଜଣେ ବସିଛନ୍ତି ଦେଖି ଦଣ୍ଡବତ କଲେ କିନ୍ତୁ କେହି ହେଲେ ଅଧଲା ଟିଏ ଦେଲେ ନାହିଁ । ହାଫିଜ ଭାବିଥିଲା ଏହି ଉପାୟରେ ସେ ଭେଟ ପ୍ରଣାମ ସ୍ୱରୂପ ଯାହା ପାଇବ ତହିଁରେ ସକୁଟୁମ୍ବେ ବେଶ୍ ଚଳିଯିବ । କିନ୍ତୁ ତାର କିଛି ଲକ୍ଷଣ ଦେଖା ଗଲା ନାହିଁ ସେଠି ।

କୁଟୁମ୍ବ ପୋଷିବା ଦୂରରେ ଥାଉ, ଆପଣାର ପେଟ ଯେତେବେଳେ ଡାକିଲା, ତାର ବୁଦ୍ଧି ବଣା ହୋଇଗଲା । ଏହିସମୟରେ ଗୋଟାଏ

# ଖୁଦାକା କୁଦ୍‌ରତ୍

ଲେଖକ — ଶ୍ରୀ ଲ. ମ.

ଫାନ୍ଦି ତା ମନକୁ ଆସିଲା । ସେଥିରେ ସେ ଖୁସିଟାଏ ହୋଇ ମନେ ମନେ ଅଲ୍ଲାମିଆଁଙ୍କ ତାରିଫ କରି ଉଠିଲା ଯେଉଁ ।

ସିଧା ହିଧା ଯାଇ ପହଞ୍ଚିଲା ଏକ ବଡ ମସଜିଦ ପାଖରେ । ମସଜିଦ ଭିତରେ ନମାଜ ଚାଲି-ଥାଏ । ହାଫିଜ ମସଜିଦ ଦୁଆରେ ଯାଇ ବସି-ଗଲା ଓ ରଡ଼ି ପକାଇ କାନ୍ଦିବାକୁ ଲାଗିଲା । ଲୋକଟାଏ ବିକଳ ହୋଇ କାନ୍ଦୁଛି ଦେଖି ମୋଲା ମୌଲବୀମାନେ ଓ ଅନ୍ୟାନ୍ୟ ମୁସଲ-ମାନମାନେ ରୁଣ୍ଡହୋଇ ତାକୁ ପଚାରିଲେ, "ତୁ କାନ୍ଦୁଛୁ କାହିଁ କି ?—ତୋର କଣହୋଇଛି ?"

ହାଫିଜ କହିଲା "ମୁଁ ଭାରି ଗରିବ, ଖାଇ-ବାକୁ ନପାଇ ପେଟ ଜ୍ୱାଳାରେ କାନ୍ଦୁଛି ।"

ଜଣେ କହିଲା, "ତୁତ ବ୍ରାହ୍ମଣ ଅଛୁ, ଆମେ ମୁସଲମାନ ଲୋକ ତତେ କଣ ଖାଇବାକୁ ଦେବୁଁ ? ତୁ ଯାଇ ହିନ୍ଦୁ ବସ୍ତିରେ କିଛି ମାଗି ଖାଇବୁ ଯା ।"

ହାଫିଜ—ସେ କଥା ମୁଁ କଣ ଏତେବେଳ ଯାଏ ଚଷିଛି ! ହିନ୍ଦୁ ମାନେ କେହି ପଚାରୁନ-ବାରୁ ମୁଁ ଏଠିକି ଆସିଲି ।

ପୁଣି ଜଣେ କହିଲା, "ଅଚ୍ଛା ତାକୁ କିଛି ପଇସା ଦେଇଦିଅ, ସେ ଯାଇ ଦୋକାନରୁ କିଣି ଖାଇବ ।" ଏହା ଶୁଣି ହାଫିଜ କହିଲା, "ମୁଁ ସିନା ଆଜି ଦିନକ ଖାଇବି, ତହିଁରେ— ପୁଣି କାଲିକି କଣ କରିବ ?"

ଅନ୍ୟ ଜଣେ ମୌଲବୀ କହିଲେ, "ଅରେ ତୋର ତ ଦୁର୍ଭାଗ୍ୟ ଯେ ତୁ ହିନ୍ଦୁ କୁଳରେ ଜନ୍ମ ହୋଇଛୁ ଯଦି ମୁସଲମାନ ହୋଇଥାନ୍ତୁ, ତେବେ ଅମେ ତୋର କିଛି ବନ୍ଦୋବସ୍ତ କରି ପାରନ୍ତୁ ।"

ହାଫିଜ କହିଲା, "ମୋର ସେଥିରେ ଦୋଷ, ଅକ୍ତିଆର କଣ ଅଛି !"

ଜଣେ ମୌଲବୀ, "ହଁ ଅଛି । ଆଜି ତୁ ଯଦି ଆମର ପବିତ୍ର ଇସଲାମ୍ ଧର୍ମ ଗ୍ରହଣ କରି ପାରନ୍ତୁ, ତେବେ ତୋର ଏ ଦୁଃଖ ଦାରିଦ୍ର୍ୟ ରହନ୍ତା ନାହିଁ ।"

ସମସ୍ତେ କହି ଉଠିଲେ, "ଠିକ୍, ଠିକ୍ ।"

ପ୍ରଶ୍ନ—କଣ କହୁଛ କହ ?

ହାଫିଜ ଚୁପ ହୋଇ ରହିଲା, ମୁଣ୍ଡ ତଳକୁ ପୋତି ।

ମୌନ ଯେ ସମ୍ମତି ଲକ୍ଷଣ ଏହା ଜାଣି, ସମସ୍ତେ ହାଫିଜକୁ ବହୁତ ବୁଝାଇ ବାକୁ ଲାଗିଲେ ।

ହାଫିଜ କହିଲା, "ମିଆଁ ସାହେବ ଗଣ, ଈଶ୍ୱର ମୋତେ ଯେଉଁ ଧର୍ମରେ ଜନ୍ମ ଦେଇ ଛନ୍ତି, ତାକୁ ଛାଡ଼ି ପର ଧର୍ମ ଗ୍ରହଣ କଲେ ପାପ ହେବ ବୋଲି ମୋତେ ଡର ମାଡୁଛି ।"

"ଅରେ, ଅରେ, ଝୁଟ୍, ଝୁଟ୍—ସବୁ ଝୁଟ୍ ଅଛି । ଏ ଧର୍ମ ନେଲେ ତୋର କିଛି ପାପ ନାହିଁ—ବରଂ ଖୋଦା ତାଲା ତୋଷିବେ



Digitized by srujanika@gmail.com

ବସ୍ତୁତ ବସ୍ତୁତ ମେହେରବାନ କରିବେ ।"

ହାଫିଜ ଭାବିବାକୁ ଲାଗିଲା ।

"ଈଶ୍ବରଙ୍କ କି ଇଚ୍ଛା ! ଏହି ମୁସଲମାନ ହେଲାମାତ୍ରେ ମୋତେ ବଡ଼ ଲୋକ କରି ଦେଇଯିବ ।"

ହାଫିଜ—ଅଚ୍ଛା, କଥାଟା ବଡ଼ ଗୁରୁତର । ମୁଁ ହଠାତ୍ ଏହାର ଜବାବ ଦେଇ ପାରୁ ନାହିଁ । ଘରେ ବୁଝି କାଲି ଆପଣଙ୍କୁ ସୂଚନା ଦେବି ।

ତହୁଁ ମୌଲବୀ ସାହେବ ହାଫିଜ ହାତରେ ଗୋଟିଏ ଅସରଫି ଦେଇ କହିଲେ, "ତୁ ଚଳିଆଁ ଆସିବୁ—ଆମେ ତୋତେ ବଡ଼ଲୋକ କରି ଦେବା ।"

ହାଫିଜ ଅସରଫିଟି ପାଇ ଖୁସି ହୋଇ ଚାଲିଗଲା ।

ଘରେ ଯାଇ ତା ସ୍ତ୍ରୀକୁ ସବୁକଥା କହିଲା । ଜନ୍ମରୁ ତ ମୁସଲମାନ ସେମାନେ, ପୁଣି ଥରେ ମୁସଲମାନ ହେବାର ଅର୍ଥ କଣ ! ସାଙ୍ଗେ ସାଙ୍ଗେ ଖାଇ ପିଇ କଅଁଣ ଯାକ ସହରକୁ ବାହାରି ପଡ଼ିଲେ ।

ତହିଁ ଆର ଦିନ ମା,' ବାପ, ଦୁଇଟା ପିଲା ଏହିପରି ଚାରୋଟି ପ୍ରାଣୀ ମସଜିଦ୍ ଆଗରେ ହାଜର । ହାଫିଜ କହିଲା "ଆମେ ସମସ୍ତେ ମୁସଲମାନ ହେବୁଁ ।" ଏହା ଶୁଣି ସେଠାକାର ସମସ୍ତଙ୍କର ଆନନ୍ଦ ।

ମହା ସମାରୋହରେ ଚାରିଜଣ ଯାକଙ୍କୁ କଲମା ପଢ଼ାଇ ଦୀକ୍ଷିତ କରି ନିଆ ହେଲା । ବାଦସାଙ୍କ ବିଶେଷ ଦାନ ପାଇଁକି ହାଫିଜ ପରିବାରକୁ ନୂଆ ଘର କରି ଦିଆ ଗଲା ଓ ଖୋରାକର ସୁବନ୍ଦୋବସ୍ତ ହେଲା । ହାଫିଜ ମହା ମଉଜରେ ରହିଲେ ।

ଦିନେ ସେ ମସଜିଦର ଇମାମ ସାହେବ ହାଫିଜଙ୍କୁ କହିଲେ, 'ତୁମେ ପାଠ ପଢ଼ିଛ ?' ହାଫିଜ କହିଲା 'ଆଜ୍ଞା ନାହିଁ' । ଇମାମ କହିଲେ 'ଯାଅ ତୁମେ କିଛି ଫାରସୀ ଇଲମ ହାସଲ କରି ଆସନ୍ତୁ, ତେବେ ସରକାରରେ ନୌକରୀ ବା ଯାହିଁତି ହେଲେ ଚେଷ୍ଟା କରି ଗୋଟାଏ ଭଲ ନୌକରୀ ଯୋଗାଡ଼ କରିଦେଇ ଦେଇଅନ୍ତା ।' ହାଫିଜ କହିଲା, 'ଆପଣ ମୋତେ ଏତେ ଅନୁଗ୍ରହ କରୁଛନ୍ତି, ଟିକି ଏତକ କରନ୍ତୁ, କିଛି ପାଠ ପଢ଼ାଇ ଦିଅନ୍ତୁ । ଆରବୀ ନ ପଢ଼ିଲେ ପବିତ୍ର କୁରାନ ତ ଜାଣି ପାରିବ ନାହିଁ । ମୁସଲମାନ ହୋଇ କୁରାନ ନଜାଣିଲେ, ଏ ଜୀବନଟା ବୃଥା ।'

ତହୁଁ ଜଣେ ମୌଲବୀ ନିଯୁକ୍ତ ହେଲେ । ହାଫିଜ ଯାଇ ତାଙ୍କ ପାଖରେ ଫାରସୀ ଓ ଆରବୀ ଶିଖିବାକୁ ଲାଗିଲା । ଯଦିଓ ହାଫିଜ ନିଜେ ଆରବୀ ଫାରସୀରେ ପ୍ରବୀଣ, ସେ ନିଜକୁ ବଦାକ୍ ନିରକ୍ଷର ବୋଲି ଜଣାଇ ହେଲା ଓ ମୂଳରୁ ଅକ୍ଷର ପରିଚୟ ଅଲଫ୍, ବେ ଶିଖିବାକୁ ଲାଗିଲା ।

ପଠ ତାର ହୁଏ ନାହିଁ, ହେଲେ ବି ଆରବୀ ଉଚ୍ଚାରଣ ଆଦୌ ଆସେ ନାହିଁ । ମୌଲବୀ ସାହେବ କହି କହି ଶିଖାଇ ଶିଖାଇ ନାହାତ ହରକ୍ତ ହୁଅନ୍ତି । ଦିନେ ଗୋଟାଏ ଆରବୀ ଶବ୍ଦ ଉଚ୍ଚାରଣରେ ହାଫିଜର ଜିଭ ଆଦୌ ଲଉଟିଲା ନାହିଁ । ମୌଲବୀ ସାହେବ ଚିଡ଼ିଯାଇ ଠୋ କରି ଚାପୁଡ଼ାଟାଏ ତା ଗାଲରେ ଥୋଇଦେଲେ । ଗୁରୁ ମାରିଲେ ବୋଲି ହାଫିଜ ଧୀର ଭାବରେ ସହିଲା, କାନ୍ଦି କାନ୍ଦି ଘରକୁ ଆସିଲା ।

ତହିଁ ଆର ଦିନ ବଡ଼ ସକାଳୁ ହାଫିଜ ଦୌଡ଼ି ଦୌଡ଼ି ଯାଇ ମୌଲବୀଙ୍କ ଗୋଡ଼ତଳେ ଲମ୍ବଦଣ୍ଡ ହୋଇ ପଡ଼ିଗଲା । ମୌଲବୀ କହିଲେ "ହାଫିଜ, ହାଫିଜ ଉଠ୍ ଉଠ୍—କଥା କଣ କହ ।" ହାଫିଜ ଧେଁ ଧେଁ ହୋଇ ହୋଇ କହିଲା "କହିବି କଣ—ଆପଣ ମୋ ଜୀବନଟାକୁ ଧନ୍ୟ କରିଦେଲେ—ମୁଁ ଆପଣଙ୍କର ଏ ଋଣ କମିତ ଶୁଝିବି ।" ଏହା କହି ସେ ଖାଲି କାନ୍ଦିବାକୁ ଲାଗିଲା ।

କଥ ତହିଁ ; ଶୁଣି ଲୋକେ ଜମା ହୋଇ ଗଲେ । ସମସ୍ତେ ହାଫିଜକୁ ଅସ୍ଥିର କରି ପଚାରିଲାରୁ ସେ ଗଦ୍‌ଗଦ ହୋଇ କହିଲା "କାଲି ମୋତେ ପାଠ ନଆସିଲାରୁ ମୌଲବୀ ସାହେବ ମୋ ଗାଲରେ ଗୋଟାଏ ତମାଚା (ଚାପୁଡ଼) ଦେଲେ ଓ କହିଲେ ତୁ ସାତ ଜନ୍ମରେ ତୋର ପାଠ ହେବ ନାହିଁ । ମୋ ମନରେ ଭାରି କଷ୍ଟ ହେଲା । ମୁଁ କାନ୍ଦି କାନ୍ଦି ଘରକୁ ଯାଇ କିଛି ନଖାଇ ଶୋଇଲି । ଖାଲି ଆଲ୍ଲାଙ୍କୁ ଭାଳୁଥାଏ କି, ହେ ଆଲ୍ଲା, ପାକ କୁଦରତର ମାଲିକ, ଏ ଗରିବ ଉପରେ ଏତେ ବେମେହେରବାନ କାହିଁକି କରୁଛ । ମୋର ଯଦି ଆରବୀ ପାଠ ନହୁଏ ତେବେ ମୁଁ ଏ ଜୀବନ ରଖିବି ନାହିଁ । କଣ କହିବି, ରାତି ଅଧ ବେଳକୁ ମୋ ଘର ଭିତରଟା ଗୋଟାଏ ସ୍ଵର୍ଗୀୟ ଆଲୋକରେ ପୂରି ଗଲା । ଦେଖିଲି କି ଏ ଜଣେ ଉଜ୍ଜ୍ଵଳ ଜ୍ୟୋତିର୍ମୟ ପୁରୁଷ ମୋ ଆଗରେ ଛିଡ଼ା ହୋଇଛନ୍ତି । ମୋ ଛାତି ଥରିବାକୁ ଲାଗିଲା । ସେ ମୋତେ ଆଶ୍ୱାସନା ଦେଇ କହିଲେ, "କିଛି ଭୟ କରନା ହାଫିଜ ; ମୁଁ ଖୋଦାଙ୍କ ନୌକର ପୀର ପୟଗମ୍ବର ମୁହମ୍ମଦ । ତୋର ଗୁହାରି ସେ ଶୁଣି ଦୟାକରି ସେଠାରୁ ମୋତେ ପଠାଇଛନ୍ତି । ମୁଁ ତୋତେ ସବୁ ଇଲମ ପଢ଼ାଇ ଦେବି ।" ଏହା କହି ସେ ମୋ ଜିଭରେ କଣ ଲେଖିଦେଲେ ଓ କ୍ଷଣକରେ ଉଭେଇ ଗଲେ । ସେତିକି ବେଳୁଁ ମୋର କୁରାନ ସରିଫ କଣ୍ଠସ୍ଥ ହୋଇଗଲା ।" ଏହା କହି ହାଫିଜ କାନ୍ଦିବାକୁ ଲାଗିଲା ।

ସମସ୍ତେ ତାଜ୍ଜୁବ ହୋଇଗଲେ । ଏ ଭଳି କଥା କେବେ ଶୁଣା ନଥିଲା । ଧନ୍ୟ ଏ ହାଫିଜ ସ୍ୱୟଂ ଆଲ୍ଲା ଯାହାଙ୍କୁ ଅନୁଗ୍ରହ କରିଛନ୍ତି, ସ୍ୱୟଂ ମହମ୍ମଦ ସାହେବ ଯାହାଙ୍କୁ ମୁଲାକତ ଦେଇ, ଯାହାଙ୍କୁ ସ୍ପର୍ଶ କରି ବିଦ୍ୟାଦାନ ଦେଇଛନ୍ତି ! ଲୋକେ ହାଫିଜର ଗୋଡ଼ ତଳେ ପଡ଼ିବାକୁ ଲାଗିଲେ ।

କଥାଟା ସହରସାରା ରାଷ୍ଟ୍ର ହୋଇଗଲା । ପ୍ରତିଦିନ ହଜାର ହଜାର ଲୋକ ହାଫିଜର ଦର୍ଶନ କରିବାକୁ ଆସିଲେ । ହାଫିଜ ସବୁବେଳେ କୁରାନର ଶ୍ଲୋକ ପଢ଼ୁଥାଏ ଓ ଯେ ଯାହା ପଚାରିଲେ ଅର୍ଥ କରିଦିଏ । ଏଏ ତ ଇମିତ ସିପିଚ ପଟା ନୁହେଁ—ସ୍ୱୟଂ ମହମ୍ମଦ ସାହେବ ଯାହାଙ୍କୁ ତାଲିମ ଦେଇଛନ୍ତି ।

ଧନ ଦୌଲତର ସୀମା ରହିଲା ନାହିଁ ତାର । ଖବର ଯାଇ ବାଦଶାହଙ୍କ ଠାରେ

(ପର ପୃଷ୍ଠା ଦେଖନ୍ତୁ ।)

Digitized by srujanika@gmail.com



ପାଗଳ ସେ—ଏମିତି ସେମିତି ପାଗଳଙ୍କ ପରି ନୁହେଁ । ସମସ୍ତଙ୍କ ଠାରୁ ପୃଥକ—ହସେ, ସାଥେ ସାଥେ କ ହେ—ଗୀତ ଗାଏ, ନାଚେ । ଗାଁ ବରଗଛ ମୂଳେ ଠିଆ ହୋଇ ବକ୍ତୃତା ଦିଏ । ଚୁପ୍ ଚୁପ୍ କରି ପଚନ କାନରେ କେତେ କଥା କହେ—ଏମିତି ପାଗଳ ହେବା ତାଣ ୩ବର୍ଷ ପୂର୍ବ ୪ବର୍ଷ ଗୁଲିଛି ।

---

ମଜାକଥା

ପଦ୍ୱର୍ଷଲା । ବାଦଶାହ ବ ନଜେ ଦର୍ଶନକୁ ଆସିଲେ । ହାଫିଜ କଣେ ଭାରି ବଡ ପୀର ବନିଗଲା ବାଦଶାଙ୍କ ଅନୁଗ୍ରହରେ ଟଙ୍କା ସୁନା, ଜମି, ବାଡ଼ ତାର ବହୁତ ହେଲା । ବାହାର ରୋଜଗାର ତ ଅଛି ।

ଏହିପରି ଭାବରେ ମହା ମଉଜରେ ହାଫିଜର ଦିନ କଟିଗଲା । + +

କିନ୍ତୁ ଗୋଟାଏ କଥା । ଏତେ ଦୌଲତ ଭିତରେ ଥାଇ ବୁଢା ହାଫିଜ ମନରେ ସୁଖ ବା ଶାନ୍ତି ନଥାଏ । ସେ ଭଗବାନଙ୍କ ନାମରେ ଜୁଆଚୋରି କରି; ଲୋକଙ୍କୁ ଠକାଇ କପଟ ଧନ ଅର୍ଜନ କରିଛି ଏ କଥାଟା ତା କଲିଜା ଭିତରେ ସବୁବେଳେ ଅଘାତ କରେ । ସେ ଅବେ ବୁଢା ହେଲା । ତାର ସ୍ତ୍ରୀ ମରିଗଲା । ପୁଅମାନେ ବଡ ବଡ ହୋଇଗଲେ । ନାତି ନାତୁଣୀ ହେଲେ । ହାଫିଜ ବେମାର ପଡ଼ିଲା । ଶକ୍ତ ବେମାର । ଭବିଲା ବୋଧହୁଏ ଶେଷ ହେଲା । ତହୁଁ ସେ ଗୋଟାଏ ଚିଠି ଲେଖିଲା ବାଦଶାଙ୍କ ଠାକୁ । ସେଥିରେ ସେ ସବୁ ହାଲ ଖୋଲିକରି ଲେଖିଲା ଯେ ସେ ଯାହା ଯାହା କହିଥିଲା ସବୁ ମିଛ । ସେ ମଲେ ଯେପରି ତାକୁ ପୀର ବୋଲି କେହି ସମ୍ମାନ ନ କରିବେ, ଓ ଅତି ସାଧାରଣ ବ୍ୟକ୍ତି ପରି ତାର କବର ହୁଅଯିବ ।—

ଏବେ ତା ସାଥିରେ ବର୍ଷେ ହେବ ଦେଖା ହୋଇନି—'ହୋ' ଭିତରେ ତାର କିଛି ପରିବର୍ତ୍ତନ ହୋଇଛି କି ନାହିଁ କହି ପାରିବି ନି'—ତେବେ ଯେତେ ଦୂର ସମ୍ଭବ ପାଗଳାମି ତାର ବଢ଼ିଛି । ଗଳ୍ପ ଭାବିଲେ ଭୁଲ ନାହିଁ, ନଗ୍ନ ସତ୍ୟ—ମୋ ଆଖିରେ ଦେଖିଥିବା ଘଟଣା ।

କୁଢ଼ କୁଢ଼ ଶାଳଆ ପାଖରେ ଘଞ୍ଚାଗିଲ । ଅଦୂରେ ଗ୍ଭଟଲର, ଶାଲେର, ମୃତଶୋଭିତ ସହକାର କୁଞ୍ଜ ତଳେ ବନ୍ଦ୍ୟା ନଦୀର । ଦୂରେ ଶଳକାର ମୋହନ ଛବି—ବଡ଼ ରମଣୀୟ—ଅଳ୍ପ ଭାବି ବସିଲେ ବଡ଼ ଦୁଃଖ ହୁଏ—ଗ୍ରୀଷ୍ମ ଛୁଟିରେ ଶେଷ ବଦାୟ ନେଇ ଅସିଥିଗା ବେଳେ ତା ସାଥିରେ ଠେଲିଘା

## ଭାରତର ସ୍ୱପ୍ନ

ଲେଖକ:—ସୂ. ଚ. ଦା.

ହାଟରେ ହଠାତ୍ ଦେଖା ହେଲା । ତା ଗୁଲି ଚଳନରୁ ମୁଁ କିଛି ବୁଝି ପାରିଲିନି' ଡାକିଲି-ସରଡା ? ପହିଲି ଥର ଶୁଣିଲା ନି, ଅଜୁଥରେ ଡ଼ାକିଲି, ସଇତା ?

"ଜୁହାର ସା'ନ୍ତ, ଅସିଛ ସାଅନ୍ତ, ଅସିଛ ବାବୁ, ଭଲ କଲ, ଅଛ୍ଛ କଲ, ମୋ ଝିଅକୁ ଜର । ପୁଅକୁ ଖୁଦୁର ଖାଇଛି । ଔଷଧ ଆଣିଛ ? ସେମାନେ ଭଲ ହେବେଟି? କହ ବାବୁ କହନା ?" ମୋ ହାତକୁ ଖୁବ୍ ଜୋରରେ ଧରିଥାଏ ।

କହିଲି, ସଇତା, ଗୁଲ, ଚଡ଼ ଭୋକ ହେଲଣି, ସକାଳୁ ଚାଣପୁର ଠାରୁ ଅସିଛି, ଅଗ ଘରକୁ ଗୁଲ, ଔଷଧ ଅଣିଛି, ସବୁ ଦେବି—କିଛି ଚିନ୍ତା କରନା, ହରି ଗଳିଆ ଭଲ ହୋଇଯିବେ ।

ସଇତା ଜାଣିଷ ତଳେ ଧରିଲି; ମୁଁ ପଚେ ପଚେ ଗୁଲିଲି—ସବୁଦିନ ପରି ତାର ଅଗ୍ରହ ନଥିଲା—ଅଗ ପରି ମୋତେ ନାନା ପ୍ରଶ୍ନ କଲାନି'—କେବଳ ଗୁଣୁ ଗୁଣୁ ହୋଇ ଗୁଲିଥାଏ ।

ହଠାତ୍ ରାସ୍ତା ଉପରେ ଜଳଷ ପତ୍ର ପକାଇ ଲୁଗା ଭଉ କୁତ୍ରିକ ଓଅର—ଭୁଣ୍ଡରେ ପୁଣି ଅନର୍ଲେ କ୍ରନ୍ଦନ—'ଶଳା, ପୁଣି ଅଜ ଅସିଛୁ, ଥା ଦେଖିବ ? କାଏ ତେତେ ରଷା କରିବ—ତୁ କଣ ନ କଲା ଡିନି ଓଳିର ଉପାସୀ ପିଲାଙ୍କ ମୁହଁରୁ ଦାନା ନେଇ ଗଲୁ ! ପୁଣି କାହିଁକି କଣ ? ଡାକ ଚୋର ଜମିଦାର ବୋପାକୁ ।' କଣ୍ଠର ସ୍ୱର ପୁଣି ବଦଳିଲା ।

ହଇରେ ଚୋର ହାତ କିମିତି ବଳିଲା ? ତୁତ ଜାଣୁ ଅବ ସାଲଟର, ଧାନ ମାଣ ଗାଣ୍ଡିରେ ବି ଫଳିଲା ନାହିଁ-କେତେ ଦୁଃଖରେ ଦିନ କଟାଇଲି ଶେଷକୁ ସୁନା ଗୁଣ୍ଡୁ ଉ ଗୋଣୀରେ ବନ୍ଧା ଦିଅଗଲା—ତେବେ ପେଟ ପୁରିଲା ନି— ଅଜଯାଏ ଘର ଖଣ୍ଡିକ ଲୁଟାଇ ହେଇନି ?'

ଏତେ ଜୋରରେ ସଇତା ଚୋଷ୍ଟି ଧରି ଥାଏ ଯେ ଭଡ଼ା ଛଡ଼ା ହେଲା ନି । କଣ ଭାବିଲା କେଜାଣି, ସଇତା ଚୋଷ୍ଟି ଛାଡ଼ି-ଦେଲା । କହିଲା, 'କାହିଁ ମୋ ହରି, କାହିଁ ମୋ ଗଳିଆ,ଗୁଲ ବାବୁ ଶୀଘ୍ର ପିଲାଙ୍କୁ ଔଷଧ ଦିଅ—' ଅଧ ଖାଇ, ସଇତା ଅଗେ ଅଗେ ଗୁଲିଲା ।

ସଇତାର ପରିଚୟ ? ତେଲିଙ୍ଗା ଥାନା ଚୋରକଣ୍ଡ'ରେ ଘର ଘର—ଗାଁ ଛଡ଼ର ପ୍ରଧାନ—ଧୂଳିଭାଗି ଲଖରାଜ ଜମି ୮, ୯ ମାଣ ହେବ । ଗାଁ ଭିତରେ ପ୍ରାୟ ଗାଁ ସା—କାଳି ଉଚ୍ଚରାଳ ତା ଜୀବନରେ ନାହିଁ । ସ୍ତ୍ରୀ ମାଟି ହାଣ୍ଡିରେ ଲଦି ସେ ତା ଜୀବନ କଟାଏ—ଦୁଃଖ-ଦୁର୍ଦ୍ଦଶାରେ ଝାଳି ତା ସ୍ତ୍ରୀ ସେ ଯାଇଛି



Digitized by srujanika@gmail.com

ଗଲେ । ତାପରେ ଲୋକେ ପାଗଳ ହେବେ କିଆଁ ?

ତା କଥା ଶୁଣିବାକୁ ଯାହା ଇସବ ମିଳିଲା ଭଲ କରି ବୁଝି ହେଉନ ।

ଗାଁ ନିକଟ ହୋଇ ଆସିଲା, ଗାଁ ପଶାଣି ପାଖ ସବିତା ଖୁବ ଶୀଘ୍ର ଧାଇଁଲା । ସେଠୁ ଡାକିଲା ଶୁଣିଲି—ମୁଁ ବି ପଛେ ପଛେ ଗଲି ।

ଉନାଟା ମୁଣ୍ଡ ଧରି ସବିତା ଡାକିବାକୁ ଲାଗିଲା, "ଉଠ, ହରି ବୋଉ, ପଦୁ ବାବୁ ଆସିଛୁ, ଝିଅକୁ ଡାକ, ଔଷଧ ଆଣିବ, ତୁମେ ଖାଅ ତାଙ୍କୁ ଦିଅ—ତୁମେ ଖାଅ ତାଙ୍କୁ ଦିଅ ତୁମେ ଭଲ ହୁଅ ପିଲାଏ ଭଲ ହୁଅନ୍ତୁ; ମୁଁ ଯିବି—ଏଠି ଆଉ ରହିବି ନାହିଁ; ରେଙ୍ଗୁନ ଯିବି—ଟଙ୍କା ଆଣିବି, ଜମିବାଡି କିଣିବି ଧନ ଦଉଲତ କରିବି — ତୁମକୁ ଭଲରେ ରଖିବି—

ଉଠ, ଆସ, ପଦବାବୁ ଯେ ଠିଆ ହେଲା ଆଉ ଜବରଦସ୍ତି କରି ଟଙ୍କା ଧାନ ଗୁଡାକ ନେବ ନାହିଁ । ଖଜଣା ଲାଗି ପଠାଣ ପିଅଦା ମୋ ଦାଣ୍ଡ ଉପରେ ଚଢ଼ିବ ନାହିଁ । ମୋ ବାବୁ ଅଛି ।

ଉଠ୍ ହରି, ବାବୁର ଗୋଡ ତଳେ ପଡ଼, ମିନତି କର, ଆ, ଗଡିଆ, ବାବୁ ମିଠେଇ ନେ ! ଖାଅ—ଔଷଧ ଖାଅ ଶୀଘ୍ର ଭଲ ହୁଅ ମୋ ବାଟ ବେଶୀ ଦିନ ଲାଗିବ ନାହିଁ । ମାସକରେ ନୂଆ ଘର କରି ଦେବ । ଏବେ ଦୁଃଖ କିଆଁ ? ଆମେ ଖଟିବା, ଆମେ ରହିବା ଆମ ଧନ କିଏ ନେବନି ।" ଆଉ କେତେ କଥା—ଯାହାକି ଶୁଣିବାକୁ ମୋର ଧୈର୍ଯ୍ୟ ନଥିଲା ।

ନିମିଷକେ ନିମେଷ ସବିତାର ପରିବର୍ତ୍ତନ; ସେହି ମୁଣ୍ଡ ଉନାଟା ଧରି ଆରମ୍ଭ କଲା ।

"ହରି ବୋଉ, ନୋଥଟା ବନ୍ଧା ରଖି ସୁକୁନ୍ତିମା ୨ ଟଙ୍କା ଦେଲା । କହିଲା ପୁରୁଣା ଜିନିଷ, ୩, ୪, ଟଙ୍କାର ଚିଜ ହେବ କିନା ସନ୍ଦେହ — ଦୁଇଟି ଟଙ୍କାରେ ବିକିଲେ ହେଲେ ହୋଇପାରେ ।

ଉଦସ୍ତା ବର୍ଷ ଟ୧୨୯ ଦେଇ ଯେଉଁ ନୋଥ ଖୋରଢ଼ିଅ ମେଳନରୁ ଆଣିଥିଲି, ତାର ଦାମ ୨ବର୍ଷ ପରେ ୧ ଟଙ୍କା—ହରି ବୋଉ ହସ, ଉଠେ ଲୋଟି ଥା, ପିଲାଏ ଆଗ ମୋର ଭଲ ହୁଅନ୍ତୁ, ଖାଇ ପିଇ ବଞ୍ଚି ରହନ୍ତୁ । କେତେ ଚିନ୍ତା କରିଛ, ଦୁଃଖ କରନା—"

ତଡ଼ କାକୁତି ବିନତି ହୋଇ ସବିତା ପୁଣି କହିଲା.—"ଚଉରାସି ଭାଇ ଗୋଡ଼ ତଳେ ପଡ଼ୁଛି ହାତ ଧରୁଛି ଘରେ ପଇସା ନାହିଁ—ଉନାଓଲା ହେଲା ରୋଗୀଙ୍କ ମୁହଁରେ ପେଟରେ ଦାନା ପଡିନି ମାସଟାଏ ସବୁର କର, ମୁଁ ତମର ସବୁ ଦେଇ ଦେବି—ତହସିଲଦାର ବାବୁଙ୍କୁ କହ ଗରିବଙ୍କ ବାପ, ମା ହୋଇ ନବୁଝିଲେ କିଏ ବୁଝିବ ।

ଖୁବ ଜୋର ସ୍ୱରରେ ସବିତା ପୁଣି କହିବାକୁ ଲାଗିଲା, ମୁଁ ବଞ୍ଚିଥାଉଁ ଥାଉଁ ମୋ ଘରେ ପଠାଣ ହାଣ୍ଡି ପୂରାଇ ଦେବି ନାହିଁ—ଦେଖିବି କିଏ ମୋର କଣ କରିବ ? ଚଳନ୍ତି ସାଲରେ ଖଜଣା ଲାଗି କୋରକ ହୋଇ ପାରିବ ନାହିଁ । ଚାଲ ମୁଁ ଜମିଦାର ସାହେବଙ୍କ ପାଖକୁ ଯିବି—ସବୁ କହିବି ।

ସବିତା ହଠାତ୍ ଚିତ୍କାର କଲା—

ମୋର ଜାଣ ନେଲା କିଏ ହାତରେ ହାତକଣ୍ଡି ଦେଲା—ହେ ଭଗବାନ କହି ସବିତା ସେଠି ମୁଣ୍ଡ ବାଡ଼େଇ ଦେଲା—ସାଥେ ସାଥେ ଅଚେତ ।

ମୁଁ କେବଳ ମୂକ ପରି ଚାହିଁଥାଏ, ମୋ କଥା ଉପରେ ତାର କାନ ଥାଏ କି ନାହିଁ ସନ୍ଦେହ ।

ହଠାତ୍ ଗାଁର ଗୋଟିଏ ଲୋକ ଆସିଲା, ଅନେକ ଚେଷ୍ଟା କଲି, ସବିତାକୁ ନେଇ ପାରିଲୁନି । ତାଠାରୁ ଯାହା ଶୁଣିଲି ବଳି ତାଦେଗଲା । ଗରିବଙ୍କ ଧ୍ୱଂସ କରି ସେ ଆଜି ଖୁସ୍ ଖାସ । ନିର୍ଦ୍ଦୋଷକୁ ଦୋଷୀ କଲେ ବୋଲି ଆଜି ସେ ସାବାସ ନିଏ ।

ସବିତା ଏବେ ଦିନ ରାତି ସ୍ୱପ୍ନ ଦେଖେ, ହରି, ହରିବୋଉ ଗଡିଆ କେମିତି ଭଲରେ ରହିବେ ଏହି କଥା ଗପି ଗପି ଗୁରୁଅଡ଼େ ବୁଲେ ।


# ତିନୋଟି ପରୀକ୍ଷିତ ମୋଦକ ।

ଏକ—ଅଗ୍ନିମାନ୍ଦ୍ୟ ଛାଡ଼ିବାକୁ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ । ମୂଲ୍ୟ—ତୋଳା ୧୨ଟାକୁ ଏକଟଙ୍କା ମାତ୍ର

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ ମୂଲ୍ୟ—୧୨ ଟାକୁ ଏକଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ "ଦୈବବୃଣ୍ଟକ"ବ୍ୟବହାର କରନ୍ତୁ । ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ ଅମୃତବାଦକ ଫାର୍ମାସୀ ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com

## ଖଦଡ଼ିଆ ଓ ବିଲାତି

ସମ୍ପାଦକ ମହାଶୟ,

ସୁଭାଷବୋଷ ଓଡ଼ିଶା ଗସ୍ତରେ ଆସିଥିଲେ, ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ପ୍ରଭୃତି ଜିଲ୍ଲା ମାନଙ୍କରେ ସଭା ଓ ଶୋଭାଯାତ୍ରାମାନ ହୋଇଥିଲା । ସେ ସବୁଥିରେ ବିଶେଷତ୍ୱ ଏତିକି ଥିଲା ଯେଉଁ ରାୟ ବାହାଦୁର, ରାୟ ସାହେବ ଓ ମୋସାହେବ ଜମିଦାର ମାନଙ୍କ ପକ୍ଷରେ କଂଗ୍ରେସ ହାତ ବା ହସ୍ତ ଭଳି ଜଡ଼ା ତେଲର କାମ କରୁଥିଲା ସେହିମାନେ ଆଜ ବସ୍ତ୍ର ଗୌରବ ଅଭ୍ୟର୍ଥନାର ପୁଜ ହାସ୍ୟ ହୋଇ ସେଠା ଚଟ୍‌କନ୍ ପିନ୍ଧି ସଭାର ପହିଲ ସ୍ଥାନ ଦଖଲ କରିଥିଲେ । ଅର ପଟରେ ମଧ କଂଗ୍ରେସିଙ୍କ ମଧ୍ୟରେ ଯେଉଁମାନେ ଉଚ୍ଚା ବ୍ରାହ୍ମଣ ଯେଉଁମାନେ କି ସାଧାରଣ ସଭା ସମିତି କରିବା ବା ବକ୍ତୃତା ଦେବା ପ୍ରଭୃତି କାର୍ଯ୍ୟକୁ ଏକ ଗୃହଅ କଢ଼ିଥିଲେ, ସେମାନେ କିନ୍ତୁ ଏଥର ଇଷ୍ଟେସନ ବା ସଭାରେ ସେମାନଙ୍କ ମୁଣ୍ଡିତ ମୁଣ୍ଡ ତାଙ୍କର ଚୂଡ଼ାର ମଧ ଦର୍ଶନ ମିଳିଲା ନାହିଁ । ଏଇମିତିକା ସଭାରୁ ଫେରୁଥିବା ଜଣେ ବିଲାତି ପିନ୍ଧା ଓ ସଭାକୁ ନ ଯାଇଥିବା ଜଣେ ଖଦଡ଼ିଆଙ୍କ ମଧ୍ୟରେ କଥା ହେଉଥିବାର ମୁଁ ଯାହା ଶୁଣିଲି ତାହା ଅବଧାନ କରନ୍ତୁ ।

ବିଲାତି— କିରେ ଭାଇ, ତମେ ସବୁ ଖଦଡ଼ିଆ ସଭାକୁ ଗଲ ନାହିଁ କାହିଁକି ?

ଖଦଡ଼ିଆ—ଅରେ ଭାଇ, ତମପରି ବିଲାତିଆ ସବୁ ଯେତେବେଳେ ସଭାକୁ ମୁହିଁଇଲଣି ସେତେବେଳେ ଆମେ ପଛ ବ୍ଲକରେ ନ ରହି ଯିବୁ କଣ ?

ବିଲାତି—ନା, ନା, ତମେ ସବୁ ଏମିତି ବାଦ ବିବାଦ କଲେ କଂଗ୍ରେସର କଣ ଭଲ ହେବ ?

ଖଦଡ଼ିଆ—ଅମଙ୍ଗଳତ ମୁଁ କିଛି ଦେଖୁ ନାହିଁ । ଯେଉଁମାନେ ଏତେ ଦିନ କଂଗ୍ରେସକୁ ଗାଳି ଦେଉଥିଲେ ସେମାନେ ଏବେ ଭାରତ ମାତାର ଜୟ, ସୁଭାଷବୋଷ କି ଜୟ ଓ ଫର୍ୱାର୍ଡ ବ୍ଲକ୍ ଜିନ୍ଦାବାଦ ପ୍ରଭୃତି ରଡ଼ ଛାଡ଼ିଲେଣି । ତେବେ ଅଉ ଅଶୁଭ କଣ ?

ବିଲାତି— ରାୟ ବାହାଦୁର, ରାୟ ସାହେବ ଓ ଜମିଦାର ମାନେ ସୁଭାଷ ବାବୁଙ୍କ ସଭାରେ ଅସି ଯୋଗ ଦେଲେଣି ଅଜି ତୁମେ ସବୁ ପ୍ରକୃତରେ ଯେଉଁମାନେ କାମ କରୁଛ ଏତିକି ବେଳେ ଅଲଗା ହୋଇ ଯାଉଛ ?

ଖଦଡ଼ିଆ—ରାୟ ବାହାଦୁର, ରାୟ ସାହେବ ସବୁବେଳେ ସରକାରଙ୍କ ଖୋଡ଼ାବଧାଣୀ । ଆଜି କଂଗ୍ରେସ କ୍ଷମତା ଦଖଲ କରିଛି— ସେମାନେ କଂଗ୍ରେସ ବାନାତଳେ ଲଙ୍ଗର ପଙ୍ଗର ନହେଲେ ଫେରେ ସରକାର (କଂଗ୍ରେସ) ବିରୋଧୀ ବୋଲି ଝୋଟାବ କାଟିବାର ଭୟ ଅଛି ସେ । ତା ଛଡ଼ା ବର୍ତ୍ତମାନ କଂଗ୍ରେସରେ ମିଶିଲେ ମାଡ଼, ଜେଲ ବା ଜୋରିମାନାର ଭୟ ତ ନାହିଁ— ବର୍ତ୍ତମାନ ମିଶିବେ ନାହିଁ ତ କେତେବେଳେ ମିଶିବେ ? ପୁଣି ଯେତେବେଳେ ମାଡ଼ ଜେଲ ଭୋଗିବା ପାଇଁ କଂଗ୍ରେସର ଡାକରା ପଡ଼ିବ ସେତେବେଳେ ଦେଖିବ କିଏ ମାଡ଼ ଖାଉଥିବ ।

ବିଲାତି— କାହିଁକି, ଆମ ଫରୱାର୍ଡ ବ୍ଲକ ବାଲା ଅନ୍ଦୋଳନ କରିବୁ । ଆମେ ଚରମ ପନ୍ଥୀ ।

ଖଦଡ଼ିଆ—ହଁରେ ଭାଇ, ଏ କଂଗ୍ରେସ ଯୁଗ— ଚରମ ନରମ ଗରମ ଭିତରେ ବଛା ବଛି ନାହିଁ ବୋଲି, କିନ୍ତୁ ତମର ଏହି ଚରମ ଭାବ କଂଗ୍ରେସ ମନ୍ତ୍ରୀତ୍ୱ ଛାଡ଼ିବା ପରେ ରହିବତ ?

ବିଲାତି—ଏହି ମନ୍ତ୍ରୀତ୍ୱ ପାଇଁ ତ ଆମର ଖରାପ ହେଉଛି । ଦେଶ ମାଟି ହୋଇ ଯାଉଛି ।

ଖଦଡ଼ିଆ—ତାହେଲେ ନ ବଙ୍ଗଳାର ଯୋଉଁଠା ଯୋଗ୍ୟ କରି କଂଗ୍ରେସ ଦଳ ମନ୍ତ୍ରୀତ୍ୱ କାହିଁକି ନେବାପାଇଁ ବୋଷ ସାହେବ ଏତେ ବ୍ୟାକୁଳ ହୁଅନ୍ତେ କାହିଁକି ? କଣ ବଙ୍ଗଳାର ଲୋକେ ମହା ଚରମରେ ପଡ଼ି ଗଲେଣି ଯେ ତାଙ୍କୁ ଟିକିଏ ନରମ କରିବାକୁ କଂଗ୍ରେସ ମନ୍ତ୍ରୀ ହେବା ଦରକାର । ଅଛା ଗାନ୍ଧି ବୁଢ଼ା ଓ ତାଙ୍କ ଦଳିଆ ମାନେ ତ ନରମ ହେଲେ ତମେ ସବୁ ଭାଙ୍ଗିଆ ଦଳ କଂଣ ସତ୍ୟାଗ୍ରହ କରିବ ?

ବିଲାତି ତାଙ୍କ କଛଣ ଭବ ନିଶ୍ଚୟ ? ବୋଲି କହି ଲଙ୍ଗଳ ଯୋଗ ପଳାୟନ କଲେ ।

---

ଶ୍ରୀଯୁକ୍ତ ଡଗର ସମ୍ପାଦକ,

ମହାଶୟ,

ଗତେ ସମାଜରେ ଦେଖିବାକୁ ମିଳିଲା ଯେ, ଉତ୍କଳ ବରେଣ୍ୟ ବ୍ୟାସକବି ଫକୀରମୋହନଙ୍କର ଅତି ପ୍ରିୟ ଶାନ୍ତିକାନନ ଉଦ୍ୟାନଟି ତାଙ୍କ ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ମୋହିନୀ ମୋହନ ସେନାପତିଙ୍କ ଦ୍ୱାରା ବିକ୍ରୟ ହେବ । ସବୁ ଦେଶରେ ଓ ସବୁ କାଳରେ କବି, ଦେଶ ସେବକ ପ୍ରଭୃତିଙ୍କର ଜନ୍ମସ୍ଥାନ, ବାସସ୍ଥାନ ଓ କର୍ମକ୍ଷେତ୍ର ଦେଶବାସୀଙ୍କର ପୁଣ୍ୟତୀର୍ଥରୂପେ ଗଣ୍ୟ ହୋଇଥାଏ । ସେଥିପାଇଁ ଦେଶବାସୀ ସହସ୍ର ସହସ୍ର, ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କୁଣ୍ଠିତ ହୋଇ ନଥାନ୍ତି, ବରଂ ସେଥିରେ ଗୌରବ ଅନୁଭବ କରିଥାନ୍ତି । ପୂଜ୍ୟର ପୂଜା କରି ପୂଜକ ମଧ୍ୟ ଧନ୍ୟ ହୋଇଥାଏ । ଆମ ଓଡ଼ିଶାରେ ଯେ ପୂଜ୍ୟ ପୂଜାର ବ୍ୟତିକ୍ରମ ଘଟୁଛି, ଏହା କୁହାଯାଇ ନପାରେ । କଟକ, ବାଲେଶ୍ୱର, ଗଞ୍ଜାମ ପ୍ରଭୃତିର ଅଞ୍ଚଳ ଏପରି କି ଉତ୍କଳ ବରେଣ୍ୟ ବ୍ୟକ୍ତିମାନଙ୍କର ଶ୍ରାଦ୍ଧୋତ୍ସବ, ଜନ୍ମୋତ୍ସବ, ଶତବାର୍ଷିକୀ ପ୍ରଭୃତି କରିବାରେ ଆମ ଉତ୍କଳ ନେତା ନେତ୍ରୀମାନେ ବେଶ ଦକ୍ଷ । ସେମାନେ ଦେଶ ପ୍ରେମରେ ବିଭୋର କଣ ! ଉତ୍କଳର ପୁଣ୍ୟଶ୍ଲୋକଙ୍କ କଥା ତାଙ୍କ ମନରେ ସ୍ଥାନ ପାଇବ ବା କିପରି ? ଅଉ ମଧ୍ୟ ଏମାନଙ୍କ ପାଇଁ ପଦେ ଅଧେ କହିଲେ ବା ଲୋଖାଏ ସଭା କଲେ ତ ଅମୃତବଜାର ପତ୍ରିକା ପ୍ରଭୃତି ସମ୍ବାଦ ପତ୍ରମାନଙ୍କରେ ଫଟୋ ବାହାରିବ ନାହିଁ କି ପ୍ରଶଂସାବାଦ ହେବ ନାହିଁ—ତେବେ ସେମାନେ ଏ ସାମାନ୍ୟ କଥାରେ ମୁଣ୍ଡ ଖେଳାଇବେ କାହିଁକି ?

(୯ମ ପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com



# ଭବିଷ୍ୟ ଭାରତ

'ଦଧିପାନ' ବିରଚିତ

## ମୁଖବନ୍ଧ ।

ନମସ୍ତେ, ନମସ୍ତେ, ଦେବ, ଦ୍ରଷ୍ଟା ଶରସ୍ତ !
ଦ୍ରଷ୍ଟାହୋଇ ଦ୍ରଷ୍ଟାସ୍ତରେ ଯଥା ଧୃଷ୍ଟମତି ।
ଲେଖିଛ ବଳାଣି ମନ ଭବିଷ୍ୟ ଭାରତ ।
କହ କହ କର ଶୁଦ୍ଧ କଣ୍ଠ କସରତ ।

ନୁହେଁ ମନ୍ତ୍ରପାଠ, ନୁହେଁ ଜ୍ୟୋତିଷ ଗଣନା ।
ନୁହେଁ ଯୋଗବିଦ୍ୟା, ନୁହେଁ ଅଳୀକ କଳ୍ପନା ।
ନୁହେଁ ସାମୁଦ୍ରିକ, ନୁହେଁ କଲମ କୌଶଳ ।
ଖାଣ୍ଟି ସତକଥା, ଯାହା ଦିଶେ ଜଳଜଳ ।
ଅବିକଳ ଯିବଲେଖି, ପାଅ ବା ନପାଅ ।
ପାଠକେ ବୁଝନ୍ତୁ ଅବା ନବୁଝନ୍ତୁ ଭାଅ ।
ହସିଲେ ଦିଶିବ ସୁଧା ଧାର ଅନର୍ଗଳ,
ଅଙ୍କସିଲେ ଓଢ଼ାଳିବେ ଲୁହ ଛଳଛଳ ।

ନବାବ ପରସ ଯଥା ଝୋଲ ମୁରୁପାଣି,
ଗରମାଗରମ ଏହି କରମ ତୋରଣି ।
ଝାଲି ଝାଳ ବାହାରିବ ଯେବେ ସଡ଼ସଡ଼,
ବାନ୍ତି ଯିବ ଲୁଙ୍ଗି, ତଣ୍ଟି ହେବ ଘଡ଼ ଘଡ଼ ।
ପାକୁଳି ପାକୁଳି ମୁଖ ଅଁ—କରି ଫାଙ୍କ,
ଧୀରେ ଧୀରେ ମେଷି ରେଷ ଅବା ଲୁଣ୍ଠ ଲୁଣ୍ଠି ।

ନୁହେ ଏ କବିତା, ନୁହେ ଗଳ୍ପ ଉପନ୍ୟାସ,
ଲେଖା, ଯୋଜନା ନୁହେ, ମୃଗନାଭି ଗୁଣ ।[1]
ନାଟ୍ୟ ନୁହେ, କାବ୍ୟ ନୁହେ, ନୁହେ ନାଟ୍ୟ-କାବ୍ୟ
ନବ୍ୟ ସଭ୍ୟତାରେ ଏହା ନାମ କାଟ୍ୟ-କାବ୍ୟ ।

ଗଦ୍ୟ ନୁହେ ପଦ୍ୟ ନୁହେ ପୁଂ କିବା ସ୍ତ୍ରୀ
ଅନବଦ୍ୟ ଦେଏ ସିଦ୍ଧ ଘାଣ୍ଟିଅ ଖେଚଡ଼ି ।

## ଏକ ନମ୍ବରପର୍ବ

କୈଳାସ ଶିଖରେସରୁ ରମ୍ୟ ଉପକଣ୍ଠେ
ହର-ଗୌରୀ ବସି ଏକାସନେ
ଉଲ୍ଲାସ ବିଭୋର ।
ସୁଖ ଦର୍ଶୁ ଅସେ ବନ୍ଧ ହେନାର ସୁବାସ
ଵଲ୍ ମଲୁଅଲ୍ ।
ତା ସଙ୍ଗେ ପ୍ୟାରିସ ସେଣ୍ଟ, ଖୁରୁସ ଏକ୍ସଟ୍ରାକ୍ଟ
ଜ୍ଞମାନ ଗନ୍ଧରେ ମିଶି କରେ ଲଢ଼ାଇ ।
ଉଦ୍ଧାରେ ଉଲ୍ଲାସ ଶିବଙ୍କର ଭୂତଦଳ
କ୍ରିଷ୍ଟାଲ ଅର୍କେଷ୍ଟ୍ରା; ଖାସ ହବାଇର ଯନ୍ତ୍ର;
ଡମ୍ବରୁ, ବିଷାଣ, ଶିଙ୍ଗା,
ବାଜେ ସମ ତାଳେ, ମୃଦୁ ମଧୁର କମ୍ପନେ ।
ଦ୍ୱାରପାଳ ରୂପେ ନନ୍ଦୀ ଧରିଣ ତ୍ରିଶୂଳ
ରହିଛନ୍ତି ଠିଆ ଗେଟ୍ ପାଖେ,
ଅର୍ଦ୍ଦଳୀ ଓ ବସ୍ତୁ କାର୍ଯ୍ୟ କରୁଛନ୍ତି ଭୃଙ୍ଗୀ ।
ଗରମା ଗରମ କଫି, ଭାଙ୍ଗ ସରବତ,
ଅଣ୍ଡା ମାଟନ ଦିଅନ୍ତି ଭୁଞ୍ଜାଇ ।
ଶିବଙ୍କ ନିଜର ଅତି ଖୁସ୍,
ଦେବହ୍ମନ୍ ନ ହେଲେ ମଧ୍ୟ, ବଲ୍ ଭଡ଼୍ପୂର୍ ।
ଦରଶ ପ୍ରକାର ପୂର୍ଣ୍ଣ ଉଦାର, ଉଦାସ ।
ବଡ଼ ଘଡ଼ ଠାଣ୍ଟୁଛନ୍ତି ଟେହେଲେନା ତ୍ରୁଟ୍
ଗଣ୍ଡା ଭସ୍ମ, ଅତି ଜଟା, ଟେଷ୍ଟଗାଲ ଅର୍ଦ୍ଧର
ଝାଡ଼ ଟେକନକ କବ ଅଗ୍ନି ଅବର୍ଣ୍ଣନ ।
(ମେକପ ଅପୂର୍ଣ୍ଣ୍ୟ ଯେଣୁ, ଅପବାଦ ବୋଲି ।)
ମନୋହର ଅଳଙ୍କାରେ ମଣ୍ଡିତ ସେ ସ୍ଥଳୀ
ହରଙ୍କ ମସ୍ତକ ସ୍ଥିତ ଚନ୍ଦ୍ରରୁ ଭାସୁର ।
ଜ୍ୟୋତେ ଯାହା ଇଲେକ୍ଟ୍ରିକ ବଲ୍ବ ସମତୁଲ,
ମାତ୍ର ...

Digitized by srujanika@gmail.com

ଗାନ୍ଧୀ ଭକ୍ତବୃନ୍ଦ ସ୍ୱଚ୍ଛନ୍ଦ ଭାବରେ
ପରସ୍ପର ଛନ୍ଦାଛନ୍ଦ ବିତଣ୍ଡାରତ ।
ମୁଣ୍ଡ ଗୁଞ୍ଜା ଗୁଞ୍ଜି ପୁଣି କଚ୍ଛ ଭିଡ଼ାଭିଡ଼,
ଚଟାଚଟି, ଲୋଟା ଲୋଟି, ଝଟପଟାପଟି,
ସଭା ଅନ୍ତେ ନେତୃବୃନ୍ଦ ଯଥା କେମ୍ପ ମଧ୍ୟେ ।
ଗଙ୍ଗାଦେବୀ ରହି ରହି ଶିବ ଶିରୋପର
ଦେଖି ସ୍ୱରଙ୍ଗରେ ସ୍ୱୀୟ ସପତ୍ନୀ ଗମନ,
ହିଂସାରେ, ଲଜ୍ଜାରେ, ପୁଣି ଅଭିମାନଭରେ
ଗଡ଼ାନ୍ତି ଲୋତକ ଧାର ଆଖି ଛଳ ଛଳ,
ଇଂରେଜ-ମୁସ୍ଲିମ ପ୍ରୀତି ଦେଖି ହିନ୍ଦୁ ଯଥା ।
ଏମନ୍ତ କାଳରେ ଶୁଭେ ମହା ଗଣ୍ଡଗୋଳ
ହୋ, ହା, ହୈ, ହୈ, କୋଳାହଳ ରବ,
ଦକ୍ଷିଣ ଦିଗରୁ ଯଥା କଂଗ୍ରେସ ମଣ୍ଡପେ
କିବା ନାଃୟ ଅନ୍ତେ, ଅବା ହୋଇ ଯାହାଙ୍କଠେ
ଅବା ଶୁଖୁଅଛ ହାଟେ, ଅଧିକେ ବରଷା ।
ଅଥବା ବଜାର ମଧ୍ୟେ ହେଲେ ଧରପେଡ଼ ।
ଚମକି ପାର୍ବତୀ କହେ ପଶୁରନ୍ତି ଶିବେ,
"କହ ନାଥ ଏମନ୍ତ କି ଶୁଭେ ଅଚମ୍ଭିତ,
ସମୁଦ୍ର ଅସର ମାଡ଼ି ଅଥବା ଭାରତେ ?"
ଭାଙ୍ଗ ନିଶା ମସ୍ତକରୁ ନିଜାଙ୍କେ କପାଳୀ
ବୋଲନ୍ତି ଅଳକ୍ତ ନେତ୍ର କରି ଢୁଳୁଢୁଳୁ,

ଶ୍ରୀ ଶିବୌବାଚ

ତଃଷ୍ପୁ ନନ୍ଦୁଅ ପିତ୍ୟେ ଶୁଣି ଏହି ରଡ଼
[illegible]ନ୍ତେ ଗଃଷ୍ପା ହୋଇ ଭରଗୋ ଶଙ୍କର ।

ପାର୍ବତୀ ଉବାଚ

ତୁମ୍ଭେ ତ ବସିଛ ନାଥ ଯେ ଗଞ୍ଜଦ୍ୱାରେ ଗତ
ଜଣ ମୋତେ ବହିଯାଏ କାଳ ବେମାଲୁମ୍;
ମନେ ହୁଏ ଅସିଗଲା ପ୍ରଳୟର ବେଳ,
ତେଣୁ ଚଞ୍ଚ ହେଉଛନ୍ତି ଉଦ୍‌ବେଳ,
ବସୁଚ ବସୁଚ ଜାମ ରହିଅଛି ପଡ଼ି—

ଶ୍ରୀ ଶିବଉବାଚ

ନାହିଁମ, ତୁଛାରେ କିଆଁ ହେଉଛ ଏମନ୍ତ,
ଅସିନାହିଁ ପ୍ରଳୟର ବେଳ;
ଏ ତୁଛା ପିଲାଙ୍କ ଖେଳ, ଅଟେମାଳ ସୂଚନା
ମନେ ହୁଏ ରେଳର ଶବଦ,
ଅବା ହେବ ପ୍ରଜା ପରିଷଦ,
ହିନ୍ଦୁ ମୁସଲମାନ ଭେଦ,
କଂଗ୍ରେସର ଦଳାଦଳି ନାଦ,
ବ୍ୟବସ୍ଥା ପତ୍ରରେ କିମ୍ବା ବାଦବିସମ୍ବାଦ,
ଅବା ହୋଇ ପାରେ ହେଲେ ଛାତ୍ର ଧର୍ମଘଟ ।

କ୍ରମଶଃ

---

( ଗତାଙ୍କ ସାତପୃଷ୍ଠା ଉତ୍ତାରୁ )

ହାମ୍ ବଃଙ୍କିବ ଉତ୍ତମ୍ଭସିଷ ପଞ୍ଚା ତଥା-କଥିତ ଓ ଛଳ ସାହିତ୍ୟ ସମାଜ ତା ସେକଥା ତାହାଁକ କଳ୍ପନା କରିବାକୁ ଯିବ ? ଫକୀର-ମୋହନ ଯେ ବାଲେଶ୍ୱରର ! କେତେକ ବର୍ଷ ତଳେ ଯେବେ ତାଙ୍କ ଦ୍ୱାରା ଅନୁରୋଧ କରିବା ଫଳରେ ସାହିତ୍ୟ ସମାଜର ତତ୍କାଳୀନ ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ଉଦ୍ୟମରେ ଥରେ ମାତ୍ର କୋପସଭାଙ୍କର ଗ୍ରାମେଡ଼ୀ ଅନୁଷ୍ଠିତ ହୋଇଥିଲା । ତାହା ପୂର୍ବରୁ ଯେଉଁମାନେ କର୍ମକର୍ତ୍ତା ଥିଲେ, ପୁଣି ପରେ ଯେଉଁମାନେ ସମାଜର ପରିଚାଳକ ହେଲେ ତେଣୁ ଏପରି ପୁଣ୍ୟ ପାଠ କରିବାକୁ ସାହିତ୍ୟ ସମାଜ ଅଜ୍ ମନ ବଳାଇଲା ନାହିଁ । ଫକୀର ମୋହନ ବାବୁ ଯଦି ଅନ୍ଧକାଳବାର ହୋଇ ଥାନ୍ତେ; ନେତା, ନେଶୀ ଓ ସାହିତ୍ୟ ସମାଜର କର୍ତ୍ତାମାନଙ୍କୁ ତେଲ ଲଗାଇ ସନ୍ତୁଷ୍ଟ କରି ପାରୁଥାନ୍ତେ, ତେବେ ତାଙ୍କର ଏପରି ଅଧୋଗତ ହୋଇ ଥାନ୍ତା କି ? ହାୟ ଅଦୃଷ୍ଟ ଫକୀର ମୋହନ ! ଅତିକାଳ କବି, ସାହିତ୍ୟର ଦର୍ଶନକ ଛତ୍ରୁ ଫୁଟିଲା ପରି ଗଜୁରି ଉଠୁଥିବା ବେଳେ, ତମେ ଏତେ ଆଗରୁ ଅସିଯାଇଥିଲ କାହିଁକି ?

ବାଲେଶ୍ୱରରେ ଦାନପ୍ରିୟ ସାହିତ୍ୟସେବୀ ଧନୀଙ୍କଙ୍କର ଅଭାବ ନାହିଁ । ବିଶେଷରେ କବିଙ୍କର ଅତି ପ୍ରିୟ ଫକୀରାବୁଙ୍କର ସୁଯୋଗ୍ୟ ବଂଶଧର, କବିଙ୍କର ଗୁଣମୁଗ୍ଧ, ନାମ୍ ସମାଲୋଚକ ସାହିତ୍ୟକ ବନ୍ଧୁ ଅଗ୍ରଜ ଅଥ ପ୍ରତିଭାର ଉଦାର ମନା ବ୍ୟକ୍ତିମାନେ ଥାଉଁ ଥାଉଁ କବିଙ୍କର ସାହିତ୍ୟ ସାଧନା କ୍ଷେତ୍ରଟିର ଅବସ୍ଥା ଯେ ଏପରି ହେବ— ଏହା ମନରେ ଧାରଣା କରି ହେଉ ନାହିଁ । କବିଙ୍କର ଅନ୍ତି ମଧ୍ୟ ଅନେକ ବନ୍ଧୁ-ଭକ୍ତ, ଶିଷ୍ୟ ଓ ପୂଜକ ଥିବେ । ସମସ୍ତେ ମିଳି ମିଶି ଅନ୍ତତଃ ଗୃହ ପାଖ ମାସ ଚେଷ୍ଟା କଲେ ତାଙ୍କର ଅନନ୍ତସୁଖ ଶାନ୍ତିନିକେତନ ଉଦ୍ୟାନଟି ସର୍ବସାଧାରଣଙ୍କର ହୋଇ ପାରିବ ଓ କବିଙ୍କର ସ୍ମୃତି ବହୁଦିନବ୍ୟାପୀ ସ୍ଥାୟୀ ହୋଇ ପାରିବ । ସେ ଉଦ୍ୟାନର ପ୍ରତ୍ୟେକ ଧୂଳିକଣା ଯେ ସାହିତ୍ୟିକଙ୍କ ପକ୍ଷରେ ଅତି ପବିତ୍ର, ଏଥିରେ ସନ୍ଦେହ ନାହିଁ । ବାଲେଶ୍ୱର ସ୍ମୃତିରକ୍ଷା ସମିତି ଉଠିତ ହୋଇ ନିଃସ୍ୱାର୍ଥ ଭାବରେ କାର୍ଯ୍ୟ କଲେ ଯେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରୁ ସାହାଯ୍ୟ ମିଳିବ—ଏହା କହିବା ନାହିଁ ଉପାରେ । ଇତି ।

ଆପଣଙ୍କର 'ଜଣେ ଭକ୍ତ'

Digitized by srujanika@gmail.com

# ବହିପତ୍ର



## ନବଭାରତ—ମେଷ ଓ ବୃଷ

(ଏକାଙ୍କାକାରେ)

ଅଧ୍ୟାପକ ବପେନ ଚନ୍ଦ୍ରାସ ରାୟ 'ଜନମତ' ବିଷୟରେ ପ୍ରବନ୍ଧଟିଏ ଲେଖିଛନ୍ତି। କିନ୍ତୁ ଏଥିରେ 'ମତ'ଟା କାହିଁକି ବଦଳ ଧର ହେଲା ନାହିଁ। 'ଲୋକମତ' ହୋଇଥିଲେ ବା କେଜାଣି…

ଧରଣୀ ମାତା—କବିତା—ଶ୍ରୀ ବିନୋଦ ଚନ୍ଦ୍ର ନାୟକ; କବିତାଟି ଉଚ୍ଛ୍ୱାସମୟ ଓ ଭାଷା ମଧ୍ୟ ଲାଳିତ୍ୟପୂର୍ଣ୍ଣ। ଏଥିରେ ସ୍ୱପ୍ନ-ବାଦର କୁହେଳିକା ନାହିଁ, ଅଛି ତେଜ ଓ ସରସତା। ଯଥା—

ମତେ ତବ ବଂଶୀ ତଳ
 ବାଏ ମୁହିଁ ଭ୍ରମର ରାଗିଣୀ,
ନୂତନ ସୃଜନ ସ୍ୱପ୍ନ
 ବିଶ୍ୱରନ୍ଧ୍ରେ ଜାଗୁ ପ୍ରତିଧ୍ୱନି…

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର ପ୍ରବନ୍ଧ 'ଛାତ୍ରରେ ଅଜର ଦେବତା' ମୌଳିକ ଓ ଅବେଗମୟ। ଅଜିକାଲିକା ସଭ୍ୟତା ମାନଙ୍କୁ ଅନାବୃତ, ଅଶ୍ଳୀଳ ଓ ବ୍ୟଭିଚାର ପଥରେ ଟାଣି ନେଇ ଆଧ୍ୟାତ୍ମିକ ଆଦର୍ଶରୁ କିପରି ବିମୁଖ କରି ଦେଉଛି ଏବଂ ତଦ୍ୱାରା କି ଅନିଷ୍ଟ ଘଟୁଛି ଲେଖକ ତାର ସୂଚନା ଦେଇ ଅଛନ୍ତି। ଏହି ନାସ୍ତିକ ଯୁଗରେ ଏଭଳି ଲେଖାର ଦରକାର।

ଶ୍ରୀଯୁକ୍ତ ନବକିଶୋର ଦାସଙ୍କର "ଅମ ଜୀବନ" 'ତାଙ୍କ' ଜୀବନ ନୁହେଁ,—'ଅମ' ଜୀବନ। କିନ୍ତୁ ଅମ ଜୀବନରେ କିଛି କଥା ତାଙ୍କରେ କ'ଣ ପାଇ ଦରାନ୍ତି ହେଉଛି—ଏ 'କାହା' ଜୀବନ? ଯାହା ଜୀବନ ହେଉ, ଗୋଟାଏ ଜୀବନ ଏକା; ତାହା ନୋହିଥିଲେ "ଅନନ୍ଦରୁ ମୁଁ ଜନ୍ମ, ଅନନ୍ଦରେ ମୋର ସ୍ଥିତି ଓ ଅନନ୍ଦରେ ମୋର ପରିଣତି"—ଏ କଥା ଜାଣି "ଜୀବନାନନ୍ଦର ଅମୃତ ରସରେ ଜଗତ ପରିପ୍ଲୁତ ହୁଅନ୍ତା କିପରି! ଲେଖାଟି ପଢ଼ି ଅନନ୍ଦ ଯଥେଷ୍ଟ ମିଳିଲା। କିନ୍ତୁ ଜୀବନଟାକୁ ଚିହ୍ନି ହେଲା ନାହିଁ—ଏତିକି ଅପଶୋଷ।

ଦେବତନ୍ତ୍ର—ଶ୍ରୀ କର୍ଣ୍ଣପିଶାଚ।

ଗଳ୍ପାକାରରେ ଏହା ଗୋଟିଏ ରଙ୍ଗ ଲେଖା। ଅମ ଏଠି ପତ୍ରିକାମାନଙ୍କରେ ହାସ୍ୟୋଦ୍ଦୀପକ ଲେଖାର ବଡ଼ ଅଭାବ। ସେଥିପାଇଁ କର୍ଣ୍ଣପିଶାଚଙ୍କ ଲେଖାଟି ମନ୍ଦ ଲାଗିଲା ନାହିଁ। ଅଜିକାଲିକା 'ତ୍ୟାଗ' ବଜାରରେ ନେତାମାନେ ଅପେ କିପରି ତ୍ୟାଗ କରି ଅନୁଚରମାନଙ୍କୁ ତ୍ୟାଗ ଧର୍ମ ଶିଖାଉଛନ୍ତି ତାହାର ଏହା ଗୋଟିଏ କୌତୁକକର ଅଲେଖ୍ୟ। କର୍ଣ୍ଣପିଶାଚ ମହୋଦୟଙ୍କୁ ଏହିପରି ଲେଖା ଲେଖିବାକୁ ଅନୁରୋଧ କରୁଁ। ଏ ସବୁ ଲେଖାରେ ଅଶୁଫଳ ଅଛି।

**ନାତିଙ୍କ ଉତ୍ତର**—ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ। ଦୁଇ ଜଣ ରାୟବାହାଦୂରଙ୍କ ଭିତରେ ଲାଗିଛି ବଡ଼ାଳ୍‌— ଉଡାର। ଗୋଟାଏ ହିସାବରେ ଜଣେ ଅଜା, ଅଉ ଜଣେ ନାତି। ପୁଣି ଅବ ହିସାବରେ ବାପ-ପୁଅ। ମଧୁବାବୁଙ୍କ ପାଠ୍ୟ ପୁସ୍ତକର ସମାଲୋଚନା କରିଥିଲେ ପ୍ରହରାଜେ। ସେହିଦିନଠାରୁ ଏହି ବଚନିକା ଚାଲିଛି। ପହିଲି ୨ 'ଅଜ୍ଞ ଅବତାନ' ହେଉଁ ହେଉଁ ଏବଇଷିଣି 'ଭୁ—ବେ' ଯାଏ ପହଞ୍ଚିଲାଣି—ବାକି ଦୁଇଅକ୍ଷରଅଟା ହବା ଉପରେ; କାରଣ ଅଜା-ନାତି ତ! ବାପ୍ ବାପ୍ ବାପ ପୁଅ ପରା! ନଯତେ ହେଲେ ଦୁହେଁ ଦେବେବେଳେ ଦ୍ୱି-ଜ, ଓଡ଼ିଆ ପୁଣି ରାୟ ବାହାଦୁର, ସେଥିରେ ଅପତ୍ତି ନାହିଁ। କିନ୍ତୁ ସାହିତ୍ୟ ବିଷୟ ଯେଉଁ ସାହିତ୍ୟ ପତ୍ର କନ୍ଦଅରେ ଏ ଭଳି ବଇଠକା ଗଇଠ। ବଡ଼ ଅସୁନ୍ଦର ଦେଖାହେଉ।

**ତୃଷା ତର୍ପଣ**—ଶ୍ରୀ ବ୍ରଜକିଶୋର ରାୟ। ଗଳ୍ପାକାରରେ ଏହି କମ୍ଭୁତ କିମାକାର ଲେଖାଟା କଣ ବୁଝି ହେଲା ନାହିଁ। ଏ ଲେଖାକୁ ଦୂଷିତ ବା ଦେଶ କଥାକୁ ପଠାଇ ଦେଇଥିଲେ ଭଲ ହୋଇ ଥାଆନ୍ତା। ମାସିକ ସାହିତ୍ୟ ପତ୍ରରେ ଅସଙ୍ଗତ ଅଶିଷ୍ଟ।

**ନୂଆ ମେଘ**—ଶ୍ରୀ ନବକିଶୋର ଦାସ। ଅଷାଢ଼ସ୍ୟ ପ୍ରଥମ ଦିବସେ ନୂଆ ମେଘ ଦେଖିଲେ କବିଙ୍କ ମନ କଳନା କଣ ଯେ ଅସମ୍ଭାଳ ହୁଏ ଏ କଥା କବି କାଳିଦାସ ପ୍ରଥମେ ପ୍ରମାଣ କରି ଦେଇଥିଲେ। ଅଜି ଅମ କବିଙ୍କ ପ୍ରାଣ ନୂଆ ମେଘରେ ଅକୁଳ, ବ୍ୟାକୁଳ, ଉଦ୍‌ବେଳ ହେବାରୁ ଏହି କବିତା ଧାରି ଉଡ଼ୁକାଳି ପକାଇଛନ୍ତି। ସେ ସେଥିପାଇଁ ବରଷା ବାଧୁରି ହୋଇ ମେଘକୁ ଦୂତ କରାଇ ବିରହିଣୀ ପ୍ରିୟାଠାକୁ ପଠାଉଛନ୍ତି—

ଯାଅ ଯାଅ ମେଘ ନେଇ ମୋର ବାଣୀ
 ମୋ ଦେଶ ପ୍ରସାଦୁ କୁଡ଼ିଆ ଘର।

କାଳିଦାସ ପଠାଇଥିଲେ କୁଡ଼ିଆଘରୁ ପ୍ରାସାଦକୁ,—ଅମ କବି ଓଲଟା ପଠାଉଛନ୍ତି ପ୍ରାସାଦରୁ କୁଡ଼ିଆ ଘରକୁ। ତଫାତ୍ ଏତିକି ଛଡ଼ା ବିଶେଷ କିଛି ନାହିଁ।

ଶ୍ରୀ ଦାସଙ୍କ ଅଭିଳାଷ କବିତାର ଭାବଟି ଅତି ସୁନ୍ଦର।

**ବାରମାସୀ**—ଶ୍ରୀ ବ୍ରଜକିଶୋର ପଟ୍ଟନାୟକ। ଗଳ୍ପାକାରରେ ଲେଖା କିନ୍ତୁ ଠିକ୍ ଗଳ୍ପ ନୁହେଁ; ଅଲୋଚନା ବା ଟିପ୍ପଣୀଟା ବେଶୀ। ଯାହାହେଉ ଶୃଙ୍ଖଳ ଅଲୋଚନା ଠାରୁ ଏ ବାରଟା ସୁନ୍ଦର ହୋଇଛି। ବିରୁବାବୁଙ୍କର ବିବାହିତ ଜୀବନର ଅନୁଭୂତ ଗୁଡ଼ାକ ଯେ ତରୁଣ ଲୋକଙ୍କ ମନକୁ ଚିହ୍ନିପିବ ଏଥିରେ ସନ୍ଦେହ ନାହିଁ।

ଜୀବନ ସୋପାନରେ (କବିତା) ଶ୍ରୀ ରାମକୃଷ୍ଣ ମିଶ୍ର। ଭଲ ହୋଇଛି କହିବାକୁ ହେବ।

Digitized by srujanika@gmail.com




## ଅସାଧାରଣ ବାଳକ ।

ନ୍ୟୁୟର୍କର ଗେଲେନାକ୍ସ ହିଲ ହାସପାତାଲରେ ତିନି ବର୍ଷର ଗୋଟିଏ ବାଳକର ଉଚ୍ଚ ୨ଫୁଟ ୯ଇଞ୍ଚ । ତା ବର୍ଷରେ ସାଧାରଣତଃ ୨୬ରୁ ଖୁବ୍ ବେଶୀ ୩୧ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ହେବାର ଦେଖାଯାଏ । ଡାକ୍ତରମାନଙ୍କ ମତ ଯେ ବାଳକଟିର ଲମ୍ବା ଯେଉଁ କ୍ରମରେ ବଢ଼ି ଚାଲିଛି ଯଦି ସେହିପରି ବଢ଼ିଚାଲେ, ତେବେ ଭବିଷ୍ୟତରେ ତାର ଲମ୍ବା ଯେ କେତେ ହେବ ତାହା ଅନୁମାନ କରି ହେଉ ନାହିଁ । ବାଳକ ସୁସ୍ଥ ଏବଂ ପ୍ରସନ୍ନ ରହୁଛି । କିନ୍ତୁ ବାପ ମା କେହି ଜଣେ ପାଖରେ ନ ରହିଲେ ବଡ଼ ଭୟଭୀତ ହୋଇ ପଡ଼ୁଛି । ବାଳକର ପ୍ରତ୍ୟେକ ଅଙ୍ଗ ସମାନ ଭାବରେ ବଢ଼ୁଛି ।

———o———

## ଉଷ୍ଣା ନଦୀ ।

ଟସମାନିଆ ବିଶ୍ୱବିଦ୍ୟାଳୟର କୌଣସି ବୈଜ୍ଞାନିକ ଦଳ ଟସମାନିଆର ଉତ୍ତର ପୂର୍ବ ଦିଗରେ ଗୋଟିଏ ଉଷ୍ଣା ନଦୀ ପ୍ରବାହିତ ହେଉଥିବାର ଆବିଷ୍କାର କରିଛନ୍ତି । ଉକ୍ତ ନଦୀରେ ୨୫୦୦୦୦ ଗେଲନ ପାଣି ୯୩-୫ ତାପକ୍ରମରେ ପ୍ରବାହିତ ହୁଏ । ନଦୀର ଏପରି ଗରମ ପାଣି ହେବାର କାରଣ ଅନୁମାନ କରାଯାଏ—ହୁଏତ ନଦୀ ଯେଉଁ ସ୍ଥାନରୁ ବାହାରିଛି ସେଠାରେ ଗରମ ପଥର ଅଛି କିମ୍ବା ତା' ମାଟି ଭିତରୁ ଗରମ ହୋଇ ବାହାରୁଛି ।

## ଅଦ୍ଭୁତ ଘଡ଼ି ।

ବେଲଜିଅମରୁ ନିଉୟର୍କକୁ ଏପରି ଗୋଟିଏ ଘଡ଼ି ପଠାଯାଇଛି ଯାହାର ୯୩ଟି ଡାଏଲ ଅଛି । ପ୍ରତ୍ୟେକ ଡାଏଲରୁ ଭିନ୍ନ ଭିନ୍ନ ସମୟ ଜ୍ଞାତ ହୁଏ । ଯଦି ନିୟୁୟର୍କ ନିବାସୀ ନିଜ ନଗର ଛଡ଼ା ଲଣ୍ଡନ, କଲିକତା ମେଲବୋର୍ନ । କେପଟାଉନ ବା ବମ୍ବେଇର କିମ୍ବା ଅନ୍ୟ କୌଣସି ବିଶିଷ୍ଟ ସହରର ସମୟ ଜାଣିବାକୁ ଚାହିଁବେ ତାହା ସେ ଭିନ୍ନ ଭିନ୍ନ ଡାଏଲରୁ ପାଇ ପାରିବେ । ତା ଛଡ଼ା ସମୁଦ୍ରର ଜୁଆର ଭଟ୍ଟା ଗ୍ରହ ମାନଙ୍କର ଗତି ମଧ୍ୟ ଜାଣି ହୁଏ । ଏହା ଛଡ଼ା ଆହୁରି ଅନେକ ଭୌଗୋଳିକ ତଥ୍ୟ ଜାଣିହୁଏ ।

## ଡାକ୍ତରଙ୍କ ହାତ ସଫାଇ ।

ଲଣ୍ଡନର କୌଣସି ଏକ ହସପାତାଲକୁ ଗୋଟିଏ ୧୬ ବର୍ଷ ବାଳକର ଗୋଟିଏ ମୋଟର ଦୁର୍ଘଟଣାରେ ନାକ କଟି ଯାଇଥିଲା । ତାର ଅପରେସନ ହୋଇଥିଲା ଓ ତାର ନାକଟା ମୋଟେ ନ ଥିଲା । ଡାକ୍ତରମାନେ ଅନ୍ୟ ସ୍ଥାନର ମାଂସ ନେଇ ନୂଆ ମୁହଁ ଓ ନାକ ତିଆରି କରିଛନ୍ତି । ନାକଟି ସେମିତି ନାକ ପରି ଖୁବ୍ ସୁନ୍ଦର ହୋଇଛି ।


## ଆତ୍ରେୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଲ୍ୟରୁ କୋଷ୍ଠ କାଠିନ୍ୟ ରୋଗ ଭୋଗୁଅଛନ୍ତି, ସେମାନେ ଆମ୍ଭର ଏହି ମୋଦକ ଦୈନିକ ରାତ୍ର ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିଂବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରି ସକାଳେ ଭଲ ଭାବରେ ଗୋଟିଏ ପୋଖରୀ ହୋଇଯିବ ତରଳ ହେବ ନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରରେ ଫିରାଇ ଦିଏ । ପରେ ଔଷଧ ସେବନ ନ କଲେ ମଧ୍ୟ ନିୟମିତ ଝାଡ଼ା ହୋଇଥାଏ । ମୂଲ୍ୟ ୧୬ମାତ୍ରାକୁ ଟ୧୯ ( ଏକଟଙ୍କା ) ୩୦ ମାତ୍ରାକୁ ଟ୧୪୮

ଠିକଣା:—ଶ୍ରୀଧର ରଥବର୍ମ୍ମା, ଭିଷଗାଚାର୍ଯ୍ୟ, ଭୁବନେଶ୍ୱର ପୁରୀ


Digitized by srujanika@gmail.com



ଜଣେ ଇଂରେଜ ମହିଳା ତାଙ୍କର କନ୍ୟାକୁ କହିଲେ—ସେ ଛୋଟପୁଅ ଯେତେବେଳେ ତୋତେ ଚୁମ୍ବନ କଲେ, ତୁ ତାକୁ ବାରଣ କଲୁନାହିଁ !

କନ୍ୟା—ପାରିଲି ନାହିଁ ।

ମାତା—କାରଣ ?

କନ୍ୟା—ମୁଁ ତାର ଭାଷା ଜାଣି ନଥିଲି ।

× + ×

ଚମ୍ପୁର ଏକ ଭକ୍ତ ହୋଇ—ତୁ ଗୋଟେ ଗଧ ।

ଅସାମୀ—ହଜୁର ମା ବାପ, ଯାହା କହିବେ ।

+ + +

ପିତା ନିଜର ପୁଅମାନଙ୍କୁ ପଚାରିଲେ—ଯିଏ ସବୁବେଳେ 'ମା'ଙ୍କ କଥା ମାନି ଚଳନ୍ତି ସେ ଟିକିଏ ଭଲ ପିଲା । ଅଛି କିଏ ଭଲ ପିଲା ହୋଇଛ କହିଲ!

ଜ୍ୟେଷ୍ଠପୁଅ—ବାବା, ତମେ ।

× + +

'ହୋଟେଲ ମାଲିକ କହେ ଯେ ତୁ ଯେତେବେଳେ ଷ୍ଟେସନ୍ ଗୋଲଘରୁ ଫେରୁଥିଲେ ସେ ଦେଖିଥିଲା । ସତ କହ, ପ୍ରକୃତ ଘଟଣା କଣ !'—ମାଜିଷ୍ଟ୍ରେଟ୍ ପଚାରିଲେ ।

ଚୋର—ହଜୁର, ସବୁ ମିଛ କଥା । ସେ ବେଳେ ସେ ନିଦରେ ଶୋଇଥିଲା ।

+ + ×

ପୁଅ—ମା, ଗୋଟେ କଥା—

ମା—କ'ଣ ?

ପୁଅ—ମୁଁ ଜନ୍ମ ହେବା ଆଗରୁ ଭୂତ ମୋତେ ଦେଖି ନଥିଲା ?

ମା—ନା ।

ପୁଅ—ତୁ ମୋତେ କେବେ ଦେଖିନଥିଲୁ, ଚିହ୍ନିଲୁ କେମିତି ?

ଶିକ୍ଷକ—ପାଣିରେ ନିଆଁ ଲାଗିଲେ ମାଛ କେଉଁଠି ରହିବେ ?

ଛାତ୍ର—ଗଛ ଉପରକୁ ଉଠିଯିବେ ।

× × +

'ବାପା, ବନ୍ଧୁକ ଆଉ ମେସିନଗନ୍ ଭିତରେ ଫରକ କ'ଣ ?'

'ମୁଁ କଥା କହିବା ପରେ ତୋ' ମାଆର ଶୁଣିଛୁ—ବାସ୍ ସେତିକି ତଫାତ୍ ।'

+ + +

କୌଣସି ଔଷଧାଳୟକୁ ନିମ୍ନଲିଖିତ ପ୍ରଶଂସାପତ୍ର ମିଳିଥିଲା—

ମହାଶୟ,

ସପ୍ତାହକ ପୂର୍ବେ ମୁଁ ଏତେ ଦୁର୍ବଳ ଥିଲି ଯେ ମୋର ଛମାସର ସନ୍ତାନକୁ ଉଠାଇ ପାରୁ ନଥିଲି । ଆପଣଙ୍କ ଔଷଧ ବ୍ୟବହାରର ୭ଦିନ ପରେ ମୁଁ ମୋର ସ୍ୱାମୀଙ୍କୁ ମଧ୍ୟ ଉଠାଇ ପକାଇ ଦେଇ ପାରୁଛି । ଧନ୍ୟବାଦ ।

+ + +

ଲେଖକ—ସମ୍ପାଦକ ମହାଶୟ, ଏଥର ମୁଁ ଆପଣଙ୍କ କଥାନୁସାରେ କାଗଜର ଗୋଟେ ପାଖ ଛାଡ଼ି ଦେଉଛି । ଅଶାକରେ ଲେଖା ଗୃହୀତ ହେବ ।

ସମ୍ପାଦକ—ଆପଣ ଦୁଇପାଖ ଛାଡ଼ି ପାରୁଥିଲେ ଭଲ ହୋଇଥାନ୍ତା ।

+ + +

ଦନ୍ତ ଡାକ୍ତର—ଏହି ଛୋଟ ଦାନ୍ତଟା ଟାଣି ଉପାଡ଼ି ଦେବାକୁ ମୋର ଫି ପାଞ୍ଚ ଟଙ୍କା ।

ରୋଗୀ—ଦରକାର ନାହିଁ ।—ମୁଁ ପୁରା ମିସ୍ତ୍ରୀ ଦିନ୍ତି ରକୁ ଯାଉଛି ।

+ × ×

'ମୋ ସ୍ୱାମୀ ବଡ଼ ଚତୁର । ଏମିତିକା ମୋ ସୁନ୍ଦର ପଇସା ଗଣ୍ଠି ଅରୁ ପଇସା କାଢ଼ି ନେଇ ପଳାଉଛନ୍ତି ।'

'ବଡ଼ ଦୁଃଖର କଥା'

'ଅଧିକ ଦୁଃଖ ହେଉଛି ଯେ ସେ ଗଣ୍ଠି ଅରେ ଟଙ୍କା ଯାହା ଅଛି, ସେଥିରେ ଗୋଟିଏ ନ୍ୟୁନିଅ ଛଡ଼ା ଆଉ ବେଶି କିଛି କିଣି ହେବ ନାହିଁ ।'

+ × +

ଗୋଟିଏ ସୁଖୀ ଯୌବନ ଦାମ୍ପତ୍ୟ ଦମ୍ପତି ଅତି ଶ୍ରଦ୍ଧା କରି ଅତି ଯତ୍ନରେ ଗୋଟିଏ ବିଲାତି କୁକୁର ପାଳିଥିଲେ ।

ସ୍ୱାମୀ ଦିନେ ବାହାରକୁ ଯାଇ ଫେରି ଦେଖିଲେ ଯେ ସ୍ତ୍ରୀ କୁକୁରଟିର କେଶ ବିନ୍ୟାସ କରି ଦେଉଛନ୍ତି ।

ସ୍ୱାମୀ—ସେ ପାଣି ଅଣ୍ଟା ମୋର ନା ?

ସ୍ତ୍ରୀ—ହଁ, କିନ୍ତୁ ମୁଁ ତାକୁ ଆଗ ଧୋଇ ସାରି ତାପରେ——।

+ + ×

ଗୋଟିଏ ଘର ଭିତରୁ ବନ୍ଦ ହୋଇଥିଲା, ଜଣେ ଆଗନ୍ତୁକ ଆସି ବାରମ୍ବାର ଦୁଆରରେ ଧକା ଦେଲେ ବି କେହି ଶୁଣିଲେ ନାହିଁ । ଅନେକ କ୍ଷଣ ପରେ ଉପର ଝରକାରୁ ଗୋଟିଏ ସ୍ତ୍ରୀ ଲୋକ ମୁହଁ କାଢ଼ି ପଚାରିଲା—

ଆଗନ୍ତୁକ—ସର୍ବନାଶ, ଆପଙ୍କ ସ୍ୱାମୀଙ୍କୁ ୬ ମାସ ଜେଲ୍ ହୋଇଗଲା ।

ସ୍ତ୍ରୀ—(ଛାତିରେ ହାତ ପକାଇ) ରକ୍ଷା, ମୁଁ ଭାବିଥିଲି, ଘରବାଲା ପୁଣି ଭଡ଼ା ମାଗିବାକୁ ଆସିଲା ।

Digitized by srujanika@gmail.com

# ଅର୍ଦ୍ଧଚନ୍ଦ୍ର ଓଡ଼ିଆ ଭାଷାକୋଷ

## 'ଉ'

ସଙ୍କଳକ—ଶ୍ରୀ ରମେଶ ପାଲ ଗ୍ରହରାଜ ।

ଉଃ—ଦୀର୍ଘଶ୍ୱାସସହ ବାହାରିବା ଶବ୍ଦ ।
ଉଁ—ନାୟିକାର ସଲଜ୍ଜ ସମ୍ମତି ସୂଚକ ଧ୍ୱନି ।
ଉଆରକୂଳ—ଡାହାଣ ଦଳ (Right wing)
ଉଆଁସବତ—ଇଂରେଜ ଛଡ଼ାବେଳ ପରେ
ଉଆଁସି—କାଳୀକଣ୍ଠ
ଉଆସ—ବେଶ୍ୟା ଧୂଷ ଭବନ
ଉଆସପଣ—ରାଷ୍ଟ୍ରପତିଙ୍କ ବଙ୍ଗଳା
ଉଈଉଣ—ମନ୍ତ୍ରୀଙ୍କ ଗୃହାଭିଗଙ୍କୁ ନିମନ୍ତ୍ରଣ
ଉଈଢିପି—ଜବାହାର ଲାଲ ।
ଉଇଲ—ବଠଲ ଲୋକଙ୍କ ଯେଉଁଠିକା କଂଗ୍ରେସ କଳର ମୂଳ
ଉକ୍ତିବା—ମନ୍ତ୍ରୀଙ୍କ କାନରେ 'ସମାଜ'
ଉକାରିବା—ମହାତ୍ମାଙ୍କ ବଳବଳା
ଉକାଳିବା—ବଡ଼ଲୋକଙ୍କ ପାଟର ସୁହାସ
ଉକ୍ଳିଣୀ—ଲତିକା
ଉକୁଟିବା—ଖବର କାଗଜରେ ଫଟୋ
ଉକୁଣି—ରଜାମାନେ ସତରେ ଯାହା ମାରୁଛନ୍ତି
ଉକ୍ତି—ସରକାର ଇସ୍ତାହାର
ଉଗାଡ଼ିବା—ଗଡ଼ଜାତ ଇନକୁଆର ରିପୋର୍ଟ
ଉଗ୍ରତା—ଭୁବନେଶ୍ୱର ନିଷ୍ଟାଲ
ଉଗାଳିବା—ସୁଭାଷଙ୍କୁ କଂଗ୍ରେସ
ଉଗ୍ର—ଫରୱାର୍ଡ ବ୍ଲକ
ଉଗ୍ରଚଣ୍ଡୀ—ସାମ୍ୟବାଦୀ
ଉଙ୍କି ମାରିବା—ପାର୍କ ଫାଟକଠାରେ ଭଙ୍ଗୀ
ଉଚିତ—ଧନ ବା କ୍ଷମତା ହାତରେ ଗେଡ଼ିବା
ଉଞ୍ଚା—ଝଣ୍ଡା—ରହେ ହମାର
ଉଚାଟ—ଉଚ୍ଚ-ଶିକ୍ଷା ଯାହା କରାଏ
ଉଛବ—ବଡ଼ଲୋକଙ୍କ ଆଗମନ ।
ଉଚ୍ଛିଷ୍ଟ—ମନ୍ତ୍ରୀଙ୍କ ଦରମା
ଉଚ୍ଛେଦ—ଫରୱାର୍ଡ ବ୍ଲକରୁ ଶରତ ବୋଷଙ୍କ ଦଶା
ଉଚ୍ଛ୍ୱାସ—ପ୍ରେମ କବିତା
ଉଚ୍ଛୁଳି—ସରକାରୀ ଭାଷାରେ ଉଦ୍‌ବୃତ୍ତ
ଉଛୁର—ସଞ୍ଜ ଦେବା
ଉଛୁଳିବା—ପ୍ରେମ
ଉଜାଗର—ମଠାଧୀଶଙ୍କ ପଦ୍ଧତି
ଉଜାଣି—ମହାନଦୀ ମୁଖ

ଉଜର—ହକ୍ ସାହେବ
ଉଜେଇବା—ଡ଼ିଭିନ୍ସ ନଏର ଏକପକ୍ଷ
ଉଞ୍ଚ—ପଟେଲ କ୍ଲମିଟି (High command)
ଉଞ୍ଚିବା—କଂଗ୍ରେସ ଲୋକଙ୍କ ଯାହାକରେ :
ଉଝ—ଖନ୍ନା ସାହେବ
ଉଠିଆ—ଓଡ଼ିଶା ଏବେ ହେଉଛି
ଉଡ଼ିଲ—ନେତାଙ୍କ ରହିବାର ସ୍ଥାନ
ଉଣ୍ଡିବା—ତରୁଣର ସ୍ୱଭାବ
ଉତଳା—ସାମ୍ୟବାଦୀ
ଉତ୍ସାହ—ଦେଶପ୍ରୀତି
ଉତ୍କଣ୍ଠା—ମନ୍ତ୍ରୀ ଗୃହର, ଫୁଲମାଳ
ଉତ୍କଳ—ମେଣ୍ଢା ଗୁହାଳ
ଉତ୍ତିଷ୍ଠ—ପଠାଣ ଯୁବକ
ଉତ୍ତପ୍ତ—ଉତ୍କଳ ଯୁବକସଂଘ
ଉତ୍ତାପ—ଖାତେଙ୍କ ବେଦନା
ଉତ୍ତେଜନା—ହିନ୍ଦୁ ମୁସ୍ଲିମ ପ୍ରୀତି
ଉତ୍ତ୍ୟକ୍ତ—ବଟମ୍ବରର ମଦ ବଟେଟା
ଉତ୍ପାତ—ବାଳପ୍ରେମ (calf love)
ଉତ୍ଫୁଲ୍ଲ—ଅସେମ୍ବ୍ଲି ମେମ୍ବରଙ୍କ ଚିତ୍ତ
ଉତ୍ସ—ପଣ୍ଡିତଙ୍କ ବକ୍ତୃତା
ଉତ୍ସଙ୍ଗ—ମନ୍ତ୍ରୀଙ୍କ କୋଳ
ଉତ୍ସବ—ଡ଼ିନର ପାର୍ଟି
ଉତ୍ସାହ—ମଙ୍ଗରାଜଙ୍କ ତେଜ
ଉଦଧି—ମନ୍ତ୍ରୀଙ୍କ ବିଦ୍ୟା
ଉଦନ୍ତ—ଟେଲିଫୋନ କଲ୍
ଉଦର—ମହାନ୍ତଙ୍କ ପେଟ
ଉଦାର—ଜମିଦାର
ଉଦାସୀ—ଦେଶ ନେତା
ଉଦୁଅଁ—ମନ୍ତ୍ରୀଙ୍କ କୋଠରୀ
ଉଦ୍ଗାର—ହୁଇଲରଙ୍କ ବାଣୀ
ଉଦଗୀବ—ଇଂରେଜ
ଉଦ୍‌ଘାଟନ—ବୁଢ଼ାନଦୀ ପୋଲ
ଉଦ୍ଦୀପକ—ଟଙ୍କା
ଉଦ୍ଦେଶ୍ୟ—ସବୁବେଳେ ଅବୋଧ
ଉଦ୍ଭଟ—ବାଉଁଆ ଦଳ(left wing)
ଉଦ୍ଭିଦ—ଠକ୍କର ସାହେବ
ଉଦ୍ୟମ—ନିରକ୍ଷରତା ନିବାରଣ
ଉଦ୍ୟାନ—ଗୌରୀ ଶଙ୍କର ପାର୍କ

ଉଧବାଦ—ଉଧବା ବୋଦ
ଉଦ୍‌ବେଳ—କଭ୍
ଉଧାର—ଚଳନ୍ତି ଲୋକଙ୍କ ଧନ
ଉନ୍ନତ—ଖଦଡ଼ ପରିଧାନ
ଉନ୍ମାଦ—ଗଡ଼ଜାତ ପ୍ରଜା
ଉନ୍ମୂଳନ—ମହାରଜା, ମହନ୍ତ, ମହାଜନ,
ଉନ୍ମୋଚନ—ନାରୀଙ୍କ ଓଢ଼ଣା
ଉପକରଣ—ଗାନ୍ଧୀଟୋପି ଓ ଖଦଡ଼ ବ୍ୟାଗ
ଉପକାର—ସରକାରୀ ବାଙ୍କ ପଇ ଦାନ
ଉପକାଶ—ନନ୍ଦୁ
ଉପକୃତ—ଅକୃତଜ୍ଞ
ଉପଗ୍ରହ—ଓର୍କିଂ କମିଟି ମେମ୍ବରଗଣ
ଉପଗୁରୁ—ପଟ୍ଟାଭି, ରେନାବୁର ।
ଉପଜୀବକା—କଂଗ୍ରେସରେ ମିଶିବା
ଉପଦେଶ—ବଡ଼ଲୋକଙ୍କ ବକ୍ତୃତା
ଉପଦ୍ରବୀ—ଜ.ପାନ
ଉପାଧି—Honourable
ଉପପତି—ଉପରସ୍ଥ କର୍ମଚାରୀ, ନନ୍ଦବାବୁ
ଉପପତ୍ନୀ—ପାର୍ଲିଅମେଣ୍ଟର ସେକ୍ରେଟାରୀ
ଉପମା—ଭୋଟବେଳେ ଭୁଲ
ଉପସର୍ଗ—ପାଇନବୀଙ୍କ ଗୁଦର
ଉପର—T. A.
ଉପବାସ—Hunger strike
ଉପବନ—ନନ୍ଦକୂଳ
ଉପହାର—ଫୁଲମାଳ
ଉପାସନା—ଖବର କାଗଜ ପଢ଼ା
ଉପାସ୍ୟ—ଗୁହର
ଉପେକ୍ଷା—ନେତାଙ୍କର କ୍ଷମତା ପ୍ରତି
ଉଭ୍ର—ଅଧୁନିକା—
ଉର୍ବର—ମନ୍ତ୍ରୀଙ୍କ ମଗଜ
ଉଲ୍ଲାସ—ଭୋଟରେ ଜିଣିଲେ ଯାହାହୁଏ
ଉଷତ—କମିଟି ମେମ୍ବର
ଉଷ୍ମ—କୈଫିୟତ ଆସିଲେ ଉଡ଼ିଯାଏ
ଉଷା—ପୁଲିସର ଅବାଦ
ଉଷୁମୁଳିଆ—ନିର୍ଲଜ୍ଜିଆ
ଉଶ୍ୱାସ—ନିଶା ନିବାରଣ କାମ
ଉଁ ହୁଁ—ପ୍ରେୟସୀଙ୍କ ଅଭିମାନ

Digitized by srujanika@gmail.com



ନାଗବନ୍ଧୁଙ୍କ କଲମରୁ

ଚାନ୍ଦ ଚାହିଁଥା ଉଙ୍କି ଅଳପେ,
ଚହଟିଅ ମଞ୍ଚି ଫାଟରେ
ବସିଛି କିଏ ଖରା ଦିନରେ
ଦକ୍ଷିଣୀ ହାତଫଟରେ।
ହୁମ୍ର ହୁମ୍ବା ହୁଣ୍ଡିଅ ନାଦେ
ଡମ୍ବରୁ ବାଜେ ଭାର ?
ପାକୁଆ ଦାଢ଼ି ବୁଢ଼ାଟା କିଏ
ହାତରେ କିସ ଭାର ?
ହଟେଇ ଏଠାର ସାପୁଅ ଖେଳା
ଗାଉଛି ଚନ୍ଦ୍ର ଢୋଲା,
ହେଉଟରେ ଦେଖ ନାଗ ଗୁଡ଼ାଏ
ଡା' ଅଟେ ମେଳା ମେଳା।
ଖେଳା ବୁଢ଼ାଟା କି ମନ୍ତ୍ର ଫୁଙ୍କି
ଛୁଉଁଛି ଦେଖ ଡ଼ାକ,
ଯେତେ ଟେପଣ୍ଡ କମ୍ପାଇ ଦେବ।
ପୁରୁଥି ଗୋଟା ଯାକ।
ସେଇ ନାଦରେ ଉଠିବ ଫଣା
ନାଗ ବନ୍ଧୁଙ୍କ ଛାତି,
ସତ୍ୟର ଧର୍ମ ସେବାର କର୍ମ
ମିଳେରେ ପିଟିବ ମାତି।
ସୁରେନ୍ଦ୍ର ନ ୧୦୭

**'ମାତୃହୀନ'**

ଗବାକ୍ଷ ନିକଟେ ବସି ମାତୃହୀନ ଜଣେ,
ଶୂନ୍ୟ ଆକାଶକୁ ଚାହିଁ ଭାବେ ଏକ ମନେ—
'ଜଗତରେ 'ମା' ଡାକଟି ଧନ୍ଦଗଲା ମୋର,
ଯେ ଡାକକୁ ହେଉଥିଲି ଆନନ୍ଦ ନିର୍ଝର।
ନାହିଁ ମୋର ଆଉ କେହି ଶୁଣିବ ଗୁହାର,
ଅଙ୍କେ ଧରିଲେ ନେବ କୋଳକୁ ଉଠାଇ।
ସେ ସ୍ନେହ ଫେରେ ଆଉ ପାଇବି ମୁଁ କାହିଁ ?
କୋଳେଧରି ଦୁଃଖ ଦେ କେତେ ସ୍ନେହ
କହି,
ଶକୁଳ ସମ ମୋ 'ମା' ପାଇଛୁ ଜଗତ।
ଅଜ୍ଞ, ଅଜ୍ଞ କେବେ ଦେଖିବ ମୁଁ ନାହିଁ!
ଆଜ କାହେ ମା ବୋଲି ଦେଇଥିଲି ଡାକ
ସରଗ ସମାନ କୋଳେ ନେବ ନାହିଁ କେହି?
ନ୧୬୭ନାଗବନ୍ଧୁ
ଶଚୀବନାନନ୍ଦ।

ସ୍ନେହର ନାଗଭାଇ ମାନେ,

ମୋର ଅନେକ ଦିନର ଘନିଭୂତ ନିବେଦନଟି ଆଜି କହୁଛି। ଜାଣେନା ଏ ନିବେଦନଟି କେତେ ଦୂର ରହିବ। ଅନେକ ଭାବୁଥିବେ ଆମର ଏ ହସଖେଳ ସମୟରେ ପୁଣି ନିବେଦନଟା କଣ ? କିନ୍ତୁ ଆମର ଏ ହସ ଖେଳର ଲକ୍ଷ୍ୟ କେଉଁଠି ? ଆମେ କଣ ହସି ଦେଲେ ଦୁନିଆଟା ହସି ଉଠିବ ? ତା ସୁଖରେ ସୁଖୀ ହୋଇ ଆମେ ହସିବା। ଦେଶ ଭାଇମାନେ ଦୁଃଖରେ ପଡ଼ି ଧାଣ୍ଡି ହେଉଥିବେ ଆମେ ଇଆଡ଼େ ହସ ଖେଳରେ ମାତିବା ! !

ହଁ କଣ କହିବାକୁ ଯାଉଥିଲି ! ଆମେ କେତେ ପଇସା ଦାନ କରୁଛେ ଦେଉଁ। ଦେଶ କିମ୍ବା ଦେଶଭାଇଙ୍କ ପାଇଁ ପଇସା ଟା ଖର୍ଚ୍ଚ କରିବାକୁ ମନ ମୋଟେ ଯାଏନା। ଏପରି କି ଅନେକ ନାଗ 'ଡ଼ାଗର' ରେ ପଇସା କେଉଁଠା ଖର୍ଚ୍ଚ ନ କରି ସିନେମା-ରେ ଉଡ଼ାଇ ଥାନ୍ତି। ମୋର ଅନୁରୋଧ ପ୍ରତି ମାସକୁ ଅଣାଏ କରି ନାଗ ଫଣ୍ଡକୁ ଦେଲେ ଭଲ ହୁଅନ୍ତା। ଯେଉଁ ନାଗର ଭଲ ଅବସ୍ଥା ସେ ପଇସାଏଣ୍ଟା ଦେଇ ପାରନ୍ତେ। ଏହି ଯେଉଁ ପଇସା ଗୁଡ଼ିକ ଆଦାୟ ହୁଅନ୍ତା ଏଥିରେ ସୁନ୍ଦର ରୂପେ ଗୋଟିଏ ଦୋଟି ଗରିବ ଉଡ଼ିଆ ସ୍କୁଲକୁ ସାହାଯ୍ୟ ଦିଆ ଯାନ୍ତା। ସିଂହଭୂମ ଓ ଅନ୍ୟାନ୍ୟ ଠାରେ ଏପରି ସ୍କୁଲ ଅନେକ ଅଛି ଯାହାକି ପଇସା ଅଭାବରୁ ଚଳି ପାରେନା। ଆଜ ମଧ୍ୟ ଆମ ନାଗଙ୍କ ଭିତରେ ଅନେକ ଗରିବ ନାଗ ଅଛନ୍ତି। ସେମାନେ ଗରିବ ଅବସ୍ଥା ଯୋଗୁଁ ବେଶୀ ଦୂର ପଢ଼ି ପାରୁ ନାହାନ୍ତି, ଆମର ଏହି ନାଗ ଫଣ୍ଡରୁ ତାଙ୍କୁ ସାହାଯ୍ୟ ମିଳନ୍ତା। ଗରିବ ନାଗ ମାନେ ନିଜର ଅବସ୍ଥା ନେଇ ଆପତ୍ତି କଲେ ଅଜା ଆମ୍ଭ ମାନଙ୍କର ମତ ନେଇ ତାଙ୍କୁ ସାହାଯ୍ୟ ଦିଅନ୍ତେ।

ମୁଁ ଏଇଠି ସିଂହଭୂମ ନାଗ ମାନଙ୍କୁ ପଦେ କହିବି। ଆମର ଏହି କଲମରେ ଅନେକ ନାଗ ଅଛନ୍ତି। 'ନିରକ୍ଷରତା ଦୂର କରଣ' ରେ ସେମାନଙ୍କୁ ହାତ ଦେବାକୁ ପଡ଼ିବ। ଯିଏ ଯେଉଁ ଅଞ୍ଚଳରେ ଅଛନ୍ତି ସେ ସେଇ ଅଞ୍ଚଳର ଲୋକ ମାନଙ୍କୁ ସାକ୍ଷର କରିବେ।

ଉପରୋକ୍ତ କେତୋଟି ଗୋଟି ଅନୁରୋଧର ଶୀଘ୍ର ନାଗବନ୍ଧୁ, ନାଗ କଉଣୀ ଓ ଅଜାଙ୍କ ଠାରୁ ମତ ଚାହେଁ।

ସ୍ନେହର ନିବେଦକ
ଶ୍ରୀ ବିମଳ ଚରଣ ମହାନ୍ତି।
ନ୧୭୫

ଭାଇ ଭଉଣୀ ମାନେ,

ଜଗତର ଦୁଇ ବର୍ଷ ପ୍ରବ ଧନ ବର୍ଷରେ ପାଦ ଦେଲଣି। ଆମ୍ଭେମାନେ ମଧ୍ୟ ସ୍ନେହ ଡୋରରେ ଆଗ ପଛ ହୋଇ ଇତ ମଧ୍ୟରେ ବନ୍ଧା ହୋଇଛୁ। କିନ୍ତୁ କର୍ମ ଡୋରରେ ବନ୍ଧା ହେବାର ସମୟ ଏଥି ଭିତରେ ଘଟି ନାହିଁ। ଘଟିବ ବା କିପରି ? ଆମ ଓଡ଼ିଆରେ ଗୋଟାଏ ପ୍ରବାଦ ଅଛି, 'ଚାହିଁ ଶୋଇବ ଯେ, ତାକୁ ଉଠାଇ ପାରିବ କେ ?' ଆମ ଦେଶରେ ଏତେ ଉନ୍ନତି ବାଧା ଗଲାଣି, ଅଟକ

Digitized by srujanika@gmail.com

ଅମେ ଦେଖି ସୁଦ୍ଧା ନ ଦେଖିଲା ପରି ରହୁଛୁଁ। କିଏ ନାଗ ବନ୍ଧୁ ଦଳରେ ନାଁ'ଟା ଲେଖାଇ ଦେଇ ବସିଗଲା, କିଏ ଥରେ ଅଜାଙ୍କୁ ପତ୍ରେ କଥା ପଚାରି ଦେଇ ବସିଗଲା। ଏତିକିରେ କାମ ଶେଷ। ଅମେ ଏ ଦେଶର ଭବିଷ୍ୟତ୍। ଭବିଷ୍ୟତ ପାଇଁ ଅମେ କଣ ଶିଖିଛୁଁ? କିଛି ନାହିଁ, ତାର ଯୋଗାଡ଼ ପାଇଁ ଅଜାଙ୍କୁ କେବେ ପଚାରିଛୁଁ? ତା ବି ନାହିଁ। ତା ହେଲେ ଭବିଷ୍ୟତକୁ ନିଜ ମୁଣ୍ଡରେ ମୁଣ୍ଡାଇ କର୍ମ ପଥରେ ଠିଆ ହେବା କିପରି? ସେଥିପାଇଁ ଅଜି ମୁଁ ତୁମ୍ଭ-ମାନଙ୍କୁ ଅନୁରୋଧ କରୁଛି, ମୋ କଥା ଯେପରି ଶୀଘ୍ର ରକ୍ଷା କରି କର୍ମ ପଥରେ ଅଗ୍ରସର ହୁଅ। ବେଳ ଆଉ ନାହିଁ। ସମସ୍ତେ ଆଖି ଖୋଲି ନିଜ ଦେଶ ଓ ଦଶର କଥା ଭାବି କାମ କରିବା।

(କ) ଯେଉଁ ଠାରେ ଏକାଧିକ ନାଗବନ୍ଧୁ ଅଛ ସେଠାରେ ଗୋଟାଏ ନାଗବନ୍ଧୁ କମିଟି ଗଢ଼ି ଦେଶ ଓ ଦେଶବାସୀର ଅସୁବିଧା ବୁଝି ତାର ପ୍ରତିକାର କର। ଯାହାର ସମାଧାନ କରି ପାରୁ ନଥିବ ଅଜାଙ୍କୁ ପଚାରିବ।

(ଖ) ପ୍ରତି ସପ୍ତାହରେ ଥରେ କମିଟିର ବୈଠକ ବସାଇ କିଏ କି କାମ କରିଛି, ସମସ୍ତଙ୍କ ଆଗରେ କୁହ। ନୂତନ ଭଲ ପ୍ରସ୍ତାବ ଆଗତ କର। ପ୍ରତି ଦିନ କିଛି ନା କିଛି ଭଲ କାମ କର। ତମ ଭିତରୁ ଜଣକୁ ସେକ୍ରେଟେରି କର। ସେ ୧୫ ଦିନକୁ ଥରେ ଲେଖାଏଁ କମିଟିର କାମ ଅଜାଙ୍କୁ ଜଣାଇବେ।

(ଗ) କମିଟିର ଗୋଟିଏ ପାଣ୍ଠି କରି ଦେଶ କାମକୁ ସାହାଯ୍ୟ କର।

(ଘ) ନିରକ୍ଷରତା ଦୂର କରଣ ନିମନ୍ତେ ଲାଗି ପଡ଼।

(ଙ) ଗାଁ ଗାଁ ବୁଲି ସଭା କରି ଦେଶ କଥା ପ୍ରଚାର କର।

ଏ ସବୁ ଏକାଥରେ ହେବା ଅସମ୍ଭବ। କିନ୍ତୁ କ୍ରମେ କ୍ରମେ ଏହା କରି ହେବ। ଚାଲ ଅମ୍ଭେମାନେ ଏହା ଯେତେ ଶୀଘ୍ର ପାରିବା କରିବାରେ ଲାଗି ପଡ଼ିବା। ଭାଇ ଭଉଣୀ ମାନେ ଜାଗ—ଜାଗ—ଜାଗ। ଆଜି ପାଇଁ ବିଦାୟ।

ସ୍ନେହର
ବୀର ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକ
ନଂ ୨ ନାଗବନ୍ଧୁ।

ପ୍ରିୟ ନାଗଭାଇ ଓ ଭଉଣୀମାନେ,

ଏହି ଦୁଇ ବର୍ଷ ହେଲା ଆମ ମାତୃଭୂମି ଉତ୍କଳ ଉପରେ କି ଏକ ବିପଦର ଝଂଝା ବହୁଛି ଯେ ଯେତେ ଯେତେ ବଡ଼ ଲୋକ ଥିଲେ, ସବୁ ଶେଷ ବିଦାୟ ଗ୍ରହଣ କରି ଚାଲି ଯାଉଛନ୍ତି। ୧୯୩୮ରେ 'ଡଗର'ର ପ୍ରାଣ ପ୍ରତିଷ୍ଠାତା ମାନ୍ୟବର ଶ୍ରୀ ସୀତାକାନ୍ତ ମହାପାତ୍ର ଇହଧାମ ତ୍ୟାଗ କଲେ। ତା ଅଗରୁ ଉତ୍କଳର ବିଖ୍ୟାତ ଦାନବୀର ଭୂୟାଁ ଭାସ୍କରଚନ୍ଦ୍ର ମହାପାତ୍ର ଓ ଉତ୍କଳର ଜାତୀୟ କବି ଓ ସଂଗୀତଜ୍ଞ ଶ୍ରୀ ବାଞ୍ଛାନିଧି ମହାନ୍ତି ମଧ୍ୟ ସେହି ପଥରେ ପଥିକ। ତାପରେ ହଠାତ୍ ଏକ ବଜ୍ର ଯାଇ ପଡ଼ିଲା ଦିଲ୍ଲୀରେ ଡାକ୍ତର କମଳା କୁମାରୀଙ୍କ ଉପରେ। ସେ ଭାରତର ରାଜଧାନୀ ସୁଦୂର ଦିଲ୍ଲୀରେ ଅବସ୍ଥାନ କରି ଓଡ଼ିଆଙ୍କ ନାମ ରଖିଥିଲେ। ସେ ସେଠାରେ ଭାରତୀ ତପୋବନ ସଂଘ ନାମକ ଏକ ସଂଘ ସ୍ଥାପନ କରିଥିଲେ। ତାଙ୍କର ଜୀବନର କାର୍ଯ୍ୟ ଆରମ୍ଭ ସମୟରେ କ୍ରୂର ବିଧାତା ଅମ୍ଭମାନଙ୍କର ସୁଖ ସହି ନ ପାରି ତାଙ୍କୁ ଆମ ଠାରୁ ଛଡ଼ାଇ ନେଇଗଲା, ତେବେ ବି ତାର ସାଧ ମେଣ୍ଟିଲା ନାହିଁ।

ଅର ମାସ ୨୪ ତାରିଖରେ ପାରଳାର ଶ୍ରୀଯୁକ୍ତ ଅପନ୍ନା ପରିଚ୍ଛା ଅମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ପରଲୋକକୁ ଚାଲିଗଲେ। ସେ ମରି ଗଲେ କଣ ହେବ, ତାଙ୍କ କାର୍ଯ୍ୟ ତାଙ୍କୁ ଚିରଦିନ ଅମର କରି ରଖିବ।

ସେ ପାରଳା ଖେମଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ। ସେ ପାରଳାର—ପାରଳା କଣ, ଓଡ଼ିଶାର—ଜଣେ ପ୍ରଧାନ ବ୍ୟକ୍ତି ଥିଲେ। ସେ ସ[illegible] ଓ ତାଙ୍କ ପ୍ରାଣରେ ଜାତୀୟତା ପ୍ରୀତି ପୂର୍ଣ୍ଣ ଭାବରେ ନିହିତ ଥିଲା। ସେ ପ୍ରଥମେ ଏହି ପାରଳାରେ ଖଦଡ଼ ପିନ୍ଧିବାକୁ ଲୋକଙ୍କୁ ପ୍ରବର୍ତ୍ତାଇ ଥିଲେ। ସେ ପଣ୍ଡିତ ନୀଳକଣ୍ଠ, ମାନ୍ୟବର ବିଶ୍ୱନାଥ ଦାସ ଓ ସ୍ୱର୍ଗୀୟ ଗୋପବନ୍ଧୁଙ୍କ ସହି ମିଶି କାମ କରିଥିଲେ। ସେ ପାରଳାର ଲୋକମାନଙ୍କ କାନରେ ପ୍ରଥମେ ଖଦି ପ୍ରତିଷ୍ଠାନର ମନ୍ତ୍ର ଦେଇ-ଥିଲେ। ଯେତେବେଳେ ସମସ୍ତେ ଜାତୀୟତା ବିରୁଦ୍ଧରେ ସଂଗ୍ରାମ କରୁଥିଲେ, ସେ ଏକା ଦମ୍ଭର ସହିତ କାହାର ପ୍ରତି ଭ୍ରୂକ୍ଷେପ ନ କରି ଭାରତର ସ୍ୱାଧୀନତା ପାଇଁ ତୁମୁଳ ଆନ୍ଦୋଳନ ଚଳାଇଥିଲେ। ତାଙ୍କର ଯୋଗୁଁ ଆଜି ପାରଳାର ସବୁ ଜାତି ଉନ୍ନତ ହୋଇ ପାରିଛି।

ଅମ ଭିତରୁ ଶହକେ ୧୦ ଜଣ 'ସମାଜ' ପଢୁଥିବେ କି ନା ସନ୍ଦେହ। କିନ୍ତୁ ସେ ମଲା ପର୍ଯ୍ୟନ୍ତ ଏହା ଛାଡ଼ି ପାରି ନାହାନ୍ତି। ଏପରିକି ଯେଉଁଦିନ ମଲେ, ତା ଅଗ ଦିନ ସନ୍ଧ୍ୟା ୪ଟା ବେଳେ ଜଳଖିଆ ଖାଇ ସାରି ଚୌକି ଉପରେ ବସି 'ସମାଜ' ପଢୁ-ଥିଲେ। ହଠାତ୍ ଚୌକିରୁ ଗଡ଼ି ପଡ଼ି ମୂର୍ଚ୍ଛା ହୋଇଗଲେ। ତାପରେ ପାଟି ପଡ଼ି-ଗଲା। ଯେତେ ପ୍ରକାର ଚିକିତ୍ସା କଲେ ସୁଦ୍ଧା କିଛି ଫଳ ହେଲା ନାହିଁ। ତା ପରଦିନ ଅମକୁ ଶୋକ ବିଦାୟ ଦେଇ କାହିଁ ଅଜଣା ରାଇଜକୁ ଚାଲିଗଲେ।

ଏକଥା ବୋଧହୁଏ ସମସ୍ତେ ଜାଣି-ଥିବେ। ଓଡ଼ିଶା ପରି ଦରିଦ୍ର ଦେଶରେ ଅମେ ବା ତାଙ୍କ ପାଇଁ କଣ କରିବା ତେବେ ମୁଁ ସମସ୍ତଙ୍କୁ ବିନୀତ ଅନୁରୋଧ କରେ, ସମସ୍ତେ ଯେପରି ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଥରେ ୨ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି। ଆଜି ଏତିକି।

। ଇତି।

ତୁମମାନଙ୍କର
ସ୍ନେହର ନାଗଭାଇ
କୁମାର ଲକ୍ଷ୍ମୀନାରାୟଣ (କବିପୁତ୍ର)

Digitized by srujanika@gmail.com

# ଦେଶର ଅନ୍ତରେ



—ବଙ୍ଗଳାର ରାଜବନ୍ଦୀମାନେ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ବୋଷଙ୍କ ବୋଲ ମାନି ୨ମାସ ନିମନ୍ତେ ଅନଶନ ବନ୍ଦ କରିଛନ୍ତି । ସେଥିପାଇଁ ଗାନ୍ଧି ବୋଷଙ୍କୁ ଧନ୍ୟବାଦ ଦେଇଛନ୍ତି ।

...ମାଡ଼ ମାରି ପଠି ଅଉଁସା ?

—ଭାରତର ଦେଶୀରାଜ୍ୟମାନଙ୍କୁ ଦରକାର ବେଳେ ସାହାଯ୍ୟ ଦେବା ପାଇଁ ମଧ୍ୟ ଭାରତରେ ଏକ ପୁଲିସ ଦଳ ଗଠିତ ହେଉଛି । ତାର ନାମ ହେବ—କ୍ରାଉନ ପୁଲିସ ବେଟେଲିୟନ୍ ।

...ଗାନ୍ଧିଙ୍କ ଦେଶୀରାଜ୍ୟ ନୀତିର ଜବାବ୍ !

—ସାର ତେଜ ବାହାଦୁର ସପ୍ରୁ ହାଇଦ୍ରାବାଦରେ ଚାଲିଥିବା ଆର୍ଯ୍ୟ ସତ୍ୟାଗ୍ରହକୁ ବନ୍ଦ କରି ଦେବା ପାଇଁ ଘୋଷଣା କରିଛନ୍ତି । ନିଜାମ ସରକାର ହିନ୍ଦୁମାନଙ୍କର ଧାର୍ମିକ ଦାବୀ ପ୍ରତି ଦୃଷ୍ଟି ଦେବେ ବୋଲି ଜବାବ୍ ଦେଇଛନ୍ତି ।

...ଅନାଗ୍ରହ କରି ସଂଗ୍ରାମ ସ୍ଥଗିତ କରିବା ପାଇଁ ।

—ଅଗଷ୍ଟ ବାର ତାରିଖଠାରୁ ୧୯ ତାରିଖ ଭିତରେ ଜର୍ମାନର ପ୍ରତ୍ୟେକ ଅଧିବାସୀର ଦୈହିକ ଓ ବୌଦ୍ଧିକ ଯୋଗ୍ୟତା ପରୀକ୍ଷା ହେବ । ଯୁଦ୍ଧ ହେଲେ ଯେଉଁମାନେ ଲଢ଼ାଇ ପାଇଁ ଅକ୍ଷମ ସେମାନଙ୍କୁ ଅନ୍ୟାନ୍ୟ କାମରେ ନିଯୁକ୍ତ କରିବା ପାଇଁ ଏହା କରା ଯାଉଛି ।

...ଓଡ଼ିଆ ହୋଇଥିଲେ ପରୀକ୍ଷାରେ ସମସ୍ତେ ଫେଲ୍ ହେବାକୁ ଚାହାନ୍ତେ ।

—ଶ୍ରୀଯୁକ୍ତ ସୁଭାଷ ବୋଷ ଓଡ଼ିଶାରେ ଗସ୍ତ କରି ଗଲେ ।

...ଗାଁ ବଣିଆ ।

—କଟକରେ ଦୁଇଟି ଯୁବକ ଫେରାର ହୋଇ ଯାଇଛନ୍ତି ।

...ଯୁବତୀ ମହଲରେ ଚହଳ ।

—ଡାନ୍‌ଜିଗ୍‌ର ସିନେଟ ନିକଟକୁ ପୋଲେଣ୍ଡ ଯେଉଁ ବିରୋଧ ପତ୍ର ଦେଇଥିଲା ତାର ଉତ୍ତର ଯେପରି ମିଳିଲା ତହିଁରେ ପୋଲେଣ୍ଡ ଜର୍ମାନୀ ସହିତ ଯୁଦ୍ଧ କରିବା ଛଡ଼ା ଅନ୍ୟ ଉପାୟ ଦେଖୁ ନାହିଁ ।

...କାନ୍ଥ ଭାଇ କୁସିଆର ।

—ଜାପାନୀମାନେ ସ୍ୱାଟଂର ଉତ୍ତର ପଶ୍ଚିମ ଅଞ୍ଚଳରେ ବୋମା ବୃଷ୍ଟି କରି ଜର୍ମାନ ଓ ଇଟାଲୀୟ ଦୂତାବାସକୁ କ୍ଷତି କରିଛନ୍ତି । ଯୁକ୍ତରାଷ୍ଟ୍ରୀୟ ଅଧିଷ୍ଠାନର କମାଣ୍ଡିଂ ଅଫିସର ଏ, ଏମ୍ ହେଲ୍ ଜାପାନୀ ସୈନ୍ୟ ପତି ଓଭାଗୀ ଚୋଇଚନଙ୍କୁ ଏଥିର ପ୍ରତିବାଦ ଜଣାଇଛନ୍ତି । ପୁଣି ଟିଏନ୍‌ସିନରେ ଅଟକି ନେଇଥିବା କେତେକ ଗୁଇଲ୍‌ଡ୍ ହତ୍ୟାକାରୀଙ୍କୁ ଇଂରେଜମାନେ ଜାପାନ ହାତକୁ ବଢ଼ାଇ ଦେବାକୁ ଉଦ୍ୟତ । ଏହି ହତ୍ୟାକାରୀଙ୍କ ପାଇଁ ଟିଏନସିନ୍‌ର ଗୋଳ ଆରମ୍ଭ ହୋଇଥିଲା ।

.. ଇଂରେଜ ଜାତି ବଡ଼ ସାହସୀ ବଡ଼ ବିଶ୍ୱାସୀ ବୋଲି ପୃଥିବୀ ଦାଣ୍ଡରେ ନାଗରା ବାଜୁଛି ।

—୩୧ ଜୁଲାଇର ଘୋଷଣାନୁସାରେ ଗୋଟିଏ ଇଂରେଜ ଓ ଦଶୋଟି ଭାରତୀୟ ବାଟାଲିୟନ ଅଗଷ୍ଟ ୮ ତାରିଖରେ ସିଙ୍ଗାପୁର ପହଞ୍ଚିଛନ୍ତି ।

...ଲଢ଼ିଲାବେଳେ ଇଂରେଜରାଜକୁ ଯୁଦ୍ଧ ନଃ ।


ସର୍ବଜନ ପ୍ରଶଂସିତ **ଅର୍ଣ୍ଣବ ସହାୟ** ସୁଫଳପ୍ରଦ

ଏହା ସବୁ ପ୍ରକାର ନୂଆ ଓ ପୁରୁଣା ଅସାଧ୍ୟ ସ୍ତ୍ରୀ ରୋଗର ଅବ୍ୟର୍ଥ ମହୌଷଧ । ଏହା ଦ୍ୱାରା ନୂତନ ପୁରାତନ ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅସମୟ ଋତୁ, ଅଳ୍ପରକ୍ତ, ଅତ୍ୟଧିକ ସ୍ରାବ ଓ ତଜ୍ଜନିତ ଅଣ୍ଟା ବେଦନା, ତଳପେଟ ବେଦନା, ଗୋଡ଼ କାମ୍ବା, ମୂର୍ଚ୍ଛା, ହିଷ୍ଟିରିଆ ପ୍ରଭୃତି ରୋଗ ସମସ୍ତ ନିଶ୍ଚୟ ଉପଶମ ହୋଇଥାଏ

ପ୍ରତି ଶିଶି (୧୮ଦିନ ସେବନୋପଯୋଗୀ ୧ ପାଉ) ୫।୧୯ ଏକଟଙ୍କା ତିନି ଶିଶି ୨।୫୭ (ଦୁଇଟଙ୍କା ଅଣଅଣା) ଡାକମାଶୁଲ ସ୍ୱତନ୍ତ୍ର ।

ଏକମାସ ସେବନରେ ଫଳପ୍ରଦ ନହେଲେ ଦାମ ଫେରାଇଥାଉଁ । ମଫସଲ ରୋଗୀମାନେ ରୋଗର ସମସ୍ତ ଇତିହାସ ବିସ୍ତୃତ ଭାବରେ ଲେଖିଲେ ଚିଠା ଫିସରେ ସମସ୍ତ ରୋଗର ବ୍ୟବସ୍ଥା କରୁଥାଉଁ ।

ବୈଦ୍ୟଶିରୋମଣି, କବିରାଜ ଶ୍ରୀ ଜଗନ୍ନାଥ ମିଶ୍ର B.A.M.S ଆୟୁର୍ବେଦ ଉପାଧ୍ୟାୟ

ଠିକଣା — ଶାରଦା ଔଷଧାଳୟ — ଚୌଧୁରୀ ବଜାର, କଟକ ।



## ଆପଣଙ୍କର ଫଟୋ

ଇଲେକ୍‌ଟ୍ରିକ ଷ୍ଟୁଡିଓରେ

ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ

ଶିଳ୍ପୀ—ଏସ୍ ଜଅନନ୍ଦ

ଫଟୋ ହାଉସ, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆ ଯାଇ ପାରେ ]


Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର



ବାଲୁବଜାର, ପୋ. ଚାନ୍ଦନୀଚୌକ—କଟକ ।





ଧାନ !  ଟ ୨୦୦ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କ ଫରମାସୀ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ଅଳ୍ପ ମୂଲ୍ୟ ପଥରରେ ... ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ ତାହାଙ୍କୁ ଜିନିଷ ଦେବାକୁ ପ୍ରସ୍ତୁତ ଅଛୁଁ । ପ୍ରତ୍ୟେକ ପଦାର୍ଥକୁ ଟଚ୍ ଦ୍ୱାରା ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । ଯେଉଁ କୌଣସି ... ମିଶା ଧରାଇଦେଲେ ଅମ୍ଭେମାନେ ୨୦୦ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ

ବାଲୁବଜାର, କଟକ ।





ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

(ସାପ୍ତାହିକ) **'ବର୍ମା ଓଡ଼ିଆ ପତ୍ରିକା'** (ରୟେଲ ୧୬ ପୃଷ୍ଠା)

ଏହାହିଁ ପ୍ରବାସୀ ଓଡ଼ିଆଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଓଡ଼ିଆଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାରଙ୍କ ମନୋଭାବ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ପ୍ରବାସୀ ଓଡ଼ିଆ ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟର ଖବର ଜାଣିବାକୁ ହେଲେ ଏହି ପତ୍ରିକା ପଢନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଓ ସମ୍ପାଦିତ ।

ମୂଲ୍ୟ ୫।୦, ... ୫।୦, ଭାରତବର୍ଷ ସକାଶେ ... ୫।୦ ।   ଠିକଣା—... ରେଙ୍ଗୁନ (ବର୍ମା)

ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

Digitized by srujanika@gmail.com

REG. NO. P-441

THE DAGARO—16-8-39.



# ଅସଲ ପଞ୍ଚମୁଖୀ ତେଲ

ଏହି ତୈଳ ବ୍ୟବହାରରୁ ବୋତଳ ଅଧିକ ଅର୍ଶ, ଘା, ମୁଣ୍ଡ ବିନ୍ଧା, ଖାଜି, ପଚିଲା, ଫୋଟକା ଘା, ଛିଡି ଯିବା, ପୋଡିଯିବା ଇତ୍ୟାଦି [illegible] ଉପକାର ଏକମାତ୍ର ପରୀକ୍ଷିତ ଅଟେ। ପରୀକ୍ଷା ପ୍ରାର୍ଥନୀୟ।

ଠିକଣା:—ଅସଲ ପଞ୍ଚମୁଖୀ ତେଲ ଅଫିସ୍, କଟକ।

## ମନୋରମା ସ୍ନୁଫ୍

ନାକକୁ କେବଳ ଅଳ୍ପ ଟାଣିଲେ [illegible] ପାଣି [illegible] ଅର୍ଶ, [illegible] ଶୀଘ୍ର ଚିରକାଳ ପାଇଁ [illegible]। ମୂଲ୍ୟ—ଛୋଟ ଶିଶି—[illegible]। ବଡ ଶିଶି—[illegible]

[illegible] ଅଧିକ ଯାହାର ବେଶି [illegible] ପାଇଁ ବିଶେଷ ସୁବିଧା [illegible]

ଠିକଣା——ଅସଲ ପଞ୍ଚମୁଖୀ ତେଲ ଅଫିସ, କଟକ।

## ଆମେ ଚାହୁଁ--

[illegible] ବଳ, [illegible] ସୁନ୍ଦର ସ୍ୱାସ୍ଥ୍ୟ [illegible] ଦେହ [illegible]।

[illegible] ମାଧୁରୀ [illegible] ମହୌଷଧ

**କାୟକଳ୍ପ ରସାୟନ।**

[illegible] ବ୍ୟବହାର କଲେ ସ୍ତ୍ରୀଲୋକଙ୍କର ପ୍ରଦର ରୋଗ [illegible] ହେବ। [illegible] ସ୍ତ୍ରୀମାନେ [illegible] ପୁରୁଷ [illegible] ଓ ଦୁର୍ବଳ [illegible] ସ୍ତ୍ରୀମାନେ [illegible] ଓ [illegible]। [illegible] ଉପକାର କରନ୍ତୁ।

[illegible]—[illegible] ଦିନ ପାଇଁ ଶିଶି—[illegible] ମାଶୁଲ [illegible]

[illegible] ଦିନ ପାଇଁ ଶିଶି—[illegible] ,, [illegible]

[illegible] ଶୀଘ୍ର [illegible] ଓ [illegible] କରନ୍ତୁ।

[illegible] ମିଳେ।

**ପ୍ରାପ୍ତିସ୍ଥାନ:—**

**କାୟକଳ୍ପ ଔଷଧାଳୟ**

[illegible]—**ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**

[illegible] ରୋଡ, କଟକ। ବା ମୁଃ [illegible]।

ପୋ: ଅ: [illegible], କଟକ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇନସିଓରେନ୍ସ ସୋସାଇଟି ଲିଃ

## ହେଡ୍ଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା।

[illegible] ଏବଂ ଶୀଘ୍ର ଦାବୀ ଦେବା [illegible] ସାଧୁ ବ୍ୟବହାର [illegible]

[illegible] ପରିଚାଳନା ଯୋଗୁଁ ଭାରତ ବର୍ଷରେ ସର୍ବ ସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ

ହିନ୍ଦୁସ୍ଥାନ [illegible] ପ୍ରକାର ଲାଭ କରି ପାରିଛି।

ନୂତନ ବୀମାର ପରିମାଣ ୩ କୋଟି [illegible] ଟଙ୍କାର ଉର୍ଦ୍ଧ୍ୱ।

[illegible] ରେ [illegible] ଏ ବର୍ଷ ଲଗା ହୋଇଛି।

[illegible] ଅଜୀବନ ବୀମାରେ [illegible] ଲାଭ ଦିଆ ହୋଇଛି।

ବୀମା କରିବା ପାଇଁ କମ୍ପାନୀ ଏଜେନ୍ସି ନେବା ପାଇଁ ଏ କମ୍ପାନୀ [illegible] ଅଟେ।

ଭାରତବର୍ଷ [illegible] କମ୍ପାନୀର ଅଫିସ ଅଛି।

[illegible] ଅଫିସ:—[illegible], କଟକ। [illegible]—ନରେନ୍ଦ୍ର ପ୍ରସାଦ ଦାସ।

Printed & published at the Coperative Press, Bhadrak by N. Mahapatra & issued from Dagaro office, Bhadrak.

Digitized by srujanika@gmail.com

ଭାଦ୍ର ଦ୍ୱିତୀୟାର୍ଦ୍ଧ

୩ୟ ବର୍ଷ

୮ମ ସଂଖ୍ୟା

**The Dagaro**

ORISSA'S MOST POPULAR FORTNIGHTLY OF LIGHT, LEAD & LAUGHTER

20th SEPTEMBER 1939

ବାର୍ଷିକ ନଗଦ ୪ ।୯

ଛାତ୍ର— ୪ ।୨

ମେମ୍ବ— ୪ ।୫



# ଅଜା ଓ ଅଣ୍ଡେ ।



## (ଅଜା—ଗୀତ)

ପ୍ରେୟସୀର ପ୍ରେମ କଳଥ, ଛାର କେଁତେ ମୋର ବାନ୍ଧିତ ।
ଧରିଲେ ଲିଭା ହେବଲେ ପିଠ ଭୁସ କୁଁଇ ଭଳାପେଟ ଧରେ ଗାଣ୍ଠିଛ
(ଘୋଷା)

ଦିନେ ତାଙ୍କ ତାଜ ବେଳରେ,
ଅଡ଼ୁଅଳେ ରଧୁ ଡ଼ବେଡ଼ର ବୋଉ ଦପେ ଦେଇଥିଲ ଗେଣ୍ଡୁଟର,
ବାହ୍ମା ଦେଖୁ ଦେଖୁ ଥାଉଁ ଅଛିଦେ ଟେଙ୍ଗୁଣୀ ଭର ଭଞ୍ଜିଛ । ୧

ସେ ଦେଖି ତପଃ ଗୃହାଣୀ
ନାଗିଲା ଠୋମଣି କୁଞ୍ଚିତ କରି (ଯେତେ) ଅଙ୍ଗେଲି ବାହାଣ
ବାହାଣୀ ।
ଉଲ୍ଲାସ ଉଦ୍ଧ ଦୁଃଖୀ ଯାଦୁଣୀ ପଶ୍ଚାତେ ଗଲି ମୁଁ ବାଇଛି । ୨ ।

Digitized by srujanika@gmail.com




Digitized by srujanika@gmail.com



ୟୁରୋପରେ ତ ଲଢ଼େଇ ଲାଗିଗଲା, ଆମ ସମ୍ରାଟ ଯୋଗଦେଲେ ଗୋଟାଏ ପକ୍ଷ, ତହିଁରେ ପ୍ରଜା ନ୍ୟାଯ୍ୟ ପକ୍ଷ। ନିଜ ପାଇଁ ନୁହେଁ—ପର ପାଇଁ, ଶରଣ ପଶିଥିବା ଜାତିର ରକ୍ଷା ନିମନ୍ତେ। ଭଲ ହେଉ, ମନ୍ଦ ହେଉ ଆମେ ଯେଣୁ ତାଙ୍କ ପ୍ରଜା, ତାଙ୍କ ବିପଦ ବେଳରେ ଆମର ଯଥା ସାଧ୍ୟ ସାହାଯ୍ୟ କରିବା ଧର୍ମ। କଥା ହେଉଛି, କଣ ଦେଇ ସାହାଯ୍ୟ କରିବୁଁ; ଆମର ଅଛି କଣ ? ଯାହା କି ଅଛି ସବୁ ତ ସମ୍ରାଟଙ୍କର - ଯେପରି ଈଶ୍ୱରଙ୍କୁ ପୂଜା କରିବା ବେଳେ ଯାହା କିଛି ଉପଚାର ସାମଗ୍ରୀ ଲୋଡ଼ା ହୁଏ, ସେ ସବୁ ତାଙ୍କର। ତେବେ ଏତିକି ଆମର ଅଛି ଯେ ଆମେ ସମ୍ରାଟଙ୍କର ବିଜୟ ପାଇଁ ତ୍ରିକାଳ ସନ୍ଧ୍ୟା ପ୍ରାର୍ଥନା କରି ପାରୁଁ ଓ କରୁଛୁ।

\+ + +

ଆମର ଯେତା ଅଣ୍ଟି ଧରଣୀ ଭଳି ଦେବାର ସେପରି ସମ୍ବଳ ନାହିଁ, କିନ୍ତୁ ଯାହାଙ୍କର ଅଛି ସେମାନେ, ଅର୍ଥାତ୍ ବଡ଼ ବଡ଼ ରାଜାମହାରାଜାମାନେ ତାଙ୍କର ଯଥା ସର୍ବସ୍ୱ ଦାନ କରୁଛନ୍ତି ବା ଦେବାକୁ ପ୍ରସ୍ତୁତ ହେଲେଣି। ସେହି ଭଳି ଲୋକଙ୍କଠାରୁ ଯଥା ସର୍ବସ୍ୱ ପାଇଲେ ଅବଶ୍ୟ ସାହାଯ୍ୟ ପାଇଲା ପରି ଲାଗିବ, ଓ ଦରକାର ବେଳେ କାର୍ଯ୍ୟରେ ଆସିବ। ପ୍ରକୃତରେ ସେମାନଙ୍କର ଧନ ଅଛି, ନେହ ଅଛି, ଧାନ ଅଛି; କାଠ, ପଥର, କୋଇଲା, ଲୁହା, ଅଭ୍ର, ସୁନା ପ୍ରଭୃତି ଯୁଦ୍ଧ ଉପଯୋଗୀ ନାନା ପଦାର୍ଥ ଅଛି—ଯାହାର ଯାହାର ସୈନ୍ୟ ବଳ ବି ଅଛି।

ଯଦି ସବୁ ରାଜା ମହାରାଜା ଏହିପରି କରନ୍ତି, ତେବେ ତାର ମୂଲ୍ୟ କମ ହେବ ନାହିଁ। ଅଦ୍ୟ ଅମଲ୍ଲ ବାହାର ଦେଶ ହାତରୁ ଯେ ରକ୍ଷା କରିବାକୁ ଦମ୍ଭୀ, ତାକୁ ସର୍ବସ୍ୱ ଦେବାରେ ଶତ ନାହିଁ, ବରଂ ଲାଭ ଅଛି। ତେବେ ହରି-ହରଙ୍କ ଭଳି 'ଧ୍ୱଂସ'କୁ କେତେଜଣ ରୋକିବେ ?

× × ×

ଆମ ବଡ଼ଲାଟ ସାହେବ ଏହି ଲଢ଼େଇରେ ସର୍ବପ୍ରକାର ସାହାଯ୍ୟ ସହାନୁଭୂତି ଦେବା ପାଇଁ ଭାରତୀୟମାନଙ୍କୁ ଆବାହନ କରିଛନ୍ତି। ବଡ଼ ଲୋକେ ଧନ ଦୌଲତ ଦେବେ, ସେଠ ଲୋକ ମାଲପତ୍ର ଦେଇ ପାରିବେ, ରାଜପୁତ, ମରହଟ୍ଟା, ଶିଖ, ଗୁର୍ଖା ପ୍ରଭୃତି ପଲଟନ ଯୋଗାଇବେ। ଓଡ଼ିଆ ଦେବେ କଣ—କୁଲି ! ଯଉଁ ଓଡ଼ିଆ ପାଇକ, ଖଣ୍ଡାଏତମାନେ ଏଇ ସେ ଦିନ ଯୁଦ୍ଧ କରି ଦର୍ପଦମ୍ଭ କରୁଥିଲେ, ସେ ଆଜି ହେବାକୁ ଯିବେ କୁଲି ! ଏ ବେଳରେ ଯଦି ଆମ ସରକାର ଓଡ଼ିଆ ବୀର ଜାତି ମାନଙ୍କୁ ସେନା ବିଭାଗରେ ଭର୍ତ୍ତି କରି ନିଅନ୍ତେ, ତେବେ ସେମାନେ ଅନ୍ୟ କୌଣସି ଭାରତୀୟ ସୈନ୍ୟଠାରୁ ଦକ୍ଷତା ଓ ବୀରପଣରେ ନ୍ୟୂନ ପଡ଼ନ୍ତେ ନାହିଁ ବୋଲି ଆମର ବିଶ୍ୱାସ। କର୍ତ୍ତାମାନେ ଥରେ ପରୀକ୍ଷା କରି ଦେଖନ୍ତୁ।

\+ + +

ଯେ ସୈନ୍ୟ ନ ହେବ, ସେ ପଛେ କୁଲି ହୋଇ ଯାଆନ୍ତୁ। ଅନ୍ତତଃ ସେତିକି ହେଲେ ରଣ ଭୂମରେ କୁଲି ଥିବି ତାଙ୍କର ସାହସ ବଢ଼ିଯିବ ଓ ଆଖି ଖୋଲିଯିବ। ତାପରେ ଯଉଁ ନଅଣ୍ଟିଆ କାଳ ପଡ଼ିଛି, ପ୍ରଜା ଲଙ୍ଗଣି କଲିକତାରୁ ଓଡ଼ିଆ ତଡ଼ା ଖାଉଛନ୍ତି, ଯୁଦ୍ଧକୁ ଗଲେ ଅନେକ ଓଡ଼ିଆଙ୍କର ରୋଜଗାର ବାଟ ଖୋଲିଯିବ ଓ ଉତ୍କଳ ଦେଶର ଅବସ୍ଥା ଫେରିବ ଓ ସେମାନଙ୍କର ନାଉର ଅଧିକ ଅବସ୍ଥା ଉନ୍ନତ ହେବ। ଅତଏବ ହେ ଭାଇ-ମାନେ ! ଏ ସୁବିଧା ଛାଡ଼ ନାହିଁ। ନାଆଁଟା ଲଗ। × × ×

ଲଢ଼େଇ ଲାଗିଲେ କାହାର ସର୍ବନାଶ ତ କାହାର ପୌଷମାସ। ପୃଥିବୀର ସବୁ ଦେଶରେ ବଡ଼ ବଡ଼ ବ୍ୟବସାୟୀମାନେ, ବିଶେଷତଃ ମଟର, ଜାହାଜ, ଉଡ଼ାଜାହାଜ, କମାଣ ଗୋଳା ବାରୁଦ ବନ୍ଧୁକ ତିଆରି କରୁଥିବା କାରଖାନାମାନଙ୍କର ମାଲିକମାନେ, ଏପରିକି ଖାଦ୍ୟ ପଦାର୍ଥ, ସିଗାରେଟ, ଲୁଗାପଟା ଜୋତା, ଆଖି ଚଷମା ଚଳର ମାଲିକମାନେ ମଧ୍ୟ ବହୁତ ଲାଭବାନ ହୁଅନ୍ତି। ଏଣେ ଲକ୍ଷ ଲକ୍ଷ ସୈନିକ, ହଜାର ହଜାର ନିର୍ଦ୍ଦୋଷୀ ଲୋକ, ପିଲା, ମାଈପଙ୍କର ପ୍ରାଣ ଯାଏ, କେତେ ନଗର, ଗ୍ରାମ, ପୁଷ୍କରିଣୀ କୀର୍ତ୍ତି ଧ୍ୱଂସ ହୋଇଯାଏ—ଦେଶକୁ ଦେଶ ଛାରଖାର ହୁଏ। ଏସବୁ ଜାଣି ଶୁଣି ସୁଦ୍ଧା ଧନ ପିପାସୁ ବ୍ୟବସାୟୀଗଣ ମନେ ମନେ ଯୁଦ୍ଧ କାମନା କରନ୍ତି। ମନୁଷ୍ୟ ଏପରି ସ୍ୱାର୍ଥାନ୍ଧ।

\+ + +

ଆମ ଦେଶରେ ସେପରି ବଡ଼ ବଡ଼ ବ୍ୟବସାୟୀ ଭାରି କମ ଥିଲେ ମଧ୍ୟ—ବ୍ୟବସାୟୀମାନେ ଏହି ଧରପୋଡ଼ ହୁରି ଭିତରେ ଯେଝା ଯେତିକି ପଇସା ହାତ ମାରି ନେବାକୁ ବ୍ୟସ୍ତ। ସେଥିପାଇଁ ଗଲା ମହା ସମର ବେଳରେ ହାଣ୍ଡି ଅଟିକା, କୁଲା କୁଲୁଣି, ସଜନା ଡାଙ୍ଗ, [illegible] ଶାଗର ଦାମ ବଢ଼ି-ଯାଇଥିଲା, ଲଢ଼େଇ ନାମରେ। ସେହି କଥାକୁ ସ୍ମରଣ କରି ଏଥର ଯୁଦ୍ଧ ଖବର ଆସିଲା ମାତ୍ରେ କଲିକତିଆ ବେପାରୀମାନେ ସବୁ ପଦାର୍ଥର ଦାମ ବଢ଼ାଇ ଦେଲେ। ସେହି ଲୋଭ ଲୋକଙ୍କୁ ବାଧ ହୋଇ ଖାଇ ଖାଇ-

Digitized by srujanika@gmail.com

ଗଲା । ତେଣୁ ଆମ ସହର ମଫସଲର ଦୋକାନମାନେ ଯେ ଯେତେ ପାରିଲେ ଲୁଣ, ତେଲ, ଲଙ୍କା, ଦରଜ ଉପରେ ଦାମ ଚଢ଼ାଇ ବଢ଼ିଲେ । ଗରିବ ଜନତା ନାଚାର । ଏ ସବୁ ଦେଖି ଭାରତ ସରକାର ନୂଆ ରୂପରେ ପର-ମିଟର ବ୍ୟବସ୍ଥା କରି ଦେଇଛନ୍ତି । ବେପାରୀ-ମାନଙ୍କ ପେଟ ପତ୍ରରେ ଧୂଳି ପଡ଼ିଗଲା ବୋଲି ଅବେ ସେମାନଙ୍କ ପାଇଁ ଟିକିଏ ଆଖି ବନ୍ଦ କଲେ ଚାଲନ୍ତୁ । × × ×

ଆଉ କ୍ୱାଲିଅ ଲଢ଼େଇରେ ଯେଉଁ 'ସାଜ ସାଜ' ରାବ ଉଠିଯାଏ, ତେଣୁ ଶୁଦ୍ଧ ଶୁଦ୍ଧବାର ଲଢ଼ିଯାଏ, ତୋଳି ଟନର ଭାଳେ, ଏଥର ଅଭ ସେମିତି ହେଉନାହିଁ । ଲଗିଛି ବୈଜ୍ଞାନିକ ରଣ, ସ୍ନେହ ଭାଙ୍ଗି ପଡ଼ୁଚାଲ, ମଣିଷମାରୁ ମାନଲ । ଚାଲୁଥିବେ ଯେ ଯେତେ ଧ୍ୱଂସ କରି ପାରିଲା, ସେ ତେ ବାହାଦୁର । ଏ ଦେଖୁଛି ମେଘନାଦର ଯୁଦ୍ଧ । ସେଥିପାଇଁ ବୋଧହୁଏ ଖବର କାଗଜରେ ମୁଖ ଖବର ବଡ଼ ଲେଖିକି ଉପରେ ମଜାଳ ଛାଡ଼ ନାହାନ୍ତି । ସିଧା ଦେଉ ଅନ ଭଳିଅ କଥା କିମ୍ବା ଯେ ଏଣେ ଘୋଡ଼ା ହୋଇ ରହି ଯାଇଛୁ, ଏତେ ଅମର ଭାଗ୍ୟ । ମାମୁଁ ପରେ ଥାଇ ଅମର ଗୃହଜର ଭାଗ୍ୟ ବଢ଼ କାଟେ ।

\+ × ×

ବଡ଼ ଅବଶୋଷର କଥା ଯେ ଏ ଭଳି ଦିନେ ଗୋଟିଏ ବେଳରୁ ଆମ ଛିଡ଼ିଲ କଂଗ୍ରେସର ଦଣ୍ଡିତ ସଙ୍ଗଠନ ଇସ୍ତଫା ଦେଇ ଦେଇଛନ୍ତି । ସେ ତାଙ୍କ ଇସ୍ତାହାରରେ କହୁଛନ୍ତି ଯେ କଂଗ୍ରେସ ସଙ୍ଗଠନ ହୋଇ ପାସ କରିଲେ ଭଙ୍ଗିବା ତାଙ୍କ ଭଳିଅ ଲୋକର କାମ ନୁହେଁ । ହଉ ଏଣି, ମନ୍ତ୍ରୀମାନେ ନାହାଁନ୍ତି କଂଗ୍ରେସର ଅଧୀନ, ମାତ୍ର ସଭ୍ୟଙ୍କୁ ପରି ନାହାନ୍ତି— ତେଣୁ ସେ ଅଟନ୍ତି ଶିବଙ୍କର ଷାଣ—ଅର୍ଥାତ କଂଗ୍ରେସ ଦାଳକମାନଙ୍କର ବାହୁ ଛତ୍ରାବଳୀ ନାଏକ ଅଛି । ଏପରି ଦେଶରେ ଯେ କୌଣସି ଅନୁଗ୍ରହ ବାର୍ତ୍ତିର ହେବ ଉଣ୍ଟି ବା ଅଦ୍ଭୁତ ନୁହେଁ କି ! ଅଲ ପଣ୍ଡିତଙ୍କ [illegible] ଗୌରୀଙ୍କ ତାରୁ ଜଣା ?

× × ×

ତେବେ କେତେ ଅପଦଣି ତପଷ ଦଳଅ ଲେକ ଅଜ୍ଞ ଗୋଟାଏ ଅଣସ୍ତ ଅର୍ଥ କରୁଅଛନ୍ତି । ତାହା ଦେଉଛି ଏହି ଯେ ସତେନ୍ଦ୍ର ପ୍ରସାଦ ପାଟ ମନ୍ତ୍ରୀଙ୍କୁ ଟେଇଁ ସାର୍ଟିଫିକେଟ ଦେଲେ, ତାହା ଏକ ପ୍ରକାର ପଣ୍ଡିତଙ୍କ ଜନ୍ମବାଦ । ତେଣୁ··· । ପୁଣି ସୂତଷଙ୍କ ଓଡ଼ଶା ପଦର ଉତ୍ସତ ପଂଡ଼ିତଙ୍କ ସମ୍ପର୍କୀ ଯେଉଁଥ, ସେଥିରେ ବୃଦ୍ଧ ଲୋକ-ଷଣ୍ଡୁ ପଂଡ଼ିତଙ୍କ ଦାଢ଼ି ଭାଙ୍ଗେ ପଡ଼ିବା କଥା ଅସମ୍ଭବ ନୁହେଁ,—ତେଣୁ, ଅଗରୁ ସାବଧାନ ! ଏ ସବୁ କେବୁ ଦେଖି ନ ପାରିବା ଲୋକର ବଦନାମ ରଟନା । ପଂଡ଼ିତେ ଆପଣେ ସେପର ତରପୋକ ବ୍ୟକ୍ତି ନୁହନ୍ତି । ଭଟଘିବେ ପଛରେ ହଇଁବେ ନାହିଁ !

\+ + +

ମହାତ୍ମାଗାନ୍ଧୀ ବଡ଼ଲାଟଙ୍କ ଅମନ୍ତ୍ରଣରେ ତାଙ୍କୁ ଭେଟିବାକୁ ଯାଇଥିଲେ । ବଡ଼ଲାଟଙ୍କ ସାଙ୍ଗରେ କଥାବାର୍ତ୍ତା ହେଲା ବେଳେ ସେ ଯେତେବେଳେ ଶୁଣିଲେ ଯେ ଶତ୍ରୁ ଉଡ଼ା-ଜାହାଜର ବୋମାବର୍ଷାରେ ଲଣ୍ଡନର ପାର୍ଲିଅମେଣ୍ଟ ପ୍ରାସାଦ, ଉଏଷ୍ଟମିନଷ୍ଟର ଗିର୍ଜା ଧ୍ୱଂସ ହୋଇ-ଯାଇପାରେ, ମହାତ୍ମାଜୀ ଅଶ୍ରୁ ସମ୍ବରଣ କରି ପାରିଲେ ନାହିଁ । ବାସ୍ତବରେ ମହାତ୍ମା ମାନଙ୍କର ହୃଦୟ ବଜ୍ରାଦପି କଠୋର ହେଲେ ବି କୁସୁମା-ଗାର କୋମଳ ବୋଲି ଯାହା କହନ୍ତି, ତାହା ସତ୍ୟ ।

କିନ୍ତୁ ମହାତ୍ମାଜୀ ଅନ୍ତର କହୁଛନ୍ତି କି ସେ ସେଠାରୁ 'ଶାନ୍ତିହାତରେ' ଫେରିଲେ, କି ଭିକ୍ଷା ମ ଗିବାକୁ ଯାଇଥିଲେ ସେଟା ଗୋଲ ନାହାନ୍ତି କିନ୍ତୁ ।

× + +

ଦେଶ ୨ ସ୍ୱପ୍ନ ଦେଖୁଥିଲେ କି ଯୁଦ୍ଧଟାଏ ଲାଗିଲେ ଅମେ ଗୋଳ ଭଗାଇ ଭଲ ଦାଉ ମାରିଦେବା । ମାତ୍ର ଗେଷ୍ଟାରୁ ଲାଭ ଉଠାଇ-ବାର ସ୍ଥାନ ପ୍ରବୃତ୍ତି ସନ୍ଧ୍ୟର ଅନ୍ତରର ମହାତ୍ମା ଗା-ଙ୍କ ପରିଗ୍ରହିତ କଂଗ୍ରେସର ହୋଇ ନ ପାରେ । କଂଗ୍ରେସ କାର୍ଯ୍ୟକାରୀ କମିଟି ନାନା ତର୍କ ବିତର୍କ ପରେ ସ୍ଥିର କଲେ କି ଇଂରେଜ ଯେତେବେଳେ ନ୍ୟାୟ ଜନମତ ଓ ପ୍ରବଳ ଦାବିକୁ ଦୁର୍ବଳର ଇଚ୍ଛା

ଜନମତ ଅସ୍ତ ଧାରଣ କରିଛନ୍ତି, ଅମର ତାଙ୍କୁ ସର୍ତ୍ତରେ ସାହାଯ୍ୟ କରିବା ଉଦ୍ଦେଶ୍ୟ । ଏବଂ ଏହାହିଁ ଏ ଦେଶରେ କଂଗ୍ରେସ ନୀତି । କିନ୍ତୁ ଇଂରେଜ ଜାତି ଏ ଉପକାରଟା ନେଇ ପଦେଲରେ ଅଜେଇଦେଲେ । ଏଣିକି ଅସ ଅଗ୍ରା ହୁଏଥା । × ×

ଭୋଗତ୍ୱ ଏଲେକ୍ଟ୍ରିକ ସରକାର କର୍ତ୍ତା ଏହି ଅପରାଧରେ ସାତଜଣ କର୍ମୀଙ୍କୁ ଗିରଫ କରିଥିଲେ ଯେ ସେମାନେ ସରକାର ବେଠି ବନ୍ଦ କରିବା ପାଇଁ ସେଠା ଲୋକମାନଙ୍କୁ କୁଣିଆ ଦେଉଥିଲେ । ଅମେ ଜାଣିଥିଲୁଁ କଂଗ୍ରେସ ସରକାର ପଶିବା ଦିନଠୁଁ ବେଠି ବେଗାରର ଜୁଲମ ଉଠିଗଲା ବୋଲି; ମଧ୍ୟ ଅମ ପାଟ ମନ୍ତ୍ରୀଙ୍କ ଠାରୁ ଅରମ୍ଭ କରି ଯଥା-ମନ୍ତ୍ରୀଙ୍କ ଯାଏ ସମସ୍ତେ ଏହି କଥା ବାରମ୍ବାର ଉଚ୍ଚ କଣ୍ଠରେ କହୁଛନ୍ତି । ଅନ୍ଧାର ମୁଲକ ଗଡ଼ଜାତରେ ଏହି ବେଠି ଲାଗି ତ ଲୁବୁଷେକ ଲାଗିଗଲା । ଅଲୁଅ ମୁଲକରେ ଗଡ଼ଜାତର ଜନ-ତାଙ୍କ କଥା କହିବା ପରେ । ଏଥିରୁ ଜଣା ପଡ଼ୁଛି ଅନଙ୍କ ପକ୍ଷେ ଯାହା ଅନ୍ୟାୟ, ସରକାରଙ୍କ ପକ୍ଷେ ତାହା ନୁହେଁ—କାରଣ ପଛରେ କଂଗ୍ରେସ ବାନା ଅଛି । ଗୁରୁଗୋସେଇ କେବେ କହୁଥିଲେ ସତ "ଅମେ ଯାହା କହୁଁ ତାହା କର, ଅମେ ଯାହା କରୁଁ ତାହା କର ନାହିଁ ।" + + +

ଏହି ପ୍ରସଙ୍ଗରେ କଂଗ୍ରେସ ଅସେମ୍ବ୍ଲି ମେମ୍ବର ଶ୍ରୀ ହରିହର ପଟ୍ଟନାୟକ ସେଠାରୁ ଯାଇଁଥିଲେ ଲୋକମାନଙ୍କୁ ବେଠି ନ କରିବାକୁ ପ୍ରରୋଚନା ଦେବେ ଏବଂ ଦରକାର ପଡ଼ିଲେ ସତ୍ୟାଗ୍ରହ କରିବେ । ଏଥିପାଇଁ ସେ ପ୍ରାଦେଶିକ କଂଗ୍ରେସର ଅନୁମତି ଲୋଡ଼ିଛନ୍ତି । କିନ୍ତୁ ଏ ସଙ୍କଟ ବେଳରେ ପଂଡ଼ିତେ ଯେ ଇସ୍ତଫା ଦେଇ ପାରିବେଣି । ଅନୁମତି ଦେବ କିଏ ? ଯାହାହେଉ ଏହି ଭଳିଅ ଅଡ଼ୁ ଗୋଳା ପ୍ରଶ୍ନ ଉପରେ ମହାଦେବ ବାହାର ପଡ଼ିବା କିଛି ଅଶ୍ଚର୍ଯ୍ୟ ନୁହେଁ । କଂଗ୍ରେସ ସରକାର ବିରୁଦ୍ଧରେ ସତ୍ୟାଗ୍ରହ ! (ଜଣାଯାଏ ବନ୍ଦୀମାନଙ୍କୁ ମୁକ୍ତ କରାଗଲାଣି ।)

Digitized by srujanika@gmail.com



[ ମିଟାର୍ଭା ଫିଲ୍ମ୍ କମ୍ପାନୀର ଡେଭେଲପ୍ ମେନେଜର ମିଃ ଡ଼ିଙ୍ଗର ଦୋକାନରେ ତାଙ୍କ ଖାସ୍ କାମରାରେ ବସି ଗତ୍ତେ ଅମେରିକାର ସିନେମା ମେଗାଜିନ୍ ଦେଖୁଛନ୍ତି । ବଳ ଭାଗରେ ଷ୍ଟୁଡିଓ । ମିଃ ଡ଼ିଙ୍ଗର ଜଣେ ଦୂର-ଦର୍ଶୀ ପୁରୁଷ ଓ ସିନେମା ଶିଳ୍ପ ସମ୍ବନ୍ଧରେ ଏକ୍ସପାର୍ଟ । ତାଙ୍କର ଅମଳରେ ମିଟାର୍ଭା କମ୍ପାନୀ ନୂଆ ନୂଆ ଧରଣର ଫିଲ୍ମ୍ ତିଆରି କରି ଓ ନୂଆ ନୂଆ ଆର୍ଟ, ନୂଆ ଅଭିନୟ ପ୍ରଭୃତି ସମସ୍ତଙ୍କୁ ଚମତ୍କାର କରିଛି । ଦେଶର ବଡ଼ ବଡ଼ ଷ୍ଟାର କେତେ ଜଣ ମିଟାର୍ଭାର ଦାନ । ଏ ହେଲୁ ଡ଼ିଙ୍ଗରଙ୍କ ଲାଗି, ଏବଂ ଏ କଥା ସେ ଜଣେ ଯେତେ ବୁଝନ୍ତି, ଅନ୍ୟ କେହି ସେତେ ତାହା ବୁଝନ୍ତି ନାହିଁ । ସେଥିପାଇଁ ଖର୍ଚ୍ଚ ବଡ଼, ବମ୍ବେ କଥ ବା ଅନ୍ୟ-ନିର୍ଭର କଡ଼—ଖାଡ଼ା ଉଡ଼. ଟେଇଲା ନାଁ ମଡେଲ ସବୁ ଜାଗାରୁ ଓ ମୁହିଁରେ ପଡ଼ୁଛନ୍ତି ।

ବୟସ ୬୦ ବା ୬୫ ଭିତରେ ହେବେ ଓ ବେଶ ଭୂଷା, ଷ୍ଟାଇଲରେ ଡ଼ିଙ୍ଗର ମନ୍ତ୍ରୀ ତରୁଣ । ସେ ଜାଣନ୍ତି ଏ କାମରେ ପଇସାର ଅର୍ଥକୁ ଧରୁ ଥିଲେ ଯୁବକ ହୋଇ ରହିବାକୁ ପଡ଼େ—ମନ ନ ଥିଲେ ବି ଅଭିନୟ କରିବାକୁ ପଡ଼େ । ଘରେ ୪ ଜଣେ ଜବ୍ ସେକ୍ରେଟାରୀ ଓ ଷ୍ଟେ-ନୋ ଅଛନ୍ତି । ଡ୍ରାମା ଲେଖିବା ଜଣେ ନ ହେଲେ ଚଳେ ନାହିଁ ।

ଘରଟି ଅଧୁନାତନ ସାଜ ସଜ୍ଜାରେ ସଜ୍ଜିତ । ଇଲେକ୍‌ଟ୍ରିକ୍ ବେଲ, ଫୋନ, ଟେଲିଫୋନ୍, ଟାଇପ୍ ମେସିନ୍, ଇତ୍ୟାଦି ଇତ୍ୟାଦି କୌଣସିର ଅଭାବ ନାହିଁ । ଦାମିକା ଦାମିକା ଫର୍ଣ୍ଣିଚର, କୁସନ ଚେୟାର, କାର୍ପେଟ, ଫୁଲଦାନ ସବୁ ରହିଛି ! ]

ବନ୍ଧୁଅନ୍ତ ବଳାଇ ଦେଇ କହିଲା—'ହଜୁର ଜଣେ ଝିଅଟିଏ ମୁଲାକାତ୍ ମାଗୁଛନ୍ତି' ।

ଡ଼ି—ପଠାଇ ଦିଅ ।

ବନ୍ଧୁ—ସେ କହୁଛନ୍ତି ପ୍ରାଇଭେଟ ନ ଥିଲେ ଅପେକ୍ଷା କରିବେ ।

ଡ଼ି—ବହୁତ ଅଚ୍ଛା, ଯାଓ ।

( ବନ୍ଧୁପାନ ଚାଲି ଗଲା )

[ ମାଲ୍ଲକ ଧୀରେ ଏକ ଥର ହାତ୍ ଦେଖାଇବାକୁ ହୁଏ ]

ଡ଼ି—( ଘଣ୍ଟି ବଜାଇଲେ ) ଏ—ବନ୍ଧୁପାନ୍

ବନ୍ଧୁ—( ଦ୍ୱାର ପାଖରୁ ଫେରି ) ଜୀ—! ହଜୁର ।

# ଫିଲ୍ମ୍ ଷ୍ଟାର

( ଏକାଙ୍କ ନାଟିକା )

ଲେଖକ—ଲ. ପ.

ଡ଼ି—କେତେଟା ଝିଅଟି ?

ବନ୍ଧୁ—ବହୁତ୍ ଖବ୍ ସୁରତ୍

[ ଡ଼ିରେକ୍ଟରଙ୍କ ମୁଖରେ ଉତ୍କଣ୍ଠା ଦୂର ହୋଇ ମିଠା ଯନ୍ତ୍ରଣା ଖେଳିଗଲା ]

ଡ଼ି—ଉମର୍ ?

ବନ୍ଧୁ ସୋଲହ୍ ସତର୍—ଛବୋଲ୍ ସୋଲହ୍ ।

ଡ଼ି—[ ମଥାର ହାତ ହଟି ] ପଠାଅ ତୋ—

[ବନ୍ଧୁପାନ ଚାଲିଗଲା, ଡ଼ିଙ୍ଗର ଏକ ପାଖରେ ଥିବା ଡ୍ରେସିଂ ଟେବୁଲ ପାଖକୁ ଉଠି ଯାଇ ଟାଇଟା ସଜାଡ଼ି ଦେଲେ ଓ ବୁରୁଷ୍‌ଟା ଧରେ ମୁଣ୍ଡରେ ବୁଲାଇ ଦେଇ ଏପାଖ ସେପାଖ ହୋଇ ରହି ପାଉଡର ପଫ୍‌ଟା ଘଷି ଦେଲେ । ତାପରେ ଆପଣା ଚୌକିରେ ବସି ପୁଣି ଗମ୍ଭୀର ହୋଇଗଲେ । ]

( ଏହି ସମୟରେ ଗୋଟିଏ ତରୁଣୀ ଅତି ସନ୍ତର୍ପଣରେ ପ୍ରବେଶ କରି ଅଭିବାଦନ କଲା ।

ଡ଼ିଙ୍ଗର ମୁଖ ଉଠାଇ କହିଲେ—ବସନ୍ତୁ ପଦାର ଓ ଶୋଭ—କବି ଯଉବନ ହଜା ବେଶ

ମାଳତୀ—ବଳ ସଭାର୍ଥ ରେଡ଼ିଓ—ସଜ୍ଜିତ —ଉଠ ଉଠ ଅଙ୍ଗ ... )

ମାଳତୀ—ଗୁଡ୍ ମର୍ଣ୍ଣିଂ ସାର୍ ।

ଡ଼ି—ଗୁଡ୍ ମର୍ଣ୍ଣିଂ; ତୁମ ପାଇଁ ମୁଁ କଣ କରି ପାରେ ?

ମାଳତୀ—ମୋ ନାମ ଲକ୍ଷ୍ମୀ, ଭଉଣୀ ପାଇଁ ମୁଁ ଆପଣଙ୍କ ସାହାଯ୍ୟ ଭିକ୍ଷା କରିବାକୁ ଆସିଛି ।

ଡ଼ି—ଓଃ, ଦେଖ୍ ଲକ୍ଷ୍ମୀ । ଯୁବତୀ ଗାର୍ଲ୍‌ଙ୍କ ପାଇଁ ଲକ୍ଷ୍ମୀ ଅବଶ୍ୟ—ଅଚ୍ଛା ଠିକ୍ କଣ ଚାହଁ ତୁମେ ?

ଲକ୍ଷ୍ମୀ—ମୁଁ ଏହି ଫିଲ୍ମ୍‌ରେ ପଶିବାକୁ ଚାହେଁ । ଆପଣ ଦୟା କଲେ—( ଲାଜରେ ତଳକୁ ମୁହଁ ପୋତିଲା । )

ଡ଼ି—ବେଶ୍, ଝିଅଟି—ଆମ ଦେଶରେ ବସ୍ତୁ ସାମଗ୍ରୀ ( Raw material ) ଅଭାବ ନାହିଁ—କେବଳ ଉପଯୁକ୍ତ ଷ୍ଟାର୍ଟ ଦେବା ( Backing ) ଅଭି ଶିକ୍ଷା ( Training ) —ଏହି ହେଲେ ଆମ ଅନୁଭବରେ ଯେ କୌଣସି ଝିଅ ଷ୍ଟାର ହୋଇ ପାରିବେ ତାର କୌଣସି କାରଣ ନାହିଁ । କେବଳ ଯେଉଁମାନେ ଦୟା ଦାନର ପଥ ପ୍ରଦର୍ଶନ ( Guidance ) କରିବା ଦରକାର ।

ଲକ୍ଷ୍ମୀ—ମୁଁ ସେଥିପାଇଁ ତ ଆପଣଙ୍କ ପାଖକୁ ଆସିଛି । ମୋର ଜୀବନର ଆକାଙ୍କ୍ଷା (ambition) ମୁଁ ଜଣେ ବଡ଼ ଷ୍ଟାର ହେବ ।

ଡ଼ି—ଓଃ, ଷ୍ଟାର ! ସେ ତ ମୋ ହାତର କଥା । ଏଯାବତ୍ କେତେ ଜଣକୁ କରେଇ ଦେଇ ଏଇ ହାତ ( ହାତ ଦେଖାଇଲେ ) । ଏଇ ମୋନକ, ଦେବକା, ଲଳିତା...

ଲକ୍ଷ୍ମୀ—ସେତେବେଳେ ଆପଣଙ୍କ ପାଖରୁ ଏଇ ଭରସା,



Digitized by srujanika@gmail.com

ଅଜ୍ଞାନତା ପାଇ ମୁଁ ଧନ୍ୟ ହେଲି !
କେତେ ବା କେତେବେଳେ ପୁଣି ଅଜିତ
ହୋଇଲି·········

(ସଲଜ୍ଜ ଭାବରେ ଭୃଙ୍ଗର ପ୍ରଶଂସା ଶୁଣି ଲଳିତା ହସିଦେଲା, ଅଥଚ ସମ୍ଭ୍ରମେ ଦେଲା । ତାହା ଦେଖି ଭୃଙ୍ଗର ଭାବିଲା— "ଅହେ ଗୁଳିସିକତା ଚଣା ! ଏ ସୁଯୋଗ ପୁଣି ମିଳିବ ନାହିଁ ତ ! ମନ ପୁଣି ତାର ସଙ୍ଗ ଦେଲା ଯାଏ ଲତା କ୍ଷଣକ ଭାଳିଯାଏ— ଠ ଦେଖେ ଅଜି କୌଣସି ମୋ ଭାଗ୍ୟ ଭୁଲିଯାଏ! ତାଙ୍କର ମନେ ଦୃଢ଼ତାର ଅଭିଯାନ ପୂର୍ବରୁ ଲଳନା ଚିତ୍ରଶିଳ୍ପର ଅଭ୍ୟାସରେ ଚାହିଁଥିଲା । ଏହିପରି ଭାବରେ ଏକାଠି ଛବି ଖୋଜିଥିଲା । ସେ ତାଙ୍କୁ ଏହିପରି ଅଙ୍ଗ ଭଙ୍ଗୀ ଦେଇ ତିଆର ହାତ କରିଥିଲେ । ମାଳିକତା କାହିଁ ସେ ଜୋର ! ! ଦେଖେ ମୁଁ ଶର୍ମିତ୍ । ଟିକିଏ କେହି ଦେଖାଇ ଦେଲେ ତ କର ଆଜି ଅଦେଖୁଁ ବନ୍ଧ ନଥାଏ ! ଏହା ଭାବ ମନେ ମନେ ମଃ ଭୃଙ୍ଗର ଟିକିଏ ଆମୋଦ ଅନୁଭବ କଲେ । ଏଣେ ଲଳନାର ସ୍ନାୟୁ ସ୍ପନ୍ଦନ ଛନ୍ଦନ କରି ନାଚିଲା । କିସରେ ? କେଉଁ ଶରମ ଦୋଷ ଫୁଟିଲା । ସେ ଅବସ୍ଥାରେ ଭାବକୁ ଗୁପ୍ତ କହିଲେ ।)

ଭୃଙ୍ଗର—ବେଶ, ଲଳିତା, ଅନ୍ତତ ଲଳିତା, ତେବେ ମୋର ଛବି ହେଲ ଆକାଂକ୍ଷା— ନାହିଁ ?

ଲଳିତା—ସେ ଆପଣଙ୍କ ଅନୁଗ୍ରହ ।

ଭୃଙ୍ଗର—(ହସି) ଅନୁଗ୍ରହ ନୁହେଁ, ମାଧ୍ୟ ଶ୍ରମର, କର୍ତ୍ତବ୍ୟ—ହଁ କର୍ତ୍ତବ୍ୟ । ଦେଶପାଇଁ, ଜାତିପାଇଁ, ଅର୍ଥପାଇଁ ସେ ପରି କରନ୍ତି ଆର୍ଟିଷ୍ଟର ଏହା କର୍ତ୍ତବ୍ୟ ନୁହେଁକି ?

ଲଳିତା—ତେବେ କେଉଁଠାରୁ ଆରମ୍ଭ କରିବେ ?

ଭୃଙ୍ଗର—କେଉଁଠାରୁ ! ଭାବିଲି— କୋଉ ଜାଗାରୁ ଆରମ୍ଭ କରି । ଅଙ୍କଠାରୁ ଏହି ମୁହୂର୍ତ୍ତଠାରୁ—(ହଠାତ୍ ଆଖିରେ ଭୃଙ୍ଗର; ଲଳିତା ଟିକିଏ ଚମକି ହୋଇ ଉଠିଲା ।) ଅଚ୍ଛା, ଲଳିତା ତୁମର ଅଗରୁ କହ ନେତ୍ରଂ ନାହିଁ—କୌଣସି ପ୍ରକାର ?

ଲଳିତା—ନା, ଠିକ୍ ଜାଣି ନାହିଁ—କେବେ ଆମ ଦ୍ରୁଇଂ ମାଷ୍ଟରେ, ମୁଁ ସ୍କେଚ ବହି ରଖିଥିଲି ଓ ପଞ୍ଚାଶ ପାଇଛି

ଭୃଙ୍ଗର—ବେଶ୍, ବେଶ୍, ଦେଖିବି ମୁଁ ବୃଦ୍ଧେ; ଟିକିଏ ମୁକ୍ତହସ୍ତ— ହଁ— ଅଚ୍ଛା— ତୁମେ ଚୁଲ ଅଭିନ ମୋ ପାଖକୁ— ଦେଖେ ତୁମର ଗ୍ରୀବାର ଭୋଳଟା (pose) ।

[ଲଳିତା ଭୃଙ୍ଗରର ପାଖକୁ ଚୁଲି ଆସିଲା । ଭୃଙ୍ଗର ହଠାତ୍ ଏକହାତ ଆଗେଇ ଗଳାର ଓ ଠୋଢ଼ ଲଳିତାର କପୋଳରେ ରଖିଦେଲେ । ଲଳିତା ହସ୍ତଚାଳିତ ପୁତୁଳାପରି—ଝଡ଼ରେ ଛଡ଼ା ହୋଇ ରହିଲା । ଭୃଙ୍ଗର ପୁଣି ଆସନରେ ବସିଲେ ।]

ଭୃଙ୍ଗର—ଅଲ୍ ରାଇଟ୍ । ମୁଁ ଦେଖିବା କରୁଥିଲି ଠିକ୍ ହେଉ ତୁମେ । ମୁଁ ଜାଣିନାହିଁ କହୁଛି ଏଇ କେବଳ । କେବେ ମନକୁ ଜୋଡ଼ାଇ ପାରିଲା ସ୍ପର୍ଶ କରେଇ ଦେଉ !·········

ହଁ—କଥାଟା ଶୁଣ, ଏ ମାଗିଛାର ଆସିଲ କଥା ହେଉଛି—ପ୍ରେମ କରିବା । ସେଇଟା ଟିକିଏ ଅଭ୍ୟାସ କରି ନେବାକୁ ହେବ । ଠିକ୍ ମାଷ୍ଟରଙ୍କ ଭାବରେ ଉଚିତ ପ୍ରେମ କରିଯାଏ— ଏଇଟା ହେଉଛି ଏହାର ରହସ୍ୟ (secret)— ବୁଝିଲ !

(ଲଳିତା ଖାଲି ମୁଣ୍ଡ ହଲାଇଲା)

ଭୃଙ୍ଗର—ବର୍ତ୍ତମାନ; ତୁମେ ଦେଖ ଗୃହଚାଳ ଏଠୁ । ମୁଁ ଦେଖେଁ କେଉଁ ଅଙ୍ଗର ଭୋଳଟା ଉଚିତ ହେଉଛି ।

(ଲଳିତା ପୁଣି ପେନ୍ସିଲ ଗ୍ରହଣକଲା)

ଭୃଙ୍ଗର ତା ଦେହକୁ ଗ୍ରହଣକଲେ । ତୁଳ ଗୃହ ପାସ୍କୁଲ ଯାଇ ତଳିଅଛି । ଲଳିତାର ନିକଟରେ ଆସି ଦାଢ଼ କରିଲେ ଓ ଏଥର ତାର କ୍ଲିପ ଖୋଲି ଗଳରେ ଭଳିର ବୃନ୍ଦଟାଏ ବସାଇ ଦେଲେ ।

ଭୃଙ୍ଗର—ଏଇ ! ଠିକ୍ !—ଖୁବ୍ ସ୍ୱାଭାବିକ (natural)—ଅଟିଷ୍ଟର ସବୁ ଲକ୍ଷଣ ଅଛି । (born artist) ଅଚ୍ଛା ଆଉ ଗୋଟାଏ ଟେଷ୍ଟ (test)ରେ ଆଜିକାର ପାଠ (lesson) ଶେଷ ହେବ ।

[ଭୃଙ୍ଗର ଲଳିତାର ହାତ ଧରିଲେ ଏବଂ ଅସତ ପାଖକୁ ଆଣି ଆପେ ବସି ପଡ଼ିଲେ ଓ ଲଳିତାକୁ ଟାଣି ନେଇ କୋଳରେ ବସାଇ ଦେଲେ । ଲଳିତା ତାର ଅପତ୍ତିର କଥା କହିଲା ।]

ଭୃଙ୍ଗର—ଏଥର ତୁମର ନମ୍ର ହାତଟି କ୍ରମାଗତ ଭାବରେ ଛାଡ଼ ଦିଅ—ଆଉ ତୁମର କଣ୍ଠକୁ ଏଇପରି ଭାବରେ ମୋ ଛାତି ଉପରେ ରଖ ।

[ଭୃଙ୍ଗର ଲଳିତାର ହାତକୁ ଓ କଣ୍ଠକୁ କାନ୍ଧରେ ଦେଲେ—ଏବଂ ଦୁଇ ଓଠରେ ତାର ମୁହଁକୁ ଚାପି ଅଧରରେ ··· ···]

[ଠିକ୍ ଏହି ସମୟରେ କବାଟ ଖୋଲି ଭୃଙ୍ଗର ତମାଳ ଦେଇ ଦୁଆର ଉପରକୁ ମୁହଁ ଦେଲେ ବେଳକୁ କମଳା ଗୋଟାଏ ଲେଖେଣ ଧରି ଛିଡ଼ା ହୋଇଛି । ସେ ଧର ପଡ଼ି ହୋଇ ରହିଲେ ।]

ଭୃଙ୍ଗର—କମଳା ! ତୁମେ କି ଅଧିକାରରେ ମୋ ଘରେ ବାଟମରକୁ ପ୍ରବେଶ କଲ ? ଜାଣ—

କମଳା—ଜାଣେ, ସବୁ ଜାଣେ ମହାଶୟ । ଖାଲି ଜାଣେ ନୁହେଁ— ଏଇ ତାର ପ୍ରମାଣର ଫଟୋ ଆଣିଛି (ଲେଖେଣ ଟେକି ଦେଖାଇଲା)

ଭୃଙ୍ଗର—କଣ କହୁଛ ତୁମେ—ମତଲବ କଣ ?

କମଳା—ବୁଝିପାରୁ ନାହାନ୍ତି ମତଲବଟା ? ଆପଣ ଘାସ କାମଡ଼ ଭିତରେ ଗୋଟିଏ ଚାକରାଣୀ କାହାର ପ୍ରେମ ଭିକ୍ଷା କରୁଛନ୍ତି ତାର ପ୍ରମାଣ ଏହି ଲେଖେଣରେ ରହିଛି । ଏହାକୁ ମୁଁ ସବୁ ଦିଗରେ ପ୍ରଚାର କରିବି ଆଉ ମାଲିକ ମାନଙ୍କୁ ଦେଖାଇ ଆପଣଙ୍କ ସ୍ୱଭାବ

Digitized by srujanika@gmail.com

କରିବ । ଏହାଛଡ଼ା ଲଳିତାର ଟେଲିଫୋନ ନମ୍ବର ବି ଅଛି । ଶେଷରେ ଏ ଫଟୋ ଆପଣଙ୍କ ସ୍ତ୍ରୀଠାକୁ ପଠାଇବି; ସେ ଦେଖିବେ ତାଙ୍କର ପ୍ରିୟ ଦଣ୍ଡାଧୀ ବୁଢ଼ା ସ୍ୱାମୀଙ୍କର କୀର୍ତ୍ତି । ଜାଣିଲେ ଏଥର !

( ଭୂଜଙ୍ଗ ଏକାବେଳେ ହତଭମ୍ବ ହୋଇ ଗଲେ, ପାକେଟରୁ ରୁମାଲ ଶୁଖିଗଲା ତାଙ୍କର । କଷ୍ଟରେ ଚେଷ୍ଟା କରି କଥା କହିଲେ । )

ଭୂ—କମଳା, କ୍ଷମାକର ଏଇଥରକ, ମୋର ବଡ଼ ଭୁଲ ହୋଇ ଯାଇଛି । ମୁଁ ଖାଲି ଗୋଟାଏ ଟେଷ୍ଟ (test) କରୁଥିଲି ।

କମଳା—ଆପଣଙ୍କ ଟେଷ୍ଟ ମୁଁ ବାହାର କରି ଦେଉଛି । ମନେ ଅଛି ତ ସେଦିନ ଆପଣ ଏହିପରି ଟେଷ୍ଟ କରିବା ବାହାନାରେ, ଟ୍ରେନ୍‌ରେ ଦେଖା ଛଳରେ ମୋତେ ଏହିପରି ଧରିଥିଲେ । ଗୋଟାଏ ସ୍ତ୍ରୀର ବଦଳେ ଦେଖା ଲୋଭ ଦେଖାଇ ଆପଣ ମୋ ଉପରେ କି ଅତ୍ୟାଚାର କରି ନାହାନ୍ତି ! ମୁଁ ସବୁ ଜାଣେ ସତ୍ୟ କରୁଛି—କେବଳ ସେଇ ଗୋଟାଏ ଆଶାରେ, କିନ୍ତୁ ଏବେ ଛୁଆଟିକୁ ଦେଖି ହୋଇଗଲି, ସ୍ତ୍ରୀର ହେବା ଦୂରେ ଥାଉ କୁତ୍ସିତ କୁଳଟା ଗୋଟାଏ ହେବାର ବି ନାମ ଗନ୍ଧ ନାହିଁ । ଆପଣ କୁଅପେକ୍ଷକ, ଲମ୍ପଟ, ଧର୍ତ୍ତବାଜ୍......

ଭୂ— ( ପାଖକୁ ଯାଇ ହାତ ଧରି ପକାଇଲେ ) କମଳା, ମୋ ଛାତ୍ରୀ, ସବୁ ଦୋଷ ମୋର, ମୋତେ କ୍ଷମା କର । ଏ ବେଳେବାଛରୁ ମୁକ୍ତି ଦିଅ । ମୁଁ ଜାଣେ ତୁମେ ଦୟାବତୀ; ତୁମର ହୃଦୟ ଅଛି ।

କମଳା—ହୃଦୟଟା, ଥିଲା ଏକ ସମୟରେ, କିନ୍ତୁ ସେଟା ପୋଡ଼ି ଯାଇଛି । ସେଥି-ପାଇଁ ଆପଣଙ୍କ ପରି ବଦମାସକୁ ଫାନ୍ଦରେ ପକାଇବା ପାଇଁ ଲଳିତାକୁ ଆଧାର (bait ) କରି ପଠାଇ ଥିଲି; ଲଳିତା ମୋର ସାନ ଭଉଣୀ ।

ଭୂ— କଣ କଲେ ତୁମେ ସନ୍ତୁଷ୍ଟ ହେବ କମଳା? ଯାହା କହିବ ମୁଁ କରିବାକୁ ପ୍ରସ୍ତୁତ ଅଛି ।

କମଳା—ମୁଁ ବିବାହ କରି ରଖିଛି ମୋତେ ଆପଣ ବାହାଘର ଓ ଲଳିତାକୁ ଉଚ୍ଚଶିକ୍ଷାରେ ଟ୍ୟୁସନ କରୁଛନ୍ତି । ପର ଟ୍ୟୁସନର ମୂଲ୍ୟ ଗୁରୁଜ ଦେଇଥାଆନ୍ତି । ବୁଝିଲ କଣ ଶିକ୍ଷା ହେବାର ଟଙ୍କା ଅପଣ ଦେଉଥିଲେ ଏ ନେଗେଟିଭ୍‌ଟା ମୁଁ ଏଇଠି ବାହାର କରିଦେଇ ଯିବି ।

ଭୂ—( ଚମକି ପଡ଼ି ) ଚ-ଲି-ଶ-ହା-ଜ !ଏତେ ମୁଁ ପାଇବି ନାହିଁ ।

କମଳା—ତ ହେଲେ ଥାଉ, ମୁଁ ଆପଣଙ୍କୁ ବାଧ କରୁନାହିଁ । ଚ, ଲଳିତା ।

ଭୂ—ଏ, ଏ କମଳା, ଟିକିଏ ରହ । ଅଉ ଟିକିଏ ବିଚାର କର—ବେଜାୟ ଅନ୍ୟାୟ କରୁଛ ।

କମଳା—ଆପଣଙ୍କ ଅନ୍ୟାୟ ତୁଳନାରେ କିଛି ନୁହେଁ ।

ଭୂ ମୁଁ ତୁମ କଥାରେ ରାଜି ଅଛି ।

କମଳା— କେବେ ଦେବ? ପ୍ରଚରୁ ଏକ ଅଧଲା କମ ନୁହେଁ । ଆସ ଲଳିତା ।

ଭୂ—ଅଚ୍ଛା ନେଗେଟିଭ୍ ବାହାର କର ।

କମଳା—ଟଙ୍କା ପାଇଲେ ଦେବି ।

( ଭୂଜଙ୍ଗ ଟଙ୍କା ଗୋଲ୍ ଚେକ୍ କରି ବାହାର କଲେ ଓ ଲେଖିବାକୁ ଲାଗିଲେ । କମଳା ଓ ଲଳିତା ପରସ୍ପର ହୋଇ ମୁରୁକି ମୁରୁକି ହସୁଥାଆନ୍ତି । )

---

ସର୍ବଜନ ପ୍ରଶଂସିତ **ଆର୍ତ୍ତବ ସହାୟ** ସୁଫଳପ୍ରଦ

ଏହା ସବୁ ପ୍ରକାର ନୂଆ ଓ ପୁରୁଣା ଅସାଧ୍ୟ ସ୍ତ୍ରୀ ରୋଗର ଅବ୍ୟର୍ଥ ମହୌଷଧ । ଏହା ଦ୍ୱାରା ନୂତନ ପୁରାତନ ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅସମୟ ଋତୁ, ଅଳ୍ପ ଋତୁ, ଅତ୍ୟଧିକ ସ୍ରାବ ଓ ତଜ୍ଜନିତ ଅଣ୍ଟା ବେଦନା, ତଳପେଟ ବେଦନା, ଗୋଡ ହାତ ଜଳା, ମୂର୍ଚ୍ଛା, ହିଷ୍ଟିରିଆ ପ୍ରଭୃତି ରୋଗ ସମସ୍ତ ନିଶ୍ଚୟ ଉପଶମ ହୋଇଥାଏ

ପ୍ରତି ଶିଶି ( ଦିନ ସେବନୋପଯୋଗୀ ୧ ପାନ ) ୫୧୯ ଏକଟଙ୍କା ଛଅ ଶିଶି ଟ ୬।୯ (ଦୁଇଟଙ୍କା ଦଶଅଣା) ଡାକମାଶୁଲ ସ୍ୱତନ୍ତ୍ର ।

ଏକମାସ ସେବନରେ ଫଳପ୍ରଦ ନହେଲେ ଦାମ ଫେରାଉଁ । ମଫ-ସଲ ରୋଗୀମାନେ ରୋଗର ସମସ୍ତ ଇତିହାସ ସ୍ପଷ୍ଟ ଭାବରେ ଲେଖିଲେ ଘରେ ଡାକ ଦ୍ୱାରା ସମସ୍ତ ରୋଗର ବ୍ୟବସ୍ଥା କରୁଥାଉ ।

ବୈଦ୍ୟଶିରୋମଣି,କବିରାଜ **ଶ୍ରୀଜଗନ୍ନାଥ ମିଶ୍ର** B.A.M.S.ସାହିତ୍ୟ ଉପାଧ୍ୟାୟ

ଠିକଣା:- **ଶାରଦା ଔଷଧାଳୟ**—ଚୌଧୁରୀ ବଜାର, କଟକ ।

# ଆପଣଙ୍କର ଫଟୋ

ଇଲେକ୍‌ଟ୍ରିକ ଷ୍ଟୁଡିଓରେ

ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ

ଶିଳ୍ପୀ—ଏସ୍ ଜଗବନ୍ଧୁ

ଫଟୋ ହାଉସ, ଚୌଧୁରୀବଜାର—କଟକ

(ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ କାଢ଼ି ପାରେ )

Digitized by srujanika@gmail.com




“ଭାଇ, ସପନରେ ମୋ ସ୍ତ୍ରୀ ସ୍ୱପ୍ନ ଦେଖିଛି, ସେ ଯେ ଜଣେ କୋଟିପତିକୁ ବାହା ହେଉଛି।

‘ଭାଃ, ମୋ ସ୍ତ୍ରୀ ଯେ ଦିନ ବେଳେ ବି ସେଇ ସ୍ୱପ୍ନ ଦେଖେ।’

× × ×

ସ୍ତ୍ରୀ—‘ଉପର ଘରେ ବର୍ଷେ କ୍ଲିଷ୍ଟ ପାଉଛି’ ନାମର ବହିଟା କଣ ହେଲାଣି ହୋ ?

ସ୍ୱାମୀ—ମୁଁ ଲୁଚାଇ ଦେଇଛି, କାଳେ ତମ ମା ତାକୁ ପଢ଼ି ପକାନ୍ତି !

\+ + +

ଗ୍ରାହକ—ଏହି ଚାଉଳଣ ସ୍ୱହାନ ବାନ୍ଧ, ଏହା ଜଳରେ କେମିତି ଯେ ?

ଦୋକାନୀ କହେ—କଣ କି, ତମକୁ କୋଳି-ଭାଙ୍ଗୁ କଷ୍ଟ ହେବ ନାହିଁ।

\+ + +

ଡାକ୍ତରଙ୍କ କହିଲେ ‘ପିଲାକୁ ହିଡ଼ିଏ କେଷ୍ଟର ଅଏଲ ଦିଆଯାଉ।’

ପିଲାର ମା—କିନ୍ତୁ କେଷ୍ଟର ଅଏଲଟା କିଏ ପୁଚୁଣା ଜାଣିଛି।

ଡାକ୍ତର—ତୁମେ କଣ ଜାଣିନ ଯେ ନେଇ ଯାଇ ପୁଚୁଣା ଜାଣିଛ ଯେ !

\+ + +

‘ସ୍ୱାମୀ, ସ୍ତ୍ରୀ ଥିଏଟର ଦେଖିବାକୁ ଯାଇଥିଲେ। ସ୍ତ୍ରୀ କହିଲେ ‘ମୋ ଭଉଣୀ ଆମ ସାଙ୍ଗରେ ଥିଏଟର ଦେଖି ଯିବ ବୋଲି କହିଥିଲା, କିନ୍ତୁ ତା ଦେହ ଖରାପ ଥିବାରୁ ଯାଇ ପାରିବ ନାହିଁ।

ସ୍ୱାମୀ—ସେଥିରେ କଣ ହେଲା, ଆମେ ଦୁହେଁ ଯିବା।

ସ୍ତ୍ରୀ—କିନ୍ତୁ ମୁଁ ଯେ ତିନି ଖଣ୍ଡ ଟିକେଟ କିଣି ସାରିଛି। ଟିକେଟଟା କଣ ହବ ପୁଣି ?

ସ୍ୱାମୀ—(ଟିକିଏ ଭାବି) ଟିକେଟଟା ସେଇ ଲୋକକୁ ଦେଇ ଦିଅ।

ସ୍ତ୍ରୀ—କେଉଁ ଲୋକ ନ ?

ସ୍ୱାମୀ—ଥିଏଟର ଦେଖି ନ ଗଲେ ନ ଗଲେ ତା ଭାଉଜ ସାଙ୍ଗରେ ଦେଖା କରିବା ପାଇଁ ଯେଉଁ ଲୋକ ଉଠିଯାଏ। ସେ ଆମ ସାଙ୍ଗରେ ବସିଲେ, ତମକୁ ଆଉ ଏତେ କଷ୍ଟ କରିବାକୁ ପଡ଼ିବ ନାହିଁ।

\+ + +

ଡାକ୍ତର ଜଣେ ସ୍ତ୍ରୀ ଲୋକକୁ ଜେରା କରୁଥିଲେ।

ଉକିଲ—ତମେ ଏହି ଆସାମୀକୁ କେତେ ଦିନରୁ ଜାଣିଛ ଶୁଣି ତ କେତେ ଦିନ ହେଲା ?

ସ୍ତ୍ରୀ—ମୋର ବସ୍ତ୍ର ଟିକିଏ ଅଧିକ ହୋଇ ଯିବାରୁ ଭଉଣୀ ଜଣେ ଉକିଲକୁ ପଚାରି ଦେଇ କି, ଉକିଲଙ୍କୁ ଚିଠି ଦେବା; ଭଗବାନ୍ ଶେଷ ଉକିଲଙ୍କୁହିଁ ବାଛି ନେଲି।

× × ×

ଉମେଶ କ୍ଲାସରେ ପ୍ରେମ କବିତା ଲେଖି ନେଇଁ ପଢ଼ ମେଳ ହେଲା ନାହିଁ। ସେ ନରେନକୁ ପଚାରିଲା, “ପ୍ରିୟା ସାଙ୍ଗରେ କି ଶବ୍ଦ ମେଳ ହେବ କହିଲୁ ?”

ନରେନ କହିଲା ‘ହିଆ।’

ଉମେଶ—ଧେତ୍, ଧେଃ କଣ ମୋତେ ଆସୁ ନ ଥିଲା କି—କିନ୍ତୁ ମୋର ସେଇଟା ଲେଖିବାର ଅଧିକାର ନାହିଁ ଯେ।

ନରେନ—କାହିଁକି ରେ ?

ଉମେଶ—ଆଗରୁ ସେଇଟା ମୁଁ ଦଶଜଣ ଦେଇ ସାରିଛି ଏବେ ପ୍ରେମରେ ପଡ଼ିଲା ପରେ !

\+ + +

ମା—ମୁନି, ଦରବ ଉପରୁ ଆମ୍ବ ରଖିଥିଲି, କେଉଁଠିକି ଗୋଟାଏ ଅଛି ହେ ?

ମୁନି—ଓହୋ, ଅନ୍ଧାରରେ ସେଇଟା ମୋ ଆଖିରେ ପଡ଼ିନାହିଁ।

---


# ତିନୋଟି ପରୀକ୍ଷିତ ମୋଦକ।

ଏକ—ଅଜୀର୍ଣ୍ଣ ଗ୍ରହଣୀରେ “ଶଶାଙ୍କ କିରଣମୋଦକ” ବ୍ୟବହାର କରନ୍ତୁ। ମୂଲ୍ୟ—ତେରଗୋଟାକୁ ଏକଟଙ୍କା ମାତ୍ର

ଦୁଇ—ସ୍ତ୍ରୀ ସହର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗଙ୍କ ପ୍ରସ୍ତୁତ “ରତିବଲ୍ଲଭମୋଦକ” ବ୍ୟବହାର କରନ୍ତୁ ମୂଲ୍ୟ—୧୨ ଟାକୁ ଏକଟଙ୍କା ମାତ୍ର।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁ ସ୍ନାନ ପରଠାରେ “ଦୈବଚୂର୍ଣ୍ଣକ” ବ୍ୟବହାର କରନ୍ତୁ। ମୂଲ୍ୟ—ତିନିଟାକୁ ଦଶଟଙ୍କା ମାତ୍ର।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ ଅମୃତବେଦ ଫାର୍ମେସୀ ଭୁବନେଶ୍ୱର —ପୁରୀ।


Digitized by srujanika@gmail.com



ରମା ଶପଥ କରି ବସିଲା—ମୁଁ ତାହା ହେବି ନାହିଁ ।

ମାଆ କେତେ ପ୍ରକାରେ ବୁଝାଇଲେ, ନୂଆ କେତେ ସଙ୍ଗୀ ସାଙ୍ଗ କଲେ, ଖାଲି ପଢ଼ଣା କେତେ ରକମରେ ଦେଖାଇ ଶିଖାଇ ଦେଲେ, ରମାର ମନ କୌଣସିରେ ଟଳିଲା ନାହିଁ । ସେ ଏକା ଜିଦ୍ ଧରି ବସିଲା,—ତାହା ହେବ ନାହିଁ ।

କଥାଟା କିନ୍ତୁ ରହିଲା ନାହିଁ ଛପି । କ୍ଲାସର ସମସ୍ତେ ଛପା ଛପି ହେଲେ, ମୁରୁବି ମଧ୍ୟ ହେଲେ, କେତେ ଭାବରେ ଟାହ୍ୟଲ୍ଲ ଟିପ୍ପଣି କଲେ । କିନ୍ତୁ ବାହାଘର କଥା ଯେତେ ପଡ଼ିଲା ସେତିକି ରମାର ଜିଦ୍ ସେତିକି ବେଶୀ ବଢ଼ି ଯିବାକୁ ଲାଗିଲା ।

ମାମୁଁ ଶେଷରେ କହିଲେ, "ବୁଝୁନା, ଆଜି-କାଲିକା ପାଠପଢ଼ା ଝିଅ ନାହିଁ ଛଳ ବିଦୁଷରେ ଖଚ କରି ଧରେ ନାହିଁ । ଖେଳ ଅନେକ କଲେ......"

ଯଶସ୍ୱୀ କିନ୍ତୁ ଛାଡ଼ିବା ପାତ୍ର ନୁହେଁ । ସେ ଛାଡ଼ିଲା କି ରମାର ମନ ଉପରେ [illegible] ଯୋଉଁଠାଏ ଗ୍ରନ୍ଥି ପକେଇ ପାରିଲେ ସେ ମଙ୍ଗେ-ଯିବ । ଏଥିପାଇଁ ସେ ଘାଟରେ, ବାଟରେ, କଲେଜ କମ୍ପାଉଣ୍ଡ, ସ୍କୁଲ ଫାଟକ ପାଖରେ ନାନାଙ୍କୁ ନାନାମୂର୍ତ୍ତିରେ ଆଣି ରମାର ଆଖି ଆଗରେ ହାଜର ହେବାକୁ ଲାଗିଲା । ଏଭଳି ଚେଷ୍ଟା ଅନେକ ଦିନରେ ଫଳଟା ଫଳିଲା ଶେଷଟା । ଯଶସ୍ୱୀଙ୍କୁ ଉପରକୁ ରମାର ଜଣାଇଲା ଏ ସମ ଯୋଉଁଠାଏ ଅନେକ 'ଅଛନ୍ତି',—କେତେ ଦୂର ।

କିନ୍ତୁ ଏହି ଘାତ ପ୍ରତିଘାତରୁ ତାର ନାରୀ ହୃଦୟ ଭିତରେ ଯେଉଁ ଅଭିମାନଟା ଜମେ ଯାଇଥିଲା—ତାହାରି ଫଳରେ ଅଙ୍କୁର ଉଠିଲା ଆଉ ଗୋଟାଏ କମନୀୟ ବସ୍ତୁ । ସେ ଅଦ୍ଭୁତ ଜାଣ ଗୋଟାଏ ଅଙ୍କୁର—ଗୋଟାଏ ତୃଷ୍ଣା ।

ଏହି ସମୟରେ ଶୁଭ ମୁହୂର୍ତ୍ତରେ ଯୋଗନର ମୋହନ ମୂର୍ତ୍ତି ତା ଆଖିରେ ପଡ଼ିଲା । ପ୍ରଥମ ଦର୍ଶନରୁ ହିଁ ରମା ମୋହନ ପ୍ରତି ଗୋଟାଏ ଆକର୍ଷଣ ଅନୁଭବ କଲା । ମୋହନର ଯେ ନମ୍ର ଚେହେରା କିଛି ନ ହେଲା ତାହା ନୁହେଁ । ଏହି ଆକର୍ଷଣ ମନକୁ ତାର ବାନ୍ଧିବାକୁ ଲାଗିଲା ପବିତ୍ର ଭାବରେ ।

ମୋହନଙ୍କ ଅତ୍ୟନ୍ତ ଶେଷ ପ୍ରସ୍ତାବ ଆସିଲା । ଏଥର କିନ୍ତୁ ରମା ଆଉ ଜିଦ୍ ଧରିଲା ନାହିଁ । ସେ ଜଣେ ମନକୁ ଯେତେ ଶାନ୍ତ କରିବାକୁ ଲାଗିଲା, ତାର ମନଟା ସେତେ ସେତେ ଚଞ୍ଚଳ ପଡ଼ିଲା । ରମା ବୁଝିଲା ଯେ ସେ ଦୁର୍ବଳ ହୋଇ

## ଭୁଲ୍

ଲେଖକ:—ଲ: ମ:

ପଡ଼ୁଛି । ନିରୁପାୟ ହୋଇ ସେ ଭାବିଲା—ଏଥର ସେ 'ଧାଣ୍ଟା ହେଉ ପାରୁ ।'

ଛଅ ଦିନ ଗଲା ବିତି । ରମା ମେଟ୍ରିକ୍ ପରୀକ୍ଷା ଦେଲା । ପରୀକ୍ଷା ଦେଇ ଆସିଲେ ତାର ବାହା ଘର ହେବାର କଥା । କିନ୍ତୁ ହଠାତ୍ ଖବର ଆସିଲା ଯେ ମୋହନ ପ୍ରଧାନ ଲୁଗି ଦେଇ ମନା କରି ପଠେଇଛି ।

ରମା ଶୁଣିଲା । ଶୁଣିଲା ଓ କହିଲା 'ଭଲ ହୋଇଛି—ମୋର ପଢ଼ିବାର ସୁବିଧା ହେଲା ।' ଏହା କହି ମନକୁ ବୋଧ ଦେବାକୁ ଗଲା ଯେ—କଥାଟା କିଛି ନୁହେଁ—ଅତି ସାମାନ୍ୟ, ସାଧାରଣ କଥା, ଯାହା ସାଙ୍ଗରେ ତାର କିଛି ବିଶେଷ ସମ୍ପର୍କ ନାହିଁ । କିନ୍ତୁ ସେ ଯାହା ଭାବିଥିଲା ତାହା ତ ହେଲା ନାହିଁ । ହଠାତ୍ ସାରି ଯେଉଁ କଥାଟା ଖାଲି ତା ବୁକୁ ଭିତରେ ଧଡ଼ାସ୍ ଧଡ଼ାସ୍ କରି ହାତୁଡ଼ୀ ଦେଇ ପିଟି କରୁଥିବାକୁ ଲାଗିଲା । ସେ ଯେତେ ଅବହେଳା କଲା ସଲଜ୍ଜ, ସେତେ ଯେତେ ତାର ଛାତିକୁ ଚାପି ଧରିଲା ।

ରମା ଅବଶ ହୋଇ ଖଣ୍ଡେ ବହି ମେଲେଇ ପଢ଼ି ବସିଗଲା । ଦୁଇ ତିନି ପୃଷ୍ଠା ପଢ଼ି ଶେଷ କଲେ ହଠାତ୍ ନଜର ପଡ଼ି ଦେଖିଲା ଯେ ସେ ଯାହା ପୃଷ୍ଠା ଦେଖିଲା ବୁଝି ନାହିଁ, ଶେଷରେ ବହିଟା ଫୋପାଡ଼ି ଦେଇ ଶୋଇ ପଡ଼ିଲା ।

ସେଠି ପୁଣି ଭଲ ନ ଲାଗିବାରୁ ଉଠି ବୁଲିବାକୁ ଲାଗିଲା । ଶେଷରେ ଶାନ୍ତ ନ ପାଇ ପୁଣି ଶୋଇଲା । ପୁଣି ଉଠିଲା, ପୁଣି ଶୋଇଲା । ଏହିପରି ମୁହିଁ ମାଡ଼ି ଜୋର କରି ଶୋଇ ରହିଲା ।

ଛୋଟ ଛାତିଟି ଭିତରେ ତାର କୁଳୁକୁଳୁ ଗୋଟାଏ ତୁଫାନ! ତୁଫାନର ଶବ୍ଦ ଅନ୍ତ ସେ ସେ ବୁଝିପାରୁ ନ ଥିଲା କିନ୍ତୁ ତୁଫାନର ବେଗଟା ତାର ହାଡ଼ ପଞ୍ଜରାକୁ ଛନ୍ ଛନ୍ କରି ଉଡ଼ାଇ ନେଲା ଯେମିତି ।

ମାଆ ଡାକିଲେ 'ରମା' । ରମା କହିଲା 'ଜି' ।

'ଖାଇବୁ ଆ—ଚାଲ'

ରମା ଧଡ଼ପଡ଼ ହୋଇ ଉଠି ପଡ଼ିଲା । ଦେଖିଲା ଝିଅକୁ [illegible] । ସେ ଆଖି ଦୁଇଟା ଫୋଲି ପାଣି ହେଇ ତାହାଙ୍କୁ ଲାଗିଲା । ମାଆ [illegible] କହିଲେ, 'ତୋର ଜର୍ ହେଉଛି ।'

ରମା କାଠ ମୂର୍ତ୍ତିଟିଏ ପରି ହେଲା ମାତ୍ର । ପରଶ୍ୟ ଝରର ଯାତନାର [illegible] ସେ ମନରୁ ଅନୁଭବ କରି ପାରିଲା ନାହିଁ । [illegible] ନେଇ ସେ ପୁଣି ତା ପଲଙ୍କ ଉପରେ ଶୋଇ ପଡ଼ିଲା । କାଗଜଟା ଖୋଲି ତାର [illegible] ଖୋଜିବାକୁ ଲାଗିଲା । କିନ୍ତୁ ଗୋଟାଏ ବି [illegible] ନାହିଁ—ଆଖି ତାର [illegible] ଯାଇ ଥିଲା ।

× ×

ନୂଆ ବର୍ଷର ଆରମ୍ଭରେ ରମା କଲେଜ ଗଲା । ସେ ପ୍ରଥମରେ [illegible]

# ଉଦାର



ପଡ଼ିବ ନାହିଁ, କାରଣ ଦୂରକୁ ଗଲାବେଳେ ମୋହନ ବାବୁଙ୍କ ଠିକଣା ତା ପାଖେ ରମା ଉପସ୍ଥିତରେ କିଛି କଥା ସେ ଶୁଣିନାହିଁ।

ମାମୁଁ ଘରେ ପେଟ ପୋଷିବାରେ ସେ ସେ ଭୁଞ୍ଜିଥିବା ଦୁଃଖ ଭାବନା ଅପାର ନାହିଁ। ଲେଖି-ପଠାଏ—ପଠାଇ ମୋର ଅଛି।

ଏଣୁତାରୁ ବର୍ଷମାନ କଟେ। ଆସିଲା ପୁଣି ଗ୍ରୀଷ୍ମଋତୁ। ଏଥର ବଡ଼ ଛୁଟିରେ ମୋହନ ଗାଁକୁ ଫେରିଗଲା; ସେ ଏକୁଟିଆ କେମିତି ରହିବ! ବାଧ ହୋଇ ସେ ମାମୁ ଘରକୁ ଆସିଲା। ମାମୁଁ ଘରେ ସେ ତ ଦେଖୁଛନ୍ତି ତାକୁ ଆଉ ସେଠା ଥରେ ଦ୍ୱିଗୁଣ ବେଗରେ ଫେରି ଆସିଲା। ସେ ସେଠି ଶାନ୍ତି ପାଇଁ ଖାଣ୍ଟି ପାଇଲା ନାହିଁ। ସବୁ ବାହାରିବାକୁ ଇଚ୍ଛା ହୁଏନା ତାର—ସାଙ୍ଗସାଥୀ, ହାଟ, ସାଙ୍ଗଙ୍କ ଧାଡ଼ିରେ ଦେଖା କରିବାକୁ ମନ ବଳେ ନା ତାର। ଏକୁଟିଆ ଅଧିକ ଘରେ ସେ ବସି ରହେ ପଡ଼େ—ଅଭ ଖଣ୍ଡ ହୋଇଗଲା ବାଡ଼-ପଛ ବଗିଚାରେ ଟହଲ ଦେଇ ଅଛେ।

ଏଣେ ରମା ଏକୁଟିଆ ଦେଖି ଚୁପ୍‌ଚାପ୍ - ଭୁରୁଅଡ଼ ଗୁଳିଧାର। ମଳିନିଆ ମଳିନ ଆଖି ଅଳ୍ପ ଅଳ୍ପରେ ଦେଖିଲା କଏ କିଏ ତା ଅଡ଼କୁ ଆସୁଛି। ସେ ଦେଖି ନଦେଖିଲା ପରି ସେଠୁ ଫେରି ପଡ଼ି ପୁଣି ଗୁଳିବକୁ ଲାଗିଲା। ଅଳ୍ପ-କ୍ଷଣ ପରେ ଅତି ନିକଟରେ ପଛରୁ କିଏ ଡାକିଲା "ରମା"। ସେ ଚମକି ପଛ ଫେରା ହୋଇଗଲା।

ଆଗନ୍ତୁକ କହିଲା "ରମା, ନମସ୍କାର"।

ରମା—ନମସ୍କାର ମୋହନ ବାବୁ।

ଏତକ ପଢ଼ି ସେ ପୁଣି ହୃଦୟ ପଟ୍ଟା ପଲଟାଇ, 'ହେ ଶାନ୍ତ ମୋର ଅନ୍ତ—କବଳ ଦୁଃଖ .....' ମୋହନ କହିଲା।

ରମା—ଶୁଣ କହନ୍ତୁ।

ମୋହନ— ମୋତେ କ୍ଷମା କର ରମା, ମୁଁ
ଘୋର ଅପରାଧୀ।

ରମା କର୍ତ୍ତବ୍ୟ ବିମୂଢ଼ ହୋଇ ଚାଲିକୁ ମୁହଁ ଚାହିଁ ରହି ହୋଇଗଲା।

ମୋହନ କହିଲା, "ମୁଁ ଜାଣିଛି, ବୋଲ, ସବୁ, ମୋତେ କ୍ଷମା କର।"

ରମା ମୁହଁ ଖୋଲିଲା; କହିଲା, "କି କ୍ଷମା ମୁଁ କିଛି ବୁଝି ପାରୁନାହିଁ।"

ମୋହନ—ମୋ ଅପରାଧର ସୀମା ନାହିଁ—
ସେଥିପାଇଁ ଦାୟୀ ମୁଁ ନୁହେଁ—
ଦେଖ ଏଇ ଚିଠି; "ପଢ଼ି ଦେଖ।"
ଏହାକହି ମୋହନ ପକେଟରୁ ଚିଠି ଖଣ୍ଡେ ବାହାର କରି ରମା ହାତରେ ଦେଲା। ରମା ଚିଠି ଦେଇ କହିଲା "ଆପଣ ପଢ଼ନ୍ତୁ।"

ମୋହନ ଧୀରେ ଅଲ୍ପ ସ୍ୱରରେ ଚିଠି ପଢ଼ିଲା—

ପ୍ରିୟ ମୋହନ ବାବୁ,

ମୁଁ ପତ୍ନୀଙ୍କ ପ୍ରରୋଚନାରେ ହୋଇ ଗୋଟାଏ ବଡ଼ ଅନ୍ୟାୟ କାମ କରି ପକାଇଥିଲି। ଆଜି ସେଥିପାଇଁ ଅନୁତାପ ଆସିବାରୁ ଏ ଚିଠି ଲେଖୁଛି। ତମକୁ ମୁଁ ରମାର ଯେଉଁ ଫଟୋ ଦେଇଥିଲି ତାହା ପକ୍ଷରେ ସେ ମୋତେ ସେମିତି ଗୋଟିଏ ଉପହାର ଦେଇ ନଥିଲା। ମୁଁ ଖୋଟା ତାର ଅଜ୍ଞାତରେ ଲୁଚି ଉଠାଇ ନେଇଥିଲି। ଅଜ ନାହି ମୋଠାରୁ, ପ୍ରେମପତ୍ର ଗୁଡ଼ାକ ସବୁ ଜାଲ। ଯାହାହେଉ ହେବାର ହୋଇ ଗଲାଣି। ମୋତେ କ୍ଷମା କରିବ। ଇତି

ତୁମର—ସତେଶ

ଚିଠି ପଢ଼ି ସାରି ମୋହନ କହିଲା 'ବୁଝିଲ ରମା, ତାଙ୍କ ଲୋକର କଥା। ସତରେ ସବୁ ମୁଁ ଭୁଲ କରି ପକାଇଥିଲି। ସେ ଭୁଲ ପାଇଁ ମୁଁ କ୍ଷମା ଭିକ୍ଷା କରୁଛି।

ରମାର ଆଖିରୁ ଭିତରେ ଗୋଟାଏ, ଦଳକ ଦୁଇ ତିନି ଲୁହ ଗଡ଼ିଗଲା। ସେ ନିଜକୁ ସମ୍ଭାଳି ନେଇ କହିଲା,

"ତେବେ ଆପଣଙ୍କ କର୍ତ୍ତବ୍ୟ ଆପଣ କରି-ଲେ; ଧନ୍ୟବାଦ।"

"ନାହିଁ, କିଛି ମୁହଁରେ ଥରେ, କ୍ଷମା କଲି ବୋଲି"

ରମା ନିଜକୁ ପଥର କରିଦେଇ କହିଲା 'ନା'

ମୋହନ ଚମକି ପଡ଼ିଲା। ନାରୀ ହୃଦୟ ଏତେ କଠୋର ହୋଇପାରେ!

ସେ ସମସ୍ତ ଶକ୍ତି ଲଗାଇ କାକୁତି ପୂର୍ଣ୍ଣ ସ୍ୱରରେ କହିଲା, "ମୋର ଭୁଲ ସଂଶୋଧନ—"

ରମା ବାଧା ଦେଇ କହିଲା, "ହଁ ମୁଁ ତ ମୋର ଭୁଲ ସଂଶୋଧନ କରିବାକୁ ଚାହେଁ ମୋହନ ବାବୁ।"

ତାର ସ୍ୱରରେ ଦୃଢ଼ତା ଥିଲା!

ମୋହନ କହିଲା "ତୁମର ପୁଣି ଭୁଲ କଣ ରମା?

ରମା—ମୁଁ ତମକୁ ଭଲ ପାଏ।

ଏତିକି କହି ସେ ଲାଜରେ ଲାଲ ହୋଇ ରହିଗଲା ସେଠି।

ମୋହନ ଆନନ୍ଦରେ ଗଦ୍ ଗଦ୍ ହେଲା।


## ନୟନର ସୁରମା

ଏହାକୁ ପ୍ରତିଦିନ ଆଖିରେ ଲଗାଇଲେ ଆଖିରେ ପାଣି ବୋହିଥିବା ଆଖି ଧରିଥିବା, ଅନ୍ଧାର ଦିଶା ପ୍ରଭୃତି ରୋଗକୁ ଭଲ କରି ଆଖିକୁ ନିର୍ମଳ କରି ଦିଏ। ମୂଲ୍ୟ—ଛୋଟ ଶିଶି—।୦ ଅଣା। ବଡ଼ ଶିଶି—।୦/୦

ପ୍ରଭାତ ଥାଉ ଆଖିରେ ମୋତିଆବିନ୍ଦୁ ଆଖିରେ ପରଦ ପଡ଼ିଥିଲେ ତାହା ପରିଷ୍କାର କରିବା ପାଇଁ ବଶିଷ୍ଟ ସୁରମାର ଦାମ ୧ଶିଶି—୫୧।

ଠିକଣା:——ଅସଲ ପଞ୍ଚଗୁଣା ତେଲ ଅଫିସ, କଟକ।





## ପଞ୍ଚଗୁଣା ତେଲ

ଏହି ଉତ୍କୃଷ୍ଟ ମସ୍ତିଷ୍କଠାରୁ ଗୋଡ଼ପର୍ଯ୍ୟନ୍ତ ଅଣ୍ଟାଧରା, କାନ ଫଣା, ମୁଣ୍ଡବିନ୍ଧା, ବାତିଆ, କାଛୁ, ମଚକା, ଯୋଡ଼ା ଘା, ରକ୍ତ ଦରଜ, ଅସ୍ଥିଦରଜ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ। ପରୀକ୍ଷା ପ୍ରାର୍ଥନୀୟ।

ଠିକଣା:—ଅସଲ ପଞ୍ଚଗୁଣା ତେଲ ଅଫିସ୍ କଟକ


Digitized by srujanika@gmail.com

# ଡଗର ସପ୍ତଦଶ ଶବ୍ଦଧନ୍ଦା ପ୍ରତିଯୋଗିତା

ବିନା ମୂଲ୍ୟରେ 'ଡଗର' ପାଠକମାନେ ଟ ୨୦ଙ୍କା ପୁରସ୍କାର ପାଇ ପାରିବେ । ଶେଷ ତା ୨୫.୯.୩୯

**ସିଧା ଭାବରେ ।**

୧ । ଡଗର ଶବ୍ଦଧନ୍ଦା ହେଉ କବିତା ଏହା ଗାଇବା ମୁଖରୁ ଯାଏ ବଳି ।

୩ । ଏହା ଯେତେ ସୁନ୍ଦର ହେଲେ ହେଁ ଛାଣିବ ।

୬ । ଏହା ବାଳକୁ ବାଟେ ।

୮ । କୋକିଳର ଯାହା ଅତି ମଧୁର ।

୯ । ଶୀତକାଳର ସଙ୍ଗୀ ।

୧୦ । ସଂସାରରେ ଏହିଭଳି ଲୋକଙ୍କ ସଂଖ୍ୟା ଅତି ଅଳ୍ପ ।

୧୧ । କେଶି ଏହା କରି ଶତ୍ରୁଜୀ ପଣ୍ଡିତରେ ଶାନ୍ତରେ ରହୁ ହେବ ନାହିଁ ।

୧୩ । ଆଗ ଉଦ୍ୟୋଗରେ ଆମତ୍ରେ ଗୁରୁଜନମାନେ ଏହା ବହିବା ପାଇଁ ବାଧ୍ୟ ହେଉଥିଲେ ।

୧୬ । ଏହା ନ ହେଲେ ରଚନାର ମଜା କିଏ ବୁଝିବ ?



ନାମ ____________

ଠିକଣା ____________

କେତୋଟି ଉତ୍ତର ____________

**ଉପରୁ ତଳ ଭାବରେ ।**

୧ । ଧାମନାରିକା ଭିତ୍ରି ଏହା ନାହିଁ କୋଉ କିଏ ନ ଜାଣେ ।

୨ । ଜେନ୍ତନୀ ଲୋକ ପୃଷ୍ଠରୁ ଭୂଲି ଏମା ମଣି ଏବଂ ଝୁଲାଇଥାନ୍ତି ।

୪ । ଅଲମାରିରେ ଯାହା ଭଗାର ଦେଇ ପାରନ୍ତି ।

୫ । ଯାଜପୁରର ଶ୍ୟାମଳ ଓ କୋମଳ ଚିତ୍ରା ଗଗନ ।

୭ । ଏହା ଦିନ ହେଲେ ତୁମ୍ଭ ଅଙ୍କ୍ୟାତ ।

୧୧ । ଶୃଗାଳୁ ଏହା ମାଳେ ପକ୍ଷୀ ଜୀବନ ଗୀତକୁ ତା କୁଳିରେ ନାହିଁ ।

୧୨ । ଏଠାରୁ କହି ଉପରକୁ ଚଢ଼ିଲେ ଗୋଟିଏ ସୁନ୍ଦର ଫଳିଥିବା ଗଛର ଫଳ ଦୁଖାଇବ ।

୧୪ । ସେ ଯାହାକୁ ଭଲ ପାଏ ସେ ତାର ଏହା ଦେଖିବାକୁ ସବୁବେଳେ ମନ କରେ ।

୧୫ । ପୂର୍ବକାଳରେ ଏହି ବଳ ଉପରେ ହିଁ ଯୁଦ୍ଧର ଜୟ ନିର୍ଭର କରୁଥିଲା ।

---

ଉପର ଚକ୍ରରେ ଯେଉଁ ସବୁ ନମ୍ବର ଥିବା ଘରଠାରୁ ଆରମ୍ଭ କରି ତଳେ ଗୋଟିଏ ଗୋଟିଏ ଅକ୍ଷର ବସି ଉପର ଘର ପାଳେ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ସୂଚନାର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ସବୁ ସୂଚନାରେ ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ପୂରଣ କରିବାକୁ ହେବ କରୁ ଗୋଟିଏ ଅକ୍ଷରରେ ଯୋଗାଏ, ଉଭୟ ଭାବରୁ ଅର୍ଥ ଯୁକ୍ତ ହୋଇପାରିବ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିବ ଏହି ଚଣାଯିବ । ଚାରି ଧାଡ଼ି ରଚନାର ଚାଳକ ଚକ ପଜେଟରେ ମୂଳ ଚିହ୍ନ ତାହା ଚାରି ଚଟାଇବା କରନ୍ତୁ ।

ଏହି ଧନ୍ଦାର ଠିକ ଉତ୍ତର ସିଲ କରି ଡଗର ସମ୍ପାଦକଙ୍କଠାରେ ରହିଛି ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୨୦୦ ପାଇବେ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ **ସାମନ୍ତ ପୁରସ୍କାର** ୫୦୦ ପାଇବେ । ଏକାଧିକ ଲୋକଙ୍କର ଭୁଲ ରହିଥିବା ଉତ୍ତରଦାତାମାନଙ୍କୁ ଉତ୍ତରରେ ପୁରସ୍କାର ଭାଗ ୫୦୦ ଭାଗି ଦିଆଯିବ । ଯେମିତି କିଛି ଉତ୍ତର ଅଶୁଦ୍ଧରେ ୫ଟିଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋଚ୍ଚ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା ଦିଆ ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ, ଯୋଗଦେଇ ପାରନ୍ତି । ମାତ୍ର ଉତ୍ତର ୧୯୩୯ ମସିହା ସେପ୍ଟେମ୍ବର ୨୫ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା 'ଡଗର, ପୋ: ଅ: ଉତ୍କଳ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ଉପରେ ଗୋଟିଏ ଚିହ୍ନ (×) ଓ ୧୭ ଅଙ୍କ ଲେଖିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ ଠିକଣା ମଧ୍ୟ ଥାଏ (ଗ୍ରାମ, ପୋଷ୍ଟ, ଥାନା, ଜିଲା) ମଧ୍ୟ ରହିବ । ଉପର ନିୟମ ଅନୁସାରେ ଥିବା ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଯେ ସବୁରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବରେ ଲେଖିବା ଦରକାର । ନଚେତ୍, ଉତ୍ତର ତା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଉତ୍ତର ରହିଥିବା ଲଫାପା ଖୋଲିବା ଆଗରୁ ଦେଖିବା କିମ୍ବା ଫେରସ୍ତ ମିଳିବା ସୁବିଧା ହେବ ନାହିଁ ।

ଡଗର କୁପନ ଛଡ଼ା ଅନ୍ୟ ଖାତା କାଗଜରେ ଉତ୍ତର ଦେଲେ ଅଗ୍ରାହ୍ୟ ହେବ । ଏ ପ୍ରତିଯୋଗିତାରେ ପ୍ରବେଶିକା ଫିସ ଦେବାକୁ ପଡ଼ିବ ନାହିଁ । ଉତ୍ତରଟି ବୁକ୍ ପୋଷ୍ଟରେ ପଠାଇ ଦେଲେ ମଧ୍ୟ ଚଳିବ ।

ଏକାଧିକ ଉତ୍ତର ଦେବାକୁ ହେଲେ ପ୍ରତ୍ୟେକ ଉତ୍ତର ସହିତ ଏକ ଅଣା ମୂଲ୍ୟର ଡଗର ରସିଦ ବା ୧୦/୩ର ଡାକ ଟିକଟ ପଠାଇଲେ ଉତ୍ତର ଅଫିସରୁ ଡାକଦ୍ୱାରା ଫେରି ପାଇ ପାରିବ ।

Digitized by srujanika@gmail.com

# କାହିଁକି ?

—ଧୋବ ବନ୍ତ ଲଣ ଲାଗିଲେ କାହିଁକି ?

…ମୁଦ୍ରଣଙ୍କ ଉନ୍ନତି ?

—ସମ୍ପାଦକ ପୁଣି ଏଗ୍ରୀଂ ବନିବାକୁ ଚେଷ୍ଟା କାହିଁକି ?

…ଫଉଜ୍ୟାଜ ଭୂତ !

—ରାଜ୍ଞୀ ସଲ୍ଲଭାତ ସ୍ୱନ୍ୟୋଗର ଭଯ କଲେ କାହିଁକି ?

…ସେଠି ସର୍ବ୍ୟ ଲେଖା ନାହିଁ ବୋଲି ।

—ଜାପାନୀମାନେ ଯୁଦ୍ଧରେ ଇଂରେଜମାନଙ୍କୁ ନଗଣ୍ୟ କରୁଛନ୍ତି କାହିଁକି ?

…ମିତ୍ରଶକ୍ତି ଫସଲ ନେବା ପାଇଁ ।

—ମିତ୍ରଦଳ (ଲଣ୍ଡନ)କୁ ଜର୍ମାନଙ୍କୁ ଦେଖା ଲେଖିଛି କାହିଁକି ?

…ଆଗର ବେଳା ନିଲା ।

—ପତ୍ରିକା ଗୁଡ଼ିକମାନେ ଲୋକ ମାତୃଭାଷା କାହିଁକି ?

·· ଭାରତର ଭମଲକ୍ଷ୍ମ ପ୍ରଚୁର ଶରଣ୍ଡି ଦୁରସ୍ତ ହେବ ବୋଲି ।

—ଅଧୁନାକାଳର ନାରୀ ହଜିବ ଏତେ କାହିଁ ?

…"ନବ ସମିତି" ଚରିତ୍ର ପ୍ରମାଣ ।

—ଚଟକଟ ଲେଖା ଆଜିଲେ କାହିଁକି ?

·· ନେତୃତ୍ୱ ଦର୍ପ !


## ଅଗ୍ନେସ୍ତୁ ମୋଦକ

ମଳବେଗ ହସ୍ତ ରୋଗର ମୂଳ । ସେହି ହେତୁ ଦୃଷ୍ଟିର ଫଳ ଯୋଗୁ ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସାବଧାନ ହେବା ଆବଶ୍ୟକ । ଯେଉଁମାନେ ଅଜୀର୍ଣ୍ଣରୁ କୋଷ୍ଠ କାଠିନ୍ୟ ଭୋଗ କରୁଛନ୍ତି, ସେମାନେ ଅଗ୍ନେସ୍ତୁ ଏହି ମୋଦକ ଦୈନିକ ଗୋଟିଏ ଶୋଇବା ସମୟରେ ଗୋଟିଏ ଲେଖାଏଁ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉଦ୍‌ବେଗ ନ କରାଇ ସକାଳେ ମଳତ୍ୟାଗରେ କୌଣସି କଷ୍ଟ ହେବାର ଉପାୟ ହେବନାହିଁ । ଅଳ୍ପ ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ଶୂଳ ପେଟର ଦରଜ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଅରୋଗ୍ୟ ହୋଇ, ସ୍ୱାସ୍ଥ୍ୟ ସାଧାରଣ ଧାରିବାରେ ପ୍ରକାର ଦିଏ । ପରନ୍ତୁ ଜୀବନ ସେବନ ନ କଲେ ସୁଦ୍ଧା କାଯ୍ୟସିଦ୍ଧ ହୋଇଥାଏ । ମୂଲ୍ୟ ୧୬ଖଣ୍ଡିକୁ ୫୧୧ (ଏକଟଙ୍କା) ୩୦ ମାତ୍ରାକୁ ୫୧୮

ଠିକଣା:—ଶ୍ରୀଧର ରଥଚନ୍ଦ୍ର, ଭକ୍ତଚାର୍ଯ୍ୟ, ଭୁବନେଶ୍ୱର—ପୁରୀ


## ଷୋଡ଼ଶ

### ଶବ୍ଦଧନ୍ଦାର ଉତ୍ତର

| | | | | | | |
|---|---|---|---|---|---|---|
| | ୧ ଜା | ୨ କା | | ୩ ଲ | ତ | |
| ୪ ଛି | | ୫ ର | ୬ ଷ | ସ୍ୟ | | ୭ ଅ |
| ୮ ଗ | ୯ ସ | | ଠ | | ୧୦ ସ | ଭ |
| | ୧୧ ଯ | ଚ | | ୧୨ ଝୁ | ଡ଼ | |
| ୧୩ ବ | ଉ | | ୧୪ ଣି | | ୧୫ ଙ୍କ | ୧୬ ପା |
| ଟା | | ୧୭ ‐ | ଦ | ୧୮ ଃ | | ଣୁ |
| | ଡି | ଲି | | ୨୦ ଣ | ଠା | |

ଧୁନ୍ଧାର ଛାତ୍ର ବାଛିବା ନାମ ଏଥ ଫଣୀଧରର କାନ୍ଦାଭର ।


## ଡଗର ପାଠକଙ୍କୁ

# ବିନା ମୂଲ୍ୟ ଉପହାର

ଯେ କୌଣସି ବ୍ୟକ୍ତି ନିମ୍ନ ଠିକଣାକୁ ଏହି କୁପନ ପଠାଇବେ ତାଙ୍କଠାକୁ ଡାକ ଯୋଗେ ବିନା ମୂଲ୍ୟରେ କାନ୍ତକବି କବିଙ୍କାନ୍ତଙ୍କର ଗୋଟିଏ ସୁନ୍ଦର ନାଟକ ପଠାଯିବ । କେବଳ ଡାକ ଖର୍ଚ୍ଚ ପାଇଁ ଗୃହ ହିସାବ ଡାକ ଟିକଟ କୁପନ ସାଙ୍ଗରେ ପଠାଇବାକୁ ହେବ ।

ଡଗର ଉପହାର କୁପନ ×

ନାମ ………

ଠିକଣା………

ତାରିଖ………

ମେନେଜର

ଡଗର

ପୋ: ଭଦ୍ରକ

Digitized by srujanika@gmail.com

# ଭବିଷ୍ୟ ଭାରତ

'ଦନ୍ତିପାନ' ବିରଚିତ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶିବ—

ଅଣ୍ଟେ ଚଳେ ଦେଖିବା ଲାଗୁର—

ଦୁର୍ଗା—

ତଥାପି ସେ ଭଲ ନାହିଁ !
ବାଣାମ୍ବର ବୋଲି ସେହି ବଡ଼ ଉପଗ୍ରହ
ଚଳାଉ କରନ୍ତେ ସବୁ ଇଚ୍ଛାସେ ଅମ୍ଭଙ୍କ,
ଚୀନରେ ଇଂରେଜଗଣେ ଯାପ ରଖିଯଥା ।

ଶିବ—

ସତ ତେବେ—ଦୂର କର ସେହି ମନୋବାଞ୍ଛା
ପ୍ରିୟେ ! ହେବ ନାହିଁ ଯିବା ତଥା ମର୍ତ୍ତ୍ୟ—
ଏକାଳରେ ଜେଲ ମଧ୍ୟେ ନପାରବ ରହି,
ନପାରିବ ଘଣ୍ଟା ଠାଣି,—ଅବା ମୂଷା କାଟ ।

ପାର୍ବତୀ—

କି କରିବା ତେବେ ନାଥ ! ରଢ କୌତୂହଳ
ଉପୁଜିଲା ଚିତ୍ତେ, ମନ ନ ହୁଅଇ ସେଭ,
ଦୃଶ୍ୟ ଠକ ବର୍ଣ୍ଣନରେ ଯଥା ଛୋଳା ଠୋଙ୍କା !
(ସଜ ସଜ ହୋଇ ରୁମାଲରେ ଅଖି ପୋଛିଲେ)

ଶିବ—

ନ ହୁଅ ବ୍ୟଗ୍ର ଡିଅର୍, (dear) ଡରନା
ଫିଅର୍ (fear)
ବୃଥାରେ ମୁଞ୍ଚନା ଟିଅର (tear)
ଇଷ୍ଟସ୍ତୁ କରିବା ତାର ଉପାୟ ବିଧାନ ।
ନିଅ, ନିଅ—ଅଭ ଦୂର କର (here)
(ନନ୍ଦୀ ପ୍ରବେଶ ହେଲେ)

ଚଣ୍ଡୀ—

କି ଆଜ୍ଞା ଦେଉଛ ପ୍ରଭୋ !

ଶିବ—

ଯାଅ ତୁମ୍ଭେ ଦୂର କର ଚଢ଼ି ମନୋପ୍ଲେନେ,
ମର୍ତ୍ତ୍ୟପୁରେ, ଭାରତ ମଣ୍ଡଳେ,
ସେଠାରେ ଲାଗିଛି ଯେଉଁ ଡାକ୍ତର ବ୍ୟାପାର,
ଗୋଟି ଗୋଟି ହୋଇ ତାପକଫ,
ରିପୋର୍ଟ କରିବ ନିତ ଦଣ୍ଡା ଦଣ୍ଡା ଦଣ୍ଡ ।
ରେଡ଼ିଓ ପ୍ରେରକ ଯନ୍ତ୍ର ନେବଟି ସଙ୍ଗରେ,
ତଦ୍ୱାରା ବାରତା ସବୁ କରିବ ପ୍ରେରଣ,
ଶୁଣିବୁଁ ଏଠାରେ ଅମ୍ଭେ ଗ୍ରାହକ ଯନ୍ତ୍ରରେ;
ଆଉ ସଙ୍ଗେ ନେଉଥିବ କୋଡାକ୍ କେମେରା,
ଛୋଟ ଅଣିବ ଫିଲ୍ମ, ଅବା ଛାନ୍ଦି ଫଟୋ,
କୈଳାସ ବେଢନ୍ତେ ଭାଣ୍ଡି ହୋଇବ ପ୍ରକାଶ,
ପୁଣି ଅମ୍ଭ ଷ୍ଟୁଡ଼ିଓରେ ହେବ ଠକ ଟେଲ୍ ।
ପଢ଼ିବେ, ଶୁଣିବେ ପୁଣି ଦେଖିବେ ନୟନେ,
କୈଳାସର ଭୂତ ପ୍ରେତ ଅଗଣ୍ଡ ସଚେତ ।

ଚଣ୍ଡୀ—

ପ୍ରଭୋ, ଆଜକାଲି ବଡ଼ ବିପଦ ସମୟ,
ଗୃହଯୁଦ୍ଧ ପଡ଼ିଅଛି ଜୁର,
ଲାଗି ତ ଗଲାଣି ନେଣେ ପୃଥିବୀ ସମର ।
ସର୍ବେ ଛନ୍ନ ଜାଗଉଥିର,
ଯେଉଁ ଦାଡ଼ ଦଳଅର ଲଡ଼ର ଲଡ଼କ;
ଦେଖିଲି ମାହନେ ଅମ୍ଭ ଏରୋପ୍ଲେନ ଗୋଟି,
ମଣିବେ ଅଛଇ ଏହା ଶତ୍ରୁପକ୍ଷ ବୋଲି,
କଷଣେ ଦେବେଟି ହୁଡ଼ି ଆଣ୍ଟି ଏଅର କ୍ରାଫଟ୍,
ପଡ଼ିବ ଭୂତଳେ ସିଏ ହୋଇ ଚୂନାଚୂନ;
ଦୈତ୍ୟଙ୍କ ଜାଣନ୍ତି ମୋର ଯିବ ଅକାରଣେ ।

ଶିବ—

ସତ୍ୟ କଥା—ଅସ୍ତୁ, ତେବେ କର ଏକ କଥା,
ଗୋଟିଏ ଅଜାଣ ଯାନ ଅଛି ନାରଦର,
ଅଦୃଶ୍ୟ ଅଟଇ, ମନ ଚଳେ ଗୃହଭ,
ପେଟ୍ରୋଲ୍ ଲୀବର ନାହିଁ, ଦଉ ନଜବୁଡ଼,
ଟେକ୍ସି ନାମ ତାର ଅଟେ ସିମ୍ପଲ୍ ମେସିନ୍,
ଅମ୍ଭ ନାମ କହ ତାହା ମାଗ ଯାଇ ବେଗେ ।

ଚଣ୍ଡୀ—

ନାରଦ ପକ୍ଷୁ ପ୍ରଲେ ତାଙ୍କ ଖାନ୍ଦିସ୍ତ ବଳରେ,
ନାରଦ ତନ୍ତ୍ରାଧ୍ୟ ବୀଣା, ସେହି sound
wave
କମ୍ପନ ଅଣଇ ଦୃଷ୍ଟ ଟେକ୍ସିର ଅନ୍ତରେ,
ସେହି ଅନ୍ତରରେ ନାହିଁ ଦୁଇ ସମ୍ଭଳ ।
ଅମ୍ଭେ ତ ଗଣ୍ଡଳ ଜାତ, ଭୃଙ୍ଗୀ, ମହୂଥ,
ସଙ୍ଗୀତର ଭାବ ମାନ ନ ଜାଣିଛୁଁ କିଛି,
ପାରିବୁଁ କେମନ୍ତେ ସେହି ଯନ୍ତ୍ରକୁ ଚଳାଇ ?

ଶିବ—

ନାରଦ ଟ୍ରେନଟି ସାଥେ, ଡ୍ରାଇଭର ହୋଇ ।

ନନ୍ଦୀ—

ନାରଦଙ୍କ ଟେକ୍ସୀ ଅଟେ ସିଙ୍ଗଲସିଟାର
(single seater)
ଦୁଇଜଣ ବସିବାକୁ ନାହିଁ ସ୍ଥାନ ତହିଁ ।

ଶିବ—

ତେବେ ତୁମ୍ଭେ ଯାଅ ପଦବ୍ରଜେ,
ଟ୍ରେନ ଓ ବାସରେ ଚଢ଼ି ବୁଲିବ ଭାରତ ।

ଚଣ୍ଡୀ—

ଟିକଟ କାଟିବା ପାଇଁ ପଇସା ସେ ଲୋଡ଼ା,

ଶିବ—

ବିନା ଟିକଟରେ ଯାଅ ଅବ ଥୋଡ଼ା ଥୋଡ଼ା

ନନ୍ଦୀ—

ହେଲାଣି ଟିକଟ ପାଇଁ ବଡ଼ ଚଢ଼ଉଣା ,
ଭାରତରେ ଏବେ;
ବସୁଛି ଯଜମ୍ ଯଦା, ଅରେଷ୍ଟ ଓ ଜେଲ,
ବିନା ଟିକଟରେ କେହି ପଡ଼ିଗଲେ ଦେଖ;
ଶେଷରେ ବୋଲଇ ହେବ ଅଧଦ୍ୱାର ଅଭ ।

ଶିବ—

ସେଥିକୁ କି ଭୟ ଅମ୍ଭ ! ଅମ୍ଭେ ତ ବାବାଜୀ,
ମାଡ଼କୁ ତ ନାହିଁ ଭୟ,
ପୁଣି ଗଲେ ଜେଲ୍,
ସେଠାକାର ଅଭିଜ୍ଞତା ମିଳିଯିବ ଭଲ,
ନେ ହେଲେ କରିବା ତହିଁ ହଙ୍ଗର ଷ୍ଟ୍ରାଇକ୍ ।
ଯାଅ ଦୂର, କରନା ବିଳମ୍ବ,
ଏହି ମୁହୂର୍ତ୍ତରେ ତୁମ୍ଭେ କର ଅନୁକୂଳ ।
[ତହୁଁ ନନ୍ଦୀ ହୋଇ ଲମ୍ବଗାମ,
ଶିବର ପାର୍ବତୀ ପାଦେ ପଡ଼ିଲେ ଲୋଟି ।
ଗୁହା ଏକ ଲମ୍ଫ ଦେଇ, ଭୃଙ୍ଗ ଏକ ସ୍ୱାନ,
ଝୁଲାରେ ଦୁହିଁଇ ସବୁ ଅସବାବ ପତ୍ର,
କୈଳାସ ଶିଖରୁ ଧୀରେ ଆସିଲେ ଓହ୍ଲାଇ,
ଭାରତର ସମତଳ ଭୂମି ପର୍ଯ୍ୟନ୍ତେ ।
ମୁଣ୍ଡିଆ ମୁଣ୍ଡିଆ ତହିଁ ଭୂତ ବେତେଙ୍କଣ,
ଅପେଇ ଦେବାକୁ ତାଙ୍କୁ ଚଳିଲେ ଜଣଜଣେ ।
ଖଣ୍ଡେ ବାଟ ଆସି ତହିଁ ନନ୍ଦୀ ମହାବଳୀ,
ବିଦାୟ କରିଲେ ତାଙ୍କୁ, ନେଖାଏ ନେଖାଏ
ହାତେ ଦେଇ ଗଞ୍ଜେଇ କଳିକା ।
ଦୂରରେ ଦେଖିଲା ଯନ୍ତ୍ରି ସିମଲା ପର୍ବତ,
ପୁଣି ତହିଁ ଅଛି ତୁଙ୍ଗ ଦାଶଦେଇ ଶୃଙ୍ଗ;
ତହିଁ ପଡ଼େ ଘର ଘର କାଞ୍ଚନଜଙ୍ଘା,
ଯେଉଁ ଧରେ ଲକ୍ଷ ଶଶି ନନ୍ଦୀ ବୀରବର,
ଚଳେ ଦୁଇକଳ ଭାଙ୍ଗେ ହିମାଳ ହିମାଳ ।

(କ୍ରମଶଃ)

Digitized by srujanika@gmail.com

# ମଜା କବିତା

## ସିଂହଭୂମ

ଲେଖକ—ଶ୍ରୀ କୁବେର ଦଳାଇ

ସିଂହଭୂମି ଶସ୍ତ୍ର ଲାଗି
...ବରେ ରହିଛନ୍ତି କେତେ
ମହଲୁ ସାହୁଣା ଜଗି ।
...ଜାତିରେ ଝଙ୍କାର କରନ୍ତି
ବେଲ ବାଲ ଯୋଗ ଭଣ୍ଡି
... ଭଲଗଲେ ଟଙ୍କ ଦେବା ପାଇଁ
ଓଡ଼ିଆ ଝେଣ୍ଡାକୁ ଝଣ୍ଡି ।
... ଅଗ ଭର ଚଡ଼ିଭ ଶୁଳିଛି
ମାରିବେ ଓଡ଼ିଆ ଛାତି,
...-ବଳ ଚଲେ ହଜି ଏବି ଅପେ
ଓଡ଼ିଆ ପୁଅଙ୍କ ଅଣ୍ଠା ।
...ଲୀ-ସେବକ ବେଙ୍ଗଲା ପଢ଼ନ୍ତି
ଡାକି ହାକି କରି ଦାବି,
ଅପଣାର କରି ସେ ମୁଲକ ଶସ୍ତ୍ର
ପକାଇ ରଖିବେ ଗୃବ ।
ଇତିହାସ କଏ ଖୋଲୁଛି କଏ ବା
ଦେଖାଏ ଭୂଗୋଳ ସୀମା,
"ବାପ ଅରଜନ ଅମର" କହେ କେ
"ରହିବ ଅମର କ୍ଷମା"
ମୁଣ୍ଡ ବାଳ ଧରି ହିଁକୁଛି ବହାସି
ବଙ୍ଗାଳି ଟାଣଇ ହାତ,
ପାଦ ଅଙ୍ଗୁଳିଲେ ଓଡ଼ିଆ ଦୁଇଚିହ୍ନେ
ମାତୁଛନ୍ତି ପଛୁ ନାତ ।
ସିଂହାସନ ମାଡ ବସିଛନ୍ତି ଅମ
ଗୋବର ଗଣେଶ ଦଳ,
ପାଟି ମେଲ୍ଲ କରି ଜପନ୍ତି, ସତେ
ଝଡ଼ିବ 'ସରଗ-ଫଳ ।'
କଛକୁ ଟାଣୁଛି 'ବଙ୍ଗ'-ପ୍ରେମ ପଛୁ
'ନାଥେ' -ଚେଣୁ ଫେଥ କଣା,
ରାଧ ଝଣ୍ଡ ତାଙ୍କୁ 'ରାଜ୍ୟପଥ'ଙ୍କର
କରୁଣା କଣାରୁ କଣା ।
ଚଲ ପଡ଼ ଝାମ ବହାଗିଏ ନେବେ
'ଭୂଁ' ବଢ଼େଇବେ 'ଦାସେ',
ମହାଭିବ ଗୃଷ୍ଟି ଲୋକ ଗାଲ ମଡ଼େ
ପଡ଼ିରେ ବୁଡ଼ିବେ ମାସେ ।

---

## ଜ୍ଞାନବୋଧ ଚଉତିଶା ।

ଲେଟକ:— ଉପଦେଶକ

କେହିଲ ଟେଭାଗରେ
କଳା ଶ୍ରୀମୁଖ ଦେଖେ
କେତେ ଦିନକୁ ବାବୁ
କ ଦେଲେ ପିରୁ ସ୍କୁଲ୍
ଖଣ୍ଡି ଯେ ଖଣ୍ଡି ତୋର
ଖଞ୍ଜଣି ଥିବେ ପୁଅ
ଖଟ ପଲଙ୍କେ ବସି
ଖୋସାମଦେ ଗଢ଼ିଶ
ଗଲେଣି ଦୋ ଘଣ୍ଟାକୁ
ଗଣ୍ଡି ମୁଣ୍ଡ ବନ୍ଧିଲେ
ଗୁରୁ ଗର୍ଜିତ ଭଦ୍ୟା
ଘିବସ୍ତ ହେଲେ ଭୂଲ
ଚିହ୍ନ ପ୍ରଥମା ଟାଟସ୍
ଚିର ଉନ୍ନତରେ ଦେଖି
ଚିନ୍ତା ଜର୍ଜ୍ଜର ଘରେ
ଚିନ୍ତା-ସ୍ମୃତିନଷ୍ଟ ଏଠି
ଜଣେହେଁ ଏଥୁଁ ଲଭି
ଜାଣିବ ଅଛୁ ତୋର
ଜନ୍ମ ଝୀକା ଲଗାଇ
ଝଡ଼ିଲେ ଛୁଟା କସ୍ରା

ମୋ ବୋଲ କର
ଭେଟିବୁ ଗୁଲ
ରାନ୍ଧିଛୁ ଅଣ୍ଡା—
ଛୁଟିଲେ ଘଟରେ ।
ଟଙ୍କିର ଭାଠି
ଦ୍ରେସୁଥୀ ବାଣ୍ଟି ,
ମଗାସ୍ତ ଭରଳେ
ତନ୍ତ୍ରରୁ ହାଲେରେ
ଯେତେକ ଜନ
କେ କେତେ ଜ୍ଞାନ
କରୁ ଅର୍ଜ୍ଜନ
ତେଜାବୁ ମାନରେ
ଦଣ୍ଡ ପ୍ରବର
କେତେ ଦୁନ୍ଦର—
ନମିଲେ ଭ୍ରାତ
ବଳାତସ ମାତରେ ।
ନାହିଁ ମୁକତ
କେତେ ଶକତ
ଛନ୍ଦ – ଗଚ୍ଛରେ
ଗଞ୍ଜିବ ସର୍ବ୍ବରେ ।

---

## ବି. ଏ.

ଲେଖକ:—ଗ୍ରାଜୁଏଟ୍

ଉଠ ଉଠ ବାଃ ଛୁଡ଼
ଅମୃତାରୁ ମାନ ଗୃଣୀ
କେ କଗତେ ପାରେ ଥମ
କେ ଜଗତେ ପାରେ ବଡ଼
କଗତଟା ସିନା ଖାଲି
ପ୍ରସତନ ନୀତ ଗୁଡ଼ା
ଯୌବନ ତରଙ୍ଗେ ବାହୁଁ
ପ୍ରସତନ ନୀତ ଗୁଡ଼ା
ଗ୍ରାଜୁଏଟ ! ଅମେ ଥମ
ଉଠ ବାଃ ଛୁଡ଼ ଛୁଡ଼
ଚଡ଼ ଅଭଦ୍ର ଗୁଡ଼ାଏ
କେ ନ ପସୃନ୍ତି ଗୃଣେ
ନିଜ ନିଜ ମଧ୍ୟେ ପୃଣି
କରି ନ ଦେଖାନ୍ତି କ୍ଷମା
ପଢ଼ିଛା ପଢ଼ିଅ ନିଶ
ଭବ ଥିବ ରୂପ ହେଲେ
ମାଷ୍ଟରଙ୍କୁ ଟୋଗ ଦେଇ
ନ ଫିଟଇ ପାଟି, ବାଃ
ଯାହା କଲେ କ ବୁଝଁରେ
ମୋ ପଢ଼ୁଅ ପଣ ଛନ୍ତୁ

ଅଟୁ ଅମ୍ଭେ ବି. ଏ,
ଜଗତେ ସେ କିଏ ?
ସବୁ ନାସ୍ତି ମୋହ,
ଶାସ୍ତ୍ରସକ୍ତ ଦନ୍ଦ;
ମୂର୍ଖତାରେ ଭର,
ଗଲ୍ପଣି ତ ଜର,
ହସି ବାହୁଁ ବୁଢ଼,
ଦେଲଣ୍ଟା ତୁଣ୍ଡ ।
ପଟଛ ଦ'ଟା ଅନ୍ତ
ଅମେ ପଢ଼ା ବାବୁ ।
ଏ ଦେଶର ଲୋକେ
ହସନ୍ତି ତ ଥୋକେ
ମାନ ହୀନ ମାନ
'ଅମକୁ ସମ୍ମାନ ।
ଦେଖି ବାପ ଘାସ
ଯେଣୁ ବି. ଏ ପାଶ୍ ।
ଦେଇଁ କରି ବାବୁ,
ଛୁଡ଼ ଅମେ ବାବୁ
ନିର୍ଗୁଣୀ ବଳଟେ,
ଏହ ମୋ ପଟଳଟେ ।

Digitized by srujanika@gmail.com

# ହଂସପୁର

## ଭେଟି

**ଶ୍ରୀମତୀ ଅନ୍ନପୂର୍ଣ୍ଣା ।**

[ଅଜ] ଏ ଶୁଭ ସ୍ୱପନ ଅ     ବେଟି ଦଅନାଅ
ବଉନ୍ତି ଭୂଲାଅ ସାର ।
ଯାଉନ ଅବଧ ନ୍ନହେଁ     ମୃଗ ପ୍ରାୟ ଧର
ଚଳ ଅବେ ଏହୁ ଧାର ।

ନିଭ ନିଭ ଚନ୍ଦ୍ର     ଗୁଳଯାଏ ଦିନ,
ରହୁତ ଏ ଖାଲି     ସେହି ମୂର୍ତ୍ତି ଚିହ୍ନ
ମହାକର୍ଷନ ଚନ୍ଦ୍ରା     ଅବ ଗୁଳଅଛୁ
କାଲେ କାଲେ ପରମେଶ୍ୱ । ୧ ।

ପ୍ରିୟ ଜନନ ପ୍ରିୟ     ଦଏ ଉପହାର
ଶୁଭ ଦନେ ଶୁଭ     ଭାବନା ତାହାର
ଭେ କେତେ ଦେଉଛୁ ବେ କେତେ ନେଉଛୁ
ଅମାପ ପବିତ୍ର ଖ୍ୟା । ୨ ।

ଅପୂର୍ବ କଛୁ     ନାହିଁ ଗୋ ମୋହର
ଭେଟିଟାକୁ ପ୍ରିୟ     କମଳ ଉପର
ବାଂଧା କଣା ଚିଲେ     କବା ଅଧିକାର
ହୋଇଛୁ ସଙ୍ଗୁହ୍ୱ । ୩ ।

ହତାଶା ପରାଣେ     ତ୍ରଦୀପର ଶିଖା,
ଜାନଦଏ ନେତ୍ରେ     ଯାର ରୂପ ରେଖା
ଶତ ଗାଥା ବସ୍ତୁ     ଦ୍ଦିଷ୍ଟି ଦଏ ସେ
ତାଲ ଅମୃତ ପସରା । ୪ ।

ତାଲ୍ଲୁ ଅନନ୍ତ     ଟାଣ ଯାର ମୂର୍ତ୍ତି,
ସେହି ଗୋ ଜୀବନ୍ତ     ଜାଗ୍ରତ ମୂର୍ତ୍ତି;
ହୃଦୟ ସମ୍ମୁଖେ     ସ୍ଥକ ନିରନ୍ତର
ପ୍ରାଣ ମନ ହୃଦ ଗ୍ରେବ । ୫ ।

ଏ ମାନସୋଦ୍ୟାନେ     ଦେଖ ଗୋ ନରେଖି,
ପ୍ରାଣେ ପ୍ରାଣ ଛଡା     ଅଟେ କା ମୂରତି;
ଦୂରେ ଦୂରେ ଥିଲେ     ବାସନା ମହତ
କରେ ସେହି ପଥ ହାଏ । ୬ ।

କଏ ସେ ସୁନ୍ଦର     ମୋହନ ମୂରତି,
ଯାହା ଲଗି ନିତ     ଏତେ ଗୋ ଆରତି;
ତାର ଭବ ଚିତ୍ର     ଫୁଟନ୍ତା ଫୁଲଟି
ହୃଦୟ ଦୁଃଖ ପାଶୋରା । ୭ ।

## ଉତ୍କଳ ଭାରତୀ

**ଶୋକ ଗୀତି ।**

ଲେଖିକା—**ପାଷାଣୀ ।**

ଉଜ୍ଜ୍ୱଳ ସ୍ୱର୍ଗପ୍ରକାଶେ     ରୂପେ ଯୋଗ୍ୟାକର୍ଷିଣୀ,
ଆଗଭିରେ ବାଣୀ ମୂର୍ତ୍ତି     ଦାଉଛ ସୁହାସିନୀ ।
ଗାଉଅଛ ମନ୍ତ୍ରମନ୍ତ୍ର     ଅଗୋ ସଖା ସଙ୍ଗୀ,
ଭୂଷେ ନାଗ ପ୍ରଭସ୍ୱର     ପୂର୍ଣ୍ଣ ପରିଣତି ।
କାହିଁ ଏହୁ ମୂର୍ତ୍ତି,
ଫୀଟିଛା ନାସ୍ତିର ଦେବ     କଲ ସର୍ବୋନ୍ନତି ।

ନାରୀ ଗଣ୍ୟ ଜଗତର     ରୂପେ ତାର୍ଥାରଦ୍ଧ,
ଭକ୍ତି-ପ୍ରୀତି କନ୍ଦ୍ରଶାଳ     ଚିତ୍ରଶୀଳ ବିଗ୍ରହ,
ଦେଶ ଆଜିଭ ଅଛି     ମୂର୍ତ୍ତିର ମନ୍ଦିର,
ବୀର୍ଯ୍ୟ ଅଛି ୯ ଅମଳ     କମନୀୟ ମ୍ରାଣେ;
ମୂର୍ଚ୍ଛି ହୁଣି ହୃଦର,
ବାତ୍ସଲ୍ୟ ଅନ୍ତରେ ଭାକୁ     ନସୂନାର ଗାରେ ।

ସେ ଗ୍ରନ୍ଥ ଅନ୍ତରର     ଗୋପନ ବାରତା,
କବି ରୂପ କଣାରଛ     ଦେଇ କାବ୍ୟ ଗାଥା,
ମଧୁରିମ ସୃଷ୍ଟିର ଏକା     ନିକାଇଛନ ବସ,
ବଡ ଦୂରେ ଖେଳାଇ     ଗାରେ ଜାଭବାସୀ,
ଭବେ 'ହାୟ ହାୟ',
ନିଃସହାୟ ଦୁଃଖ ଅଜ୍ଞ     ନେଇନ ବିଦାୟ ।

---

ଭାବନା ବାସନା     ବଳକୀର ପ୍ରାଣେ,
ପା ମୂର୍ଚ୍ଛନେ ଶାନ୍ତ     ହୂନି ଅନ୍ତେଷଣେ;
ସେ ପରବ ରଦ     ହୃଦୁ ବ୍ୟଥା ଛଦ
ପରିଥିବ କଣ୍ଠ ଭାବ । ୮ ।

ଅପୂର୍ଣ୍ଣ ବାସନା     ମାନସେ ଲହରୀ,
ଖୋଜୁଥିବ ରହି     ସେହି ରୂପ ଲହରୀ;
ବାହାରର ଭିରେ     ହୃଦର ପଡ଼ି ଟାଣେ
ଦୁଃଖ ଶୋକ ଭାବ ହରି । ୯ ।

ଚିରଦିନ ଟାଉ     ଦୁଃଖ ଭାବନା,
ଭବ କାରଣେ ଛନ୍ତି     ଅଟେ ଭାବନା;
ପକଡା ଭାପାରି     ଚିର ଭେଟି ଏହି
ହୃଦର ଅବେଗ ଧାରା । ୧୦ ।

---

Digitized by srujanika@gmail.com




## ନାଗବନ୍ଧୁଙ୍କ କଲମରୁ

### ସ୍କୁଲ ଗାର୍ଲ

ସେ ବଜାର ଠାକୁର ହଲ । ସୁନ୍ଦର ସାଜ-ସଜ୍ଜା—କେତେ ପ୍ରକାର ଫୁଲ ଫଳରେ ଝଟକୁଛି ଘର । ସେଦିନ ଥାଏ ସେଠି Flower Show କେତେ ଜଣା ଅଜଣା ବଗିଚାର ଫୁଲ ଫଳ ସେଠି ଜମା ।

ଧୀରେନ୍ ଖୁବ୍ ମନମୁତାବକ ଡ୍ରେସ କରିଥିଲ, ସିଗାରେଟ ଖଣ୍ଡେ ହାତରେ ଧରି ଚାଲିଲା ସେଇ ହଲ ଆଡ଼କୁ । Flower Show ଦେଖିବାକୁ ତାର ଅଭିଳାଷ ଥିଲା । ଭିତରକୁ ଯାଇ ଗୋଟାଏ କଣରେ ସିନେମା ଏକ୍‌ଟର ଭଙ୍ଗୀରେ ଛିଡ଼ା ହେଲା । ତାର ଆଖି ପଡ଼ିଲା ଜଣକ ଉପରେ । ସେ ହଠାତ୍ ଡାକି ଉଠିଲା 'ହାଲ୍ଲୋ—ପ୍ରଭା !'

ପ୍ରଭା ପଛକୁ ଚାହିଁ ଟିକିଏ ମୁରୁକି ହସି ଦେଇ "କେତେବେଳେ ଅସିଲ" ପ୍ରଶ୍ନଟି ପଚାରି ଦେଲା ।

'ଏଇ ଯେ, ଏଇକ୍ଷଣି' ଧୀରେନ୍ ଛାତି ଫୁଲାଇ ହସି ହସି କହିଲା ।

ଏହି ସମୟରେ ସଭାପତି ନାମ ଡାକିଲେ, "Sec. 7 ଷ୍ଟେଟ ବଗିଚା, ଫାଷ୍ଟ ପ୍ରାଇଜ୍; ମିସ୍ ପି, ସେନ୍," Miss P. Sen ! ପ୍ରଭା ଭଟର ପଟର ହୋଇ ଦୌଡ଼ ଯାଇ ନିଜ ପ୍ରାଇଜଟାକୁ ନେଇ ଆଣିଲା । ଖୋଲ ତାଳି ଭାଇରେ ହଲଟା କମ୍ପି ଗଲା......

( ୨ )

Flower Show ଶେଷ ହେଲା । ପ୍ରଭା ଓ ଧୀରେନ ପାର୍କକୁ ବୁଲିବା ଯିବାକୁ ଉଚ୍ଚଳ ହୋଇ ଉଠିଲେଣି । ଏଇଟା ତାଙ୍କର ସନ୍ଧ୍ୟାନିଅ କର୍ମ ।

ତାଙ୍କ ମଟର ଚାଲିଲା ନର୍ସ ସ୍କୁଲ ପାର୍କ ଆଡ଼କୁ । ରାତି ଟିକିଏ ହୋଇ ଆସୁଛି । ଚନ୍ଦ୍ରମା ଉଠି । ଖାଲି ବନ୍ଧୁଙ୍କ ପରି ଜହ୍ନ ପଡ଼ୁଛି । ବସନ୍ତର ଝୋଳ ମନ ଖୋଲ ପବନ ମୃଦୁ-ମନ୍ଦ ସ୍ୱରରେ ଗୀତ ଗାଇ ଚାଲିଛି । ଖଣ୍ଡେ ଖଣ୍ଡେ ଧଳା ବଉଦ ଚନ୍ଦ୍ର ସଙ୍ଗେ ଅଡ଼ବାଡ଼ ଦେଇ ଲୁଚକାଳି ଖେଳୁଛି । ସେହି ନିର୍ଜନ ପ୍ରାନ୍ତରରେ ତାଙ୍କ ବ୍ୟତୀତ ଅଉ କେହି ନ ଥିଲେ—ଗଛ ଲତା ଗୁଳ୍ମାଙ୍କ ଛଡ଼ା···

ତାଙ୍କ ମଟର ରହିଗଲା ପାର୍କର ଭିତର ଆଡ଼କୁ ।

'ଦେଖ ପ୍ରଭା ଙ୍କ ସୁନ୍ଦର ହାଉଆ ।'

'ହଁ ସୁନ୍ଦର, ଖୁବ୍ ସୁନ୍ଦର ।'

'ତେବେ ଏଇଠି ବସିବା ।'

'ହଉ ଖାଲି ବସିଲେ କଣ ହେବ, ଗୋଟିଏ ଗୀତ ଗାଅ ଧୀରେନ୍ ବାବୁ ।'

'ନା', ନା ତମେ ଗାଅ । ତମେ ତ ରେସି-ଟେସନରେ ପ୍ରଥମ ସ୍ଥାନ ଅଧିକାର କର ।'

ପ୍ରଭା ଗୋଟାଏ ଗୀତ ଗାଇଲା ଧୀରେ, ଖୁବ୍ ଧୀରେ ଧୀରେ । ପ୍ରକୃତ ଏପରି ଶରତ ସଞ୍ଜ ଗୀତ ଧୀରେନକୁ ମୋଟେ ଭଲ ଲାଗିଲା ନାହିଁ । ସେ ତାର ଭିତର ଅର୍ଥ ଖୁବ୍ ବୁଝିଲା ।

× + ×

ରାତି ଟିକିଏ ହୋଇ ଆସିଲା—ପ୍ରଭା ଯିବାକୁ ଖାଲି ବନବନ ହେଲା । ସେ ସମ୍ଭାଳି ନ ପାରି କହିଲା, 'ତେବେ ଯିବା ଚାଲ ।'

ଧୀରେନର ଯିବାକୁ ଇଚ୍ଛା ଆଦୌ ନଥାଏ । ସେ ପ୍ରଭାକୁ ବାଧା ଦେଇ ସୁନ୍ଦରରାତିର କିଛି ଅଂଶ ଉପଭୋଗ କରିବାକୁ କହିଲା ।

ତାପରେ—ତାପରେ ସେହି ଦୂର ଦିଗ୍-ବଳୟ ସବୁ ଜାଣେ......

( ୩ )

ପ୍ରଭା ଅଜ ବା' ଅପେକ୍ଷାରେ ବସିଛି ତା ସେ ଜାଣେ । ମନ ତାର ଚଂଚଳ ହୋଇ ଉଠୁଛି ।

ବିନୋଦକୁ ମ୍ଲିକ ପଞ୍ଚାସ ସାଙ୍ଗରେ ହାତ ଧରିଥା ଖୁବ୍ ମାନେ । ତାର ମଟରସାଇକେଲ ଚାଲିଲା ପ୍ରଭାର ଘରକୁ ।

'ପ୍ରଭା ଦେଖିଲ ଛ'ଟା ପନ୍ଦର ହେଲାଣି । କଣ୍ଠଥିଏଟରେ 'ସାଥି' ପୁଣି ହେବ । ଚାଲନା ।'

× × ×

ବିନୋଦ ଅଠଅଣା ଦୁଇଖଣ୍ଡ ଟିକଟ ନେଇ, ହଲକୁ ଗଲା । ପ୍ଲେଟା ସୁନ୍ଦର—ମିଃ ମଜୁମଦାରଙ୍କ ପରିଚାଳନା । ପ୍ରଭା ଦେଖୁଛି ସେ ଦୁଇଜଣ କପରି ସାଥି ହୋଇ ପଇସା ମାଗୁଛନ୍ତି । (ଶବ୍ଦକୁ ଅନେକ)

" ହଁ ବଡ଼ କରୁଣ, ବଡ ମର୍ମସ୍ପର୍ଶୀ ।" ବିନୋଦର ଏପରି ପ୍ରଶ୍ନର ମୂଲ୍ୟ ସେ ଖୁବ୍ ବୁଝିଲା—କିନ୍ତୁ......

'ଦୟା କର ଭୁଖ ହୁଅନ୍ତୁ !' ପଛରୁ ଜଣେ ଯୁବକ ଉତ୍ତେଜିତ ହୋଇ କହି ଉଠିଲେ । ବିନୋଦ ଦେଖେ ତ—ଧୀରେନ୍ ।

'ଟ୍ରାନ୍‌ସଫର୍ ପାଇଁ । ଅମ କଥାରେ କଥା କହିବାକୁ ତୋର ଅଧିକାର ନାହିଁ ।'

ଧୀରେନ ଏତେଗୁଡ଼ାଏ ଲୋକଙ୍କ ସାମନାରେ ଅପମାନଟା ସହି ପାରିଲା ନାହିଁ । ସେ ଭାବିଲା ବନ୍ଧୁତ୍ୱ ପଚ୍ଛେ ନ ହେଉ, ବିନୋଦକୁ ଦେଖିବ ? ଦେଖୁଁ ଦେଖୁଁ ବିନୋଦ ପିଠିରେ ଠାହ୍ କରି ଗୋଟାଏ ମୁଥା ବସିଲା । ଗଣ୍ଡଗୋଳ ସୃଷ୍ଟି ହେଲା ।

ଧୀରେନ ଏ ଗଣ୍ଡଗୋଳ ସୃଷ୍ଟି କରି ବେଶୀ ଦୂର ନୁହେଁ, ଥାନା ପର୍ଯ୍ୟନ୍ତ ଗଲା । ତାପରେ...

( ୪ )

ପ୍ରଭାର ବନ୍ଧୁତ୍ୱ ଯେପରି ବଢ଼ି ଚାଲିଥାଏ ତା' ପାଠପଢ଼ା ସେତେ ତଳକୁ ଯାଉଥାଏ । ସଙ୍ଗୀମାନଙ୍କୁ ଏହାର କୈଫତ ଦେଇ ପାରିଲା ନ ସେ । ପ୍ରଭା କ୍ଲାସରେ ବସି ଯେ କଣ ଭାବେ ତାହା ସେ ଜାଣେ । ସମୟ ସମୟରେ ମୁହଁ ମାଡ ଶୁଏ । ଏଇଟା ତାର ପତନର ଲକ୍ଷଣ ପରି ।···

ଜୁଲାଇ ମାସ ଅଗେଇ ଆସିଲା । ପ୍ରଭାର ଛାତି ଧଡ଼ପଡ ହୋଇ ଉଠିଲା । ଡାକ୍ତର ଅସିବେ—

Digitized by srujanika@gmail.com

ସେ କେବେ କେବେ ତାକୁ କହୁ ବୁଝି ପାରିଲା ନା। ଡ଼କ୍ଟର ଅପ ସେମ୍ସଙ୍କର 'ଉତ୍ତମ ସ୍ୱାସ୍ଥ୍ୟ' ଦେଖିଲେ, କିନ୍ତୁ ତାର ଯେ କଣ ଲେଖିଲେ ସେ କପର କହିବ ?

ସେ ଦିନ ପିଅନ ତା ବାପଙ୍କୁ ଗୋଟି ଖଣ୍ଡେ ଦେଲା। ଏଇ ଗୋଟି ଖଣ୍ଡକରେ ଥିଲା ତାର ଜୀବନ। ଛାତିରୁ ଅନ୍ଧାର ଖସି ପଡ଼ୁଥାଏ, କଣ ହବ କିଏ ଜାଣେ ?

ସେ ଯାହା ଡରିଲେ ସେଥିରେ ତାକ ମୁଣ୍ଡରେ ବଜ୍ର ପଡ଼ିଲା। ଜଳକୁ ସମାଳି ନଉନଉ କହି ପକାଇଲେ 'ଏଁ ହୁଇ ମାସର ଗର୍ଭ ! ମୋ ଟ୍ରେନ୍ସ ସ୍କୁଲରୁ ତଡ଼ା ଖାଇଛି।'

ପ୍ରଭା—ସେ ଖୁବ୍ କାନ୍ଦିଲା। କାନ୍ଦି କାନ୍ଦି ତା କାନରେ କାନ୍ଦ ପକାଇଲେ। କିନ୍ତୁ ତାର ସେ କାନ୍ଦ ତାଙ୍କୁ ଫେରାଇ ଆଣି ପାରିଲା ନି, ଭାଗ୍ୟ ଲେଉଟାଇ ପାରିଲା ନି। ଦିନେ ସେ କଣ ଗୋଟାଏ ବୋତଲକୁ ପିଇଦେଲା। × ×

ଘରୁ ଜଣେ କିଏ କହି ଉଠିଲା।

## "ବିଚ୍ଛିନ୍ନ ଉତ୍କଳ ଅବକାଶ ବାହିନୀ"

ସ୍ନେହର ନାଗଭାଇଏ,

ପ୍ରଣାମ ଗ୍ରହଣ କରିବ। ମୁଁ ତୁମର ଅପରିଚିତ ହେଲେ ମଧ୍ୟ, ନାଗବଗ୍ଗ ହିସାବରେ ଅପରିଚିତ ନୁହେଁ। ଆଜି ସମସ୍ତଙ୍କୁ ଅନୁରୋଧ କରୁଛି ଯେ, ତୁମ୍ଭେମାନେ ମୋ ଲେଖାଟି ମନଦେଇ ପଢ଼ିବ। ଏବଂ ତଦନୁସାରେ କାମ କରିବ।

ଜଗତରେ ତ କେତେ ଅନୁଷ୍ଠାନର ଅଭ୍ୟୁଦୟ ହେଉଛି କେତେ ଲୋପ ପାଉଛି ଏବଂ, କେତେ କାଳକ୍ରମେ ଧ୍ୱଂସ ପାଉଛି। କିନ୍ତୁ ଆମ୍ଭେ କଟକରେ ଗୋଟାଏ ଅନୁଷ୍ଠାନ ଗଢ଼ୁଛୁ, ଯାହାକୁ ଆମେ ବଞ୍ଚାଇ ରଖିବା ପାଇଁ ଦୃଢ଼ ପ୍ରତିଜ୍ଞ ହୋଇଛୁଁ। କେବଳ ସେ ଏତିକି, ତାହାନୁହେଁ; ଏଥିପାଇଁ ମଧ୍ୟ ଜୀବନ ପଣ କରି ସାରିଛୁଁ।

ଶତ ଶତ ବର୍ଷ ଧରି ନାନା ନିର୍ଯାତନ, ଅବମାନନା ତଳେ ଶୃଙ୍ଖଳିତ ହୋଇ ଆମର ଓଡ଼ିଆ ଜାତି ଅନେକଥର ଧ୍ୱଂସ ମୁଖରେ ପଡ଼ିଛି, କିନ୍ତୁ ଏହି ନାନା ଅତ୍ୟାଚାର ଏବଂ ଅତ୍ୟାଗ୍ରର ମଧ୍ୟରେ ଯେ ଏ ପର୍ଯ୍ୟନ୍ତ ମୁଣ୍ଡ ଟେକି ରହିବାକୁ ସମର୍ଥ ହୋଇ ପାରିଛି, ତାହା କେବଳ ତାହାର ପ୍ରାଚୀନ ଗୌରବ ପାଇଁ। ଦିନେ ଏହି ଜାତି ଧ୍ୱଂସ ମୁଖରେ ପଡ଼ିଥିଲା। ଯେତେବେଳେ ଓଡ଼ିଶାର ଶେଷ ସ୍ୱାଧୀନତା ମୁକୁନ୍ଦଦେବ ପରାସ୍ତ ହେଲେ। ଅଥବା ଦିନେ, ଯେତେବେଳେ ଓଡ଼ିଶାର ଦେଓ୍ୱାନି ବିଦେଶୀ ସରକାରଙ୍କ ହାତକୁ ଗଲା। ଆଉ ଦିନକର କଥା। ଯେତେବେଳେ ବଙ୍ଗର ନବାବ ମୁର୍ଶିଦ୍କୁଲିଖାଁ ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ପଟ ଓଡ଼ିଶାକୁ ମରହଟ୍ଟାମାନଙ୍କୁ ଦେଇଦେଲେ ଏବଂ ମେଦିନୀପୁରକୁ ବଙ୍ଗଳାରେ ମିଶାଇନେଲେ। ଏହି ଜାତିର ଦୁର୍ଭାଗ୍ୟ ଯେ ଏତିକିରେ ଶେଷ ପାଇ ଯାଇଛି ତା ନୁହେଁ। ଦିନେ ଏମିତି ବେଳ ଆସିଥିଲା, ଯେତେବେଳେ ବଙ୍ଗଦେଶର ଭୂଦେବ ମୁଖୋପାଧ୍ୟାୟ ଓଡ଼ିଆ ଭାଷାର ଅସ୍ତିତ୍ୱ ଅଛି କି ନାହିଁ ଏହା ତଦନ୍ତ କରି ଆସିଥିଲେ। ଆଉ ଗୋଟିଏ ଦିନ, ଯାହା ଏ ଜାତି କେବେ ପାଇଁ ଭୁଲି ପାରିବ ନାହିଁ। ସେ ହେଉଛି ୧୮୧୭ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ପାଇକ ବିଦ୍ରୋହ, ଯାହାର ପତନରେ ଏଠାରେ ଇଂରେଜ ଜାତିର ସାମ୍ରାଜ୍ୟ ପ୍ରତିଷ୍ଠା। ପୁରାତନ ଇତିହାସର ପୃଷ୍ଠା ଲେଉଟାଇଲେ ଆହୁରି ଅନେକ କଥା ମନେ ପଡ଼ଯାଏ।

ତଥାପି ଏ ଜାତିର ଦୁଃଖ ଦୈନ୍ୟ ଯାଇ ନାହିଁ, କରଭାର କମିନାହିଁ, ଗଡ଼ଜାତ ଏବଂ ଆହୁରି ଅନେକ ଓଡ଼ିଆ କଥା କହୁଥିବା ଅଞ୍ଚଳ ଏ ପର୍ଯ୍ୟନ୍ତ ବ୍ରିଟିଶ୍ ଓଡ଼ିଶାରେ ମିଶିପାରି ନାହିଁ। ବନ୍ୟା ସମସ୍ୟା ଚିର ଦିନ ପାଇଁ ରହି ଆସିଛି, ସାହିତ୍ୟ, ଇତିହାସ ଏବଂ ଶିଳ୍ପୋନ୍ନତି ପାଇଁ କେହିମାନେ ଚେଷ୍ଟା କରାଯାଇ ନାହିଁ। କେବଳ ଖଣ୍ଡେ ନିଅଣ୍ଟିଆ ପ୍ରଦେଶ ହୋଇଛି। ସେଥିରେ ସମସ୍ତେ ସନ୍ତୁଷ୍ଟ। କେବଳ ଦେଶ କଂଗ୍ରେସ ଶାସିତ ହୋଇଗଲେ ଆମର ସବୁ ଦୁଃଖ, ଦୈନ୍ୟ, ଭୁଲିଯିବା ନାହିଁ କି କଂଗ୍ରେସ ସବୁ କରି ପାରିବ ନାହିଁ; କଂଗ୍ରେସକୁ ସାହାଯ୍ୟ କରି ଦେଶକୁ ଉନ୍ନତି ପଥରେ ନେବାକୁ ହେଲେ ଆମକୁ ଆନ୍ଦୋଳନ କରିବାକୁ ହେବ, ଆମର ଦାୟିତ୍ୱ ଆମକୁ ନେଇ ଆଣି ଥୋଇପାରିବାକୁ ସମର୍ଥ ହେବାକୁ ହେବ। ଏତିକି ଅବସ୍ଥା ନ ଥିଲେ ସେ ସ୍ୱାଧୀନତା ଲାଭର ମୂଲ୍ୟ କିଛି ନାହିଁ। ତେଣୁ ଦେଶର ଜନୁର ଜୀବନ ମରଣ ସମସ୍ୟା କଣ ତାହା ଜଣାଇଦେବା ପାଇଁ 'ଅବକାଶ ବାହିନୀ' ଗଢ଼ା ଯାଇଛି। ୧୯୪୧ ପର୍ଯ୍ୟନ୍ତ ଏହାର ସବୁ ପ୍ରଥମ କାର୍ଯ୍ୟ ହେଉଛି କେତେକ ବିଚ୍ଛିନ୍ନ ଅଞ୍ଚଳମାନ ଓଡ଼ିଶାରେ ମିଶିବା ଏବଂ ସେଥିପାଇଁ ଜନମତ ସୃଷ୍ଟି ଅଛି ଭାରତ ଗଢ଼ିବାକୁ ହେବ ଏବଂ ଅସନ୍ତା ଜନଗଣନା ବେଳକୁ ସେ ସବୁ ଅଞ୍ଚଳରେ ଆମ ତରଫରୁ ପ୍ରଚାର କରିବା। ମଧ୍ୟ ଆମ୍ଭେମାନେ ସେଠାକାର ଅଧିବାସୀ ମାନଙ୍କୁ ବୁଝାଇ ଦେଇ ପାରିବା, ତେବେ ସେଠି ପୁନର୍ବାର ସୀମା ପରିବର୍ତ୍ତନ ହୋଇ ପାରିବ। ଜନ ଗଣନା ଖୁବ୍ ନିକଟରେ, ତେଣୁ ଆମକୁ ଜୋର୍ କରିବେ କାମ ଲାଗିବାକୁ ହେବ।

ଉତ୍କଳମଣି ଗୋପବନ୍ଧୁ, କୁଳବୃଦ୍ଧ ମଧୁସୂଦନ ପାରଳା, କନିକା ଏବଂ ମୟୂରଭଞ୍ଜ ପ୍ରଭୃତିର ମହାରାଜାମାନେ ଏବଂ ଅନ୍ୟାନ୍ୟ ନେତାଙ୍କର ପ୍ରାୟ ୪୦ବର୍ଷ ବ୍ୟାପୀ ଆନ୍ଦୋଳନ ଫଳରେ ୬ଟି ଜିଲ୍ଲା ନେଇ ୧୯୩୬ରେ ପ୍ରଦେଶଟିଏ ହୋଇ ସତ; କିନ୍ତୁ ତାହା ପୂର୍ଣ୍ଣାଙ୍ଗତା ପାଇଲା ନାହିଁ। ଆଜି ଦେଶର ନୂତନ ନେତାମାନଙ୍କ ବଦଳରେ ସ୍କୁଲ, କଲେଜର ଛାତ୍ରଙ୍କୁ ଏ ବିଚ୍ଛିନ୍ନ ଅଞ୍ଚଳ ସମସ୍ୟା ଗ୍ରହଣ କରିବାକୁ ପଡ଼ିଛି। ଦିନକୁ ଦିନ 'ଅବକାଶ ବାହିନୀ' ଜନପ୍ରିୟ ହେଉଛି ଏବଂ ତାହାର କର୍ମପନ୍ଥା ଖୁବ୍ ଜୋର୍‌ରେ ଗଢ଼ି ଉଠୁଛି। କେବଳ ଦରକାର ଜାତିର ଏକାଗ୍ରତା ଓ ସହାନୁଭୂତି। ଏତିକି ସାହାଯ୍ୟ ପାଇଲେ 'ବାହିନୀ' ଯଥେଷ୍ଟ ଆଗେଇ ଚାଲିବ। ଏହା ଗୋଟିଏ ସ୍ୱତନ୍ତ୍ର ସ୍ୱାଧୀନ ଅନୁଷ୍ଠାନ। ଏହାର ଏକ ନିର୍ଦ୍ଦିଷ୍ଟ କର୍ମପନ୍ଥା ଅଛି। ଯେଉଁ ଅଞ୍ଚଳରେ ଏ ଜାତିର ଜାତୀୟତା, ସଂସ୍କୃତି, ମୃତ୍ତି ଭାବରେ ଲୋପ ହେବାପାଇଁ ବସିଲାଣି ତାହା ଆଗ ସମାଧାନ କରିବା ଏହାର ଆଦର୍ଶ। କେତେକ ଲେଖିପାରୁ ନାହିଁ। ଯଦି ତୁମ୍ଭମାନଙ୍କର ଏଥିପ୍ରତି ଆନ୍ତରିକ ସହାନୁଭୂତି ଥାଏ ଏବଂ ଆଉ କିଛି ଜାଣିବାକୁ ଇଚ୍ଛା କରନ୍ତି, ତେବେ ମୁଁ ଏ କଥା ଖଣ୍ଡେ ହୁଏତ ପରେ ଲେଖିବି—

ବ-ଦା-ମ-ଛି। ଶ୍ରୀ ନେଳିଦାମ।

## ନାତି ନାତୁଣୀ ମାନଙ୍କର ଚିଠି ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ।

ଅଜା।

## ନୂଆ ନାଗବଗ୍ଗଙ୍କ ନାମ

୬୬୧ ଶ୍ରୀ ବ୍ରଜବନ୍ଧୁ ହୋତା, ଟିହିଡ଼ିଗଡ଼। ୬୬୨ ଶ୍ରୀ ସ୍କୁଟଚନ୍ଦ୍ର ମହାନ୍ତି, ଗୋଇଲୁଅମରା। ୬୬୩ ଶ୍ରୀ ରାମକୃଷ୍ଣ ଚୌଧୁରୀ, (ଅଗ୍ରବନ ସମ୍ଭୀ) ଗୋଇଲୁଅମରା। ୬୬୪। କୁମାର ବିପିନ ବିହାରୀ ମହାନ୍ତି, ଜଗତସିଂହପୁର। ୬୬୫। ଜାନକୀବଲ୍ଲଭ ଦାସ, ପୁରିଲୋନ୍ଦି।

(କ୍ରମଶଃ)

Digitized by srujanika@gmail.com

# ଶେଷରେ ଅନ୍ତରେ



—ଫରାସୀ ସେନାବାହିନୀ ଜର୍ମାନୀ ଭିତରକୁ ଶହେ ମାଇଲ ପଶି ଯାଇଛନ୍ତି । ଜର୍ମାନୀ ବାଧା ନ ଦେଇ ପଛ ଘୁଞ୍ଚୁଛି ।

...ଭୟରେ ?

—ଲୋକମାନେ ଏପରି ପ୍ରାଣପଣ କରି ଲଢ଼ୁଛନ୍ତି ଯେ ଜର୍ମାନ ସେନା ବଡ଼ କଷ୍ଟରେ କ୍ରମେ ଅଗ୍ରସର ହେଉଛି ।

...ବାରକୁ ?

—ପ୍ରତିଦିନ ସବୁ ଜର୍ମାନ ବୁଡ଼ାଜାହାଜ ଇଂରେଜ ଜାହାଜମାନ ବୁଡ଼ାଇ ଦେଉଛି ।

...ଛୁଞ୍ଚା ।

—ଜାହାଜଗୁଡ଼ିକ ଶିଘ୍ର ଶତ୍ରୁରୁ ଲୁଚୁଛନ୍ତି ।

...ଧନ ଲଭିଲେ ?

—ସୁଭାଷବାବୁଙ୍କୁ ପଟେଲ ଓ୍ୱାର୍କିଂ କମିଟିରେ ଯୋଗ ଦେବାକୁ ଡାକିଥିଲେ ।

...ସଦାଶିବ ।

—ପୂର୍ବ ଜମାବନ୍ଦୀବାବଦ ଅଧିକ ଓଡ଼ିଶା ସରକାର ବଢ଼ାଉଛନ୍ତି; ଫଳରେ ୪୦ ଲକ୍ଷ ଟଙ୍କା ଅଧିକ ଭରଣା ପଡ଼ିବ ।

...ଭରଣା ହେବ ନୂଆ ଟିକସ ବସାଇ ।

—ଶ୍ରୀ ଗୋପବନ୍ଧୁ ଚୌଧୁରୀଙ୍କ 'ବରି' ଗ୍ରାମ ଠିକି ଏଗାର ଗୋଟି ନୂଆ ବିଦ୍ୟାମନ୍ଦିର ଖୋଲା ହୋଇ ଓ୍ୱାର୍ଦ୍ଧା ପଦ୍ଧତିରେ ଶିକ୍ଷା ଦିଆଯିବ । ଏଥିପାଇଁ ବ୍ୟବସ୍ଥା ସଭା ୫୩୫୭୦୦ ମଞ୍ଜୁର କରିଛନ୍ତି ।

..ଓଡ଼ିଆ ନେତା ଥିଲେ, ଏବେ ମନ୍ତ୍ରୀ ହୋଇ କୁନ୍ଦୁଡ଼ରେ ପଶିଛନ୍ତି ।

—ଭାରତ ସରକାରଙ୍କ ଅଧୀନରେ ଅବଶ୍ୟ ଛତ୍ରିଃ ଦୁର୍ଘଟଣା ପାଇଁ ଲାଗି ପଡ଼ିଛନ୍ତି । ନା ୧୩ଜଣ ଧନ ହାଇକୋର୍ଟରେ ସଭ୍ୟ ହୋଇ ଥିଲେ ।

..ଶ୍ରୀ ଶ୍ରୀ କଲ୍ପ—ଗଣେଶାୟ ନମଃ ।

—ଶ୍ରୀ ବଲ୍ଲଭ ପଟେଲଙ୍କ ହୁଇଲ ବାବଦ ଟଙ୍କା ସରକାରେ ଅଟକାଇ ରଖିଛନ୍ତି ।

...ଦେଶ ବୁଡ଼ିଲା ।

—ଇଟାଲି ଓ ଜାପାନ ଏ ଯୁଦ୍ଧରେ ନିରପେକ୍ଷ ରହିବେ ବୋଲି ଘୋଷଣା କରିଛନ୍ତି ।

...ଜର୍ମାନ ଏକା ପଡ଼ିଲା ଯେ ।

—ଇଂରେଜ ଉଡ଼ାଜାହାଜ ଜର୍ମାନ ଦେଶରେ ବୋମା ପକାଇ ନେଉଛନ୍ତି ।

...କଥା ଭୁଲ୍ ନାହିଁ ।

—ତେଲସବୁ ମାଲର ଦାମ ବଢ଼ାଇବା ସେ ଜମାନରେ ଭଦ୍ରକର ଜଣେ ଧନୀ ମାଡ଼ବାଡ଼ିଙ୍କ ନଫରର ମିଠା ଗଣ୍ଡ ତେଲ ସନ୍ଦେହରେ ମାଡ଼ ହୋଇଥିବା ପ୍ରକାଶ ।

...ଅରେ ବାପ୍—ଗମକା କହୋ !

—ହେଲ୍‌ପିଟ କହିଛନ୍ତି କି ବର୍ତ୍ତମାନ ପାଇଁ ଫେଡେରେସନ କାମ ମୁଲତବି ରହିଲା ।

...ଭାରତ ବ୍ୟବସ୍ଥା ସଭା ରହିବ ତ ?

—ଓଡ଼ିଶା ଜେଲ କଏଦୀମାନଙ୍କୁ ଖଦଡ଼ ପିନ୍ଧାଇବା ନୀତି ଓଡ଼ିଶା ବ୍ୟବସ୍ଥା ସଭା ୫୮୦୦୦ ମଞ୍ଜୁର କରିଛନ୍ତି ।

...ଏଥର ସରକାରରେ ସତ୍ୟ-ଅହିଂସା ଭୂତ ଆସିଯିବ ନିଶ୍ଚୟ ।

ରାତିଏ ଥଣ୍ଡା ପଡ଼ୁଥାଏ । ରାତିରେ ଖାଇସାରି ବାବୁ ଗୋଟିଏ କମ୍ବଳ ଘୋଡ଼ାଇ ହୋଇ ଶୋଇଲେ । ସ୍ୱପ୍ନରେ ବଲବଲେଇଲେ 'ମୁଁ ଯୁଦ୍ଧକୁ ଯିବି । ପୋଲ ମାନଙ୍କର ଦୁଃଖ ଦୂର କରିବି । ଯୁଦ୍ଧ ଶେଷରେ ଦାବି କରିବି ଭାରତ ପାଇଁ ଔପନିବେଶିକ ଶାସନ ( Dominion status ) ।' ସ୍ୱକର ବଗୁର ନିଦରୁ ଉଠି ବାବୁଙ୍କ ଚିତ୍କାର ଶୁଣି ପୁଣି ବାଲଟିଏ ପାଣି ଆଣି ଢାଳିଦେଲା । ବାବୁ ରାଗରେ କହି ଉଠିଲେ 'ଡ୍ୟାମ୍ ଫୁଅଲ, ତୁ କଣ ଜାଣୁନା ମୁଁ ଯୁଦ୍ଧକୁ ଯିବି । ଯୁଦ୍ଧକୁ ଯିବାରେ ମୋର ଅନେକ ଉଦ୍ଦେଶ୍ୟ । ମୁଁ ଟିକିଏ ଡେଙ୍ଗା ଲୋକ ଲମ୍ବା ହୋଇ ଫେରିବି ଯୁଦ୍ଧକୁ ଗଲେ । ମୁଁ ଟିକିଏ ଗେଡ଼ା ଅଛି ବୋଲି ମୋର ଷ୍ଟେଡ଼ି-ଲଭ୍ ମୋତେ ଭଲ ପାଉନାହିଁ ।'

ସ୍ୱକର ବଗୁର ଭୟରେ ଥରି ଥରି କହିଲା 'ସାହେବ, ମୁଁ ଶୁଣିଛି ହଯରଙ୍କୁ ଅନେକ ଜାପାନୀ ଲୋକ ଚାହାନ୍ତି । ହଯୁର ଗେଡ଼ା, ହପୁର କାଙ୍ଗର । ସେଥିଲାଗି ସେମାନେ ଆପଙ୍କୁ ଲଭ୍ କରିବାକୁ ଚାହାନ୍ତି' ।

ବାବୁ କହିଲେ 'ଠିକ୍ କହିଚୁ, ବଟର୍ ଗେଡ଼ା ଓ କାଙ୍ଗର ଭିତରେ କିଛି ଫରକ୍ ନାହିଁ । କିନ୍ତୁ ସମସ୍ୟା ଏହି । ଗେଡ଼ା ଓ କାଙ୍ଗର ଭିତରେ ଗୋଟିଏ ପାର୍ଥକ୍ୟ ଆଣିବାକୁ ମୁଁ ଯୁଦ୍ଧକୁ ଯିବି—ମାନେ ମୁଁ ଲମ୍ବା ହୋଇ ଆସିବି ।'

ତା ପରେ ବାବୁ ଗର୍ଜନ କରି କହି ଉଠିଲେ 'ମୋର ପୋଜ୍ ଲେଡ଼ି ଲଭ୍ ମୋତେ ଗେଡ଼ା ଦେଖି ରାଜି ହଉନାହିଁ ମୁଁ ଆସି ତା ଘରକୁ ଯିବି । ତାକୁ କହିବି ସେ ମୋ ସାଙ୍ଗରେ ଗାର୍ଲ୍ ଗାଇଡ୍ ହୋଇ ଯୁଦ୍ଧରେ ଯୋଗ ଦେବ ।'

ସ୍ୱକର କହିଲା 'ହଜୁର, ସେମାନେ ତ ବେଶ ଲମ୍ବା ଅଛନ୍ତି । ସେ ଆଉ କି ଯୁଦ୍ଧକୁ ଯିବେ ।'

ବାବୁ କହିଲେ 'ଅରେ ଓଲୁ ଗାଧା ମୁଁ ଫେରିବି ଲମ୍ବା ହୋଇ, ସେ ଫେରିବେ ଗେଡ଼ା ହୋଇ । ତେବେ ଯାଇ ମ୍ୟାଚ୍ ଟା ଭଲ ହେବ ।'

ହଜୁର, ଠିକ୍ କହିଲେ ।

ତା ପରେ ବାବୁ ଗର୍ଜନ କରି କହିଲେ 'ମୁଁ ବର୍ତ୍ତମାନ ମୋର ଲଭ୍ ଘରକୁ ଯିବି । ତୁ ସମୁଦ୍ରକୂଳରୁ ଘୋଡ଼ା କଙ୍କଡ଼ା ଓ ବଜାରରୁ ଏକିଟିଣ ଘିଅ ନେଇ ଆ ।'

ଘିଅ ଆସିଲା, କଙ୍କଡ଼ା ଆସିଲା । ବାବୁ ସାହେବ ପୋଷାକ ପିନ୍ଧି ଘିଅ, କଙ୍କଡ଼ା ଧରି ବାହାରି ପଡ଼ିଲେ । ମଟର ଯାଇଁ ପୁରୁଣା ବଜାର ପାଖେ ଲାଗିଲା । ବାବୁ ଫାଟକ ପାଖରେ ଡାକିଲେ 'ବେହେରା, ବେହେରା' । ବେହେରା ଆସି ସଲାମ ଦେଲା । ବାବୁ ପଚାରିଲେ 'କିଏ ଅଛି' । ବେହେରା କହିଲା 'ହଯୁର, କେହି ନାହାନ୍ତି ମା, ଅଛନ୍ତି । ଦାଦମଣି ଅଛନ୍ତି । କିନ୍ତୁ ଜଣେ......'

ବାବୁ 'ଅର୍ଥେ 'କିନ୍ତୁ' କଣ' । 'ନା, ହଯୁର ଆସନ୍ତୁ । ବାବୁ ସିଧା ସିଧା ଉପର ଘରକୁ ଉଠିଗଲେ । ଆସି ତୁର୍ନ୍ତ ସମସ୍ତଙ୍କୁ ହାସ୍ୟାଙ୍ଗ ପ୍ରଣିପାତ କଲେ । କିନ୍ତୁ ଉଠି ଦେଖନ୍ତି ଜଣେ ପ୍ରକୃତ ସୈନିକ ଯୁଦ୍ଧରୁ ଫେରି ସେଠାରେ ବସିଛନ୍ତି । ସେ ହଉଛନ୍ତି ଲମ୍ବା । ବାବୁଙ୍କ ମୁଣ୍ଡ କାଳାଚାଠ ପଡ଼ିଗଲା । ମନେ ମନେ ଭାବିଲେ 'ଏ ଯେ ଲମ୍ବା, ମୁଁ ତ ଗେଡ଼ା । ଏ ହଉଛନ୍ତି ପ୍ରକୃତ ସୈନିକ । ମୁଁ କିନ୍ତୁ ନୂଆ ଯୁଦ୍ଧକୁ ଯାଉଛି । ଅଚ୍ଛା ଦେଖା ଯାଉ । ଲକ୍ (Luck)

ବାବୁ ଘରର ଗୋଟିଏ କୋଣରେ ବସିଲେ ଥୁଆ ହୋଇ ତ ହମ ନାଗର ସନ୍ଦେଶ ଟିଏ ।

Digitized by srujanika@gmail.com

ଜେ, ସି, ଦାସଙ୍କ ରସମଲାଇ । ବାବୁଙ୍କ ହଂସା ଉଡ଼ିଗଲା । ସେ ଗୋଟାଏ ଦର୍ପ ନିଶ୍ୱାସ ପକାଇ ଭାବିଲେ 'ପୁରୁଣା ସୈନିକ ଆଣିଛନ୍ତି ସନ୍ଦେଶ, ରସମଲାଇ । ମୁଁ କିନ୍ତୁ ଆଣିଛି କଙ୍କଡ଼ା ଓ ଚିଂଡ଼ି । ଦେଖା ଯାଉ । ଲକ୍ ।'

ପୁରୁଣା ସୈନିକ ଏ ସବୁ କାଣ୍ଡ ଦେଖି ଗମ୍ଭୀର ହୋଇ ବସିଥା'ନ୍ତି ଓ ମନରେ ଭାବୁଥା'ନ୍ତି 'ଏ ଯେ ଆଣିଛି କଙ୍କଡ଼ା ଓ ଚିଂଡ଼ି, ଏଥିରେ ଭିଟାମିନ୍ ଅଛି । ସନ୍ଦେଶ ଓ ରସମଲାଇରେ ତ ଭିଟାମିନ୍ ନାହିଁ । ଅଚ୍ଛା, ଦେଖାଯାଉ । ଲକ୍' ଏହା ଭାବି ଗୋଟା ଦର୍ପ ନିଶ୍ୱାସ ମାରି ଦେଲେ ।

ତା ପରେ ବାବୁ ଠିଆ ହୋଇ ପଡ଼ି ଉପର ଓଠ ଟିକିଏ ଟେକି ଦାନ୍ତ ନିକୁଟି ଲେଡ଼ିକିଲର ପାଖକୁ ଟିକିଏ ଗୁଳିଯାଇ ଟିକିଏ ସଜେଇ କରି ଠିଆ ହୋଇ ପଚାରିଲେ 'ଆଜ୍ଞେ, ମୁଁ ଯୁଦ୍ଧକୁ ଯାଉଛି । ଲମ୍ବା ହୋଇ ଫେରିବି । ମୁଁ ଚାହେଁ ତୁମେ ମୋ ପାଇଁ ଯୁଦ୍ଧକୁ ଯାଇଁ ଟିକିଏ ଗେଡ଼ ବଢ଼ାଇ ଫେରି ଆସିଲେ ପିଲଟର ମ୍ୟାଚ୍‌ଟା ଭଲ ହୋଇ ପାରିବ ।'

ତା ପରେ ମିସ୍ ମେନକା ଗର୍ଜନ କରି କହିଉଠିଲେ 'ତୁମେ ଯୁଦ୍ଧକୁ ଯାଇ ପାର, ତୁମେ ହିଟ୍‌ଲରକୁ ଶାସ୍ତି ଦେଇପାର । ପୋଲଣ୍ଡ ବାସୀଙ୍କ ଦୁଃଖ ଦୂର କରି ପାର । ଭାରତ ପାଇଁ ଡୋମିନିଅନ ଷ୍ଟାଟସ୍ ଦାବି କରିପାର । କିନ୍ତୁ ତୁମେ ଲମ୍ବା ହୋଇ ପାରିବ ନାହିଁ । ତୁମେ ଚିରଦିନ ବାଙ୍ଗର ରହିବ ।'

ତା ପରେ ପୁରୁଣା ସୈନିକ କହି ଉଠିଲେ 'ଠିକ୍ କହୁଛ, ଠିକ କହୁଛ ମିସ୍ ମେନକା'। ଏ କଥା ଶୁଣି ବାବୁଙ୍କ ମନରେ ଖୁବ୍ ଦୁଃଖ, ରାଗ, ଓ କ୍ରୋଧ ହେଲା । ତାଙ୍କର ଲମ୍ବା ଭବିଷ୍ୟତଟା ତାଙ୍କ ଆଖି ସାମନାରେ ଗେଡ଼ା ହୋଇ ଠିଆ ହେଲା ।

ମିସ୍ ମେନକା ବାବୁଙ୍କ ଅବସ୍ଥା ଦେଖି ଦୁଃଖ କରି କହିଲେ 'ତୁମେ ଯେତେଦିନ ଗେଡ଼ା ଥିବ ମୁଁ ତୁମକୁ ଲଭ୍ କରି ପାରିବି ନାହିଁ ।' ତା ପରେ ବାବୁ କହିଲେ 'ଅଚ୍ଛା, ମିସ୍ ମେନକା, ମୁଁ ହଜିବ ଟେଟେଟେଡ଼ ଅପରାଧର ତୁମେ ମୋର ଗୋଟିଏ କଥା ରଖ । ତୁମ ଲାଗି ମୁଁ ଯୁଦ୍ଧକୁ ଯାଉଛି କେବଳ ଲମ୍ବା ହେବାକୁ । ତୁମଲାଗି ଅପମାନ ସହୁଛି । ତୁମେ ମୋର 'agony' ବୁଝି ପାରୁ ନାହିଁ । ମୁଁ ତୁମ ପାଇଁ କଙ୍କଡ଼ା ଓ ଚିଂଡ଼ି ଆଣିଛି ।

ତା ପରେ ପୁରୁଣା ସୈନିକ ଉଠି ଗମ୍ଭୀର ସ୍ୱରରେ କହିଲେ 'ମିସ୍ ମେନକା, ମୁଁ ଆଣିଛି ସନ୍ଦେଶ, ରସମଲାଇ' ବୁଢ଼ା ସୈନିକଙ୍କର ଆଖି ଲାଲ ହୋଇ ଆସିଲା । ବାବୁ ଦେଖିଲେ ପୁରୁଣା ସୈନିକ ତାଙ୍କ ଠାରୁ ଗୁଡ଼ ଏ ଲମ୍ବା । ମୁହଁ ଲାଲ ହୋଇ ଗଲା । ଏହି ମଧ୍ୟରେ ମିସ୍ ମେନକା କହିଲେ 'ତୁମେ ଯେତେଦିନ ପର୍ଯ୍ୟନ୍ତ ଗେଡ଼ା ଥିବ ମୁଁ ତୁମକୁ 'fie' କରୁଥିବି ।

ଶେଷରେ ପୁରୁଣା ସୈନିକ କହିଲେ 'ମିସ୍ ମେନକା, ତୁମେ ସନ୍ଦେଶ ଖାଅ କିମ୍ବା ରସମଲାଇ ଖାଅ' ।

ଏଇ କଥା ଶୁଣି ବାବୁ କହିଲେ 'ନା, ନା ମିସ୍ ମେନକା ତୁମେ କଙ୍କଡ଼ା ଖାଅ କିମ୍ବା ଚିଂଡ଼ି ଖାଅ'

ଶେଷରେ ମିସ୍ ମେନକା କହିଲେ 'ମୁଁ ସନ୍ଦେଶ ରସମଲାଇ, କଙ୍କଡ଼ା କିମ୍ବା ଚିଂଡ଼ି ଖାଇବି ନାହିଁ । ମୁଁ ଆଗରୁ ଖାଇଛି 'ଚକଲେଟ୍' ।

ଯତ୍ନ ଚରେ ପାଶ କରିବା ନିମନ୍ତେ
୮ମ ଶ୍ରେଣୀ ଠାରୁ ୧୧ଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନଙ୍କ ପାଇଁ

ଅପୂର୍ବ ସୁଯୋଗ !

ବାଙ୍କପୋ ହାଇସ୍କୁଲର ହେଡ଼ପଣ୍ଡିତ
ଶ୍ରୀଯୁକ୍ତ ଭଗବାନ ପଣ୍ଡା, କାବ୍ୟ ବ୍ୟାକରଣତୀର୍ଥଙ୍କ ସଙ୍କଳିତ

ସଂସ୍କୃତ

ଅନୁବାଦ-ସହଚର

ମୂଲ୍ୟ ପାଞ୍ଚ ଅଣା ମାତ୍ର

ପ୍ରକାଶକ ଓ ପ୍ରାପ୍ତିସ୍ଥାନ—
ପୁସ୍ତକ ଭଣ୍ଡାର, ବାରିପଦା

ଭାରତ ସରକାରଙ୍କ ଠାରୁ ରେଜିଷ୍ଟ୍ରି କୃତ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ

ମହା ସାରିବାଦ୍ୟରିଷ୍ଟ

(ସ୍ୱଦେଶୀ ସାଲସା)

ଲେଖକ—ଶ୍ରୀ ଭଗବାନ ପଣ୍ଡା, କାବ୍ୟବ୍ୟାକରଣତୀର୍ଥଙ୍କ ଅନୁମୋଦିତ । ଅନନ୍ତମୂଳ ଓ ଦ୍ରାକ୍ଷା ପ୍ରଭୃତି ଔଷଧ ଉପାଦାନରେ ପ୍ରସ୍ତୁତ । ଗୁଣ:— ଦୂଷିତ ପ୍ରମେହ, ଉପଦଂଶ, ଦୂଷିତ ଘା, ସର୍ବବିଧ ଚର୍ମରୋଗ ପାରା ଦୋଷ, ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଶୁକ୍ର ତାରଲ୍ୟ ଓ ସ୍ତ୍ରୀ ରୋଗ ଇତ୍ୟାଦି ଯାବତୀୟ ରୋଗର ମହୌଷଧ । ରକ୍ତ ବର୍ଦ୍ଧକ ଏବଂ ପୁଷ୍ଟି କାରକ ଅଟେ । ଥରେ ମାତ୍ର ପରୀକ୍ଷା ପ୍ରାର୍ଥନୀୟ ।

ମୂଲ୍ୟ ୧।୶୵ ଠିକଣା

କବିରାଜ—ଶ୍ରୀ ଭାଗିରଥୀ ପଣ୍ଡା
ଗ୍ରାମ—ଖପରାପଦା—ଭାୟା ଭଦ୍ରକ
ପୋ: ଅ: ବୋଠାର, ଜିଲ୍ଲା—ବାଲେଶ୍ୱର

Digitized by srujanika@gmail.com



## ଯାହା ଯେମିତି ହୁଏ

ଶ୍ରୀ ଗୋପୀନାଥ ମହାନ୍ତି
ବି. ଏ.

ଆସିଲା ନାୟକ, ଭରା ଯୌବନ ଜଙ୍ଗଲ ଭାଙ୍ଗିଲା ଟେଙ୍ଗରା। ଦଣ୍ଡ ଦ୍ୱୈତକ୍ ମାର ଓ ନକ୍ଷତ୍ରମାନଙ୍କ ଅନ୍ତରାଳରେ ଲୁଚି କପୋତ ଭରା ଫୁଲ ଭଳି ପର ଫୁଲ ଉଠିଛି।

ଆସିଲା ନାୟକ, ନାଁ ଟି ତାର ଛୋଟା।

କୋଠାଡଳ ବଡ଼ଗୃହରେ ଛୋଟା ଟିଏ ହେଲା, ବଇଁଶୀଟିଏ ଧରି, ଅଣ୍ଡ ଗୋଡ଼ଇ ଗୋଟିଏ ଗତ, ଭରା କରୁଣ ଗୀତ, ଗୋଟିଏ ବାଣୀ ଯନ୍ତ୍ରରେ, ଯାହାକୁ ସେ କାନରେ ପକାଇ ଆଣିଥିଲା।

କେହି ଲୁଅନ୍ତି ନାହିଁ, (ଲୁଅନ୍ତି ଯାଇଥିଲେ ସମସ୍ତେ?) ସଞ୍ଜର ଗାଢ଼ ଅନ୍ଧକାର ଭିତରେ ତା'ର ରାଗିଣୀର ଅଳାପ ରଚିଗଲା ଗୋଟିଏ ସୂକ୍ଷ୍ମ ସ୍ୱପ୍ନ, ମୃଷ୍ଟ ସ୍ୱପ୍ନ, ଯାହାର ଭାବ ଅସୀମ, ଯାହାର ବିସ୍ତୃତ ନୀଳିମ ବର୍ଣ୍ଣ, ଯାହାର ପ୍ରତିଧ୍ୱନିର ପ୍ରେମବିହ୍ୱଳ ଧମନୀ ମାନବ କାତର ଅଖଣ୍ଡ ପ୍ରାଣ।

ସେହି ତା'ର ସ୍ୱରରେ ଝିଅ ସେପାଖ ଲୋଟି ଲୋଟି କାନ୍ଦିଲା, କାନ୍ଦିଲା ଗୋଲାପ—ଲତା ଦୋହଲି ଦୋହଲି, କାନ୍ଦିଲା ଯୂଇଡ଼ାଳ ହଲି ହଲି।

ଓ ହୁକ ନାଚି ନାଚି କାନ୍ଦିଲା, ହଗ ଝୁଲି ଝୁଲି କାନ୍ଦିଲା, ନଈ ଫୁଲି ଫୁଲି କାନ୍ଦିଲା। କାନ୍ଦିଲା ଆକାଶ ଆକାଶ ଛାଇ, ଆଉ ସେ ଦୁଇ ମାହାଙ୍କ କୋଠା ଘର ଘରୁ। ସମସ୍ତେ ଝାଳି କାନ୍ଦିଲେ।

ସେହି ରୋଷାଏ ରାଗିଣୀରେ ଭାଙ୍ଗିଗଲା ଅଷ୍ଟମପେଢ଼ାର ଛନ୍ଦ, ବଣର ବନ୍ଧ ବନ୍ଧ, କେଉଁ ଅଚିନକୁ ବୋଲି।

ଫିଟିଗଲା ଗୋଟିଏ ଝରକା, ଉପର ମହାଲରେ। ଭାସିଆସିଲା ଏସେନ୍ସ ଓ ମୁଣ୍ଡ-ତେଲର ସୁବାସ, ଭାସିଲା କାହାର ଉଷ୍ଣ ନିଶ୍ୱାସ, କାହାର ଅକଥନୀୟ ପରଶ, କାହାର ହୃଦୟର ଅନନ୍ତ ତୃଷ୍ଣାର ମାଧୁରୀ।

ଆକାଶର ଗୁଣ ହଜିଲା। ଆକାଶର ନକ୍ଷତ୍ର ଝିମିଲା, ଆକାଶର ମୃଦଙ୍ଗ ଗୋଟିଏ ତାଳ ଖୋଜି ତହିଁରେ ବସିଲା।

ତାପରେ ଝରକାରୁ ନାୟିକା ଭାସିଲା, କୋକିଳା ପରି ଭାଷିଲା,

'କୁହୁ —କୁହୁ—କୁହୁ—କିଏ ଗୋ ତୁମେ ଆସିଛ ଆଜି ଏ ଘନ ତମ ରଜନୀରେ? କିଏ ଗୋ ତୁମେ ବ୍ୟାପିଲ ମୋର ମଧୁର ଯୌବନରେ କୁହୁ—କୁହୁ,—କୁହୁ—'

ନାୟିକା ପୁଛିଲା, କଣ ତାର ନାମ?—

ମୃଣ୍ମୟୀ, ଝଙ୍କାର, ଅଳକା?

ନାଁ, ନାଁ ଟି ତାର ଗୁଡ଼। ସେହି ତାହାର ଗୃହିଣୀ।

ତାର ଚଞ୍ଚଳର ବେଶରେ କେଶରେ, ଝାଉଁଳା ଗୋଲାପର ପାଖୁଡ଼ାଏ ପାଖୁଡ଼ାଏ, ମଇଳା ପଡ଼ିଛି ଶିଉଳି ଶରୀର ସେହି ରୂପାଣୀ ଆଣିଦେଲା କେଉଁ ଅସୀମ ଜାଗୃତ!!

ନାୟକର ବୀଣା ବନ୍ଦ ହୋଇ ଗଲା, ସେଇ ନନ୍ଦନର ଶାନ୍ତ ଭାଷରେ ସେ ବନ୍ଧ ହୋଇ ପଡ଼ିଲା, ବୀଣା ବନ୍ଦ ହୋଇ ଗଲା, ରହିଗଲା କେଉଁଠାରେ ଅକୂଳ ମୂର୍ଚ୍ଛନା, ଗୋଟାଏ କ୍ଷୀଣ ସ୍ପନ୍ଦନର ଅଙ୍ଗସମସ୍ତ ଅନୁଭୂତ।

ନାୟିକା ପୁଣି କହିଲା, 'କୁହୁ, କୁହୁ, କୁହୁ—'

ନାୟକ ସ୍ତବ୍ଧ ହୋଇ ରହିଲା, ଦେହର ସମସ୍ତ ରକ୍ତ ହୃତପିଣ୍ଡରେ ତାର ଜମାଟ ବାନ୍ଧିଥିଲା ଭଲି ଗତି ଯେପରି ଜଗତ୍ ବାନ୍ଧେ ଶୀତଦିନେ ଗୋଟିଏ ଶ୍ୱେତ ପିତମ୍ବର ମାସରେ।

ଭଡ଼କା ଖାଇଲା ପରି 'ଅତ ମତ' ହୋଇ ନାୟକ କହିଲା,

'କହ କହ କହ, କହ ତୁମେ କେହ, କହ ଭଲପାଏଁ ମୁଁ ତୁମକୁ! କହ।'

'ମୁହୂର୍ତ୍ତେ; ଉନ୍ମେଷର ଝଙ୍କାର, ଝଙ୍କାର ଯେପରି ଅସୀମ ସମୁଦ୍ର, ଝଙ୍କାର ଯେପରି ଅନାଦ ଛନ୍ଦ, ଯେପରି......

ଯେପରି...କ ଠାଯାତ୍ରର ଯୋଗ ରତ...

ଝଙ୍କାର ହୋଇ ଉଠେ ତୁହାକୁ ଶୁଣିଲେ, ଝୋଲଣ ଯେପରି କୁହେ ଖୋଲଣକୁ, ଭିଜା ଭୂମି ଯେପରି ଗୁହେ ବର୍ଷାକୁ, ଆଗଛ ଯେପରି ଗୁହେ ସଜନା ଗଛକୁ।

ମୁହୂର୍ତ୍ତେ!—

ଏଇ ମୁହୂର୍ତ୍ତରେ କେତେ ରଡ ରଡ଼ ପରିବର୍ତ୍ତନ ଘଟିଯାଏ, କେତେ ରଡ଼ ରଡ଼ ..

(ନାଁ—ଭାଷା ମିଳିଲା ନାହିଁ)—

ମୁହୂର୍ତ୍ତେ!

ନାୟିକା ତଳକୁ ଗୁହିଁ ରହିଥାଏ ଦେହ ଯଷ୍ଟିକୁ ବାଙ୍କେଇ ବାଡ଼ିଣ ପରି ବଙ୍କାଇ ଦେଇ ନାୟକ ଗୁହିଁଥାଏ ଉପରକୁ, ଝଙ୍କିଉଠିଲା ମୁଣ୍ଡପରି, ଦୁଇ ସବଳ ହାତ ତାର ସଅଶଙ୍କି ଲୁଚି ଧରିଥାଏ ଛାତି ମଝିକୁ। ନାୟକର ମୁହଁରୁ ଆଖିରୁ ଉଦ୍ଭ୍ରାନ୍ତ ପଡ଼ୁଥାଏ ଅଦମ ପଣ୍ଡର ଘୃଣା, ପାହାଡ଼ର ଦୃଢ଼ତା, ଥକି ପଥର ସ୍ପୃହା...

ଆଉ ନାୟିକା—ତାର ଧବଳ ଶମ ଥମ ଦୃଷ୍ଟିରୁ ଝରିପଡ଼ୁଥାଏ ସଞ୍ଜୀବନୀ କରୁଣା, ସଖାରଣୀ ଅଶ୍ରୁଗ ଲତାକୁ ଯେପରି ଝରିପଡ଼େ ଥପ ଥପ ବାଦଲ।

ମୁହୂର୍ତ୍ତେ!

ତାପରେ ନାୟକ ହଠାତ୍ ଚମକି ଉଠିଲା, ହସେ ଯେପରି ଝରଣା। ନାୟିକାର ମୁହଁ ଆରକ୍ତ ହୋଇ ଉଠିଲା ଲଜ୍ଜାରେ (ଲଜ୍ଜା ସତରେ ଦେଖିଲା କିପରି?) ସତେ ଯେପରି ଭଇଁ ('ନା ପଦ୍ମ') ଫୁଟିଉଠିଲା ସୂର୍ଯ୍ୟର ପ୍ରଥମ ପ୍ରଣୟର ସ୍ୱପ୍ନମୟ-ତରୁଣ ପଦ୍ମ।

Digitized by srujanika@gmail.com

ଠିକ୍ ସେତିକିବେଳେ ମାଉଲା ଫୁଲକି, ତୁମ୍ଭେ ତୁମ୍ଭକୁ ଦେଖିଲେ, ଅନ୍ଧାର ରାତି ତୁମ୍ଭକୁ ଦେଖିଲା ( ନକ୍ଷତ୍ର ପରି ହୋଇଥିଲା ? ସାଃ ସଂ- ) କଳା ଚମଡ଼ ଉଠି ହସିଲା । କଅଁଳ ଦୁବ ହସିଲା, ଫୁଲ ହସିଲା ।

ହସିଲା

ରଙ୍ଗିନ୍ ବାଷ୍ପ—ଭିତରେ ଖଣ୍ଡ ଖଣ୍ଡ ଇଟା ।

ଶତକୋଟିକୃତ ଅଟ୍ଟାଳିକା ।

ହଠାତ୍ !

ନାୟକ ଉଠିଲା, ସେଇ ଗୋଟିଏ ପାଇପ୍, ଯାହା ତଳ ମହଲାରୁ ଉପର ମହଲା ପର୍ଯ୍ୟନ୍ତ ଉଠିଯାଇଛି, ସିଧା ହୋଇ ଉଠିଛି ଜାହାଜର ମାସ୍ତୁଲ୍ ପରି, ନ୍ୟାୟ ପରି ସତ୍ୟ ପରି, ଅନନ୍ତ ପିତାର ଛଡ଼ି ପରି—

ନାୟକ ଉଠି ସେହି ପାଇପ୍‌କୁ ଯାଇ ଧରିଲା । ତାପରେ ସେଠୁ ମାଡ଼ି ମାଡ଼ି ଛେପା ମାଡ଼ି ମାଡ଼ି ଚଢ଼ିଲା ଉପରକୁ । ତାର ବ୍ୟାଘ୍ରାନପୃଷ୍ଠ ବକ୍ଷ ଯୁଗଳ ଅତ୍ୟନ୍ତ ହୋଇ ଉଠିଥାଏ ଉଲ ପାଇବାର ଲାଳସାରେ ।

ଛେପା ମାଡ଼ି ମାଡ଼ି ନାୟକ ଉଠିଲା । ହଠାତ୍ ଚଢ଼େ ତାପରେ ଅଟକିଯାଇ ଉପରକୁ ଚୁହିଁ,—ମୁହୂର୍ତ୍ତେ,—ତାପରେ ଉଲ୍ଲାସରେ ଅଧୀର ହୋଇ ହୁଙ୍କି ହଲାଇ ପକାଏ ପାଇପ୍‌କୁ । ପୁଣି ଚଢ଼େ ।

ଶେଷରେ ନାୟକ ପହଞ୍ଚିଲା ଝରକା ସିଧା, ତାପରେ ହୋହଲି ହୋହଲି ହାତ ଛାଡ଼ିଦେଇ ଝୁଲିପଡ଼ିଲା ଝରକାର ଚୌକାଠକୁ ।

କାହାର କହୁଣି ଲତାପରି କୋମଳତାକୁ ଧରିପକାଇଲା ତାର ଦୁଇହାତକୁ, ତାପରେ ଟାଣିନେଲା ଉଠାଇନେଲା ସେହି ଭୂମଣ୍ଡଳ ଉଜନ ବ୍ୟାଘ୍ରାନପୃଷ୍ଠ ନାୟକକୁ ।

ସେପଟେ ଅଜ ଯିଏ ହୋଇ ଉଠିଛି, ଉଲ ପାଇବାର ଇଷ୍ଟ—ତଥାପି ଜଣାଗଲେ, ଏଇ ତା'ର ମୁହୂର୍ତ୍ତେ, ଏଇ ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲା । ସେ ଅସୀମର ଅନନ୍ତ ଦରିଆ କୂଳରେ ନୈକତ ଉପରେ, ଜନ୍ମ ଜନ୍ମ ବ୍ୟାପୀ, ସମସ୍ତ କାଳ ବ୍ୟାପୀ, ଆକାଶ ମେଦିନୀ ବ୍ୟାପୀ ତାର ଯୁଗୁଡ଼ ପ୍ରତୀକ୍ଷା ।

ତୁମ୍ଭେ ତୁମ୍ଭକୁ କୁଣ୍ଢାଇ ପକାଇଲେ, ଗାଢ଼ ଆଲିଙ୍ଗନ ପାଶରେ ତୁମ୍ଭେ ବନ୍ଧ, ବନ୍ଧ ଯେପରି ନର୍ମକଳତାର କାଳବେ ହୋଇଣା ବାହୁ, କେତକ—ତାଳରେ କଅଁବୁଦା,......

ହେନ୍ତ ଘନ ଅଶ୍ଳେଷର କବାଟ ପୁଣି ଖୋଲ ହସିଲା ପୁଣି ସମସ୍ତେ ହସିଲେ, ସମୁଦ୍ରର ଢେଉକୁ ଢେଉ ବାଜି ଉଠିଲା କରତାଳି, ଘଣ୍ଟି- ଭକ୍ତ ବାଂଶ ବଣରେ ପବନ ପଶି ଶୁଭିଲା ଯୌବନ-ଆନନ୍ଦର ମୃଦୁ-କୋମଳ ଗ୍ରୀଷ୍ମ- କାଲ୍ମ ଆଳାପ, ନାଚିଲେ ଲହରୀ, ଧାଇଁଲେ ତାରା ।

କ୍ଷେତରେ ଝିଣ୍ଟିକା ନାଚିଲେ । ଗହଳରେ ଗାଈ ନାଚିଲେ । ଗଛରେ ଗିଧ, ସ୍ୱପ୍ନରେ ଭୂତ, ବାଳରେ ଟୋକା, ରାସ୍ତାରେ ହିଂଜଡ଼, ସମସ୍ତେ ନାଚିଲେ । କବର ବୁକୁ କାଟିଲା ।

ତା ପରେ ନାୟକ ଫେରି ଆସିଲା । ସାକ୍ଷରେ ଆଣିଲା ଦୁଇଟା ମୁଣ୍ଡକଣା, ଖଣ୍ଡେ ଛିଣ୍ଡା ଯୋଡ଼ାର ଜାଭ, ଅଙ୍ଗୁଳେ ଭଡ଼ା ଧଡ଼ ଓ ଦୁଇକେଶ ମୁଣ୍ଡ ବାଳ ।

ଏତକ ତାର ସମ୍ବଳ ! କିଏ ଜାଣି ପୁଣି ଦେଖା ହେବ କି ନାହିଁ । ଏଇ ସ୍ୱପ୍ନ ପୁଣି ସ୍ୱପ୍ନ ଦେଖିବ, ସେ ଢାହିଁ ।

ନାୟକ ଗ୍ଳାନିଗଲା । ନ ଯିବା ଗୁହଁ ରହିଲା ଗଭୀର ( ନା— ବାତାୟନ ) ପଥରେ, ଗୁହଁ ଇହିଲା । ତାପରେ ତାର ବକ୍ଷ ଭେଦାରି ଫୁଟି ଉଠିଲା ସକରୁଣ ସବେଦନ ଅଶ୍ରୁ ହାହାକାର ।

ଅହା ! କିନ୍ତୁ ତାର ହୃଦୟ କ୍ରନ୍ଦା !— କ୍ରନ୍ଦା—! ତ୍ୟକ୍ତା । ଠିକ୍ ସେତିକିବେଳେ ହିଦର ଫାଟିଲା ।

ଘଡ଼ି ମେଲଣି ନେଲା ପଟ୍ଟଠାରୁ ଝୁର ୨ ......କେଉଁଥିପାଇଁ ବାହି !

ଏବଂ ସମାଂଶବର୍ତ୍ତି ଉଇକ ଆଳସ୍ୟରୁ (ନା— ଗାଈ ଘୋଡ଼ାଙ୍କୁ, ବେଶୀ ବାଏଲିଷ୍ଟିକ୍ ହେବ) ଭାସି ଆସିଲା ଗର୍ଦ୍ଦଭର ସ୍ୱର ( ଅର୍ଥାତ୍ ଗଧ ବୋବାଳି )

ପୁଣି ପରବର୍ତ୍ତୀ ଘଡ଼ିରେ ନାୟକ ଆସିଲା । କିନ୍ତୁ ଅଜ ସବୁ ଲଗନ କାହିଁକି । କାହିଁକି ଅଜ ଶ୍ମଶାନର ନିସ୍ତବ୍ଧତା ।

ନାୟକ ବାଂଶୀ ବଜାଇଲା । ବୃଥା—ବୃଥା— ନାୟକ ଗୋଟିଏ କବିତା ଆବୃତ୍ତି କଲା ।

ବୃଥା—ବୃଥା—

ତାର କଣ୍ଠସ୍ୱର ବୃଥା—ବୃଥା—ପ୍ରତିଧ୍ୱନି ହୋଇ ଫେରି ଆସିଲା ସେହି ଦ୍ୱିତଳ ପ୍ରାସାଦ- ରେ ବାଜି ।

ଦେଖିଲା, କାହାର ଲିପି ଲଷି ବନ୍ଧାଛି ଝରକା ତଳେ ଗୋଲାପ ଗଛରେ ।

ଝରିତ ହୃଦୟର ସନ୍ତର୍ପଣରେ କଂପିତ ହସ୍ତରେ ନାୟକ ତାକୁ ଧରିଲା, ତା ପରେ ପଢ଼ିଲା ।

"ଅଗୋ ମୁହୂର୍ତ୍ତର ସାଥୀ, ଅଗୋ ବଂଧୁ, ବିଦାୟ, ବିଦାୟ, ବିଦାୟ ।"

ନାୟକର ମସ୍ତିଷ୍କ ଭିତରେ ( ନା ନା— ହୃଦୟ ଭିତରେ ) ସତେ କି ଶତବୃଶ୍ଚିକ ଦଂଶନ କରି ଉଠିଲେ ପରି ! କିନ୍ତୁ ସେ ପଢ଼ିଚାଲେ, "ଅଗୋ ବନ୍ଧୁ, ମୁହୂର୍ତ୍ତର ସ୍ୱପ୍ନ ମୁହୂର୍ତ୍ତରେ ହଜିଛି । ରହିଛି କେବଳ ମୁହୂର୍ତ୍ତର ପୋଡ଼ା ଅଙ୍ଗାରର ସ୍ତୂପ ।"

ଅଜ ମୁଁ ବହୁ ଦୂରରେ । ମୁଁ ତାରାର ନୁହେଁ, ମୁଁ ପରର; ଅନାସ୍ୱାଦ୍ୟ ଅସୀମ କାଳ କରିଛି ମତେ ତାହାର, ଯାହା ମୁଁ ଅଜ ହୋଇଛି ।

ଅଗୋ ବନ୍ଧୁ, ଭୁଲିଯାଅ ଭୁଲିଯାଅ ମୋତେ । ବ୍ୟଥା ଧରନା, ରଅନା ମୋର ମନରେ ବୃଥା ମୋ ଲାଗି ଭାବ ଭାବ ।

ଭାବ, ମୁଁ ତୁମର ରଜନୀ; ରହିଛି ଶାନ୍ତ ଘରେ ।—କେଉଁ ଅସୀମର ଉଦ୍‌ବନ୍ଧ ସେପାର ଶାଶ୍ୱତରେ, ନିଖିଳ ମନୁଷ୍ୟତାର ( ଅର୍ଥାତ୍ ମଣିଷମାନଙ୍କର) ସେ—ଏ-ଏ-ଏ-ଏ ପାଖରେ ।

ବିଦାୟ !"

ହତଭମ୍ବ ହୋଇ କିଂକର୍ତ୍ତବ୍ୟବିମୂଢ଼ ନାୟକ ବସି ପଡ଼ିଲା ।

ଚନ୍ଦ୍ରକୁ ଢାଙ୍କିଲା ମେଘ ।

ଠିକ୍ ସେତିକିବେଳେ ବଣ ଉହାଡ଼ରୁ ଝିଙ୍କାରି ଝିଁ ଝିଁ କରି ଉଠିଲା ଝିଂଗିତ- କଳାର କ୍ଷୀଣ ଅନୁପ୍ରାସ ପରି ।

(୨୦ ପୃଷ୍ଠାରେ ଦେଖନ୍ତୁ ।)

Digitized by srujanika@gmail.com

## କାହିଁକି ?

ଲେ: ଶ୍ରୀ ବଜକିଶୋର ପଟ୍ଟନାୟକ ବି.ଏସ୍ ସି

—ଏକ—

ଏହି ମୋର ଘରର ଅଟଳ ଦେଖିବା କଥା।

ସେ ଜନ୍ମିଛି ଜାତରେ ଭେଉଃ। ତାହାର ରଙ୍ଗ ଫୋଡ଼ାଦାଠ। ମୁଣ୍ଡ କାଳ ଛନ୍ଦ୍ର ଚଳ କଲା। ଦାନ୍ତ ଦ'ପାଟି ପାନ ଖାଇ ବୋଲ ବସି ଯାଇଛି। ଅଜ ମୁହଁକୁ ମନେଇ ସେମିତ ଦାନ୍ତ ଗୁଡ଼ାକ ଅଠ ପଣ କଲା ପଡ଼ ଅଛି- ଲଣି। ସେ ହେଉଛି ବଳଅ—ଭେଣ୍ଡା କେଉଃ ଟୋକା। ସେ ତାହାର ଖବର ନେଇ ଗ୍ଲାନିଛି।

ସେ ପୋଖରୀରେ କାଳ ଅଣ୍ଟାକରୁ ବୁଡ଼ ବୁଡ଼ ମାଛ ଧରେ। ଜଣ ବଢ଼ିଥିବା ବେଳେ ଜାଲରେ ଡଙ୍ଗା ଚଳାଏ। ମାଛ ସାପଙ୍କ ଭିତରେ ସେ ଜାବଜାବ ହୁଏ ଯତ। କିନ୍ତୁ ତାହାର ବ ସେମାନଙ୍କୁ ଡ଼ର। ସେ ତାହାର ଜୀବନକୁ ମୋହ ଭଲ ଭଲ ପାଏ। ସେ ସବୁ ଦୁଃଖ କଷ୍ଟ ସହ୍ୟ ସହ୍ୟ ଗୁଲିଛି। ସେ ଜୀବନ ମୂର୍ଚ୍ଛା କାମ କରେ, ତାହାର ପେଟ ପାଇଁ। କିନ୍ତୁ କେଉଁ ଦିନ ସେ ପେଟ ପୋଷିବା ପାଇଁ କ୍ଷୁମ୍ଭିର ପେଟ ଭିତରକୁ ଯିବା ପାଇଁ ମନ କରୁ ନାହିଁ, କି ସାପର ଫଣା ଉପରେ ପାଦ ଥୋଇବା ପାଇଁ ଚେଷ୍ଟା କରୁ ନାହିଁ।

ସେ ମୋର ପିଲାଦିନର ସାଙ୍ଗ। ଏକାଠି ଆମର ଘର ଅମ ପିଣ୍ଡା ସ୍କୁଲରେ ପଢ଼ୁ- ଥିଲୁ। ସେ ଗଣିତଅ ଭଲ ଜାଣିଥିଲା। ମଗଜ ନ ଅଛିଲା ବେଳେ ସେ ବଡ଼େଇ ହଏ! ଅହ ଅଛି ବଳଅ ଭେଉଃ ହେଲ୍ ଜଲରେ ଜାତ ମାଉ ଶିଖିଛି। ଠିକ୍ ସେଇଠି ମୁଁ ପାଠଶାଠ ସଢ଼ି କାରୁ ପାଲିଟି ଯାଇଛି। ମତେ ସେ ଡାକେ 'ବାବୁ' ବୋଲି। ମୋର ସେଥିକି ଦୁଃଖ ନାହିଁ। କେବେ ସେ ମୋର ସାଙ୍ଗରେ ପଢ଼ୁ- ଥିଲା, ସେଥିକି ମୋର ମନେ ପଡ଼େ ନାହିଁ। ମୁଁ ଭାବେ ସେ ବଳଅ ହୋଇଛି କେବଳ— ତାହାର ଜନ୍ମ ସେଇଥି, ଅଜ ମୋର ଜନ୍ମ ବାବୁର ଜନ୍ମ। ଅମର ଜନ୍ମ ସାଙ୍ଗେ ସାଙ୍ଗେ ଏଠି ଠାକୁରାଣୀ ଗୋଟି ଅଲଗା ଅଲଗା ଭାଗ୍ୟର ମାତ୍ର ଅମକୁ ପଠାଇ ଦେଇଛି।

କେଳଅ ମୂର୍ଖ। ସେ ଅମର ପଢ଼ ପାଠ୍ୟଙ୍କ ଆଗରେ ଚଣ୍ଡ ମୂର୍ଖ। ମୁଁ ବାବା ହେଲିଣି, ମୋର ବାବା ଖାଇବାର ତାହାର ମଧ୍ୟ ବାବାଘର ହୋଇଥିଲା। ସେ ତାହାର ଜ୍ୟେଷ୍ଠ ବାବାଘର କଲା—ମୋତେ ସେଥିକି ଡାକ ନାହିଁ। ମୁଁ ମୋର ବାବାଘରକୁ ତାହାକୁ ଖାଇବାକୁ ଡ଼ାକିଥିଲି। ସେ ଆସି ଚଳେ ପତର ପକାଇ ତାହାର ବାବୁର ବାବାଘର ଭୋଜି ଭାତ ଖାଇ ଯାଇଛି। କେବେ ମୋର ସାଙ୍ଗରେ ପଢ଼ୁଥିଲା ସେକଥା ସେ ବୋଧହୁଏ ସ୍ମରଣ ନାହିଁ। ମୁଁ ତାହାକୁ ମୁଠାଏ ଭାତ ଦେଇଥିଲି, ସେଥିରେ ସେ କୃତକୃତ୍ୟ। ଅଜ ମତେ ସେ ଡାକେନାହିଁ।

ମୁଁ ସେଥିରେ ଖୁସି। ମୋର ସାଙ୍ଗରେ ସେ କେବେ ପାଠ ପଢ଼ୁଥିଲା, ଏକଥା ମୁଁ ଭୁଲି ଗଲିଣି।

—ଦୁଇ—

ମୁଁ ବାବା ହେଇଛି। ସୁନ୍ଦର ସ୍ତ୍ରୀ, ପାଠୋଇ ସ୍ତ୍ରୀ। ଭଲ ବ୍ୟଞ୍ଜନ, ଭଲ ଘରଭ। ସଙ୍ଗୁଣା ଶିଖିଛି, ସେଲନ ଜାଣିଛି; ଫାଲଲାଦି ଜାଣେ, ଅଜ ଅଛି କାଚ ମଧ୍ୟ ହେକକାଳ ବୁଣି ଚାରେଇ ଜାଣେ। ମୋର ହେଉଅ ବୋଧହୁଏ ମନର ଅଦର୍ଶ। ତାହାର ସାଙ୍ଗରେ ସେ ମେଳ ଖାଉଥିଲା।

ଅଜ ଅମେ ଗୃହୀଲୁ ଅମର ଶଳ୍ପର ସ୍ନେହ ଡ଼ୋର ଟାଣି ଟାଣି। ସ୍ତ୍ରୀର ରୂପ ଯେମିତ ନ ମଉଳିବ, ସେଥିପାଇଁ କେତେ ହେପାଜତ କରେ। ତାହାର ଯୌବନ କାଳେ ଯାହିଁକି ଗଲା, ସେଥିପାଇଁ ପ୍ରତି ଋତୁ ମାସରେ ମୋଦକ ଖାଇବା ତାହାକୁ ଖାଇବା ପାଇଁ ହଏ। ତାହାର ଦେହରେ ସୁନା ଗହଣା ଲଦି ଦେଇଛି। ତାହାର ସୁନ୍ଦର ପଣିଆ ଚଢ଼ିବ ବୋଲି ଭଲ ଲୁଗା ତାହାର ପାଇଁ ଖଞ୍ଜି ଦେଇଛି। ହିଁ— ସେ ଭଲ ଭାବରେ ଏଠି କେଶ୍ରି ଜାଣିବ ମନକୁ ବୃତଙ୍କ ଭଲ କଥା କହି ପାରିବ ବୋଲି, ତାହାର ପାଇଁ କେତେ ବହି ପତ୍ର ମଧ୍ୟ କିଣି ଅଣେ।

ସେଇସବୁ ସୁଖ ଅଜ ସାଚ୍ଛନ୍ଦ୍ୟ ଭିତରେ ମୁଁ ମାଳକୁ ଭଲ ପାଉଥିଲି। ମୋର ସ୍ତ୍ରୀ ର ନାମ 'ମାଳ।' ସେ ମତେ ଭଲ ପାଉଥିଲା। ଅମେ ବୁଝିଥିଲୁ, ଜଣେ ଜଣକୁ ଭଲ ପାଉ। ତାହାର ଦେହକୁ ଅଜ ମନକୁ।

ମାଳ ମୋର ସୁବିଧାକୁ ଦେଖେ। ମୋର ଦେହ କେମିତ ଭଲ ରହିବ, ସେଥିକି ଯତ୍ନ ନିଏ। ମୋତେ ଭଲରେ ରଖିବା ପାଇଁ ଚେଷ୍ଟା କରେ। ମୋର ଅର୍ଜନ ଭିତରେ ଅଭୋବ। ଅମେ କେମିତ କେମିତ ଗୃହୀଥିଲୁ। ଅମର ସୁଖକୁ ଦେଖି ସନ୍ଧ ହୁଏ।

—ତିନି—

ଅଜ ବଳଅ ତାହାର ସ୍ତ୍ରୀ ସୁନେଇ। ବଳଅ ମୁଣ୍ଡର କାଳକୁ ବାସନା ତେଲ ଦେଇ କୁଣ୍ଡାଏ ନାହିଁ। ସୁନେଇ ସେମିତ ନୂଆ ହୋଇଥାଏ। ତାହାର ମୁଣ୍ଡକୁ ବର୍ଷକୁ ବାର ଥର ହୁଏତ ଗଜା ତେଲ ବି ଖଆରେ ଯାଏ ନାହିଁ। ତାହାର ମୁହଁପୋଛ ଲୁଗୁଣ। ଅଜ ବଳଅ ମୁଣ୍ଡପାଛ ଭିଡି।

ବଳଅର ଅଣ୍ଟା ଓ ପିଠି ଯାଦୁରେ ଗ୍ରୁଲ ହେଉଛି। ସେ ହଳଯାକ ଗପରୁ ସପର ହେଉ- ଥାଏ। ଯେତିକି ଦେଉ ଦେଉ ସହୁ ଯାଉ ଅଧିକରୁ ଅଧିକ ଶକ୍ତ ହେଉଛି। ନାଇଁ ଯ ମିଳେଇ ଯାଉଥିଲେ ଯେମିତ ଧଳା ହୁଏ, ଠିକ୍ ସେମିତ।

ବଳଅ ଚପେରେ— ସୁନେଇ ତୋରାଣୀ ବାଢ଼ି ଦିଏ। ତାଳର ପରେ ସେଥିରେ ବଳ ଲଗେ। ଭାତ ନଥାଏ ହାଣ୍ଡିରେ। ସୁନେଇ ଭାର ପେଟ ଜାଳୁଥି। ଖଳେ ଗାଲ ଯାଏ ବେଳେ। ବଳଅ ଭଳ କରେ! ବେଳେ ଦହନ୍ତି ହେଲେ ସୁନେଇ ପିଠି ବେତକୁ ଦ'ଟା କଷି ଦଏ।

ସୁନେଇ ବା'ଧ ? ଦଦ୍ଧତ ଅଛେ, ଅମର ସରକୁ। ମାଳ ତାହାକୁ ପଚାରେ ? ପଷ୍ଟରେ, ବ ହୁଁ କ ସେ ବାହେଇଲ—ବଳିଅଃ। ହେଲିଲ

ସେଇଟା ହାଏ ? ସ୍ୱପ୍ନରେ ତାହାର ବଡ଼ପୁଅଟିକୁ ଲକ୍ଷ କରି ଭଗବାନ ଶୁଣାଏ । ମାନ ହସେ—ମାନ କହେ, 'ସେ ସ୍ତ୍ରୀହାର ମଣିଷ ନୁହନ୍ତି । ତାଙ୍କର ଭିତରେ ମଣିଷ ପଶିଥ ନାହିଁ ।'

ମୁଁ ଭାବେ—ସେଇଆ ହୋଇଥିବ । ତାଙ୍କେ ଭୋଠାଭରେ ଖାଲି ମଣିଷ ପଶିଅ ରହିଥିବ । କିଏ ଜାଣେ ?

—ଚାରି—

ମୋର ଯୋଡ଼ିଏ ପିଲା—ପୁଅଟିଏ ଝିଅଟିଏ । ଅମେ ସଂସାରକୁ କେବେ ଏତିକି କରିଛୁ । ଅଳ୍ପ ଅଧିକା ଗୁଡ଼ିଏ ପିଲା ହେଲେ ସେମାନଙ୍କର ଯତ୍ନ ନେଇ ହବ ନାହିଁ ବୋଲି । ଅଭ ବଳଅର ପାଣେଟ । ତାହାଙ୍କୁ ଭାତ ଅଣ୍ଟେ ନାହିଁ । ସେମାନେ ଓଳିଏ ଖାଆନ୍ତି—ଅଉ ଓଳି ଉପାସ ରହନ୍ତି । କେବେ ଆମର ଘର ଆଡ଼େ ଆସି ଅଇଁଠା ମୁଠାଏ ଖାଇଯାନ୍ତି । ସେଇ ପିଲାଗୁଡ଼ିକ କେଡ଼େ ସୁନ୍ଦର ହୋଇଛନ୍ତି, ବେଶ୍ ମୋଟା ମୋଟା ।

ମୋର ଦୁଇଟି ପିଲା, ଏତେ ଔଷଧ ଖାଇ ଏତେ ଯତ୍ନରେ ବଢ଼ି ନ ଅଛିଆ ହେଉଛନ୍ତି । ଆଜି କାଲି ନଷ୍ଟ ଯୁବକଙ୍କର ପିଲାମାନେ ଏମିତି ବଳୁଆ ହେଲେ କେମିତି । ମୋର ସ୍ତ୍ରୀ ସବୁ ଦିନ କହେ, ଦେଖ୍ ନାହିଁ—ଏହି ଶ୍ରୀହାର କେମିତି ଭଲ ପରି ହେଲେଣି । ଆଜ ଆମରି ପିଲାମାନେ କ'ଣ ହେଉଛନ୍ତି । 'ଦେହରେ ଟିକିଏ ବି ଲାଗୁନାହିଁ ।

ଉନ୍ନିବର ଭାତ, ଅଧାରିଆ କୁଡ଼ିଆ, ପାଣି କାକୁଅ ମଇଳା ଚିରା ଲେଙ୍ଗୁଡ଼ା ସେମାନଙ୍କ ଦେହରେ ଯେଉଁ ବଳ ଦେଉଥିଲା, ମୋରି ଘରର ସବୁ ଘିଅଭାତ, ଆଲୁଅ, ପବନ, ସାଲିସା ମିଶି ତାହାର ଭଗ୍ନାଂଶ ବି ଦେଇନାହିଁ ।

ମୋର ବଳୁଆ ଉପରେ ହିଂସା ହୁଏ । ମାନ ସ୍ୱଦେଶ ଜଗତରେ ରହିବା ଖଟିବାର ହୁଏ । ତାହାର ବଡ଼ପୁଅ ମାଛ ଧରି ଶିଖିଲାଣି । ଗେଣ୍ଡିଆ ସ୍କୁଲରେ ଆଜ୍ଞାଙ୍କ ପେଲ ଜାଣିଲାଣି । ଆଉ ଅମର ବଡ଼ପୁଅ – ଦିନକୁଦିନ ବେଗଣା ଓ ଦୁର୍ବଳ ହୋଇ ଯାଉଛି ।

—ପାଞ୍ଚ—

ଦଶକର—ମୋର ବାହାଘରର ତେର ବର୍ଷ ପରେ, ଅଜ୍ ମୋର ଗୃହାଇ ପାଠର ତରଣ ବର୍ଷ ପରେ । ବଳୁଆକୁ ଡାକିଲି ଘରକୁ । ଗୋଟିଏ ମସିଣାରେ ବସିଥିଲି । ତାହାକୁ ସେଥିରେ ପାଖରେ ବସିବାକୁ କହିଲି । ସେ ଶଙ୍କି ଶଙ୍କି ହେଲା ।

ତାହାର ଡର ଭାଙ୍ଗି କହିଲି 'ତରେ ବଳୁଅ, ଏକାଠି ପାଠ ପଢ଼ିଥିଲେ ଅବଧାନ ପାଖରେ । ମନେ ଅଛି? ସେ ଡର ଡର କହିଲା ହିଁ ବାବୁ, ସେତେବେଳେ ପିଲାଟିଏ ମାନେ ହୋଇଥିଲେ । ଅମ ଟାଙ୍ଗରଅ ଲେଖା । ତାହାର ପୁଅଟିଏ ଛ'ବରଷର, ତାହାର ନାଁ ବାଙ୍ଗରଅ । ବଳୁଅ ବୁଝେ, ଦେ କେଉଁଠ ଅଜ୍ ମୁଁ ବାବୁ ପିଲା, ଏଥିଭିତରେ ବାବୁ ହେଇଛି ।

ତାହାର କଥା ସରୁଥିଲା । କହେ କମିତ ଲାଗୁଛି ପିଲା ପିଲ, ପୁଅ ମାଇପ, ଘର ସଂସାର ସବୁ । ସେ ହସି ଉପରକୁ ହାତ ଯୋଡ଼ି କହିଲା 'ଠାକୁରଙ୍କ ଖେଳ ବାବୁ—ଅମର ହାତରେ କଣ ଅଛି ?' ଅମ ବାଙ୍ଗରଅ ବୋଉ ଅଛାଟିଏ ଏକା । ତାହାଧି ପାଇଁ ମୋର କିଛି ଚିନ୍ତା ହେଉ ନାହିଁ ।...ଯାହେଉ ଟି ପିଲା—ଅଜ୍ ଯାଉ ଭାତ ମୁଠାଏ ହେଉଛି । କୋହିଏ ତନ ଟଙ୍କା ପୋତା ଟୋକରେ ଉଣିଛି—ଭଲ ମନ୍ଦ ପାଇଁ ।...'

ସେ କହି ଯାଉଥିଲା—ମୁଁ ଭାଙ୍ଗିଦେଇ ପଚାରିଲି 'ତୋର ଅସୁବିଧା କିଛି ହୁଏ ?—ହେଉଛି ?' ସେ ଭାବିଲା, ଭାବିଲା ପରି ହୋଇ କହିଲା 'ନା—କିଛି ନାହିଁ—ସବୁ ଚଳି ଯାଉଛି ତ'

—ଛ—

ଅହ ମୁଁ ? ଜୀବ ଜୀବନ ଭିତରେ ମୋର ସ୍ତ୍ରୀଠାରୁ କଣ ଦୁଃଖ ଅଧିକ ହୋଇଥିଲା । ଯାହା ମୁଁ 'ମାନ' ଠାରୁ ଆଶା କରୁଥିଲି ଅଳ ଦାବୀ କରୁଥିଲି, ତାହା ପାଇ ନଥିଲି । ସେ ବି ମନେ ମନେ ଲଜ୍ଜିତ ହୋଇ ଅଛିଥିଲା, କିନ୍ତୁ ମୁହଁ ଖୋଲି କହେନାହିଁ—ସେ ତାହାର ଦୁଃଖ ବସ୍ତୁତ ହେଲାଣି ବୋଲି କହେ । ମୁଁ ବି ସେମିତି ଜ୍ୱର କଷ୍ଟରେ ଥାଏ ବୋଲି ମନେ କରେଁ । ଏକାଠି ମିଶି ତାହାହେଲେ, କ'ଣ ଅମେ ଦୁଃଖୀ ?

ସେଇଠି ବଳୁଅ—ସେ କିଛି ନଜାଣି, ଏହି ଦେହ, ଏହି ମନରେ କେମିତି ସୁଖ ପାଉଥିଲା, କିଏ ଜାଣେ ? ତାହାର ସୁଖ ଅପରେ, ମୋର ଧନ ଦଉଲତ କିଛି ନୁହେଁ । ସେ ସୁନେଇକୁ ଲୁଅଡ଼େ ଭଲପାଉଥିଲା ବୋଲି କହେ ତ । ତାହାର ଫଳରେ ତାଙ୍କର ପିଲା । ଭାଙ୍ଗର ପ୍ରେମର ପୁରସ୍କାର ।

କିନ୍ତୁ ସେହି ପ୍ରେମ କଣ ? ବଳୁଅ ବୁଝେନାହିଁ – ସୁନେଇ ଜାଣେନାହିଁ । ତଥାପି ସେମାନେ ଖୁସିରେ ଥିଲେ ।

ଅଜ୍ ଅମେ—ମୁଁ ଅଉ ମାନ । ସବୁକଥା ଜାଣି, ସବୁ କଥା ବୁଝି ସୁଖପାଇଁ ବାଇ ହୋଇ ଏମିତି ଅଶାନ୍ତିରେ ସଢ଼ି ମରୁଛୁ କାହିଁକି ?—

ଅମର ଏତେ ବୁଦ୍ଧି, ଅମକୁ ଟିକିଏ ଅନନ୍ଦ ଦେଇପାରୁ ନଥିଲା କଣ ପାଇଁ ?

---

ଶ୍ରୀମାନ ଯୁଗଳ ଚରଣ ଦାସଙ୍କର

ନବ ଯୁଗର ନୂତନ ଅବଦାନ

'ଛାତ୍ର-ସାଥୀ'

ଶୀଘ୍ର ବାହାରୁଛି

ପ୍ରକାଶକ—

ଅଗ୍ରଦୂତ ସାହିତ୍ୟ ସଂସଦ

Digitized by srujanika@gmail.com



ଜେଭ୍ଟ—ନରେନ, ପ୍ରଫେସର ବାବୁଙ୍କୁ ତୁ କୁଆଡ଼େ ସବୁ ବେଳେ କହୁଥାଉ ବୋଲି ଟ୫୯ ଫାଇନ ଦେଇଛ ?

ନରେନ—ମିଛ କଥା, ମୁଁ କେବେ ପ୍ରଫେସର ଦାସଙ୍କୁ 'ଗଧ' କହିନାହିଁ । ଗଧଟାକୁ ଦେଖି କହୁଥିଲି '୪ ପ୍ରଫେସର ଦାସ ଚରୈଛା ଧଣ୍ଡ ।'

\+ + +

ଭବୀ ଶ୍ୱଶୁର—ଅଚ୍ଛା, ତୁମେ ଯେ ମୋ ଝିଅକୁ ବିଭା ହେବା ପାଇଁ ଚାହୁଁଛ, ତମର କେତେ ଟଙ୍କା ଜମା ଅଛି ?

ଭବୀ ଜ୍ୱାଇଁ—ଅଜ୍ଞା ୫୦୦୦

ଭ—ଶ୍ୱ—ତେବେ ତ ଭଲ; ମୁଁ ବି ଝିଅ ନାଁରେ ୫୦୦୦ ରଖିଛି; ସବୁ ମିଶି ମୋଟରେ ଦ......

ଭ—ଜ—ଅଜ୍ଞା, ମୁଁ ସେଇ ଟଙ୍କାଟାକୁ ମିଶେଇ କହୁଥିଲି ନା !

\+ × +

ପ୍ରଫେସର—ଅଚ୍ଛା ନାନ୍ତୁ, ତୁ ଯଦ ଅବିଷ୍କାର କରି ପାରନ୍ତୁ ତ ଅଗେ କଣ ଅବିଷ୍କାର କରନ୍ତୁ ?

ନାନ୍ତୁ—ଏପରି ଗୋଟିଏ ଯନ୍ତ୍ର ଅବିଷ୍କାର କରନ୍ତି ଯାହାର ବଟନ୍ ଟିପିବା ମାତ୍ରେ ସବୁ ପାଠ ପଢ଼ା ହୋଇ ଯାଆନ୍ତା ।

ପ୍ର—ତୁ ତେବେ ଭାରି ଅଳସୁଆ । ଅଚ୍ଛା ନବୀନ ତୁ ବ ଭାରି ପରିଶ୍ରମୀ—ତୁ କଣ ଅବିଷ୍କାର କରନ୍ତୁ ?

ନବୀନ—ମୁଁ ମୁଁ—ଅଜ୍ଞା ଏପରି ଯନ୍ତ୍ର କରନ୍ତି ଯେପରି ନାନ୍ତୁର ଯନ୍ତ୍ରର ବଟନଟାକୁ ହାତ ଦେଇ ଟିପିବାକୁ ପଡ଼ନ୍ତା ନାହିଁ ।

\+ + ×

ହରି—କମାଣ ଓ ବନ୍ଧୁକ ଭିତରେ ତଫାତ୍ କଣ ?

ନଧି—ବେଶି କିଛି ନୁହେଁ—ତୋ ବାପ ଓ ମୋ ବାପର ତୁଣ୍ଡ ଭାବରେ ଯେତିକି ।

× + +

ଚୌଧୁରୀ ବଜାରର ଗୋଟାଏ ଦୋକାନରେ ଲେଖାଥିଲା—'ଏଠାରେ ଛୁଞ୍ଚ ଠାରୁ ମଟରକାର ଯାଏଁ ସବୁ ପଦାର୍ଥ ସସ୍ତାରେ ମିଳେ ।' ଜଣେ ଗ୍ରାହକ ଯାଇ ମାଗିଲା, 'ଗୋଟାଏ ମଟରକାର ଦେଇ ପାରିବ ?' ଦୋକାନୀ ଗୋଟାଏ ଖେଳନା ମଟରଗାଡ଼ି ଦେଇ କହିଲା—ଛ'ଅଣା ।

\+ × ×

ହର—ପଞ୍ଚ ଏ ଗାଈଟେ ଏକାଠି ଥିଲେ କେବେ ତୁମେ ଦୁଅନ୍ତି ଦେଖିଛ ?

ମନ୍ତ—ହିଁ—ସେତେବେଳେ ପଞ୍ଚ ଯାଏ, ତାଙ୍କ ଭିତରେ ସବୁଠୁଁ ବଡ଼ୁଆ ବେଶି କାହାର ।

\+ × +

ଡ଼ାଃମିଶ୍ର—ବନ୍ଧୁ, ତମର ଯନ୍ତ୍ରା କେମିତି ହେଉଛି ତ ?

ସୁଧୁ—ନାହିଁତ—ଏ କଥା କାହିଁକି ପଚାରୁଛ ?

ଡ଼ାଃମିଶ୍ର—କଣଜ, ମୁଁ ଯକ୍ଷ୍ମାର ଗୋଟାଏ ଭଲ ଦରବର ଅବିଷ୍କାର କରିଛି । ତମ ପରି ଜଣେ ପ୍ରିୟ ବନ୍ଧୁର କିଛି ସେବା କରିବାର ମନ ଥିଲା ।

\+ + +

ବେଦ୍ୟାଙ୍କୁ ବାବୁ ଘଡ଼ ଅଧରେ ଘରେ ପ୍ରବେଶ କରି କହିଲେ 'ଓଃ ଘର ଠାରୁ ଶାନ୍ତିର ସ୍ଥାନ ଅଉ କେଉଁଠି ନାହିଁ ।'

ସ୍ତ୍ରୀ—ଅଜି ସେଠି କିଛି କଳି କଜିଆ ହେଇଥିଲା ?

\+ + +

ବେଗୀ—ଆପଣ ମୋର ଯେଉଁ ଉପକାର କଲେ, ତାହା ଏ ଜନ୍ମରେ କେବେ ଭୁଲିବି ନାହିଁ ।

ଡ଼କ୍ଟର—କାହିଁକି ସେତେ ଅଳ୍ପ ସମୟ । ମୋଟ, ଅଥବା ନଗଦ ଟଙ୍କା ଦିଅ ।

\+ × ×

ଦତ୍ତ—ପ୍ରିୟେ, ତୁମେ ଯେ କୁକୁରଟାକୁ କେବଳ ବାଘ ମନେଇଁ ପାଳୁଛ ନାହିଁ ।

ସ୍ତ୍ରୀ—କାହିଁକି ନାଥ, ସେଥିପାଇଁ ରଖି ପାରିଲେ କଷ୍ଟ ପାଉଛ । ପହିଲୁ ତୁମ ସଙ୍ଗରେ ବ ସେହିପରି କଷ୍ଟ ପାଇବାକୁ ହୋଇଥିଲା ଯେ!

\+ + +

ସ୍ୱାମୀ—ସବୁ ଜାଗାରୁ ଠାଏଁ ମଇଁଷା ମାଗିଥିଲି ଯେ, ଅଜି ସେବେଳ ଦେବ ବେଳକୁ ଯେ ମୁହିଁଟା ଚଟି ଭଳି ଭଳି କଲା—କୁହନା ।

ସ୍ତ୍ରୀ—କାହିଁକି ମ ?

ସ୍ୱାମୀ—ମଇଁଷା କଣସ ହୋଇ ଯାଇଛି ଯେ

ସ୍ତ୍ରୀ—ତେବେ ସେପରି ଜାଲଣ ଅଉ ତାଠାରୁ ମାଗିଥିବ ନାହିଁ । ଏଥର ଦାମ ପଛାକୁ ଠାଏଁ ଅଣିବ ।

\+ + +

ଓକିଲ—(ଅସାମିକୁ) ତାହାହେଲେ ତୁ ମାନୁଛୁ ଯେ ମୃତଲୋକକୁ ତୁ ହାତରେ ମାରିଲୁ ।

ଅସାମୀ—ଅଚ୍ଛା ଲୋକତ ! ଏତେଥର ପରି କହିଲି ମୁଁ ତାକୁ ଠେଙ୍ଗାରେ ମାରିଲି; ମୋ ହାତରେ ଅଉ କିଛି ନଥିଲା ।

ଓକିଲ—ଓଃ, ମୋ କଥା ବୁଝିଲୁ ନାହିଁ । ମୁଁ ପଚାରୁଛି ତୁ ତାକୁ ସ୍ୱଇଚ୍ଛାରେ ମାରିଲୁ ।

ଅସାମୀ—ଭଲ କଥା ! ମୁଁ କାହିଁକି ସ୍ୱଦେଶରେ ତାକୁ ମାରିବି । ତାହାର ଗାଁରେ, ତାହାରି ଘରେ ମାରିଲି ।




୧। ଓଲନ୍ଦା ଭ୍ରମଣର ଦେଶ ନାମ ଅଟେ ଦ୍ବୀପରେ ଚଢ଼ିଥିଲେ, ଦେଶର ଠିକଣା ଜାଣି ନ ଥିଲେ। ଏବେ ଯଦି ଭୂଗୋଳରେ ସେ ଦେଶର ଠିକଣା ଦେଖନ୍ତି—ସେ ଦେଶ ହେଉଛି ଅଷ୍ଟ୍ରେଲିଆ। ୧୬୦୬ ପ୍ରାୟ ବର୍ଷ ଓଲନ୍ଦା। ସେ ଦେଶର ରାଜହଂସମାନଙ୍କର ରଙ୍ଗ ଧଳା ନୁହେଁ—କଳା, ସେଠି ଏକ ପ୍ରକାର ମାଛ ଅଛନ୍ତି—ସେମାନେ ଆମ ଦେଶର କଣ୍ଢେଇ ମାଛ ପରି, ଡେଣା ସାହାଯ୍ୟରେ ଗଛ ଚଢ଼ି ପାରନ୍ତି। ସେଠାରେ ଅଧିକାଂଶ ପକ୍ଷୀ ଗୀତ ଗାଇ ଥାନ୍ତି—କଳରବ କରନ୍ତି ନାହିଁ, ସେଠାରେ ଫୁଲର ବାସ ନାହିଁ, ଗଛର ପତ୍ର ଝଡ଼ି ପଡ଼େ ନାହିଁ—ଗଛର ବକଳା ଖସିପଡ଼େ।

ମଣିଷମାନେ ଯଦି ପାଦରେ ନ ଚାଲି ମଥାରେ ଚାଲନ୍ତେ ତା ହେଲେ ଷୋଳ-କଳା ପୂର୍ଣ୍ଣ ହୋଇଥାନ୍ତା !

---

୨। ଔଷଧ ଓ ଅସ୍ତ୍ର ପ୍ରୟୋଗ ଦ୍ବାରା ଚିକିତ୍ସା ଏହି ଦୁନିଆରେ ଯୁଗାନ୍ତର ନ ଆଣି ଛାଡ଼ିବେ ନାହିଁ। ଗତ ୧୯୩୭ ବର୍ଷର ହିସାବରୁ ଦେଖାଯାଉଛି ଯେ ଲଣ୍ଡନ ହାସପାତାଳରେ ୫୦ ଜଣ ପୁରୁଷଙ୍କୁ ନାରୀ ଓ ନାରୀଙ୍କୁ ପୁରୁଷ କରି ଛାଡ଼ିଦିଆ ହୋଇଛି।

ଏହାକୁ କହନ୍ତି—ଖୋଦାଙ୍କ ଉପରେ ଖୋଦକାରୀ !

---

୩। ଫତେ ଗଡ଼ରେ ଯମୁନା ନଈରେ ଥରେ ଗୋଟିଏ ମଇଁଷି ଭାସି ଯାଉ ଥିବାର ଦେଖି କେନାଲ ଅଫିସର ତାହା ଉପରକୁ ଉଠାଇ ନେଲେ। କିନ୍ତୁ ଦେଖାଗଲା ସେହି ମୃତ ମଇଁଷିର ପେଟ ସିଲାଇକରା ହୋଇଛି। ଏହାଦ୍ବାରା ତାଙ୍କ ମନରେ ସନ୍ଦେହର ଉଦୟ ହେଲା ଏବଂ ସେ ସେହି ସିଲାଇ ଖୋଲିଲେ। ତାପରେ ସେ ପେଟ ଭିତରୁ ବାହାର ହେଲା ଗୋଟିଏ ମଣିଷର ଛିନ୍ନ ମସ୍ତକ ମୃତ ଦେହ !

ଖୁନ କରି ଲାସ ଗୋପନ କରିବାର ପନ୍ଥାଟା ଅଭିନବ କିନ୍ତୁ !

---

୪। ଲଣ୍ଡନର ଚିଡ଼ିଆଖାନାରେ ଗୋଟିଏ ସିଂହ ଅଛି। ସେହି ପଶୁ ଶାଳାରେ ମେହେନ୍ତରର ପ୍ରତିଦିନ ଝାଡ଼ୁ ଦେଇଯାଏ। କିନ୍ତୁ ସିଂହର ତା ପସନ୍ଦ ହୁଏନାହିଁ। ସେ ଗୁହେଁ ଅଳିଆର ସଫା ସୁତୁରି-ପରିଷ୍କାର। କିନ୍ତୁ, ତାର ଇଚ୍ଛା ନାହିଁ ମନର ଭାବ ବ୍ୟକ୍ତ କରିବା ପାଇଁ, ପ୍ରତିବାଦ ନାହିଁ ହୁକୁମ ତାମିଲ କରିବା ପାଇଁ। ମେହେନ୍ତର ଘର ପରିଷ୍କାର କରି ସାରି ଝାଡ଼ୁଟି ଚିଡ଼ିଆଖାନାର ଗୋଟିଏ କଣରେ ରଖି ଚାଲିଯାଏ—ସିଂହ ସେଇ ଝାଡ଼ୁଟି ପାଟିରେ କାମୁଡ଼ି ଧରି ନିଜେ ସେ ଘର ପୁଣି ପରିଷ୍କାର କରେ।

ଅଛି ଅଦ୍ଭୁତ ଖିଆଲ !

---

୫। କଷ୍ଟାରିକାରେ ଏକ ପ୍ରକାର ଜକ୍‌ଜକିଆ ପୋକ ଅଛନ୍ତି। ସେ ପୋକର ଆଲୁଅରେ ଅନାୟାସରେ ରାତିରେ ବହି ପଢ଼ାଯାଏ। ଅନେକ ଲୋକଙ୍କ ଘରେ ରାତିରେ ଆଲୁଅ ନ ଜାଳି ଏହି ଜକ୍‌ଜକିଆ ପୋକ ଦ୍ୱାରା ସମସ୍ତ କାର୍ଯ୍ୟ କରି ନିଅନ୍ତି।

ଗରିବଙ୍କ ପକ୍ଷରେ ସୁନା !

---

୬। ମଧ୍ୟ ଭାରତରେ ଏକ ପ୍ରକାର ଗଛ ଅଛି ତା ନାଁ ବିଦ୍ୟୁତ୍ ଗଛ। ଏ ଗଛର ପତ୍ର ସବୁରେ ବିଦ୍ୟୁତ୍—ପ୍ରବାହ ବିଦ୍ୟମାନ। ୨୦ ଫୁଟ ଅବସ୍ଥିତ ଚୁମ୍ବକ ଏହି ବିଦ୍ୟୁତ୍ ପ୍ରବାହ ଦ୍ବାରା ଆନ୍ଦୋଳିତ ହୁଏ। ଦିପହରରେ ଏହି ପତ୍ର ଗୁଡ଼ିକର ବିଦ୍ୟୁତ୍-ପ୍ରବାହ ଖୁବ୍ ବେଶୀ ଥାଏ, ମଧ୍ୟ ରାତିରେ ଖୁବ୍ କମ। ବର୍ଷା ହେଲେ ଏ ଶକ୍ତି ଲୋପପାଏ। କୌଣସି ପକ୍ଷୀ ବା କୀଟ ପତଙ୍ଗ ଏହି ଗଛର ସୀମାକୁ ଆସି ପାରନ୍ତି ନାହିଁ।

---

୭। ସ୍ୱାମୀମାନେ କନ୍ୟା ପସନ୍ଦ କରନ୍ତି ରୂପ କିମ୍ବା ମୁଖ ଦେଖି ନୁହେଁ,—ମୁକ୍ତା ପରି ଦାନ୍ତ ଦେଖି। ହସିଲେ ବା କଥା କହିଲେ ମୁକ୍ତା ପରି ଦାନ୍ତ ଦେଖାଯାଏ କି ନା ତାହା ଉପରେ ବେଶୀ ଲକ୍ଷ କରନ୍ତି।

ଅନ୍ୟ ଦେଶର କାଳୀ ଝିଅଙ୍କ ପକ୍ଷରେ ଉପାୟ !

---

୮। କେନୋସ୍ୱାରେ ଆଇନ ଅଛି ସାଧାରଣ ପ୍ରକାଶ୍ୟ ସ୍ଥାନରେ ନର ନାରୀ ଚୁମ୍ବନ ବିନିମୟ କଲେ ସେମାନେ ଜେଲ ଯିବେ। ଅଳ୍ପ ଦିନ ତଳେ ଦୁଇ ଯୋଡ଼ା ପ୍ରଣୟୀ ପ୍ରଣୟିନୀ ବାହାରେ ଅଧରସୁଧା ପାନ କରୁଥିଲେ ବୋଲି ବିଚାରରେ ସେମାନଙ୍କର ଚାରି ମାସ ଜେଲ ଦଣ୍ଡ ହୁକୁମ ହୋଇଛି।

ଚମତ୍କାର ଆଇନ !

---

୯। ଚୀନାମାନେ ସବୁଠାରୁ ବେଶୀ ଗୁଡ଼ି ଉଡ଼ାନ୍ତି। କେତେକ ଜାହାଜ ସହରରେ ଗୁଡ଼ି ଉଡ଼ାଇବାକୁ ମନା ହୋଇଛି, କାରଣ ଏହା ଦ୍ବାରା ଉଡ଼ା ଜାହାଜ ଚଳାଇବାକୁ ଅସୁବିଧା ହୁଏ। ଏହି ଗୁଡ଼ି ସର୍ବ ପ୍ରଥମେ ଚୀନରେ ଆବିଷ୍କାର ହେଲା। ସେମାନଙ୍କର ଗୁଡ଼ି ଚାରି ମାଇଲରୁ ନଅ ମାଇଲ ପର୍ଯ୍ୟନ୍ତ ଉପରକୁ ଉଠେ।

---

୧୦। ଏସିଆର ପୂର୍ବ ଅଞ୍ଚଳରେ 'କୃଷ୍ଣ-ସାଗର' ନାମକ ହରିଣ ଅଛନ୍ତି। ସେମାନେ ଜୀବନରେ କେବେ ହେଲେ ତୃଷ୍ଣା ବୋଧ କରନ୍ତି ନାହିଁ। କିନ୍ତୁ ପେରୁ ଗୋଲିଭିଆରେ 'ଲାମା' ନାମକ ଏକ ପ୍ରକାର ଛେଳି ଅଛନ୍ତି, ସେମାନଙ୍କୁ ଘଡ଼ିଏ ଦେଲେ ଶେଷ ଲାଗେ।

ଏକବାର ବିପରୀତ !

Digitized by srujanika@gmail.com



# ଭବିଷ୍ୟ ଭାରତ

ଦହିଁପାନ ବିରଚିତ

ଅଦ୍ଭୁତ ସେ ରୂପ ଦେଖି ସର୍ବେ ଚମକିତ,
ନନ୍ଦୀ ପାଖି ପଶିବାକୁ କାହାର ସାହସ
ନ କୁଳାନ୍ତେ, ଜଣେ କେହି ଗୋଟି ସୂକ୍ଷ୍ମବୁଦ୍ଧି
ଆଣିଲା ଭୁବନେ ଯାଇ ଲମ୍ବ ଲମ୍ବ ଶଙ୍କୁ;
ସେ ଶଙ୍କୁରେ ଫାଶ କରି ଧକାଇ ଦୂରରୁ
ଟେକିଲେ ନନ୍ଦୀଙ୍କ ହସ୍ତ ପଦ କରିଲେ ବନ୍ଧନ ।
ତହୁଁ ତୁମ୍ବା ହାଣ୍ଡି ଥାଇ ଅଟିଲେ ଘୋଷାଣ;
ଭାଙ୍ଗିଲା ଅଘୋର ନିଦ୍ରା ବୃଷଭଧ୍ୱଜଙ୍କର,
'ଶିବ ଶିବ' କହି ସେହୁ ଛାଡ଼ିଲେ ଅଳସ ।
ମାନ ହସ୍ତ ପଦ ମୋ', ମୋ ପୁଣି ଶୁଣି ,
ଭାବିଲେ ଟେକାନ୍ତୁ ହୋଇ ସ୍ୱ ପୁଣତନ୍ତ୍ର ଚର ।
ସର୍ବେ ମିଳି ଦଳଉଙ୍କୁ ଟାଣି ପହଞ୍ଚାଇଲେ
ଗଣେଶେ ଗୋହାଳ ଭରି ଆଣିଲେ ନନ୍ଦୀଙ୍କୁ,
ସହସ୍ର ସହସ୍ର ଲୋକ ଜମିଲେ ସେଠାରେ
ଦେଖିବାକୁ ଏହି ଏକ ତାଜବ ଜାନୁଆର ।
ଅଧିଲା ମଃରେ ଲମ୍ବ, ବୃଷଭ ନ ବାଘ୍ମୀ.
ତହିଁରେ ନନ୍ଦନ କରି ସେ ବିଶାଳ ଦେହ,
ଚଳିଲେ ସବୁରେ ଲାଠି ଭଜନ ଅଙ୍କୁ,
ରଖାଇଲେ ନେଇ ଘୋଡ଼ା ଶାଳେ ଦେଇ
ତାଲା !
ମୂଷିକ ଯେ ଯାଇଥିଲେ ନନ୍ଦୀ ଅନ୍ୱେଷଣେ,
ତାହାଙ୍କ ସନ୍ଦେଶ ଘେନି ଫେରନ୍ତେ ଗୁମ୍ଫାକୁ,
ଦେଖିଲେ ପଡ଼ିଛି ସେହି ଗୁମ୍ଫା ଶୂନ୍ୟହୋଇ ।
ତାହା ଦେଖି ମୂଷିକର ଉଡ଼ିଗଲା ସାହା,
କ କରିବ ବୋଲି ତାଙ୍କୁ ନ ଦିଶିଲା ବୁଦ୍ଧି ।
'ହାପୁ ହୁଷ୍' ବୋଲି ବହୁ କରିଲେ ରୋଦନ
ହେଲା ରାତି, ଲୁଚିଲେ ଶଲ୍ୟୁଅ,
ଅନ୍ଧକାରେ ଚତୁର୍ଦ୍ଦିଗ ହୋଇଲା ଆବୃତ;
ବହିଲା ଶୀତଳ ବାୟୁ, ପଡ଼ିଲା ତୁଷାର,
ମୂଷା ଦେହ ଥର ଥର ମାରିଲା କାଲୁଅ ।

ତହୁଁ ଗୁମ୍ଫା ମଧ୍ୟେ ପଶି ମୂଷିକ ପ୍ରବର,
ସ୍ମରଣ କଲା ମୂଷା ଶିବଙ୍କର ନାମ ।
ନାମ ଜପୁଁ ଜପୁଁ ତାକୁ ମାଡ଼ିଗଲା ନିଦ;
ଦେଖିଲା ସ୍ୱପନେ ତହୁଁ, ଆସି ମହାଦେବ
କହୁଛନ୍ତି ନାଲି ଆଖି କରି ଉମା ଉମା
"ରେ ମୂଷିକ, ପଶୁଜାତି, ନିର୍ବୋଧ, ବର୍ବର,
ଏତିକି ମନ୍ତ୍ରରେ ବୁଦ୍ଧି ଅସୁନାହିଁ ତୋର,
ଏଥିପାଇଁ ହେଉଛୁ କାତର,
ମୂଅ ହୋଇ ଖର,
ଦେଲି ବର,
ଜ୍ୱର କର ଯାଇ ତ୍ୱରା ନୃପଙ୍କ ଚରଣ ।
ଶାଠ ଲମ୍ବା ଦାଢ଼ି ଦେଇ ତୀକ୍ଷ୍ଣ ଦନ୍ତ ମୂନ ।
ଯେଉଁ ଦନ୍ତେ ପାରୁ କାଟି ପାହାଡ଼ ପର୍ବତ,
ଲୁହା କାଟିବାକୁ ଟିକେ ହେଲୁ ଅଶକ୍ତ !
ତଡ଼ାବଡ଼ ମୂଷିକର ଭାଙ୍ଗିଗଲା ନିଦ,
ହୋଇ ପ୍ରେମେ ଗଦ ଗଦ,
ଚଳିଲା ମୂଷିକ ଖରି ସାହସେ ନିର୍ଭର ।
ପଲକ ମାତ୍ରକେ ଯାଇ ହୋଇ ତତ୍ପର
ନନ୍ଦୀ ଗଣେଶଙ୍କ କଲା ବନ୍ଧନ ମୋଚନ ।
ଦୁହିଙ୍କୁ ଉପାଇ ମୂଷା ମାରିଲା ଚମ୍ପଟ ।
ପ୍ରଭାତ ପୂର୍ବରୁ ସର୍ବେ ହେଲେ ଉପନୀତ
ସମ୍ବଳ ଷେତେକ ଯାଇ ଜୈନନ୍ଦ ଦେଶେ ।
କୋଇଲେ ଗଣେଶ ତହୁଁ ମୂଷିକଙ୍କୁ ଚାହିଁ ।
"ତୋହ ଲାଗି ପ୍ରାଣ ଆମ୍ଭେ ପାଇଲୁ ଧାର୍ମକ
ନତୁବା ଶାଢ଼ୀଆଖାନା ଲୌହ ପିଞ୍ଜରାରେ
ବନ୍ଦୀଥାନ୍ତୁ ଚିରକାଳ ଯାଇ ।
କହନ୍ତେ ମୂଷକ ମୋର,
ପାରିବୁକି ଆମ୍ଭ ଦୁହେଁ ପିଠିରେ ବସାଇ
ସମଗ୍ର ଭାରତ ଭୂମି ଘଡ଼ିରେ ବୁଲାଇ ?"
ମୂଷା କୋଇଲା ପ୍ରଭୁ ତୁମ୍ଭ ଆଜ୍ଞାହେଲେ,

ମୁହୂର୍ତ୍ତେ ମାତ୍ରକେ ବୁଲି ଅସିପାରେ ମୁହିଁ
ସାରା ପୃଥ୍ୱୀ, କିବା ଛାର ଏ ଭାରତ ଭୂମି !"

—ନଟୀ—

ହେଉଛୁ ଆମ୍ଭର କାର୍ଯ୍ୟ ବୁଲି ଭୂଭାରତ
ଉନ୍ନତ୍ତନ୍ନ କରି ଦେଖି ସକଳ ବ୍ୟାପାର
ରିପୋର୍ଟ କରିବା ଯାଇ ଶିବଙ୍କ ଛାମୁରେ ।
ତେଣୁ ତୁମ୍ଭେ ରହ ଏତେ ସ୍ଥାନେ,
ଯାଉଅଛୁଁ ଆମ୍ଭେ ଦୁହେଁ ଦେଶପର୍ଯ୍ୟଟନେ ।
ରହନ୍ତି ଗଣେଶ ଗୋଟେ ଲୁଗ ନନ୍ଦମଧ୍ୟ
ଚଳିଲେ ନନ୍ଦୀ ଓ ମୂଷା ଧରି ଛଦ୍ମ ବେଶ,
ପଦବ୍ରଜେ ନିରୀକ୍ଷଣି କରି କରି ଦେଶ ।
ଚଳଚାଲେ ତିନିଜଣ ମିଳି ଏକାଠାରେ
ବିବର୍ଣ୍ଣ ଦେଖନ୍ତି ଆଜ ଗଞ୍ଜିକା ସେବନ ।
ଯାହା ଯାହା ଦେଖିଥାନ୍ତି ନନ୍ଦୀ ବାଟରେ
ମୁହିଁରେ ଯାଅନ୍ତି ଗାଇ ନିଜର ଶମନ୍ତ,
ଲେଖନ୍ତି ରିପୋର୍ଟ ନିତ୍ୟ ହୋଇ ଗଣେଶ ।
ପ୍ରତିଦିନ ସେ ରିପୋର୍ଟ ଖୋଲି ଲଫାପାରେ
ନିକଟସ୍ଥ ଡାକଘରେ କରୁଥାନ୍ତି ପୋଷ୍ଟ,
ଶିବଙ୍କ ଠିକଣା ଲେଖି ଲଫାପା ଉପରେ
ପୁଣ ତହିଁ ଆଣାଙ୍କିଆ ଟିକେଟ ଲଗାଇ ।
ଏମନ୍ତେ ରିପୋର୍ଟ ଗୁଡ଼ି ଯାଇ ଡାକଯୋଗେ
କୈଳାସ ଶିଖରେ ନିତ ହୁଏ ଉପନୀତ,
ଆହ୍ଲାଦେ ମହାଦେବ ପଢ଼ନ୍ତି ରିପୋର୍ଟ
ଶୁଣନ୍ତି ଶ୍ରବଣି ଭୋଳ ଦେବୀ ମହେଶ୍ୱରୀ ।

⋙ ✽ ⋘

## ପ୍ରଥମ ରିପୋର୍ଟ

'ଦେବ ଦେବ ମହାଦେବ-ଦେବୀ ଶ୍ରୀ ଛାମୁରୁ
ରେପିଲୁଁ ରିପୋର୍ଟ ନନ୍ଦୀ ଦାସ ଅନୁଦାସ ।
ଅମ୍ଭେତ ନଜାଣୁ ଲେଖି ତେଣୁ ନାରଖର
ଗଣେଶ ଲେଖନ୍ତି ତେଣୁ ଆମ୍ଭ କଥା ଶୁଣି ।'

( ୧୨ ପୃଷ୍ଠା ଦେଖନ୍ତୁ । )

Digitized by srujanika@gmail.com

# ଡଗର ୧୮ ଦଶ ଶବ୍ଦଧନ୍ଦା ପ୍ରତିଯୋଗୀତା

ବିନା ମୂଲ୍ୟରେ 'ଡଗର' ପାଠକମାନେ ୮୧୦ଙ୍କା ପୁରସ୍କାର ପାଇ ପାରିବେ । ଶେଷ ତା ୧୬ । ୧୯୪୦ରେ

### ଡ଼ିଧାଭାବେ ।

୧ । ଯେ କବି ହୋଇ ନଥାରେ ।
୪ । ଯୁଦ୍ଧକ୍ଷେତ୍ରରେ ଯାହା ବୀରମାନେ ଲଢନ୍ତି ।
୬ । ପାଦ କ୍ଷୀଣ ଏହା ହୁଏ ।
୭ । ମଃଗଣ୍ଡା ଲୋକଙ୍କୁ ଏହା କେବେ ମିଳେନା!
୧୦ । ଅକ୍ଷର ଗୁଡ଼ିକର ସ୍ଥାନ ବଦଳାଇ ସଜାଇଲେ 'ହରିଣ' ହେବ ।
୧୨ । ଲେଉଟାଇ ପଢ଼ିଲେ ଯେ ଶବ୍ଦ ହେବ ତାହା ଗଛରେ ଥାଏ ।
୧୪ । ପ୍ରାଣୀର ଏହା ଜୀବନ ଅଟେ ।
୧୬ । କଲମାଇ ଦେଲେ ରମଣୀ କଣ୍ଠର ଶୋଭା ବର୍ଦ୍ଧନ କରେ ।
୧୭ । କଟକ ଗଲେ ଏହା ବହୁତ ଦେଖିବାକୁ ମିଳେ,
୧୯ । ଯେ କବିତା ରଚନା କରେ
୨୦ । କଂଗ୍ରେସ ମନ୍ତ୍ରୀଙ୍କ କଥାରେ '——' !



ନାମ ______________________

ଠିକଣା ______________________

କେତୋଟି ଉତ୍ତର ______________________

### ଉପର ତଳଭାବେ

୨ । ଗର୍ମିର ଗଡ଼ଜାତ ଏହାକୁ କିଏ ପଚାରେ !
୩ । ଅତି ମାତ୍ରାରେ ଏହା କଲେ ନିଜକୁ ହାନି,
୪ । ନେତାଗଣ ସ୍ୱରାଜ୍ୟ ଏହା ପାଇବାକୁ ସଦା ଉତ୍ସୁକ ।
୫ । ବନ ପୋଡ଼ିଲେ ସମସ୍ତେ ଜାଣନ୍ତି, କିନ୍ତୁ ଏହା ପୋଡ଼ିଲେ ଜାଣିବ କିଏ !
୮ । ଗାନ୍ଧୀମହାତ୍ମା ଏହାଙ୍କ ମୋହରେ ପଡ଼ିଛନ୍ତି ବୋଲି ଅନେକେ କହନ୍ତି ।
୯ । ଏହା ପାଇଲେ କିଏ ଭୁଲି ନଯିବ !
୧୧ । ଫସଲ କାଟିବା ପାଇଁ ଜମିରୁ ଅଟେ ଯାହା କରାଯାଏ
୧୩ । ଯୁଦ୍ଧ ବେଳରେ ସେନାପତିଙ୍କ ଚିହ୍ନିବାକୁ '——' ନଥାଏ ।
୧୫ । କଣ୍ଢେଇ ପିଲା ଏହା ଦେଖିବାକୁ ସୁଖ ନପାଏ!
୧୬ । ଛକଳର ଯାହା ଅଟେ
୧୮ । ଏହା କଣ୍ଠ ଚୁମ୍ବିଲେ ଜାମ ସଫଳ !

---

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏଁ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ଡ଼ିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ବୋଲି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ଆମ୍ଭମାନଙ୍କ ପାଖରେ ରହିଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୦୦ ପାଇବେ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଲୋକମାନେ ସାମାନ୍ୟ ପୁରସ୍କାର ୫୦୦ ପାଇବେ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକି ୫୪୦ ବାଣ୍ଟି ଦିଆଯିବ । ଯେମିତି ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମାନ୍ୟ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

Digitized by srujanika@gmail.com

**ଯେ କୌଣସି ବ୍ୟକ୍ତି** ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ସମସ୍ତ ଉତ୍ତର ୧୯୪୦ ମସିହା ଜାନୁଆରି ତା ୧୨ ରିଖ ସନ୍ଧ୍ୟା ୫ ଟା ସୁଦ୍ଧା 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାଫା ଉପର ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୧୮ ଅଙ୍କ ଲେଖିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି ( ଯଥା, ରାମ, ଗୋପାଳ, ବସନ୍ତ, ରଜନୀ ) ଲେଖିବ । ଉପର ଲିଖିତ ନିୟମାନୁଯାୟୀ ଯଦି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଘର ମଧ୍ୟରେ ମୁଦ୍ରଣ ହୋଇଥିବା ଅକ୍ଷର ପରିଷ୍କାର ଭାବେ ଲେଖିବା ଦରକାର । କାଟ, ବଦଳ ବା ଅସ୍ପଷ୍ଟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କଠାରୁ ଉତ୍ତର ରହିଥିବା ଲଫାଫା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

ଡଗର କୁପନ ଛଡ଼ା ଅନ୍ୟ ସାଦା କାଗଜରେ ଉତ୍ତର ଦେଲେ ଅଗ୍ରାହ୍ୟ ହେବ । ଏ ପ୍ରତିଯୋଗିତାରେ ପ୍ରବେଶିକା ଫିସ୍ ଦେବାକୁ ପଡ଼ିବ ନାହିଁ । ଉତ୍ତରଟି ବୁକ୍ ପୋଷ୍ଟରେ ପଠେଇ ଦେଲେ ମଧ୍ୟ ଚଳିବ ।

ଏକାଧିକ ଉତ୍ତର ଦେବାକୁ ଯେ ଇଚ୍ଛା କରିବ ସେ ଭଦ୍ରକସ୍ଥ ଏଜେଣ୍ଟ ଠାରୁ ଏକ ଅଣା ମୂଲ୍ୟରେ ଡଗର କିଣିପାରିବ ବା ୦/୧ର ଡାକ ଟିକଟ ପଠାଇଲେ ଡଗରରୁ ଡାକଦ୍ୱାରା ଗୋଟିଏ ପାଇ ପାରିବ ।

---


# ଆପଣଙ୍କର ଫଟୋ

**ଇଲେକ୍ଟ୍ରିକ ଷ୍ଟୁଡିଓରେ**

**ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ**

ଶିଳ୍ପୀ—ଏସ୍ କଅଁଳ

ଫଟୋ ହାଉସ, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଅଯାଇ ପାରେ ]।

---

ସେଥିର ଯାକୁ **ସରମରେ** ଢଙ୍କାଇ ଥିଲେ,

ଅନ୍ତ ତାକୁ **ମରମରେ** ପାଇବେ ।

ମୂଲ୍ୟ ୦ ୫ ଅଠଅଣା

---

ସର୍ବଜନ ପ୍ରଶଂସିତ **ଆର୍ତ୍ତବ ସୁଧାଂଶୁ** ଫଳପ୍ରଦ

ଏହା ସବୁ ପ୍ରକାର ନୂଆ ଓ ପୁରୁଣା ଅସାଧ୍ୟ ସ୍ତ୍ରୀ ରୋଗର ଅବ୍ୟର୍ଥ ମହୌଷଧ । ଏହା ଦ୍ୱାରା ନୂତନ ପୁରାତନ ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଅସମୟ ଋତୁ, ଅଳ୍ପ ଋତୁ, ଅତ୍ୟଧିକ ସ୍ରାବ ଓ ତଜ୍ଜନିତ ଅଣ୍ଟା ବେଦନା, ତଳପେଟ ବେଦନା, ଗୋଡ଼ ବିନ୍ଧା, ମୂର୍ଚ୍ଛା, ହୃତ୍କମ୍ପ ପ୍ରଭୃତି ରୋଗ ସମସ୍ତ ନିଶ୍ଚୟ ଉପଶମ ହୋଇଥାଏ ।

ପ୍ରତି ଶିଶି ( ୪ ଦିନ ସେବନୋପଯୋଗୀ ୧ ପାନ ) ୧୲୦ ଏକଟଙ୍କା ତିନି ଶିଶିକୁ ୨୶୦ ( ଦୁଇଟଙ୍କା ଦଶଅଣା) ଡାକମାଶୁଲ ସ୍ୱତନ୍ତ୍ର ।

ଏକମାସ ସେବନରେ ଫଳପ୍ରଦ ନହେଲେ ଦାମ ଫେରାଇଥାଉଁ । ମଫସଲ ରୋଗୀମାନେ ଚିଠିରେ ସମସ୍ତ ଇତିହାସ ବିସ୍ତୃତ ଭାବରେ ଲେଖିଲେ ଚିଠି ଉପରେ ସମସ୍ତ ରୋଗର ବ୍ୟବସ୍ଥା କରିଥାଉଁ ।

ବୈଦ୍ୟଶିରୋମଣି, କବିରାଜ **ଶ୍ରୀ ଜଗନ୍ନାଥ ମିଶ୍ର** B.A.M.S ସାହିତ୍ୟ ଉପାଧ୍ୟାୟ

ଠିକଣା:—ଶାରଦା ଔଷଧାଳୟ—ଚୌଧୁରୀ ବଜାର, କଟକ ।

---

# ବୃହତ୍ ରତି ମୋଦକ

ଏହା ଦୁର୍ବଳ ସ୍ତ୍ରୀ ମାନଙ୍କୁ ଶୀଘ୍ର ସବଳ କରାଇ ସନ୍ତାନ ଉତ୍ପାଦିକା ଶକ୍ତି ଆଣିଦିଏ । ଯାହାଙ୍କର ରତିଦେବୀଙ୍କର କାନ୍ତିଲାଭ କରିବାର ଇଚ୍ଛା, ସେ ବଳବାନ ସନ୍ତାନ କୋଳରେ ଧରିବାକୁ ଚାହାନ୍ତି, ସେମାନେ ଏହା ଶୀଘ୍ର ସେବନ କରନ୍ତୁ ।

**ମୂଲ୍ୟ:**—ସେ ୧ରକୁ ୧୲୦ ସେ ୦ ୫ ରକୁ ୦ ୩ ୫

ସେ ୦ । କୁ ୦ ୲୦

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏଚ୍ ଏମ୍ ପି

**ଦରିଦ୍ରବନ୍ଧୁ ଔଷଧାଳୟ**

ଖପର ପ ।। ପୋ: । କୋଠାରଜ ବାଲେଶ୍ୱର

---

ଶୁକ୍ର ତାରଲ୍ୟ ଓ ଧ୍ୱଜ ଭଙ୍ଗ ପାଇଁ

# ବୃହତ୍ କନ୍ଦର୍ପମୋଦକ

ଏହା ତରଳ ଧାତୁ ଗାଢ଼ କରାଏ, ଏବଂ ବଳ, ମାଂସ ଓ, ରକ୍ତ, ହଜମ ଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।

**ମୂଲ୍ୟ:**—ସେ ୧ ରକୁ ୧୲୦ ସେ ୦ ୫ ରକୁ ୦ ୩ ୫

ସେ ୦ । କୁ ୦ ୲୦

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏଚ୍ ଏମ୍ ପି

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖପର ପଦା ପୋ, କୋଠାର ଜି, ବାଲେଶ୍ୱର


Digitized by srujanika@gmail.com

# ଅର୍ଦ୍ଧଚନ୍ଦ୍ର ଓଡ଼ିଆ ଭାଷାକୋଷ (କ)

(ପୂର୍ବପ୍ରକାଶିତ ପରଠାରୁ)

କୋଟି—ଟଙ୍କ ଭରତ ।
କୋଡ଼—ହର୍ଦ୍ଦଳଙ୍କ ଅସ୍ତ୍ର ।
କୋଡ଼ପୋଛା—ମନ୍ତ୍ରୀ ହୁଡବ ।
କୋଢ଼ିଆ—ଜମିଦାର ।
କୋଟଲ—ପଦସଜଙ୍କ—
କୋପ—ପଣ୍ଡିତଙ୍କ ସ୍ୱଭାବ ।
କୋମ୍ବର—ପ୍ରେମିକ ।
କୋରକ—ଶୀତାଙ୍କ ଚେନ ।
କୋଷ—ଅର୍ଦ୍ଧଚନ୍ଦ୍ର, ଦେଢ଼ିଆ ।
କୋଷ୍ଠୀ—ବେଲଗାଡ଼ ଟିକଟ ।
କୌଟିଲ୍ୟ—ଗୋଦାବରୀଶ ।
କୌତୁକ—ଡଗରର ବାଣୀ ।
କୌଶଳ—ଓଡ଼ିଶା କଂଗ୍ରେସର ଅନ୍ୟ ।
କ୍ରନ୍ଦନ—କେତେକ କୁଟସ୍ଥଙ୍କ ବାଣୀ ।
କ୍ରମଶଃ—ଅସେମ୍ବ୍ଲିର ଅଗ୍ନି ।
କ୍ରିୟା—ଅସ୍ପୃଶ୍ୟତ୍ୱ ଅଂଶ ଭଣ ।
କ୍ରୀଡ଼ନକ—ଓ୍ୟାର୍କିଂ କମିଟି ହାତରେ ମନ୍ତ୍ରୀ ଦଳ ।
କ୍ରୀତ—ବ୍ରଜବାସୀ ।
କ୍ରୂର—ମାଜିଷ୍ଟ୍ରେଟ ।
କ୍ରୋଡ଼ପତ୍ର—ସମାଜ, ସତ୍ୟ ସମାଚାର ।
କ୍ରୋଶ—ଦେଶ ପଂଚରେ ଓ ତଥ୍ୟ—
କ୍ଳୀବ—ଦଳପତି ।
କ୍ଷଣଜନ୍ମା—କୁକ୍କୁଟାଣ୍ଡ ।
କ୍ଷତ—ଘର ଅଢ଼େଇ ଟାଙ୍ଗି ମୁଁ ନାଁ ।
କ୍ଷତିପୂ—ସୁଭଦ୍ରା ନଯାଇ ଯେ ଟଙ୍କା ପଠାନ୍ତି ।
କ୍ଷମତା—ମନ୍ତ୍ରିତ୍ୱ ।
କ୍ଷାଳନ—ଗ୍ରାମ ସଙ୍ଗଠନ ।
କ୍ଷୁଧାର୍ତ୍ତ—କର୍ମୀକ
କ୍ଷୁଦ୍ର—ଲଟଗଣ ।
କ୍ଷେପଣୀ—୧୯୩୫ ମସିହା ଶାସନ ଆଇନ ।
କ୍ଷୌର—ମନ୍ତ୍ରୀମାନେ ଯାହା ହୋଇ ଭାତାରୁ ଅଛିଲେ ।

## ଆଜି କ'ଣ କରନ୍ତେ ?

**—ପାର୍ଲା** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...ଗଞ୍ଜାମରୁ ଗୋଟିଏ ବର୍ଷ ଯାକେ ଓଡ଼ିଶା ରାଜ୍ୟ ବହିଷ୍କାର କରନ୍ତେ ।

**—ଗଲିକୋଟ** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...ଅନାହାର କ୍ଲିଷ୍ଟ କୃଷକ ଓ ପ୍ରଜାଙ୍କ ଟଙ୍କା ଖଣ୍ଡ ନେଇ ଅଧିକ ଖଜଣା ବନ୍ଦ କରନ୍ତେ ।

**— ଇମାର** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...ଚନ୍ଦ୍ରେଇନଦୀ ଓ ଛେନା ତୋଡ଼ିଅର ଯୁକ୍ତ ହୁଅନ୍ତା ।

**—କନିକା** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...ଓଡ଼ିଶାର ସବୁ ଜମିଦାରଙ୍କରେ ପାରମାନେଣ୍ଟ ସେଟଲମେଣ୍ଟ କରି ଦିଅନ୍ତେ ।

**—ବ୍ରଜସୁନ୍ଦର ବାବୁ** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...ପାର୍ଲ୍ୟାମେଣ୍ଟ ପାଇଁ ପ୍ରୋଗ୍ରାମ ସ୍ୱତନ୍ତ୍ର ଡିପାର୍ଟମେଣ୍ଟ ଖୋଲନ୍ତେ ।

**— ମହତାବ** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ କହି ବାଜ କରେନ୍ତି ନାହିଁ ।

**—କଣ୍ଠ ଦାସେ** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...ଦାଢ଼ି ବଢ଼ାଇ ସବୁ ଓଡ଼ିଆଙ୍କ ପଣ୍ଡିତ ବନାନ୍ତେ ।

**—ଗୋଦାବରୀଶ ମିଶ୍ର** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...କଣ ନ କରନ୍ତେ !

**—ମୁକୁନ୍ଦ ଦାସେ** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
.. ହରିଜନ ଯୋଜନା ତିଆରି କରନ୍ତେ ।

**—ନନ୍ଦବାବୁ** ଯଦି ପ୍ରଧାନମନ୍ତ୍ରୀ ହୁଅନ୍ତେ—
...କଟକ ସ୍କୁଲରୁ କଳ୍ୟାଣୀବାସ୍ତୁ ଉଠାଇ ଦିଅନ୍ତେ ।

**—ସରଳା** ଯଦି ମନ୍ତ୍ରିଣୀ ହୁଅନ୍ତେ—
...ନ୍ୟୁଗରଥିଙ୍କୁ ପ୍ରାଇଭେଟ ସେକ୍ରେଟାରୀ କରନ୍ତେ ?

## ଯଦି ହୁଅନ୍ତେ—

ମୋହନ ଗାନ୍ଧି ଯଦି ସ୍ୱାଧୀନ ଭାରତର ଏକଛତ୍ରନାୟକ ହୁଅନ୍ତେ—
.. ଭାରତବାସୀଙ୍କୁ ଛେଳି ମାଂସ ଛଡ଼ାଇ ଛେଳୀ ଦୁଧ ଖୁଆନ୍ତେ ।

ଜବାହାରଲାଲ ଯଦି ବକ୍ତୃପତି ହୁଅନ୍ତେ—
...ଭାରତବର୍ଷଙ୍କ ପଗୁଆ ପିନ୍ଧାନ୍ତେ ।

ସୁଭାଷ ବୋଷ ଯଦି ରାଷ୍ଟ୍ରପତି ହୁଅନ୍ତେ—
...ଭାରତବର୍ଷର ନାମ ବଙ୍ଗବର୍ଷ ରଖାନ୍ତେ ।

ସର୍ଦ୍ଦାର ପଟେଲ ଯଦି ଅଧିପତି ହୁଅନ୍ତେ—
...ଧମାଧମ କୋରଡ଼ା ଚଳାନ୍ତେ ।

ରାଜେନ୍ଦ୍ର ଯଦି ଗଣପତି ହୁଅନ୍ତେ—
...ଓଡ଼ିଆଙ୍କୁ ଛତୁ ଖୁଆଇ ଶିଖାନ୍ତେ ।

ପଟ୍ଟାଭିସୀତାରାମିୟା ଯଦି ରାଜପତି ହୁଅନ୍ତେ
...ତେଲୁଗୁ ବାଜଦ ବଜାଇ ଓଡ଼ିଆଙ୍କୁ ନଚାନ୍ତେ ।

ରାଜଗୋପାଳାଚାରୀ ଯଦି ଦେଶପତି ହୁଅନ୍ତେ
...ଅପରାହ୍ନ ବିବାଦ ଚଳାନ୍ତେ ।

ଜିନ୍ନା ସାହେବ ଯଦି ଗଣାଧିପ ହୁଅନ୍ତେ—
...ଭାରତବାସୀଙ୍କ ଫେଜ୍ ପିନ୍ଧାନ୍ତେ ।

ସବରକର ଯଦି ଜନ ଧିପ ହୁଅନ୍ତେ—
.. ଯବନଙ୍କୁ ଚୁଟି ରଖାନ୍ତେ, ଚଟା କାଟନ୍ତେ ।

ଅମ୍ବେଦକର ଯଦି ଜନାଧିପ ହୁଅନ୍ତେ—
...ପଣ୍ଡିତଙ୍କ ଚୁଟି କାଟନ୍ତେ ଓ ବ୍ରାହ୍ମଣଙ୍କ ପଇତା ଛିଣ୍ଡାନ୍ତେ ।

Digitized by srujanika@gmail.com

# ମଜା କବିତା

## ବେକାର କବି

ଲେ:— ଶ୍ରୀ ହରେକୃଷ୍ଣ ପ୍ରଧାନ ସାହିତ୍ୟାଗ୍ରଣ୍ୟ ।

କହଇ ବେକାର କବି—
ଗ୍ରାଜୁଏଟ ଦେବୀ ! କେତେ ଗୋ ଦର୍ଶନ ତୋ ଅଭିସାରର ଛବି ?
କେତେ ବସ୍ତା-ପାହାଡ଼ ଲଙ୍ଘି ଚୋଟଲେ ଗୋ ପାଇବା ପାଇଁ,
ଅଗିଚ୍ଛୁ ନିଠୁର ! ଘୋଷି ଦିନରାତି, ଗଦା ଗଦା ଭଲା ବହି !
ଅନ୍ଧ ଯୌବନେ ପାଇଣ ବୋଲି ଗୋ ଦେଲା ହବ ବରଣ-ମାଳା,
Hard labour ଭବ ଅଭାବ-ଜଗତର ନିର୍ଦ୍ଦେଶ ଅଣି ଝୋଳା ।

ବେଦାନ୍ତ ! ତୁ ଗୋ ବୁଝି ବୁଝୁନାହୁଁ ଦେଖୁନାହୁଁ ସିନା ଦେଖି !
ନାସିକା ଉପର ଚଷମାଟା ଏଇ ନିଛକ ପରି ତା ସାକ୍ଷୀ !
Certificate Writing pad ଗାଦାଗାଦା କରି ଖାଲି,
ଦେଖିଲୁ ନ ସହ ! ଦୋଡ଼ିଏ ବର୍ଷ ଗଲା ମୋର ସବୁ ଗଲା ।
Application ଲେଖି ଲେଖି ଏବେ ଥକ୍କା କଲମ ମୁନ,
ତଥାପି ଗ୍ରାହ୍ୟ ହୁଏନା ଗୋ ହାୟ (ମୋ)ଦରଖାସ୍ତର ନିବେଦନ !
କପାଳେ କି ମୋର ନାହିଁ ?
ତୋର ସହବାସେ ସଂସାରେ କେବେ ଗର୍ଣ୍ଣିତା ହୋଇବା ପାଇଁ ?
ଦିନ ପରେ ଦିନ ଗଡ଼ୁଛି ଯେତିକି Over ହେଉଛି age.
ମରିଲେ ପରାଣ ଦୁଃଖରେ ତୋହର ପିତାକୁ ଥିବକି ଦୋଷ ?
ଆଶାରେ ଆଶାରେ ଚରଣ କଟିଲା ଦେହରେ ନାହିଁ ମିଳେ ଦେଖା,
ବାକି ବରଷକୁ ବିଶ୍ୱାସ କି ଆଉ ଅବେଗା ଦୂର ମରୀଚିକା !
ଷଷ୍ଠହର ତେଜ ନାଇନ୍ ସେଇକୁ ଦେଖୁଅଛି ଖାଲି ମୋର,
Wantର କଲା ଅଙ୍କାର ଘୋଟେ ଅନ୍ଧ ଦେଖିଣି କର ।
ପରାଣର ତଳେ ଜଳେ ଅନିବାର ବେଦନା-ଦାରୁଣ ଚିତା,
ବେକାର-ଜୀବନ କୁହୁଳି-କୁହୁଳି ହା-ହୁତାଶରେ ପିତା ।
କଳା ଦେଖେ ଅତି ମୋର—
ପଢ଼ାଇ ତୋପାଠ ସୁନ୍ଦର କରୁ କେତେ ଯା ଜୀବନ-ଘର ।
ପଣଟଙ୍କା ତୋର ଟଙ୍କାଦେଲେ ତାଙ୍କ ପକେଟ ଉଠନ୍ତି ପୂରି,
କାମଧେନୁ ପରି ବଂଶଜ ବଞ୍ଚିଲେ ଭାଇର ସୁଖି କପୁର ।
ଶ୍ରୀଯୁକ୍ତ ପଢ଼ା ଲେଖାର ବସନ- ଭାଗରେ ନିଜର ଭାଗି,
ବାଛି ପାଇଛନ୍ତି, ଯେ ଯୁବକ ଅଦା ସେ କି ଗୋ ଭାଗ୍ୟବାନ୍ !
ତୁଳନାରେ ତାର କେତେ ହୀନମାନ କହ ଏ ଜୀବନ ମୋର,
ଯଉବନ ଯିବ ବୃଥା ସିନା ସଖି ନ ପାଇ ପରଶ ତୋର ?
ନ କହେ ମନର କେତେ ?—
ବାପ ଭାଇଙ୍କ ତୋ ନପୁଙ୍କର କେତେ ଅବା ଗୋ ହୃଦୟ ହାତେ ?

## ସଜନୀ

ଲେଖକ—ଶ୍ରୀ କୁବେର ଦଳାଇ ।

ସଜନୀ—
କବଳିନା ଅଉ କଣା ହେବ ନାହିଁ,
ତମ ଦେହ-ଲେଜ
ଅଲିଅ ଭରିଚ ରଜନୀ,
ସଜନୀ—
ତମ ମୁହଁ ଅଛି, ଏଥର ଏଣିକି ଖୋଜା ପଡ଼ିବନି ଚମକ,
ପାଖା ପାଖି ରଖି ଯଉଁ ଦେଖିବ ତମ ମୁହଁ ଖାଟ ଚମଲ ।
ତମ ନିଶ୍ୱାସରୁ ଯେ ଭାବ ତାହାଠାରେ ଚିପିଲ ଗୋଲାପ ସୁବାସ,
ଓଠତଳ୍‌ ସେଇଁ ନାଳ ଝୁଣ୍ଡ ପଡ଼େ ଦିଗାରେ 'ମଧୁ'ରୁ ସରସ ।
ବଗିଚାରେ ଅଉ ରୁଅ ହେବ ନାହିଁ ଚମ୍ପା ଫୁଲ ଗଛ ଗୋଟିଏ,
ଗୋଡ଼ ଅଙ୍ଗୁଠି ସୁନ୍ଦର ପଣରେ କିଣିବ ଚମ୍ପକ କୋଟିଏ ।
କଦଳୀ ଗଛକୁ କାଟି ପକାଇବା, ତମ ଜଙ୍ଘ ଥାଉ କି ହେବ,
ପାଖେ ଯେ ଜନମ ମୋଟାଭ, ସେଥିକି ଧନ କଣ ଲୋଡ଼ା ନାହିଁ ସରବ ?
ବୀଣା ପାଖେ ଅଉ ସ୍ନେହ ନାହିଁ ବେଶି, ଶୁଣି ତମ କଣ୍ଠ ବଚନ,
ତମ ଗୀତ ଶୁଣି କୋକିଳକୁ ମାଡ଼ ହେଲାଣି ଘଣ୍ଟ ଶୋଚନ ।
ଶୁଅ ପୋଷିବାକୁ ଯେ ବାସନା ଥିଲା, ହେଲାଣି ତାହାକୁ ମଲୁଡ଼ି,
ତଉଲ୍‌ବେଗ ମନେ ଧାଳେ [illegible]ଏ ତମ ନାକ ଦେଖି ହୁରୁଡ଼ି ।
କଳା ନାଗ ଅଉ ଲୋଡ଼ା ନାହିଁ ତମ, ବେଣୀରେ ସେ ବେଣୀ ଲଗିଛି,
ତମ ଗଣ୍ଡ ଦେଖି ସୁଖରେ 'ନକ'ର ଗୁଳ୍ଳି ପିଚକିରି ଦେଇ ତ ।
ନାସ୍ତି ଦେବ ଏଥେ ଜୀବଜନ୍ତୁ ପ୍ରତି ଫଳାଫଳ ନେଇଛି ବଛି ତ,
ପ୍ରକୃତିର ସୃଷ୍ଟି ଫଳିଲ ବି ସବୁ ନିଜ ଛଟା ଭିକ ନିକ୍ଷେପି !

---

ତଥାପି 'ଏନ୍ଟ୍ରା' କପାଳର ଦୋଷ ହୁଏ ସବୁ ଅକାରଣ,
ବଜେଟରେ ଖାଲି ଘାଟ ହୋଇ ଯାଇ ତୋଳାଇ ହୁଏ ଲେଉଟନ ।
ଲୁଗାର ତରଣୀ ପାଠର ଲେଫାପା ଧନ୍ଦା ଦନ ଫିକା ପଡ଼େ,
ନିରମମ !...ତୋର ନିରମମ ଦ୍ୱାରା ଲେଉଟେ ନାହିଁ ଉଚଳ ?
ଘୋଡ଼ା ଘଣ୍ଟା ସୁଖ ପରି ଗୋ ହେଲାଣି ଅକୁଳାନ ଆସି ମୀନା,
ଉଚିତ କି ହେବ ଏବେକେ ସଜନୀ ! ତଣ୍ଟିରେ ହେଲେ ଛୁଟା ।
ଗୁହାରି ମୋ, ଯେତେ ଭଇ—
ନୂଆ କାଲିନାର ବଡ଼ୁର ଦଅଁଗା ଭଲ 'ମାଧୁରୀ' ଭୋର ।

Digitized by srujanika@gmail.com

# କଟକ ସହର

ଲେଖକ—ଆ-ର-ମି

ଟୋକା ବୟସରୁ ଶୁଣି ଆସିଥିଲି ମୁଁ ଗଳ୍ପ ଅଦ୍ଭୁତ କଥା,
ଚଉଦ ଭୁବନେ ଶିଳ୍ପ ଯାହାରେ କଟକ ସହରେ ପାଇଲା ବ୍ୟଥା।
ନୁହେଁ ଏ ମିଛ ନୁହେଁ ଗୁଜବ ଜଣା ସତ ଯିବି ମୁଁ ଲେଖି,
କିଛି ନୂଆ ନୁହେଁ ଜାଣି ନୁହେଁ କଏ ସେ କଥା ଅସିବ ଦେଖି।
ଓଡ଼ିଶା କଟକ କଟକ କଥା ଦେଖିବା ପାଇଁ ବଳିଲା ମନ,
ଗାଁ ଗହଳ ଗାଁ ରେ ଥାଇ କେବଳ ଉଡ଼ାଇ ଅଇଲି ଧନ।
ସଙ୍ଗେ ଥାଇ ମୋ ନଈଆ ଭାଇ ଦଇଆ ପରି କହୁଥେ କଥା,
ବୁଢା ଭଗୁଆ ପଣ୍ଡିତ ଅଟେ ତାହାଙ୍କୁ ବୁଝିବୁ, ନୋଇଁଲା ମଥା।
ଥିଲି ମୁଁ ଅଗୁଁ କେତେ ଭରସ ଶୁଣି ନଥିଲି ଏତେ ଅଜଲ,
ଭାବିଲି ବୋଧେ କଂଗ୍ରେସ ମନ୍ତ୍ରୀ ଉଡ଼ାଇଛନ୍ତି ଏ ଶଙ୍ଖଶଲ।
ବାମ ଉନ୍ନତ ପଛା ସମେତ ଚଣାଲ ସଙ୍ଗ୍ରୀ ବାଜିଅ ଦଳ,
ଯୁବକ ସଙ୍ଘ ଗ୍ରୁପଙ୍କ ଦମ୍ଭ ଶୁଣି ଅସିଲି ସିଂହର ବଳ।
ଭାଇଲି ଭଲି ଏଲଟି ଗଲି କେତେଟା ଦିନେ ଏତେଟା କଥା,
ଅନେକ ରାତରେ ସବୁ ମିଛରେ କଥା ଗୁଡ଼ାକ କଥାର ଲଥା।
କୁପିତ ଏଟା କହୁଛି ବୋଲି ପଇର ଯେବେ ପ୍ରଶ୍ନ ଦେବ,
ପ୍ରେମରେ କେତେ ଦିନରେ କେତେଟା କଥା ଓଲଟାଇବ।
ଆପଣଙ୍କ ପାଞ୍ଚ ବରଷ ଏବେ କଲେଜ ଘରେ ପଢ଼ୁଛି ପାଠ,
ତା ଗୁଲା ଟାଣି ତାଙ୍କ ଗୁହାଣି ଦେଖିଲେ ତମେ ହୋଇବ ତାଠ
ବ୍ରାହ୍ମଣ ପିଲା ନାଶ ହେଲା, ଚଣ୍ଡୀ ସେ ଏଥି ଯାଏନା କିଛି,
କୁକୁଡ଼ା କଣ୍ଟେ ସେଦିନ ଘରେ ପୋଡ଼ି ସେ ଦେଲା ପଣା କି ମିଛି
ମାଆକୁ ଡାକି ଦେଲା ଉତ୍ତର 'ଭାଲ ଭାବ କରବ ସ୍ଵାଟ୍,
ସେଇଂ ଟିଫିନ କରଥା ସଙ୍ଗ' ବୁଢ଼ୀଙ୍କ ଅଉ ନଦେଖେ ବାଟ।
କହିଲା ବୁଢ଼ୀ ମୁହଁକୁ ଝାଡ଼ି ଏମନ୍ତ ଗୁଡ଼େ ଓଡ଼ିଆ କଥା,
କହିବୁ ଯେତେ ବେଶ୍ ବୁଝିଲି, ଟଙ୍କା ଗୁଡ଼ାଏ କରୁଛୁ ବୃଥା।
ଚାପ ମଲେଣି ବାବୁ ହେଲ ବଲ ଛମାଣ ଦଣ୍ଡିରେ,
କି ପାଠ ପଢ଼ି କେତେ ଅର୍ଜିବୁ କହୁଛୁ କଥା ଏତେ ଗୁମରେ!
ଏଇ କଥାକୁ ଚରକା ବାବୁ ଦିଦନା ଭାଳ ଉପାସ କଲେ,
କେବେ କପ ବୁଢ଼ୀ ନିରୁପ ଶେଷକୁ ଆସି ଗୋଡ଼ ଧଇଲେ।
ବି, ଏ, ପଢ଼ନ୍ତି ରଞ୍ଜିତ ବାବୁ ଗତ ଦୁ'ବର୍ଷ ପାସ ନ କରି,
ସଦା ତାଙ୍କର ଭଜନମାଳା ହାୟ ପାସରେ ହାୟ ଗୁରୁଙ୍କର।
ସେଦିନ ଯେବେ ବୁଝିଲି ଥୋଇ ଠିଆ ହୋଇଲି ମୁଁ ଟ୍ ଫର୍ମରେ,
ବଙ୍କଡାବୁ ଛୁଇଁଲେ ତାଙ୍କ ଅବେବେ କୁଲ୍ ମଲଣି କରେ?
ହୋ ବକବାବୁ ଏଇ ଜିନିଷ, ଏଥିକି କହି ବୁଲି କଇବା,
ଧରଥ ତେବେ ଅଚ ପାଖରେ ଦଇଟା ହେଲା ଛାନି ଅଣିବା।
ସବୁ ଜିନିଷ ଧଇଲି ସତ, 'ମନଷ୍ଟା ମେ.ର ହୋଇଲା ଘାର୍ଣ୍ଣ,
ଭାବିଲି ଧନ୍ୟ ଶିକ୍ଷା ସଭ୍ୟତା, ଜାଣି ଶୁଣିବେ ଧରିଛ ଢଙ୍ଗ।
ଧକ୍କାରେ ବସି ଅନ୍ଧ କାଣି, ପଚାରିଲେ 'ରେ ଭଗପାବାଲା,
ଧନ ମଧ୍ୟରେ କେତେ ପାଉଛ 'ସଭ କଆଣ କହିବୁ ଭଲା।'
"ବାବୁ, କେବେ ବା ଦଶ ଟଙ୍କା ପାଏଁ ଅଉ କେମିତି ଟଙ୍କ ଅଠଣା,
ଗାଈ ପିଇଲା ବର୍ଷକେ ଦଶ, ଘରକୁ ଦେଇ ବାଦ କଷ୍ଟ।"
ଭାବିଲି ଧନ୍ୟ ସ୍ୱାଧୀନ ଜୀବ, ଅଧୀନ ଦେଶେ ସ୍ୱପ୍ନ ବାହାର,
ବି, ଏ, ପାସ୍କୁ ମିଳୁଣି ଟଙ୍କା ଆମ ପରି ତ ଖାଟି ନ ମରୁ।
କଲେଜ ଗେଟ୍ ଛୁଇଁଛି କି ନା ଡାକିଲେ ଢେଣେ ବୁଢ଼ା ଦୋକାନୀ,
ବରଜ ବାବୁ ବାରଟା ଟଙ୍କା ଦେଲେନି ମୋର, ହେ ଅନ୍ତର୍ଯାମୀ।
ଦୂରରୁ ଦେଖି କଲେଜ ହତା, ଶଙ୍କି ବାପ୍ପା ଉଠୁଛି ଜାଣି,
ପଡ଼ିଲା ମନେ ତା ରଜ କଥା, ଅବାରେ ଯେତେ ହୁଏ ଅସ୍ତ୍ରାଣି।
ପୂଜାସ୍ୱ ଅଉ ଗୁରୁଜନଙ୍କର, ଜଦ୍ୟାକର ଫଳ ବାବୁଙ୍କ ସ୍ଥିତ,
ଭାବିଲି ଧନ୍ୟ ହେ କଟକରେ, ବାବୁ ଫାନ୍ଦରି ରଖିଛ ପାଦ।

\+ + + + +

କଲେଜ ଖାନା ନ' ଟଙ୍କା ସିନା, ସୁଦୁ ଗୋଟିଏ ଲୁଟିଭ ଖାନା,
ବାବୁ ଗୁଡ଼ିକ ଅଳନ୍ତ ଖାନ୍ତି, ବୋଲି ଫସାରେ ଉଡ଼ୁଛି ବାନା।
ସ୍ୱାଦ ମୁଠିକ ଗନ୍ଧ ଆମୋଦେ, ଅଭି କରଇ ମାଛ ଗୁଡ଼ିକ,
ଡାଲି ମଦର ନାଲିଆ ମିନା, କେବଳ ଶୁଭେ ହା-ସ୍ମୃ ହା-ସ୍ମୃ।
ସର୍କାର ଟିପେ ବଜାରୁ ଗଣ୍ଡେ ପରକାଶଟା ଅଟେ ଅନେକ,
ଗୁରୁର ଗୁଡ଼ ଗଡ଼ ସରଳ, କାହୁଙ୍କୁ ଦେବେ ଜୀବନ ଟିକ।
ବାବୁଙ୍କ ଘରେ ଚୁଲି ନ ଜଳୁ, କଥାଗୁଡ଼ାମାନ ପାହାଡ଼ ପରି,
ଭବିଷ୍ୟତରେ ସେ ସ୍ୱାଦ ଦେବ, ଶ୍ୱଶୁରେ କଏ ନ ଯିବ ଡରି।
କମନ୍ ରୁମ୍ ଟି ଆରାମ ଘର ପଢ଼ନ୍ତି ବହୁ ଆରାମ୍ ଗ୍ରେଡ,
ଘନ ଘନ ବା ତଳେ ପଡ଼ଇ କିଏ ପଢ଼ୁଛି କଷ୍ଟ ସହିକି?
ଟିକେ ଠାରୁ ଜାଣି ଯାଏ ଖାଇ ଦିଅନ୍ତି କଲେଜ ପିଲେ,
ଡେଙ୍ଗୁରା ବାଜେ ସବୁ ଥାନରେ ଏକଲ କଥା ସର୍କାର ଦେଇଲେ।
ଭଲ ଘଣ୍ଟରେ ଶୁଭ ଯୋଗରେ କଲେଜ ଘର ହୋଇଛି ଗଢ଼ା,
ଗଧ ଗୁଡ଼ିକ ଗଲେ ବି ତହିଁ ପାଲଟି ଯାନ୍ତି ଅସଲ ଘୋଡ଼ା।
ପାଇଖାନାର ପାଣି ପାଇପ ରଚିଗ୍ରୁଟିର ଭାମିନୀ କଲ୍ପ,
ମନେ ପଡ଼ିଲେ ମଧୁଗ ସ୍ୱଟ ତୁଳନାରେ ତା ଲାଗଇ ଚିନ୍ତା।
ହୋଷ୍ଟେଲବାଲା ଚଗିଲା ଶାନ୍ତି ହୋଇଲା ବନା ବେଣ୍ ଢଙ୍ଗେ,
ପିଲା ପ୍ରଫେସର ବୁଲନ୍ତି ତହିଁ ପ୍ରଫେସରଙ୍କ ସେନ୍ନାଣ ସଙ୍ଗେ।
ମନେ ହୁଏ ଘର ଘୀତ ଓ ପିତା ମାତାଙ୍କ ଦେଇଣ ଦୁଃଖ,
କଲି ସ୍ଵଗରେ ବୁଲି ଅଛନ୍ତି ଚଲି କରିଣ ଦରମା ଭକ।
ଗୁରୁଗୁରୁସ୍ୱଏ ପିଲାପିଲାଏ ପାଳନ କର ପବିତ୍ର ପ୍ରେମ,
ପାଗଳ ପରି ବୁଲନ୍ତି ତହିଁ ଧରି ଅଛନ୍ତି କାଲତ ନେମ।
ଯେତେ ଇଚ୍ଛା କାମ କରିଲ ଡାକ୍ତର ଆଉ ପଚ୍ଛକେ ବାଲ୍ୟ ଦେଶେ,
ସମୟ ମୂଲ୍ୟ ବୁଝି କେହି ନାହିଁ ବାହାରି ଛନ୍ତି ବୀରର ବେଶେ।

କ୍ରମଶଃ

Digitized by srujanika@gmail.com




## ସହକାର, ଷଷ୍ଠ ସଂଖ୍ୟା, ଆଶ୍ୱିନ

ପ୍ରବୀଣ ସାହିତ୍ୟିକ ଶ୍ରୀ ନନ୍ଦକିଶୋର ଦେବଙ୍କ ପ୍ରବନ୍ଧ "ଶଯ୍ୟ ସମ୍ପ୍ରଚାର ବା ଏକ ପରିଣତି", ପ୍ରବନ୍ଧ । ନୂଆ ଦୃଷ୍ଟି କୋଣରୁ ଲେଖା । ନାଗରିକ ଜୀବନ ଦେଇ ଯେଉଁ ହାମ୍‌ବଡ଼ାମାନେ ଗୋଟାଏ ଗୋଟାଏ ଦେଶ ଉଦ୍ଧାର ସ୍ୱପ୍ନ ଦେଖୁଛନ୍ତି ସେମାନେ ଏହା ଥରେ ପଢ଼ନ୍ତୁ ।

'ଅବୁଝା କଥା' କବିତାରେ ଶ୍ରୀ ସାବେନ୍ଦ୍ର ମୋହନ ପ୍ରାଣ ଖୋଲି ହୃଦୟର କଥା କହି ପକାଇଛନ୍ତି । କବିତାଟି ମନ ମୁତାବକ ହୋଇଛି ।

ଶ୍ରୀ କୀର୍ତ୍ତନ ମହାପାତ୍ରଙ୍କର "ଶଗଡ଼ ଗଡ଼ାଣ"ର ଭାଷା ତରଳ ଓ ସରସ । ତାଙ୍କ humour ଅଛି, କେବଳ ସେ ଯଦି philosophise ନ କରି ଛାଡ଼ି ଦେଇଥିଲେ ଅଧିକ artistic ହୋଇ ଥାଆନ୍ତା ।

'ମିଳନ ମାଧୁରୀ' ପଦ୍ୟରେ ଉପଭୋଗର ସାମଗ୍ରୀ କିଛି ନାହିଁ ।

ସାହିତ୍ୟାଚାର୍ଯ୍ୟ ମହାଶୟଙ୍କ 'ପଥ-ବିପଥ' ଗଳ୍ପଟି ଆରମ୍ଭରୁ ବେଶ ଆବେଗ ଭରା ହୋଇ ଜମି ଆସିଥିଲା, ଶେଷରେ 'ମଧୁରେଣ ସମାପୟେତ୍' ଦ୍ୱାରା ସେ ରସଟା ଟିକେ ଧକ୍କା ପାଇଲା ପରି ଲାଗୁଛି । ଅଶରୀର ପ୍ରେମର ମାହାତ୍ମ୍ୟ ନା ସମ୍ଭୋଗ କର ମହତ୍ତ୍ୱ ?

କବି ସଚ୍ଚି ରାଉତରାୟଙ୍କ କବିତା 'ଆତ୍ମଦାନ' ଭାବ ଲାଗି ।

ଶ୍ରୀଯୁକ୍ତ ଗୋପିନାଥ ମହାନ୍ତିଙ୍କ ଗୋଟିଏ ଅନୁଭୂତିର ଚିତ୍ର "ଅବୁଝା ଦରଜ" ପଢ଼ି ପ୍ରାଣଟା ଆବେଗରେ ଭରିଯାଏ, — ଲେଖକଙ୍କ ଦରଦଟା ପାଠକର ହୃଦୟ ଭିତରେ ଗୁଞ୍ଜରି ଉଠେ ।—

## ଉତ୍କଳ ସାହିତ୍ୟ—ଶାରଦୀୟ ସଂଖ୍ୟା

ଏ ସଂଖ୍ୟାଟି ଭାଦ୍ର ଓ ଆଶ୍ୱିନ ଦୁଇ ମାସର ଏକା ସାଙ୍ଗରେ । ଦୁଇ ମାସ ଯାକର ପ୍ରଥମ ପୃଷ୍ଠା କବି ଚନ୍ଦ୍ରଶେଖର ଅଧିକାର କରି ଅଛନ୍ତି । ତାଙ୍କର "ଭୁଲ ଯାଏଁ ସବୁ" ଓ "ଅନ୍ଧାରରେ ଆଲୋକ" ଉଦ୍ଧୃତ କବିତାର ଗୁଣକ୍ୟ ଶ୍ଳୋକ ଠିକ ଜଣା ପଡ଼ୁନାହିଁ ।

ଶ୍ରୀ ଜଗବନ୍ଧୁ ମହାପାତ୍ରଙ୍କ "ଉତ୍କଳର ଅର୍ଥନୈତିକ ପରିସ୍ଥିତି" ଗବେଷଣା-ମୂଳକ ପ୍ରବନ୍ଧ । ଲେଖକ ଅନେକ ବହି ପତ୍ରରୁ ବହୁତ ତଥ୍ୟ ସଂଗ୍ରହ କରିଛନ୍ତି ।

ଗଳ୍ପ ମଧ୍ୟରେ 'ପ୍ରେତାତ୍ମା', 'ଦୁଇଅ ଗୀତ' ବୋହୂ ପଞ୍ଚମୀର ପଇସା', 'ଧାଧୁଆ ବାବା'— ଚଳିବା ପରି କଥା ।

କବିତା ଗୁଡ଼ିକ ମନ୍ଦ ନ ହେଲେ ମଧ୍ୟ ଉଚ୍ଚ ଧରଣର କୌଣସି କୁହାଯାଇ ପାରିବ ନାହିଁ ।

ତେଲୁଗୁରୁ ଅନୁବାଦ 'ତାଜମହଲରେ'ଟି ବେଶ ପ୍ରାଣ ସ୍ପର୍ଶୀ । ଏପରି ଖାଣ୍ଟି ମାଲ ଅନୁବାଦ କରିବା ଆମ ସାହିତ୍ୟ ପକ୍ଷରେ ପୁଷ୍ଟିକର ।

'ବାସଫୁଲ' ଉଚ୍ଚସ୍ତର ପ୍ରାଣର ଲେଖା । ଯୁବକ ଯୁବତୀଙ୍କ ଭିତରେ କଥାବାର୍ତ୍ତା ମୂଲ୍ୟବାନ ଭାବରେ ସୁନ୍ଦରଶୋଭା ବାବୁ ପଦାରେ ପକାଇ ଦେଇ ଯଥାର୍ଥ କାହାଣୀର ପରିଚୟ ଦେଇ ଅଛନ୍ତି ।

## ନବ ଭାରତ—ସିଂହ ୧୩୪୬

ସମାଜରେ ଶ୍ରେଣୀ ସମାଜରେ ଶ୍ରୀଯୁକ୍ତ ବିପିନ ବିହାରୀ ରାୟ ସମସ୍ୟାର ସମାଧାନ କରିଛନ୍ତି, ଚିର ଦିନ ପାଇଁ ସମାଜକୁ ଜିତ ଓ ଜୀତ ଦୁଇଟି ସ୍ୱତନ୍ତ୍ର ଶ୍ରେଣୀରେ ବିଭକ୍ତ କରି । ଜୀତକୁ ଜିତ କରିବା ସଙ୍ଗେ ସଙ୍ଗେ ନିଜକୁ ଜିତଙ୍କର କରି, ଜୀତର ଉପକାରାର୍ଥେ ଜିତର ଶାସନ କର୍ତ୍ତୃତ୍ୱକୁ ଉପସ୍ଥାପିତ କରିଛନ୍ତି । ଶ୍ରେଣୀ ଲୋପରେ ଏହି ଶ୍ରେଣୀ ସମସ୍ୟାର ଉତ୍କୃଷ୍ଟ ସମାଧାନ ନୁହେଁ କି ?

କୁନ୍ତଳାକୁମାରୀଙ୍କ କବିତାଲୋଚନା ଆସକ୍ତ ଚିନ୍ତାପୂର୍ଣ୍ଣ ମିଶ୍ର କରିଛନ୍ତି—ଗୋଟାଏ କଥାରୁ ।

'କୋଣାର୍କ ଦେଖି'ରେ ଲେଖକ କେବଳ ଗୁଡ଼ାଏ ପ୍ରଶ୍ନ ପଚାରିଛନ୍ତି— ଉତ୍ତର ଦେଇ ପାରି ନାହାନ୍ତି । ଜୀବନଟାକୁ ଯେପରି ଗୋଟାଏ ପ୍ରଶ୍ନ ବୋଲି ଭାବି ସେ ସବୁ କଥା ଛାଡ଼ି ଦେଇଛନ୍ତି । କିନ୍ତୁ ଗୋଟାଏ କଥା । ମଣିଷ ମରିଯିବ ବୋଲି ଜୀବନର ଉପଭୋଗ ବା ବିଳାସରୁ ବଞ୍ଚିତ ହେବା କ'ଣ ଉଚିତ ? ଯେ ଉପଭୋଗ ନ କରେ ସେ ବି ମରେ, ଯେ ଉପଭୋଗ କରେ, ସେ ବି ମରେ । ତଫାତ୍ କେଉଁଠି ?

'ଯନ୍ତ୍ର ମାନବ' ଯନ୍ତ୍ର ଭଳିଆ ନୀରସ ହୋଇଛି । ଯନ୍ତ୍ରଟି C. ଠାକୁରୁ ତେଲ ଟୋପେ ୨ ଟୋପା ଲଗାଇଛନ୍ତି । ସେଥିପାଇଁ lubricator ଭଳି ଦେଖାଯାଉଛି ।

ସିଂହଭୂମ ସମସ୍ୟାରେ, ସିଂହଭୂମିରେ ଓଡ଼ିଆଙ୍କର ଦୁର୍ଦ୍ଦଶା ସମ୍ପର୍କରେ ଉଲ୍ଲେଖ କରି ନବ ବାବୁ ଓଡ଼ିଆଙ୍କର କେତେକ ଦାବୀ ଉପସ୍ଥାପିତ କରି ଭଲ କାମ କରିଛନ୍ତି ।

ଭାଷାକୁ ଜଗି ଜଗି ଯେତେ ଅଭିନବ କରି ଢାଳିବାକୁ କେଉଁଠି ହରାଇ ଦେଇ ପକାଇଛନ୍ତି । Construction ବଡ଼, ଅପ୍ରାସଙ୍ଗିକ ଓ ଅନର୍ଥକ ହୋଇଛି । ଗୋଟାଏ ଉଦାହରଣ ଧରାଯାଉ—"କେବେ ଏ ମୋର ···ହେଲଣି ପ୍ରିୟ !"—କଣ୍ଠଟା କମ୍ପିତ କମ୍ପିତ ହୁଏ ଏବଂ ଯେତେବେଳେ ହୃଦୟର ଲୀଳାଟା ଖେଳା କରେ ଥରେ କମ୍ପିତ । ଅର୍ଥାନ୍ତରେ ପଢ଼ିଲେ, ଲୀଳାଟା ଲଗନ ଭିତର ଦେଇ ଆସେ ତା ଲଗ୍ନ ଆସେ; ତା ଭିତରେ ହୃଦୟ ଲୀଳା ଆସେ । ଏଟା କମ୍ପିତ କଥା ବୁଝା ହେଉନାହିଁ । ତା ସଙ୍ଗେ ସଙ୍ଗେ ନଖିଳ ରଖିବା ଅଧି ବାକ୍ୟ ପାଖରେ ଭଣିତାକୁ ଛନ୍ଦିନ୍ନ— ପ୍ରଥମ ପଂକ୍ତି ଓ ଦ୍ୱିତୀୟ ପଂକ୍ତିର ସମ୍ପର୍କ କଣ ଯଥାର୍ଥ ହେଉଛି ? କବି ଅସୀମ, ନିଖିଳ, ବିରହ, ମିଳନ, ଯୁଗ ପ୍ରଭୃତି ଶବ୍ଦ ଗୁଡ଼ିକ ଭଲ ବ୍ୟବହାର କରି ପାରିଛନ୍ତି ବୋଲି କବିତା ତାଙ୍କୁ କେବଳ ସେତିକି ପ୍ରଶଂସାପତ୍ର ଦେଇପାରେ ।

'ସଭ୍ୟତାର ସନ୍ଧ୍ୟା'ଟା କେମିତି ଉଦ୍‌ଭଟ୍ଟାର୍ଥ ଲେଖା ପରି ଲାଗିଲା ।

Digitized by srujanika@gmail.com

ଶ୍ରୀ ଗୋବିନ୍ଦ ତ୍ରିପାଠୀଙ୍କ ଗାଳ୍ପିକ ଶିଳ୍ପ 'ବନ୍ଦୀ'ଟି ଅନେକ ଜଟିଳ ଚିନ୍ତା ଭାଙ୍ଗି ଗଢ଼ିଛି । ତାଙ୍କର ଏହି ସୁନ୍ଦର ମୌଳିକ ଚରିତ୍ର ପାଇଁ ସେ ଅଶେଷ ପ୍ରଶଂସା ଲାଭ କରନ୍ତୁ ।

ରାଜ କିଶୋର ବାବୁଙ୍କ 'ବାଲମାର୍ଗ' ପଢ଼ିଲୁଁ । ପଢ଼ିଲେ ମନ ଭିତରେ ଗୋଟେ ଆଲୋଚନା ଆସି ଯାଏ । ଆମ ଆଗରେ ଜଣକୁ ଭଲ ପାଇବାଟା କେମିତି କେତେବେଳେ କେତେ ବଡ଼ ହୋଇ ପୁଣି ଛୋଟ ହେଇ ଏକାବେଳେକେ ହଜିଯାଏ' । ଏଇଟା ବାଲମାର୍ଗୀ ଲୋକ ଦେଖା କଥା । ତଥାପି ନିଶ୍ଚିତ ଲାଗି ଯାଏ । ଭଲ ପାଇବା ଭୁଲେ, ପୁଣି ଅନ୍ୟ ଜଣେ ଆସି ନୂଆ ଭାବେ 'ଭଲ ପାଇବା ଶିଖାଏ—ପିଲାଙ୍କୁ ଅକ୍ଷର ଘଷେଇ ଶିଖାଇଲା ପରି ।' ପୁରୁଣା ପାଠ ତଳ ସକାଳ ପବନର କୁହୁଡ଼ି ପରି ସବୁ କୁଆଡ଼େ ମିଳେଇ ଯାଏ ।' ପ୍ରୀତି ଭିତର ଦେଇ—ଏଇ ନୂଆ ପ୍ରବୃତ୍ତି, ଆସିବା ଯିବାର ସ୍ରୋତ ଭିତରେ—ଏଇ ଭଙ୍ଗା ଗଢ଼ାର ଛାଞ୍ଚ ଉପରେ ନଜର ରଖି ପାଠକଙ୍କୁ କେତେ ଯତନରେ ସାଇତି ରଖିଛନ୍ତି ।

ଗୋପୀନାଥ ବାବୁଙ୍କର 'ଘୋଡ଼ା ବଗାଳ'ର ଚରିତ୍ର ଯେମିତି ସ୍ୱାଭାବିକ, ସେମିତି ସଜୀବ ଓ ସୁନ୍ଦର । ଓଡ଼ିଆରେ ଏ ଭଳି ସୂକ୍ଷ୍ମ ଦର୍ଶନ ଅତି କମ୍ ଲେଖକଙ୍କ ଠାରୁ ମିଳୁଛି ।

**ଭକ୍ତି ପ୍ରଦୀପ ଅଷ୍ଟମ ଭାଗ—ଚତୁର୍ଥ ସଂଖ୍ୟା**

ଏଥର ଶ୍ରୀ ନନ୍ଦକିଶୋରଙ୍କ ପ୍ରବନ୍ଧ 'ସାହିତ୍ୟ ଓ ସମାଜ' ସୁଚିନ୍ତିତ । ତାଙ୍କର ଗଠନ ମୂଳକ ପ୍ରସ୍ତାବ ଗୁଡ଼ିକ ପ୍ରଣିଧାନ ଯୋଗ୍ୟ ।

"ଭାରତୀୟ ଶିଳ୍ପ ଚର୍ଚ୍ଚାର ଭୂମିକା ।" ଏ ଭୂମିକାର ଲେଖକ ଜଗତ୍ ମୋହନ ବାବୁ ଏକାଧାରରେ ଶିଳ୍ପୀ ଓ ସାହିତ୍ୟିକ । ଭାରତୀୟ ଶିଳ୍ପ କଳା ସହିତ ପାଶ୍ଚାତ୍ୟ ଶିଳ୍ପ କଳା ତୁଳନା କରି ସେ ଭାରତୀୟ କଳାର ଆଧ୍ୟାତ୍ମିକ ଶ୍ରେଷ୍ଠତ୍ୱ ଦେଖାଇ ଅଛନ୍ତି । ମାତ୍ର ଆମ ଦେଶ 'ତୋତା' ସମଝଦାରଙ୍କ ଆଗରେ ଏ ମୂଲ୍ୟ ବୁଝାଇବା ବୃଥା ଯେ ।

ଅମା ବନ୍ଦନା—କବିତା—ଶ୍ରୀ ଜିତେଶଚନ୍ଦ୍ର ଦେ । କବିତାଟି ମଧୁର ଓ ଭାବ ବ୍ୟଞ୍ଜକ ।

ଟଙ୍କାଧରଙ୍କ ହିତ କୋଷ୍ଠ ଶୁଣୁଅ ।

ଭୃତ୍ୟଙ୍କ ଡାକ—ଗଳ୍ପଟି ପ୍ରୋପାଗାଣ୍ଡା ଉଦ୍ଦେଶ୍ୟରେ ଲିଖିତ । କେଣ୍ଡ ଭଲ ନାହିଁ ।

ଶ୍ରୀ କୁବେର ଦଳେଇଙ୍କ 'ପ୍ରଗତି' କବିତା ମନ୍ଦ ନୁହେଁ ।

"ପୂଜା ଅବା ଦୁଃଖ ବାହାରେ"—ଗଳ୍ପ । ଗଳ୍ପଟି ପଢ଼ି ମନ ଭିତରେ ଚମତ୍କାରିତା ଆସେ ନାହିଁ—ମାତ୍ର ଗୋଟାଏ ଆଲୋଚନା ଆସେ—ଯାହା ଠିକ୍ ହୁଏ ନାହିଁ ।

ଶ୍ରୀ ମହେଶ୍ୱର ଦାସଙ୍କ ଗଳ୍ପ ଧାରାଟି ସୁନ୍ଦର ଚଳି । ବଣି ବାବୁଙ୍କ "ଯିବା ଅସିବାର ପଥ" ପ୍ରାଣ ସ୍ପର୍ଶୀ ଲେଖା ।

**ଚିତ୍ରୋତ୍ପଳା—ପ୍ରଥମ ଭାଗ ପ୍ରଥମ ସଂଖ୍ୟା**

ପ୍ରଧାନ ସମ୍ପାଦକ ଶ୍ରୀ ବାଳକୃଷ୍ଣ ଦାସ ଶର୍ମାଙ୍କ ଠାରୁ ଏହି ପତ୍ରିକା ଖଣ୍ଡିଏ ଉପହାର ପାଇ ଅମ୍ଭେମାନେ କୃତଜ୍ଞ । ଏ ଖଣ୍ଡି ଶାଳୀପୁର ହାଇ ଇଂରାଜୀ ସ୍କୁଲ ପତ୍ରିକା । ସମ୍ପାଦକୀୟ ଲେଖାରୁ ଜାଣିଲୁ ଯେ, ସ୍କୁଲର ଛାତ୍ରଗଣ ସବୁ ପ୍ରକାର ଉନ୍ନତିକର ଓ ହିତକର ଉଦ୍ୟମ ଓ ଅନୁଷ୍ଠାନ ମାନଙ୍କରେ ତତ୍ପର ।

ଉତ୍କଳପୂଜାର ଦ୍ୱିବର୍ଷୀ ବର୍ଦ୍ଧିତ ପ୍ରଚ୍ଛଦ ପଟରୁ ଜଣାପଡ଼େ । ମାନଙ୍କର ସୁରୁଚି ଓ କୃତଜ୍ଞତା ଜଣା ପଡ଼ୁଛି ।

ଏଥିରେ ଅନେକ ଗୁଡ଼ିଏ ଛାତ୍ରଙ୍କର ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ଉର୍ଦ୍ଦୁ ଭାଷାରେ ଗଦ୍ୟ ଓ ପଦ୍ୟ ରଚନା ପ୍ରକାଶିତ ହୋଇଅଛି । ନବୋଦ୍ୟମୀ ପକ୍ଷରେ ରଚନା ଗୁଡ଼ିକ ମନ୍ଦ ହୋଇନାହିଁ । ଇଂରାଜୀ ରଚନା ଗୁଡ଼ିକୁ ସମ୍ପାଦକ ବା ଶିକ୍ଷକଗଣ ଆଉ ଟିକିଏ ଦେଖିଥିଲେ ଭଲ ହୋଇ ଥାଆନ୍ତା । ଓଡ଼ିଆ ରଚନା ଗୁଡ଼ିକ ପ୍ରାୟ ଭଲ । ଭାଷା ଓ ଶୈଳୀ ମୋଟ ଉପରେ ଭଲ, ଏବଂ ଏଥିପାଇଁ ନବୀନ ଲେଖକ ମାନଙ୍କୁ ଅମ୍ଭେମାନେ ସାବାସି ଦେଉଛୁଁ ।

ସ୍କୁଲ ପତ୍ରିକାରେ ଗଳ୍ପ ଛଡ଼ା ଅନ୍ୟ ଅନେକ ବସ୍ତୁ ସନ୍ନିବେଶ ପାଏ, ଏବଂ ସେ ସମ୍ବନ୍ଧରେ ଶିକ୍ଷକମାନଙ୍କ ନିର୍ଦ୍ଦେଶ ବହୁତ କାର୍ଯ୍ୟକାରୀ ହେବ । ଗୋଟିଏ କଥା ଏଥି ଯେ ଅଧିକାଂଶ ଗଳ୍ପ ପ୍ରେମ କାହାଣୀ । କିଶୋର ପ୍ରେମ ( pup love ), ତଡ଼ ମାନସମୋହିନୀ ତିରସ୍କାରିଲା, ଭବିଷ୍ୟ ସ୍ରୋତରେ ଭାସିଚାଲିଲା ଚରିତ୍ର ଦେଖାଇ କେଉଁ ନଯାଉ !

ଶ୍ରୀ ହରିହର ମିଶ୍ରଙ୍କ ତ୍ୟାଗ ନାମକ ଗଳ୍ପଟି ଖୁବ୍ ଭଲ ହୋଇଛି ।


## ନୟନର ସୁରମା

ଏହାକୁ ପ୍ରତିଦିନ ଅଖିରେ ଲଗାଇଲେ ଅଖିରେ ପାଣି ବୋହୁଥିବା ଅଖି ଧରୁଥିବା, ଅନ୍ଧାର ଦେଖିବା ପ୍ରଭୃତି ରୋଗକୁ ଭଲ କରି ଅଖିକୁ ନିର୍ମଳ କରି ଦିଏ । ମୂଲ୍ୟ—ପ୍ରତି ଶିଶି—ଟ ୦୧୫ । ଛୋଟ ଶିଶି—ଟ ୦।୮

ପ୍ରକାଶ ଥାଉ ଅଖିରେ ମୋତିଆବିନ୍ଦୁ ଅଖିରେ ପରଦା ପଡ଼ିଥିଲେ ତାହା ପରିଷ୍କାର କରିବା ପାଇଁ ଉଷିସ୍ତ ସୁରମାର ଦାମ୍ ୧ଶିଶି ୧ ।

ଠିକଣା——ଅସଲି ସଞ୍ଜୀବନୀ ତୈଳ ଅଫିସ, କଟକ ।



## ଅସଲି ପଞ୍ଚଗୁଣୀ ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ ପର୍ଯ୍ୟନ୍ତ ଅଙ୍ଗର କାନ ଟଣା, ମୁଣ୍ଡବିନ୍ଧା, ଭଣ୍ଡିଆ, କାଛୁ, ମକଲା ଘୋଳା ଘା, ଛାତି ଦରଜ, ଅଣ୍ଡାବଢ଼ା ଇତ୍ୟାଦି ୫୨ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ । ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ଅସଲି ପଞ୍ଚଗୁଣୀ ତୈଳ ଅଫିସ୍ କଟକ ।


Digitized by srujanika@gmail.com

( ୧୧ ପୃଷ୍ଠା ପରରୁ )

ଭାରତେ ଲାଗିଛି ଏକ ମହା ଆନ୍ଦୋଳନ,
ଅପାଠ୍ୟ ବୁଢ଼ାଙ୍କ ପଞ୍ଚତନ୍ତ୍ର ପାଠ,
ନୈଶବିଦ୍ୟାଳୟ; ପୁଣି ଶିକ୍ଷା ବେତନରେ;
ଆଜ୍ଞାହେଲେ ଅମ୍ଭେ ତହିଁ ଲେଖନ୍ତୁ ପ୍ରବନ୍ଧ,
ଅନ୍ଧପଣେ ହୋଇଯାଉ ଜବ୍ଦ ମାଷ୍ଟର ।
ବଡ଼ ବଡ଼ ମନ୍ତ୍ରୀଙ୍କ ବାର୍ଟିଦ୍ୟନ୍ତୁ ଜ୍ଞାନ ।
ସ୍ୱହସ୍ତେ ରିପୋର୍ଟ ଲେଖି ଜଣାନ୍ତୁ ଗାମ୍ଭୀର୍ଯ୍ୟ,
ଅବା ଅମ୍ଭ କୈଳାସର ଦୈନିକ ପତ୍ରର
ସ୍ଥାୟୀ ପ୍ରବନ୍ଧ ହୋଇ ରହନ୍ତୁ ଭାରତେ ।
କାଗଜର ମୂଲ୍ୟ ବଡ଼ ଯାଇଅଛି ବଢ଼ି,
ତେଣୁ ଅମ୍ଭେ ସଂକ୍ଷେପରେ ଲେଖିବୁଁ ରିପୋର୍ଟ
ନ ଭାବିବେ ଦୋଷ ଏଥିପାଇଁ;
ଅମ୍ଭେ ନୋହୁଁ ଦାୟୀ,
ୟୁରୋପ ଦେଶରେ ଭାରି ଲାଗିଛି ଲଢ଼ାଇ ।
ତାଳପତ୍ରେ ଲେଖିବାକୁ ଗଣେଶ ନାରାଜ,
ବଡ଼ ପରିଶ୍ରମ ତାହା, ବାନ୍ଧିଯିବ ହାତ ।
ଆଉରି ଲୁହାର ଦାମ ଯାଇଅଛି ବଢ଼ି,
ବଜାରରେ ମିଳୁନାହିଁ ଲୁହାର ଲେଖନୀ ।
ଭାବନ୍ତି କିଣିବୁ ବୋଲି ଫାଉଣ୍ଟେନ ପେନ ।
ଗୋଟିଏ ଏଭେରସାର୍ପ ଅଥବା ପାର୍କର ।
ଡାକଦ୍ୱାରା କିଛି ହେଲେ ପଠାଇଲେ ଟଙ୍କା
କାଗଜ, କଲମ, କାଳି ପକାଇବୁ କିଣି;
ଡେରି ହେଲେ, ଦାମ ଯିବ ବଢ଼ି,
ତେଣୁ ତରବର,
ଟେଲିଗ୍ରାଫିକ ମନିଅର୍ଡ଼ର କରିଦେବ ଭଲ ।
ଆଉରି ଦେଖନ୍ତୁ ଏଠି ବଡ଼ ଦରକାର
ଘଣ୍ଟା ଦୁଇଗୋଟା ।
ସମୟର ମୂଲ୍ୟ ଏଠି ବଢ଼ା,
ମିନିଟ, ସେକେଣ୍ଡ ଧରି ଗଣୁଛନ୍ତି ବାଟ
ଏଠାର ମାନବଗଣ, ହାତେ ବାନ୍ଧି ଘଡ଼ି,
ହରବଡ଼,
ହସନ୍ତି, ମୁତନ୍ତି ପୁଣି ଚଳନ୍ତି, ଶୁଅନ୍ତି ।
ଭାବନ୍ତି ଆଣିବୁ କିଣି
Instvllment systemରେ
ପଠାଇବୁଁ ଟଙ୍କା ।
ଯିବାବେଳେ ଘେନିଯିବୁ ଏହାକୁ ସଙ୍ଗରେ,
ଯୋଗ ସାଧନରେ ଏହା ହୋଇବ ସହାୟ,
ପୁଣି ଭବ ନୃତ୍ୟକାଳେ ଦେଉଥିବ ତାଳ ।
ଏତେକରେ ଆଜି ପ୍ରଭୁ ନେଉଅଛୁ ବିଦାୟ;
ଖଲାସ ହୋଇଲି ବୋଲି ନ ଭାବିବେ ଦେବ
ନ ବହିବେ ରୋଷ ଦାସ ପରେ,
ଏଇ ଶେଷ ପ୍ରଥମ ରିପୋର୍ଟ ।

ନନ୍ଦୀ—

## ( ଦ୍ୱିତୀୟ ରିପୋର୍ଟ )

ପିତା ମାତା ଶ୍ରୀଚରଣେ ନନ୍ଦୀର ପ୍ରଣାମ ;
କୋଟି ଦଣ୍ଡବତ ସହ ବିକାଳ ସନ୍ଧ୍ୟାରେ ।
ପ୍ରଥମ ରିପୋର୍ଟ ମୋର ପାଇଥିବେ ପ୍ରଭୁ,
ମାତ୍ର ଏସ ନଥିବାରୁ ଗମ୍ଭ ଖର୍ଚ୍ଚା ଟଙ୍କା ,
ଦାଇଚାଣ ବଡ଼ ଦୁଃଖେ ଦେଉଛୁ ଏଠାରେ ।
ମୂର୍ଦ୍ଦିକଷ୍ଟ ଅଛି ବୋଲି ଖାଉଅଛୁ, 'ଦାଦା,
ନୋହିଲେ ଉପାସେ ଅମ୍ଭେ ଯାଆନ୍ତୁଣି ମରି ।
ବଜାର ସଉଦା ଦର ଚଢ଼େ ଧନ୍ ଧନ୍,
ଖରଚ ଗଲଣି ହୋଇ ଯାହା ଥିଲା ପାଖେ;
ବିଦେଶୀ ବୋଲିଣ କେହି ନ ଦିଅନ୍ତି ଧାର,
ମଣାର କଲ୍ୟାଣେ ଅମ୍ଭେ ପାଉଛୁଁ ଉଦ୍ଧାର ।
ଗଣେଶର ସେଠ କଥା ଜାଣନ୍ତି ଅପଣ,
ଉଦରଣେ ନୋହିଲେ ତଡ଼ା ନ ପୂରଇ ତାହା,
ଦରପୋଷା ହୋଇ ସେକ୍ଷୁ କାଟୁଛନ୍ତି କାଳ ।
ଏ ପତ୍ର ପାଇଣ ତୁରା ପଠାଇବେ ଟଙ୍କା;
ଅନ୍ତତଃ ରେଲ ଖର୍ଚ୍ଚା ପାଇଗଲେ ଅମ୍ଭେ
ସିମଳା—କାଲକା ଟ୍ରେନେ କାଟିବୁଁ ଟିକଟ ।

ଦକ୍ଷିଣ ବୋଲିଣ ଏକ ଶ୍ୱେତକାୟ ଜାତ,
ସସାଗରା ଭାରତରେ କରନ୍ତି ରାଜତ୍ୱ,
ଦିଲ୍ଲୀ ନଗରରେ ଅଛି ତାଙ୍କ ରାଜଧାନୀ,
ସେଠାରେ ଅଛନ୍ତି ଏକ ରାଜପ୍ରତିନିଧି
ଖଣ୍ଡରେ ସଇକା ବଡ଼, କୁମ୍ଭୀର ସମାନ ।
ରଖିଛନ୍ତି ବଡ଼ ବଡ଼ ଷଣ୍ଢ,
ଯାହା ଦେଖି ଅମ୍ଭ ମନ ହୁଏ ଜାଲୁ ବାଲୁ;
ଅମ୍ଭର ଷଣ୍ଢଟା ଭାରି ହୋଇଲାଣି ବୁଢ଼ା,
ଭରୁଛି ତାହାକୁ ଶୀଘ୍ର ଗୋଶାଳାରେ ଦେଇ
ଭଲା ଷଣ୍ଢ ଏକଗୋଟା ନେବା ବଦଳାଇ ।
ବାହନ ଯେପରି ସେହି ଷଣ୍ଢ ପାଣି କେତେ,
ଅଛ ନଧ ଏଠା ଷଣ୍ଢ ଅଟେ ପ୍ରଜନକ,
ଅମ୍ଭ ବୁଢ଼ା ଷଣ୍ଢ ପରି ନୁହେଁ ବ୍ରହ୍ମବୃଷ ।
ଅଣ୍ଡା ଦେଲେ ଉଭ ଦେଖି ଗାଈ ଏକଗୋଟା
ସଙ୍ଗେ ନେଲେ କରିବାକୁ ଅମ୍ଭେ cross
breed

ଭାରତେ ନାହାନ୍ତି ଅଜ ଦ୍ୱନ୍ଦ ଅଗ୍ନିନାଶ,
ସମସ୍ତେ ବୋଲନ୍ତି 'ହିନ୍ଦୁ' ଅଉ ମୁସଲମାନ୍;
ଅଉ ଏକ ନୂଆ ଜାତି ହୋଇଛି ପଇଦା
ନାମ ତାର ଅଟେ 'ହରିଜନ' ।
ମୋତେ ଲାଗେ ଅଟେ ଏହା ହରଙ୍କର ଗଣ,
ନିଜ ଭକ୍ତ ଗାନ୍ଧୀ ନାମେ ବ୍ୟକ୍ତିକୁ ପଠାଇ
ନିଜ ନାମେ ଦଳ ଏକ ଗଢ଼ିଛନ୍ତି ସେହି ।
ଯେପରି ଦେଖୁଛି ମୁହିଁ, ଅଳପ କାଳରେ,
ସମଗ୍ର ଭାରତ ପାଲଟିବ "ହରିଜନ",
ଲୁପ୍ତ ହେବ ହରି ପୂଜା, ହରଙ୍କ ପ୍ରଭାବ,
ହରଙ୍କ ପ୍ରତିଷ୍ଠା ଅଉ 'ହର ହର' ଧ୍ୱନି
ଭାରତ ମଣ୍ଡଳ, ଏକାବେଳେ ।
ଏଥିଁ ନେ ଦୁଃଖ ଅଉ ହୋଇପାରେ କିସ !
କୈଳାସର ହେଲା ସର୍ବନାଶ,
ଭଗ ପଞ୍ଚ ଲାଗୁଛି ଅମ୍ଭକୁ,
ଅଙ୍ଗ ଉଠେ ଜଳ ଦାଉ ଦାଉ,
ଏବେ ଅପମାନ ଗାଳି ସହ୍ୟ ନୁହେ ଅଉ !
ହନୁ ଗଣେ, ଶିବ ଗଣେ ତର ଅସ ଅଉ,
ହେଁ କେବେ ଶଙ୍କର ନ ଦେଖନ୍ତି ଶିଖ,
ତେଣୁ ହର ନାମ ଏଥି ଯୋଡ଼ିବା ଭ୍ରମରେ,
ହରଙ୍କର ଏ କୌଶଳ ପଡ଼ୁଅଛି ଜଣା;
ଏଣୁ କହେଁ ଶୁଣ,
ଭୁଲନ୍ତି ନ କଲେ ଅମ୍ଭେ ହୋଇବୁଁ ଅଗଣା ।
ଦଶା ପଡ଼ି ଏକଲାଗେ କରିବା ଉଚିତ,
Propaganda ଉପଯୁକ୍ତ,
Massର ମଧ୍ୟରେ;
ଷଣ୍ଢ କର ୯ ହଙ୍କା ବକ୍ତୃତା,
ଖବର କାଗଜେ ଲେଖି ଉତ୍କଟ ପ୍ରବନ୍ଧ,
ରେଡ଼ିଓ, ପୋଷ୍ଟର ଅଉ pamphet ଅଉ
ହରର ପ୍ରଭାବ ରଖିଦେବା କୃପଟରୁ,
ସ୍ୱରଅତ୍ୱେ ନବ ଖାଲି 'ହର ହର' ଧ୍ୱନି ।
ତାପରେ ହରଙ୍କ ଏହି 'ଗାନ୍ଧିଦଳ' ପରି
ଗଢ଼ିବା ଏଠାରେ ଦଳ ନନ୍ଦୀଦଳ ନାମ;
ତାଙ୍କର ଯେପରି ଅଛି 'ହରିଜନ' ସଙ୍ଘ,

( ପର ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ଆମ୍ଭର ହୋଇବ ସଙ୍ଘ, ନାମେ 'କଂଗ୍ରେସ'।
'ସ୍ୱରାଜ୍ୟ' ନାମ ଦେଇ କରିବା ପ୍ରଚାର
ଦଳିତ, ମଥିତ, ସବୁ ଅଛୁତ ମାନଙ୍କେ।
ଏ କଥା କରିବା ପାଇଁ ବେଶ୍ ଟଙ୍କା ଲୋଡ଼ା,
କର ଚନ୍ଦା ଚଢ଼ି,
Bribe ଅବା subsidyର
ହେବ 'ଛଡ଼ା ଛଡ଼ି';
ଏମନ୍ତେ ବାଟରେ ଟଙ୍କା ହଜାରହଜାର,
ଲକ୍ଷାଲକ୍ଷ, କୋଟାକୋଟି ଅବା କେତେକେତେ।
ସତ୍ୟାଗ୍ରହ କରି ସେହୁ ହୋଇଛନ୍ତି ବଡ଼,
ସତ୍ୟର ବଳରେ ଆମ୍ଭେ କରିବା ଏଥର,
ନୂତନ କଳ୍ପନା ଅଛି ନୂତନ ଯୋଜନା,
ସୃଷ୍ଟିଦନ୍ ନୂଆ ଅଇଡ଼ିଆ, (idea)
'ଗାନ୍ଧିବାଦ' ଧ୍ୱଂସ କରି ନବ 'ନଦୀବାଦ'।
ଗାନ୍ଧିବାଦ ହୋଇଗଲାଣି ଏବେ ବେସ୍ୱାଦ,
ବୁଝିବାକୁ ଲାଗୁଛି ବିଷାଦ;
ଗାନ୍ଧିବାଦ ଜରାଜୀର୍ଣ୍ଣ ହେଲାଣି ଦୁର୍ବଳ,
ଆମେ ଟଳ ମଳ
ଝଡ଼ସମ ସେ ଦେଉଛି ଅଚଳ,
ଏହିବେଳେ ଦେଲେ ତହିଁ ଶାଣିତ ଆଘାତ,
ଧୂଳିସାତ ହୋଇଯିବ ଭାରତମଣ୍ଡଳ,
ଉଠିବ ନଦୀବାଦର ତୁମୂଳ ତୁଫାନ,
ସଙ୍ଗେ ନଦୀବାଦୀ ମାନେ କଂଗ୍ରେସ ଦଳେ,
ଗାଦିକୁ ଅକାଳେ ଠେଲି ଘଲ୍ଲିବେ ମୁଣ୍ଡରେ;
ଫେଣ୍ଟିଯିବ ଦେଶ ଜନତା,
ସବୁବେ ଉଠିବେ ଗର୍ଜି କରି ମହାନାଦ,
'ନଦୀବାଦ, ଜଳାବାଦ, ଜଳାବାଦ' ବୋଲି,
ତୁଚ୍ଛ ସବୁ ସଙ୍ଗେ ଅନ ହୋଇସବୁ ଶେଷ,
ଭବିଷ୍ୟେ ଭାରତ ଦେଶ୍ ନୂଆ ଏକ ବେଶ୍।

'ନନ୍ଦୀ'

(କ୍ରମଶଃ)

---

ଜାହାଜୀ ର ପୃଷ୍ଠା ନଗରୁ ଦୃଷ୍ଟି ହୋଇ ଦେଲା। କୋଉଠି ଏ ଲତା ଯାହାକୁ ଏସ୍ଥାନ ବାନ୍ଧି ଦେଇଥିଲା। ସେଠିଲ ଯୋଡ଼ିଏ ବୁଢ଼ା ପରର। ସେଠିଲ କାଳର ନେତ୍ର ଲଅଁଳ ଦୁଇ ଢାସ ଉପରେ। ସେଠିଲ ନଡ଼ିଆ ବ୍ରହ୍ମା ପୋଖରୀ।

ନାୟକ ଚମକି ଉଠିଲା, ଶୁଣିଲା ସତେ କ ଭାତର ଦଡ଼୍‌ଦଡ଼୍ ଶାଢ଼ିର ଫର୍ ଫର୍।

ନାୟକ ତନଥର ସ୍ମୃତି ହଲାଇଲା, ଗୃହଥର ଗାଲରେ ହାତ ଦେଲା। ତାପରେ କହିଲା, "ଚୁମ୍ବନ କରିବ,—ଶେଷ ଚୁମ୍ବନରେ ଦିମାଂଶା କରିବ ଶେଷ ହୃଦୟର ଶେଷର କବିତା ଗଢ଼ି, ଶେଷ ଚୁମ୍ବନର ଶେଷ କବିତା,—ଚୁମ୍ବିତ ହେଲ୍ ସନ୍ତକଙ୍କୁ, ଶେଷ କବିତାର ଶେଷ ଚୁମ୍ବନ......

ଅତର ଭଜା ଦେଶନ କନାରେ ହୋ ହୋଇଥିବା ପ୍ରାନ୍ତିଟିଏ, ଯାହାକୁ ସେ ହୃଦୟର ନବଢ଼ ସପଡ଼ କର ବାନ୍ଧ ଝୁଲାଇ ରଖିଥିଲ ଛାତି ଉପରେ,—ନାୟକ ସେହି ପୁଟୁଳିଟି ଖୋଲିଲା।

ଅଖି ନଣରୁ ଗଡ଼ ପଡ଼ିଲା ତାର ଦୁଇ ବନ୍ଦ ଅଶ୍ରୁ, ବଡ଼ ବଡ଼ (ନା, ନା ବୃହତ୍ ବୃହତ୍) ଗୋଲ ଗୋଲ (ନା, ନା ସୁଗୋଲ), ଲୁଣିଆ (ଲବଣାକ୍ତ) ଲୁହ (ଅଶ୍ରୁ ବନ୍ଦୁ) ଟୋପା...

ପୁଟୁଳି ଭିତରୁ ବାହାରିଲା ଦୁଇଟା ମୁଣ୍ଡ କଣ୍ଟା, ଟିଣ୍ଡେ ଛିଣ୍ଡା ଜୋତା ଛାଉ, ଅଙ୍ଗୁଳେ କନା ଧଡ଼ି ଓ ଦୁଇକେଶ ବାଳ।

ବାହାର ଜଲ—

ସେଇ ନିର୍ଜନ ଘଡ଼ରେ, ଅକାଶ ଯେତେବେଳେ ତାର—ଅଖିରେ କୁହିଁ ଦେଖିଲା, ତନ୍ଦ ଶୁଣିଲା, ଘଡ଼ ନଷଫ ଶୁଣିଲେ ତାର ଟୋପା ଟୋପା ଲୁହ ଝର ପଡ଼ିବାର ଶବ୍ଦ!

ନାୟକ ଭାବଇ, "କାହାକୁ ଚୁମ୍ବନ କରିବ— ଏଇ ଦୁଇକେଶ ବାଳକୁ, ଯାହା ତାର ମଥାର ପରଶ, ଜୋତା ଛାଉକୁ ଯାହା ସେହି ପାଦର ପରଶ ଯହିଁରେ ପଦ୍ମ ଫୁଟେ ଚାଲିଲେ। ମୁଣ୍ଡ କଣ୍ଟାକୁ—ଯାହା ବାନ୍ଧି ରଖେ ତାର ବେଣୀକୁ, ଦେଶଙ୍ଗନାର ବେଣୀ ଏକ ହଗନ୍ତି ବସ୍ତୁ ସେହି ବେଣୀକୁ:—ନା' ଧଡ଼ିକୁ—

ନାୟକ ଭାବିଲା—

ତା ସହିତ ଭାବଲେ ଶୁକତାରା, ଭାବିଲା ମଙ୍ଗଳ ଗ୍ରହ—ଭାବିଲା ଘଲୁଡ—ଭାବିଲା (ନବାବ୍)......

ଶୋଷ ହୁଏ ନାହିଁ। କଛି ସମାଧାନ ହୋଇ ପାରେ ନାହିଁ। ତେଣୁ ବଢ଼ି ଯାଇ ଶୋଷ ଅଦିଲ ସକାଳର କୁହୁଡ଼।

ନାୟକର ଭାବନାର ଅନ୍ତ ନାହିଁ।

ଅଦ୍ୟାପି ସେ ଭାବୁଥିବ—

ଜନ୍ମଜନାନ୍ତରେ ଭାବିବ—କାହାକୁ?— କିଏ ତାର ପ୍ରଶ୍ନ? କିଏ ତାର ଇଙ୍ଗିତ? କିଏ ବା ତାର ସଙ୍କେତ?

ଏକ ଭାବନାରେହିଁ କବିର କବିତା, ଅସମାପିକାର ଛନ୍ଦ, ଜଗତର ଅସୀମ ସ୍ପନ୍ଦନ।

ହାୟ!—

---


# ତିନୋଟି ପରୀକ୍ଷିତ ମୋଦକ

ଏକ—ଅଗ୍ନିମାନ୍ଦ୍ୟ ଗ୍ଲଡ଼ବାଲ୍ "ଶଶାଙ୍କ କିରଣମୋଦକ" ବ୍ୟବହାର କରନ୍ତୁ।— ମୂଲ୍ୟ—ଟୋ୧୬ଟାକୁ ଏକଟଙ୍କା ମାତ୍ର

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଅନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭ ମୋଦକ" ବ୍ୟବହାର କରନ୍ତୁ ମୂଲ୍ୟ—୧୨ ଟାକୁ ଏକଟଙ୍କା ମାତ୍ର।

ତିନି—ସନ୍ତାନପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ "ଦୈବଚୂର୍ଣ୍ଣକ" ବ୍ୟବହାର କରନ୍ତୁ।— ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ—ଆୟୁର୍ବେଦୀୟ ଫାର୍ମାସୀ, ଭୁବନେଶ୍ୱର—ପୁରୀ।


Digitized by srujanika@gmail.com



ପ୍ରିୟ ନାତି ନାତୁଣୀମାନେ,

ତମ ମୁହଁରେ ପ୍ରଶ୍ନ ବାଜି ଗଲା ପରି ଲାଗୁଛି । କାହିଁ, ଅନେକ ଦିନରୁ ତ କେହି ଚିଠିପତ୍ର ଦେଉନାହାଁ । ବୁଢ଼ାଟା ଉପରେ ରାଗିଛକି ? ହଉ ରାଗିଲେ ରାଗ ପଛକେ, ବୁଢ଼ା ବୋଲୁଛି ଶୁଣି, ତା କଥା ଅନୁସାରେ କାମରେ ଲାଗ ।

ତମେ ସବୁ ଶୁଣିଛ, ଆଜ ଧର୍ମାବତାର ବ୍ରିଟିଶ ସରକାର ଧର୍ମ ସଂସ୍ଥାପନା ପାଇଁ ଏକ ଧର୍ମଯୁଦ୍ଧ କରୁଛନ୍ତି—ଜର୍ମାନୀ ସାଙ୍ଗରେ । ଧର୍ମଟା କ'ଣ ? ନା—ପୃଥିବୀର ସ୍ୱାଧୀନତା ରକ୍ଷା କରିବା, ଦୁର୍ବଳ ଉପରୁ ବଳବାନର ଅତ୍ୟାଚାର ଦୂର କରିବା । ଜର୍ମାନ ପୃଥିବୀର କେତେକ ଦେଶର ସେହି ସ୍ୱାଧୀନତା ଛଡ଼ାଇ ନେବାରୁ ଆମ ମହୋପକାରୀ ସରକାର ତା ସାଙ୍ଗରେ ଲଢ଼େଇ କରି ଦୁର୍ବଳ ପ୍ରପୀଡ଼ିତ ଦେଶର ସ୍ୱାଧୀନତାକୁ ତାଙ୍କୁ ଫେରାଇ ଦେବେ । କିନ୍ତୁ ଯାହାର ସ୍ୱାଧୀନତା ଦେଢ଼ଶ ବର୍ଷ ଆଗରୁ ଛଡ଼ାଇ ନିଆ ଯାଇଥିବ, ବାଇବେଲ ପୁରାଣର ବିଧାନ ମତେ ତାର ସ୍ୱାଧୀନତା ଦାବି ତାମାଦି ହୋଇ ଯାଇଥିବାରୁ ତାର ସ୍ୱାଧୀନତା ପ୍ରଶ୍ନ ଉଠିବ ନାହିଁ । ସେହି ଦେଶ ଭିତରେ ଏହି ଭାରତଖଣ୍ଡ ବି ଆଜି ପଡ଼ି ଯାଇଛି । ତେଣୁ ଇଂରାଜ ସରକାର ଭାରତର ନାଁ ବି ଧରୁ ନାହାନ୍ତି । କଂଗ୍ରେସ ସେକଥା କହିବାରୁ ତାଙ୍କୁ ଭୁରୁଡ଼ ମାରଦେଲେ । ତେଣୁ କଂଗ୍ରେସ ମନ୍ତ୍ରୀମାନେ ନାକ କାନ ଅଣ୍ଡିସି ଘରକୁ ଫେରି ଆସିଲେ । ବର୍ତ୍ତମାନ ଇଂରାଜ ସରକାର ସଙ୍ଗରେ କଂଗ୍ରେସର ବା ଆମ ଦେଶର କିଛି ବୁଝିଆ ହୋଇନାହିଁ । ଶତ୍ରୁ ବିପଦରେ ପଡ଼ିଥିବା ବେଳେ ତାକୁ ହଇରାଣ କରିବା ବି ଠିକ ନୁହେଁ । କିନ୍ତୁ ଆମକୁ ଆମ ସ୍ୱାଧୀନତା ଛଡ଼ାଇ ଆଣିବା ପାଇଁ ଦିନେ ଯେ ଯୁଦ୍ଧ କରିବାକୁ ପଡ଼ିବ ଏଥିରେ କିଛି ସନ୍ଦେହ ନାହିଁ । ତେଣୁ ସେଥିପାଇଁ ପ୍ରସ୍ତୁତ ହେବାକୁ ହେବ । କାଟଣିଆର ରହିବାକୁ ହେବ । ତମେ ସବୁ ଗାନ୍ଧିଜୀଙ୍କ କଥା ମାନି ଏଣିକି ଅରଟ କାଟ ଓ ଲୋକଙ୍କୁ କାଟିବାକୁ ଚେଷ୍ଟାକରୁଥା ।

—ତମ ଅଜା

## ନାଗବଟୁଙ୍କ କଲମରୁ

### ମହାତ୍ମା-ଗାନ୍ଧି ।

ଜଗତର ଘରେ ଘରେ ଆଜି ମହାତ୍ମାଜୀ,
ଘଟେ ଘଟେ ବସିଛନ୍ତି ଦେବ ରୂପ ସାଜି ।
ଦେବ ଭାବେ ପୂଜିଅଛି ତାଙ୍କ ଦେହ ଛବି,
ଦର୍ଶନ ମାତ୍ରକେ ମୁଣ୍ଡ ଆପେ ଯାଏ ନଇଁ ।
ନର ରୂପେ ନାରାୟଣ ଅବତରି ଦେଶେ,
ଦେଶ ପାଇଁ ଦଶ ପାଇଁ ବୁଲି ଭିକ୍ଷୁ ବେଶେ ।
ସାଧୁଛନ୍ତି ନିତି ନିତି ଜଗତ କଲ୍ୟାଣ,
ପରମ ଈଶ୍ୱରେ କରି ଆତ୍ମ ସମର୍ପଣ ।
ଜଗତର ଜଣେ ମାତ୍ର ଶ୍ରେଷ୍ଠ ବୀର ଗାନ୍ଧି,
(ଯିଏ) ଦମ୍ଭଙ୍କ ହୃଦେ ପାରେ ଜଳଡୋର ବାନ୍ଧି
ପରାଧୀନତା ଅବସ୍ଥାର ଆମ ଦେଶ ନେତା,
ତଳେ ହେଲେ ତାଙ୍କଠାରେ ନଥାଏ ଶଠତା
ଛଅ ହାତ ଖଦଡ଼ର ଗୋଟି ଖଣ୍ଡେ ପିନ୍ଧି,
ଖଦଡ଼ ଚଦର ଖଣ୍ଡିଏ ଦେହେ ଥାନ୍ତି ଛନ୍ଦି ।
ଆଣ୍ଠୁ ଉପରକୁ ଲୁଗା-ଟିକା ନେତା ଜଣେ,
ଦେଖିଛନ୍ତି କେହି ଭାଇ ଏ ଯୁଗରେ କେଣେ?
ମୋଟା ଖାଇ ମୋଟା ପିନ୍ଧି ଅଗକାଳ ବୀରେ,
ଭାରତ-ସୁଖ୍ୟାତି ଗାନ କରୁଥିଲେ ଜୋରେ ।
ସେହି ନୀତି ଅବଲମ୍ବି ଖଦଡ଼ର ମାନ,
ମହାତ୍ମାଙ୍କ ରଖିଛନ୍ତି ବରଜି ଫେସନ ।
ଦେଶର ଦରବ ଆମେ ଜାଣିଲେ ଆଦର,
ଅଚିରେମ୍ଭେ ପୂର୍ବଦଶା ଆସିବଟି ଫେର ।
ଅସୁନ୍ଦର ହେଲେ ବୁଢ଼ା ନିଜ ପୁଅ ଝିଅ,
ନ ଦେଖାଏ କିଏ କେବେ ପୂରାପୂରି ସ୍ନେହ?
ନିଜ ପୁଅ ଫିଙ୍ଗି କିଏ ଆଦରେ ପରକୁ ?
ଅଜ୍ଞ ବୁଝା ବଳକାଙ୍ଗ ସୁନ୍ଦର ମ.ଅଛୁ ।

× × ×

ଅହିଂସାକୁ ଜୀବନର କରି ମୂଳମନ୍ତ୍ର,
କାର୍ଯ୍ୟକ୍ଷେତ୍ରେ ଅଗ୍ରସର ହୁଅନ୍ତୁ ସର୍ବତ୍ର ।
'ଅନଶନ ବ୍ରତ' ପୁଣି 'ସତ୍ୟାଗ୍ରହ ପନ୍ଥା'
ଜଗତର ଇତିହାସେ ଘୋଟେ ଗାନ୍ଧି କଥା ।
ଅହିଂସା ଶକତି ସାଙ୍ଗେ ସ୍ନେହ ତଲୁଆର,
କହିବନ୍ତି ଶତ୍ରୁ ମୁଖେ ମାନିଅଛୁ ହାର ।
ବାହ୍ୟ ଲୋଭ ଧନ ଲୋଭ ଅଭିମାନ କ୍ରୋଧ—
ଲଗିଥିବା ଜଗତରେ ଯେତେ ୨ ଯୁଦ୍ଧ ।
ବିଶ୍ୱପ୍ରେମ ଭ୍ରାତୃଭାବ ଅଭାବେ କରିଆ,
ଦେଶେ ୨ ଘରେ ଘରେ ଲଗାଇଛି ନିଆଁ ।
ଜାତି-ନୀତି ଧନୀ ଦୁଃଖୀ ଭେଦାଭେଦ ଫେଇ,
ଦେହେ ଦେହ ବାନ୍ଧେ ଜାନ ପାରିଲେ ଲଗାଇ
ଶୁଦ୍ରମାନେ ଅଲିଙ୍ଗିଲେ ବ୍ରାହ୍ମଣ ଚଣ୍ଡାଳେ,
ସୁଖ ଶାନ୍ତି ବଢ଼ାଇବ ନିଶ୍ଚୟ ଧରାରେ ।
(ତେଣୁ) ଶିର ଘୃଣ୍ୟ ହରିଜନ ଉଦ୍ଧାର ପାଇଁକି,
ମନ ପ୍ରାଣ ଢାଳିଛନ୍ତି ସିନା ମହାତ୍ମାଜୀ ।

\+ + +

କାହା ମୁଖେ 'ଗାନ୍ଧିବୁଢ଼ା' କାହା ମୁଖେ 'ଗାନ୍ଧି
କିଏ କହେ 'ଗନ୍ଧିରଜା' କିଏ 'ମହାତ୍ମାଜୀ'
ଜଣେ ଲୋକ ଭିନ୍ନ ଆନେ ଧରି ଭିନ୍ନ ନାମ,
ଦରିଦ୍ର କୃଷକ-ଦୁଃଖୀ କରେଇ ହରଣ ।
ଗାନ୍ଧି ନୀତି ଆଗେ ରଖି ହେଲେ ଅଗ୍ରସର,
ସ୍ୱଦେଶୀଙ୍କ କବଳରୁ ପାଇବୁଁ ନିସ୍ତାର ।
ଗାନ୍ଧି ପରି ବୀର ପୂଜା ଜାଣେ ଯେଉଁ ଜାତି,
ଥୁଅ ତାର ଏଇ ଜନ୍ମେ ନିଶ୍ଚୟ ମୁକତି ।

ଶ୍ରୀ ଭଗବତ ପ୍ରସାଦ ବଳ
ନଂ୨୬୭ ନାଗବଟୁ

## ଅହିଂସା କଣ ?

ସତ୍ୟ, ସେବା ଓ ଅହିଂସା ନାଗବଟୁର ମୂଳମନ୍ତ୍ର । କିନ୍ତୁ ସେହି ଅହିଂସା କଣ ସେ ବିଷୟରେ ସାଧାରଣଙ୍କ ଜ୍ଞାନ ଅତ୍ୟନ୍ତ ସୀମାବଦ୍ଧ । ତେଣୁ ପୃଥିବୀର ସର୍ବଶ୍ରେଷ୍ଠ ପୁରୁଷ, ଭଗବାନଙ୍କ ଅବତାର ମହାତ୍ମାଗାନ୍ଧୀ ଉକ୍ତ ଅହିଂସା ସମ୍ବନ୍ଧରେ ଯାହା ଲେଖିଛନ୍ତି, ତା'ର ଅନୁବାଦ ଦିଆଗଲା । ଆଶା ନାଗବଟୁମାନଙ୍କର କୌଣସି ଉପକାରରେ ଆସିବ ।)

Digitized by srujanika@gmail.com

'The doctrine of the Sword' ନାମକ ପ୍ରବନ୍ଧରେ ଗାନ୍ଧିଜୀ ଲେଖିଥିଲେ—

"ମୋର ଦୃଢ଼ ବିଶ୍ୱାସ, ଯଦି କେବଳ ଭୀରୁତା ଏବଂ ହିଂସା, ଏ ଦୁଇଟିରୁ ଗୋଟିକୁ ବାଛିବାକୁ ପଡ଼େ, ତେବେ ମୁଁ ହିଂସାକୁହିଁ ମନେ ଗାଡ଼ି କରିବାକୁ ଉପଦେଶ ଦେବି ।.........

ଭୀରୁପଣ୍ଡ ଲୋକ ଭଳି ଭାରତରେ ଅପମାନିତ ହେବା ଅପେକ୍ଷା ଭାରତ ବରଂ ନିଜର ସମ୍ମାନ ରକ୍ଷା କରିବା ପାଇଁ ଅସ୍ତ୍ର ଧାରଣ କରିବାକୁ ମୁଁ ଚାହେଁ । ମୁଁ ବିଶ୍ୱାସ କରେ ଅହିଂସା, ହିଂସାଠାରୁ ବହୁତ, କ୍ଷମା ଦଣ୍ଡ ଦେବାଠାରୁ ଅଧିକ ମନୁ-ଷ୍ୟୋଚିତ । କ୍ଷମା ବୀରସ୍ୟ ଭୂଷଣମ୍ ।

ହେଲେ କେଉଁଠାରେ କ୍ଷମା ସମ୍ଭବ । ଦଣ୍ଡିବାର ଶକ୍ତି ଥାଇ ଦଣ୍ଡ ଦେବାରୁ କ୍ଷାନ୍ତ ହେଲେ ତାକୁ ପ୍ରକୃତ କ୍ଷମା କୁହାଯାଏ, କିନ୍ତୁ ଶକ୍ତିହୀନ ହୋଇ କ୍ଷମା କଲେ ତାହା ନିରର୍ଥକ । ବିରାଡ଼ି ମୂଷାକୁ ମାରି ଖଣ୍ଡ ଖଣ୍ଡ କରି ପକାଇବା ସମୟରେ ମୂଷା କେବେ ବିରାଡ଼ିକୁ କ୍ଷମା କରିଥାଏ ।...... କିନ୍ତୁ ଭାରତ ଯେ ନିଃସହାୟ, ମୁଁ ଯେ ଉପାୟ-ହୀନ, ଏହା ମୁଁ ବିଶ୍ୱାସ କରେନା ।......

ମୋତେ ଭୁଲ ବୁଝନା । ଶାରୀରିକ ପାରଦର୍ଶିତା ପ୍ରକୃତ ବଳ ନୁହେଁ । ଶକ୍ତି ଆସେ ଅଦମ୍ୟ ଆତ୍ମବଳରୁ ......

ମୁଁ କଳ୍ପନାକାରୀ ନୁହେଁ । ମୁଁ ଜଣେ ବାସ୍ତବ ଆଦର୍ଶବାଦୀ ବୋଲି ଦାବୀ କରେ । ଅହିଂସା ଧର୍ମ କେବଳ ମୁନି ଋଷିଙ୍କର ନୁହେଁ । ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଏହା ଉଦ୍ଦିଷ୍ଟ । ଅହିଂସା ମାନବର ଧର୍ମ, ହିଂସା ପଶୁର । ପଶୁ ହୃଦୟରେ ଏ ପ୍ରବୃତ୍ତି ସୁପ୍ତ ରହିଥାଏ, ତେଣୁ ସେ ଶାରୀରିକ ବଳ ଛଡ଼ା ଅନ୍ୟ କିଛି ଜାଣେନା ।......

ସୁତରାଂ ଭାରତ ସମ୍ମୁଖରେ ସେହି ପୁରାତନ ଆତ୍ମୋତ୍ସର୍ଗ ନୀତିକୁ ଉପସ୍ଥାପିତ କରିବା ପାଇଁ ମୁଁ ସାହସ କରିଛି । କାରଣ ସତ୍ୟାଗ୍ରହ, ଅସହଯୋଗ ଏବଂ ଅଇନ-ଅମାନ୍ୟ ଆନ୍ଦୋଳନ, ଏ ସମସ୍ତ ସେହି ସ୍ୱେଚ୍ଛାକୃତ ବିପଦ ବରଣର ନୂତନ ନାମ ଛଡ଼ା ଅନ୍ୟ କିଛି ନୁହନ୍ତି । ହିଂସା ଭିତରେ ଥାଇ ଯେଉଁ ଋଷିମାନେ ଅହିଂସା ନୀତି ଆବିଷ୍କାର କରିପାରିଥିଲେ ସେମାନେ ବାସ୍ତବିକ ନିଉଟନଙ୍କ ଅପେକ୍ଷା ଅଧିକ ପ୍ରତିଭା-ଶାଳୀ—ୱେଲିଂଟନଙ୍କ ଅପେକ୍ଷା ଉତ୍କୃଷ୍ଟ ଯୋଦ୍ଧା । ସେମାନେ ନିଜେ ଅସ୍ତ୍ରଶସ୍ତ୍ର ବ୍ୟବହାରରେ ପାରଦର୍ଶୀ ଥିଲେ ହେଁ, ଅସ୍ତ୍ରର ଅକର୍ମଣ୍ୟତା ମଧ୍ୟ ବୁଝିପାରିଥିଲେ । ସେମାନେ କ୍ଲାନ୍ତ ପୃଥିବୀକୁ ଶିକ୍ଷା ଦେଲେ—ହିଂସା ଦ୍ୱାରା ମୁକ୍ତି ମିଳେନା—ମିଳେ ଅହିଂସାରେ ।

ସ୍ୱେଚ୍ଛାପ୍ରଣୋଦିତ-ଆତ୍ମୋତ୍ସର୍ଗ ଦ୍ୱାରା ଅହିଂସା ପାଳନ କରାଯାଏ । ଏଥିରୁ ମନେ କରାଯାଏ, କାହିଁ ଯେ କୁକର୍ମକାରୀର ଅଧୀନରେ ବିନୟ ସହ-କାରେ ପାଳନ କରିବା—ଏହାର ଅର୍ଥ ଅତ୍ୟା-ଚାରୀର ଶୋଷଣ ବିରୁଦ୍ଧରେ ନିଜର ଆତ୍ମା ସମ୍ପୂର୍ଣ୍ଣ ନିୟୋଗ କରିବା । ଏହି ଭାବରେ, ନିଜର ସମ୍ମାନ, ଧର୍ମ ଏବଂ ପ୍ରାଣରକ୍ଷା କରିବାକୁ ଯାଇ କେବଳ ଜଣେ ମଧ୍ୟ ଅନ୍ୟାୟୀ ସାମ୍ରାଜ୍ୟର ବିରାଟ ଶକ୍ତିକୁ ବ୍ୟର୍ଥ କରିପାରେ ଏବଂ ତାର ପତନ କିମ୍ବା ପୁନର୍ଗଠନର ମୂଳଦୁଆ ସ୍ଥାପନ କରିପାରେ ।

ତେଣୁ ଭାରତକୁ ଦୁର୍ବଳ ଭାବି ମୁଁ ତାର ଅହିଂସା ନୀତି ଗ୍ରହଣୀୟ ବୋଲି ନିବେଦନ କରୁନାହିଁ । ଭାରତ ନିଜର କ୍ଷମତା ଓ ଶକ୍ତି ସମ୍ବନ୍ଧରେ ସଚେତନ ରହି ଅହିଂସା ଅଭ୍ୟାସ କରିବାକୁ ମୁଁ ଚାହେଁ ।......ଭାରତର ସ୍ମରଣ ରଖିବା ଉଚିତ ଯେ ତାର ଏକ ଅବିନାଶ ଆତ୍ମା ଅଛି ଯାହାକି, ଯେ କୌଣସି ଶାରୀରିକ ଦୁର୍ବଳତା ଉପରେ ବିଜୟ ଦର୍ପରେ ଉଠିପାରେ ଏବଂ ସମୁଦାୟ ପୃଥିବୀର ସମ୍ମିଳିତ ପାଶବିକ ଶକ୍ତିକୁ ବ୍ୟର୍ଥ କରିଦେଇ ପାରେ ।......

......ଏପରିକି ହିଂସାର ବିଦ୍ୟାଳୟରେ ମଧ୍ୟ ମୋର ଏହି ଶାନ୍ତିମୟ 'ଅସହଯୋଗ'କୁ ଥରେ ଚେଷ୍ଟା କରି ଦେଖିବା ପାଇଁ ମୁଁ ଆମନ୍ତ୍ରଣ କରୁଛି । ଏହା ଅନ୍ତର୍ନିହିତ ଦୁର୍ବଳତା ଯୋଗୁଁ ବିଫଳ ହେବନାହିଁ । ଉପଯୁକ୍ତ ଅନୁପ୍ରେରଣାର ଅଭାବରେ ଏହା ବିଫଳ ହୋଇପାରେ । ସେତେବେଳେହିଁ ପ୍ରକୃତ ବିପଦର ସମୟ । ଉଚ୍ଚ, ସାହସୀ ଲୋକେ, ଯେଉଁମାନେ ଦେଶର ନମ୍ରତାକୁ ଆଉ ସହିପାରିବେ ନାହିଁ ସେମାନେ କ୍ରୋଧ ପ୍ରକାଶର ବାଟ ଖୋଜିବେ । ତେଣୁ ସେମାନେ ହିଂସାର ଆଶ୍ରୟ ନେବେ ।

ମୁଁ ଯେତେଦୂର ଜାଣେ ସେମାନେ ନିଜକୁ କିମ୍ବା ଦେଶକୁ ଏପରି ଭୁଲରୁ ଉଦ୍ଧାର କରିବା ପୂର୍ବରୁ ବିନାଶ ପ୍ରାପ୍ତ ହେବେ । ଭାରତ ଯଦି ଏହି ତରବାରି-ନୀତି ଗ୍ରହଣକରେ ତେବେ ସେ କ୍ଷଣସ୍ଥାୟୀ ବିଜୟଲାଭ କରିପାରେ । ସେପରି-ସ୍ଥଳେ ଭାରତ ଆଉ ମୋର ହୃଦୟର ଗର୍ବ ହୋଇପାରିବ ନାହିଁ । ମୁଁ ଭାରତଠାରେ ଆସକ୍ତ, କାରଣ ମୋର ଯାହା ଅଛି, ସେଥି ସକାଶେ ମୁଁ ଭାରତଠାରେ ଋଣୀ । ମୁଁ ନିଶ୍ଚିତ ରୂପେ ବିଶ୍ୱାସ କରେ ଭାରତ ସମଗ୍ର ପୃଥିବୀକୁ ପ୍ରେରଣା ଦେବ ।

ଅନୁବାଦକ—ସୂର୍ଯ୍ୟକାନ୍ତ (ନଂ ୧)

## ରାଇଟ ବ୍ରାଦରସ ।

ରାଇଟ ( wright ) ନାମରେ ଦୁଇଜଣ ଭାଇ ଥିଲେ । ଏମାନଙ୍କ ଜନ୍ମସ୍ଥାନ ଆମ ଭାରତରେ ନୁହେଁ କି ଇଉରୋପ ମହାଦେଶରେ ନୁହେ—ସୁଦୂର ଆମେରିକାରେ । ବାର୍ଷିକର ଚାଷ ସନ । ଦୁହେଁ ଦୁହିଙ୍କୁ ଖୁବ ଜାଣୁଣ ଭଲ ପାଉଥିଲେ ।

ପିଲାଦିନରୁ ତାଙ୍କର ଗୋଟିଏ ଭଲ ଗୁଣ ଥିଲା । ସେମାନେ ଯେଉଁ ପଦାର୍ଥଟିକୁ ଦେଖୁ-ଥିଲେ କି ଶୁଣୁଥିଲେ—ଭଲ ମନ ଦେଇ ପର୍ଯ୍ୟ-ବେକ୍ଷଣ କରୁଥିଲେ । "ତୁଳସୀ ଦୁଇ ପତ୍ରରୁ ବାସେ ।" ଏହି ରୀତି ବାକ୍ୟଟି ତାଙ୍କଠାରୁ ପ୍ରମାଣ ମିଳଥିଲା । ପିଲାଦିନରୁ ତାଙ୍କର ଏପରି ଗୁଣ ଦେଖି ଲୋକେ ଭାରି ଖୁସି ହେଉଥିଲେ ଏବଂ ବଡ଼ ହେଲେ ଗୋଟାଏ ବଡ଼ କାମ କରିବେ ବୋଲି କହୁଥିଲେ ।

ଆମ ଯୁଗର କଥା ହୋଇ ନ ପାରେ କିନ୍ତୁ ଆମ ଘାଙ୍କ ବାପାଙ୍କ ଯୁଗର କଥା । ପ୍ରଫେସର ଲ୍ୟାଙ୍ଗଲେ Langley ପବନରେ ଲୋକେ କିପରି ଉଡ଼ିବେ ଏହି ଅଦ୍ଭୁତ କଥା ଭାବୁଥାନ୍ତି । ତାଙ୍କ କଥାରେ ସମସ୍ତେ ହସି ଦେଲେ । ପବନରେ ମଣିଷ ଉଡ଼ିବେ—କି ଅଦ୍ଭୁତ କଥା । କିନ୍ତୁ ସେ ଠିକ କଥାରେ ଦୃଢ ବୁଦ୍ଧି ହେବା ଲୋକ ନ ଥିଲେ । ଲୋକଙ୍କ ପରି-ହାସରେ ତାଙ୍କ ହୃଦୟ ଭାଙ୍ଗି ଯାଇ ନଥିଲା ।

ସେ ଗୋଟିଏ ଘୋଡ଼ ଆକାରରେ ଜିନିଷଟିଏ ତିଆରି କରି ଆକାଶରେ ଉଡ଼ାଇଲେ—ସୁନ୍ଦର ଉଡ଼ିଲା । ସେ ଭାବିଲେ ଏଥିରେ ଜଣେ କଲେ ଏହା ନିଜ ମନକୁ ଉଡ଼ିବ । ଅନେକ ଦିନ ଭାବି ଭାବି ସେ ଗୋଟିଏ engine ସେଥିରେ ଯୋଗ କଲେ । କିନ୍ତୁ ଅଳ୍ପ ମୁହୂର୍ତ୍ତପରେ ଜିନିଷଟି ଭୂତଳରେ ପଡ଼ି ଛାରଖାର ହୋଇ-ଗଲା । ତାଙ୍କର ଏହି ମନଇଚ୍ଛ ପଦାର୍ଥଟିର ଛାର-ଖାର ସଙ୍ଗେ ସଙ୍ଗେ ସେ ମଧ୍ୟ ଇହଧାମକୁ ଚାଲିଗଲେ ।

ତାପରେ ଏହି ଦୁଇଭାଇ ଏ ବିଷୟ ନେଇ ଚିନ୍ତା କରିଲେ । ଅନେକ ଭାବନା ପରେ

୨୩ ପୃଷ୍ଠା ଦେଖନ୍ତୁ

Digitized by srujanika@gmail.com

# ୧୯୩୯ ମସିହା ମହାଯୁଦ୍ଧର ଦିନପଞ୍ଜି

୧୯ ଅକ୍ଟୋବର — ରୁଷିଆର ଦାବି ସମ୍ଭନ୍ଧରେ ତୁର୍କିଦେଶ ଏତେ ଦୃଢ଼ତା ଓ ସ୍ୱାଧୀନତାର ଭାବ ଦେଖାଇବାରୁ ସେଠାର ରାଜନୀତିଜ୍ଞମାନେ ତଟସ୍ଥ ହୋଇ ଯାଇଛନ୍ତି ବୋଲି ସେଠାକାର ସାମ୍ବାଦିକ ପ୍ରକାଶ କରନ୍ତି ।

୨୦ ଅକ୍ଟୋବର — ରୁଷ ଫିନ୍‌ଲାଣ୍ଡକୁ ଭଲ୍ ଆଲ ଛକ ଦେବାର ଦାବି କରେ, ଅଧିକନ୍ତୁ ରୁଷ ଦ୍ୱାରା ଫିନ୍‌ଲାଣ୍ଡର ନେତାମାନେ ଉଭୟ ହୁଅନ୍ତି ଓ ସୋଭିଏଟର ମୈତ୍ରୀ କାମ୍ୟ ପ୍ରତି ହୁଏ । ରୁଷ ଓ ଫିନ୍‌ଲାଣ୍ଡର ମିତ୍ରାଭିଶାଳ ପ୍ରସ୍ତାବ ଭାଙ୍ଗିଯାଏ, ଫିନ୍‌ସ ବୈଦେଶିକ ମନ୍ତ୍ରୀ ମସ୍କୋରୁ ଫେରି ଆସନ୍ତି ।

୨୧ ଅକ୍ଟୋବର — ବ୍ରିଟେନ ପୋଲେଣ୍ଡରେ ବିଷାକ୍ତ ଗ୍ୟାସ ନେଇଗଲାଛି ବୋଲି ଜର୍ମାନ ପ୍ରଚାର କରେ ଓ ବ୍ରିଟେନ ତାହା ମିଥ୍ୟା ବୋଲି ଘୋଷଣା କରେ । ଜର୍ମାନୀର ଏ ମିଥ୍ୟା ପ୍ରଚାରର ଉଦ୍ଦେଶ୍ୟ ତାର ନିଜ ରଣାଙ୍ଗନରେ ବିଷାକ୍ତ ବାଷ୍ପ ପ୍ରୟୋଗ କରିବାର ଅଭିପ୍ରାୟ ବୋଲି ଜଣାପଡ଼େ ।

୨୨ ଅକ୍ଟୋବର — ତୁର୍କି ସହିତ ରୁଷର ମନୋମାଳିନ୍ୟ ଘଟେ । ବ୍ରିଟିଶ ବୁଦ୍ଧ ଜାହାଜ ଗୋଟିଏ ଜର୍ମାନ ବୁଡ଼ା ଜାହାଜକୁ ଧ୍ୱଂସ କରେ । ଫିନ୍‌ଲାଣ୍ଡ ପ୍ରତିନିଧିମାନେ ମସ୍କୋ ଗମନ କରନ୍ତି । ସ୍ୱିଡେନ ଓ ନରୱେର ଦୁଇ ଗୋଟି ଜାହାଜ ବୁଡ଼ି ଯାଏ ।

---

( ନାଗବନ୍ଧୁ ପୁଂପୁଷ୍ପା ଉତ୍ତରୁ )

ସିଦ୍ଧାନ୍ତ ହେଲା ଯେ engineରେ ପେଟ୍ରୋଲ ଦେଇ ଉଡ଼େଇଲେ କାର୍ଯ୍ୟଦରେ ଉଡ଼ିବ । ତାଙ୍କର ଏ ସାଧୁ ମତଲବ କାର୍ଯ୍ୟରେ ପରିଣତ ହୋଇଥିଲା । ଏହି ଉଡ଼ାଜାହାଜ ସବୁ କୋଣରେ ଉନ୍ନତି ହୋଇଛି । ଆଜି ଆମେ ଏହା ସବୁ ଦେଖୁଁ ଓ ଉପଭୋଗ କରୁଁ । ସେହି ଦୁଇ ଭାଇ ପୃଥିବୀର "First Birdmen" ସେମାନେ ଅଛନ୍ତି ନାହାନ୍ତି କିନ୍ତୁ ତାଙ୍କର ଏ ମହତ୍ ଉଦ୍ଭାବନାଟି ଅଛି ଏବଂ ଥିବ । ଶାନ୍ତିଃ ଶାନ୍ତିଃ...

ଶ୍ରୀ ଭକ୍ତଚରଣ ମହାନ୍ତି । ୧୯୪୦

୨୩ ଅକ୍ଟୋବର — କେତେକଣ ଜର୍ମାନ ସେନାପତି ରାଜନୀତିର ପକ୍ଷପାତ ହେବାରୁ ହିଟ୍‌ଲରଙ୍କ ଦ୍ୱାରା ତଡ଼ାଡ଼ିତ ହୁଅନ୍ତି । ଇଂଲଣ୍ଡ ଓ ଫ୍ରାନ୍ସର ବିଜୟ ନିମନ୍ତେ ଆମେରିକାରେ ଏକ ବିରାଟ ପ୍ରାର୍ଥନା ସଭା ହୁଏ । ପ୍ରେସିଡେଣ୍ଟ ରୁଜ୍‌ଭେଲ୍ଟ ସେଠାରେ ଉପସ୍ଥିତ ଥାଆନ୍ତି । ବ୍ରିଟିଶ ସେନା ଉପରେ ଜର୍ମାନ ଉଡ଼ା ଜାହାଜ ବ୍ୟର୍ଥ ଆକ୍ରମଣ କରନ୍ତି ।

୨୪ ଅକ୍ଟୋବର — ତୁର୍କି ସହିତ ଇଂଲଣ୍ଡର ସନ୍ଧି ହେବାରୁ ଜର୍ମାନ ଅତ୍ୟନ୍ତ କ୍ରୁଦ୍ଧ । ବ୍ରିଟେନର ବାଣିଜ୍ୟ ପୋତ ଧ୍ୱଂସ କରିବାକୁ ଯାଇ ଜର୍ମାନ ପରାସ୍ତ ।

୨୫ ଅକ୍ଟୋବର — ବ୍ରିଟେନର ତିନିଗୋଟି ଜାହାଜ ବୁଡ଼ିଗଲା । ରୁଷ ଗୋଟିଏ ଆମେରିକାନ୍ ଜାହାଜକୁ ବନ୍ଦି କରେ । ସନ୍ଧି ନିମନ୍ତେ ମସ୍କୋ ଯାଇଥିବା ଫିନ୍ ପ୍ରତିନିଧିମାନେ ଫେରି ଆସନ୍ତି । ରିବେନଟ୍ରପ୍ ଏହି ଯୁଦ୍ଧ ନିମନ୍ତେ ବ୍ରିଟେନକୁ ଦାୟୀ କରି ବକ୍ତୃତା ଦିଅନ୍ତି ।

୨୬ ଅକ୍ଟୋବର — ବ୍ରିଟିଶ ଜାହାଜ ଗୋଟିଏ ଜର୍ମାନ ବୁଡ଼ା ଜାହାଜକୁ ବୁଡ଼ାଇ ଦିଏ । ପଶ୍ଚିମ ତଟରେ ଭୟଙ୍କର ଆକ୍ରମଣ କରିବା ପାଇଁ ଜର୍ମାନ ପ୍ରସ୍ତୁତ । ଅନ୍ୟ କୌଣସି ଦେଶ ଜର୍ମାନର ମିତ୍ର ହୋଇ ନାହାନ୍ତି ବୋଲି ଜଣାପଡ଼େ ।

୨୭ ଅକ୍ଟୋବର — ରୁଷ୍ କର୍ତ୍ତୃପକ୍ଷମାନେ ବନ୍ଦ କରିଥିବା ଆମେରିକାନ୍ ଜାହାଜକୁ ଛାଡ଼ି ଦିଅନ୍ତି । ବେଲଜିୟମ୍ ଆତ୍ମରକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଲାଗେ ।

୨୮ ଅକ୍ଟୋବର — ନିଉଜିଲାଣ୍ଡ ତା'ର ସମସ୍ତ ଅସ୍ତ୍ର ଯୁଦ୍ଧ ନିମନ୍ତେ ବ୍ରିଟେନକୁ ଦେବା ପାଇଁ ବାଧ୍ୟବାଦ କରେ । ପଶ୍ଚିମ ସୀମାନ୍ତରେ ମିତ୍ର ପକ୍ଷ ସେନାଙ୍କୁ ଜର୍ମାନ ଭୀଷଣ ଆକ୍ରମଣ କରେ । ରୁମାନିଆ ଓ ତୁର୍କି ବନ୍ଧୁତ୍ୱରେ ଜଡ଼ିତ ବୋଲି ଗୁପ୍ତ ସଙ୍କେତ ଦିଏ ।

୨୯ ଅକ୍ଟୋବର — ପୂର୍ବ ଦେଶକୁ ରୁଷ ଅଗ୍ରସର ହେଲେ ତୁର୍କି ବାଧା ଦେବ ବୋଲି ପ୍ରସ୍ତୁତ ହୁଏ । ସ୍କଟଲାଣ୍ଡ ଉପକୂଳରେ ଆଠ ଜର୍ମାନ ସେନା ଉଡ଼ାଜାହାଜମାନେ ଗୋଟିଏ ଆକ୍ରମଣକାରୀ ଜର୍ମାନ ଉଡ଼ା ଜାହାଜକୁ ଧ୍ୱଂସ କରନ୍ତି ।

୩୦ ଅକ୍ଟୋବର — ଅଷ୍ଟ୍ରିୟାନ୍ ସେନାଦଳରେ ବିଦ୍ରୋହ ଦେଖା ଦେବାରୁ ସେନାନାୟକ ମୃତ୍ୟୁଦଣ୍ଡ ହୋଇ ଥିବାର ଖବର ଆସେ । ଉତ୍ତର ସମୁଦ୍ର ଉପକୂଳ ଓ ଯୁଗୋସ୍ଲାଭିୟାର ସୀମାନ୍ତରେ ଜର୍ମାନ ସେନା ଜମା ହୋଇଛନ୍ତି । ଜର୍ମାନର ହୁକୁମ ବିରୁଦ୍ଧରେ ଡ୍ୟାନ୍‌ଜିଗ୍‌ର ନାଗରିକ ବିକ୍ଷୋଭ ପାଳନ କରନ୍ତି ।

୩୧ ଅକ୍ଟୋବର — ନାଜି ପୋଲିସ ଜର୍ମାନର ଗୋଟିଏ ନଅ ନୃଶଂସତାର ଚିହ୍ନ ଧ୍ୱଂସ କରନ୍ତି । ରୁଷମାନେ ପୋଲାଣ୍ଡର ଦଖଲ ଅଧିକୃତ ସ୍ଥାନମାନଙ୍କରେ ନିଜର ରାଜ ସତ୍ତା ଘୋଷଣା କରନ୍ତି ।

ନଭେମ୍ବର ୨ — ପଶ୍ଚିମ ରଣ ପ୍ରାଙ୍ଗଣରେ ଭୀଷଣ ବାୟୁ ଯୁଦ୍ଧ ଫଳରେ ୨୭ଟି ଜର୍ମାନ ବାୟୁଯାନ ଅକାନ୍ତ ହୋଇ ତହିଁରୁ ସାତୋଟି ମାତ୍ର ଭୂପତିତ ହୁଏ ।

୭ ନଭେମ୍ବର — ବେଲ୍‌ଜିୟମ୍ ଏବଂ ହଲାଣ୍ଡର ଅଧୀଶ୍ୱରମାନେ, ଜର୍ମାନ ଫ୍ରାନ୍ସ ଓ ଇଂଲଣ୍ଡକୁ ଶାନ୍ତି ସ୍ଥାପନ କରିବାକୁ ଅନୁରୋଧ କରନ୍ତି । ଓଲନ୍ଦାଜ ସ୍ୱାଧୀନତାର ଶତ୍ରୁ ଭାରତର ପରମ ଶତ୍ରୁ ବୋଲି ଲର୍ଡ ଜେଟଲ୍ୟାଣ୍ଡ ଘୋଷଣା କରନ୍ତି ।

୮ ନଭେମ୍ବର — ମିଉନିକ୍ ବିଅର୍ ସେଲର୍‌ରେ ହିଟଲରଙ୍କ ବକ୍ତୃତା ଦେବା ଅବସରରେ ଗୋଟିଏ ବୋମା ବିସ୍ଫୋରଣ ହୁଏ । ହିଟଲର୍ ବଞ୍ଚି ଯାଆନ୍ତି । ଜର୍ମାନ ପାଞ୍ଚ ବର୍ଷ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅନ୍ତି । ବ୍ରିଟିଶ ବୈଜ୍ଞାନିକମାନେ ହିଟଲରଙ୍କ ବନ୍ଧୁମାନଙ୍କ ଦ୍ୱାରା ହିଁ ଷଡ଼ଯନ୍ତ୍ର ହେବା ପାଇଁ ଏକ ଚକ୍ରାନ୍ତ ଗୁପ୍ତ ମାରଣ ଯନ୍ତ୍ର ଆବିଷ୍କୃତ ହୋଇଥିବାର ଇଙ୍ଗିତ ଦିଅନ୍ତି ।

୯ ନଭେମ୍ବର — ଭାରତୀୟ ଜାତୀୟ କଂଗ୍ରେସର ଦାବିକୁ ଉପେକ୍ଷିତ କରନ୍ତି । ଗୋଟିଏ ଜର୍ମାନ ବୋମାବର୍ଷୀ ବିମାନ ଦ୍ୱାରା ଆକ୍ରାନ୍ତ ହୋଇ ସମୁଦ୍ର ଗର୍ଭରେ ପତିତ ହେଲା । ହଲାଣ୍ଡବାସୀମାନେ ଆଠ ଜର୍ମାନ ସେନା ବନ୍ଦୀ କରନ୍ତି ।

Digitized by srujanika@gmail.com

୧୦ ନଭେମ୍ବର—ଜର୍ମାନ ପୋଲାଣ୍ଡରୁ ସୈନ୍ୟ ଆଣି ପଶ୍ଚିମ ପ୍ରାଙ୍ଗଣରେ ଏକତ୍ରିତ କଲେ। ତାହାର ଫଳରେ ଗୋଟିଏ ଜର୍ମାନ ଆକାଶଯାନ ଭୂମି ଉପରେ ପଡ଼ିଲା। ହଲାଣ୍ଡ ଯୁଦ୍ଧର ଶଙ୍କା କଲେ। ଲୁକ୍ସେମବର୍ଗ ସତର୍କ ହେଲା।

୧୧ ନଭେମ୍ବର—ହଲାଣ୍ଡ ଆକ୍ରମଣର ଆଶଙ୍କା କେନ୍ଦ୍ରୀଭୂତ ହେଲା। ରୁଷିଆ, ଫିନ୍‌ଲାଣ୍ଡରେ ଘୋଡ଼ାଘର ନିର୍ମାଣ କରିବାର ଅଧିକାର ମାଗିଲା।

୧୨ ନଭେମ୍ବର—ଫଳରେ ରୁଷିଆ ଫିନ୍‌ଲାଣ୍ଡ ମଧ୍ୟରେ ପ୍ରସ୍ତାବିତ ବନ୍ଧୁତ୍ୱ ସ୍ଥାପନ ପ୍ରଶ୍ନ ସମାପ୍ତ ହେଲା। ବେଲ୍‌ଜିୟମ ଓ ହଲାଣ୍ଡର ଶାନ୍ତି ପ୍ରସ୍ତାବର ଉତ୍ତରରେ ସମ୍ରାଟ ଷଷ୍ଠ ଜର୍ଜ ଓ ଫ୍ରାନ୍ସର ସଭାପତି ଲେବ୍ରୁଁ କହିଲେ ଯେ ଶାନ୍ତି ସମ୍ବନ୍ଧେ ସେମାନେ ଉତ୍କଣ୍ଠିତ ଥିଲେ ମଧ୍ୟ ଜର୍ମାନୀଠାରୁ କେବଳ ନାତି ଅଙ୍ଗୀକାର ନ ମିଳିବା ପର୍ଯ୍ୟନ୍ତ ସ୍ଥାୟୀ ଶାନ୍ତି ସମ୍ଭବ ନୁହେଁ।

୧୩ ନଭେମ୍ବର—ଜର୍ମାନର ପ୍ରଧାନ ସେନାପତିଙ୍କ ଆପତ୍ତି ଫଳରେ ହଲାଣ୍ଡ ଆକ୍ରମଣ ବନ୍ଦ ହେଲା ବୋଲି ସମ୍ବାଦ ମିଳେ। ଗୋଟିଏ ବ୍ରିଟିଶ ପୋତ ଚୁମ୍ବକ ଖଣ୍ଡର (magnatic mine ଦ୍ୱାରା ଆଘାତ ପାଇ) ଜଳମଗ୍ନ ହେଲା।

ନଭେମ୍ବର ୧୪—ହଲାଣ୍ଡ ଓ ବେଲ୍‌ଜିୟମର ଶାନ୍ତି ପ୍ରସ୍ତାବକୁ ହିଟ୍‌ଲର୍ ଉଦ୍ଧତଭାବରେ ଅଗ୍ରାହ୍ୟ କଲେ। ଫିନ୍‌ଲାଣ୍ଡ ଉପରେ ଉଡ଼ୁଥିବା ଗୋଟିଏ ସୁଭଏଟ୍ (ରୁଷିଆ) ଉଡ଼ାଜାହାଜକୁ ଫିନ୍‌ଲାଣ୍ଡ ଛେଦନ କଲେ। ଇଂଲଣ୍ଡର ପୂର୍ବଉପକୂଳରେ ଗୋଟିଏ ଜର୍ମାନ ଉଭୟ ଯାନ (ଆକାଶ ଓ ଜଳ) ବୋମା ପକାଇବାକୁ ଆସିଲା ବେଳେ ଗୋଟିଏ ସେ ଦଳର ପଳାୟନ କଲେ। ଗୋଟିଏ ବ୍ରିଟିଶ ଲୁଟାଜାହାଜ ଧ୍ୱଂସକାରୀସହ ଜର୍ମାନର ବିସ୍ଫୋରଣାସ୍ତ୍ର (mine) ସଂଘର୍ଷରେ ଧ୍ୱସ୍ତ ହେଲା।

୧୫ ନଭେମ୍ବର—ଜର୍ମାନର ଅବରୋଧ ହେତୁ ସ୍ୱିଡେନ୍ ଓ ଜର୍ମାନର ବାଣିଜ୍ୟ ପଥ ବନ୍ଦ ହେଲା।

୧୬ ନଭେମ୍ବର—ପଶ୍ଚିମ ପ୍ରାଙ୍ଗଣରେ ଉଭୟ ପକ୍ଷ ଭିତରେ ଛୋଟାଛୋଟ ଖେଳ ଚାଲେ। ଗୋଟିଏ ନରୱେ ସମ୍ପୃକ୍ତ ଜାହାଜ ଜଳମଗ୍ନ ହେଲା। ଉତ୍ତରମହାସାଗରରେ ୫ଗୋଟିଏ ବୃହତ୍ ବ୍ରିଟିଶ ଜାହାଜ ଜଳ ସମାଧି ହେଲା।

୧୭ ନଭେମ୍ବର—ସେନାପତି ହ୍ୱାନ୍‌ଲବର୍ଗଙ୍କୁ ନାତ୍ସିମାନେ ଗୁଳିକରିଥିବାର ପ୍ରକାଶ। ପ୍ରେଗରେ ବିଦ୍ରୋହର ଲକ୍ଷଣ ପ୍ରକାଶ ପାଏ। ଜଣେ ଚେକ ଗୁଳିରେ ପ୍ରାଣ ହରାନ୍ତି। ୨୦୦ଜଣ ଚେକ ଛାତ୍ର ବନ୍ଦୀ ହୁଅନ୍ତି। ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଆର୍ଥିକ ସହଯୋଗ ସର୍ତ୍ତ ଧାର୍ଯ୍ୟ ହେଲା।

୧୮ ନଭେମ୍ବର—ପ୍ରେଗ୍ (ଚେକୋସ୍ଲୋଭାକିଆ)ରେ ଜର୍ମାନ ସାମରିକ ଆଇନ ଜାରି ହେଲା। ୧୨୦୦ ଚେକ୍ ଛାତ୍ର ବନ୍ଦୀ ହୁଅନ୍ତି। ପୋଲାଣ୍ଡରେ ନାତ୍ସି ସେନାଙ୍କର ଅମାନୁଷିକ ଅତ୍ୟାଚାରର ସମ୍ବାଦ ମିଳିଲା। ଗୋଟିଏ ହଲାଣ୍ଡ ଜାହାଜ ବିସ୍ଫୋରଣାସ୍ତ୍ର (ମାଇନ) ସଂଘର୍ଷରେ ଜଳମଗ୍ନ ହେଲା।

୧୯ ନଭେମ୍ବର ଚେକୋସ୍ଲୋଭାକିଆ ଓ ମୋରେଭିଆରେ ୫୦୦୦ ଚେକ୍ ଜର୍ମାନ ଦ୍ୱାରା ବନ୍ଦୀ ହୁଅନ୍ତି। ସ୍କଟଲାଣ୍ଡ ଉପରେ ଜର୍ମାନ ବୋମା ପଡ଼େ।

୨୦ ନଭେମ୍ବର—ପ୍ରେଗ୍‌ରେ ଭୀଷଣଦଙ୍ଗା ଆରମ୍ଭ ହେଲା। ଚେକ୍‌ମାନେ ଯୁଦ୍ଧ କରିବାକୁ ବଦ୍ଧପରିକର ହୁଅନ୍ତି। ରୁମାନିଆ ଓ ଜର୍ମାନ ମଧ୍ୟରେ ସନ୍ଧି ପ୍ରସ୍ତାବ ବିଫଳ ହେଲା। ରୁଷିଆ ଅଧିକୃତ ପୋଲାଣ୍ଡର ଗିର୍ଜା ସମସ୍ତ ସିନେମା ଗୃହରେ ପରିଣତ ହେବାର ଖବର ମିଳେ।

୨୧ ନଭେମ୍ବର—ଗୋଟିଏ ବ୍ରିଟିଶ ଜାହାଜ ଜଳମଗ୍ନ ହେଲା। ଜାପାନୀ ଜାହାଜ ଟେରୁକୁନିମାରୁ ମଧ୍ୟ ଜଳମଗ୍ନ ହେଲା। ଗୋଟିଏ ଜର୍ମାନ ଉଡ଼ାଜାହାଜ ଇଂଲଣ୍ଡ ପୂର୍ବଉପକୂଳରେ ଆକ୍ରମଣ କରିବାବେଳେ ଗୁଳି ଖାଇ ସମୁଦ୍ରରେ ପଡ଼େ।

୨୨ ନଭେମ୍ବର—୮ଟି ବ୍ୟୋମଯାନ ମିତ୍ରଶକ୍ତି ଦ୍ୱାରା ଭୂପାତିତ ହେଲା। ଜର୍ମାନ ଅର୍ଥନୈତିକ ଅବରୋଧରେ ଫ୍ରାନ୍ସ ଇଂଲଣ୍ଡ ସହିତ ଯୋଗ ଦେଲା। ଗୋଟିଏ ବ୍ରିଟିଶ ଯୁଦ୍ଧ ଜାହାଜ ମାଇନ୍ ଆଘାତରେ ଜଳମଗ୍ନ ହେଲା।

୨୩ ନଭେମ୍ବର—କଂଗ୍ରେସ କାର୍ଯ୍ୟକାରୀ କମିଟି, ତାର ପୂର୍ବ ପ୍ରସ୍ତାବକୁ କାଏମ ରଖି ବ୍ରିଟିଶ ସରକାର ସହିତ ମିଳାମିଶାର ଦ୍ୱାର ଖୋଲା ରଖନ୍ତି। ଚେମ୍ବରଲେନ ଆର୍ଥିକ ଅବରୋଧ (ଅର୍ଥାତ୍ ଜର୍ମାନ ଯେପରି ଅନ୍ୟାନ୍ୟ ଦେଶ ସହିତ ମୁଦ୍ରା ପ୍ରଚଳନ କରି ନ ପାରେ ଏବଂ ମାଲ ଆମଦାନି ରପ୍ତାନି କରି ନ ପାରେ) ଦ୍ୱାରା ଜବାବ୍ ମାଇନ ଯୁଦ୍ଧରେ ଦେବ ବୋଲି ସ୍ଥିର କଲେ। ଆମେରିକାର ଦୂତ ଲଣ୍ଡନରୁ ୱାସିଂଟନ ପ୍ରତ୍ୟାବର୍ତ୍ତନ କରିବାର ସ୍ଥିର ହେଲା। ଗୋଟିଏ ଡଚ୍ ଓ ଗୋଟିଏ ଫରାସୀ ପୋତ ଜର୍ମାନ ମାଇନ ମୁଖରେ ଧ୍ୱସ୍ତ ହୁଅନ୍ତି। ଫିନ୍‌ଲାଣ୍ଡର ପ୍ରଧାନ ମନ୍ତ୍ରୀ ରୁଷିଆର ନବ ପ୍ରସ୍ତାବରେ ସମ୍ମତ ହୁଅନ୍ତି। ଜର୍ମାନମାନେ ଚୁମ୍ବକ ବିସ୍ଫୋରକ ଅସ୍ତ୍ର (magnetic mines) ସମୁଦ୍ର ଆକାଶରୁ ବର୍ଷଣ କରି ଦେଉଥିବାର ଜଣାଯାଏ। ରୁମାନିଆରେ ନୂତନ ମନ୍ତ୍ରୀ ମଣ୍ଡଳ ଗଠିତ ହେଲା।

୨୪ ନଭେମ୍ବର—ମାଇନ ଯୁଦ୍ଧ ନିମନ୍ତେ ନିରପେକ୍ଷଶକ୍ତିମାନେ ଜର୍ମାନ ଉପରେ ବିରକ୍ତ ହୁଅନ୍ତି। ଇଟାଲି ସତର୍କ ହେଲା। ଜାପାନ ବ୍ରିଟେନ ସହିତ ବାଣିଜ୍ୟ ପୂର୍ବପରି ଚଳାଇବ ବୋଲି ସ୍ଥିର କଲେ। ବ୍ରିଟିଶ ପୋତ ହେଲ୍‌ପାଷ୍ଟ ମାଇନ୍ ଆଘାତରେ କ୍ଷତଗ୍ରସ୍ତ ହେଲା।

୨୫ ନଭେମ୍ବର—ଜର୍ମାନ ବ୍ୟୋମଯାନ ଉତ୍ତର ସାଗରର ଦ୍ୱୀପକୁ ଆକ୍ରମଣରେ ଅକୃତକାର୍ଯ୍ୟ ହୁଅନ୍ତି। ୨ଟି ଜର୍ମାନ ବାୟୁଯାନ ଧ୍ୱସ୍ତ ହୁଅନ୍ତି। ରୁଷିଆ ଏବଂ ଜାପାନ ମଧ୍ୟରେ ଯୁଦ୍ଧର ବିରାମ ପ୍ରସ୍ତାବ ଉଠେ।

୨୬ ନଭେମ୍ବର—ରୁଷ୍ ଓ ଫିନସଙ୍କ ମଧ୍ୟରେ ବିବାଦ ଆରମ୍ଭ ହେଲା। ଉଭୟ ସୀମାନ୍ତରେ ସଂଘର୍ଷ ଫଳରେ କେତେକ ରୁଷ୍ ସୈନ୍ୟ ପ୍ରାଣ ହରାନ୍ତି। ବ୍ରିଟିଶ ପୋତ ରାୱଲପିଣ୍ଡି ଜଳମଗ୍ନ ହେଲା।

Digitized by srujanika@gmail.com






# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ସ୍ୱର୍ଣ୍ଣକାର



ଦରଘାବଜାର, ପୋ. —କଟକ ।




ଟ ୨୦୯ ଙ୍କା ପୁରସ୍କାର !　　　　ଟ ୨୦୯ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସ୍ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରରେ [illegible] ଅଳଙ୍କାର ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମମାନଙ୍କର ବ୍ୟବସାୟ ଅନେକ ଦିନରୁ ଅଛି । ଏ କୌଣସି [illegible] ଆମମାନଙ୍କର [illegible] ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟକ୍ଷେତ୍ରରେ ନୂତନ ପ୍ରତିଷ୍ଠା କରିଥିବାରୁ [illegible] ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ କାହାରିକୁ [illegible] ଦେବାକୁ [illegible] । ପ୍ରତ୍ୟେକ ପଦାର୍ଥକୁ [illegible] କରି ପରୀକ୍ଷା କରିବାର ସୁବିଧା ଅଛି ଦେଇ ଥାଉଁ । କେହି କୌଣସି [illegible] ଧରିପାରିଲେ ଅମ୍ଭେମାନେ ଟ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ

ଦରଘା ବଜାର, ପୋ.—କଟକ ।






ବଙ୍ଗଦେଶରେ ପ୍ରଥମ ପ୍ରତିଷ୍ଠିତ

(ସାପ୍ତାହିକ)　　'ବଙ୍ଗ । ଓଡ଼ିଆ ପତ୍ରିକା'　　(ଡବଲ୍ ୧୬ ପୃଷ୍ଠା)

ଏହା [illegible] ମୁଖପତ୍ର । [illegible] ଏବଂ [illegible] ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । [illegible]

[illegible] ଠିକଣା—[illegible] (ବର୍ମା)

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର


Digitized by srujanika@gmail.com

# ଦେଶ ଚାହେଁ

**ବଳବାନ, ବୀର୍ଯ୍ୟବାନ, କାନ୍ତିବାନ ସନ୍ତାନ**

**ସେହି**

**ଅଭାବ ଦୂର କରିବା ପାଇଁ ଏକମାତ୍ର ନୂତନ ଆବିଷ୍କାର**

# 'ଶିଶୁ କଲ୍ୟାଣ'

ଏହାକୁ ବାଳକାଳ [illegible] ପିଲାମାନଙ୍କର ପୁଷ୍ଟି କମି ରୋଗହରା, ଜଡ଼ତା, ଜ୍ୱର, ଅଧିକ ଲାଳ, ବିକଳ ଶକ୍ତି-କ୍ଷୀଣତା, ଝାଡ଼ା, ପେଟଫୁଲ ଇତ୍ୟାଦିରେ କଷ୍ଟ, କଫ, ଶ୍ୱାସ, ଅନିଦ୍ରା, ଦାନ୍ତ ଓ ପୀଡ଼ା, [illegible] ଓ [illegible] ମନ ଅତିଶୀଘ୍ର ଆରୋଗ୍ୟ ହୁଏ । __ସାଧାରଣତଃ ଶିଶୁମାନଙ୍କ, ଏହାକୁ ଜନ୍ମଦିନ ବ୍ୟବହାର କରାଇଲେ ସେମାନେ ସୁସ୍ଥ ସବଳ, ବୁଦ୍ଧିମାନ, ଗୁଣବାନ ଓ କାନ୍ତିବାନ ହୋଇପାରନ୍ତି ।__ ପରୀକ୍ଷଣୀୟ । ମୂଲ୍ୟ— ଶିଶି ୧।୯ ମାତ୍ର ।

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ
ଉଦଳକାର **ଧନ୍ୱନ୍ତରୀ ଔଷଧାଳୟ** Regd
କୁ ଉପ [illegible] ।

ଠିକଣା:— **କବିରାଜ ଶ୍ରୀ ରାଧାନାଥ ମିଶ୍ର**
ଆୟୁର୍ବେଦାଚାର୍ଯ୍ୟ ଏଲ୍, ଏ, ଏମ୍, ଏସ୍,
।ପୋ। [illegible] ମଣ୍ଡଳ ।
କଟକ ।


---


# ଅଗ୍ନେୟ ମୋଦକ

ମନ୍ଦାଗ୍ନି ସମସ୍ତ ରୋଗର ମୂଳ । ସେହି ହେତୁ ବୃଦ୍ଧିରୁ ଫଳ ଦୋଷର ଅନେକ ରୋଗ ହୁଏ, ସେଥିପାଇଁ ସମସ୍ତଙ୍କର ବୁଦ୍ଧି ହେବା ଆବଶ୍ୟକ । ସେଉଁମାନେ ଅଜୀର୍ଣ୍ଣ ରୋଗ ଭୋଗୁଛନ୍ତି, ସେମାନେ ଅଗ୍ନେୟ ଏହି ମୋଦକ ନିୟମିତ [illegible] ସମୟରେ [illegible] ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର ଶୀଘ୍ର [illegible] ଦୋଷ ନଥିବା ହୋଇ ପେଟ ଫମ୍ପା [illegible] ହେବନାହିଁ । ଅତି ଅଳ୍ପ ସମୟରେ ଅତ୍ୟଧିକ ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହର ସ୍ଫୂର୍ତ୍ତି, ମେଧା ବୃଦ୍ଧି, ଜ୍ୱର, ଶୂଳ ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଦେହକୁ ସାଧାରଣ ଧାରିବର ପକାଇ ଦିଏ । ଏହି ଔଷଧ ସେବନ କଲେ ପୁଣି [illegible] ହୋଇଥାଏ । **ମୂଲ୍ୟ** [illegible] (ଡବା) [illegible]

ଠିକଣା: [illegible], [illegible], ଭୁବନେଶ୍ୱର—ପୁରୀ


---


**ଦଉ**—ନାଥ ଖବର ! ପୂଜା ଲୁଗାପଟା କେଉଁଠାରୁ ନେବା କହନ୍ତୁ ?

**ନାଥ**—ଆରେ ଦଉ, ଅତ୍ୟାଶ୍ଚର୍ଯ୍ୟ କଥା କଣ କହିବି, ମୁଁ ଶୁଣିଛି ବାଉଁଥାନ ଗଲେ [illegible] ନ ମିଳିବ, ସବୁ ଜିନିଷର ଏକସ୍ଥାନ ହେଲେହେଁ [illegible] ତା ମିଳିବ । [illegible], [illegible] ଯେଉଁଠି ଶିଶୁ ବୃଦ୍ଧ ଯୁବକ, ତରୁଣ ବୃଦ୍ଧା, ପ୍ରୌଢ଼ା, ତରୁଣୀ, [illegible] ସେ ମୁକ୍ତ କଣ୍ଠରେ ସ୍ୱୀକାର କରିବ, ଏକମାତ୍ର ଦୋକାନ **ଓଟଲରି ଓ୍ୱାର୍କସପ** [illegible] ଜିନିଷର [illegible] ଉତ୍ତମ ପୋଷାକ, ଯାବତୀୟ [illegible], ବାସନ, [illegible], ଯୋତା, ଶାଢ଼ୀ, ଟୋପି ପିଲାଙ୍କର ଯାବା ଓ [illegible] ପୋଷାକ ଏବଂ [illegible] ମୂଲ୍ୟରେ ମିଳେ । ପ୍ରବାଦବାସୀଙ୍କଠାରୁ ଆରମ୍ଭ କରି ସାମାନ୍ୟ କୁଟୀର ବାସୀଙ୍କର [illegible] ସ୍ଥାନ; କୌଣସି ପ୍ରକାର ଠକାମିର ଭୟ ନାହିଁ ।

**ଦଉ**—ନାଥ [illegible] ଦୋକାନ [illegible] ପଡ଼ିଲା, କେମିତି କି, ଅଗ୍ରିମ ଶ୍ରେଣୀ [illegible] ମାଲ ଆଣି [illegible] ଅଛିଥିବା । [illegible] ନମ୍ବର ଓ [illegible] ଆଣିଥିବା । [illegible], ଦେଖିବାକୁ କେମନ୍ତ [illegible] ।

**ନାଥ**—ଶୁଣ ଦଉ ଆଉ ସେ ଦୋକାନକୁ ଯିବା, ମନ ମୁତାବକ ପୋଷାକ ପତ୍ର, ଲୁଗା ପଟା ଧରି ଘର [illegible] ।

**ଦଉ**—ଅଚ୍ଛା ହେବ ଗୁରୁ ।

**ଏସ୍, କମୀଜାଇବ୍ରାହିମ୍**
[illegible] ।


Digitized by srujanika@gmail.com



"ହେ ଲୋକ ଭବ ଅଳ୍ପ ଅଳ୍ପ କର ରଚଇ ବଲ୍ମୀକ ଘର"

**ଆପଣ ମାସକୁ ମାତ୍ର ଏକ ଟଙ୍କା**

**ସଞ୍ଚୟ କର**

**ଦଶ ହଜାରରେ ଜଣେ ହୋଇ ପାରିବେ ।**

କାର୍ଯ୍ୟାଳୟରେ

ଅନୁସନ୍ଧାନ କରନ୍ତୁ ।

# ବାସନ୍ତୀ ଇନ୍‌ସିଓରେନ୍ସ

# କୋମ୍ପାନୀ ଲି:

**ଓଡିଶା ଅଫିସ**

**ମଙ୍ଗଳାବାଗ କଟକ**

ସପରିଭାଇଜିଂ ଅର୍ଗାନାଇଜର—ଶ୍ରୀ ବାସୁଦେବ ମିଶ୍ର ବି ଏସ୍ ସି.

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ଆୟୁର୍ବେଦୀୟ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି ।

ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦିନରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ସର୍ବାଙ୍ଗରେ ଜ୍ୱାଳା, ଶରୀରର ଅବସାଦ, ହସ୍ତପାଦରେ ବେଦନା, ଅଳସ୍ୟ, ଅପ୍ରସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ ଲୋମଶୂନ୍ୟତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଅତଏବ ରୋଗୀମାନଙ୍କ ଦୁଃଖ ନିବାରଣାର୍ଥେ ଆମର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୲୦

**ଭ୍ରାମରୀ ତୈଳ:**—ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଶୀଘ୍ର ଆରୋଗ୍ୟ ହୁଏ ।

ଭ୍ରାମରୀ ତୈଳ ପ୍ରତିଶିଶି ୧୲୦ ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ**

ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

ଇ **ହେଡଅଫିସ—ହିନ୍ଦୁସ୍ଥାନ ବିଲ୍‌ଡିଂସ୍, କଲିକତା ।** ସୋ

ନ ଅଳ୍ପ ହାରରେ ଲାଭ, ସୁବିଧା ଜନକ ବୀମା ସର୍ତ୍ତ ଏବଂ ଶୀଘ୍ର ବୀମା ଦାବୀ ଦେବା ପ୍ରଭୃତି ସାଧୁ ବ୍ୟବହାର ଏବଂ ସୁଦୃଢ଼ ପରିଚାଳନା ଯୋଗୁଁ ଭାରତବର୍ଷରେ ସର୍ବସାଧାରଣଙ୍କର ବିଶ୍ୱାସ ଭାଜନ ହୋଇ ସା

ସି ହିନ୍ଦୁସ୍ଥାନ ଦିନୁଦିନ ପ୍ରସାର ଲାଭ କରି ପାରିଛି ।

ନୂତନ ବୀମାର ପରିମାଣ ୩ କୋଟି ୮ ଲକ୍ଷର ଊର୍ଦ୍ଧ୍ୱ । ଇ

ଓ ସରକାରୀ କାଗଜାଦିରେ ୭୦ ଲକ୍ଷ ଟଙ୍କା ଏ ବର୍ଷ ଲଗା ହୋଇଛି ।

ଗତ ୫ ବର୍ଷରେ ମୃତ୍ୟୁ ଦାବି ବାବଦରେ ହଜାର ପ୍ରତି ୫୯୦ ଓ ଅଜୀବନ ବୀମାରେ ୫ ୭୫୯ ଲକ୍ଷ ଦିଆ ହୋଇଛି । ଟି

ର କର୍ମଚାରୀ ପାଇଁ କମ୍ପାନୀ ଏଜେନ୍ସି ନେବା ପାଇଁ ଏ କମ୍ପାନୀ ଲାଭଜନକ ଅଟେ ।

ନ୍ସ ଭାରତବର୍ଷ ଏବଂ ବାହାରେ କମ୍ପାନୀର ଅଫିସ ଅଛି । ଲି:

ଓଡ଼ିଶା ଅଫିସ:— କାଳିଗଳି, କଟକ । ଅର୍ଗାନାଇଜର— **ନରେନ୍ଦ୍ର ପ୍ରସାଦ ଦାସ ।**

Printed & published at the Gopinath Press, Bhadrak by N. Mahapatra ... from Dagaro office, Bhadrak.

Digitized by srujanika@gmail.com

ପୌଷ ୧୬ ମାର୍ଗ
୩ୟ ବର୍ଷ
୧୪ ଶ ସଂଖ୍ୟା

# The Bagaro

ORISSA'S MOST POPULAR FORTNIGHTLY
OF
LIGHT, LEAD & LAUGHTER
1st JANUARY 1940

ବାର୍ଷିକ ମୂଲ୍ୟ [illegible]
ଛାତ୍ର ...... [illegible]
ନମୁନା ...... [illegible]



## ରୁଷ ରାକ୍ଷସର ଗ୍ରାସ



ଷ୍ଟାଲିନ୍— ପୋଲାଣ୍ଡକୁ ଦେଲ ଗିଳି
ଥିଲା ବାହିଁ ତଣ୍ଟା,
ଫିନ୍‌ଲାଣ୍ଡ ବେଳକୁ ଲାଗେ
ତଣ୍ଟିରେ ଯେ କଣ୍ଟା !

Digitized by srujanika@gmail.com



ଜଣେ ଇଂରେଜ ଲେଖକ କହିଛନ୍ତି ଯେ ଇଂରେଜ ଯଦି ଏ ପୃଥିବୀର ଜଣେ, ତେବେ ଭାରତକୁ ଫଳେ ପୁଣି ବାଛି ଦେଲେ ନିଜର। ଆଜି ଯଦି ଥାଆନ୍ତି, ତେବେ କଣ କହନ୍ତେ ହେଲ ? ଭାରତ ଆଜି ଗୋଟାଏ ଦେଶ ହୋଇ ହେଉ ନାହିଁ। ଖଣ୍ଡିଆ ଖଣ୍ଡିଆ ଅଲଗା ଅଲଗା ରାଜ୍ୟରେ ଭକ୍ତି ହୋଇ ଯିବ। ଏ କଥା ହେବା ଆଗରୁ ଆଜି ଥିବା କଣ ?

କଥାଟା ଶୁଣି ଆଜ ବାଳଛାତର ହସ୍ତ ବମି ଉଠୁଛି ଓ ମୂର୍ଚ୍ଛା ଯାଉଛି—— ! କିନ୍ତୁ କଥାଟା ଭିତରେ ଭବିଷ୍ୟତର ଭେଷଜ ଯେ ନାହିଁ, ଏହା କେହି କହି ପାରନ୍ତି ନାହିଁ ତ ! ତଥାପି ଆମର ଏତିକି ସାନ୍ତ୍ୱନା ଯେ ଆମେ ଜାତକ ହୋଇ 'ମାମୁଁ ଘରେ ଥାଇ', ମଠରେ ଖାଇ ଖଟରେ ଶୋଉଁ। ମାତ୍ର ଦୁଃଖଟା ଏହି ଯେ ଭାରତୀୟ ଷାଠିଏ ବର୍ଷର 'ମହାଭାରତୀୟ ସ୍ୱପ୍ନ' ରୂପ ଚପଟା ଶୁଖିଆ ଘୋଡାଙ୍କେ ଯିବ ସିନା।

\+ + ×

ହାଲ୍......ଫସ୍ ! ପଣ୍ଡିତଙ୍କ ଦାଢ଼ି ଛେଦିବା ପାଇଁ ଏଥର ସାତ ନୁହେଁ, ସାତ ଦଶ—ସତୁରି ରଥୀ ଅଭିମନ୍ୟୁକୁ ଘେରିଲା ପରି ଘେରି ଥିଲେ, କିନ୍ତୁ ପଣ୍ଡିତେ ତାଙ୍କ ବକ୍ତୃତାରେ ସମସ୍ତଙ୍କୁ ହତ୍ଭମ୍ବ କରିଦେଇ ଚାଲିଲେ। ବ୍ରହ୍ମପୁରର 'ଅବିଶ୍ୱାସ ପ୍ରସ୍ତାବ' ହଙ୍ଗା କଥା ଶୁଣି ସମସ୍ତେ ମନେ କରିଥିଲେ ଏଥର ପଣ୍ଡିତେ ଶରମ ଘାଇରେ ପଡ଼ିଛନ୍ତି। କିନ୍ତୁ ଅଳ୍ପ ଲଢ଼େଇ ଦେଇ ସେ ଏପରି ଚେଙ୍ଗଶତା ମାରି ଛୁ କରିବେ ବୋଲି କିଏ ଜାଣିଥିଲା !

\+ × ×

ରଥୀବୃନ୍ଦ କିନ୍ତୁ ଦମି ନ ଯାଇ ଆଉ ଗୋଟାଏ ସ୍ୱତନ୍ତ୍ର ପନ୍ଥାରେ ପଣ୍ଡିତଙ୍କୁ ବହିଷ୍କୃତ କରି ନୂଆ ସଭାପତି ଓ କାର୍ଯ୍ୟକାରୀ କମିଟି ଗଢ଼ି ଦେଇଛନ୍ତି, ଏଣେ ପୁରୁଣାଟା ବି ରହିଛି। ଏଥର ସିନା ଗୁଳିର ଲଢ଼େଇଟା ଅଗ୍ନିବର୍ଷା ହେବ, ଯାହାର ବୃତ୍ତାନ୍ତ ଯାଇ ୱାର୍ଦ୍ଧା। ଜର୍ମାନ ଲଢ଼େଇକୁ ବଳିଗଲା ଯେ! ପୁଣି ମଜାଟା ବି କିଛି କମ୍ ନୁହେଁ। ହୋଇଲେ ବି ଘର-ଜାତ ଝଗଡ଼ା !

\+ + ×

ଷମା ପଦରୁ ଷଡ଼ଯନ୍ତ୍ର ଯେମିତି ହେଉଛି, ମହତ ପଦରୁ ମହତାବର ଉତ୍ପତ୍ତି ମଧ୍ୟ ସେହିପରି। ଷମା ଗୁଣରେ ଆଉ ମହତ ପଣରେ ଷଡ଼ଯନ୍ତ୍ର ମହତାବଙ୍କ ବଳ ଓଡ଼ିଶାଟିର ବୃଦ୍ଧି ଘଟି ନାହାନ୍ତି କହିଲେ ଚଳେ। ଗାନ୍ଧିଙ୍କ ଗୀତାରୁ ପ୍ରେରଣା ନେଇ ସବୁ ମହତାବ ମହାଭାରତରୁ ପେଲଣା ଲଅନ୍ତି ଚୋରି ଅନେକ ଶୁଣିଥିଲୁ। ଏଥର ବ୍ରହ୍ମପୁର କୁରୁକ୍ଷେତ୍ରରେ ତାର ପ୍ରମାଣ ମିଳିଗଲା। ଶରଣାଗତ ହେଲେ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବା ଅନ୍ୟାୟ ବୋଲି ଅନ୍ତର୍ଜାତୀୟ ଆଇନ ଥିଲେ ମଧ୍ୟ ସେଟା ରାଜନୈତିକ ଅହିଂସା ଆଇନର ଅନ୍ତର୍ଭୁକ୍ତ ନୁହେଁ। ଯେଉଁଥିରେ ଅଛି—ଶତ୍ରୁର ଶେଷ ଅଗ୍ନି ଋଣ (ପରିଧାନ) ବି ରଜକଣ, ମହତାବ ସେହି ନୀତିରେ ଶତ୍ରୁ ନୀଳକଣ୍ଠଙ୍କ ଶେଷ କରିବାକୁ ପଣ କରିନେଲେ। ନୀଳକଣ୍ଠଙ୍କର ଅନୁରୋଧ ଆଉ ରକ୍ଷା ହେଲା ନାହିଁ। ତେଣେ ସାରଥୀ ଭାଗ୍ୟରଥୀ ଆଦେଶ ଦେଲେ—ପାର୍ଥ, ଏହି ସୁଯୋଗରେ କର୍ଣ୍ଣଙ୍କୁ ହତ୍ୟା କର ! ଚାଣକ୍ୟ କାତ୍ୟାୟନଙ୍କୁ କହିଲେ, "କାତ୍ୟାୟନ, ତୋମାନଙ୍କର ହତ୍ୟା କରିବେ ହେବ।" 'ଜୟ ମହତାବଙ୍କ କି ଜୟ—ଜୟ ମହତାବଙ୍କ କି ଜୟ।' ଏଣିକି ଜଙ୍ଗଲବାସୀ ବାଘ ମୁହଁରୁ ପାରି ପାଇ ସାପ ମୁହଁରେ ନ ପଡ଼ିଲେ ରକ୍ଷା !

× × ×

ବ୍ରହ୍ମପୁର ରଣ କ୍ଷେତ୍ରରେ ଓଡ଼ିଶା କଂଗ୍ରେସ ଦଳ ଦୁଇଫାଙ୍କ ହୋଇଯିବା ପାଇଁ ମହତାପୀ ଦଳ ଚାରି ମାସ ଯାଏଁ ଜାରି କରି ବସି ଗଲେଣି। ଜାନୁଆରୀ ପହିଲୁ ବ୍ରହ୍ମପୁରରେ କଂଗ୍ରେସ ସଭା ହେବ ବୋଲି ପ୍ରାଦେଶିକ କମିଟିର ମେମ୍ବରମାନଙ୍କ ଉପରେ ନୂଆ ସେକ୍ରେଟେରୀ ନବ ବାବୁ ଘୋଷଣା ଜାରି କରି ଦେଲେଣି। ତେଣେ ବି ପୁରୁଣା ଘୋଡ଼ା-ବର୍ଗ ମିଶ୍ର ମେମ୍ବରମାନଙ୍କୁ ଡକାଉଛନ୍ତି ପୁଣି ବ୍ରହ୍ମପୁରକୁ। ଏଇ ଠେଲାଠେଲିର ଫଳ କେତେ ମେମ୍ବର ପାଇଁ ହେଲେଣି।

× × ×

ନିୟମ ଅନୁସାରେ ବାଚିକ ନୂଆ କମିଟି ଗଢ଼ା ହେବାକୁ ଏବେ ମାସେ ଦେଢ଼ଶ୍ ଅଛି। ନୂଆ କମିଟିରେ ପଣ୍ଡିତେ କେବେ ସଭାପତି ହେବାକୁ ଛିଡ଼ା ହୋଇ ନ ଥାନ୍ତେ। ଏପରି ସ୍ଥଳେ କାହିଁକି ଯେ ଏତେ ଘନ ଘଟା ଓ ଖଟର କରି ଏ ବ୍ରହ୍ମପୁର କାଣ୍ଡ ଭିଆଣ କରାଗଲା, ତାର ପ୍ରକୃତ ଉଦ୍ଦେଶ୍ୟ ବୁଝି ହେଉ ନାହିଁ। ସେପରି ହୋଇଥିଲେ ପଣ୍ଡିତେ ସ୍ୱତନ୍ତ୍ର ଭାବେ ଶଠ ବ୍ୟବସାୟୀ ଥାଆନ୍ତି ଓ ତାଙ୍କ ଗୁଣ ଅନୁସାରେ ଲଢ଼ି ଯାଆନ୍ତି। ତାଙ୍କୁ ସବୁ ପଦାରେ ପକାଇ ଠେଙ୍ଗାଣି ଛେଚା କରି ଦେଲେ, ଆଉ ସେ ଜୀବନଯାକ ଉଠି ପାରନ୍ତେ ନାହିଁ। ଏଇଟା ବୋଧହୁଏ ଅନ୍ୟ ଦଳର ଷ୍ଟ୍ରାଟେଜି ଭୁଲ୍।

× × ×

ଶୁଣାଯାଏ ପଣ୍ଡିତଙ୍କ ଦଳର ଏଥର ଏପରି ଗୋଟାଏ ଭଣ ଭଣା ଶୁଣି ଲାଗିଲେ ଯେ, ଲଢ଼ିଥିଲେ ଅପର ଦଳର ଶୁଦ୍ଧାଣି ଜାଲ ଫାଶରେ ହୋଇଯିବ। ଦୁଃଖ କର୍ମା ନେଇ ରହି, ମାଗୁଣା ଦଳ ଓ ଝିଅଁ ବାହାଦୁର ଦେଖାଇ ଥିଲେ, ଏହା ସତ କରି ପାରନ୍ତି। ତେବେ ଦାଢ଼ିଆ ଦଳ ଚକୋଥିଲା ବାହାଦୁର ମାରିନେବେ। କିନ୍ତୁ ଏକ କୃଷ୍ଣ ଥାଉ କୃଷ୍ଣ-କ୍ଷେତ୍ର ଭିଡ଼ିଆ ଲଢ଼େଇ କିଏ ଜିତିଲା, ଏଠି ଯେତେବେଳେ ନେ କୃଷ୍ଣ ଅର୍ଜ୍ଜୁନ ଜୋ—ଏଠି କୃଷ୍ଣ, ନବ କୃଷ୍ଣ, ରାଧା କୃଷ୍ଣ—ଯେ ତିନିହେଁ, ଭକ୍ତରେ ଆଉ ସନ୍ଦେହ କଣ !

\+ + +



Digitized by srujanika@gmail.com

ଆମ କଂଗ୍ରେସ ସରକାର ଯାହା ଯାହା କରୁଥିଲେ, ଏ ସରକାର ତାର ଉଲଟାଭାଗ ନ କଲେହିଁ ଲୋକେ ସରକାର ବୋଲି ଭାବିବେ କେମିତି ? କିନ୍ତୁ ଏ ଉଲଟାକାଣ୍ଡଟା ଶୁରୁ ହେଲେ ବମାଳ ହେବ । ପଚ୍ଛା କଂଗ୍ରେସ ଦଳର ମାଷ୍ଟରଙ୍କ ଭଳି ଆମ ମହାମାନ୍ୟ ଲାଟ ଓ ମାନ୍ୟବର ଆଡ଼ଭାଇଜର ଖୁବ୍ ଧୀରେ ସୁସ୍ଥେ ଯଥର ଚାହିଁବେ । ବର୍ତ୍ତମାନ ସେ କଂଗ୍ରେସ ମନ୍ତ୍ରୀଙ୍କ ନୂତନ ଆଦେଶ ଉପରେ ଷ୍ଟେ କରାଇବା ଆରମ୍ଭ କଲେଣି । ଏହି ସୂତ୍ରରେ ଆମ୍ଭେମାନେ ଲାଟ ସାହେବଙ୍କଠାରେ କେତେଗୁଡ଼ିଏ ପ୍ରସ୍ତାବ ଆଣିବୁ—ଯାହା କାର୍ଯ୍ୟରେ ପରିଣତ କଲେ କଂଗ୍ରେସ ମନ୍ତ୍ରୀ ଯେଉଁ ଅଦ୍ଭୁତ କାଣ୍ଡ ଘଟାଇ ଯାଇଛନ୍ତି, ତାହା ସବୁ ଭାଙ୍ଗିଚୁରି ଧୂଳି ପରି ଉଡ଼ିଯିବ ।

୧ । କଂଗ୍ରେସ ସରକାର ରାଜବନ୍ଦୀଙ୍କୁ ଜେଲ ଭିତରୁ ଛାଡ଼ି ଦେଇଥିଲେ ।

ବର୍ତ୍ତମାନ ସରକାର ସେହି ଡକାଏତଙ୍କୁ ଖଲାସ କରନ୍ତୁ ।

୨ । କଂଗ୍ରେସ ସରକାର ଚାକରମାନଙ୍କୁ ଖଦଡ଼ ପିନ୍ଧାଉଥିଲେ ।

ଇଦାନୀଂ ସରକାର ଶର୍ଟ କୋଟ ପାଇଁ ସମସ୍ତଙ୍କୁ ଜଙ୍ଗଲା ଛିଟ ଦିଅନ୍ତୁ ।

୩ । କଂଗ୍ରେସ ସରକାର ଅଫିମ ଛଡ଼ାଉଥିଲେ—

୪ । ଅଧୁନା ସରକାର ଦାନା ଛଡ଼ାନ୍ତୁ ।

କଂଗ୍ରେସ ସରକାର ପ୍ରଜାସ୍ୱତ୍ୱ ଆଇନ କରିଥିଲେ—

ବର୍ତ୍ତମାନ ସରକାର ଜମିଦାରସ୍ୱତ୍ୱ ଆଇନ କରନ୍ତୁ ।

କଂଗ୍ରେସ ସରକାର ମହାଜନୀ ଆଇନ କରିଥିଲେ—

ଏହି ସରକାର ଟଙ୍କା ନେବା ଆଇନ କରନ୍ତୁ ।

କଂଗ୍ରେସ ସରକାର ମଦ୍ୟନିବାରଣ ଆଇନ କରିଥିଲେ—

ବର୍ତ୍ତମାନ ସରକାର [illegible] ଆଇନ କରନ୍ତୁ ।

କଂଗ୍ରେସ ସରକାର ବୁଢ଼ାଙ୍କୁ ପାଠ ପଢ଼ାଉଥିଲେ ।

ଏହି ସରକାର ନଡ଼ା ବା ମଲ୍ଲ ବଛିଷଙ୍କୁ ପାଠ ପଢ଼ାନ୍ତୁ ।

କଂଗ୍ରେସ ସରକାର ଯାହା ମୁହଁ ବାଟେ ଗାଉଥିଲେ—

ଏ ସରକାର ——————

ଆଉ କହିବା ନାହିଁ—ଖାଲି ବାପ୍ ରେ ବାପ୍—କେତେ ପୁଣି ପ୍ରେସ ଆଇନର ଜୋରରେ ଉଡ଼ିଯିବ କି !

× × ×

ବର୍ତ୍ତମାନ ଆମ ଦେଶର କୃଷ୍ଣ ବଳରାମ ହରିହର ଅନ୍‌ଅଫିସିଆଲ ସରକାରଙ୍କୁ ଆଉ ଗୋଟିଏ କଥାରେ ଭୂରି ଭୂରି ପ୍ରଶଂସା ନ ଦେଇ ରହି ପାରୁ ନାହୁଁ । ଯାହାହେଉ ତାଙ୍କ ଅମଳରେ ଓଡ଼ିଆମାନେ ଏଥର ଭଲ ଭାବରେ ନିଜ ମାତୃଭୂମି ଉତ୍କଳ ଜନନୀକୁ ମନ ପ୍ରାଣ ଦେଇ ପୂଜା କରି ଶିଖିବେ । ଅତ ମହାତ୍ମାଙ୍କୁ ଏଣିକି ଦେଖିଲେ ଛଡ଼ାଇ ପାରିବେ ନାହିଁ—ମନକୁ ଟଳାଇ କରି ପାରିବେ ନାହିଁ । କୂପମଣ୍ଡୂକର ସ୍ୱାଧୀନତାଟାକୁ ଭଲ ଭାବରେ ଉପଭୋଗ କରିବେ—ଆଖି ବୁଜି ଦେଇ ଯିବେ । କଥାରେ କହନ୍ତି, ମେଣ୍ଢାଙ୍କ ସରଦାର ହାତ ପଛରେ ଫେଦଙ୍କ ପଛରେ ଗୋଡ଼ାଇବ ନାହିଁ । ଓଡ଼ିଆମାନେ ନିଜ ଦେଶରେ ଏକଛତ୍ର ହୋଇ ଥାଆନ୍ତୁ ପଛେ ପର ଦେଶରେ ମଥା ଟେକିବ ନାହିଁ—ତାଲେ କେତେବେଳେ ତାହାର ହେଉଛି । କାହିଁ ବୁଦ୍ଧିବାନ ଲୋକ ନିଜ ଘରକୁ ଛାଡ଼ି ପର ଘରକୁ ଯାଏ । ସେହି ମତରେ ଆମ ଓଡ଼ିଶା ପୁଲିସ ଏଥି କଲିକତା ଯାଏ ଏ ଦେଶର ରେଳବାଇ ଗାଡ଼ିକୁ ଜଗିବେ ? ଆଉ କେତେ ଗୁଡ଼ିଏ ଓଡ଼ିଆ ପୁଏ ବିହାର ନେପାଳ ପଠାଇ ଦେବେ ସନ୍ଦେହ—ଅନେକ ଯବନ କେଉଁଠି ଖଞ୍ଜିବୁ ତାହା । ଅନେକ ଏଥିପାଇଁ ଆମ ସରକାରଙ୍କୁ ଅଭି ଅବର ଦେଇଛୁ ।

\+ + +

କାମିଗା ଡାଷ୍ଟ୍ର ପୁଷ୍ଟା ଜଣଙ୍କୁ ବିତାଡ଼ନମାନେ ଯେ ପ୍ରମାଦ ମନେ କରନ୍ତି । ଆମ ହିନ୍ଦୁମାନେ ତ କରନ୍ତି ନାହିଁ । ବିଶେଷତଃ ହିନ୍ଦୁ ଧର୍ମର ମୂଳପୀଠ ଏ ଜଗନ୍ନାଥ ଭୂମିର ଲୋକେ ଯେପରି କାମିଗା ଡାଷ୍ଟ୍ରଙ୍କ ମେ ସରକାର ପଢ଼ନ୍ତୁ ଯେ ଜାତ୍ୟଭିମାନରେ ଆମ ପରିବାର ପେଟେଟ ଭାର ବହିବେ ଯେପରି ଧର୍ମ ହେବ । ଅସ୍ମାନଙ୍କର ଭାଗ୍ୟ ଯେ ଭଗବାନ ଜନ୍ମସ୍ଥଳୀ ଭଦ୍ରକରେହିଁ ଏ ଧର୍ମ ଆଚରଣର ସୂତ୍ରପାତ ହୋଇଛି । ଭଦ୍ରକ ଠାରୁ ଯୁବକମାନେ ଯାଏ ଯେଉଁ ଦଳ ରାସ୍ତା ପିଟିଲେ ସେଥିପାଇଁ ଓଡ଼ିଆ କଣ୍ଟ୍ରାକ୍ଟର ହେଲେ ନାଲେ ଓଡ଼ିଆମାନେ କାଞ୍ଚନ ଲୋଭରେ ପଡ଼ିଯିବେ ସେଥିପାଇଁ ସରକାର ଆଗରୁ ସାବଧାନ ଥିବାର ଶୁଣି ଖୁସି ହେଲୁଁ ।

\+ + ×

ଜିନା ସାହେବ ବହୁଦିନ କଂଗ୍ରେସ ବିରୁଦ୍ଧରେ ନାନା ଅଭିଯୋଗ ଗର୍ଜନରେ ଧାରଣା ପରେ ଏବେ ହଠାତ୍ ମୁକ୍ତି (deliverence—ନା delivery ?) ଉତ୍ସବ ପାଳନ କଲେ । କେବଳ ୨ ସାଧାରଣ ଜଳ ମୁସଲମାନ ମନେ କଲେ, ଏଟା ଚୌଧୁରୀ କଣ୍ଡାନ୍ତି ଉତ୍ସବ । ପୂର୍ବରୁ ମନ୍ତ୍ରୀ ଜୀବ ଜନ୍ତୁ ଅନ୍ତ ଅଛି । ତାଙ୍କ ଦାବିକୁ ନେଇ କ୍ଷମା ମାଗି ଖଲାସ ହୋଇ ଯିବେ । କିନ୍ତୁ ହାସ୍ୟରେ ହାସ୍ୟ, ଯେ ମାର୍ଚ୍ଚ ୨୨ ତାରିଖ ପାଇଁ ଅଛି ଜାନୁଆରୀ ପହିଲା ହେଲା, ୧୯୩୯ ପାଇଁ ଅଛି ୧୯୪୦ ହେଲା—ବର୍ଷେ ବିତିଗଲା—ତଥାପି ଶୁଭ ଦିନଙ୍କ ମେନହରକାନ୍ତ ହେଲା ନାହିଁ । ଏ ଦେଶର ହିନ୍ଦୁ ଯେମିତି, ଖ୍ରୀଷ୍ଟାନ ଯେମିତି, ମୁସଲମାନ ମଧ୍ୟ ସେମିତି କଂଗ୍ରେସ ଅନୁଷ୍ଠାନର ପଛରେ । ତାଙ୍କର ଏ ସମାଧି ଶିଷ୍ୟମାନଙ୍କୁ ଜିନା ଚିହ୍ନି ପାରନ୍ତି ନାହିଁ କି କଂଗ୍ରେସ ହାଇ କମାଣ୍ଡ ଚିହ୍ନନ୍ତି ନାହିଁ । ତାହା ହେବେ ନିଜେ ଡାଙ୍ଗ—ଯାହା ମନ ଆଏ ।

\+ + ×

Digitized by srujanika@gmail.com



ଇନ୍କିଲାବ୍ ଠାରୁ ଧର୍ମ ଦେଶ ସ୍ୱାଧୀନତା ସଂଗ୍ରାମ ଅବଧିରେ ଗର୍ଜନ କରୁଥିଲା, ଇସ୍କୁଲ ଛାଡ଼ିଲି ପଦର ସେଦିନ ଆହ୍ୱାନ ତରଙ୍ଗ ଉଠିଲା । ଗ୍ରାମର ନ କହିବ ତାହିଁ, ଘର ଧନ୍ଦାରେ ବି ଚିତ୍ତ ନାହିଁ,—ତାହା ହେଲେ ଦେଶ ଉଦ୍ଧାର କମିବ ଦର । ଏମା କୁହ, ଲେଖିଲି ଦେଶ କାମରେ । ଘରେ ମୁଠାଏ ଖାଇ ଦେଇ ବାହାରେ ଯାଇ ଆଡ୍ଡା ମାରିବା ହେଲା ମୋର ଖାସ କାମ ଦଇନିକ ।

ଜନ୍ମଭୂମି ଉତ୍କଳ ଜନନୀର ପୁନରୁଦ୍ଧାର ! ପତିତା, ପରପଦାନତା, ଦୁଃଖିନୀ ଜନନୀର ଶାପ ମୋଚନ ! ଏଇ ହେଲା ମୋର ବ୍ରତ । ଇସ୍କୁଲ୍, ଘନ୍ଡ ବା ଦ'ଦାନ, କଟେବାର ଲାଗରେ ସୁଦ୍ଧା ସବୁବେଳେ ସେଇ ଏକ ଚିନ୍ତା । ଉତ୍କଳର ସେଇ ପୂର୍ବ ଗୌରବ—ସେଇ ଗଙ୍ଗାଠାରୁ ଗୋଦାବରୀ—ସେଇ ମହାନଦୀ, ମାଲ୍ୟଗିରି, ମେଘାସନ, ମହେନ୍ଦ୍ର—ସେଇ ବାରବାଟି, କୋଣାର୍କ, ଭୁବନେଶ୍ୱର—ଆଉ କଣ ? କି ଉନ୍ମାଦନା ସେ ! ରକ୍ତ ଗରମ ହୋଇ ଉଠେ । ଆଖିରୁ ଲୁଅ ସ୍ୱଳ୍ପ ଛୁଟିପଡ଼େ । ଆମେ ଉତ୍କଳର କୋଟି ସନ୍ତାନ ! ଉତ୍କଳର ମାଟି, ଉତ୍କଳର ବାୟୁ, ଉତ୍କଳର ଆକାଶ, ଉତ୍କଳର ଜଳ—ଏଇ ସବୁ ଥାଏ ଏକମାତ୍ର ଧ୍ୟାନ ।

ତା'ପରେ, ବାଟ କଣ ? ବାଟ ତ ଅନେକ ଖୋଜୁ ଦେଖାଗଲା ! ସେଥିପାଇଁ ହବାର ଏକମାତ୍ର ଉପାୟ ? ଛୁରା ତରବାରରେ ତ ଏ ଯୁଗରେ ଚଳିବ ନାହିଁ—ବନ୍ଧୁକର ତ ଲାଇସେନ୍ସ । ପୁଣି ?—ଖଭଲଭର ଅଜ ବୋମା ! ଠିକ୍ ।

କିନ୍ତୁ ଖଭଲଭର ବୋମାର ସନ୍ଧାନ ତ କେହି କୁଆଡ଼ୁ ଦେଲେ ନାହିଁ—ତା ଉପରେ ସେଥିରେ ମୋ ଭଳି ଗୋଟିଏ ମୂଲ୍ୟବାନ ପ୍ରାଣହାନି ଅକାରଣେ—। ଏ ବଳିଦାନ ଜନନୀ କଦାପି ସହିବ ! ଏ ଯତ୍ନ କିଏ ଦୂରଣ କରିବ । ଏଣେରେ ନାନା ବାଧା ବିଘ୍ନ ମୋତେ ଅଭ ସେବାଟରେ ହାଣି ପାରିଲା ନାହିଁ ।

ଶୁଣାଗଲା ନୂଆ ରକମ ଏକ ଅସ୍ତ୍ର ବାହାରିଛି—ଅହିଂସା ଅସ୍ତ୍ର । ଏ ଅସ୍ତ୍ରର ଜାଣଣ କୁଆଡ଼େ ଭାରି ଠାଣ । ପୁଣି ମରିବା ହଜିବାର ଡରଟା ବି ନାହିଁ । ମନକୁ ମାନିଲା ଖୁବ୍ । ବେଶ୍ ମଜା । ଖାଲି 'ବନ୍ଦେ ମାତରମ୍—ଭାରତ ମାତାକି ଜୟ' କହି କହି, ଟେକା ଧରି ଚାଲିଲେ ହେଲା । ଅଛ ଦରବ ଭୋଜନ, ପୁଷ୍ଟି ।

## ଉତ୍କଳ ଉଦ୍ଧାର

ଲେଖକ:—ଶ୍ରୀ ଲ—

ଗ୍ରହଣ କଲି ଝଣ୍ଡା । କିନ୍ତୁ କମେ ଯେ ଯଉଁ ପଚ୍ ବର୍ଷିଅ, ବରଗଡ଼ା ଗୁଳକ, ଅଭ ଅଣହରଣଅ ବିଶ୍ୱ ତରବାରି,—ବାବା, ସେଥିରେ ବି ଏ କର୍ମଯୋଗକାରୀ ଶରୀରର ଇଚ୍ଛା ବଢ଼େ । ରାମ ରାମ !

ଦେଶର ଯେଉଁଠା ଅସଲ ଶକ୍ତି, ପଉଁଠା ଅସଲ ଆଶା, ଭରସା, ଭବିଷ୍ୟତ, ସେଇଠାକୁ ଏଇଥର ମନ୍ତ୍ରମନ୍ଦ କରିଦେଇ—ଯେହୁ ! ଦଲ୍କୁଲ୍ ବନ୍ଦ ।

ଛାଡ଼ିଲି ।

ହଠାତ୍ ଦିନେ ମନେ ହେଲା—ଏଇ ଇଲେକ୍ଟ୍ରିସିଟି କଥା । ଏଥିରେ କୁଆଡ଼େ ସବୁ କାମ ହଉଚି, ହବ, ହେଇପାରେ । ଆଲୁଅ ଜଳେ, ପଙ୍ଖା ବୁଲେ, ଆଉର କେତେ କେତେ କଣ; ମଟର, ରେଲ, ଜାହାଜ, ରେଡ଼ିଓ··· ଅଦ୍ଭୁତ ଅଦ୍ଭୁତ କାମ । ଇଲେକ୍ଟ୍ରିକ୍ ଶକ୍ତି ମଣିଷକୁ ମାରି ବି ପାରେ ବଞ୍ଚାଇ ବି ପାରେ । ଏଇ ଅନନ୍ତ ଶକ୍ତିଟା କୁଆଡ଼େ ସେଇ ଇଲେକ୍ଟ୍ରିସିଟିରେ ରହିଛି । ପୃଥିବୀ, ଗ୍ରହ, ସୂର୍ଯ୍ୟ, ଚନ୍ଦ୍ର !

ତେବେ ଏଇ ଠିକ୍ । ବିଜୁଳି ଶକ୍ତିଟାକୁ ଏଥର ଭିତରେ ଜନ୍ମିଲା କରିବାକୁ ହେବ ଯେପରି ବଟନ୍ ଟିପିଦେଲା ମାତ୍ରେ କାମ ହେଇଯିବ ଫଟ୍ । ଏକଦମ୍ ଦେଶ ଉଦ୍ଧାର !

ଗଲି ଲାଗି ।

ଅନେକ ଅନ୍ଦେ ବୁଲିଲି । ଅନେକ କଳ-କାରଖାନାର ମିସ୍ତ୍ରୀମାନଙ୍କ ପାଖରେ ଆଲୋଚନା, ଅନ୍ୱେଷଣା, ସମାଲୋଚନା, ପର୍ଯ୍ୟାଲୋଚନା କରି କରି ସବୁ ପଣ୍ଡ ପାଠ । କେତେ ଯେ ଗବେଷଣା, ଗୋଳ୍ଡେଷଣା, ଗବେଷଣା କରି କରି କିଛି ଫଳ ଫଳିଲା ନାହିଁ । ଏପରି ଗୋଟାଏ କିଛି ଯନ୍ତ୍ର ସୁରାକ ମିଳିଲା ନାହିଁ, ଯାହା ପକେଟରେ ଭରି, ବାଟ ଉପରେ ଯୋଡ଼ି, ଖାଲି ଟିପିଦେଲା ମାତ୍ରେ, ତେଣେ ହେଇଯିବ - ଦେଶ ଉଦ୍ଧାର ।

ଶକ୍ତି ଦେବ ଧରିଲି ତନ୍ତ୍ର ମନ୍ତ୍ର । ଶୁଣିଛି ଗୁଣି, ଠୁଣି, ଜାଉଁର ଦାଉରେ କଣ ନା କଣ ହେଇପାରେ । ଧାଇଁଲି କେତେ ଗୁଣିଆଙ୍କ ପଛରେ, କେତେ ବାବାଜି ବଇଁଶିଙ୍କ ପାଖରେ, ପଢ଼ିଲି କେତେ ପୋଥି, କେତେ ଟୀକା । କୁହ୍ । ମନ୍ତ୍ର, ଯନ୍ତ୍ର, ସାଧନା, ପ୍ଲାନ୍ଚେଟ୍, ଟେବୁଲ ଟର୍ନିଂ କେତେ କଣ କଲି । ମା କାଳୀ, ମା ଚଣ୍ଡୀ, ଛିନ୍ନମସ୍ତା ଦୂରେ ଥାଆନ୍ତୁ, ବଡ଼ ବଡ଼ ଭୂତ, ପ୍ରେତ, ବ୍ରହ୍ମଦୈତ୍ୟ ଦୂରେ ଥାଆନ୍ତୁ, ତାଙ୍କ ଚେଲୀ ଚାମୁଣ୍ଡୀ ବି ଛୁଆଁଟିଏ ପର୍ଯ୍ୟନ୍ତ ଦେଖା ଦେଲେ ନାହିଁ ।



Digitized by srujanika@gmail.com

ସେଥିରେ ଚରୁ ଛୁଟ ନିବିଡ଼ନ୍ତି ଯୋଗରେ । ଅଖଣ୍ଡ ଯୋଗ ପଛ ଏଇଥିପାଇଁ ଯୋଗ-ସାଧନା ଲଗେଇଛନ୍ତି ? ଦେଖେଁ । ଯୋଗ ସାଧିଲେ ଦେହ କଣ ହୋଇବ କଣ ? ଉଡ଼ି ଯାଇ ପାରିବ, ବୁଡ଼ି ଯାଇ ପାରିବ, ଯାହା ଇଚ୍ଛା ତାହା ରୂପ ଧରି ପାରିବ, ଇଚ୍ଛା ଭଲ ହେଲେ ସନ୍ଦେଶ, ରସଗୋଲା କଣ କୋଉ, ଅସରପି ବି ଝଣ ଝଣ ହୋଇ ପାଖକୁ ଗଳି ଆସିବ । ଆଉ କଣ !

ଆଗ ଅଗଣାକଥା ମୁନିଋଷିମାନେ ଏଇ ଯୋଗ ସାଧି କି ଏଡ଼େ ଏଡ଼େ ବଡ଼ କାମ କରୁଥିଲେ । ସେହିଁଲା ସାହସେ କରି ବଳଥିଲେ—ଭଲ !

ତେବେ ଗୁରୁ ଦରକାର । ଖୋଜିଲି, ଗୁରୁଟିଏ ମିଳିଲା ନାହିଁ । ଅଛିବେ ବା କାହିଁ । ସେ ବିଦ୍ୟାଟା ଯେ ଧବାକ୍ ଲୋପ ପାଇ ଯାଇଛି ଦେଶରୁ । ତା ନୋହିଥିଲେ ଦେଶର ପୁଣି ଏ ଦୁର୍ଦ୍ଦଶା !

ବହିରେ ହେବ ତ ଅଭାବ ନାହିଁ । କେତେ ଗ୍ରନ୍ଥ ଯୋଗ ବହି ଆଣି ଦେଖିଲି । ଉଚିତ ଭଲ ନୁହେଁ । ମନ ଦେଇ କଲେ ହେଲା । କ ହବ ବା କାହିଁକି ! ହେଉଥିଲି, ହଉଥିଲା ତ ପୁଣି । ଅଳବତ୍ ହବ ।

ଏଇଥର । ଦେଖିବ ଯିବ କୁଆଡ଼େ ! ଫତେ ଉତ୍କଳକୁ ଚଡ଼ିତ ଉତ୍କଳ ନ କରି ଛାଡ଼ିବ ନାହିଁ । ଏହ ଉତ୍କଳ ମୋର,— ମୋର ପିତୃଭୂମି (father land) ମୋର ମାତୃଭୂମି (mother land)— ଏହାକୁ ଭାରତରେ, ସଂସାରରେ, ପୃଥିବୀରେ— ବିଶ୍ୱବ୍ରହ୍ମାଣ୍ଡରେ ସବୁଠାରୁ ଉପରକୁ ନ ନେଇ ଛାଡ଼ିବି ନାହିଁ ଜମା । ଏହ ଉତ୍କଳ ଜାତି—ଏଥର ଆଉ ଗଙ୍ଗା ଗୋଦାବରୀ ନୁହେଁ—ଏକଦମ ହିମାଳୟ— କୁମାରିକା—କ କରି ମୋର ଅଭିମାନ ମେଣ୍ଟିବ ନାହିଁ । ଯଦି ଏହ ଜାତି ଦିଗ୍‌ବିଜୟ କରି ସମଗ୍ର ପୃଥିବୀକୁ ପଦାନତ କରିବ—କାମାସ୍କାଟକା ଠାରୁ ହନୋଲୁଲୁ ଯାଏଁ । ନିଶ୍ଚୟ ନିଶ୍ଚୟ,—ଏଇଥର ।

ଆସନ ଭିଡ଼ିଦେଇ, ଗଲି ବସି ଆଖିବୁଜି । ଜଣା ନାହିଁ କେତେବେଳେ ହୋଇଗଲା ସାମାଧି ଅବସ୍ଥା—ଏକଦମ୍ ପୂରା ନିର୍ବିକଳ୍ପ ସମାଧି ! ଏଇ ଅବସ୍ଥାରେ କେତେ ବର୍ଷ ବା କେତେ ଯୁଗ ବିତି ଗଲାଣି, ସେ କଥା ଜଣା ନାହିଁ । କୁଣ୍ଡଳିନୀକୁ ଜାଗ୍ରତ କରି ଦେଇ, ପ୍ରାଣବାୟୁଟାକୁ ଉଡ଼ି ଉଡ଼ି ଆଣି ଯେତେବେଳେ ଥୋଇ ଦେଲି ବ୍ରହ୍ମରନ୍ଧ୍ର ଉପରେ—ଆଜି କଣ !—ଖୋଲିଗଲା ସାଫ ଦିବ୍ୟ ଦୃଷ୍ଟି ! ମୁଁ ନିଜେ ହୋଇଗଲି ଚଟ୍ଟି ବା ଚାଟକା !

ଦିବ୍ୟ ଦୃଷ୍ଟିରେ ସେହିଁ ଦେଖିଲି ବେଳକୁ— ଅରେ ଇଏ କଣ ମ !

ଉତ୍କଳ, ଉତ୍କଳ, ମୋର ପ୍ରିୟ ଉତ୍କଳ ! ଉତ୍କଳ କାହିଁ ?

ଭାରତବର୍ଷ ମାନଚିତ୍ରର ପାଦଟାଏ (Map) ଭଳି ଭଳି ମୋର ଦିଶିଗଲା । କହୁ ନେଇଥିବେ ଓଡ଼ିଶାର ପତ୍ତା ନାହିଁ—ଓଡ଼ିଆ ଜାତିର ଚିହ୍ନ ବା ଲେଶ ଏକାବେଳକେ ଲୋପ ! ପ୍ରାନ୍ତରେ ହେଉଛି ଗଳପାନ ।

ଗଲି କୁଆଡ଼େ ? ଲିଭେଇ ଦେଲି ଦିବ୍ୟ ଦୃଷ୍ଟିଟା । କଲି ଚିତ୍କାର ଗୁଣାଏଡ଼େ । ଦେଖିଲି ବେଳକୁ ଗୁରୁ ଭୁଲ୍ଲ ଗୁରୁଅଡ଼, ଆଁ କରି ଓଡ଼ିଶାକୁ ଗ୍ରାସିଗଲେ ତଳେ ଗଲେଣି ।

ଆଃ – ମୋ ଜନ୍ମଭୂମିକୁ, ମୋ ଉତ୍କଳକୁ ତମେ ଗିଳିବ କଣ ! ଏଡ଼େ ଧମାଲ ! ଏଡ଼େ ବଡ଼ପ ! ପୋଡ଼ି ଭସ୍ମ କରି ଦେବ ନାଇଁ ମୋ ବ୍ରହ୍ମଅଗ୍ନିରେ !

ଠୋ କରି କଲି ଫାଟ ବ୍ରହ୍ମରନ୍ଧ୍ର । ବ୍ରହ୍ମ ଅଗ୍ନିଟା 'ଭୁ' କରି ସେଇ ବାଟେ ପଳେଇଲା ବାହାରି ।

କିନ୍ତୁ ସେଥିରେ ନଥିଲା ଦାହିକା ଶକ୍ତି, ନଥିଲା ତେଜ, ଦୀପ୍ତି । ସେଥିପାଇଁ ଯେତେବେଳକୁ ଧବାକ୍ ନିଭିଯାଇ, ନିର୍ବିକଳ୍ପ, ନିର୍ଗୁଣ ।

(ଏହାପରେ ଶୁଣିଲେ ଓ କାଲ୍ପନିକ ଗଳ୍ପ ଯେ ଲେଖିବେ ତାଙ୍କର ମୋଟେମୋଟ ଉତ୍ତର ନିର୍ବାଣ ସମାଧି ହୋଇଥାଉ ଏହାହିଁ ମୋର ଶୁଭ କାମନା ।)


## ମନମୋହନ ଯାଦୁ ମଲମ ।

ନୂଆ ଓ ପୁରୁଣା ପଚ୍ଚ ଏହି ଔଷଧକୁ ଦିନ ଚାରି ମିନିଟ ଯାଦୁ ଉପରେ ମାଲିସ କଲେ ଯାଦୁ ଭଲ ହୋଇଯାଏ, ଫୋଡ଼ା ଜଳା ହୁଏ ନାହିଁ, ଲୁଗାରେ ଦାଗ ଲାଗେ ନାହିଁ । ଏହି ମଲମରେ କୁଣ୍ଡିଆ, କାଛୁ, ମଇଳା ଭଲ ହୁଏ ଓ ବଇଥି ହୋଇଥିଲେ କାମ୍ବଳ ଶିଶା ପାଣିରେ ଧୋଇ ଏହା ଲଗାଇଲେ ଆରୋଗ୍ୟ ହୁଏ । ପ୍ରତି ଶିଶି ମୂଲ୍ୟ ୫ ୦ । ଅଣା ମାତ୍ର ।

ଠିକଣା—ପଣ୍ଡିତ ମେଡିକାଲ୍ ହଲ ପୋ: ଅ: ଗୃହଳଅଗଞ୍ଜ, ଜୋଡାପ କଟକ ।

## ଅସଲି ଦାନ୍ତ ମଞ୍ଜନ

ଏହାକୁ ପ୍ରତିଦିନ ବ୍ୟବହାର କଲେ, ଦାନ୍ତ ମୂଳ ଫୁଲିବା ଓ ଦାନ୍ତ ମୂଳରେ ପୂଜ ହେବା, ପୋକଅ ହେବା, ଦାନ୍ତ ପୋକ ଖାଇବା ଓ ଦାନ୍ତ ହଲୁଥିବା ପ୍ରଭୃତି ଦନ୍ତ ରୋଗ ସମ୍ବନ୍ଧୀୟ ସମସ୍ତ ପ୍ରକାର ରୋଗ ଆରୋଗ୍ୟ କରେ । ପ୍ରତିଶିଶି ୫ ୦ ।



## ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଶୀଏର ବାତ ଦରଜ, ମୁଣ୍ଡବିନ୍ଧା, କୁଣ୍ଡିଆ, କାଛୁ, ମଇଳା ଫୋଡ଼ା ଘା, ଛଡ ଦରଜ, ଅଣ୍ଡାଦଦ୍ରକ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍ କଟକ ।


Digitized by srujanika@gmail.com

# ବହିପତ୍ର



**ଭୁଲ କାହାର ?**—ଶ୍ରୀ ଚନ୍ଦ୍ରମଣି ଦାସ। କାଥାଣୀ ବହି; ପୃ ୯୭ ଖଣ୍ଡ; ମୂଲ୍ୟ ୧୦/୯ ମଲାଟ ଉପରେ ଗୋଟିଏ ହାଫଟୋନ ସୁନ୍ଦର ମୂର୍ତ୍ତି ଛପା ବହିଟିର ଶୋଭା ବୃଦ୍ଧି କରୁଛି। ବହିଟି ଛୋଟ କାହାଣୀ ସେ ବିଷୟରେ ସନ୍ଦେହ ରହିଗଲା। ଲେଖା ଖୁବ ସରଳ। ଘରୋଇ ଭାଷା। ସରଳତା ଓ ସ୍ୱାଭାବିକତା ଉପଭୋଗ୍ୟ। ଛପା ସୁନ୍ଦର ହେଲେହେଁ ସ୍ଥାନେ ସ୍ଥାନେ ମୁଦ୍ରା ପ୍ରମାଦ ରହିଯାଇଛି। କେତେ ଗୁଡ଼ିଏ ଚିହ୍ନ ଶବ୍ଦ ପ୍ରତି ଲେଖକ ଅତି ଆସକ୍ତ ହୋଇ ବହୁବାର ବ୍ୟବହାର କରିଛନ୍ତି। ଯଥା:— ଓଠ ଥର ଥର କରିବା, ଛାତି ଧଡ଼ ଧଡ଼ ହେବା ଇତ୍ୟାଦି। ମାତ୍ର ସେଗୁଡ଼ିକ ବର୍ଣ୍ଣନାର ସ୍ୱାଭାବିକତା ପ୍ରମାଣ କରୁଛି। ଅବାଧତା ଟିକିଏ "ଦେହ ମୁଣ୍ଡ" ପରି ଲେଖକଙ୍କର ନଜରରେ ଖୁବ ବେଶି ଟୋଲ ଜଣା ପଡ଼ୁଛି।

ପ୍ରକୃତି ବର୍ଣ୍ଣନା ମନୋରମ। ଯଥା:— "ପ୍ରଭୁର ଘଣ୍ଟାରୁ ଜହ୍ନ ଚନ୍ଦ୍ରୋଦୟ ମାତ୍ର ଉଇଁ ଆସିଲା। ପୋଖରୀରେ ନବରୂପସୀ କଇଁ ମୁରୁକି ମୁରୁକି ହସି, ଅଭିସାର ଡାକିଲା—ଆସ ହେ ପ୍ରିୟ, ଚୁମ୍ବନ ଦିଅ।"

ସହର ମଝିରେ ପକ୍କାକୋଠା ଛାତ ଉପରେ 'ପୋଖରୀ' ଓ 'କଇଁ' ଆମଦାନି କରି ଲେଖକ କବିଙ୍କ ସୁଲଭ imaginationର ପରିଚୟ ଦେଇଛନ୍ତି। ବହିଟିର ଅଗଣ୍ଡୁକ 'ପଦ୍ମପତ୍ରେ' ଅଭିସାର ଓ ପ୍ରଣୟ-ପ୍ରସଙ୍ଗର ନାଟକ ବର୍ଣ୍ଣନା ଆଖିରେ ଦେଖି ବା ଅଙ୍ଗେ ନିଭେଇବା ଭଳି ଲାଗୁଛି। ସ୍କୁଲ ଗାର୍ଲଙ୍କ ହାତରେ ପଡ଼ିଲେ, ସେମାନେ ଏଥିରୁ ଜଗତର ଅନେକ ଖବର ଓ ଆଦର୍ଶ ପାଇ ଦେଶ ମେଲାଇ ଉଡ଼ି ଶିଖିବେ।

**କାହିନୀ**—ଏହି ନାମର ଗୋଟିଏ ପାକ୍ଷିକ ପତ୍ରର ପ୍ରଥମ ସଂଖ୍ୟା ଉପହାର ପାଇ ଆମ୍ଭେମାନେ କର୍ମକର୍ତ୍ତାମାନଙ୍କଠାରେ କୃତଜ୍ଞତା ଜ୍ଞାପନ କରୁଛୁଁ। ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ 'କାହିନୀ'ର ଲକ୍ଷ୍ୟ। ଉଚ୍ଛ୍ୱସିତ ସ୍ୱଦେଶ ପ୍ରେମିକ ଯୁବକଙ୍କ ହୃଦୟୋଚ୍ଛ୍ୱାସ ଏଥିରେ ଅଛି। ଏକାଳର ଅନ୍ତର୍ଜ୍ୱାଳାମୟ ଓ ମହାଭାବମୟ ଭାବଧାରା ଦେଶ—ନେତାମାନଙ୍କ ଏକମୁଖୀ ପ୍ରଭାବ ନେଇ ଯାଉଥିବା ବେଳେ, କାହିନୀର ଏହି ସତ୍ ସାହସ ଓ ଶୁଭୋଦ୍ୟମକୁ ଧନ୍ୟବାଦ ନ ଦେଇ ଆମ୍ଭେମାନେ ରହି ନ ପାରୁଁ।

ଦେଶ ବିଶେଷ ଓଡ଼ିଆର ସବୁଠାରୁ ବଡ଼ ଜାତୀୟ ସମସ୍ୟା—ଏପରିକି ଜୀବନ ମରଣ ସମସ୍ୟା କହିଲେ ଚଳେ। କିନ୍ତୁ ପରମତ ପଦାନତ ଆମର ନେତୃ ସ୍ଥାନୀୟ ପ୍ରଭୃତିମାନେ ଏ ବିଷୟକୁ ଅଭିଯୋଗ ମାତ୍ର ପଛକୁ ପକାଇ ଦେଇ ନିଜର ଦୈନ୍ୟ ଓ ଦୌର୍ବଲ୍ୟର ପରିଚୟ ଦେଇଛନ୍ତି ମାତ୍ର। ସମଗ୍ର ଓଡ଼ିଆ ଜାତିର ମର୍ମ ବେଦନା କାହିନୀ ଆକାରରେ ଏତେ ଭଲ ଫୁଟି ପଡ଼ୁଛି କହିଲେ ଚଳେ। କେବଳ ଏ ଯୁଗରେ ଆନ୍ଦୋଳନ ବା ଦ୍ୱନ୍ଦ୍ୱ-ଚହଳ ଛଡ଼ା ଆଉ କାମ ହୁଏ ନାହିଁ। ଜଗନ୍ନାଥଙ୍କୁ ପ୍ରାର୍ଥନା କାହିନୀର ମଙ୍ଗଳ ଉଦ୍ଦେଶ୍ୟ ସେ ପୂର୍ଣ୍ଣ କରନ୍ତୁ। ଓଡ଼ିଆ ଯୁବକ-- କାହିନୀ ତାର ହୃତ ସମ୍ପଦ ପୁନରୁଦ୍ଧାର କରୁ।

## ପରମାର୍ଥୀ—୧୭ଶ ସଂଖ୍ୟା

ଏହି ଅଧର୍ମ ବା ଧର୍ମ ଯୁଗରେ ଏଭଳି ଖଣ୍ଡିଏ ପତ୍ରିକାର ପ୍ରୟୋଜନୀୟତା କେହି ଅସ୍ୱୀକାର କରିବ ନାହିଁ, ଏଥିରେ ସନ୍ନିବେଶିତ ବିଷୟ ଗୁଡ଼ିକ ଯେପରି ସୁପାଠ୍ୟ ସେହିପରି ଆଧ୍ୟାତ୍ମିକ ତତ୍ତ୍ୱ ସମ୍ବଳିତ ଓ ଆତ୍ମୋନ୍ନତି ପଥର ସହାୟକ। ପତ୍ରିକାଟି କ୍ଷୁଦ୍ର ହେଲେ ମଧ୍ୟ ଶ୍ରେଷ୍ଠ ଗୁରୁତ୍ୱରେ ମହୀୟାନ୍। ଆମ୍ଭେମାନେ ଏହାର ଉନ୍ନତି କାମନା କରୁଁ।

ପତ୍ରିକା ଶେଷରେ 'ଶ୍ମଶାନ ପଣ୍ଡିତ'ର ସମ୍ବାଦ ଦେବା ଦ୍ୱାରା ଏହାର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଛି ବୋଲି ମନେ ହୁଏ। ଦେଶରେ ପାରମାର୍ଥିକ ସମ୍ବାଦର ଅଭାବ ନାହିଁକି !

## ସହକାର—କାର୍ତ୍ତିକ—ପ୍ରଥମ ସଂଖ୍ୟା

ଭାରତ ଉଦ୍ଧାରକୁ ଗୋଟିଏ ଉପାୟ—ଶ୍ରୀମତୀ ସରଳା ଦେବୀ। ଲେଖାର ବିଷୟଟି ଏତେ ସୁନ୍ଦର ଯେ ନ ଭଲ ପଢ଼ିବା ପରି ଲାଗେ! ଜାଣିବାର କଥା ଅନେକ ଅଛି।

ସୂତ୍ରଧର ଡ଼ାକ (ଗଳ୍ପ) ଶ୍ରୀ ବାବୁଙ୍କର ଲେଖା। କହିବାର କିଛି ନାହିଁ।

ଓଡ଼ିଶାର ମୃତ୍ୟୁକାଳୀନ ଚିନ୍ତା—ଶ୍ରୀ ଜଳନ୍ଧର-ଦେବ। ଭଲ ଲାଗିଲା।

ଗୀତ ପ୍ରତିଧ୍ୱନି—ଶ୍ରୀ ମୋହନଦାସ ନାହାକ। କବିତା,ଭାବଟି ଭଲ। କିନ୍ତୁ diction ବଡ଼ ଖଡ଼।

ଦ୍ୱନ୍ଦ୍ୱ—ଶ୍ରୀ କୃଷ୍ଣଚନ୍ଦ୍ର ଦାସ। Style ଯେତେ, Idea ମଧ୍ୟ ସେତେ।

ଲେଡ଼ି ଡାକ୍ତର (ଗଳ୍ପ) ଶ୍ରୀ ଅନନ୍ତ-ଚରଣ ପଣ୍ଡା। ସାଦା ସିଧା ଗଳ୍ପଟି ଭଲ ହୋଇଛି। ମଝିରେ କେତୋଟା ଶବ୍ଦ ନ ଥିଲେ ଅଧିକ ସୁନ୍ଦର ହୋଇ ଥାଆନ୍ତା।

ଜନଶ୍ରୀ—ଶ୍ରୀ ଭାନୁ ଚରଣ ମହାନ୍ତି। ସେଭେନ୍ଥ ନାଟିକା, ସବୁ ଦିଗରୁ ସୁନ୍ଦର ଓ ସୁରୁଚି ପୂର୍ଣ୍ଣ। କେବଳ ଦେମସ୍ଥିନିଙ୍କ ଉପରେ ଛାଡ଼ି ଦେଇ ତା ପ୍ରତି ଅବିଚାର କରିଛନ୍ତି।

ମାଦଳ—ଶ୍ରୀ ଗୁରୁ ପ୍ରହରାଜ। ଉପାଡ଼ିଏ ଖାଣ୍ଟି ଖାଣ୍ଟି କଥା ଖୁବ୍ ଜୋରରେ କହି-ଛନ୍ତି। କିନ୍ତୁ ଏ ଯେ ଓଡ଼ିଆ ଜାତି!

ଶ୍ରୀ ଗୁରୁପ୍ରସାଦ ମହାନ୍ତିଙ୍କ 'ଅପରିଚିତା' କବିତା ମଧୁର।

ସାହିତ୍ୟ ସେବକର ଚନ୍ଦ୍ରାଧାରରେ ଶିଖିବାର ଓ ଭାବିବାର ବିଷୟ ଢେର ଅଛି।

'ଗୋପାଳ କୃଷ୍ଣଙ୍କ ଜୀବନୀ'। ଶ୍ରୀ ସୂର୍ଯ୍ୟ-ନାରାୟଣ ଦାଶଙ୍କ ଅପ୍ରକାଶିତ ଗ୍ରନ୍ଥ 'ଓଡ଼ିଆ ସାହିତ୍ୟ ଇତିହାସ'ରୁ ଉଦ୍ଧୃତ। ପୂରା ପୁସ୍ତକ ଦେଖିବାର ଆଶା ରହିଲା। କିନ୍ତୁ ଆଜି ସାହିତ୍ୟର ଯେ ଅବସ୍ଥା, ସେଥିରେ ପୂର୍ଣ୍ଣ ଇତିହାସ ଛପାହେବ କି ?



Digitized by srujanika@gmail.com




ଟବେଷ୍ଟର ସାତଟି ଦିନ ଅତି ମାରାତ୍ମକ, ଯେଣୁ ଆଜିକାଲିକା ଯୁଗରେ ବୈଜ୍ଞାନିକଙ୍କ ମସ୍ତିଷ୍କରେ ପଡ଼ି ରୋଗ ବିଷ ବ ମନୁଷ୍ୟର ଛଡ଼େଇ ସହାର ନ କରି ଜୀବନ-ରକ୍ଷାର କାର୍ଯ୍ୟ କରୁଛି । ବାଲ୍‌ଟିମୋରର ଜଣେ ଡାକ୍ତର ୧୧୫ ଜଣ ଦୁଃଖୀ ରୋଗୀଙ୍କ ଦେହରେ ଏହି ସାତର ଦିନ ଇନ୍‌ଜେକ୍‌ସନ ଦେଇ ପରୀକ୍ଷା କରୁଥିଲେ, ତା ଭିତରୁ ୬୫ ଜଣ ରୋଗୀଙ୍କର ବ୍ୟାଧି ଉପଶମ ହୋଇଛି ।

ଭାରତରେ ଦେଖନ୍ତୁ ! + + +

ମାନ୍ଦ୍ରାଜରେ ସ୍ତ୍ରୀଲୋକଙ୍କ ସଂଖ୍ୟା ସବୁଠାରୁ ବେଶି—ପ୍ରତି ହଜାର ପୁରୁଷକୁ ୧୦୨୫ ଜଣ ସ୍ତ୍ରୀଲୋକ ।

ପଞ୍ଜାବରେ ସ୍ତ୍ରୀଲୋକଙ୍କ ସଂଖ୍ୟା ସବୁଠାରୁ କମ—ପ୍ରତି ହଜାର ପୁରୁଷକୁ ୮୩୧ ଜଣ ସ୍ତ୍ରୀଲୋକ ।

ବଙ୍ଗଦେଶରେ ବିଧବାଙ୍କ ସଂଖ୍ୟା ସବୁଠାରୁ ବେଶୀ—ପ୍ରତି ହଜାର ସ୍ତ୍ରୀଲୋକଙ୍କ ମଧ୍ୟରେ ୨୨୬ ଜଣ ବିଧବା ।

ବ୍ରହ୍ମଦେଶରେ ପାଗଳଙ୍କ ସଂଖ୍ୟା ସବୁଠାରୁ ବେଶୀ—ପ୍ରତି ଲକ୍ଷ ଲୋକଙ୍କ ଭିତରେ ୩୩୮ ଜଣ ପାଗଳ ।

ଅଜମୀର ମାଡୋୱାରରେ ଅନ୍ଧଙ୍କ ସଂଖ୍ୟା ସବୁଠାରୁ ବେଶୀ—ପ୍ରତି ଦଶହଜାର ଲୋକଙ୍କ ଭିତରେ ୩୮୩ ଜଣ ଅନ୍ଧ ।

\+ + +

ଫ୍ରାନ୍ସରେ ଗୋଟିଏ ହେଲେ ମଶା ନାହିଁ ବୋଲି ଫରାସୀମାନେ ଗର୍ବ କରନ୍ତି । ବଙ୍ଗ ଦେଶର ସବୁଅଡ଼େ ମଶାଙ୍କର ଉତ୍ପାତ ବର୍ତ୍ତମାନ— ।

—o—

ସ୍ୱରାଜ୍ୟ—ମାଦ୍ରାଜ ।

**ମାଛଦାନ୍ତ ଟଙ୍କା—**

Native of the Friendly Islandର ଅଧିବାସୀ ଏକପ୍ରକାର ମାଛ କଣ୍ଟାକୁ ଟଙ୍କାରୂପେ ବ୍ୟବହାର କରନ୍ତି । ଏହି ଟଙ୍କା ଗୁଡ଼ିକ ନାନା ରଙ୍ଗରେ ରଞ୍ଜିତ । ଧଳା ରଙ୍ଗର ଟଙ୍କା ନାଲି ଠାରୁ କୋଡ଼ିଏ ଗୁଣ ମୂଲ୍ୟବାନ ।

**ନିର୍ଭୀକ ସାପ—**

ନେଟାଲ ମ୍ୟୁଜିୟମରେ ଗୋଟିଏ ସାପ ବନ୍ଦୀ ହୋଇ ରହିଛି । ଏହାର ଲମ୍ବା ୨୧ଫୁଟ । କଥିତ ଅଛି ଯେ ସାପଟି ୧୯ ମାସ ଦେହରେ ପାଣି ନ ପିଇ ଓ ଖାଦ୍ୟ ନ ଖାଇ ବଞ୍ଚିଛି । ତା'ର ପୂର୍ବର ବଳିଷ୍ଠ ବଳ ମଧ୍ୟ ସେହିପରି ଅଛି ।

**ବୃହତ୍ ଅଣ୍ଡା—**

ନ୍ୟୁୟର୍କ ଯାଦୁଘରେ ଗୋଟିଏ ଅଣ୍ଡା ଅଛି । ଏହା କେଉଁ ପକ୍ଷୀର ଅଣ୍ଡା ଜଣାଯାଇନାହିଁ । ଏହି ଅଣ୍ଡାର ପରିଧି ୩୦ ଇଞ୍ଚ ।

**ନାଏଗ୍ରା ଜଳପ୍ରପାତ—**

୧୦୦ ବର୍ଷ ପୂର୍ବେ ଯେଉଁ ସ୍ଥାନରେ ଅବସ୍ଥିତ ଥିଲା ବର୍ତ୍ତମାନ ସେହି ସ୍ଥାନରୁ ଦୂରବର୍ତ୍ତୀ ଦେଖାଯାଉଛି । ସମୁଦାୟ ୪୦୦ ଫୁଟ ଦୂରବର୍ତ୍ତୀ ଅନୁମାନ ହୋଇଛି ।

ଶ୍ରୀ ଡି, ଚ ଷ,

## ଡାଟରେ ଡାଟରେ ତାନା ନାନା

—'ଯେତେବେଳେ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଇସ୍ତଫା ଦେଲେ—'—(ଏକ ଲେଖାର ହେଡିଂ ।

…ଶୁଣିଲୁଁ, କେ ଜାଣିଲୁଁ, ଯେତେବେଳେ ତୁମେ ପେଟ୍ରୋଲ ଖାଇ ପେଟ ଦୁଖ ଶୋଇବାରେ ଲାଗିଲେଣି ପରା ! !

× × ×

'ଆମେ କେବେ ପଛକୁ ହଟିବୁ ନାହିଁ'—ଜବାହାରଲାଲଙ୍କ ବାଣୀ ।

… ଆଉ କେବେ କଣ ! ପଛୁଆଡ଼ କୁଳରେ ଟିଟିହୋଇ କଲେ ?

× × +

“ଆଜିକାଲି ନାରୀ ସମାଜ ଜାଗି ଉଠିଲେଣି”—ଏକ ଲେଖାର ଲାଇନ୍ ।

… ଓଃ, ସେଥିପାଇଁ ପରା ଘରଅଡ଼େ କଜି-ଗୋଳ କାଉଁ-କାଉଁ ଶବ୍ଦ ଶୁଣା ଯାଉଛି !

× × ×

'ଭୁଲ କାହାର ?'—ଏକ ଉପନ୍ୟାସର ନାମ ।

…ଆଉ କାହାର ? ତମର ନୋହିଲେ ମୋର । ଅର୍ଥାତ୍ ପାଠକର କିମ୍ବା ଲେଖକର ।

× × +

'ଲକ୍ଷ୍ମୀ ବହୁଛି ଅଶ୍ରୁ—' ଏକ ଗୀତର ଦୁଇ ଧାଡ଼ି ।

‥ ଲକ୍ଷ୍ମୀଟି କି ? କାଗଜ, ନା ରୂପା ? ନୀଳା ଦେଖାଉ, ନା ସାଧାରଣ ?

\+ + ×

'ଆମେ କାହିଁକି ମନ୍ତ୍ରୀତ୍ୱ ଛାଡ଼ିଲୁଁ ଜାଣ ?'—ଏକ ଇସ୍ତଫାପ୍ରାପ୍ତ ମନ୍ତ୍ରୀଙ୍କ ଲେଖାଂଶ ।

…ଜାଣିବାକୁ କଣ ବାକି ଅଛି ଯେ— !

\+ + ×

'ନାରୀ ସମସ୍ୟା ଆଜି ଦେଶର ସବୁଠାରୁ ବଡ଼ ସମସ୍ୟା'—ଏକ ପ୍ରବନ୍ଧର ହେଡିଂ ।

…ଦେଖିବାକୁ ଅଛି ପୁଣି ! ଘରେ ଘରେ ତ ତାର ସାକ୍ଷୀ ପ୍ରମାଣ ଜବରଦସ୍ତ ରହିଛି ।

\+ + ×

Digitized by srujanika@gmail.com

# ପାଠକମାନଙ୍କୁ ଗୋଟିଏ ସୁପରାମର୍ଶ ।

ପାଠକବୃନ୍ଦ ଅନୁଗ୍ରହ କରି ଏହି ବ୍ୟବସ୍ଥା ପତ୍ରଟି ତାଙ୍କର ବନ୍ଧୁ, ବାନ୍ଧବ, ପାଖ ପଡ଼ୋଶୀ, ଧନୀ, ଦରିଦ୍ର, ବୃଦ୍ଧ, ଯୁବା ସମସ୍ତଙ୍କୁ ଜଣାଇ ଦେବେ ଓ ନିମ୍ନଲିଖିତ ଘଟଣାଟି ଦେଖାଇବେ ।

**ମାତୃଭୂମିର ଗୋଟିଏ ମଙ୍ଗଳକର ସେବା ବୋଲି ଜାଣିବେ ।**

ମୁଁ ଜଣେ ସାମାନ୍ୟ ଧନୀର ପୁତ୍ର । ପିଲା ବୟସରେ କୁସଙ୍ଗରେ ପଡ଼ି ମୁଁ ନାନା ପ୍ରକାର ବ୍ୟାଧିର କବଳରେ ପଡ଼ିଲି । ଫଳରେ ମୋର ଯୌବନ ନଷ୍ଟ ହୋଇଗଲା । ମୋର ରୂପ କାନ୍ତି ମଳିନ, ଶରୀର ଦୁର୍ବଳ ଓ ଚକ୍ଷୁ କୋଟର ଗତ ହୋଇଗଲା । ସେତେ ଅଧିକ ଲୋକ ମୋତେ ଏହାର କାରଣ ପଚାରିବାରୁ ମୁଁ ଲଜ୍ଜାରେ ସତ କଥା କହି ପାରିଲି ନାହିଁ, ଏଣେ କେତେ ଜଣା ଶୁଣା ବୈଦ୍ୟ, ଡାକ୍ତରଙ୍କ ଠାରୁ ଓ ଖବର କାଗଜର ବିଜ୍ଞାପନ ଦେଖି ଗୋପନରେ ନାନା ଔଷଧ ବ୍ୟବହାର କରିବାରେ ଲାଗିଥାଏଁ । ମାତ୍ର କେଉଁଥିରେ କିଛିମାତ୍ର ଫଳ ହେଲା ନାହିଁ । ବିରକ୍ତ ହୋଇ ଶେଷେ ମୁଁ ସବୁ ଆଶା ଭରସା ଛାଡ଼ିଲି । ଆପଣାର ବ୍ୟବସାୟ ନିମନ୍ତେ ମୋତେ ଥରେ କାଶ୍ମୀର ଯିବାକୁ ପଡ଼ିଲା । ଦିନେ ବେଳ ଓଳି ବୁଲି ବୁଲି ଶ୍ରୀନଗରର ଦୁଇ ମାଇଲ ଦୂରବର୍ତ୍ତୀ ଗୋଟିଏ ପାହାଡ଼ ତଳକୁ ଚାଲିଗଲି । ଭୟଙ୍କର ଶୀତ । ମୁଁ ମୋର ଦୁର୍ଭାଗ୍ୟ କଥା ଭାବୁଥାଏଁ; ହଠାତ୍ ଦେଖିଲି ଜଣେ ଜଟାଜୁଟଧାରୀ ମହାତ୍ମା ମୋ ଆଡ଼କୁ ଆସୁଛନ୍ତି । ତାଙ୍କ ଚକ୍ଷୁଦ୍ୱୟ ଦିବ୍ୟ ଜ୍ୟୋତିର୍ମୟ । ସେ ମୋ ପାଖକୁ ଆସି ଦେଖିଲେ ଯେ ମୁଁ ଶୀତରେ ଥରୁଛି । ତହୁଁ ସେ କହିଲେ "ବାବା, ତୁ ଶୀତରେ କଷ୍ଟ ପାଉଛୁ ?" ମୋତେ ପ୍ରଥମେ ଡର ମାଡ଼ିଲା । ତା'ପରେ ସାହସ ଧରି କହିଲି 'ଆଜ୍ଞା ହଁ ।' ସେ ମୋ ଅବସ୍ଥା ଦେଖି କୃପାପର ହୋଇ କଣ ଟିକିଏ ଔଷଧ ଖାଇବାକୁ ଦେଲେ । ହେ ପ୍ରିୟ ପାଠକ, ମୁଁ ସତ୍ୟ କହୁଛି, ତାହା ଖାଇବାର ଏକ ମିନିଟ ମଧ୍ୟରେ ମୋ ଦେହ ଗରମ ହୋଇ ଝାଳ ବାହାରିଲା । ଏହି ଅଦ୍ଭୁତ ଶକ୍ତି ଦେଖି ମୁଁ ମହାତ୍ମାଙ୍କ ପାଦତଳେ ପଡ଼ି କାନ୍ଦିବାକୁ ଲାଗିଲି । ମୋ ଆଖିରୁ ଧାର ଧାର ଲୁହ ବହି ଯାଉଥାଏ । ସେ କରୁଣ ସ୍ୱରରେ ମୋତେ କହିଲେ, "ବାବା, ତୁ କାହିଁକି ଏ ସନ୍ଧ୍ୟା ବେଳରେ ଏପରି ସ୍ଥାନରେ ଏକୁଟିଆ ବୁଲୁଛୁ, ଆଉ କାହିଁକି ବା କାନ୍ଦୁଛୁ ?" ମୁଁ ତାଙ୍କୁ ମୋର ଦୁରବସ୍ଥା କଥା ସବୁ ଖୋଲି ସତ ସତ କହିଗଲି । ତହୁଁ ସେ ହସି କହିଲେ, "ତୁ ଯଦି ପ୍ରତିଜ୍ଞା କରିବୁ, ଏ ସବୁ ବଦ୍ ଅଭ୍ୟାସ ଏଣିକି ଛାଡ଼ି ଦେବୁ ବୋଲି ମୁଁ ତୋତେ ଏଥିରୁ ମୁକ୍ତ କରିଦେବି । ଆଉ ଯଦି ତୁ ଲୋକ ସେବାରେ ଲାଗିବୁ ତେବେ ତୋର ଅଶେଷ ମଙ୍ଗଳ ହେବ ।" ମୁଁ ହାତ ଯୋଡ଼ି ତାହାହିଁ ପ୍ରତିଜ୍ଞା କଲି । ତାପରେ ସେ ମହାତ୍ମା ମୋତେ ତାଙ୍କ କୁଟୀରକୁ ନେଇ ଗଲେ । ସେଠାରେ ସେ ମୋତେ ଖାଇବା ପାଇଁ ଗୋଟିଏ ଔଷଧ ଓ ମାଲିସ କରିବା ପାଇଁ ଗୋଟିଏ ଔଷଧ, ଏପରି ଦୋଟିଏ ଔଷଧ ବତାଇ ଦେଲେ ଏବଂ ଏହା ମୋହର ଗୁରୁ ହତଭାଗ୍ୟ ଦୁଃଖୀଙ୍କୁ ଦେବ ବୋଲି ମୋ ଠାରୁ ପ୍ରତିଜ୍ଞା କରାଇ ନେଲେ । ମୁଁ ତାଙ୍କର ଚରଣ ସ୍ପର୍ଶ କରି ସେହି ଔଷଧ ଘରକୁ ଆଣି ନିଜେ ପରୀକ୍ଷା କଲି । ମୁଁ ସତ୍ୟ ପ୍ରମାଣେ କହୁଛି ଯେ ଏହା ବ୍ୟବହାର କରିବାର ଦୁଇ ମାସ ମଧ୍ୟରେ ମୋର ସବୁ କଷ୍ଟ ଦୂର ହୋଇଗଲା ଏବଂ ଶକ୍ତି ସାମର୍ଥ ଏପରି ଅଦ୍ଭୁତ ଗତିରେ ବଢ଼ିଗଲା ଯେ ମୁଁ ଆଶ୍ଚର୍ଯ୍ୟ ହୋଇ ପଡ଼ିଲି । କିନ୍ତୁ ମହାତ୍ମାଙ୍କ ଆଦେଶ ଅନୁଯାୟୀ ମୁଁ ତାହା ଦି ୧୫ ଦିନ ଯାଏଁ ସେବନ କଲି । ଦିନକୁ ମୁଁ ୩।୪ ସେର ଦୁଧ ସହଜରେ ହଜମ କରିବାକୁ ସକ୍ଷମ ହେଲି । ମୋର ଦେହରେ କାନ୍ତି ତେଜ ଓ ବୀର୍ଯ୍ୟ ଫେରି ଆସିଲା । ବୋଲିବା ବାହୁଲ୍ୟ ଯେ ମୁଁ ଆପଣାକୁ ଏବେ ଠିକ 'ପୁରୁଷ' ବୋଲି ଜାଣି ପାରିଲି । ଆଜିକୁ ୧୦।୧୨ ବର୍ଷ ହେବ ମୋର ଆଉ କୌଣସି ଔଷଧର ପ୍ରୟୋଜନ ହୋଇ ନାହିଁ । ସେହି ମହାତ୍ମାଙ୍କ ଦୟାରୁ ମୋର ଏବେଶି ତିନି ଗୋଟି ପୁତ୍ର ସନ୍ତାନ ଓ ହଜାର ହଜାର ବ୍ୟକ୍ତି ଏହି ଔଷଧ ଦ୍ୱାରା ତାଙ୍କର ଲୁପ୍ତ ଶକ୍ତି ଓ ପୁରୁଷତ୍ୱ ଫେରି ପାଇଛନ୍ତି । ସୂର୍ଯ୍ୟ ପଛକେ ପୂର୍ବରେ ନ ଉଇଁ ପଶ୍ଚିମରେ ଉଇଁବେ—ଏ ଔଷଧ କେବେ ବିଫଳ ହେବନାହିଁ । ମହାତ୍ମାଙ୍କ ଆଦେଶ ମତେ ମୁଁ ଏହି ଔଷଧ ଘରେ ଓ ଯତ୍ନରେ ପ୍ରସ୍ତୁତ କରୁଛି ।

ଏହି ଔଷଧ କୁହୁକ ପରି ସବୁ ପ୍ରକାର ବ୍ୟାଧି ନିର୍ମୂଳ କରେ, ଯଥା—ପୁରୁଷତ୍ୱ ହାନି, ଦୌର୍ବଲ୍ୟ, ବହୁମୂତ୍ର, ମଧୁମେହ,—ନୂତନ ବା ପୁରାତନ ସ୍ନାୟବିକ ଦୁର୍ବଳତା, ଅକାଳ ବାର୍ଦ୍ଧକ୍ୟ, ଅକ୍ଷମତା ପ୍ରଭୃତି । ଅଳ୍ପ କଥାରେ ଏହି ଔଷଧ ତୁମ୍ଭଙ୍କୁ ପ୍ରକୃତ ସ୍ୱାସ୍ଥ୍ୟ ଓ ଶକ୍ତି ପ୍ରଦାନ କରିବ । ସୁସ୍ଥ ବ୍ୟକ୍ତିହିଁ ଏକା ଯୌବନର ଆନନ୍ଦ ଉପଭୋଗ କରିବାକୁ ସକ୍ଷମ । ତୁମ୍ଭେ ଯଦି ବାର୍ଦ୍ଧକ୍ୟରେ ମଧ୍ୟ ଯୌବନର ଆମୋଦ ଲୁଟିବାକୁ ଇଚ୍ଛା କର, ତେବେ ଏହି ଔଷଧ ପରୀକ୍ଷା କରି ଦେଖ । ଯେ କୌଣସି ଋତୁରେ ଏହା ସେବନ କରି ହେବ । ଏଥିରେ କୌଣସି ମାଦକ ବା କ୍ଷତିକର ପଦାର୍ଥ ନାହିଁ । ମୂଲ୍ୟ—କାଶ୍ମୀର ବଟିକା, ୨।୧୫ ଦିନ ନିମନ୍ତେ ପା ୩୦ ଟିର ମୂଲ୍ୟ ୫।୧ ଭଣ୍ଡାର ମାଲିସ ତେଲ, ଏକ ଶିଶି ୨।୦ । ଏହା ଥରେ ବ୍ୟବହାର କଲେ ଜୀବନରେ ଆଉ କୌଣସି ଔଷଧର ପ୍ରୟୋଜନ ହେବ ନାହିଁ ।

ଦ୍ରଃ—ମୁଁ ଡାକ୍ତର ବା ବୈଦ୍ୟ ନୁହେଁ; ଏହା ମୋର ବ୍ୟବସାୟ ନୁହେଁ । ସୁତରାଂ ଏହା ବ୍ୟତୀତ ଅନ୍ୟ ଔଷଧ ନିମନ୍ତେ ମୋତେ କେହି ଲେଖିବେ ନାହିଁ । ଏହି ଅତ୍ୟାଶ୍ଚର୍ଯ୍ୟ

( ପର ପୃଷ୍ଠାର ଶେଷ ଦେଖନ୍ତୁ )

Digitized by srujanika@gmail.com

( ପ୍ରଶଂସା ପତ୍ରରୁ । )

ଔଷଧ ଲଗାଉଛି ମୁଁ ମନ୍ତ୍ର ରଖା କରି ଥିବାରୁ ମୁଁ ଏହା ଔଷଧର ଗୁଣ ମୋର ପ୍ରତିଜ୍ଞା ପାଳନ କରୁଛି ମାତ୍ର । ମହାତ୍ମାଙ୍କ ଆଜ୍ଞା ଥିଲେ, ତେବେ ମୁଁ ଏହା ବିଷୟ କରି କହି ଉଠାଏଁ ତେବେ ମୋର ମହାପାପ ହେବ । ଏଣୁ ତାହା ପ୍ରକୃତ ପ୍ରୟୋଜନ ତାହା ଠାରୁ ଅଧିକ ଔଷଧ କେହି ମଗାଇବେ ନାହିଁ । ଯଦି ଏ ଔଷଧରୁ ସୁଫଳ ନ ପାନ୍ତି ତେବେ ଶର୍ତ୍ତ ଅନୁସାରେ ତାହା ଫେରାଇ, ଔଷଧର ମୂଲ୍ୟ ଫେରସ୍ତ ଦିଆଯିବ । ଏତେ କଥା ସତ୍ତ୍ୱେ ଯଦି କେହି ଔଷଧର ଉପକାରରୁ ବଞ୍ଚିତ ରହନ୍ତି ତେବେ ତାହା ତାଙ୍କର ନିଜର ଦୁର୍ଭାଗ୍ୟ ବୋଲି କହିବାକୁ ହେବ । ଶୀଘ୍ର ପାଇଁ ୨୦ ଟଙ୍କା ଅର୍ଡର ସହିତ ଅଗ୍ରୀମ ପଠାଇବାକୁ ହୁଏ । (ଇଂରାଜୀରେ ପତ୍ର ଲେଖିବେ) । ଇତି ।

ଠିକଣା—ବି, ମୁଲଖ ରାଜ (ଡି—୮୧୬)
ପୋ: ବ: ନଂ ୨୭, ଅମୃତ ସହର ।
B. Mulkh Raj. (D 816)
Post Box No. 27, Amritsar (India)

ଇସ୍କୁଲରେ ପାଶ କରିବା ନିମନ୍ତେ
୮ମ ଶ୍ରେଣୀ ଠାରୁ ୧୧ଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନଙ୍କ ପାଇଁ

# ଅପୂର୍ବ ସୁଯୋଗ !

ବାରିପଦା ହାଇସ୍କୁଲର ହେଡପଣ୍ଡିତ
ଶ୍ରୀଯୁକ୍ତ ହରିହର ପଣ୍ଡା, କାବ୍ୟ ବ୍ୟାକରଣତୀର୍ଥଙ୍କ ସଙ୍କଳିତ
ସଂସ୍କୃତ

# ଅନୁବାଦ-ସହଚର

ମୂଲ୍ୟ ପାଞ୍ଚ ଅଣା ମାତ୍ର
ପ୍ରକାଶକ ଓ ପ୍ରାପ୍ତିସ୍ଥାନ—

## ପୁସ୍ତକ ଭଣ୍ଡାର, ବାରିପଦା

ଭାରତ ୯୯ଜଣଙ୍କ ଠାରୁ ରେଜିଷ୍ଟ୍ରି କରା ଓ ବହୁ
ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ

## ମହା ସାରିବାଦ୍ୟରିଷ୍ଟ

(ସ୍ୱଦେଶୀ ଔଷଧ)

ଲେଖକ—ଶ୍ରୀ ହରିହର ପଣ୍ଡା, କାବ୍ୟବ୍ୟାକରଣତୀର୍ଥଙ୍କ ଅନୁମୋଦିତ ।
ଅନନ୍ତମୂଳ ଓ ଦ୍ରାକ୍ଷା ପ୍ରଭୃତି ବହୁ ଉପାଦାନରେ ପ୍ରସ୍ତୁତ ।
ଗୁଣ:— ଦୂଷିତ ପ୍ରମେହ, ଉପଦଂଶ, ଦୂଷିତ ଘା, ଖଜୁରି ଚର୍ମରୋଗ ପିତ୍ତ ଦୋଷ, ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଶୁକ୍ର ତାରଲ୍ୟ ଓ ସ୍ତ୍ରୀ ରୋଗ ଇତ୍ୟାଦି ଯାବତୀୟ ରୋଗର ମହୌଷଧ । ରକ୍ତ ବର୍ଦ୍ଧକ ଓ ପୁଷ୍ଟି କାରକ ଅଟେ । ଥରେ ମାତ୍ର ପରୀକ୍ଷା ପ୍ରାର୍ଥନୀୟ ।

ମୂଲ୍ୟ ୧।୵ ପାଇବାର ଠିକଣା
କବିରାଜ—ଶ୍ରୀ ଭାଗିରଥୀ ପଣ୍ଡା
ଗ୍ରାମ—ଖପରପଡ଼ା—ଭାୟା ଭଦ୍ରକ
ପୋ: ଅ: ବୋଠାର, ଜିଲ୍ଲା - ବାଲେଶ୍ୱର

# ଟ୫୦୦ଙ୍କା ପୁରସ୍କାର !

ଦିଆଯିବ ଯଦି ଆମ୍ଭ ଔଷଧର ନିଷ୍ଫଳତା ପ୍ରମାଣ ହୁଏ ।

## ବାର୍ଥ କଣ୍ଟ୍ରୋଲ୍ (BIRTH CONTROL)

ଋତୁ କାଳରେ ଏକାଦିକ୍ରମେ ୫ ଦିନ ବ୍ୟବହାର କଲେ ଚିରକାଳ ପାଇଁ ଗର୍ଭ ନିରୋଧ କରେ । ତଜ୍ଞ ଚିକିତ୍ସକ, ଜନ୍ମନିରୋଧ ଗବେଷଣାଳୟ, ଡାକ୍ତରୀ ପତ୍ରିକା କର୍ମଚାରୀଙ୍କ ଦ୍ୱାରା ବିଶ୍ୱାସଯୋଗ୍ୟ ଓ ଅନ୍ୟ ସମସ୍ତ ଅନୁସନ୍ଧାନ ବୋଲି ସ୍ୱୀକୃତ ଓ ପ୍ରଶଂସିତ । ସ୍ଥାୟୀ—ଟ ୫୦୲, ଏକବର୍ଷ ନିମନ୍ତେ—ଟ ୨୫

## ଫ୍ଲୋ ମେନ୍ସ [FLOW MENSE TABLET]

ଯେ କୌଣସି ଅବସ୍ଥାରେ ରୁଦ୍ଧ ଋତୁ ବିନା କଷ୍ଟରେ ସଫଳ କରାଏ ।—ଟ ୭୫

## ଏଲିକ୍ସିର ନାରଭିନ୍ (ELIXIR NERVINE)

ବହୁ ଉତ୍ତେଜିତ ସ୍ନାୟୁବିକ ଦୌର୍ବଲ୍ୟ, ଇନ୍ଦ୍ରିୟ ଶିଥିଳତା, ବୀର୍ଯ୍ୟ ବୈଷମ୍ୟ, ସ୍ନାୟୁଦୌର୍ବଲ୍ୟ, ଧ୍ୱଜଭଙ୍ଗ, ନପୁଂସକତ୍ୱ ପ୍ରଭୃତିରେ ଅବ୍ୟର୍ଥ ମହୌଷଧ । (ଇଂରାଜୀରେ ପତ୍ର ଲେଖିବେ ।)
ଦଶ ଦିନ ପାଇଁ—ଟ ୨୷, ଏକମାସ ପାଇଁ—ଟ ୫୲

M. R. VERMAN
Post Box No. 27 (D. 816) Amritsar (India

Digitized by srujanika@gmail.com

# ଡଗର ୧୮ଶ ଶବ୍ଦଧନ୍ଦା ପ୍ରତିଯୋଗୀତା

ବିନା ମୂଲ୍ୟରେ 'ଡଗର' ପାଠକମାନେ ଟ୧୦ଙ୍କା ପୁରସ୍କାର ପାଇ ପାରିବେ । ଶେଷ ତା ୨୬ । ୧ । ୧୯୪୦ରିଖ

### ଧାଡ଼ିଭାବେ ।

୧ । ଯେ କବି ହେଉ ନପାରେ ।
୪ । ମୁକ୍ତି ପଥରେ ଯାହା ଦେଶଯୋଗ ଲାଗିଛି ।
୬ । ସଂବାଦ ଦ୍ୱାରା ଏହା ମିଳେ ।
୭ । ମଂଗଳା ଲୋକଙ୍କୁ ଏହା କେବେ ମିଳେନା!
୧୦ । ଅକ୍ଷର ଗୁଡ଼ିକର ସ୍ଥାନ ବଦଳାଇ ସଜା-ଇଲେ 'ହରିଣ' ହେବ ।
୧୨ । ଲେଉଟାଇ ପଢ଼ିଲେ ଯେ ଶବ୍ଦ ହେବ ତାହା ଗଛରେ ଥାଏ ।
୧୪ । ପ୍ରାଣୀର ଏହା ଜୀବନ ଅଟେ ।
୧୬ । ଓଲଟାଇ ଦେଲେ ରମଣୀ କଣ୍ଠର ଶୋଭା ବର୍ଦ୍ଧନ କରେ ।
୧୭ । କଟକ ଗଲେ ଏହା ବହୁତ ଦେଖିବାକୁ ମିଳେ,
୧୯ । ଯେ କବିତା ରଚନା କରେ
୨୦ । କଂଗ୍ରେସ ମନ୍ତ୍ରୀଙ୍କ କପାଳ'———' ।



ନାମ ______________________

ଠିକଣା ______________________

କେତୋଟି ଉତ୍ତର ______________________

### ଉପର ତଳଭାବେ

୨ । କର୍ପୂର ଗଲେ ଏହାକୁ କିଏ ପଚାରେ !
୩ । ଅଧ ମାତ୍ରାରେ ଏହା କଲେ ନିଜକୁ ହାନି,
୪ । ନେତାଗଣ ସ୍ୱରାଜ୍ୟ ଏହା ପାଇବାକୁ ସଦା ଉତ୍ସୁକ ।
୫ । ବନ ପୋଡ଼ିଲେ ସମସ୍ତେ ଜାଣନ୍ତି, କିନ୍ତୁ ଏହା ପୋଡ଼ିଲେ ଜାଣିବ କିଏ !
୮ । ଗାନ୍ଧିମହାତ୍ମା ଏହାଙ୍କ ମୋହରେ ପଡ଼ିଛନ୍ତି ବୋଲି ଅନେକେ କହନ୍ତି ।
୯ । ଏହା ପଢ଼ିଲେ କିଏ ବୁଝି ନପାରେ !
୧୧ । ଫସଲ କାଟିବା ପାଇଁ ଜମିକୁ ଆଗେ ଯାହା କରାଯାଏ
୧୩ । ଯୁଦ୍ଧ ବେଳରେ ସେନାପତିଙ୍କ ଦେହଟିକୁ '———'ନଥାଏ ।
୧୫ । କେଉଁ ପିଲା ଏହା ଦେଖିବାକୁ ଖୁସି ନପାଏ!
୧୭ । ଶରୀରର ଯାହା ଅଟେ
୧୮ । ଏହା କଣ୍ଠ ଛୁଇଁଲେ ଜୀବ ମରନ୍ତି !

---

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ଦୁଇ ଘରେ ଗୋଟିଏ ଲେଖାଏଁ ଅକ୍ଷର ବସି କଳା ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ଡିହା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କରୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ଏବଂ ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ କରି ହୋଇ ସମ୍ପାଦକଙ୍କଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୨୫୯ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଲୋକ ସାମନ୍ତ ପୁରସ୍କାର ୨୧୯ ପାଇବ ।

ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକୀ ୨୪୯ ବାଣ୍ଟି ଦିଆଯିବ । ଯେତେ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରାଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

Digitized by srujanika@gmail.com

ଯେ କୌଣସି ବ୍ୟକ୍ତି ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ସମସ୍ତ ଉତ୍ତର ୧୯୪୦ ମସିହା ଜାନୁଆରୀ ତା ୨୭ ଖ ସନ୍ଧ୍ୟା ୫ଟା ମଧ୍ୟରେ ଈଗଲ, ପୋ: ଭାଲପଦା, (ଭଦ୍ରକ) ଠିକଣାରେ ପହଞ୍ଚିବା ଦରକାର । ଲଫାପା ଉପରେ କୋଣରେ ଯୋଡ଼ିଏ ଗୁଣନ (×) ଚିହ୍ନ ଓ ୧୮ ଅଙ୍କ ଲେଖିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ଇତ୍ୟାଦି) ମଧ୍ୟ ଲେଖିବ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଘର ମଧ୍ୟରେ ପୂରଣ ହୋଇଥିବା ଅକ୍ଷର ପରିଷ୍କାର ଭାବରେ ଲେଖିବା ଦରକାର । କାଟ, ବଦଳ ବା ଅପାଠ୍ୟ ହେଲେ ଉତ୍ତର ଅଗ୍ରାହ୍ୟ ହେବ । ସମ୍ପାଦକଙ୍କ ପାଖକୁ ଉତ୍ତର ରହିଥିବା ଲଫାପା ଭିତରେ ଅନ୍ୟ କୌଣସି ଚିଠି ପତ୍ର ଦେଲେ ସେ ସମସ୍ତ ଗୃହୀତ ହେବ ନାହିଁ ।

ଈଗଲ କୁପନ ଛଡ଼ା ଅନ୍ୟ ସାଦା କାଗଜରେ ଉତ୍ତର ଦେଲେ ଅଗ୍ରାହ୍ୟ ହେବ । ଏ ପ୍ରତିଯୋଗିତାରେ ପ୍ରବେଶିକା ଫିସ୍ ଦେବାକୁ ପଡ଼ିବ ନାହିଁ । ଉତ୍ତରଟି ବୁକ୍ ପୋଷ୍ଟରେ ପଠେଇ ଦେଲେ ମଧ୍ୟ ଚଳିବ ।

ଏକାଧିକ ଉତ୍ତର ଦେବାକୁ ଯେ ଇଚ୍ଛା କରନ୍ତି ସେ ନିକଟସ୍ଥ ଏଜେଣ୍ଟ ଠାରୁ ଏକ ଅଣା ମୂଲ୍ୟରେ ଈଗଲ କିଣିପାରିବେ ବା ୦/୧ ର ଡାକ ଟିକଟ ପଠାଇଲେ ଈଗଲରୁ ଡାକଦ୍ୱାରା ଖଣ୍ଡିଏ ପାଇ ପାରିବେ ।

---


## ଆପଣଙ୍କର ଫଟୋ

ଇଲେକ୍ଟ୍ରିକ ଷ୍ଟୁଡିଓରେ

ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ

ଶିଳ୍ପୀ—ଏସ୍ ଜଥଉଦ୍ଧା

ଫଟୋ ହାଉସ, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆଯାଇ ପାରେ ]।

---

ଯେତେ ଯାକୁ ମରମରେ ହଜାଇ ଥିଲେ,

ଅତ ତାକୁ **ମରମ**ରେ ପାଇବେ ।

ମୂଲ୍ୟ ୦ । ୫ ଅଠଅଣା


## ସଂବାଦ

ବହୁଦିନ ଜ୍ୟୋତିଷ ଶାସ୍ତ୍ର ଚର୍ଚ୍ଚା କରି, ଦୈବ ଯନ୍ତ୍ରରେ ଆମ୍ଭେ ଯେଉଁ ଜନ୍ମ ପତ୍ରିକା ପ୍ରସ୍ତୁତ କରୁଅଛୁ ସେଥିରୁ ଲୋକେ ଆପଣାର ସବୁ ଜୀବନର ଭଲ ମନ୍ଦ ଅଦୃଷ୍ଟଫଳ ଜାଣି ପାରିବେ । ତହିଁନିମିତ୍ତ ପାରିଶ୍ରମିକ ୧୦ ମାତ୍ର—ଅତି ଗୁରୁତର ଘଟଣାର ଫଳ-ପତ୍ର କୋଷ୍ଠୀ ପାଇଁ ପାରିଶ୍ରମିକ ୫ ମାତ୍ର । ଆମ୍ଭଠାରେ ଗତ ୫୦ ବର୍ଷର ପାଞ୍ଜି ସଞ୍ଚିତ ଅଛି । ଆମ୍ଭଠାକୁ ଜନ୍ମର ସନ, ମାସ, ତାରିଖ ଓ ସମୟ ପଠାଇଲେ ଆମ୍ଭେ ଡାକ ଯୋଗେ ଜନ୍ମ ପତ୍ରିକା ପଠାଇଥାଉଁ । ବାହୁଲ୍ୟ ଅନାବଶ୍ୟକ – ପରୀକ୍ଷା ପ୍ରାର୍ଥନୀୟ ।

**ଶ୍ରୀ ଅନନ୍ତ ଚରଣ ସାହୁ ମାଷ୍ଟର**

ପୁରୁଣାବଜାର, ଭଦ୍ରକ ।

ଜି: ବାଲେଶ୍ୱର

---


## ବୃହତ୍ ରତି ମୋଦକ

ଏହା ଦୁର୍ବଳ ସ୍ତ୍ରୀ ମାନଙ୍କୁ ଶୀଘ୍ର ସବଳ କରାଇ ସନ୍ତାନ ଉତ୍ପାଦନ ଶକ୍ତି ଆଣିଦିଏ । ଯାହାଙ୍କର ବଂଶରକ୍ଷାପାଇଁ କାମନା କରିବାର ଇଚ୍ଛା, ଯେ ବଳବାନ୍ ସନ୍ତାନ କୋଳରେ ଧରିବାକୁ ଚାହାନ୍ତି, ସେମାନେ ଏହା ଶୀଘ୍ର ସେବନ କରନ୍ତୁ ।

ମୂଲ୍ୟ: —୧ ସେର ୧ ଟଙ୍କା ୬୮ ସେର ୦ । ୫ ଭରି ୦ ॥୫
ସେର ୦ । ୦ ।୮

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏଚ୍ ଏମ୍ ପି

**ଦରିଦ୍ରବନ୍ଧୁ ଔଷଧାଳୟ**

ଖଡ଼ର ପ ॥ ପୋ: । ଜୋଠ ରଜ ବାଲେଶ୍ୱର

ଶୁକ୍ର ତାରଲ୍ୟ ଓ ଧ୍ୱଜ ଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପ ମୋଦକ
କେନ୍ଦ୍ର ସୁଭାଷଙ୍କର ରଣ ଘୋଷଣା ସମୟ ଉଚିତ ବୋଲି ମାନିଲେ ମଧ୍ୟ ସୁଭାଷଙ୍କର ମତ ସହିତ ନିଷ୍କାଷଣ କଲେ, ସୁଭାଷଙ୍କର ନେତୃତ୍ୱ ଉପରେ ନିର୍ଭର ଅଟ୍ଟା ଦେଇ ହେଉନାହିଁ । କଲିକତା କର୍ପୋରେସନରେ ପ୍ରତିଦ୍ୱନ୍ଦ୍ୱୀ ସ୍ତ୍ରୀର ଏବଂ ମୁକ୍ତ ଦଳରେ ଅଣ୍ଟୁ ହରଜିତ ହୁକୁ‌ଟା ଅନୁଷଙ୍ଗିକ କର୍ମୀମାନେ ବୋଲି ସ୍ୱୀକାର କରିବାକୁ ଅନେ-ମାନେ ପ୍ରସ୍ତୁତ ହେଉଁ । ତଥାପି ଅମୃତାନନ୍ଦଙ୍କ ଦ୍ୱିତୀୟ, ସୁଭାଷ ନିର୍ଦ୍ଦିଷ୍ଟ ଏବଂ ନିର୍ଦ୍ଧିତ କର୍ମପନ୍ଥାକୁ ଧାର୍ଯ୍ୟ କରି ମାତେ ଦେଶ ତାଙ୍କର ପଦାଙ୍କ ଅନୁସରଣ କରୁ ।

## ମୁସ୍ଲିମ୍ ଭାରତ:—

କଂଗ୍ରେସ କାଂପ୍ର (Open) ଅଧିବେଶନରେ ମୌଲାନା ଅଜାଦଙ୍କ ଅଭିଭାଷଣ, ମୁସ୍ଲିମ ଲିଗର କାର୍ଯ୍ୟ ଜିନ୍ନାଙ୍କର ଗୁରୁତ ପ୍ରସ୍ତାବ ଓ ସମାଲୋଚକମାନଙ୍କ ପ୍ରତି ଜିନାଙ୍କର ଜବାବ ସମସ୍ତ ଅଭିନିବେଶ ସହକାରରେ ଦେଖିବାକୁ ଗଲେ ବୁଝାଯାଏ, ଯେ ଦୁଇ ପକ୍ଷ ମୁସ୍ଲିମ ଭାରତ ସମ୍ବନ୍ଧରେ ବର୍ତ୍ତମାନ ଅଭିଯୋଗଣା ସମାନ ଜାତି ସମସ୍ୟାର ସମାଧାନ ଯୋଜନା କରିଛି । କଂଗ୍ରେସ ପ୍ରେସିଡେଣ୍ଟ ମୌଲାନା ମୁସ୍ଲିମମାନଙ୍କୁ ନ୍ୟୁନ ଜାତି ବୋଲି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ତେଣୁ ସେ ହିନ୍ଦୁମାନଙ୍କ ସହିତ ସମାନ ଅଧିକାର ପାଇବାର ଦାବି କରି ରହିଲେ ସଂଖ୍ୟା ଲଘିଷ୍ଠ ଜାତି ମାନଙ୍କର ସ୍ୱାର୍ଥରକ୍ଷା ପ୍ରତି ଦୃଷ୍ଟି ଦେବାର ଦରକାର, ଅଜାମ୍ ଜିନା ସାହେବ ମଧ୍ୟ ଏବେ ଘୋଷଣା କରିଛନ୍ତି ଯେ ଭାରତ ଉପରେ ହିନ୍ଦୁଙ୍କର ଯେଉଁ ଦାବି ମୁସଲମାନଙ୍କର ସେହିପରି ଦାବି । ମୁସଲମାନମାନେ ସଂଖ୍ୟାଲଘୁ ନୁହନ୍ତି—ଗୋଟାଏ ଜାତି । ତଥାପି ଭାରତକୁ ଦ୍ୱିଖଣ୍ଡ କରି ହିନ୍ଦୁ ଭାରତ ଓ ମୁସ୍ଲିମ ଭାରତ ରାଜ୍ୟ ସ୍ଥାପନ କରିବାକୁ ହେବ । ଉଭୟ ଅଜାଦ ଓ ଜିନା କହନ୍ତି ଯେ ହିନ୍ଦୁମାନେ ଆଗରୁ ହୋଇ ଏ ଦେଶକୁ ଅଧି-ଥିଲେ ମଧ୍ୟ ଏ ଦେଶର ଅଧମ ଅଧିବାସୀ ମାନଙ୍କର ଏ ଦେଶରେ ଅଧମ ଦାବି । କେନ୍ତୁ ତଥାପି ଅଜାଦଙ୍କ ଅଭିଯୋଗଙ୍କ ଭଳି ଜିନା ଏ ଦେଶର ପରିଭୂ ଗୃହାନ୍ତି ।

ଜିନାଙ୍କର ଏଭଳି ଯୁକ୍ତି ଯେତିକି ହାସ୍ୟାସ୍ପଦ ସେତିକି ବିସ୍ମୟ । ଦୁଃଖର ବିଷୟ ଏତିକି ଯେ ବ୍ରିଟିଶ ସରକାରଙ୍କ ବାହ୍ୟଛାୟା ତଳେ ଆଶ୍ରୟ ନେଇ ଯେଉଁ ଜିନା ଆଜି କେତେକ ଅଶିକ୍ଷିତ ମୁସ୍ଲିମ ଜନତାର ଭାବପ୍ରବଣତାକୁ ଅସ୍ତ୍ର କରି ଧରିଛନ୍ତି ତାଙ୍କର ରାଜନୈତିକ ଜୀବନକୁ ଅଜାଦଙ୍କ ମୁସ୍ଲିମ ଭାରତ ବଙ୍ଗୋପସାଗର ମଧ୍ୟରେ ଜଳାଞ୍ଜଳି ଦେଇ ନାହିଁ ।

Digitized by srujanika@gmail.com

# ଟ ୨୦୦ ପୁରସ୍କାର

## ମହାତ୍ମା ସିଦ୍ଧ କବଚ

ଅତି ଚମତ୍କାର ଓ ଅସୀମ କ୍ଷମତାଶାଳୀ ଏହି କବଚ ଧାରଣ କରି ଥିଲେ ସମସ୍ତ ସୌଭାଗ୍ୟ ହେଉ ଥିବେ, ଯେ କୌଣସି ଅଭିପ୍ରେତ ବସ୍ତୁ ଅଳ୍ପ ଦିନରେ ପ୍ରାପ୍ତ ହୁଏ । ଏହାକୁ ସର୍ବ ସିଦ୍ଧ ଓ ଫଳଦାୟକ କରିବା ନିମନ୍ତେ କୌଣସି କଷ୍ଟକର ତପସ୍ୟା କରିବାର ପ୍ରୟୋଜନ ନାହିଁ । ଏହାର ପ୍ରଭାବରେ ଯେ କୌଣସି ପୁରୁଷ ବା ସ୍ତ୍ରୀ ତୁମ୍ଭର ବଶବର୍ତ୍ତୀ ହୋଇ ରହିବ ।

**ମୂଲ୍ୟ** —ତାମ୍ର ୧।୯ (ଏକତ୍ର ତିନୋଟି ପାଇଁ ୩।) ରୌପ୍ୟ ୨।୷୵, ସ୍ୱର୍ଣ୍ଣ ୬। ମାତ୍ର ।

## ମହାଲକ୍ଷ୍ମୀ ଯନ୍ତ୍ର

ଏହା ଧାରଣ କଲେ ଦୁଷ୍ଟଗ୍ରହ ନିବାରଣ ହେବ, ଶତ୍ରୁ ଜୟ କରି ପାରିବ, ଦାରିଦ୍ର୍ୟରୁ ପାର ହେବ, ବେପାର ମାଲ ମୋକଦ୍ଦମା, ସୁରତ, ଘୋଡ଼ଦୌଡ଼, ଗ୍ରହର ପ୍ରକୋପରେ ଲାଭବାନ ହେବ । ଦୁରନ୍ତ ଧନଲାଭ, ପୁତ୍ରଲାଭ, ଋଣମୁକ୍ତ, ରୋଗମୁକ୍ତ ଘଟିବ ।

**ମୂଲ୍ୟ** —ତମ୍ବା ଟଙ୍କା ୨।୯ (ଏକତ୍ର ତିନୋଟି ପାଇଁ ୫।) ରୂପାର ୨।୷୵, ସୁନାର ୫।୭ ।

ଏହି ଯନ୍ତ୍ରର ଶୁଭ ଶୀଘ୍ର ଫଳ ନିମନ୍ତେ ବିଶେଷ ଶକ୍ତିଶାଳୀ ନ ୪ ମର ଯନ୍ତ୍ର ମୂଲ୍ୟ ୫।୷, ଯୋଉମାନେ ତାଙ୍କ ଗୋଟି କାମନା ପୂରଣ ନିମନ୍ତେ ଅତି ବିଶିଷ୍ଟ ଶକ୍ତିଶାଳୀ ନ ୫ ମର ଯନ୍ତ୍ର ମୂଲ୍ୟ ୭।୷୵ । ଡାକ ମାଶୁଲ ସ୍ୱତନ୍ତ୍ର ।

**ନୋଟ:**— ଏହା ମିଥ୍ୟା ବୋଲି ପ୍ରମାଣ କଲେ ୧୦୦୲ ପୁରସ୍କାର ।

ଏହା ନିଷ୍ଫଳ ହେଲେ ମୂଲ୍ୟ ଫେରନ୍ତ ।

SHRI MAHATMA ASHRAM
Post Box No. 12 (D. B)
AMRITSAR





# ତୁମ୍ଭର ଭାଗ୍ୟ !




କେବଳ ମାତ୍ର ଖଣ୍ଡିଏ ପୋଷ୍ଟକାର୍ଡରେ ତୁମ୍ଭର ଜନ୍ମ ସମୟ ଓ ଯେ କୌଣସି ଗୋଟିଏ ଫୁଲର ନାମ ଲେଖି ପଠାଅ । ଆମ୍ଭେ ତୁମ୍ଭର ଆଗାମୀ ବାରମାସର ଭାଗ୍ୟ ଗଣନା ଅତି ବିସ୍ତାରିତ ଭାବେ ୧।୵ ଭି: ପି: ଦ୍ୱାରା ପଠାଇ ଦେବୁ । ଏଥିରେ ବ୍ୟବସାୟର ଲାଭ କ୍ଷତି, ଚାକିରିରେ ଉନ୍ନତି, ବା ଅବନତି, ବଦଳି, ଜନ୍ମ, ବିବାହ, ସୁଖଶାନ୍ତି, ଶାରୀରିକ ପୀଡ଼ା ପ୍ରଭୃତିର ଉଲ୍ଲେଖ ଥିବ ଓ ତାହା ସଙ୍ଗେ ଦୁଷ୍ଟଗ୍ରହମାନଙ୍କ ପ୍ରତାପରୁ ରକ୍ଷା ପାଇବା ନିମନ୍ତେ ପ୍ରତିକାରର ବ୍ୟବସ୍ଥା ମଧ୍ୟ ଦିଆ ହେବ ।

ଥରେ ମାତ୍ର ପରୀକ୍ଷା କଲେ ଆମ୍ଭ ଗଣନାର ବାସ୍ତବ ଯଥାର୍ଥତା ଜାଣି ପାରିବେ ।

ଫଳ ନ ହେଲେ ମୂଲ୍ୟ ଫେରନ୍ତ ଦିଆଯିବ ଓ ଏହା ମିଥ୍ୟା ବୋଲି ପ୍ରମାଣ କଲେ ୧୦୦୲ ପୁରସ୍କାର ।

BENGAL JOTISH ASHRAM
Post Box No.39 ( D.B)
AMRITSAR.


Digitized by srujanika@gmail.com

ଅଧ୍ୟବସାୟ ଓ ପରିଶ୍ରମ ଦ୍ୱାରା ଉଚ୍ଚସ୍ଥାନ ଅଧିକାର କରାଯାଏ ।

**ଆପଣ ଯତ୍ନ କଲେ ସେ ସ୍ଥାନ ଅଧିକାର କରି ପାରିବେ ।**

ସ୍ୱାଧୀନ ଭାବରେ ଜୀବିକା ଉପାର୍ଜନ କରିବା ପାଇଁ ବିଖ୍ୟାତ ବୀମା କମ୍ପାନୀର

ପ୍ରତିନିଧି ହେବା ଗୋଟିଏ ଉତ୍ତମ ପନ୍ଥା ।

**ଅନେକ ଲୋକ ଜୀବନ ବୀମା ପ୍ରତିନିଧି ହୋଇ ଯଥେଷ୍ଟ ଅର୍ଥ ଏବଂ ଖ୍ୟାତି ଅର୍ଜନ କରି ପାରିଛନ୍ତି ।**

**ଆପଣ ମଧ୍ୟ ଯତ୍ନ କଲେ ସେହି ଭଳି ବଡ଼ ହୋଇ ପାରିବେ ।**

ଜୀବନ ବୀମା କାର୍ଯ୍ୟ କର ସାଧାରଣଙ୍କୁ ସଞ୍ଚୟ କରିବା ପାଇଁ ପ୍ରବର୍ତ୍ତାଇବା ଦ୍ୱାରା ସମାଜ ଏବଂ

ଦେଶର ସମୂହ କଲ୍ୟାଣ ସାଧିତ ହୁଏ ।

ସାଧୁ ବ୍ୟବହାର, ଉତ୍ତମ ଏବଂ ସ୍ଥାୟୀ ପାରିଶ୍ରମିକ ମିଳେ ।

## ୧୯୩୮—୩୯ ର ସଂକ୍ଷିପ୍ତ ବିବରଣୀ

ନୂତନ ବୀମାର ପରିମାଣ ୩ କୋଟି ୧୪ ଲକ୍ଷରୁ ଊର୍ଦ୍ଧ୍ୱ । ଚଳନ୍ତି ବୀମାର ପରିମାଣ ୧୭ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ୨ କୋଟି ୯୨ ,, ,, ମୋଟ ସମ୍ପତ୍ତି ପରିମାଣ ୩ କୋଟି ୩୨ ,, ,,

ବାର୍ଷିକ ଆୟ ୮୫ ଲକ୍ଷରୁ ଊର୍ଦ୍ଧ୍ୱ

ଲାଭ:—ଆଜୀବନ ବୀମାରେ ହଜାର ପ୍ରତି ବର୍ଷକୁ ଟ୧୫ କା ଏବଂ ସ୍ୱଳ୍ପ ପ୍ରାପ୍ତ ମିଆଦ ବୀମାରେ ବର୍ଷକୁ-ଟ୧୮ କା ।

**୧୯୩୮ ମସିହା ବୀମା ଆଇନ ମୁତାବକ ସରକାରୀ କାଗଜାଦିରେ ନିୟୋଜିତ ହୋଇଥିବା ପାଣ୍ଠିର ପରିମାଣ ମୋଟ ବୀମା ପାଣ୍ଠିର ଶତକଡ଼ା ଟ୮୫ଙ୍କାରୁ ଊର୍ଦ୍ଧ୍ୱ ଅଟେ ।**

ଆପଣ ଶୀଘ୍ର, ବର୍ତ୍ତମାନ ପ୍ରତିନିଧି ହେବା ପାଇଁ ଦରଖାସ୍ତ କରନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି:

ହେଡ଼ ଅଫିସ—
ହିନ୍ଦୁସ୍ଥାନ ବିଲଡିଂସ
କଲିକତା

ଓଡ଼ିଶା ଅଫିସ—
କାଳିଗଳି, କଟକ
ଅର୍ଗେନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**

ଭାରତବର୍ଷ, ବ୍ରହ୍ମଦେଶ, ସିଂହଳ, ମାଳୟ ଦେଶ ଏବଂ ପୂର୍ବ ଆଫ୍ରିକାରେ ସବନ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

---



"ଛିଦ୍ର କୀଟ ଭଳ ଅଳ୍ପ ଅଳ୍ପ କର ରଚଇ ବଲ୍ମୀକ ଘର"

**ଆପଣ ମାସକୁ ମାତ୍ର ଏକ ଟଙ୍କା**

## ସଞ୍ଚୟ କରି

ଦଶଜଣରେ ଜଣେ ହୋଇ ପାରିବେ ।

ନିମ୍ନ ଠିକଣାରେ ଅନୁସନ୍ଧାନ କରନ୍ତୁ ।

# ବାସନ୍ତୀ ଇନସ୍ୟୁରେନ୍ସ କୋମ୍ପାନୀ ଲି:

**ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।**

ସୁପରଭାଇଜିଂ ଅର୍ଗେନାଇଜର—ଶ୍ରୀ [illegible] ବି. ଏ. ବି.

Digitized by srujanika@gmail.com

ବାର୍ଷିକ ସଡ଼ାକ ୫୨

ଛାତ୍ର – ୪୧୩ ବର୍ମା – ୬୩



୩ ୟ ବର୍ଷ – ୨୨ ସଂଖ

ଚୈତ୍ର ଦ୍ୱିତୀୟା




# ଡଗର

ଋଷିଆର ଜର୍ମାନ ପ୍ରୀତି



ରଦ୍ଧି ସଖି ରଦ୍ଧିବାଟେର ନାଚେନ୍ତଗୋ ଲମ୍ପଟୀ ଭମର,
ବିଳୁଏ ଅଧର ନପ୍ର ଅଗ ମୋର ଏଡ଼େ କ ॥ ଦ୍ଧ

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଷ୍ଟୋର୍ସ



ଦରଘାବଜାର, ପୋ. —କଟକ ।





ଟ ୨୦୯ କା ପୁରସ୍କାର !

ଟ ୨୦୯ କା ପୁରସ୍କାର !

ଖଦ୍ଦେରମାନଙ୍କର ଫରମାସ୍ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନୋମତ ଭାବରେ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଖଦ୍ଦେର ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା କମ୍ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ କାହାରକୁ ଠକିବ ଦେବାକୁ ଚାହୁଁନାହୁଁ । ଗ୍ରାହକଙ୍କ ଜିନିଷକୁ ଟଞ୍ଚ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କାଢ଼ି ପ୍ରମାଣ କରିପାରିଲେ ଅମ୍ଭେମାନେ ଟ ୨୦୯ କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନାୟ —

ବଶମ୍ବଦ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ

ଦରଘା ବଜାର, ପୋ:—କଟକ ।





ବ୍ରହ୍ମଦେଶରେ ପ୍ରଥମ ପ୍ରକାଶିତ

(ସାପ୍ତାହିକ) 'ବର୍ମା ଓଡ଼ିଆ ପତ୍ରିକା' (ରୟେଲ ୧୬ ପୃଷ୍ଠା)

ଏହାଦ୍ୱାରା ପ୍ରବାସୀ ଓଡ଼ିଆଙ୍କ ... ନଗରର ଦୁର୍ଦ୍ଦଶା, ସେଠାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ... ରେ ସ୍ଥିତ ... ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ଜ୍ଞାନ ଲାଭ କରିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

... ୬୫, ଷାଣ୍ମାସିକ ମୂଲ୍ୟ ୫୨୯, ଭାରତବର୍ଷେ ବର୍ଷକେ ଦେୟ ୧୪୯ । ଠିକଣା—... ... (ବର୍ମା)

ସମ୍ପାଦକ - ଶ୍ରୀ ନିତ୍ୟାନନ୍ଦ ମହାପାତ୍ର


Digitized by srujanika@gmail.com



ଇତିହାସରେ ଯୁଗ ହୁଏତ ଅଧିକାଂଶ ଅଳ୍ପ ଦେଖାଯାଇଥିବ କେତେବେଳ । ଏଥର ପୁଣି ମହାବଳଶାଳୀମାନେ କେତେକ ଛୁଟିଲେଣି । ହିଟଲର ବାଲ୍ଟିକ ଡେନମାର୍କ ଦଖଲ କରି ନରୱେକୁ ଅଧା କବଳିତ କରିଦେଲେ । ପଶ୍ଚିମ ପ୍ରାନ୍ତରେ ଯମ ମା ଶାଢ ଭଉଣୀଙ୍କ ଲହ ଲହ ଜିଭ କରି ବୁଲୁଛନ୍ତି । ଚେକୋସ୍ଲୋଭା-କିଆ ଗଲା, ପୋଲାଣ୍ଡ ଗଲା, ଫିନଲାଣ୍ଡ ଗଲା, ଡେନମାର୍କ ଗଲା । ନରୱେ ଯିବା ଉପରେ । ହଲାଣ୍ଡ ସୁଇଡେନଙ୍କ ଉପରକାଳ ଆସୁଛି । ତେଣେ ମଙ୍ଗଳର ପାଳି ଗୁଣୁଛି । କିନ୍ତୁ ଏହି ଯୁଦ୍ଧଟା ଯୋଗୁ ଆମ ପୂର୍ବ ପ୍ରାନ୍ତର ଭାରତ ଭୂଇଁରେ ଏଡ଼ା ଅନେକ ଲୋକ ବଞ୍ଚିଗଲେ । ପ୍ରଥମରେ ସେ ଡ୍ରବେସନ ଦାଉରୁ ଓ କଂଗ୍ରେସିଙ୍କ ମୁହଁରୁ, ରଜାମାନେ ବଞ୍ଚିଗଲେ, ଲାଟସଭା ଅଇନ ପାଳରୁ ଜମିଦାରମାନେ ବଞ୍ଚିଗଲେ । କଂଗ୍ରେସ ମନ୍ତ୍ରୀଙ୍କ ହୁକୁମରୁ ସରକାରୀ ହାକିମମାନେ ବଞ୍ଚିଗଲେ । ଅଫିମଛଡ଼ା ସେବା ଅଭିନମାଣ୍ଡବାରୁ ଅଫିମାମାନେ ବଞ୍ଚିଗଲେ, ବୁଢ଼ା ବୟସରେ ପାଠପଢ଼ା ଜାନ ମୋଡ଼ା କଷ୍ଟରୁ ନିରକ୍ଷରମାନେ ବଞ୍ଚିଗଲେ । ଗ୍ରାମ ଉନ୍ନତି ପାଇଁ ଯେଉଁ ପାଞ୍ଚଲକ୍ଷ ଟଙ୍କା ଓଡ଼ିଶା ସରକାରଙ୍କୁ ମିଳିଥିଲା, ଖରଚ ନ ହୋଇ ସେଇଟା ବି ବଞ୍ଚିଗଲା । ସେ ଟଙ୍କା ଖରଚ ହୋଇ କୂଅ ପୋଖରୀ ଖୋଳାଯାଇଥିଲେ ଯେଉଁ ଜିମ୍ ଚିମ୍, ଜୀବ ପତଙ୍ଗଙ୍କ ପ୍ରାଣ ଯାଇଥାନ୍ତା ସେମାନେ ବି ବଞ୍ଚିଗଲେ । ଏଠିକି ବୈଶାଖି ଗରମ, ତେଣେ ଯୁଦ୍ଧ ଗରମ, ଏ ଦୁଇ ଗରମ ବେଳେ ଆମ ସରକାର ଖଦଡ ଦରଜ ଉଠାଇ ଦେବାରୁ ଚଉକିଦାର, ଚପରାସି, କନଷ୍ଟବଲ, ଇଅଡ଼ର ପ୍ରଭୃତି ଗରମ କଷ୍ଟରୁ ବଞ୍ଚିଗଲେ । ଅର୍ଥାତ୍ ଏ ସମୟରେ ମରିବା-ଠାରୁ ବଞ୍ଚିବାଟା ବେଶୀ ଲୁଗ । + +

ଭଗବାନଙ୍କର ଖୋଦ୍ ବୈକୁଣ୍ଠର ଖବର-କାଗଜ ଚଷ୍ଟା ତଳକୁ । ଋଷିଙ୍କ ଶାପରୁ କାଳ କାଳ ଯୁଗ ଯୁଗ ମର୍ତ୍ତ୍ୟରେ ଦେହ ଧରି ଆସନ୍ତି । ସତ୍ୟରେ ହିରଣାକ୍ଷ, ହିରଣ୍ୟ କଶିପୁ, ତ୍ରେତାରେ ରାବଣ କୁମ୍ଭକର୍ଣ୍ଣ, ଦ୍ୱାପରରେ କଂସ ଶିଶୁପାଳ, ଆଜି ଶୁଣାଯାଏ ଆମ ଏଇ କଳିଯୁଗରେ ହିଟଲର ମୁସୋଲିନୀ ହୋଇ ଜନ୍ମ ନେଇଛନ୍ତି । ଦେବଗଣଙ୍କ ଉପରେ ଏମାନେ ଦାରୁଣ ଅତ୍ୟାଚାର ଚଳାଇଛନ୍ତି । କିନ୍ତୁ ଏହାଙ୍କ ହାତରୁ ତ୍ରାଣ କରିବା ପାଇଁ ଭଗବାନ କେଉଁଠି ଜନ୍ମ ହେଇଛନ୍ତି କହି ହେଉନାହିଁ । କିଏ କହୁଛି ଯେ ତ ମର୍ତ୍ତ୍ୟଭୂମିରେ ଭଗବାନ ଜନ୍ମ ହେଲେଣି । କିଏ କହୁଛି, ଗାନ୍ଧି ମହାତ୍ମା ବେଶରେ ଭଗବାନ ହରେଇରୁ ଏଣ୍ଟାଇଛନ୍ତି । ଆଉ କିଏ କହୁଛି ଅଛାମ ଛିନା ସାହେବ ଜନ୍ମ ଅଭାବରୁ ଏବେ ଖସିଛନ୍ତି । କେତେକ କହନ୍ତି ବ୍ରିଟିଶ ପ୍ରଧାନ ମନ୍ତ୍ରୀ ଚେମ୍ବରଲେନ ସ୍ୱୟଂ ପ୍ରତକ୍ଷ ଭଗବାନ । ନୃସିଂହଙ୍କର ଯେପରି ନଖ ଥିଲା, ରାମଙ୍କର ଯେପରି ଧନୁ ଥିଲା, ଆଉ କୃଷ୍ଣଙ୍କର ଯେପରି ବଂଶୀ ଥିଲା; ଚେମ୍ବରଲେନଙ୍କର ସେମିତି ଗୋଟାଏ ଛତା ଅଛି । ଏଇ ଛତା ଦୋହଲାଇ ରଖି ତା ଗ୍ରସ୍ତ ଚଳେ ସେ ଭାରତବାସୀଙ୍କି ଅଭୟ ଦେଉ-ଛନ୍ତି । ଜୟ ଭଗବାନ ଚେମ୍ବରଲେନ କି ଜୟ । ସ୍ୱାଧୀନ ଇଂଲଣ୍ଡ କି ଜୟ । ସ୍ୱାଧୀନ ପୋଲାଣ୍ଡ କି ଜୟ, ସ୍ୱାଧୀନ ଫିନଲାଣ୍ଡ କି ଜୟ, ସ୍ୱାଧୀନ ଭାରତ କି ଭି ଜୟ !!!

\+ × +

ଅତର ଜଣେ ଲୋକ ବାତ ରଖିଛି ଯେ, ସେ ରଜାଙ୍କ ଭୂତ ଧରି ନସ୍ୟବ । ସେ ବେଇଟା ଏକ ଭିତରେ ଗୋଟାଏ ବଲଭଟା ବେଲୁନରୁ ଉଲ ବାଳ କାଟି ଶିଖି ଅସି, ଲୋକ ପାଖରେ ସାର୍ଟିଫିକେଟ ହାଜିର କଲା । ରଜା ଡକ୍ଟର ଗୁଞ୍ଜେ ହୋଇ ବାଇକାଟିବାକୁ ଅର୍ଡର ଦେଇଦେଲେ । ଏଟିକି ତବଲ ସେ ରାଜ୍ଯ ଲୋକଙ୍କ ତାକ ଅଣି ଛଟି ଛଟି ଦେଖିବାକୁ ଲାଗିଲା । ପ୍ରଥମ ଯେ ରଜାଙ୍କ ଭୂତ ଧରି କାଟିବାକୁ ଅନୁମତି କଲା । ଶେଷରେ କହିବାକୁ ଲାଗିଲା—"ଆମ୍ଭ ଟିକିଏ ମୁହଁ ବୁଲାନ୍ତୁ, ଆମ୍ଭ ଟିକିଏ ପଛ କରନ୍ତୁ, ଆମ୍ଭ ଟିକିଏ ଠିଆ ହୁଅନ୍ତୁ ଆମ୍ଭ ଟିକିଏ ବସନ୍ତୁ ।" ଲୋକମାନେ ଭିଡ଼ କିଳ ହୋଇ ହସି ଉଠିଲେ । ରଜା କହିଲେ, "ଆଃ ଖାଲି କିଡ଼ିଆ ଛଇ କରୁଛି । ଲୋକେ ଯାଉ ପଳେଇଛନ୍ତି ।"

ଆମ ଭୂତକାଳର ପ୍ରଧାନମନ୍ତ୍ରୀଙ୍କୁ ଜାମ-ଦେବପୁର ଓଡ଼ିଆମାନେ ଡାକିନେଲେ, ତାଙ୍କୁ ଛବି କରିବେ ବୋଲି ଭାବେ ରଜ୍ଜୁ ଧରି ଦାବିକଲା ଗ୍ରାସ୍ତ କଲେ । ଅଭିନନ୍ଦନ ଫୁଲ ଚନ୍ଦନ ଦେଇ ବାଳେ ବୋହେ ଘୋଷନ ଭୋଜନ ଦେଇ ବିଦା କଲେ । ଜାମଦେବ-ପୁର ବାସୀଙ୍କର ଏଥା ଉଚିତ ହେଲା ବୋଲି ଆମେ କହି ପାରୁ ନାହିଁ । ଜମ ଦ୍ରବ୍ୟ ଯେ ତମେ ସେପରି ମନ୍ତ୍ରୀ ମଣ୍ଡଳ ପାଇଥିଲ— 'ଅକ୍ତ୍ରଗା ଟଣ୍ଟୋଥ'ର ଓ ଦୋଷ । 'ଛ' କରି ଦେଇ ସେ କଥାକୁ ବନ୍ଦ—ଗଲଣି ତ ଗଲା କଥାରେ ପଶ୍ଚାତ, ଭାବିଣିଛ ଗଲା କଥା ।

\+ + +

ପୁଣ୍ୟାତ୍ମା ମହମ୍ମଦଙ୍କ ପରେ ଆଉ କେହି ପଇଗମ୍ବର ଜନ୍ମ ହୋଇଛନ୍ତି ବୋଲି ମୁସଲ-ମାନମାନେ ଭୁଲରେ ଧରିଲେ କହ୍ନାନରୁ ବେଟଳ ତଳୋଆର୍ ଦେବାକୁ ହେବ । ଏ କଥା ଜାଣି ଶୁଣି ମଧ୍ୟ କେତେକ ମୁସଲମାନ ଲୁହ ବୋମ୍ବେରେ ଏକ ଲୋକଙ୍କୁ ପଇଗମ୍ବରଠାରୁ ବଡ଼ କରି ଧରୁଛନ୍ତି । ଏ ତଥାକଥିତ ପଇଗ-ମ୍ବର, ମହମ୍ମଦଙ୍କ ଇସଲାମ ଧର୍ମର ମାର୍କା ଛାପି ଦେଇ ଭିନ୍ନ ଧର୍ମ ଚଳାଉଛନ୍ତି । ମୁସଲମାନଙ୍କ ସାମାଜିକ ଧର୍ମ ଭିତରେ ବାଇଜାନା ଓ ସରବଥ ଓ ଟୋପି ପିନ୍ଧିବା କଥା । ଏ ମହାପୁରୁଷ ନବ-ଧର୍ମରେ ପେଣ୍ଟ କୋଟ ହେଟ ପିନ୍ଧିବା ବିଧି ।

Digitized by srujanika@gmail.com

ମୁସଲମାନ ଜଣେ କେବଳ ମୁସଲମାନ କନ୍ୟା ବିବାହ କରିପାରିବେ କିନ୍ତୁ ସ୍ୱୀୟ ଧର୍ମରେ ବାଇବେଲଧାରୀ ଇହୁଦୀ ଖ୍ରୀଷ୍ଟୀୟ ମହିଳାକୁ ମଧ୍ୟ ବିବାହ କରି ଏକସଙ୍ଗେ ଚାରି (୪) ବିବାହ କରି ପାରିବେ । ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ ସେ ଏବେ ଗାନ୍ଧିଙ୍କଠାରୁ ଶିଖିଲେଣି, ଡମ ଅବଦାନ ଅହିଂସା ଆମ ମୁସଲମାନ ଧର୍ମରେ ନାହିଁ । ଅର୍ଥାତ୍ ଭ୍ରାନ୍ତ ଖ୍ରୀଷ୍ଟୀୟ ଇସଲାମଧର୍ମରେ ଯାହା ଥାଉ ପଛେ ଆମ ଏହି ନୂଆ ପଯୁଗମର ବାଦଶାହାଙ୍କ ଧର୍ମରେ କେବଳ ହିଂସା ଦ୍ୱେଷ, ମାରପିଟ, ହାଣକାଟ । ଆଉ ଏକେ ଦୁଃଖ ଯେ ମୁସ୍ଲିମ୍ ଲିଗ୍‌ର ଶିକ୍ଷିତ ମୁସଲମାନମାନେ ଉପର ଏହି ବର୍ବର ବୈଷମ୍ୟକୁ ଅଜ୍ଞାତ ଚକ୍ଷୁ ପାଉ ନାହାନ୍ତି !

\+ + +

ଆସନ୍ତା ଅପ୍ରେଲ ୧୯ ତାରିଖ ରାତି ଭାରତକୁ କଲ୍‌ସ୍ଥାନ ବୋଲି ନାମ ଦେବା ପାଇଁ ଏଇ ପତ୍ରିକାର ଏକ ପ୍ରସ୍ତାବ ଗୃହୀତ ହୋଇଛି । ମହାମନା ମହମ୍ମଦ ଅଲ୍ଲା ମହମ୍ମଦ ଅବଶ୍ୟ ପାକିସ୍ତାନରୁ କୌଣସି ଗୋଷ୍ଠୀର ସ୍ୱର୍ଗ ଉଜ ନାମରେ ବା ତାଙ୍କ ଧର୍ମ ନାମରେ କରି ପାରୁ ନାହାନ୍ତି । ଏ ସବୁ ଖେଳର କରି ପାରନ୍ତି କେବେ ମହମ୍ମଦଙ୍କଠାରୁ ଏ ଅଲ୍ଲାଃ ସେ ଅବସ୍ଥାରେ ଉଚ୍ଚ ନବାବଗିରିର ବୋଝ ତାଙ୍କର କଳ୍ପନା । ସ୍ୱାଗତ ଏହି ସ୍ୱାଧୀନ ଚିନ୍ତା ସ୍ଥାନକୁ ସଂରକ୍ଷଣ ସରକାର ଉପଯୋଗ କରି ଭରଣ ପୋଷଣ ଭାର ନେଇ ଅଧିବାସୀମାନଙ୍କୁ କେବଳ ଦାଣ୍ଡାକୁଣ୍ଡରେ ସାଙ୍ଗ ଅଛି ଘରକୁ ଯେଉଁ ସ୍ୱାଧୀନତା ଦେଇଛନ୍ତି । ଏବଂ ଏ ସବ୍ୟର ସେବା ଏକ ନୁହେଁ ଦୁଇ ନୁହେଁ, ତିନି ବି ନୁହେଁ ଯେତେ ଇଚ୍ଛା ସେତେ ଶ୍ୱେତାଙ୍ଗୀ ନାରୀଙ୍କୁ ବଳ କରି ପାରିବେ । ଅମ୍ଭେମାନେ ସେ ଉତ୍ତର ଦେଇ, ସେ କେବଳ ମିଷ୍ଟାନ୍ନ ଇଚ୍ଛା କରି ରହିଲୁଁ ।

\+ + +

## ସମ୍ପାଦକୀୟ ଅଭିମତ

### ଭାରତୀୟ ସଂଗ୍ରାମ

ସୁଭାଷଚନ୍ଦ୍ରଙ୍କ ଉପରେ ବ୍ରିଟିଶ ସରକାର ଏବଂ ମୁସଲିମ୍ ଲୀଗ ସରକାର ଆକ୍ରମଣ କରିଛନ୍ତି । ଫରୱାର୍ଡ଼ ବ୍ଲକର ଅନେକ ନେତା ଓ କର୍ମୀ ବନ୍ଦୀ ହୋଇଛନ୍ତି । ବଙ୍ଗଳା ସରକାର ଭାରତ ରକ୍ଷା ଆଇନରେ ପ୍ରକାଶ୍ୟ ଯୁଦ୍ଧ ଘୋଷଣା କରିଛନ୍ତି ଏବଂ ପ୍ରକାରାନ୍ତରେ କଂଗ୍ରେସକୁ ଯୁଦ୍ଧର ଆହ୍ୱାନ ଜଣାଇଛନ୍ତି । କାରଣ ଦକ୍ଷିଣ ପନ୍ଥୀମାନଙ୍କ ସହ ମତଗତ ପାର୍ଥକ୍ୟ ଥିଲେ ମଧ୍ୟ ସୁଭାଷ ଅଦ୍ୟାପି କଂଗ୍ରେସ ଅନୁଷ୍ଠାନର ବାହାରେ ନାହାନ୍ତି । ଏବଂ ମତଗତ ପାର୍ଥକ୍ୟ ଥିଲେ ମଧ୍ୟ ମୌଳିକ ପାର୍ଥକ୍ୟ ବା ନୀତିଗତ ପାର୍ଥକ୍ୟ ନାହିଁ । ତାହା-ହୋଇଥିଲେ ସୁଭାଷ ବୃତ୍ତ କଂଗ୍ରେସରେ ଆଉ ନଥାନ୍ତେ । ତେଣୁ ସୁଭାଷଙ୍କ ପ୍ରତି ଆକ୍ରମଣ ଫଳରେ କଂଗ୍ରେସ ଯଦି ସମଗ୍ର ଅନୁଷ୍ଠାନ ହିସାବରେ ଜବାବ ନ ଦିଏ ତେବେ କଂଗ୍ରେସ ତାର କଂଗ୍ରେସତ୍ୱ ହରାଇବ । ସୁଭାଷଙ୍କ ପ୍ରତି ଅପମାନ, କଂଗ୍ରେସ ପ୍ରତି ଅପମାନ । ସୁଭାଷଙ୍କ ପ୍ରତି ଆକ୍ରମଣ କଂଗ୍ରେସ ପ୍ରତି ଆକ୍ରମଣ, କଂଗ୍ରେସ ଏହା ସହ୍ୟ କରିବା ଅନ୍ୟାୟ ଓ କାପୁରୁଷତା । ତେଣୁ ହିଂସା । ଗୃହ ଦସ୍ୟୁ-ସଙ୍କୁଳ ହୋଇଥିବା ବେଳେ ପ୍ରସ୍ତୁତ ବା ଅପ୍ରସ୍ତୁତର ପ୍ରଶ୍ନ ଉଠି ପାରେକି ?

### ଇଉରୋପୀୟ ସଂଗ୍ରାମ

ପ୍ରଥମରୁ ହିଁ ଆମ୍ଭେମାନେ ବ୍ରିଟେନଙ୍କ କୌଣସି ସ୍ୱାର୍ଥକୁ ସମର୍ଥନ କରି ନାହୁଁ । କିନ୍ତୁ ହିଟଲରଙ୍କ ଦାବୀଗୁଡ଼ିକୁ ସବୁବେଳେ ଅସମର୍ଥନ କରିବାକୁ ନିଜକୁ ପ୍ରବର୍ତ୍ତାଇ ପାରିଲୁ ନାହିଁ । ଡେନମାର୍କ ଓ ନରୱେ ଆକ୍ରମଣରେ ମଧ୍ୟ ସେହି ପ୍ରଶ୍ନ ଉଠେ । ବ୍ରିଟିଶ ଯଦି ନିରପେକ୍ଷତାର ନିୟମ ବାହାରକୁ ଯାଇ ନରୱେ ଉପକୂଳରେ ମାଇନ ପକାଇ ପାରେ, ତେବେ ହିଟଲର ପକ୍ଷରେ ମଧ୍ୟ ନିରପେକ୍ଷ ଶୃଙ୍ଖଳାର ବାହାରକୁ ଯାଇ ନରୱେ ଓ ଡେନମାର୍କ ଆକ୍ରମଣ କରିବା ଛଡ଼ା ଅନ୍ୟ ସ୍ୱତନ୍ତ୍ର ପନ୍ଥା କ'ଣ ଥିଲା ଆମ କ୍ଷୁଦ୍ର ବୁଦ୍ଧିରେ ଧାରଣା କରି ହେଉ ନାହିଁ । ଯୁଦ୍ଧରେ ଜୟ-ଲାଭ କରିବା ବ୍ରିଟେନର ଯେତିକି ଆବଶ୍ୟକ ଜର୍ମାନ ପକ୍ଷରେ ତାହାର କେବେ ବି ଊଣା ନୁହେଁ । ଏ ନୀତିଗତ ସଂଗ୍ରାମ ନୁହେଁ, ବ୍ୟକ୍ତି ବା ଜାତି ଗତ । ଉଭୟଙ୍କର ଉଦ୍ଦେଶ୍ୟ ସାମ୍ରାଜ୍ୟ ପ୍ରତିଷ୍ଠା । ଅନ୍ୟାୟ କାର୍ଯ୍ୟ ଉଭୟଙ୍କୁ କଲେ ବହୁ ଅନ୍ୟାୟର ଆଶ୍ରୟ ନେବାକୁ ପଡ଼େ । ଇଂଲଣ୍ଡର ମାଇନ ବିସ୍ତାର ନୀତିରେ ହିଟଲର ମଧ୍ୟ ଅନ୍ୟାୟର ଆଶ୍ରୟ ନେଇଛନ୍ତି ।

### ପ୍ରାଦେଶିକ ସଂଗ୍ରାମ

ଗତ ଯଦ୍ୟପି ବା କଂଗ୍ରେସାନୁମୋଦିତ ସ୍ୱରାଜ୍ୟ ସଂଗ୍ରାମ ଭାରତ ବ୍ୟାପି ଆନ୍ଦୋଳନ ହୋଇଥିବେ ମଧ୍ୟ ଅମ୍ଭେମାନେ ସେଥିରୁ ପ୍ରଥମରେ ପ୍ରାଦେଶିକତାର ଚିତ୍ର ମଧ୍ୟରେ ଦେଖିଥିଲୁଁ । ଦେଖିବା ସ୍ୱାଭାବିକ । କାରଣ ମନୁଷ୍ୟ ପାରିପାର୍ଶ୍ୱିକତାର ଅଧୀନ । ସେତେବେଳେ ପ ଭଞ୍ଜଙ୍କର ଦେହାନ୍ତ ସଙ୍ଗେ ସଙ୍ଗେ ଉତ୍କଳୀୟ ବ୍ୟକ୍ତିତ୍ୱ ମଧ୍ୟ ଅମ୍ଭମାନଙ୍କର ଯୁବଶକ୍ତିକୁ ଉଦ୍‌ବୁଦ୍ଧ କରିଥିଲା । ସତ୍ୟ, ଅହିଂସା, ସ୍ୱାର୍ଥତ୍ୟାଗ ଇତ୍ୟାଦି ଉଚ୍ଚ ଆଦର୍ଶର ପ୍ରେରଣାହିଁ ବହୁ ଯୁବକଙ୍କର ଆତ୍ମ ତ୍ୟାଗର କାରଣ ହୋଇଥିଲା । କିନ୍ତୁ ଆଜି ଯେତେବେଳେ ଅମ୍ଭେମାନେ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ, ସେତେବେଳେ ଦେଖିବାକୁ ପାଉଁ ଯେ ଅମ୍ଭମାନଙ୍କର ଉତ୍କଳୀୟ ସେନାପତିବୃନ୍ଦ, ମ୍ଳାନ କ୍ଳାନ୍ତ ଏବଂ ଆଦର୍ଶରୁ ହେତୁ ତଳକୁ ଖସି ପଡ଼ିଛନ୍ତି । ଆତ୍ମ ପ୍ରତିଷ୍ଠାର ମୋହ କ୍ଷମତା ଲୋଭର ମାଦକତା, ସେମାନଙ୍କର ଚକ୍ଷୁ ଝଲସାଇ ଦେଇଛି । ସେମାନେ ବର୍ତ୍ତମାନ ନେତୃତ୍ୱ ପାଇଁ ଅଯୋଗ୍ୟ । ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ବୋର୍ଡ଼ ନେଇ ପ୍ରାଦେଶିକ ଓ ଜିଲ୍ଲା କଂଗ୍ରେସ କମିଟି ମଧ୍ୟରେ ପାର୍ଥକ୍ୟ ତାର ଜ୍ୱଳନ୍ତ ସାକ୍ଷ୍ୟ । ଯୁଦ୍ଧର ହସ୍ତ ହୀନ ହୋଇ ମଧ୍ୟ ଗଞ୍ଜାମ ଜିଲ୍ଲା କ୍ଷମତାର ଲାଳସା ଭୁଲି ନାହିଁ । ଏବଂ ଅଦ୍ଭୁତ ଦଳଗତ ବିଷୟ ଯେ ପ୍ରାଦେଶିକ କମିଟି ନିତାନ୍ତ ନୀଚ ଦଳଗତ ଭାବରେ ଈର୍ଷା ପ୍ରଣୋଦିତ ହୋଇ ଅନ୍ୟାନ୍ୟ ଜିଲ୍ଲା-ବୋର୍ଡ଼ମାନଙ୍କ କାର୍ଯ୍ୟ ରହିତ ନକରିବା ପୂର୍ବରୁ ଜିଲ୍ଲା କମିଟିର ସ୍ୱାଧୀନତା ଉପରେ ଅଯଥା ହସ୍ତକ୍ଷେପ କରି ତାର ପ୍ରତିଷ୍ଠାରେ ବାଧା ଦେଇଛନ୍ତି । ଏଭଳି ନୀଚ ପ୍ରାଦେଶିକ ବା ଜିଲ୍ଲା କର୍ମକର୍ତ୍ତାମାନଙ୍କୁ ଅଗ୍ରଣୀ କରି ଓଡ଼ିଶାର ସତ୍ୟାଦର୍ଶୀ ଯୁବକ ଗଣ ସଂଗ୍ରାମରେ ଅବତୀର୍ଣ୍ଣ ହେବା ସମ୍ଭବ ନୁହେଁ । ତେଣୁ ଏମାନେ ଅବିଳମ୍ବ ସ୍ଥାନ ତ୍ୟାଗ କରିବା ଉଚିତ । ନଚେତ ଭବିଷ୍ୟତ ଇତିହାସ ଜାତିର ଏମାନଙ୍କ ସ୍ଥାନଚ୍ୟୁତ କରିବାକୁ ଯୁବଶକ୍ତି ବାଧ୍ୟ ହେବ ।

Digitized by srujanika@gmail.com



ଭାଗ୍ୟ ମୋଠାରେ ବଡ଼ ଅପ୍ରସନ୍ନ ଲାଗେ। ଯେବେ ଯେଉଁଠି ଯାହା କରୁଥାଏ, ଭାଗ୍ୟ ମୋତେ ଉପହାସର ଥାଳ ଦେଖାଇ ତା ଠିକ୍ ଅନ୍ୟପାଖରେ ଟାଣି ନେଇ ଯାଉଛି। ଏ କଥା ବହୁ ବର୍ଷ ହେଲେ ବାରମ୍ବାର ଅନୁଭବ କରିଥିଲେ ସୁଦ୍ଧା, ଆପେ ନ ଦେଖା ଯାଏ, କଥାଟା ମନକୁ ପଶେ ନାହିଁ। ମୋର ଜୀବନ ଘଟଣା, ସେଇ କଥା କହୁଛି।

ଶୁଣ୍ ସ୍ୱପ୍ନରୂପିଣୀ କହୁଥା। ତମ ଆଗରେ କହୁଛି ବୋଲି, ଯେମେ ଯାହା ନା ଆଗରେ କହି ଦେଇ ନାହିଁ ଏବା। ପେଟରେ ରଖିଥିଲି। ଆଜି ଯାହା ଆଗରେ କହୁ ପଡ଼ୁଛି, ମୋ ସ୍ତ୍ରୀ ଯଦି ଜାଣିଅଛୁ ଶୁଣି ପକାଏ, ତେବେ ମୋ ମୁଣ୍ଡ ଫାଟି ଯିବ ନିଶ୍ଚୟ।

କଥା ଲଗେ ନାହିଁ; ଶୁଣ। ସ୍ୱପ୍ନରୂପିଣୀ କଥା ଗୁଡ଼ାକ ପକ୍ଷୀ ଲାଗି ଉଡ଼େ। ସେଇଥିପାଇଁ ମୋର ଲମ୍ବ ତର।

ହଉ। ବି. ଏ. ଟା କୌଣସି ମତେ ପାସ କରି ସାରି ଦେଖିଲି ଯେ ଆଗରେ ଘୋର ଅନ୍ଧକାର। ପାସ କଲାପରି କଣ ନା କଣ ଗୋଟାଏ ହୋଇଯିବ ବୋଲି ଯେଉଁ ଦମ୍ଭଟା ଥିଲା, ପାସ କରି ସାରି ଦେଖିଲି—ହାୟରେ ହାୟ—

ଚାକିରି! ହଁ, ଚାକିରି ଛଡ଼ା ଆଉ କଣ ଅଛି? ପଢ଼ିଲୁ ପଢ଼ିଲୁ ଭାବୁଥିଲି, ଗ୍ରାଜୁଏଟ ହେଲେ ବେଳେ, ଇଚ୍ଛା କଲେ ଚାକିରି ମିଳିବ। କିନ୍ତୁ ନାହିଁ—ସଙ୍କୁଚିତ ଚାଲି, ଫେରିଲି।

ଆଶା କିନ୍ତୁ ଛାଡ଼ିଲି ନାହିଁ। ଦରଖାସ୍ତ ଦେବାରେ ହେଳା କରେଁ ନାହିଁ। ଖବର କାଗଜରେ ବିଜ୍ଞାପନ ଦେଖିଲାକ୍ଷଣି ମୋର ସ୍ୱଭାବ ପଇସା ଖରଚ। କହନ୍ତୁ ଉତ୍ତର ଆସେ—କହନ୍ତୁ ବା ନାହିଁ। ଏଇପରି କେତେ ଥର ଯେଉଁଠି ଯେତେ ଯେଉଁଠାରେ ଚାକିରିର ସମ୍ଭାବନା, ସେଇଠିକି ଗୋଟାଏ ୨ ଦରଖାସ୍ତ ଛାଡ଼ିଲି। ଅଧିକାଂଶର ଉତ୍ତର ତ ଆସେ ନାହିଁ—କହନ୍ତୁ କେଉଁଠୁ ଆସେ No vacancy।

କ୍ରମେ ଦେଖିଲି ଘରର ଲୋକେ ବି ମୋତେ ଅବହେଳା କରୁଛନ୍ତି। ଗୋଟାଏ ବେକାର-ଭାଇ, ଅକର୍ମା ଲୋକ ବୋଲି ଲୋକେ ପରିହାସ କରୁଛନ୍ତି। ଏପରିକି ସ୍ୱୟଂ ବାପାଙ୍କ ଠାରୁ ବି ସେଇ ଭଳି ଅପମାନ ପାଇଲି। ଗର୍ଭଧାରିଣୀ ମା ଯେ, ମୁହଁରେ ନ କହିଲେ ବି ଗୋଟାଏ 'ବେକାର ବସା ଗଣ୍ଡିଅ' ପରି ବ୍ୟବହାର କରୁଛନ୍ତି ବୋଲି ଜଣା ପଡ଼ିଲା।

## ମୋ ଭାଗ୍ୟ

ଲେଖକ—ଲ. ମ.

କିନ୍ତୁ ଉପାୟ ତ ନାହିଁ। ମୋ ଶମତାରେ ଯାହା ତାହା ତ କରୁଛି, ଭାଗ୍ୟକୁ ଏବେ କଣ କରାଯିବ? କଲେଜରେ ଥିଲି ବେଳେ, ମାସକୁ ମାସ ବାବାଙ୍କର ଧାନ ବିକା ପଇସା ସାତମତ ପାଇ ଯେଉଁ କେତେଗୁଡ଼ାଏ ଦୋକାନ ହାସଲ କରି ପକାଇଥିଲି, ସେ ଗୁଡ଼ାକ ବଢ଼ାଇ ରଖିବା କ୍ରମେ ଅସମ୍ଭବ ହୋଇ ପଡ଼ିଲା। ଏବେ ତ ଆଉ ବାବା ପଇସା ଦେବେ ନାହିଁ। ମାଗିବ ବା କେଉଁ ମୁହଁରେ କ୍ଷମା କେଉଁ ବାହାନାରେ?

ସିଗାରେଟ ଛାଡ଼ି ଦେଇ ଯାଇଲି। ବାସତେଲ ବଦଳରେ ସୋରିଷତେଲ ଲଗାଇଲି। ଥାଉ ବା ବଳୁଛି କଏ! ଏତେନ୍ତୁ, ପାଉଡ଼ର ଇତ୍ୟାଦିର କଥା ଛାଡ଼। ଯାହା ଯେଉଁଠି ମିଳେ, ଦରଖାସ୍ତର ଡାକ ଟେସ୍ କିଣିବା ଦରକାର।

ହଁ, କଲେଜରେ ପଢ଼ୁଥିବା ବେଳେ ଜଣେ ଧନଶାଳୀ ଭଦ୍ରଲୋକଙ୍କ କନ୍ୟା ହାସ୍ୟରୁ ମୁଗ୍ଧ ହୋଇ ଯାଉଥିଲି। ସେତେବେଳେ ତ ଏ ଅବସ୍ଥା ନ ଥିଲା। କଲେଜ ପିଲା ଜନ୍ମର ଭବିଷ୍ୟତ। କଣ ନା କଣ ହେବ। କେତେ ବେଳେ କନ୍ୟା ପିତାଙ୍କର ଡାହାଣ ହାତର ଅସ୍ତ୍ର ଉପରେ।

ଯାହାହେଉ ବାହାଟା ଭାଗ୍ୟ ହୋଇ ଯାଇଥିଲା ସେହି ବେଳରେ। ସ୍ତ୍ରୀ ତ ଥିଲେ ଘରେ। ମୋର ଏ ଅବସ୍ଥା ଦେଖି ତାଙ୍କ ଭିତରେ ଭିତରେ ଯେ କଣ ହେଉଥିବ ତାହା ସେ ଏ ମୁହଁରେ ନ କହିଲେ ବି ମୋର ବୁଝିବାକୁ ବାକି ନ ଥିଲା। ଅଭାବ ତ ରହିଛି, ସଙ୍ଗେ ତ ରହିଛି। ବିଶେଷତଃ ଏଇ ବୟସରେ କେତେ ଆଶା, କେତେ ଆକାଂକ୍ଷା—ଛାଡ଼ ସେ ସବୁ।

ସେ ମଧ୍ୟ ସେ ତାଙ୍କୁ ବାପାଙ୍କୁ କୌଣସି କଥା ନ ଶୁଣୁଥିଲେ ପଦେ ପଦେ ତାହା ଫୁଟେ। ବିଶେଷତଃ ମାଇକିନାଙ୍କୁ ସେପରି କଥା ବଡ଼ ବାଧେ। କିନ୍ତୁ ଉପାୟ କଣ।

ଡାକବାଲା ଥରେ ଦେଇ ଗଲାକ୍ଷଣି ପ୍ରତିମା କାନ ଡେରି ରହିଥିବ। ପ୍ରଥମ ପ୍ରଶ୍ନଟା ପାଇଲା ମାତ୍ରେ ଆସି ପଚାରେ "କିଛି ଚିଠି ଦେଲା?" ଯେତେବେଳେ ଶୁଣେ, "ନାହିଁ, କିଛି ନା,—" ସେତେବେଳେ ତାର ଫୁଲ ମୁହଁଟି ମଉଳି ପଡ଼େ। ସେ ସର୍ବ ଦୀର୍ଘଶ୍ୱାସଟିଏ ପକାଇ ଚାଲିଯାଏ।

ଏବେ ତ ଅବସ୍ଥା—ତା ଉପରେ ପୁଣି ପୂଜା। ଝିଅଟାକୁ ବାଧା ଦ୍ୱଏ। କିନ୍ତୁ କରିବ ବା କଣ। ତାର ମୁହଁ ଅର୍ଥିରେ ଡୁବିବାକୁ ପଡ଼େ।



Digitized by srujanika@gmail.com

ସତରେ ପ୍ରତିମା ପ୍ରାୟ ଚିତ୍କାର କଲା, "ଅଛ କେଉଁଠିକି ଦରଖାସ୍ତ ଦେଲ ?"

ମୁଁ କହିଲି, "ହଁ ଦେଇଛି ତ ।"

ତେବେ ଶୋଇଲା ବେଳେ କହିଲି— "ବୁଝିଲ ନା, ଆଜି ମୁଁ ଯୋଦ୍ଧା ଭାବରେ ଦରଖାସ୍ତ ଦେଇଚି—ବୋଧହୁଏ ହୋଇଯିବ ।"

ପ୍ରତିମା ଶୁଣିସାରିଣି ଅଉ ପଚାରିଲା— "କେତେ ଦରମା ?" ହାୟରେ ନାରୀର ମନ !

ମୁଁ କହିଲି,—"ଠିକ ନାହିଁ—ତେବେ ମାସକୁ [illegible]ଠାରୁ କମ ନୁହେଁ—୫୦୦ ବି ହୋଇପାରେ ।"

"ଆଁ" ଆଖି ଟେକି ପ୍ରତିମା କହିଲା । ତା ଓଠ ଯୋଡ଼ାକ ସେଇମିତି ଦରମେଲା ହୋଇ ରହିଗଲା ପଡ଼ିଏ ।

ତାପରେ ସେ ପଚାରିଲା,—"କି ଚାକିରି, କେଉଁଠି ?"

ମୁଁ ଗମ୍ଭୀର ହୋଇ କହିଲି, "ଏଇ ଯେ ଆଜିକାଲି ଯୁଦ୍ଧ ଲାଗିଛି—ସେଥିରେ ଲୋକ-ଦରକାର ହେଉଛନ୍ତି । ସରକାର ବହୁତ ଲୋକ ନେଉଛି । ଯଦି ଜୀଇ ବଞ୍ଚି ଫେରିଆସି ପାରେ ସେଠୁ, ଫେରିବ ଆଉ ଭରସା ରହୁଚି ନାହିଁ । ଯୋଦ୍ଧାର ଯୋଗ ଦେଇ ଜୀବନଟା କଟେଇ ଦେଲୁ ହୋଇବା ।"

ପ୍ରତିମା ଆଉ କିଛି କହିଲା ନାହିଁ । ସେଦିନ ଶୋଇ ପଡ଼ିଲୁ ।

ତହିଁ ପରଦିନ ସକାଳେ କଥାଟା ପ୍ରଚାର ହୋଇ ପଡ଼ିଲା । ସମସ୍ତେ ଖାଲି ଲୁହାଲୁହି ଲଗେଇ ଦେଲେ । ମୁଁ ଜାଣି ପାରୁଥାଏଁ । ତାହାରି ଅର୍ଥ କିଛି କହେ ନାହିଁ ।

ଏହିପରି ଦଶଦିନ ଗଲା ବିତି । ପ୍ରତିମା ଆଉ କିଛି ପଚାରେ ନାହିଁ ।

ଦିନେ ସକାଳେ ଡାକବାଲା ଗଣ୍ଡେ ବଡ଼ ଲଫାପା ଦେଇଗଲା । ଲଫାପାଟା ପଡ଼ିଲା ପ୍ରତିମା ହାତରେ । ସେ ସେଗଣ୍ଡି ମୋତେ ଦେଇ ଛିଡ଼ା ହୋଇ ରହିଲା । ମୁଁ ଖୋଲି ପଢ଼ିଲି । ଡାକ ବିଭାଗର P. M. G. ଠାରୁ ଯୋଦ୍ଧା ଦରଖାସ୍ତ ଦେଇଥିଲି ଯେ, ତାହାର ଉତ୍ତର । ଲେଖାଅଛି—ବର୍ତ୍ତମାନ ଜାଗା ଖାଲି ନାହିଁ, ତମ ନାମ ରେଜେଷ୍ଟରଭୁକ୍ତ ହୋଇ ରହିଲା ।

ଚିଠି ପଢ଼ା ସରିଲାରୁ ପ୍ରତିମା କହିଲା— 'କେଉଁଠିକା ଚିଠି ?" କାହିଁକି ଜେଡାଣି ଉଚ୍ଚ ତ ଭାବ ମୁଁ ହଠାତ୍ କହି ପକେଇଲି, "ସେଇ ମୁଁ ଦରଖାସ୍ତ ଦେଇଥିଲି ଯୁଦ୍ଧକୁ ଯିବା ପାଇଁ ତାହାରି ଉତ୍ତର ।"

ଅନେକ ମିଶ୍ରିତ ଆବେଗରେ ତାର ମୁହଁଟା ଟକ୍ ଟକ୍ ହୋଇ ଉଠିଲା । ପ୍ରତିମା ପଚାରିଲା, "କଣ ଲେଖିଛି ?"

ମୁଁ ଅତି ଗମ୍ଭୀର ଭାବ ଦେଖାଇ, ତା ଅଡ଼କୁ ନ ଚାହିଁ କହିଲି, "ଲେଖିଛି,—ମାସକ ପରେ ଆସି ଜଏନ୍ କର ।"

"ନ ଗଲେ ?"

"ତା କିମିତି ହବ—ସରକାରୀ କଥା । ଦେହର ଯୁଦ୍ଧ ଚାକିରି—ବୁଝୁନା !" ଏତିକି କହି ଚାଲିଗଲି ସେଠୁ ।

ଘୋର ଭିତରେ ସବୁ ବ୍ୟସ୍ତ ହୋଇଗଲେ । ମା କାନ୍ଦିଲେ, ଭଉଣୀ ପଚାରିଲା, ସାଇ ପଡ଼ିଶା, ବନ୍ଧୁ ବାନ୍ଧବ ସମସ୍ତେ ଅନେକ ଅନେକ ପଚାରିଗଲେ । ସମସ୍ତିଙ୍କୁ ମୁଁ ହସି 'ହଁ' ଉତ୍ତର ଦେଲି । କେଉଁଠି କଣ କହିଲି ନାହିଁ ।

ତାପରେ ଦଠାରୁ ତିନି ଦିନ ଅମ ଶ୍ୱଶୁର ଶାଶୁ ସ୍ୱୟଂ ଆସି ଆମ ଘରେ ଉପସ୍ଥିତ । କଥା କଣ—ନା ତାଙ୍କ ଝିଅଟି ଛାଡ଼ି ଯାଇ ଆମକୁ ନେବାକୁ ଆସିଛନ୍ତି ।

ତ'ପର ଦିନ, ଆମ ଦୁହିଙ୍କୁ ସାଙ୍ଗରେ ନେଇ ସେ ତାଙ୍କ ଘରକୁ ଚାଲିଲେ । ଏଭଣିକି ମୁଁ ଛୁ-ଟିର ଶ୍ୱଶୁରାଳୟରେ ଜାମାଇ ଆଦରରେ ରହିଛି । ପ୍ରାୟ ଏକ ଡଜନ ଗଲା, ଶାଳୀଙ୍କ ଗହଣରେ ବେଶ୍ ଫୂର୍ତ୍ତିରେ ଦିନ କଟି ଯାଉଛି । କିଛି ଅଭାବ ନାହିଁ ।

ଜୟ ଯୁଦ୍ଧ ତ ଜଣ !

## ମନମୋହନ ଯାଦୁ ମଲମ ।

ନଅ [illegible] ସବୁ ଏହି ଔଷଧକୁ ଜନ୍ମ ଗୁଣ ମିଳିଛି ଯାଦୁ ଉପରେ ମାଲିସ କଲେ ଯାଦୁ ଭଲ ହୋଇଯାଏ, ପୋଡ଼ା ଜଳା ହୁଏ ନାହିଁ, ଲଗାରେ ଦାଗ ଲଗେ ନାହିଁ । ଏହି ମଲମରେ କୁଣ୍ଡିଆ, କାଛୁ, ମଚଲା ଭଲ ହୁଏ ଓ ବଳଣି ହୋଇଥିଲେ କାମ୍ପଜ ସିଙ୍ଗା ପାଣିରେ ଧୋଇ ଏହା ଲଗାଇଲେ ଆରୋଗ୍ୟ ହୁଏ । ପ୍ରତି ଶିଶି ମୂଲ୍ୟ ୫ ୦ । ଅଣା ମାତ୍ର ।

ଠିକଣା—ମନରାମ କେମ୍ବ୍ରେଜମଲ୍ ପୋ: ଅ: ଗୃହଳଅଗଞ୍ଜ, ଗୋଦାମ କଟକ ।

## ଅସଲ ଦାନ୍ତ ମଞ୍ଜନ

ଏହାକୁ ପ୍ରତିଦିନ ବ୍ୟବହାର କଲେ, ଦାନ୍ତ ମୂଳ ଫୁଲିବା ଓ ଦାନ୍ତ ମୂଳରେ ପୂଜ ହେବା, ପୋକଅ ହେବା, ଦାନ୍ତ ପୋକ ଖାଇବା ଓ ଦାନ୍ତ ହଲିଥିବା ପ୍ରଭୃତି ଦନ୍ତ ରୋଗ ମୁହଁର ସବୁପ୍ରକାର ରୋଗ ଆରୋଗ୍ୟ କରେ । ପ୍ରତିଶିଶି ୫୦ ।



## ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଷ୍ଟଧର ବାନ ଝଣା, ମୁଣ୍ଡବଥା, କୁଣ୍ଡିଆ, କାଛୁ, ମଚଲା ପୋଡ଼ା ଘା, ଛଡ଼ ଦରଜ, ଅଣ୍ଟାଦରଜ ଇତ୍ୟାଦି ୫୭ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ଅସଲ ପଞ୍ଚଗୁଣା ତୈଳଅଫିସ—କଟକ

Digitized by srujanika@gmail.com



## ପ୍ରତିଶୋଧ

ଲେଖକ—ନ. ମ.

କଲିକତା । ଷ୍ଟ୍ରାମ ମଟର ଗାଡ଼ି ଚାଲୁ ରହିଛି । ଅନବରତ । ଏତେ କୋଳାହଳ । କିନ୍ତୁ ଜଣ ଜଣ କରି ଦେଖିଲେ ହୁଏ ଠିକ୍ । ମୋଟ ଉପରେ ଗୋଟାଏ ମସ୍ତ ଶୃଙ୍ଖଳତା । ମାତ୍ର ବ୍ୟକ୍ତିଗତ ନିୟନ୍ତ୍ରଣରେ ଜଡ଼ି ନାହିଁ ।

ତା'ର ଭିତରେ । ମୁଁ ଭାରି ଡରି ଯାଇଥିଲି । କିନ୍ତୁ ମୁଣ୍ଡ ନ ଥିଲା । ମୋର ଜ୍ଞାନ ଥିଲା । ଉପଲବ୍ଧି କରିବାର ଶକ୍ତି ଥିଲା । ସବୁ ବୁଝିଥିଲି । ଠିକ ଠିକ ତାଳ ଛନ୍ଦ କରି ତଦନ୍ତ କରୁଥିଲି ।

ହାଡ଼କଟା ଗଳି ବସ୍ତି । ସନ୍ଧ୍ୟା ହେଲା । ଠିକେ ବୁଲି ଚାହାଁଲି । ନୂଆ ଲୋକ ମୁଁ । କଲିକତା ମୋର ସେ ପ୍ରଥମ । ତେଣୁ ଜଣେ ସାଙ୍ଗ ଧରି ବାହାରିଲି ।

ଶୁଣିଥିଲି ହାଡ଼କଟାର ବେଶ୍ୟାପଲ୍ଲୀ । ମନ ହେଲା ସେଇ ବାଟେ ଦେଇ ଯିବାକୁ । ଗଲି । ଯୌବନର ଗୋଟାଏ ପିପାସା ଥାଏ । ସେଟା ମୋର ନ ଥିଲା । କ୍ଷୁଧାର ଗୋଟାଏ ଉଦ୍ଧତତା ଥାଏ । ତା ବି ମୋର ନାହିଁ । ସୌନ୍ଦର୍ଯ୍ୟର ଗୋଟାଏ ଆକର୍ଷଣ ଥାଏ । ମୁଁ କେବେ ହାଡ଼କଟାର କୌଣସି ବେଶ୍ୟାକୁ ଦେଖି ନ ଥିଲି । ନୂତନ ଅନୁଭୂତି ନିମନ୍ତେ ଉଦ୍‌ଗ୍ରୀବତା ବି ମୋର ନ ଥିଲା । କାରଣ ହାଡ଼କଟାରେ ନୂତନତ୍ୱ ଜୋରର କିଛି ନାହିଁ । ଏମିତି ବୁଲିଗଲି ।

ମୁଁ ମୁହଁ ପୋତି ଚାଲିଥାଏଁ ଲାଜେ । ବେଳେ ବେଳେ ଟେକେଇ ଟେକେଇ ଚାହେଁ । ଭାରି ସାବଧାନରେ । ଯଦି କେହି କିନ୍ତୁ ଦରକାର ବେଳେ ହାତ ଛିପି ଦେଉଥାନ୍ତି ।

ସେହି ବୁଲିବା ଭିତରେ, ଜଣକର କଅଁଳ ମୁହଁ ଆଉ ଚଞ୍ଚଳ ଆଖି ଉପରେ ମୋ ଆଖି ବାଜିଲା । ଛାତିରେ କ'ଣ ଗୋଟାଏ ଲାଗିଗଲା ଯେମିତି । ମୁଁ ଚାଲି ଆସିଲି । କିନ୍ତୁ ମନ କେଉଁଠି ଲାଗିଲା ନାହିଁ । ଘରେ ଆସି ଉପନ୍ୟାସ ପଢ଼ିଲି । ପୃଷ୍ଠା ଲେଉଟାଇବା ସାର ହେଲା ।

ଏଥର ବାହାରିଲି । ରାତି ଏଗାର । ସାଙ୍ଗରେ କେହି ନାହିଁ । ଏକା ମୁହିଁ । ସେଇ ଘର ପାଖକୁ ଗଲି । ଛାତ ଝରକା । କେହି ନ ଥିଲେ । ଦ୍ୱିଧା ହୋଇ ଫେରିଗଲି । ପୁଣି ଫେରିଲି ସେଇ ବାଟେ । ଏଥର ଗୋଟାଏ ଲୋକ ଠିଆ ହେବାର ଦେଖାଗଲା । ମୋତେ ଦେଖି ସେ ଡାକିଲା । ମୁଁ ଡରିଗଲି । ତା କଥାକୁ ନ ଶୁଣି ସିଧା ଚାଲିଲି । ସେ ଆସି ମୋ ଆଗରେ ଠିଆ ହେଲା । ମୁଁ ଡରିଗଲି । କିନ୍ତୁ ସେ ବଡ଼ ଭଦ୍ର ଭାବରେ କହିଲା,—ଆପଣଙ୍କର ଜଣେ ଚିହ୍ନା ଲୋକ ଏଠି ଅଛନ୍ତି । ସେ ଡାକୁଛନ୍ତି, ଟିକିଏ ଦୟା କରି ଶୁଣିଯିବେ ? ଆପଣ ଏଇବାଟେ ଚାଲିଗଲେ । ସେ ଉପରୁ ଦେଖିଛନ୍ତି । ମୋତେ ଡାକିବାକୁ କହିଲେ । ଆପଣ ଚାଲିଗଲେଣି । ମୁଁ ଦେଖିଲି ଆପଣ ଫେରୁଛନ୍ତି ଆଉ ଅପେକ୍ଷା କଲି ନାହିଁ । ଦେଖା ତ କଲେ ହେବ—ଭାବିଲି । ଟିକିଏ ଚାଲନ୍ତୁ ।

ମୁଁ ଗଲି । ଯାଇଁ ଦେଖିଲି ସେହି ବାଳିକା । ଯାହାକୁ ସନ୍ଧ୍ୟାରେ ଦେଖିଥିଲି । ମନଟା ଚଞ୍ଚଳ ହେଲା—ଅଜାଣରେ ।

ଲୋକଟା ଚାଲିଗଲା । ସେ ମୁଁ ରହିଲୁ । ସେ କହିଲା,—"ମୋତେ ଘୃଣା କରୁଛ ?" ମୁଁ ମୁଣ୍ଡ ହଲାଇ ନାହିଁ କଲି । "ମୁଁ ପରା ବେଶ୍ୟାଟାଏ !" ସେ କହିଲା । ମୁଁ ହସିଲି ।

ଏମିତି କେତେ ରାତି ଖାଲି ହସରେ ଯାଏ । କେତେ କଥା ମୁହଁ ଖୋଲି ବାହାରିବ ମନର ତୃଷ୍ଣା ସବୁରୁ ନାହିଁ ।

ମୁଁ ଦିନେ କହିଲି—'ମୁଁ ଯିବି—।' ସେ କଥାକୁ ସେହି କହିଲା "ଅସମ୍ଭବ । ମୁଁ ଛାଡ଼ିବି ନାହିଁ ।" ମୁଁ ତାକୁ ବୁଝାଇ କହିଲି—"ମୋର ମା ଅଛି, ବାପ ଅଛି, ଘର ଅଛି, ଦ୍ୱାର ଅଛି—ମୁଁ ସବୁ ଛାଡ଼ି ଏଠି ପଡ଼ି ରହିବି କେମିତି ?"

"ଏଠି ଯେ ମୁଁ ଅଛି ।" ତା ଆଖି କଳାଟା ତରଳ ପଡ଼ିଲା । ମୁଁ ଠିକ୍ ବୁଝିଲି, ସେଟା ବାରବଧୂର ଛିନାଳିଆ କଥା ନୁହେଁ । ମୁଁ ତଥାପି ଚାଲି ଆସିଲି । ତହିଁ ଆରଦିନ ଷ୍ଟେସନ ଛାଡ଼ି ଦେଇ ସେଇ ଲୋକଟା ମୋତେ ଦେଲା । ପଢ଼ିଲି, ଲେଖାଥିଲା—

ପ୍ରିୟ,

ଅଳପାଏ ମୋ ଜୀବନର ଗୋଟାଏ ଅଜୁହା କଥା ରହି ଯାଇଥିଲା । ମୁଁ ତମକୁ କହି ପାରିଁ—କେତେ ଯେ ବଳପାଇଁ [illegible] ସେଟା କଥାରେ କହି ପାରୁନାହିଁ—ଲେଖିକି ବା କେମିତି ? ତମେ ବୁଝି ପାରୁଛ ନା [illegible] ନାହିଁ । କିନ୍ତୁ ବୁଝିଥିଲେ ଶୁଣିବ । ବେଶ୍ୟା ପ୍ରୀତି ବୋଲି ଭୁଲ ମଣିଥିବ । କିନ୍ତୁ, ତମେ ପଢ଼ା ଲେଖା ଲୋକ । ବୁଝି ଥିବ ଯେ ବେଶ୍ୟାର ବି ହୃଦୟ ଅଛି । ଜଡ଼ ବସ୍ତୁର ପରା କଣା ବେଉଷାବାଜରେ ପେଟ ପୂରେ, ହୃଦୟ ପୂରେ ନାହିଁ । ମୁଁ ସେଥିପାଇଁ ତମକୁ ଚାହେଁ । ଜୀବନର ଜଣେ ଆପଣାର ଲୋକ ଚାହେଁ । ତମେ ମୋତେ ଛାଡ଼ି ଯାଅ ନାହିଁ । ତମର ବାପ ମାଙ୍କ କଥା ମୁଁ ବୁଝିବି । ତମର ଏଠି ରହିବାର କଥା ମୁଁ ବୁଝିବି । ଆଉ ବେଶୀ ଲେଖି ପାରୁନାହିଁ ।

ତମର

Digitized by srujanika@gmail.com

ମୋର୍ ଘରକୁ ଯିବା ବନ୍ଦ ହେଲା । ମୁଁ ସେଇଠି ରହେ । ଆଉ ଦଶ ବାର ଗଲା । ସନ୍ଧ୍ୟାବେଳେ ଅକସ୍ମାତ୍ ଜଣେ ବଡ଼ଲୋକଙ୍କର ଝିଅ ଆସେ । ବିଲାତ ଫେରନ୍ତ । ବାରିଷ୍ଟର । ସୁନ୍ଦର, ସ୍ୱସ୍ଥ । ମୋଠାରୁ ସବୁ ବିଷୟରେ ଶ୍ରେଷ୍ଠତର । ସନ୍ଦେହ ହୁଏ, ସେ ମୋତେ ଦୂର କରିଦେବ ନାହିଁ ତ ! ଭାରି କଷ୍ଟ ପାଏଁ ଭାବି ।

ଦିନେ ଗୋଟିଏ ବାଳିକା ସେଠିକି ଆସିଲା । ଅଷ୍ଟାଦଶ । ଷୋଡ଼ଶୀ ଶେଷ । ଶୋକ ଲୁହ । ତାର ଗୋଡ ଧରିଲା । କହିଲା, "ମୋର ପ୍ରାଣ ପ୍ରତିମାକୁ ତମେ ମୁକ୍ତି ଦିଅ ।" ଏ ଖାଲି ହସିଲା । ଶେଷରେ କହିଲା, "ତମ ଜିନିଷକୁ ତମେ ଜେକି ନେଇ ଯାଅ । ଦେବାର କ୍ଷମତା ମୋର ନାହିଁ" । ଶୁଣିଲି, ତାର ବାପ ଏଇ ଟୋକାକୁ ଯୁଆଁଇ କରିବା ଆଶାରେ ଖରଚ ଦେଇ ବିଲାତ ପଠାଇଥିଲେ । ବିଲାତରୁ ଫେରି ସେ ବାହା ହେବାକୁ ମତ କଲା ନାହିଁ । ଯାହା ହେଉ ଗୋଟାଏ ଘଟଣା ଏଇଠି ଦେଇଯାଏ । ମୋର ସନ୍ଦେହଟା ବଢ଼ିଲା । ମନ ହେଲା ଛୁଟି ପଳେଇବାକୁ । ଦିନେ ରାତିରେ ଆସିଲି, ମନେ ମନେ ଶେଷ ଦେଖା କରିବାକୁ । ଯାଇଁ ଦେଖିଲି, ଘରେ ଜଣେ ଅଶିଷ୍ଟ ଲୋକ । ଶୁଣିଲି ସେ ଜଣେ ରାଜକୁମାର । ରାତ୍ର ସ୍ୱଚ୍ଛନ୍ଦ ହେବ ବୋଲି ସେ ଏଠିକି ଆସିଛନ୍ତି । ମୁଁ ଅନ୍ୟ ଘରେ ରହି ଅପେକ୍ଷା କଲି । ଏହି ସମୟରେ ଦୁଆରରେ ଗୋଳ ଶୁଭିଲା । ମୁଁ ଉଠିଯାଇ ଦେଖିଲି, ସେଇ ବାରିଷ୍ଟର ଘର ଭିତରକୁ ଆସିବାକୁ ଚେଷ୍ଟା କରୁଛି । ଦରୁଆନ୍ ବାଧା ଦେଉଛି । ସେ କହୁଛି-ମୋତେ ଛାଡ଼ିଦିଅ, ମୁଁ କେବଳ ଗୋଟାଏ କଥା ପଚାରି ଫେରି ଆସିବି । ମୁଁ ତା ଆଗକୁ ଚାଲିଗଲି । ତା ପାଟି ଶୁଣି ଏ ଉଠିଲା । ଦରୁଆନକୁ କହିଲା ଛାଡ଼ି ଦିଅ । ଦୁହେଁଯାକ ଗଲେ ଯେଉଁଠି ରାଜକୁମାର ଥିଲେ ତାର ପାଖ ଘରକୁ । ସେ ପାଖରୁ କଥା ମୋତେ ଶୁଣାଯାଉ ଥାଏ । ମୁଁ ଥାଏ ମଝିଘରେ ।

'ମୁଁ ତୋତେ ମୋର ସର୍ବସ୍ୱ ଦେଇଛି । ଆଜି ମୁଁ ଭିକାରୀଠାରୁ ହୀନ । ସମ୍ଭବତଃ ତୁ ମୋତେ ଏତେ ଅପମାନ କରୁଛୁ । ଅଛି ନାହିଁର ଏ ନଷ୍ଟକଥା । ମୋତେ ଜବାବ୍ ଦେ । ମୁଁ ଆତ୍ମହତ୍ୟା କରିବି ।'

ବାରିଷ୍ଟରର ଏ ପ୍ରଶ୍ନର ଉତ୍ତର ଆସିଲା । ଅଟ୍ଟହାସ୍ୟ ସ୍ୱର । କଥା ଭଙ୍ଗୀରେ ପରିହାସ ଥାଏ । 'ତମେ ଏତେ ମୂର୍ଖ ! କେତେ ଲୋକର ମୁଁ ସର୍ବନାଶ କରିଛି—କେତେ ତରୁଣର ଜୀବନ ନେଇଛି । ମୁଁ ସେଥିରେ ଆନନ୍ଦ ପାଏଁ । ପୁରୁଷକୁ ମୁଁ ଜଣ ହାତରେ ଏ ଶାସ୍ତି ଦେଇ ବଦଳ ଉଷ୍ମାରେ ଗାଡ଼ ଉଠେ । ତମେ ଜଣେ ପୁରୁଷ । ତମେ କଣ ଭୁଲି ଯାଉଛ ସେ କଥା ? ସେ ତରୁଣ କାହାଣୀ ତମର ହୃଦୟକୁ ତ କେବେ ତରଳ କରୁନାହିଁ । ମୋତେ କ୍ଷମା କରିବ ! ତମ ସମାଜର ଷଣ୍ଢାମାନ ପର ଅଭାବ ଉପରେ ଯେତେବେଳେ ଏଇ ନାରୀ ଜାତିମାନଙ୍କୁ ଜଳାଇ ଦେଇ ଖଣ୍ଡ ଖଣ୍ଡ କରି ପକାଇ ଦିଅ, ସେତେବେଳେ ତମ ଆଖିରେ ନ ଲୁହ ଦେଖା-ଯାଏ ନାହିଁ । ତମର ଆନନ୍ଦ ହୁଏ, ନାରୀଜାତିର ଏହି ଅବାଧ ଶୋଷଣର ଦ୍ୱାର ଫିଟାଇ ଦେଇ । ଫେରିଯାଅ ପୁରୁଷ ! ଆଜି ଏ ପ୍ରତିଶୋଧ !"

ମୁଁ ତାକୁ ବୁଝି ପାରିଲି ନାହିଁ । ସେ ବେଶ୍ୟା ନା ସତୀ । ସେ ପଶୁ ନା ମନୁଷ୍ୟ ।

——ଶେଷ——


## ଭ୍ରାମରୀ ରସାୟନ

**ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ**

ଏହା ମୂଳାଢ଼ଂଜନ ରସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ରକ୍ତ ବା କୃଷ୍ଣ ଚିହ୍ନ, ସର୍ବାଙ୍ଗରେ ଜ୍ୱାଳା ଶରୀରର ଅବସାଦ, ହସ୍ତପଦରେ ବେଦନ ଅଲସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୲ **ଭ୍ରାମରୀ ତୈଳ:**— ଏହା ଦେହରେ ମାଲିସ୍ କଲେ ଦେହର ରକ୍ତ ପ୍ରଭୃତି ଅତିଶୀଘ୍ର ଆରୋଗ୍ୟ ହୁଏ । ଏକଶିଶି ୨୲ଙ୍କା ମାତ୍ର । ବାଣୀକନ୍ଥ ଔଷଧାଳୟ ବୈଦ୍ୟରାଜ

:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଅଲମଗୀର ବଜାର, କଟକ ।



## ଆରୋଗ୍ୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେଥି ହେତୁ ଦୂଷିତ ମଳ ପେଟରୁ ଦୈନିକ ପରିଷ୍କାର ହୁଏ, ସେଥିପାଇଁ ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଆଜୀବନ କୋଷ୍ଠ କାଠିନ୍ୟ ଭୋଗ କରୁଛନ୍ତି, ସେମାନେ ଆମର ଏହି ମୋଦକ ଦୈନିକ ରାତ୍ରି ଶୋଇବା ସମୟରେ ଗୋଟିଏ ଲେଖାଏଁ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରାଇ ସକାଳେ ଭଲ ଭାବରେ ଗୋଟିଏ ଝାଡ଼ା ହୋଇଯିବ ଦୁର୍ବଳ ହେବ ନାହିଁ । ଅଳ୍ପ ମାସ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ପେଟର ବଡ଼ଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ଝାଡ଼ାକୁ ସାଧାରଣ ଧାରାରେ ପକାଇ ଦିଏ । ପରେ ଔଷଧ ସେବନ ନକଲେ ମଧ୍ୟ ନିୟମିତ ଝାଡ଼ା ହୋଇଥାଏ । **ମୂଲ୍ୟ ୧ମାସକୁ ୨୲ ୩ ମାସକୁ ୫୲**

ଠିକଣା:—ଶ୍ରୀଧର ରାଜଗୁରୁ ଆଚାର୍ଯ୍ୟ, ଭୁବନେଶ୍ୱର—ପୁରୀ


Digitized by srujanika@gmail.com

# ଡଗର ୨୦ଶ ଶବ୍ଦଧନ୍ଦା ପ୍ରତିଯୋଗୀତା

**ବିନା ମୂଲ୍ୟରେ 'ଡଗର' ପାଠକମାନେ ଟ୧୦ଙ୍କା ପୁରସ୍କାର ପାଇ ପାରିବେ । ଶେଷ ତା ୩୦-୪-୪୦ ରିଖ**

### ଦିଧା ଭାବେ

୧ । ଯେଉଁ ଦେଶ ଫିନ୍‌ଲାଣ୍ଡକୁ ଗ୍ରାସ କରିବାରେ ଲାଗିଛି ।

୩ । ଏହା ଲୋଭରେ ଅନେକ ଅନୂଢ଼ା କନ୍ୟାକୁ ବିବାହ କରିଥାନ୍ତି ।

୫ । ଜର୍ମାନର ଧର୍ଷଣ ଏବଂ ବ୍ରିଟେନର ଶୋଷଣ ଯୁଦ୍ଧ ଶେଷରେ ଏହା ହେବାର ଆଶା ।

୭ । ଏହାକୁ ସଜାଇ ଦେଲେ ଯେଉଁ ଉପଦ୍ୱୀପର ନାମ ହେବ ତାହା 'ନାତ୍ସି' ଦଳର ଶୀକାର ହୋଇଥାନ୍ତି ।

୯ । ଏ କାଳ ଲୋକ ସହିତ ଅଧିକ ସମୟ କଥାବାର୍ତ୍ତା କଲେ ଅଧିକାଂଶ ଲୋକେ ଆପେ ଧନ୍ଦି ହୋଇ ପଡ଼ିବେ ।

୧୦ । ଏହା ଏକ ଅସଭ୍ୟ ପୁଂଲିଙ୍ଗ ବାଚକ ଶବ୍ଦ ।

୧୪ । ବର୍ଷାଗମରେ ଯାହାର ଶୋଭା କବିମାନଙ୍କର ଅନ୍ତଃକୁ ମନୋରମ ହୋଇଯାଏ ।

୧୫ । ଏହା ହୋଇଗଲେ ଅନେକ ଖାଇବା ଜିନିଷ କିଣିବାକୁ ମନ ହୁଏନାହିଁ ।

୧୬ । ଏମିତି କଥା ଅଯାଚିତ ଭାବରେ କହିଲେ ତାର ମୂଲ୍ୟ ନଥାଏ ।

| | | | | | | |
|---|---|---|---|---|---|---|
| ୧ ର | (ସା) | ■ | ୨ | ■ | ୩ | ୪ ମ |
| | ■ | ୫ | ର | ୬ | ■ | |
| ■ | ୭ | ଣ୍ଡି | ସ୍ୱା | ନେ | ୮ ଅ | ■ |
| ୯ | ଡ଼ା | ■ | ର | ■ | ୧୦ | ୧୧ ଅ |
| ମା | ■ | ୧୨ | ■ | ୧୩ ପା | ■ | ର |
| ଇ | ■ | ୧୪ ମ | ସୁ | | ■ | |
| ୧୫ ବା | | ■ | ■ | ■ | | ୧୬ ତ |

ନାମ ______________________

ଠିକଣା ______________________

କେତେଟି ଉତ୍ତର ______________________

### ଉପରୁ ତଳ ଭାବେ

୧ । ଯାହା ପାଇଁ ରାଜ୍ୟରେ ସବୁ ଗୋଳ ।

୨ । ପ୍ରକୃତରେ କାମିକା ଲୋକ ଏହାକୁ ଛାଡ଼ି କୌଣସି କାମ କରେ ନାହିଁ ।

୪ । ଏହା ଦୃଢ଼ ନ ହେଲେ ରାଜନୀତିରେ ପଶିବା ଉଚିତ ନୁହେଁ ।

୫ । ବେଶୀ ଦର୍ପ ହେଲେ ଦେହରେ ଏହା ବଢ଼ିଯାଏ ।

୬ । ଲେଉଟାଇ ଦେଲେ 'ନେତା' ହେବ ।

୭ । ବେଶୀ ଏହା ହେଲେ ପ୍ରେମ ଡୋର ଛିଡ଼ିଯିବ !

୮ । ବର୍ତ୍ତମାନ ସରକାର ଯାହା ପ୍ରେମ ଭୁଲି ପାରୁ ନାହାନ୍ତି ।

୯ । ଉଚ୍ଚାଭିଳାଷୀ ବ୍ୟକ୍ତି ବହୁତ ଟଙ୍କା ଏହା କରିବାକୁ ଚାହେଁ ।

୧୧ । ଓଡ଼ିଶା କଂଗ୍ରେସ ନେତାଙ୍କର ଆଜି ଓ ଶୂନ୍ୟ ମନୋବୃତ୍ତି କଣ ଭଗବାନଙ୍କର ଏହା ନୁହେଁ ?

୧୨ । ଅଗତ୍ୟା ଏହା ନ ବୁଝି କୌଣସି ଜିନିଷ କିଣିବା ଉଚିତ ନୁହେଁ ।

୧୩ । ନଈ ନ ଦେଖିବା ଲୋକ ନଈ— ନ ହେଉଣୁ ଲଙ୍ଗଳା ହୁଏ ।

---

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏଁ ଅକ୍ଷର ବସି ବାଦ ଥିବା ଘର ଯାକ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ଦିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ସମ୍ପାଦକଙ୍କ ଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ୫୧ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ ସମସ୍ତ ପୁରସ୍କାର ଟ୧୧ ପାଇବ । ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କୁ ବିବେଚନାନୁଯାୟୀ ବାକି ଟ୪୧ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସମସ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

କେବଳ ଡଗରରେ ଛପା ହୋଇଥିବା କୁପନ ପୂରଣ କରି ଯେ କେହି **ବିନା ଫିସରେ** ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ ଓ ଏକରୁ ଅଧିକ ଉତ୍ତର ଦେବାକୁ ଇଚ୍ଛା କଲେ ପ୍ରଥମ ଖଣ୍ଡିକ ଡଗର କୁପନରେ ଦେବେ ଓ ପରବର୍ତ୍ତୀ ଯେତେ ଇଚ୍ଛା ସେତେ ଉତ୍ତର **ସାଦା କାଗଜରେ ଟୁକୁରା କାଟି** ଦେଇ ପାରିବେ । ମାତ୍ର **ପ୍ରତ୍ୟେକ** ସାଦା କାଗଜ ଉତ୍ତର ପାଇଁ **ଦୁଇ ପଇସାର ଡାକ ଟିକଟ** ସେଥିସଙ୍ଗେ ପଠାଇବାକୁ ହେବ । ଅନ୍ୟାନ୍ୟ ନିୟମ, ପୂର୍ବବତ୍ । ଠିକଣା—"ଡଗର" ପୋ: **ଝାଲପଦା,** (ଭଦ୍ରକ ।)

Digitized by srujanika@gmail.com

# ଉତ୍ତର ୧୯ ଶବ୍ଦଧନ୍ଦା ପୁରସ୍କାର

ଭେଦୀମାନେ ଜୟାଭିମୁଖରେ-- ଗୋଟିଏ ଭୁଲରେ ପ୍ରଥମ ପୁରସ୍କାର

ସାମନ୍ତ ପୁରସ୍କାର ମୁଦ୍ରାର ପଦ୍ଧତ ।

ପ୍ରଥମ ପୁରସ୍କାର—(ଗୋଟିଏ ଭୁଲ—ପ୍ରତ୍ୟେକ ଟ୧୦ା/ କରି) ୧ । ଶ୍ରୀ ବସନ୍ତ କୁମାର ପଣ୍ଡା ୯ମ ଶ୍ରେଣୀ (ଗ) ବାରିପଦା ହାଇସ୍କୁଲ ୨ । ରାମଚନ୍ଦ୍ର ପଣ୍ଡା, ୭ମଶ୍ରେଣୀ (ଖ) ବାରିପଦା ହାଇସ୍କୁଲ ।୩। ସୁରେନ୍ଦ୍ରକିଶୋର ଦାସ. ୧୧ଶ ଶ୍ରେଣୀ ଜାଜପୁର ହାଇସ୍କୁଲ ।୪। ଶ୍ରୀ ବାମଦେବ ମିଶ୍ର C/o ବଳଦେବ ବ: ମିଶ୍ର, ରତ୍ନାଗିରି, କଟକ । ୫ । ଶ୍ରୀମତୀ ଗୁରୁବାରୀ ଦେଈ C/o ଶ୍ରୀମତୀ ଇନ୍ଦ୍ରମଣି ଦେଈ, ତହସିଲଦାର ସାହି କୁର୍ଷ ଭଦ୍ରକ । ୬ । କୃଷ୍ଣପ୍ରସାଦ ପଟ୍ଟନାୟକ, ଦାମୋଦର ଟୋଳ, ସଦାବ୍ରତ ଭଦ୍ରକ । ୭ । ପ୍ରଫୁଲ୍ଲକୁମାର ପାଳ C/o ପି: ପାଳ, ବାରିପଦା ୮ । ବୈରାଗୀ ଚରଣ ବେହେରା, ବୀଣାପାଣି ମେସ୍ ବାଲେଶ୍ୱର । ୯ । କୃଷ୍ଣଚରଣ ଦାସ, ୧୧ ଶ୍ରେଣୀ ହାଇସ୍କୁଲ ଜାଜପୁର । (ସମସ୍ତେ ଗୋଟିଏ ଲେଖାଏ ମରମ ବହି (ମୂଲ୍ୟ ଟ୧ + ଡାକଖର୍ଚ୍ଚ ଟ୦/) ପାଇବେ ।

୨ୟ ପୁରସ୍କାର—( ୨ଟି ଭୁଲ—ପ୍ରତ୍ୟେକ ଟ୦ । କରେ ) ୧ । ଶ୍ରୀ ଜଗନ୍ନାଥ ନାୟକ, ଜାଜପୁର ହାଇସ୍କୁଲ । ୨ । ଶିବନାରାୟଣ ତ୍ରିପାଠୀ, ସଂସ୍କୃତ କଲେଜ ହୋଷ୍ଟେଲ, ପୁରୀ । ୩ । ଶ୍ରୀମତୀ କମଳାକର ଜ. ସା. ପ୍ରେସ, ବାଲିଗଳି କଟକ । ୪ । ଶ୍ରୀମତୀ ଦେବୀ ବାସିନୀ ଷଡ଼ଙ୍ଗୀ, ବାଙ୍କ୍ରାବଜାର, କଟକ । [ସମସ୍ତେ ଗୋଟିଏ କରି ଚୌପଦୀ ଚନ୍ଦ୍ରିକା (ମୂଲ୍ୟ ଟ୦—ପୋଷ୍ଟଖର୍ଚ୍ଚ) ପାଇବେ ।]

୩ୟ ପୁରସ୍କାର—( ୩ଟି ଭୁଲ—ପ୍ରତ୍ୟେକ ଟ୦/ କରି ) ୧ । ଶ୍ରୀମତୀ ମହାମାୟୀ ଦାସୀ C/o ଯୋଗେନ୍ଦ୍ରନାଥ ଦାସ, ଜାନୁଗଞ୍ଜ, ଭଦ୍ରକ । ୨ । ଶ୍ରୀ ବଂଶୀଧର ମହାନ୍ତି, C/o ମାୟାଧର ମହାନ୍ତି ଥାନାପଛ, ବାରିପଦା । ୩ । ଶ୍ରୀ ନୃସିଂହଧର ମହାନ୍ତି C/o ମାୟାଧର ମହାନ୍ତି, ଥାନାପଛ, ବାରିପଦା । ୪ । ଶ୍ରୀ ବୈଦ୍ୟନାଥ ଘୋଷ, ୯ମ ଶ୍ରେଣୀ (କ) ଜାଜପୁର ହାଇସ୍କୁଲ । ୫ । ଶ୍ରୀ ଗୋପୀନାଥ ପଣ୍ଡା, ଟ୍ରେନିଂ ସ୍କୁଲ, କଟକ । ୬ । ଶ୍ରୀ ଅନନ୍ତଚରଣ ବେହେରା, ଭଦ୍ରକ ହାଇସ୍କୁଲ, ୮ମ ଶ୍ରେଣୀ । ୭ । ମହେଶଚନ୍ଦ୍ର ସିଂହ, ୮ମ ଶ୍ରେଣୀ (ଖ) ହାଇସ୍କୁଲ ବାରିପଦା ୮ । ଶ୍ରୀ ନାରାୟଣ ପ୍ରସାଦ ଦାସ, ପୋଷ୍ଟମାଷ୍ଟର ଭାଲପଦା । ୯ । ବ୍ରଜସୁନ୍ଦର ପଣ୍ଡା C/o ବୃନ୍ଦାବନ ବିଶ୍ୱମ୍ଭର ମିଶ୍ର, ବାଲିଗଳି କଟକ । ୧୦ । ଶ୍ରୀ ବାଉଧର ବାରିକ, ଅଗରପୁର ଟୋଲା, ମୋହରଗଞ୍ଜ; ବାଲେଶ୍ୱର । ୧୧ । ବୈଦ୍ୟନାଥ ପ୍ରସାଦ ଦାଶ, ୧୧ଶ ଶ୍ରେଣୀ (କ) ହାଇସ୍କୁଲ, ବାରିପଦା । ୧୨ । ଦାମୋଦର ମହାନ୍ତି, ୯ମ ଶ୍ରେଣୀ, ଅଗରପଡ଼ା ହାଇସ୍କୁଲ, ପୋ: ବ: ହି: ପୁର । ୧୩ । ପ୍ରିୟନାଥ ନାୟକ, ଅଗରପଡ଼ା ଷଡ଼ୀମହଲ, ପୋ: ବ: ହି: ପୁର । ୧୪ । ବୃନ୍ଦାବନଚନ୍ଦ୍ର ପଟ୍ଟନାୟକ, କରଣସାହି, ବ୍ରହ୍ମପୁର, ଗଞ୍ଜାମ । ୧୫ । ଶ୍ରୀ ବସନ୍ତ କୁମାର ବେହେରା, ଅନ୍ନପୂର୍ଣ୍ଣା ମେସ, ରାଣୀହାଟ କଟକ । ୧୬ । ସୁରେନ୍ଦ୍ର ମୋହନ ପଣ୍ଡା, ନୂଆବୋର୍ଡ଼ିଂ ହାଇସ୍କୁଲ ବାରିପଦା । ୧୭ । ବୈଦ୍ୟନାଥ ପରିଡ଼ା, ୮ମଶ୍ରେଣୀ ହାଇସ୍କୁଲ ବାରିପଦା । ୧୮ । ନରେନ୍ଦ୍ରନାଥ କୁଣ୍ଡୁ, ପୋ: ବାରିପଦା । ୧୯ । କେଶବଚନ୍ଦ୍ର ଜେନା, ୧୧ଶ ଶ୍ରେଣୀ, ଜୁବିଲିହାଇସ୍କୁଲ କମାପଡ଼ା ୨୦ । ସମରେନ୍ଦ୍ର କୁମାର କୁଣ୍ଡୁ, ୭ମ ଶ୍ରେଣୀ ଅଗରପଡ଼ା ହାଇସ୍କୁଲ, ପୋ: ବ, ହି, ପୁର ।୨୧। ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ହାଇସ୍କୁଲ, ସୋନପୁର ପୋ: ସୋନପୁରରାଜ । ୨୨ । କୁଳମଣି ମହାନ୍ତି ୮ମ ଶ୍ରେଣୀ ଭଦ୍ରକ ହାଇସ୍କୁଲ । ୨୩ । ସେଖ୍ ମହମ୍ମଦ ଇଉସୁଫ, ଗୃହଲକ୍ଷ୍ମୀମହାଜନ, ପୁରୁଣାବଜାର ଭଦ୍ରକ । ୨୪ । କୁମାର ଲକ୍ଷ୍ମୀନାରାୟଣ ମହାନ୍ତି, ପୁଲିସ ଅଫିସ, କୋରାପୁଟ । ୨୫ । ଜଗନ୍ନାଥ ପ୍ରସାଦ ମହାନ୍ତି, C/o ଚକ୍ରଧର ମହାନ୍ତି, ଜଗନ୍ନାଥପୁର ଭଦ୍ରକ । ୨୬ । ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେଈ, C/o କୃଷ୍ଣଚନ୍ଦ୍ର ଲେଙ୍କା, ଜାନୁଗଞ୍ଜ ଭଦ୍ରକ । ୨୭ । ଶରତଚନ୍ଦ୍ର ଦାସ, ଫେ଼୍କର ହୋଷ୍ଟେଲ, ବାରିପଦା । ୨୮ । ବାମଦେବ ମହାପାତ୍ର, ଡାଲପଦା ଜ: ପ୍ରା: ସ୍କୁଲ, ପୋ: ଡାଲପଦା । ୨୯ । ଶ୍ରୀମତୀ ନିରୁପମା ଦେବୀ, C/o ଈ: ମହାପାତ୍ର, ଲାଲବଜାର, ବାରିପଦା । ୩୦ । ଶ୍ରୀମତୀ ସରୋଜିନୀ ଦେଈ C/o ବିଦ୍ୟାଧର ମହାପାତ୍ର, ବାରିପଦା । ୩୧ । କୁମାରୀ ଗୁରୁବାଲା ଦାସ, C/o ଏମ୍, ଏନ୍, ଦାସ, ମେଡ଼ିକାଲ୍ ଅଫିସର, ଖଡ୍ଗପୁର । ୩୨ । ଗୋପାଳଚନ୍ଦ୍ର ଘୋଷ, ଇଷ୍ଟହଷ୍ଟେଲ, ଆର, କଲେଜ, ଗୃହଲକ୍ଷ୍ମୀଅଗଞ୍ଜ, କଟକ । ୩୩ । ଅଭୟକୁମାର କୁଣ୍ଡୁ, ମି. ଇ. ସ୍କୁଲ, ଏଡ଼ତାଲ । ୩୪ । କାର୍ତ୍ତିକ ଚନ୍ଦ୍ର ଦାସ, ୯ମ (ଗ) ଶ୍ରେଣୀ ଜିଲ୍ଲାସ୍କୁଲ, ବାଲେଶ୍ୱର । ୩୫ । ବ୍ରଜସୁନ୍ଦର ବଳ, ୮ମ ଶ୍ରେଣୀ ହାଇସ୍କୁଲ, ସାଲେପୁର । ୩୬ । କୁମାରୀ ସୁଧାରାଣୀ ଦାସ C/o ବ. ଦାସ, ମାଜିଷ୍ଟ୍ରେଟ, ସୁରଡ଼ା, ଗଞ୍ଜାମ ।

୨୭ । ୪ । ୨୪ ତାରିଖରେ ସମସ୍ତ ପୁରସ୍କାର ପଠାଯିବ । ଯଥା ସମୟରେ ନ ପାଇଲେ, ପୁରସ୍କୃତ ବନ୍ଧୁମାନେ ଡାକଅଫିସରେ ଅନୁସନ୍ଧାନ କରିବେ ।

——ଶବ୍ଦଧନ୍ଦା

---


# ତିନୋଟି ପରୀକ୍ଷିତ ମୋଦକ

ଏକ—ଅଫିମ ଛାଡ଼ିବାକୁ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ ।——ମୂଲ୍ୟ—ଗୋ୧୬ଟାକୁ ଏକଟଙ୍କା ମାତ୍ର ।

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗଙ୍କ ପ୍ରସ୍ତୁତ "ରତିବଲ୍ଲଭମୋଦକ" ବ୍ୟବହାର କରନ୍ତୁ ମୂଲ୍ୟ—୮ ।କୁ ଏକଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତ ପାଇଁ ଋତୁର ୪ର୍ଥ ଦିବସରେ "ଦୈବଚୂର୍ଣ୍ଣକ" ବ୍ୟବହାର କରନ୍ତୁ । ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ୍ ଫାର୍ମାସୀ, ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com



# 'କଟକ ସହର'

ଲେଖକ—ଶ୍ରୀ—ଅ-ଚ-ମି

( ପୂର୍ବ ପ୍ରକାଶିତ ଅଂଶରୁ )

ଟ୍ରେନିଂ ସ୍କୁଲଟି ମଥଣ ଥାନ ମାଟ୍ରିକ୍ ଆଇ,ଏ,ଙ୍କ ଜୀବନ ଶିକ୍ଷ,
ଯେତେକ ବୁଦ୍ଧିମାନ ସ୍ୱାଧୀନମନା ଓ ମୁଣ୍ଡ ନୋଇଁ ତହିଁ ଦୁଅନ୍ତି ଠିଆ ।
ଚାକିରୀ ଖୋଜନ୍ତି ଭଲ ଦେଇବ ମାତ୍ର ସେଥିରେ ଥିଏ ଛୁଟିରାଜ୍ୟ,
ଟ୍ରେନିଂ ଗୁରୁ ପ.ଇ ନାମ ଲେଖାଇଲେ କପଟେ ଦେଖିଛି ଭୂମର ନାଃ ।
ହେଡ୍‌ମାଷ୍ଟରଙ୍କ ଚାଲି ଅଧିଷ୍ଠ ଦେଖି ଜୀବନ ଶୃଙ୍ଖଳ ଧନଗୁଣ,
ଝଙ୍କା ଦେବତାଙ୍କୁ ମୁଣ୍ଡ ନଇଁଦେଇ ନିଶ୍ଚୟ ହୋଇବ ମାଷ୍ଟର ସ୍ଥାନ ।
ଛଳମନ ନେଇ ଯେତେ ବଚ୍ଛ ଅଳ ଭଲ ପାଇ ମାଷ୍ଟ୍ରମାନଙ୍କ ଆଗେ,
ଚପ୍ପଳ୍ୱା ଭ୍ରମଣ ନାଟକ ଲଙ୍କାପାଣି ତେଣ୍ଡେଇ ଦେବେ ସେ ଅସଲ ବାଗେ ।
ଭାରତୀଣି ନୋଷ୍ଟ ହାତରେ ଓଚ୍ଛେ 'କାପଜ୍ଜଣ ଚିକ୍କିଗେଲ' ଭୁଟେନଇ,
ପ୍ରିଂହାଣ୍ଡ ନେଫ୍ଟିଂ ସେଫ୍ଟଂ କରୁଥ ବୁଝବାଇଁ ଯେତେ କଲେଇତ ନାହିଁ ।
ଶୀଳୁଅ ଓଡ଼ାଳେଇ ଖେଳ ଭଲ୍‌ଗ୍ରାଉଣ୍ଡ ବଗେନ୍ ବାମକୁ ଲଗାଇ ଯେତେ
ହାଠ କରୁ କରୁ ପାଠଯାକ ବାଜା ପରୀକ୍ଷାରେ ଯାଇ ଖାଇବ ଲଡେ ।
ଦଇବ ଗୋଟାଏ ବଳରୁ ଲିଫ୍ଟମ ଦେଇ ପଚାରବ ଜିଁ ଓ ରିଁ,
ଗୁରୁର ପାଇଁବ କୃଷ୍ଣଙ୍କ ପିଇଏ ମାଷ୍ଟ୍ରଙ୍କୁ ପୂଜନ୍ତି ବର୍ଷକଠି ।
ପଢ଼ି ପଢ଼ାଇ ଉପକାର କରୁ 'ଅବଧାନ, ବହୁଅ, ଥାକ୍ସବିଜ୍ଞ' ପଦ
ଏ ଅନ୍ଧ ଦେଶରେ ଚେଷ୍ଟା କର କିଏ ସେହାକୁ ତାଙ୍କର କରିବ ରଦ ।
ଲିଯୁମ ମାନଙ୍କ ସେଠାରେ ଚଳନ୍ତି ମଜ୍ଜଷ ହୋଇବ ଏ କଥା ସତ ,
ଓଡ଼ିଆ ଖାନାରେ ଯେତକ ଖାଟିଲେ ଅଳ୍ପକେ ପୂରିବ ମଶାଣି ଭାତ ।
ବି,ଏ, ଏମ୍, ଏ,ଙ୍କର ଟ୍ରେନିଂ କଲେଜ ତୁଳନାରେ ଏଇପରିରେ ଏବା
ଶାସ୍ତ୍ରର ଶ୍ରମ ସେଠି ଟିକେ କମ ପଦ୍ଧା ହେଉଛି "ମାଷ୍ଟର ବୋକା" ।
କାଠଯୋଡ଼ୀ କୂଳ ଯବକ ପାଣିଟି ଜୀବନରେ କେବେ ନ ହେଉ ଭୁଲ,
ବଡ଼ ରମ୍ୟ ଦୃଶ୍ୟ ବଡ଼ ଶାନ୍ତିପ୍ରଦ ଯେତେବେଳେ ଯିବ ସେଠିକ ବୁଲ ।
କଟକ ସହର ଇସ୍କୁଲ ପିଲେ ଦେଖନ୍ତି ମାନଙ୍କୁ କୋମଳ କରୁ,
ସାରୁନ୍ ଅତର ସ୍ନୋ, ପାଉଡ଼ର ମାଖି ବାହାରନ୍ତି ଅନ୍ୟଙ୍କ ପର ।
କଏ ଦେଖୁ ଥାଏ ସେହେଥିର ମୁହଁ କଏ ଚପୁଥାଏ ମୁହଁ ବରଣ,
କଏ ବାନ୍ଧୁଥାଏ କେତେ ବାଗେ ଟେରି କଏ କରୁଥାଏ ଗାଲ ଚନ୍ଦ୍ରଣ ।
ଖଦଡ଼ ଖାଦ୍ୟ ବାହୁଁ ଭଲ ଦେଖି ଯୁବକ ସାଜନ୍ତି ଯୁବତୀ ବେଶ,
ଧିକ୍ ଏ ସଭ୍ୟତା ସ୍ତ୍ରୀର କଣ୍ଠ ଧରି କୁଆଡ଼େ ଚଳିବ ଅମର ଦେଶ ।
ବ୍ରହ୍ମଚର୍ଯ୍ୟ କାହିଁ ଗାଧୋଇ ଗଲଣି ପଢ଼ନ୍ତି ଅବଳା ପ୍ରେମର ପାଳ,
ସୁନ୍ଦରୀ, ଶିକ୍ଷିତା ଯୌତୁକ ଏ ଚିନ୍ତ ସବୁଙ୍କ ଦେଉଛି ଉଡ଼ନମାଳ ।
ପ୍ରେମ ରତିଲେଖା ଉପନ୍ୟାସ ପାଠ ଛାତ୍ର ମହଲକୁ ହୋଇଛି କାଳ,
ମହାଭାରତ, ଧର୍ମ ଶାସ୍ତ୍ର ପାଠ ନାଁ ଅଛି ପଢ଼ିଲେ କଟାଃ ଚଳେ ।
ଇସ୍କୁଲ ଇସ୍କୁଲ; ମାଷ୍ଟର ମାଷ୍ଟର; ପିଲ୍ଲା ପିଲ୍ଲ ନେଇ ଲଗିଛି ପାଲ୍ଲ,
ଏମିତ ଚଳିବ ମେଳ ନ ବୁଝିଲେ ଅବଶ୍ୟ ଦେଶଟା ଉଚ୍ଛନ୍ନ ଗଲ !
ମହିଳା ସ୍କୁଲଟି ମଇଦା ଉପର କେନ୍ଦ୍ର ଦେଳ ହୁଏ ଅବାଧ ଭୂମି,
ଭାରତ ଦେଶର ବଣ୍ଟପ୍ରେମ ଘଷା ବଡ଼େଦେନ ସେଠି ପଢ଼ଇ ହେଇଁ ।
ପୂର୍ବେ ଓଡ଼ିଆଣୀ ବାବୁବାଳା, ବାବୁବେଶେ ସାଜୁଥିଲ ପଢ଼େ ତାର
ସ୍ୱାମୀର ବଦେଶ ଗୃହର ଯାହାରେ ଅନ୍ନ ଶିଖିତା ଏ ମୁହୂର୍ତ୍ତ ଜର ।
ଭଲ ଅବା ମନ୍ଦ ହେଉ କେତେ ସ୍ତ୍ରୀ ଏଣ ଅସ୍ତ୍ରେ ଦାଣ୍ଡେ ଉଡ଼ୁ ଶାଢ଼ୀ
ଫେସନ ଶିକ୍ଷାରେ ପାସ୍ କରଲେଣି ଏତେ ଦେଶର ଭବ୍ୟ ନୁହେଁ କି ?

\+ + + +

ଗୁରୁ ପାଷ ଖଣ୍ଡେ ମାସିକ ପତ୍ର ଭୋଟରେ ଜାହିରୀ ଓଡ଼ିଆ ଦେଶେ,
ଅର୍ଥ ଅଛି ଲେଖା ଅକ୍ଷରକୁ ତାହା ବାହାରେ ଭୁଟେକ୍ଲ ଚଳୁଛି ଗାଦେଶ ।
ଗ୍ରାହକ ପାଠକ ଏତେ କମ୍ ତାର ବାଇନ୍ଦ କିଣାକୁ ନଥିଲେ ଟଙ୍କା,
ଲେଖକ ବାନ୍ଧବା ପଇସା ପାଇବ ଧନ ଗତ ଯେତେ ପାଇଲେ ଡ଼ଙ୍କା ;
ଯିଏ ଯା ଲେଖିଲ ଛାପେ ଛପା ପାଇଁ, ସାହିତ୍ୟକୁ ଅବା ଉଜାଗ କାହିଁ,
ପାନ ବଡ଼ି ଖଣ୍ଡ ପଇସା ନଥିଲେ ଗ୍ରାହକ ହେବାକୁ ମନଟି ନାହିଁ ।
ଅସ୍ତୁ ମୁହିଁ ଯେବେ ବ୍ୟସ୍ତ କରବାକୁ ଶିକ୍ଷିତ ଶିକ୍ଷିତାମାନେ,
'ଶିକ୍ଷା ଦେଉଛରେ ସାହିତ୍ୟ ରୂଚଇଁ' ଏ କଥାଟି ସେତେ ଭାଗେତ ମନେ !
ଅସ୍ତୁ ଅନୁରାଗେ କରଣ ନମଗେ ତୁଳ ଗୁରୁ ଟଙ୍କା ପଢ଼ିବା ପାଇଁ,
ହେଲେ ଦେଶ ଶିକ୍ଷା, ସାହିତ୍ୟ ସଭ୍ୟତା ଅଶେଷ ଯାଅନ୍ତା ଉଚ୍ଛେଦ ଚାହିଁ,
ଏଥିର ପ୍ରଭାବୁ ପୋଷ୍ଟେଟ ହୋଇବ ଅଗଣ୍ୟ ବେଦନ ଅନ୍ତ ଏବେ,
ଇତି ଶ୍ରୀ କଟକ ପୁରାଣ ଏଠାରୁ କବାସୁ ମାଗୁଛି କ୍ଷୋଭ! ଛେଡ଼ାଇ ।

Digitized by srujanika@gmail.com




## ନାଗବନ୍ଧୁଙ୍କ କଲମରୁ

### ଜାମସେଦପୁର

ତୁମେମାନେ ସମସ୍ତେ ପ୍ରାୟ ଜାମସେଦପୁରର ନାମ ଶୁଣିଛ । କେହି କେହି ମଧ୍ୟ ତୁମମାନଙ୍କ ମଧ୍ୟରୁ ଜାମସେଦପୁର ଦେଖିଛ ନିଶ୍ଚୟ । ମାତ୍ର ଜାମସେଦପୁର ଇତିହାସ ଖୁବ୍ କମ ଲୋକେ ଜାଣନ୍ତି ଓ ଖୁବ୍ କମ ଲୋକେ କହି ପାରିବେ । ମୁଁ ଆଜି ତୁମମାନଙ୍କୁ ଜାମସେଦପୁର ସହର ସହିତ ସାମାନ୍ୟ ଟିକିଏ ପରିଚୟ କରାଇ ଦେଉଛି ।

ତୁମେ ଯଦି ବେଙ୍ଗଲ-ନାଗପୁର ରେଲ ପଥରେ ସମ୍ବଲପୁର କିମ୍ବା ନାଗପୁର ଯାତ୍ରା କର ତାହାହେଲେ ପଥ ମଧ୍ୟରେ ଟାଟାନଗର ଷ୍ଟେସନ ଦେଖିବ । ତୁମେ ସେ ଷ୍ଟେସନରେ ପହଞ୍ଚି ଦେଖିବାକୁ ପାଇବ ଯେ, ଅସଂଖ୍ୟ ଚିମଣି (Chimney) ଉପରକୁ ମଥା ଟେକି ଆକାଶ ସ୍ପର୍ଶ କରୁଛନ୍ତି ଆଉ ତାହା ଭିତରୁ କଳା ଧୂଆଁ ବାହାରି ଦୂର ବାଦଲକୁ ଛୁଇଁବାକୁ ଧାଇଁଛି । ତୁମେ କି କହି ପାରିବ, ଏହି ସବୁ କ'ଣ ? ଖୁବ୍ ଆଶ୍ଚର୍ଯ୍ୟ ହେବ ନିଶ୍ଚୟ । ଏହା ହେଉଛି ଜଗତ ବିଖ୍ୟାତ ଟାଟା କାରଖାନା ।

ଜାମସେଦପୁର ଯେ ମହାତ୍ମା ଜାମସେଦଜୀଙ୍କ ସହର, କହିଲେ ଅତ୍ୟୁକ୍ତି ହେବ ନାହିଁ । ଜାମସେଦଜୀ ନସରବାନଜୀ ଟାଟାଙ୍କ ନାମରେ ଏହି ସହରର ନାମ ହୋଇଛି ଜାମସେଦପୁର । ଜାମସେଦଜୀ ହେଉଛନ୍ତି ବିଖ୍ୟାତ ଟାଟା କାରଖାନାର ପ୍ରତିଷ୍ଠାତା । ଟାଟା କାରଖାନା ଓ ଜାମସେଦପୁର ସହର ନିର୍ମାଣ ହେବା ପରେ ନିକଟସ୍ଥ ରେଲ ଷ୍ଟେସନର ନାମ ହେଲା ଟାଟାନଗର ଷ୍ଟେସନ ।

ଜାମସେଦପୁର ସହର ଅତି ଆଶ୍ଚର୍ଯ୍ୟ ଭାବରେ ଉନ୍ନତିର ଉଜ୍ଜ୍ୱଳ ପଥରେ ଅଗ୍ରସର ହେଉଛି—ଠିକ୍ ଆରବ୍ୟ ଉପନ୍ୟାସର ଆଶ୍ଚର୍ଯ୍ୟକର ଘଟଣା ପରି । ତିରିଶ ବର୍ଷ ପୂର୍ବେ ଏହି ସ୍ଥାନରେ ସାକ୍ଚି ନାମରେ ଗୋଟିଏ କ୍ଷୁଦ୍ର ପଲ୍ଲୀ ଥିଲା । ଖୁବ୍ ଅଳ୍ପ ଲୋକେ ଏଠାରେ ବାସ କରୁଥିଲେ । ସେତେବେଳେ ଏହି ପଲ୍ଲୀର ଚତୁଃଦିଗ ଭୀଷଣ ଅରଣ୍ୟ ପୂର୍ଣ୍ଣ ଥିଲା । କେହି ସ୍ୱପ୍ନରେ ମଧ୍ୟ ଭାବି ନଥିଲେ ଯେ, ଦିନେ ଏହି ହିଂସ୍ରଜନ୍ତୁପୂର୍ଣ୍ଣ ଭୀଷଣ ଅରଣ୍ୟ-ବେଷ୍ଟିତ କ୍ଷୁଦ୍ର ପଲ୍ଲୀଟି ସୁବିଖ୍ୟାତ ଜାମସେଦପୁର ସହରରେ ପରିଣତ ହେବ । ଜାମସେଦଜୀ ଏହି ସ୍ଥାନରେ କାରଖାନା ନିର୍ମାଣ କରିବା ନିମିତ୍ତ ସ୍ଥିର କଲେ । କାରଣ ଏହାର ନିକଟରେ କୋଇଲା ଓ ଲୁହା ଖଣି ପ୍ରଚୁର ପରିମାଣରେ ଅବସ୍ଥିତ ହେଲା । ଆଉ ଏହାର ଦୁଇ ଦିଗରେ ସୁବର୍ଣ୍ଣ-ରେଖା ଓ ଖରକାଇ ନଦୀ ଥିବାରୁ ପାଣିର ଅଭାବ ହେବ ନାହିଁ ।

୧୯୦୯ ଖ୍ରୀଷ୍ଟାବ୍ଦରେ କାରଖାନାର ଶୁଭ ଦିଆଗଲା । ୧୯୧୧ରେ କାରଖାନାରେ କାର୍ଯ୍ୟ ଆରମ୍ଭ ହେଲା । ଜାମସେଦପୁର ସହର ନିର୍ମାଣ କରିବା କାର୍ଯ୍ୟ ଖୁବ୍ ଶୀଘ୍ର ଗତିରେ ଅଗ୍ରସର ହେଲା । କୋଶ କୋଶ ବ୍ୟାପି ସହର ବଢ଼ି ଚାଲିଲା । ଯାଦୁ ମନ୍ତ୍ର ପରି ସେହି ଭୀଷଣ ଅରଣ୍ୟ କେଉଁଆଡ଼େ ଉଭେଇ ଗଲା । ଅମୃତ ପରି ସହରଟି ଏତେ ଶୀଘ୍ର ଆଶ୍ଚର୍ଯ୍ୟ ଭାବରେ ବଢ଼ି ଉଠିଲା—ସମସ୍ତେ ଏହା ବିଶ୍ୱାସ କରି ପାରିବେ ନାହିଁ । ଅନେକ ହୁଏତ ଭାବିବେ ଯେ, ଆଲାଦିନଙ୍କର ଦୀପ ଏହି କାର୍ଯ୍ୟ ନିମିତ୍ତ ବ୍ୟବହୃତ ହୋଇଥିଲା ।

ଲର୍ଡ଼ ଚେଲମ୍ସ ଫୋର୍ଡ଼ ଭାରତରେ ବଡ଼ଲାଟ ଥିବା ସମୟରେ ଏହିସ୍ଥାନ ପରିଦର୍ଶନ କରିବାକୁ ଆସିଥିଲେ । ପ୍ରତିଷ୍ଠାତା ଜାମସେଦଜୀ ନସରବାନଜୀଟାଟାଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଯାଇଁ ସେ ଏହି ସ୍ଥାନର ନାମ ଜାମସେଦପୁର ରଖିଲେ । ଏହି ସହରର ଦକ୍ଷିଣରେ ବେଙ୍ଗଲ ନାଗପୁର ରେଲପଥର ଷ୍ଟେସନ । ପ୍ରଥମେ ଏହି ଷ୍ଟେସନର ନାମ କାଲିମାଟି ଥିଲା । ଯେତେବେଳେ ସହରଟିର ନାମ ଜାମସେଦପୁର ହେଲା, ଷ୍ଟେସନର ନାମ ମଧ୍ୟ ଟାଟାନଗର ହେଲା ।

ସହରରେ ବର୍ତ୍ତମାନ ତିରିଶ ବର୍ଗ ମାଇଲ ଅଟେ । ସହରର ମଧ୍ୟ ସ୍ଥଳରେ କାରଖାନାଟି ଗୋଟାଏ ପ୍ରକାଣ୍ଡ ଜାଗା ମାଡ଼ି ବସିଛି । କାରଖାନାରେ ୩୫୦୦୦ ଲୋକ ଦିନରାତି ମାଲି କରି କାର୍ଯ୍ୟ କରନ୍ତି । ଜାମସେଦପୁରର ଲୋକସଂଖ୍ୟା ୮୫,୦୦୦ । ପୃଥିବୀର ବହୁ ଜାତିର ବହୁ ଭାଷାର ବହୁ ଧର୍ମାବଲମ୍ବୀ ଲୋକେ ଏଠାରେ ଏକତ୍ରିତ ହୋଇଛନ୍ତି । ଏହି ସହରରେ ଆଉ ମଧ୍ୟ ଅନେକ ଗୁଡ଼ିଏ କାରଖାନା ତିଆରି ହୋଇଛି । ଟାଟା କାରଖାନାର ସହଯୋଗିତା ଯୋଗୁଁ ଏହି କାରଖାନା ଗୁଡ଼ିକର ଜନ୍ମ । ଏହି ସହର ଏକ ବିଖ୍ୟାତ ଶିଳ୍ପ ନଗର ବୋଲି ପରିଚିତ !

ସହରଟି ଆଧୁନିକ ଫେସନରେ ନିର୍ମିତ ହୋଇଛି । ଏହି ସହର ଚାରି ପ୍ରଧାନ ବିଭାଗରେ ବିଭକ୍ତ ହୋଇଛି । ଯଥା:—ନର୍ଦ୍ଦର୍ଣ୍ଣ-ଟାଉନ, ଏଲ୍, ଟାଉନ, କେ, ଟାଉନ, ଓ ବର୍ମାମାଇନ୍ସ । ନର୍ଦ୍ଦର୍ଣ୍ଣଟାଉନ ଗୋଟିଏ ସୁନ୍ଦର ଉଦ୍ୟାନ ଶୋଭିତ ସହର । ଏଠାରେ କମ୍ପାନୀର ପ୍ରଧାନ ପ୍ରଧାନ କର୍ମଚାରୀ ବାସ କରନ୍ତି । ଅନ୍ୟ ବିଭାଗ ଗୁଡ଼ିକ ସମାନ ଭାବରେ ପରିଷ୍କାର ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟକର ସ୍ଥାନ । ଜାମସେଦପୁରର ନାଗରିକ ଗଣ ଜାମସେଦପୁର ସହର ଲାଗି ଗର୍ବ କରିବାର ଯଥେଷ୍ଟ କାରଣ ଅଛି । ଭାରତବର୍ଷର ବମ୍ବେ. କଲିକତା ସହରଠାରୁ ଏହା କୌଣସି ଗୁଣରେ ନିକୃଷ୍ଟ ନୁହେଁ । ତୁମେ ଏଠାରେ ନାନାପ୍ରକାର ମନମୁଗ୍ଧ-କାରୀ ପଦାର୍ଥମାନ ଦର୍ଶନ କରି ମୁଗ୍ଧ ହେବ ନିଶ୍ଚୟ । ଦିନରାତି ଚବିଶଘଣ୍ଟା ନାଗରିକ ଗଣଙ୍କୁ ପରିଷ୍କାର ଜଳ ପାଇପ ସାହାଯ୍ୟରେ ଯୋଗାଯାଏ । ପ୍ରାୟ ସମସ୍ତଙ୍କ ଘରରେ, ରାସ୍ତା ଘାଟରେ ବିଜୁଳିବତି ଜଳୁଥାଏ । ଏଠାରେ ବିଜୁଳିର ( Electricity ) ଦାମ ଅତି

Digitized by srujanika@gmail.com

ଅନ୍ତର୍ଯ୍ୟ ଉତ୍କଳରେ ଶସ୍ତା ! ସିଂହଭୂମ ମାନ ଭୁବ ଫଳସା । ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଏତେ ଶସ୍ତାରେ ଉତ୍କୃଷ୍ଟ ଅଲ୍ଲୁଅ ବ୍ୟବହୃତ ହୁଏ ବୋଲି ଜଣାନାହିଁ କି ?

ଏଠାରେ ଅନେକ ଗୁଡ଼ିଏ ଡାକ୍ତରଖାନା ଅଛି । ଏହି ସମସ୍ତ ଡାକ୍ତରଖାନା ଟାଟା କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଛି । ଗୋଟିଏ ଗଭର୍ଣ୍ଣମେଣ୍ଟ ଡାକ୍ତରଖାନା ମଧ୍ୟ ଅଛି । କାରଖାନାର କର୍ମୀଗଣ ଓ ସେମାନଙ୍କର ପରିବାର୍ ବିନା ପଇସାରେ ଟାଟା ଡାକ୍ତରଖାନା ମାନଙ୍କରେ ଚିକିତ୍ସିତ ହୁଅନ୍ତି । ଏହା ଛଡ଼ା ବାଳକ ବାଳିକାମାନଙ୍କର ଶିକ୍ଷା ନିମିତ୍ତ ଏଠାରେ ୯ଟି ଗୋଟି ହାଇସ୍କୁଲ, ୧୨ଟି ମାଇନର ସ୍କୁଲ ଓ ଅସଂଖ୍ୟ ପ୍ରାଇମେରୀ ସ୍କୁଲ ଅଛି । ଏହି ସମସ୍ତ ସ୍କୁଲରେ ଆଠହଜାର ଛାତ୍ର ଓ ଛାତ୍ରୀ ଅଧ୍ୟୟନ କରନ୍ତି । ଆଉ ମଧ୍ୟ ଏଠାରେ ପାଞ୍ଚଟି ପୋଷ୍ଟ ଅଫିସ, କଚେରୀ, ଜେଲଖାନା ଓ ଛଅଟି ଥାନା ଅଛି ।

ଭାରତବର୍ଷ ମଧ୍ୟରେ ଜାମସେଦପୁର ଗୋଟିଏ ଅତି ସୁନ୍ଦର ସହର । ଏହାର ଚତୁଃଦିଗ ନାନା ପ୍ରାକୃତିକ ଦୃଶ୍ୟରେ ପୂର୍ଣ୍ଣ । ସୌନ୍ଦର୍ଯ୍ୟମୟୀ ସୁବର୍ଣ୍ଣରେଖା ଖଡ଼କାଇ ପୂର୍ବ ପଶ୍ଚିମରେ ଏହାର ଅଙ୍ଗ ସ୍ପର୍ଶ କରୁଛନ୍ତି । ଉତ୍ତରରେ ଦଳମା ପାହାଡ଼ ଛବିଟି ପରି ମନୋରମ ଦିଶୁଛି । ଏଠାକାର ପିଚ୍ ଢଳା ପଥ ଗୁଡ଼ିକ ଜାଣ ଭୂଷଣରେ ଜାଣେ ମୁଗ୍ଧ ।

ଆଉ ଗୋଟିଏ କଥା ମନେ ରଖିବ ମୋର ନାଗ ଭାଇଭଉଣୀମାନେ । ଜାମସେଦପୁରରେ କୌଣସି ଅତୀତ ଇତିହାସ ନାହିଁ । ଅର୍ଥାତ୍ ସଚିନ ଇତିହାସରେ ଜାମସେଦପୁରର ସ୍ଥାନ ନାହିଁ । ପଠାଣ ରାଜତ୍ୱ ସମୟରେ ହେଉ, ମୋଗଲ ରାଜତ୍ୱ ସମୟରେ ହେଉ, କେଉଁଠି ତୁମେ ଜାମସେଦପୁରକୁ ପାଇବ ନାହିଁ । ସେ କୌଣସି ରାଜା ବନ୍ଧୁକରେ ଲଢ଼ି ନାହିଁ କି କେହି ତାକୁ ଜୟ କରିବାକୁ ଚେଷ୍ଟା କରି ନାହିଁ ମାତ୍ର ତାହାର ନିଜର ଇତିହାସ ଅଛି । ତାହାର ଇତିହାସ ଭାରତର ଶିଳ୍ପ ଉନ୍ନତି ଦିଗରେ ଯୁଗାନ୍ତର ସୃଷ୍ଟି କରିଛି ।

ଆଜି ତୁମମାନଙ୍କୁ ଜାମସେଦପୁର ସହିତ ସାମାନ୍ୟ ପରିଚୟ କରାଇଦେଲି । ଜମାନ୍ତରେ ଜାମସେଦପୁରର ପ୍ରତି ରେଣୁ ସହିତ ତୁମମାନଙ୍କର ପରିଚୟ କରାଇଦେବି ।

ଶ୍ରୀ ରସାନନ୍ଦ ସାହୁ ।

---

ସ୍ନେହର ନାଗଭୁଅଁ,

ତମର ସ୍ଥାନୀୟ ନାଗମଣ୍ଡଳୀମାନଙ୍କ ସମ୍ବନ୍ଧରେ କୌଣସି ଖବର ଏପାଏଁ ମିଳିନାହିଁ । ଶୀଘ୍ର ଲେଖି ପଠାଅ । ଖବରଟି ପୂର୍ବରୁ ମୁଁ ଏହି କର୍ମଯୋଜନା ଦେବି ।

ତମର—ଅଜା

## ଅଜାଙ୍କ ଜବାବ

ଭଗବାନ (୨୮୩) ପରସ୍ପର ପ୍ରତିଯୋଗିତା ରହିଲେ ଭଲ କାମ ହେବ । କିନ୍ତୁ ତମ ଭିତରେ ପ୍ରତିଯୋଗିତା ଠିକ୍—ହିଂସା ନୁହେଁ ।

ଜଗ—( ୨୪୮ )—ଆମ ଦୁଇପରିବାରୀ ପିଲା ଦଳରୁ କେହି ମାଂସ ଖାଆନ୍ତି ନାହିଁ ।

ସୂର୍ଯ୍ୟଙ୍କ ହାତରେ ଦେଇଥିବା ଚିଠି ପାଇଛି । ବୋଧହୁଏ କାଲି ସୂର୍ଯ୍ୟାସ୍ତବେଳେ ଦେଇଥିଲ, ଆଜି ସକାଳେ ମୁଁ ପାଇଲି । ମେଳେଇ ନାହିଁ ।

ଅପରା ଖବରଟିରେ ଓଡ଼ିଶା ଚୁଲି ନ କରି ହିନ୍ଦିରେ ଯିବା ଉଚିତ ।

ଲକ୍ଷ୍ମୀନାରାୟଣ (୨୩) ଗୋଟିଏ ଚିଠିରେ ଅନେକ ପ୍ରଶ୍ନ, ଅନେକ ବିଷୟ ରହିଯାଉଥିବାରୁ କେତେକ ଛାଡ଼ି ଯିବାକୁ ବାଧ୍ୟ ହେଉଛି । ତମ ଅବା ଚିଠିରେ ବିଷୟ ଅଳ୍ପରେ ଲେଖ ।

ଅଜ୍ଞାତ ବର୍ଷର ପ୍ରଥମ ସଂଖ୍ୟା କୃତ୍ତିବାସ ଦର୍ପଣ ସଂଖ୍ୟା କରିବାରେ ମୋର ଆପତ୍ତି ନାହିଁ । ସମ୍ପାଦକେ ମଧ୍ୟ ଖୁସି !

ନାଗବନ୍ଧୁ ପଣ୍ଡିରେ ବର୍ତ୍ତମାନ ମହଳ୍ପ ୨୭୫୮୭ ।

ଅର୍ଜ୍ଜୁନ (୨୮୯) ତମ ନୂଆ ଠାରୁ ଲୁଗାର ଗୋଟିଏ ବିଧିବଦ୍ଧ ବ୍ୟାକରଣ ସ୍ଥିର କର । ଯେଉଁ ନିୟମ ଦେଇଛ ତାହା ଯଥେଷ୍ଟ ନୁହେଁ ।

## ଲେଖାସାଙ୍ଗ

ନବଙ୍କା ଶାହୁ (୨୦୮) ବସନ୍ତ ବୁଃ ବେଡ଼ୁରୁବଠାରୁ ଚିଠି ଆଶା କରନ୍ତି ।

ଲକ୍ଷ୍ମୀନାରାୟଣ—( ୨୩ )—ବସନ୍ତ ବୁଃ ବେହେରାଙ୍କଠାରୁ ଚିଠି ନ ପାଇ ଦୁଃଖିତ ।

ଶରତ (୨୮୭) ୨୮୩ଙ୍କ ସହିତ ଶୀଘ୍ର ସାଙ୍ଗ ହେବାକୁ ଚାହାନ୍ତି ।

## ନାଗବନ୍ଧୁ ସ୍ଥାନୀୟ ସଂଘ

ଜଳାହାନ୍ତି—୮ । ୪ । ୪୦ ଦିନ ସାଢ଼େ ଗୁଡ଼ାଟାବେଳେ ନାଗବନ୍ଧୁ ସ୍ଥାନୀୟ ସଙ୍ଘ କାର୍ଯ୍ୟ ଆରମ୍ଭ ହେଲା । ନାଗବନ୍ଧୁମାନଙ୍କ ଛଡ଼ା ବହୁ ସଂଖ୍ୟକ ସ୍କୁଲ ଛାତ୍ର ଦର୍ଶକରୂପେ ଯୋଗ ଦେଇଥିଲେ । ନାଗମାନେ କାର୍ଯ୍ୟକ୍ରମ ନାଚ ନାଟକ ଅଭିନୟ ପ୍ରକାଶ କରିଥିଲେ । ସଭାର ସଭାପତି ମଧ୍ୟ ତାଙ୍କର ଭାଷଣ ଦେଇଥିଲେ । ସ୍ଥାନୀୟ ସଙ୍ଘର କର୍ମକର୍ତ୍ତା ନିର୍ବାଚନ ପରେ ସଭାପତିଙ୍କୁ ଧନ୍ୟବାଦ ଦିଆ ହୋଇ ସଭା ଭଙ୍ଗ ହେଲା । ପରଶେଷରେ ଗୋଟିଏ ପାନ Tea Party ଦିଆ ହୋଇଥିଲା । ନିମ୍ନଲିଖିତ କର୍ମକର୍ତ୍ତାମାନେ ନିର୍ବାଚିତ ହେଲେ ।

ସଭାପତି—ଶ୍ରୀ ଅର୍ଜ୍ଜୁନ ପଟ୍ଟଯୋଷି (୨୮୯)

ଉପସଭାପତି—ଶ୍ରୀ ପରମାନନ୍ଦ ମିଶ୍ର (୨୪୭)

ସମ୍ପାଦକ—ଶ୍ରୀ ଭଗବାନ ପଟ୍ଟନାୟକ (୨୮୩)

କୋଷାଧ୍ୟକ୍ଷ—ଶ୍ରୀ ଗୌରୀଶଙ୍କର ପଟ୍ଟନାୟକ (୨୮୦)

---

## ବୃହତ୍ ରତି ମୋଦକ

ଏହା ଦୁର୍ବଳ ସ୍ତ୍ରୀ ମାନଙ୍କୁ ଶୀଘ୍ର ସବଳ କରାଇ ସନ୍ତାନ ଉତ୍ପାଦିକା ଶକ୍ତି ଅଣିଦିଏ । ଯାହାଙ୍କର ରତିଦେବୀପର କାନ୍ତିଲାଭ କରିବାର ଇଚ୍ଛା, ସେ ବଳବାନ୍ ସନ୍ତାନ କୋଳରେ ଧରିବାକୁ ଚାହାନ୍ତି, ସେମାନେ ଏହା ଶୀଘ୍ର ସେବନ କରନ୍ତୁ ।

ମୂଲ୍ୟ:—୧ଶେ ୧ରୁ ୫୬୦ ସେ୦୪ରକୁ ୫୬୦ ସେ୦ କୁ ୫୨୦ ।

ଠିକଣା:—ରାଜବୈଦ୍ୟ ଶ୍ରୀ ସୁମତିଚନ୍ଦ୍ର ପଣ୍ଡା ଏଲ୍ ଏର୍ ଏମ୍ ପି

ଦରିଦ୍ରବନ୍ଧୁ ଔଷଧାଳୟ

ଖଜୁରପଦା । ପୋ । ଭୋଗରାଇ । ଜି । ବାଲେଶ୍ୱର

ଶୁକ୍ର ତାରଲ୍ୟ ଓ ଧ୍ୱଜ ଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପମୋଦକ

ଏହା ତରଳ ଧାତୁ ଗାଢ଼ କରିଦିଏ, ଏବଂ ବଳ, ମାଂସ ଓ, ରକ୍ତ ଶକ୍ତି, ହଜମ ଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।

ମୂଲ୍ୟ:—ସେ ୧ ରକୁ ୫୬୦ ସେ୦୪ରକୁ ୫୬୦ ସେ୦ କୁ ୫୨୦

ଠିକଣା:—ରାଜବୈଦ୍ୟ ଶ୍ରୀ ସୁମତିଚନ୍ଦ୍ର ପଣ୍ଡା ଏଲ୍ ଏର୍ ଏମ୍ ପି

ଦରିଦ୍ର ବନ୍ଧୁ ଔଷଧାଳୟ

ଖଜୁର ପଦା ପୋ, ଭୋଗରାଇ ଜି, ବାଲେଶ୍ୱର

Digitized by srujanika@gmail.com

# ବହିପତ୍ର



**ତରୁଣ ପ୍ରେମ**—ଶ୍ରୀ ପ୍ରାଣନାଥ ମହାନ୍ତି ୬୨ ପୃଷ୍ଠା, ମୂଲ୍ୟ ଚାରିଅଣା । ଛପା ସୁନ୍ଦର ଓ ରୁଚି ଭଲ । ଆଜି କାଲି ଅନେକ ଓଡ଼ିଆ ସରକାରୀ କର୍ମଚାରୀ ଯେ ସାହିତ୍ୟ ସେବା ଅଡ଼େ ମନ ଦେଲେଣି, ଏହା ବଡ଼ ଆନନ୍ଦର କଥା । ଲେଖକ ମହାଶୟ ଜଣେ ମେଧାବୀ ଓ ଉଚ୍ଚ ଶିକ୍ଷିତ ଯୁବକ । ତାଙ୍କର ଉଦ୍ୟମ ସାଫଲ୍ୟ ମଣ୍ଡିତ ହେଉ । ଏହା ଆମ୍ଭମାନଙ୍କ କାମନା ।

ଏହି ଲେଖାଟି ଲେଖକଙ୍କର ପ୍ରଥମ ଲେଖା ବୋଲି ଜଣା ଯାଉଛି । ଅଭ୍ୟାସ ଦ୍ୱାରା ତାହା ସଜା ହେଲେ ତାଙ୍କ ଠାରୁ ବହୁତ କିଛି ଆଶା କରି ଯାଇପାରେ ।

ତରୁଣ ପ୍ରେମ ଗୋଟିଏ ଗଳ୍ପ । ବିଷୟ ସ୍ତ୍ରୀ ଅଳ୍ପ ଓ ସିଧା ସରଳ । ଅତିରିକ୍ତ କେତେ କଥାର ଅବତାରଣା ଓ ଲେଖକଙ୍କର ନିଜ ଟୀକା ଟିପ୍ପଣୀ ଏହାକୁ ଉପନ୍ୟାସର ବାହ୍ୟାକାର ଦେଇଛି ମାତ୍ର । ତଦ୍ଦ୍ୱାରା ଗଳ୍ପର ଅର୍ଥ ନଷ୍ଟ ହୋଇ ଯାଇଛି ଓ ଏଥି ଉପନ୍ୟାସ ବି ଠିକ ହୋଇ ପାରିନାହିଁ ।

ଗଳ୍ପ ଭିତରେ କେତେଗୁଡ଼ିଏ ଅସଙ୍ଗତ ଓ ଅସ୍ୱାଭାବିକତା ଆଖିରେ ପଡ଼ିଲା ।

୧ । ଲଳିତ ଭଉଣୀଙ୍କର ପ୍ରଥମ ପରିଚ୍ଛେଦର ସହିତ ରାମ ସୀତାଙ୍କ ଓ ନଳ ଦମୟନ୍ତୀଙ୍କ ଉପମା ।

୨ । ଲଳିତ ଭଉଣୀ ହାତରେ ଫଟୋଟିଏ ଦେଖି ମାତ୍ରେ ତାଙ୍କୁ ଦେଖି ନ ଥାଇ ହଠାତ୍ ପ୍ରେମାଭିଭୂତ ହେବା ।

୩ । କିଶୋର ଲଳିତଙ୍କୁ 'ଭାବୀ ସହଧର୍ମିଣୀ' ବୋଲି ଭାବି ଓ ପ୍ରେମାଳାପ କରିବା ପରେ ତାଙ୍କ ଜାତକ ମେଳକ ହେବା ।

୪ । ଉଚ୍ଚ କୁଳର ଝିଅ ବାନ୍ଧବୀଙ୍କ ସାଙ୍ଗ ପର ଛାତ ବୈଠକ ବର୍ଣ୍ଣନ କରିବା ବେଳେ ତାଙ୍କୁ ଉତ୍ତରରେ ଚିଠି ଲେଖିବା ।

୫ । କିଶୋର ଲଣ୍ଡନରେ ମୂର୍ଖୋ ଠିକଣା ଏତେ ଶୀଘ୍ର ଭୋଳ ଦରଣ୍ଡୀ ହେଲେ; କିନ୍ତୁ ଅଜିତଙ୍କୁ ପୁଣି ତାଙ୍କୁ ଚିଠି ଲେଖିବାକୁ କାହିଁକି ?

ଆଜିକାଲି କଥା ସାହିତ୍ୟରେ ବାସ୍ତବତା ଆଡ଼କୁ ପାଠକଙ୍କର ରୁଚି ଓ ଆଦର ଯେତେ, ରୋମାନ୍ସ ପ୍ରତି ସେତେ ନୁହେଁ । ମଲିକା ଦେବୀଙ୍କୁ ଡାକ୍ତରଖାନାରେ ଆକସ୍ମିକ ଭେଟା-ଭେଟିଟା ଗୋଟାଏ ଅତି ପୁରୁଣା ଓ ଚୋରାଚାଲି ଦୃଶ୍ୟ ।

ତରୁଣ ପ୍ରେମର ଭାଷା ସୁନ୍ଦର, ସରଳ ଓ ସୁରୁଚିପୂର୍ଣ୍ଣ; କିନ୍ତୁ ଗଳ୍ପ ଉପନ୍ୟାସର ଭାଷା ନୁହେଁ । କଥାବାର୍ତ୍ତା (conversation ରେ ସ୍ୱାଭାବିକତା ଥିବା ଉଚିତ ।

କିଶୋରର ଜନକ ଠାରୁ ପ୍ରଥମ ଚିଠିରେ ଶ୍ରୀମତୀଙ୍କ ଲଳିତ ରୂପ ବର୍ଣ୍ଣନା ନ ଦେଇ ହୃଦୟର ଆବେଗ ଦେଇଥିଲେ ଭଲ ହୋଇ ଥାଆନ୍ତା ।

ଲେଖକଙ୍କ ଲେଖାରୁ ଆହୁରି ଅନେକ ଭଲ ଭଲ ଜିନିଷ ଦେଖିବାକୁ କାମନା କରୁଛୁ ।

**ଝଡ଼ର ଶେଷ** :— ଦୁଇଖଣ୍ଡ ବହି । ଓଲ୍ଡ ପାଲ୍ସ ଓ ପରକୀୟା । ପ୍ରଥମଖଣ୍ଡ ଦେଖିଲେ ବୁଝା ପଡ଼ୁଛି ଯେ ପୁସ୍ତକଟି ଅନ୍ୟାଂଶକୁ ଅପେକ୍ଷା କରିଛି । ତେଣୁ ନିଜପାଇଁ ସମ୍ପୂର୍ଣ୍ଣ ନୁହେଁ । ଯଦି ଲେଖକ ଦୁଇଟି ପୁସ୍ତକକୁ ଏକା କଥାର ଧାରା ଭିତରେ ଦୁଇଟିକୁ ସ୍ୱତନ୍ତ୍ର ପ୍ରତିଷ୍ଠା ଦେବାକୁ ଚେଷ୍ଟା କରିଥାନ୍ତି, ସେ ପ୍ରଯତ୍ନ ଠିକ୍ ସଫଳ ହୋଇ ପାରିଛି ବୋଲି କହି ହେବ ନାହିଁ । ଦ୍ୱିତୀୟଟି ସେ ହିସାବରେ କେତେକାଂଶରେ ଭଲ । କିନ୍ତୁ ତଥାପି ଶେଷଟା ମଧ୍ୟ ମୁକ୍ତି ପରୀକ୍ଷାରେ ଅଳପର ଲାଗୁଛି ।

ହିସାବରେ ବା ଲେଖା ମୁଖାରେ ନୂଆ ବର କନ୍ୟା ନିଜର ସ୍ତ୍ରୀ ନ ହେଲେ ଯେ ପ୍ରେମ କରି ହୁଏ ନାହିଁ ଏ ଧାରଣଟା ଦୃଢ଼ ହୋଇ ଯାଏ ଏ ବହି ପଢ଼ିଲେ । ଭଲ ଭାବିବା ଯେଉଁ ଜନ୍ମ, ସେଥିପାଇଁ ସେଥା ସମ୍ପର୍କ ନେଇ ବସ୍ତୁର ରଖେ ନାହିଁ । ଯଦିଓ ଲେଖକ ଏ ତଥ୍ୟର ପ୍ରତିବାଦ କରି ନାହାନ୍ତି ତଥାପି ତାଙ୍କର ଦୁଇ ଦୁଇଟା ବହିରେ ଲେଖକ ନୃତ୍ୟରତା ଗୀତାଙ୍କୁ 'ଯେତେ ମଧୁର ଯେତେ ମିଷ୍ଟ' ଦେଖାଇବା ଭିତରେ ରହିଛି ଯେ ପ୍ରେମ କେବଳ ଦମ୍ପତି ପାଖରେ ଥାଏ – ସବୁ କ୍ଷେତ୍ରରେ ନ ହେଲେ ଅଧିକାଂଶ କ୍ଷେତ୍ରରେ ।

ପ୍ରଥମଖଣ୍ଡ 'ଓଲ୍ଡ ପାଲ୍ସ'ରେ ଶଚୀର ଦୁଃଖ କାହାଣୀ ସଜୀବ ହୋଇ ଉଠିଛି । କିନ୍ତୁ ଶେଷରେ ଆଉ ଗୋଟାଏ ସତ୍ୟ ଲେଖକ ଅବ-ଗତ କରିଛନ୍ତି । ସେହା ସେଇ ଓଲ୍ଡପାଲ୍ସ ଅର୍ଥାତ୍, ତେବେ ଯଦି ଅନ୍ୟ ସ୍ତ୍ରୀକୁ ଆଣିବ ତମ ସ୍ତ୍ରୀକୁ ଆଉ ଜଣେ ଆଣି ନେବ । ତେଣୁ ସାଧୁ ସାବଧାନ ।

ପ୍ରଥମ ଖଣ୍ଡରେ କହିବାର ଢଙ୍ଗଟା ଭଲ ଲାଗିଲା । କିନ୍ତୁ ବେଶୀ ନୂଆ ନାହିଁ । ଦ୍ୱିତୀୟ ଖଣ୍ଡରେ କିଛି କିଛି ପାଇଲୁଁ ଅବଶ୍ୟ ।

ପ୍ରଚ୍ଛଦଖଣ୍ଡ ପ୍ରଶଂସନୀୟ ନୂତନତ୍ୱ ପାଇଁ । ଆମ୍ଭେମାନେ କେତେ ଦିନ ତଳେ ଉତ୍କଳର କେତେକ ତରୁଣ ଲେଖକଙ୍କର କ୍ଷୁଦ୍ର ଗଳ୍ପରେ ଏକାଳିଆ କଥାର ବକ୍ତୃତା ଦେଖିଥିଲୁ । ଛୋଟ ଗଳ୍ପ ପାଇଁ ଏ ଭାଷା ବହୁତ ଉପଯୋଗୀ ବୋଲି ସେତେବେଳେ ମନେ ହୋଇଥିଲା । କିନ୍ତୁ ବଡ଼ ଉପନ୍ୟାସରେ ଏ ଭାଷା ସବୁବେଳେ ଯେ ଭଲ ଲାଗିବ ନାହିଁ, କାଞ୍ଚନ ବାବୁଙ୍କର 'ଓଲ୍ଡ ପାଲ୍ସ' ତାର ପ୍ରମାଣ । ଦ୍ୱିତୀୟ ଖଣ୍ଡରେ ସେହି ଭାଷାରେ ଅବଶ୍ୟ ପରିବର୍ତ୍ତନ ଅଛି । କିନ୍ତୁ ସେ ଭଳି ପରିବର୍ତ୍ତନ ପ୍ରଶଂସନୀୟ ନୁହେଁ । ଖୁବ୍ ଗାର୍ଡ଼ର କଥା କହି କହି ଫରାସୀ ଠାଏ ଠାଏ ଅନ୍ତର୍ଗତ ସମ୍ପୃକ୍ତ ରହିଛି । ଉପନ୍ୟାସରେ ରୁନୁ ଝୁନୁଙ୍କର ଅବତାରଣା ଅତି ସ୍ୱାଭାବିକ, ଭାବପୂର୍ଣ୍ଣ ଏବଂ ସୁନ୍ଦର ।

ମୋଟ ଉପରେ ବହି ଦୁଇଖଣ୍ଡି ପଢ଼ିଲେ ଚଳନ୍ତି ସମାଜ ଅର୍ଥାତ୍ ବର୍ତ୍ତମାନ ସମାଜର ସତ୍ୟରୂପ ଦେଖାଯାଏ ।

Digitized by srujanika@gmail.com

# ଚାରୋଟି ପରୀକ୍ଷିତ ବନୌଷଧି

ସକଳ ପ୍ରକାର ପ୍ରମେହ ଓ ସ୍ୱପ୍ନ ଦୋଷ ପାଇଁ **'ପ୍ରମେହାନ୍ତକ'** ବ୍ୟବହାର କରନ୍ତୁ । ମୂଲ୍ୟ ୩ । ଏହାକୁ ବ୍ୟବହାର କଲେ ପରିସ୍ରାରେ ପୂଜ ବା ସୂତା ପରି ପଡ଼ିବା, ଲୁଗାରେ ଧଳା ବା ହଳଦିଆ ଦାଗ ଲାଗିବା, ଝାଡ଼ା ପାଣି ବା ରକ୍ତ ମିଶି ପଡ଼ିବା ଓ ତତ୍ ଜନିତ ବଳା ହୋଇବା ପ୍ରଭୃତି ଯାବତୀୟ ସକଳ ଉପଦ୍ରବରେ **ନିଶ୍ଚୟ ଉପଶମିତ** ହେବ ।

ସ୍ତ୍ରୀରୋଗ ଓ ବାଧକ ପାଇଁ **'ବାଧକାରି ରସ'** ବ୍ୟବହାର କରନ୍ତୁ । ମୂଲ୍ୟ— ୨ । ଏହାକୁ ବ୍ୟବହାର କଲେ ଅନିୟମିତ ଋତୁ ବା ଋତୁ ନ ହେବା, ଋତୁ କାଳର ଯନ୍ତ୍ରଣା, ଯୋନିଶୂଳ ଓ ଅନ୍ୟାନ୍ୟ ଯୋନିରୋଗ ଯନ୍ତ୍ରଣା ଶୀଘ୍ର ଉପଶମିତ ହୁଏ । ଏ ମଧ୍ୟ ଗର୍ଭ ଧାରକ ଓ ବଳ ବର୍ଦ୍ଧକ !

ଅକାଳ ମୃତ ଯୌବନ ଅନ୍ଧକାରରେ "**ନବ ଯୌବନ ତୈଳ**" ବ୍ୟବହାର କରନ୍ତୁ । ମୂଲ୍ୟ ୫୲୦ ଏହାକୁ ବ୍ୟବହାର କଲେ ଧ୍ୱଜଭଙ୍ଗ ଦୂର ହୁଏ ନାହିଁ, ଏହାର ପୁନର ନବୀନ ହୁଏ ଓ ...ଶିଥିଳ ସ୍ଥୂଳ କଠିନ ଓ ପରିପୁଷ୍ଟ ହୁଏ ।

ଦନ୍ତ ରୋଗ **'ଦନ୍ତ ବଜ୍ର ଚୂର୍ଣ୍ଣ'** ବ୍ୟବହାର କରନ୍ତୁ । ମାସକୁ ...ମୂଲ୍ୟ ୫୲୦ ଏହାକୁ ବ୍ୟବହାର କଲେ ଅଳ୍ପକାଳରେ ଦାନ୍ତ ହଲିବା, ଦାନ୍ତମୂଳ ଖାଉଥିବା, ଦାନ୍ତମୂଳରେ ଘା ହୋଇ ପୂଜ ବା ରକ୍ତ ବାହାରିବା ଓ ଦନ୍ତ ମୂଳ ଫୁଲା ଇତ୍ୟାଦି ରୋଗମାନ ଶୀଘ୍ର ଆରୋଗ୍ୟ ହୁଏ । ପରୀକ୍ଷା ପ୍ରାର୍ଥନୀୟ । ଫଳ ନ ଦେଲେ ମୂଲ୍ୟ ଫେରସ୍ତ ଦିଆଯିବ ।

ଠିକଣା **କବିରାଜ ଶ୍ରୀ ରାଧାନାଥ ମିଶ୍ର** । ଆୟୁର୍ବେଦାଚାର୍ଯ୍ୟ, L. M. S. A. ପୋ: ... କଟକ ।

---

## ଆପଣଙ୍କର ଫଟୋ

**ଇଲେକ୍ଟ୍ରିକ ଷ୍ଟୁଡ଼ିଓରେ**

**ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ**

ଶିଳ୍ପୀ—ଏସ୍ କାଅଜଲ୍ଲୀ

ଫଟୋ ହାଉସ, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନଆଯାଇ ପାରେ

---

## ସଂବାଦ

ବହୁବର୍ଷ ଜ୍ୟୋତିଷ ଶାସ୍ତ୍ର ଚର୍ଚ୍ଚା କରି, ବର୍ଷ ଫଳରେ **ଅମ୍ଭେ** ଯେଉଁ କୋଷ୍ଠୀ ପଞ୍ଜିକା ପ୍ରସ୍ତୁତ କରୁଅଛୁଁ ସେଥିରୁ ଲୋକେ ଆପଣାର ବର୍ଷ ସାରାର ଭଲ ମନ୍ଦ ଅଗ୍ରେଣରେ ଜାଣି ପାରିବେ । ଦେଶୀମିତ୍ର ପାରିଶ୍ରମିକ ୫୲୦ ମାତ୍ର ଅତି ଉନ୍ନତ ଧାରଣାର ତାଳପତ୍ର କୋଷ୍ଠୀ ପାଇଁ ପାରିଶ୍ରମିକ ୫୦୲ ମାତ୍ର । ଅମ୍ଭମାନେ ... ଶାନ୍ତି କରିଥାଉ । ଅମ୍ଭମାନଙ୍କୁ ଜନ୍ମ ଦିନ, ମାସ, ତାରିଖ ଓ ସମୟ ପଠାଇଲେ ଅମ୍ଭେ ... କୋଷ୍ଠୀ ପଞ୍ଜିକା ପଠାଇଥାଉଁ । ବହୁମୂଲ୍ୟ ଅଟାବର୍ଣ୍ଣକ ... ପ୍ରାର୍ଥନୀୟ ।

**ଶ୍ରୀ ଅନନ୍ତଚରଣ ସାହୁ** ମାଷ୍ଟର, ପ୍ରକୃଷ୍ଣାବଜାର, ବଦେଶ; ଜି: ବାଲେଶ୍ୱର

---

ସେବନ ଯାକୁ **ମରମରେ** ହଜାଇ ଥିବେ,
ଅତି ତାକୁ **ମାରମାରେ** ପାଇବେ । ମୂଲ୍ୟ ୫୦ ଅଠଅଣା

---

## ଜ୍ୱର ଓ ପୀହ୍ଲା ପାଇଁ

### ଅମୃତାଷ୍ଟକ କଷାୟ
### ଓ
### କାଲ୍ପଲତା (ବଟିକା)

ସର୍ବଶ୍ରେଷ୍ଠ ବୋଲି ବହୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ କେବଳ କଷ୍ଟ ପରେ କହନ୍ତେ—

---

## ଆପଣଙ୍କର ଗୃହଚିକିତ୍ସକ ଏହି !

## ମାତୃଶକ୍ତି

'ମା' ନ ଥାଇ ପିଲାଙ୍କ ଅବସ୍ଥା ଯେପରି—ମାତୃଶକ୍ତି ପାଖରେ ନ ଥିବା ଗୃହସ୍ଥର ଅବସ୍ଥା ସେହିପରି ଶୋଚନୀୟ । 'ମା' କେବଳ ଶିଶୁକୁ ନିଜ ରକ୍ତ ଦେଇ ପର୍ଯ୍ୟନ୍ତ ବଡ଼ାଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତି ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ... ସମସ୍ତଙ୍କୁ ... ସ୍ଥାନ ... । ... ଶିଶି ... । ମୂଲ୍ୟ—୫୦ ୫

... ଶିକ୍ଷିତା ଗୃହିଣୀ ... ଓ ତାଙ୍କର ... ।

**ଶାନ୍ତି ଔଷଧାଳୟ** —ଡାକ୍ତର ଓ କବିରାଜ—**ଶ୍ରୀ ବ୍ରଜନାଥ ମିଶ୍ର** M. L. A. ପୋ: ବେଦୁପାଟଣା—କଟକ ।

Digitized by srujanika@gmail.com

ଅଧ୍ୟବସାୟ ଓ ପରିଶ୍ରମ ଦ୍ୱାରା ଉଚ୍ଚସ୍ଥାନ ଅଧିକାର କରାଯାଏ ।

**ଆପଣ ଯତ୍ନ କଲେ ସେ ସ୍ଥାନ ଅଧିକାର କରି ପାରିବେ ।**

ସ୍ୱାଧୀନ ଭାବରେ ଜୀବିକା ଉପାର୍ଜ୍ଜନ କରିବା ପାଇଁ ବିଖ୍ୟାତ ବୀମା କମ୍ପାନୀର ପ୍ରତିନିଧି ହେବା ଗୋଟିଏ ଉତ୍ତମ ପନ୍ଥା ।

**ଅନେକ ଲୋକ ଜୀବନ ବୀମା ପ୍ରତିନିଧି ହୋଇ ଯଥେଷ୍ଟ ଅର୍ଥ ଏବଂ ଖ୍ୟାତି ଅର୍ଜ୍ଜନ କରି ପାରିଛନ୍ତି ।**

**ଆପଣ ମଧ୍ୟ ଯତ୍ନ କଲେ ସେହିପରି ବଡ ହୋଇ ପାରିବେ ।**

ଜୀବନ ବୀମା କାର୍ଯ୍ୟ କର ସାଧାରଣଙ୍କ ସମ୍ପର୍କ କରିବା ପାଇଁ ପ୍ରବୃତ୍ତି ଏବଂ ଦ୍ୱାରା ସମାଜ ଏବଂ ଦେଶର ପ୍ରକୃତ କଲ୍ୟାଣ ସାଧିତ ହୁଏ ।

ସାଧୁ ବ୍ୟବହାର, ଉତ୍ତମ ଏବଂ ସ୍ଥାୟୀ ପାରିଶ୍ରମିକ ମିଳେ ।

## ୧୯୩୮—୩୯ ର ସଂକ୍ଷିପ୍ତ ବିବରଣୀ

ନୂତନ ବୀମାର ପରିମାଣ ୩ କୋଟି ୧୦ ଲକ୍ଷରୁ ଊର୍ଦ୍ଧ୍ୱ । ଚଳନ୍ତି ବୀମାର ପରିମାଣ ୧୬ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ୨ କୋଟି ୯୨ ,, ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୫୨ ,, ,,

ବାର୍ଷିକ ଆୟ ୮୫ ଲକ୍ଷରୁ ଊର୍ଦ୍ଧ୍ୱ

ଲାଭ:—ଆଜୀବନ ବୀମାରେ ହଜାର ପ୍ରତି ବର୍ଷକୁ ୫୧୫ ଟଙ୍କା ଏବଂ ଉକ୍ତ ପ୍ରକାର ମିଆଦି ବୀମାରେ **ବର୍ଷକୁ ୫୧୮ ଟଙ୍କା ।**

**୧୯୩୮ ମସିହା ବୀମା ଆଇନ ମୁତାବକ ସରକାରୀ କାଗଜାଦିରେ ନିୟୋଜିତ ହୋଇଥିବା ପାଣ୍ଠିର ପରିମାଣ ମୋଟ ବୀମା ପାଣ୍ଠିର ଶତକଡ଼ା ୯୫ଙ୍କାରୁ ଊର୍ଦ୍ଧ୍ୱ ଅଟେ ।**

ଆପଣ ଶୀଘ୍ର, ବର୍ତ୍ତମାନ ପ୍ରତିନିଧି ହେବା ପାଇଁ ଦରଖାସ୍ତ କରନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ—
**ହିନ୍ଦୁସ୍ଥାନ ବିଲଡିଂସ**
କଲିକତା

ଓଡ଼ିଶା ଅଫିସ—
ଭାଳିଗଳି, କଟକ
ଅର୍ଗେନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**

ଭାରତବର୍ଷ, ବ୍ରହ୍ମଦେଶ, ସିଂହଳ, ମାଲୟ ଦେଶ ଏବଂ ପୂର୍ବ ଆଫ୍ରିକାରେ ସର୍ବତ୍ର ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

---



"ଛିଦ୍ର କୀଟ ଭଳି ଅଳ୍ପ ଅଳ୍ପ କରି ରଚଇ ବଲ୍ମୀକ ଘର"

**ଆପଣ ମାସକୁ ମାତ୍ର ଏକ ଟଙ୍କା**

## ସଞ୍ଚୟ କରି

ଦଶଜଣଙ୍କରେ ଜଣେ ହୋଇ ପାରିବେ ।

ନିମ୍ନ ଠିକଣାରେ ଅନୁସନ୍ଧାନ କରନ୍ତୁ ।

# ବାସନ୍ତୀ ଇନ୍‌ସୁରେନ୍ସ କୋମ୍ପାନୀ ଲିଃ

**ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।**

ସୁପରଭାଇଜିଂ ଅର୍ଗେନାଇଜର—ଶ୍ରୀ ବାସୁଦେବ ସିଂହ ବି, ଏସ୍‌ସି.

Digitized by srujanika@gmail.com

ବାର୍ଷିକ ସଡାକ ୪

ଛାତ୍ର – ୮୯୪ ବର୍ମା ୫୧୪




## ମିତ୍ରଲାଭ



ହିଟଲର୍—ଭୟଙ୍କର ନାହିଁ ମୁସଲେନୀ । ଏ ରସିଅ ଷଣ୍ଢ ଅଜକାଲ ବଡ଼ ଶାନ୍ତ ବଡ଼ ଭଲ ପାଲଟି ଗଲଣି ।

Digitized by srujanika@gmail.com

# ଟ ୨୦୦ ପୁରସ୍କାର



## ମହାତ୍ମା ସିଦ୍ଧ କବଚ

ଅତି ଚମତ୍କାର ଓ ଅଦ୍ଭୁତ କ୍ଷମତାଶାଳୀ ଏହି କବଚ ଧାରଣରେ ଫଳ ଦେବାର ଦୃଷ୍ଟାନ୍ତ ଦେଖି ଥିବେ, ଯେ କୌଣସି ଅଭିପ୍ସିତ ବସ୍ତୁ ଅଳ୍ପ ଦିନରେ ପ୍ରାପ୍ତ ହୁଏ। ଏହାକୁ ଧାରଣ କରିବା ଓ ପଠନ କରିବା ନିମନ୍ତେ କୌଣସି କଷ୍ଟକର ତପସ୍ୟା କରିବାର ପ୍ରୟୋଜନ ନାହିଁ। ଏହା ଧାରଣ କଲେ ଯେ କୌଣସି ପୁରୁଷ ବା ସ୍ତ୍ରୀ ତୁମ୍ଭ ଶେଷରେ ଶ୍ରୀ ହୋଇ ରହିବ।

**ମୂଲ୍ୟ** — ତାମ୍ର ଟ ୨।୦ (ଏକତ୍ର ତିନୋଟି ନେଲେ ଟ ୬।) ରୌପ୍ୟ ଟ ୨ ୷୵, ସ୍ୱର୍ଣ୍ଣ ଟ ୭। ମାତ୍ର।

## ମହାଲକ୍ଷ୍ମୀ ଯନ୍ତ୍ର

ଏହା ଧାରଣ କଲେ ଦୁଷ୍କର୍ମ ନିବାରିତ ହେବ, ଶତ୍ରୁ ଜୟ କରି ପାରିବ, ଚାକିରି ଲାଭ ହେବ, ବେପାର ଓ ମୋକଦ୍ଦମା, ଦୁର୍ବଳ, ଘୋଡ଼ଦୌଡ଼, ଲଟେରି ପ୍ରଭୃତିରେ ଲାଭ ହେବ। ପୁତ୍ର ଲାଭ, ସୁଖ ଲାଭ, ବ୍ୟବସାୟ, ବୈଷୟିକ ସହିତ।

**ମୂଲ୍ୟ** — ତମ୍ବା କେବଳ ଟ ୨।୦ (ଏକତ୍ର ତିନୋଟି ନେଲେ ଟ ୬।) ରୁପା ଟ ୨ ୷୵, ସୁନା ଟ ୭।

ଏକ ଦେବତାର ବୃହତ୍ ଯୋଗ ଅଧିକ ଶକ୍ତିଶାଳୀ ଦଶ ଗୁଣ ଯନ୍ତ୍ର ମୂଲ୍ୟ ଟ ୫ ୷, ଏଥିରେ ନେ ଟ ୫ ଚାରି ଗୁଣ ଅଧିକ ଅତି ବିଶିଷ୍ଟ ଶକ୍ତିଶାଳୀ ଦଶ ଗୁଣ ଯନ୍ତ୍ର ମୂଲ୍ୟ ଟ ୭ ୷୵। ଡାକ ମାସୁଲ ସ୍ୱତନ୍ତ୍ର।

**ନୋଟ:**— ଏହା ମିଥ୍ୟା ବୋଲି ପ୍ରମାଣ କଲେ ଟ ୨୦୦ ପୁରସ୍କାର।

ଏହା ନିଷ୍ଫଳ ହେଲେ ମୂଲ୍ୟ ଫେରସ୍ତ।

SHRI MAHATMA ASHRAM
Post Box No. 12 (D. B)
AMRITSAR

---

# ତୁମ୍ଭର ଭାଗ୍ୟ।



କେବଳ ମାତ୍ର ଗୋଟିଏ ପୋଷ୍ଟକାର୍ଡରେ ତୁମ୍ଭର ନିଜ ନାମ ଓ ଯେ କୌଣସି ଗୋଟିଏ ଫୁଲର ନାମ ଲେଖି ପଠାଅ। ଅମ୍ଭେ ତୁମ୍ଭର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଫଳ ଟ ୧୷/ ଭି: ପି: ଦ୍ୱାରା ପଠାଇ ଦେବୁ। ଏଥିରେ ବ୍ୟବସାୟରେ ଲାଭ କ୍ଷତି, ଚାକିରିରେ ଉନ୍ନତି, ବା ଅବନତି, ବିବାହ, ସନ୍ତାନ, ରୋଗ, ସୁଖଶାନ୍ତି, ଶାରୀରିକ ପୀଡ଼ା ପ୍ରଭୃତି ଲେଖା ଥିବ ଓ ତହିଁ ସଙ୍ଗେ ଦୁଷ୍ଟଗ୍ରହମାନଙ୍କ ପ୍ରକୋପରୁ ରକ୍ଷା ପାଇବା ନିମନ୍ତେ ପ୍ରତିକାର ବ୍ୟବସ୍ଥା ମଧ୍ୟ ଲେଖା ଥିବ।

ଅତି ଅଳ୍ପ ପରୀକ୍ଷା କଲେ ଏହି ଜ୍ୟୋତିଷ ବାଣୀର ଯଥାର୍ଥତା ଜାଣି ପାରିବେ।

ଫଳ ନ ମିଳିଲେ ମୂଲ୍ୟ ଫେରସ୍ତ ଦିଆ ଯିବ ଓ ଏହା ମିଥ୍ୟା ବୋଲି ପ୍ରମାଣ କଲେ ଟ ୧୦୦ ପୁରସ୍କାର।

BENGAL JOTISH ASHRAM
Post Box No.39 ( D.B.)
AMRITSAR.


Digitized by srujanika@gmail.com



ପାକିସ୍ଥାନ ସୃଷ୍ଟି ଯଦି ପକ୍କା ହୋଇଯାଏ, ତେବେ ହଠାତ୍ ଭଙ୍ଗ କରିଯିବ, ଓ ଦେଶ୍ୟା ଉପର ସ୍ତରରେ ବଣ୍ଟାଅସ୍ତ ହେବ ତାର ମୀମାଂସା କରିବା ପାଇଁ ବଲୁଥ ସନ୍ଧରେ ଅନ୍ତେଶତ ହେଲା । କଥା ହେଲା ଯେ ହିନ୍ଦୁ-ସ୍ଥାନର ମୁସଲମାନମାନଙ୍କ ହିନ୍ଦୁ ଓ ପାକ ସ୍ଥାନର ହିନ୍ଦୁମାନେ ମୁସଲମାନ ହୋଇଗଲେ ସବୁ ସୁବିଧା ହୋଇଯିବ । ପ୍ରଥମେ ରାଜେନ୍ଦ୍ର ବାବୁ ହୃତ୍ତା ଉପଷ୍ଠାକୁ କାଟି ହୁଇଗାଲ ପାଖକୁ ସୁର ପାଶଟି କରି ଦାନ ବା ତଲ୍ଲଲଣ ଦୁଇଯାଗ ସ୍ଥିତ ବେବେ ଓ ଗ୍ରସଳ ପ୍ୟାଣ୍ଟାଶ୍ରିରେ ଦାଡ଼ିଛାଏ ରଖିବେ । ଲୁଙ୍ଗି ଖଣ୍ଡେ ପିନ୍ଧି ଓ୍ୱାର୍ଦ୍ଧା ଯିବେ ଓ ଗାନ୍ଧୀଜୀଙ୍କ ଚରଣରେ ମୁହିଁ ହାତ ଧୋଇ ହୁଟେଁସାଦ ଅଲ୍ଲା ହୋ ଅକବର୍ କହିବେ । ତାପରେ ମୌଲାନା ଆଜାଦ ଦାଢ଼ୀ କାଟି ଉପ ଟାଙ୍କ ପଇତା ପକାଇ ପୂଜା ଅର୍ଚ୍ଚନ କରିବେ ।

... ... ...

ତେବେ ହିନ୍ଦୁ ମୁସଲମାନ ଦୁଇ ଜାତିର ସ୍ୱତନ୍ତ୍ର ହେଲେ ମଧ୍ୟ ପ୍ରୀତି ଦୁଇଟି ଭିତରେ ସଦ୍ଭାବ ରହିବ ବୋଲି ଜଣା ଯାଉଥିଲା ଯେତେବେଳେ କହୁଛନ୍ତି, ତାହା କରିବାର ଅଞ୍ଚଳଟିଏ ସହଜ ଉପାୟ ଆମ ଜଲ୍ପିସ ସଙ୍ଗ ନିର୍ଦ୍ଧାର୍ଯ୍ୟ କରୁଛି । ମୁସଲମାନ ହୋଇଥିବା ହିନ୍ଦୁମାନେ ନମାଜ ପଢ଼ିବାବେଳେ ତୁଳସୀ ପତ୍ର ଫୁଲ ଚନ୍ଦନ ବ୍ୟବହାର କରିବେ ଓ ହିନ୍ଦୁ ହୋଇଥିବା ମୁସଲମାନମାନେ ଲୁଙ୍ଗୀ ଅଣ୍ଟା ଦେଇ ବେଶ ସର କରିବେ । ତାହେଲେ ଦୁଇ ସ୍ୱଜ୍ୟ ମଧ୍ୟରେ ଅତି ଗୋଳ ରହିବ ନାହିଁ ।

... ... ...

ଯଦି ଏଥିରେ କେହି ରାଜି ହୁଅନ୍ତି, ତେବେ ଏ ଦେଶ ମୁସଲମାନମାନଙ୍କ ପାକି-ସ୍ଥାନକୁ ବୁଢ଼ା ଗୁଣ୍ଡଳ ବାନ୍ଧ ପଠାଇବେ ଓ ପାକ ସ୍ଥାନର ହିନ୍ଦୁମାନେ ହିନ୍ଦୁସ୍ଥାନକୁ ଉଡ଼ି ଆସିବେ । ଏହା କରିବା ପୂର୍ବରୁ ଯଦି କାହାର ପିଲା ଛୁଆ ନେଇ ଯିବା ଅସୁବିଧା ହୁଏ, ତେବେ ତାଗର ନାଗରଙ୍କୁ ବସ୍ତାରେ ଭର୍ତ୍ତି କରି ଛାଡ଼ି ଦେଇଗଲେ ଆମ ଅଞ୍ଚଳ ତାଙ୍କର ରକ୍ଷଣାବେକ୍ଷଣ କରି ପାରନ୍ତି । କିନ୍ତୁ ସାବଧାନ, ୧୮ ବର୍ଷରୁ ବେଶୀ କେହି ଯଦି ଦାଢ଼ୀ ଛାଡ଼ି ହୋଇ ପିଲା ବୋଲି ପରିଚୟ ଦିଏ ତେବେ ଧରା ପଡ଼ିଲେ ତଳକଣ୍ଠା ଉପର କଣ୍ଟା ।

... ... ...

ଜଣେ ମୁସଲମାନ ବନ୍ଧୁ ଆମ ପାଖରେ ଏକ ଅରଜ ପେଶ କଲେ ଯେ, ଦିଲ୍ଲୀ ଛାଡ଼ିବୁ ସିନା ଏଠି ଛାଡ଼ିଯିବୁଁ, ଲେକିନ ମେରା ଜନ୍ମ-ସ୍ଥାନ୍ ଯୋ ମଙ୍ଗଳ ନହିଁ । ଫିର୍ ଉଥ ଦେଖ ଯାଏଗା ? ଏଥିରୁ ଆମେ ଅଉ କିଛି କହିପାରୁ ନାହୁଁ । କାରଣ ତେଣେ ଅଧିକ କଡ଼ା ରହିଛି ।

\+ + +

ଜିନ୍ନାଙ୍କ ପାକ ସ୍ଥାନ କଥା ଶୁଣି ଭାରତର ଅନ୍ୟାନ୍ୟ ଅନେକ ସମ୍ପ୍ରଦାୟ ସ୍ୱ ସ୍ୱ ଅସ୍ଥାନ୍ କରିବାକୁ ବସିଲେଣି । ଶିଖ୍‌ମାନେ ତାଙ୍କର ଖାଲିସ୍ଥାନ ଦାବି କରି ବସିଛନ୍ତି, ଓ ସେମାନେ ମୁଣ୍ଡରେ ବାଳ ରଖୁଥିବାରୁ ତାଙ୍କ ଅସ୍ଥାନର ନାମ ବାଳାସ୍ଥାନ୍ ହେଉ ବୋଲି ପ୍ରସ୍ତାବ ଆଣିଛନ୍ତି । ଆମ୍ବେଦକାର ହରିଜନ ମାନଙ୍କ ଏକ ନୂଆ ସ୍ଥାନ ଦାବି କରୁଛନ୍ତି । ହରିଜନମାନେ କଳା ହୋଇ ଥିବାରୁ ସେମାନଙ୍କର ଦେଶ ନାମ କଳାସ୍ଥାନ ହେବ । ଲଲ୍ଲୁହ ତା ଦାସମାନ-ଙ୍କର୍ ଖାଲିମାନେ ଅଉ ଏକ ଦେଶରେ ରହିବେ ସେ ଦେଶର ନାମ ଧଳାସ୍ଥାନ ହେବ । ସେମାନେ ପୁରୁଷ ରଜାଙ୍କୁ ରଜା କରିଦେବେ । କାରଣ ଅଗରୁ ପୃଥିବୀ ତାହାର ପଲା ହେଉ ନ ଥିଲେ ବୋଲି କଥା ଅଛି । କିନ୍ତୁ ଏବେ ସ୍ୱର୍ଗରାଜ୍ୟର ଅର୍ଥ ହୋଇଛି । ତା ଛଡ଼ା ସ୍ତ୍ରୀଲୋକମାନେ ଅଉ ଏକ ଅସ୍ଥାନ କରି ପୁରୁଷଙ୍କୁ ଏକାବେଳେ ବୟକଟ୍ କରି ମହିଳା ସ୍ଥାନ କରିବେ । ତେଣୁ ଜନ୍ମ ନିରୋଧର ଆବଶ୍ୟକତା ମଧ୍ୟ ରହିବ ନାହିଁ ।

\+ + +

ଚଢ଼େଇଙ୍କ ଚନ୍ଦ୍ର ସଙ୍କରେ ଜନ୍ମ ନିରୋଧ ପ୍ରସ୍ତାବ ହୋଇସାରିଲା । ଅର୍ଥାତ୍ ଏଣିକି ଅଉ ମାଇପେ ବେଶୀ ପେଟରେ ହେବେ ନାହିଁ । ମାଇପେ ସବୁ ଗର୍ଭ ନ ହେବା ଉପାୟମାନ ସରକାରୀ ଡାକ୍ତରଖାନାରୁ ଯାଇ ଶିଖି ଆସିବେ । ଏଥର ମାଇପେ ମିଶିଲେ ସମାନ । ଇଚ୍ଛାବର ଓ ଇଚ୍ଛାପୂର୍ବ ସବୁ ସଜନ କାହ୍ନୁ । ତେବେ କଥା ହେଉଛି, ଯଦି ସଭ୍ୟମାନଙ୍କ ମା'ମାନେ ଏ ଉପାୟମାନ ଶିଖିଥାନ୍ତେ, ତେବେ କେବେ ହେଲେ ଅଜି ଏ ପ୍ରସ୍ତାବ ହୁଏତ ଅସିପାରି ନଥାନ୍ତା ।

\+ + +

ଲାହୋରରେ ଖାକସାର ଦଳ ବୋଲି ଏକ ଦଳ ବାହାରି ପୁଲିସ ସାଙ୍ଗରେ ଧସ୍ତାଧସ୍ତି କୁସ୍ତାକୁସ୍ତି ଲଗାଇଛନ୍ତି । ଫଳରେ ପୁଲିସ ଗୁଳି କରି ଅନେକ ଖାକସାରଙ୍କୁ ଶେଷ କରି ଦେଲେଣି । ଏ ଖାକସାରମାନେ ଜର୍ମାନ ସାଙ୍ଗରେ ଷଡ଼-ଯନ୍ତ୍ର କରୁଛନ୍ତି ବୋଲି ପୁଲିସ ସାକ୍ଷୀ ଦେଉଛି । ଅଥଚ ଜଣା ଯାଉଛି ଏଣେ ମୃତ ଖାକସାରଙ୍କ ପାଇଁ ଶୋକ ପ୍ରକାଶ କରୁଛନ୍ତି । ଆମେ କିନ୍ତୁ ଭଣ୍ଡାର ଅନ୍ତ୍ୟରକତାର ସହିତ ଜଣା ସାହେବଙ୍କ ପାଇଁ ଓ ତାଙ୍କର ଟେଲି ପତ୍ରାବଳୀ ସିକନ୍ଦରଙ୍କ ପାଇଁ ଶୋକପ୍ରକାଶ ନ କରି ରହି ପାରୁନାହୁଁ ।

× × ×

Digitized by srujanika@gmail.com

ବାର୍ଦ୍ଧା ଅଧିବେଶନରେ କାର୍ଯ୍ୟକାରୀ କଂଗ୍ରେସ କମିଟିଙ୍କର ବଣାନନ ମେଳା ହୋଇଥିଲା । ମୁଖ୍ୟ ଦେବତା ମଣ୍ଡଳୀଙ୍କ ମେଳା ଅପରୁ ସ୍ଥିରହୋଇ ଗଲେ ଯେ ଏ ପୂଜା ଏକ ସନ୍ଧି ପୂଜା ହେବ । କଂଗ୍ରେସ ଏଥର କ'ଣ ଗୋଟାଏ ନୂଆ ତମାସାର କଥା କରିବ । କିନ୍ତୁ ଟିକ୍—ଏଣ୍ଡ୍ରୁଜ ଦାଉଡ଼ ଦଉଡ଼ ସେଇ ହିନ୍ଦୁ ବୁଢ଼ା ମୂଳକୁ— ଚରଖା—ଚରଖା—ଚରଖା । 'ଖାଦି ଖାଦି ଖାଦି ଖାଦି ଖାଦି ଖାଦୈବ କେବଳଂ, କଳୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା' ଏହି ମନ୍ତ୍ର ଏଥର ପୁଣି ଗାନ୍ଧିଜୀ ସମସ୍ତଙ୍କୁ କଣ୍ଠସ୍ଥ କରିବାକୁ କହିଛନ୍ତି ।

… … …

କିନ୍ତୁ ଗୋଟିଏ ବିପଦ କଂଗ୍ରେସ ନିଜେ ନିଜେ କରିଛନ୍ତି । ଏଥର ନିୟମ କରିଦେଇଛନ୍ତି ଯେ ଗାନ୍ଧିଜୀଙ୍କ ଅନୁଶାସନ ଯିଏ ନ ମାନିବ, ସେ ଆଉ କଂଗ୍ରେସ କର୍ମକର୍ତ୍ତା ରହି ପାରିବ ନାହିଁ । ଯଦି ଏହି ନିୟମରେ କମଳରୁ ବାଳ ବଛା ଯାଏ ତେବେ କଂଗ୍ରେସ ହେଉଛି ହେଲ ଅଚିରେ ନାଲିବାଡି ଉଡ଼ାଇ ଦେବେ ଯେ ।………

କଂଗ୍ରେସ କମିଟିମାନ ଏଥର ପତ୍ୟୋତ୍ରବ କମିଟି ହୋଇଯିବ । କଂଗ୍ରେସ କମିଟି ସଭ୍ୟମାନଙ୍କ ମଧ୍ୟରେ ଏଣିକି ଗୋଟାଏ ଲୋକର୍ଷ ଛାପ ମାରିଦେଲେ ଭଲ ହୁଅନ୍ତା । କାରଣ କାମରେ ତ କିଛି ହେବା ସମ୍ଭବ ନୁହେଁ, ନାମଟା ବାଟେ ଯଦି କିଛି ଉପକାର ପାଏ । ଏହି ଛାପ ନ ଦେଲେ କେହି ସତ୍ୟାଗ୍ରହୀ ହୋଇ ପାରିବେ ନାହିଁ । ଏଇ ଛାପ ମାରିଦେଲେ ଧୂଅମୂଳା ଅଧୂଅମୂଳା ସବୁ ସମାନ । ଏଇ ବାହ୍ମଣଙ୍କ ଛଡ଼ା ଆଉ କେହି ଦେବ ପୂଜା କରି ପାରିବେ ନାହିଁ ଅଉ ଦେବତାମାନେ ଭସ୍ମ ବା ହଜମ କରି ପାରିବେ ନାହିଁ । ତେଣୁ ଆଉ ଯିଏ ସତ୍ୟାଗ୍ରହ କରିବ ତାଙ୍କ ନାମ ହୁସତ୍ରହୀ ।

× × ×

ଆମ ଓଡ଼ିଶା ଦେଖେ ବର୍ଷେ ହେବ ପଟ୍ଟୋଣ୍ଣୀ ବଙ୍ଗଳା ସହିତ ବେଶ୍ ପଞ୍ଝ ପକାଉଛି । ତାଙ୍କର ପ୍ରଫୁଲ୍ଲ ଚନ୍ଦ୍ର, ଆମର ହରିହର, ତାଙ୍କର ସତୀଶ ଦାସଗୁପ୍ତ, ଆମର ଗୋପ ଚୌଧୁରୀ, ତାଙ୍କର ସୁଭାଷ ବୋଷ, ଆମର ଦିବାକର ପଟ୍ଟନାୟକ, ତାଙ୍କର ରମାନନ୍ଦ ବ୍ରହ୍ମଚାରୀ ଆମର ନୀଳକଣ୍ଠ ଦାସ, ଇତ୍ୟାଦି ଇତ୍ୟାଦି ଦେଖିବାକୁ ଗଲେ ଲକ୍ଷଣରୁ ଉଣା । ତେବେ ବଙ୍ଗଳା କଂଗ୍ରେସ ଉପରେ ଯେତିକି ୱର୍କିଂ କମିଟି ଗୋଟାଏ କରାମତ୍ ଦେଖାଇ ଦେଲା, ଓଡ଼ିଶାରେ ସେ ଜିନିଷଟା ନ ହେବାରୁ ମନଟା ଛକ ଛକ କରୁଥିଲା । ସାଧାରଣ ଖୁସି ଖୁସି ହେବେ ଯେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଏବେ ସେଥି ପାଇଁ ଟା ଆରମ୍ଭ କରିଛନ୍ତି । ଯଥା—

ସ୍ୱଳ୍ପ ପରିଷଦ, ଦ୍ୱିତ୍ରପରିଷଦ, ଇତ୍ୟାଦି । ଉତ୍କଳ ମନ୍ତ୍ରୀଙ୍କ ପାଇଁ ସ୍ୱଳ୍ପପରିଷଦ, ସଭ୍ୟଙ୍କ ପାଇଁ ଉପପରିଷଦ, ଅଣ ନସଭ୍ୟ ବା ଅ—ସଭ୍ୟଙ୍କ ପାଇଁ ଉପଦେଶ କରି । ଅଭିନୟର ସ୍ଥାନ ଗଞ୍ଜାମ ଜିଲ୍ଲା । ପାଲାର ନାମ ଜିଲ୍ଲା ବୋର୍ଡ଼ର ଯୁଦ୍ଧ । ପ୍ରଂ ପାର୍ଟ ( role ) ରେ ଦିବାକର, ଲଭାଇ । ପଞ୍ଚାନ୍ତରେ ବିଶ୍ୱନାଥ ନବକୃଷ୍ଣ, ରାଧାକୃଷ୍ଣ । ଏ ଯୁଦ୍ଧରେ କିଏ ଜିତେ ଦେଖାଯାଉ ।

\+ + ×

କଂଗ୍ରେସ ମନ୍ତ୍ରୀମାନେ ଆଜି ଯେଉଁ ପ୍ରଦେଶରେ ଯାହା ଦେଇଛନ୍ତି ସବୁ ଆମ ଓଡ଼ିଶାରେ ସବୁ ଯାଇ ଭୁଲିଯାଇ ଥିଲେ ; ଦଶବୃତ୍ତ ପାଣ୍ଡିରେ ଗାନ୍ଧି ଗୋଟିଏ ରାପ ବାହାରିଛି । ଦର୍ଶିକାର ମାନ୍ଦ ଖେଳୁଥିଲା ବେଳେ, ମନେ ମନେ କିଛି ଏ ହଠାତ୍, ଅନେକ ସମ୍ଭବ ଭଲ ପକାଇ ଥିଲେ, ଅଃ ଏମାନଙ୍କୁ ଯଦି ଟିଭିରବ ହୁଅନ୍ତା! ଯା ଛଡ଼ା ଆଉ ଗୋଟିଏ ପାପ ନଥିଲା । ମାତ୍ର କେତେଜଣଙ୍କ ମତରେ ଗଞ୍ଜାମ ଜିଲ୍ଲାବୋର୍ଡ଼କୁ ହାତକୁ ଦେବା ଗୋଟାଏ ପାପ । କିନ୍ତୁ ସେମାନେ କହନ୍ତି—ଏହା ନ୍ୟାୟ ଧର୍ମ । ତେବେ ନ୍ୟାୟ ବିଚାର କରିବ କିଏ ? ଗଞ୍ଜାମ ଜିଲ୍ଲା ବୋର୍ଡ଼ର ମାଲିକ ହେବେ ନା, ଉତ୍କଳର ମନ୍ତ୍ରୀ ହେବେ ? ସେ କଥା ଏଥର ଜିଲ୍ଲା ବୋର୍ଡ଼ କୋର୍ଟରେ ଜଣା ପଡ଼ି ଯାଉଛି । ପାଞ୍ଚ ଜଣ ଯାହାକୁ ଭଲ ବୋଲି କହିଲେ ଆମେ ତାକୁଇ ମାନି ନବା ହିଁ !

\+ + +




ଦିନେ ଯାହାକୁ ସେ
ଛୁଟିବାରେ ଦେଖିବାକୁ ଯାଇ
ନାଗଣରେ ଫେରିଥିଲେ—
ଆଜି ତାକୁ ସେ
'ମରମ'ରେ ପାଇଛନ୍ତି ।
ଚିରପୁରାତନ ଅଥଚ ଚିରନୂତନ କାହାଣୀ
ପ୍ରେମାନୁରାଗର ଅପୂର୍ବ ନିଦର୍ଶନ
ପ୍ରୀତି କାମନାର ଅନବଦ୍ୟ ଅର୍ଘ୍ୟ ·
ମୂଲ୍ୟ—୦ ୦ ୪ ମାତ୍ର ଦେଇ
ଶୀଘ୍ର ଏ 'ମରମ' ପଢ଼ନ୍ତୁ ।
ଡଗର ଅଫିସରେ ମଧ୍ୟ ମିଳେ ।

Digitized by srujanika@gmail.com



## ଚତୁରେ ଚତୁରେ

ଲେ:—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ବି. ଏ.

**ଧୋବା** ଘରକୁ ଲୁଗା ଦେଉଁ ଦେଉଁ ରମା ତାଙ୍କ ସ୍ୱାମୀଙ୍କ କମିଜ ପକେଟରୁ ଗୋଟିଏ ଚିଠି ପାଇଲେ। କେଜାଣି କି କୌତୁହଳର ବଶବର୍ତ୍ତୀ ହୋଇ ସେ ଚିଠିଟି ଫିଟାଇ ପଢ଼ାଇ ଦେଖନ୍ତି ଯେ ତଳେ ଲେଖା ଅଛି—ତୁମର ସ୍ନେହର କମଳା। ରମା ଦେବୀଙ୍କର ସର୍ବାଙ୍ଗ ବିଦ୍ୟୁତ ସ୍ରୋତର ସ୍ପର୍ଶରେ କଣ୍ଟକିତ ହୋଇ ଉଠିଲା। ମନରେ କେତେ କଣ ଭାବନା ଖେଳିଗଲା। ସେ କମ୍ପିତ କରରେ ଚିଠିଟି ଖୋଲି ପଢ଼ିବାକୁ ଲାଗିଲେ—ଲେଖାଅଛି—

ସ୍ନେହର ରମେଶ ବାବୁ,

ଏଡ଼େ ଶଠ ତୁମେ। କାଲି କହିଗଲ ସନ୍ଧ୍ୟାବେଳେ ଆସିବ ବୋଲି। ତୁମର ଅପେକ୍ଷାରେ ମୁଁ ଏକାକୀ ରୌଶନକର ପାର୍କରେ ବସି ରହିଥିଲି ସାଢ଼େ ଦଶଟା ଯାଏ। କିନ୍ତୁ ତମେ ତ ଆସିଲ ନାହିଁ। ମୋତେ ନିରାଶ ହୋଇ ଫେରିବାକୁ ହେଲା। ଯାହାହେଉ ଆଜି ସନ୍ଧ୍ୟାକୁ ଆସିବ; ସାଙ୍ଗ ହୋଇ 'କେପିଟାଲ'ରୁ ସିନେମା ଦେଖି ଯିବା।

ତୁମର ସ୍ନେହର—କମଳା।

ଚିଠି ଖଣ୍ଡି ପଢ଼ି ସାରିଲା ବେଳକୁ ରମା ଦେବୀଙ୍କର ସର୍ବାଙ୍ଗ ଝାଳରେ ବୁଡ଼ିଗଲାଣି। ମନରେ କେତେ କଣ କଳ୍ପନାର ଢେଉ ଖେଳିଗଲା। ସତେ କଣ ତାଙ୍କର ସ୍ୱାମୀ ଏତେ ଅବିଶ୍ୱାସୀ! ଏତେଦିନଯାଏ ତାଙ୍କର ଆଖିରେ ଧୂଳି ଦେଇ ଫାଙ୍କି ଦେଇ ଆସିଛନ୍ତି। ତାଙ୍କ ଆଖିରେ ଦୁନିଆଟା ଜାଲୁଜାଲୁଆ ଦିଶିଲା। ସେ ସ୍ତମ୍ଭ ପରି ଛିଡ଼ା ହୋଇ ରହିଲେ। ଦାଣ୍ଡ ଅଢ଼େ ଧୋବାଟା ବସି ବସି ବିରକ୍ତ ହୋଇ ଡାକିଲା, "ମା ଡେରି ହେଲା ଲେ।" ରମା ଦେବୀଙ୍କର ଚମକ ଭାଙ୍ଗିଲା। ସେ ତରତରରେ ଲୁଗା କେତେ ଖଣ୍ଡ ଦାଣ୍ଡକୁ ଫିଙ୍ଗି ଦେଇ ଘର ଭିତରେ ଯାଇ ଶୋଇ ପଡ଼ିଲେ।

ରମେଶ ବାବୁ ମକ୍କେଲମାନଙ୍କ କାମ ସାରି ଅଫିସଘରୁ ଫେରି ଆସି ଦେଖନ୍ତି ଯେ ଗୃହିଣୀ ଅବେଳରେ ବିଛଣାରେ ମୁହଁ ମାଡ଼ି ଶୋଇଛନ୍ତି। ତାଙ୍କ ମଥାରେ ଅକାଳ ବଜ୍ର ଭାଙ୍ଗି ପଡ଼ିଲା। ଏ କଣ? ଯାହା ନଥିଲା ବେଳେ କାହାର ଅସୁସ୍ଥ ନାହିଁ କି? ଭାବିଲେ; କିନ୍ତୁ କୌଣସି ଉତ୍ତର ପାଇଲେ ନାହିଁ। ବହୁତ ପୀଡ଼ା ପୀଡ଼ିରେ ରୁକ୍ଷ ସ୍ୱରରେ ଗୃହିଣୀ କହିଲେ ଯେ ତାଙ୍କ ଦେହ ଭଲ ନାହିଁ। ଘଡ଼ିରେ ଟଂ ଟଂ ଟଂ ଦଶଟା ବାଜି ଗଲା। ନୂଆ ମୁନସଫଟା ବଡ଼ କଡ଼ା ହାକିମ। ଠିକ୍ ସାଢ଼େ ଦଶଟାବେଳେ କଚେରୀରେ ହାଜର ହେବାକୁ ହେବ। ସୁତରାଂ ରମେଶ ବାବୁ ତରତରରେ ଗାଧୋଇ ପଡ଼ି ମୁଣ୍ଡ କୁଣ୍ଡାଇବା ପାଇଁ ଟେବୁଲ ଉପରେ ରଖା ହୋଇଥିବା ଦର୍ପଣ ସାମନାରେ ଛିଡ଼ା ହୋଇ ଦେଖନ୍ତି ଯେ ଦର୍ପଣ ପଛଅଡ଼େ ଖଣ୍ଡେ ଚିଠି ଗୋଞ୍ଜା ହୋଇଛି। କୌତୁହଳର ବଶବର୍ତ୍ତୀ ହୋଇ ଚିଠି ଖଣ୍ଡ ଟାଣି ନେଇ ଯାହା ଦେଖିଲେ ସେଥିରେ ତାଙ୍କର ଦେହ ସଘନେ କମ୍ପି ଉଠିଲା—ପୁଣି ଥରେ ପଢ଼ିଲେ। ଲେଖା ଅଛି—

ସ୍ନେହର ରମା,

ପିଲାବେଳର ସାଙ୍ଗ ପୁଣ କଥା କରୁ କଣ ଏତେବେଳେ ଭୁଲିଗଲୁ? ମୁଁ ଏଠାକୁ ଆସି-ଲଣି ପନ୍ଦର ଦିନ ହେଲା। କିନ୍ତୁ ତୋର ଦେଖା ନ ପାଇ ମନଟା ଭାରି ବ୍ୟସ୍ତ ହୋଇ ଉଠୁଛି। ଆଜି ସନ୍ଧ୍ୟାବେଳେ ନିଶ୍ଚୟ ଆସିବୁ! ସାଙ୍ଗ ହୋଇ "ହଲମୁଡ୍"ରୁ ଯିବା ସିନେମା ଦେଖି। ଇତି।

ତୋର ସ୍ନେହର ପୁରୁଣା ସାଙ୍ଗ—ବସନ୍ତ।

ରମେଶ ବାବୁ ଆକାଶ ପାତାଳ କେତେ କଣ ଭାବିଗଲେ। ଫଳ ଉଚିତ କି ହୋଇ ଥାଏ? ତାଙ୍କର ସ୍ତ୍ରୀ, ମୁହଁରେ କେତେ କଣ ସ୍ନେହ ସୂଚକ କଥା ପ୍ରକାଶ କରେ କିନ୍ତୁ ଭିତରେ କିଛିରେ—। ଆଉ ଭାବି ପାରିଲେ ନାହିଁ। ପୁଅଟା ଡାକିଲା "ବାବୁ ଭାତ ବଢ଼ା ଗଲାଣି।" ଅନ୍ୟ ମନସ୍କ ଭାବେ କେତେ କଣ ଖାଇଁ ଖାଇଁ ରମେଶ ବାବୁ ଭାତ ଏ ଘର ଖଣ୍ଡା ପାଟରେ ପୂଜାର ଦେଇ ଉଠି ଚାଲିଗଲେ କଚେରୀକୁ।

ବାବୁ କଚେରୀରୁ ଫେରି ଦେଖନ୍ତି ଯେ ଘରେ ଗୃହିଣୀ ନାହାନ୍ତି। ପୁଅଟା କହିଲା ଯେ ସେ ଯାଇଛନ୍ତି ସିନେମା ଦେଖି। ବାବୁଙ୍କ ଦେହ ରାଗ ଓ ଅଭିମାନରେ ଜଳି ଉଠିଲା। ଭାବିଲେ ଆଜି ଯାହା ହେଉ ଏ ଜୁଆଡ଼େଇ ଧରି ଦେବେ। ଚିଠିରେ ଲେଖାଥିଲା 'ହଲମୁଡ଼' ସିନେମା। ସୁତରାଂ ସେଇ 'ହଲମୁଡ଼' ଅଭି-ମୁଖରେ ଯାତ୍ରା କଲେ। ବାଟରେ ଦେଖା ହେଲା କମଳା ସାଙ୍ଗରେ। କମଳା କହିଲା ଯିବା ଚାଲ କାପିଟାଲକୁ। କିନ୍ତୁ ରମେଶ ବାବୁ କହିଲେ—ନା 'ହଲମୁଡ଼'ରେ ଆଜି ଗୋଟାଏ ଭଲ ଫିଲମ ଅଛି, ଚାଲ ସେଇଠିକି ଯିବା। "ହଲମୁଡ଼"ରେ ଯାଇ ଦେଖନ୍ତି ଯେ ରମା ଦେବୀ ନାହାନ୍ତି କି ତାଙ୍କର ପ୍ରଣୟୀ ବସନ୍ତ ନାହିଁ। ରମେଶବାବୁଙ୍କ ମନର ସନ୍ଦେହଟା ଅନ୍ତର ଘନେଇ ଆସିଲା। ଭାବିଲେ, ଆଜି ଧୂଳି ଦେଲେ ତାଙ୍କ ଆଖିରେ।

"କେପିଟାଲ" ସିନେମା ଘରେ ବସି ରମା ଦେବୀ ଓ ବସନ୍ତ କେତେ କଣ କଥାବାର୍ତ୍ତା ହେଲେ। ରମା ଦେବୀଙ୍କର କିନ୍ତୁ କାହିଁରେ ମନ ଲାଗୁ ନ ଥାଏ। ସେ ଖାଲି ଛଟ୍ ଛଟ୍

Digitized by srujanika@gmail.com

ହୋଇ ଝୁଣ୍ଟି ଅନ୍ତି ଅଗକୁ ପଛକୁ । କେତେ-କେତେ ରମେଶ ବାବୁ ଓ ତାଙ୍କ ପ୍ରଣୟିନୀ କମଳା ଅଛିବେ । ନିଶ୍ଚୟ ରମେଶ ବାବୁ ହାତ ଧରି ଧରି ହୋଇ ଅଛିଥିବେ । ବାକ୍ସରେ ବସିଥିବେ । କିନ୍ତୁ ଗୁହଁ ଗୁହଁ ଅଖିରୁ ପାଣି ମଲା । ହାଫ୍ ଟାଇମ ହୋଇଗଲା କିନ୍ତୁ ରମେଶ ବାବୁଙ୍କର ଦେଖା ନାହିଁ । କେତେ ପ୍ଲାନ୍ କରି ରମା ଦେବୀ 'ହଲମୁକ୍'କୁ ନଯାଇ 'କେପିଟାଲ'କୁ ଅସିଥିଲେ—ଚୋର ଧରିବା ପାଇଁ । କିନ୍ତୁ ସବୁ ଯେ ବିଫଳ ହେଲା । ମନର ସନ୍ଦେହଟା ଅନ୍ତର ବାହାର ଭାବରେ ଅଗ୍ନି ପ୍ରକାଶ କରି ଉଠିଲା । ଭାବିଲେ ନିଶ୍ଚୟ ସେମାନେ ଯାଇଛନ୍ତି କୌଣସି ପାର୍କ କିମ୍ବା ଗୋପନୀୟ ସ୍ଥାନକୁ ।

ରମା ଦେବୀଙ୍କୁ ଅନ୍ୟ ମନସ୍କ ଦେଖି ବସନ୍ତ ପଚାରିଲା—ଅଜ କାହିଁକି ଗୁଡ ମୁହଁଟା ଶୁଖି ଯାଇଛି ? ସାଙ୍ଗରେ ମନଗେଲ ନାହାନ୍ତି ବୋଲି କଣ କିଛି ଭଲ ଲାଗୁ ନାହିଁ ? ରମା ଦେବୀ ଭାରି ଗଳାରେ କହିଲେ—ନା ସେ କଥା ନୁହେଁ ଯେ, ଅଜ ମୁଣ୍ଡଟା ମୋର ଭାରି ବଥେଉଛି । କିଛି ଭଲ ଲାଗୁନାହିଁ । ବସନ୍ତ କହିଲା, ତେବେ ଚାଲ୍ ତୋର ଘରେ ଛାଡ଼ି ଦେଇ ଯିବି । ଇଣ୍ଟରଭେଲ ପରେ ଦୁହେଁ ଗୋଟାଏ ରିକ୍ସାରେ ବସି ବାହାରି ପଡ଼ିଲେ ।

"ହଲମୁକ"ରେ ଅବସ୍ଥା ମଧ ତଦ୍ରୂପ । ରମେଶ ବାବୁଙ୍କୁ ଭୟଙ୍କର ଅନ୍ୟମନସ୍କ ଓ ଉଦ୍ବେଗ ଦେଖି କମଳା ପଚାରିଲା, "କହୋ ମନଟା କଣ ଭଲ ଲାଗୁ ନାହିଁକି ? ଗୋଟା ଗୀତ ତ ପଡ଼ିଛି—ଦ ଘଣ୍ଟା ଛାଡ଼ ଅସିଲ ବୋଲି କଣ ମନଟା କେଉଁଠି ଅସ୍ଥିର ଧରୁ ନାହିଁ ? ରମେଶ ବାବୁ ଶୁଷ୍କ ହାସ୍ୟ ହସି କହିଲେ—"ନା ତା ନୁହେଁ ଯେ; ଅଜ ମୋର ଦେହଟା ଯେତେ ଭଲ ନାହିଁ । ମୁଣ୍ଡଟା ବଡ ଧରିଛି ।" କମଳା କହିଲା—"ତେବେ ଖାଲଠାରେ ଏଠି କଷ୍ଟ ପାଇବ କାହିଁକି ? ଚାଲ ତମ ଘରେ ଛାଡ଼ ଦେଇ ଯିବି । ଟିକିଏ ବିଶ୍ରାମ ନେଲେ ଭଲ ହୋଇ ଯିବ ଯେ । ସୁତରାଂ ହାଫ୍ ଟାଇମ ପରେ ଦୁହେଁ ଗୋଟାଏ ରିକ୍ସାରେ ଚାଲିଲେ ରମେଶ ବାବୁଙ୍କ ଘରଅଡ଼େ ।

ରମେଶ ବାବୁଙ୍କ ଘରକୁ ଯିବା ପାଇଁ ଗୋଟିଏ ଗଳି ରାସ୍ତା ପଡ଼େ । ଦୁଇଟି ରିକ୍ସା ଅଗ ପଛ ହୋଇ ଚାଲିଛି ସେଇ ଗଳିରେ । ରିକ୍ସାର ହୁଡ଼୍ଟା ଟେକା ହୋଇ ଥିବାରୁ ରିକ୍ସା ଭିତର ଲୋକ କେହି କାହାକୁ ଦେଖି ପାରୁ ନାହାନ୍ତି । ରମେଶ ବାବୁଙ୍କ ଫାଟକ ସାମନାରେ ଯୋଡ଼ାକ ଯାକ ରିକ୍ସା ଥିଆ ହେଲା । ଠିକ୍ ସେଇ ସ୍ଥାନରେ ମ୍ୟୁନିସିପାଲଟିର ଗୋଟାଏ ବିଜୁଳି ଅଲୁଅର ଖମ୍ବ ଥିଲା । ଅଗ ରିକ୍ସାରୁ ବାହାରି ପଡ଼ିଲେ ଯୋଡ଼ାଏ ଯୁବତୀ । ରମା ଦେବୀ କହି ଉଠିଲେ—ବସନ୍ତ, ଅଜି ତ ମୋ ଦେହଟା ଭଲ ନାହିଁ—କାଲି ଟିକିଏ ଅସିବୁ ! ତୋତେ ନିମନ୍ତ୍ରଣ ରହିଲା । ଠିକ୍ ସେତିକି-ବେଳେ ପଛ ରିକ୍ସାରୁ ଯୋଡ଼ାଏ ଯୁବକ ବାହାରି ପଡ଼ିଲେ । ରମେଶ ବାବୁ ଅନ୍ୟ ଯୁବକଟିକୁ କହି ଉଠିଲେ—କମଳ, ଅଜି ତ ମୋ ଦେହ ଭଲ ନାହିଁ । କାଲି ସନ୍ଧ୍ୟାକୁ ଅମ ଘରକୁ ଅସିବୁ ତୋର ନିମନ୍ତ୍ରଣ ରହିଲା ।

ରମା ଦେବୀ ଚମକି ପଡ଼ି ଗୁହିଁଲେ, ରମେଶ ବାବୁଙ୍କ ଅଡ଼େ । ରମେଶ ବାବୁ ମଧ ଚମକି ପଡ଼ି ଗୁହଁଲେ ରମାଦେବୀଙ୍କ ଅଡ଼େ । ରିକ୍ସା ଯୋଡ଼ାକ ଚାଲିଗଲା । ସ୍ୱାମୀ ସ୍ତ୍ରୀ ଦୁହେଁ ଘର ଭିତରକୁ ପଶିଗଲେ । କିନ୍ତୁ ଲଜ୍ଜାରେ କେହି କାହାକୁ କଥା କହି ପାରିଲେ ନାହିଁ । ଶୋଇବା ଘରର ପରଦା ଢଳିପଡ଼ି ଉଠିଲା ଗୋଟାଏ ମିଳିତ କଣ୍ଠର ହାସ୍ୟ ରୋଳ !!

---


## ମନମୋହନ ଯାଦୁ ମଲମ ।

ନୂଆ ଓ ପୁରୁଣା ସବୁ ଏହି ଔଷଧକୁ ଖଜୁରି ମିନିଟ ଯାଦୁ ଉପରେ ମାଲିସ କଲେ ଯାଦୁ ଭଲ ହୋଇଯାଏ, ପୋଡ଼ା ଜଳା ହୁଏ ନାହିଁ, ଲୁଗାରେ ଦାଗ ଲଗେ ନାହିଁ । ଏହି ମଲମରେ କୁଣ୍ଡିଆ, କାଛୁ, ମଉଳା ଭଲ ହୁଏ ଓ ଘାଅ ହୋଇଥିଲେ ନିମ୍ବପତ୍ର ସିଝା ପାଣିରେ ଧୋଇ ଏହା ଲଗାଇଲେ ଅରୋଗ୍ୟ ହୁଏ । ପ୍ରତି ଶିଶି ମୂଲ୍ୟ ୪ ୦ । ଅଣା ମାତ୍ର ।

ଠିକଣା—ମନ୍ମଥ ଜେନେରାଲ ମଲ୍ ପୋ: ଅ: ଚୌଧୁରୀଗଞ୍ଜ, ଗୋଦାମ କଟକ ।

## ଅସଲ ଦାନ୍ତ ମଞ୍ଜନ

ଏହାକୁ ପ୍ରତିଦିନ ବ୍ୟବହାର କଲେ, ଦାନ୍ତ ମୂଳ ଫୁଲିବା ଓ ଦାନ୍ତ ମୂଳରେ ପୂଜ ହେବା, ପୋକଅ ହେବା, ଦାନ୍ତ ପୋକ ଖାଇବା ଓ ଦାନ୍ତ ହଲୁଥିବା ପ୍ରଭୃତି ଦନ୍ତ ରୋଗ ସମ୍ବନ୍ଧୀୟ ସବୁପ୍ରକାର ରୋଗ ଅରୋଗ୍ୟ କରେ । ପ୍ରତିଶିଶି ୫ ୦ ।



## ଅସଲି ପଞ୍ଚଗୁଣା ତୈଳ

ଏହି ଔଷଧ ମୁଣ୍ଡଠାରୁ ଗୋଡ଼ପର୍ଯ୍ୟନ୍ତ ଅଣ୍ଠିଧରା କାନ ଟଣା, ମୁଣ୍ଡବିନ୍ଧା, କୁଣ୍ଡିଆ, କାଛୁ, ମଉଳା ପୋଡା ଘା, ଛଡ ଦରଜ, ଅଣ୍ଡାଦରଜ ଇତ୍ୟାଦି ୫୨ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ଅସଲ ପଞ୍ଚଗୁଣା ତୈଳଅଫିସ—କଟକ


Digitized by srujanika@gmail.com




'ମୁଁ ଖାଇବି—ମୁଁ ଖାଇବି !!' ରାତ ଅଧରେ ଭୈରବୀ ଡାକ ଦେଲା। କଳି ଯୁଗ ଶେଷ ହୋଇ ଆସିଲାଣି। ରାତିରେ—ନିଶବଦ ରାତିରେ କିଏସେ ଗୋଟାଏ କାନ୍ଦୁଛି—ମୁଁ ଖାଇବି—ମୁଁ ଖାଇବି ବୋଲି ଦାନ୍ତ କଡ଼ ମଡ଼ କରି ଉଠୁଛି। ଯିଏ ସେ ଡାକ ଶୁଣୁଛି—ସେ ମରୁଛି—ଗୋଟାଏ ଝାଡ଼ା—ଗୋଟାଏ ବାନ୍ତି—ବାସ୍ କାମ ଫତେ।

କୀର୍ତ୍ତନ ହେଲା—ହରିବୋଲ ପଡ଼ିଲା—ଝାଞ୍ଜ ଝୁଣ୍ଟୁଣ୍ଣ ଶୁଭିଲା—ଠାକୁରାଣୀ ପଣା ପିଇଲେ—ମହାଦେବଙ୍କ ମୁଣ୍ଡରେ ଘର୍ଷଣ ହେଲା। କିନ୍ତୁ ଫଳ କିଛି ହେଲା ନାହିଁ। ଗାଁ ପରେ ଗାଁ ଶୋଇଗଲା—ପଶାପରି। କେତେ କୁଳ ବୁଡ଼ିଗଲା—କେତେ ଘର ପଡ଼ିଗଲା—ପଡ଼ କାନ୍ଥଡ଼ା ଠିଆ ହେଲା—ତାର ହିସାବ ରଖିବ କିଏ? କେଉଁଠି ବୃଦ୍ଧ ଗଣ୍ଡିଙ୍କ କୋଳରେ, ସେଠା ହନ୍ତୁଆ ପିଲା ଚକଟେ ଚକଟେ କୁଳର, ଦେଖିବ, ଛାତିର ସନ୍ତକ ହୋଇ ରହିଛି।

ତଳେ କି ବେଳରେ ରାତି ପାହିଲା ବେଳାଣି, ଗୋଟାଏ ସନ୍ନ୍ୟାସୀ ସେ ମୁଲକକୁ ଆସିଲେ। ହାତ ଦେଖି ସେ ଅଜବ୍ ଅଜବ୍ କଥା କହିଲେ। ଲୋକ ସବୁ ଗୋଟାକ ଉପରେ ଗୋଟିଏ ପଡ଼ି ଧାଇଁଲେ—ହାତ ଦେଖାଇବା-ପାଇଁ ବ୍ୟସ୍ତ ହେଲେ—'ଏ ପିଲାଟି ବଞ୍ଚିବକି ମହାରାଜ?—ଏ ପିଲାର ପରମାୟୁ କେତେ?—ଏ ପିଲାର ଫାଣ୍ଡ ନାହିଁ ତ?' ଖାଲି ଏଇଭଳି ପ୍ରଶ୍ନ। ବାବାଜି ଖାଲି ହସୁଥାନ୍ତି—କହୁଥାନ୍ତି—ବହୁତ ଦିନ ବଞ୍ଚିବ—ହଜାର ବର୍ଷ ପରମାୟୁ—ଲକ୍ଷ ବର୍ଷ ପରମାୟୁ। ଅନେକ ଦିନ ବଞ୍ଚିବ। ଏ ଜାତିଟା ବଞ୍ଚିବ—ଏ ଜାତିକୁ ସଂସାରରୁ କେହି ଲୋପ କରି ପାରିବ ନାହିଁ। ପ୍ରଳୟ ପରେ ମଧ୍ୟ ଏ ଜାତି ରହିବ। ଏ ଜାତିକୁ ଧ୍ୱଂସ କରିବା ପାଇଁ ବିଧାତାର ହାତ ମଧ୍ୟ ଥରି ଉଠିବ। ଏ ଜାତିର ଗୋଟିଏ ପ୍ରାଣୀ ଗଳାରେ ଛୁରୀ ଚଳାଇବାକୁ କସ୍ତୁରୀ ନୃଶଂସ କଂସାଇର ହାତ ଚଳିବ ନାହିଁ—ଏ ଜାତି ଅଜର—ଅମର—ସନାତନ।

ବେଳେ ବେଳେ ଗୋଟାଏ ଗୋଟାଏ ପିଲାର ହାତ ଦେଖି ବାବାଜି—ହୋ ହୋ କରି ହସି ଉଠନ୍ତି—କହନ୍ତି—ବଞ୍ଚିବ, ବଞ୍ଚିବ—ନିଶ୍ଚୟ ବଞ୍ଚିବ—ଅଲବତ୍ ବଞ୍ଚିବ—ଶହେ ତାର ବଞ୍ଚିବ—ହଜାରେ ବାର ବଞ୍ଚିବ—ଯେ ମରିଜାଣେ, ସେ ବଞ୍ଚି ନ ପାରିବ ତ ଆଉ ପାରିବ କିଏ?

## ଫାସି

ଲେଖକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଲୋକେ ସବୁ ବାବାଜିଟା ପାଗଳ ବୋଲି କହି ସମସ୍ତେ ପଳାଇଲେ। ବାବାଜି ସେହିପରି ହସି ହସି କହୁଥାଏ—ପଳାଅ—ପଳାଅ—ନୋହିଲେ ମରିଯିବ। ଏଠିକି ଯେ ଆସିବ ସେ ମରିବ।

ବାବାଜି ଏକ ଅଦ୍ଭୁତ ଯଜ୍ଞ ଆରମ୍ଭ କଲା। ଗୋଟାଏ ତ୍ରିକୋଣ ଚିତାକୁଣ୍ଡ। ସେଥିରେ ଦିନ ରାତି କେବଳ ମଣିଷ ସମିଧ ଅର୍ପଣ କଲା—ମରା ମଣିଷ। ଗୋଟାଏ ଗୋଟାଏ ମଡ଼ା ପଡ଼େ ଗୋଟାଏ ଗୋଟାଏ ହୋମ କରେ, ପୃଥ୍ୱୀ ଥରି ଉଠେ।

କିଏ କହିଲା ଭଲ ଭଲ ଦେଖୁଛି ବାବାଜି—କିଏ କହିଲା ଗାଁଅଲା ମଣିଷକୁ କୁଣ୍ଡରେ ପକେଇ ଦେଉଛି ବାବାଜି। ପିଲାଏ ଅଝଟ ଧରିଲେ, ମାମାନେ ଡରାଇବାକୁ ଲାଗିଲେ—ହେଇଟି, ମଣିଷ ମରା ବାବାଜି ଆସିଲେଣି—ପିଲା ଧରା ବାବାଜି ଆସିଲେଣି। ଅଘୋରୀ ବାବାଜି ଆସିଲେଣି।

\+ + +

ଦିନକର ରାତିରେ—ଦଶା ଗର୍ଜୁଛି। ଜୟନ୍ତର ଘର ଦୁଆରେ କିଏ ହାତ ମାରୁଛି। ଜୟନ୍ତର ମା କବାଟ ଖୋଲି ଦେଲା ସେମିତି—ଖାଇଲା ଲୋ ମା—ଚମକି ପଡ଼ି ଚିତ୍କାର କରି ଉଠିଲା। କିନ୍ତୁ ଜୟନ୍ତ—୧୨ ବର୍ଷର ଜୟନ୍ତ—ଧାଇଁ ଆସିଲା।

'କିଏ?' ଜୟନ୍ତ ପଚାରିଲା।

'ମୁଁ' ଉତ୍ତର ଆସିଲା।

'ତମେ କିଏ?' ଜୟନ୍ତ ପୁଣି ପଚାରିଲା।

'ମୁଁ ମରଣ'।

'କ'ଣ ଚାହିଁ?'

'ତୋତେ ଚାହେଁ।—ତୁ ମରି ପାରିବୁ।'

ମା କହି ଉଠିଲା—ମୋ ପୁଅକୁ ଖାଇଗଲା ହୋ ଧାଇଁ ଆସ।

'ଚୁପ୍!' ଗୋଟାଏ ପଦରେ ମା ଚୁପ୍ ରହିଲା।

'ମୁଁ ମରିବି!' ଜୟନ୍ତ କହିଲା। 'ମୁଁ ଅଜଥା ମରି ପାରିବି ନାହିଁ କିନ୍ତୁ।'

"ଆସ ମୋ ସଙ୍ଗରେ ଆ।"

ଜୟନ୍ତ ଚାଲିଲା।

ମା ଡାକିଲା—ଜୟନ୍ତ! ଜୟନ୍ତ!

କେହି ଶୁଣିଲେ ନାହିଁ—ତାର ପ୍ରତିଧ୍ୱନିଟା କେଉଁପରି ଦୁଇଗୁଣ ଚାରିଗୁଣ ହୋଇ ସେ ଦିଗରୁ ଆସୁଥିଲା—ଯେଉଁ ଅନ୍ଧାରକୁ ଜୟନ୍ତ ଚାଲିଥାଏ, ସେଇ ଅନ୍ଧାର। ଜୟନ୍ତ ଯେପରି ଅଧିକ ହୋଇ ସେ ତାର ପଛରେ ଛୁଟିଥାଏ।

'ଏହିଠି—ଏଇ କୁଣ୍ଡଟା—କେତେ ବର୍ଷ ଗଲାଣି— ତୋର ଜନ୍ମ ନାହିଁ—ତୋର ବାପ ଦିଲା—'

'କ'ଣ ହେଲା?'

Digitized by srujanika@gmail.com

'ଗରମ ଲାଗୁନାହିଁ ତୋତେ ?'

'ନା !'

'ଥଣ୍ଡା ଲାଗୁନାହିଁ ତୋତେ ?'

'ନା !'

'ଅଠାଇଅ ଲାଗୁନାହିଁ ତୋତେ ?'

'ନା !'

'ହା—ହା—ହା—ଲାଗିବ—ଆଉ ଟିକିଏ ଅଳ୍ପ ଧର ।'

ଭେଲଭା ମାରିଦେଲା ତାକୁ ।

'ଏମିତି ଶୁଣି ଯୋଗା ହୋଇଥିଲା—ଭୋକିଲା ପରେ ଚୋଟିଏ ଏଠି ଠେଙ୍ଗା ହେଲେ—'

ଝଙ୍ଗା ହେଲେ ?'

'ହିଁ—ତା ଉପରେ ଗୁଳି ବସିଲା—ଏତେ ସର ଏତେ ଅହଲ୍ୟା ! ମଡ଼ା ଉପରେ ଖୋରଡ଼ ମାଡ଼ ।'

'କାହା ଉପରେ ?'

'ତୋର ବାପ ଗୋସାପ—ତୋର ବଡ଼ା ଭଡ଼—ଏଇଠି ମରିଛନ୍ତି—ଏଇଠି ହାଣ ଖାଇଛନ୍ତି—ଏଇଠି ରକ୍ତ ନଈ ବହି ଯାଇଛି । କାହୁଁ ଫାଟିଲା ପର ରକ୍ତ ଠେଲା ଫାଟି ଅଁ କରିଥିଲା—ତୋତେ ଗରମ ଲାଗୁ ନାହିଁ ?—ତୋତେ ଥଣ୍ଡା ଲାଗୁନାହିଁ—ତୋ ଗୋଡ଼ରେ ରକ୍ତ ଚକଟା ମାଲୁମ ହେଉ ନାହିଁ ?'

'ହିଁ—ହିଁ—ହୁଁ—'ଜମ୍ବୁକ ଥର ଉଠିଲା ।

'ତୁ ମର ପାରୁ ? ତୋ ବାପ ଦାଦ ମରିଛନ୍ତି—ତୁ ପାରୁ ନାହିଁ—ଏହି ଫାସି କାଠରେ ମୃତ୍ୟୁ ଝୁଲାଇ ପାରୁ ନାହିଁ ?'

'ହିଁ ପାରିବ ।'

'ତାହେଲେ ତୁ ବଞ୍ଚ ଜାଣୁ, ବଞ୍ଚାଇ ଜାଣୁ, ମୁଁ ଯାଉଛି ।'

× × ×

ଅତ୍ୟାଚାର, ଅନ୍ୟାୟ, ଯଥେଚ୍ଛାଚାର, ଶୋଷଣ—ଆଉ ଭଷା ନାହିଁ । ଖାଇବାକୁ ନାହିଁ—ପିଇବାକୁ ନାହିଁ—ପିନ୍ଧିବାକୁ ନାହିଁ—ରୋଗ ପାଇ ଔଷଧ ନାହିଁ—କେବଳ ଦେବୁ, ଜଣକର ବଜାର ପାଇଁ, ମଜକ ପାଇଁ ଲକ୍ଷ ଲକ୍ଷ ଲୋକ ଉପାସ ରହିବେ ଖଟିବେ—ସ୍ବା ଆଉ କେତେ କାଳ ସହିବ ମଣିଷ ?

ପାଇକ ବିଦ୍ରୋହର ଶହେବର୍ଷ ପରେ । ପୁଣି ଥରେ ଭୁଇଁଟା ଟେଉଁ ହଠିଲା । ଗର୍ଜି ଉଠିଲା, ଭେକ—ଭେକ—ଭେକ । ଏତେ ବଡ଼ ହାଁ—ପୃଥିବୀଟା ଗିଳିଯିବ କି ଆଉ ।

କେହି ଶୁଣିଲେ ନାହିଁ । ଓଲଟି ପ୍ରହାର ହେଲା—ଗୁଳି ଚାଲିଲା । ଭୈରବୀ ନାଚ ଉଠିଲେ—ରକ୍ତରେ ତାଙ୍କ ଶୁଖିଲା—ମେଁ ଭୁଖାହୁଁ । ମଣିଷ ମଲେ । ଅଧିକ ଦୁର୍ବଳ ମଣିଷ ମରିବାରେ ଲାଗିଲେ—ଅପରାଧ—କ୍ଷୁଧା । ଖାଲି ପେଟରେ ଦୁନିଆରେ କାହାର ବଞ୍ଚ ରହିବାର ହକ୍ ନାହିଁ ।

ଏଥର କିନ୍ତୁ ଖାଇବାକୁ ହେବ, ବଞ୍ଚିବାକୁ ହେବ । ଖାଇ ବଞ୍ଚିବାକୁ ହେବ, ବଞ୍ଚିବା ପାଇଁ ଖାଇବାକୁ ହେବ । ନୋହିଲେ—ନୋହିଲେ—ମରିବା ଭଲ । ମରିବା ଉଚିତ ! ସମସ୍ତ ଉପରେ କ୍ଷୁଧାର ରାକ୍ଷସ ଉନ୍ମତ୍ତ ହୋଇ ଡେଇଁଲା । ସେ ଆଉ ସମାଜ ପାରିଲା ନାହିଁ । ତାର ସେଇ ପୀଡିତ ଶରୀର ଉପରେ କେତେ ଦଦଗଣ୍ଡ ସେ ସହିବ ?

ତା ହାବୁଡ଼ରେ ଆସି ଜଣେ ପୂର୍ଣ୍ଣଉଦର ମନୁଷ୍ୟ ପଡ଼ିଗଲା । ସେ ମନୁଷ୍ୟତ୍ୱକୁ ପାସୋର ଦେଇ ତାକୁ ଗର୍ଭରେ ପକାଇ ଦେଲା । ସତେ, ଉନ୍ମତ୍ତ ରାକ୍ଷସ ନାଚିଥିଲା ।

କିନ୍ତୁ ପୁଷ୍ଟ ସବଳ ଲୋକଙ୍କ ସମାଜ ନଭଃ-ରେ କ୍ଷୁଧାର୍ତ୍ତ, କ୍ଷୀଣ ଦୁର୍ବଳ ଦଳ ପରାସ୍ତ ମାନିଲେ ।

+ + +

ଜମ୍ବୁକ ବନ୍ଦୀ । ତାର ଫାଶି ହୁକୁମ ହୋଇଛି । ସେ ଗୋଟାଏ ଖାଇଲା ହୁଅ ମାତ୍ର ପକାଇଛି । ମାରିନାହିଁ—ଅସ୍ତ୍ର ରକ୍ଷାର ତାଡ଼ନାରେ—କ୍ଷୁଧାର ପ୍ରରୋଚନାରେ ସେ ଗୋଟାଏ ପୁଷ୍ଟ ସବଳକୁ ମୃତ୍ୟୁ ମୁଖରୁ ରକ୍ଷା କରିନାହିଁ ।

ହେଲା ଫାସି ହୁକୁମ ।

ସାହେବ ହାକିମର କଲମ ଥରିଲା ନାହିଁ ।

ଫାସି ହେଲା—

ପଇସାଖିଆ ଘାତକର ହାତ ଥରିଲା ନାହିଁ ।

ଫାସି କାଠରେ ସେ ଝୁଲି ପଡ଼ିଲା ।

ତାର ଡାକ କଣ କାହାର ଛାତି ଥରାଇନାହିଁ ?

ତଥାପି ବାବାଜି କହି ଯାଉଛି—ଏ ଜାତି ମର ଜାଣେ, ବଞ୍ଚ ପାରିବ ନାହିଁ ? ଏ ଜାତି ଅଜର, ଅମର, ସନାତନ ।

## ବହୁତ୍ ରତି ମୋଦକ

ଏହା ଦୁର୍ବଳ ସ୍ତ୍ରୀ ମାନଙ୍କ ଶୀଘ୍ର ସବଳ କରିବା ସନ୍ତାନ ଉତ୍ପାଦିକା ଶକ୍ତି ଅଣିଦିଏ । ଯାହାଙ୍କର ବଂଶରକ୍ଷାପାଇଁ କାମ୍ୟ କର୍ମ କରିବାର ଇଚ୍ଛା, ସେ ବଳବାନ୍ ସନ୍ତାନ କୋଳରେ ଧରିବାକୁ ସୁବିଧାନ୍ତ, ସେମାନେ ଏହା ଶୀଘ୍ର ସେବନ କରନ୍ତୁ ।

ମୂଲ୍ୟ:—ସେ ୧ବଲୁ ୫୨୯ ପେଂଏରକୁ ୫୩୪ ସେଂ । କୁ ୫୨୯ ।

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏର୍ ଏମ୍ ପି

**ଦରିଦ୍ରବନ୍ଧୁ ଔଷଧାଳୟ**

ଶଗଡ଼ପଡ଼ା । ପୋ । ଭୋଠାର । ଜି । ବାଲେଶ୍ୱର

ଶୁକ୍ର ତାରଲ୍ୟ ଓ ଧ୍ୱଜ ଭଙ୍ଗ ପାଇ

## ବହୁତ୍ କନ୍ଦର୍ପମୋଦକ

ଏହା ତରଳ ଧାତୁ ଗାଢ଼ କରଏ, ଏବଂ ବଳ, ମାଂସ ଓ, ରତି ଶକ୍ତି, ହଜମ ଶକ୍ତି ଆଦ ଶୀଘ୍ର ବଢ଼ାଇ ଦିଏ ।

ମୂଲ୍ୟ:—ସେ ୧ ବଲୁ ୫୨୯ ପେଂଏର କୁ ୫୩୪ ସେଂ । କୁ ୫୨୯

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏର୍ ଏମ୍ ପି

**ଦରିଦ୍ର ବନ୍ଧୁ ଔଷଧାଳୟ**

ଶଗଡ଼ ପଡ଼ା ପୋ, ଭୋଠାର ଜି, ବାଲେଶ୍ୱର

Digitized by srujanika@gmail.com



କଂଗ୍ରେସ, ମୁସଲିମଲିଗ ଓ ରାଜନ୍ୟବର୍ଗଙ୍କ ଭିତର ବିରୋଧରୁ ଭାରତବାସୀଙ୍କୁ ହିଁ ନେଣ୍ଟାଇ-ବାକୁ ହେବ ।—ଜାଷ୍ଟଲାଣ୍ଡଙ୍କ ଭାଷଣ ।

...ତେବେ କେବଳ ଲୁଟା ଧର ଛଣ୍ଡାଉ ଥାଅ !

କଂଗ୍ରେସର ବିବେଚନା ଉପରେ ଭାରତର ଭବିଷ୍ୟତ ନିର୍ଭର କରେ ।—ଜାଷ୍ଟଲାଣ୍ଡ ।

...ଆଉ କଂଗ୍ରେସମାନଙ୍କର ପ୍ରସ୍ତାବନା ଉପରେ ମଧ ।

ସ୍ୱାମୀ ସହଜାନନ୍ଦ ଭାରତରକ୍ଷା ଆଇନରେ ଗିରଫ ହୋଇଛନ୍ତି ।—ସଂବାଦ ।

...ନାମଟା ସହଜାନନ୍ଦ—ଜେଲ ଯିବାଟା ବି ସହଜ ଆନନ୍ଦ ।

'ସପନର ବଇଭବ ନେଇ'—କବିତା ପଂକ୍ତି—ସହକାର ।

...'ତୁମେ ଯେବେ ଆସିଥିଲ'—ଚକିଅ ଶୁଣାଉଥିଲ ଶୋଭ ।

'ସପନ ଫୁଲ ଗୋ ଫୁଟେ'—ସହକାରରେ କବିତା ।

...ଫଳ ଫଳେନାହିଁ ଲାଜଯାଉ ମୋର ରଙ୍ଗ ଶୁଖିଯାଏ ଓଠେ ।

'ଘସ୍ମାର ମାସ୍ତା'—ସହକାର କବିତା ।

...ଅରେ ବାପ୍-ଜାସ୍ତା ପାଇଲେ କ'ଣ ବୋଲି କ'ଣ କରି ପକାଇବେ ସେ ।

'ଡାକ୍ତରେ ନିବାରଣ'—ପ୍ରବନ୍ଧ ।

...ଡାକ୍ତ ଫୁଟାଇଦେବା ।

ଶ୍ରୀ ପ୍ରାଣନାଥ ଓ ଶ୍ରୀ ଗୋକୁଳ ଭାଇ ଦୁହିଁଙ୍କୁ ଭାରତ ରକ୍ଷା ଆଇନରେ ଯେଉଁ ସଜା ହୋଇ-ଥିଲା, ହାଇକୋର୍ଟ ଅପିଲରେ ତାହା କମାଇ ଦିଆଯାଇ ତାଙ୍କୁ ଛାଡ଼ ଦିଆ ଯାଇଛି—ସମାଦ

...ସେମାନେ ନିଶ୍ଚୟ ପେଟ୍ ହୋଇଥିବେ ।

ତେଣୁ ସରକାରଙ୍କର ବେଶୀ କ୍ଷତି ହେଲା । ବ୍ୟାପକ ଆଇନ ଅମାନ୍ୟ ହେବ ନାହିଁ ।

—ମହାତ୍ମାଜୀ

...ପରଦା ପଡ଼ାଇ ଆନ୍ଦୋଳନ ହେଉ ।

ଏବେ ହେଲେ ସ୍ୱାଧୀନତା ଆସିବ କି ?

—ସମାଜ ସମ୍ପାଦକୀୟ ।

...ଭଗବାନ ଜାଣନ୍ତି—ସମାଜର ଅସ୍ତ ।

ଦେଶ ପ୍ରତି ଆପଣଙ୍କ କର୍ତ୍ତବ୍ୟ କ'ଣ ?

—ଡାକ୍ତର ।

...ଘରେ ବସି ଜନ ସଂଖ୍ୟା ବୃଦ୍ଧି କରିବା ।

ଦୋଷ କାହାର ?—ସମାଜ ଅଗ୍ରଲେଖା ।

...ଗୋଲାମ ଉପାଦାନର ।


# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ଆୟୁର୍ବେଦ ରସାୟନଙ୍କ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ସର୍ବାଙ୍ଗରେ ଜ୍ୱାଳା ଶରୀରର ଅବସାଦ, ସ୍ପର୍ଶେନ୍ଦ୍ରିୟର ବେଦନ ଅଲସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗ-ମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮ **ଭ୍ରାମରୀ ତୈଳ:**— ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକଶିଶି ୫।୮ଙ୍କା ମାତ୍ର । କାୟାକଳ୍ପ ଔଷଧାଳୟ ବୈଦ୍ୟରାଜ

:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ
ଆଲମଚାନ୍ଦ ବଜାର, କଟକ ।

# ଅଗ୍ନେୟ ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ଯେପରି ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅବାଲ୍ୟରୁ କୋଷ୍ଠ କାଠିନ୍ୟ ରୋଗ ଭୋଗୁଛନ୍ତି, ସେମାନେ ଆମ୍ଭର ଏହି ମୋଦକ ଦୈନିକ ରାତ୍ର ଶୋଇବା ସମୟରେ ଗୋଟିଏ ଲେଖାଏ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟର କୌଣସି ଉତ୍ତେଜନା ନକରାଇ ସକାଳେ ଭଲ ଭାବରେ ଗୋଟିଏ ଯୋଗସି ହୋଇଯିବ ତରଳ ହେବନାହିଁ । ଅଉ ମଧ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଦ ବୃଦ୍ଧି, ଜ୍ୱର, ପ୍ଲୀହା ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ତାହାକୁ ସାଧାରଣ ଧାରାରେ ପକାଇ ଦିଏ । ପରେ ଔଷଧ ସେବନ ନିକଟରେ ମୁକ୍ତ ନିର୍ଭିତ ହୋଇଥାଏ । ମୂଲ୍ୟ ୧୫ମାତ୍ରାକୁ ୫।୮ ୩୦ ମାତ୍ରାକୁ ୫।୧୦

ଠିକଣା:—ଶ୍ରୀପତି ଗିରିବର ଆଚାର୍ଯ୍ୟ, ଭୁବନେଶ୍ୱର—ପୁରୀ


Digitized by srujanika@gmail.com

# ଡଗର ୨୦ଶ ଶବ୍ଦଧନ୍ଦା ପ୍ରତିଯୋଗୀତା

**ବିନା ମୂଲ୍ୟରେ 'ଡଗର' ପାଠକମାନେ ଟ୧୦ଙ୍କା ପୁରସ୍କାର ପାଇ ପାରିବେ । ଶେଷ ତା ୩୦-୬-୧୯୪୦ ରିଖ**

**ଶେଷ ତାରିଖ ଘୁଞ୍ଚିଗଲା ୩୦-୪-୪୦ ରୁ ୩୦-୬-୧୯୪୦**

## ସିଧା ଭାବେ

୧ । ଯେଉଁ ଦେଶ ଫିନଲ୍ୟାଣ୍ଡକୁ ଗ୍ରାସ କରିବାରେ ଲାଗିଛି ।

୩ । ଏହା ଲୋକରେ ଅନେକ ଅସୁନ୍ଦରୀ କନ୍ୟାକୁ ବିବାହ କରିଥାନ୍ତି ।

୫ । ଜର୍ମାନର ଧ୍ୱଂସ ଏବଂ ବ୍ରିଟେନର ଶୋଷଣ ଯୁଦ୍ଧ ଶେଷରେ ଏହା ହେବାର ଆଶା ।

୭ । ଏହାକୁ ବଦଳାଇ ଦେଲେ ଯେଉଁ ଉପଦ୍ୱୀପର ନାମ ହେବ ତାହା 'ଋଷିଆର' ଦ୍ୱିତୀୟ ଶୀକାର ହୋଇପାରେ ।

୯ । ଏ ବ୍ୟକ୍ତି ଲୋକ ସହିତ ଅଧିକ ସମୟ କଥାବାର୍ତ୍ତା କଲେ ଅଧିକାଂଶ ଲୋକେ ଆପେ ବିରକ୍ତ ହୋଇ ପଡ଼ିବେ ।

୧୦ । ଏହା ଏକ ଅସଲ ପୁଂଲିଙ୍ଗ ବାଚକ ଶବ୍ଦ ।

୧୪ । ବର୍ଷାଗମରେ ଯାହାର ଶୋଭା ଲୋକମାନଙ୍କର ଅନ୍ତଃକରଣ ମନୋରମ ହୋଇଯାଏ ।

୧୫ । ଏହା ହୋଇଗଲେ ଅନେକ ଖାଇବା ଜିନିଷ କିଣିବାକୁ ମନ ହୁଏନାହିଁ ।

୧୬ । ଏପରି କଥା ଅଯାଚିତ ଭାବରେ କହିଲେ ତାର ମୂଲ୍ୟ ନଥାଏ ।

| | | | | | | |
|---|---|---|---|---|---|---|
| ୧ ର | (ସା) | ■ | ୨ | ■ | ୩ | ୪ ମ |
| | ■ | ୫ | ର | ୬ | ■ | |
| ■ | ୭ | ଣ୍ଡି | ସ୍ଥା | ନେ | ୮ ଅ | ■ |
| ୯ | ଡ଼ା | ■ | ର | ■ | ୧୦ | ୧୧ ଅ |
| ମା | ■ | ୧୨ | ■ | ୧୩ ପା | ■ | ର |
| ଭ | ■ | ୧୪ ମ | ଧୁ | | ■ | |
| ୧୫ ବା | | ■ | ■ | ■ | | ୧୬ ତ |

ନାମ ______________________

ଠିକଣା ______________________

କେତୋଟି ଉତ୍ତର ______________________

## ଉପରତଳ ଭାବେ

୧ । ଯାହା ପାଇଁ ସୂର୍ଯ୍ୟରେ ସବୁ ଗୋଳ ।

୨ । ପ୍ରକୃତରେ କାମିକା ଲୋକ ଏ[illegible]ରୁ ଗୃହିଁ କୌଣସି କାମ କରେ ନାହିଁ ।

୪ । ଏହା ଦୃଢ଼ ନ ହେଲେ ରାଜନୀତିରେ ପଶିବା ଉଚିତ ନୁହେଁ ।

୫ । ବେଶୀ ଘସି ହେଲେ ଦେହରେ ଏହା ବସିଯାଏ ।

୬ । ଲେଉଟାଇ ଦେଲେ 'ନେତ' ହେବ ।

୭ । ବେଶୀ ଏହା ହେଲେ ପ୍ରେମ ଡୋରି ଛିଡ଼ିଯିବ !

୮ । ବର୍ତ୍ତମାନ ସରକାର ଯାହା ପ୍ରେମ ଭୁଲି ପାରୁ ନାହାନ୍ତି ।

୯ । ଉଚ୍ଚାଭିଳାଷୀ ବ୍ୟକ୍ତି ହେତୁ ଠକୋ ଏହା କରିବାକୁ ଗୃହେଁ ।

୧୧ । ଓଡ଼ିଶା କଂଗ୍ରେସ ନେତାଙ୍କର ନୀତି ଓ ଦୃଶ୍ୟ ମନୋବୃତ୍ତି କଣ ଭଗବାନଙ୍କର ଏହା ନୁହେଁ ?

୧୨ । ଆଗରୁ ଏହା ନ ବୁଝି କୌଣସି ଜିନିଷ କିଣିବା ଉଚିତ ନୁହେଁ ।

୧୩ । ନଈ ନ ଦେଖିବା ଲୋକ ନଈ— ନ ହେଉଣୁ ଲଙ୍ଗଳା ହୁଏ ।

---

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏଁ ଅକ୍ଷର ବସି କଳା ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ କିନ୍ତୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନୋଟା ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ମୋଦକଙ୍କଠାରେ ରକ୍ଷିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଲୋକଙ୍କୁ ସମସ୍ତ ପୁରସ୍କାର ୫୧ ପାଇବ । ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକୀ ୫୧ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରା ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

କେବଳ ଡଗରରେ ଛପା ହୋଇଥିବା କୁପନ ପୂରଣ କରି ଯେ କେହି **ବିନା ଫିସରେ** ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବେ ଓ ଏହାରୁ ଅଧିକ ଉତ୍ତର ଦେବାକୁ ଇଚ୍ଛା କଲେ ପ୍ରଥମ ଖଣ୍ଡିକ ଡଗର କୁପନରେ ଦେବେ ଓ ପରବର୍ତ୍ତୀ ଯେତେ ଇଚ୍ଛା ସେତେ ଉତ୍ତର **ସାଦା କାଗଜରେ** ଘର କାଟି ଦେଇ ପାରିବେ । ମାତ୍ର **ପ୍ରତ୍ୟେକ** ସାଦା କାଗଜ ଉତ୍ତର ପାଇଁ **ଦୁଇ ପଇସାର ଡାକ ଟିକଟ** ସେଥିସଙ୍ଗେ ପଠାଇବାକୁ ହେବ । ଅନ୍ୟାନ୍ୟ **ନିୟମ, ପୂର୍ବବତ୍** । ଠିକଣା—"ଡଗର" ପୋ: **ଭାଲପଦା,** (ଭଦ୍ରକ ।)

Digitized by srujanika@gmail.com

# ବହିପତ୍ର



**ସହକାର—୧୧ ଓ ୧୨ ସଂଖ୍ୟା**

ଏକସଙ୍ଗରେ ଦୁଇଟା ଲେଖାଏଁ ସଂଖ୍ୟା ଗଡ଼ିଦେବା ଯେଉଁଟା ସବୁ ଓଡ଼ିଆ କାଗଜ-ଙ୍କର ଅଛି । କିନ୍ତୁ ବେଶୀ ହେଲେ ଅସୁନ୍ଦର ଦିଶେ । ମାତ୍ର ଦୋଷ କାର ? ସହକାରର ସମ୍ପାଦକ ଓ ସାରସ୍ୱତ ପ୍ରେସର ମାଲିକଥିବା ବ୍ୟକ୍ତିଙ୍କ ମନରେ ସହକାରର ଉଚ୍ଚୁଶ୍ରାପ୍ତି ଗ୍ରାହକମାନେ ଭାବିବାକୁ ସମସ୍ତ ଦେଉଛନ୍ତି ଯେ, ସହକାର ପାଇଁ ପ୍ରେସ, ନା ପ୍ରେସ ପାଇଁ ସହକାର ? ପ୍ରେସ ବନାମ ପତ୍ରିକାର କଳହରେ ଦେଖାଯାଏ ଯେ ପ୍ରେସ ପୋଷାଏ କିନ୍ତୁ ପତ୍ରିକା ଶୋଷେ । ତେଣୁ ପ୍ରେସର ଲୋକପ୍ରିୟତାର ସ୍ଥାନ ପତ୍ରିକାର ଲୋକପ୍ରିୟତାଠାରୁ ଉପରେ ।

● ପ୍ରବନ୍ଧଗୁଡ଼ିକ ମଧ୍ୟରେ ଅସ୍ପୃଶ୍ୟ ଏବଂ ଅର୍ଟ ଓ ସୃଷ୍ଟି ଭଲ ଲାଗିଲା । ଅସ୍ପୃଶ୍ୟରେ Sigmund Freudଙ୍କ ମନସ୍ତତ୍ତ୍ୱର ଅବତାରଣା ହେଲେ ମଧ୍ୟ ଲେଖା ପ୍ରଣାଳୀରୁ ଲେଖକଙ୍କର ବିଷୟ ଉପରେ ଅଧିକାର ଥିବାର ଜଣାଯାଏ । ଅର୍ଟ ଓ ସୃଷ୍ଟିର ଲେଖକ, କଳା ଯେ କେବଳ ପ୍ରକୃତିର ଅନୁକରଣ ନୁହେଁ ଏହି ସତ୍ୟକୁ ଅଧାର କରି ଲେଖିଛନ୍ତି । ଲେଖା ପାଣ୍ଡିତ୍ୟପୂର୍ଣ୍ଣ ଏବଂ ପରିଶ୍ରମ ସାପେକ୍ଷ । କିନ୍ତୁ ଉଦାହରଣ ଗୁଡ଼ିକ ଅନେକ ସମୟରେ ବ୍ୟାଖ୍ୟା ବା ଅନୁବାଦ ନ ହେବାରୁ ଉପଭୋଗ୍ୟ ସହିତ ସମ୍ପର୍କ ସ୍ଥାପନ କରୁନାହିଁ ବା ସମ୍ପର୍କଟା ସାଧାରଣଙ୍କର ସହଜ ବୋଧ-ଗମ୍ୟ ହେଉନାହିଁ ।

ସାହିତ୍ୟିକ ଆଲୋଚନା ଗୁଡ଼ିକ ମଧ୍ୟରେ 'ଗୋବିନ୍ଦ ବାବୁ ଗୁରୁଙ୍କ କବିତା'ଟି ଉପାଦେୟ । 'କିନ୍ତୁ ଓଡ଼ିଶାର ଗଦ୍ୟ ସାହିତ୍ୟ ଓ କାଳିନ୍ଦୀ ଚରଣ'ର ଲେଖକ କ'ଣ ଯେ ଲେଖିବାକୁ ଯାଉଛନ୍ତି ବୁଝି ହେଉ ନାହିଁ । ଓଡ଼ିଆ ଗଦ୍ୟ ସାହିତ୍ୟର ଇତିହାସ ନା କାଳିନ୍ଦୀଙ୍କର ପ୍ରଶସ୍ତି ଭିତରୁ କେଉଁଟି ମୁଖ୍ୟ ଓ କେଉଁଟି ଗୌଣ ତା ଲେଖକଙ୍କୁ ସବୁଠାରୁ ଭଲ ଜଣା ଥିବ—ଆମକୁ ନୁହେଁ ।

କବିତା ଗୁଡ଼ିକ ମଧ୍ୟରେ 'ମାଗଣିଆ' ଓ 'ମନସ୍ଥ ହସ୍ପିଟାଲ'ର ସୀମା କ୍ଷୁଦ୍ର ହେଲେ ମଧ୍ୟ ଲେଖକ ଦ୍ୱୟଙ୍କ ଲେଖା ଚମତ୍କାରିତାରେ ଧରିବାର ଅଳ୍ପ ପରି ଲାଗିଲା । ଛାତ୍ରୀର ମାଆ ଓ ସପନ ଫୁଲ ଫୁଟେ, ଫାଙ୍କା ଅର୍ଣ୍ଣ୍ୟାନ । ମହାଦାଉର ଲେଖକଙ୍କୁ ଆମ୍ଭେମାନେ ତାଙ୍କର ଗ୍ରାମ୍ୟ ଭାଷାର ମଧୁମୟ ଅଭିବ୍ୟଞ୍ଜନା ନିମନ୍ତେ ସାଦର ଅଭିନନ୍ଦନ ଜଣାଉଛୁଁ । 'ଯୌବନ'କୁ ଯେ ଏତେ ଉଚ୍ଚସ୍ଥାନ ଦେଉଥିବାରୁ କାହିଁକି ଦେଇ-ଛନ୍ତି ଆମେ ବୁଝି ପାରିଲୁନାହିଁ । ଯୌବନ ତାଙ୍କର ତଳ ପଡ଼ିଲାଣି କି ?!

ଉଦ୍‌ଭ୍ରାନ୍ତ ପଦ୍ୟଟି ଖୁବ୍ ଭଲ ଲାଗିଲା । ଲେଖକ (ବୋଧହୁଏ) ପ୍ରଥମ କଲମ ଚାଳ-ନାରେ ହିଁ ଖୁବ୍ ଯଶସ୍ୱୀ ହୋଇଛନ୍ତି । ଭବି-ଷ୍ୟତ ଉଜ୍ଜ୍ୱଳ ହେଉ ।

ଗଳ୍ପ ଗୁଡ଼ିକ ମଧ୍ୟରେ ଛନ୍ଦପତ୍ର ଓ ସ୍ମୃତିର ଅଭିଶାପ ଚମତ୍କାର ହୋଇଛି । ଛନ୍ଦ ସ୍ମୃତିର ପ୍ଲଟ୍‌ଟା ପଚା ଓ ପୁରୁଣା—କିନ୍ତୁ କୋମଳ କଳାମୟ ହାତରେ ସଜା ହେଲା ପରି ବୋଧ ହେଉଛି । ତେଣୁ ହୃଦୟକୁ ସ୍ପର୍ଶ କରୁଛି, ମନ ପ୍ରାଣକୁ ଛୁଉଁଛି ।

**ପୂର୍ଣ୍ଣିମା**—ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା ପାଇ ସମ୍ପାଦକ ଶ୍ରୀ ରାଜକିଶୋର ସାହୁ ମହାଶୟଙ୍କୁ ଧନ୍ୟବାଦ ଜଣାଉଛୁଁ । ସମ୍ପାଦକ ତାଙ୍କ 'ଫାଇଲ' ରୁ କାଢ଼ି ଜଣାଇଛନ୍ତି, ଯେ ପତ୍ରିକାର ଉଦ୍ଦେଶ୍ୟ ଜ୍ଞାନ ପ୍ରଚାର ଓ ସାହିତ୍ୟ ଚର୍ଚ୍ଚା । ରାଜନୈତିକ ଆଲୋଚନା ଏ ପତ୍ରିକାରେ ହେବ ନାହିଁ । ସମ୍ପାଦକେ ବୋଧହୁଏ ଜାଣନ୍ତି ନାହିଁ ଯେ ରାଜନୀତି ସାହିତ୍ୟର ଗୋଟିଏ ପ୍ରଧାନ ଅଙ୍ଗ—ବରଂ ସବୁ ପ୍ରଧାନ ଅଙ୍ଗ । ରାଜନୀତିକୁ ବାଦ୍ ଦେଇ ସାହିତ୍ୟ ହୋଇ ରହି ନ ପାରେ । ଖାଲି ସ୍ୱଭାବ ପ୍ରେମଗୀତ ଓ ପ୍ରେମ କବିତାଟା ସାହିତ୍ୟ ନୁହେଁ । ମନୁଷ୍ୟର ଜୀବନ ସହିତରେ ଯାହାର ଘନିଷ୍ଠ ସମ୍ବନ୍ଧ ତାହାହିଁ ସାହିତ୍ୟ । ଆଧୁନିକ ମାନବର ଜୀବନରେ ରାଜନୀତିର ଘନିଷ୍ଠତା ସର୍ବାଧିକ । ତେଣୁ ରାଜନୀତି ଛଡ଼ା ସାହିତ୍ୟ ଚର୍ଚ୍ଚା ଦ୍ୱାରା ପ୍ରକୃତ 'ଜ୍ଞାନପ୍ରଚାର' ଅସମ୍ଭବ । ପୂର୍ଣ୍ଣିମାର ଦୃଷ୍ଟି ନାହିଁ । ପତ୍ର ଲେଖାଟାରେ ଯାହା ଦେଖିଲୁ—ତହିଁରୁ ସାହିତ୍ୟ ସମ୍ବନ୍ଧରେ ଚର୍ଚ୍ଚା ବା ପ୍ରଚାର ଦିଗରେ ପୂର୍ଣ୍ଣିମା ବିଶେଷ ଅଗ୍ରଗତି କରି ପାରି ମନେ ହେଉ-ନାହିଁ । ତଥାପି ପ୍ରଥମ ଉଦ୍ୟମ ପ୍ରଶଂସନୀୟ । ଭବିଷ୍ୟତରେ ଯଥା ସମ୍ଭବ ତ୍ରୁଟିହୀନ ସଂସ୍କରଣର ଆଶା ରହିଲା ।

**ପାରିଜାତ**—ପୃଥ୍ୱୀରାଜ ହାଇସ୍କୁଲ ପତ୍ରିକା । ଗ୍ରୀଷ୍ମ ଓ ବର୍ଷା ସଂଖ୍ୟା ହସ୍ତଗତ ହୋଇଛି । ଅଧିକାଂଶ ଲେଖା, ହାଇସ୍କୁଲର ଉଚ୍ଚ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର-ମାନଙ୍କ ଦ୍ୱାରା ଲିଖିତ । ଲେଖା ଗୁଡ଼ିକର ସ୍ତର ଛାତ୍ରମାନଙ୍କଠାରୁ ଯାହା ଆଶା କରାଯାଏ ତାଠାରୁ ଢେର ଉପରେ । ଏଥିରୁ କେବଳ ସ୍କୁଲ ନୁହେଁ ବଲାଙ୍ଗିରର ସାହିତ୍ୟାନୁରାଗର ନମୁନା ମିଳେ । ଆମ୍ଭମାନଙ୍କର ବିଶ୍ୱାସ ଉନ୍ନତି-ଶୀଳ ବଲାଙ୍ଗିର, ପ୍ରତିଭା-ପୂର୍ଣ୍ଣ ଶାସକଙ୍କର ଆନୁକୂଲ୍ୟରେ ସାହିତ୍ୟର ଉତ୍ତରୋତ୍ତର ଶ୍ରୀବୃଦ୍ଧି କରିବ ।

ପତ୍ରିକାରୁ ପାଟଣାଗଡ଼ ବା ସମ୍ବଲପୁର ଦାଣ୍ଡରୁ ଲୋକ ମୁଖ ଭାଷାର ଗୋଟିଏ ଅଭାବ ମନେହେଉଛି । ସ୍ଥାନୀୟ ଭାଷାର ଢଙ୍ଗ ଏହି ପତ୍ରିକାରେ ଆଲୋଚିତ ହୋଇ ପାରିଲେ ବଡ଼ ଭଲ ହୁଅନ୍ତା ।

---


ଶ୍ରୀମାନ ପ୍ରଫୁଲ୍ଲ ଚରଣ ଦାସଙ୍କର

**ନବ ଯୁଗର ନୂତନ ଅବଦାନ**

**'ଛାତ୍ର-ସାଥୀ'**

ଶୀଘ୍ର ବାହାରୁଛି

ପ୍ରକାଶକ—

ଅଗ୍ରଦୂତ ସାହିତ୍ୟ ସଂସଦ


Digitized by srujanika@gmail.com




ପ୍ରଫେସର—ପୁତ୍ର ! ତମ ପରୀକ୍ଷା ଖାତାରେ ଦେଖିଲି, ପ୍ରତ୍ୟେକ ଉତ୍ତରରେ ଜାଗେ ଜାଗେ ଉଦ୍ଧୃତ ଚିହ୍ନ ଅଛି, କଥା କଣ କି ?

ସୁରେନ୍ଦ୍ର—ଆମକୁ ଯେତେବେଳେ ବ୍ୟାକରଣ ପଢ଼ାଉଁ ପଢ଼ାଉଁ କହୁଥିଲେ ନା—'ଯଦି କେଉଁଠୁ ଗୋଟିଏ ବିଷୟ ଉଦ୍ଧାର କର, ତେବେ ସେଇଠି ଉଦ୍ଧୃତ ଚିହ୍ନ ଦେବ । ଆପଣଙ୍କ କଥା ମାନି ମୁଁ ଉଦ୍ଧୃତ ଚିହ୍ନ ଦେଇଛି । ଯେଉଁଠି ଯେଉଁଠି ଅଛି ତାହା ଅବିକଳ ବହିରୁ ଉଦ୍ଧାର କରି ଯାଇଛି । × ×

ମଧୁବାବୁ ପୁଅକୁ ଅଙ୍କ ଶିଖାଉ ଶିଖାଉ କହିଲେ, "କହିଲୁ ପୁଅ, ଆମ ଘରର କୁକୁଡ଼ାଟା ଯଦି ନିତି ଗୋଟିଏ ଲେଖାଏଁ ଅଣ୍ଡା ଦେବ; ତେବେ ସାତ ଦିନରେ କେତୋଟା ଅଣ୍ଡା ଦେବ ?

ପୁଅ—ବାପା, ସେ ଛ' ଦିନରେ ଛ'ଟା ଦେବ ବାବୁ, ରବିବାର ଦିନ ତାର ଛୁଟି ।

× × ×

ବ୍ୟାକରଣ ଶିକ୍ଷକ—( ବାର୍ଷିକ ପରୀକ୍ଷା ଅଳ୍ପ ଦିନ ରହିବାରୁ ପିଲାଙ୍କୁ ପ୍ରଶ୍ନ ପଚାରୁଛନ୍ତି) କହିଲ ପିଲାଏ, "କାନମୋଡ଼ା" ଟା କି ପଦ ?

ବୁଦ୍ଧିମାନ ଛାତ୍ର—( କଣ୍ଠସମସ୍ତ ଭାବ ) ସାର୍ ! ସଂଯୋଜକ ଅବ୍ୟୟ; କାରଣ ଏ ପ୍ରଶ୍ନର ଉତ୍ତର ଶୁଣି ଆପଣଙ୍କର ହାତ ଓ ମୋର କାନର ସଂଯୋଗ ହେବ ।

× × ×

ସୁନାପୁଅ—ମା' ! ଆଜି ମାଷ୍ଟ୍ରେ ଯେଉଁ ପ୍ରଶ୍ନଟା ପଚାରିଲେ ତା'ର ଉତ୍ତର ମୁଁ ଆଗ ଦେଇଚି ।

ମା—( ହସି ହସି ) ସୁନା ପୁଅଟିଏ ଏକା । ମାଷ୍ଟ୍ରେ ତୋତେ କି ପ୍ରଶ୍ନ ପଚାରିଲେ କି ?

ସୁନାପୁଅ—ସେ ପଚାରିଲେ—"ମୋର ସୁନାଘଣ୍ଟି କିଏ ନେଇଚି ?" × × ×

ବାପା—ମୂଷା କାହାର ବାହନ କହି ପାରିବୁ କୁନୁ ?

କୁନୁ—ମଲା, ଆମ ସେଇ କାଳ ବିରାଡ଼ିର ।

ପୋଲିସ ସା'ହେବ ଧରିଯାଇ ଚୋରକୁ ପଚାରିଲେ, "ତୁ ସେ ମହାଜନଟା ଘରେ କିପରି ପଶିଲୁ ?"

ଚୋର—ଆଜ୍ଞା ! ସେଟା ହେଲା ମୋର ବ୍ୟବସାୟ । ଆପଣଙ୍କୁ କହିଦେଲେ ଆପଣ କ'ଣ ଆଉ ଛାଡ଼ିବେ ?

× × ×

ବାବୁଆଣୀ—ହରିଆ ! ଯା ବଜାରରୁ ଗୋଟେ ଦିଆସିଲି ଦେଖି କରି ଆଣିବୁ ।

ହରିଆ ଦୋକାନରୁ ଗୋଟେ ଦିଆସିଲି କିଣି ସବୁ କାଠି ଗୁଡ଼ିକୁ ଗୋଟି ଗୋଟି କରି ଜାଳି ପୋଡ଼ା କାଠି ଗୁଡ଼ିକ ଦିଆସିଲିରେ ପୁରାଇ ଘରକୁ ଆସିଲା । ବାବୁଆଣୀ ଦେଖିଲେ ଜାଳିଲେ ଯେ ଜଳୁନାହିଁ । ସେଥୁ ହରିଆକୁ ପଚାରିବାରୁ ହରିଆ କହିଲା—"ହଁ ମା ! ମୁଁ ସବୁ କାଠି ଗୁଡ଼ିକ ଜାଳି, ଦେଖି କରି ଆଣିଚି । × × ×

'ବଣୀ'


## ଜ୍ୱର ଓ ପ୍ଲୀହା ପାଇଁ
### ଅମୃତାଷ୍ଟକ କଷାୟ
### ଓ
### କଳ୍ପଲତା (ବଟୀକା)

ସର୍ବଶ୍ରେଷ୍ଠ ବୋଲି ବହୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ କେବଳ କିଣିକି ପରେ କହନ୍ତୁ—

ଆପଣଙ୍କର ଗୃହଚିକିତ୍ସକ କିଏ !

## ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା' କେବଳ ଶିଶୁକୁ ନିଜ ରକ୍ତ ବିନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ତେଣୁ ୨୧୫ ବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସର୍ବ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପକ ଶିଶି ସହ ଥାଏ । ମୂଲ୍ୟ—୫ •୫

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ନଡାକି ଚିକିତ୍ସା କରି ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M. L. A. ପୋ: ବେଦପାଟଣା—କଟକ ।


Digitized by srujanika@gmail.com

# ଚିଠି

**ମହାପୁରୁଷ ଚେମ୍ବରଲେନ୍,**
୧୦ ଡାଉନିଂ ଷ୍ଟ୍ରୀଟ, ଲଣ୍ଡନ।

ପ୍ରିୟ ପ୍ରଧାନମନ୍ତ୍ରିନ୍,

ଆପଣଙ୍କର ଏହି ସପ୍ତତମ ଜନ୍ମ ଦିବସରେ ଚେଢାବୁଦ ଅଛି ଅଭିବାଦନ ଜଣାଉଛି। ଏହାପରେ ଶତ ସପ୍ତତମ ଜନ୍ମ ଦିବସ ଆପଣଙ୍କର ଦେଖିଥାନ୍ତି ଏବଂ ଚେଢାବୁଦ ଆପଣଙ୍କୁ ସେହିପରି ଅଭିବାଦନ ଜଣାଇଥାନ୍ତି।

ବୁଢ଼ା ମଣି, ମୁଁ ତୁମକୁ ବଡ଼ ପ୍ରେମ କରେଁ। ଯେମିତି ପ୍ରଭୁ ଯୀଶୁ ଶିଷ୍ୟମାନଙ୍କୁ ପ୍ରେମ କରନ୍ତି, ସେମିତି। ବିଶେଷତଃ ବୁଢ଼ାଙ୍କ ଛଟକବେ ବେଶୀ ପ୍ରେମ ମୋର ଥାଏ। ପାର୍ଲାମେଣ୍ଟରେ ଗୋଟିଏ ଦାନାକୁ ପାକୁଳେଇବା ଘଣ୍ଟାଏ ଯାଏଁ ମଜାକ! ଏଇ ବୁଢା ପ୍ରୀତିଟା ମୋର ବଢ଼ିଛି, ଭାରତର ଅଜ ଗୋଟିଏ ବୁଢ଼ାକୁ ଭଲ ପାଇ ବା ମାଲକଣ୍ଙ୍କ ଭାଷାରେ ପୁଅ ଖାଇ ଅଥବା ଖେଳା ଯେନ କର। ସେ ହେଉଛନ୍ତି ମହାତ୍ମା ଗାନ୍ଧି।

ସତେ ତମ ଦୁହିଙ୍କ ଭିତରେ କେତେ କଥାରେ ମେଳ ଅଛି କହିଲ। ସେ ବୁଢ଼ାକୁ ତମେ ବୁଢା, ତାଙ୍କର ନଖକୁ ତମର ନଖ, ତାଙ୍କର ଠେଙ୍ଗାକୁ ତମର ଛତା। ବୁଢ଼ା ବୋଲି ତାଙ୍କୁ ଯେମିତି ଥୋକେ ଲୋକ ନାପସନ୍ଦ କରୁଛନ୍ତି ତମ ଦଶା ବି ସେଇଆ। ସେ ଶାନ୍ତ ସ୍ୱଭାବ, ତମେ ଶାନ୍ତ ଗୃହୀ। ଅଥଚ ଉଭୟେ ବାଧ୍ୟ ହୋଇ ଯୁଦ୍ଧ କରୁଛ ବା କରିବାକୁ ଯାଉଛ। ତଫାତ ଭିତରେ ସେ ଦେଶକୁ ଅପ୍ରସ୍ତୁତ ଦେଖୁଛନ୍ତି ଓ କହୁଛନ୍ତି। ତମେ କେବଳ ଦେଖୁଛ କିନ୍ତୁ କହୁଛ ଅଲଗା। ଅଃ — ତମେ ଦୁହେଁ ଯଦି ମିଶି ଯାଆନ୍ତ — କଅଣ ହୁଅନ୍ତା ଟି!

**ମହାତ୍ମା ମୋହନଲାଲ**
ସେଗାଓଁ, ଓ୍ୱାର୍ଦ୍ଧା।

ବାପୁଜି,

ତମେ ମାନୁଛ ଇଂରେଜ ସରକାର ଲଢ଼ାଇ ଲଗାଇ ଦେଲେଣି। ତଥାପି ଅମେ ଅପ୍ରସ୍ତୁତ ବୋଲି ଅମେ ଲଢ଼ାଇ ନକରି ଚଢ଼ାଇ ରହିଥିବା ଯେଉଁଥିରୁ ଇଂରେଜମାନେ ମଜ୍ଜାଦାରେ ଅମ ସ୍ୱରୂପଟା ପାନ କରିବେ। ବାପୁଜି, ପ୍ରସ୍ତୁତ ହେଉଁ ହେଉଁ ଶେଷରେ ଯେପରି ଅପ୍ରସ୍ତୁତ ନହୁଅଁ ଟି। ଲୋକେ ହସିବେ।

**ଡାକ୍ତର ନବଚୌଧୁରୀ,**
ଭାଠଯୋଡ଼ ରୁଲ, କଟକ

ଡକ୍ଟ୍ରର,

ବସ୍ତ୍ରଧାରୀ ବାହିଁବ ବ୍ୟାପେ ଏ ପ୍ରଶ୍ନଟାର ଉତ୍ତର ଡେମେ ପିଞ୍ଛଦନରୁ ବସ୍ତ୍ରବାର ପରୀକ୍ଷାରେ ଦେଇ ଅଚ୍ଛି। କିନ୍ତୁ ଅଜ ସେଇଟାକୁ ଅଜ ଅଥରେ ପଚାରୁଛି ଶୁଣ। ଭଲ ଲୋକ ଯଦି ଦୂଷିତ ସ୍ଥାନରେ ଜଳ ପିଏ ବା ଜୀବାଣୁଦୁଷ୍ଟ ମାଛ ବସିଥିବା ପଦାର୍ଥ ଖାଏ ତେବେ ତାକୁ ରୋଗ ଧରିନଏ। ଅମର ଧାରଣା ଥିଲା, ଡେମେ ରୋଗୀମାନଙ୍କୁ ଔଷଧ ଦେବାକୁ ଯାଇ ସବୁକୁ ଫେରନ୍ତେବେଳେ ହାତ ଗୋଡ଼ ଫିନାଇଲ ପାଣିରେ ଧୋଇ ଅସ। କିନ୍ତୁ କଂଗ୍ରେସଙ୍କ ଘରଟା ପାଖରେ ହେବା ଦିନଠାରୁ ବୋଧହୁଏ ତମେ ସେତେ ସାବଧାନ ହୋଇ ପାରନାହିଁ। ସେଥିପାଇଁ ରୋଗଟା ଧରିବା ସମ୍ଭବ। ତା ନୋହିଥିଲେ ଡେମେ ଆଜି ଆଉ, ବ୍ରହ୍ମପୁର କଂଗ୍ରେସ ଅଧିବେଶନ ଦେଇ ପ୍ରାଦେଶିକ କମିଟି ଏପରି ମନଲାଗଟା ବୃତ୍ତି ଅବଲମ୍ବନ କରନ୍ତେ କାହିଁକି? ତେଣେ ତମେ ତ ହ୍ୟାରିସ୍‌ରେ ଅମେ ସରଜମ୍ ଅନୁରୋଧ କରୁଛୁ, କିଛି, ହାତ ସଫା କରିବ Clean your hands off -- ନେଇକି ଗୃହଁ ଯୁଦ୍ଧ! ଯୁଦ୍ଧ !! ଯୁଦ୍ଧ !!!

ତମେ ତ କି ଚେଢାବୁଦ

**ସର୍ ଅଷ୍ଟିନ ହୁବ୍‌କ**
ଗଭର୍ଣ୍ଣମେଣ୍ଟହାଉସ, ପୁରୀ

ପ୍ରିୟ ଲାଟସାହେବ,

ତେଲ୍ୟାଟାକୁ ଅମ ଅଡ଼େ କହନ୍ତି ଗୁରୁମରା ବିଦ୍ୟା। ତମେ ଯାହାକୁ କାନମୋଡ଼ ଶିଖାଇବ ସେ ପୁଣି ଦିନେ ତମ କାନମୋଡ଼ି ଦେବ। ତମ କଲେଜଟାକୁ ଏଥର ତମ ନେତାଙ୍କା ରୁଟ ବନ୍ଦକରି ହାତ ଦୋଷଯୁକ୍ତ ରବାଲ ପ୍ରମାଣ କରୁଛନ୍ତି। ଅଜ ତମର ଚହିଁବା ଉତ୍ତର। ଖାନସମାଠୁଁ ବେଳେ ବେଳେ ଶୁଣିଥିବ, ସର୍‌ବେ ଚୁପ୍ ରୁହ। ସେଇ କଥା ଧରିନେଲେ ତକ ଗୁଲିଯିବ। ଅଜ ବର୍ଷେ ଲଟକୁଣ ସଙ୍ଗତ କ୍ଷୋଭ ତ ନୂଅପାଞ୍ଚି କେଇଁଥିରେ। ଲର୍ଡ଼ ଜେଟଲେଣ୍ଡ ତେଣେ ଫଳୁଆ ଦେଇ ଦେଲେଣି। ତା ତନ୍ଥା ପାସନେ ଅସବେ?

ଅପଣଙ୍କ—ଚେଢାବୁଦ

**ଆପଣଙ୍କର ଫଟୋ**

ଇଲେକ୍‌ଟ୍ରିକ ଷ୍ଟୁଡ଼ିଓରେ

ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ

ଶିଳ୍ପୀ—ଏସ୍ କଅରଷ୍ଟୀ

ଫଟୋ ହାଉସ, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନଅପାର ପାରେ

**ସମ୍ବାଦ**

ବହୁବର୍ଷର ଜ୍ୟୋତିଷ ଶାସ୍ତ୍ର ଚର୍ଚ୍ଚା କରି, ନବ୍ୟ ଧରଣରେ ଅମ୍ଭେ ଯେଉଁ ଜନ୍ମ ପତ୍ରିକା ପ୍ରସ୍ତୁତ କରୁଅଛୁଁ ସେଥିରୁ ଲୋକେ ଅପଣାର ତର ଜୀବନର ଭଲ ମନ୍ଦ ଅନ୍ଲେଷରେ ଜାଣି ପାରିବେ। ତତ୍‌ସମେତ୍ର ପାଞ୍ଚବର୍ଷୀୟ ୫୯୯ ମାତ୍ର—ଅଚ ଭାରତ ଧାରଣର ତାଲପତ୍ର କୋଷ୍ଠୀ ପାଇଁ ପାଞ୍ଚବର୍ଷୀୟ ୫୦୯ ମାତ୍ର। ଅମୃତାରେ ଗତ୬୦ବର୍ଷର ପାଞ୍ଜି ରକ୍ଷିତ ଅଛି। ଅମୃତାକୁ ଜନ୍ମର ସନ, ମାସ, ତାରିଖ ଓ ସମୟ ପଠାଇଲେ ଅମ୍ଭେ ଡାକ ଯୋଗେ ଜନ୍ମ ପତ୍ରିକା ପଠାଉଥାଉଁ। ବାହୁଲ୍ୟ ଅନାବଶ୍ୟକ -- ପରୀକ୍ଷା ପ୍ରାର୍ଥନୀୟ।

ଶ୍ରୀ ଅନନ୍ତଚରଣ ପାତ୍ରମାଷ୍ଟର, ପ୍ରଫୁଲ୍ଲ ଜଳାଚ. ଭଦକ; ଜିଃ ବାଲେଶ୍ୱର

ସେହିତ ଯାକୁ ନରମରେ ହଜାଇ ଥିଲେ

ଅଚ ତାକୁ **ନାରନ୍ନ**ରେ ପାଇବେ। ମୂଲ୍ୟ ୫୦୯ ଅଠଅଣା

Digitized by srujanika@gmail.com

# ଭାରତ ରକ୍ଷା ଆଇନ ରହସ୍ୟ

( ଭାରତ ରକ୍ଷା ଅଇନ ସମ୍ବନ୍ଧୀୟ କେତେକ ରହସ୍ୟମୟ ଅଭିଯୋଗ ସମ୍ବାଦ ପାଠକମାନଙ୍କ ଗୋଚରାର୍ଥେ ପ୍ରକାଶ କରାଗଲା । ) —ସମ୍ପାଦକ

ଜନୈକ ଇସାଣ୍ଡି ମହିଳା ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବା ପାଇଁ କାରଣ ଦେଖାଉଥିଲେ ଯେ ତାଙ୍କ ସ୍ୱାମୀ ଜର୍ମାନ ସେନାରେ ଯୋଗ ଦେବେ ବୋଲି ଭୟ ଦେଖାଉଥିବାରୁ ତାଙ୍କର ଭବିଷ୍ୟତ ଜୀବନ ଅନିଶ୍ଚିତ । ତେଣୁ ସେ ନୂତନ ସ୍ୱାମୀ ଚାହାନ୍ତି । ଉକ୍ତ ରମଣୀ ଡ଼ିକ୍ରୀ ପାଇବା ପରେ ପୋଲିସ ତାଙ୍କ ପୂର୍ବତନ ସ୍ୱାମୀଙ୍କୁ ଭାରତ ରକ୍ଷା ଅଇନରେ ସୁପର୍ଦ୍ଦ କରିଛି ।

\+ + + +

କେତେକ ଲୋକ କଥା କହୁଥିବାବେଳେ ଗୁଇନ୍ଦା ପୁଲିସ ଶୁଣିଲେ ଯେ ଜଣେ କହୁଛି—ଇଂରେଜ ସରକାର ଅତ୍ୟାଚାରୀ, ଶୋଷକ, ଅବିବେକୀ ସାମ୍ରାଜ୍ୟ ଲୋଭରେ ଲଢ଼ାଇ କରୁଛି । ଇତ୍ୟାଦି— ତାଙ୍କୁ ଅରେଷ୍ଟ କରାଗଲା ।

କୋର୍ଟରେ ଆସାମୀ ଜବାବ୍ ଦେଲା ଯେ ସେ ଇଂରେଜ ସରକାରଙ୍କୁ ସେ କଥା କହିନାହିଁ, ଜର୍ମାନୀ ସରକାର ବୋଲି କହିଛି—ପୁଲିସ ଭୁଲ ଶୁଣିଛି ।

ତହୁଁ ହାକିମ କହିଲେ—ମିଛ କଥା । ତୁ କଦାପି ଆନ କୌଣସି ସରକାର ନା କହିନାହୁଁ । ନିଶ୍ଚୟ ଇଂରେଜ ସରକାର ନାମ କହିଛୁ । କାରଣ ଇଂରେଜ ସରକାର ଛଡ଼ା ଏତେ ଦୁର୍ଗୁଣ ଆଉ କାହାର ଅଛି ଯେ—

\+ + + +

ଜଣେ ଲୋକ ଲର୍ଡ଼ ଜେଟଲେଣ୍ଡ଼ଙ୍କୁ ନିବୁଝିଆ ଏବଂ ଟ୍ରିକିବାଜ୍ ବୋଲି କହିବାରୁ ତାଙ୍କୁ ଦଣ୍ଡ ଦିଆଗଲା । ତା ବିରୁଦ୍ଧରେ ଅଭିଯୋଗ ଥିଲା ଯେ ସେ ଜେଟଲେଣ୍ଡ଼ଙ୍କ ମାନହାନୀ କରିଛି ଓ ସାମ୍ରାଜ୍ୟର ଗୁପ୍ତ ବିଷୟ ପ୍ରକାଶ କରିଛି ।

\+ + + +

ଜଣେ ସରକାରୀ ହାକିମ ତାଙ୍କ ପିଲାମାନଙ୍କୁ ଉପଦେଶ ଦେଲେ ଯେ ପ୍ରତିଦିନ ପ୍ରାର୍ଥନାବେଳେ ଭଗବାନ ଓ ଆମ୍ଭମାନଙ୍କର ରକ୍ଷାକର୍ତ୍ତା ବ୍ରିଟିଶ ଶାସକଙ୍କୁ ଧନ୍ୟବାଦ ଦେବ ।

ତାଙ୍କ ଭିତରୁ ଗୋଟିଏ ପିଲା ପଚାରିଲା—ଆଚ୍ଛା ବାବା, ବ୍ରିଟିଶ ଶାସନ ଯଦି ଏ ରାଜ୍ୟରେ ନ ରୁହେ ?

ପିତା କହିଲେ—ତେବେ ଭଗବାନଙ୍କୁ ଧନ୍ୟବାଦ ଦେବ ।

\+ + + +

ଗୋଟିଏ ସ୍ଥାନରେ କେତେକ ଛାତ୍ରଙ୍କର ସମାଗମ ହୋଇଥିଲା । ପ୍ରଶ୍ନ ଉଠିଲା—ବ୍ରିଟିଶ ଶାସନ ଭଲ କି ନାହିଁ । ସମସ୍ତେ କହିଲେ ଖରାପ । କେବଳ ଗୋଟିଏ ଛାତ୍ର କହିଲା—ଭଲ ।

ଶୁଣାଗଲା ଯେ ସେ ଛାତ୍ରଟି ଗୋଟିଏ ରାଜକୁମାର ଓ କେତେଦିନ ତଳେ ରାଞ୍ଚି ମେଣ୍ଟେଲ ହସପାତାଳରୁ ଫେରିଛି ।

× × × ×

ଶିକ୍ଷକ ପଚାରିଲେ—ଆଚ୍ଛା କହିଲ, ଆଜି ଯେପରି ପୃଥିବୀ ବ୍ୟାପୀ ମହାସମର ଲାଗିଛି, ଭାରତରେ ଇଂରେଜ ସରକାର ନଥିଲେ କ'ଣ ହୋଇଥାନ୍ତା ?

ଛାତ୍ର—ମହାସମର ଆଦୌ ଲାଗି ନଥାନ୍ତା ।

× × × ×

---


# ତିନୋଟି ପରୀକ୍ଷିତ ମୋଦକ

ଏକ—ଅନିଦ୍ରା ରୋଗୀଙ୍କୁ “ଶଶାଙ୍କ କିରଣ ମୋଦକ” ବ୍ୟବହାର କରନ୍ତୁ ।——ମୂଲ୍ୟ—ଗୋ୧୬ଟାକୁ ଏକଟଙ୍କା ମାତ୍ର ।

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ “ରତିବଲ୍ଲଭମୋଦକ” ବ୍ୟବହାର କରନ୍ତୁ ମୂଲ୍ୟ—୧୬ଟାକୁ ଏକଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ “ଦୈବଗର୍ଭକ” ବ୍ୟବହାର କରନ୍ତୁ । ମୂଲ୍ୟ—ଶିଶିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ୍ ଫାର୍ମାସୀ, ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com



# ପତି ବନ୍ଦନାଷ୍ଟକ

ଲେଖକ ଶ୍ରୀ—ସ୍ୱାମୀ

(୧)

ପତି ଦେବତା ହେ ତୁମ ପଦେ ନମସ୍କାର,
ତୁମେ ଯେଣୁ ମୋର ଜୀବନର ମୂଳାଧାର ।
ତୁମେ ସ୍ୱାମୀ ପ୍ରଭୁ ମୁଁ ଅଟେ ତୁମର ଦାସୀ,
ସାହାବ ତୁମେ ହେ ମୁଁ ତୁମର ଚପରାସୀ ।
ବାସୀ ପଖାଳ ମୁଁ ତୁମେତ ଗରମ ଭାତ,
ଗୁଡ଼ ଗୁଖଣ୍ଡ ମୁଁ ତୁମେ ଅଟ ପାଞ୍ଚ ହାତ ।
ବ୍ୟାଧ ତୁମେ ଦେବ ମୁଁ ଅଟେ ତୁମ ଶିକାର,
ପତି ଦେବତା ହେ ତୁମ ପଦେ ନମସ୍କାର ।

(୨)

ସବଳ ତୁମେ ହେ ମୁଁ ଅଟେ ଅବଳା ବାଳା,
ହାତ ତୁମେ ନାଥ ମୁଁ ହାତ ବାସ୍ନା ତେଲ ।
ବାଘ ତମେ ବୀର ମୁଁ ଅଟେ ନିରୀହ ଛେଳି,
ଲାଙ୍ଗୁଳି ମୁହିଁ ହେ ତୁମେ ଅଟ ଫୁଲ କଳି ।
ମୁଁ ଅଟେ ଭମଡ଼ା ତୁମେ ତ ବାରଙ୍ଗ ମୋଟ
ଉତଲ୍ଲ କଡ଼ାହେ ମୁଁ ଯେ ଭଜୁଥିବା ଭୃତ ।
ତୁମେ ଭୃତ ଗ୍ରାସ ମୁଁ ତୁମର ପୁରସ୍କାର,
ପତି ଦେବତା ହେ ତୁମ ପଦେ ନମସ୍କାର ।

(୩)

ମୁଁ ଅଟେ ଇନ୍ସପ ତୁମେ ଦର ହଃକର,
'ବୋ' ଅଟେ ମୁହିଁ ତୁମେ ଅଟ ମଫସଲର ।
ବଟଲର ମୁହିଁ ତୁମେତ ହୋଟେଲବାଲା
ତୁମେ ଅଟ ଗୃହ ମୁଁ ଅଟେ ଭୁଲୁଙ୍ଗ ତାଲା ।
ତୁମେ ବୈଜ୍ଞାନିକ ମୁଁ ଅଟେ ହେ ଅବିଷ୍କାର
ପତି ଦେବତା ହେ ତୁମ ପଦେ ନମସ୍କାର ।

(୪)

ତୁମେ ଗାନ୍ଧିବାଦୀ ମୁଁ ଅଟେ ଅରଃ ଚକ୍ର,
ଅଛବ ମୁହିଁ ହେ ତୁମେ କଂଗ୍ରେସ ଦେବ ।
ଲବଣ ମୁଁ ସଖା ତୁମେ ଅଟ ସତ୍ୟାଗ୍ରହୀ,
ସତ୍ୟହତ୍ରୀ ତମେ ମୁଁ ତମର ମିଠା ଦହି ।
ମଥା ମୁହିଁ ତୁମେ ପୁଲିସର ଲାଠି ମାଡ଼,
ସାନ ଭଉଣୀ ମୁଁ ତୁମେ ଅଟ ଭାଇ ବଡ଼ ।
ତୁମେ ଅଟ ପତି ମୁଁ ଗୋଲମରିଚ ଗୁଣ୍ଡ,
ପତି ଦେବତା ହେ ତୁମ ପଦେ ନମସ୍କାର ।

(୫)

ମୁଁ ଅଟେ ଜାହାଜ ତୁମେ ମାଇନ ମେଗ୍ନାଟକ୍
ମୁଁ ଅଟେ ବନ୍ଧୁକ ତୁମେ ଛଭିଁକ ସୈନିକ୍ ।
ତୁମେ ଢେଷ୍ଟ୍ରୟର ମୁଁ ଅଟେ ଜାହାଜ ବୁଡ଼ା,
ତୁମେତ ସବାର ମୁହିଁ ଅଟେ ଝଟୁ ଘୋଡ଼ା ।
ଉଡ଼ା ଜାହାଜହେ ମୁଁ ଅଟେ ଉଶାନ ଭୂମି,
ତୁମେ ମେଲେରିଅ ମୁଁ ଅଟଇ ସିନା କମି ।
ତୁମେତ କଲେରା ମୁଁ ଅଟେ ଜୀବାଣୁ ତାର,
ପତି ଦେବତାହେ ତୁମ ପଦେ ନମସ୍କାର ।

(୬)

ତୁମେ ମୁସୋଲିନ ମୁଁ ଅଟେ ଅବସିନିଅଁ,
ତୁମେ ତୋପ ବନ୍ଧୁ ମୁଁ ଅଟେ ବାରୁଦ ନିଅଁ ।
ରେସ୍ତବଲେନହେ ମୁଁ ଅଟଇ ମିଡଲଣ୍ଡ୍,
ଲିଭର ତମେହେ ମୁଁ ଅଟେ ତାର ଝଣ୍ଡ୍ ।
ଇଂରେଜ ତମେହେ ମୁଁ ଅଟେ ଭାରତ ବର୍ଷ,
ମୁହିଁ ଯେ ପଠାଣ ତୁମେ ମୋଗଲ ଦୁର୍ଦ୍ଧର୍ଷ ।
ନଗଦଙ୍କା ତମେ ମୁହିଁ ଯେ ଓଡ଼ିଆ ଘର,
ପତି ଦେବତାହେ ତୁମ ପଦେ ନମସ୍କାର ।

(୭)

ତୁସିଅ ତମେ ହେ ମୁହିଁ ଅଟଇ ଫିନ୍‌ଲଣ୍ଡ,
ମୁଁ ଯେ ବାଡ଼ ପଛ ତୁମେ ତ ସଦର ଦାଣ୍ଡ ।
ଘୋଲଣ୍ଡ ମୁହିଁ ହେ ତୁମେ ଜରମାନୀ ରଷା,
ତୁମେ ଫଃା ଗୋଡ଼ ମୁଁ ଅଟେ ପଥର ଘଷା ।
ତୁମେ ପାଟ ଖଟା ମୁଁ ଅଟେ ଖଣ୍ଡିଆ ପାନ,
ମୁଁ ଅଟଇ ବଷ୍ଟା ତୁମେ ପ୍ରଭୁ ଦେଶୀ ଶ୍ୱାନ ।
ତୁମେ ଗାଇ ମୁହିଁ ଅଟଇ ସ୍ନୋ ପାଉଡର,
ପତି ଦେବତା ହେ ତୁମ ପଦେ ନମସ୍କାର ।

(୮)

ତୁମେତ ସିନ୍ଦୁର ମୁହିଁ ତ ରତ୍ନଣା ଦାନୀ,
ଭକତ ମୁହିଁ ହେ ତୁମେ ପ୍ରଭୁ ଅନ୍ତର୍ଯାମୀ ।
ଦେବତା ତମେ ହେ ମୁଁ ଅଟେ ତାସଙ୍ଗେ ଫୁଲ
ବଡ଼ ମଯଲି ମୁଁ ତୁମେହିଁ ପତର ଜାଣ ।
ନସ୍ୟ ତୁମେ ହେ ମୁଁ ଅଟେ ଅଫିମ ଗୁଳା,
ଧାନ ମୁହିଁ ସଖା ତୁମେ ଅଟ ଧାନ ଗଳା ।
ତୁମେ ମୋର ଗଳା ତୁମେ ମୋର ଫିଲ୍ପହାର
ପତି ଦେବତା ହେ ତୁମ ପଦେ ନମସ୍କାର ।

—o—

Digitized by srujanika@gmail.com




## ନାଗବଚାଙ୍କ କଲମରୁ

### ଗୁଣ୍ଡୁଣୀ

କଟକ ଜିଲ୍ଲା ଅନ୍ତର୍ଗତ ଗୁଣ୍ଡୁଣୀ ଗୋଟିଏ କ୍ଷୁଦ୍ରପଲ୍ଲୀ । ଉତ୍କଳର ବହୁବିଧ ପଲ୍ଲୀ ମଧ୍ୟରେ ତାର ସ୍ଥାନ ଉଚ୍ଚରେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରାଚୀନ କୀର୍ତ୍ତିମାଳା ଉତ୍କଳର ପୂର୍ବ ଉନ୍ନତ ଭାସ୍କର ବିଦ୍ୟାର ପରିଚୟ ଦିଏ । ଏହାର ନୟନାଭିରାମ ଦୃଶ୍ୟ-ରାଜି ଦର୍ଶକ ହୃଦୟରେ ପୁଲକର ସଞ୍ଚାର କରେ ।

କଳକଳ ନାଦିନୀ, ପୂତ ସଲିଳା "ନୂଆନଈ" ସ୍ରୋତର ଅବାରିତ ବେଗରେ ପ୍ରବାହିତ ହୋଇ ଗ୍ରାମ-ବାସୀଙ୍କର ବହୁକଲ୍ୟାଣ ସାଧନ କରୁଛି । ନଈଟି ପ୍ରତି ଲକ୍ଷ୍ୟ କଲେ ମନେ ହୁଏ ଯେପରି ପଞ୍ଚମୀର ଶୁଦ୍ଧପତ୍ର—ଏହି ଧବଳ ରୂପକ ଗଗନରେ ବଙ୍କେଇ ହୋଇ ଯାଉଛି । ଉଦୀଚ ଦିଗରେ, ମହାନ ଗାମ୍ଭୀର୍ଯ୍ୟ ରୂପଧାରଣ କରି "ସର୍ଗବାହ" ଗିରି-ଦଣ୍ଡାୟମାନ । ପୂର୍ବ ଉତ୍କଳ ଯେତେବେଳେ ଉନ୍ନତ ଥିଲା, ତାର ସନ୍ତାନବର୍ଗ ଯେତେବେଳେ ଏହିଠାରେ କ୍ରୀଡ଼ା କରୁଥିଲେ ସେତେବେଳେ ଏହି "ସର୍ଗବାହ" ଗିରି ଉପରେ ଗୁଣ୍ଡୁଣୀ ଗ୍ରାମର ବୀର ମଲ୍ଲଙ୍କର କେତେ ଯେ ରକ୍ତପାତ ହୋଇ ଯାଇଛି ତାର ଇୟତ୍ତା ନାହିଁ—କେବଳ ସୁଦୂର ନୀଳ ଗଗନହିଁ ତାର ଧ୍ରୁବ ସାକ୍ଷୀ । ଅଧୁନା ତାହା ଅଳୀକ ପରି ପ୍ରତୀୟମାନ ହୁଏ !! —ପ୍ରକୃତି-ଦେବୀ-ଲାଳିତ ଗୁଣ୍ଡୁଣୀ ଗ୍ରାମର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା କରିବାକୁ ମୋର ଉତ୍କ-ଳୀୟ ଶବ୍ଦଭଣ୍ଡାରରେ ଭାଷା ପାଉନାହିଁ । ତାର ଅନୁପମ ସୌନ୍ଦର୍ଯ୍ୟ ରାଶି ମୋର କ୍ଷୁଦ୍ର ହୃଦୟକୁ ଆଲୋଡ଼ିତ କରେ । ତାର ସବୁଜ ମାଠ, ହରିତ ବର୍ଣ୍ଣ ଶସ୍ୟ କ୍ଷେତ୍ର, ଗଗନଭେଦୀ 'ସହକାର' ବକୁଳ, ତାଳ, ତମାଳ ବୃକ୍ଷରାଜି, ଧୂସର ରାଜପଥ ଓ ନବାଙ୍କୁରିଣୀ କୁଟୀର ମାନ ମୋର ବାଳକ ସୁଲଭ ହୃଦୟକୁ ମୁଗ୍ଧ କରି ତୋଳିଛି । ପ୍ରଭାତ ଓ ସାନ୍ଧ୍ୟ ଦୃଶ୍ୟ ଅତୀବ ମନୋହର । ଉଦିତ ଓ ଅସ୍ତଗାମୀ ତପନ ତାଙ୍କର ସମସ୍ତ ସୌନ୍ଦର୍ଯ୍ୟ ପସରା ଉନ୍ମୁକ୍ତ କରି ଏହି ପଲ୍ଲୀର ପ୍ରାକୃତିକ ରୂପ ମାଧୁର୍ଯ୍ୟକୁ ଅତୀବ ମନୋହର କରିଛନ୍ତି ।

ଭାସ୍କରଶିଳ୍ପ—ଏହି କ୍ଷୁଦ୍ର ପଲ୍ଲୀରେ ବହୁବିଧ ଦେବ ମନ୍ଦିର ପରିଲକ୍ଷିତ ହୁଏ । ମୂର୍ତ୍ତି ଗୁଡ଼ିକର ସୁଗଠନ କାରୁକାର୍ଯ୍ୟ ସେ ଯୁଗ ଶିଳ୍ପୀର ବୁଦ୍ଧି-ମତ୍ତାର ପରିଚୟ ଦିଏ । ହନୁମାନଜୀଙ୍କର ପ୍ରସ୍ତର ମୂର୍ତ୍ତିର କାରିଗରୀ ମୋ ହୃଦୟକୁ ଉନ୍ମୀଳିତ କରେ । ଏପରି ବିଶାଳ ପ୍ରସ୍ତର ମୂର୍ତ୍ତି ଏଯାବତ୍ ଦେଖିନି । ପାତାଳ—ଭେଦୀ ଲିଙ୍ଗ ମୂର୍ତ୍ତି କ୍ଷୁଦ୍ର ହେଲେହେଁ ସୁନ୍ଦର । ଦୁର୍ଦ୍ଦାନ୍ତ 'କଳାପାହାଡ଼' ଏହାର କୀର୍ତ୍ତିମାଳାକୁ ଭୂମି ସାତ୍ କରି ଦେଇ ଯାଇଛି । ଧନ୍ୟ ତାର ଦିଗ୍‌ବିଜୟ ପଣକୁ !

ହାୟରେ ଏ ସମସ୍ତ ସମ୍ପଦ ଲୋପ କରି କେଉଁ ଯଶ ପାଇଲୁ !! 'ଭର୍ଗବାହ' ଶିଖର ଦେଶରେ ଯେଉଁ 'ଚଣ୍ଡୀ' ମନ୍ଦିର ଅଛି ଏବଂ ତାର ପରି-ବେଷ୍ଟିତ ରକ୍ଷିତକାନନ ଶୋଭା ପ୍ରାକୃତିକ ଶୋଭା ବାସ୍ତବିକ ଦର୍ଶନୀୟ ବସ୍ତୁ । ସେହି ମନ୍ଦିରରୁ ଯେଉଁ ସୋପାନ ଶ୍ରେଣି ବହିର୍ଗତ ହୋଇ ନବଃସ୍ଥ ପୁଷ୍କରିଣୀ ( ମାହାର୍ଥୀ ? )କୁ ପତିତ ହୋଇଛି ତାହା ବର୍ତ୍ତମାନ ପୋତି ହୋଇ ଗଲାଣି । ଲୋକମାନଙ୍କର ଯାତାୟାତ କମି ଯାଉ ଥିବାରୁ ସେହି ଗମନାଗମନ ପଥଟି କଣ୍ଟକ ବୃକ୍ଷ ଓ ଗହଳ ଲତା ଦ୍ୱାରା ରୋଧ ହୋଇ ଗଲାଣି ।

ଏହା ବ୍ୟତୀତ ବଣେଶ୍ୱର ମନ୍ଦିରରେ ବୃଷଭ, ଗଣେଶ, ଓ ଅନ୍ୟାନ୍ୟ ମୂର୍ତ୍ତି ପ୍ରାଚୀନ ହେଲେହେଁ ଜୀବନ୍ତ । କିନ୍ତୁ ବର୍ତ୍ତମାନ ଲୋକ-ମାନଙ୍କର ଶିଥିଳତା ହେତୁ ସେହି ପ୍ରାଚୀନ ଭାସ୍କର ଶିଳ୍ପ ଗୁଡ଼ିକ ଗ୍ରାମରୁ ଲୋପ ପାଇବା ଉପରେ, ଆମେ କେତେ ଜଣ ଯୁବକ ସେହି କୀର୍ତ୍ତି ରାଜିକୁ ଉଦ୍ଧାର ନିମିତ୍ତ ବଦ୍ଧପରିକର ହୋଇ ପୁନଃ ସଦ୍ୟ ଉଦ୍ଧାର ନିମିତ୍ତ ଉଦ୍ୟମ କରୁଛୁଁ । ଜୟ ମାତୃଭୂମି ଜନନୀ !

ଶ୍ରୀ ବକୁଳ ଚରଣ ମହାନ୍ତି ( ୧୫୪ )

---

'ସ୍ନେହର ନାଗକୁଆମାନେ,

ନାଗବଚା ସଙ୍ଘର ଶାଖା ସଙ୍ଘମାନ ଯେପରି ଭାବରେ ଗଠିତ ହେଉଛି ସେ କଥା କହିଲେ କୁଳକୁଣ୍ଡୁଳିଙ୍କୁ ଲାଜ—ତେଣୁ ନ କହିଲେ ଭୁଲ ରହି ଯାଉଛି ।

ଯାହା ହେଉ ସଙ୍ଘ ହେଉ ନ ହେଉ ତମକୁ ଆଜି କେତେକ କଥା କହିବି । ସମସ୍ତେ ଜାଣିବ ? ନଇଲେ ମୋ ମୁଣ୍ଡ ଖାଇବ ।

ପ୍ରଥମରେ, ଯେଉଁମାନଙ୍କର ସମସ୍ତ ସୁବିଧା ଓ ପଇସା ଥିବ ସେମାନେ ଏହି ଖରା ଦିନରେ ସିଂହଭୂମି ଗସ୍ତ କରିବାକୁ ଯାଅ । ସେଠାରେ ଓଡ଼ିଆର ମହତ୍ତ୍ୱ ପ୍ରଚାର କର । ଓଡ଼ିଆ ମାନଙ୍କ ଅତୀତ ଇତିହାସ କହି ଶୋଇଲା ଓଡ଼ିଆ ପ୍ରାଣକୁ ଜଗାଇ ଦିଅ । ସେମାନଙ୍କୁ ସ୍ପଷ୍ଟ ଭାବରେ କହି ଆସ ଯେ ଯଦି ତାଙ୍କ ଧମନୀରେ ଓଡ଼ିଆ ରକ୍ତର ଉଷ୍ମ ସେମାନେ ଅନୁଭବ କରୁଥାନ୍ତି ତେବେ ଏ ଦେଶ ମିଶ୍ରଣ ଆନ୍ଦୋଳନ ପାଇଁ ସେମାନେ ସର୍ବାଧିକ ତ୍ୟାଗ ପାଇଁ ପ୍ରସ୍ତୁତ ଥାଆନ୍ତୁ । ଭବିଷ୍ୟତରେ ସିଂହଭୂମି ଓଡ଼ିଆମାନଙ୍କୁ ଏପରି ଆନ୍ଦୋଳନ କରିବାକୁ ହେବ, ଯଦ୍ୱାରା ବିହାର ସରକାରଙ୍କର ସିଂହାସନ ଟଳି ପଡ଼ିବ ।

ଦ୍ୱିତୀୟରେ ଆଉ ଏକ କଥା କହୁଛି । ତମେ ଅଜକାଲ ଭାରି ଫୋଲଫାଙ୍କିଆ ହେଇ-ଯାଉଛ । ମୁରବୀ ଭାବରେ ତମକୁ ମୁଁ ଗୋଟାଏ ନଦା କାମ ବତାଉଛି । ଏଥର ଛୁଟିରେ ତମେ ସମସ୍ତେ ଖଣ୍ଡିଏ ଖଣ୍ଡିଏ ଚରଖା କିଣ । ଆଜିକାଲି ବାକ୍ସ ଚରଖା ବଡ଼ ସୁବିଧା ହୋଇଛି । ସେଇ ଚରଖାରେ ନିୟମ କରି ସମସ୍ତେ ସୂତା କାଟ । ଯେଉଁମାନେ ଗାଁକୁ ଯିବେ ସେମାନେ ଯଦି ଗାଁ ଲୋକଙ୍କୁ ମତାଇ ସୂତା

Digitized by srujanika@gmail.com

କଂସାଦି ପାରନ୍ତି ତେବେ ଖୁବ୍ ଭଲ । ଗାନ୍ଧିଜୀ କହିଥିଲେ, ଏହି ଶିକ୍ଷା ସାହାଯ୍ୟରେ ଆମେ ଆତ୍ମ ନିର୍ଭରଶୀଳ ହୋଇ ପାରିବା ଓ ଇଂରେଜ ସରକାରର ଅର୍ଥ ନୈତିକ ଫାଶରୁ ମୁକ୍ତ ହୋଇ ପାରିବା—ତେଣୁ ସ୍ୱାଧୀନତା ଦିଗରେ ଅଗ୍ରସର ହୋଇ ପାରିବା ।

ଭୂଗୋଳ କଥାଟି ବଡ଼ ଜରୁରୀ । ତମେ ରଣପୁର ହତ୍ୟାକାଣ୍ଡ ମାମଲା ବିଷୟରେ ସମସ୍ତେ ଜାଣ । ଶ୍ରୀମାନ୍ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଭାଗଲପୁର ଜେଲ୍‌ରେ ଫାସି ହୋଇ ଯାଇଛି । ସେ କୁହନ୍ତି ଯେ ବେଜଲଗେଟ ସାହେବଙ୍କୁ ହାତରେ ବାଡେଇ ମାରି ପକାଇ ଥିଲେ ଏହା କଦାପି ନୁହେଁ । ବିଶ୍ୱସ୍ତ ମାନେ ମଧ୍ୟ ପ୍ରମାଣ ପାଇ ନାହାନ୍ତି । ତଥାପି ସେମାନଙ୍କୁ ଫାସି ହୋଇଛି । ଦେଶ ପ୍ରେମ ପାଇଁ ସେମାନେ ଫାସି କାଠରେ ଝୁଲିଛନ୍ତି । ଦେଶ ପ୍ରେମ ସେମାନଙ୍କର ଦୋଷ ହୋଇପାରେ । ସେମାନେ ଆମଠାରୁ ଢେର ବଡ଼ରେ । ତାଙ୍କର ଆତ୍ମାର ସଦ୍ଗତି ପାଇଁ ଆସନ୍ତା ୧୫ ତାରିଖ ( ମଇ ) ଦିନ ସମସ୍ତେ ରଣପୁର ଦିବସ ପାଳନ କରିବ । ନାଗବଳୁ ଆମମାନେ ନିଜ ନିଜ ସହର ବା ଗ୍ରାମରେ ସେଦିନ ଏକତ୍ରିତ ହୋଇ ଏହି ଦୁଇ ସହିଦଙ୍କ ଆତ୍ମାର ସଦ୍ଗତି ନିମନ୍ତେ ପ୍ରାର୍ଥନା କରିବ । ଆମର ନୀତି ଅହିଂସା । କେହି ଭାବିବ ନାହିଁ ଯେ ଏହା ଦ୍ୱାରା ଆମେ ହିଂସାକୁ ପ୍ରଶ୍ରୟ ଦେଉଛୁଁ । କାରଣ ସେମାନେ ନିଜେ ବେଜଲଗେଟଙ୍କୁ ମାରି ନାହାନ୍ତି । ମାରିଥିଲେ ମଧ୍ୟ ତାଙ୍କ କାର୍ଯ୍ୟକୁ ଆମେ ନିନ୍ଦା କରିପାରୁଁ କିନ୍ତୁ ତାଙ୍କର ଯେ ଦେଶ ପ୍ରୀତି ଥିଲା, ଏ କଥାକୁ ଅସ୍ୱୀକାର କରିପାରିବୁ ନାହିଁ । ତେଣୁ ମୋର ଅନୁରୋଧ, ତମେ ସବୁ ତାଙ୍କର ଆତ୍ମାର ସଦ୍ଗତି କାମନା କରି ତମର ନାଗବଳୁ ନାମ ସାର୍ଥକ କରିବ । ସମସ୍ତେ ପତ୍ର ଦେବ ।

ତୁମର ଅଜା

## ପୃଥିବୀର ବଡ଼ ବଡ଼ ପୁସ୍ତକାଳୟ

| ନାମ | ଦେଶ | ପୁସ୍ତକସଂଖ୍ୟା |
|---|---|---|
| ନାଶନାଲ ଲାଇବ୍ରେରୀ | ପେରିସ | ୮୦୦୦୦୦୦ |
| ଲେନିନ ଲାଇବ୍ରେରୀ | ମସ୍କୋ | ୬୦୦୦୦୦୦ |
| ଲେନିନଗ୍ରେଡ଼ ,, | ଲେନିନଗ୍ରେଡ | ୫୨୬୦୦୦୦ |
| ବ୍ରିଟିଶମ୍ୟୁଜିୟମ ,, | ଲଣ୍ଡନ | ୪୨୫୬୪୦୦ |
| ବୋଡଲିୟନ ,, | ଅକ୍ସଫୋର୍ଡ | ୩୧୬୦୦୦୦ |
| ବର୍ଲିନ ,, | ବର୍ଲିନ | ୩୬୮୬୨୯୦ |
| ନେଶନାଲ ,, | ଓଏଟା | ୨୬୫୦୦୦ |

## ନୂଆନାଗବଳୁଙ୍କ ନାମ

୨୯୧ । କୁମାରୀ ବୀଣା ଦାସ C/o ମି. ଡି: ପି: ଦାସ, ଏମ୍, ଏ, ବି, ଏଲ୍ ଆଡ଼ଭୋକେଟ, ନଉଡାଙ୍ଗବଙ୍ଗଲୋ ରୋଡ, ପାଟନା । ୨୯୨ । କୁମାରୀ ବିଦ୍ୟା ଦାସ, C/o ମି. ଡି. ପି. ଦାସ ଏମ୍, ଏ, ବି, ଏଲ୍, ଆଡ଼ଭୋକେଟ, ନଉଡାଙ୍ଗବଙ୍ଗଲୋରୋଡ଼, ପାଟନା ।୨୯୩। ପରମାନନ୍ଦ ଜେନା, ୮ମ ଶ୍ରେଣୀ ତରୁଣମେଳ, ବାରିପଦା । ୨୯୪ । ଦୟାନିଧି ମହାପାତ୍ର K. M. P. M. H. E. School, ଜାମସେଦପୁର ୨୯୫ । କୁମାର ଗୋପାଳ ପ୍ରସାଦ ମହାନ୍ତି, ଜଗନ୍ନାଥ ସାହିତ୍ୟ ସମିତି, ଜଗନ୍ନାଥପୁର, ଭଦ୍ରକ । ୨୯୬ । ଶ୍ରୀ ଚକ୍ରଧର ସାମଲ, ୧୧ଶ ଶ୍ରେଣୀ ହାଇସ୍କୁଲ, ଜାମସେଦପୁର । ୨୯୭ । ଶ୍ରୀ ଶତ୍ରୁଘ୍ନ ମୁଣ୍ଡୀ ୭ମ ଶ୍ରେଣୀ, ଭବାନୀପାଟନା ହାଇସ୍କୁଲ, କଳାହାଣ୍ଡି । ୨୯୮ । ଶ୍ରୀ ବୃନ୍ଦାବନ ପଟ୍ଟନାୟକ, ୯ମ ଶ୍ରେଣୀ ଭବାନୀପାଟଣା ହାଇସ୍କୁଲ, କଳାହାଣ୍ଡି । ୨୯୯ । କୃଷ୍ଣଚନ୍ଦ୍ର ମହାନ୍ତି ୯ମ ଶ୍ରେଣୀ ଭବାନୀପାଟନା ହାଇସ୍କୁଲ, କଳାହାଣ୍ଡୀ । ୩୦୦ । ରେବତୀକାନ୍ତ ସାହାଣୀ, ୮ମ ଶ୍ରେଣୀ ଭବାନୀପାଟନା ହାଇସ୍କୁଲ, କଳାହାଣ୍ଡୀ ।

ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବଳୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ $\frac{୦/}{୦୫}$ ର ଡାକଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ

# ଚାରୋଟି ପରୀକ୍ଷିତ ବନୌଷଧି ।

ସକଳ ପ୍ରକାର ପ୍ରମେହ ଓ ସ୍ୱପ୍ନ ଦୋଷ ପାଇଁ 'ପ୍ରମେହାନ୍ତକ' ବ୍ୟବହାର କରନ୍ତୁ । ୧ ଡବା ୩ । ଏହାକୁ ବ୍ୟବହାର କଲେ ପରିସ୍ରାରେ ପୂଜ ବା ସୂତା ପରି ପଡ଼ିବା, ଲୁଗାରେ ଧଳା ବା ହଳଦିଆ ଦାଗ ଲାଗିବା, ଲାଲ ପାଣି ବା ରକ୍ତ ମିଶ୍ରିତ ପରିସ୍ରା ଓ ତଦ୍ ଜନିତ କଣ୍ଟା ଫୋଡ଼ା ପ୍ରଭୃତି ଯନ୍ତ୍ରଣା ସକଳ ଘଣ୍ଟାକରେ ନିଶ୍ଚୟ ଉପଶମିତ ହେବ ।

ସ୍ତ୍ରୀରୋଗ ଓ ବାଧକ ପାଇଁ 'ବାଧକାରି ରସ' ବ୍ୟବହାର କରନ୍ତୁ । ୧ଶିଶି—୪।୫ ଏହାକୁ ବ୍ୟବହାର କଲେ ଅନିୟମିତ ଋତୁ ବା ଋତୁ ନ ହେବା, ଋତୁ କାଳୀନ ଯନ୍ତ୍ରଣା, ଯୋନିଶୂଳ ଓ ଅନ୍ୟାନ୍ୟ ଯୋନିଗତ ଯନ୍ତ୍ରଣା ଅଚିରେ ଉପଶମିତ ହୁଏ । ଏ ମଧ୍ୟ ଜୀର୍ଣ୍ଣ କାରକ ଓ ବଳ ବର୍ଦ୍ଧକ !

ଆପଣଙ୍କ କ୍ଷୀଣ ଯୌବନ ଅକ୍ଷୁର୍ଣ୍ଣ ରଖିବାକୁ "ନବ ଯୌବନ ତୈଳ" ବ୍ୟବହାର କରନ୍ତୁ । ୧ଡବା ୪।୯ ଏହାକୁ ବ୍ୟବହାର କଲେ ସ୍ତନର ପତନ ହୁଏ ନାହିଁ, ପତିତ ସ୍ତନର ଉତ୍‌ଥାନ ହୁଏ ଓ ସ୍ତନ ଯୁଗଳ ସ୍ଥୂଳ କଠିନ ଓ ପରିପୁଷ୍ଟ ହୁଅନ୍ତି ।

ଦନ୍ତ ରୋଗରେ 'ଦନ୍ତ ବଜ୍ର ଚୂର୍ଣ୍ଣ' ବ୍ୟବହାର କରନ୍ତୁ । ମାସକୁ ଡାକଖର୍ଚ୍ଚ ସହିତ ୪।୯ ଏହାକୁ ବ୍ୟବହାର କଲେ ଅକାଳରେ ଦାନ୍ତ ହଲିବା, ଦାନ୍ତମୂଳ ଖାଇଯିବା, ଦାନ୍ତମୂଳରେ ଘା ହୋଇ ପୂଜ ବା ରକ୍ତ ବାହାରିବା ଓ ଦାନ୍ତ ମୂଳ ଫୁଲା ଇତ୍ୟାଦି ରୋଗମାନ ଅଚିରାତ୍ ଆରୋଗ୍ୟ ହୁଏ । ପରୀକ୍ଷା ପ୍ରାର୍ଥନୀୟ । ଫଳ ନହେଲେ ମୂଲ୍ୟ ଫେରସ୍ତ ଦିଆଯିବ ।

ଠିକଣା—କବିରାଜ ଶ୍ରୀ ରାଧାନାଥ ମିଶ୍ର । ଆୟୁର୍ବେଦାଚାର୍ଯ୍ୟ, L. M. S. A. ପୋଃ ଝଞ୍ଜିରିମଙ୍ଗଳା, କଟକ ।

Digitized by srujanika@gmail.com

# ସଂପାଦକୀୟ ମନ୍ତବ୍ୟ

ଅନେକ ବର୍ଷ—ବର୍ଷ 'କୁହେଁ', ଶତାବ୍ଦି ଗଲେ । ଅତୀତ ଏହି ସଭ୍ୟ ସମାଜ—ବିଶେଷତଃ ଶ୍ୱେତ ସମାଜ ସେ ସମୟକୁ ଅନ୍ଧକାର ଯୁଗ ବୋଲି ଆଖ୍ୟା ଦିଏ । ସେହି ଅନ୍ଧକାର ମଧ୍ୟ ସମାଜର ଶାସନ ଶୃଙ୍ଖଳାର ଉନ୍ମେଷ ଥିଲା—ଚକ୍ଷୁ ବଦଳରେ ଚକ୍ଷୁ, ଦନ୍ତ ବଦଳରେ ଦନ୍ତ, ଜୀବନ ବଦଳରେ ଜୀବନ ନେବା ଅର୍ଥାତ୍ କେହି ଯଦି କାହାର କାନ କାଟି ଦିଏ ତେବେ ଅପର ତାର କାନ କାଟି ପକାଇବ; କେହି ଯଦି କାହାର ଆଖି ଫୁଟାଇ ଦିଏ ତେବେ ଅପର ତାର ଆଖି ଫୁଟାଇ ଦେବାକୁ ବାଧ୍ୟ ହେବ, କେହି କାହାରିକୁ ହତ୍ୟା କଲେ ଅପର ତାକୁ ହତ୍ୟା କରିବ । କି ଘୃଣ୍ୟ ଓ ନୀଚ ବିଧାନ ! ସେତେବେଳେ ପୃଥିବୀରେ ବାଇବେଲ ମଧ୍ୟ ଥିଲା । ପ୍ରଭୁ ଯିଶୁଙ୍କର ଆଦର୍ଶ ସେତେବେଳେ ମଧ୍ୟ ଶ୍ୱେତ ସମାଜର ସମ୍ମୁଖ ଥିଲା । ଯଦି କେହି କାହାର ଗଣ୍ଡର ଗୋଟିଏ ପାର୍ଶ୍ୱରେ ଚପେଟାଘାତ କରେ ତେବେ ସେ (ନମ୍ର ବ୍ୟକ୍ତି) ଅପର ପାର୍ଶ୍ୱଟିକୁ ଦେଖାଇ ଦେବା ଉଚିତ ବୋଲି ଯେଉଁ ଗ୍ରନ୍ଥରେ ଲେଖା ଯାଇଥିଲା, ସେ ଗ୍ରନ୍ଥ ପୂଜା ପାଉଥିଲା ।

\+ × +

ଆଜି ମଧ୍ୟ ସେ ଗ୍ରନ୍ଥ ପୂଜା ପାଉଛି । ଆଜି ମଧ୍ୟ ସେହି ବାଇବେଲ ଗ୍ରନ୍ଥକୁ ଆଦର୍ଶ କରି ଏ ଦେଶରେ ଶ୍ୱେତାଙ୍ଗ ଶାସନ ଚାଲିଛି । ଆଜି ସମାଜ ସଭ୍ୟ ହୋଇଛି—ଶିକ୍ଷିତ ହୋଇଛି—ଅଧିକ କୃଷ୍ଟ ହୋଇଛି—ମାନବିକତା ଆଜି ପ୍ରତି ମୁଖର ବାଣୀ ତଥାପି ଆଜି ସେହି ଅମାନୁଷିକ ଶାସନ ଦଣ୍ଡରୁ ମାନବ ସମାଜ ତ୍ରାହି ପାଇ ନାହିଁ । ଆଜି ମଧ୍ୟ ଜୀବନର ପ୍ରତିବଦଳରେ ଜୀବନ ନିଆ ହୁଏ—ଗୋଟିଏ ଜୀବନର ମୂଲ୍ୟ ଏକାଧିକ ଜୀବନକୁ ଦେବାକୁ ପଡ଼େ—ଗୋଟିଏ ଜୀବନର ହତ୍ୟା ପାଇଁ ଯେଉଁ ଜୀବନ ଦାୟୀ ତାର ଅଭାବରେ ଯେ କୌଣସି ଜୀବନକୁ ଗ୍ରାସ କରିବା ଆଧୁନିକ ସଭ୍ୟ ସମାଜର ଅପର ବିଷୟ ଧନୁଷ୍ଟ ହୁଏନାହିଁ ।

× + ×

ଏହି ଅଭ୍ୟାସ ପାଇଁ ଭାରତ ସ୍ୱାଧୀନତା ଚାହେଁ । ଶୀତ ପ୍ରଧାନ ଦେଶସ୍ଥ ବ୍ରିଟିଶମାନଙ୍କର ମସ୍ତିଷ୍କ ସମ୍ଭୂତ ଅସ୍ୱାଭାବିକ ଶୃଙ୍ଖଳା ଅତିକ୍ରମ କରି ଏ ଜାତି ବଞ୍ଚିବାକୁ ଚାହେଁନାହିଁ । ବିଦେଶୀ ପ୍ରଭୁର ଆଜ୍ଞା ଶିରରେ ଧାରଣ କରି ଯେଉଁମାନେ ଶାନ୍ତି ରକ୍ଷା ଏ ଦେଶରେ କରୁଛନ୍ତି, ତାଙ୍କ ହାତରେ ଏ ଦେଶବାସୀ ନିଜର ଧନ ଜନ ଇଜ୍ଜତର ରକ୍ଷା ଭାର ସମର୍ପଣ କରି ନିଶ୍ଚିନ୍ତ ହେବାକୁ ଚାହେଁନାହିଁ । ଏ ଦେଶର ପ୍ରତ୍ୟେକ ଲୋକ ଆତ୍ମନିର୍ଭରଶୀଳ—ସ୍ୱାଧୀନ ହେବାକୁ ଚାହେଁ—ପ୍ରତ୍ୟେକ ଲୋକ ନିଜର ଆତ୍ମରକ୍ଷା ସମ୍ମାନ ରକ୍ଷା ପାଇଁ କ୍ଷମ ହେବାକୁ ଚାହେଁ । ତେଣୁ ଏ ଦେଶରେ ସର୍ବ ପ୍ରଥମେ ସ୍ୱାଧୀନତା ଲୋଡ଼ା ।

× + +

ରଣପୁର ହତ୍ୟାକାଣ୍ଡର ଆସାମୀମାନଙ୍କୁ ହତ୍ୟା କରିବାକୁ ନିଆ ଯାଉଛି । ଏମାନେ ଯେ ନିଜ ହାତରେ ମେଜର ବେଜଲଗେଟ୍‌ଙ୍କୁ ହତ୍ୟା କରିଥିଲେ ତାର ସଠିକ ପ୍ରମାଣ ଅଭାବରେ ମଧ୍ୟ ଏମାନଙ୍କୁ ହତ୍ୟା କରି ଦେବ ।

\+ + +

ଖୁଦିରାମ୍ ନାହାନ୍ତି—ଭଗତ୍ ସିଂହ ଯାଇଛନ୍ତି । ସେମାନେ ଚିରଦିନ ଭାରତରେ ପୂଜା ପାଉଥିବେ । କିନ୍ତୁ ରଣପୁର ଆସାମୀ ରଘୁନାଥ ଓ ଦିବାକରଙ୍କର ଆସନ ତାଙ୍କଠାରୁ ଢେର ଉଚ୍ଚରେ ।

\+ × +

ରଘୁନାଥ ଅହିଂସାବାଦୀ । କୌଣସି ଦିନ ଆମ୍ଭେମାନେ ତାଙ୍କ ନିକଟରେ ବିକଟ ହିଂସାର ଭାବ ଦେଖିବାକୁ ପାଇନାହୁଁ । ଡ଼ଗରର ପ୍ରତିନିଧି ରୂପେ ସେ କଂଗ୍ରେସରେ ସୁପରିଚିତ ଥିଲେ । ଯେ ତାଙ୍କ ସଂସର୍ଗରେ ଆସିଛି—ସେ ଆଜି ଏ ସମ୍ବାଦରେ ମ୍ଳାନ । ସେ ନିର୍ଭୀକ ଥିଲେ—ନୀରବ କର୍ମୀ ଥିଲେ—ସେ ସାହିତ୍ୟିକ ଥିଲେ ଏବଂ ସାହିତ୍ୟସେବୀ ଥିଲେ ।

× × ×

ଡ଼ଗର ତାଙ୍କୁ—ତାଙ୍କର ମର ଦେହକୁ ହରାଇଛି ସତ, କିନ୍ତୁ ତାଙ୍କର ଆଶୀର୍ବାଦ, ତାଙ୍କର କର୍ମ ପ୍ରାଣତା ତାଙ୍କର ପ୍ରେରଣା ଡ଼ଗର ପ୍ରାଣରେ ଆଜି ସ୍ପନ୍ଦନ ଜଗାଇଛି—ନୂତନ ଜୀବନ ଦେଇଛି । ଡ଼ଗର ଆଜି ରଘୁ ଗୌରବରେ ଗର୍ବିତ ।

ନବ ପ୍ରତିଷ୍ଠିତ
ଓଡ଼ିଶା ଜର୍ଣ୍ଣାଲ୍‌ସ୍ ଲିମିଟେଡର
ନବତମ ଅବଦାନ
ଜନତା
ଜାତୀୟତାବାଦୀ ନିରପେକ୍ଷ ଦୈନିକ ପତ୍ର ।
ଅଧ୍ୟକ୍ଷ ସଂପାଦକ——କାନ୍ତ-କବି ଲକ୍ଷ୍ମୀକାନ୍ତ

Digitized by srujanika@gmail.com






# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଷ୍ଟୋର୍ସ



ଦରଘାବଜାର, ପୋ. — କଟକ।




୫୦୦୦ଙ୍କା ପୁରସ୍କାର !

ଜୀ ଗ୍ୟାରେଣ୍ଟି !

ଗ୍ରାହକମାନଙ୍କର ଫରମାସ ଅନୁସାରେ ଅମ୍ଭମାନେ ଖାଣ୍ଟି ସୁନା, ରୁପା ଏବଂ ... ମନ ମୁତାବକ ପ୍ରସ୍ତୁତ କରିଥାଉଁ। ଆମମାନଙ୍କର କାରବାର ଅଠର ବର୍ଷରୁ ଅଧିକ ... ସମୟରେ ... ଅମ୍ଭମାନେ ଏହି କାର୍ଯ୍ୟାଳୟ ... ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ... ପ୍ରତ୍ୟେକ ପଦାର୍ଥକୁ ... ପରୀକ୍ଷା କରିବାର ସୁବିଧା ଅବଶ୍ୟ ଦେଇ ଥାଉଁ। ଯଦି କୌଣସି ପ୍ରକାର ଦୋଷ ... ଅମ୍ଭେମାନେ ୫୦୦୦ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ। ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ

ଦରଘା ବଜାର, ପୋ:— କଟକ।




ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

(ସାପ୍ତାହିକ) 'ବର୍ମା ଓଡ଼ିଆ ପତ୍ରିକା' (ଡେୟିଲ ୧୨ ପୃଷ୍ଠା)

ଏହାଠାରେ ... ବର୍ମାପ୍ରବାସୀ ଓଡ଼ିଆମାନଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାର ... ଅବସ୍ଥା, ବର୍ମା ଭାରତ ପୃଥକ୍କରଣ ପରେ ବର୍ମା ସରକାର ... ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧରେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ। ... ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ। ଏହା ବର୍ମାର ... ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ।

ମୂଲ୍ୟ ... , ... ଭାରତବର୍ଷ ... । ଠିକଣା— ... , ... (ବର୍ମା)


ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com

ଅଧ୍ୟବସାୟ ଓ ପରିଶ୍ରମ ଦ୍ୱାରା ଉଚ୍ଚସ୍ଥାନ ଅଧିକାର କରାଯାଏ ।

**ଆପଣ ଯତ୍ନ କଲେ ସେ ସ୍ଥାନ ଅଧିକାର କରି ପାରିବେ ।**

ସ୍ୱାଧୀନ ଭାବରେ ଜୀବିକା ଉପାର୍ଜନ କରିବା ପାଇଁ ବିଶ୍ୱସ୍ତ ବୀମା କମ୍ପାନୀର

ପ୍ରତିନିଧି ହେବା ଗୋଟିଏ ଉତ୍ତମ ପନ୍ଥା ।

**ଅନେକ ଲୋକ ଜୀବନ ବୀମା ପ୍ରତିନିଧି ହୋଇ ଯଥେଷ୍ଟ ଅର୍ଥ ଏବଂ ଖ୍ୟାତି ଅର୍ଜନ କରି ପାରିଛନ୍ତି ।**

**ଆପଣ ମଧ୍ୟ ଯତ୍ନ କଲେ ସେହିପରି ବଡ ହୋଇ ପାରିବେ ।**

ଜୀବନ ବୀମା କାର୍ଯ୍ୟ କର [illegible] କରିବା ପାଇଁ ପ୍ରଚୁର [illegible]

[illegible] ଅଛି ।

ସାଧୁ ବ୍ୟବସ୍ଥା, ଉଦ୍ୟମ ଏବଂ ସୁଯୋଗ୍ୟ ପରିଶ୍ରମର ଫଳ ।

## ୧୯୩୮—୩୯ ର ଚୁମ୍ବକ ବିବରଣୀ

| | |
|---|---|
| ନୂତନ ବୀମାର ପରିମାଣ [illegible] ଲକ୍ଷରୁ ଊର୍ଦ୍ଧ୍ୱ । | ଚଳନ୍ତି ବୀମାର ପରିମାଣ ୧୬ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ । |
| ବୀମା ପାଣ୍ଠି [illegible] " " | ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୬ " " |

ବାର୍ଷିକ ଆୟ ୮୬ ଲକ୍ଷରୁ ଊର୍ଦ୍ଧ୍ୱ

ଲାଭ:—ଆଜୀବନ ବୀମାରେ ହଜାର ପ୍ରତି ବର୍ଷକୁ ୪୧୫ ଟା ଏବଂ ସ୍ୱଳ୍ପ ମିଆଦି ବୀମାରେ ବର୍ଷକୁ ୪୧୮ ଟା ।

**୧୯୩୮ ମସିହା ବୀମା ଆଇନ ମୁତାବକ ସରକାରୀ କାଗଜାଦିରେ ନିୟୋଜିତ ହୋଇଥିବା ପାଣ୍ଠିର**

**ପରିମାଣ ମୋଟ ବୀମା ପାଣ୍ଠିର ଶତକଡ଼ା ଚାଳିଶରୁ ଊର୍ଦ୍ଧ୍ୱ ଅଟେ ।**

ଆପଣ ଆଜି, ବର୍ତ୍ତମାନ ପ୍ରତିନିଧି ହେବା ପାଇଁ ଦରଖାସ୍ତ କରନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

| | |
|---|---|
| ହେଡ୍ ଅଫିସ— | ଓଡ଼ିଶା ଅଫିସ— |
| ହିନ୍ଦୁସ୍ଥାନ ବିଲଡିଂସ | ଚାନ୍ଦଗଳି, କଟକ |
| କଲିକତା | ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାଶ** |

ଭାରତବର୍ଷ, ବ୍ରହ୍ମଦେଶ, ସିଂହଳ, ମାଲୟ ଦେଶ ଏବଂ ପୂର୍ବ ଆଫ୍ରିକାରେ ସର୍ବତ୍ର ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

---



"ଛୋଟ କାଠ ଜମି ଜମି ବଡ ପର୍ବତ ଲେଖ ଶବ"

**ଆପଣ ମାସକୁ ମାତ୍ର ଏକ ଟଙ୍କା**

## ସଞ୍ଚୟ କରି

ଦଶଜଣରେ ଜଣେ ହୋଇ ପାରିବେ ।

ନିମ୍ନ ଠିକଣାରେ ଅନୁସନ୍ଧାନ କରନ୍ତୁ

# ବାସନ୍ତୀ ଇନସ୍ୟୁରେନ୍ସ କୋମ୍ପାନୀ ଲିଃ

**ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ**

ମୁଦ୍ରାକର ପ୍ରକାଶକ—ଶ୍ରୀ ବାସୁଦେବ ମିଶ୍ର, ଏମ୍. ଏସ୍ସି.

Digitized by srujanika@gmail.com

ବାର୍ଷିକ ସଡାକ ୪୲
ଛଅ - ମାସ ଭର୍ମ ୨।୵
୫ମ ବର୍ଷ - ୨୦ ସଂଖ୍ୟା
ବୈଶାଖ ଦ୍ୱିତୀୟାର୍ଦ୍ଧ




# ଡଗରର ବିନତି

ଛଗୋଟି ବର୍ଷ ଗଲା । ପ୍ରବଳ ଝଡ଼, ପ୍ରଳୟ ଝଞ୍ଜା ଡ଼ଗର ଉପରେ ବହି ଯାଇଛି । ଡ଼ଗର ସବୁ ଅତିକ୍ରମ କରି ଛୁଟିଛି କେବଳ ସହୃଦୟ ପାଠକମାନଙ୍କର ସହାନୁଭୂତି ଓ ଶୁଭେଚ୍ଛାର ନୈତିକ ବଳ ନେଇ । ସେହି ସହାନୁଭୂତି ଓ ଶୁଭେଚ୍ଛାର ପ୍ରାର୍ଥୀ ହୋଇ ଡ଼ଗର ତାର ଜନ୍ମ ବାର୍ଷିକରେ ପୁଣି ଆପଣଙ୍କର ଦୁଆରରେ ଉପସ୍ଥିତ ହେଉଛି ।

ଗତବର୍ଷ ଅତ୍ୟନ୍ତ ଆର୍ଥିକ ଅନାଟନର ତାଡ଼ନା ଡ଼ଗର ଦୁଃଖ ପାଇ ସହୁଛି । ବାଧ୍ୟ ହୋଇ ଥରକ ପାଇଁ ସେ ଦୁଇଟି ସଂଖ୍ୟାକୁ ଏକସଙ୍ଗରେ ମୁଦ୍ରଣ କରୁଛି । ଯଦି ସାଧାରଣଙ୍କର ଅକୁଣ୍ଠିତ ଆଶୀର୍ବାଦ ଡ଼ଗର ଏଥର ପାଇ ପାରେ ତେବେ ସେ ତାର କର୍ତ୍ତବ୍ୟ ପଥରେ ଅଗ୍ରସର ହେବ । ——ଡଗର

Digitized by srujanika@gmail.com







# ବରେନ୍ଦ୍ର ନାଥ ନାୟକ ସ୍ୱର୍ଣ୍ଣମନ୍ଦିର



ଦରଘାବଜାର, ପୋ. —କଟକ ।





୫୦୦୲ ଟଙ୍କା ପୁରସ୍କାର ! ୫୦୦୲ ଟଙ୍କା ପୁରସ୍କାର !

ଖରିଦ୍ଦାରମାନଙ୍କର ପରାମର୍ଶ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିର ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁତ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ କାହାରକୁ ନକଲ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ପରୀକ୍ଷା କରି ଦେଖିବା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଦେଖା ଯିବା ଦେଖାଇଦେଲେ ଅମ୍ଭେମାନେ ୫୦୦୲ ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବରେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।





ବ୍ରହ୍ମଦେଶର ପ୍ରଥମ : ଓଡ଼ିଆ

(ସାପ୍ତାହିକ) '[illegible]ବା' (ରୟେଲ ୧୬ ପୃଷ୍ଠା)

[illegible] ଓଡ଼ିଆ ଓଡ଼ିଆଙ୍କ [illegible] ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଓଡ଼ିଆଙ୍କ ଅବସ୍ଥା, ବର୍ମା ଭାରତ ପୃଥକୀକରଣ [illegible] ସରକାରଙ୍କ ମନୋଭାବ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧରେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟ [illegible] ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ [illegible], ... ଭାରତବର୍ଷ [illegible] । ଠିକଣା—ନଂ [illegible], [illegible] ରେଙ୍ଗୁନ (ବର୍ମା)

ସମ୍ପାଦକ **ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

Digitized by srujanika@gmail.com



ମିଷ୍ଟର ଫଜଲୁଲ ହକ୍ କହିଲେ ଯେ ଯଦି ଗୋରା ନୌକରଶାହି ବଦଳରେ ଏ ଦେଶରେ କଳା ନୌକରଶାହି ଶାସନ ହୁଏ ତେବେ ସେ ନିଜ ରକ୍ତର ଶେଷ ବିନ୍ଦୁ ଦେଇ ତାର ପ୍ରତିରୋଧ କରିବେ । ସାଧୁ—ସାଧୁ ! ଗୋରା ନୌକର-ଶାହି, ହକ୍‌ଙ୍କୁ ମିଷ୍ଟର ହକ୍ କରିଛନ୍ତି, ତାଙ୍କ ପାଇଁ 'ଡାଲି ଭାତର' ବ୍ୟବସ୍ଥା କରିଛନ୍ତି— କଳା ନୌକରଶାହି ହେଲେ ତାଙ୍କେ କେତେ-ବେଳେ ଏକ ମିଅଁ ବୋଲି ଡାକି ଦେବ— ଡାଲି ଭାତରେ ଧୂଳି ପକାଇ ଦେବ—ବା ଡାଲି ଭାତକୁ ଅମିଳା କରିଦେବ ! ତେଣୁ ଆମ୍ଭେମାନେ ହକ୍‌ଙ୍କ କଥାଟାକୁ ହକ୍ କଥା ବୋଲି କହିବାକୁ ବାଧ୍ୟ ।

\+ + +

ସୋନପୁର ସତ୍ୟାଗ୍ରହ ଆଶ୍ରମରେ ୪୭୬ ମାଇଲ ଲମ୍ବା ସୂତା କଟା ହୋଇଛି । ଭଗବାନଙ୍କ ଇଚ୍ଛା । ଯଦି ଏହି ଗତିରେ ସୂତା କଟା ଚାଲେ ତେବେ ନିଶ୍ଚୟ ଦିନେ ଏ ସୂତା ଏତେ ଲମ୍ବା ହେବ ଯେ ଭାରତର ହିମାଳୟ ପର୍ଯ୍ୟନ୍ତ ପାଇଯିବ । ସେଠି ସେ ଜନ୍-ବୁଲଙ୍କୁ ନାଗପାଶରେ ପକାଇ ଭାରତକୁ ଟାଣି ଆଣିଲେ ଆମେ ସବୁ ହିନ୍ଦୁ ନାଗୁଡ଼ି ମୋଡ଼ିବା ଅଜ ହାତଟାକୁ ମୋଡ଼ି ତାଠୁଁ ସ୍ୱାଧୀନତା ଛଡ଼ାଇ ନେବା ।

× × ×

ଖାଁ ବାହାଦୁର ଅଲ୍ଲାବକ୍ସ କହିଲେ ଯେ ଲିଗ୍ ଦଳଅ ମାନଙ୍କର ତ ପାକିସ୍ଥାନ ପାଇଁ ମନ ନାହିଁ । ଏପରି ଅବସ୍ଥାରେ ଲିଗ୍ କର୍ମ-କର୍ତ୍ତାମାନଙ୍କର ପାକିସ୍ଥାନ ଦାବି କରିବାର ଅଧିକାର ନାହିଁ । ଖାଁ ବାହାଦୁର ବୋଧହୁଏ ଅସଲ ମରମଟା ବୁଝି ନାହାନ୍ତି । ଆରେ, ପୁଅ ଖାଇବ ପାଇଁ ଖାଇବ ନାହିଁ ବୋଲି ଅଡ଼ି ଧଇଲେ ମା ମନ କଣ ମାନେ ? ଜିନ୍ନା ସାହେବ ଲିଗ୍‌ର ଜନକ, ବଙ୍ଗର ବନ୍ଧୁ ହୋଇ ସେ ଲିଗ୍‌କୁ ଲାଳନ ପାଳନ କରିଛନ୍ତି— ଆଶା ଯେ ସେ ତାଙ୍କର ନାମ ରଖିବ, ମାନ ରଖିବ - ପୋଷିବ, ପାଳିବ ସବୁ କରିବ । କେଉଁ ଅବସ୍ଥାରେ ଲିଗ୍ ମନା କଲେ ବି ସେ କ'ଣ ଲିଗ୍‌କୁ ପାକିସ୍ଥାନ ନ ମିଳାଇ ଛାଡ଼ିବେ ! ବ୍ରିଟିଶ ସରକାରର ସଙ୍କେତ ଆମେ ଦେଖୁ ନପାରିଲେ ବୋଲି କ'ଣ ସେ ଅମର ନା ହାତ, ଅମର ସଙ୍ଗୀଙ୍କରେ ଉପକାର ହେବ, ସେଇଟାକୁ ସେ ଆଜି ନେଇ ଭୁଲିଯିବେ ? ଜିନ୍ନା ଯେ ସେଇ ବ୍ରିଟିଶଙ୍କ ସ୍ୱପ୍ନ; ସେ କଣ ଏ ପାଠଟା ପଢ଼ି ନାହାନ୍ତି ବୋଲି ଭାବୁଛ ?

× + ×

ଭାଇସ୍‌ରୟଙ୍କର ସୁଖ ଲାଗିଛି । ସେଇଟା ସେ କାହିଁକି କହିଛି—ଏ ଦେଶର ମା ପେଟରେ ଥିବା ଅଭିମନ୍ୟୁ ତାର ଭେଦ ବୁଝି ପାରିଛି । ଜଣକର ଉପନିବେଶ ସାମ୍ରାଜ୍ୟ ପୁନରୁଦ୍ଧାର କରିବା ହେଲେ, ଅନ୍ୟର ଉପନିବେଶ-ସାମ୍ରାଜ୍ୟକୁ ସମାଜ ରଖିବା । ଏ କଥା ନଜାଣେ କିଏ ? ଇଂରେଜ ଶାସନକର୍ତ୍ତାମାନେ ଯେତେ ପ୍ରକାରରେ ବୁଝାଇଲେ ବି ଲୋକଙ୍କ ମନ ବୁଝୁ ନାହିଁ । ଅଜ ସମସ୍ତଙ୍କ କଥା ଛାଡ଼ି ଓଡ଼ିଶା ସରକାରଙ୍କ ନିଜ ପ୍ରକଳ୍ପ, ବିଂହ କରି କ'ଣ କଲେ ତାହା ଆମ ଗଭର୍ଣ୍ଣର ଜାଣି ଥିବେ । ସେଥିପାଇଁ ଏଥର ସେ ପୁଣି ଇଲେକ୍ଟ୍ରିକ କମ୍ପାନୀର କାରଖାନା ଖୋଲିବାବେଳେ ଯୋଗଦେଇ ଶେଷ ଚେଷ୍ଟା କରିଛନ୍ତି । ସେ ଓଡ଼ିଶା ବାସୀଙ୍କୁ ଧମକ ଦେଇଛନ୍ତି—ସାବଧାନ ବାବା, ପୁଣି ସ୍ୱଦେଶରେ ଯଦି ଜର୍ମାନୀ ଆସି ବୋମା ପକାଏ ତେବେ କ'ଣ ହେବନି ! ହେବ ଅଜ କ'ଣ ଅଧିକା ? ଆମେ ତ ମା କାଳିଙ୍କ ମାନସିକ ଛେଳି । ମା କାଳିଙ୍କ ଆଗରେ ବଳି ପଡ଼ନ୍ତୁ, ନଇଲେ ଇଂରେଜ ଜର୍ମାନୀର କରନ୍ତୁ । ମହାବାଟା ତ ନାହିଁ ତ । ତମେ ଇଂରେଜକୁ ଧୀରେ ଧୀରେ ଯୋଡ଼ିବ ଖାଉଛ—ସେ ନହେଲେ ଏକାଥରେ ଚିରି ଦେବେ । ତଫାତ୍ କେଉଁଠି ? ଏ ସାମ୍ରାଜ୍ୟ ବ୍ରିଟିଶର ଥାଉ ବା ଜର୍ମାନର ହେଉ—ଆମର କି ଯାଏ ଆସେ ? ଚେମ୍ବରଲେନ ଯାଙ୍କ ଛାତି-ତଳେ ଅଶ୍ରୟ ଦିଅନ୍ତୁ ବା ହିଟଲର ତାଙ୍କ ଛାତି ତଳେ ଆଶ୍ରୟ ଦିଅନ୍ତୁ – ଆମର ଯାଏ କେତେ ଆସେ କେତେ ? ଖୁବ୍ ବେଶୀ ହେଲେ ମହଲରୁ ଯାଇ କାନ୍ତାରରେ ପଡ଼ିବୁଁ ତ ? ଆମେ ତାହା ସବୁ ପାଇଁ ତୟାର ! ଗୃହ ତଳିତଳେ ତାଙ୍କ ପାଇଁକି ତାକୁ ଅଜ ବସ ଡରାଇବେ ? ତେବେ ପୂର୍ବ ଗଭର୍ଣ୍ଣମେଣ୍ଟ ହ ଜସଟା ଜଣେ ଦିଆ ଦେବ ସେ କଟ୍ସାରେ ହିଁ ଏ ଦେଶ କଥା । ସେ କହିଲେ ଆମେ ଠିକ୍ ରହିବୁଁ । ଗଭର୍ଣ୍ଣମେଣ୍ଟ ଦାକ୍ଷସ କଟ ଥିଲେ ମହିର ହିଁ, ତା—ଗଭର୍ଣ୍ଣ-ମେଣ୍ଟ ଦାକ୍ଷସ ମଲେ, କଷ୍ଟ କିଏ ?

\+ + +

ଆମ୍ଭେମାନେ ବିଶ୍ୱସ୍ତ ସୂତ୍ରରେ ଅବଗତ ହୋଇଛୁଁ ଯେ ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ ନୀଳକଣ୍ଠ ଏଥର ସତ୍ୟାଗ୍ରହ ସ୍ଥାଗିତ ପତ୍ର ପେସ କରିଦେଇଛନ୍ତି । ଶୁଣିଲୁ, ସେମାନେ ଅନ୍ୟ ପ୍ରଦେଶରେ ଯାଇ ସତ୍ୟାଗ୍ରହ କରିବେ । ଏ ପାପସ୍ଥଳୀ ଓଡ଼ିଶାରେ ପାଦନେବଂ ନ ଗଛନ୍ତି । କାରଣ, ଏଠି ଯେତେବେଳେ ଯାଏଁ ବିଶ୍ୱନାଥ, ଲତ୍ୟାନନ୍ଦ ଓ ହରେକୃଷ୍ଣ ମେହେତାବ ମୁକ୍ତ ହୋଇ ରହିଛନ୍ତି, ସେତେବେଳଯାଏ ଏ ସତ୍ୟା-ଗ୍ରହୀମାନଙ୍କର ଜୀବନ ଭୟ ଅଛି । ତାଙ୍କେ ଏମାନେ କେଉଁ ଦିନେ ଭୂତପୂର୍ବ ମନ୍ତ୍ରୀଦଳ ତାଙ୍କ ଭୂତପୂର୍ବ ଗୁରୁ ବା କେନ୍ଦ୍ରକର୍ତ୍ତାମାନଙ୍କୁ ଜଗି ସେ ପ୍ରତିଷ୍ଠାନ କରିଦେବେ । ଯାହାହେଲେ ଶୀଘ୍ର ବିଶ୍ୱନାଥ ତାଙ୍କର ଶାସନ ଓ ଜଗତର

Digitized by srujanika@gmail.com

ଗବେଷଣା ଫଳରେ ଦେଖିବେ ଯେ ଏଭଳି ଅନେକ ସୃଷ୍ଟି କରି ପାରିଛନ୍ତି ସେଥିପାଇଁ ତାଙ୍କୁ ଅଶେଷ ଧନ୍ୟବାଦ । ଆଉ ସାହେବ ଓ ନିଷେଧ ଯେ ଜଣକର ଜୀବନକୁ ଏପରି ଅଯଥା ଅକାରଣ ନାଶ କରିବେ ନାହିଁ ବୋଲି ଠିକ କରିଛନ୍ତି ସେଥିଯୋଗୁ ତାଙ୍କୁ ମଧ୍ୟ ଅଶେଷ ଧନ୍ୟବାଦ । ହରି ଯାକୁ ରଖେ ତାକୁ ମାରେ କିଏ—ହରି ଯାକୁ ମାରେ ତାକୁ ରଖେ କିଏ ?

× × ×

ଜର୍ମାନ ପୁଣି ନେଦରଲାଣ୍ଡ, ହଲାଣ୍ଡ ଓ ଲକ୍ସେମବର୍ଗ ଆକ୍ରମଣ କରିଛି । ସମ୍ବାଦ ସୂତ୍ରରୁ ରାଜ୍ୟ ଗୁଡ଼ିକ ଉପରେ ଏ ଅମାନୁଷିକ ଅତ୍ୟାଚାର ନ୍ୟାୟସଙ୍ଗତ ବ୍ରିଟିଶ ଜାତି ସହ୍ୟ କରି ନ ପାରି ଜର୍ମାନଙ୍କୁ ବାଧା ଦେଉଛନ୍ତି । ବେଲ୍ଜିୟମରେ ଥାଇ ତଳେ ଭିକାରଣ ହୋଇ ନଷ୍ଟ ପ୍ରାଣ ପାଇଁ ଡାକ ପକାଉଛନ୍ତି—ଡାକ ଦେଉଛନ୍ତି—"ରକ୍ଷା କର, ରକ୍ଷା କର ।'

କିନ୍ତୁ ହେ ଭଗବାନ, ଆପଣଙ୍କର କୃପା ଦୃଷ୍ଟି ଯାହା ଉପରେ ପଡ଼େ ସଂସାରରେ ତାଠୁଁ ବଡ଼ ଦୁଃଖୀ ଆଉ କିଏ ଅଛି ? ଆପଣଙ୍କ ଭକ୍ତଙ୍କୁ ଆପଣ ଦୁଃଖ ଦେଇ କଷ୍ଟ ଦେଇ ପରୀକ୍ଷା କରନ୍ତି । ଅବିସିନିଆଙ୍କୁ ପରୀକ୍ଷା କଲେ, ଅଷ୍ଟ୍ରିଆ ହଙ୍ଗେରୀ ଚେକୋସ୍ଲୋଭାକିଆଙ୍କୁ ପରୀକ୍ଷା କଲେ । ପୋଲାଣ୍ଡ ଫିନଲାଣ୍ଡକୁ ମଧ୍ୟ ପରୀକ୍ଷା କଲେ ଶେଷରେ ନରୱେକୁ ମଧ୍ୟ ପରୀକ୍ଷା କରି ଦେଖି ସାରିଲେଣି । ଆଉ କେତେ ପରୀକ୍ଷା କରିବ ? ଜଗନ୍ନାଥ ହେ ତମ ଲୀଳା !

\+ \+ \+

ବ୍ରିଟିଶ ଜାତି ଏତେଦିନେ ଚେମ୍ବରଲେନଙ୍କୁ ଛଡ଼ାଇ ଅଣିଲେ ଛାଡ଼ିଲେ । ଚର୍ଚ୍ଚିଲ ତାଙ୍କ ମୁଣ୍ଡ ଉପରେ କେତେ ଦିନ ଜାତିଟା ରହିବ ଦେଖିବାକୁ ବାକି ରହିଲା······

ଚେମ୍ବରଲେନ ଯାହା ଚାହିଁଲେ ହେଲା । ଟେବୁଲ ଉପରେ ଶେଷ । ଏତେ ପରିବର୍ତ୍ତନରେ ବ୍ରିଟିଶ ଜାତି ସନ୍ତୁଷ୍ଟ । ପଣ୍ଡିତ ନାହିଁ ପର ! ତେବେ ହିଁ, ତୋଫାନରେ ଝଡ଼ ବେଶୀ ବୁଢ଼ା ଅଳ୍ପ ଦେଖା । ଏ ଯୁଦ୍ଧ କେତେ ଦିନ ମୋଟା ତାଗଡ଼ା ଯୁଆନ୍ ଲୋକ ଲୋଡ଼ା । କିନ୍ତୁ ଚର୍ଚ୍ଚିଲ ତ ସେମିତି ଯୁଆନ ନୁହନ୍ତି । ଆମ ମତରେ ବର୍ତ୍ତମାନ ପରିସ୍ଥିତିରେ ସେଇମାନଙ୍କର ସୈନ୍ୟ ଉତ୍ପାଦନ କରିବାର ଶକ୍ତିଥିବା ଲୋକ ପ୍ରଧାନ ମନ୍ତ୍ରୀ ହେବା ଉଚିତ ।······ ···

ଯାହାହେଉ ଏଥର ଚର୍ଚ୍ଚିଲଙ୍କ ଉଦାରତା ଏ ଭାରତକୁ ବେଶୀ ଶୁଣାଯିବ । ଭାରତର ଭାଗ୍ୟଟା ଖୋଲିଯିବ ଏଥର । ଏଥର ମହାତ୍ମା ଗାନ୍ଧି ଉତ୍ତମ ରୂପେ ଦେଖିବେ ଯେ ଭାରତ ସ୍ୱାଧୀନ ହୋଇ ଯାଉଛି । ବ୍ରିଟିଶ ହୃଦୟ ମଞ୍ଚରେ ତାଙ୍କ ଅହିଂସା ବୀଜ ଗଜେଇଛି ।

\+ \+ \+

ଗାନ୍ଧିଙ୍କ ପ୍ରଧାନ ଅସ୍ତ୍ର ଅହିଂସାବାଦ । ଅପର ଦେଶରେ ଶତ୍ରୁ ମଧ୍ୟ ମିତ୍ର ପରି ବ୍ୟବହାର ପାଇବ । ସେଥିପାଇଁ ଗାନ୍ଧିଜୀ କହୁଛନ୍ତି କି ଏ ସମୟରେ ସେ ବ୍ରିଟେନକୁ ଅସୁବିଧା କରିବାକୁ ଚାହାନ୍ତି ନାହିଁ । କିନ୍ତୁ ତା ସଙ୍ଗେ ସଙ୍ଗେ ସେ ମାନୁଛନ୍ତି ଯେ ଗତ ଯୁଦ୍ଧରେ ଭାରତ ଯେଉଁ ସାହାଯ୍ୟ ଦେଇଥିଲା, ତାର ପ୍ରତିଦାନରେ, ରାଓଲେଟ ଆକ୍ଟ, ଜାଲିଆନାୱାଲା ହତ୍ୟାକାଣ୍ଡ ମିଳିଥିଲା । ଏ ଯୁଦ୍ଧ ପରେ ତହୁଁ ବଡ଼ ବଡ଼ ପୁରସ୍କାର ମିଳିବ । ତା ସଙ୍ଗେ ଗାନ୍ଧିଜୀଙ୍କର ଏ ଅହିଂସା, ଏ ଭଲ ଲୋକଙ୍କର ଆଉ ଦିନ ଅଧିକା କି ମିଳିବାର ଯଥେଷ୍ଟ ଆଶା ଅଛି । ଯୁଦ୍ଧ ହେବେ ଆମରତ ଜଗାନ ଫିଟିଯାଏ ।

\+ × +

ଜର୍ମାନ, ହଲାଣ୍ଡ ବେଲ୍ଜିୟମକୁ ଆକ୍ରମଣ କରିବାର ଉଦ୍ଦେଶ୍ୟ ଜଣାଇ ଜର୍ମାନ ଅଧିପତି ହିଟଲର କହନ୍ତି ଯେ ସେ ଦେଶ ସବୁ ଦେଶର ନିରପେକ୍ଷତା ରକ୍ଷା କରିବା ପାଇଁ ଏପରି କରିଛନ୍ତି । ବୁଦ୍ଧିଟା ମନ୍ଦ ନୁହେଁ—ବୁଦ୍ଧିଟା ବ ମନ୍ଦ ନୁହେଁ । ଆମ ଇଂରେଜ ସରକାର ଜର୍ମାନଠାରୁ ଏ ବୁଦ୍ଧିଟା ଶିଖିଦେଲେ ବଡ଼ କାମରେ ଲାଗନ୍ତା ଏକା । ଭାରତବାସୀମାନେ ଉପାସ ଭୋକରେ ମରୁଛନ୍ତି ବୋଲି ସ୍ୱାଧୀନତା ମାଗୁଛନ୍ତି । ଜର୍ମାନୀ ବୁଦ୍ଧି କରି ଇଂରେଜ ସରକାର ଯଦି ସେମାନଙ୍କୁ ନିର୍ମୂଳ କରି ଦିଅନ୍ତି ଆଉ ତ କେବେ କେହେଲେ ଭାରତ ବାସୀଙ୍କୁ ଉପାସ କଷ୍ଟ ସହିବାକୁ ପଡନ୍ତା ନାହିଁ । ଚିର ଦିନ ପାଇଁ ସେମାନେ ନିଶ୍ଚିନ୍ତ ହୋଇଯାନ୍ତେ । ଆଉ ଇଂରେଜମାନେ ଯେଉଁ ବ୍ରିଟିଶ ଦ୍ୱୀପରୁ ଜର୍ମାନଠାରୁ ତଡ଼ା ଖାଆନ୍ତି ତେବେ ଏଠିକି ପଳାଇ ଭାରତକୁ ମାତୃଭୂମି ବା ଉପନିବେଶ କରି ଯାବତ ଚନ୍ଦ୍ରାର୍କ ନିରାପଦରେ ରାଜ୍ୟ ଭୋଗ କରନ୍ତେ ।

× × +

ମଲ୍ଲିକଙ୍କ ମୋହଟା ବଡ଼ ଉତ୍କଟ । କଂଗ୍ରେସ ଯଦି କହେ ଯେ ମଲ୍ଲିକ୍ କଂଗ୍ରେସକୁ ବଳ ଦେଉଛି, ଯେଉଁମାନେ ଦେହରେ ଜେଉଁଠି ଗଛ ହେଲେ ଛୁଇଁ ବୋଲି କହନ୍ତି ତାଙ୍କୁ ଆମେ କଅଣ କହିବା ? ଖମଟାବୋଡ଼ ବଡ଼ଠାରୁ ଲୋକ ପର୍ଯ୍ୟନ୍ତ ସମସ୍ତଙ୍କୁ ଧରିଛି । ସେ ନିଶା ଖାଉଥାଏ ସେ ଯେମିତି ନିଶା ଖାଉଛି ବୋଲି ଧାରଣା କରି ପାରେ ନାହିଁ—ମଲ୍ଲିକ୍ ମୋହାନ୍ଧମାନେ ମଧ୍ୟ ସେହିପରି । ଗାନ୍ଧିଜୀଙ୍କ ଦକ୍ଷିଣହସ୍ତ, ଗାନ୍ଧିଜୀଙ୍କ ସମ୍ବାଦ, ଦକ୍ଷିଣ ପନ୍ଥୀଙ୍କର ଜଣେ ନେତା ମଲ୍ଲିକ୍ ଗ୍ରୁପ୍ ଲୋକେ କହିଲେ—ଆମେ କେବଳ ଗୋଡ଼ାକୁ ଓଳାଇ ଟିକିଏ ଦମ୍ ମାରୁଛୁଁ—ପୁଣି ସୁଯୋଗ ଆସିଲେ ଚଢ଼ିଯିବୁ ସେ । ଅନ୍ୟପକ୍ଷେ ମୁହଁ ଶୁଖାଇ କହିଲେ କଂଗ୍ରେସ ଯଦି ଉଦାର ମଲ୍ଲିକ୍ ଗ୍ରହଣ କରିବ, ତେବେ ମର୍ଯ୍ୟାଦା ରକ୍ଷା ହେବା ପାଇଁ କହିବ । ଗାନ୍ଧିଜୀ ମଧ୍ୟ ବଲ୍ଲଭଙ୍କ ଭଉଡ଼ା ଭିତରୁ ଥରେ ସୂକ୍ଷ୍ମ ସନ୍ଧାନ ପାଇଥିଲେ—ତଲେ ପୁଣି ବଡ଼ଲାଟ ତାଙ୍କୁ ଡକାଇ ଦେଲେ । ପୁଣି ଏବେ ଲିନ୍‌ଲିଥଗୋ ଦେଶାଇ ଦାର୍ଜିଲିଂରେ ଦେଖିଛନ୍ତି—ଅଧା ଶକ୍ତି ବର୍ଜ୍ୟ ଥିବେ ଟାଇ ଥାନ୍ତେ—ତଥାପି କି ମୁକ୍ତ ଆଶା ଭଙ୍ଗ ।

× . × ×


ଶ୍ରୀମାନ ଯୁଗଳ ଚରଣ ଦାସଙ୍କର
ନବ ଯୁଗର ନୂତନ ଅବଦାନ
'କ୍ରାନ୍ତି-ସାଥୀ'
ଶୀଘ୍ର ବାହାରୁଛି
ପ୍ରକାଶକ—
ଅଗ୍ରଦୂତ ସାହିତ୍ୟ ସଂସଦ


Digitized by srujanika@gmail.com



ଘର ଭିତରେ ବସି ଗୋଟାଏ ନୂଆ ଗଳ୍ପ ମୁଣ୍ଡ ଖେଳୁଥିଲି, ଏବେ ଗୋଟାଏ ପାଟି ଶୁଭିଲା, "ବାବୁ ଭିକ୍ଷା ଦିଅ ।" ବିରକ୍ତ ହୋଇ ଚାହିଁ ଦେଲି ଲୋକଟିକୁ ଝରକା ପାଖରେ ଗୋଟାଏ ଭିକାରି । କହିଲି, "ଯାଃ, ଏଠି କିଛି ମିଳିବ ନାହିଁ ।"

"ହଜୁର ଗରିବକୁ କହିଲେ ମୁଠାଏ ଦେଇଯିବ ।"

"ଏଠୁ ବାହାରକୁ ଯାଉଚୁ—ଯା ।"

"ଆଉ ବାହାରେ କହିଲେ ବି—"

"ଭଗୋ ବଦମାସ୍ । ଦେଖୁ ନାହାନ୍ତି ସତେ ।"

ଆଃ, କେତେ ସୁନ୍ଦର ପ୍ଲଟଟାର ଶିଅ ନଷ୍ଟ କରିଦେଲା ଏ ପାଜି । କଟମଟ କରି ରାଗରେ ଲୋକଟାକୁ ଚାହିଁଲି । ଦେଖିଲି ଚେହେରାରେ ତାର ଧୈର୍ଯ୍ୟର ଚିହ୍ନମାତ୍ର ନାହିଁ । ଅଖି ଦୁଇଟା ଜଳୁଛି ସେପରି । ବେଶ୍ ମୋଟା ମୋଟା । ଖାଲି ଯାହା ଜଣେ ଛିଣ୍ଡା କନାଟା ପିନ୍ଧିଛି ଅଉ ଖଣ୍ଡେ ସାତତାଳି ମଇଳା କୁର୍ତ୍ତାଟାକୁ ଗୁଡ଼ାଇ ପୋଡ଼େଇ ଦେଇଛି । ମୁଣ୍ଡର ବାଳ ରୁକ୍ଷ ଫୁରୁଫୁରୁ, ମୁହଁରେ ଦାଢ଼ି ।

କହିଲି, "ବେଶ୍ ତ ପହିଲଓ୍ୱାନ ଅଛୁ— ଭିକ ମାଗି ବୁଲୁଛୁ କାହିଁକି—କାମ ଧନ୍ଦା କରୁନୁ!"

ସେ କହିଲା,—"ହଜୁର ସେଇ ପୁରୁଣା କଥା ତ ଭିକାରିଙ୍କି ସମସ୍ତେ କହନ୍ତି—ଆପଣ ଅଉ ନୂଆ କଣ କହିଲେ ବାହାନା ହେବେ—"

ମୋ ଦେହ ଜଳି ଉଠିଲା । ଭିକାରିଟାର ପୁଣି ଏତେ ସାହସ । କହିଲି, "ଅଚ୍ଛା, ଏଇ ପୁରୁଣା କଥାଟାର ଜବାବ ଆଗେ ଦେଇଯାଉ । ତା'ପରେ—"

ସେ ତା ଦେହରୁ ପାଞ୍ଜୁଡ଼ା ଖଣ୍ଡ ବାହାର କରି ଦେଲା । ଦେଖିଲି ହାତ ଦୁଇଟା ଅଚଳ । ଟଂ ଟଂ ହୋଇ ଝୁଲୁଛି । ହୋଇଥିବ ପକ୍ଷାଘାତ (paralisis) । କେଡ଼େ ଭଲ ଟୋକା ଦେଖ ! ନ ଜାଣି ଲୋକଟାକୁ କେତେ କଡ଼ା କଥା କହିଲି ।

ଏହି ସମୟରେ ଚାକର ଅସିଲା । ତାକୁ କହିଲି, ଭାତ ଆଣି ଦେଲା । ମୁଁ ବି ଗୋଟାଏ ଅଣି ବାହାର କରି ଫିଙ୍ଗି ଦେଲି । ସେ ଚାଲିଗଲା ।

ତହିଁ ଆରଦିନ ମୁଁ ପାଇଖାନା ପାଖରେ ଏକୁଟିଆ ବୁଲୁଛି, ସେଇ ଲୋକଟା ପୁଣି ଆସି ହାଜର । ଦେଖିବାମାତ୍ରେ କହିଲି, "ଏଠି ମୁହଁ ଲଗିଛି କି ! କାଲି ପଇସା ଦେଇଥିଲି ?"

## ବାହାଦୁର

ଲେଖକ—ଶ୍ରୀ କା: ମ:

"ଥରେ ଦେଲେ ପୁଣି ମାଗିବାକୁ ଭଲ ମଜା ଅଛି ! କଣ ବା ଦେଇଥିଲ କାଲି !"

ଭାବିଲି ଲୋକଟା ଏତେ ନିମକହାରାମ— ପୁଣି ମୁହଁଟାଣଟା ଦେଖ ! ଲୋକଟି ପଛ ପଛ ଅଟେ ଚାଲିଲା । ସେ ତହିଁ ଧାଇଁ ଆସି ମୋ ଆଗରେ ବାଟ ଓଗାଳି ଛିଡ଼ା ହେଲା । କହିଲା, "କ ଦେଇ ଯାଉଛ କୁଆଡ଼େ ?"

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି,—"କଣ ଜବରଦସ୍ତି କରିବୁ ! ହଟ୍ ପାଜି ! ତୋ ହାତ ପରା ଅଚଳ !"

"ଅଜ୍ଞା ହଁ, କିନ୍ତୁ ସେଇ ଅଚଳ ହାତରେ ବି ତମଠୁଁ ଅଦାୟ କରି ନେବାର ଯଥେଷ୍ଟ ବଳ ଅଛି ।"

ଏହା କହି ସେ ଗୋଟାଏ ପିସ୍ତଲ ମୋ ଆଗରେ ଧରିଲା । ମୁଁ କାଠ ହୋଇଗଲି । ଅଣ୍ଟାରୁ ଦୋହଲିଲି । ମୁଣ୍ଡ ଘୁରିଗଲା ବେଳେ । ମୁଣ୍ଡ ଖାଲରେ ଦେଖିଲେ ଏଇପରି ସ୍ତବ୍ଧ ହୋଇ ଜାଣି ନ ଥିଲି ।

କହିଲା, "ବାବୁ, ପାଞ୍ଚ ଗଣେଇବି; ପାଞ୍ଚ ଗଣିବା ଭିତରେ ଯାହା ଅଛି ଜଲଦି ବାହାର କର । ଏକ୍—ଦୋ—"

ସେ 'ତିନ' କହିବା ଆଗରୁ ମୁଁ ମୋର ମନିବ୍ୟାଗଟା ତାହାର ଲଗି ତା ହାତରେ ଦେଇ ସାରିଲିଣି ।

ଯିବାବେଳେ ସେ କହିଗଲା, "ହଜୁର ଆପଣଙ୍କୁ ମୋର ଧନ୍ୟବାଦ । ମୋର ଅନୁରୋଧ ଏ କଥା କାହାରି ଆଗରେ କହିବେ ନାହିଁ— ଅନ୍ୟାୟ ହେବ ବଳ । ତାହାର ପୁରସ୍କାର ଦେଇପାରନ୍ତି । ଯଦି ମୋ ଅନୁରୋଧ ନ ରଖନ୍ତି ତେବେ ଠିକ୍ ଜାଣିଥିବେ —(ପିସ୍ତଲ ଦେଖାଇଲା ।)

\+ + +

ମୋର ଯିବାର ଥିଲା ଏକ ବନ୍ଧୁଙ୍କ ପାଖେ । ସେ ଅନୁଗୁଳର ଏହ ଜଙ୍ଗଲ ଭିତରେ ରହନ୍ତି । ଫରେଷ୍ଟ ରେଞ୍ଜର । ଗଲି ଏକୁଟିଆ । ରେଳରେ ଯାଇଁ ୨ ମାଇଲ ଟ୍,ଟ୍,ଅଲ ଆସି ସନ୍ଧ୍ୟାବେଳ ଟକଟ ମାଗି ରେଳ କଲି ଅଧ ପଥ କରି ପେଞ୍ଚ ଦେଲି । ମୋ ପାଖକୁ ଅଚିହ୍ନା ଟେକିଲା ଏ ଲୋକ—ସେଇ ଭିକାରି । କିନ୍ତୁ ଠିକ୍ ଟ୍,ଟ୍,ଅଲଗ ପୋଷାକ ପିନ୍ଧିଛି ଅଉ ଟୁପି ଦେଇଛି । ତାକୁ ଦେଖି ଏତେ ଲୋକ ଭିତରେ ବି ମୋର ଛାତି ଦୁଲୁକି ଉଠିଲା । ଥର ଥର ହାତରେ ମୋର ଟିକଟଟା ବଢ଼େଇ ଦେଲି । ସେ ଦେଖି, ପଞ୍ଚ କରି ମୋତେ ଫେରାଇ ଦେଇ ଚାଲିଗଲା ।

ଟେଶନଠାରୁ ଷ୍ଟେସନକୁ ବାଟରେ ଯେତେ-ବେଳେ ଟିକଟ ଦେଲି, ଟିକଟ କଲେକ୍ଟର

ଦେଖି କହିଲା, "ଏ କଣ୍ଢେଇଠା ହବ ?" ମୁଁ କହିଲି "ମେସ୍‌ମେରିଜିମ୍ ।" ସେ ମୋ ହାତକୁ ଟିକେଟ୍‌ଟା ବଢ଼ାଇ ଦେଇ କହିଲା, 'ଦେଖନ୍ତୁ ।' ଦେଖିଲି ସେ ସତକୁ ସତ ଟିକେଟ୍‌ଟା ପ୍ରଥମରୁ ହାତଛଡ଼ା—ଅର୍ଥାତ୍ ନାଗର ଅଗର ଚାଲିଛି । ମୋ ହାଲିକ ଶୁଖିଲା । କୌଣସି ମତେ ପାର ହୋଇ ହୋଇ କନ୍ଦୁକ ବଙ୍ଗଳାରେ ବସିଲି ।

ବନ୍ଧୁବର ସବୁକଥା ଶୁଣିଲେ । ଶୁଣି ଗର୍ବରେ ହସିଲେ । କହିଲେ, "ଭଲ ଓ ଲେଖକ ଶୁଣାଇ ସବୁ ମାଇଚାଅ । ମୁଁ ଦେଇଥିଲେ କଣ କରନ୍ତା ଜାଣ ? ପିସ୍ତଲ ଦେଖାଇଲା ମାତ୍ରେ, ନାଚ ବସି ଥାଆନ୍ତା ।"

ମୁଁ କହିଲି "ସେ କେତେଟା ଗୋଟାଏ ଖଣ୍ଡା ମାର୍କା, ଖଣ୍ଡା ଭଳ ।"

ସେ କହିଲା, "ଅଚ୍ଛା ସେଠି ଯାଇ ଏକା ଥିଲି—କେହି ଟ୍ରେନ ଛାଡ଼ିଲେ ତାକୁ ଦେଖି ପ୍ରଳୟରେ ଦେଲୁ ବାନ୍ଧି କାହିଁକି ? ଛିଃ—ଡରୁଆ ।"

ମୁଁ କହିଲି "ଏଠି ଥାଇ ଅବଶ୍ୟ ଏ କଥା କହିପାରୁ । କିନ୍ତୁ ସେ ଅବସ୍ଥାରେ ପଡ଼ିଥିଲେ ଏ ଗାଲଗପ ନ ଥାଆନ୍ତା ବୋଲି ଏକା ।"

ବନ୍ଧୁ ପୁଣି ହସି କହିଲେ, "ଅଚ୍ଛା, ଅଚ୍ଛା ଏଠି ତ ଅଛ ବୋଲି ସେ ଭୟ ନାହିଁ—ଦେଖ ଅବସରରେ କହିବା ।"

ମୁଁ କହିଲି,—"ଦେଖାଯିବ ସେ ଯୋଗର ମାହାତ୍ମ୍ୟ ପଣ୍ଡିତ, ଏଇ ବଣ ଭିତରୁ କ ବାହାରି ପଡ଼ ପାରେ ।"

"ଅରେ ଚୋର ତ ଚୋଟାଏ ନାହିଁ ଯେ ଭେମାର ଦେଖିଲିଣି ଦେଖୁଛ । ତାକୁ ଭ ଦେଖାଇବା ।" ଏତେ କହି ସେ ହସି ହସି ଉଡ଼ିଗଲେ ।

ବଙ୍ଗଳା ପାଖକୁ ଲଗି ବଣ । ସେଇ ବଣ ଭିତରୁ ହଠାତ୍ ଗୋଟାଏ ଭଲ୍ଲୁ ବାହାରି ପଡ଼ି ଆମର ଅଡ଼କୁ ଛୁଟି ଆସିଲା । ମୁଁ ତ ଯେଉଁଠି ବସିଥିଲି ସେଇଠି ଜାଠ ପରି ରହିଗଲି । ଘର ଭିତରକୁ ପଳାଇ ଯିବାକୁ ଗୋଡ଼ ଉଠୁ ନାହିଁ । ମାତ୍ର ଅଠକ ହୋଇଗଲି । ପାକ୍ଟ ତ ଅପା ଅପା ମାଇଲେ ।

କେତେ ଥାଇଁ ପାଇ ତାର ବନ୍ଧୁକ ଦେଇ ଆସିଲା । ଆଉ ଭୂତର ତାକର ଡିଅଁଳମାନେ ହୋ-ହା ଲଗାଇ ଦେଲେ । ଭଲ୍ଲୁ ଆଡ଼କୁ ବନ୍ଧୁକ ଲକ୍ଷ୍ୟ କରୁଥିଲି, ଭଲ୍ଲୁ ଖୋଲକଟା ଫୋପାଡ଼ି ଦେଇ ତା ଭିତରୁ ବାହାରି ପଡ଼ିଲା ଗୋଟାଏ ଲୋକ । ଦେଖିଲି ଟେକଳୁ ହେଉଛି ତାହାହିଁ ।

ବାହାହୁର ହାତଯୋଡ଼ି କହିଲା, "ହଜୁର, ଆପଣ କହୁଥିଲେ ରୂପ ଦେଖାଇ ଠକାଇ ପାରିଲେ ଭଲ ବକସିସ ଦେବେ ବୋଲି । ଅଳ୍ପ ସାମାନ୍ୟ ଭାବରେ ଭଲ ଦେଖାଇ ଦେଲି ।"

ତା ପରେ ସେ ମୋ ପାଖକୁ ଚାଲିଆସି ମୋର ମନିବ୍ୟାଗଟି ଓ ଅସଲ ଟିକେଟ ଖଣ୍ଡିକ ମୋ ହାତରେ ଦେଇ କହିଲା, "ଏଇ ଆପଣଙ୍କ ବ୍ୟାଗ, ଟଙ୍କା ଗଣି ନିଅନ୍ତୁ । ଆଉ ଏଇ ଆପଣଙ୍କ ରେଲ ଟିକେଟ ।"

ମୁଁ ଖୁସି ହୋଇ ବ୍ୟାଗରୁ ଖଣ୍ଡିଏ ନୋଟ ବାହାର କରି ତା ହାତରେ ଦେଲି ।


# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ସ୍ୱର୍ଣ୍ଣଘଟିତ ରସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ମାତ୍ରକୁ ନାନାପ୍ରକାର ଚକ ବା ବିକୃତ ଚିହ୍ନ, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ମୁଣ୍ଡବିନ୍ଧା ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୲ । ଭ୍ରାମରୀ ତୈଳ:— ଏହା ଦେହରେ ମାଲିସ କଲେ ଦେହର ଚକ ପ୍ରଭୃତି ଅତି ଶୀଘ୍ର ଆରୋଗ୍ୟ ହୁଏ । ଏକଶିଶି ୨୲ଟଙ୍କା ମାତ୍ର । କାୟାକଳ୍ପ ଔଷଧାଳୟ ବୈଦ୍ୟରାଜ

:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲାମଚାନ୍ଦ ବଜାର, କଟକ ।



# ଅଗ୍ନେୟାସ୍ତ୍ର ମୋଦକ

ମଳବଦ୍ଧତା ସମସ୍ତ ରୋଗର ମୂଳ । ସେହି ହେତୁ ଦୂଷିତ ମଳ ପେଟରୁ ଦୈନିକ ପରିଷ୍କାର ହୁଏ, ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଦେବା ଆବଶ୍ୟକ । ଯେଉଁମାନେ ଅଗାଳ୍ୟରୁ କୋଷ୍ଠକାଠିନ୍ୟ ରୋଗ କରୁଛନ୍ତି, ସେମାନେ ଆମର ଏହି ମୋଦକ ଦୈନିକ ରାତ୍ରି ଶୋଇବା ସମୟରେ ଗୋଟିଏ ହିସାବରେ ସେବନ କରି, ସାମାନ୍ୟ ଗରମ ଦୁଧ କିମ୍ବା ଗରମ ପାଣି ପାନ କଲେ ପେଟରେ କୌଣସି ଉତ୍ତେଜନା ନକରାଇ ସକାଳେ ଭଲ ଭାବରେ ଗୋଟିଏ ପୋଖରୀ ହୋଇଯିବ ତରଳ ହେବ ନାହିଁ । ଏହି ମଧ୍ୟ ନିୟମିତ ଅଭ୍ୟାସ କରି ଏହି ମୋଦକ ସେବନ କଲେ ଖାଦ୍ୟ ପଦାର୍ଥର ପରିପାକ, କ୍ଷୁଧାବୃଦ୍ଧି, ଦେହରେ ସ୍ଫୂର୍ତ୍ତି, ମେଧା ବୃଦ୍ଧି, ଜ୍ୱର, ଶୂଳ ପେଟର ଦରଜ ପ୍ରଭୃତି ସମସ୍ତ ପ୍ରକାର ରୋଗ ଆରୋଗ୍ୟ ହୋଇ, ସ୍ୱାସ୍ଥ୍ୟକୁ ସାଧାରଣ ଧାରାରେ ଫେରାଇ ଦିଏ । ପରେ ଔଷଧ ସେବନ ନକଲେ ମଧ୍ୟ ନିୟମିତ ଝାଡ଼ା ହୋଇଥାଏ । ମୂଲ୍ୟ ୧୨ମାତ୍ରାକୁ ୨୲ ୩୦ ମାତ୍ରାକୁ ୫୲

ଠିକଣା:—ଶ୍ରୀଧର ରଥ ଭଗବାନ ଭଣ୍ଡାରୀ, ଭୁବନେଶ୍ୱର—ପୁରୀ


Digitized by srujanika@gmail.com



ତମେ ପାଗଳ ଅନେକ ଦେଖିଥିବ—ପାଗଳ ଗପ ଅନେକ ପଢ଼ିଥିବ—ଅନେକ ପାଗଳାଙ୍କ କଥା ଶୁଣିଥିବ—କିନ୍ତୁ ପାଗଳ ଦେଖିଛ—ପାଗଳ ?—ଯାହାକୁ କହନ୍ତି ପାଗଳ ?—ଅସଲ ପାଗଳ ? କେହି ଦେଖି ନ ଥିବ—କେହି ଶୁଣି ନ ଥିବ—କେହି କେଉଁଠି ପଢ଼ି ନ ଥିବ ।

କହିଲେ ତମେ ପରତେ ଯିବ ନାହିଁ—କିନ୍ତୁ ଯେ ପାଗଳ—ମୁଁ ଜାଣେ ସେ ପାଗଳ—କେହି ମାନ ବା ନ ମାନ, ମୁଁ କହିବି ସେ ପାଗଳ । ତାହାର କିଛି କହେ ନାହିଁ—ଘର ବାଡ଼ି ଛଡ଼ନା—ସଂସାରରେ ଥାଇ ବି ସଂସାରରୁ ବାହାରେ—ଦୁନିଆରେ ଥାଇ ବି ନଥିଲା ପରି । ଖାଏ ପିଏ ଶୁଏ ବୁଲେ—ଅଥଚ କିଛି କହେ ନାହିଁ । ପାଗଳ ନ ହେଲେ ଏମିତି କଏ କରିବ ?

ଘର ଅଛି—ଦୁଆର ଅଛି, ସବୁ ଅଛି—ଅଥଚ ତାହାର ଉପରେ ମମତା ନାହିଁ—ପାଗଳ ଛଡ଼ା ଅଉ କ'ଣ ହୋଇ ପାରେ !

ପାଗଳକୁ କେହି କିଛି ପଚାରିବାର ଦରକାର କରେ ନାହିଁ—ସୁତରାଂ ତା ପରିଚୟ ବି ଦେବାର ଦରକାର ନାହିଁ—ପାଗଳକୁ କେହି ପାଗଳ ଛଡ଼ା ଅଉ କ'ଣ ବୋଲି କଏ ଡାକିବ—ସୁତରାଂ ତାକୁ ଅଉ କିଛି ବୋଲି ଡାକିବାର ଦରକାର ନାହିଁ ।

କିନ୍ତୁ ପାଗଳର ଯେ ହୃଦୟ ଅଛି—ସେଠି ଯେ ଦରଦ ଲାଗିପାରେ—ତମଠୁଁ ବେଶୀ ଆଘାତ ହୁଏ—ଏକଥା ଜାଣିଛ ? ସେ ହସେ, କାନ୍ଦେ, ତମରି ପରି ସୁଖ ଦୁଃଖ ସବୁ କରେ । ଛାତିରେ—ଛାତି ଉପରେ—ଠିକ୍ କଲିଜା ଉପରେ ହାତଟାକୁ ଚାପେ—ଭାରି ଜୋରରେ ଚାପେ—ଯେମିତି ତା ତଳେ—ସେଇ ଚମଡ଼ା ତଳେ—ତା' ତଳେ—ଅସ୍ଥି ତଳେ ଭାରି କଷ୍ଟ—ଉଃ । ତା ମୁହଁ ସେତେ ବେଳେ କି ବିକୃତ ହୋଇ ଯାଏ ଯନ୍ତ୍ରଣାରେ ! ନୟନଜଳ ଥାଏ ନାହିଁ—ତଥାପି ସେ କାନ୍ଦେ । ପାଗଳ ନହେଁ ତ ଅଉ କ'ଣ ?

ଅନ୍ଧାରର କୋଣଟାଏ ଦେଖି ମୁହଁ କରିଯାଏ—ଆଖି ବାହାର ପଟେ—ଖୋଲା ସ୍ଥିର ହୋଇ ଆସେ—ଜଳଜଳ—ଯେମିତି ନିଆଁ ବାହାରୁଛି । ତା'ପରେ—ଦାନ୍ତ ଜାକି ପଡ଼ିଯାଏ—ଆଖିରୁ ଗରମ ଲୁହ ଟପ୍ ଟପ୍ ଝରିପଡ଼େ—ସେ କାନ୍ଦେ—ହଁ, ସେ କାନ୍ଦେ—ଭାରି କଷ୍ଟ—ଉଃ ଭାରି କଷ୍ଟ—ବଡ଼ ଦୁଃଖ—ବଡ଼ ଯନ୍ତ୍ରଣା—ପାଗଳ ହେବାଠାରୁ ଅଧିକ ବେଶୀ ଦୁଃଖ !

## ପାଗଳ ।

ଲେଖକ:—ଅବଧୂତ

ତମେ ଜାଣିଛ । ସେ ପାଗଳଟା ବି ଭଲ ପାଇବା ଶିଖିଛି—ଭଲ ପାଇ ଜାଣେ—ତାର ହୃଦୟରେ ସେ ଅନୁଭୂତି ଅନୁଭବ କରେ—ଯେଉଁ ପାଇଁ ସେ ଭଲ ପାଇବାକୁ ଯାଏ—ପାଗଳ ଛଡ଼ା ଏମିତି କିଏ କରିବ ?

ଭଲ ପାଇବାକୁ ସେ ଆଖି ପାଣିରେ ଭିଜାଇ ରଖେ—ଭଲ ପାଇବାକୁ ସେ ଗରମ ନିଶ୍ୱାସରେ ଉତ୍ତପ୍ତ କରେ—ଭଲ ପାଇବାକୁ ସେ ଛାତି ତଳେ ଲୁଚାଇ ରଖେ—କଷ୍ଟ ପାଇବା ପାଇଁ ସେ ଭଲ ପାଇବାକୁ ସାଙ୍ଗେ ସାଙ୍ଗେ ରଖିଥାଏ—ସେ ପାଗଳ ନୁହେଁ ତ ଅଉ କିଏ ପାଗଳ ?

ପାଗଳ କହିବ ନାହିଁ ? ସେ କାହିଁକି ଭଲ ପାଇଲା—ମଣିଷ ଜାତିର ବିଶେଷତା ତାଙ୍କ ଜାତିକି ସେ ଏତେ ବିଶ୍ୱାସ କଲା କାହିଁକି ?—ସେ ଭଲ ପାଇବାକୁ ଗଲା କାହିଁକି ? ପାଗଳ ସେ ନୁହେଁ ତ ଅଉ କିଏ ?

ଶୁଣିବ ତା ପାଗଳାମି କଥା ?

ସେ ଭଲ ପାଇଲା ଜଣକୁ ଭଲ ପାଇବାଟା ତାର ପାଗଳାମି—ଗୋଟାଏ ସ୍ତ୍ରୀ । ଭଲ ପାଇଲା ଯାହାକୁ, ସେ ବିବାହିତା—ତାର ସ୍ୱାମୀ ଥିଲେ—ସେ ସ୍ୱାମୀ ସେବା କରୁଥିଲା—ସ୍ୱାମୀକି ଭକ୍ତି କରୁଥିଲା । ସ୍ୱାମୀକି ପୂଜା କରୁଥିଲା । ସେ କାହିଁକି ତାକୁ ଭଲ ପାଇବ ?

ଜୀବନ ଠାରୁ ବଡ଼ ହୃଦୟକୁ ନେଇ ସେ ପାଦତଳେ ଅଞ୍ଜଳି ଦେଲା । ଏ ପୂଜା କ'ଣ ଗୃହୀତ ହେବ ?

ତାର ଉତ୍ତର ଦେଲା ଗୋଟାଏ ସରୁ ଅଥଚ ଶୁଣିଲା ହସ—ଓଠ ଯେମିତି ଶକ୍ତ ହୋଇ ଯାଉଥିଲା ସେ ହସର ଚାପରେ । ସେ ହସ ମୁଁ ବି ନାହିଁ କିଛି କହିଲା ନାହିଁ—ତଥାପି ପାଗଳ ସେ—କଣ ବୁଝିଲା କେଜାଣି ?

ସେ ପୂଜା କଲା—ତାର ପଦ ଯୁଗଳରେ ଲାଗିଲା—ତାର ମୂର୍ତ୍ତି ଆରାଧନା କଲା—ତା ପାଇଁ କାନ୍ଦିଲା—ମରୁ ଉପରେ ପାଣି ଢାଳିଲା ପରି ତା ଲୁହ ଗୁଡ଼ାକ ମରୁଆ ମାଟି ଉପରେ ପଡ଼ି ଶୁଖିଗଲା । ସେ ଫଟୋକୁ ପାଖରେ ରଖି ଖାଇଲା—ତାକୁ ପାଖରେ ଥୋଇ ଶୋଇଲା । ପାଗଳାମି ଅଉ କେତେ ଦୂର ଯାଇ ପାରେ ?

ଶେଷରେ ସେ କଲା କଣ ?

ପଚାରିବାକୁ ଗଲା ତାର ଶେଷ ପ୍ରଶ୍ନ—

ସେ ସ୍ଥିର କରି ଠିକ୍ କଲା—ପ୍ରଥମେ ସେ ପଚାରିବ 'ପ୍ରକୃତରେ ତୁ ମୋତେ ଭଲ ପାଉ ?'

ସେ ଉତ୍ତର ଦେବ...... 'ନା' କେବେ କହିବ ନାହିଁ—ସେ ନିଶ୍ଚୟ ହଁ କହିବ ।

ତାପରେ—ତାପରେ—ସେ ଆବେଗରେ

Digitized by srujanika@gmail.com

ଅନ୍ଧାରରେ ଚସ୍ମ ରବ—ସମସ୍ତଙ୍କଠୁଁ, ପୃଥିବୀରେ ସମସ୍ତଙ୍କଠୁଁ ସେ କଣ ତାକୁ ଭଲ ପାଏ ?

ସେ ଉତ୍ତରରେ କହିବ......କଣ ଉତ୍ତର ଦେବ ସେ ଭାବି ପାରୁ ନାହିଁ ।

ଦେହରେ ବଳ ନ ଥିଲା—ମନରେ ଶକ୍ତି ନ ଥିଲା—ନିସ୍ତେଜ—ଅଧମ ଯନ୍ତ୍ରରେ ନିଜର ସର୍ବସ୍ୱ ଅର୍ପିତ ଦେଇ ସେ ଯାଇ ମଦର ମୁଖରେ ଠିଆ ହେଲା—ପଚାରିବ ତାର ଶେଷ ପ୍ରଶ୍ନ—ତୁ ମୋତେ ଭଲ ପାଉ ?

ଉତ୍ତର ଆସିବ 'ହଁ'

ସେ ଉତ୍ତରରେ ଜୋର୍ ଥିବ—ଉନ୍ମାଦ ଥିବ—ଚଳିଗଲା ଶୁଖିଲା କାଠର ପାଞ୍ଜିଶ ଭଳି ନୁହେଁ—ଫୁଙ୍କି ଦେଲେ ଉଡ଼ିଯିବ ନାହିଁ ।

ମଦର ଦୁଆର ।

ଭିତରୁ ଶୁଭୁଥିଲା—

'ତୁ ମୋତେ ସତ ସତ ଭଲ ପାଉ ?',

'ହଁ ସତେ ।'

'ସମସ୍ତଙ୍କଠୁଁ ?'

'ତେତେଥର କହିବ ?'

ସେ ମନେ କଲା ତାର ସ୍ୱାମୀ । କିନ୍ତୁ ପରୁ ବାହାର ଆସିଲା ଆଉ ଜଣେ । ତାକୁ ଦେଖି ସେ ଚମକି ପଡ଼ିଲା—ଚାଲିଗଲା ।

ସେ କହିଲା, ଦଳନ, ମୁଁ ନଷ୍ଟ—!

ଉତ୍ତର ଆସିଲା—'ଯାଅ, ମୋ ଦେହ ଭଲ ନାହିଁ ।'

ସନ୍ଦେହ । ଏଇଠି ଏ ପ୍ରେମାଭିନୟର ଯବନିକା ପଡ଼ିଯିବା ଉଚିତ ଥିଲା । କିନ୍ତୁ ପଡ଼ିଲା ନାହିଁ । ପାଗଳପଣ !

ତାକୁ ହେଲା ଜର । ବାଳାରେ ଥର, ଶରେ ଥର ତାକୁ ଡାକି ପଠାଇଲା । ଯାଉଛି ବୋଲି କହି ଦେଖାନାହିଁ ।

ତାକୁ ଚାହିଁକ ଡାକିଲା ଭଳି । ରୁଗ୍ଣ ପାଗଳାମି ।

ଦେତେ ଦିନ ପରେ ଆସିଲା । ସେ କହିଲା—ଅତି କରୁଣ ଭାବରେ—ଔଷଧ ହୁଏତ କିଣିବାକୁ ପଇସା ନାହିଁ ମୋର । ହୁଏତ ଯଦି ସେତେ...... !

'ନାହିଁ ଔଷଧ ?' ସେ ପ୍ରଶ୍ନରେ ଗୋଟିଏ ଚାତୁରୀ—ସେଠା ଔଷଧ ଠରୁ ବ ଟଙ୍କା ।

ସେଇ ଥାଉ ଉପରେ ।

ଔଷଧ ଅଣାଇ ମୁହଁ ପାଖରେ ଧରିଲା ।

ଔଷଧକୁ ଛୁଇଁଲା ନାହିଁ—ଛୁଇଁଲା ତା ମୁହଁକୁ । ତାପରେ ଅଖି ବୁଜି ଅଁ କରି ଦେଲା ।

ସବୁକୁ ଶେଷ, ରୋଗ ଶେଷ, ଯନ୍ତ୍ରଣା ଶେଷ, ଔଷଧ ବି ଶେଷ ।

ଔଷଧ ଖାଇସାରି ସେ ଗୋଟିଏ ପାଗଳଙ୍କ ପରି ହସ ହସୁଥିଲା । ପାଗଳ ପରି !

ପାଗଳ ନୁହେଁ ଅଉ କଣ ?

ସେ ଅସ୍ତ ହତ୍ୟା କରିଥିଲା—ଡାକ୍ତର କହିଲେ—ବିଷ ଖାଇଛି ।

କିନ୍ତୁ ସେ ବିଷ ନିଜ ହାତରେ ଉଡଙ୍କୁ ମାରିଥିଲା ।

ହା---ହା---ହା---ହା--

ସେ ପରା ପାଗଳ ! ! !


## ବୃହତ୍ ରତି ମୋଦକ

ଏହା ଦୁର୍ବଳ ସ୍ତ୍ରୀ ମାନଙ୍କ ଶୀଘ୍ର ଦୁର୍ବଳ ହେବା ସନ୍ତାନ ଉତ୍ପାଦନା ଶକ୍ତି ଅଣିଦିଏ । ଯାହାଙ୍କର ରତିଦେବୀଙ୍କ କାନ୍ତିଲାଭ କରିବାର ଇଚ୍ଛା, ସେ ବଳବାନ୍ ସନ୍ତାନ କୋଳରେ ଧରିବାକୁ ଚାହାନ୍ତି, ସେମାନେ ଏହା ଶୀଘ୍ର ସେବନ କରନ୍ତୁ ।

ମୂଲ୍ୟ:—ସେ ୧ରକୁ ୫୬୮ ପେଂ୍ୟରକୁ ୫୩ ସେଂ କୁ ୫୨୮ ।

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏଚ୍ ଏମ୍ ପି

ଦରିଦ୍ରବନ୍ଧୁ ଔଷଧାଳୟ

ଖପରପଦା । ପୋ । କୋଠାର । ଜି । ବାଲେଶ୍ୱର

ଶୁକ୍ର ତାରଲ୍ୟ ଓ ଧ୍ୱଜ ଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପମୋଦକ

ଏହା ତରଳ ଧାତୁ ଗାଢ଼ କରାଏ, ଏବଂ ବଳ, ମାଂସ ଓ, ରକ୍ତ, ହଜମ ଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।

ମୂଲ୍ୟ:—ସେ ୧ ରକୁ ୫୬୮ ପେଂ୍ୟରକୁ ୫୩ ସେଂ କୁ ୫୨୮

ଠିକଣା:—କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏଚ୍ ଏମ୍ ପି

ଦରିଦ୍ର ବନ୍ଧୁ ଔଷଧାଳୟ

ଖପରପଦା ପୋ, କୋଠାର ଜି, ବାଲେଶ୍ୱର

# ତିନୋଟି ପରୀକ୍ଷିତ ମୋଦକ

ଏକ—ଅଫିମ ଛାଡ଼ିବାକୁ "ଶଶାଙ୍କ କିରଣ ମୋଦକ" ବ୍ୟବହାର କରନ୍ତୁ ।——ମୂଲ୍ୟ—ଗୋ ୧୬ଟାକୁ ଏକଟଙ୍କା ମାତ୍ର ।

ଦୁଇ—ସ୍ତ୍ରୀ ସଂସର୍ଗରେ ଅଧିକ ଆନନ୍ଦ ଉପଭୋଗ କରିବାକୁ ଥିଲେ ଗର୍ଗବଟୁ ପ୍ରସ୍ତୁତ "ରତିବଲ୍ଲଭମୋଦକ" ବ୍ୟବହାର କରନ୍ତୁ ମୂଲ୍ୟ—୧୨ଟାକୁ ଏକଟଙ୍କା ମାତ୍ର ।

ତିନି—ସନ୍ତାନ ପ୍ରାପ୍ତି ପାଇଁ ଋତୁର ୪ର୍ଥ ଦିବସରେ "ଦୈବବଟିକ" ବ୍ୟବହାର କରନ୍ତୁ । ମୂଲ୍ୟ—୩ଟିକୁ ଦୁଇଟଙ୍କା ମାତ୍ର

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଗର୍ଗବଟୁ, ଭିଷଗାଗ୍ରଣ୍ୟ—ଅପୂର୍ବବେଦ ଫାର୍ମାସି, ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com

# ଡଗର ୨୦ଶ ଶବ୍ଦଧନ୍ଦା ପ୍ରତିଯୋଗୀତା

ବିନା ମୂଲ୍ୟରେ 'ଡଗର' ପାଠକମାନେ ଟ୧୦ଙ୍କା ପୁରସ୍କାର ପାଇ ପାରିବେ । ଶେଷ ତା ୩୧।୦ ୫-୧୯୪୦ ରିଖ

**ଦିଧା ଭାବେ** — ଶେଷ ତାରିଖ ଘୁଞ୍ଚିଗଲା ୩୦-୪-୪୦ ରୁ ୩୦-୫-୧୯୪୦ — **ଉପରତଳ ଭାବେ**

**ଦିଧା ଭାବେ**

୧ । ଯେଉଁ ଦେଶ ଫିନଲାଣ୍ଡକୁ ଗ୍ରାସ କରିବାରେ ଲାଗିଛି ।

୩ । ଏହା ଲୋକରେ ଅନେକ ଅସୁନ୍ଦର କନ୍ୟାଙ୍କୁ ବିବାହ କରିଥାନ୍ତି ।

୫ । ଜର୍ମାନର ଭକ୍ଷଣ ଏବଂ ବ୍ରିଟେନର ଶୋଷଣ ଯୁଦ୍ଧ ଶେଷରେ ଏହା ହେବାର ଆଶା ।

୭ । ଏହାକୁ ସଜାଇ ଦେଲେ ଯେଉଁ ଉପଦ୍ୱୀପର ନାମ ହେବ ତାହା 'ରସାଂ' ଦ୍ୱୀପସ୍ଥ ଶୀକାର ହୋଇଥାନ୍ତରେ ।

୯ । ଏ ଜାତି ଲୋକ ସହିତ ଅଧିକ ସମୟ କଥାବାର୍ତ୍ତା କଲେ ଅଧିକାଂଶ ଲୋକେ ଅପେ ବଡ଼ୋକ୍ତି ହୋଇ ପଡ଼ିବେ ।

୧୦ । ଏହା ଏକ ଅସଳ ପୁଂଲିଙ୍ଗ ବାଚକ ଶବ୍ଦ ।

୧୪ । ବର୍ଷାଗମରେ ଯାହାର ଶୋଭା ଜନମାନଙ୍କର ଅନ୍ତରସ୍ଥ ମନୋରମ ହୋଇଯାଏ ।

୧୫ । ଏହା ହୋଇଗଲେ ଅନେକ ଖାଇବା ଜିନିସ କିଣିବାକୁ ମନ ହୁଏନାହିଁ ।

୧୬ । ଏମିତି କଥା ଅଯାଚିତ ଭାବରେ କହିଲେ ତାର ମୂଲ୍ୟ ନଥାଏ ।

| | | | | | | |
|---|---|---|---|---|---|---|
| ୧ ର | (ସା) | ■ | ୨ | ■ | ୩ | ୪ ମ |
| | ■ | ୫ | ର | ୬ | ■ | |
| ■ | ୭ | ଶ୍ରି | ସ୍ଥା | ନେ | ୮ ଅ | ■ |
| ୯ | ଦ୍ୱା | ■ | ର | ■ | ୧୦ | ୧୧ ଅ |
| ମା | ■ | ୧୨ | ■ | ୧୩ ପ | ■ | ଭି |
| ଭ | ■ | ୧୪ ମ | ଧ୍ୟ | | ■ | |
| ୧୫ ବା | | ■ | ■ | ■ | | ୧୬ ଡ |

ନାମ ____________

ଠିକଣା ____________

କେତେଟି ଉତ୍ତର ____________

**ଉପରତଳ ଭାବେ**

୧ । ଯାହା ପର୍ଣ୍ଣ ରାଜ୍ୟରେ ସବୁ ଗୋଳ ।

୨ । ପ୍ରକୃତରେ ଜାମିନ୍ଦା ଲୋକ ଏହାକୁ ସୃଷ୍ଟି କୌଣସି କାମ କରେ ନାହିଁ ।

୪ । ଏହା ଦୃଢ଼ ନ ହେଲେ ସଂଗ୍ରାମରେ ପଶିବା ଉଚିତ ନୁହେଁ ।

୫ । ବେଶୀ ଘସି ହେଲେ ଦେହରେ ଏହା ବଢ଼ିଯାଏ ।

୬ । ଲେଜଟାକ ଦେଲେ 'ନେତା' ହେବ ।

୭ । ବେଶୀ ଏହା ହେଲେ ପ୍ରେମ ଡୋର ଛିଡ଼ିଯିବ !

୮ । ବର୍ତ୍ତମାନ ସରକାର ଯାହା ପ୍ରେମ ବୁଝି ପାରୁ ନାହାନ୍ତି ।

୯ । ଜଗାଭଲାଙ୍କୀ ବଂଶ ହେତୁ ଟଙ୍କା ଏହା କରିବାକୁ ଗୁହେଁ ।

୧୧ । ଓଡ଼ିଶା କଂଗ୍ରେସ ନେତାଙ୍କର ଜାତ ଓ ଦୃଶ୍ୟ ମନୋବୃତ୍ତି କଣ ଭଗବାନଙ୍କର ଏହା ନୁହେଁ ?

୧୨ । ଅଗରୁ ଏହା ନ ବୁଝି କୌଣସି ଜିନିସ କିଣିବା ଉଚିତ ନୁହେଁ ।

୧୩ । ଦଣ୍ଡ ନ ଦେଖିବା ଲୋକ ନାହିଁ— ନ ହେଉଣୁ ଜଙ୍ଗଲା ହୁଏ ।

ଉପର ବାକ୍ସରେ ଯେଉଁ ଘରେ ନମ୍ବର ଅଛି ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବସି ଥିବା ଘର ସାରି
ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ଦିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ
ଯାଇଛି । ଏହି ଶବ୍ଦ ଗୁଡିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ
କରୁ ଗୋଟାଏ ନମ୍ବରରେ ଯୋଡ଼ାଏ, ତିନିଟା ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯାଏ
ଶବ୍ଦ ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ସିଲ ବନ୍ଦ ହୋଇ ସମ୍ପାଦକଙ୍କଠାରେ ଗଚ୍ଛିତ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ
ପ୍ରଥମ ପୁରସ୍କାର ୫୦୧ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗୁଁ ସମଗ୍ର ପୁରସ୍କାର ୫୧୧ ପାଇବ ।
ଏକ ବା ତତୋଧିକ ଭୁଲ କରିଥିବା ଉତ୍ତରଦାତାମାନଙ୍କ ବିବେଚନାନୁଯାୟୀ ବାକି ୫୪୧ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ
ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମଗ୍ରୀ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ
ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ
ହେଲେ, ଘୋଷଣା କରି ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

କେବଳ ଡଗରରେ ଛପା ହୋଇଥିବା କୁପନ ପୂରଣ କରି ଯେ କେହି **ବିନା ଫିସରେ** ଯେତେ ଇଚ୍ଛା ସେତେ ଉତ୍ତର ଦେଇ
ପାରିବେ ଓ ଏକରୁ ଅଧିକ ଉତ୍ତର ଦେବାକୁ ଇଚ୍ଛା କଲେ ପ୍ରଥମ ଖଣ୍ଡି ଡଗର କୁପନରେ ଦେବେ ଓ ପରବର୍ତ୍ତୀ ଯେତେ ଇଚ୍ଛା ସେତେ
ଉତ୍ତର **ସାଦା କାଗଜରେ ଛକ କାଟି** ଦେଇ ପାରିବେ । ମାତ୍ର **ପ୍ରତ୍ୟେକ** ସାଦା କାଗଜ ଉତ୍ତର ପାଇଁ ଦୁଇ ପଇସାର ଡାକ ଟିକଟ
ସେଥିସଙ୍ଗେ ପଠାଇବାକୁ ହେବ । ଅନ୍ୟାନ୍ୟ ନିୟମ, ପୂର୍ବବତ୍ । ଠିକଣା—"ଡଗର" ପୋ: **ଝାଲପଦା**, (ଭଦ୍ରକ ।)

Digitized by srujanika@gmail.com

# ଯୁଦ୍ଧ ବ୍ୟାଖ୍ୟାନ

ଲେଖକ—ମୂର୍ଚ୍ଛା ଓ ପତନ

—ଜର୍ମାନ୍—

ବେଲେଜିଅମ କମ୍ପ ପାଳ ଯେ ଏକୁଅ
ଭାବ ଅଡ଼ ଜରମାନ,
ପବୁଯାଇ ପୀଡ଼ା ଏକା ବ୍ରିଟିଶଙ୍କୁ
ଦଏ ଯେ ସେ ଜରମାନ ।

—ହାଲାଦିଅର—

ନୂଅବଡୁବକ ପ୍ରୀତ ସାଥୀ ଯଥା
ଭେଣ୍ଡ଼ିଅ ଭେଲ୍ଲା ଉପର
ସେଃବ୍ରେଟନର ତେସନ ଅଟଇ
ଫଗ୍ଗୀ ହାଲାଣ୍ଡର ।

—ବ୍ରିଟେନ—

ଭିତରେ ଭିତରେ ଘୁଣ ଧରଇଣି
ଉପରେ ବଡ ଠାଣ୍ଟୀଅ
ହଣିନାମ ମୁଖେ ପେଟରେ ଭକ୍ଷଣ
ନାମ ତାର ବ୍ରିଟାନିଆ ।

—ହିଟଲର—

କଣୀ ମଣିଙ୍କ ଗଳାହାର ଜମ୍ମା
ନିଣିପଙ୍କ ମଫଲର
ହୋଟେଲ ବଲର ବଟଲର ଯଥା
ଜର୍ମାନଙ୍କୁ ହିଟଲର ।

—ରୁଷିଆ—

ପଭ ପ୍ରନ୍ଥର ପୀରତ ଲେଭଟରେ
ସ୍ତବ୍ଧ ଯଥା ରୁଷି ଅଛେ
ବ୍ରିଟେନ ପୀରତ ଭବଜ ଜର୍ମାନେ
ଭରଜ ଯେ ରୁଷିଅ ଦେ ।

—ଟିଙ୍କି—

ଠାକେ ଛେଚ କାଣ୍ଡି ଖାବଡ଼ ବଭଇ
ନାମ ତାର ଚେଣ୍ଡ଼ ଠାଙ୍କ
ସିଧା ସରପଟ ମାର ଖୁଲଯାଏ
ନାହିଁ ଭାର ଅଡ଼ ବାଙ୍କ ।

—ନାଜି—

ବାଜ ଫାଜମାନେ ନାହିଁ ସେହ ପାଇ
ଫୁଟୁଅଛି ବହ ଚାଞ୍ଚି
ଖାଇ ମରୁଛନ୍ତି ଇଂରେଜ ଯାହାକୁ
ତାହା ନାମ ଅଟେ ନାଜି ।

—ନରୁଏ—

ଦୁଇ ବାଟବର ଠେଲାପେଲା ବେଳେ
ନହିଲେ ହଣ୍ଡ଼ି ନରୁହେ
ହେଦଧର ବ୍ୟଥା ଖାଏ ନେଉଁ ଦେଶ
ତାହାର ନାମ ନରୁଏ ।

ମାଇନ୍

ମେଘନାଦ ଭଳି ଲକୀପ୍ଲାନ୍ ଯେଉଁ
ନାମ ମାଇନ୍ ମେଘନାଦକ,
ଅଭି ଦିଶବାକୁ ସବୁ ନେଶ କରେ
ଏହ ଚୋରା ଅସ୍ତ୍ରଟ ।

ମୁସୋଲିନୀ

ବୁଢ଼ୀ ଗାଈ ପାଇଁ ବାଇ ଯଥା ଅଟେ
ଇଟାଲିଅ ମୁସଲମାନ
ଡଟୀପଙ୍କ ପାଇଁ ତେସନ ମୂଷଳ
ଅଟେ ମୁଷଲନୀ ନାମ ।

—ଫିନ୍‌ଲାଣ୍ଡ—

ଭଲଷିମ ଠାକ ଖଟକଇ ଯେମନ୍ତ
ମୁଖା ଭଟକେ ଲଣ୍ଡ଼ଭଣ୍ଡ଼
ରୁଷିଅ ଦେଶର ଅଟଇ ସେପରି
ହତଭାଗା ଫିନ୍‌ଲଣ୍ଡ ।

ସବ୍‌ମେରିନ୍

ଜଳରେ ଯେତେକ ଯାନ ବା ବାହାନ
ଦଏ ଯେଉଁ ସବୁ ମାର,
ସବ୍ ମେରନ୍ ବୋଲି କୁହାଯାଏ ତାକୁ
କାରଣ ତାହାର ଗୁଣ ।


## ମନମୋହନ ଯାଦୁ ମଲମ ।

ନୂଆ ଓ ପୁରୁଣା ସବୁ ଏହି ଔଷଧକୁ ଲଗା ଗୁଣ ମିଳାଇ ଯାଦୁ ଉପରେ ପାକାଇ ଦେଲେ ଯାଦୁ ଭଲ ହୋଇଯାଏ ପୋଡ଼ା ଜଳା ହୁଏ ନାହିଁ, ଲୁଗାରେ ଦାଗ ଲାଗେ ନାହିଁ ଏହି ମଲମରେ କୁଣ୍ଡିଆ, ଖାଉ, ପଚଳା ଭଲ ହୁଏ ଓ ଶରୀର ହୋଇଥିଲେ ନାମ୍ବିଂ ସିଙ୍ଗା ପାଣିରେ ଧୋଇ ଏହା ଲଗାଇଲେ ଆରୋଗ୍ୟ ହୁଏ । ପ୍ରତି ଶିଶି ମୂଲ୍ୟ ୫ ୦ । ଅଣା ମାତ୍ର ।

ଠିକଣା—ମନ୍ନରାମ ମେଡ଼ଗଞ୍ଜମଲ ପୋ: ଅ: ଡୁଙ୍ଗ୍ରିଲାଥଗଞ୍ଜ, ଗୋଦାବରୀ ଜିଲ୍ଲା ।

## ଅପଲ ଦାନ୍ତ ମଞ୍ଜନ

ଏହାକୁ ପ୍ରତିଦିନ ବ୍ୟବହାର କଲେ, ଦାନ୍ତ ମୂଳ ଫୁଲିବା ଓ ଦାନ୍ତ ମୂଳରେ ପୂଜ ହେବା, ଘୋଡ଼ିଆ ହେବା, ଦାନ୍ତ ପୋକ ଖାଇବା ଓ ଦାନ୍ତ ହଲୁଥିବା ପ୍ରଭୃତି ଦନ୍ତ ରୋଗ ସମ୍ବନ୍ଧୀୟ ସବୁପ୍ରକାର ରୋଗ ଆରୋଗ୍ୟ କରେ । ପ୍ରତିଶିଶି ୫ ୦।





ଏହି ଔଷଧ ମୁଣ୍ଡ ଠାରୁ ଗୋଡ଼ପର୍ଯ୍ୟନ୍ତ ଅଙ୍ଗୀୟସ ଦାନ ଠଣା, ମୁଣ୍ଡବଥା, କୁଣ୍ଡିଆ, ଖାଉ, ପଚଳା ପୋଡାଘା, ଛିଡ଼ ଦରଜ, ଅଶ୍ମୀହରିଜ ଇତ୍ୟାଦି ୫୨ ପ୍ରକାର ବ୍ୟାଧିର ଏକମାତ୍ର ମହୌଷଧ ଅଟେ ପରୀକ୍ଷା ପ୍ରାର୍ଥନୀୟ ।

ଠିକଣା:—ଅସଲ ପଞ୍ଚପୁଣ୍ୟା ତୈଳଅଫିସ—ଜଟକ


Digitized by srujanika@gmail.com



# ପତ୍ନୀ ବନ୍ଦନାଷ୍ଟକ

ଲେଖକ ଶ୍ରୀମତୀ—ସ୍ତ୍ରୀ

( ଗତସଂଖ୍ୟା ଡଗରରେ ଜଣୈକ ପତିଙ୍କର ପ୍ରଗଳ୍ଭତା ଦେଖି ଏଥର ଜଣୈକା ସ୍ତ୍ରୀ ତାର ଜବାବ ଦେଉଛନ୍ତି ।
ଡଗର ଲେଖିକାଙ୍କୁ ଅଭିବାଦନ କରୁଛି । )

( ୧ )

ହେ ଦେବ ତୁମର ପାଦେ ମୋ ଜୁହାର କୋଟି,
ଜବ ନାହିଁ ଫିଟି ତୁଣ୍ଡ ଏ ମୋର ଠୋଟି ।
ଧର ନାହିଁ ତୁଣ୍ଡ ମାର ନାହିଁ ପିଟି ଅଉ,
ଖଟି ଖଟି ଘଣ୍ଟ ଲାଗିଣି ଏ ମୋର ଅସ୍ଥି ।
ତୁମେ ମୋ ପାଳକ ତୁମେ ମୋର କାଳ ଯମ,
ନମସ୍ତସ୍ୟୈ ଦେବ, ନମସ୍ତସ୍ୟୈ ନମୋନମଃ ।

( ୨ )

କାକ ମୁହିଁ ଦେବ ତୁମେ ଅଟ ବୁଲ୍ ବୁଲ୍,
ଅର୍କ ମୁଁ ଅଟେ ତୁମେ ଡଡ ବକୁଟଫୁଲ୍ ।
ମୁଁ ଅଟେ କୁକୁର ତମେ ଯେ ବୋଦ ଶିଆଳ,
ମୁଁ ଯେ ଦଣ୍ଡିକାଏ ତୁମେ ନାଲି ମହୁବଳୀ ।
ତୁମେ କାଳ ମୁଁ ଯେ ଅଗଜଳ ଛେଳି ସମ,
ନମସ୍ତସ୍ୟୈ ଦେବ ନମସ୍ତସ୍ୟୈ ନମୋନମଃ ।

( ୩ )

ହୋମ୍ ମେମ୍ବର୍ ତୁମେ ମୁଁ ଯେ ତୁମ କ୍ଲର୍କ୍,
ଜଜ୍ ତୁମେ ପୁଣି ମୁଁ ଯେ ଫଜଲୁଲ୍ ହକ୍ ।
ହିନ୍ଦୁ ମୁହିଁ ପୁଣି ତୁମେ ଗୋବଧାର ଦଳ,
ସେଣ୍ଟ୍ରିକ୍ ଟାଙ୍କ୍ ମୁଁ ତୁମେ ଫଲ୍ଟର ଜଳ ।
ଖଦଡ ମୁଁ ତମେ ଜରଜେଟ ବୋଟିକମ,
ନମସ୍ତସ୍ୟୈ ଦେବ ନମସ୍ତସ୍ୟୈ ନମୋନମଃ ।

( ୪ )

ତୁମେ ଗ୍ରାଜୁଏଟ ମୋର ତ ଏମ୍: ଇ: ପାସ୍,
ତୁମେ ପାଜ ବଡ, ମୁଁ ଅଟେ ଗୋଲାପ ଜାମ ।
ତୁମେ ଯେ ମୁଣ୍ଡରି ମୁଁ ଅଟେ ଡଙ୍ଗଦାର,
ମୁଁ ଅଟେ ଲୁଚୁଅ ତୁମେ ଯେ ନକଟାଭାବ ।
ମୁଁ ଅଟଇ ଢୋଁ ତୁମେ ଅଟ ଗିରଗମ,
ନମସ୍ତସ୍ୟୈ ଦେବୀ ନମସ୍ତସ୍ୟୈ ନମୋନମଃ ।

( ୫ )

ମୁଁ ଶୁଖିଲା ବେଟି ତୁମେ ଯେ ଅଟ ଅମୃତ,
ତୁମେ ଯେ ବେଗନ ମୁଁ ଅଟଇ ଘୋଟ ଛାର ।
ତୁମେ ଯେ ଟଟକ ମୁଁ ଅଟଇ ହେଙ୍ଗା ଗଛ,
ତୁମେ ପକା କୋଠା ମୁଁ କ୍ଷୁଦ୍ର ଘର ପଛ ।
ତୁମେ ସାଇକାଣୀ ମୁହିଁ ବୁଲ୍ ଡଗ୍ ଟମ,
ନମସ୍ତସ୍ୟୈ ନମୋ ଦେବୀ ନମସ୍ତସ୍ୟୈ ନମୋ ନମଃ ।

( ୬ )

ମୁଁ ପଖାଳ ଭାତ ତୁମେ ଯେ କଳମ ଭଜା,
ତୁମେ ନେଅଁପୁଅ ମୁଁ ଅଟେ କବାଇ ଅଜା ।
ମୁଁ ଅଟେ ଷ୍ଟାଲିନ ତୁମେ ହିଟଲର ନାଜି,
ବ୍ରିଟେନ ମୁଁ ତୁମେ ଅଟିଛ ଜାପାନ ପାଜି ।
ପାକିସ୍ଥାନ ତମେ ମୁଁ ଅଟଇ ହିନ୍ଦୁସ୍ଥାନ,
ନମସ୍ତସ୍ୟୈ ଦେବ ନମସ୍ତସ୍ୟୈ ନମୋ ନମଃ ।

( ୭ )

ମୁଁ ଅଟେ ଜଗତି ତୁମେ ଅଟ ଘର ଦୂଆ,
ତୁମେ ଦଅଁକଢ଼ା ମୁଁ ଅବସା ଗଳା ଗୁନା ।
ମୁଁ ଅଟଇ ରାଣ୍ଡି ତୁମେ ତ ଅଛାମ ଗୋଲା,
ମୁଁ ଅଟେ ବାଉଁଶ ତୁମେ ନାଡ ଝୁଲ୍ ଝୁଲା ।
ଶେଷ ଗୁଡ଼ ପୁଣି ଦ୍ରୁଗ ଏବେ ଉପଶମ,
ନମସ୍ତସ୍ୟୈ ନମୋ ଦେବୀ ନମସ୍ତସ୍ୟୈ ନମୋନମଃ ।

Digitized by srujanika@gmail.com



## ନାଗବନ୍ଧୁଙ୍କ କଲମରୁ
## ଗୁପ୍ତେଶ୍ୱର

ଶିବ ଚତୁର୍ଦ୍ଦଶୀ । କୃଷ୍ଣପକ୍ଷର ଅମା ଅନ୍ଧକାର । କଳିକଳିଆ ଅନ୍ଧାର ମୁହଁକୁ ମୁହଁ ଦେଖାଯାଏ ନାହିଁ । ତାପରେ କଳାମେଘୀ ରାତ୍ରି ଚିହ୍ନି ଶିବଙ୍କ ସମ୍ବର୍ଦ୍ଧନା ପାଇଁ ଅସନ୍ତି ଧରାତଳକୁ ଓହ୍ଲାଇ ଅର୍ଘ୍ୟଥାଳୀ ନେଇ ବର୍ଷାରାଣୀ । କିଛି ବୁଝିହେ ନଥାଏ, ଅଟକିଲା ଦୋହଁ ମେଘ । ଟିକି ସରରରେ ପାଣି ଟପ ଟପ ହୋଇ ପଡ଼ିଲା । କିଛି ସମୟ ପରେ, ସବୁ ସଫା । ଉଦାହିଆ ଚାଲିନ୍ତି ମନ୍ଦିରକୁ ହାତରେ ଦୀପ ଓ ଅର୍ଘ୍ୟଥାଳ ନେଇ, ବେଙ୍ଗୁଆଳିଆ ଚାଲିନ୍ତି ଲମ୍ବ ପଣତ ଓଟାରି ଦର୍ଶନ ଆଶାରେ । ତାପରେ ଜଳି ଉଠେ ସହସ୍ର ସହସ୍ର ଦୀପଶିଖା, ଅମାଅନ୍ଧକାର ଦୂର ହୋଇଯାଏ—ଗୁହାଁ ଗୁହାଁ ଚତୁର୍ଦ୍ଦିଗ ଆଲୋକିତ ହୋଇ ଉଠେ ।

ଗୁପ୍ତେଶ୍ୱର ଗୁମ୍ଫା । ଜୟପୁର ତାଲୁକର ରାମଗିରି ନିକଟରେ । ରାମଗିରି ପୋଲିସ ଥାନାଟି ପୋଷ୍ଟଟିଏ । ବୈପାରିଗୁଡ଼ାଠାରୁ ଗୋଟିଏ କଚ୍ଚା ରାସ୍ତା । ସେଥିରେ ବା ତାର ଅବସ୍ଥା ସବୁଦିନେ ଭଲ ନ ଥାଏ । ଶିବରାତ୍ରି ପାଖେଇ ଆସିଲେ, ରାସ୍ତାଟି ମରାମତି କରି ହୋଇ ଲୋକଙ୍କର ଯିବା ଆସିବା ସୁବିଧା କରିଯାଏ । ଲୋକଙ୍କର ଏହି ଗୁପ୍ତେଶ୍ୱର ମହାଦେବଙ୍କ ଠାରେ ଅଟଳ ଓ ଅଚଳ ବିଶ୍ୱାସ ଥିବାରୁ ଜୟପୁର, କୋରାପୁଟ ଓ ମାଲକାନଗିରିରୁ ଚାଲି କରି ଯିବା ବଳଦ ଗାଡ଼ି ବା ମଟର ଗାଡ଼ିରେ ମହାଦେବଙ୍କୁ ଦର୍ଶନ କରିବା ପାଇଁ ଆସନ୍ତି । ଏହାଛଡ଼ା ଦୂରଦୂର ବସ୍ତର ଓ କଳାହାଣ୍ଡି ପ୍ରଭୃତି ଷ୍ଟେଟ ଏବଂ ଭିଜାଗାପଟନମ ଓ ଇଷ୍ଟ ଗୋଦାବରୀ ପ୍ରଭୃତି ସ୍ଥାନରୁ ବହୁ ସଂଖ୍ୟକ ଯାତ୍ରୀ ଏଠାରେ ଠୁଳ ହୁଅନ୍ତି । କେତେକ ମହାଦେବଙ୍କ ଦର୍ଶନ ଲୋଭରେ, କେତେକ ନିଜର ଅଭୀଷ୍ଟ ସିଦ୍ଧି ଆଶାରେ, ଓ କେତେକ ଶିକ୍ଷିତ ନରନାରୀ ଜଙ୍ଗଲ ଓ ପର୍ବତର ବୈଚିତ୍ର ଦର୍ଶନର ଅଭି-ପ୍ରାୟରେ ବହୁ କଷ୍ଟ ସହ୍ୟ କରି ଏଠାକୁ ଆସନ୍ତି । ରାମଗିରିଠାରୁ ଗୁପ୍ତେଶ୍ୱର ଗୁମ୍ଫା ପ୍ରାୟ ୧୦ ମାଇଲ । ପାହାଡ଼ିଆ ରାସ୍ତା । ରାସ୍ତାର ଅବସ୍ଥା ବି ଭଲ ନୁହେଁ । ସେଥିରେ ଅନେକ ମୋଟରକାର ଓ ଲରି ଯାତାୟାତ କରେ—ଗୋରୁଗାଡ଼ି ଓ ମନୁଷ୍ୟ ଗାଡ଼ିର ସଂଖ୍ୟା ବି କମ୍ ନୁହେଁ । ଏ ସମୟର ଯାତ୍ରା ବଡ଼ ବିପଦ-ଜନକ । ଜୟପୁର ସମସ୍ଥାନ ପକ୍ଷରୁ ଶିବରାତ୍ରି ପୂର୍ବରୁ କିଛିଟା ଅର୍ଥବ୍ୟୟ କରି ହୋଇ ରାସ୍ତାଟି ମରାମତି କରିଯାଏ । ଏଥର ଷ୍ଟେଟର କେଣ ହେଲି ଜାଣି, ସେଠିକି ବି ସାଧାରଣଙ୍କ ହିତ ଓ ଉପକାର ପାଇଁ ବନ୍ଦୋବସ୍ତ ହୋଇ ପାରିଲା ନାହିଁ । ସେଥିପାଇଁ ଲୋକମାନଙ୍କୁ ବହୁ କଷ୍ଟ ପାଇବାକୁ ହେଲା ।

ଗୁପ୍ତେଶ୍ୱର ମହାଦେବଙ୍କର ପ୍ରାକୃତିକ ମନ୍ଦିରଟିଏ ଅଛି—ଗୋଟିଏ ଛୋଟ ପାହାଡ଼ ମଧ୍ୟରେ ତାହା କଟୁଛି । ଯଦି କୌଣସି ବଡ଼ ମହାରଣା ଶିଳ୍ପୀ ମିସ୍ତ୍ରୀ ବା କାରିଗର ମନ୍ଦିରଟିଏ ଗଢ଼ି ଥାଆନ୍ତା, ବୋଧହୁଏ ସେ ଏ ଜନ୍ମରେ ତାହା ସମ୍ପୂର୍ଣ୍ଣ କରି ପାରି ନ ଥାନ୍ତା । ମହାଦେବଙ୍କ ଶରୀରଟି ପ୍ରାୟ ୨୪ ହାତ ଉଚ୍ଚ ଓ ଜଣେ ମଣିଷ ଦୁଇ ହାତକୁ ବୁଲାଇ ଧରିଲେ, ତା ହାତ ପାଇବ ନାହିଁ । ଅନୁମାନ ହେଉଛି—ପ୍ରତିବର୍ଷ ଶରୀର କଳେବର ବଢ଼ୁଛି । ତାଙ୍କ ପାଖରୁ ଟିକିଏ ଛଡ଼ାରେ ଗୋଟିଏ ପାହାଡ଼ରୁ ଟୋପା ଟୋପା ହୋଇ ପାଣି ପଡ଼ୁଛି । ଲୋକେ ମନର ଅଭୀଷ୍ଟ ସିଦ୍ଧି ଆଶାରେ ସେଠାରେ ଯାଇ ହାତ ପତାନ୍ତି । ଯାହାର କାମନା ହବାର ଥାଏ ତା ହାତରେ ଶୀଘ୍ର ଜଳ ପଡ଼େ, ଯାହାର ବିଳମ୍ବରେ ହବାର ଥାଏ ଟିକିଏ ଡେରିରେ ତା ହାତରେ ପଡ଼େ ଏବଂ ଯାହାର ମୋଟେ ନ ହବାର ଥାଏ, ତା ହାତରେ ଶତ ଚେଷ୍ଟା ସତ୍ତ୍ୱେ ବି ଟୋପାଏ ପଡ଼େ ନା । ଏହା ଏକ ପରୀକ୍ଷାସ୍ଥଳ । ତାର ଅଳ୍ପ ଦୂରରେ ଗୋଟେ ବଡ଼ ପୁଷ୍କରିଣୀ—ଏଠାକୁ ଗୋଟିଏ ସଙ୍କୀର୍ଣ୍ଣ ପାର୍ବତ୍ୟ କଣ୍ଟକମୟ ପଥ ଦେଇ ଯିବାକୁ ପଡ଼େ । ପୁଷ୍କରିଣୀଟି ଦେଖିଲେ, ମନରେ ସ୍ୱଭାବତଃ ଛୋଟ ପ୍ରଶ୍ନ ଉଦ୍ରେକ ହୁଏ— ଚତୁ-ର୍ଦ୍ଦିଗ ପର୍ବତ, ମଝିରେ କିପରି ପୁଷ୍କରିଣୀଟିଏ ହେଲା ? ରାମଚନ୍ଦ୍ର ବନବାସ ସମୟରେ କିଛି ଦିନ ଏଠାରେ ଅବସ୍ଥାନ କରିଥିବାର ପୌରା-ଣିକ ପ୍ରବାଦ ଅଛି ।

କୋରାପୁଟ ଜିଲ୍ଲା ମଧ୍ୟରେ, ଦେଖିବାକୁ ଗଲେ, ଏହା ଗୋଟିଏ ତୀର୍ଥସ୍ଥାନ । କଠୋର ଶ୍ରମ ସହ୍ୟ ଯୋଗୁଁ, ଲୋକେ ଏତେ ବାଟ ଧାଇଁ ଧାଇଁ ଆସନ୍ତି । କିନ୍ତୁ ଅତୀବ ପରିତାପ ଓ କ୍ଷୋଭର ବିଷୟ ଯେ, ଦେବାଳୟ କର୍ତ୍ତୃପକ୍ଷ ଜୟପୁର ସମସ୍ଥାନ ଏହାର ଉପଯୁକ୍ତ ଯତ୍ନ ନେଉ ନାହାନ୍ତି । ମହାଦେବଙ୍କ ପୂଜା କରିବା ସକାଶେ ଜଣେ ବ୍ରାହ୍ମଣ ଛଡ଼ା ଏଠି କେହି ନାହାନ୍ତି । ସେଇ ବର୍ଷରେ ଥରେ, ଶିବ ଚତୁର୍ଦ୍ଦଶୀ ଦିନ, ଲୋକଙ୍କର ସମାଗମ ହୁଏ ।

ତୀର୍ଥ ସ୍ଥାନର ଶାନ୍ତି ରକ୍ଷା ପାଇଁ ପୋଲିସ ବିଭାଗ ପକ୍ଷରୁ ସୁବ୍ୟବସ୍ଥା ଓ ବନ୍ଦୋବସ୍ତ ହୁଏ । ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟ-ରକ୍ଷାର୍ଥେ ପାଇଖାନା ଇତ୍ୟାଦି ତିଆର କରନ୍ତି ଓ ସେମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ମଧ୍ୟ ଡାକ୍ତର ପ୍ରେରଣ କରନ୍ତି । ଅନ୍ୟାନ୍ୟ ବର୍ଷ ଅପେକ୍ଷା ଏ ବର୍ଷ ଜନସମାଗମ ଅଧିକ ହୋଇ-ଥିଲା ।

ଦିନକ ପରେ ପୁଣି ଅମା ଅନ୍ଧକାରକୁ ସେଇ ଅନ୍ଧକାର । ସେଇ କଳିକଳିଆ ଅନ୍ଧାର—ସେଇ ଜନଶୂନ୍ୟ ସ୍ଥାନ । ଏ ସଂସାର କଣ କେବଳ ନୁହେଁ ! କିନ୍ତୁ ବର୍ଷରେ ଥରେ ଏ ଦିନଟି ହିନ୍ଦୁର ସର୍ବଶ୍ରେଷ୍ଠ ସ୍ମରଣୀୟ ଦିବସ ।

କୁମାର ଲକ୍ଷ୍ମୀନାରାୟଣ
( ୨୩ ନଂ )

Digitized by srujanika@gmail.com

## ପୃଥିବୀର ରାଜା ବିଭ୍ରାଟ

| ଦେଶ— | ରାଜା— |
|---|---|
| ଇରାକ | ଗାଜୀ ଇବନ ଫଇଜୁଲ |
| ଇରାନ | ଶାହ ରେଜା ପହ୍ଲବୀ |
| ଜାପାନ | ମିକାଡୋ ହିରୋହିତୋ |
| ଟ୍ରାନ୍ସ ଜର୍ଡନ | ଅମିର ଅବଦୁଲ୍ଲା |
| ଡେନମାର୍କ | କ୍ରିଶ୍ଚିୟାନ ଦଶମ |
| ନରୱେ | ହାକୋ ସପ୍ତମ |
| ନେପାଳ | ମହାରାଜ ବୀର ବିକ୍ରମ |
| ବ୍ରିଟେନ | ଜର୍ଜ ଷଷ୍ଠ |
| ଭୁଟାନ | ମହାରାଜ ଜେ ୱାଙ୍ଗଚୁକ |
| ବେଲଜିୟମ | ଲିଓପୋଲ୍ଡ ତୃତୀୟ |
| ବୁଲଗେରିଆ | ଜାର ବୋରିସ ତୃତୀୟ |
| ମରକ୍କୋ | ସୁଲତାନ ସିଦି ମହମ୍ମଦ |
| ମାଞ୍ଚୁକୋ | କାଙ୍ଗ ତେହ |
| ମିଶର | ଫାରୁକ ପ୍ରଥମ |
| ଯୁଗୋସ୍ଲାଭିଆ | ପୀଟର ଦ୍ୱିତୀୟ |
| ଯୁନାନ | ଜର୍ଜ ଦ୍ୱିତୀୟ |
| ରୁମାନିଆ | କେରୋଲ ଦ୍ୱିତୀୟ |
| ଶ୍ୟାମ | ଆନନ୍ଦ ମହୀ ଦୋଲ |
| ସଉଦି ଆରବିଆ | ଫୈଜଲ ଅଲ ସଉଦ |
| ସ୍ୱିଡେନ | ଗୁସ୍ତାଭ ପଞ୍ଚମ |
| ନେଜାଡ | ଅବଦୁଲ ଅଜିଜ ଅଲ ସଉଦ |
| ହଲାଣ୍ଡ | ରାଣୀ ୱିଲହେଲମିନା |

—୦—

କୁମାର ଶ୍ରୀ ଲକ୍ଷ୍ମୀନାରାୟଣ
(ନଂ ୨୩ ନାଗ

## ଅଜାଙ୍କ ଜବାବ

ଲକ୍ଷ୍ମୀନାରାୟଣ (୨୩)———

୧। ନାଗବର୍ଗ ସଙ୍ଘର ଶାଖା ସ୍ଥାପନ ଏ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ହୋଇ ଥିବାର ସମ୍ବାଦ ମିଳିଛି। ବାକି ଯେଉଁଠି ଯେଉଁଠି ହେବ ନାଗବର୍ଗ ସ୍ତମ୍ଭରେ ପ୍ରକାଶ ପାଇବ।

୨। ପୂର୍ବ ପତ୍ରରେ ଥିବା ପ୍ରଶ୍ନ ଆଉ ଥରେ ପଚାରିଲେ ଖୁସୀ ହେବି।

୩। ତୁମର ଏକ ଟଙ୍କା ନାଗବର୍ଗ ପାଣ୍ଠିରେ ରହିଲା।

## ଲେଖାସାଙ୍ଗ

ଲକ୍ଷ୍ମୀ ନାରାୟଣ—(୨୩) ଙ୍କ ଠାରୁ ଶୀଘ୍ର ଜବାବ ଗୃହାନ୍ତ—ସୂର୍ଯ୍ୟକାନ୍ତ ପ୍ରଥମ ଡିଭିଜନରେ ପାଶ କରି ଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ନାଗବର୍ଗଙ୍କୁ ଅନୁରୋଧ କରୁଛନ୍ତି, ସେମାନେ ବହୁଳ ଜଙ୍ଗଲ ପାଇଁ ଚୂଦା ଦଅନ୍ତୁ।

## ନୂଆ ନାଗବର୍ଗଙ୍କ ନାମ

୩୦୧। ପୂର୍ଣ୍ଣଚନ୍ଦ୍ର ଦାସ, ୮ମ ଶ୍ରେଣୀ ହାଇସ୍କୁଲ କଳାହାଣ୍ଡି। ୩୦୨। ବଂଶୀଧର ମହାନ୍ତି, ୮ମ ଶ୍ରେଣୀ ଭବାନୀପାଟଣା ହାଇସ୍କୁଲ, କଳାହାଣ୍ଡି ୩୦୩। ଚନ୍ଦ୍ରଶେଖର ପ୍ରଧାନ, ୮ମ ଶ୍ରେଣୀ, ଭବାନୀପାଟଣା ହାଇସ୍କୁଲ, କଳାହାଣ୍ଡି। ୩୦୪। ଗୁପ୍ତେଶ୍ୱର ବେହେରା, ୮ମ ଶ୍ରେଣୀ ଭବାନୀପାଟଣା ହାଇସ୍କୁଲ, କଳାହାଣ୍ଡି।

ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ। ମୋର ବୟସ ୧୮ ବର୍ଷରୁ କମ୍। ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି। ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ ୧୦/ ୧୦୨ ର ଡାକଟିକଟ ପଠାଇଲି।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ____________

ଠିକଣା ____________

ତାରିଖ

ନବ ପ୍ରତିଷ୍ଠିତ

ଓଡ଼ିଶା ଜର୍ନାଲସ୍ ଲିମିଟେଡର

ନବତମ ଅବଦାନ

**ଜନତା**

ଜାତୀୟତାବାଦୀ ନିରପେକ୍ଷ ଦୈନିକ ପତ୍ର।

ଅଧ୍ୟକ୍ଷ ସଂପାଦକ——କାନ୍ତ—କବି ଲକ୍ଷ୍ମୀକାନ୍ତ



ଯେତେ ଯାହାଙ୍କୁ ସେ
ତୁଳିକାରେ ଲେଖିବାକୁ ଯାଇ
ନିରାଶରେ ଫେରିଥିଲେ—
ଆଜି ତାଙ୍କୁ ସେ
'ମରମ'ରେ ପାଉଛନ୍ତି।
ପ୍ରିୟଜନ ପାଇଁ ଶ୍ରେଷ୍ଠ ଉପହାର
ପ୍ରେମାନୁରାଗର ଅପୂର୍ବ ନିଦର୍ଶନ
ପ୍ରୀତି କାମନାର ଅନବଦ୍ୟ ଅର୍ଘ୍ୟ
ମୂଲ୍ୟ—୧୦୨ ମାତ୍ର ଦେଇ
ଖଣ୍ଡିଏ 'ମରମ' ପଢ଼ନ୍ତୁ
ଜନତା ଅଫିସରେ ମଧ୍ୟ ମିଳେ।

Digitized by srujanika@gmail.com



ଗୋଟିଏ ବାଳକ ଗଛ ଡୋଇରେ ମଇଳ ଛୁଡ଼ି ଦେଉଥିଲା । ତାକୁ ପାଖରେ ପୁଲିସ ଅଫିସର ପଚାରିଲେ, "କେଉଁଠି ନିଆଁ ଲାଗି ଯାଇଛି କି ?"

ବାଳକଟି ଉତ୍ତର ଦେଲା, "ହଁ, ଏଇ ମୋ ଘର ଭିତରେ ।"

\+ + +

ଡାକ୍ତର ପିତା ତରତର ହୋଇ ଝିଅକୁ କହିଲେ, "ଜଲଦି ମୋ ବେଗ୍‌ଟା ଆଣ ।"

ଝିଅ ପଚାରିଲା, "କାହିଁକି ?"

"ଜଣେ ଫୋନରେ ଡାକି କହିଲା ଯେ— ଶୀଘ୍ର ଆସ, ନ ହେଲେ ମୁଁ ବଞ୍ଚିବି ନାହିଁ ।"

ଝିଅ—ତା ହେଲେ ତ ସେ ମୋତେ ଫୋନ କରିଛି ।

× × ×

ସ୍ୱାମୀ ସ୍ତ୍ରୀ ଉଭୟ ଅନ୍ୟମନସ୍କ ଓ ଉଭୟେ ପରକୀୟା ପ୍ରୀତିରେ ସିଦ୍ଧହସ୍ତ । ଦୁହେଁଯାକ ବସି ରେଡିଓ ଶୁଣୁଥିଲେ । ହଠାତ୍ ବାହାରେ କାର ଗାଡ଼ି ଶବ୍ଦ ଶୁଣାଗଲା । ସ୍ତ୍ରୀ ହଠାତ୍ ଉଠି ପଡ଼ି କହିଲା,—"ଅରେ ମୋ ସ୍ୱାମୀ ଆସି ଗଲେ ।"

ସ୍ୱାମୀ ଏ କଥା ଶୁଣି ତରବରରେ ଝରକା ବାଟେ ତଳକୁ ଡେଇଁ ପଡ଼ିଲେ ।

× × ×

ଗୌରୀଶଙ୍କର ପାର୍କରେ ଜଣେ ଯୁବକ ଓ ଜଣେ ଯୁବତୀଙ୍କର ଭେଟ ହେଲା । ଯୁବକ ପଚାରିଲେ, "ଅଗ୍ର ପ୍ରଥମ ଦର୍ଶନରେ ଯେ ଜଣେ ମଣିଷକୁ ଭଲ ପାଇ ପାରେ ଏକଥା ତମେ ବିଶ୍ୱାସ କର ?"

ଯୁବତୀ ଉତ୍ତର ଦେଲା—'ନା ।'

ଯୁବକ—ତାହେଲେ କାଲି ମୁଁ ଦ୍ୱିତୀୟ ଦର୍ଶନ କରିବି ।

× × ×

ସୁଧୀର—ମୁଁ ଗୋଟାଏ ସ୍ୱପ୍ନ ଦେଖିଛି ।

ଅଞ୍ଜଳି—କ'ଣ ଦେଖିଲ ?

ସୁଧୀର—ଦେଖିଲି ଯେ ମୁଁ ତମକୁ ପଚାରୁଛି— ତମେ କଣ ମୋତେ ବାହା ହେବ ?

ଅଞ୍ଜଳି—ମୁଁ କ'ଣ ଜବାବ ଦେଲି ?

ସୁଧୀର—ତମେ ନାହିଁ କଲ । ଏ ସ୍ୱପ୍ନର ମାନେ କଣ ?

ଅଞ୍ଜଳି—ଏଥିରୁ ଜଣାଯାଉଛି ଯେ ତମେ ଶୋଇଥିଲାବେଳେ ତମର ବୁଦ୍ଧି ଓ ଜ୍ଞାନ ପ୍ରଖର ଥାଏ ।

× × ×

ଜଣୈକ ସ୍ତ୍ରୀ—ଡାକ୍ତର ବାବୁ, ତମେ ଅଫିମ ଛଡ଼ାଇବା ପାଇଁ ମୋ ସ୍ୱାମୀକୁ ଯେଉଁ ଔଷଧ ଦେଇଥିଲ ସେ ବଡ଼ ଖରାପ ଗୁଣ କଲା ?

ଡାକ୍ତର—କେମିତି ?

ସ୍ତ୍ରୀଲୋକ—ମୁଁ ତାକୁ ତମ କହିବା ଅନୁସାରେ ଅଫିମ ସାଙ୍ଗରେ ନ ଦେଇ ଖାଲି ହାତରେ ଗୋଳି ଦେଲି ।

ଡାକ୍ତର—ହେଲା କଣ ?

ସ୍ତ୍ରୀଲୋକ—ସେ ଯେ ଚିରଦିନ ପାଇଁ ମୋ ହାତକୁ ଛାଡ଼ି ଦେଲେ ।

× × ×

ଲୀଳା—ସଖି, ସେ ରାତିରେ ମୁଁ ଗୋଟାଏ ସ୍ୱପ୍ନ ।

ଭୂଲକା—ତୁ କଣ କହୁ ?

ଲୀଳା—ମୁଁ କହେଁ—ତମେ ଉଠି ପଡ଼ୁ ।

\+ + +

ସୁଶୀଳା—ସେଇ ଟୋକାଟା ମୋତେ ଅଥୟ କଲାଣି ।

କମଳା—କଅଣ ?

ସୁଶୀ—ମୋତେ ବାର ବାର ପଚାରୁଛି—ତୁ ମୋତେ ଭଲ ପାଉ, ତୁ ମୋତେ ଭଲ ପାଉ ?

କମ—ତୁ କଣ କହୁଛୁ ?

ସୁଶୀ—ହଁ କହୁ ଦେଉଛି—ନ ହେଲେ ସେ କଣ ଛାଡ଼ିବ ?

କମ—ଭଲ କରିଛୁ ।

ସୁଶୀ—କାହିଁକି କହିଲୁ ?

କମ—ତୁ 'ନା' କହିଲେ ସେ ଯେ ମୋତେ ଅଥୟ କରନ୍ତା ।

× × ×

ମାଜିଷ୍ଟ୍ରେଟ—ସେ ତମକୁ କେଉଁଠି ଚୁମ୍ବନ ଦେଇଥିଲା ବୋଲି ତମେ ଅପତ୍ତି କରୁଛ ?

ଆସାମୀ—ଓଠରେ ।

ମାଜିଷ୍ଟ୍ରେଟ—ନା—ନା—ମୁଁ ପଚାରୁଛି, ସେ ତମକୁ ଚୁମ୍ବନ କଲାବେଳେ ତମେ କେଉଁଠି ଥିଲ ?

ଆସାମୀ—ତା ବନ୍ଧୁ ପାଖରେ ।

× × ×

କୁମୁଦ—ମୁଁ ଯେତେ ଲେଖିଲି, ସେ ଆସୁ ନାହିଁ ।

ବିନୋଦ—ସେ କାହିଁକି ଆସିବ—ତୋର କଣ ଖାଏ ନା ଧାରେ ?

କୁମୁଦ—ହଁ ।

ବିନୋଦ—କଣ ?

କୁମୁଦ—ମୋ ଚୁମ୍ବନଟା ସେ ଫେରାଇ ଦେଇ ନାହିଁ ।

\+ + +

ପ୍ରଫେସର—ତୁମେ ମାଧୁରୀ ଘର ଭିତରେ ପଶିଲ କାହିଁକି ?

ଛାତ୍ର—ମୋର ଗୋଟାଏ ଜିନିଷ ଖୋଜୁଥିଲି ।

ପ୍ରଫେସର—କି ଜିନିଷ ?

ଛାତ୍ର—ହୃଦୟ ।

\+ + +

Digitized by srujanika@gmail.com

# ଚାରୋଟି ପରୀକ୍ଷିତ ବନୌଷଧ।

ସକଳ ପ୍ରକାର ପ୍ରମେହ ସ୍ୱପ୍ନ ଦୋଷ ପାଇଁ 'ପ୍ରମେହାନ୍ତକ' ବ୍ୟବହାର କରନ୍ତୁ । ୧ ଡବା ୩ ଟଙ୍କା । ଏହାକୁ ବ୍ୟବହାର କଲେ ପରିସ୍ରାରେ ପୂଜ ବା ଧାତୁ ପଡ଼ିବା, ଲୁଗାରେ ହଳଦିଆ ଦାଗ ଲାଗିବା, ଜଳ ପାଣି ବା ରକ୍ତ [illegible] ଓ [illegible] ଜଳନ ଘା ପୋଡ଼ା ପ୍ରଭୃତି ଯନ୍ତ୍ରଣାଦାୟକ ଅବସ୍ଥାରେ ନିଶ୍ଚୟ ଉପଶମିତ ହେବ ।

ସ୍ତ୍ରୀରୋଗ ପ୍ରଦର ପାଇଁ 'ଗାଧଳର ରସ' ବ୍ୟବହାର କରନ୍ତୁ । ୧ଶିଶି—୫ ୨ ୪ ଦିନକୁ ବ୍ୟବହାର କଲେ ଅନିୟମିତ ଋତୁ ବା ଋତୁ ନ ହେବା, ଋତୁ କାଳର ଅସ୍ୱାବସ୍ଥା, ଯୋନିଶୂଳ ଓ ଅନ୍ୟାନ୍ୟ ଯୋନିରୋଗର ଯନ୍ତ୍ରଣା ଅଚିରେ ଆରୋଗ୍ୟ ହୁଏ । ଏ ମଧ୍ୟ ଶକ୍ତି କାରକ ଓ ବଳ ବର୍ଦ୍ଧକ !

ଆପଣଙ୍କ ସୁଯୌବନ ଅକ୍ଷୁର୍ଣ୍ଣ ରଖିବାକୁ "ନବ ଯୌବନ ତୈଳ" ବ୍ୟବହାର କରନ୍ତୁ ୧ଡବା ୫।୦ ଦିନକୁ ବ୍ୟବହାର କଲେ ଧ୍ୱଜଭଙ୍ଗ ହୁଏ ନାହିଁ, ପତିତ ସ୍ତନର ଉତ୍ଥାନ ହୁଏ ଓ ସ୍ତନ ଯୁଗଳ ସ୍ଥୂଳ କଠିନ ଓ ପରିପୁଷ୍ଟ ହୁଏ ।

ଦନ୍ତ ରୋଗ 'ଦନ୍ତ ବଜ୍ର ଚୂର୍ଣ୍ଣ' ବ୍ୟବହାର କରନ୍ତୁ । ମାସକୁ ଡାକଖର୍ଚ୍ଚ ସହିତ ୫।୦ ଦିନକୁ ବ୍ୟବହାର କଲେ ଅକାଳରେ ଦାନ୍ତ ହଲିବା, ଦାନ୍ତ ଶୀତେଇବା, ଦାନ୍ତମୂଳରେ ଘା ହୋଇ ପୂଜ ବା ରକ୍ତ ବାହାରିବା ଓ ଦନ୍ତ ମୂଳ ଫୁଲା ଇତ୍ୟାଦି ରୋଗମାନ ଅଚିରାତ ଆରୋଗ୍ୟ ହୁଏ ପରୀକ୍ଷା ବାଞ୍ଛନୀୟ । ଫଳ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ ।

ଠିକଣା କବିରାଜ ଶ୍ରୀ ରାଧାନାଥ ମିଶ୍ର । ଆୟୁର୍ବେଦାଚାର୍ଯ୍ୟ, L. M. S. A. ଗ୍ରା: [illegible], କଟକ ।

## ଜ୍ୱର ପ୍ଲୀହା ପାଇଁ

ଅମୃତାଷ୍ଟକ କଷାୟ

ଓ

ପିଲ୍ସଲର (ଜେଡ଼ି)

ସର୍ବଶ୍ରେଷ୍ଠ ବୋଲି ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ମିଳିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ସର୍ବୋପକାରୀ । ଥରେ ସେବନ କରିଲେ ପରେ କହିବେ—

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ [illegible]ନାଥ ମିଶ୍ର M. L. A. ପୋ: [illegible]—କଟକ ।

ଆପଣଙ୍କର ଗୃହଲକ୍ଷ୍ମୀଙ୍କ କିଏ !

## ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ମାସିକର ନଥିବା ଗୃହସ୍ଥର ଅବସ୍ଥା ତାହା ଆମ୍ଭେ କହୁନାହୁଁ । 'ମା' କେବଳ ଶିଶୁକୁ ନିଜ ରକ୍ତ ଦେଇ [illegible] ଥାଏ, କିନ୍ତୁ ମାତୃଶକ୍ତିର ତେଜ, ମାନ, [illegible], [illegible] ଭାବ ନାହିଁ । ତେଣୁ ବାରବର୍ଷକୁ ଅଧିକ କାଳ [illegible] ସ୍ଥାନ ପାଇଛି । ଏହା ସର୍ବ ରୋଗ ନାଶକ । ଖାଇବା ଓ ମାଳିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ । ମୂଲ୍ୟ—୫୦୪

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ [illegible] ନିଜାଙ୍କ ଚିକିତ୍ସା କରି ପାରିବେ ।

## ଆପଣଙ୍କର ଫଟୋ

ଇଲେକ୍ଟ୍ରିକ ଷ୍ଟୁଡ଼ିଓରେ

ଜ୍ୱଳନ୍ତ ଓ ଜୀବନ୍ତ ହୋଇ ଉଠିବ

ଶିଳ୍ପୀ—ଏସ୍ ଜଥଜିଷ୍ଟି

ଫଟୋ ହାଉସ୍, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆଯାଇ ପାରେ ।]

## ସଂବାଦ

ବହୁଦିନ ଜ୍ୟୋତିଷ ଶାସ୍ତ୍ର ଚର୍ଚ୍ଚା କରି, ନବ୍ୟ ଢଙ୍ଗରେ ଆମ୍ଭେ ଯେଉଁ ଜନ୍ମ ପତ୍ରିକା ପ୍ରସ୍ତୁତ କରୁଅଛୁଁ ସେଥିରୁ ଲୋକେ ଆପଣଙ୍କ ଜୀବନର ଭଲ ମନ୍ଦ ଅକ୍ଲେଶରେ ଜାଣି ପାରିବେ । ଦେଖାଯିବା ପାରିଶ୍ରମିକ ୫।୦ ମାତ୍ର—ଅତି ଉନ୍ନତ ଧାରଣର ଜାତକ କୋଷ୍ଠୀ ପାଇଁ ପାରିଶ୍ରମିକ ୫୦୪ ମାତ୍ର । ଆମ୍ଭମାନେ ଗତ ୫୦ବର୍ଷର ଖ୍ୟାତି ରକ୍ଷିତ ଅଛୁ । ଆମ୍ଭକୁ ଜନ୍ମର ଦିନ, ମାସ, ତାରିଖ ଓ ସମୟ ପଠାଇଲେ ଆମ୍ଭେ ଡାକ ଯୋଗେ ଜନ୍ମ ପତ୍ରିକା ପଠାଇଥାଉଁ । ବହୁମୂଲ୍ୟ ଅତ୍ୟାବଶ୍ୟକ ପରୀକ୍ଷା ପ୍ରାର୍ଥନୀୟ ।

ଶ୍ରୀ ଅନନ୍ତଚରଣ ସାହୁ ମାଷ୍ଟର, ପ୍ରବୃଦ୍ଧ ଠକାର, ବଡଚ; ଜି: ବାଲେଶ୍ୱର

ସେବନ ଯାକୁ ମରମରେ ବଜାଇ ଥିଲେ

ଅତ ତାକୁ ମର୍ମରେ ପାଇବେ । ମୂଲ୍ୟ ୫୦୪ ଅଠଅଣା

Digitized by srujanika@gmail.com

REG. NO. P 441 THE DAGARO—15-5-1940


ଅଧ୍ୟବସାୟ ଓ ପରିଶ୍ରମ ଦ୍ୱାରା ଉଚ୍ଚସ୍ଥାନ ଅଧିକାର କରାଯାଏ।

ଆପଣ ଯତ୍ନ କଲେ ସେ ସ୍ଥାନ ଅଧିକାର କରିପାରିବେ।

ସ୍ୱାଧୀନ ଭାବରେ ଜୀବିକା ଉପାର୍ଜନ କରିବା ପାଇଁ ବିଖ୍ୟାତ ବୀମା କମ୍ପାନୀର

ପ୍ରତିନିଧି ହେବା ଗୋଟିଏ ଉତ୍ତମ ପନ୍ଥା।

**ଅନେକ ଲୋକ ଜୀବନ ବୀମା ପ୍ରତିନିଧି ହୋଇ ଯଥେଷ୍ଟ ଅର୍ଥ ଏବଂ ଖ୍ୟାତି ଅର୍ଜନ କରିପାରନ୍ତି।**

ଆପଣ ମଧ୍ୟ ଯତ୍ନ କଲେ ସେହିଭଳି ବଡ଼ ହୋଇପାରିବେ।

[illegible]

[illegible]

[illegible] ବ୍ୟବହାର, ଉତ୍ତମ ଏବଂ ସ୍ଥାୟୀ ପାରିଶ୍ରମିକ ମିଳେ।

# ୧୯୩୮—୩୯ର ନୂତନ ବିବରଣୀ

ନୂତନ ବୀମାର ପରିମାଣ [illegible] କୋଟି ୧୦ ଲକ୍ଷରୁ ଉର୍ଦ୍ଧ୍ୱ। ଚଳନ୍ତି ବୀମାର ପରିମାଣ ୧୯ କୋଟି [illegible] ଲକ୍ଷରୁ ଉର୍ଦ୍ଧ୍ୱ।

ଜମା ସମ୍ପତ୍ତି [illegible] କୋଟି [illegible] " " [illegible] ପରିମାଣ ୩ କୋଟି ୩୭ " "

ବାର୍ଷିକ ଆୟ [illegible] ଲକ୍ଷରୁ ଉର୍ଦ୍ଧ୍ୱ

[illegible]

**୧୯୩୮ ମସିହା ବୀମା ଆଇନ ମୁତାବକ ସରକାରୀ କାଗଜପତ୍ରରେ ନିୟୋଜିତ ହୋଇଥିବା ପାଣ୍ଠିର**

**ପରିମାଣ ମୋଟ ବୀମା ପାଣ୍ଠିର ଶତକଡ଼ା [illegible]ରୁ ଉର୍ଦ୍ଧ୍ୱ ଅଟେ।**

ଆପଣ ଶୀଘ୍ର, ବର୍ତ୍ତମାନ ପ୍ରତିନିଧି ହେବା ପାଇଁ ଦରଖାସ୍ତ କରନ୍ତୁ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

| | | |
|---|---|---|
| ହେଡ଼ ଅଫିସ— | ଭଦ୍ରକ ଏଜେଣ୍ଟ | ଓଡ଼ିଶା ଅଫିସ— |
| ହିନ୍ଦୁସ୍ଥାନ ବିଲଡିଂସ | ଶ୍ରୀ [illegible] | [illegible], କଟକ |
| କଲିକତା | | [illegible]—ନରେନ୍ଦ୍ର ପ୍ରସାଦ ଦାସ |

ଭାରତବର୍ଷ, [illegible] ଏବଂ [illegible] ଶାଖା ଏବଂ ସଂଗଠନ ଅଫିସମାନ ଅଛି।

---



"[illegible] ଉଠଇ ବଳିବ ଘଣ୍ଟ"

**ଆପଣ ମାସକୁ ମାତ୍ର ଏକ ଟଙ୍କା**

## ସଞ୍ଚୟ କରି

ଧନୀଙ୍କଣରେ ଜଣେ ହୋଇ ପାରିବେ।

ନିମ୍ନ ଠିକଣାରେ ଅନୁସନ୍ଧାନ କରନ୍ତୁ

# ବାସନ୍ତୀ ଇନସ୍ୟୁରେନ୍ସ କୋମ୍ପାନୀ ଲିଃ

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ


ମୁଦ୍ରାକର ଓ ପ୍ରକାଶକ [illegible]—ଶ୍ରୀ [illegible] ଏମ୍ ଏ.

Digitized by srujanika@gmail.com